# ମନୁ ସଂହିତା

## ବା

# ମନୁସ୍ମୃତି

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର

155

# MANU-SAMHITA

OR

MANU-SMRUTI

BY

RAM SANKAR ROY

# ମନୁ ସଂହିତା

ବା

ମନୁ-ସ୍ମୃତି

ନୂତନ ମୁଦ୍ରଣ

* ରାମଶଙ୍କର ରାୟ କର୍ତ୍ତୃକ

ପ୍ରକାଶକ :

ଧର୍ମଗ୍ରନ୍ଥ ଭଣ୍ଡାର

ପ୍ରାପ୍ତିସ୍ଥାନ :

ଧର୍ମଗ୍ରନ୍ଥ ଷ୍ଟୋର

ପରିଚାଳକ :

ଶ୍ରୀ ବଂଶୀଧର ସାହୁ

ଅଲିଶାବଜାର, କଟକ-୨

ଫୋନ୍ ନଂ-୨୬୦୮୭୬୬/୨୬୦୮୬୯୨

[redacted] [redacted]

( ବହିଲେଖିତ ଦରର ଟଙ୍କା )

1 4 5

# ଭୂମିକା

ଶ୍ରୁତି ଓ ସ୍ମୃତିରେ କୌଣସି ପ୍ରଭେଦ ନାହିଁ ବୋଲି ମୁଁ ପିଲାଦିନରୁ ଶୁଣି ଆସୁଥିଲି । ଶ୍ରୁତିରେ ମାଂସଭୋଜନ ନିଷିଦ୍ଧ ଅଥଚ ପ୍ରଧାନ ମନୁସ୍ମୃତିରେ ମାଂସ ଭୋଜନର ବହୁଳ ବ୍ୟବସ୍ଥା ଓ ଫଳ ବର୍ଣ୍ଣିତ ହୋଇଅଛି ଦେଖି ମୁଁ ପ୍ରଥମେ ବେଦପାଠରେ ନିରତ ହେଲି । ବେଦପାଠସାରି ମନୁସ୍ମୃତିର ଅନେକ ପୁରାତନ ପୁସ୍ତକ ଓ ଟୀକା ଆଲୋଚନାକରି ଦେଖିଲି ଯେ ମାଂସଭୋଜନ ସ୍ପଷ୍ଟାକ୍ଷରରେ ମନୁସ୍ମୃତିରେ ନିଷିଦ୍ଧ ହୋଇଅଛି । ସ୍ୱାର୍ଥପର ଓ ସାମ୍ପ୍ରଦାୟିକ ପଣ୍ଡିତମାନେ ପ୍ରକୃତ ମନୁସ୍ମୃତିରେ ଅନେକ ଶ୍ଳୋକ ପ୍ରକ୍ଷିପ୍ତ କରିଅଛନ୍ତି । ଯେ ଶ୍ଳୋକରେ ମନୁ କହିଅଛନ୍ତି ବୋଲି ବୋଲା ଯାଇଅଛି ତାହାତ ମନୁଙ୍କର ନୁହେଁ, ପୁଣି ଯାହା ମନୁସ୍ମୃତିରେ ଥିବା ଶ୍ଳୋକର ବିରୋଧି ତାହା ମନୁଙ୍କର ହୋଇ ନ ପାରେ । ଉପରୋକ୍ତ ପଣ୍ଡିତମାନେ କେବଳ ପ୍ରକ୍ଷିପ୍ତ ଶ୍ଳୋକ ପକାଇ ନିଶ୍ଚିନ୍ତ ନରହି ଭୃଗୁ ମହର୍ଷିଙ୍କ ନାମରେ ଭଣିତା କରି ପାରପାଇ ଅଛନ୍ତି । ମୁଁ ଟୀକାରେ ପ୍ରକ୍ଷିପ୍ତ ଶ୍ଳୋକମାନ ଦେଖାଇ ଦେଇଅଛି । ସେ ସବୁ ଛାଡ଼ିଦେଇ ପଢ଼ିଗଲେ ସଦ୍ଧର୍ମାନୁରାଗୀ ପାଠକମାନେ ପୂର୍ବାପର ସାମଞ୍ଜସ୍ୟ ଥିବା ଉତ୍ତମରୂପେ ବୁଝିପାରିବେ । ମୋର ଧର୍ମ ଗବେଷଣାର ଫଳସ୍ୱରୂପ ମୁଁ ଏଥିରେ ପ୍ରଚଳିତ ଓ ଅପ୍ରଚଳିତ ସମୁଦାୟ ଶ୍ଳୋକ ପ୍ରକାଶିତ କରିଅଛି । ସୁବିଧା ସକାଶେ ଅପ୍ରଚଳିତ ଶ୍ଳୋକମାନ ଟୀକାରେ ପ୍ରକାଶିତ କରି ସର୍ବସାଧାରଣଙ୍କ ହୃଦୟଙ୍ଗମାର୍ଥେ ସକଳ ଶ୍ଳୋକର ସରଳ ଭାଷାନୁବାଦ ଦେଇଅଛି ମଧ, ଶେଷରେ ବିସ୍ତୃତ ନିର୍ଘଣ୍ଟ ସନ୍ନିବେଶିତ କରିଅଛି । ଧର୍ମସାଧନେଚ୍ଛୁ ଏହା ପାଠକରି ସଦ୍ଧର୍ମରେ ନିରତହେଲେ ମୋର ଶ୍ରମ ସଫଳ ହେବ ।

କଟକ — ଶ୍ରୀ ରାମଶଙ୍କର ରାୟ

ତା ୨୭ । ୧୧ । ୨୭

# ପ୍ରକାଶକଙ୍କ ନିବେଦନ

ଏହି ମହାନ୍ ଉପାଦେୟ ଗ୍ରନ୍ଥ ଲୁପ୍ତ ପାଇ ଯାଉଥିବାରୁ ବହୁ ସାଧୁ ସନ୍ନ୍ୟାସୀମାନଙ୍କଠାରୁ ପ୍ରେରଣା ପାଇ ଏହାର ପୁନରୁଦ୍ଧାର ନିମିତ୍ତ ପ୍ରୟାସୀ ହୋଇଅଛି । ଯେଉଁ ମହାନ୍ ବ୍ୟକ୍ତି ଏହାର ଉପାଦେୟତା ଉପଲବ୍ଧି କରି ବହୁ ଶ୍ରମ ସ୍ୱୀକାରପୂର୍ବକ ଜନସାଧାରଣଙ୍କ ଉପକାରାର୍ଥେ ଏହାର ଅନୁବାଦକରିଥିଲେ, ତାଙ୍କ ଅମର ଲେଖନୀ ନିସୃତ ଅନୁବାଦର କୌଣସି ପରିବର୍ତ୍ତନ ନ କରି ତାଙ୍କ ନାମର ଅମରତ୍ୱ ଅକ୍ଷୁଣ୍ଣ ରଖିବା ନିମନ୍ତେ ପୁନଃପ୍ରକାଶ କରି ସେହି ମହାମାନବଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି । ଇତି ।

ଶ୍ରୀପଞ୍ଚମୀ — ବିନୟାବନତ

ତା ୩ । ୨।୬୮ — *ଶ୍ରୀ ବିଦ୍ୟାଧର ସାହୁ*

# ସୂଚିପତ୍ର


**ପ୍ରଥମ ଅଧ୍ୟାୟ**

ସୃଷ୍ଟି ପ୍ରକରଣାଦି ୧

**ଦ୍ୱିତୀୟ ଅଧ୍ୟାୟ**

ବ୍ରହ୍ମଚର୍ଯ୍ୟାଦି ବିଧି ୧୬

**ତୃତୀୟ ଅଧ୍ୟାୟ**

ବିବାହାଦି ଗୃହସ୍ଥାଶ୍ରମ ବିଧି ୪୮

**ଚତୁର୍ଥ ଅଧ୍ୟାୟ**

ଜୀବାନୋପାୟାଦି ପ୍ରକରଣ ୮୪

**ପଞ୍ଚମ ଅଧ୍ୟାୟ**

ଭକ୍ଷ୍ୟାଭକ୍ଷ ଶୌଚଶୌଚାଦି ପ୍ରକରଣ ୮୮

**ଷଷ୍ଠ ଅଧ୍ୟାୟ**

ବାନପ୍ରସ୍ଥ ଓ ସନ୍ୟାସାଶ୍ରମାଦି ପ୍ରକରଣ ୧୪୨

**ସପ୍ତମ ଅଧ୍ୟାୟ**

ରାଜଧର୍ମ ଓ ରାଜରକ୍ଷାଦି ପ୍ରକରଣ ୧୫୫

**ଅଷ୍ଟମ ଅଧ୍ୟାୟ**

ବ୍ୟବହାର ଦର୍ଶନବିଧି ଓ ଦଣ୍ଡନିର୍ଣ୍ଣୟାଦି ପ୍ରକରଣ ୧୮୫

**ନବମ ଅଧ୍ୟାୟ**

ସ୍ତ୍ରୀ ପୁରୁଷଧର୍ମ ଓ ଦଣ୍ଡାବିଭାଗାଦି ବିଧି ୨୪୦

**ଦଶମ ଅଧ୍ୟାୟ**

ଶଙ୍କରବର୍ଣ୍ଣ ଓ ଆପଦବୃତ୍ତି ବିଧାନାଦି ୨୮୨

**ଏକାଦଶ ଅଧ୍ୟାୟ**

ପ୍ରାୟଶ୍ଚିତ ପ୍ରକରଣ ୨୯୯

**ଦ୍ୱାଦଶ ଅଧ୍ୟାୟ**

କର୍ମଫଳ ଓ ମୋକ୍ଷସାଧନାଦି ପ୍ରକରଣ ୩୩୩

# ମନୁସଂହିତା ବା ମନୁସ୍ମୃତି

## ପ୍ରଥମୋଽଧ୍ୟାୟଃ

**ମନୁ ମେକାଗ୍ରାମାସୀନମଭିଗମ୍ୟ ମହର୍ଷୟଃ ।**
**ପ୍ରତିପୂଜ୍ୟ ଯଥାନ୍ୟାୟମିଦଂ ବଚନମବ୍ରୁବନ୍ ।୧ ।**

ମନୁ ଏକାନ୍ତରେ ବସିଥିବା ସମୟରେ ମହର୍ଷିମାନେ ତାଙ୍କ ନିକଟକୁ ଯାଇ ଯଥାବିହିତ ପୂଜା କରି ଏହି କଥା କହିଲେ—

**ଭଗବାନ୍ ସର୍ବବର୍ଣ୍ଣାନାଂ ଯଥାବଦନୁପୂର୍ବଶଃ ।**
**ଅନ୍ତରପ୍ରଭବାଣାଂଚ ଧର୍ମାନ୍ନୁ ବକ୍ତୁମର୍ହସି ।୨ ।** *

ଭଗବାନ୍ ! ସକଳ ବର୍ଣ୍ଣମାନଙ୍କର ଏବଂ ବର୍ଣ୍ଣଶଙ୍କରମାନଙ୍କର ସମୁଦାୟ ଧର୍ମ ଆନୁପୂର୍ବିକ ଆମ୍ଭମାନଙ୍କୁ ବୋଲିବାକୁ ଆପଣ ସମର୍ଥ ଅଟନ୍ତି ।୨ ।

**ତ୍ୱମେକୋ ହ୍ୟସ୍ୟ ସର୍ବସ୍ୱ ବିଧାନସ୍ୟ ସ୍ୱୟମ୍ଭୁବଃ ।**
**ଅଚିନ୍ତ୍ୟସ୍ୟାପ୍ରମେୟସ୍ୟ କାର୍ଯ୍ୟତତ୍ତ୍ୱାର୍ଥବିତ୍ ପ୍ରଭୋ ।୩ ।**

ପ୍ରଭୋ ! ଅଚିନ୍ତ୍ୟ ଅପରିମେୟ ସ୍ୱୟମ୍ଭୁବଙ୍କ ବେଦର ବିଧାନ ସବୁର କାର୍ଯ୍ୟ, ତତ୍ତ୍ୱ ଏବଂ ଅର୍ଥ ଆପଣ ଏକାହିଁ ଜାଣନ୍ତି ।

**ସ ତୈଃ ପୃଷ୍ଟସ୍ତଥା ସମ୍ୟଗମିତୌଜା ମହାତ୍ମଭିଃ ।**
**ପ୍ରତ୍ୟୁବାଚାର୍ଚ୍ଚ୍ୟ ତାନ୍ ସର୍ବାନ୍ ମହର୍ଷିନ୍ ଶ୍ରୂୟତାମିତି ।୪ ।**

ମହାତ୍ମାମାନେ ଏହିରୂପେ ପଚାରିଲାରୁ ଅସୀମଜ୍ଞାନଶକ୍ତି ସମ୍ପନ୍ନ ସେ (ମନ) ସକଳ ମହର୍ଷିମାନଙ୍କୁ ସମାଦର କରି ଶୁଣିବା ହେଉନ୍ତୁ ବୋଲି କହିଲେ ।

---

* ଦ୍ୱିତୀୟ ଶ୍ଲୋକପରେ ୪ ଗୋଟି ପ୍ରାଚୀନ ପୁସ୍ତକରେ ନିମ୍ନ ଦୁଇଟି ଶ୍ଲୋକ ଦେଖାଯାଏ ।

ଜରାୟ ଜାଣ୍ଡଜାନାଞ୍ଚ ତଥାସଂସ୍ୱେଦଜୋଦ୍ ଭିଦାମ୍ ।
ଭୂତଗ୍ରାମସ୍ୟ ସର୍ବସ୍ୟ ପ୍ରଭବଂ ପ୍ରଳୟଂ ତଥା ।
ଆଚାରଂଚୈବ ସର୍ବେଷାଂ କାର୍ଯ୍ୟାକାର୍ଯ୍ୟ ବିନିର୍ଣ୍ଣୟମ୍ ।
ତଥାକାଳଂ (କାମଂ) ଯଥାଯୋଗ୍ୟଂ ବକ୍ତୁମର୍ହସ୍ୟଶେଷତଃ ।।

ଅର୍ଥାତ୍ ଜରାୟୁଜ, ଅଣ୍ଡଜ, ସ୍ୱେଦଜ, ଉଦ୍ଭିଜ ଆଉସବୁ ଭୂତମାତର ଉତ୍ପତ୍ତି ଓ ପ୍ରଳୟ ଏବଂ ସମସ୍ତଙ୍କର ଆଚାର ଓ କାର୍ଯ୍ୟ ଅକାର୍ଯ୍ୟର ନିର୍ଣ୍ଣୟ, କାଳଯୋଗର ଯଥା ଯୋଗ୍ୟତା ସମସ୍ତ କୁହନ୍ତୁ । ୩ଗୋଟି ପୁସ୍ତକର ''କାଳ'' ସ୍ଥାନରେ ''କାମ'' ଅଛି, କାମର ଅର୍ଥ ଇଚ୍ଛା, ଏ ଦୁଇଶ୍ଳୋକ ପ୍ରକ୍ଷିପ୍ତ ପରି ଜଣାଯାଏ ।

**ଆସୀଦିଦନ୍ତମୋଭୂତମପ୍ରଜ୍ଞାତମଲକ୍ଷଣମ୍ ।**
**ଅପ୍ରତର୍କ୍ୟମବିଜ୍ଞେୟଂ ପ୍ରସୁପ୍ତମିବ ସର୍ବତଃ । ୫ ।**

ଏହି ବିଶ୍ୱ ସଂସାର ଏକ କାଳରେ ତମସାଚ୍ଛନ୍ନ ଥିଲା, ସେ କାଳର ଅବସ୍ଥା ପ୍ରତ୍ୟକ୍ଷ ଗୋଚର କରାଯାଇ ପାରେ, ତାହା କୌଣସି ଲକ୍ଷଣଦ୍ୱାରା ଅନୁମେୟ ନୁହେ । ଯେତେବେଳେ ଏହା ତର୍କ ଓ ଜ୍ଞାନର ଅତୀତ ହୋଇ ସର୍ବତୋଭାବରେ ପ୍ରଗାଢ଼ ନିଦ୍ରିତାବସ୍ଥା ପରି ଥିଲା ।

**ତତଃ ସ୍ୱୟମ୍ଭୂର୍ଭଗବାନ୍‌ବ୍ୟକ୍ତୋ ବ୍ୟଞ୍ଜୟନ୍ନିଦମ୍ ।**
**ମହାଭୂତାଦି ବୃତ୍ତୌଜାଃ ପ୍ରାଦୁରାସୀତ୍ତମୋନୁଦଃ ।୬ ।**

ଅନନ୍ତର ସ୍ୱୟମ୍ଭୁ ଇନ୍ଦ୍ରିୟର ଅଗୋଚର ଅପ୍ରତିହତ ସୃଷ୍ଟି ସାମର୍ଥ୍ୟ ସମ୍ପନ୍ନ ପ୍ରକୃତି ପ୍ରେରକ ଭଗବାନ ଏହାକୁ ପ୍ରଥମେ ସୂକ୍ଷ୍ମ ପରେ ସ୍ଥୂଳରୂପରେ ପ୍ରକାଶ କରନ୍ତେ ମହାଭୂତ ଆକାଶ, ବାୟୁ, ଅଗ୍ନି, ଜଳ, ପୃଥ୍ୱୀ ଆଦି ପ୍ରାଦୁର୍ଭୂତ ହେଲା ।

**ଯୋଽସାବତୀନ୍ଦ୍ରିୟଗ୍ରାହ୍ୟଃ ସୂକ୍ଷ୍ମୋଽବ୍ୟକ୍ତଃ ସନାତନଃ ।**
**ସର୍ବଭୂତମୟୋଽଚିନ୍ତ୍ୟଃ ସ ଏବ ସ୍ୱୟମୁଦ୍ବଭୌ ।୭ ।**

ସେ ଇନ୍ଦ୍ରିୟର ଅଗୋଚର, ସୂକ୍ଷ୍ମ, ଅବ୍ୟକ୍ତଃ, ସର୍ବଭୂତମୟ, ଅଚିନ୍ତ୍ୟ ସେ ଅଦେହ ପ୍ରକଟିତ ହେଲେ ।

**ସୋଽଭିଧ୍ୟାୟ ଶରୀରାତ୍ ସ୍ୱାତ୍ ସିସୃକ୍ଷୁର୍ବିବିଧାଃ ପ୍ରଜାଃ ।**
**ଆପେ ଏବ ସସର୍ଜାଦୌ ତାସୁ ବୀଜମବାସୃଜତ୍ ।୮ ।**

ସେ ଆପଣା ଶରୀରରୁ ନାନା ପ୍ରକାର ପ୍ରଜା ସୃଷ୍ଟି କରିବାର ଇଚ୍ଛାକରି ଧ୍ୟାନ ମାତ୍ରକେ ପ୍ରଥମେ ଜଳ ସୃଷ୍ଟି କଲେ ଏବଂ ତହିଁରେ ଶକ୍ତି ବୀଜକୁ ଆରୋପ କଲେ ।

**ତଦଣ୍ଡମଭବଦ୍ଧୈମଂ ସହସ୍ରାଂଶୁସମପ୍ରଭମ୍ ।**
**ତସ୍ମିଞ୍ଜଜ୍ଞେ ସ୍ୱୟଂ ବ୍ରହ୍ମା ସର୍ବଲୋକପିତାମହଃ ।୯ ।**

ଅର୍ପିତ ବୀଜ ସ୍ୱର୍ଣ୍ଣନିର୍ମିତ ସୂର୍ଯ୍ୟସମାନ ପ୍ରଭାବଯୁକ୍ତ ଅଣ୍ଡରେ ପରିଣତ ହେଲା, ସେହି ଅଣ୍ଡରେ ସର୍ବଲୋକ ପିତାମହ ସ୍ୱୟଂ ବ୍ରହ୍ମା (ପରମାତ୍ମା) ପ୍ରକଟିତ ହେଲେ ।

**ଆପୋ ନାରା ଇତି ପ୍ରୋକ୍ତା ଆପେ ବୈ ନରସୂନବଃ ।**
**ତା ଯଦସ୍ୟାୟନଂ ପୂର୍ବଂ ତେନ ନାରାୟଣଃ ସ୍ମୃତଃ ।୧୦ ।**

ନର ଅର୍ଥାତ୍ ପରମାତ୍ମାରୁ ଉପନ୍ନ ବୋଲି ଜଳକୁ ଆପତ୍ୟ ପ୍ରତ୍ୟୟରେ ନାରୀ ବୋଲାଯାଏ । ସେହି ନାରା ତାଙ୍କର ପ୍ରଥମ ସ୍ଥାନ ବୋଲି ପରମାତ୍ମାକୁ ନାରାୟଣ ବୋଲାଯାଏ ।

**ଯତ୍ତତ୍କାରଣମବ୍ୟକ୍ତଂ ନିତ୍ୟା ସଦସଦାତ୍ମକ ।**
**ତଦ୍ ବିସୃଷ୍ଟଃ ସ ପୁରୁଷୋ ଲୋକେ ବ୍ରହ୍ମେତି କୀର୍ତ୍ତ୍ୟତେ ।୧୧ ।**

ଯେ ସମ୍ପୂର୍ଣ୍ଣ ଜଗତର ଉପାଦାନ, ଅବ୍ୟକ୍ତ, ନିତ୍ୟ, ସଦସଦାତ୍ମକ ସେହି ପରମାତ୍ମାଙ୍କ କର୍ତ୍ତୃକ ବିସୃଷ୍ଟ ସେହି ପୁରୁଷକୁ ବ୍ରହ୍ମା ବୋଲି ଲୋକେ କହନ୍ତି ।

**ତସ୍ମିନ୍ନଣ୍ଡେ ସ ଭଗବାନୁଷିତ୍ୱା ପରିବତ୍ସରଂ ।**
**ସ୍ୱୟମେବାତ୍ମନୋ ଧ୍ୟାନାତ୍ତଦଣ୍ଡମକରୋଦ୍ଦ୍ୱିଧା ।୧୨ ।**

ସେହି ଅଣ୍ଡରେ ପରିବତ୍ସର କାଳ * ସ୍ଥିରହୋଇ ସେହି ପରମାତ୍ମା ଆପେ ଧ୍ୟାନଦ୍ୱାରା ତାହାକୁ ଦୁଇଖଣ୍ଡ କରିଦେଲେ ।

---

* କଳ୍ପ ସମୟର ଶତଭାଗକୁ ପରିବତ୍ସର କହନ୍ତି ।

**ତାଭ୍ୟାଂ ସ ସକଳାଭ୍ୟାଂ ଚ ଦିବଂ ଭୂମିଂ ଚ ନିର୍ମମେ ।**
**ମଧ୍ୟେ ବ୍ୟୋମ ଦିଗଶ୍ଚାଷ୍ଟାବପାଂ ସ୍ଥାନଂ ଚ ଶାଶ୍ୱତମ୍ ।୧୩ ।**

ସେହି ଦୁଇଖଣ୍ଡରୁ ଗୋଟିଏ ଦ୍ୟୁଲୋକ ଆଉ ଗୋଟିଏ (ଭୂଲୋକ) ପୃଥିବୀ ହେଲା, ମଧ୍ୟରେ ଆକାଶ ଅଷ୍ଟଦିକ୍ ତଥା ଶାଶ୍ୱତ ଜଳ ରହିବାର ସ୍ଥାନ ହେଲା ।

**ଉଦ୍‌ବବର୍ହାମ୍‌ନଶ୍ଚୈବ ମନଃ ସଦସଦାତ୍ମକମ୍**
**ମନସଶ୍ଚାପ୍ୟହଙ୍କାରମଭିନ୍ତାରମଣୀଶ୍ୱରଂ । ୧୪ ।**

ଆଉ ଆପଣାର ପ୍ରକୃତିରୁ ସେ ସଂକଳ୍ପବିକଳ୍ପାତ୍ମକ ବାହାର କଲେ, ଆଉ ମନରୁ ଆତ୍ମାଭିମାନସାମର୍ଥ୍ୟବିଶିଷ୍ଟ ଅହଙ୍କାର ବା ଅହଂ ତତ୍ତ୍ୱକୁ ଉତ୍ପନ୍ନ କଲେ ।

**ମହାନ୍ତମେବ ଚାତ୍ମାନଂ ସର୍ବାଣି ତ୍ରିଗୁଣାନି ଚ**
**ବିଷୟାଣାଂ ଗୃହୀତ୍ରୂଣି ଶନୈ ପଞ୍ଚେନ୍ଦ୍ରୟାଣି ଚ । ୧୫ ।**

ଆଉ ମହତ୍ତତ୍ତ୍ୱ ଏବଂ ସତ୍ତ୍ୱ ରଜଃ ତମ ତିନିଗୁଣ ଓ ବିଷୟ ଗ୍ରହଣକାରୀ ପଞ୍ଚ ଇନ୍ଦ୍ରିୟ କ୍ରମେ କ୍ରମେ ଉତ୍ପନ୍ନ କଲେ ।

**ତେଷାଂ ତ୍ୱବୟାବାନ୍ ସୂକ୍ଷ୍ମାନ୍ ଷର୍ଣ୍ଣାମପ୍ୟମିତୌଜସାମ୍ ।**
**ସନ୍ନିବେଶ୍ୟାତ୍ମମାତ୍ରାସୁ ସର୍ବଭୂତାନି ନିର୍ମମେ । ୧୬ ।**

ଅତ୍ୟନ୍ତ ବଳଯୁକ୍ତ ସେହି ପଞ୍ଚଇନ୍ଦ୍ରିୟ ଓ ଅହଙ୍କାର ଏପରି ଛ ଗୋଟିର ସୂକ୍ଷ୍ମ ଅବୟବକୁ ଆପଣା ଆପଣା ମାତ୍ରା (ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ) ସମୂହରେ ସଂଯୋଜନ କରି ସ୍ଥାବର ଜଙ୍ଗମରୂପକ ସକଳ ପ୍ରାଣୀ ଉତ୍ପନ୍ନ କଲେ ।

**ଯନ୍ମୂର୍ତ୍ତ୍ୟବୟବାଃ ସୂକ୍ଷ୍ମାସ୍ତସ୍ୟେମାନାଶ୍ରୟନ୍ତି ଷଟ୍ ।**
**ତସ୍ମାଚ୍ଛରୀରମିତ୍ୟାହୁସ୍ତସ୍ୟ ମୂର୍ତ୍ତିଂ ମନୀଷିଣଃ ।୧୭ ।**

ଯେଣୁ ସୂକ୍ଷ୍ମ ଛଅ ଅବୟବ (ପଞ୍ଚଇନ୍ଦ୍ରିୟ ଓ ଅହଙ୍କାର) ସବୁ କାର୍ଯ୍ୟର ହେତୁ ରୂପ ହୋଇ ସେହି ପରମାତ୍ମାଙ୍କ ଆଶ୍ରୟରେ ରହିଅଛି, ତେଣୁ ସେହି ଜ୍ଞାନସ୍ୱରୂପ ପରମାତ୍ମାଙ୍କ ରଚିତ ମୂର୍ତ୍ତି (ଜଗତ୍) କୁ ପଣ୍ଡିତମାନେ ତାଙ୍କର ଶରୀର ବୋଲି ବୋଲନ୍ତି ।

**ତଦା ବିଶନ୍ତି ଭୂତାନି ମହନ୍ତି ସହ କର୍ମଭିଃ ।**
**ମନଶ୍ଚ ବୟବୈଃ ସୂକ୍ଷ୍ମୈଃ ସର୍ବଭୂତକୃଦବ୍ୟୟଂ ।୧୮ ।**

ସର୍ବକାର୍ଯ୍ୟକ୍ଷମ ପଞ୍ଚମହାଭୂତ ଓ ମନ ସୂକ୍ଷ୍ମ ଅବୟବ କର୍ମମାନଙ୍କ ଦ୍ୱାରା ସର୍ବଭୂତକୃତ ଅବିନାଶୀ ସେହି ବ୍ରହ୍ମରେ ପ୍ରବେଶ କରନ୍ତି ।

**ତେଷାମିଦଂ ତୁ ସପ୍ତାନାଂ ମହୌଜସାଂ ।**
**ସୂକ୍ଷ୍ମାଭ୍ୟୋ ମୂର୍ତ୍ତିମାତ୍ରାଭ୍ୟଃ ସଂଭବତ୍ୟବ୍ୟୟ ବ୍ୟୟଂ । ୧୯ ।**

ମହାବଳଶାଳୀ ସେହି ସାତ ପୁରୁଷ (ଜଗତ୍‌ରୂପ ପୁରନିବାସୀ ଅହଙ୍କାର, ମହତ୍ତତ୍ତ୍ୱ ଓ ଆକାଶାଦି ପାଞ୍ଚ ଏ ରୂପ ସାତ) ତହିଁର ସୂକ୍ଷ୍ମ ମୂର୍ତ୍ତି ମାତ୍ରାରୁ ଅବିନାଶୀ ପରାମାତ୍ମା ନଶ୍ୱର ଜଗତ୍‌କୁ ଉତ୍ପନ୍ନ କରିଅଛନ୍ତି ।

**ଆଦ୍ୟାଦ୍ୟସ୍ୟ ଗୁଣଂ ତ୍ୱେଷାମବାପ୍ନୋତି ପରସ୍ପରଃ ।**
**ଯୋ ଯୋ ଯାବତିଥଶ୍ଚୈଷାଂ ସାସ୍ୱତ ବଦ୍‌ଗୁଣଃ ସ୍ମୃତଃ ।୨୦ ।**

ଏହି ପଞ୍ଚଭୁତରୁ ପୂର୍ବ ୨ ଗୁଣକୁ ପରସ୍ପର ପ୍ରାପ୍ତ ହୁଏ ଅର୍ଥାତ୍ (୧)

ଆକାଶର ଗୁଣଶବ୍ଦ ବାୟୁରେ ବ୍ୟାପ୍ତ, ତେଣୁ (୨) ଅଗ୍ନିର ଗୁଣଶବ୍ଦ ଓ ସ୍ପର୍ଶ, ବାୟୁର ଗୁଣ ସ୍ପର୍ଶ (୩) ଅଗ୍ନିରେ, ତେଣୁ ଅଗ୍ନିର ଗୁଣଶବ୍ଦ ସ୍ପର୍ଶ ଓ ରୂପ; ଅଗ୍ନିର ଗୁଣରୂପ (୪) ଜଳରେ, ତେଣୁ ଜଳର ଗୁଣ ଶବ୍ଦ, ସ୍ପର୍ଶ, ରୂପ ଓ ରସ; ଜଳର ଗୁଣ ରସ (୫) ପୃଥ୍ୱୀରେ ବ୍ୟାପ୍ତ, ତେଣୁ ପୃଥିବୀର ଶବ୍ଦସ୍ପର୍ଶ, ରସ ଓ ଗନ୍ଧ ୫ ଗୁଣ । ଯେଯେଉଁ ସଂଖ୍ୟକ ତାହାର ତେତେ ଗୁଣ ବୋଲାଯାଏ ।

**ସର୍ବେଷାଂ ତୁ ସ ନାମାନି କର୍ମାଣି ଚ ପୃଥକ୍ ପୃଥକ୍ ।**
**ବେଦ ଶବ୍ଦେଭ୍ୟ ଏବାଦୌ ପୃଥକ୍ ସଂସ୍ଥାଶ୍ଚ ନିର୍ମମେ ।୨୧।**

ସେହି ପରମାତ୍ମା ସୃଷ୍ଟିର ଆରମ୍ଭରେ ସେ ସବୁର ପୃଥକ୍ ନାମ ଓ କର୍ମ ଏବଂ ବ୍ୟବସ୍ଥା ବେଦ ଶବ୍ଦମାନଙ୍କରୁ ଏକା ନିର୍ମାଣ କରିଅଛନ୍ତି ।

**କର୍ମାତ୍ମନାଂ ଚ ଦେବାନାଂ ସୋଽସୃଜତ୍ ପ୍ରାଣିନାଂ ପ୍ରଭୁଃ ।**
**ସାଧ୍ୟନାଂଚ ଗଣଂ ସୂକ୍ଷ୍ମଂ ଯଜ୍ଞଂ ଚୈବ ସନାତନମ୍ ।୨୨ ।**

ସେହି ପ୍ରାଣୀମାନଙ୍କର ପ୍ରଭୁ କର୍ମାତ୍ମକ ଦେବ ସମୂହ (ଅଗ୍ନି ବାୟୁ ଆଦିତ୍ୟାଦି) ସାଧମାନଙ୍କର ସୂକ୍ଷ୍ମସମୁଦାୟ ଆଉ ସନାତନ (ଜ୍ୟୋତିଷ୍ଟୋମାଦି) ଯଜ୍ଞକୁ ଉତ୍ପନ୍ନ କଲେ ।

**ଅଗ୍ନିବାୟୁରବିଭସ୍ତ୍ୟୁ ତ୍ରୟଂ ବ୍ରହ୍ମ ସନାତନଂ ।**
**ଦୁଦୋହ ଯଜ୍ଞସିଦ୍ଧ୍ୟର୍ଥମୃଗ୍ୟଜୁଃ ସାମଲକ୍ଷଣଂ ।୨୩ ।**

ଯଜ୍ଞର ଅର୍ଥ ସନାତନ ବେଦ ଏବଂ ବେଦର ତିନି ଲକ୍ଷଣ ବା ଭେଦ-ଋକ୍, ଯଜୁ ଓ ସାମ । ଏହି ତିନିବେଦ ଅଗ୍ନି, ବାୟୁ ଓ ରବି ନାମକ ତିନି ଆଦି ପୁରୁଷମାନଙ୍କ ମୁଖରୁ ପ୍ରକଟ କରିଥିଲେ ।

**କାଳଂ କାଳବିଭକ୍ତୀଶ୍ଚ ନକ୍ଷତ୍ରାଣି ଗ୍ରହାଂତଥା ।**
**ସରିତଃ ସାଗରାନ୍ ଶୈଳାନ୍ ସମାନି ବିଷମାଣି ଚ । ୨୪ ।**

କାଳ (ସମୟ) କାଳବିଭାଗ (ବର୍ଷ, ମାସ, ପକ୍ଷ, ତିଥି, ପ୍ରହର, ଘଡ଼ି, ପଳ, କଳା, କାଷ୍ଠାଦି) ତଥା ନକ୍ଷତ୍ର, ଗ୍ରହ, ନଦୀ, ସମୁଦ୍ର, ପର୍ବତ ଆଉ ସମଭୂମି ଓ ଉଚ୍ଚନୀଚ ଭୂମି ସମୂହ (ଉତ୍ପନ୍ନ) କରିଥିଲେ ।

**ତପୋ ବାଚଂ ରତିଂ ଚୈବ କାମଂ ଚ କ୍ରୋଧମେବ ଚ ।**
**ସୃଷ୍ଟିଂ ସସର୍ଜ୍ଜ ଚୈବେମାଂ ସ୍ରଷ୍ଟୁ ମିଚ୍ଛନ୍ନ ମାଃ ପ୍ରଜାଃ ।୨୫ ।**

ଏହି ପ୍ରଜା ସୃଷ୍ଟିକରିବାର ଇଚ୍ଛାକରି ତପ, ବାଣୀରତି (ଚିତ୍ତପ୍ରଦ), କାମ ଆଉ ମଧ କ୍ରୋଧ ଏହି ସୃଷ୍ଟିରେ ସୃଷ୍ଟି କରିଥିଲେ ।

**କର୍ମାଣାଂ ଚ ବିବେକାର୍ଥଂ ଧର୍ମ୍ମାଧର୍ମ୍ମୌ ବିବେଚୟତ୍ ।**
**ଦ୍ୱାନ୍ଦ୍ୱୈରଯୋଜୟଚ୍ଚେମାଃ ସୁଖଦୁଃଖାଦିଭିଃ ପ୍ରଜାଃ ।୨୬ ।**

କର୍ମ ବିଚାର ସକାଶେ ଧର୍ମ ଓ ଅଧର୍ମ ପୃଥକ୍ ଭାବରେ ଜନ୍ମାଇ ଧର୍ମ ଓ ଅଧର୍ମ ଅନୁସାରେ ସୁଖ ଦୁଃଖାଦିର ଦ୍ୱନ୍ଦ୍ୱରେ ଏହି ପ୍ରଜାମାନଙ୍କୁ ଯୁକ୍ତ କଲେ ।

**ଅଣ୍ୱ୍ୟୋ ମାତ୍ରାବିନାଶନ୍ୟୋ ଦଶାର୍ଦ୍ଧନାଂ ତୁ ଯାଃ ସ୍ମୃତାଃ ।**
**ତାଭିଃ ସାର୍ଦ୍ଧମିଦଂ ସର୍ବଂ ସମ୍ଭବତ୍ୟନୁପୂର୍ବ୍ବଶଃ ।୨୭ ।**

* କାର୍ଯ୍ୟ କରିବା ଯାହାର ସ୍ୱଭାବ ।

ସୂକ୍ଷ୍ମ ଦଶାର୍ଦ୍ଧ ବିନାଶିନୀ (ପଞ୍ଚ) ତନ୍ମାତ୍ର (ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ) ଯାହା ବୋଲାଯାଏ ତାହା ସଙ୍ଗେ ଏହି ସମ୍ପୂର୍ଣ୍ଣ ସୃଷ୍ଟି କ୍ରମଶଃ ଉତ୍ପନ୍ନ ହୋଇଅଛି ।

**ଯଂ ତୁ କର୍ମଣି ଯସ୍ମିନ୍ ସ ନ୍ୟଯୁଙ୍କ୍ତ ପ୍ରଥମଂ ପ୍ରଭୁଃ ।**
**ସତଦେବ ସ୍ୱୟଂ ଭେଜେ ସୃଜ୍ୟମାନଃ ପୁନଃ ପୁନଃ ।୨୮।**

ସେ ପ୍ରଭୁ ସୃଷ୍ଟିର ଆଦ୍ୟରେ ଯେଉଁ ସ୍ୱାଭାବିକ କର୍ମରେ ଯାହାକୁ ଯୋଜନା କରିଥିଲେ ସେ ପୁଣି ବାରମ୍ବାର ଉତ୍ପନ୍ନ ହୋଇ ସ୍ୱାଭାବିକ କର୍ମ ଆପଣା ଛାଏଁ କରୁଅଛି ।

**ହିଂସ୍ରାହିଂସ୍ରେ ମୃଦୁକ୍ରୂରେ ଧର୍ମାଧର୍ମୌ ଋତାନୃତେ ।**
**ଯଦ୍ୟସ୍ୟ ସୋଽଦଧାତ୍ ସର୍ଗେ ତତ୍ତସ୍ୟ ସ୍ୱୟମାବିଶତ୍ ।୨୯।**

ହିଂସା, ଅହିଂସା, ମୃଦୁତା, କ୍ରୂରତା, ଧର୍ମ, ଅଧର୍ମ, ସତ୍ୟ, ମିଥ୍ୟା— ଯାହାର ଯେ ଗୁଣ ସେ ସୃଷ୍ଟକାଳର ବିଧାନ କରିଥିଲେ ସୃଷ୍ଟ୍ୟୁତ୍ତର କାଳରେ ସେହି ଗୁଣ ତହିଁରେ ଛାଏଁ ପ୍ରବେଶ କଲା ।

**ଯଥର୍ତ୍ତୁଲିଙ୍ଗାନୃତବଃ ସ୍ୱୟମେବର୍ତ୍ତୁ ପର୍ଯ୍ୟୟେ ।**
**ସ୍ୱାନି ସ୍ୱାନ୍ୟଭିପଦ୍ୟନ୍ତେ ତଥା କର୍ମାଣି ଦେହିନଃ ।୩୦।**

ଯେପରି ବସନ୍ତାଦି ଋତୁମାନ ଯଥା ସମୟରେ ନିଜ ୨ ଚିହ୍ନକୁ ପ୍ରାପ୍ତ ହୁଏ, ସେହିପରି ମନୁଷ୍ୟାଦି ଦେହଧାରୀମାନେ ସୁଦ୍ଧା ପ୍ରାକ୍ତନ କର୍ମାନୁସାରେ ଫଳ ପ୍ରାପ୍ତି ହୁଅନ୍ତି ।

**ଲୋକାନାଂତୁ ବିବୃଦ୍ଧ୍ୟର୍ଥଂ ମୁଖବାହୂରୂପାଦତଃ ।**
**ବ୍ରାହ୍ମଣ କ୍ଷତ୍ରିୟଂ ବୈଶ୍ୟଂ ଶୂଦ୍ରଂ ଚ ନିରବର୍ତ୍ତୟତ୍ ।୩୧।**

ଲୋକଙ୍କ ସମ୍ୟକ୍ ବୃଦ୍ଧି ବା ଉନ୍ନତି ସକାଶେ ମୁଖରୁ ବ୍ରାହ୍ମଣ, ବାହୁରୁ କ୍ଷତ୍ରିୟ, ଉରୁରୁ ବୈଶ୍ୟ ଆଉ ପାଦରୁ ଶୂଦ୍ର ନିର୍ମିତ କଲେ ।

**ଦ୍ୱିଧା କୃତ୍ୱାତ୍ମନୋ ଦେହମର୍ଦ୍ଧେନ ପୁରୁଷୋଽଭବତ୍ ।**
**ଅର୍ଦ୍ଧେନ ନାରୀ ତସ୍ୟାଂ ସ ବିରାଜମସୃଜତ୍ ପ୍ରଭୁଃ ।**

ସେ ପ୍ରଭୁ ଆପଣା ବ୍ରହ୍ମାଣ୍ଡ ଶରୀରକୁ ଦୁଇଭାଗ କରିବାରୁ ଅଧକରୁ ପୁରୁଷ ଓ ଅଧକରୁ ସ୍ତ୍ରୀ ହେଲା, ସେ ସ୍ତ୍ରୀରେ ଏକ ବିରାଟ ପରୁଷ ଜାତ କଲେ ।

**ତପସ୍ତପ୍ତ୍ୱା ସୃଜଦ୍ ଯଂ ତୁ ସ୍ୱୟଂ ପୁରୁଷୋ ବିରାଟ୍ ।**
**ତଂ ମାଂ ବିତ୍ତାସ୍ୟ ସର୍ବସ୍ୟ ସ୍ରଷ୍ଟାରଂ ଦ୍ୱିଜ ସତ୍ତମାଃ ।୩୩।**

ହେ ଦ୍ୱିଜ ଶ୍ରେଷ୍ଠମାନେ ! ସେହି ବିରାଟ ପୁରୁଷ ତପସ୍ୟା କରି ଯାହାକୁ ଉତ୍ପନ୍ନ କଲେ ସେ ସମସ୍ତ ମାନବ କୁଳର ସ୍ରଷ୍ଟା ବୋଲି ଜାଣ ।

**ଅହଂ ପ୍ରଜାଃ ସିସୃକ୍ଷସ୍ତୁ ତପସ୍ତପ୍ତ୍ୱା ସୁଦୁଶ୍ଚରଂ ।**
**ପତୀନ୍ ପ୍ରଜାନାମସୃଜଂ ମହର୍ଷୀନାଦିତୋ ଦଶ ।୩୪।**

ଆମ୍ଭେ ପ୍ରଜା ଉତ୍ପନ୍ନ କରିବାକୁ ଇଚ୍ଛାକରି ଉଗ୍ର ତପସ୍ୟା ଦ୍ୱାରା ପ୍ରଥମତଃ ଦଶ ପ୍ରଜାପତି ମହର୍ଷି ଉତ୍ପନ୍ନ କଲୁ ।

**ମରୀଚିମତ୍ର୍ୟଙ୍ଗିରସୌ ପୁଲସ୍ତ୍ୟ ପୁଲହଂ କ୍ରତୁଂ ।**
**ପ୍ରଚେତସଂ ବଶିଷ୍ଠ ଞ୍ଚ ଭୃଗୁ ନାରଦମେବ ଚ ।୩୫।**

ମରୀଚି, ଅତ୍ରି, ଅଙ୍ଗିରସ, ପୁଲସ୍ତ୍ୟ, ପୁଲହ, କ୍ରତୁ, ପ୍ରଚେତସ୍, ବଶିଷ୍ଠ, ଭୃଗୁ ଓ ନାରଦ ତାଙ୍କ ନାମ ।

**ଏତେ ମନୂଂସ୍ତୁ ସପ୍ତାନ୍ୟାନସୃଜନ୍ ଭୂରିତେଜସଃ ।**
**ଦେବାନ୍ଦେବାନିକାୟାଂ ବ୍ରହ୍ମର୍ଷୀଂଶ୍ଚାମିତୌଜସଃ ।୩୬।**

ଏହି ମହାତେଜସ୍ୱୀ ଦଶ ପ୍ରଜାପତି ପୁଣି ଅନ୍ୟ ଅମିତବଳ ସମ୍ପନ୍ନ ସାତମନୁ ତଥା ଦେବତା ଏବଂ ଦେବତା ସ୍ଥାନୀୟ ଏବଂ ବ୍ରହ୍ମର୍ଷିମାନଙ୍କୁ ଉତ୍ପନ୍ନ କଲେ । କୌଣସି କୌଣସି ପାଠରେ ମହର୍ଷି ଅଛି ।

**ଯକ୍ଷରକ୍ଷଃପିଶାଚାଂଶ୍ଚ ଗନ୍ଧର୍ବାଽପସ୍ ରସୋଽସୁରାନ୍ ।**
**ନାଗାନ୍ ସପାନ୍ ସୁପର୍ଣ୍ଣଂଶ୍ଚ ପିତୃଣାଂ ଚ ପୃଥଗ୍‌ଗଣାନ୍ ।୩୭।**

ଆଉ ଯକ୍ଷ, ରାକ୍ଷସ, ପିଶାଚ, ଗନ୍ଧର୍ବ, ଅପ୍‌ସରା, ଅସୁର, ନାଗ, ସର୍ପ ଆଉ ପିତୃମାନଙ୍କର ପୃଥକ୍ ପୃଥକ୍ ସମୂହକୁ ।

**ବିଦ୍ୟୁତୋଽଶନିମେଘାଶ୍ଚ ରୋହିତେନ୍ଦ୍ର ଧନୂଂଷି ଚ ।**
**ଉଲ୍‌କାନିର୍ଘାତକେତୂଂଶ୍ଚ ଜ୍ୟୋତୀଂଷ୍ୟୁଚ୍ଚାବଚାନି ଚ ।୩୮।**

ଆଉ ବିଜୁଳି, ବଜ୍ର, ମେଘ ରୋହିତ (ସିଧା ଇନ୍ଦ୍ରଧନୁ ବା ଜ୍ୟୋତିର୍ଦଣ୍ଡ), ଇନ୍ଦ୍ରଧନୁ, ଉଲ୍‌କା ନିର୍ଘାତ ଭୂମି ଓ ଅନ୍ତରୀକ୍ଷଗତ ଉତ୍ପାତ, ଶବ୍ଦ ଧୂମକେତୁ । (ଲାଞ୍ଜାତାରା) ଓ ଧ୍ରୁବ, ଅଗସ୍ତ୍ୟ, ଅରୁନ୍ଧତୀ ପ୍ରଭୃତି ନାନାପ୍ରକାର ଉଚ୍ଚ ନୀଚସ୍ଥ ନକ୍ଷତ୍ରମାନଙ୍କୁ,

**କିନ୍ନରାନ୍ ବାନରାନ୍ ମତ୍ସ୍ୟାନ୍ ବିବିଧାଶ୍ଚ ବିହଙ୍ଗମାନ୍ ।**
**ପଶୂନ୍ ମୃଗାନ୍ ମନୁଷ୍ୟାଂଶ୍ଚ ବ୍ୟାଳାଂଶ୍ଚୋଭୟତୋଦିତଃ ।୩୯।**

କିନ୍ନର, ବାନର, ମତ୍ସ୍ୟ, ନାନାପ୍ରକାର ପକ୍ଷୀ, ପଶୁ, ମୃଗ, ମନୁଷ୍ୟ ଦୁଇପାଟି ଦାନ୍ତବିଶିଷ୍ଟ ହିଂସ୍ରଜନ୍ତୁମାନଙ୍କୁ,

**କୃମିକୀଟପତଙ୍ଗାଶ୍ଚ ଯୂକାମକ୍ଷିକମତ୍କୁଣଂ ।**
**ସର୍ବଂ ଚ ଦଂଶମଶକଂ ସ୍ଥାବରଞ୍ଚ ପୃଥଗ୍‌ବିଧଂ ।୪୦।**

କୃମି, କୀଟ, ପତଙ୍ଗ, ଉକୁଣୀ, ମାଛି, ଛାରପୋକ, ସବୁ ମଶାଡାଆଁଶ ଓ ନାନାପ୍ରକାର ସ୍ଥାବର (ବୃକ୍ଷଲତା ପର୍ବତାଦି) ।

**ଏବମେତୈରିଦଂ ସର୍ବଂ ସନ୍ନିୟୋଗାନ୍ ମହାତ୍ମଭିଃ ।**
**ଯଥାକର୍ମତପୋଯୋଗାତ୍ ସୃଷ୍ଟଂ ସ୍ଥାବରଜଙ୍ଗମଂ ।୪୧।**

ଏହି ରୂପ ସମସ୍ତ ସ୍ଥାବର ଜଙ୍ଗମ ପୂର୍ବୋକ୍ତ ମରୀଚି ଆଦି ମହାତ୍ମାମାନେ ଆମ୍ଭର ଆଜ୍ଞାମତେ ତପସ୍ୟାବଳରେ କର୍ମାନୁସାରେ ସୃଷ୍ଟି କଲେ ।

**ଯେଷାଂତୁ ଯାଦୃଶଂ କର୍ମ ଭୂତାନାମିହ କୀର୍ତ୍ତିତଂ ।**
**ତତ୍ତଥା ବୋଽଭିଧାସ୍ୟାମି କ୍ରମଯୋଗ ଚ ଜନ୍ମନି ।୪୨।**

ଏହି ସଂସାରରେ ଯେଉଁ ପ୍ରାଣୀମାନଙ୍କର ଯେରୂପ କର୍ମ ବୋଲାଯାଇଅଛି ତାହା କ୍ରମାଗତ ତୁମ୍ଭମାନଙ୍କୁ କହିବୁଁ ।

---

* ଏ ଶ୍ଳୋକପରେ କୌଣସି ୨ ପୁସ୍ତକରେ ନିମ୍ନଲିଖିତ ଶ୍ଳୋକ ଦେଖାଯାଏ—
ଯଥାକର୍ମ ଯଥାକାଳଂ ଯଥାପ୍ରଜ୍ଞଂ ଯଥାଶ୍ରୁତମ୍ ।
ଯଥାଯୁଗଂ ଯଥାଦେଶଂ ଯଥାବୃତ୍ତି (ଯଥୋତ୍ପତ୍ତି ଯଥାକ୍ରମମ୍) ।

* ୩୩ ଠାରୁ ୪୧ ଶ୍ଳୋକ ପ୍ରକ୍ଷିପ୍ତ ବୋଲି ଜଣାଯାଏ ।

**ପଶବଶ୍ଚ ମୃଗାଶ୍ଚୈବ ବ୍ୟାଳାଶ୍ଚୋଭୟତୋଦତଃ ।**
**ରକ୍ଷାଂସି ଚ ପିଶାଚାଶ୍ଚ ମନୁଷ୍ୟାଶ୍ଚ ଜରାୟୁଜାଃ ।୪୩।**

ଗୋରୁ ଇତ୍ୟାଦି ପଶୁ, ହରିଣାଦି ମୃଗ, ଦୁଇପାଟି ଦନ୍ତବିଶିଷ୍ଟ ଶ୍ୱାପଦ, ରାକ୍ଷସ, ପିଶାଚ ଓ ମନୁଷ୍ୟମାନେ ଜରାୟୁଜ ।

**ଅଣ୍ଡଜାଃ ପକ୍ଷିଣଃ ସର୍ପା ନକ୍ରା ମତ୍ସ୍ୟାଶ୍ଚ କଚ୍ଛପଃ ।**
**ଯାନି ଚୈବଂ ପ୍ରକାରାଣି ସ୍ଥଳଜାନ୍ୟୌଦକାନି ଚ ।୪୪।**

ପକ୍ଷୀ, ସର୍ପ, କୁମ୍ଭୀର, ମତ୍ସ୍ୟ, କଚ୍ଛପ ଏହିପରି ସ୍ଥଳଚର ଓ ଜଳଚର ଜନ୍ତୁମାନେ ଅଣ୍ଡଜ ।

**ସ୍ୱେଦଜଂ ଦଂଶମଶକଂ ଯୁକାମକ୍ଷିକମତ୍କୁଣଂ ।**
**ଉଷ୍ମଣଶ୍ଚୋପଜାୟନ୍ତେ ଯଚ୍ଚାନ୍ୟତ୍ କିଞ୍ଚିଦୀଦୃଶଂ ।୪୫।**

ଡାଁଶ, ମଶା, ଉକୁଣି, ମାଛି, ଛାରପୋକ ସ୍ୱେଦଜ ଅର୍ଥାତ୍ କ୍ଳେଦ ବା ମଇଳା ଜଳ ଇତ୍ୟାଦିରୁ ଉତ୍ପନ୍ନ ହୁଅନ୍ତି ଆଉ ଏହିପରି ଅନ୍ୟ ପିପୀଲିକା ଇତ୍ୟାଦି ଉଷ୍ମ ବା ଗରମରୁ ଜାତ ହୁଅନ୍ତି ।

**ଉଦ୍ଭିଜ୍ଜାଃ ସ୍ଥାବରାଃ ସର୍ବେ ବୀଜକାଣ୍ଡପ୍ରରୋହିଣଃ ।**
**ଓଷଧ୍ୟଃ ଫଳପାକାନ୍ତା ବହୁପୁଷ୍ପଫଳୋପଗାଃ ।୪୬।**

ଭୂମି ଭେଦକରି ଉଠିବା ବୃକ୍ଷ, ଲତା, ଫଳ ହେଲାରୁ ମରିଯିବା ଧାନ, ଯବ ଇତ୍ୟାଦି ଓ ବହୁ ପୁଷ୍ପ ଫଳଧାରୀ ଓଷଧି ବୀଜ ବା ଶାଖା ରୋପଣରୁ ଜାତ ହୁଅନ୍ତି ।

**ଅପୁଷ୍ପାଃ ଫଳୋବନ୍ତୋ ଯେ ତେ ବନସ୍ପତୟଃ ସ୍ମୃତାଃ ।**
**ପୁଷ୍ପିଣଃ ଫଳିନଶ୍ଚୈବ ବୃକ୍ଷାସ୍ତୁଭୟତଃ ସ୍ମୃତାଃ ।୪୭।**

ଫୁଲ ନ ହୋଇ ଯହିଁରେ ଫଳ ହୁଏ ତାହାକୁ ବନସ୍ପତି ବୋଲାଯାଏ । ଆଉ ଯହିଁରେ ଫୁଲ ହୁଏ ଓ ଫୁଲରୁ ଫଳ ହୁଏ ସେ ଉଭୟଙ୍କୁ ବୃକ୍ଷ ବୋଲି କୁହାଯାଏ ।

**ଗୁଚ୍ଛଂଗୁଳ୍ମଂ ତୁ ବିବିଧଂ ତଥୈବ ତୃଣଜାତୟଃ ।**
**ବୀଜକାଣ୍ଡ ରୁହାଣ୍ୟେବ ପ୍ରତାନାବଲ୍ଲ୍ୟ ଏବ ଚ ।୪୮।**

ମଲ୍ଲିକା ଇତ୍ୟାଦି ଗୁଚ୍ଛ ଓ ବାଉଁଶ ଇତ୍ୟାଦି ଗୁଳ୍ମ ନାନାପ୍ରକାର, ସେହିପରି ତୃଣ ଜାତି ମଧ ନାନାପ୍ରକାର, କଖାରୁ ଇତ୍ୟାଦି ପ୍ରତାନ ଓ ଗୁଳୁଚି ଇତ୍ୟାଦି ବୀଲ୍ଲ ମଧ୍ୟରୁ କେହି ବୀଜ ବା କେହି ଶାଖାରୋପଣ ହୁଏ ।

**ତମସା ବ୍ରହ୍ମରୂପେଣ ବେଷ୍ଟିତାଃ କର୍ମ ହେତୁନା ।**
**ଅନ୍ତଃସଂଜ୍ଞା ଭବନ୍ତ୍ୟେତେ ସୁଖଦୁଃଖ ସମନ୍ୱିତାଃ ।୪୯ ।**

ଏମାନେ କର୍ମ ଫଳରୁ ନାନା ପ୍ରକାର ତମୋ ଗୁଣରେ ଆଚ୍ଛନ୍ନ; ଏମାନଙ୍କର ଚୈତନ୍ୟ ଅଛି । ଏମାନେ ମଧ ସୁଖ ଦୁଃଖ ଅନୁଭବ କରନ୍ତି ।

**ଏତଦନ୍ତସ୍ତୁ ଗତୟୋ ବ୍ରହ୍ମାଦ୍ୟା ସମୁଦ ହୃତାଃ ।**
**ଘୋରେଽସ୍ମିନ୍ ଭୂତସଂସାରେ ନିତ୍ୟଂ ସତତଯାୟିନୀ ।୫୦।**

ଏହି ନିତ୍ୟ ବିକାଶଶୀଳ ଓ ପ୍ରାଣୀମାନଙ୍କର ଜନ୍ମ ମରଣ ସମାକୁଳ ଭୟଙ୍କର ସଦାତଳ ସଂସାରରେ ବ୍ରହ୍ମଠାରୁ ସ୍ଥାବର ପର୍ଯ୍ୟନ୍ତ ଏହି ଉତ୍ପତ୍ତିକ୍ରମ ବୋଲାଗଲା ।

**ଏବଂ ସର୍ବଂ ସ ସୃଷ୍ଟ୍ୱେଦଂ ମାଂଚାଚିନ୍ତ୍ୟ ପରାକ୍ରମଃ ।**
**ଆତ୍ମନ୍ୟାନ୍ତର୍ଦ୍ଧଧେ ଭୂୟଃ କାଳଂ କାଳେନ ପୀଡ଼ୟନ୍ ।୫୧।**

ସେହି ଅଚିନ୍ତ୍ୟ ପରାକ୍ରମ ଈଶ୍ୱର ସକଳ ସ୍ଥାବର, ଜଙ୍ଗମ ଏବଂ ଆମ୍ଭଙ୍କୁ ଏହିପରି ସୃଷ୍ଟିକରି ପୁଣି ସୃଷ୍ଟି କାଳକୁ ପ୍ରଳୟ ଦ୍ୱାରା ନାଶକରି ଆପଣାଠାରେ ଲୁଚାଇ ରଖନ୍ତି ଅର୍ଥାତ୍ ପ୍ରାଣୀମାନଙ୍କୁ କର୍ମବଶରେ ପୁନଃ ପୁନଃ ସୃଷ୍ଟି କରାଇ ପ୍ରଳୟ କରାଇଅଛନ୍ତି ।

**ଯଦା ସ ଦେବୋ ଜାଗର୍ତ୍ତି ତଦେବଂ ଚେଷ୍ଟତେ ଜଗତ୍ ।**
**ଯଦା ସ୍ୱପିତି ଶାନ୍ତାତ୍ମା ତଦା ସର୍ବଂ ନିମୀଳତି ।୫୨।**

ଯେତେବେଳେ ସେହି ଦେବ ଜଗାନ୍ତି (ସୃଷ୍ଟି କରିବାର ଇଚ୍ଛା କରନ୍ତି) ତେତେବେଳେ ଏହି ଜଗତ ଚେଷ୍ଟାଯୁକ୍ତ ହୁଏ ଆଉ ଯେତେବେଳେ ସେହି ଶାନ୍ତାତ୍ମା ସୁସୁପ୍ତି ଲାଭ କରନ୍ତି (ନିବୃତ୍ତିର ଇଚ୍ଛା କରନ୍ତି) ତେତେବେଳେ ସବୁ ନିମୀଳିତ ହୋଇଯାଏ ।

**ତସ୍ମିନ୍ ସ୍ୱପତି ତୁ ସ୍ୱସ୍ଥେ କର୍ମାତ୍ମାନଃ ଶରୀରିଣଃ ।**
**ସ୍ୱକର୍ମଭ୍ୟୋ ନିବର୍ତ୍ତନ୍ତେ ମନଶ୍ଚ ଗ୍ଲାନିମୃଚ୍ଛତି ।୫୩।**

ଯେତେବେଳେ ଭଗବାନ ନିବୃତ୍ତ ହୋଇ ଶୟନ କରନ୍ତି, ତେତେବେଳେ କର୍ମାତ୍ମା ଶରୀରମାନେ ସୁଦ୍ଧା କର୍ମରୁ ନିବୃତ୍ତ ହୁଅନ୍ତି ଏବଂ ମନସ୍ତତ୍ତ୍ୱ କ୍ଷୀଣ ହୋଇଯାଏ ।

**ଯୁଗପତ୍ତୁ ପ୍ରଲୀୟନ୍ତେ ଯଦା ତସ୍ମିନ୍ ମହାତ୍ମନି ।**
**ତଦାୟଂ ସର୍ବଭୂତାତ୍ମା ସୁଖଂ ସ୍ୱପିତି ନିର୍ବୃତଃ ।୫୪।**

ଯେତେବେଳେ ସେହି ଭଗବାନଙ୍କଠାରେ ନିଖିଳ ସଂସାର ଏକାବେଳକେ ପ୍ରଳୟ ହୁଏ, ତେତେବେଳେ ସେହି ସର୍ବଭୂତାତ୍ମା ନିବୃତ୍ତି ହୋଇ ସୁଖରେ ନିଦ୍ରା ଯାନ୍ତି ।

**ତମୋଽୟ ତୁ ସମାଶ୍ରିତ୍ୟ ଚିରଂ ତିଷ୍ଠତି ସେନ୍ଦ୍ରିୟ ଃ ।**
**ନ ଚ ସ୍ୱଂ କୁରୁତେ କର୍ମ ତଦୋତ୍କ୍ରାମତି ମୂର୍ତ୍ତିତଃ ।୫୫।**

ଏହି ଜୀବ ଇନ୍ଦ୍ରିୟ ସହିତ ବହୁକାଳ ତମସା ବା ସୁଷୁପ୍ତିକୁ ଆଶ୍ରୟ କରି ରହିଥାଏ ଆଉ ନିଜେ ଶ୍ୱାସ ପ୍ରଶ୍ୱାସାଦି କର୍ମ କରେ ନାହିଁ—ତେତେବେଳେ ଶରୀରର ବାହାରରେ ରହେ ।

**ଯଦାଣୁ ମାତ୍ରିକୋ ଭୂତ୍ୱା ବୀଜଂ ସ୍ଥାସୁ ଚରିଷ୍ଣୁ ଚ ।**
**ସମାବିଶତି ସଂସୃଷ୍ଟସ୍ତଦା ମୂର୍ତ୍ତିଂ ବିମୁଞ୍ଚତି ।୫୬।**

ଯେତେବେଳେ ଅଣୁମାତ୍ରିକ ଜୀବ, ଇନ୍ଦ୍ରିୟ, ମନ, ବୁଦ୍ଧି, ବାସନା, କର୍ମ, ବାୟୁ ଓ ଅବିଦ୍ୟା ଏହି ଆଠଅଣୁ ମାତ୍ରାରେ ଯୁକ୍ତହୋଇ ବୃକ୍ଷାଦି ସ୍ଥାବର ଓ ମନୁଷ୍ୟାଦି ଚର ବା ଜଙ୍ଗମର ହେତୁ ଭୂତ ବୀଜରେ ପ୍ରବେଶ କରେ ତେତେବେଳେ ସୃଷ୍ଟି ହୁଏ ଓ ମୂର୍ତ୍ତି ଗ୍ରହଣ କରେ ।

**ଏବଂ ଜାଗ୍ରତ୍ସ୍ୱପାଭ୍ୟାମିଦଂ ସର୍ବଂ ଚରାଚରମ୍ ।**
**ସଞ୍ଜୀବୟନ୍ତି ଚାଜସ୍ରଂ ପ୍ରମାପୟତି ଚାବ୍ୟୟଃ ।୫୭।**

ଏହିରୂପେ ସେ ଅବିନାଶୀ ପରମାତ୍ମା ଜାଗରଣ ଓ ଶୟନ ଦ୍ୱାରା ସମଗ୍ର ଚରାଚରକୁ ନିରନ୍ତର ଉତ୍ପନ୍ନ ଓ ନଷ୍ଟ କରୁଅଛନ୍ତି ।

**ଇଦଂ ଶାସ୍ତ୍ରନ୍ତୁ କୃତ୍ୱାସୌ ମାମେବ ସ୍ୱୟମାଦିତଃ ।**
**ବିଧିବଦ୍ ଗ୍ରାହୟାମାସ ମରୀଚ୍ୟାଦିଂସ୍ତ୍ୱହଂ ମୁନୀନ୍ ।୫୮।**

ଏହି (ବ୍ରହ୍ମା) ସୃଷ୍ଟିର ପ୍ରଥମରେ ଏହି ଧର୍ମଶାସ୍ତ୍ରକୁ ପ୍ରଣୟନ କରି ବିଧି ପୂର୍ବକ ଆମ୍ଭଙ୍କୁ ଉପଦେଶ କରିଥିଲେ; ପୁଣି ଆମ୍ଭେ ମରୀଚ୍ୟାଦି ମୁନିମାନଙ୍କୁ ଉପଦେଶ କରିଥିଲୁଁ ।

**ଏତଦ୍ ବୋଽୟଂ ଭୃଗୁଃ ଶାସ୍ତ୍ରଂ ଶ୍ରାବୟିଷ୍ୟତ୍ୟଶେଷତଃ ।**
**ଏତଦ୍ଧି ମତ୍ତୋଽଧିଜଗେ ସର୍ବମେଷୋଽଖିଳଂ ମୁନିଃ ।୫୯।**

ଏହି ଭୃଗୁମୁନି ଯେ ଆମ୍ଭଠାରୁ ଏହି ସମସ୍ତ ସମ୍ପୂର୍ଣ୍ଣ ଶାସ୍ତ୍ର ପଢ଼ିଅଛନ୍ତି, ସେ ତୁମ୍ଭମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଶୁଣାଇବେ ।

**ତତସ୍ତଥା ସ ତେନୋକ୍ତୋ ମହର୍ଷି ର୍ମନୁନା ଭୃଗୁଃ ।**
**ତାନବ୍ରବୀଦୃଷୀନ୍ ସର୍ବାନ୍ ପ୍ରୀତାତ୍ମା ଶ୍ରୂୟତାମିତି ।୬୦।**

ତଦନ୍ତର ସେହି ମନୁଙ୍କ କଥାନୁସାରେ ସେହି ମହର୍ଷି ଭୃଗୁ ପ୍ରସନ୍ନଚିତ୍ତରେ ସେହି ସବୁ ଋଷିମାନଙ୍କୁ କହିଲେ ଶୁଣନ୍ତୁ ।

**ସ୍ୱାୟଂଭୁବସ୍ୟାସ୍ୟ ମନୋଃ ଷଡ଼ବଂଶ୍ୟା ମନବୋଽପରେ ।**
**ସୃଷ୍ଟାବନ୍ତଃ ପ୍ରଜାଃ ସ୍ୱାଃ ସ୍ୱା ମହାତ୍ମାନୋ ମହୌଜସଃ । ୬୧ ।**

ସ୍ୱାୟମ୍ଭୁବ ମନୁଙ୍କ ବଂଶରେ ଉତ୍ପନ୍ନ ମହାତ୍ମା ମହାତେଜା ଅପର ଛଅ ମନ ଆପଣା ଆପଣା ପ୍ରଜା ସୃଷ୍ଟି କରିଥିଲେ ।

**ସାରୋଚିଷଶ୍ଚୌତ୍ତମିଶ୍ଚ ତାମସୋ ରୈବତସ୍ତଥା ।**
**ଚାକ୍ଷୁଷଶ୍ଚ ମହାତେଜା ବିବସ୍ୱତ୍‌ସୁତ ଏବ ଚ ।୬୨।**

ତାଙ୍କ ନାମ ସ୍ୱାରୋଚିଷ, ଔତ୍ତମି, ତାମସ, ରୈବତ, ଚାକ୍ଷୁଷ ଓ ମହାତେଜସ୍ୱୀ ବୈବସ୍ୱତ ।

**ସ୍ୱାୟମ୍ଭୁବାଦ୍ୟାଃ ସପ୍ତୈତେ ମନବୋ ଭୂରିତେଜସଃ ।**
**ସ୍ୱେ ସ୍ୱେଽନ୍ତରେ ସର୍ବମିଦମୁତ୍ପାଦ୍ୟାପୁଶ୍ଚରାଚରଂ ।୬୩।**

ସ୍ୱାୟମ୍ଭୁବଙ୍କୁ ଆଦିକରି ଅତି ତେଜସ୍ୱୀ ସାତମନୁ ଆପଣା ଆପଣା ଅଧିକାରରେ ଏହିସବୁ ଚରାଚର ଉତ୍ପନ୍ନ କରି ପାଳନ କରିଥିଲେ ।

**ନିମେଷା ଦଶ ଚାଷ୍ଟୌ ଚ କାଷ୍ଠା ତ୍ରିଂଶତ୍ତୁ ତାଃ କଳା ।**
**ତ୍ରିଂଶତ୍‌କଳା ମୁହୂର୍ତ୍ତଃ ସ୍ୟାଦହୋରାତ୍ରଂ ତୁ ତାବତଃ ।୬୪।**

ଚକ୍ଷୁର ପଲକ ପକାଇବା ସମୂହକୁ ନିମେଷ ବୋଲି, ୧୮ ନିମେଷରେ ଏକ କାଷ୍ଠା, ୩୦ କାଷ୍ଠାରେ ଏକ କଳା, ୩୦ କଳାରେ ଏକ ମୁହୂର୍ତ୍ତ ଏବଂ ୩୦ ମୁହୂର୍ତ୍ତରେ ଏକ ଅହୋରାତ୍ର ହୁଏ ।

**ଅହୋରାତ୍ରେ ବିଭଜତେ ଦେବୋ ସୂର୍ଯ୍ୟୋ ମାନୁଷଦୈବିକେ ।**
**ରାତ୍ରିଃ ସ୍ୱପ୍ନୟ ଭୂତାନାଂ ଚେଷ୍ଟାୟୈ କର୍ମଣାମହଃ ।୬୫।**

ସୂର୍ଯ୍ୟ, ମନୁଷ୍ୟ ଓ ଦେବ ସମ୍ବନ୍ଧୀୟ ଦିନରାତି ବିଭାଗ କରେ, ତଦ୍ୱାରା ପ୍ରାଣିମାନଙ୍କର ଶୟନ ସକାଶେ ରାତ୍ରି ଓ କର୍ମ କରିବା ସକାଶେ ଦିନ ଅଟେ ।

---

* ୫୮ ରୁ ୬୩ ଶ୍ଳୋକ ପ୍ରକ୍ଷିପ୍ତ ।

**ପିତ୍ର୍ୟେ ରାତ୍ର୍ୟହନୀ ମାସଃ ପ୍ରବିଭାଗସ୍ତୁ ପକ୍ଷୟୋଃ ।**
**କର୍ମଚେଷ୍ଟାସ୍ୱହଃ କୃଷ୍ଣଃ ଶୁକ୍ଳ ସ୍ୱପ୍ନାୟ ଶର୍ବରୀ ।୬୬।**

ମନୁଷ୍ୟର ଏକ ମାସରେ ପିତୃଲୋକର * ଏକ ରାତ୍ରଦିନ ହୁଏ; ତହିଁରେ କୃଷ୍ଣପକ୍ଷ କର୍ମ କରିବା ସକାଶେ ଦିନ ଆଉ ଶୁକ୍ଳପକ୍ଷ ଶୟନ କରିବା ସକାଶେ ରାତ୍ର ଅଟେ ।

**ଦୈବେ ରାତ୍ର୍ୟହନୀ ବର୍ଷଂ ପ୍ରବିଭାଗସ୍ତୟୋଃପୁନଃ ।**
**ଅହସ୍ତତ୍ରୋଦଗୟନଂ ରାତ୍ରି ସ୍ୟାଦ୍ଦକ୍ଷିଣାୟନଂ । ୬୭।**

ମନୁଷ୍ୟର ଏକ ବର୍ଷରେ ଦେବାଲୋକର* ଏକ ରାତ୍ରିଦିନ ହୁଏ ପୁଣି ତହିଁର ବିଭାଗ ଉତ୍ତରାୟଣ ଦିନ ଓ ଦକ୍ଷିଣାୟନ ରାତ୍ରି ଅଟେ ।

**ବ୍ରହ୍ମସ୍ୟ ତୁ କ୍ଷପାହସ୍ୟ ଯତ୍ପ୍ରମାଣଂ ସମାସତଃ ।**
**ଏକୈକଶ ଯୁଗାନାଂ ତୁ କ୍ରମଶସ୍ତନ୍ନି ବୋଧତ ।୬୮।**

ଏକ ବ୍ରହ୍ମା ରାତ୍ରିଦିନର ଯେ ପରିମାଣ ତଥା ଯୁଗ (ସତ୍ୟ,ତ୍ରେତା, ଦ୍ୱାପର ଓ କଳି) ମାନଙ୍କର ସୁଦ୍ଧା ଗୋଟି ଗୋଟି କହୁଅଛୁଁ କ୍ରମାଗତ ଶୁଣ ।

**ଚତୁର୍ଯ୍ୟାହୁଃ ସହସ୍ରାଣି ବର୍ଷାଣଂ ତତ୍ କୃତଂ ଯୁଗଂ ।**
**ତସ୍ୟ ତାବଚ୍ଛତୀ ସନ୍ଧ୍ୟା ସନ୍ଧ୍ୟାଶଶ୍ଚ ତଥାବିଧଃ ।୬୯।**

(ମନୁଷ୍ୟର ୩୬ ବର୍ଷରେ ଏକ ଦୈବବର୍ଷ ହୁଏ, ଚାରିହଜାର ଦେବ ବର୍ଷକୁ କୃତ (ସତ୍ୟ) ଯୁଗ ବୋଲନ୍ତି ଏବଂ ତହିଁରେ ସନ୍ଧ୍ୟା (ପ୍ରାକ୍‌କାଳ) ଚାରିଶତ ବର୍ଷ ଅଟେ ଆଉ ସନ୍ଧ୍ୟାଂଶ (ଉତ୍ତର କାଳ) ମଧ୍ୟ ଚାରିଶତ ବର୍ଷ; (ସନ୍ଧ୍ୟା ଓ ସନ୍ଧ୍ୟାଂଶ ମିଳାଇ ସତ୍ୟଯୁଗର ପରିମାଣ ୪୮୦୦ ଦୈବ ବର୍ଷ ।)

**ଇତରେଷୁ ସସନ୍ଧେଷୁ ସସନ୍ଧ୍ୟାଂଶେଷୁ ଚ ତ୍ରିଷୁ ।**
**ଏକପାୟେନ ବର୍ତ୍ତନ୍ତେ ସହସ୍ରାଣି ଶତାନୀ ଚ ।୭୦।**

ଅନ୍ୟ ତିନି (ତ୍ରେତା, ଦ୍ୱାପର ଓ କଳି) ଯୁଗର ସନ୍ଧ୍ୟା ଓ ସନ୍ଧ୍ୟାଂଶ ମିଳାଇ ଯେ ସଂଖ୍ୟା ହୁଏ ତହିଁରୁ କ୍ରମାଗତ ଏକ ସହସ୍ର ଓ ଏକଶତ ସନ୍ଧ୍ୟା ଓ ସନ୍ଧ୍ୟାଂଶ କାଟିଦେଲେ ତିନିର ସଂଖ୍ୟା ମିଳବ । ଅତଏବ ସତ୍ୟଯୁଗ ୪୮୦୦=୧୭୨୮୦୦୦, ତ୍ରେତା ୩୬୦୦ =୧୨୯୬୦୦୦ ଦ୍ୱାପର ୨୪୦୦=୮୬୪୦୦୦, କଳି ୧୨୦୦ = ୪୩୨୦୦୦ ବର୍ଷ ।

**ଯଦେତ୍‌ପୂରି ସଂଖ୍ୟାତମାଦାବେବ ଚତୁର୍ଯୁଗଂ ।**
**ପତଦ୍ୱାଦଶସହସ୍ରଂ ଦେବାନାଂ ଯୁଗମୁଚ୍ୟତେ ।୭୧ ।**

ମନୁଷ୍ୟମାନଙ୍କର ଏହିପରି ଗଣିତ ଚାରି ଯୁଗର ସଂଖ୍ୟାରେ ବାରହଜାରରେ ଏକ ଦୈବ ଯୁଗ ହୁଏ ।

**ଦୈବିକାନାଂ ଯୁଗାଦାନ୍ତୁ ସହସ୍ରଂ ପରିସଂଖ୍ୟୟା ।**
**ବ୍ରହ୍ମମେକମହର୍ଜ୍ଞେୟଂ ତାଂବତୀ ରାତ୍ରିମେବ ଚ ।୭୨ ।**

ଦୈବର ସହସ୍ର ଯୁଗରେ ବ୍ରହ୍ମାଙ୍କର ଏକଦିନ ଓ ସହସ୍ର ଯୁଗରେ ଏକ ରାତ୍ରି ହୁଏ । (ଅର୍ଥାତ୍ ଦୈବ ଦୁଇ ସହସ୍ର ଯୁଗରେ ବ୍ରହ୍ମାଙ୍କର ଏକ ଅହୋରାତ୍ର, ସୁତରାଂ ମନୁଷ୍ୟର ୪୩୨୦୦୦୦୦୦୦ ବର୍ଷରେ ବ୍ରହ୍ମା ଏକଦିନ ଓ ତେତିକି ବର୍ଷରେ ଏକ ରାତ୍ରି ହୁଏ ।

---

* ଚନ୍ଦ୍ରଲୋକ — ଚନ୍ଦ୍ର ଏକ ମାସରେ ପୃଥିବୀ ପରିକ୍ରମା କରେ ।

* ସୂର୍ଯ୍ୟାଲୋକ — ପୃଥିବୀ ଏକବର୍ଷରେ ସୂର୍ଯ୍ୟ ପରିକ୍ରମା କରେ ।

**ତଦ୍ ବୈ ଯୁଗସହସ୍ରାନ୍ତଂ ବ୍ରାହ୍ମଂ ପୁଣ୍ୟମହର୍ବିଦୁଃ ।**
**ରାତ୍ରିଂଚ ତାବତୀମେବ ତେଽହୋ ରାତ୍ର ବିଦୋଜନାଃ ।୭୩ ।**

ଦୈବୀ ପରିମାଣରେ ସହସ୍ର ଯୁଗ ସମାପ୍ତ ହେଲେ ବ୍ରହ୍ମାଙ୍କର ପୁଣ୍ୟ ଦିବସ, ଆଉ ତେତିକିରେ ରାତ୍ରି ହୁଏ । ଏହା ଆହୋରାତ୍ର ବେତ୍ତା ଜାଣନ୍ତି ।

**ତସ୍ୟ ସୋଽହର୍ନିଶିସ୍ୟାନ୍ତେ ପ୍ରସୁପ୍ତଃ ପ୍ରତିବଦ୍ଧ୍ୟତେ ।**
**ପ୍ରତିବୁଦ୍ଧଶ୍ଚ ସୃଜତି ମନଃ ସଦସଦାତ୍ମକଂ ।୭୪ ।**

ପୂର୍ବୋକ୍ତ ଆହୋରାତ୍ର ଶେଷ ହେଲେ ସେ ଶୟନରୁ ଉଠନ୍ତି ଏବଂ ଉଠି ସଂକଳ୍ପ ବିକଳ୍ପାତ୍ମକ ମନକୁ ସୃଷ୍ଟି କାର୍ଯ୍ୟରେ ଲଗାନ୍ତି ।

**ମନଃ ସୃଷ୍ଟି ବିକଚତେ ଚୋଦ୍ୟମାନଂ ସିସକ୍ଷୟା ।**
**ଆକାଶଂ ଯାୟତେ ତସ୍ମାତ୍ତସ୍ୟ ଶବ୍ଦଗୁଣଂ ବିଦୁଃ ।୭୫ ।**

ସୃଷ୍ଟି କାର୍ଯ୍ୟରେ ପ୍ରେରିତ ହୋଇ ମନ ସୃଷ୍ଟି କରେ । ମନସ୍ତତ୍ତ୍ୱରୁ ଆକାଶ ଜାତ ହୁଏ ଏବଂ ତାହାର ଗୁଣକୁ ଶବ୍ଦ ବୋଲି କୁହାଯାଏ ।

**ଆକାଶାତ୍ତୁ ବିକର୍ବାଣାତ୍ ସର୍ବଗନ୍ଧବହଃ ଶଚିଃ ।**
**ବଳବାନ୍ ଜାୟତେ ବାୟୁଃ ସବୈ ସ୍ପର୍ଶଗୁଣୋ ମତଃ ।୭୬ ।**

ଆକାଶର ବିକାରରେ ସକଳ ଗନ୍ଧ ଧାରଣକାରୀ ପବିତ୍ର ବଳବାନ ବାୟୁ ଉତ୍ପନ୍ନ ହୁଏ । ତାହାକୁ ସ୍ପର୍ଶଗୁଣ ବିଶିଷ୍ଟ ବୋଲନ୍ତି ।

**ବାୟୋରପି ବିକର୍ବାଣାଦ୍ ବିରୋଗବିଷ୍ଣୁ ତମୋନୁଦମ୍ ।**
**ଜ୍ୟୋତିରୁତ୍ପଦ୍ୟତେ ଭାସଉଦ୍ରୂପଗଣମୁଚ୍ୟତେ ।୭୭ ।**

ବାୟୁର ବିକାରରେ ତମୋନାଶକାରୀ ପ୍ରକାଶକ ଦୀପ୍ତିମାନ୍ ଅଗ୍ନି ଉତ୍ପନ୍ନ ହୁଏ ଏବଂ ତହିଁର ଗୁଣ ରୂପ ଅଟେ ।

**ଜ୍ୟୋତିଷଶ୍ଚ ବିକର୍ବାଣାଦାପୋ ରସଗୁଣାଃ ସ୍ମୃତା ।**
**ଅଦ୍ଭ୍ୟୋ ଗନ୍ଧଗଣା ଭୂମିରିତ୍ୟେଷା ସୃଷ୍ଟିରାଦିତଃ ।୭୮ ।**

ଅଗ୍ନିର ବିକାରରୁ ଜଳ ଉତ୍ପନ୍ନ ହୁଏ, ତହିଁରେ ଗୁଣ ରସ ଏବଂ ଜଳରୁ ଭୂମି ଜାତ ହୁଏ, ତହିଁରୁ ଗୁଣ ଗନ୍ଧ; ଏହାହିଁ ସୃଷ୍ଟିର କ୍ରମ ।

**ଯତ୍ ପ୍ରାଗ୍ ଦ୍ୱାଦଶ ସାହସ୍ର ମୁଦିତଂ ଦୈବିକଂ ଯୁଗଂ ।**
**ତଦେକସପ୍ତତିଗୁଣଂ ମନ୍ୱନ୍ତରମିହୋଚତେ ।୭୯ ।**

ପୂର୍ବେ ଯେ ବାରହଜାର ବର୍ଷରେ ଦେବଯୁଗ ବୋଲାଯାଇଅଛି ତହିଁରୁ ୭୧ ଗୁଣରେ ଏକ ମନ୍ୱନ୍ତର ହୁଏ ।

**ମନ୍ୱନ୍ତରଗଣ୍ୟସଂଖ୍ୟାନି ସର୍ଗ ସଂହାର ଏବ ଚ ।**
**କ୍ରୀଡ଼ନ୍ନିବୈତକ୍ରୂତେ ପରମେଷ୍ଠୀ ପୁନଃ ପୁନଃ ।୮୦ ।**

ମନ୍ୱନ୍ତର ଅସଂଖ୍ୟ ଏବଂ ସୃଷ୍ଟି ଓ ପ୍ରଳୟ ମଧ ଅସଂଖ୍ୟ । ପରମେଶ୍ୱର ପୁନଃ ପୁନଃ ଖେଳକରି ସହଜରେ ଏହା କରୁଅଛନ୍ତି, ଅର୍ଥାତ୍ ପରମେଶ୍ୱରଙ୍କର ଏହା ଲୀଳା ।

**ଚତୁଷ୍ପାତ୍ସକଳୋ ଧର୍ମ୍ମଃ ସତ୍ୟଂ ଚୈବ କୃତେ ଯୁଗେ ।**
**ନାଧର୍ମେଣାଗମ-କଶ୍ଚିନ୍ମନୁଷ୍ୟାନ୍ ପ୍ରତି ବର୍ତ୍ତତେ ।୮୧ ।**

ସତ୍ୟଯୁଗରେ ପୂର୍ଣ୍ଣ ଚାରିପାଦ ଧର୍ମ ଆଉ ସତ୍ୟ ଥାଏ, ଅଧର୍ମରେ କୌଣସି ଲୋକର ଧନପ୍ରାପ୍ତ ହୁଏ ନାହିଁ ।

**ଇତରେଷ୍ୱାଗମାଦ୍ଧର୍ମ୍ମଃ ପାଦଶସ୍ତ୍ୱ ବରୋପିତଃ ।**
**ଚୌରିକାନୃତମାୟାଭିର୍ଧର୍ମ୍ମଶ୍ଚ ପୈତି ପାଦଶଃ ।୮୨ ।**

ଅନ୍ୟ ତିନି ଯୁଗରେ ବେଦରେ ପ୍ରତିପାଦିତ ଧର୍ମ ଏକ ଏକ ପାଦ ଊଣା ହୁଏ ଏବଂ ଚୋରି, ମିଥ୍ୟକଥା ଓ କପଟତା ଦ୍ୱାରା ଧର୍ମ ଏକ ପାଦ କ୍ଷୀଣ ହୁଏ ।

**ଅରୋଗାଃ ସର୍ବସିଦ୍ଧାର୍ଥାଶ୍ଚ ତୁର୍ବର୍ଷଶତାୟୁଷଃ ।**
**କୃତେ ତ୍ରେତାଦିଷ୍ୱ ହ୍ୟେଷାମାୟୁର୍ହ୍ରସତି ପାଦଶଃ ।୮୩ ।**

ସତ୍ୟଯୁଗରେ ସମସ୍ତ ରୋଗରହିତ ହୁଅନ୍ତି ଓ ସକଳ ମନୋରଥ ସିଦ୍ଧ ହୁଏ ଏବଂ ଆୟୁ ଚାରିଶତ ବର୍ଷ । ପରେ ତ୍ରେତାଦିରେ ଏଥିରୁ ଏକ ଏକ ପାଦ ଆୟୁ କମିଯାଏ ।

**ବେଦୋକ୍ତମାୟୁର୍ମର୍ତ୍ତ୍ୟାନାମାଶିଷଶ୍ଚୈବ କର୍ମଣାମ୍ ।**
**ଫଳନ୍ତ୍ୟନୁଯୁଗଂ ଲୋକେ ପ୍ରଭାବଶ୍ଚ ଶରୀରିଣାଂ ।୮୪ ।**

ମନୁଷ୍ୟମାନଙ୍କର ବେଦାନୁକୂଳ ଆୟୁର କର୍ମଫଳ ଏବଂ ଶରୀର ଧାରଣର ପ୍ରଭାବ ଯୁଗାନୁକୂଳ ଫଳେ ।

**ଅନ୍ୟେ କୃତଯୁଗେ ଧର୍ମାସ୍ତ୍ରେତାୟଂ ଦ୍ୱାପରେ ପରେ ।**
**ଅନ୍ୟେ କଳିଯୁଗେ ନୃଣାଂ ଯୁଗହ୍ରାସାନୁରୂପତଃ ।୮୫ ।**

ଯୁଗରେ ହୀନତା ଅନୁସାରେ ମନୁଷ୍ୟର ଧର୍ମ ସତ୍ୟଯୁଗରେ ଏକ, ତ୍ରେତାରେ ଅନ୍ୟ; ଦ୍ୱାପରରେ ଅପର ଓ କଳିଯୁଗରେ ଭିନ୍ନ ଅଟେ ।

**ତପଃ ପରଂ କଳିଯୁଗେ ତ୍ରେତାୟାଂ ଜ୍ଞାନମୁଚ୍ୟତେ ।**
**ଦ୍ୱାପରେ ଯଜ୍ଞମେବାହୁ ର୍ଦାନମେକଂ କଳୌ ଯୁଗେ ।୮୬ ।***

ସତ୍ୟଯୁଗରେ ତପ ମୁଖ ଧର୍ମ, ତ୍ରେତାଯୁଗରେ ଜ୍ଞାନ ପ୍ରଧାନ, ଦ୍ୱାପର ଯୁଗରେ ଯଜ୍ଞ ପ୍ରଧାନ କର୍ମ ବୋଲି ବୋଲାଯାଏ ଏବଂ କଳିଯୁଗରେ ଦାନ ପ୍ରଧାନ କର୍ମ ଅଟେ ।

**ସର୍ବସ୍ୟାସ୍ୟ ତୁ ସର୍ଗସ୍ୟ ଗୁପ୍ତ୍ୟର୍ଥଂ ସ ମହାଦ୍ୟୁଦିଃ ।**
**ମୁଖବାହୁ ରୂପଜ୍ଜାନାଂ ପୃଥକ୍ କର୍ମାଣ୍ୟକଳ୍ପୟତ୍ ।୮୭ ।**

ସେହି ମହାପୁରୁଷ ଏହି ସବୁ ସୃଷ୍ଟିରକ୍ଷା କରିବା ସକାଶେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କ କର୍ମ ବୋଲି ନିର୍ଦ୍ଦେଶ କରିଅଛନ୍ତି ।

**ଅଧ୍ୟାପନମଧ୍ୟୟନଂ ଯଜନଂ ଯାଜନଂ ତଥା ।**
**ଦାନଂ ପ୍ରତିଗ୍ରହଂ ଚୈବ ବ୍ରାହ୍ମଣାନାମକଳ୍ପୟତ୍ ।୮୮।**

ବ୍ରାହ୍ମଣମାନଙ୍କର କର୍ମ ପଢ଼ିବା, ପଢ଼ାଇବା, ଯଜ୍ଞ କରିବା, ଯଜ୍ଞ କରାଇବା, ଦାନ ଦେବା ଓ ଦାନ ନେବା କର୍ମ ବୋଲି ନିର୍ଦ୍ଦିଷ୍ଟ ହୋଇଅଛି ।

**ପ୍ରଜାନାଂ ରକ୍ଷଣଂ ଦାନମିଜ୍ୟାଧ୍ୟାୟନମେବ ଚ ।**
**ବିଷୟେଷ୍ୱପ୍ରସକ୍ତିଶ୍ଚ କ୍ଷତ୍ରିୟସ୍ୟ ସମାସତଃ ।୮୯।**

ପ୍ରଜାମାନଙ୍କର ରକ୍ଷା, ଦାନ ଦେବା, ଯଜ୍ଞ କରିବା, ପଢ଼ିବା ଓ ବିଷୟମାନଙ୍କରେ ଅନାସକ୍ତି କ୍ଷତ୍ରିୟର କର୍ମ ଅଟେ ।

* ୮୧ ଠାରୁ ୮୬ ଶ୍ଳୋକ ପ୍ରକ୍ଷିପ୍ତ ।

**ପଶୂନାଂ ରକ୍ଷଣଂ ଦାନମିଜ୍ୟାଧ୍ୟୟନମେବ ଚ ।**
**ବଣିକ୍‌ପଥଂ କୁସୀଦଞ୍ଚ ବୈଶ୍ୟସ୍ୟ କୃଷିମେବ ଚ ।୯୦ ।**

ପଶୁରକ୍ଷା, ଦାନଦେବା, ଯଜ୍ଞ କରିବା, ପଢ଼ିବା, ବେପାର କରିବା, ସୁଧନେବା ଆଉ ଚାଷ କରିବା ବୈଶ୍ୟର କର୍ମ ।

**ଏକମେବ ତୁ ଶୂଦ୍ରସ୍ୟ ପ୍ରଭୁଃ କର୍ମ ସମାଦିଶତ୍ ।**
**ଏତେଷାମେବ ବର୍ଣ୍ଣାନାଂ ଶୁଶ୍ରୂଷାମନସୂୟୟା ।୯୧ ।**

ଅକ୍ଷୁଣ୍ଣ ଚିତ୍ତରେ ଏହି ତିନି ବର୍ଣ୍ଣର ସେବା କରିବା ଶୂଦ୍ରର ଗୋଟିଏ କର୍ମ ବୋଲି ପ୍ରଭୁ ନିର୍ଦ୍ଦେଶ କରିଅଛନ୍ତି ।

**ଊର୍ଦ୍ଧ୍ୱଂ ନାଭେ ର୍ମେଧ୍ୟତରଃ ପୁରୁଷଃ ପରିକୀର୍ତ୍ତିତଃ ।**
**ତସ୍ମାନ୍ମେଧ୍ୟଂତମଂ ତ୍ୱସ୍ୟ ମୁଖମୁକ୍ତଂ ସ୍ୱୟ ମ୍ଭୁବା ।୯୨।**

ପୁରୁଷ ପବିତ୍ର ମାତ୍ର ନାଭିର ଉପରିଭାର ପବିତ୍ରରେ ଏବଂ ତହିଁ ମଧ୍ୟରେ ମୁଖକୁ ପବିତ୍ରତମ ବୋଲି ପରମାତ୍ମା କହିଅଛନ୍ତି ।

**ଉତ୍ତମାଙ୍ଗୋଦ୍ଭବାଜ୍ଜ୍ୟେଷ୍ଠ୍ୟାଦ୍ ବ୍ରହ୍ମଣଶ୍ଚୈବ ଧାରଣାତ୍ ।**
**ସର୍ବସ୍ୟୈବାସ୍ୟ ସର୍ଗସ୍ୟ ଧର୍ମତୋ ବ୍ରାହ୍ମଣଃ ପ୍ରଭୁଃ ।୯୩ ।**

ଉତ୍ତମାଙ୍ଗୋଦ୍ଭବ ଅର୍ଥାତ୍ ମୁଖତୁଲ୍ୟ ହେବା, ଜ୍ୟେଷ୍ଠତା ଏବଂ ବେଦ ଧାରଣ କରିବାରୁ ବ୍ରାହ୍ମଣ ଏହି ସମ୍ପୂର୍ଣ୍ଣ ଜଗତର ଧର୍ମତଃ ପ୍ରଭୁ ଅଟନ୍ତି ।

**ତଂ ହି ସ୍ୱୟଂମ୍ଭୁଃ ସ୍ୱାଦାସ୍ୟାତ୍ତପସ୍ତପ୍ତ୍ୱାଦିତୋଽସୃଜତ୍ ।**
**ହବ୍ୟକବ୍ୟାଭିବାହ୍ୟାୟ ସର୍ବସ୍ୟାସ୍ୟ ଚ ଗୁପ୍ତୟେ ।୯୪ ।**

କାରଣ ହବ୍ୟ କବ୍ୟ ପହଞ୍ଚାଇବା ଏବଂ ସମ୍ପୂର୍ଣ୍ଣ ଜଗତର ରକ୍ଷା ସକାଶେ (ଜ୍ଞାନମୟ) ତପସ୍ୟା କରି ଆପଣାର (ସ୍ୱସ୍ୱାମି ଭାବ ଯୋଗେ) ମୁଖରୁ ସେହି ଆପଣାର ବ୍ରାହ୍ମଣକୁ ବ୍ରହ୍ମା ସୃଷ୍ଟି କରିଥିଲେ ।

ଏଠାରେ ଦ୍ରଷ୍ଟବ୍ୟ ଏହି ଯେ ଅଗ୍ନିରେ ହୋମ ବା ଯଜ୍ଞ କରିବାଦ୍ୱାରା ହବ୍ୟକବ୍ୟ ଦେବଲୋକ ଅର୍ଥାତ୍ ବାୟୁଆଦି ଓ ପିତୃଲୋକ ଅର୍ଥାତ୍ ଚନ୍ଦ୍ର କରଣାଦିରେ ପହୁଞ୍ଚେ ବ୍ରାହ୍ମଣର କର୍ମ ମୁଖଦ୍ୱାରା ଅର୍ଥାତ୍ ମୁଖରେ ପଢ଼ିବା, ମୁଖରେ ପଢ଼ାଇବା, ଯଜ୍ଞ କରିବା କରାଇବାରେ, ମୁଖରେ ବେଦପାଠ ମଧ୍ୟ ଦାନ ଓ ଆଦାନର ବାକ୍ୟ ଉଚ୍ଚାରଣ ମୁଖଦ୍ୱାରା ହୁଏ । ପରମାତ୍ମା ବେଦଦ୍ୱାରା ଧର୍ମୋପଦେଶ ଦେଇଅଛନ୍ତି । ଅନନ୍ତ ଶକ୍ତି ସମ୍ପନ୍ନ ସଚ୍ଚିଦାନନ୍ଦ ସ୍ୱରୂପ ପରମାତ୍ମାଙ୍କର ମୁଖ ବୋଲି ଗୋଟିଏ ଆକାର ନାହିଁ ମାତ୍ର ମୁଖର ଶକ୍ତି ଅଛି ଏବଂ ସେହି ଶକ୍ତିଦ୍ୱାରା ବ୍ରାହ୍ମଣ ଋଷିଙ୍କୁ ସୃଷ୍ଟି କରିଅଛନ୍ତି ।

**ଯସ୍ୟାସ୍ୟେନ ସଦାଶନ୍ତି ହବ୍ୟାନି ତ୍ରିଦିବୌକସଃ ।**
**କବ୍ୟାନି ଚୈବ ପିତରଃ କିଂଭୂତମଧିକଂ ତାତଃ ।୯୫ ।**

ହବନଦ୍ୱାରା ଯାହାଙ୍କ ମୁଖରୁ ଅର୍ଥାତ୍ ମୁଖୋଚ୍ଚାରିତ ମନ୍ତ୍ର ସହିତ ତ୍ରିଦିବୌକସ୍ (ପୃଥିବୀ ଅନ୍ତରୀକ୍ଷ ଦିବସ ନିରୁକ୍ତୋକ୍ତ ବାୟୁଆଦି) ଦେବତା ହବ୍ୟ ଆଉ ପିତୃଲୋକ କବ୍ୟ ପ୍ରାପ୍ତ ହୁଏ ତାଙ୍କଠାରୁ ଅଧିକ କେଉଁ ପ୍ରାଣୀ ହେବ ?

**ଭୂତାନାଂ ପ୍ରାଣିନଃ ଶ୍ରେଷ୍ଠାଃ ପ୍ରାଣିନାଂ ବୁଦ୍ଧିଜୀବିନଃ ।**
**ବୁଦ୍ଧିମତ୍ସୁ ନରାଃ ଶ୍ରେଷ୍ଠା ନରେଷୁ ବ୍ରାହ୍ମଣା ସ୍ମୃତଃ । ୯୬ ।**

ସ୍ଥାବର ଜଙ୍ଗମ ଭୂତମାନଙ୍କ ମଧ୍ୟରେ କୀଟାଦି ପ୍ରାଣୀ ଶ୍ରେଷ୍ଠ, ତହିଁ ମଧ୍ୟରେ ପଶ୍ୱାଦି ବୁଦ୍ଧିଜୀବୀ ଶ୍ରେଷ୍ଠ ଏବଂ ବୁଦ୍ଧିମାନଙ୍କ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ ଅଟେ, ପୁଣି ମନୁଷ୍ୟମାନଙ୍କ ମଧ୍ୟରେ ବ୍ରାହ୍ମଣ ଶ୍ରେଷ୍ଠ ଅଟନ୍ତି ।

**ବ୍ରାହ୍ମଣେଷୁ ତୁ ବିଦ୍ୱାଂ ସୋଽବିଦ୍ୱତ୍ ସୁକୃତ ବୁଦ୍ଧୟଃ ।**
**କୃତବୁଦ୍ଧିଷୂ କର୍ତ୍ତାରଃ କର୍ତ୍ତୃଷୁ ବାହ୍ମବେଦିନଃ । ୯୭ ।**

ବ୍ରାହ୍ମଣମାନଙ୍କ ମଧ୍ୟରେ ଅଧିକ ବିଦ୍ୟାଯୁକ୍ତ ଶ୍ରେଷ୍ଠ, ବିଦ୍ୱାନ୍‌ମାନଙ୍କ ମଧ୍ୟରେ କର୍ମ ବିଷୟରେ କର୍ତ୍ତବ୍ୟବୁଦ୍ଧିମାନ୍‌ମାନେ ଶ୍ରେଷ୍ଠ, କୃତବୁଦ୍ଧିମାନଙ୍କ ମଧ୍ୟ କର୍ତ୍ତବ୍ୟ କର୍ମକାରୀ ଏବଂ କର୍ତ୍ତବ୍ୟକର୍ମକାରୀଙ୍କ ମଧ୍ୟରେ ବ୍ରହ୍ମଜ୍ଞମାନେ ଶ୍ରେଷ୍ଠ ଅଟନ୍ତି ।

**ଉତ୍ପତ୍ତିରେବ ବିପ୍ରସ୍ୟ ମୂର୍ତ୍ତିର୍ଧର୍ମସ୍ୟ ଶାଶ୍ୱତୀ ।**
**ସ ହି ଧର୍ମାର୍ଥମୁତ୍ପନ୍ନୋ ବ୍ରହ୍ମଭୂୟାୟ କଳ୍ପତେ । ୯୮ ।**

ବ୍ରହ୍ମଜ୍ଞର ଉତ୍ପତ୍ତିହିଁ ଧର୍ମର ଶାଶ୍ୱତ ମୂର୍ତ୍ତି ଅଟେ, ସେ ଧର୍ମାର୍ଥ ଉତ୍ପନ୍ନ ହୋଇଅଛନ୍ତି ଏବଂ ମୋକ୍ଷର ଅଧିକାରୀ ।*

**ବ୍ରାହ୍ମଣୋ ଜାୟମାନୋ ହି ପୃଥିବ୍ୟାମଧିଜାୟତେ ।**
**ଈଶ୍ୱରଃ ସର୍ବଭୂତାନାଂ ଧର୍ମକୋଷସ୍ୟ ଗୁପ୍ତୟେ । ୯୯ ।**

ବ୍ରାହ୍ମଣ ଉତ୍ପନ୍ନ ହେବା ପୃଥିବୀରେ ଶ୍ରେଷ୍ଠ ଜନ୍ମ । କାରଣ ସକଳ ଜୀବମାନଙ୍କର ଧର୍ମରୂପ କୋଷ ରକ୍ଷାର୍ଥ ସେ ପ୍ରଭୁ ଅଟନ୍ତି ଅର୍ଥାତ୍ ଧର୍ମର ଉପଦେଶ ବ୍ରାହ୍ମଣ ଦ୍ୱାରାହିଁ ହୁଏ ।

**ସର୍ବଂ ସ୍ୱଂ ବ୍ରହ୍ମଣସ୍ୟେଦଂ ଯତ୍ କିଂଚିଜ୍ଜଗତୀଗତମ୍ ।**
**ଶ୍ରେଷ୍ଠୋ ନାଭିଜନେନେଦାଂ ସର୍ବଂ ବୈ ବ୍ରାହ୍ମଣୋଽର୍ହତି । ୧୦୦ ।**

ଜଗତରେ ଯାହାକିଛି ପଦାର୍ଥ ଅଛି ସେସବୁ ବ୍ରାହ୍ମଣର ଅଟେ । ବ୍ରହ୍ମୋତ୍ପତ୍ତି ରୂପ ଶ୍ରେଷ୍ଠତା ହେତୁ ବ୍ରାହ୍ମଣ ସମସ୍ତ ଗ୍ରହଣ କରିବାର ଯୋଗ୍ୟ ଅଟନ୍ତି ।

**ସମେବ ବ୍ରାହ୍ମଣୋଭୁଙ୍କ୍ତେ ସ୍ୱଂ ବସ୍ତେ ସ୍ୱଂ ଦଦାତି ଚ ।**
**ଆନୃଶଂସ୍ୟାଦ୍ ବ୍ରାହ୍ମଣସ୍ୟ ଭୁଞ୍ଜତେ ହୀତରେ ଜନାଂ । ୧୦୧ ।**

ବ୍ରାହ୍ମଣ ଯାହା ଭୋଜନ କରନ୍ତି, ଯାହା ପରିଧାନ କରନ୍ତି ଏବଂ ଯାହା ଦାନ କରନ୍ତି ତାହା ଅନ୍ୟ ପ୍ରଦତ୍ତ ହେଲେ ସୁଦ୍ଧା ନିଜର; କାରଣ ଅନ୍ୟଲୋକ ଯାହା ଭୋଜନାଦି କରନ୍ତି ତାହା ବ୍ରାହ୍ମଣଙ୍କ କୃପାରୁ, ଯେହେତୁ ବ୍ରାହ୍ମଣଙ୍କଠାରୁ ଜ୍ଞାନ ନ ଅର୍ଜିଲେ କେହି ଧର୍ମଭାବରେ ଅର୍ଜନ କରିପାରିବେ ନାହିଁ ଏବଂ ବ୍ରାହ୍ମଣଙ୍କର କାର୍ଯ୍ୟ କେବଳ ଅଧ୍ୟୟନ ଅଧ୍ୟାପନାଦି ହେତୁ ଅନ୍ୟ ପ୍ରଦତ୍ତ ଭୋଜନାଦି ତାଙ୍କରି ଉପଦେଶ ବଳରୁ ହେବା ଯୋଗେ ବ୍ରାହ୍ମଣଙ୍କର ।

**ତସ୍ୟ କର୍ମ ବିବେକାର୍ଥଂ ଶେଷାଣାମନୁପୂର୍ବଶଃ ।**
**ସ୍ୱାୟଂଭୁବୋ ମନୁର୍ଧୀମାନିଦଂ ଶାସ୍ତ୍ରମକଳ୍ପୟତ୍ ।୧୦୨।**

ସେହି ବ୍ରାହ୍ମଣଙ୍କ କର୍ମ ଆଉ ଅବଶିଷ୍ଟ କ୍ଷତ୍ରିୟାଦିଙ୍କ କର୍ମ କ୍ରମଶଃ ଜାଣିବା ସକାଶେ ବୁଦ୍ଧିମାନ୍ ସ୍ୱାୟମ୍ଭୁବ ମନୁ ଏହି ଧର୍ମଶାସ୍ତ୍ର ରଚନା କରିଅଛନ୍ତି ।

**ବିଦୁଷା ବ୍ରାହ୍ମଣେନେଦମଧ୍ୟେତବ୍ୟଂ ପ୍ରଯତ୍ନତଃ ।**
**ଶିଷ୍ୟେଭ୍ୟଶ୍ଚ ପ୍ରବକ୍ତବ୍ୟଂ ସମ୍ୟକ୍ ନାନ୍ୟେନ କେନଚିତ୍ । ୧୦୩ ।**

* ବ୍ରାହ୍ମଣର ଉତ୍ପତ୍ତି ବିଦ୍ୟା ସମ୍ବନ୍ଧୀୟ ଦ୍ୱିତୀୟ ଜନ୍ମ ବୋଲି ଜାଣିବା ଉଚିତ । କେବଳ ଗର୍ଭରୁ ଜାତ ହେଲେ କେହି ବ୍ରାହ୍ମଣ ନୁହେଁ ।

ବିଦ୍ୱାନ୍ ବ୍ରାହ୍ମଣ ଏହି ଧର୍ମଶାସ୍ତ୍ର ପଢ଼ିବା ଓ ଶିଷ୍ୟକୁ ପଢ଼ାଇବା କର୍ତ୍ତବ୍ୟ ମାତ୍ର । ତାଙ୍କ ବ୍ୟତୀତ ଅନ୍ୟ କେହି କରିବେ ନାହିଁ ।

**ଇଦଂ ଶାସ୍ତ୍ରମଧୀୟନୋ ବ୍ରାହ୍ମଣଂ ଶଂସିତବ୍ରତଃ ।**
**ମନୋବାଗ୍ ଦେହଜୈର୍ନିତ୍ୟଂ କର୍ମଦୋଷୈର୍ନଲିପ୍ୟତେ ।୧୦୪।**

ଏହି ଶାସ୍ତ୍ରପଢ଼ା ଓ ତଦାଜ୍ଞାନୁସାରେ କର୍ମଚାରୀ ବ୍ରାହ୍ମଣ ମନ-ବାଣୀ-ଦେହ-ଜନିତ ଦୋଷରେ ନିତ୍ୟ ଲିପ୍ତ ହୁଅନ୍ତି ନାହିଁ ।

**ପୁନାତି ପଙ୍କ୍ତିଂ ବଂଶ୍ୟାଶ୍ଚ ସପ୍ତ ପରାବରାନ୍ ।**
**ପୃଥିବୀମପି ଚୈବେମାଂ କୃତ୍ସ୍ନାମେକୋଽପି ସୋଽର୍ହତି ।୧୦୫।**

ସେ ପଂକ୍ତି ଓ ବଂଶର ସାତ ପିତା ପ୍ରପିତାଦି ଓ ସାତପୁତ୍ର ପୌତ୍ରାଦି କ୍ରମରେ ୧୪ ପୁରୁଷ ପବିତ୍ର କରନ୍ତି ଏବଂ ସେ ସମୁଦାୟ ପୃଥିବୀ ଦାନ ପାଇବାର ଯୋଗ୍ୟ ଅଟନ୍ତି ।

**ଇଦଂ ସ୍ୱସ୍ତ୍ୟୟନଂ ଶ୍ରେଷ୍ଠମିଦଂ ବୁଦ୍ଧିବିବର୍ଦ୍ଧନମ୍ ।**
**ଇଦଂ ଯଶସ୍ୟମାୟୁଷ୍ୟମିଦଂ ନିଃଶ୍ରେୟସଂ ପରମ୍ ।୧୦୬।**

ଏହି ଶାସ୍ତ୍ର ମହାକଲ୍ୟାଣ ଦିଏ ଏବଂ ବୁଦ୍ଧି ବଢ଼ାଏ, ତଥା ଯଶ, ଆୟୁ ଏବଂ ଶ୍ରେଷ୍ଠ ମୋକ୍ଷ ଦିଏ ।

**ଅସ୍ମିନ୍ ଧର୍ମୋଽଖିଳେନୋକ୍ତୋ ଗୁଣଦୋଷୌ ଚ କର୍ମ୍ମଣାମ୍ ।**
**ଚତୁର୍ଣ୍ଣାମପବର୍ଣ୍ଣାନାମାଚାରଶ୍ଚୈବ ଶାଶ୍ୱତଃ ।୧୦୭। ⁂**

ଏହି ସ୍ମୃତିରେ ସମଗ୍ର ଧର୍ମ ତଥା କର୍ମମାନଙ୍କର ଦୋଷଗୁଣ ମଧ୍ୟ ଚାରିବର୍ଣ୍ଣର ପରମ୍ପରାଗତ ଆଚାର ବୋଲାଯାଇଅଛି ।

**ଆଚାରଃ ପରମୋଧର୍ମ୍ମଶ୍ରୁ ତ୍ୟୁକ୍ତଃ ସ୍ମାର୍ତ୍ତ ଏବ ଚ ।**
**ତସ୍ମାଦସ୍ମିନ୍ ସଦା ଯକ୍ତୋ ନିତ୍ୟଂ ସ୍ୟାଦାତ୍ମବାନ୍ ଦ୍ୱିଜଃ ।୧୦୮।**

ଶ୍ରୁତି ଓ ସ୍ମୃତିରେ ବୋଲାଯାଇଥିବା ଆଚାର ପରମ ଧର୍ମ ଅଟେ । ଏ ହେତୁ ଆପଣା - ହିତେଚ୍ଛୁ ଦ୍ୱିଜ ସର୍ବଦା ଏହି ଆଚାରଯୁକ୍ତ ହେବେ ।

**ଆଚାରାଦ୍ ବିଚ୍ୟୁତୋ ବିପ୍ରୋ ନ ବେଦଫଳମଶ୍ନୁତେ ।**
**ଆଚାରେଣ ତୁ ସଂଯୁକ୍ତ ସମ୍ପୂର୍ଣ୍ଣଫଳଭାଗ୍ ଭବେତ୍ ।୧୦୯।**

ଆଚାରଭ୍ରଷ୍ଟ ବିପ୍ର ବେଦଫଳ ପାଏ ନାହିଁ ମାତ୍ର ଯେ ଆଚାରଯୁକ୍ତ ସେ ସମ୍ପୂର୍ଣ୍ଣ ଫଳଭୋଗୀ ହୁଏ ।

**ଏବମାଚାରତୋ ଦୃଷ୍ଟ୍ୱା ଧର୍ମ୍ମସ୍ୟ ମୁନୟୋ ଗତିମ୍ ।**
**ସର୍ବସ୍ୟ ତପସୋ ମୂଳମାଚାରଂ ଯଗୃହୁଃ ପରମ୍ ।୧୧୦।**

ମୁନିମାନେ ଏହିପରି ଆଚାରରୁ ଧର୍ମପ୍ରାପ୍ତ ଦେଖି ଆଚାରକୁ ଧର୍ମର ପରମ ମୂଳ ବୋଲି ଘେନିଅଛନ୍ତି ।

**ଜଗତଶ୍ଚ ସମୁତ୍ପତ୍ତି ସଂସ୍କାରବିଧିମେବ ଚ ।**
**ବ୍ରତଚର୍ଯ୍ୟୋପଚାରଞ୍ଚ ସ୍ନାନସ୍ୟ ଚ ପରଂ ବିଧିମ୍ ।୧୧୧।**

ଜଗତର ଉତ୍ପତ୍ତି ଆଉ ସଂସ୍କାର ବିଧି ଏବଂ ବ୍ରହ୍ମଚାରୀମାନଙ୍କର ବ୍ରହ୍ମଚର୍ଯ୍ୟ ଓ ଗୁରୁ ଇତ୍ୟାଦିଙ୍କ ଅଭିବାଦନ ଓ ଉପାସନ ମଧ୍ୟ ସ୍ନାନର ଉତ୍କୃଷ୍ଟ ବିଧି ।

---

⁂ ୧୦୨ ଠାରୁ ୧୦୭ ଶ୍ଳୋକ ପ୍ରକ୍ଷିପ୍ତ ।

**ଦାରାଧିଗମନଞ୍ଚୈ ବିବାହାନାଂ ଚ ଲକ୍ଷଣଂ ।**

**ମହାଯଜ୍ଞବିଧାନଞ୍ଚ ଶ୍ରାଦ୍ଧକଳ୍ପଶ୍ଚ ଶାଶ୍ୱତଃ ।୧୧୨।**

ସ୍ତ୍ରୀ ଗମନ ଓ ବିବାହର ଲକ୍ଷଣ ଆଉ ମହାଯଜ୍ଞ ବିଧି ଓ ପରମ୍ପରାଗତାଶ୍ରାଦ୍ଧକଳ୍ପ ।

**ବର୍ତ୍ତୀନାଂ ଲକ୍ଷଣଞ୍ଚୈବ ସ୍ନାତକସ୍ୟ ବ୍ରତାନି ଚ ।**

**ଭକ୍ଷ୍ୟଭକ୍ଷ୍ୟଞ୍ଚ ଶୌଚଞ୍ଚ ଦ୍ରବ୍ୟାଣଂ ଶୁଦ୍ଧମେବ ଚ ।୧୧୩।**

ଜୀବିକାର ଲକ୍ଷଣ ଓ ଗୃହୀର ବ୍ରତମାନ ଆଉ ଭକ୍ଷ, ଅଭକ୍ଷ, ଶୌଚ ଏବଂ ଦ୍ରବ୍ୟମାନଙ୍କର ଶୁଦ୍ଧ ।

**ସ୍ତ୍ରୀ ଧର୍ମ୍ମ ଯୋଗଂ ତାପସ୍ୟଂ ମୋକ୍ଷଂ ସନ୍ନ୍ୟାସମେବ ଚ ।**

**ରାଜ୍ଞଶ୍ଚ ଧର୍ମ୍ମମଖିଳଂ କାର୍ଯ୍ୟଣାଞ୍ଚ ବି ନିର୍ଣ୍ଣୟଂ ।୧୧୪।**

ସ୍ତ୍ରୀ ମାନଙ୍କର ଧର୍ମ୍ମୋପାୟ, ବାନପ୍ରସ୍ଥ ଆଦି ତପସ୍ୱିମାନଙ୍କର ଧର୍ମ ମୋକ୍ଷ ଏବଂ ସନ୍ନ୍ୟାସ ଧର୍ମ ଆଉ ରାଜାଙ୍କ ଅଖିଳ ଧର୍ମ କାର୍ଯ୍ୟମାନଙ୍କର ବିଚାର ।

**ସାକ୍ଷି ପ୍ରଶ୍ନ ବିଧାନାଶ୍ଚ ଧର୍ମଂ ସ୍ତ୍ରୀପୁଂସୟୋରପି ।**

**ବିଭାଗଧର୍ମଂ ଦ୍ୟୂତଞ୍ଚ କଣ୍ଟକାନାଞ୍ଚ ଶୋଧନଂ ।୧୧୫।**

ସାକ୍ଷିକୁ ପ୍ରଶ୍ନ କରିବା ବିଧି ଓ ସ୍ତ୍ରୀ ପୁରୁଷଙ୍କ ଧର୍ମ ଆଉ ଦାୟବିଭାଗ ଏବଂ ଦ୍ୟୁତବିଧାନ ତଥା ତସ୍କରାଦିର ଶାସ୍ତି ।

**ବୈଶ୍ୟଶୂଦ୍ରୋପଚାରଞ୍ଚ ସଙ୍କୀର୍ଣ୍ଣାନାଞ୍ଚ ସମ୍ଭବଂ ।**

**ଆପଦ୍ଧର୍ମ୍ମଞ୍ଚ ବର୍ଣ୍ଣାନାଂ ପ୍ରାୟଶ୍ଚିତ୍ତବିଧିଂ ତଥା ।୧୧୬।**

ବୈଶ୍ୟ ଶୂଦ୍ରମାନଙ୍କର ସ୍ୱଧର୍ମାନୁଷ୍ଠାନ ଓ ବର୍ଣ୍ଣଶଙ୍କରମାନଙ୍କର ଆଉ ବର୍ଣ୍ଣମାନଙ୍କର ଉତ୍ପତ୍ତି ଅପଧର୍ମ ତଥା ପ୍ରାୟଶ୍ଚିତ୍ତ ବିଧି ।

**ସଂସାରଗମନଞ୍ଚୈବ ତ୍ରିବିଧଂ କର୍ମ୍ମ ସମ୍ଭବଂ ।**

**ନିଃଶ୍ରେୟସଂ କର୍ମଣାଞ୍ଚ ଗୁଣଦୋଷପରୀକ୍ଷଣଂ ।୧୧୭।**

ଦେହାନ୍ତର ପ୍ରାପ୍ତିରୂପ ଉତ୍ତମ, ମଧ୍ୟମ ଓ ଅଧର୍ମ ତିନି ପ୍ରକାର ଶୁଭାଶୁଭ କର୍ମ ସମ୍ଭବ ଓ ମୋକ୍ଷର ସ୍ୱରୂପ ଏବଂ କର୍ମମାନଙ୍କର ଗୁଣଦୋଷ ପରୀକ୍ଷା ।

**ଦେଶଧର୍ମ୍ମାନ୍ ଜାତିଧର୍ମ୍ମାନ୍ କୁଳଧର୍ମ୍ମାଶ୍ଚ ଶାଶ୍ୱତାନ୍ ।**

**ପାଷାଣ୍ଡଗଣଧର୍ମ୍ମାଶ୍ଚଂ ଶାସ୍ତ୍ରେଽସ୍ମିନ୍ନୁକ୍ତବାନ୍ ମନୁଃ ।୧୧୮।**

ପରମ୍ପରାଗତ ଦେଶଧର୍ମ, ଜାତିଧର୍ମ ଓ କୁଳଧର୍ମ ଆଉ ପାଷାଣ୍ଡମାନଙ୍କର ବେଦନିଷିଧ କର୍ମ ଓ ଗୁଣଧର୍ମ ଏହି ଶାସ୍ତ୍ରରେ ମନୁ କହିଅଛନ୍ତି ।

**ଯଥେଦମୁକ୍ତବାନ୍ ଶାସ୍ତ୍ରଂ ପୁରା ପୃଷ୍ଟୋ ମନୁର୍ମ୍ମୟା ।**

**ତଥେଦଂ ଯୂୟମପ୍ୟଦ୍ୟ ମତ୍ସକାଶାନ୍ନିବୋଧତ ।୧୧୯। ❊**

ପୂର୍ବେ ଆମ୍ଭେ ପଚାରିବାରୁ ମନୁ ଏହି ଶାସ୍ତ୍ର ଯେପରି କହିଥିଲେ ସେହିପରି ତୁମ୍ଭେମାନେ ଆଜି ଏହି ଶାସ୍ତ୍ର ଆମ୍ଭଠାରୁ ଶୁଣ ।

**ପ୍ରଥମ ଅଧ୍ୟାୟ ସମାପ୍ତ ।**

—o—

# ଦ୍ୱିତୀୟୋଽଧ୍ୟାୟ

**ବିଦ୍ୱଦ୍ଭିଃ ସେବିତଃ ସଦ୍ଭି ନିତ୍ୟମଦ୍ୱେଷରାଗିଭିଃ ।**

**ହୃଦୟନାଭ୍ୟସଂଜ୍ଞାତୋ ଯୋ ଧର୍ମସ୍ତଂନିବୋଧତ ।୧।**

---

❊ ୧୧୧ ଠାରୁ ୧୧୮ ଶ୍ଲୋକ ପ୍ରକ୍ଷିପ୍ତ ।

ବେଦଜ୍ଞ ଓ ରାଗଦ୍ୱେଷାଦିରହିତ ମହାତ୍ମାମାନଙ୍କ ସେବିତ ଓ ହୃଦୟର ଅଭିଜ୍ଞାତ ଧର୍ମକୁ ଶୁଣ ।

**କାମାତ୍ମତା ନ ପ୍ରଶସ୍ତା ନ ଚୈବେହାସ୍ତ୍ୟକାମତା ।**
**କାମ୍ୟୋ ହି ବେଦାଧିଗମଃ କର୍ମ୍ମ ଯୋଗଶ୍ଚ ବୈଦିକଃ ।୨।**

କାମାତ୍ମା ହେବା ଅଥବା କେବଳ ନିଷ୍କାମ ହେବା ଏହି ସଂସାରରେ ପ୍ରଶସ୍ତ ନୁହେଁ ; କାରଣ ବେଦଜ୍ଞାନ ଓ ବେଦୋକ୍ତ କର୍ମାନୁଷ୍ଠାନ କାମନା କରିବାର ଉପଯୁକ୍ତ ।

**ସଙ୍କଳ୍ପମୂଳଃ କାମୋବୈ ଯଜ୍ଞାଃ ସଙ୍କଳ୍ପଃ ସମ୍ଭବାଃ ।**
**ବ୍ରତାନିୟଧର୍ମ୍ମାଶ୍ଚ ସର୍ବେ ସଙ୍କଳ୍ପଜାଃ ସ୍ମୃତା ।୩।**

ଏହି କର୍ମ କଲେ ଏହି ଇଷ୍ଟଫଳ ମିଳିବ ଏହାହିଁ ସଂକଳ୍ପ, କାମନା ସଂକଳ୍ପମୂଳକ ଅଟେ ଏବଂ ଯଜ୍ଞାଦି ସଙ୍କଳ୍ପରୁ ହୁଏ । ବ୍ରତ, ନିୟମ, ଧର୍ମ ଏସବୁ ସଙ୍କଳ୍ପରୁ ଜାତ । ଅର୍ଥାତ୍ ବିନା ସଙ୍କଳ୍ପରେ କିଛି ହୁଏ ନାହିଁ ।

**ଅକାମସ୍ୟ କ୍ରିୟା କାଚିଦ୍ଦୃଶ୍ୟତେ ନେହ କର୍ହିଚିତ୍ ।**
**ଯଦ୍ୟଦ୍ଧି କୁରୁତେ କିଞ୍ଚିତ୍ତତ୍ କାମସ୍ୟ ଚେଷ୍ଟିତମ୍ ।୪।**

ଲୋକଙ୍କ ମଧ୍ୟରେ ଭୋଜନ ଗମନାଦି କୌଣସି କାର୍ଯ୍ୟ ବିନା କେବେ ଦେଖା ନଯାଏ । ଏ ହେତୁ ଲୋକ ଯେ କିଛି କର୍ମ କରେ ତାହା ଇଚ୍ଛାରୁ ଚେଷ୍ଟିତ ହୁଏ ।

**ତେଷୁ ସମ୍ୟଗ୍‌ଗର୍ତ୍ତମାନୋ ଗଚ୍ଛତ୍ୟମର ଲୋକତାମ୍ ।**
**ଯଥା ସଙ୍କଳ୍ପିତାଶ୍ଚେହ ସର୍ବାନ୍ କାମାନ୍ ସମଶ୍ନୁତେ ।୫।**

ସେହି ଶାସ୍ତ୍ରୋକ୍ତ କର୍ମଚାରୀମାନଙ୍କର ଉତ୍ତମରୂପ ଆଚରଣକାରୀ ଅମର ଲୋକତା ବା ମୋକ୍ଷପ୍ରାପ୍ତ ହୁଏ ଆଉ ଇହଲୋକରେ ସ୍ୱକଳ୍ପାନୁରୂପେ ସକଳ କାମନା ପୂର୍ଣ୍ଣ ହୁଏ ।

**ବେଦୋଽଖିଳୋ ଧର୍ମମୂଳଂ ସ୍ମୃତିଶୀଳେ ଚ ତଦ୍‌ବିଦାମ୍ ।**
**ଆଚାରଶ୍ଚୈବ ସାଧୁନାମାତ୍ମନ ସ୍ତୁଷ୍ଟିରେବ ଚ ।୬।**

ସକଳ ବେଦ ଧର୍ମମୂଳକ ଏବଂ ବେଦଜ୍ଞମାନଙ୍କର ସ୍ମୃତି ତଥା ଶୀଳ ସୁଦ୍ଧା ଧର୍ମମୂଳକ ଅଟେ । ସେହିପରି ସାଧୁମାନଙ୍କର ଆଚାର ଓ ଆତ୍ମାର ସନ୍ତୋଷ ମଧ୍ୟ ଧର୍ମମୂଳକ ।

**ଯଃ କଶ୍ଚିତ୍ କସ୍ୟଚିଦ୍ଧର୍ମୋ ମନୁ ନା ପରିକୀର୍ତ୍ତିତଃ ।**
**ସ ସର୍ବୋଽଭିହିତୋ ବେଦେ ସର୍ବଜ୍ଞାନମୟୋ ହି ସଃ ।୭।***

ଯେଉଁ ବର୍ଣ୍ଣ ସକାଶେ ଯେଉଁ ଧର୍ମ ମନୁ କହିଅଛନ୍ତି ସେ ସବୁ ବେଦରେ କଥିତ ଅଛି, କାରଣ ବେଦ ସର୍ବଜ୍ଞାନମୟ ଅର୍ଥାତ୍ ସକଳ ବିଦ୍ୟାର ଭଣ୍ଡାର ।

**ସର୍ବଂ ତୁ ସମବେକ୍ଷ୍ୟେଦଂ ନିଖିଳଂ ଜ୍ଞାନ ଚକ୍ଷୁଷା ।**
**ଶ୍ରୁତିପ୍ରମାଣ୍ୟତୋ ବିଦ୍ୱାନ୍ ସ୍ୱଧର୍ମେ ନିବିଶେତ ବୈ ।୮।**

ବିଦ୍ୱାନ୍‌ମାନଙ୍କର ଉଚିତ୍ ଏହିସବୁ ଧର୍ମଶାସ୍ତ୍ରକୁ ଜ୍ଞାନଚକ୍ଷୁ ଦ୍ୱାରା ବେଦ ପ୍ରମାଣର ପରୀକ୍ଷା କରି ଆପଣାର ଧର୍ମାନୁଷ୍ଠାନ କରିବେ ।

**ଶ୍ରୁତିସ୍ମୃତ୍ୟୁଦିତଂ ଧର୍ମ୍ମମନୁ ତିଷ୍ଠନ୍ ହି ମାନବଃ**
**ଇହ କୀର୍ତ୍ତିମେବାପ୍ନୋତି ପ୍ରେତ୍ୟ ଚାନୁତ୍ତମଂ ସୁଖଂ ।୯।**

* ଏ ଶ୍ଳୋକ ପ୍ରକ୍ଷିପ୍ତ ।

ମାନବ ବେଦ ଓ ଶ୍ରୁତିରେ ପ୍ରତିପାଦିତ ଧର୍ମର ଅନୁଷ୍ଠାନ କଲେ ଇହଲୋକରେ ତାହାକୁ କୀର୍ତ୍ତି ପରଲୋକରେ ଉତ୍କୃଷ୍ଟ ସୁଖ ମିଳେ ।

**ଶ୍ରୁତିସ୍ତୁ ବେଦୋ ବିଜ୍ଞେୟୋ ଧର୍ମଶାସ୍ତ୍ରଂ ତୁ ବୈ ସ୍ମୃତିଃ ।**
**ତେ ସର୍ବାର୍ଥେଷ୍ୱ ମୀମାଂସ୍ୟେ ତାଭ୍ୟାଂ ଧର୍ମୋ ହି ନିର୍ବଭୌ ।୧୦।**

ଶ୍ରୁତିବେଦ ଏବଂ ମନ୍ୱାଦି ଧର୍ମଶାସ୍ତ୍ର ସ୍ମୃତି ଅଟେ । ଏ ଦୁହେଁ ସମ୍ପୂର୍ଣ୍ଣ ଅର୍ଥରେ ନିର୍ବିବାଦ, କାରଣ ସେ ଦୁହିଁରୁ ପ୍ରକାଶିତ ହୋଇଅଛି ।

**ଯୋଽବମନ୍ୟେତ ତେ ମୂଳେ ହେତୁଶାସ୍ତ୍ରାଶ୍ରୟଦ୍ୱିଜଃ ।**
**ସ ସାଧୁଭିର୍ବହିଷ୍କାର୍ଯୋ ନାସ୍ତିକୋ ବେଦନିନ୍ଦକଃ ।୧୧।**

ଯେ ଦ୍ୱିଜ କୁତର୍କାଦି ଦ୍ୱାରା ଏହାକୁ ନିନ୍ଦାକରେ ସାଧୁମାନେ ତାହାକୁ ବାହାର କରିଦେବା ଉଚିତ—ସେ ବେଦ ନିନ୍ଦୁକ ନାସ୍ତିକ ଅଟେ ।

**ବେଦଃ ସ୍ମୃତି ସଦାଚାରଃ ସ୍ୱସ୍ୟ ଚ ପ୍ରିୟମାତ୍ମନଃ ।**
**ଏତଚ୍ଚତୁର୍ବିଧଂ ପ୍ରାହୁଃ ସାକ୍ଷାଦ୍ଧର୍ମସ୍ୟ ଲକ୍ଷଣମ୍ ।୧୨।**

ବେଦ, ସ୍ମୃତି, ସଦାଚାର ଶୀଳାଦି ଏବଂ ଆପଣାର ସନ୍ତୋଷ ଏହି ଚାରି ପ୍ରକାରକୁ ସାକ୍ଷାତ୍ ଧର୍ମର ଲକ୍ଷଣ ବୋଲାଯାଏ ।

**ଅର୍ଥକାମେଷ୍ୱଶକ୍ତାନାଂ ଧର୍ମଜ୍ଞାନଂ ବିଧୀୟତେ ।**
**ଧର୍ମଂ ଜିଜ୍ଞାସମାନାନାଂ ପ୍ରମାଣଂ ପରମଂ ଶ୍ରୁତିଃ ।୧୩।**

ଯେଉଁମାନଙ୍କର ଅର୍ଥ କାମରେ ଆସକ୍ତ ନ ଥାଏ ସେହିମାନଙ୍କୁ ଧର୍ମଜ୍ଞାନ ଦେବା ବିଧି ଅଟେ । ଆଉ ଯେଉଁମାନେ ଧର୍ମ ଜାଣିବାକୁ ଇଚ୍ଛା କରନ୍ତି ସେମାନଙ୍କର ପରମ ପ୍ରମାଣ ବେଦ ।

**ଶ୍ରୁତିଦ୍ୱୈଧଂ ତୁ ଯତ୍ର ସ୍ୟାତ୍ତତ୍ର ଧର୍ମାବୁଭୌ ସ୍ମୃତୌ ।**
**ଉଭାବପି ହି ତୌ ଧର୍ମୌ ସମ୍ୟଗୁକ୍ତୌ ମନୀଷିଭିଃ ।୧୪।**

ଶ୍ରୁତିରେ ଯେଉଁଠାରେ ଦୁଇ ପ୍ରକାର ଅର୍ଥ ପ୍ରତିପାଦିତ ହୁଏ ସେଠାରେ ସେ ଉଭୟ ଧର୍ମ ବୋଲାଯାଏ । ସେ ଉଭୟ ବିକଳ୍ପରେ ଅନୁଷ୍ଠିତ ବୋଲି ଋଷିମାନେ ବୋଲି ଅଛନ୍ତି ।

**ଉଦିତେଽନୁଦିତେ ଚୈବ ସମୟାଧ୍ୟୁଷିତେ ତଥା ।**
**ସର୍ବଥା ବର୍ତ୍ତତେ ଯଜ୍ଞ ଇତୀୟଂ ବୈଦିକୀ ଶ୍ରୁତିଃ ।୧୫। ***

ବୈଦିକ ଶ୍ରୁତିରେ ସୂର୍ଯ୍ୟୋଦୟ କାଳରେ ଏବଂ ସୂର୍ଯ୍ୟର ଅନୁଦୟ କାଳରେ ତଥା ସୂର୍ଯ୍ୟ ନକ୍ଷତ୍ର ନଥିବା କାଳରେ ହୋମକରିବାର ସକଳ ବିଧି ଅଛି । ପରସ୍ପର ବିରୋଧି ସମୟ ହେଲେହେଁ ହୋମ ସବୁ କାଳରେ କରାଯାଏ ।

**ନିଷେକାଦିଶ୍ମଶାନାନ୍ତୋ ମନ୍ତ୍ରୈର୍ଯସ୍ୟୋଦିତୋ ବିଧିଃ ।**
**ତସ୍ୟ ଶାସ୍ତ୍ରେଽଧିକାରୋଽସ୍ମିନ୍ ଜ୍ଞେୟୋ ନାନ୍ୟସ୍ୟ କସ୍ୟଚିତ୍ ।୧୬।**

---

* ୧୫ ଶ୍ଳୋକପରେ ତିନିଗୋଟି ପୁସ୍ତକରେ ନିମ୍ନ ଦୁଇଶ୍ଳୋକ ମିଳେ :—
ଶ୍ରୁତିଂ ପଶ୍ୟନ୍ତି ମୁନୟଃ ସ୍ମରନ୍ତି ତୁ ଯଥାସ୍ମୃତି ।
ତସ୍ମାତ୍ ପ୍ରମାଣଂ ମୁନୟଃ ପ୍ରମାଣଂ ପ୍ରଥିତଂଭୁବି ।୧।
ଧର୍ମବ୍ୟତିକ୍ରମୋ ଦୃଷ୍ଟଃ ଶ୍ରେଷ୍ଠାନାଂ ସାହସଂ ତଥା ।
ତଦନ୍ୱୀକ୍ଷ୍ୟ ପ୍ରଯୁଞ୍ଜାନାଃ ସୀଦନ୍ତ୍ୟପରଧର୍ମଜାଃ ।୨।

ଗର୍ଭାଧାନଠାରୁ ଅନ୍ତ୍ୟେଷ୍ଟି କର୍ମ ପର୍ଯ୍ୟନ୍ତ ଯାହାକୁ ବେଦୋକ୍ତ ମନ୍ତ୍ରରେ ବିଧି ବୋଲି କହାଯାଇଅଛି, ସେହି କର୍ମର ଅଧିକାର ବା ପ୍ରକରଣ ଏହି ମାନବ ଧର୍ମ ଶାସ୍ତ୍ରରେ ଜଣାଯିବ— ଅନ୍ୟ କିଛି ଜଣାଯିବ ନାହିଁ ।

**ସରସ୍ୱତୀ ବୃଷଦବତ୍ୟୋ ର୍ଦ୍ଦେବନଦ୍ୟୋ ଯଦନ୍ତରଂ ।**
**ତଂ ଦେବନିର୍ମିତଂ ଦେଶଂ ବ୍ରହ୍ମାବର୍ତ୍ତଂ ପ୍ରଚକ୍ଷତେ ।୧୭।**

ସରସ୍ୱତୀ ଓ ବୃଷଦ୍‌ବତୀ ଏହି ଦେବନଦୀଦ୍ୱୟ ମଧ୍ୟରେ ଯେଉଁ ଦେବନିର୍ମିତ ଦେଶ ଅଛି, ତାହାକୁ ବ୍ରହ୍ମାବର୍ତ୍ତ କହନ୍ତି ।

**ତସ୍ମିନ୍ ଦେଶେ ଯ ଆଚାରଃ ପାରମ୍ପର୍ଯ୍ୟକ୍ରମାଗତଃ ।**
**ବର୍ଣ୍ଣାନାଂ ସାନ୍ତରାଳା ନାଂ ସଦାଚାର ଉଚ୍ୟତେ ।୧୮। ※**

ସେହି ଦେଶର ବର୍ଣ୍ଣମାନଙ୍କର ଏବଂ ବର୍ଣ୍ଣସଙ୍କରମାନଙ୍କର ପରମ୍ପରାରତ ଯେଉଁ ଆଚାର ଅଛି ତାହା ସଦାଚାର ବୋଲି କଥିତ ହୁଏ ।

**କୁରୁକ୍ଷେତ୍ରଂ ଚ ମତ୍ସ୍ୟାଶ୍ଚ ପଞ୍ଚାଳଃ ଶୂରସେନକାଃ ।**
**ଏଷ ବ୍ରହ୍ମର୍ଷିଦେଶୋ ବୈବ୍ରହ୍ମାବର୍ତ୍ତାଦନନ୍ତରଃ ।୧୯।**

କୁରୁକ୍ଷେତ୍ର, ମତ୍ସ୍ୟ, ପଞ୍ଚାଳ ଓ ଶୂରସେନକା—ଏହା ବ୍ରହ୍ମର୍ଷିଦେଶ ଏବଂ ଏହା ବ୍ରହ୍ମାବର୍ତ୍ତ ସମୀପରେ ।

**ଏତଦ୍ଦେଶପ୍ରସୂତସ୍ୟ ସକାଶାଦଗ୍ରଜନ୍ମନଃ ।**
**ସ୍ୱଂ ସ୍ୱଂ ଚରିତ୍ରଂ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବମାନବାଃ ।୨୦।**

ଏତଦ୍ଦେଶ ପ୍ରସୂତ ବ୍ରାହ୍ମଣମାନଙ୍କଠାରୁ ପୃଥିବୀରେ ସମଗ୍ର ଲୋକମାନେ ଆପଣା ଆପଣା ଚରିତ୍ର ଶିକ୍ଷା କରିବେ ।

**ହିମବଦ୍ ବିନ୍ଧ୍ୟୟୋର୍ମଧ୍ୟଂ ଯତ୍ ପ୍ରାଗ୍ ବିନଶନାଦପି ।**
**ପ୍ରତ୍ୟଗେବ ପ୍ରୟାଗାଚ୍ଚ ମଧ୍ୟଦେଶଃ ପ୍ରକୀର୍ତ୍ତିତଃ ।୨୧।**

ହିମାଳୟ ଓ ବିନ୍ଧ୍ୟାଞ୍ଚଳ ମଧ୍ୟରେ ଯେ ସରସ୍ୱତୀର ପୂର୍ବ ଓ ପ୍ରୟାଗର ପଶ୍ଚିମରେ ଦେଶ ଅଛି, ତାହାକୁ ମଧ୍ୟଦେଶ କହନ୍ତି ।

**ଆସମୁଦ୍ରାତ୍ତୁ ବୈପୂର୍ବାଦାସମୁଦ୍ରାତ୍ତୁ ପଶ୍ଚିମାତ୍ ।**
**ତୟୋରେଲାନ୍ତରଂ ଗିର୍ଯ୍ୟୋରାର୍ଯ୍ୟାବର୍ତ୍ତଂ ବିଦୁର୍ବୁଧାଃ ।୨୨।**

ପୂର୍ବ ସମୁଦ୍ରରୁ ପଶ୍ଚିମ ସମୁଦ୍ର ପର୍ଯ୍ୟନ୍ତ ଆଉ ହିମାଚଳଠାରୁ ବିନ୍ଧ୍ୟାଚଳ ମଧ୍ୟରେ ଯେ ଦେଶ ଅଛି ତାହାକୁ ବିଦ୍ୱାନ ଲୋକମାନେ ଆର୍ଯ୍ୟାବର୍ତ୍ତ ବୋଲନ୍ତି ।

**କୃଷ୍ଣସାରସ୍ତୁ ଚରତି ମୃଗୋ ଯତ୍ର ସ୍ୱଭାବତଃ ।**
**ସଜ୍ଞେୟୋ ଯଜ୍ଞୟୋ ଦେଶୋ ମ୍ଳେଚ୍ଛଦେଶସ୍ତତଃ ପରଃ ।୨୩।**

ଦେଶ ରୁଣରେ ଯେଉଁଠାରେ କୃଷ୍ଣସାର ମୃଗ ସ୍ୱଭାବତଃ ବିଚରଣ କରେ ତାହା ସଜ୍ଞୀୟ (ଯଜ୍ଞଯୋଗ୍ୟ) ଦେଶ ବୋଲି ଜାଣିବ । ଏହାପରେ ଯେଉଁ ଦେଶ ବିଦ୍ୟମାନ ତାହା ମ୍ଳେଚ୍ଛ ଦେଶ ।

---

※ ୧୮ ଶ୍ଳୋକପରେ ମେଧାତିଥିଭାଷ୍ୟରେ ନିମ୍ନଶ୍ଳୋକ ମିଳେ :—
ବିରୁଦ୍ଧାଚ ବିରୀତଚ ବୃଷ୍ଟାର୍ଥାଦିଷ୍ଟକାରଣେ ।
ସ୍ମୃତିର୍ନଶ୍ରୁତିମୂଳା ସ୍ୟାଦ୍ୟାଚୈଷା ସମ୍ଭବଶ୍ରୁତିଃ ।

**ଏତାନ୍ ଦ୍ୱିଜାତୟୋ ଦେଶାନ୍ ସଂଶ୍ରୟେରନ୍ ପ୍ରଯନ୍ତଃ ।**
**ଶୂଦ୍ରସ୍ତୁ ଯସ୍ମିନ୍ କସ୍ମିନ୍ ବା ନିବସେଦ୍ ବୃତ୍ତିକର୍ଶିତଃ ।୨୪।**

ଏସବୁ ଦେଶର ଦ୍ୱିଜମାନେ ଯତ୍ନପୂର୍ବକ ଆଶ୍ରୟ କରିବେ ପରନ୍ତୁ ଶୂଦ୍ର ଆପଣା ବୃତ୍ତି ସକାଶେ ଯେ କୌଣସିଠାରେ ବାସ କରିପାରେ ।

**ଏଷ ଧର୍ମସ୍ୟ ବା ଯୋନିଃ ସମାସେନ ପ୍ରକୀର୍ତ୍ତିତା ।**
**ସମ୍ଭବଶ୍ଚାସ୍ୟ ସର୍ବସ୍ୱ ବର୍ଣ୍ଣଧର୍ମାନ୍ ନିବୋଧତ ।୨୫।**

ଏହି ଧର୍ମର ଯୋନି (ଜାଣିବାର କାରଣ) ଏବଂ ଏହି ସମଗ୍ର ଜଗତର ଉତ୍ପତ୍ତି ତୁମ୍ଭମାନଙ୍କୁ ସଂକ୍ଷେପରେ ବୋଲାଗଲା, ଏବେ ବର୍ଣ୍ଣଧର୍ମମାନ ଶୁଣ ।

**ବୈଦିକୈଃ କର୍ମଭିଃ ପୁଣ୍ୟୈର୍ନିଷେକାଦ୍ୱିଜନ୍ମନାମ୍ ।**
**କାର୍ଯ୍ୟଃ ଶରୀରସଂସ୍କାରଃ ପାବନଃ ପ୍ରେତ ଚେହ ଚ ।୨୬।**

ବୈଦିକ ପୁଣ୍ୟକର୍ମମାନଙ୍କ ଦ୍ୱାରା ଦ୍ୱିଜମାନଙ୍କର ଇହଲୋକ ଓ ପରଲୋକର ପବିତ୍ରତା ସାଧନାକାରୀ ଗର୍ଭାଧାନାଦି ଶରୀର ସଂସ୍କାର କର୍ତ୍ତବ୍ୟ ।

**ଗାର୍ଭୈର୍ହୋମୈ ଜାତକର୍ମ ଚୌଡ଼ମୌଞ୍ଜୀ ନିବନ୍ଧନୈଃ ।**
**ବୈଜିକଂ ଗାର୍ଭିକଂ ଚୈନୋ ଦ୍ୱିଜାଜାମପମୃଜ୍ୟତେ ।୨୭।**

ଗର୍ଭାଧାନ ସଂସ୍କାର, ଜାତକର୍ମ, ଚୂଡ଼ାକରଣ ଏବଂ ଉପନୟନ ହୋମ ଦ୍ୱାରା ଦ୍ୱିଜମାନଙ୍କର ବୀଜ ଓ ଗର୍ଭର ଦୋଷ ଘୁଞ୍ଚିଯାଏ ।

**ସ୍ୱାଧ୍ୟାୟେନ ବ୍ରତୈର୍ହୋମୈସ୍ତ୍ରୈବିଦ୍ୟେନେଜ୍ୟୟା ସୁତୈଃ ।**
**ମହାଯଜ୍ଞୈଶ୍ଚ ଯଜ୍ଞୈଶ୍ଚ ବ୍ରାହ୍ମୀୟଂ କ୍ରିୟତେ ତନୁଃ ।୨୮।**

ବେଦପାଠ, ସତ୍ୟଭାଷଣାଦିବ୍ରତ, ପର୍ବାଦି ସମୟରେ ହୋମ, ତ୍ରିବିଦ୍ୟାନାମକ ବିଶେଷ ବ୍ରତ, ଅଗ୍ନିଷ୍ଟୋମାଦି ଇଜ୍ୟା, ସନ୍ତାନୋତ୍ପାଦନ, ପୌର୍ଣ୍ଣମାସାଦି ଯଜ୍ଞ ଓ ମହାଯଜ୍ଞମାନଙ୍କଦ୍ୱାରା ଏହି ଶରୀରକୁ ବ୍ରାହ୍ମୀ ବା ବ୍ରହ୍ମବାସର ବା ବିଶୁଦ୍ଧ କରାଯାଏ ।

**ପ୍ରାଙ୍‌ନାଭିବର୍ଦ୍ଧନାତ୍ ପୁଂସୋ ଜାତକର୍ମ ବିଧୀୟତେ ।**
**ମନ୍ତ୍ରବତ୍ ପ୍ରାଶନଂ ଚାସ୍ୟ ହିରଣ୍ୟମଧୁସର୍ପିଷାଂ ।୨୯।**

ନାଭିଛେଦନ ପୂର୍ବରେ ପୁରୁଷର ଜାତକର୍ମ ସଂସ୍କାର କରିବ ଓ ଗୃହ୍ୟୋକ୍ତ ବେଦମନ୍ତ୍ରଦ୍ୱାରା ସୁବର୍ଣ୍ଣ, ମଧୁ ଓ ଘିଅ ଚଟାଇବ ।

**ନାମଧେୟଂଦଶମ୍ୟାଂ ତୁ ଦ୍ୱାଦଶ୍ୟାଂ ବାସ୍ୟ କାରୟେତ୍ ।**
**ପୁଣ୍ୟେ ତିଥୌ ମୁହୂର୍ତ୍ତେ ବା ନକ୍ଷତ୍ରେ ବା ଗୁଣାନ୍ୱିତେ ।୩୦।**

ଦଶ ବା ବାର ଦିନରେ ଅଥବା ଶୁଦ୍ଧ ତିଥି, ମୁହୂର୍ତ୍ତ, ନକ୍ଷତ୍ର ବା ଗୁଣଯୁକ୍ତ ସମୟରେ (ଅର୍ଥାତ୍ ଦିନଟି ପରିଷ୍କାର ଥିବ ଏବଂ ମେଘାଚ୍ଛାନାଦି ଦୁର୍ଦ୍ଦିନ ନଥିବ) ନାମ କରଣ କରାଇବ ।

**ମାଙ୍ଗଲ୍ୟଂ ବ୍ରାହ୍ମଣସ୍ୟ ସ୍ୟାତ୍ କ୍ଷତ୍ରିୟସ୍ୟ ବଳାନ୍ୱିତମ୍ ।**
**ବୈଶ୍ୟସ୍ୟ ଧନସଂଯୁକ୍ତଂ ଶୂଦ୍ରସ୍ୟ ତୁ ଜଗୁପ୍‌ସିତମ୍ ।୩୧।**

ବ୍ରାହ୍ମଣର ମଙ୍ଗଳବାଚକ, କ୍ଷତ୍ରିୟର ବଳବାଚକ, ବୈଶ୍ୟର ଧନବାଚକ ଓ ଶୂଦ୍ରର ନିନ୍ଦାବାଚକ ନାମ ହେବ ।

**ଶର୍ମବଦ୍ ବ୍ରହ୍ମଣସ୍ୟ ସ୍ୟାଦ୍ରୋଜ୍ଞୋ ରକ୍ଷାସମନ୍ୱିତଂ ।**
**ବୈଶ୍ୟସ୍ୟ ପୁଷ୍ଟିସଂଯୁକ୍ତଂ ଶୂଦ୍ରସ୍ୟ ପ୍ରୈଷ୍ୟସଂଯୁତଂ ।୩୨।**

ବ୍ରାହ୍ମଣର ନାମରେ ଶର୍ମା, କ୍ଷତ୍ରିୟର ନାମରେ ବର୍ମା, ବୈଶ୍ୟର ନାମରେ ପୁଷ୍ଟି ଓ ଶୂଦ୍ରର ନାମରେ ସେବକ ବା ଦାସ ସଂଯୁକ୍ତି ହେବ ।

**ସ୍ତ୍ରୀଣାଂ ସୁଖୋଦ୍ୟମକ୍ରୁରଂ ବିସ୍ପଷ୍ଟାର୍ଥଂ ମନୋହରଂ ।**
**ମାଙ୍ଗଲ୍ୟଂ ଦୀର୍ଘବର୍ଣ୍ଣାନ୍ତମାଶୀର୍ବାଦାଭିଧାନବତ୍ ।୩୩।**

ସୁଖରେ ଉଚ୍ଚାରଣ କରିବା ଯୋଗ୍ୟ, କ୍ରୁରତ ବାଚକ ନ ଥିବ, ସୁସ୍ପଷ୍ଟ ଅର୍ଥଯୁକ୍ତ, ମନୋହର ମଙ୍ଗଳାବାଚକ, ଦୀର୍ଘ ସ୍ୱରାନ୍ତ ଓ ଆଶୀର୍ବାଦବାଚକ ନାମ ସ୍ତ୍ରୀମାନଙ୍କର ହେବ ।

**ଚତୁର୍ଥେ ମାସି କର୍ତ୍ତବ୍ୟଂ ଶିଶୋର୍ନିଷ୍କ୍ରମଣଂ ଗୃହାତ୍ ।**
**ଷଷ୍ଠେଽନ୍ନପ୍ରାଶନଂ ମାସି ଯଦ୍ଵେଷ୍ଟଂ ମଙ୍ଗଳଂ କୁଳେ ।୩୪।**

ଶିଶୁକୁ ଚତୁର୍ଥ ମାସରେ ଘରୁ ବାହାରକୁ ଆଣିବାର ସଂସ୍କାର କର୍ମ ଏବଂ ଛଅମାସରେ ଅନ୍ନପ୍ରାଶନ କର୍ମ ଅଥବା ଯେପରି କୁଳାଚାର ଥିବ ସେହି ସମୟରେ ସେ ସଂସ୍କାର କର୍ମମାନ କରିବେ ।

**ଚୂଡ଼ାକର୍ମ୍ମଦ୍ୱିଜାତୀନାଂ ସର୍ବେଷାମେବଧର୍ମ୍ମତଃ ।**
**ପ୍ରଥମେଽବ୍ଦେ ତୃତୀୟେ ବା କର୍ତ୍ତବ୍ୟଂ ଶ୍ରୁତିଚୋଦନାତ୍ ।୩୫।**

ସକଳ ଦ୍ୱିଜାତିମାନଙ୍କର ପ୍ରଥମ ବା ତୃତୀୟ ବର୍ଷରେ ବେଦଜ୍ଞାନ ଅନୁସାରେ ଚୂଡ଼ାକର୍ମ କର୍ତ୍ତବ୍ୟ ।

**ଗର୍ଭାଷ୍ଟମେଽବ୍ଦେ କୁର୍ବୀତ ବ୍ରାହ୍ମଣସ୍ୟୋପନୟନଂ ।**
**ଗର୍ଭାଦେକାଦଶେ ରାଜ୍ଞୋ ଗର୍ଭାତ୍ତୁ ଦ୍ୱାଦଶେ ବିଶଃ ।୩୬।**

ଗର୍ଭର ଅଷ୍ଟମ ବର୍ଷରେ ବ୍ରାହ୍ମଣର, ଗର୍ଭର ଏକାଦଶ ବର୍ଷରେ କ୍ଷତ୍ରିୟର ଏବଂ ଗର୍ଭର ଦ୍ୱାଦଶ ବର୍ଷରେ ବୈଶ୍ୟର ଉପନୟନ କରିବ ।

**ବ୍ରହ୍ମବର୍ଚ୍ଚସକାମସ୍ୟ କାର୍ଯ୍ୟ ବିପ୍ରସ୍ୟ ପଞ୍ଚମେ ।**
**ରାଜ୍ଞୋ ବଳାର୍ଥିନଃ ଷଷ୍ଠେ ବୈଶ୍ୟସ୍ୟେହାର୍ଥିନୋଽଷ୍ଟମେ ।୩୭।**

ବେଦାଧ୍ୟୟନରୁ ଅର୍ଥଜ୍ଞାନାଦି ଦ୍ୱାରା ଯେଉଁ ତେଜ ବଢ଼େ ତାହାକୁ ବ୍ରହ୍ମବର୍ଚ୍ଚସ ବୋଲି ଏବଂ ତାହା କାମନାକାରୀ ବିପ୍ରର ଉପନୟନ ପଞ୍ଚମ ବର୍ଷରେ, ବଳାର୍ଥୀ କ୍ଷତ୍ରିୟର ଷଷ୍ଠ ବର୍ଷରେ, ଆଉ କୃଷିବାଣିଜ୍ୟାଦିକାମୀ ବୈଶ୍ୟର ଅଷ୍ଟମ ବର୍ଷରେ ହେବ ।

**ଆଷୋଡ଼ଶାଦ୍ ବ୍ରାହ୍ମଣସ୍ୟ ସାବିତ୍ରୀ ନ ତିବର୍ତ୍ତତେ ।**
**ଆଦ୍ୱାବିଂଶାତ୍ କ୍ଷତ୍ରବନ୍ଧୋରାଚତୁର୍ବିଂଶତେ ର୍ବିଂଶଃ ।୩୮।**

ବ୍ରାହ୍ମଣର ଷୋଳବର୍ଷ, କ୍ଷତ୍ରିୟର ବାଇଶ ବର୍ଷ ଓ ବୈଶ୍ୟର ଚବିଶ ବର୍ଷ ପର୍ଯ୍ୟନ୍ତ ଉପନୟନ କାଳ ଅତିକ୍ରାନ୍ତ ହୁଏ ନାହିଁ ।

**ଅତଊର୍ଦ୍ଧ୍ୱଂ ତ୍ରୟୋଽପ୍ୟେତେ ଯଥାକାଳମସଂସ୍କୃତାଃ ।**
**ସାବିତ୍ରୀ ପତିତା ବ୍ରାତ୍ୟା ଭବନ୍ତ୍ୟାର୍ଯ୍ୟବିଗର୍ହିତାଃ ।୩୯।**

ଏଥିରୁ ଅତିରିକ୍ତ କାଳ ପର୍ଯ୍ୟନ୍ତ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଅସଂସ୍କୃତ ରହିଲେ ଉପନୟନରୁ ରହିତ ହୋଇ ବ୍ରାତ୍ୟ ଏବଂ ଆର୍ଯ୍ୟମାନଙ୍କ ପକ୍ଷେ ନିନ୍ଦନୀୟ ହୁଅନ୍ତି ।

**ନୈତୈରପୂତୈର୍ବିଧିବଦାପଦ୍ୟପି ହି କର୍ହିଚିତ୍ ।**
**ବ୍ରହ୍ମାନ୍ ଯୌନାଶ୍ଚ ସମ୍ବନ୍ଧାନାଚରେଦ୍ ବ୍ରାହ୍ମଣଃ ସହ ।୪୦।**

ଅପବିତ୍ର ବ୍ରାତ୍ୟମାନେ ବିଧିପୂର୍ବକ ପ୍ରାୟଶ୍ଚିତ ନ କଲେ ତାଙ୍କ ସହିତ ଆପଦ କାଳରେ ହିଁ ବ୍ରାହ୍ମଣ ବିଦ୍ୟା ବା ଯୋନି (ବିବାହ) ର ସମ୍ବନ୍ଧ କରିବନାହିଁ ।

**କାର୍ଷ୍ଣରୌରବବାସ୍ତାନି ଚର୍ମ୍ମାଣି ବ୍ରହ୍ମଚାରିଣଃ ।**
**ବସୀରନ୍ନାନୁପୂର୍ବେଣ ଶାଣକ୍ଷୌମାବିକାନି ଚ ।୪୧।**

ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବ୍ରହ୍ମଚାରୀ ଯଥାକ୍ରମେ କୃଷ୍ଣମୃଗ, ରୁରୁମୃଗ ଓ ଛାଗ ଚର୍ମର ଉତ୍ତରୀୟ ତଥା ଶଣ, କ୍ଷୌମ ଓ ମେଷ ଲୋମର ଅଧୋବସନ ବ୍ୟବହାର କରିବ ।

**ମୌଞ୍ଜୀତ୍ରିବୃତ୍ ସମା ଶ୍ଲକ୍ଷ୍ଣା କାର୍ଯ୍ୟା ବିପ୍ରସ୍ୟ ମେଖଳା ।**
**କ୍ଷତ୍ରିୟସ୍ୟ ତୁ ମୌର୍ବୀ ଜ୍ୟା ବୈଶ୍ୟସ୍ୟ ଶଣତାନ୍ତବୀ ।୪୨।**

ବ୍ରାହ୍ମଣ, ମେଖଳା ବା କଟୀବନ୍ଧନୀ ନିମ୍ନୋନ୍ନତଶୂନ୍ୟ, ସୁଖସ୍ପର୍ଶ ତିନିଖିଅ ମୁଞ୍ଜାତୃଣରେ, କ୍ଷତ୍ରିୟର ମେଖଳା ମୂର୍ବା ତୃଣରେ ଧନୁର୍ଗୁଣପରି ଓ ବୈଶ୍ୟର ଶଣ ତନ୍ତୁ ନିର୍ମିତ ତିନି ଡୋର ମେଖଳା ହେବ ।

**ମୁଞ୍ଜାଭାବେ ତୁ କର୍ତ୍ତବ୍ୟାଃ କୁଶାଶ୍ମାନ୍ତକବଲ୍ୱଜୈଃ ।**
**ତ୍ରିବୃତା ଗ୍ରନ୍ଥିନୈକେନ ତ୍ରିଭିଃ ପଞ୍ଚଭିରେବ ବା ।୪୩।**

ମୁଞ୍ଜ ଅଭାବରେ ବ୍ରାହ୍ମଣ କୁଶ ମେଖଳା, କ୍ଷତ୍ରିୟ ଅଶ୍ମାନ୍ତକ ଓ ବୈଶ୍ୟ ବଲ୍ୱଜ ମେଖଳା ତିନି ଲହରରେ ୧ ବା ୩ ବା ୫ ଗଣ୍ଠିଦେଇ କରିବେ ।

**କାର୍ପାସମୁପବୀତଂ ସ୍ୟାଦ୍ ବିପ୍ରସ୍ୟୋର୍ଦ୍ଧ୍ୱ ବୃତଂ ତ୍ରିବୃତ୍ ।**
**ଶଣସୂତ୍ରମୟଂ ରାଜ୍ଞୋ ବୈଶ୍ୟସ୍ୟା ବିକସୌତ୍ରିକମ୍ ।୪୪।**

କପାସୂତାରେ ବ୍ରାହ୍ମଣର, ଶଣ ସୂତାରେ କ୍ଷତ୍ରିୟର ଓ ମେଷ ଲୋମ ସୂତାରେ ବୈଶ୍ୟର ତିନି ଖିଅରେ ଉପରରୁ ତଳ ପର୍ଯ୍ୟନ୍ତ ଲମ୍ବିତ ହୋଇ ପଇତା ହେବ ।

**ବ୍ରାହ୍ମଣୋ ବୈଲ୍ୱପାଳାଶୌ କ୍ଷତ୍ରିୟୋ ବଟଖାଦିରୌ ।**
**ପୈପ୍ପଳୌ ଦୁମ୍ବରୌ ବୈଶ୍ୟା ଦଣ୍ଡାନର୍ହନ୍ତି ଧର୍ମ୍ମତଃ ।୪୫। ***

ଧର୍ମାନୁସାରେ ବ୍ରାହ୍ମଣ ବେଲ ବା ପଳାଶର ଦଣ୍ଡ, କ୍ଷତ୍ରିୟ ବଟ ବା ଖଦିରର ଦଣ୍ଡ ଏବଂ ବୈଶ୍ୟ ପୀପଳ (ଅଶ୍ୱଥ ବା ଉଦୁମ୍ବର) ଦଣ୍ଡ ଧାରଣା କରିବା ଉଚିତ ।

**କେଶାନ୍ତିକୋ ବ୍ରାହ୍ମଣସ୍ୟ ଦଣ୍ଡକାର୍ଯ୍ୟଃ ପ୍ରମାଣତଃ ।**
**ଲଲାଟ ସମ୍ମିତୋ ରାଜ୍ଞଃ ସ୍ୟାତ୍ତୁ ନାସନ୍ତିକୋ ବିଶଃ ।୪୬।**

ବ୍ରାହ୍ମଣର ଦଣ୍ଡ କେଶାନ୍ତିକ ପ୍ରମାଣ ଅର୍ଥାତ୍ ମୁଣ୍ଡର ବାଳ ପର୍ଯ୍ୟନ୍ତ ଲମ୍ବ ହେବ, କ୍ଷତ୍ରିୟର ଦଣ୍ଡ ଲଲାଟ ପର୍ଯ୍ୟନ୍ତ ଓ ବୈଶ୍ୟର ଦଣ୍ଡ ନାସିକା ପର୍ଯ୍ୟନ୍ତ ଲମ୍ବ ହେବ ।

**ଋଜବସ୍ତେ ତୁ ସର୍ବେ ସ୍ୟୁରବ୍ରଣାଃ ସୌମ୍ୟଦର୍ଶନାଃ ।**
**ଅନୁଦ୍ ବେଗକରା ନୃଣାଂ ସତ୍ୱଚୋ, ବାଗ୍ନି ଦୁଷିତ୍ତାଃ ।୪୭।**

ସେହି ଦଣ୍ଡ ସବୁ ସିଧା, ଛିଦ୍ର ରହିତ, ଦେଖିବାକୁ ସୁନ୍ଦର ଛାଲଯୁକ୍ତ ହେବ । ଆଉ ମଧ୍ୟ ନିଆଁ ଦାଗ ପୋଡ଼ା ନଥିବ କିମ୍ବା ମନୁଷ୍ୟମାନଙ୍କର ତଦ୍ୱାରା ଭୟ ନ ଜନ୍ମିବ ଏମନ୍ତ ହେବା ଉଚିତ ।

---

*ନୀଳସିଠାରେ ''ପୈଲବୌଦୁମ୍ବରୌ'' ପାଠ ଅଛି ।

**ପ୍ରତିଗୃହ୍ୟେପ୍‌ସିତଂ ଦଣ୍ଡମୁପସ୍ଥାୟ ଚ ଭାସ୍କରମ୍ ।**
**ପ୍ରଦକ୍ଷିଣପରୀତ୍ୟାଗ୍ନିଂ ଚରେଦ୍ଭୈକ୍ଷଂ ଯଥାବିଧି ।୪୮।**

ମନୋନୀତ ଦଣ୍ଡ ଗ୍ରହଣପୂର୍ବକ ସୂର୍ଯ୍ୟ ସମ୍ମୁଖରେ ରହି ଅଗ୍ନିକୁ ପ୍ରଦକ୍ଷିଣ କରି ଯଥାବିଧି ଭିକ୍ଷା କରିବ ।

**ଭବତ୍ ପୂର୍ବଂ ଚରେଦ୍ଭୈକ୍ଷମୁପନୀତୋ ଦ୍ୱିଜୋତ୍ତମଃ ।**
**ଭବନ୍ମଧ୍ୟଂ ତୁ ରାଜନ୍ୟୋ ବୈଶ୍ୟସ୍ତୁଭବଦୁତ୍ତରମ୍ ।୪୯।**

ଉପନୀତ ବ୍ରାହ୍ମଣ ଭବତ୍ ଶବ୍ଦ ଆଗେ ଉଚ୍ଚାରଣ କରି ଭିକ୍ଷା କରିବ, କ୍ଷତ୍ରୀୟ ଭବତ୍ ଶବ୍ଦ ମଧ୍ୟଭାଗରେ ଏବଂ ବୈଶ୍ୟ ଭବତ୍ ଶବ୍ଦ ଶେଷରେ ଉଚ୍ଚାରଣ କରିଭିକ୍ଷା କରିବ ଅର୍ଥାତ୍ ବ୍ରାହ୍ମଣ କହିବ ''ଭବତୀ ଭିକ୍ଷାଂ ଦଦାତୁ'' କ୍ଷତ୍ରୀୟ କହିବ ''ଭିକ୍ଷାଂ ଭବତୀ ଦଦାତୁ'' ଏବଂ ବୈଶ୍ୟ କହିବ ''ଭିକ୍ଷାଂ ଦଦାତୁ ଭବତୀ'' ।

**ମାତରଂ ବା ସ୍ୱସାରଂ ବା ମାତୃର୍ବା ଭଗିନୀଂ ନିଜାଂ ।**
**ଭିକ୍ଷେତ ଭିକ୍ଷାଂ ପ୍ରଥମଂ ଯା ଚୈନଂ ନାବମାନୟେତ୍ ।୫୦।**

ପ୍ରଥମେ ମା ବା ଭଉଣୀ ବା ନିଜର ମାଉସୀ ବା ଯେ ସ୍ତ୍ରୀଲୋକ ବ୍ରହ୍ମଚାରୀକୁ ଅବମାନନା ନ କରନ୍ତି ତାଙ୍କ ନିକଟରେ ଭିକ୍ଷା ମାଗିବ ।

**ସମାହୃତ୍ୟ ତୁ ତଦ୍ଭୈକ୍ଷଂ ଯାବଦର୍ଥମମାୟୟା ।**
**ନିବେଦ୍ୟ ଗୁରୁବେଽଶ୍ନୀୟାଦାଚମ୍ୟ ପ୍ରାଙ୍‌ମୁଖଃ ଶୁଚିଃ ।୫୧।**❋

ସେହି ଭିକ୍ଷା ଠୁଳକରି ନିଷ୍କପଟ ଭାବରେ ଗୁରୁଙ୍କୁ ସନ୍ତୋଷ କରି ନିବେଦନପୂର୍ବକ ଆଚମନ କରି ପୂର୍ବାଭିମୁଖ ହୋଇ ଭୋଜନ କରିବ ।

**ଆୟୁଷ୍ୟ ପ୍ରାଙ୍‌ମୁଖୋ ଭିଙ୍‌କ୍ତେ ଯଶସ୍ୟଂ ଦକ୍ଷିଣମୁଖଃ ।**
**ଶ୍ରିୟଂପ୍ରତ୍ୟଙ୍ମୁଖୋଭୁଙ୍‌କ୍ତେଂଋତଂ ଭୁଙ୍‌କ୍ତେହ୍ୟୁଦଙ୍‌ମୁଖଃ ।୫୨।**❋

ଆୟୁ ସକାଶେ ପୂର୍ବମୁଖରେ, ଯଶ ସକାଶେ ଦକ୍ଷିଣମୁଖ, ସମ୍ପତ୍ତି ସକାଶେ ପଶ୍ଚିମମୁଖ ଆଉ ସତ୍ୟ ସକାଶେ ଉତ୍ତରମୁଖ ହୋଇ ଭୋଜନ କରିବ ।

**ଉପସ୍ପୃଶ୍ୟ ଦ୍ୱିଜୋ ନିତ୍ୟମନ୍ନମଦ୍ୟାତ୍ ସମାହିତଃ ।**
**ଭୁକ୍ତାଚୋପସ୍ପୃଶେଦ୍ ସମ୍ୟଗଦ୍ଭିଃ ଖାନି ଚ ସଂସ୍ପୃଶେତ୍ ।୫୩।**

ବ୍ରାହ୍ମଣାଦି ନିତ୍ୟ ଆଚମନ କରି ଏକାଗ୍ର ହୋଇ ଭୋଜନ କରିବ ଏବଂ ଖାଇସାରି ଭଲରୂପେ ଆଚମନ କରି ଜଳଦ୍ୱାରା ଚକ୍ଷୁ ଇତ୍ୟାଦି ଇନ୍ଦ୍ରିୟସ୍ପର୍ଶ କରିବ ।

**ପୂଜୟେଦଶନଂ ନିତ୍ୟମଦ୍ୟାଚ୍ଚୈତଦକୁତ୍ସୟନ୍ ।**
**ଦୃଷ୍ଟ୍ୱାହୃଷେତ୍ ପ୍ରସୀଦେଚ୍ଚ ପ୍ରତିନନ୍ଦେଚ୍ଚ ସର୍ବଶଃ ।୫୪।**

---

❋ କୌଣସି କୌଣସିଠାରେ ''ଯାବଦନ୍ନ'' ଅଛି ।

❋ ଏ ଶ୍ଳୋକ ପ୍ରକ୍ଷିପ୍ତ ଏବଂ କୌଣସିଠାରେ ୫୨ ଶ୍ଳୋକ ଏପରି ଅଛି ।
(ସ୍ୱାୟଂପ୍ରାତ ଦ୍ୱିଜାତୀନାମଶନ ସ୍ମୃତି ଶ୍ରୁତି) ନୋଦିତମ୍ ।
ନାନ୍ତରେ ଭୋଜନଂ କୁର୍ଯ୍ୟାଦଗ୍ନିହୋତ୍ରସମୋ ବିଧିଃ ।
ଅର୍ଥାତ୍ ସ୍ମୃତି (ଶ୍ରୁତି) ରେ ଦ୍ୱିଜାତିମାନଙ୍କର ସକାଳ ସନ୍ଧ୍ୟା ଦୁଇବାର ଖାଇବାର ବିଧି ଅଛି । ଏଥି ମଧ୍ୟରେ ଭୋଜନ କରିବ ନାହିଁ । ଏ ବିଧି ଅଗ୍ନିହୋତ୍ର ସଙ୍ଗେ ସମାନ ।

ପ୍ରତିଦିନ ସଂସ୍କୃତ(ଉତ୍ତମ ରୂପେ ପ୍ରସ୍ତୁତ ଓ ନିର୍ମଳୀକୃତ) ଅନ୍ନକୁ ଆଗ୍ରହ ସହକାରେ ଘେନି ନିନ୍ଦା ନକରି ହୃଷ୍ଟ ଚିତ୍ତରେ ପ୍ରସନ୍ନ ଭାବରେ ଏବଂ ସର୍ବପ୍ରକାର ପ୍ରଶଂସା ସହିତ ଖାଇବ ।

**ପୂଜିତଂ ହ୍ୟଶନଂ ନିତ୍ୟଂ ବଳମୂର୍ଜ୍ଜଂ ଚ ଯଚ୍ଛତି ।**
**ଅପୂଜିତଂ ତୁ ତଦ୍ଭୁକ୍ତମୁଭୟଂ ନାଶୟେଦିଦମ୍ ।୫୫।**

ଆଗ୍ରହ ସହକାରେ ସଂସ୍କୃତ ଅନ୍ନଭୋଜନ ବଳ ଓ ବୀର୍ଯ୍ୟ ପ୍ରଦାନ କରେ । ଅସଂସ୍କୃତ ଅନ୍ନବଳ ଓ ସାମର୍ଥ୍ୟ ଉଭୟ ନଷ୍ଟକରେ ।

**ନୋଚ୍ଛିଷ୍ଟଂ କସ୍ୟଚିଦଦ୍ୟାନ୍ନାଦ୍ୟାଚ୍ଚୈବ ତଥାନ୍ତରା ।**
**ନ ଚୈବାତ୍ୟଶନଂ କୁର୍ଯ୍ୟାନ୍ନ ଚୋଚ୍ଛିଷ୍ଟଃ କ୍ୱଚିଦ୍ ବ୍ରଜେତ୍ ।୫୬।**

ଉଚ୍ଛିଷ୍ଟ ଅନ୍ନ କାହାରିକି ଦେବ ନାହିଁ, ଭୋଜନ ମଧ୍ୟରେ ରହି ରହି ଖାଇବ ନାହିଁ, ଅଧିକ ଭୋଜନ କରିବ ନାହିଁ ଏବଂ ଅଇଁଠା ମୁହଁରେ କେଉଁଠାକୁ ଯିବ ନାହିଁ ।

**ଅନାରୋଗ୍ୟମନାୟୁଷ୍ୟସ୍ୱର୍ଗ୍ୟଂ ଚାତିଭୋଜନମ୍ ।**
**ଅପୁଣ୍ୟଂ ଲୋକବିଦ୍ୱିଷ୍ଟଂ ତସ୍ମାତ୍ତତ୍ ପରିବର୍ଜ୍ଜୟେତ୍ ।୫୭।**

ଅତି ଭୋଜନରେ ଆରୋଗ୍ୟ, ଆୟୁ ଓ ସୁଖ ମିଳେ ନାହିଁ, ତହିଁରେ ପୁଣ୍ୟ ନାହିଁ ଓ ତାହା ଲୋକ ନିନ୍ଦିତ, ଏଣୁ ତାହା ପରିତ୍ୟାର କରିବ ।

**ବ୍ରାହ୍ମଣେ ବିପ୍ରସ୍ତୀର୍ଥେନ ନିତ୍ୟକାଳମୁପସ୍ପୃଶେତ୍ ।**
**କାୟତ୍ରୈଦଶିକାଭ୍ୟାଂ ବା ନ ପିତ୍ର୍ୟେଣ କଦାଚନ ।୫୮।**

ବ୍ରାହ୍ମଣ ସଦା ବ୍ରହ୍ମତୀର୍ଥ, ପ୍ରଜାପତି ତୀର୍ଥ ବା ଦୈବ ତୀର୍ଥ ଦ୍ୱାରା ଆଚମନ କରିବ, କେବେହେଁ ପିତୃତୀର୍ଥ ଦ୍ୱାରା ଆଚମନ କରିବ ନାହିଁ ।

**ଅଙ୍ଗୁଷ୍ଠମୂଳସ୍ୟ ତଳେ ବ୍ରାହ୍ମଂ ତୀର୍ଥଂ ପ୍ରଚକ୍ଷତେ ।**
**କାୟମଙ୍ଗୁଳିମୂଳେଽଗ୍ରେ ଦୈବ୍ୟଂପିତ୍ର୍ୟଂ ତୟୋରଧଃ ।୫୯।**

ବୁଢ଼ା ଆଙ୍ଗୁଳି ମୂଳର ତଳକୁ ବ୍ରହ୍ମତୀର୍ଥ ଓ କାଣି ଅଙ୍ଗୁଳିର ମୂଳକୁ କାୟତୀର୍ଥ ବୋଲି, ସେହି ଅଙ୍ଗୁଳିର ଅଗ୍ରଭାଗ ଆଉ ଦୈବତୀର୍ଥ, ଆଉ ବୁଢ଼ା ଆଙ୍ଗୁଳି ଓ ତର୍ଜ୍ଜନୀ ଆଙ୍ଗୁଳିର ମଧ ଭାଗକୁ ପିତୃତୀର୍ଥ ବୋଲି ଜାଣିବ ।

**ତ୍ରିରାଚାମେଦପଃ ପୂର୍ବଂଦ୍ୱିଃ ପ୍ରମୃଜ୍ୟାତ୍ତତୋ ମୁଖମ୍ ।**
**ଖାନି ଚୈବ ସ୍ପୃଶେଦଭିରାମାତ୍ମନଂ ଶିର ଏବ ଚ ।୬୦।**

ପ୍ରଥମେ ଜଳରେ ତିନିଥର ଆଚମନ କରିବ, ଅନନ୍ତର ଦୁଇବାର ମୁହଁ ଧୋଇବ, ତା' ପଛେ ଇନ୍ଦ୍ରିୟ ବକ୍ଷସ୍ଥଳ ଆଉ ମସ୍ତକ ଜଳଦ୍ୱାରା ସ୍ପର୍ଶ କରିବ ।

**ଅନୁଷ୍ଣାଭିରଫେନାଭିରଭିସ୍ତୀର୍ଥେନ ଧର୍ମବିତ୍ ।**
**ଶୌଚେପ୍ସୁଃ ସର୍ବାଦାଚାମେଦେକାନ୍ତେ ପ୍ରାଗୁଦଙ୍ମୁଖଃ ।୬୧।**

ଫେଣ ରହିତ ଶୀତଳ ଜଳରେ ଧର୍ମଜ୍ଞ ଶୌଚେଚ୍ଛୁ ଲୋକ ତୀର୍ଥଦ୍ୱାରା ପୂର୍ବ ବା ଉତ୍ତର ମୁଖରେ ଆଚମନ କରିବ ।

**ହୃଦ୍‌ଗାଭିଃ ପୂୟତେ ବିପ୍ର କଣ୍ଠଗାଭିସ୍ତୁ ଭୂମିପଃ ।**
**ବୈଶ୍ୟୋଭିଃ ପ୍ରାଶିତାଭିସ୍ତୁ ଶୂଦ୍ରଃ ସ୍ପୃଷ୍ଟାଭିରନ୍ତତଃ ।୬୨।**

ଆଚମନ ଜଳ ହୃଦୟ ପର୍ଯ୍ୟନ୍ତ ଗଲେ ବ୍ରାହ୍ମଣ ପବିତ୍ର ହୁଏ, କଣ୍ଠ ପର୍ଯ୍ୟନ୍ତ ଗଲେ କ୍ଷତ୍ରିୟ, ମୁଖ ପର୍ଯ୍ୟନ୍ତ ଗଲେ ବୈଶ୍ୟ, ମାତ୍ର ଶୂଦ୍ର ଅନ୍ତତଃ ଜିହ୍ୱା ଓ ଓଷ୍ଠପ୍ରାନ୍ତ ଦ୍ୱାରା ସ୍ପର୍ଶ କଲେ ପବିତ୍ର ହୁଏ ।

**ଉଦ୍ଧୃତେ ଦକ୍ଷିଣେ ପାଣାବୁପବୀତ୍ୟୁଚ୍ୟତେ ଦ୍ୱିଜଃ ।**
**ସବ୍ୟେ ପ୍ରାଚୀନ ଆବୀତୀ ନିବୀତୀ କଣ୍ଠ ସଜ୍ଜନେ ।୬୩।**

ଡାହାଣ ହାତକୁ ବାହାରେ ରଖି ବାମ କନ୍ଧ ଉପରୁ ପଇତା ପକାଇଲେ ଦ୍ୱିଜକୁ ଉପବୀତି ବୋଲାଯାଏ, ତହିଁରୁ ବିପରୀତ ହେଲେ ପ୍ରାଚୀନ ଆବୀତୀ ମାତ୍ର ପଇତା କଣ୍ଠରେ ଝୁଲିଲେ ବ୍ରାହ୍ମଣକୁ ନିବୀତୀ ବୋଲାଯାଏ ।

**ମେଖଳାମଜିନଂ ଦଣ୍ଡମୁପବୀତଂ କମଣ୍ଡଲୁମ୍ ।**
**ଅପ୍‌ସୁ ପ୍ରାସ୍ୟ ବିନଷ୍ଟାନି ଗୃହୀତାନ୍ୟାନି ମନ୍ତ୍ରବତ୍ ।୬୪।**

ମେଖଳା, ଚର୍ମ (ମୃଗଚର୍ମାଦି), ଦଣ୍ଡ ପଇତା ଆଉ କମଣ୍ଡଳୁ ନଷ୍ଟ ହେଲେ ପାଣିରେ ପକାଇ ଦେଇ ମନ୍ତ୍ରପଢ଼ି ଅନ୍ୟ ନୂଆ ପଇତା ଗ୍ରହଣ କରିବ ।

**କେଶାନ୍ତଃ ଷୋଡ଼ଶେ ବର୍ଷେ ବ୍ରାହ୍ମଣସ୍ୟ ବିଧୀୟତେ ।**
**ରାଜନ୍ୟ ବନ୍ଧୋଦ୍ୱାବିଂଶ ବୈଶ୍ୟସ୍ୟ ଦ୍ୱ୍ୟଧିକେ ତତଃ ।୬୫।**

କେଶାନ୍ତ ସଂସ୍କାର ବ୍ରାହ୍ମଣର ୧୬ ବର୍ଷରେ, କ୍ଷତ୍ରିୟର ୨୨ ବର୍ଷରେ ଆଉ ବୈଶ୍ୟର ୨୪ ବର୍ଷରେ କରିବ।

**ଅମନ୍ତ୍ରିକା ତୁ କାର୍ଯ୍ୟେୟଂ ସ୍ତ୍ରୀଣାମାବୃଦଶେଷତଃ ।**
**ସଂସ୍କାରାର୍ଥଂ ଶରୀରସ୍ୟ ଯଥାକାଳଂ ଯଥାକ୍ରମମ୍ ।୬୬।**

ଶରୀର ସଂସ୍କାର ସକାଶେ ସ୍ତ୍ରୀମାନଙ୍କର ଏହି କାର୍ଯ୍ୟସକଳ ଯଥାକାଳ ଓ ଯଥାକ୍ରମରେ ବେଦମନ୍ତ୍ର ପଢ଼ି କରିବ ।

**ବୈବାହିକୋ ବିଧିଃ ସ୍ତ୍ରୀଣାଂ ସଂସ୍କାରୋ ବୈଦିକଃ ସ୍ମୃତଃ ।**
**ପତିସେବା ଗୁରୌ ବାସୋ ଗୃହାର୍ଥୋଽଗ୍ନି ପରିଷ୍କ୍ରିୟା ।୬୭। ✲**

ସ୍ତ୍ରୀମାନଙ୍କର ବିବାହ ସମ୍ବନ୍ଧୀୟ ବିଧି ମଧ୍ୟ ପତିସେବା, ଗୁରୁକୁଳରେ ବାସ, ଗୃହକୃତ୍ୟ ଓ ସକାଳସନ୍ଧ୍ୟା ଅଗ୍ନି ପରିଚର୍ଯ୍ୟା ବୈଦିକ ସଂସ୍କାର ଅଟେ ।

**ଏଷପ୍ରୋକ୍ତା ଦ୍ୱିଜାତୀନାମୌପନାୟନିକୋ ବିଧିଃ ।**
**ଉତ୍ପତ୍ତିବ୍ୟଞ୍ଜକଃ ପୁଣ୍ୟଃ କର୍ମୋଯୋଗଂ ନିବୋଧତ ।୬୮।**

ଦ୍ୱିଜାତିମାନଙ୍କର ଏହା ଉପନୟନ ସମ୍ବନ୍ଧୀୟ ବିଧି କଥିତ ହେଲା, ଏହା ଦ୍ୱିତୀୟ ଜନ୍ମକ ଓ ପବିତ୍ର କାରକ ଅଟେ । ଏବେ କର୍ମଯୋଗ ଶୁଣ ।

**ଉପନୀୟ ଗୁରୁ ଶିଷ୍ୟଂ ଶିକ୍ଷରେଚ୍ଛୌଚମାଦିତଃ ।**
**ଆଚାରମଗ୍ନିକାର୍ଯ୍ୟଞ୍ଚ ସନ୍ଧ୍ୟୋପାସନମେବ ଚ ।୬୯।**

ଗୁରୁ ଉପନୟନ କରାଇ ଶିଷ୍ୟକୁ ପ୍ରଥମେ ଶୌଚ, ଆଚାର, ସକାଳ ସନ୍ଧ୍ୟାର ହୋମ ତଥା ସନ୍ଧ୍ୟୋପାସନା ଶିଖାଇବେ ।

**ଅଧ୍ୟେଷ୍ୟମଣସ୍ତ୍ୱାଚାନ୍ତୋ ଯଥାଶାସ୍ତ୍ରମୁଦଙ୍ ମୁଖଃ ।**
**ବ୍ରହ୍ମାଞ୍ଜଳିକୃତୋଽଧ୍ୟାପ୍ୟୋ ଲଘୁବାସା ଜିତେନ୍ଦ୍ରିୟଃ ।୭୦।**

ଅଧ୍ୟୟନଶୀଳ ଶିଷ୍ୟ ଶାସ୍ତ୍ରବିଧି ଅନୁଯାୟୀ ଆଚମନ କରି ବ୍ରହ୍ମାଞ୍ଜଳି କରି ଉତ୍ତରମୁଖୀ ହୋଇ ହାଲୁକା ଲୁଗା ପିନ୍ଧି ଜିତେନ୍ଦ୍ରିୟ ହୋଇ ପଢ଼ିବ ।

**ବ୍ରହ୍ମାରମ୍ଭେଽବସାନେଚ ପାଦୌ ଗ୍ରାହ୍ୟୌ ଗୁରୋଃ ସଦା ।**
**ସଂହତ୍ୟ ହସ୍ତାବଧ୍ୟେୟଂ ସ ହି ବ୍ରହ୍ମାଞ୍ଜଳି ସ୍ମୃତଃ ।୭୧।**

---

✲ ୬୬ ଓ ୬୭ ଶ୍ଳୋକଦ୍ୱୟ ପ୍ରକ୍ଷିପ୍ତ ।

ବେଦାଧ୍ୟୟନ ଆରମ୍ଭ ଓ ଶେଷ କରିବା ସମୟରେ ସର୍ବଦା ଗୁରୁଙ୍କ ପାଦ ଛୁଇଁବ ଓ ହାତ ଯୋଡ଼ିବ । ଏହାକୁହିଁ ବ୍ରହ୍ମାଞ୍ଜଳି ବୋଲନ୍ତି ।

**ବ୍ୟତ୍ୟସ୍ତପାଣିନା କାର୍ଯ୍ୟମୁପସଂଗ୍ରହଣଂ ଗୁରୋଃ ।**
**ସବ୍ୟେନ ସବ୍ୟଃ ସ୍ପ୍ରଷ୍ଟବ୍ୟୋ ଦକ୍ଷିଣେନ ଚ ଦକ୍ଷିଣଃ ।୭୨।**

ହାତ ଅଲଗା କରି ଗୁରୁଙ୍କ ପାଦ ସ୍ପର୍ଶ କରିବ—ଡାହାଣ ହାତରେ ଡାହାଣ ଗୋଡ଼ ଓ ବାଁ ହାତରେ ବାଁ ଗୋଡ଼ ଛୁଇଁବା କର୍ତ୍ତବ୍ୟ ।

**ଅଧ୍ୟେଷ୍ୟମାଣନ୍ତୁ ଗୁରୁର୍ନିତ୍ୟକାଳମତନ୍ଦ୍ରିତଃ ।**
**ଅଧୀଷ୍ୱ ଭୋ ଇତ ବୃୟାବିରାମୋଽସ୍ତ୍ୱିତି ଚାରମେତ୍ ।୭୩।**

ଆଳସ୍ୟହୀନ ଗୁରୁ ନିତ୍ୟ ପଠନଶୀଳ ଶିଷ୍ୟକୁ ପ୍ରଥମେ ପଢ଼ିବା ସମୟରେ 'ହେ ଶିଷ୍ୟ' ପଢ଼ ବୋଲି କହିବେ । ପାଠ ବନ୍ଦ କରିବା ସମୟରେ 'ବନ୍ଦ ହେଉ' ବୋଲି କହିବେ ।

**ବ୍ରାହ୍ମଣ ପ୍ରଣବଂ କୁର୍ଯ୍ୟାଦାଦାବନ୍ତେ ଚ ସର୍ବଦା ।**
**ସ୍ରବତ୍ୟନୋଙ୍କୃତଂ ପୂର୍ବଂ କରସ୍ତାଚ୍ଚ ବିଶୀର୍ଯ୍ୟତି ।୭୪।**

ବେଦ ପଢ଼ିବା ଆରମ୍ଭରେ ଓ ଅନ୍ତରେ ସର୍ବଦା ପ୍ରଣବ (ଓଁ) ଉଚ୍ଚାରଣ କରିବ, ପୂର୍ବେ ଓ ପରେ ଓଙ୍କାର ଉଚ୍ଚାରଣ ନକଲେ ତାହାର ପାଠ ଧୀରେ ଧୀରେ ନଷ୍ଟ ହୁଏ ।

**ପ୍ରାକ୍‌କୁଶାନ୍ ପର୍ଯ୍ୟୁପାସୀନଃ ପବିତ୍ରୈଶ୍ଚୈବ ପ୍ଲାବିତଃ ।**
**ପ୍ରାଣାୟାମୈସ୍ତ୍ରିଭିଃ ପୂତସ୍ତତଃ ଓଁଙ୍କାର ମର୍ହତି ।୭୫।**

ପୂର୍ବାଗ୍ର କୁଶମାନଙ୍କରେ ସମାସୀନ ହୋଇ କୁଶରେ ମାର୍ଜନା କରିବା ଦ୍ୱାରା ପବିତ୍ର ଓ ତିନିଥର ପ୍ରାଣାୟାମ କରି ବିଶୁଦ୍ଧ ହେଲେ ଓଁକାର ଉଚ୍ଚାରଣ କରିବାର ଉପଯୁକ୍ତ ହୁଏ ।

**ଅକାରଞ୍ଚାପ୍ୟୁକାରଞ୍ଚ ମକାରଞ୍ଚ ପ୍ରଜାପତିଃ ।**
**ବେଦତ୍ରୟାନ୍ନିରଦୁହଦ୍ଭୂର୍ଭୁବଃ ସ୍ୱରିତୀତି ଚ ।୭୬।**

ବ୍ରହ୍ମା ତିନି ବେଦରୁ ଅକାର, ଉକାର ଓ ମକାର ଏବଂ ତିନି ବ୍ୟାହୃତି—ଭୂଃ ଭୁବଃ ସ୍ୱଃ ସାର ବାହାର କରି ଅଛନ୍ତି ।

**ତ୍ରିଭ୍ୟ ଏବତୁ ବେଦେଭ୍ୟଃ ପାଦପାଦମଦୂଦୁହତ୍ ।**
**ତଦିତ୍ୟୃଚୋଽସ୍ୟାଃ ସାବିତ୍ରିଃ ପରମେଷ୍ଠୀ ପ୍ରଜାପତିଃ ।୭୭।**

ପ୍ରଜାପତି ବ୍ରହ୍ମା ତିନି ବେଦରୁ ତତ୍ ଇତି ସାବିତ୍ରୀ ଋଚାର ଏକ ଏକପାଦ ଦୁହିଥିଲେ ।

**ଏତଦକ୍ଷରମେତାଞ୍ଚ ଜପନ୍ ବ୍ୟାହୃତିପୂର୍ବିକାମ୍ ।**
**ସନ୍ଧ୍ୟୟୋର୍ବେଦବିଦ୍‌ବିପ୍ରୋ ବେଦପୁଣ୍ୟେନ ଯୁଜ୍ୟତେ ।୭୮।**

ଏହି ଓଁକାର ରୂପ ଅକ୍ଷର ତ୍ରିପାଦଯୁକ୍ତ ସାବିତ୍ରୀ ତିନିବ୍ୟାହୃତିକୁ ଆଗେ ଲଗାଇ ବେଦଜ୍ଞ ବିପ୍ର ଦୁଇ ସନ୍ଧ୍ୟାରେ ଜପ କଲେ ବେଦ ପଢ଼ିବାର ଫଳପାଏ ।

**ସହସ୍ର କୃତ୍ୱସ୍ତ୍ୱଭ୍ୟସ୍ୟ ବହିରେତତ୍ତ୍ରିକଂ ଦ୍ୱିଜଃ ।**
**ମହତୋଽପ୍ୟେନସୋ ମାସାତ୍ତ୍ୱଚେବାହିର୍ବି ମୁଚ୍ୟତେ ।୭୯।**

ପୁଣି ଏହି ତ୍ରିକ (ପ୍ରଣବ, ବ୍ୟାହୃତି ଓ ସାବିତ୍ରୀ) କୁ ସହସ୍ରବାର ଗ୍ରାମର ବାହାରେ (ନଦୀତୀର ବା ଅରଣ୍ୟରେ) ଏକମାସ ଜପକଲେ ଦ୍ୱିଜ ମହାପାପରୁ ସାପକାତିରୁ ବାହାରିଲା ପରି ମୁକ୍ତ ହୁଏ ।

**ଏତୟାର୍ଚ୍ଚା ବିସଂଯୁକ୍ତଃ କାଳେ ଚ କ୍ରିୟୟା ସ୍ୱୟା ।**
**ବ୍ରହ୍ମକ୍ଷତ୍ରିୟବିଡ୍ ଯୋନିର୍ଗର୍ହଣାଂ ଯାତି ସାଧୁଷୁ ॥୮୦॥**

ଏହି ଗାୟତ୍ରୀ ଜପରୁ ରହିତ ଓ ସକାଳ ସନ୍ଧ୍ୟା ସୁକ୍ରିୟା (ଅଗ୍ନିହୋତ୍ରାଦି) ରୁ ରହିତ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବର୍ଣ୍ଣର ମନୁଷ୍ୟ ସହିତ ସମାଜରେ ନିନ୍ଦାପାଏ ।

**ଓଁକାରପୂର୍ବିକାସ୍ତିସ୍ରୋ ମହାବ୍ୟାହୃତୟୋଽବ୍ୟୟାଃ ।**
**ତ୍ରିପଦା ଚୈବ ସାବିତ୍ରୀ ବିଜ୍ଞେୟଂ ବ୍ରହ୍ମଣୋ ମୁଖମ୍ ॥୮୧॥**

ଓଁକାର ପୂର୍ବିକା ତିନି ଅବିନାଶିନୀ ମହାବ୍ୟାହୃତି ଓ ତ୍ରିପଦ ଗାୟତ୍ରୀକୁ ବେଦର ମୁଖ ବୋଲି ଜାଣିବା (ବେଦାଧ୍ୟୟନ ପୂର୍ବେ ତାହା ପଢ଼ାଯାଏ ଏବଂ ବ୍ରହ୍ମ ପ୍ରାପ୍ତି ତାହାହେତୁ ହୁଏ) ।

**ଯୋଽଧୀତେଽହନ୍ୟହନ୍ୟେତାଂସ୍ତ୍ରୀଣି ବର୍ଷାଣ୍ୟତନ୍ଦ୍ରିତଃ ।**
**ସ ବ୍ରହ୍ମପରମଭ୍ୟେତି ବାୟୁଭୂତଃ ଖମୂର୍ତ୍ତିମାନ୍ ॥୮୨॥**

ଯେ ଲୋକ ପ୍ରତିଦିନ ଆଳସ୍ୟରହିତ ହୋଇ ତିନିବର୍ଷ ପର୍ଯ୍ୟନ୍ତ ଏମାନ (ଓଁ, ବ୍ୟାହୃତି ଓ ଗାୟତ୍ରୀ) ପାଠକରେ, ସେ ବାୟୁପରି ସ୍ୱତନ୍ତ୍ରଚାରୀ ଓ ଶରୀର ବନ୍ଧନରୁ ରହିତ ହୋଇ ପରଂବ୍ରହ୍ମକୁ ପ୍ରାପ୍ତ ହୁଏ ।

**ଏକାକ୍ଷରଂ ପରଂବ୍ରହ୍ମ ପ୍ରାଣାୟାମଃ ପରଂତପଃ ।**
**ସାବିତ୍ର୍ୟାସ୍ତୁ ପରଂ ନାସ୍ତି ମୌନାତ୍ ସତ୍ୟଂ ବିଶିଷ୍ୟତେ ॥୮୩॥**

ଓଁ ଏହି ଏକ ଅକ୍ଷର ପରଂବ୍ରହ୍ମ ବାଚକ ଆଉ ପ୍ରାଣାୟାମ ବଡ଼ତପସ୍ୟା ଏବଂ ଗାୟତ୍ରୀରୁ ଶ୍ରେଷ୍ଠ କୌଣସି ମନ୍ତ୍ର ନାହିଁ, ତଥା ମୌନରୁ ସତ୍ୟ ଭାଷଣ ଶ୍ରେଷ୍ଠ ଅଟେ ।

**କ୍ଷରନ୍ତି ସର୍ବା ବୈଦିକ୍ୟୋ ଜୁହୋତି ଯଜତି କ୍ରିୟାଃ ।**
**ଅକ୍ଷରଂ ଦୁଷ୍କରଂ ଜ୍ଞେୟଂ ବ୍ରହ୍ମ ଚୈବ ପ୍ରଜାପତିଃ ॥୮୪॥**

ଯଜ୍ଞ ଯାଗାଦି ବୈଦିକ କ୍ରିୟା ସମସ୍ତ ନାଶବାନ୍ ଅଟେ । ମାତ୍ର କଷ୍ଟରେ ଜାଣିବା ଯୋଗ୍ୟ ପ୍ରଜାପତି ବ୍ରହ୍ମପ୍ରତିପାଦକ ଓଁ ଅକ୍ଷର ଅବିନାଶୀ ଅଟେ ।

**ବିଧିଯଜ୍ଞାଜ୍ଜପଯଜ୍ଞୋ ବିଶିଷ୍ଟୋ ଦଶଭିର୍ଗୁଣୈଃ ।**
**ଉପାଂଶୁଃ ସ୍ୟାଚ୍ଛତଗୁଣଃ ସାହସ୍ରୋମାନସଃ ସ୍ମୃତିଃ ॥୮୫॥**

ବୈଶ୍ୱଦେବାଦିକ ବିଧିଯଜ୍ଞଠାରୁ ଜପଯଜ୍ଞ ଦଶଗୁଣ ଅଧିକ ଓ ତାହା ସମୀପସ୍ଥ ଲୋକ ଶୁଣିବାକୁ ନ ପାଇଲା ଭଳି ଜପକଲେ ଶତଗୁଣ ଅଧିକ ଅଟେ । ଆଉ ମନେ ମନେ ଜପ କଲେ ସହସ୍ର ଗୁଣ ଅଧିକ ହୋଇଥାନ୍ତି ।

**ଯେ ପାକଯଜ୍ଞାଶ୍ଚତ୍ୱାରୋ ବିଧିଯଜ୍ଞସମନ୍ୱିତାଃ ।**
**ସର୍ବେତେ ଜପଯଜ୍ଞସ୍ୟ କଳାଂ ନାର୍ହନ୍ତି ଷୋଡ଼ଶୀମ୍ ॥୮୬॥**

ଯେ ବୈଶ୍ୱଦେବ, ବଳିକର୍ମ, ନିତ୍ୟଶ୍ରାଦ୍ଧ ଓ ଅତିଥି ଭୋଜନଚାରି ପାକ ଯଜ୍ଞ ଅଛି ତାହା ପୌର୍ଣ୍ଣମାସାଦି ବିଧିଯଜ୍ଞରେ ଯୋଗ ହେଲେ ମଧ୍ୟ ଜପଯଜ୍ଞର ଷୋଳ

କଳାର କଳାକାର ଯୋଗ୍ୟ ନୁହେଁ ଅର୍ଥାତ୍ ଜପ ଯଜ୍ଞ ସର୍ବଶ୍ରେଷ୍ଠ ।

**ଜପ୍ୟେନୈବ ତୁ ସଂସିଦ୍ଧ୍ୟେଦ୍ ବ୍ରାହ୍ମଣୋ ନାତ୍ର ସଂଶୟଃ ।**
**କୁର୍ଯ୍ୟାଦନ୍ୟନ୍ନ ବା କୁର୍ଯ୍ୟାନ୍ମୈତ୍ରୋ ବ୍ରାହ୍ମଣ ଉଚ୍ୟତେ ।୮୭।**

ବ୍ରାହ୍ମଣ ଜପକଲେ ସିଦ୍ଧ ପ୍ରାପ୍ତ ଅର୍ଥାତ୍ ମୋକ୍ଷ ପାଇବାର ଉପଯୁକ୍ତ ହୁଏ ଆଉ ଅନ୍ୟ କିଛି ଯୋଗାଦି କରୁ ବା ନକରୁ ସେ ମୈତ୍ର ଅର୍ଥାତ୍ ସର୍ବପ୍ରିୟ ବୋଲାନ୍ତି, ଏଥିରେ ସନ୍ଦେହ ନାହିଁ ।

**ଇନ୍ଦ୍ରିୟାଣାଂ ବିଚରତାଂ ବିଷୟେଷ୍ୱପହାରିଷୁ ।**
**ସଂଯମେ ଯତ୍ନମାତିଷ୍ଠେଦ୍ବିଦ୍ୱାନ୍ ଯନ୍ତେବ ବାଜିନାଂ ।୮୮।**

ସାରଥି ଘୋଡ଼ାମାନଙ୍କୁ ଅଟକାଇଲା ପରି ବିଷୟଚରଣଶୀଳ ଇନ୍ଦ୍ରିୟମାନଙ୍କୁ ଆକର୍ଷଣପୂର୍ବକ ସଂଯମ କରିବାରେ ବିଦ୍ୱାନ୍ ଯତ୍ନ କରିବ ।

**ଏକାଦଶେନ୍ଦ୍ରିୟାଣ୍ୟାହୁର୍ଯାନି ପୂର୍ବେ ମନୀଷିଣଃ ।**
**ତାନି ସମ୍ୟକ୍ ପ୍ରବକ୍ଷ୍ୟାମି ଯଥାବଦନୁପୂର୍ବଶଃ ।୮୯।**

ପୂର୍ବେ ମୁନିମାନେ ଯେ ଏକାଦଶ ଇନ୍ଦ୍ରିୟ କହିଅଛନ୍ତି ତାହା ଆନୁପୂର୍ବକ ଯଥାର୍ଥରୂପେ ଭଲ କରି କହୁଅଛୁଁ ।

**ଶ୍ରୋତ୍ରଂ ତ୍ୱକ୍ ଚକ୍ଷୁଷୀ ଜିହ୍ୱା ନାସିକା ଚୈବ ପଞ୍ଚମୀ ।**
**ପାୟୁପସ୍ଥଂ ହସ୍ତପାଦଂ ବାକ୍ ଚୈବ ଦଶମୀ ସ୍ମୃତା ।୯୦।**

କର୍ଣ୍ଣ, ତ୍ୱକ୍, ଚକ୍ଷୁ, ଜିହ୍ୱା ଆଉ ପଞ୍ଚମ ନାସିକା, ଗୁହ୍ୟଦେଶ, ଉପସ୍ଥ, ହସ୍ତ, ପାଦ ଓ ଦଶମ ବାକ୍ ଏରୂପ ଦଶଇନ୍ଦ୍ରିୟ କଥିତ ହୁଏ ।

**ବୁଦ୍ଧୀନ୍ଦ୍ରିୟାଣି ପଞ୍ଚୈଷାଂ ଶ୍ରୋତ୍ରାଦୀନ୍ୟନୁପୂର୍ବଶଃ ।**
**କର୍ମେନ୍ଦ୍ରିୟାଣି ପଞ୍ଚୈଷାଂପାୟ୍ୱାଦୀନି ପ୍ରଚକ୍ଷତେ ।୯୧।**

ତହିଁ ମଧ୍ୟରୁ କର୍ଣ୍ଣ ଇତ୍ୟାଦି କ୍ରମଶଃ ପଞ୍ଚଜ୍ଞାନେନ୍ଦ୍ରିୟ ଆଉ ଗୁହ୍ୟଦେଶ ଇତ୍ୟାଦି ପଞ୍ଚକର୍ମେନ୍ଦ୍ରିୟ ବୋଲାନ୍ତି ।

**ଏକାଦଶଂ ମନୋ ଜ୍ଞେୟଂ ସ୍ୱଗୁଣେନୋଭୟାତ୍ମକମ୍ ।**
**ଯସ୍ମିନ୍‌ଜିତେ ଜିତାବେତୌ ଭବତଃ ପଞ୍ଚକୌ ଗଣୌ ।୯୨।**

ନିଜ ଗୁଣରେ ଜ୍ଞାନ ଓ କର୍ମ ଉଭୟଗୁଣଯୁକ୍ତ ମନକୁ ଏକାଦଶ ବୋଲି ଜାଣିବ । ଆଉ ମନ ବଶ ହେଲେ ସେ ପାଞ୍ଚ ପାଞ୍ଚ ଗଣ (ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟ) ବଶ ହୋଇଯାନ୍ତି ।

**ଇନ୍ଦ୍ରିୟାଣାଂ ପ୍ରସଙ୍ଗେନଦୋଷମୃଚ୍ଛତ୍ୟସଂଶୟମ୍ ।**
**ସଂନିୟମ୍ୟ ତୁ ତାନ୍ୟେବ ତତଃ ସିଦ୍ଧିଂ ନିଗଚ୍ଛତି ।୯୩।**

ଇନ୍ଦ୍ରିୟମାନଙ୍କର ବିଷୟ ପ୍ରସକ୍ତିରୁ ନିଃସନ୍ଦେହ ଦୋଷ ପ୍ରାପ୍ତି ହୁଏ ଆଉ ତାହାକୁ ସଂଯମ କରି ପାରିଲେ ସିଦ୍ଧି ମିଳେ ।

**ନ ଜାତୁ କାମଃ କାମନାମୁପଭୋଗେନ ଶାମ୍ୟତି ।**
**ହବିଷା କୃଷ୍ଣବର୍ତ୍ମେବ ଭୂୟ ଏବାଭିବର୍ଦ୍ଧତେ ।୯୪।**

ବିଷୟ ଭୋଗର ଇଚ୍ଛା ବିଷୟ ଉପଭୋଗ ଦ୍ୱାରା କେବେ ଶାନ୍ତ ହୁଏ ନାହିଁ, ପରନ୍ତୁ ନିଆଁରେ ଘିଅ ଢ଼ାଳିଲା ପରି ଅଧିକ ଜ୍ୱଳି ଉଠେ ।

**ଯଶ୍ଚୈତାନ୍ ପ୍ରାପ୍ନୁୟାତ୍ ସର୍ବାନ୍ ଯଶ୍ଚୈତାନ୍ କେବଲାଂସ୍ତ୍ୟଜେତ୍ ।**
**ପ୍ରାପଣାତ୍ ସର୍ବକାମନାଂ ପରିତ୍ୟାଗୋ ବିଶିଷ୍ୟତେ ।୯୫।**

ଯେ ସବୁ ବିଷୟୋପଭୋଗ ପାଇଅଛି ଓ ଯେ ବିଷୟୋପଭୋଗ କେବଳଛାଡ଼ିଅଛି ଏ ଦୁହିଙ୍କ ମଧ୍ୟରେ ସବୁ ବିଷୟୋପଭୋଗ ପାଇବାଠାରୁ ପରିତ୍ୟାଗ ଶ୍ରେଷ୍ଠଅଟେ ।

**ନ ତଥୈତାନି ଶକ୍ୟନ୍ତେ ସଂନିୟନ୍ତୁମସେବୟା ।**
**ବିଷୟେଷୁ ପ୍ରଜୁଷ୍ଟାନି ଯଥା ଜ୍ଞାନେନ ନିତ୍ୟଶଃ ।୯୬।**

ବିଷୟାସକ୍ତ ଇନ୍ଦ୍ରିୟମାନଙ୍କୁ ବିଷୟ ସେବା ବିନା ଯେପରି ଜିତାଯାଇ ନପାରେ ସେପରି ବିଷୟରେ ଯେ ଦୋଷ ଅଛି ତହିଁର ଜ୍ଞାନକୁ ଅର୍ଥାତ୍ ତାହା ଜାଣି ଛାଡ଼ିବାଦ୍ୱାରା ଜିତାଯାଏ ।

**ବେଦାସ୍ତ୍ୟାଗଶ୍ଚ ଯଜ୍ଞଶ୍ଚ ନିୟମଶ୍ଚ ତପାଂସି ଚ ।**
**ନ ବିପ୍ରଦୁଷ୍ଟଭାବସ୍ୟ ସିଦ୍ଧିଂ ଗଚ୍ଛନ୍ତି କର୍ହିଚିତ୍ ।୯୭।**

ବେଦାଧ୍ୟୟନ, ଦାନ, ଯଜ୍ଞ, ନିୟମ (ବ୍ରତ) ଓ ତପସ୍ୟା ଦୁଷ୍ଟଭାବସମ୍ପନ୍ନ ଲୋକକୁ କେବେ ସିଦ୍ଧି ଦିଏନାହିଁ ।

**ଶ୍ରୁତ୍ୱା ସ୍ପୃଷ୍ଟ୍ୱା ଚ ଭୁକ୍ତ୍ୱା ଘ୍ରାତ୍ୱା ଚ ଯୋ ନରଃ ।**
**ନ ହୃଷ୍ୟତି ଗ୍ଲାୟତି ବା ସ ବିଜ୍ଞେୟୋ ଜିତେନ୍ଦ୍ରିୟଃ ।୯୮।**

ଯେଉଁ ନର ନିନ୍ଦା ବା ସ୍ତୁତି, ପୁଣି କୋମଳ ବା କଠିନ ବସ୍ତୁ ସ୍ପର୍ଶ କରି, ସୁନ୍ଦର ବା ଅସୁନ୍ଦର ବସ୍ତୁ ଦେଖି, ପୂର୍ଣ୍ଣ ବା ସାମାନ୍ୟ ଆହାର କରି ଓ ସୁଗନ୍ଧ ବା ଦୁର୍ଗନ୍ଧ ଶୁଙ୍ଘି ବିଷାଦ ପ୍ରାପ୍ତ ନ ହୁଏ ତାହାକୁ ଜିତେନ୍ଦ୍ରିୟ ବୋଲି ଜାଣିବ ।

**ଇନ୍ଦ୍ରିୟାଣାଂ ତୁ ସର୍ବେଷାଂ ଯଦେକଂ କ୍ଷରତୀନ୍ଦ୍ରିୟମ୍ ।**
**ତେନାସ୍ୟ କ୍ଷରତି ପ୍ରଜ୍ଞାଦୃତେଃ ଯାତ୍ରାଦିବୋଦକମ୍ ।୯୯।**

ଇନ୍ଦ୍ରିୟମାନଙ୍କ ମଧ୍ୟରୁ ଯେବେ ଗୋଟିଏ ସ୍ଖଳିତ ହୁଏ ତାହାହେଲେ ପାତ୍ରରେ ଗୋଟିଏ ଛିଦ୍ର ଥିଲେ ସୁଦ୍ଧା ଯେପରି ପାଣି ବୋହିଯାଏ ସେହିପରି ତାହାର ବୁଦ୍ଧି ବିନଷ୍ଟ ହୁଏ ।

**ବଶେ କୃତ୍ୱେନ୍ଦ୍ରିୟଗ୍ରାମଂ ସଂଯମସ୍ୟ ତ ମନସ୍ତଥା ।**
**ସର୍ବାନ୍ ସଂସାଧୟେଦର୍ଥାନକ୍ଷିଣ୍ୱାନ ଯୋଗତସ୍ତନୁମ୍ ।୧୦୦।**

ଇନ୍ଦ୍ରିୟମାନଙ୍କୁ ବଶରେ ରଖି ମନକୁ ସଂଯମ କରି ଶରୀରକୁ ପୀଡ଼ା ନ ଦେଇ ସକଳ ପୁରୁଷାର୍ଥ ସାଧନ କରିବ ।

**ପୂର୍ବା ସନ୍ଧ୍ୟାଂଜପଂସ୍ତିଷ୍ଠେତ୍ ସାବିତ୍ରୀମାର୍କ ଦର୍ଶନାତ୍ ।**
**ପଶ୍ଚିମାଂ ତୁ ସମାସୀନଃ ସମ୍ୟଗୃକ୍ଷବିଭାବନାତ୍ ।୧୦୧।**

ପ୍ରାତଃକାଳରେ ସନ୍ଧ୍ୟା ସୂର୍ଯ୍ୟଦର୍ଶନ ପର୍ଯ୍ୟନ୍ତ ବସି ଗାୟତ୍ରୀ ଜପ କରିବ ଏବଂ ସାୟଂ କାଳରେ ସନ୍ଧ୍ୟା ସମାସୀନହୋଇ ସମ୍ୟକ୍ ରୂପେ ନକ୍ଷତ୍ର ଦେଖାଯିବା ପର୍ଯ୍ୟନ୍ତ କରିବ ।

**ପୂର୍ବାଂ ସନ୍ଧ୍ୟାଂ ଜପସ୍ତିଷ୍ଠନ୍ନେ ଶମେନୋ ବ୍ୟପୋହତି ।**
**ପଶ୍ଚିମାଂତୁ ସମାସୀନୋ ମଳଂ ହନ୍ତି ଦିବାକୃତମ୍ ।୧୦୨।**

ସକାଳ ସନ୍ଧ୍ୟାର ଜପରେ ସମସ୍ତ ରାତ୍ରିର ଆଉ ସଞ୍ଜ ଜପରେ ସମସ୍ତ ଦିନର ପୂର୍ବ ଦିନ ନଷ୍ଟ ହୁଏ ।

**ନ ତିଷ୍ଠତି ତୁ ଯଃ ପୂର୍ବେ ନୋପାସ୍ତେ ଯଶ୍ଚ ପଶ୍ଚିମାମ୍ ।**
**ସ ଶୂଦ୍ରବଦ୍‌ବହିଷ୍କାର୍ଯ୍ୟଃ ସର୍ବସ୍ମାଦ୍‌ଦ୍ୱିଜକର୍ମଣଃ ।୧୦୩।**

ଯେ ପ୍ରାତଃକାଳରେ ସନ୍ଧ୍ୟା ନକରେ ଆଉ ଯେ ସାୟଂକାଳରେ ସୁଦ୍ଧା ସନ୍ଧ୍ୟା ନକରେ ତାହାକୁ ଶୂଦ୍ରପରି ସମସ୍ତ ଦ୍ୱିଜକର୍ମରୁ ବାହାର କରିଦେବା କର୍ତ୍ତବ୍ୟ ।

**ଅପାଂ ସମୀପେ ନିୟତୋ ନୈତ୍ୟକଂ ବିଧିମାସ୍ଥିତଃ ।**
**ସାବିତ୍ରୀମପ୍ୟଧୀୟୀତ ଗତ୍ୱାରଣ୍ୟେ ସମାହିତଃ ।୧୦୪।**

ଏକାଗ୍ର ଚିତ୍ତରେ ଜଳସମୀପକୁ ଅରଣ୍ୟ (ବା ଏକାନ୍ତ) ପ୍ରଦେଶକୁ ଯାଇ (ସନ୍ଧ୍ୟା ବନ୍ଦନାଦି) ନିତ୍ୟକର୍ମ ଓ ଗାୟତ୍ରୀ ପାଠ କରିବ ।

**ବେଦୋପକରଣେ ଚୈବ ସ୍ୱାଧ୍ୟାୟେ ଚୈବ ନୈତ୍ୟକେ ।**
**ନାନୁରୋଧୋଽସ୍ତ୍ୟନଧ୍ୟାୟେ ହୋମମନ୍ତ୍ରେଷୁ ଚୈବ ହି ।୧୦୫।**

ଶିକ୍ଷା କଳ୍ପାଦି ବେଦାଙ୍ଗପାଠ ଏବଂ ପ୍ରତିଦିନର ସ୍ୱାଧ୍ୟାୟ ମଧ୍ୟ ହୋମ ମନ୍ତ୍ରରେ ପାଠ ନିଷେଧ ଦିନରେ ସୁଦ୍ଧା ପଢ଼ିବାକୁ ମନା ନାହିଁ ।

**ନୈତ୍ୟକେ ନାସ୍ତ୍ୟନଧ୍ୟାୟୋ ବ୍ରହ୍ମସତ୍ରଂ ହି ତତ୍ ସ୍ମୃତମ୍ ।**
**ବ୍ରହ୍ମାହୁତିହୁତଂ ପୁଣ୍ୟମନଧ୍ୟାୟେ ବଷଟ୍‌କୃତମ୍ ।୧୦୬।**

ନିତ୍ୟ କର୍ମରେ ଅନଧ୍ୟାୟ ନାହିଁ; କାରଣ ତାହାକୁ ବ୍ରହ୍ମଯଜ୍ଞ ବୋଲାଯାଏ । ଅନଧ୍ୟାୟ ରୂପ ଯଜ୍ଞ ସମାପକ ବଷଟ୍‌କାରରେ ସୁଦ୍ଧା ବ୍ରହ୍ମାହୁତି (ବେଦାଧ୍ୟୟନ) ପୁଣ୍ୟ ଜନକ ହୁଏ ।

**ଯଃ ସ୍ୱାଧ୍ୟାୟମଧୀତେଽବ୍ଦଂ ବିଧିନା ନିୟତଃ ଶୁଚିଃ ।**
**ତସ୍ୟ ନିତ୍ୟଂ କ୍ଷରତ୍ୟେଷ ପୟୋଦଧି ଘୃତଂ ମଧୁ ।୧୦୭।**

ଯେ ଏକବର୍ଷ କାଳ ନିୟତ ହୋଇ ବିଧିପୂର୍ବକ ସ୍ୱାଧ୍ୟାୟ ପଢ଼େ ସେହି ସ୍ୱାଧ୍ୟାୟ ତାହା ସକାଶେ ଦୁଗ୍ଧ, ଦଧି, ଘୃତ ଓ ମଧୁବୃଷ୍ଟିକରେ ଅର୍ଥାତ୍ ତାହାର ସକଳ ସୁଖଲାଭ ହୁଏ ।

**ଅଗ୍ନୀନ୍ଧନଂ ଭୈକ୍ଷଚର୍ଯ୍ୟାମଧଃଶଯ୍ୟାଂ ଗୁରୋର୍ହିତମ୍ ।**
**ଆସମାବର୍ତ୍ତନାତ୍ କୁର୍ଯ୍ୟାତ୍ କୃତୋପନୟନୋ ଦ୍ୱିଜଃ ।୧୦୮।**

କୃତୋପନୟନ ଦ୍ୱିଜ ସମାବର୍ତ୍ତନ (ଗୁରୁ ଗୃହରେ ପାଠସାରି ଘରକୁ ଫେରିବା ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ ପୂର୍ବକ ସାୟଂପ୍ରାତର୍ହୋମ, ଭିକ୍ଷା, ଭୂମିଶଯ୍ୟା ଆଉ ଗୁରୁଙ୍କ ହିତ ସାଧନ କରିବ ।

**ଆଚାର୍ଯ୍ୟପୁତ୍ରଃ ଶୁଶ୍ରୂଷୁର୍ଜ୍ଞାନଦୋ ଧାର୍ମିକଃ ଶୁଚିଃ ।**
**ଆପ୍ତଃ ଶକ୍ତୋଽର୍ଥଦଃ ସାଧୁଃ ସ୍ୱୋଽଧ୍ୟାପ୍ୟା ଦଶଧର୍ମତଃ ।୧୦୯।**

ଆଚାର୍ଯ୍ୟ ପୁତ୍ର ସେବକ, ଜ୍ଞାନାନ୍ତର ଦାତା, ଧର୍ମାତ୍ମା, ପବିତ୍ର, ପ୍ରାମାଣିକ, ଧାରଣା ଶକ୍ତିଯୁକ୍ତ ଧନଦାତା, ହିତେଚ୍ଛୁ ଓ ଜ୍ଞାତି ଏହି ଦଶଜଣଙ୍କୁ ପଢ଼ାଇବା ଉଚିତ ।

**ନାପୃଷ୍ଟଃ କସ୍ୟଚିଦ୍ ବ୍ରୂୟାନ୍ନଚାନ୍ୟାୟେନ ପୃଚ୍ଛତଃ ।**
**ଜାନନ୍ନପି ହି ମେଧାବୀ ଜଡ଼ବଲ୍ଲୋକ ଆଚରେତ୍ ।୧୧୦।**

ନ ପଚାରିଲେ କାହାକୁ କିଛି କହିବ ନାହିଁ କିମ୍ବା ଅନ୍ୟାୟରେ ପଚାରିଲେ ବୁଦ୍ଧିବାନ୍ ଜାଣିଥିଲେ ସୁଦ୍ଧା ମୁକ ହୋଇ ରହିବ ।

**ଅଧର୍ମେଣ ଚ ଯଃ ପ୍ରାହ ଯଶ୍ଚାଧର୍ମେଣ ପୃଚ୍ଛତି ।**
**ତୟୋରନ୍ୟତରଃ ପ୍ରୈତି ବିଦ୍ୱେଷଂ ବାଧିଗଚ୍ଛତି ।୧୧୧।**

ଯେ ଅଧର୍ମରେ ବୋଲେ ଆଉ ଯେ ଅଧର୍ମରେ ପଚାରେ ତହିଁ ମଧ୍ୟରେ ଜଣେ ମରିଯାଏ ଏବଂ ଅନ୍ୟ ଜଣକ ବିଦ୍ୱେଷଭାଜନ ହୁଏ ।

**ଧର୍ମାର୍ଥୌ ଯତ୍ର ନ ସ୍ୟାତାଂ ଶୁଶ୍ରୁଷା ବାପିତଦ୍‌ବିଧା ।**
**ତତ୍ର ବିଦ୍ୟା ନ ବକ୍ତବ୍ୟା ଶୁଭଂ ବୀଜମିବୋଷରେ ।୧୧୨।**

ଯେଉଁ ଶିଷ୍ୟ ପଢ଼ାଇବାରେ ଧର୍ମ ଆଉ ଅର୍ଥ ନାହିଁ ମଧ୍ୟ ତଦନୁରୂପ ଗୁରୁପ୍ରତି ସେବା ଭକ୍ତି ନାହିଁ ସେ ସ୍ଥଳରେ ବିଦ୍ୟା ନ ପଢ଼ାଇବା ଉଚିତ । କାରଣ ଉଷର (ଲୁଣିଆ) ଭୂମିରେ ଭଲ ବୀଜ ବୁଣିଲେ ସୁଦ୍ଧା ତାହା ନଷ୍ଟହୁଏ ।

**ବିଦ୍ୟୟୈବ ସମଂ କାମଂ ମକର୍ତ୍ତବ୍ୟଂ ବ୍ରହ୍ମବାଦିନା ।**
**ଆପଦ୍ୟପି ହି ଘୋରାୟାଂନତ୍ୱେନାମିରିଣେ ବପେତ୍ ।୧୧୩।**

ଜୀବନୋପାୟରେ ଅତିଶୟ କଷ୍ଟ ହେଲେ ସୁଦ୍ଧା ବ୍ରାହ୍ମବାଦୀ, ଅଧ୍ୟାପକ ବରଂ ବିଦ୍ୟା ସଙ୍ଗେ ମରିଯିବେ ତଥାପି ଅପାତ୍ରରେ କଦାପି ବିଦ୍ୟାବୀଜ ବୁଣିବେ ନାହିଁ । ଅର୍ଥାତ୍ ଅଯୋଗ୍ୟ ଶିଷ୍ୟକୁ ପଢ଼ାଇବେ ନାହିଁ ।

**ବିଦ୍ୟା ବ୍ରାହ୍ମଣମେତ୍ୟାହ ଶେବଧିସ୍ତେଽସ୍ମି ରକ୍ଷମାଂ ।**
**ଅସୂୟକାୟ ମାଂ ମାଦାସ୍ତଥା ସ୍ୟାଂ ବୀର୍ଯ୍ୟବତ୍ତମା ।୧୧୪।**

ବିଦ୍ୟା ବ୍ରାହ୍ମଣ ନିକଟକୁ ଆସି ବୋଲେ ଯେ ଆମ୍ଭର ତୁମ୍ଭର ନିଧି । ଆମ୍ଭଙ୍କୁ ତୁମ୍ଭେ ରକ୍ଷାକର, ଅଶ୍ରଦ୍ଧାଦି ଦୋଷଦୁଷିତ ଅଯୋଗ୍ୟ ଲୋକରେ ଆମ୍ଭଙ୍କୁ ଅର୍ପଣ ନକର, ତାହାହେଲେ ଆମ୍ଭେ ବଳବତୀ ହୋଇ ରହିବୁ ।

**ଯମେବ ତୁ ଶୁଚିଂ ବିଦ୍ୟାନ୍ନିୟତଂ ବ୍ରହ୍ମଚାରିଣମ୍ ।**
**ତସ୍ମୈମା ବ୍ରୂହି ବିପ୍ରାୟ ନିଧିପ୍ରାୟାପ୍ରମାଦିନେ ।୧୧୫।**

ଯାହାକୁ ସର୍ବଦା ପବିତ୍ର, ଜିତେନ୍ଦ୍ରିୟ ଓ ବ୍ରହ୍ମଚାରୀ ବୋଲି ଜାଣିବ ଆଉ ଯେ ଆମ୍ଭ ପରି ନିଧି ରକ୍ଷା କରିପାରିବ ଏ ଭଳି ପ୍ରମାଦରହିତ ବିପ୍ରକୁ ପଢ଼ାଇବ ।

**ବ୍ରାହ୍ମ ଯସ୍ତ୍ୱ ନନୁଜ୍ଞାତମଧୀୟାନାଦବାପ୍ନୁୟାତ୍ ।**
**ସ ବ୍ରହ୍ମସ୍ତେୟସଂଯୁକ୍ତୋ ନରକଂ ପ୍ରତିପ୍ରଦ୍ୟତେ ।୧୧୬।**

ଯେ ଅଧ୍ୟୟନ ବା ଅଧ୍ୟାପନକାରୀ ବ୍ୟକ୍ତିଠାରୁ ତାହାର ଅନୁମତି ବିନା ବେଦବିଦ୍ୟା ... କରେ ସେ ବିଦ୍ୟା ଚୌର୍ଯ୍ୟଯୁକ୍ତ ହୋଇ ନରକ ପ୍ରାପ୍ତ କରାଏ ଅର୍ଥାତ୍ ବିଦ୍ୟା ଚୋରାଇ ...ବାରେ ପୂର୍ଣ୍ଣତା ନ ହେବା ହେତୁ ସୁଖ ନ ହୋଇ ଦୁଃଖ ଲାଭହୁଏ ।

**ଲୌକିକଂ ବୈଦିକଂ ବାପି ତତାଧ୍ୟାତ୍ମିକମେବ ଚ ।**
**ଆଦଦୀତ ଯତୋଜ୍ଞାନଂ ତଂ ପୂର୍ବମଭିବାଦବୟେତ୍ ।୧୧୭।**

ଯାହାଙ୍କ ନିକଟରୁ ଲୌକିକ ବା ବୈଦିକ ତଥା ଆଧ୍ୟାତ୍ମିକ ଜ୍ଞାନ ଲାଭ କରାଯାଏ, ପ୍ରତିଷ୍ଠିତ ... ମାନଙ୍କ ମଧ୍ୟରେ ଆଗେ ତାଙ୍କୁ ନମସ୍କାର କରିବ (ପରେ ଅନ୍ୟଙ୍କୁ) ।

**ସାବିତ୍ରୀମାତ୍ରସାରୋଽପି ବରଂ ବିପ୍ରଃ ସୁଯନ୍ତ୍ରିତଃ ।**
**ନାୟନ୍ତ୍ରିତସ୍ତ୍ରିବେଦୋଽପି ସର୍ବାଶୀ ସର୍ବବିକ୍ରୟୀ ।୧୧୮।**

ସଦାଚାରସମ୍ପନ୍ନ ବିପ୍ର ସମ୍ୟକ୍ ଶାସ୍ତ୍ରଜ୍ଞାନ ହୋଇ କେବଳ ଗାୟତ୍ରୀ ମାତ୍ର ସାର ହୁଅନ୍ତି ତଥାପି ସେ ମାନ୍ୟ, କିନ୍ତୁ ତ୍ରିବେଦବେତ୍ତା ହୋଇ ଯଦି (ନିଷିଦ୍ଧ ନ ମାନି) ସର୍ବଭକ୍ଷ ଓ ସର୍ବ ବିକ୍ରେତା ହୁଅନ୍ତି ତଥାପି ସେ ଅଭିବାଦନୀୟ ନୁହନ୍ତି ।

**ଶଯ୍ୟାସନେଽଧ୍ୟାଚରିତେ ଶ୍ରେୟସା ନ ସମାବିଶେତ୍ ।**
**ଶଯ୍ୟାସନସ୍ଥଶ୍ଚୈବୈନଂ ପ୍ରତ୍ୟୁତ୍ଥାୟାଭିବାଦୟେତ୍ ।୧୧୯।**

ବୟସ ଓ ବିଦ୍ୟାର ବଡ଼ ବଡ଼ ଯେଉଁ ଶଯ୍ୟା ବା ଆସନ ବ୍ୟବହାର କରନ୍ତି ତହିଁରେ କେବେ ବସିବନାହିଁ ଓ ସେଭଳି ଲୋକ ଆସିଲେ ନିଜେ ଶଯ୍ୟା ବା ଆସନସ୍ଥ ଥିଲେ ଉଠି ନମସ୍କାର କରିବ ।

**ଊର୍ଦ୍ଧ୍ୱଂ ପ୍ରାଣା ହ୍ୟୁତ୍କ୍ରାମନ୍ତି ଯୂନଃ ସ୍ଥବିର ଆୟତି ।**
**ପ୍ରତ୍ୟୁତ୍ଥାନାଭିବାଦାଭ୍ୟାଂ ପୁନସ୍ତାନ୍ ପ୍ରତି ପଦ୍ୟତେ ।୧୨୦।**

ବୃଦ୍ଧ ଆଗତ ହେଲେ ଯୁବାର ପ୍ରାଣ ଉପରକୁ ଉଠି ବାହାରିଯିବାକୁ ଚେଷ୍ଟା କରେ, ମାତ୍ର ଉଠି ନମସ୍କାର କଲେ ପୁନର୍ବାର ସୁସ୍ଥ ହୁଏ ।

**ଅଭିବାଦନଶୀଳସ୍ୟ ନିତ୍ୟଂ ବୃଦ୍ଧୋପସେବିନ ।**
**ଚତ୍ୱାରି ତସ୍ୟ ବର୍ଦ୍ଧନ୍ତେ ଆୟୁର୍ବିଦ୍ୟା ଯଶୋବଳମ୍ ।୧୨୧।** *

ଯେ ପ୍ରତିଦିନ ବୃଦ୍ଧଙ୍କ ସେବା କରେ ଏବଂ ଯାହାର ନମସ୍କାର କରିବା ସ୍ୱଭାବ ତାହାର ଆୟୁ, ବିଦ୍ୟା, ଯଶ ଓ ବଳ ଏହି ଚାରୋଟି ବର୍ଦ୍ଧିତ ହୁଏ ।

**ଅଭିବାଦତ୍ ପରଂ ବିପ୍ରୋ ଜ୍ୟାୟାସମଭିବାଦାୟନ୍ ।**
**ଅସୌ ନାମାହମସ୍ମୀତି ସ୍ୱଂ ନାମ ପରକୀର୍ତ୍ତନୟେତ୍ ।୧୨୨।**

ନମସ୍କାର କଲାପରେ ବିପ୍ର 'ମୁଁ ନମସ୍କାର କରୁଅଛି ମୋର ନାମ ଅମୁକ' ବୋଲି କହି ଆପଣାର ନାମ ଉଚ୍ଚାରଣ କରିବ ।

**ନାମଧେୟସ୍ୟ ଯେ କେଚିଦଭିବାଦଂ ନ ଜାନତେ ।**
**ତାନ୍ ପ୍ରାଜ୍ଞୋଽହମିତି ବ୍ରୁୟାତ୍ ସ୍ତ୍ରିୟଃ ସର୍ବସ୍ତଥୈବ ଚ ।୧୨୩।**

ଯେ କେହି ସଂସ୍କୃତ ଉଚ୍ଚାରଣପୂର୍ବକ ନମସ୍କାର କରି ନ ଜାଣନ୍ତି ତାଙ୍କୁ ବୁଦ୍ଧିମାନ ଆମ୍ଭେ ଇତ୍ୟାଦି ନମସ୍କାର କରିବା କଥା କହିଦେବେ ଏବଂ ସକଳ ସ୍ତ୍ରୀ ଲୋକମାନଙ୍କୁ ମଧ୍ୟ କହିଦେବେ ।

**ଭୋଃଶବ୍ଦଂ କୀର୍ତ୍ତୟେଦନ୍ତେ ସ୍ୱସ୍ୟ ନାମ୍ନୋଽଭିବାଦନେ ।**
**ନାମ୍ନା ସ୍ୱରୂପଭାବୋହି ଭୋଭାବ ଋଷିଭିଃ ସ୍ମୃତଃ ।୧୨୪।**

ଅଭିବାଦନକାଳରେ ଆପଣାର ନାମ ଉଚ୍ଚାରଣ ପରେ 'ଭୋ' ଶବ୍ଦ ଲଗାଇବ । ଅଭିବାଦ୍ୟଙ୍କ ନାମସ୍ୱରୂପ ''ଭୋଃ'' ସମ୍ବୋଧନ କରିବା ଋଷିମାନେ କହିଅଛନ୍ତି । ଅର୍ଥାତ୍ ଯାହାଙ୍କୁ ଅଭିବାଦନ କରାଯିବ ସେ ବଡ଼ ଥିବାରୁ ତାଙ୍କର ନାମ ନ ନେଇ କେବଳ ଭୋ ଶବ୍ଦ ନାମ ସ୍ଥାନରେ କହିଲେ ଚଳେ, ଓଡ଼ିଆରେ ଭୋ ନକହି 'ଆଜ୍ଞା' 'ଆପଣ' ବୋଲାଯାଏ ।

**ଆୟୁଷ୍ମାନ ଭବ ସୌମ୍ୟେତି ବାଚ୍ୟୋ ବିପ୍ରୋଽଭିବାଦନେ ।**
**ଅକାରଶ୍ଚାସ୍ୟ ନାମ୍ନୋଽନ୍ତେ ବାଚ୍ୟଃ ପୂର୍ବାକ୍ଷରଃ ପ୍ଲୁତଃ ।୧୨୫।**

ଅଭିବାଦନ କଲାରୁ ବିପ୍ରକୁ 'ଆୟୁଷ୍ମାନ ହୁଅ ସୌମ୍ୟ' ଏହାକହି ପ୍ରତ୍ୟଭିବାଦନ କରିବ ଏବଂ ଅଭିବାଦନକାରୀ ନାମର ଅନ୍ତ୍ୟ ବ୍ୟଞ୍ଜନ (ଶର୍ମନ୍ ଇତ୍ୟାଦିର) ।

* କୌଣସି ୨ ପାଠରେ 'ତସ୍ୟ' ବର୍ଦ୍ଧନ୍ତେ 'ସ୍ଥାନରେ' ସଂପ୍ରବର୍ଦ୍ଧନ୍ତେ ଅଛି ।

ପୂର୍ବ ଅକାର (ବା ଅନ୍ୟ ସ୍ୱରବର୍ଣ୍ଣ) କୁ ପ୍ଲୁତ କରିବାକୁ ହେବ (ଏଥିରେ ତାଙ୍କର ଆଦର ଜଣାଯାଏ)।

**ଯୋ ନ ବେତ୍ତ୍ୟଭିବାଦସ୍ୟ ବିପ୍ରଃ ପ୍ରତ୍ୟଭିବାଦନମ୍।**
**ନାଭିବାଦ୍ୟଃ ସ ବିଦୁଷା ଯଥା ଶୂଦ୍ରସ୍ତଥୈବ ସଃ।୧୨୬।**

ଯେ ବିପ୍ର ନମସ୍କାର କଲାପରେ କିପରି ବୋଲିବାକୁ ହେବ ନ ଜାଣେ, ତାକୁ ବିଦ୍ୱାନ ନମସ୍କାର କରନ୍ତି ନାହିଁ—ଶୂଦ୍ର ଯେପରି ସେ ସେହିପରି।

**ବ୍ରାହ୍ମଣଂ କୁଶଳଂ ପୃଚ୍ଛେତ୍ କ୍ଷତ୍ରବନ୍ଧୁ ମନାମୟମ୍।**
**ବୈଶ୍ୟଂ କ୍ଷେମଂ ସମାଗମ୍ୟ ଶୂଦ୍ରମାରୋଗ୍ୟମେବ ଚ।୧୨୭।**

ନମସ୍କାର ପରେ ମେଳ ହେଲାରୁ ବ୍ରାହ୍ମଣକୁ କୁଶଳ, କ୍ଷତ୍ରିୟକୁ ଅନାମୟ, ବୈଶ୍ୟକୁ କ୍ଷେମ ଓ ଶୂଦ୍ରକୁ ଆରୋଗ୍ୟ ପଚାରିବ।

**ଅବାଚ୍ୟୋ ଦୀକ୍ଷିତୋ ନାମ୍ନା ଯବୀୟାନପି ଯୋ ଭବେତ୍।**
**ଭୋଭବତ୍ ପୂର୍ବକଂ ତ୍ୱେନମଭିଭାଷତେ ଧର୍ମବିତ୍।୧୨୮।**

ଯଜ୍ଞାଦିର ଦୀକ୍ଷିତ ବ୍ୟକ୍ତି କନିଷ୍ଠ ହେଲେ ସୁଦ୍ଧା ତାହାର ନାମଘେନି କହିବ ନାହିଁ। ଧର୍ମଜ୍ଞଲୋକ 'ଭୋ' 'ଭବାନ୍' (ଆଜ୍ଞା, ଆପଣେ) କହି ସମ୍ବୋଧନ କରିବ।

**ପରପତ୍ନୀ ତୁ ଯା ସ୍ତ୍ରୀ ସ୍ୟାଦସମ୍ବନ୍ଧାଚ ଯୋନିତଃ**
**ତାଂ ବ୍ରୂୟାଭବତୀତ୍ୟେବଂ ସୁଭଗେ ଭଗିନୀତି ଚ।୧୨୯।**

ସମ୍ପର୍କହୀନ, ପରସ୍ତ୍ରୀକୁ 'ଭବତି' ସୁଭଗେ, ଭଗିନୀ' (ମା, ମାଉସୀ, ଭଉଣୀ) ବୋଲି ବୋଲିବ।

**ମାତୁଳାଂଶ୍ଚ ପିତୃବ୍ୟାଂଶ୍ଚ ଶ୍ୱଶୁରାନୃତ୍ୱିଜୋ ଗୁରୂନ୍।**
**ଅସାବହମିତି ବ୍ରୂୟାଦ୍ ପ୍ରତ୍ୟୁତ୍ଥାୟ ଯବୀୟସଃ।୧୩୦।**

ମାତୁଳ, ପିତୃବ୍ୟ, ଶ୍ୱଶୁର, ଋତ୍ୱିକ, ଗୁରୁ ଆଦି କନିଷ୍ଠ ହେଲେ ସୁଦ୍ଧା ସେ ଆସିଲେ ଉଠିକରି ମୁଁ ଅମୁକ ଏହା କହି ଆପଣା ନାମ ପ୍ରକଟ କରିବ।

**ମାତୃଷ୍ୱସା ମାତୁଳାନୀ ଶ୍ୱଶ୍ରୂରଥ ପିତୃଷ୍ୱସା।**
**ସଂପୂଜ୍ୟା ଗୁରୁପତ୍ନୀବତ୍ସମାନ୍ୟା ଗୁରୁଭାର୍ଯ୍ୟାୟ।୧୩୧।**

ମାଉସୀ, ମାଇଁ, ଶାଶୁ, ପିଉସୀ ଗୁରୁପତ୍ନୀପରି ପୂଜାପାଇବାର ଉପଯୁକ୍ତ—ସେମାନେ ଗୁରୁପତ୍ନୀ ସମାନ ଅଟନ୍ତି।

**ଭ୍ରାତୁର୍ଭାର୍ଯ୍ୟୋପସଂଗ୍ରାହ୍ୟା ସବର୍ଣ୍ଣାହନ୍ୟହନ୍ୟପି।**
**ବିପ୍ରୋଷ୍ୟ ତୂପସଂଗ୍ରାହ୍ୟା ଜ୍ଞାତିସମ୍ବନ୍ଧିଯୋଷିତଃ।୧୩୨।**

(ଜ୍ୟେଷ୍ଠ) ଭାଇର ସୁବର୍ଣ୍ଣା ଭାର୍ଯ୍ୟାଙ୍କୁ ପ୍ରତିଦିନ ପାଦଛୁଇଁ ନମସ୍କାର କରିବ ଆଉ ଜ୍ଞାତିସମ୍ବନ୍ଧିନୀ ସ୍ତ୍ରୀଲୋକମାନଙ୍କୁ ବିଦେଶରୁ ଆସିଲେ ଚରଣଛୁଇଁ ନମସ୍କାର କରିବ।

**ପିତୃର୍ଭଗ୍ନିନ୍ୟାଂ ମାତୁଶ୍ଚ ଜ୍ୟାୟସ୍ୟାଞ୍ଚ ସ୍ୱସ୍ରର୍ଯ୍ୟପି।**
**ମାତୃବଦ୍ ବୃତ୍ତିମାତିଷ୍ଠେନ୍ ମାତା ତାଭ୍ୟୋ ଗରୀୟସୀ।୧୩୩।**

ପିତୃଷୀ, ମାଉସୀ ଓ ଆପଣାର ବଡ଼ ଭଉଣୀକୁ ମାତାଙ୍କ ପରି ଆଦର କରିବ, ପରନ୍ତୁ ଏମାନଙ୍କଠାରୁ ମାତା ଗରୀୟସୀ ଅଟନ୍ତି ।

**ଦଶାବ୍ଦାଖ୍ୟଂ ପୌରସଖ୍ୟଂ ପଞ୍ଚାବ୍ଦାଖ୍ୟଂ କଳାଭୃତାମ୍ ।**
**ତ୍ର୍ୟବ୍ଦପୂର୍ବଂ ଶ୍ରୋତ୍ରିୟାଣାଂ ସ୍ୱଳ୍ପେନାପି ସ୍ୱଯୋନିଷୁ ।୧୩୪।**

ଏକ ପୁରବାସୀଙ୍କର ଦଶବର୍ଷ ବଡ଼ ହେବା ପର୍ଯ୍ୟନ୍ତ ସଖ୍ୟ ରହେ ଆଉ ସଙ୍ଗୀତାଦି କଳା ଜାଣିଥିଲେ ପାଞ୍ଚବର୍ଷ ଶ୍ରେଷ୍ଠ ପର୍ଯ୍ୟନ୍ତ ଥାଏ । ଶ୍ରୋତ୍ରିୟମାନଙ୍କ ମଧ୍ୟରେ ତିନି ବର୍ଷର ଶ୍ରେଷ୍ଠ ପର୍ଯ୍ୟନ୍ତ ଆଉ ଆପଣା ଜ୍ଞାତି ମଧ୍ୟରେ ଅଳ୍ପଦିନର ପାର୍ଥକ୍ୟରେ ସଖ୍ୟ (ଅର୍ଥାତ୍ ଅଭିବାଦନାଦିର ଯୋଗ୍ୟ)ଥାଏ ।

**ବ୍ରାହ୍ମଣଂ ଦଶବର୍ଷନ୍ତୁ ଶତବର୍ଷନ୍ତୁ ଭୂମିପମ୍ ।**
**ପିତାପୁତ୍ରୌ ବିଜାନୀୟାଦ୍ ବ୍ରାହ୍ମଣସ୍ତୁ ତୟୋ ପିତା ।୧୩୫।**

ଦଶବର୍ଷର ବ୍ରାହ୍ମଣ ଆଉ ଶତବର୍ଷର କ୍ଷତ୍ରିୟ ହେଲେ ପିତାପୁତ୍ରର ସମାନ ଜାଣିବ, ସେ ଉଭୟଙ୍କ ମଧ୍ୟରେ ବ୍ରାହ୍ମଣ ପିତୃସ୍ଥାନୀୟ ଅଟନ୍ତି ।

**ବିତ୍ତଂ ବନ୍ଧୁର୍ବୟଃ କର୍ମ ବିଦ୍ୟା ଭବତି ପଞ୍ଚମୀ ।**
**ଏତାନି ମାନ୍ୟସ୍ଥାନାନି ଗରୀୟୋ ଯଦ୍ ଯଦୁତ୍ତରମ୍ ।୧୩୬।**

ବିତ୍ତ(ନ୍ୟାୟୋପାର୍ଜିତ ଦ୍ରବ୍ୟ),ବନ୍ଧୁ (ପିତୃବ୍ୟାଦି), ବୟସ, କର୍ମ (ଶ୍ରୌତସ୍ମାର୍ତ୍ତାଦି) ଆଉ ବିଦ୍ୟା ଏହି ପାଞ୍ଚ ମାନ୍ୟର କାରଣ ଏବଂ ଏମାନଙ୍କ ମଧ୍ୟରେ କ୍ରମାନ୍ୱୟରେ ଗୋଟି ଗୋଟି ଅଧିକରୁ ଅଧିକ ମାନ୍ୟ ସ୍ଥାନୀୟ ।

**ପଞ୍ଚାନାଂ ତ୍ରିଷୁ ବର୍ଣ୍ଣେଷୁ ଭୂୟାଂସି ଗୁଣବନ୍ତି ଚ ।**
**ଯତ୍ର ସ୍ୟୁଃ ସୋଽତ୍ର ମାନାର୍ହଃ ଶୂଦ୍ରୋଽପି ଦଶମୀଂ ଗତଃ ।୧୩୭।**

ତିନିବର୍ଣ୍ଣ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ) ମଧ୍ୟରେ ପୂର୍ବୋକ୍ତ ପାଞ୍ଚଗୁଣରେ ଯେ ଯେତେ ଅଧିକ ସେ ତେତେ ମାନନୀୟ ଆଉ ଶୂଦ୍ର ଦଶମୀ (ନବେ ବର୍ଷରୁ ଅଧିକ) ହେଲେ ମାନନୀୟ ହୁଏ ।

**ଚକ୍ରିଣୋ ଦଶମୀସ୍ଥସ୍ୟ ରୋଗିଣୋ ଭାରିଣଃ ସ୍ତ୍ରିୟାଃ ।**
**ସ୍ନାତକସ୍ୟ ଚ ରାଜ୍ଞଶ୍ଚ ପନ୍ଥା ଦେୟୋ ବରସ୍ୟ ଚ ।୧୩୮।**

ଚକ୍ରଯୁକ୍ତ ରଥାଦି ଯାନାରୂଢ଼, ଦଶମୀସ୍ଥ (୯୦ ଠାରୁ ୧୦୦ ବର୍ଷ ବୟସ୍କ) ବୃଦ୍ଧ, ରୋଗୀ, ଭାରବାହୀ, ସ୍ତ୍ରୀ, ସ୍ନାତକ, ରାଜା ଆଉ ବର ଏମାନଙ୍କୁ ବାଟ ଛାଡ଼ିଦେବ ।

**ତେଷାନ୍ତୁ ସମବେତାନାଂ ମାନ୍ୟୌ ସ୍ନାତକ ପାର୍ଥିବୌ ।**
**ରାଜସ୍ନାତକୟୋଶ୍ଚୈବ ସ୍ନାତକୋ ନୃପମାନଭାକ୍ ।୧୩୯।**

ସେମାନେ ସମସ୍ତେ ଏକତ୍ର ସମାଗତ ହେଲେ ତାଙ୍କ ମଧ୍ୟରେ ସ୍ନାତକ ଓ ରାଜା ଅଧିକ ମାନନୀୟ ଅଟନ୍ତି ଏବଂ ରାଜା ସ୍ନାତକ ଏକତ୍ର ହେଲେ ରାଜା ସ୍ନାତକକୁ ମାନ (ବାଟଛାଡ଼ି) ଦେବେ । (ବ୍ରହ୍ମଚର୍ଯ୍ୟ ସାରି ସମାବର୍ତ୍ତନକାରୀ ବ୍ରହ୍ମଚାରୀକୁ ସ୍ନାତକ ବୋଲନ୍ତି)

**ଉପନୀୟ ତୁ ଯଃ ଶିଷ୍ୟଂ ବେଦମଧ୍ୟାପୟେଦ୍ଦ୍ୱିଜଃ ।**
**ସଂକଳ୍ପଂ ସରହସ୍ୟଞ୍ଚ ତମାଚାର୍ଯ୍ୟ ପ୍ରଚକ୍ଷତେ ।୧୪୦।**

ଯେ ଦ୍ୱିଜ ଶିଷ୍ୟକୁ ଉପନୟନ ଦେଇ କଳ୍ପ (ଯଜ୍ଞବିଧି ଓ ରହସ୍ୟ ଉପନିଷଦ୍) ସହିତ ବେଦ ପଢ଼ାନ୍ତି ତାଙ୍କୁ ଆଚାର୍ଯ୍ୟ ବୋଲନ୍ତି ।

**ଏକଦେଶନ୍ତୁ ବେଦସ୍ୟ ବେଦାଙ୍ଗାନ୍ୟପି ବା ପୁନଃ ।**
**ଯୋଽଧ୍ୟାପୟତି ବୃତ୍ତ୍ୟର୍ଥମୁପାଧ୍ୟାୟଃ ସ ଉଚ୍ୟତେ ।୧୪୧।**

ବେଦରେ ଏକଦେଶ ବା ବେଦାଙ୍ଗ (ଜ୍ୟୋତିଷବ୍ୟାକରଣାଦି) ବୃତ୍ତି ସକାଶେ ଯେ ପଢ଼ାନ୍ତି ତାଙ୍କୁ ଉପାଧ୍ୟାୟ ବୋଲାଯାଏ ।

**ନିଷେକାଦିନୀ କର୍ମାଣି ଯଃ କରୋତି ଯଥାବିଧି ।**
**ସମ୍ଭାବୟତି ଚାନ୍ନେନ ବିପ୍ରୋ ଗୁରୁରୁଚ୍ୟତେ ।୧୪୨।**

ଯେ ଗର୍ଭଧାନାଦି କର୍ମ ଶାସ୍ତ୍ରବିଧିମତେ କରନ୍ତି ଓ ଅନ୍ନଦ୍ୱାରା ପୋଷଣ କରନ୍ତି ସେ ବିପ୍ରଙ୍କୁ ଗୁରୁ ବୋଲାଯାଏ ।

**ଅଗ୍ନ୍ୟାଧେୟ ପାକଯଜ୍ଞାନଗ୍ନିଷ୍ଟୋମାଦିକାନ୍ ମଖାନ୍ ।**
**ଯଃ କରୋତି ବୃତୋ ଯସ୍ୟ ସ ତସ୍ୟର୍ତ୍ୱିଗିହୋଚ୍ୟତେ ।୧୪୩।**

ଅଗ୍ନ୍ୟାଧେୟ (ଆହବନୀୟ ଅଗ୍ନି ଉତ୍ପନ୍ନ କରି ସ୍ଥାପନ କରିବା କର୍ମ) ପାକଯଜ୍ଞ (ବୈଶ୍ୟଦେବାଦି) ଓ ଅଗ୍ନିଷ୍ଟୋମାଦି ଯଜ୍ଞ ଯେ ବରଣ ଘେନି କରନ୍ତି ତାହାଙ୍କୁ ଋତ୍ୱିକ(ପୁରୋହିତ) ବୋଲାଯାଏ ।

**ଯ ଆବୃଣୋତ୍ୟବିତଥଂ ବ୍ରାହ୍ମଣା ଶ୍ରବଣାବୁଭୌ ।**
**ସ ମାତା ସ ପିତା ଜ୍ଞେୟସ୍ତନ୍ନ୍ୟ ଦ୍ରୁହ୍ୟେତ୍ କଦାଚନ ।୧୪୪।**

ଯେ ଯଥାର୍ଥ ରୂପେ ସତ୍ୟ ସ୍ୱରୂପ ବେଦ ଉଭୟ କର୍ଣ୍ଣରେ ପରିପୂର୍ଣ୍ଣ କରନ୍ତି (ବେଦମନ୍ତ୍ର କାନରେ ଦିଅନ୍ତି) ସେ ମାତା ଓ ସେ ପିତା ବୋଲି ଜାଣିବ; କେବେହେଁ ତାଙ୍କ ପ୍ରତି ଦ୍ରୋହାଚରଣ କରିବ ନାହିଁ ।

**ଉପାଧ୍ୟାୟଦଶାଚାର୍ଯ୍ୟ ଆଚାର୍ଯ୍ୟାଣାଂ ଶତଂପିତା ।**
**ସହସ୍ରନ୍ତୁ ପିତୃନ୍ ମାତା ଗୌରବେଣାତିରିଚ୍ୟତେ ।୧୪୫।**

ଗୌରବରେ ଉପାଧ୍ୟାୟର ଦଶଗୁଣ ଅଧିକ ଆଚାର୍ଯ୍ୟ, ଆଚାର୍ଯ୍ୟର ଶତଗୁଣ ଅଧିକ ପିତା, ପିତାର ସହସ୍ରଗୁଣ ଅଧିକ ମାତା ଅଟନ୍ତି ।

**ଉତ୍ପାଦକବ୍ରହ୍ମୋଦାତ୍ରୋର୍ଗରୀୟାନ୍ ବ୍ରହ୍ମଦଃ ପିତା ।**
**ବ୍ରହ୍ମଜନ୍ମ ହି ବିପ୍ରସ୍ୟ ପ୍ରେତ୍ୟ ଚେହ ଚ ଶାଶ୍ୱତମ୍ ।୧୪୬।**

ଜନ୍ମଦାତା ଓ ବେଦଦାତା ଉଭୟ ପିତାଙ୍କ ମଧ୍ୟରେ ବେଦଦାତା ଶ୍ରେଷ୍ଠ; କାରଣ ବିପ୍ରର ବ୍ରହ୍ମଜନ୍ମ ହିଁ ଇହ ଓ ପରଲୋକରେ ଶାଶ୍ୱତ (ଅବିନଶ୍ୱର) ଅଟେ ।

**କାମନ୍ମାତା ପିତା ଚୈବ ଯଦୁତ୍ପାଦୟତୋ ମିଥଃ ।**
**ସମ୍ଭୁତିଂ ତସ୍ୟ ତାଂ ବିଦ୍ୟାଦ୍ ଯଦ୍ ଯୋନାବଭିଜାୟତେ ।୧୪୭।**

ମାତା ପିତା ଉଭୟେ କାମବଶ ହୋଇ ଏହାକୁ ଜାତ କରନ୍ତି ଏବଂ ସେଯେଉଁ ଯୋନିକୁ ଯାଏ ସେହି ପ୍ରକାର ହସ୍ତପାଦାଦି ସହିତ ଜାତ ହୁଏ ।

**ଆଚାର୍ଯ୍ୟସ୍ତ୍ୱସ୍ୟ ଯାଂ ଜାତିଂ ବିବଦ୍ ବେଦପାରଗଃ ।**
**ଉତ୍ପାଦୟତି ସାବିତ୍ର୍ୟା ସ୍ୟା ସତ୍ୟା ସାଜରାମରା ।୧୪୮।**

ପରନ୍ତୁ ବେଦପାରଗ ଆଚାର୍ଯ୍ୟ ବିଧିମତେ ସାବିତ୍ରୀ (ବେଦବିଦ୍ୟା) ର ଉପଦେଶ ଦ୍ୱାରା ଯେଉଁ ଜାତ ବା ଜନ୍ମ ଉତ୍ପାଦନ କରନ୍ତି ତାହା ଅଜର ଓ ଅମର (କାରଣ ତଦ୍ୱାରା ଶାଶ୍ୱତ ବ୍ରହ୍ମଲାଭ ହୁଏ) ।

**ଅଳ୍ପଂ ବା ବହୁ ବା ଯସ୍ୟ ଶ୍ରୁତସ୍ୟୋପକରୋତି ଯଃ ।**
**ତମପୀହ ଗୁରୁଂ ବିଦ୍ୟାଚ୍ଛ୍ରୁତୋପକ୍ରିୟୟା ତୟା ।୧୪୯।**

ଯେ ଅଳ୍ପ ବା ବହୁ ବେଦାଧ୍ୟୟନାଦି କରାଇ ଉପକାର କରନ୍ତି ତାହାଙ୍କୁ ସେହି ଉପକାର ହେତୁ ଗୁରୁ ବୋଲି ଜାଣିବ ।

**ବ୍ରାହ୍ମସ୍ୟ ଜନ୍ମନଃ କର୍ତ୍ତା ସ୍ୱଧର୍ମସ୍ୟ ଚ ଶାସିତା ।**
**ବାଲୋପି ବିପ୍ରୋ ବୃଦ୍ଧସ୍ୟ ପିତା ଭବତି ଧର୍ମତଃ ।୧୫୦।**

ବେଦାଧ୍ୟାପନ ଦ୍ୱାରା ଯେ ବ୍ରହ୍ମଜନ୍ମ ଦିଅନ୍ତି ଆଉ ଯେ ବେଦ ବ୍ୟାଖ୍ୟାନାଦି ଦ୍ୱାରା ସ୍ୱଧର୍ମର ପ୍ରଚାର କରନ୍ତି ସେ ବିପ୍ର ବାଳକ ହେଲେ ସୁଦ୍ଧା ବୃଦ୍ଧ ଲୋକଙ୍କର ଧର୍ମତଃ ପିତା ଅଟନ୍ତି ।

**ଅଧ୍ୟାପୟାମାସ ପିତୃନ୍ ଶିଶୁରାଙ୍ଗିରସଃ କବିଃ ।**
**ପୁତ୍ରିକା ଇତିହୋବାଚ ଜ୍ଞାନେନ ପରିଗୃହ୍ୟ ତାନ୍ ।୧୫୧।**

ଅଙ୍ଗିରାଙ୍କ ପୁତ୍ର ବାଳକ ହେଲେ ସୁଦ୍ଧା ସାତିଶୟ ବିଦ୍ୱାନ ଥିବାରୁ ଆପଣା ପିତୃବ୍ୟାଦିଙ୍କୁ ପଢ଼ାଇଥିଲେ ଏବଂ ଅଧିକଜ୍ଞାନ ହେତୁ ଶିଷ୍ୟମଣି ତାଙ୍କୁ ପୁତ୍ରକ ବୋଲି ଡାକିଥିଲେ ।

**ତେ ତମର୍ଥମପୃଚ୍ଛନ୍ତ ଦେବାନାଗତମନ୍ୟବଃ ।**
**ଦେବାଶ୍ଚୈତାନ୍ ସମେତ୍ୟୋଚୁର୍ନ୍ୟାର୍ଯ୍ୟଂ ବଃ ଶିଶୁରୁକ୍ତବାନ୍ ।୧୫୨। ❋**

ସେମାନେ ରାଗାନ୍ୱିତ ହୋଇ ଦେବତାମାନଙ୍କୁ ତହିଁର (ପୁତ୍ରକ ବ୍ୟବହାର) ଅର୍ଥ ପଚାରିବାକୁ ଗଲେ, ଦେବତାମାନେ ମିଳି ତାଙ୍କୁ କହିଲେ ଯେ ବାଳକ ଯାହା କହିଅଛନ୍ତି ତାହା ନ୍ୟାଯ୍ୟ ।

**ଅଜ୍ଞୋ ଭବତି ବୈ ବାଲଃ ପିତା ଭବତି ମନ୍ତ୍ରଦଃ ।**
**ଅଜ୍ଞଂ ହି ବାଲମିତ୍ୟାହୁଃ ପିତେତ୍ୟେବ ତୁ ମନ୍ତ୍ରଦମ୍ ।୧୫୩।**

ଅଜ୍ଞ ପ୍ରକୃତରେ ବାଳକ ଅଟେ ଆଉ ମନ୍ତ୍ରଦାତା ଅଟନ୍ତି । ଏହି ହେତୁ ଅଜ୍ଞକୁ ବାଳକ ଆଉ ମନ୍ତ୍ରଦାତାକୁ ପିତା ବୋଲନ୍ତି ।

**ନ ହାୟନୈର୍ନ ପଳିତୈର୍ନ ବିତ୍ତେନ ବନ୍ଧୁଭିଃ ।**
**ଋଷୟଶ୍ଚକ୍ରିରେ ଧର୍ମଂ ଯୋଽନୂଚାନଃ ସ ନୋ ମହାନ୍ ।୧୫୪।**

ବୟସ, ପରିପକ୍ୱ, ଧନ ବା ସମ୍ବନ୍ଧରେ ବଡ଼ ହୁଏ ନାହିଁ ମାତ୍ର ଋଷିମାନେ ଏହି ବ୍ୟବସ୍ଥା କରିଅଛନ୍ତି ଯେ ଯେଉଁ ପରିମାଣରେ ବେଦବିଦ୍ ବା ବିଦ୍ୱାନ୍ ସେ ସେହି ପରିମାଣରେ ଆମ୍ଭମାନଙ୍କ ମଧ୍ୟରେ ଶ୍ରେଷ୍ଠ ।

**ବିପ୍ରାଣାଂ ଜ୍ଞାନତୋ ଜ୍ୟୈଷ୍ଠଂ କ୍ଷତ୍ରିୟଣାନ୍ତୁ ବୀର୍ଯ୍ୟତଃ ।**
**ବୈଶ୍ୟାନାଂ ଧାନ୍ୟଧନତଃ ଶୂଦ୍ରେଣମେବ ଜନ୍ମତଃ ।୧୫୫।**

ବ୍ରାହ୍ମଣମାନଙ୍କର ଜ୍ଞାନର ଆଧିକ୍ୟରୁ, କ୍ଷତ୍ରିୟମାନଙ୍କର ପରାକ୍ରମର ଆଧିକ୍ୟରୁ ବୈଶ୍ୟମାନଙ୍କର ଧନଧାନ୍ୟର ଆଧିକ୍ୟରୁ ଆଉ ଶୂଦ୍ରମାନଙ୍କର ଜନ୍ମଜନିତ ଗୁରୁତ୍ୱରୁ ଜ୍ୟେଷ୍ଠତା ପ୍ରାପ୍ତ ହୁଏ ।

**ନ ତେନ ବୃଦ୍ଧୋ ଭବତି ଯେନାସ୍ୟ ପଳିତଂ ଶିରଃ ।**
**ଯୋ ବୈ ଯୁବପ୍ୟଧୀୟାନ ସ୍ତଂ ଦେବାଃ ସ୍ଥବିରଂ ବିଦୁଃ ।୧୫୬।**

❋ ୧୫୧ ଓ ୧୫୨ ଶ୍ଳୋକ ପ୍ରକ୍ଷିପ୍ତ ।

କେଶ ପକ୍ୱହେଲେ ବୃଦ୍ଧ ହୁଏ ନାହିଁ, ମାତ୍ର ଯୁବା ବିଦ୍ୱାନ୍ ହେଲେ ସୁଦ୍ଧା ଦେବତାମାନେ ବୃଦ୍ଧ ବୋଲନ୍ତି ।

**ଯଥା କାଷ୍ଠମୟୋ ହସ୍ତୀ ଯଥା ଚର୍ମମୟୋ ମୃଗଃ ।**
**ଯଶ୍ଚ ବିପ୍ରୋଽନଧୀୟାନସ୍ତ୍ରୟସ୍ତେ ନାମ ବିଭ୍ରତି ।୧୫୭।**

ଯେମନ୍ତ କାଠର ହାତୀ, ଯେମନ୍ତ ଚମଡ଼ାର ମୃଗ, ତେମନ୍ତ ଅପାଠୁଆ ବ୍ରାହ୍ମଣ, ଏ ତିନି ନାମ ମାତ୍ର ଧରନ୍ତି (ଅର୍ଥାତ୍ ପ୍ରକୃତ ହାତୀ ବା ହରିଣ ବା ବ୍ରାହ୍ମଣ ନୁହନ୍ତି) ।

**ଯଥା ଷଣ୍ଢୋଽଫଳଃ ସ୍ତ୍ରୀଷୁ ଯଥା ଗୌର୍ଗବି ଚାଫଳା ।**
**ଯଥା ଚାଜ୍ଞେଽଫଳଂ ଦାନଂ ଯଥା ବିପ୍ରୋଽନୃଚୋଽଫଳଃ ।୧୫୮।**

ଯେମନ୍ତ ନପୁଂସକ ସ୍ତ୍ରୀମାନଙ୍କରେ ନିଷ୍ଫଳ, ଯେମନ୍ତ ଗାଈ ଗାଈରେ ନିଷ୍ଫଳ, ଯେମନ୍ତ ଅଜ୍ଞାନୀକୁ ଦାନ ନିଷ୍ଫଳ, ତେମନ୍ତ ବେଦ ରହିତ ବ୍ରାହ୍ମଣ ନିଷ୍ଫଳ ଅଟନ୍ତି ।

**ଅହିଂସୟୈବ ଭୂତାନାଂ କାର୍ଯ୍ୟଂ ଶ୍ରେୟୋଽନୁଶାସନମ୍ ।**
**ବାକ୍ ଚୈବ ମଧୁରା ଶ୍ଲକ୍ଷ୍ଣା ପ୍ରୟୋଜ୍ୟା ଧର୍ମମିଚ୍ଛତାଃ ।୧୫୯।**

ଅହିଂସା ଦ୍ୱାରା ଏକା ଶିଷ୍ୟଙ୍କୁ ଶାସନ କରିବା କର୍ତ୍ତବ୍ୟ ଏବଂ ଧର୍ମେଚ୍ଛୁ ଗୁରୁ ଆପଣା ବାଣୀକୁ ମଧୁର ଓ ମୃଦୁମନୋହର କରିବେ ।

**ଯସ୍ୟ ବାଙ୍ମନସୋ ଶୁଦ୍ଧେ ସମ୍ୟଗ୍ଗୁପ୍ତେ ଚ ସର୍ବଦା ।**
**ସ ବୈ ସର୍ବମବାପ୍ନୋତି ବେଦାନ୍ତୋପଗତଂ ଫଳମ୍ ।୧୬୦।**

ଯାହାଙ୍କ ବାଣୀ ଓ ମନ ଶୁଦ୍ଧ ଏବଂ (କ୍ରୋଧ ଓ ମିଥ୍ୟା ଭାଷଣାଦିରୁ) ସୁରକ୍ଷିତ ସେ ବେଦାନ୍ତର ଯଥାର୍ଥରୂପେ ସମସ୍ତ ଫଳପ୍ରାପ୍ତ ହୁଅନ୍ତି ।

**ନାରୁନ୍ତୁଦଃ ସ୍ୟାଦର୍ତ୍ତୋଽପିନ ପରଦ୍ରୋହକର୍ମଧୀଃ ।**
**ଯୟାସ୍ୟୋଦି ବର୍ଜତେ ବାଚା ନା ଲୋକ୍ୟାଂ ତାମୁଦୀରୟେତ୍ ।୧୬୧।**

ଏକାନ୍ତ ଉତ୍ପୀଡ଼ିତ ହେଲେ ସୁଦ୍ଧା କାହାରିକୁ ମର୍ମଭେଦୀ କଥା କହିବ ନାହିଁ, ପରର ଦ୍ରୋହ କରିବା ବୁଦ୍ଧି ରଖିବ ନାହିଁ, ଯେଉଁ କଥା କହିଲେ ଉଦ୍‌ବେଗ ଜାତ ହେବ ବା ଅପରର ସହିତ (ସ୍ୱର୍ଗାଦି ପ୍ରାପ୍ତି ବିରୋଧୀ) ହେବ ଏମନ୍ତ କଥା କହିବ ନାହିଁ ।

**ସମ୍ମାନାଦ୍ ବ୍ରାହ୍ମଣୋ ନିତ୍ୟମୁଦ୍‌ବିଜତେ ବିଷାଦିବ ।**
**ଅମୃତସ୍ୟେବ ଚାକାଙ୍କ୍ଷେଦବମାନସ୍ୟ ସର୍ବଦା ।୧୬୨।**

ବ୍ରାହ୍ମଣ ସମ୍ମାନକୁ ସର୍ବଦା ସୁଖବୋଲି ଜ୍ଞାନ ନ କରି ବିଷପରି ଡରିବେ ଆଉ ସର୍ବଦା ଅପମାନକୁ ଅମୃତପରି ଇଚ୍ଛାକରିବେ (ଅପମାନକୁ ଦୁଃଖୋଦି ମନେ ନ କରିବେ) ।

**ସୁଖଂ ହ୍ୟବମତଃ ଶେତେ ସୁଖଞ୍ଚ ପ୍ରତିବୁଦ୍ଧ୍ୟତେ ।**
**ସୁଖଂ ଚରତି ଲୋକେଽସ୍ମିନ୍ନବମନ୍ତା ବିନଶ୍ୟତି ।୧୬୩।**

ଅବମାନନା ସହ୍ୟ କରିବାକୁ ଅଭ୍ୟସ୍ତ ହେଲେ ମୋକ୍ଷହୁଏ ନାହିଁ ସୁତରାଂ ସୁଖରେ ନିଦ୍ରାଯାଇ ସୁଖରେ ଉଠାଯାଏ ଏବଂ ସୁଖରେ ସଂସାରକାର୍ଯ୍ୟରେ ବିଚରଣ କରାଯାଏ । ଅପମାନକାରୀ ସେହି ଅପମାନ କରିବା ପାପରେ ନଷ୍ଟହୁଏ ।

**ଅନେନ କ୍ରମଯୋଗେନ ସଂସ୍କୃତାତ୍ମା ଦ୍ୱିଜଃ ଶନୈଃ ।**
**ଗୁରୌବସନ୍ ସଞ୍ଚିନୁୟାଦ୍ ବ୍ରହ୍ମାଧିଗମିକଂ ତପଃ ।୧୬୪।**

ଏହିରୂପ କ୍ରମକଥିତ ଉପାୟଦ୍ୱାରା ସଂସ୍କୃତାତ୍ମା ଦ୍ୱିଜଗୁରୁ ନିକଟରେ ବାସ କରି ବେଦ ଗ୍ରହଣୀୟ ତପସ୍ୟା ସଞ୍ଚୟ କରିବେ ।

**ତପୋବିଶେଷବିବିଧୈର୍ବ୍ରତୈଶ୍ଚ ବିଧିଚୋଦିତୈଃ ।**
**ବେଦଃ କୃତ୍ସ୍ନୋଽଧିଗନ୍ତବ୍ୟଃ ସରହସ୍ୟୋ ଦ୍ୱିଜନ୍ମନା ।୧୬୫।**

ବିଧିବିହିତ ବିବିଧ ତପୋବିଶେଷ (ସମୟନିୟମାଦି) ଆଉବ୍ରତ (ଗୁରୁସେବାଦି ଦ୍ୱାରା ଉପନିଷଦ ସହିତ ସମଗ୍ର ବେଦାଧ୍ୟୟନ କରିବା ଦ୍ୱିଜନ୍ମନ୍ (ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ) ମାନଙ୍କର କର୍ତ୍ତବ୍ୟ ।

**ବେଦମେବ ସଦାଭ୍ୟାସ୍ୟେତ୍ତପସ୍ତପ୍ସ୍ୟନ ଦ୍ୱିଜୋତ୍ତମଃ ।**
**ବେଦାଭ୍ୟାସୋ ହି ବିପ୍ରସ୍ୟ ତପଃ ପରମିହୋଚ୍ୟତେ ।୧୬୬।**

ଯେ ଦ୍ୱିଜଶ୍ରେଷ୍ଠ ତପସ୍ୟା କରିବାକୁ ଇଚ୍ଛା କରିବେ ସେ ସର୍ବଦା ବେଦାଭ୍ୟାସ କରିବେ— ବେଦାଭ୍ୟାସହିଁ ବିପ୍ରର ପରମ ତପସ୍ୟା ବୋଲାଯାଏ ।

**ଆ ହୈ ବ ସ ନଖାଗ୍ରେଭ୍ୟଃ ପରମଂ ତପ୍ୟତେ ତପଃ ।**
**ଯଃ ସ୍ରଗ୍ୱ୍ୟପି ଦ୍ୱିଜୋଽଧୀତେ ସ୍ୱାଧ୍ୟାୟଂ ଶକ୍ତିତୋଽନ୍ୱହମ୍ ।୧୬୭।**

ଯେ ଦ୍ୱିଜ ପୁଷ୍ପମାଳା ଧାରଣ କରି (ବ୍ରହ୍ମଚର୍ଯ୍ୟ ସମାପ୍ତ କରି) ସୁଦ୍ଧା ପ୍ରତିଦିନ ଯଥାଶକ୍ତି ବେଦାଧ୍ୟୟନ କରନ୍ତି ସେ ନିଶ୍ଚୟ ନଖାଗ୍ର ପର୍ଯ୍ୟନ୍ତ ପରମ ତପସ୍ୟା କରନ୍ତି (ଅର୍ଥାତ୍ ତହିଁରୁ ବଳି ତପସ୍ୟା ନାହିଁ) ।

**ଯୋଽନଧୀତ୍ୟ ଦ୍ୱିଜୋ ବେଦମନ୍ୟତ୍ର କୁରୁତେ ଶ୍ରମମ୍ ।**
**ସ ଜୀବନନ୍ନେବ ଶୂଦ୍ରତ୍ୱମାଶୁ ଗଚ୍ଛତି ସାନ୍ୱୟଃ ।୧୬୮।**

ଯେ ଦ୍ୱିଜ ବେଦ ନ ପଢ଼ି ଅନ୍ୟ କାର୍ଯ୍ୟରେ ଶ୍ରମ କରନ୍ତି ସେ ଜୀବଦ୍ଦଶାରେ ସବଂଶ ଶୀଘ୍ର ଶୂଦ୍ରତ୍ୱ ପ୍ରାପ୍ତି ହୁଅନ୍ତି ।

**ମାତୁରଗ୍ରେଽଧିଜନନଂ ଦ୍ୱିତୀୟଂ ମୌଞ୍ଜିବନ୍ଧନେ ।**
**ତୃତୀୟଂ ଯଜ୍ଞଦୀକ୍ଷାୟଂ ଦ୍ୱିଜସ୍ୟ ଶ୍ରୁତିଚୋଦନାତ୍ ।୧୬୯।**

ଶ୍ରୁତିର ଆଜ୍ଞା ଏହି ଯେ ଦ୍ୱିଜର ମାତାଠାରୁ ପ୍ରଥମ ଜନ୍ମ, ଉପନୟନର ଦ୍ୱିତୀୟ ଜନ୍ମ ଏବଂ ଯଜ୍ଞଦୀକ୍ଷାରୁ ତୃତୀୟ ଜନ୍ମ ହୁଏ ।

**ତତ୍ର ଯଦ୍ ବ୍ରହ୍ମଜନ୍ମାସ୍ୟ ମୌଞ୍ଜୀବନ୍ଧନଚିହ୍ନିତମ୍ ।**
**ତତ୍ରାସ୍ୟ ମାତା ସାବିତ୍ରୀ ପିତାତ୍ୱାଚାର୍ଯ୍ୟ ଉଚ୍ୟତେ ।୧୭୦।**

ତହିଁ ମଧ୍ୟରୁ ବେଦ ଗ୍ରହଣାର୍ଥ ମେଖଳା ବନ୍ଧନ ଚିହ୍ନିତ ଉପନୟନ ସଂସ୍କାର ରୂପ ଯେଉଁ ବ୍ରହ୍ମ ଜନ୍ମ ତହିଁରେ ଏହାର ମାତା ସାବିତ୍ରୀ ଆଉ ପିତା ଆଚାର୍ଯ୍ୟ ବୋଲାଯାଏ ।

**ବେଦପ୍ରଦାନଚାର୍ଯ୍ୟଂ ପିତରଂ ପରିଚକ୍ଷତେ ।**
**ନ ହ୍ୟସ୍ମିନ୍ ଯୁଜ୍ୟତେ କର୍ମ କିଞ୍ଚିଦାମୌଞ୍ଜୀବନ୍ଧନାତ୍ ।୧୭୧।**

ବେଦ ପ୍ରଦାନରୁ ଆଚାର୍ଯ୍ୟଙ୍କୁ ପିତା ବୋଲାଯାଏ । ମେଖଳା ବନ୍ଧନ (ଉପନୟନ ପୂର୍ବେ ତାହାର ଶ୍ରୌତସ୍ମାର୍ତ୍ତାଦି) କୌଣସି କର୍ମ କରିବା ଉପଯୁକ୍ତ ନୁହେଁ ।

**ନାଭିବ୍ୟାହାରୟେଦ୍ ବ୍ରହ୍ମ ସ୍ୱଧାନିନୟନାଦୃତେ ।**
**ଶୂଦ୍ରେଣ ହି ସମସ୍ତାବଦ୍ ଯାବଦ୍ ବେଦେ ନ ଜାୟତେ ।୧୭୨।**

ମୌଞ୍ଜୀବନ୍ଧନ ପୂର୍ବେ ବେଦର ଉଚ୍ଚାରଣ କରାଇବ ନାହିଁ, ପରନ୍ତୁ ମୃତକ ସଂସ୍କାରରେ ବେଦ ମନ୍ତ୍ରର ଉଚ୍ଚାରଣ ବର୍ଜିତ ନୁହେଁ । ଯେ ପର୍ଯ୍ୟନ୍ତ ବେଦଜନ୍ମ ନ ହୁଏ ସେ ପର୍ଯ୍ୟନ୍ତ ଶୂଦ୍ରସଙ୍ଗେ ସମାନ ।

**ବ୍ରତୋପନୟନସ୍ୟାସ୍ୟ ବ୍ରତାଦେଶନମିଷ୍ୟତେ ।**
**ବ୍ରହ୍ମଣୋ ଗ୍ରହଣଞ୍ଚୈବ କ୍ରମେଣ ବିଧିପୂର୍ବକମ୍ ।୧୭୩।**

ଉପନୟନ ହେଲାରୁ ଏହାର ବ୍ରତାଦେଶ (ସାୟଂ ପ୍ରାତଃ ହୋମ କରିବା ଓ ଦିନରେ ନ ଶୋଇବା ଇତ୍ୟାଦି) ଏବଂ ବିଧିପୂର୍ବକ କ୍ରମରେ ବେଦାଧ୍ୟୟନର ଅଧିକାରୀ ହୁଏ ।

**ଯଦ୍ ଯସ୍ୟ ବିହିତଂ ଚର୍ମ ଯତ୍ ସୂତ୍ରଂ ଯା ଚ ମେଖଳା ।**
**ଯେ ଦଣ୍ଡୋ ଯଚ୍ଚ ବସନଂ ତତ୍ତଦସ୍ୟ ବ୍ରତେଷ୍ୱପି ।୧୭୪।**

ଉପନୟନ କାଳରେ ବ୍ରହ୍ମଚାରୀ ପ୍ରତି ଯେଉଁ ଚର୍ମ, ସୂତ୍ର, ମେଖଳା, ଦଣ୍ଡ ଓ ବସନ ବିହିତ ହୋଇଅଛି ବ୍ରତକାଳରେ ମଧ୍ୟ ତାହାର ସେପରି ବିହିତ ।

**ସେବେତେମାଂସ୍ତୁ ନିୟମାନ୍ ବ୍ରହ୍ମଚାରୀ ଗୁରୌ ବସନ୍ ।**
**ସନ୍ନିୟମ୍ୟେନ୍ଦ୍ରିୟଗ୍ରାମଂ ତପୋବୃଦ୍ଧ୍ୟର୍ଥମାତ୍ମନଃ ।୧୭୫।**

ଗୁରୁ ନିକଟରେ ବାସ କରିବା ସମୟରେ ବ୍ରହ୍ମଚାରୀ ଇନ୍ଦ୍ରିୟ ସଂଯମ କରି ଆପଣା ତପସ୍ୟାର ଉନ୍ନତି ସକାଶେ ଏହି ପୂର୍ବକଥିତ ନିୟମମାନ ପାଳନକରିବେ ।

**ନିତ୍ୟଂସ୍ନାତ୍ୱା ଶୁଚିଃ କୁର୍ଯ୍ୟାଦ୍ଦେବର୍ଷି ପିତୃତର୍ପଣମ୍ ।**
**ଦେବତାଭ୍ୟର୍ଚ୍ଚନଞ୍ଚୈବ ସମିଦାଧାନମେବଚ ।୧୭୬।**

ପ୍ରତିଦିନ ସ୍ନାନକରି ପବିତ୍ରହୋଇ ଦେବରଷି ଏ ପିତୃସଂଜ୍ଞକ ପୁରୁଷଙ୍କୁ ଜଳାଦି ଦ୍ୱାରା ଅର୍ପଣ କରି ଆଉ ସମିଧ ଅଧାନ କରି ହୋମଦ୍ୱାରା ଦେବତାଙ୍କୁ ପୂଜାକରିବେ ।

**ବର୍ଜୟେନ୍ ମଧୁମାଂସଞ୍ଚ ଗନ୍ଧଂ ମାଲ୍ୟଂରସାନ୍ ସ୍ତ୍ରିୟଃ ।**
**ଶୁକ୍ତାନି ଯାନି ସର୍ବାଣି ପ୍ରାଣିନାଞ୍ଚୈବ ହିଂସନମ୍ ।୧୭୭।**

ମଦ, ମାଂସ, ଗନ୍ଧ, ମାଲ୍ୟ, ଉତ୍ତମ, ମଧୁରାଦି ରସ, ସ୍ତ୍ରୀ ଶୁକ୍ତ ଅର୍ଥାତ୍ ସିର୍କା ତୋରାଣି ଇତ୍ୟାଦି ସଡ଼ା ପଦାର୍ଥ ଏସବୁ ଏବଂ ପ୍ରାଣୀ ହିଂସା ଛାଡ଼ିଦେବ ।

**ଅଭ୍ୟାଙ୍ଗମଞ୍ଜନଞ୍ଚାକ୍ଷ୍ ଣୋରୁପାନଚ୍ଛତ୍ରଧାରଣମ୍ ।**
**କାମଂ କ୍ରୋଧଞ୍ଚ ଲୋଭଞ୍ଚ ନର୍ତ୍ତନ ଗୀତାବାଦନମ୍ ।୧୭୮।**

ସର୍ବାଙ୍ଗରେ ତୈଳାଦି ମର୍ଦ୍ଦନ, ଅଞ୍ଜନାଦିଦ୍ୱାରା ଚକ୍ଷୁରଞ୍ଜନ, ଯୋତାପିନ୍ଧିବା, ଛତା ଧରିବା, କାମ, କ୍ରୋଧ, ଲୋଭ, ନାଚ ଆଉ ବାଦ୍ୟ ।

**ଦ୍ୟୂତଞ୍ଚ ଜନବାଦଞ୍ଚ ପରିବାଦଂ ତଥା ନୃତମ୍ ।**
**ସ୍ତ୍ରୀଣାଞ୍ଚ ପ୍ରେକ୍ଷଣାଲମ୍ଭମୁପଘାତଂ ପରସ୍ୟ ଚ ।୧୭୯।**

ଜୁଆ ଖେଳ, କଳହ, ପରନିନ୍ଦା, ମିଥ୍ୟାକଥନ, ସ୍ତ୍ରୀଲୋକଙ୍କ ପ୍ରତି କଟାକ୍ଷ ବା ଆଲିଙ୍ଗନ, ପରର ଅନିଷ୍ଟାଚରଣ ବ୍ରହ୍ମଚାରୀ ତ୍ୟାଗ କରିବେ ।

**ଏକଃ ଶୟୀତ ସର୍ବତ୍ର ନ ରେତଃ ସ୍କନ୍ଦୟତ୍ କ୍ୱଚିତ୍ ।**
**କାମାଦ୍ଧି ସ୍କନ୍ଦୟନ୍ ରେତୋ ହିନସ୍ତି ବ୍ରତମାତ୍ମନଃ ।୧୮୦।**

ସର୍ବଦା ଏକାକୀ ଶୟନ କରିବେ, କେତେବେଳେ (ହସ୍ତବ୍ୟାପରାଦି ଦ୍ୱାରା) ବୀର୍ଯ୍ୟସ୍ଖଳନ କରିବେ ନାହିଁ, କାରଣ କାମବଶ ହୋଇ ବୀର୍ଯ୍ୟସ୍ଖଳନ କଲେ ଆପଣାର ବ୍ରତ ନଷ୍ଟହୁଏ ।

**ସ୍ୱପ୍ନେ ସିକ୍ତ୍ୱାବ୍ରହ୍ମଚାରୀ ଦ୍ୱିଜଃ ଶୁକ୍ରମକାମତଃ ।**
**ସ୍ନାତ୍ୱାର୍କମର୍ଚ୍ଚୟିତ୍ୱା ତ୍ରିଃ ପୁନର୍ମାମିତ୍ୟୃଚଂ ଜପେତ୍ ।୧୮୧।**

ସ୍ୱପ୍ନରେ ବ୍ରହ୍ମଚାରୀର ଇଚ୍ଛାବିନା ବୀର୍ଯ୍ୟସ୍ଖଳିତ ହେଲେ ସ୍ନାନକରି ପରମାତ୍ମାଙ୍କ ପୂଜାକରି ତିନିଥର 'ପୁନର୍ମାଂ ମେତ୍ୱିନ୍ଦ୍ରିୟଂ ଏହି ମନ୍ତ୍ର ପଢ଼ିବେ ।

**ଉଦକ୍‌କୁମ୍ଭଂ ସୁମନସୋ ଗୋଶକୃନ୍ ମୃତ୍ତିକାକୁଶାନ୍ ।**
**ଆହରେଦ୍‌ଯାବଦର୍ଥାନି ଭୈକ୍ଷଞ୍ଚ ହରହଶ୍ଚରେତ୍ ।୧୮୨।**

ଜଳକୁମ୍ଭ, ପୁଷ୍ପ, ଗୋବରମାଟି, କୁଶ ଏସବୁ ପ୍ରୟୋଜନ ମତେ ଆଣି ପ୍ରତିଦିନ ଭିକ୍ଷା ଆଣିବ ।

**ବେଦଯଜ୍ଞୈରହୀନାନାଂ ପ୍ରଶସ୍ତାନାଂ ସ୍ୱକର୍ମସୁ ।**
**ବ୍ରହ୍ମଚାର୍ଯ୍ୟାହରେଦ୍ ଭୈକ୍ଷଂ ଗୃହେଭ୍ୟଃ ପ୍ରୟତୋଽନ୍ୱହମ୍ ।୧୮୩।**

ବେଦ ଆଉ ଯଜ୍ଞରେ ଯେ ହୀନ ନୁହେଁ ଏବଂ ଆପଣା ନିତ୍ୟକର୍ମରେ ଯେ ପ୍ରତିଷ୍ଠିତ ଏମନ୍ତ ଲୋକମାନଙ୍କ ଘରୁ ବ୍ରହ୍ମଚାରୀ ପ୍ରତିଦିନ ଚେଷ୍ଟାକରି ଭିକ୍ଷା ଆଣିବ ।

**ଗୁରୋଃ କୁଳେ ନ ଭିକ୍ଷେତ ନ ଜ୍ଞାତିକୁଳବନ୍ଧୁଷ ।**
**ଆଲୋଭ ତ୍ୱନ୍ୟଗେହନାଂ ପୂର୍ବଂ ପୂର୍ବଂ ବିବର୍ଜୟେତ୍ ।୧୮୪।**

ଗୁରୁଙ୍କର ବଂଶରେ ଆଉ ଆପଣା ଜ୍ଞାତିକୁଳ ମାତୁଳାଦି ବନ୍ଧୁ କୁଳରେ ଭିକ୍ଷା କରିବା ଉଚିତ ନୁହେଁ । ଯଦି ଅନ୍ୟସ୍ଥାନରେ ଭିକ୍ଷା ନ ମିଳିବ ତେବେ ତାଙ୍କ ଘରୁ ବାଧବଶତଃ ଭିକ୍ଷା କରିବ ।

**ସର୍ବଂ ବ୍ୟାପି ଚରେଦ୍ ଗ୍ରାମଂ ପୂର୍ବୋକ୍ତାନାମସମ୍ଭବେ ।**
**ନିୟମ୍ୟ ପ୍ରଯତୋ ବାଚମଭିଶସ୍ତାଂସ୍ତୁ ବର୍ଜୟେତ୍ ।୧୮୫।**

ପୂର୍ବକଥିତ ସମସ୍ତର ଅସଦ୍ଭାବ ହେଲେ ପ୍ରଯତବାକ୍ (ମୌନୀ) ହୋଇ ସକଳ ଗ୍ରାମରେ ବୁଲି ଭିକ୍ଷା କରିବ ମାତ୍ର ମହାପାତକୀ ଆଦିଙ୍କୁ ଛାଡ଼ିଦେବ ।

**ଦୂରାଦାହୃତ୍ୟ ସମିଧଃ ସନ୍ନିଦଧ୍ୟାଦ୍ ବିହାୟସି ।**
**ସାୟଂ ପ୍ରାତଶ୍ଚ ଜୁହୁୟାତ୍ତାଭିତଗ୍ନିମତନ୍ଦ୍ରିତଃ ।୧୮୬।**

ଦୂରରୁ ସମିଧ ଆଣି ଉଚ୍ଚ ସ୍ଥାନରେ ରଖି ଆଳସ୍ୟ ଛାଡ଼ି ସକାଳ ସନ୍ଧ୍ୟା ତହିଁରେ ଅଗ୍ନି ଦ୍ୱାରା ହୋମ କରିବ ।

**ଅକୃତ୍ୱା ଭୈକ୍ଷଚରଣମସମିଧ ଚ ପାବକମ୍ ।**
**ଅନାତୁରଃ ସପ୍ତରାତ୍ରମବକୀର୍ଣ୍ଣି ବ୍ରତଂ ଚରେତ୍ ।୧୮୭।**

ଯଦି ରୋଗାଦି ବାଧାବିନା ବ୍ରହ୍ମଚାରୀ ସାତଦିନ ଭିକ୍ଷାବୃତ୍ତି ଓ ଅଗ୍ନିରେ ସମିଧ ଦ୍ୱାରା ସକାଳସନ୍ଧ୍ୟା ହୋମ ନ କରିବେ ତେବେ ବ୍ରହ୍ମଚର୍ଯ୍ୟ ବ୍ରତନଷ୍ଟ ହେବାହେତୁ ଅବକୀର୍ଣ୍ଣ ବ୍ରତ (୧୧ଶ ଅଧ୍ୟାୟୋକ୍ତ ପ୍ରାୟଶ୍ଚିତ) କରିବେ ।

**ଭୈକ୍ଷେଣେ ବ୍ରତିୟେନ୍ନି ତଂ, ନୈକାନ୍ନଦୀ ଭବେଦ୍ ବ୍ରତି ।**
**ଭୈକ୍ଷଣେ ବ୍ରତିନୋ ବୃତ୍ତିରପାବାସସମାସ୍ମୃତା ।୧୮୮। ***

* ଆଠଗୋଟି ପୁରାତନ ପୁସ୍ତକରେ ଏ ଶ୍ଳୋକପରେ ନିମ୍ନ ଦୁଇଶ୍ଳୋକ ଅଛି –
ନ ଭୈକ୍ଷ୍ୟଂ ପରପାକଃସ୍ୟାନ୍ନଚ ଭୈକ୍ଷ୍ୟଂ ପ୍ରତିଗ୍ରହଃ ।
ସୋମପାନସମଂ ଭୈକ୍ଷ୍ୟଂ ତସ୍ମାଦ୍ ଭୈକ୍ଷ୍ୟେଣ ବର୍ତ୍ତୟେତ୍ ।
ଭୈକ୍ଷ୍ୟସ୍ୟାଗମ ଶୁଦ୍ଧସ୍ୟ ପ୍ରୋକ୍ଷତସ୍ୟ ହୁତସ୍ୟ ଚ ।
ଯାଂସ୍ତସ୍ୟଗ୍ରସତ୍ତେ ଗ୍ରାସାଂସ୍ତେତସ୍ୟ କ୍ରତୁଭିଃ ସମାଃ ।

ବ୍ରହ୍ମଚାରୀ ଭିକ୍ଷାଦ୍ୱାରା ନିତ୍ୟ ଭୋଜନ କରିବ; ମାତ୍ର ଜଣକ ଘରୁ ଆଣି ଭୋଜନ କରିବ ନାହିଁ, କାରଣ ଭିକ୍ଷାସମୂହ ଦ୍ୱାରା ଯେଉଁ ଯେଉଁ ବୃତ୍ତି ହୁଏ ତାହା ଉପବାସ ସମାନ ବୋଲାଯାଇଅଛି ।

**ବ୍ରତବଦ୍ଦେବ ଦୈବତ୍ୟେ ପିତ୍ର୍ୟେ କର୍ମଣ୍ୟଥର୍ଷିବତ୍ ।**
**କାମମଭ୍ୟର୍ଥିତୋଽଶ୍ନୀୟାଦ୍ ବ୍ରତମସ୍ୟ ନ ଲୁପ୍ୟତେ ।୧୮୯।**

ଦେବତୋଦେଶ (ଦେବଯଜ୍ଞସମ୍ବନ୍ଧୀ ବ୍ରହ୍ମଭୋଜ) ରେ ନିମନ୍ତ୍ରିତ ବ୍ରହ୍ମଚାରୀ ବ୍ରତବତ୍ (ବ୍ରତବିରୁଦ୍ଧ ମଧୁମାଂସାଦି ବ୍ୟତିତ) ଓ ପିତୃକର୍ମ (ଶ୍ରାଦ୍ଧାଦି) ରେ ନିମନ୍ତ୍ରିତ ହୋଇ ଋଷିପରି (ଫଳମୂଳାଦି) ଏକଘରେ ଯଥେଚ୍ଛା ଭୋଜନ କରିବ, ତହିଁରେ ଏହାର ବ୍ରତ ନଷ୍ଟ ହେବ ନାହିଁ ।

**ବ୍ରାହ୍ମଣସ୍ୟୈବ କର୍ମୈତଦୁପଦିଷ୍ଟଂ ମନୀଷିଭିଃ ।**
**ରାଜନ୍ୟବୈଶ୍ୟୟୋସ୍ତ୍ୱେବଂ ନୈତତ୍କର୍ମ ବିଧୀୟତେ ।୧୯୦।**

ପରନ୍ତୁ ମନୀଷି (ବେଦବିଦ) ମାନେ ଏହି କର୍ମ (ଏକଘରେ ଭୋଜନ) ବ୍ରାହ୍ମଣ ବ୍ରହ୍ମଚାରୀ ସକାଶେ ଉପଦେଶ କରିଅଛନ୍ତି ମାତ୍ର କ୍ଷତ୍ରିୟ ଓ ବୈଶ୍ୟ, ବ୍ରହ୍ମଚାରୀଙ୍କ ପ୍ରତି ଏହା ଉପଯୁକ୍ତ ନୁହେଁ ।

**ଚୋଦିତୋ ଗୁରୁଣା ନିତ୍ୟମଚୋଦିତସ ଏବ ଚ ।**
**କୁର୍ଯ୍ୟାଦଧ୍ୟୟନେ ଯତ୍ନମାଚାର୍ଯ୍ୟସ୍ୟ ହିତେଷୁ ଚ ।୧୯୧।**

ଗୁରୁ ପ୍ରତିଦିନ କହନ୍ତୁ ବା ନ କହନ୍ତୁ ପଢ଼ିବା ତଥା ଗୁରୁଙ୍କ ହିତ ସେବାରେ ଯତ୍ନ କରିବ ।

**ଶରୀରଞ୍ଚୈବ ବାଚଞ୍ଚ ବୁଦ୍ଧୀନ୍ଦ୍ରିୟମନାଂସି ଚ ।**
**ନିୟମ୍ୟ ପ୍ରାଞ୍ଜଳିସ୍ତିଷ୍ଠେଦ୍ ବୀକ୍ଷମାଣୋ ଗୁରୋର୍ମୁଖମ୍ ।୧୯୨।**

ଶରୀର, ବାକ୍ୟ, ଜ୍ଞାନେନ୍ଦ୍ରିୟ ଓ ମନକୁ ସଂଯମ କରି ହାତ ଯୋଡ଼ି ଗୁରୁଙ୍କ ମୁଖାପେକ୍ଷୀ ହୋଇ ରହିବ ।

**ନିତ୍ୟ ମୁଦ୍ଧୃତ ପାଣି ସ୍ୟାତ୍ ସାଧ୍ୱାଚାରଃସୁସଂଯତଃ ।**
**ଆସ୍ୟତାମିତି ଚୋକ୍ତଃ ସନ୍ନାସୀତାଭିମୁଖଂ ଗୁରୋଃ ।୧୯୩।**

ନିରନ୍ତର ଚାଦରରୁ ଦକ୍ଷିଣ ହାତ ବାହାର କରି ସାଧୁ ଆଚାରଯୁକ୍ତ ଓ ବସ୍ତ୍ରାବୃତ ଦେହ ହୋଇ ଗୁରୁ ବସ ବୋଲି କହିଲେ ଗୁରୁଙ୍କ ଅଭିମୁଖରେ ବସିବ ।

**ହୀନାନ୍ନବସ୍ତ୍ରବେଷଃ ସ୍ୟାତ୍ ସର୍ବଦା ଗୁରୁ ସନ୍ନିଧୌ ।**
**ଉତ୍ତିଷ୍ଠେତ୍ ପ୍ରଥମଞ୍ଚାସ୍ୟ ଚରମଞ୍ଚୈବ ସମ୍ବିଶେତ୍ ।୧୯୪।**

ଗୁରୁ ସମୀପେ ଅପେକ୍ଷାକୃତ ହୀନ ଅନ୍ନ, ବସ୍ତ୍ର ବୈଶ୍ୟ ବ୍ୟବହାର କରିବ ଏବଂ ଗୁରୁ ଉଠିବା ଓ ଗୁରୁ ଶୋଇବା ପଛେ ଶୋଇବ ।

**ପତିଶ୍ରବଣସମ୍ଭାଷେ ଶୟନେ ନ ସମାଚରେତ୍ ।**
**ନାସୀନୋ ନ ଚ ଭୁଞ୍ଜାନୋ ନ ତିଷ୍ଠନ୍ନ ପରାଙ୍ ମୁଖଃ ।୧୯୫।**

ଶୋଇ ବା ବସି ରହି, ଖାଉ ଖାଉ ଅଥବା ଅନ୍ୟଆଡ଼େ ମୁହଁ କରି ଗୁରୁଙ୍କ ଆଜ୍ଞାର ଉତ୍ତର ଅଥବା ତାଙ୍କ ସଙ୍ଗେ ସମ୍ଭାଷଣ କରିବ ନାହିଁ ।

---

ଅର୍ଥାତ୍ ଭିକ୍ଷାନ୍ନ ପରପାକ ବା ପ୍ରତିଗ୍ରହ ନୁହେଁ ମାତ୍ର ସୋମପାନ ସମାନ, ଏ ହେତୁ ଭିକ୍ଷାନ୍ନକୁ ବୃତ୍ତି କରିବ । ଭିକ୍ଷାନ୍ନ ଶାସ୍ତ୍ରବିହିତ ଶୁଦ୍ଧ, ପ୍ରୋକ୍ଷିତ ଏବଂ ହୃତ ହେଲେ ଯେତେ ଗ୍ରାସ ଭକ୍ଷଣ କରାଯାଏ ତେବେ ଯଜ୍ଞର ଫଳ ମିଳେ ।

**ଆସୀନସ୍ୟ ସ୍ଥିତଃ କୁର୍ଯ୍ୟାଦଭିଗଚ୍ଛଂସ୍ତୁ ତିଷ୍ଠତଃ ।**
**ପ୍ରତ୍ୟୁଦ୍‌ଗମ୍ୟ ତ୍ୱାବ୍ରଜତଃ ପଶ୍ଚାଦ୍ଧାବଂସ୍ତୁ ଧାବତଃ ।୧୯୬।**

ଆସନରେ ବସି ଗୁରୁ ଆଜ୍ଞା ଦେଲେ ଆପେ ଆସନରୁ ଉଠି ଆଉ ଗୁରୁ ଛିଡ଼ା ହୋଇଥିଲେ ତାଙ୍କ ଆଡ଼କୁ ଯାଇ ଓ ଗୁରୁ ଆପଣା ଆଡ଼କୁ ଆସୁଥିଲେ ତାଙ୍କ ଆଡ଼କୁ ଯାଇ ଏବଂ ଗୁରୁ ଚାଲୁ ଚାଲୁ କହୁଥିଲେ ତାଙ୍କ ପଛେ ପଛେ ଯାଇ ସମ୍ଭାଷଣ କରିବ ।

**ପରାଙ୍ମୁଖସ୍ୟାଭିମୁଖୋ ଦୂରସ୍ଥସ୍ୟୈତ୍ୟ ଚାନ୍ତିକମ୍ ।**
**ପ୍ରଣମ୍ୟ ତୁ ଶୟନସ୍ୟ ନିଦେଶେ ଚୈବ ତିଷ୍ଠତି ।୧୯୭।**

ଗୁରୁ ପଛରେ ଥିଲେ ଆଗ ହୋଇ, ଦୂରରେ ଥିଲେ କତିକି ଆସି, ଶୋଇଥିଲେ ନମସ୍କାର କରି ଆଉ ନିକଟରେ ଥିଲେ ଅବନତ ଭାବରେ ସମ୍ଭାଷଣ କରିବ ।

**ନୀଚଂ ଶଯ୍ୟାସନଞ୍ଚାସ୍ୟ ସର୍ବଦା ଗୁରୁ ସନ୍ନିଧୌ ।**
**ଗୁରୋସ୍ତୁ ଚକ୍ଷୁର୍ବିଷୟେ ନ ଯଥେଷ୍ଟାସନୋ ଭବେତ୍ ।୧୯୮।**

ଗୁରୁ ନିକଟରେ ଏହାର ଶଯ୍ୟା ଓ ଆସନ ସର୍ବଦା ନୀଚ ହେବ ଏବଂ ଗୁରୁ ଦେଖିବାକୁ ପାଇବା ସ୍ଥାନରେ ଇଚ୍ଛାନୁଯାୟୀ ହାତ ଗୋଡ଼ ପ୍ରସାରଣ କରିବା ଉଚିତ୍ ନୁହେଁ ।

**ନୋଦାହରେଦସ୍ୟ ନାମ ପରୋକ୍ଷମପି କେବଳମ୍ ।**
**ନ ଚୈବାସ୍ୟାନୁକୁର୍ବୀତ ଗତିଭାଷିତ ଚେଷ୍ଟିତମ୍ ।୧୯୯। ⁂**

ଗୁରୁଙ୍କ ଅସାକ୍ଷାତରେ ସୁଦ୍ଧା ଉପାଧ୍ୟାୟ ଆଚାର୍ଯ୍ୟାଦି ପୂଜ୍ୟ ବଚନ ଶୂନ୍ୟ ଖାଲି ଗୁରୁଙ୍କ ନାମ ଉଚ୍ଚାରଣ କରିବ ନାହିଁ ଏବଂ ଗୁରୁଙ୍କ ଚାଲି ବୋଲି ବା ଚେଷ୍ଟାର (ଉପହାସ ବୁଦ୍ଧିରେ) ଅନୁକରଣ କରିବ ନାହିଁ ।

**ଗୁରୋର୍ଯତ୍ର ପରୀବାଦୋ ନିନ୍ଦାବାପି ପ୍ରବର୍ତ୍ତତେ ।**
**କର୍ଣ୍ଣୌ ତତ୍ର ପିଧାତବ୍ୟୌ ଗନ୍ତବ୍ୟଂ ବା ତତୋଽନ୍ୟତଃ ।୨୦୦।**

ଯେଉଁଠାରେ ଗୁରୁଙ୍କ ଦୋଷ ବା ନିନ୍ଦା କଥନ ହୁଏ ସେଠାରେ ଦୁଇ କାନରେ ଅଙ୍ଗୁଳି ଦେଇ ବନ୍ଦ କରିବ ଅଥବା ସେଠାରୁ ଅନ୍ୟ ସ୍ଥାନକୁ ଚାଲିଯିବ ।

**ପରୀବାଦାତ୍ ଖରୋ ଭବତି ଶ୍ୱାବୈ ଭବତୀ ନିନ୍ଦକଃ ।**
**ପରିଭୋକ୍ତା କୃମିର୍ଭବତି କୀଟୋ ଭବତି ମତ୍ସରୀ ।୨୦୧।**

ଗୁରୁଙ୍କ ଦୋଷ ହେଲେ (ଅନ୍ୟ ଜନ୍ମରେ) ଗର୍ଦ୍ଦଭ ହେବ । ନିନ୍ଦାକଲେ କୁକୁର ହେବ, ଅନ୍ୟାୟରୂପେ ଗୁରୁଙ୍କ ଦ୍ରବ୍ୟ ଉପଭୋଗ କଲେ କୃମି ଏବଂ ଗୁରୁଙ୍କ ଉତ୍କର୍ଷ ସହ୍ୟ କରି ନ ପାରିଲେ କୀଟ ହେବ ।

**ଦୂରସ୍ଥୋ ନାର୍ଚ୍ଚୟେଦେନଂ ନ କ୍ରୁଦ୍ଧୋ ନାନ୍ତିକେ ସ୍ତ୍ରିୟାଃ ।**
**ଯାନସନସ୍ଥ ଶ୍ଚୈବୈନମବରୁହ୍ୟାଭିବାଦୟେତ୍ ।୨୦୨।**

---

⁂ ଖଣ୍ଡିଏ ପୁରାତନ ପୁସ୍ତକରେ ଏଥିପରେ ଅଛି —

ପରୋକ୍ଷଂ ସକ୍ରୁପାପୂର୍ବଂ ପ୍ରତ୍ୟକ୍ଷଂ ନ କଥଞ୍ଚନ ।
ଦୁଷ୍ଟାନୁଚାରୀ ଚ ଗୁରୋରୀହବାମୁତ୍ରତୈତ୍ୟଧଃ ।

ଗୁରୁଙ୍କ ନାମ ପରୋକ୍ଷରେ ନେଲେ ନାମ ପୂର୍ବେ "ସକ୍ରୁପା" ଲଗାଇବ, ପ୍ରତ୍ୟକ୍ଷରେ କେବେହେଁ ନେବ ନାହିଁ । ଗୁରୁଙ୍କ ତୋଷାନୁକରଣକାରୀ ଶିଷ୍ୟ ଇହଲୋକ ଓ ପରଲୋକରେ ନୀଚତା ପ୍ରାପ୍ତ ହୁଏ ।

ଗୁରୁଙ୍କୁ ଦୂରରୁ ଅଥବା କ୍ରୋଧଯୁକ୍ତ ହୋଇ ଅଥବା ଗୁରୁ ସ୍ତ୍ରୀଲୋକମାନଙ୍କ ନିକଟରେ ଥିଲେ ତାଙ୍କୁ ଅର୍ଚ୍ଚନା କରିବ ନାହିଁ ଏବଂ ନିଜେ ଯାନାସନସ୍ଥ ଥିଲେ ତହିଁରୁ ଅବତରଣ କରି ନମସ୍କାର କରିବ ।

**ପ୍ରତିବାତେଽନୁବାତେ ନ ନାସୀତ ଗୁରୁଣାସହ ।**
**ଅସଂଶ୍ରବେ ଚୈବ ଗୁରୋର୍ନ କିଞ୍ଚିଦପି କୀର୍ତ୍ତୟେତ୍ ।୨୦୩।**

କାଳେ ଶରୀରଗତ ଗନ୍ଧ ବା ବାକ୍ୟଗତ ରସକଣା ଲାଗିଯାଏ ସେହି ହେତୁ ଗୁରୁଙ୍କଆଡ଼କୁ ପବନ ବହୁଥିଲେ ଅଥବା ଗୁରୁଙ୍କଆଡୁ ଶିଷ୍ୟଆଡ଼କୁ ପବନ ଆସୁଥିବା ସ୍ଥାନରେ ମୁଖାମୁଖି ହୋଇ ଗୁରୁଙ୍କ ସଙ୍ଗେ ବସିବ ନାହିଁ ଅର୍ଥାତ୍ ଡାହାଣ ବାମ ବା (କରେଇ ହୋଇ ବସିବ) ଆଉ ଗୁରୁ ଶୁଣିବାକୁ ନ ପାରିବେ ଏମନ୍ତ କିଛି କରିବ ନାହିଁ ।

**ଗୋଽଶ୍ୱୋଷ୍ଟ୍ର ଯାନ ପ୍ରାସାଦସ୍ରସ୍ତରେଷୁ କଟେଷୁ ଚ ।**
**ଆସୀତ ଗୁରୁଣା ସାର୍ଦ୍ଧଂ ଶିଳାଫଳକନୌଷୁ ଚ ।୨୦୪।**

ଗୋରୁ, ଘୋଡ଼ା ବା ଓଟ ଗାଡ଼ିରେ, କୋଠା ଛାତ ଉପରେ, ଅଥବା ଚଟାଣ ଚଟାଇ, ପଥର, କାଠଚଉକୀ ଅଥବା ଡଙ୍ଗାରେ ଶିଷ୍ୟ ଗୁରୁ ସହିତ ଏକତ୍ର ବସି ସମ୍ଭାଷଣ କରି ପାରିବ ।

**ଗୁରୋଗୁରୌ ସନ୍ନିହିତେ ଗୁରୁବଦ୍ ବୃତ୍ତିମାଚରେତ୍ ।**
**ନ ଚାନିସୃଷ୍ଟୋ ଗୁରୁଣା ସ୍ୱାନ୍ ଗୁରୁନଭିବାଦୟେତ୍ ।୨୦୫।**

ଗୁରୁଙ୍କ ଗୁରୁ ନିକଟକୁ ଆସିଲେ ଗୁରୁପରି ଆଚରଣ କରିବ, ଗୁରୁଙ୍କ ଘରେ ରହୁଥିଲେ ଶିଷ୍ୟ ଗୁରୁଙ୍କ ଅନୁମତି ବିନା ମାତା ପିତାଙ୍କୁ ନମସ୍କାର କରିବ ନାହିଁ ।

**ବିଦ୍ୟାଗୁରୁ ଷ୍ୱେତଦେବ ନିତ୍ୟା ବୃତ୍ତିଃ ସ୍ୱଯୋନିଷୁ ।**
**ପ୍ରତିଷେଧତ୍ ସୁଚାଧର୍ମାଦ୍ଧିତଂ ଚୋପଦିଶତ୍ସ୍ୱପି ।୨୦୬।**

ବିଦ୍ୟାଦାତା ଗୁରୁମାନଙ୍କ, ରକ୍ତସମ୍ବନ୍ଧୀୟ ପିତାମାତାଙ୍କ ଅଧର୍ମାନୁଷ୍ଠାନରୁ ନିଷେଧକାରୀମାନଙ୍କ ଏବଂ ହିତୋପଦେଷ୍ଟାମାନଙ୍କ ପ୍ରତି ଏହିପରି ବ୍ୟବହାର କରିବ ।

**ଶ୍ରେୟଃସୁ ଗୁରୁବଦ୍‌ବୃତ୍ତିଂ ନିତ୍ୟମେବ ସମାଚରେତ୍ ।**
**ଗୁରୁପୁତ୍ରେଷୁ ଚାର୍ଯ୍ୟେଷୁ ଗୁରୋ ଶ୍ଚୈବ ସ୍ୱବନ୍ଧୁଷୁ ।୨୦୭।**

ବିଦ୍ୟା ଓ ତପସ୍ୟାରେ ସମୃଦ୍ଧି ଶ୍ରେୟ ଲୋକମାନଙ୍କ ଓ ଆର୍ଯ୍ୟ ଗୁରୁ ପୁତ୍ର ତଥା ଗୁରୁଙ୍କ ବନ୍ଧୁମାନଙ୍କ ପ୍ରତି ନିତ୍ୟ ଏହିପରି ବ୍ୟବହାର କରିବ ।

**ବାଳଃ ସମାନଜନ୍ମା ବା ଶିଷ୍ୟୋ ଯଜ୍ଞ କର୍ମଣି ।**
**ଅଧ୍ୟାପୟନ୍ ଗୁରୁସୁତୋ ଗୁରୁବନ୍ ମାନମର୍ହତି ।୨୦୮।**

ସାନ ବା ସମବୟସ୍କ ହେଉନ୍ତୁ ବା ଶିଷ୍ୟ ହେଉନ୍ତୁ ବା ଯଜ୍ଞ କର୍ମରେ ଆସି ବେଦମନ୍ତ୍ର ପଢ଼ାଇଥିଲେ ଗୁରୁପୁତ୍ର ଗୁରୁଙ୍କ ସମାନ ପୂଜା ପାଇବା ଯୋଗ୍ୟ ।

**ଉତ୍ସାଦନଞ୍ଚ ଗାତ୍ରାଣାଂ ସ୍ନାପନୋଚ୍ଛିଷ୍ଟ ଭୋଜନେ ।**
**ନ କୁର୍ଯ୍ୟାଦ୍ ଗୁରୁ ପୁତ୍ରସ୍ୟ ପାଦୟୋଶ୍ଚାବନେ ଜମମ୍ ।୨୦୯।**

ମାତ୍ର ଗୁରୁପରି ଗୁରୁପୁତ୍ରଙ୍କୁ ଗାତ୍ରମର୍ଦ୍ଦନ, ସ୍ନାପନ, ଉଚ୍ଛିଷ୍ଟ ଭୋଜନ ବା ପାଦ ପ୍ରକ୍ଷାଳନ କରିବ ନାହିଁ ।

**ଗୁରୁବତ୍ ପ୍ରତିପୂଜ୍ୟାଃ ସ୍ତ୍ରୀ ସବର୍ଣ୍ଣା ଗୁରୁ ଯୋଷିତଃ ।**
**ଅସବର୍ଣ୍ଣାସ୍ତୁ ସଂପୂଜ୍ୟାଃ ପ୍ରତ୍ୟୁଥାନାଭିବାଦନୈଃ ।୨୧୦।**

ଗୁରୁଙ୍କ ସବର୍ଣ୍ଣା ସ୍ତ୍ରୀମାନେ ଗୁରୁପରି ପୂଜନୀୟା, ମାତ୍ର ଅସବର୍ଣ୍ଣା ସ୍ତ୍ରୀମାନଙ୍କୁ କେବଳ ଉଠିକରି ନମସ୍କାର କରିବ।

**ଅଭ୍ୟଞ୍ଜନଂ ସ୍ନାପନଞ୍ଚ ଗାତ୍ରୋତ୍ସାଦନମେବ ଚ ।**
**ଗୁରୁପତ୍ନ୍ୟା ନ କାର୍ଯ୍ୟାଣି କେଶନାଞ୍ଚ ପ୍ରସାଧନମ୍ ।୨୧୧।**

ଗୁରୁପତ୍ନୀଙ୍କ ଦେହରେ ତୈଳ ମର୍ଦ୍ଦନ, ତାଙ୍କୁ ରାଧୋଇଦେବା ଅଥବା ତାଙ୍କର ଗାତ୍ରମର୍ଦ୍ଦନ ବା କେଶସଂସ୍କାର (ମୁଣ୍ଡବାଲ ସାଉଁଳି ବାନ୍ଧିଦେବା) କରିବ ନାହିଁ ।

**ଗୁରୁପତ୍ନୀ ତୁ ଯୁବତୀ ନାଭିବାଦେହ୍ୟ ପାଦୟୋଃ ।**
**ପୂର୍ଣ୍ଣ ବିଂଶତି ବର୍ଷେଣ ଗୁଣ ଦୋଷୌ ବିଜାନତଃ ।୨୧୨।**

ପୂର୍ଣ୍ଣବିଂଶତି ବର୍ଷର ଗୁଣଦୋଷାଭିଜ୍ଞ ଶିଷ୍ୟ ଯୁବତୀ ଗୁରୁପତ୍ନୀଙ୍କ ପାଦଛୁଇଁ ନମସ୍କାର କରିବ ନାହିଁ (ଦୂରରୁ ପ୍ରଣାମ କରିବ) ।

**ସ୍ୱଭାବ ଏଷ ନାରୀଣାଂ ନରାଣାମିହ ଦୂଷଣମ୍ ।**
**ଅତୋଽର୍ଥାନ୍ନ ପ୍ରମାଦ୍ୟନ୍ତି ପ୍ରମଦାସୁ ବିପଶ୍ଚିତଃ ।୨୧୩।**

ଇହଲୋକରେ ମନୁଷ୍ୟମାନଙ୍କୁ ଦୂଷିତ କରିବାହିଁ ସ୍ତ୍ରୀଲୋକମାନଙ୍କର ସ୍ୱଭାବ । ଏ ହେତୁ ପଣ୍ଡିତମାନେ ସ୍ତ୍ରୀଲୋକମାନଙ୍କଠାରେ ପ୍ରମତ୍ତ ହୁଅନ୍ତି ନାହିଁ (ସାବଧାନରେ ରହନ୍ତି) ।

**ଅବିଦ୍ୱାଂସକଳଂ ଲୋକେ ବିଦ୍ୱାସମପି ବା ପୁନଃ ।**
**ପ୍ରମଦା ହ୍ୟୁପଥଂ ନେତୁଂ କାମକ୍ରୋଧବଶାନୁଗମ୍ ।୨୧୪।**

ସଂସାରରେ ଲୋକ ଦେହଧର୍ମରୁ କାମକ୍ରୋଧର ବଶ । ତେଣୁ ବିଦ୍ୱାନ ବା ଅବିଦ୍ୱାନ ସମସ୍ତଙ୍କୁ ଅନାୟାସରେ କାମିନୀ ଉନ୍ମାର୍ଗଗାମୀ କରିବାକୁ ସମର୍ଥା ହୁଅନ୍ତି ।

**ମାତ୍ରା ସ୍ୱସ୍ରା ଦୁହିତ୍ରା ବା ନ ବିବିକ୍ତାସନୋ ଭବେତ୍ ।**
**ବଳବାନିନ୍ଦ୍ରିୟଗ୍ରାମୋ ବିଦ୍ୱାଂସମପି କର୍ଷତି ।୨୧୫।**

ମାତା, ଭଗିନୀ ବା କନ୍ୟା ସହିତ ଏକାନ୍ତ ସ୍ଥାନରେ ବସିବ ନାହିଁ; କାରଣ ବଳବାନ ଇନ୍ଦ୍ରିୟ, ସକଳ ବିଦ୍ୱାନ ପୁରୁଷକୁ ମଧ୍ୟ ଓଟାରି ପାରେ ।

**କାମନ୍ତୁ ଗୁରୁପତ୍ନୀନାଂ ଯୁବତୀନାଂ ଯୁବାଭୁବି ।**
**ବିଧିବଦବନ୍ଦନଂ କୁର୍ଯ୍ୟାଦସାବହମିତି ବ୍ରୁବନ୍ ।୨୧୬।**

ଇଚ୍ଛାହେଲେ ଯୁବାଶିଷ୍ୟ ଯୁବତୀ ଗୁରୁପତ୍ନୀଙ୍କ ପାଦ ଗ୍ରହଣ ନ କରି ଅମୁକ ବୋଲି କହି ବିଧିପୂର୍ବକ ଭୂମିରେ ନମସ୍କାର କରି ପାରିବ ।

**ବିପ୍ରୋଷ୍ୟପାଦ ଗ୍ରହଣ ମନ୍ୱହଞ୍ଚାଭିବାଦନମ୍ ।**
**ଗୁରୁଦାରେଷୁ କୁର୍ବୀତ ସତାଂ ଧର୍ମମନୁସ୍ମରନ୍ ।୨୧୭।**

ପ୍ରବାସରୁ ଆସି (ପ୍ରଥମଦିନ) ପାଦସ୍ପର୍ଶକରି ଆଉ ପ୍ରତିଦିନ ଶିଷ୍ଟାଚାର ସ୍ମରଣ ରଖି ଗୁରୁପତ୍ନୀଙ୍କୁ (ପାଦସ୍ପର୍ଶ ନ କରି) ନମସ୍କାର କରିବ ।

**ଯଥା ଖନନ୍ ଖନିତ୍ରେଣ ନରୋବାର୍ଯଧିଗଚ୍ଛତି ।**
**ତଥା ଗୁରୁ ଗତାଂ ବିଦ୍ୟାଂ ଶୁଶ୍ରୁଷୁରଧିଗଚ୍ଛତି ।୨୧୮।**

ଯେପରି ଖଣତିରେ ଖୋଳୁ ଖୋଳୁ ଲୋକ ପାଣି ପାଏ, ସେହିପରି ସେବା କରୁ କରୁ ସେବାକାରୀ ଗୁରୁଙ୍କ ବିଦ୍ୟା କ୍ରମେ କ୍ରମେ ଲାଭ କରେ ।

**ମୁଣ୍ଡୋ ବା ଜଟିଳୋ ବାସ୍ୟାଦଥବା ସ୍ୟାଚ୍ଛିଖାଜଟଃ ।**
**ନୈନଂ ଗ୍ରାମେଽଭିନିମ୍ଲୋଚେତ୍ସୂର୍ଯ୍ୟୋ ନାଭ୍ୟୁଦିୟାତ୍ କ୍ୱଚିତ୍ ।୨୧୯।**

ମୁଣ୍ଡ କେଶଶୂନ୍ୟ ବା ଜଟାଯୁକ୍ତ ଅଥବା ଶିଖାକାର ଜଟାଯୁକ୍ତ ହେଉ ବ୍ରହ୍ମଚାରୀ ଗ୍ରାମରେ ଥିବା (ଶୋଇଥିବା) ସମୟରେ ଯେପରି ସୂର୍ଯ୍ୟ ଉଦୟ ବା ଅସ୍ତ ନ ହୁଏ—ଅର୍ଥାତ୍ ଉଦୟାସ୍ତ ସମୟେ ଶୋଇ ନ ରହିବ ।

**ତଞ୍ଚେଦଭ୍ୟୁଦୟାତ୍ସୂର୍ଯ୍ୟଃ ଶୟାନଂକାମଚାରତଃ ।**
**ନିମ୍ଲୋଚେଦ୍ ବାପ୍ୟବିଜ୍ଞାନାଜ୍ଜପନ୍ନୁ ପବସେଦ୍ଦିନମ୍ ।୨୨୦।**

ଯଦି ଜାଣୁ ଜାଣୁ ଅଜ୍ଞାନରେ ଶୋଇଥିବା ସମୟରେ ସୂର୍ଯ୍ୟ ଉଦୟ ବା ଅସ୍ତ ହୁଏ ତେବେ ସପ୍ତମ ଦିନ ଉପବାସ କରି (ଗାୟତ୍ରୀ) ମନ୍ତ୍ର ଜପ କରିବ ।

**ସୂର୍ଯ୍ୟେଣ ହ୍ୟଭିନିର୍ମୁକ୍ତଃ ଶୟାନୋଽଭ୍ୟୁଦିତଶ୍ଚ ୟଃ ।**
**ପ୍ରାୟଶ୍ଚିତ୍ତମକୁର୍ବାଣୋ ଯୁକ୍ତଃସ୍ୟାନ୍ ମହତୈନସା ।୨୨୧।**

ଯଦି ସୂର୍ଯ୍ୟ ଉଦୟ ବା ଅସ୍ତ ସମୟରେ ଶୋଇପଡ଼େ ଆଉ ପ୍ରାୟଶ୍ଚିତ ନ କରେ ତେବେ ମହାପାପରେ ଯୁକ୍ତ ହୁଏ ।

**ଆଚମ୍ୟ ପ୍ରୟତୋ ନିତ୍ୟମୁଭେ ସନ୍ଧ୍ୟେ ସମାହିତଃ ।**
**ଶୁଚୌ ଦେଶେ ଜପଜ୍ଜପ୍ୟମୁପାସୀତ ଯଥାବିଧି ।୨୨୨।**

ଆଚମନ କରି ପ୍ରତିଦିନ ଏକାଗ୍ରଚିତ୍ତହୋଇ ଉଭୟ ସନ୍ଧ୍ୟା ପବିତ୍ର ସ୍ଥାନରେ ଯଥାବିଧି ସାବିତ୍ରୀ ଜପ କରି ଉପାସନା କରିବ ।

**ଯଦି ସ୍ତ୍ରୀ ଯଦ୍ୟବରଜଃ ଶ୍ରେୟଃ କିଞ୍ଚିତ୍ ସମାଚରେତ୍ ।**
**ତତ୍ସର୍ବମାଚରେଦ୍ ଯୁକ୍ତୋ ଯତ୍ର ବାସ୍ୟ ରମେନ୍ ମନଃ ।୨୨୩।**

ଯଦି ସ୍ତ୍ରୀଲୋକ ବା ଶୂଦ୍ରାଦି କୌଣସି ଶ୍ରେୟକାର୍ଯ୍ୟ ଆଚରଣ କରନ୍ତି ଆଉ ଯାହା ତାହାର ମନକୁ ଘେନିବ ବ୍ରହ୍ମଚାରୀ ଯତ୍ନବାନ୍ ହୋଇ ସେ ସବୁ ସମାଚରଣ କରିବ ।

**ଧର୍ମାର୍ଥାବୁଚ୍ୟତେ ଶ୍ରେୟଃ କାମାର୍ଥୌ ଧର୍ମଏବ ଚ ।**
**ଅର୍ଥଏବେହ ବା ଶ୍ରେୟସ୍ତ୍ରୀବର୍ଗଇତି ତୁ ସ୍ଥିତି ।୨୨୪।**

ଧର୍ମ ଓ ଅର୍ଥ ଏ ଦୁଇକୁ ଶ୍ରେୟ ବୋଲି; କେହି କେହି କାମ ଓ ଅର୍ଥକୁ ଧର୍ମ ବୋଲନ୍ତି, କେହି କେହି ସଂସାରରେ ଅର୍ଥକୁ ଶ୍ରେୟ ବୋଲନ୍ତି, ମାତ୍ର ଧର୍ମ, ଅର୍ଥ ଓ କାମ ଏ ତିନି ପୁରୁଷାର୍ଥତା ହେତୁ ଶ୍ରେୟସ୍କର ।

**ଆଚାର୍ଯ୍ୟୋ ବ୍ରାହ୍ମଣୋ ମୂର୍ତ୍ତି ପିତା ମୂର୍ତ୍ତିଃ ପ୍ରଜାପତେଃ ।**
**ମାତା ପୃଥିବ୍ୟା ମୂର୍ତ୍ତିସ୍ତୁ ଭ୍ରାତା ସ୍ୱୋମୂର୍ତ୍ତିରାତ୍ମନଃ ।୨୨୫।**

ଆଚାର୍ଯ୍ୟ ବେଦର ମୂର୍ତ୍ତି ଅଟନ୍ତି, ପିତା ପ୍ରଜାପତିର ମୂର୍ତ୍ତି, ମାତା ପୃଥିବୀର ମୂର୍ତ୍ତି, ଆଉ ଭ୍ରାତା ଆପଣାର ମୂର୍ତ୍ତି ।

**ଆଚାର୍ଯ୍ୟଶ୍ଚ ପିତା ଚୈବ ମାତା ଭ୍ରାତା ଚ ପୂର୍ବଜଃ ।**
**ନାର୍ତ୍ତେନାପ୍ୟବମନ୍ତବ୍ୟା ବ୍ରାହ୍ମଣେନ ବିଶେଷତଃ ।୨୨୬।**

ଆଚାର୍ଯ୍ୟ, ପିତା, ମାତା ଓ ଜ୍ୟେଷ୍ଠଭ୍ରାତା କର୍ତ୍ତୃକ ପୀଡ଼ିତ ହେଲେ ସୁଦ୍ଧା କେହି ବିଶେଷତଃ ବ୍ରାହ୍ମଣଙ୍କୁ ଅପମାନ କରିବ ନାହିଁ ।

**ଯଂ ମାତାପିତରୌକ୍ଲେଶଂ ସହେତେ ସମ୍ଭବେ ନୃଣାମ୍ ।**
**ନ ତସ୍ୟ ନିଷ୍କୃତିଃ ଶକ୍ୟା କର୍ତ୍ତୁଂବର୍ଷଶତେ ରପି ।୨୨୭।**

ମନୁଷ୍ୟମାନଙ୍କୁ ଜନ୍ମଦେଇ ମାତାପିତା ଯେଉଁ କ୍ଲେଶ ସହନ୍ତି, ଶତ ବର୍ଷରେ ସୁଦ୍ଧା ତାହା ପରିଶୋଧ କରିହେବ ନାହିଁ ।

**ତୟୋର୍ନିତ୍ୟଂପ୍ରିୟଂ କୁର୍ଯ୍ୟାଦାଚାର୍ଯ୍ୟସ୍ୟ ଚ ସର୍ବଦା ।**
**ତେଷ୍ୱେବ ତ୍ରିଷୁତୁଷ୍ଟେଷୁତପଃ ସର୍ବଂ ସମାପ୍ୟତେ ।୨୨୮।**

ମାତାପିତା ଦୁହିଁଙ୍କର ପ୍ରତିଦିନ ଏବଂ ଆଚାର୍ଯ୍ୟଙ୍କର ସର୍ବଦା ପ୍ରିୟାନୁଷ୍ଠାନ କରିବ, ଏ ତିନି ପ୍ରସନ୍ନ ହେଲେ ସମୁଦାୟ ତପସ୍ୟା ପୂର୍ଣ୍ଣ ହୁଏ ।

**ତେଷାଂ ତ୍ରୟାଣାଂ ଶୁଶ୍ରୁଷା ପରମଂ ତପ ଉଚ୍ୟତେ ।**
**ନ ତୈରଭ୍ୟନନୁଜ୍ଞାତୋ ଧର୍ମମନ୍ୟଂ ସମାଚରେତ୍ ।୨୨୯।**

ସେହି ତିନିଙ୍କର ଶୁଶ୍ରୁଷାକୁ ପରମ ତପ ବୋଲାଯାଏ । ଏହାଙ୍କ ଅନୁମୋଦିତ ନ ହେଲେ ଅନ୍ୟ କୌଣସି ଧର୍ମାଚରଣ କରିବ ନାହିଁ ।

**ତଏବହି ତ୍ରୟୋ ଲୋକାସ୍ତଏବ ତ୍ରୟ ଆଶ୍ରମାଃ ।**
**ତଏବହି ତ୍ରୟୋ ବେଦାସ୍ତଏବୋକ୍ତାସ୍ତ୍ରୟୋଽଗ୍ନୟଃ ।୨୩୦।**

ଏ ତିନି ନିଶ୍ଚୟ ତିନି ଲୋକ, ତିନି ଆଶ୍ରମ, ତିନି ବେଦ ଏବଂ ତିନି ଅଗ୍ନି ।

**ପିତା ବୈଗାର୍ହ ପତ୍ୟୋଽଗ୍ନିର୍ମାତାଗ୍ନି ଦକ୍ଷିଣଃ ସ୍ମୃତଃ ।**
**ଗୁରୁରାହବନୀୟାସ୍ତୁ ସାଗ୍ନିତ୍ରେତା ଗରୀୟସୀ ।୨୩୧।**

ପିତା ଗାର୍ହପତ୍ୟାଗ୍ନି, ମାତା ଦକ୍ଷିଣାଗ୍ନି ବୋଲାନ୍ତି, ଗୁରୁ ଆହବନୀୟାଗ୍ନି ଏହି ତିନି ଅଗ୍ନି ପ୍ରସିଦ୍ଧ ଓ ତିନିଅଗ୍ନି ଶ୍ରେଷ୍ଠ ।

**ତ୍ରିଷ୍ୱପ୍ରମାଦ୍ୟନ୍ନେତେଷୁ ତ୍ରୀଂଲ୍ଲୋକାନ୍ ବିଜୟେଦ୍ ଗୃହୀ ।**
**ଦୀପ୍ୟମାନଃ ସ୍ୱବପୁଷା ଦେବବଦ୍ଦିବିଚ ମୋଦତେ ।୨୩୨।**

ଗୃହସ୍ଥ ଏ ତିନିଙ୍କ ସମ୍ବନ୍ଧେ ପ୍ରମାଦ ଛାଡ଼ି ସେବା କଲେ ତିନି ଲୋକ ଜୟକରିବ, ଆପଣା ଶରୀରରେ ଦୀପ୍ୟମାନ ହେବ ଏବଂ ଆକାଶର ଦେବତାପରି ଆନନ୍ଦ ଲାଭ କରିବ ।

**ଇମଂ ଲୋକଂ ମାତୃଭକ୍ତ୍ୟା ପିତୃଭକ୍ତ୍ୟାତୁ ମଧ୍ୟମମ୍ ।**
**ଗୁରୁଶୁଶ୍ରୁଷୟୋ ତ୍ୱେବଂ ବ୍ରହ୍ମଲୋକଂ ସମଶ୍ନୁତେ ।୨୩୩।**

ମାତାଙ୍କୁ ଭକ୍ତି କରିବାଦ୍ୱାରା ଇହଲୋକ, ପିତାଙ୍କୁ ଭକ୍ତି କରିବା ଦ୍ୱାରା ମଧ୍ୟମ (ଅନ୍ତରୀକ୍ଷ) ଲୋକ ଏବଂ ଗୁରୁଶୁଶ୍ରୁଷା ଦ୍ୱାରା ବ୍ରହ୍ମଲୋକ ପ୍ରାପ୍ତହୁଏ ।

**ସର୍ବେ ତସ୍ୟାଦୃତା ଧର୍ମା ଯୈସ୍ୟେତେ ତ୍ରୟ ଆଦୃତାଃ ।**
**ଅନାଦୃମାସ୍ତୁ ଯୈସ୍ୟେତେ ସର୍ବସ୍ତସ୍ୟା ଫଳା କ୍ରିୟାଃ ।୨୩୪।**

ଏ ତିନିଙ୍କୁ ଆଦର କଲେ ସକଳ ଧର୍ମ ଆଦୃତ ହୁଏ, ଆଉ ଯେ ଏମାନଙ୍କୁ ଅନାଦର କରେ ତାହାର (ଶ୍ରୌତ ସ୍ମାର୍ତ୍ତ) କ୍ରିୟା ସକଳ ନିଷ୍ଫଳ ହୁଏ ।

**ଯାବତ୍ତ୍ରୟସ୍ତେଜୀବେୟୁସ୍ତାବନ୍ନାନ୍ୟଂ ସମାଚରେତ୍ ।**
**ତେଷ୍ୱେବ ନିତ୍ୟ ଶୁଶ୍ରୂଷାଂ କୁର୍ଯ୍ୟାତ୍ ପ୍ରିୟହିତେ ରତାଃ ।୨୩୫।**

ଏ ତିନି ଯେତେକାଳ ବଞ୍ଚିଥିବେ ସେତେକାଳ ସ୍ୱତନ୍ତ୍ରଭାବରେ କୌଣସି ଧର୍ମକର୍ମର ଅନୁଷ୍ଠାନ କରିବ ନାହିଁ—ପ୍ରତିଦିନ ଏମାନଙ୍କର ପ୍ରିୟକାର୍ଯ୍ୟ ସାଧନ ଓ ସେବା ଶୁଶ୍ରୁଷା କଲେ ହେଲା ।

**ତେଷାମନୁପରୋଧେନ ପାରତ୍ର୍ୟଂ ଯଦ୍ ଯଦା ଚରେତ୍ ।**
**ତତ୍ତନ୍ନ ବେଦୟତ୍ତେଭ୍ୟୋ ମନୋବଚନ କର୍ମଭିଃ ।୨୩୬।**

ଏମାନଙ୍କର ଶୁଶ୍ରୁଷାର ଅବିରୋଧରେ ତାଙ୍କ ଅନୁଜ୍ଞାନୁସାରେ ପରଲୋକ ସୁଖର କାମନାରେ ଯେ କିଛି କର୍ମ କରିବ ତାହା କାୟମନୋବାକ୍ୟରେ ସେମାନଙ୍କୁ ନିବେଦନ କରିବ ।

**ତ୍ରିଷ୍ୱେତେଷ୍ୱିତିକୃତ୍ୟଂ ହି ପୁରୁଷସ୍ୟ ସମାପ୍ୟତେ ।**
**ଏଷ ଧର୍ମଃ ପରଃ ସାକ୍ଷାଦୁପଧର୍ମୋଽନ୍ୟ ଉଚ୍ୟତେ ।୨୩୭।**

ଏ ତିନିଙ୍କଠାରେ ପୁରୁଷର ଯେତେ କର୍ତ୍ତବ୍ୟ କାର୍ଯ୍ୟ ସେ ସମସ୍ତ ପୂର୍ଣ୍ଣ ହୁଏ, ଏହାହିଁ ସାକ୍ଷାତ୍ ପରମ ଧର୍ମ, ଆଉ ଅନ୍ୟାନ୍ୟ ଉପଧର୍ମ ଅଟନ୍ତି ।

**ଶ୍ରଦ୍ଧାନଃ ଶୁଭାଂ ବିଦ୍ୟାମଦଦୀତାବରାଦପି ।**
**ଅନ୍ତ୍ୟାଦପି ପରଂ ଧର୍ମଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ।୨୩୮।**

ଶ୍ରଦ୍ଧାଯୁକ୍ତ ହୋଇ ଉତ୍ତମ ବିଦ୍ୟା ଶୂଦ୍ରଠାରୁ ସୁଦ୍ଧା ଗ୍ରହଣ କରିବ, ଚଣ୍ଡାଳଠାରୁ ସୁଦ୍ଧା ମୋକ୍ଷର ଉପାୟ ଗ୍ରହଣ କରିବ ଏବଂ ନୀଚ କୁଳରୁ ସୁଦ୍ଧା ବିବାହ ସକାଶେ ସ୍ତ୍ରୀରତ୍ନ ଗ୍ରହଣ କରିବ ।

**ବିଷାଦପ୍ୟମୃତଂ ଗ୍ରାହ୍ୟଂ ବାଳାଦପି ସୁଭାଷିତମ୍ ।**
**ଅମିତ୍ରାଦପି ସଦ୍ ବୃତ୍ତମମେଧ୍ୟାଦପି କାଞ୍ଚନମ୍ ।୨୩୯।**

ବିଷ ଅମୃତ ଯୁକ୍ତ ଥିଲେ ବିଷକୁ କାଢ଼ିଦେଇ ଅମୃତ ଗ୍ରହଣ କରିବା ଉଚିତ । ବାଳକଠାରୁ ସୁଦ୍ଧା ହିତ ବଚନ ଗ୍ରହଣୀୟ, ଶତ୍ରୁଠାରୁ ସୁଦ୍ଧା ସଜ୍ଜନକର୍ମ ଏବଂ ଅମେଧ (ପୁରୀଷମଳାଦି ଅପବିତ୍ର) ପଦାର୍ଥରୁ ସୁଦ୍ଧା ସୁବର୍ଣ୍ଣାଦି ଗ୍ରହଣ କରିବା କର୍ତ୍ତବ୍ୟ ।

**ସ୍ତ୍ରୀୟୋ ରତ୍ନାନ୍ୟଥୋବିଦ୍ୟା ଧର୍ମଃ ଶୌଚଂ ସୁଭାଷିତମ୍ ।**
**ବିବିଧାନି ଚ ଶିଳ୍ପାନି ସମାଦେୟାନି ସର୍ବତଃ ।୨୪୦।**

ସ୍ତ୍ରୀ, ରତ୍ନ, ବିଦ୍ୟା, ଧର୍ମ, ଶୌଚ, ହିତବାକ୍ୟ ଓ ନାନାବିଧ ଶିଳ୍ପବିଦ୍ୟା ସମସ୍ତଙ୍କଠାରୁ ଗ୍ରହଣ କରିବ ।

**ଅବ୍ରାହ୍ମଣାଦଧ୍ୟୟନମାପତ୍କାଲେ ବିଧୀୟତେ ।**
**ଅନୁବ୍ରଜ୍ୟାଚ ଶୁଶ୍ରୂଷା ଯାବଦଧ୍ୟୟନଂ ଗୁରୋଃ ।୨୪୧।**

ବ୍ରାହ୍ମଣ ନ ମିଳିଲେ କ୍ଷତ୍ରିୟ ବୈଶ୍ୟଠାରୁ ସୁଦ୍ଧା ପାଠ ନେବା କର୍ତ୍ତବ୍ୟ ଏବଂ ଯେତେକାଳ ପଢ଼ିବ ତେତେକାଳ ଗୁରୁଙ୍କ ଆଜ୍ଞାନୁସାରେ ଚଳିବ ଓ ତାଙ୍କର ଶୁଶ୍ରୂଷା କରିବ ।

**ନାବ୍ରାହ୍ମଣେ ଗୁରୌ ଶିଷ୍ୟୋ ବାସମାତ୍ୟନ୍ତିକଂ ବସେତ୍ ।**
**ବ୍ରାହ୍ମଣେ ଚାନନଚାନେ କାଙ୍କ୍ଷନ୍ ଗତିମନୁତ୍ତମାମ୍ ।୨୪୨।**

ବ୍ରାହ୍ମଣ ଗୁରୁ ନ ହେଲେ ଶିଷ୍ୟ ସର୍ବଦା ଗୁରୁକୁଳରେ ବାସ କରିବ ନାହିଁ ଏବଂ ସାଙ୍ଗବେଦ ଅଧ୍ୟାପକ ବ୍ରାହ୍ମଣ ନହେଲେ ମୋକ୍ଷ ଇଚ୍ଛାକାରୀ ଶିଷ୍ୟ ସଦା ଗୁରୁକୁଳରେ ବାସ କରିବ ନାହିଁ ।

**ଯଦି ତ୍ୱାତ୍ୟନ୍ତିକଂ ବାସଂ ରୋଚୟେତେ ଗୁରୋଃ କୁଳେ ।**
**ଯୁକ୍ତଃ ପରିଚରେଦେନମାଶରୀରବିମୋକ୍ଷଣାତ୍ ।୧୪୩।**

ଯଦି ଗୁରୁକୁଳରେ ସର୍ବଦା ବାସ କରିବା ରୁଚିକର ହୁଏ ଯେବେ ଯାବଜ୍ଜୀବନ ବ୍ରହ୍ମଚର୍ଯ୍ୟଯୁକ୍ତ ହୋଇ ଗୁରୁଙ୍କ ସେବା ଶୁଶ୍ରୂଷା କରିବ ।

**ଆସମାପ୍ତେଃ ଶରୀରସ୍ୟ ଯସ୍ତୁ ଶୁଶ୍ରୂଷତେ ଗୁରୁମ୍ ।**
**ସ ଗଚ୍ଛତ୍ୟଞ୍ଜସା ବିପ୍ରୋ ବ୍ରାହ୍ମଣଃ ସଦ୍ମ ଶାଶ୍ୱତମ୍ ।୨୪୪।**

ଯେ ଯାବଜ୍ଜୀବନ ଗୁରୁଙ୍କ ଶୁଶ୍ରୂଷା କରେ ସେ ବିପ୍ର ଶୀଘ୍ର ମୋକ୍ଷପ୍ରାପ୍ତ ହୁଏ ।

**ନ ପୂର୍ବଂ ଗୁରବେ କିଞ୍ଚିଦୁପକୁର୍ବୀତ ଧର୍ମବିତ ।**
**ସ୍ନାସ୍ୟଂସ୍ତୁ ଗୁରୁଣାଜ୍ଞପ୍ତଃ ଶକ୍ତ୍ୟା ଗୁର୍ବର୍ଥମାହରେତ୍ ।୨୪୫।**

ଧର୍ମଜ୍ଞ ଶିଷ୍ୟ ସମାବର୍ତ୍ତନ ସ୍ନାନ କରିବା ପୂର୍ବେ ଗୁରୁଙ୍କୁ କିଛିମାତ୍ର ଦେବ ନାହିଁ ଏବଂ ସ୍ନାନଧାରି ଗୁରୁଙ୍କ ଆଜ୍ଞାକ୍ରମେ ଯଥାଶକ୍ତି ଦକ୍ଷିଣାଦେବ ।

**କ୍ଷେତ୍ରଂ ହିରଣ୍ୟ ଗାମଶ୍ୱଂ ଛତ୍ରୋପାନହମାସନମ୍ ।**
**ଧାନ୍ୟଂ ଶାକଞ୍ଚ ବାସାଂସି ଗୁରବେ ପ୍ରୀତିନାବହେତ୍ ।୨୪୬।**

ଭୂମି, ସୁବର୍ଣ୍ଣ, ଗୋରୁ, ଘୋଡ଼ା, ଛତା, ଯୋତା, ଆସନ, ଅନ୍ନ, ଶାକ ଓ ବସ୍ତ୍ର ଗୁରୁଙ୍କ ପ୍ରୀତିପୂର୍ବକ ନିବେଦନ କରିବ ।

**ଆଚାର୍ଯ୍ୟେ ତୁ ଖଲୁ ପ୍ରେତେ ଗୁରୁପୁତ୍ରେ ଗୁଣାନ୍ୱିତେ ।**
**ଗୁରୁଦାରେ ସପିଣ୍ଡେ ବା ଗୁରୁବଦ୍ ବୃତ୍ତିମାଚରେତ୍ ।୨୪୭।**

ଗୁରୁ ମରିଗଲେ ବିଦ୍ୟାଦିଗୁଣଯୁକ୍ତ ଗୁରୁପୁତ୍ର, ଗୁରୁପତ୍ନୀ ଅଥବା ଗୁରୁଙ୍କ ପିତୃବ୍ୟାଦିଙ୍କୁ ଗୁରୁପରି ମାନିବା ଉଚିତ ।

**ଏତେଷ୍ୱବିଦ୍ୟମାନେଷୁ ସ୍ଥାନାସନ ବିହାରବାନ୍ ।**
**ପ୍ରଯୁଞ୍ଜାନୋଽଗ୍ନିଶୁଶ୍ରୂଷାଂ ସାଧୟେଦ୍ଦେହମାତ୍ମନଃ ।୨୪୮। ⁂**

ଏମାନେ କେହି ନ ଥିଲେ ଗୁରୁଙ୍କ ସ୍ଥାନ ଓ ଆସନ ବ୍ୟବହାରପୂର୍ବକ ସକାଳ ସନ୍ଧ୍ୟା ଅଗ୍ନିଦ୍ୱାରା ହୋମକରି ଆପଣାର ଦେହକୁ ସାଧନ ବ୍ରହ୍ମପ୍ରାପ୍ତି ଯୋଗ୍ୟ କରିବ ।

**ଏବଂ ଚରତି ଯୋ ବିପ୍ରୋ ବ୍ରହ୍ମଚର୍ଯ୍ୟମବିପ୍ଲୁତଃ ।**
**ସ ଗଚ୍ଛତ୍ୟୁତ୍ତମସ୍ଥାନଂ ନ ଚେହାଜାୟତେ ପୁନଃ ।୨୪୯।**

ଯେ ବିପ୍ର ଏ ରୂପ ଅଖଣ୍ଡିତ ବ୍ରହ୍ମଚର୍ଯ୍ୟ କରେ ସେ ବ୍ରହ୍ମପ୍ରାପ୍ତ ହୁଏ ଆଉ ତାହାର ପୃଥିବୀରେ ଜନ୍ମଗ୍ରହଣ ହୁଏ ନାହିଁ ।

**ଦ୍ୱିତୀୟ ଅଧ୍ୟାୟ ସମାପ୍ତ ।**

# ତୃତୀୟୋଽଧ୍ୟାୟ

**ଷଟ୍ତ୍ରିଂଶଦାବ୍ଦିକଂ ଚର୍ଯ୍ୟଂ ଗୁରୌ ତ୍ରୈବୈଦିକଂ ବ୍ରତମ୍ ।**
**ତଦର୍ଦ୍ଧିକଂ ପାଦିକଂ ବା ଗ୍ରହଣାନ୍ତିକାମେବ ବା ।୧।**

ଗୁରୁ କୁଳରେ ଋକ୍, ଯଜୁ ଓ ସାମ ତିନିବେଦ ୩୬ ବର୍ଷ ପର୍ଯ୍ୟନ୍ତ ଅଥବା ୧୮ ବର୍ଷ ଅବା ୯ ବର୍ଷ ପର୍ଯ୍ୟନ୍ତ କିମ୍ବା ଯେତେବେଳେ ତିନିବେଦ ଗ୍ରହଣ ବା ଅଧ୍ୟୟନ ନ ହୁଏ ତେତେକାଳ ବ୍ରହ୍ମଚର୍ଯ୍ୟ ରଖି ପାଠ କରିବ ।

⁂ କୌଣସି କୌଣସି ପାଠରେ 'ସ୍ଥାନ' ସ୍ଥଳେ 'ସ୍ନାନ' ଅଛି ।

**ବେଦାନଧୀତ୍ୟ ବେଦୌ ବା ବେଦଂ ବାପି ଯଥାକ୍ରମମ୍ ।**
**ଅବିପ୍ଳୁତବ୍ରହ୍ମଚର୍ଯ୍ୟୋ ଗୃହସ୍ଥାଶ୍ରମମାବିଶେତ୍ ।୨।**

ଯଥାକ୍ରମେ ବେଦସବୁ ଅଥବା ଦୁଇବେଦ ବା ଏକ ବେଦହିଁ ପଢ଼ି ବ୍ରହ୍ମଚର୍ଯ୍ୟ ପଣ୍ଡିତ ନ କରି ଗୃହସ୍ଥାଶ୍ରମରେ ପ୍ରବେଶ କରିବ ।

**ତଂ ପ୍ରତୀତଂ ସ୍ୱଧର୍ମେଣ ବ୍ରହ୍ମଦାୟହରଂ ପିତୁଃ ।**
**ସ୍ରଗ୍‌ବିଣଂ ତଳ୍ପଆସୀନମର୍ହୟେତ୍ ପ୍ରଥମଂ ଗବା ।୩।**

ଆପଣା ଧର୍ମରେ ପିତା (ଆଚାର୍ଯ୍ୟ) ର ବେଦରୂପୀ ଦାୟ ଗ୍ରହଣ କରିବାର ପ୍ରତୀତ ହେଲେ (ଅର୍ଥାତ୍ ଉପଯୁକ୍ତ ବିଦ୍ୱାନ୍ ହେବାର ବିଶ୍ୱାସ ହେଲେ ମାଳାଦ୍ୱାରା ଅଳଂକୃତ କରି ଶେଯରେ ବସାଇ ପ୍ରଥମେ (ବିବାହପୂର୍ବେ) ଗୋସାଧନମଧୁପର୍କ ଦ୍ୱାରା ସମ୍ମାନିତ କରିବେ ।

**ଗୁରୁଣାମନୁମତଃ ସ୍ନାତ୍ୱା ସମାବୃତ୍ତୋ ଯଥାବିଧି ।**
**ଉଦ୍‌ବହେତ୍ ଦ୍ୱିଜୋ ଭାର୍ଯ୍ୟାଂ ସବର୍ଣ୍ଣାଂ ଲକ୍ଷଣାନ୍ୱିତାମ୍ ।୪।**

ଗୁରୁଙ୍କ ଆଜ୍ଞାରେ ଯଥାବିଧି ସ୍ନାନ ଆଉ ସମାବର୍ତ୍ତନ କରି ଦ୍ୱିଜ ଆପଣା ବର୍ଣ୍ଣର ଶୁଭଲକ୍ଷଣଯୁକ୍ତ ସ୍ତ୍ରୀକୁ ବିବାହ କରିବ ।

**ଅସପିଣ୍ଡା ଚ ଯା ମାତୁରସଗୋତ୍ରା ଚ ଯା ପିତୁଃ ।**
**ସା ପ୍ରଶସ୍ତା ଦ୍ୱିଜାତୀନାଂ ଦାରକର୍ମଣି ମୈଥୁନେ ।୫।**

ଯେ ମାତାର ସପିଣ୍ଡ (ସାତ ପିଢ଼ିରେ) ନ ଥିବ ଆଉ ପିତାର ସଗୋତ୍ର ନ ଥିବ ଏମନ୍ତ ସ୍ତ୍ରୀ ଦ୍ୱି ଜାତି (ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ) ମାନଙ୍କର ବିବାହ ସହବାସ ସକାଶେ ପ୍ରଶସ୍ତି ।

**ମହାନ୍ତ୍ୟପି ସମୃଦ୍ଧାନି ଗୋଽଜାବିଧାନଧାନ୍ୟତଃ ।**
**ସ୍ତ୍ରୀସମ୍ବନ୍ଧେ ଦଶୈତାନି କୁଳାନି ପରିବର୍ଜୟେତ୍ ।୬।**

ଗୋରୁ, ଛେଳି, ମେଣ୍ଢା ଓ ଧନ ଧାନ୍ୟରେ ବିଶେଷ ସମୃଦ୍ଧ ଥିଲେ ସୁଦ୍ଧା ସ୍ତ୍ରୀ ସମ୍ବନ୍ଧେ ନିମ୍ନୋକ୍ତ ଦଶକୁଳର କନ୍ୟା ବିବାହ କରିବ ନାହିଁ ।

**ହୀନକ୍ରିୟଂ ନିଷ୍ପୁରୁଷଂ ନିଷ୍ଛନ୍ଦୋ ରୋମଶାର୍ଶସମ୍ ।**
**କ୍ଷୟ୍ୟାମୟାବ୍ୟପସ୍ମାରିଶ୍ୱିତ୍ରିକୁଷ୍ଠି କୁଳାନି ଚ ।୭।**

୧। ହୀନକ୍ରିୟା (ଜାତକର୍ମାଦିରହିତ), ୨। ନିଷ୍ପୁରୁଷ (ଯେ କୁଳରେ ପୁତ୍ର ହୁଏ ନାହିଁ), ୩। ବେଦପାଠରହିତ, ୪। ବହୁଲୋମଯୁକ୍ତ, ୫। ଅର୍ଶରୋଗଯୁକ୍ତ, ୬। ରାଜଯକ୍ଷ୍ମାରୋଗଯୁକ୍ତ, ୭। ଅଗ୍ନିମାନ୍ଦ୍ୟ ରୋଗଯୁକ୍ତ (ପେଟରୋଗ), ୮। ଅପସ୍ମାର ରୋଗଯୁକ୍ତ, ୯। ଧବଳକୁଷ୍ଠ ରୋଗଯୁକ୍ତ ଓ ୧୦। ଗଳିତକୁଷ୍ଠ ରୋଗଯୁକ୍ତ (ଏହି ଦଶକୁଳ ଛାଡ଼ି ବିବାହ କରିବ) ।

**ନୋଦ୍‌ବହେତ୍ କପିଳାଂ କନ୍ୟାଂ ନାଧିକାଙ୍ଗୀ ନ ରୋଗିଣୀମ୍ ।**
**ନଲୋମିକାଂ ନାତିଲୋମାଂ ନ ବାଚାଟାଂ ନ ପିଙ୍ଗଳାମ୍ ।୮।**

କପିଳ (କଟାରଙ୍ଗ କେଶଯୁକ୍ତା, ମୋଟୀ, ରୋଗିଣୀ, ଲୋମହୀନା, ଅତିଲୋମଯୁକ୍ତା, ବାଚାଳା ଓ ବାଉଁରୀ ବା କଟା ଆଖିଯୁକ୍ତା କନ୍ୟାକୁ ବିବାହ କରିବ ନାହିଁ ।

**ନର୍କ୍ଷବୃକ୍ଷନଦୀନାମ୍ନୀଂ ନାନ୍ତ୍ୟପର୍ବତନାମିକାମ୍ ।**
**ନ ପକ୍ଷ୍ୟହିପ୍ରେଷ୍ୟନାମ୍ନୀ ନ ଚ ଭୀଷଣନାମିକମ୍ ।୯।**

ନକ୍ଷତ୍ର, ବୃକ୍ଷ, ନଦୀ, ମ୍ଳେଚ୍ଛ, ପର୍ବତ, ପକ୍ଷୀ, ସର୍ପ, ଶୂଦ୍ରଆଦି ନିମ୍ନ ଅଥବା ଭୟଙ୍କର ନାମଯୁକ୍ତା ସ୍ତ୍ରୀ ବିବାହ କରିବ ନାହିଁ ।

**ଅବ୍ୟାଙ୍ଗାଙ୍ଗୀଂ ସୌମ୍ୟନାମ୍ନୀଂ ହଂସବାରଣଗାମିନୀମ୍ ।**
**ତନୁଲୋମକେଶଦଶନାଂ ମୃଦ୍ୱଙ୍ଗୀମୁଦ୍‌ବହେତ୍ ସ୍ତ୍ରିୟମ୍ ।୧୦।**

ଅବିକଳାଙ୍ଗୀ, ସୁନ୍ଦରନାମଯୁକ୍ତା, ହଂସ ଓ ଗଜସଦୃଶ ଚାଲି, ପାତଳ (ଦେହ) ଲୋମ (ମସ୍ତକର) କେଶ ଓ କଳିକା ଦନ୍ତଯୁକ୍ତା ଏବଂ କୋମଳ ଶରୀର ସମ୍ପନ୍ନା ସ୍ତ୍ରୀକୁ ବିବାହ କରିବ ।

**ଯସ୍ୟାସ୍ତୁନ ଭବେଦ୍‌ଭ୍ରାତା ନ ବିଜ୍ଞାୟେତ ବା ପିତା ।**
**ନୋପଯଚ୍ଛେତ ତାଂ ପ୍ରାଜ୍ଞ ପୁତ୍ରିକାଧର୍ମଶଙ୍କୟା ।୧୧।**

ଯାହାର ଭାଇ ନ ଥିବ ବା ପିତାର ସନ୍ଧାନ ନ ମିଳିବ ଏମନ୍ତ କନ୍ୟାକୁ ଜ୍ଞାନବାନ ପୁରୁଷ ପୁତ୍ରିକା ଧର୍ମ ଭୟରେ ବିବାହ କରିବନାହିଁ । (ପୁତ୍ର ମରିଗଲେ ପୁତ୍ର) ଲାଭ ଆଶାରେ ଯେ କନ୍ୟା ଦାନ ନେଇ ପାଳନ କରାଯାଏ ତାହାକୁ ପୁତ୍ରିକା ବୋଲନ୍ତି ।

**ସବର୍ଣ୍ଣାଗ୍ରେ ଦ୍ୱିଜାତିନାଂ ପ୍ରଶସ୍ତା ଦାରକର୍ମଣି ।**
**କାମତସ୍ତୁ ପ୍ରବୃତ୍ତାନାମିମାଃ ସ୍ୟୁଃ କ୍ରମଶୋ ବରାଃ ।୧୨।**

ଦ୍ୱିଜାତିମାନଙ୍କର ପ୍ରଥମ ବିବାହ ଆପଣା ବର୍ଣ୍ଣର କନ୍ୟାସଙ୍ଗେ ପ୍ରଶସ୍ତ । କାମାଧୀନ ହୋଇ ପରେ ବିବାହ କଲେ ନିମ୍ନୋକ୍ତ କ୍ରମରେ ବିବାହ ଶ୍ରେଷ୍ଠ ।

**ଶୂଦ୍ରୈବ ଭାର୍ଯ୍ୟା ଶୂଦ୍ରସ୍ୟ ସା ଚ ସ୍ୱା ଚ ବିଶଃ ସ୍ମୃତେ ।**
**ତେ ଚ ସ୍ୱ ଚୈବ ରାଜ୍ଞଶ୍ଚ ତାଶ୍ଚ ସ୍ୱାଚାଗ୍ରଜନ୍ମନଃ ।୧୩। ❊**

ଶୂଦ୍ରର ଶୂଦ୍ରକନ୍ୟାସଙ୍ଗେ, ବୈଶ୍ୟର ବୈଶ୍ୟ ଓ ଶୂଦ୍ରକନ୍ୟା ସଙ୍ଗେ, କ୍ଷତ୍ରିର କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରକନ୍ୟା ଏବଂ ବ୍ରାହ୍ମଣର ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ଓ ଶୂଦ୍ରକନ୍ୟା ସଙ୍ଗେ ବିବାହ ହୋଇପାରେ ।

**ନ ବ୍ରାହ୍ମଣ କ୍ଷତ୍ରିୟୋରାପଦ୍ୟପି ହି ତିଷ୍ଠତୋଃ ।**
**କସ୍ମିଂଶ୍ଚିଦପି ବୃତ୍ତାନ୍ତେ ଶୂଦ୍ରା ଭାର୍ଯ୍ୟୋପଦିଶ୍ୟତେ ।୧୪।**

ଇତିହାସାଦି କୌଣସିବୃତ୍ତାନ୍ତେ ବ୍ରାହ୍ମଣ ଓ କ୍ଷତ୍ରିୟର ଆପଦକାଳରେ ସୁଦ୍ଧା ଶୂଦ୍ରା ଭାର୍ଯ୍ୟାଦେବାର ଉପଦେଶ ଦିଆଯାଇନାହିଁ ।

**ହୀନଜାତୀସ୍ତ୍ରିୟଂ ମୋହାଦୁଦ୍‌ବହନ୍ତୋ ଦ୍ୱିଜାତୟଃ ।**
**କୁଳାନ୍ୟେ ଜୟନ୍ତ୍ୟାଶୁ ସସନ୍ତାନାନି ଶୂଦ୍ରତାମ୍ ।୧୫।**

ଦ୍ୱିଜାତି (ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ) ମାନେ ଆପଣା ବର୍ଣ୍ଣରୁ ହୀନବର୍ଣ୍ଣର ସ୍ତ୍ରୀକୁ ବିବାହ କଲେ ସନ୍ତାନ ସହିତ ଆପଣାକୁଳକୁ ଶୂଦ୍ର କରାଇ ଦିଅନ୍ତି ।

**ଶୂଦ୍ରାବେଦୀ ପତତ୍ୟତ୍ରେରୁତଥ୍ୟ ତନୟସ୍ୟ ଚ ।**
**ଶୌନକସ୍ୟ ସୁତୋତ୍ପତ୍ତ୍ୟାତଦପତ୍ୟତୟା ଭୃଗୋଃ ।୧୬। ❊❊**

ଶୂଦ୍ରକୁ ବିବାହ କଲେ ପତିତ ହେବା ଅତ୍ରି ଉତଥ୍ୟପୁତ୍ର ଗୌତମଙ୍କ ମତ, ଶୂଦ୍ରାରେ ସନ୍ତାନ ଉତ୍ପାଦନ କଲେ ପତିତ ହେବା ଶୌନକଙ୍କ ମତ ଆଉ ସେହି ସନ୍ତାନର ସନ୍ତାନ ପତିତ ହେବା ଭୃଗୁଙ୍କ ମତ ।

---

❊ ୧୨ ଓ ୧୩ ଶ୍ଳୋକ ପ୍ରକ୍ଷିପ୍ତ । ❊❊ ଏ ଶ୍ଳୋକ ପ୍ରକ୍ଷିପ୍ତ ।

**ଶୂଦ୍ରାଂ ଶୟନମାରୋପ୍ୟ ବ୍ରାହ୍ମଣୋ ଯାତ୍ୟଧୋଗତିମ୍ ।**
**ଜନୟିତା ସୁତ୍ଵାଂ ତସ୍ୟାଂ ବ୍ରହ୍ମଣ୍ୟାଦେବ ହୀୟତେ ।୧୭।**

ଶୂଦ୍ରସ୍ତ୍ରୀକୁ ଶଯ୍ୟାରେ ଆରୋପଣ (ସହବାସ) କଲେ ବ୍ରାହ୍ମଣ ଅଧୋଗତି ପ୍ରାପ୍ତହୁଏ, ଆଉ ତାହାଠାରେ ସନ୍ତାନ ଉତ୍ପନ୍ନ (ଋତୁକାଳ ଗମନ) କଲେ ବ୍ରାହ୍ମଣତ୍ୱ ହୀନ ଚରିତ୍ରର ପୁତ୍ର ଜାତହୁଏ ।

**ଦୈବପିତ୍ର୍ୟାତିଥେୟାନି ତତ୍ପ୍ରଧାନାନି ଯସ୍ୟ ତୁ ।**
**ନାଶ୍ନନ୍ତି ପିତୃଦେବାସ୍ତାନ ଚ ସ୍ୱର୍ଗଂ ସ ଗଚ୍ଛତି ।୧୮।**

ଶୂଦ୍ରା (ଗୃହିଣୀ) ପ୍ରଧାନ ହୋଇ ଯେ ବ୍ରାହ୍ମଣର ହୋମ, ଶ୍ରାଦ୍ଧ ଓ ଅତିଥି ଭୋଜନ ହୁଏ ତାହାର ଅନ୍ନ ପିତୃ ଓ ଦେବତାସଂଜ୍ଞକ ପୁରୁଷମାନେ ଗ୍ରହଣ କରନ୍ତି ନାହିଁ ଏବଂ ସେ ସୁଖରୁ ବଞ୍ଚିତ ହୁଏ ।

**ବୃଷଲୀ ଫେନପୀତସ୍ୟ ନିଃଶ୍ୱାସସୋପହତସ୍ୟଚ ।**
**ତସ୍ୟାଞ୍ଚୈବ ପ୍ରସୁତସ୍ୟ ନିଷ୍କୃତିନବିଧୀୟତେ ।୧୯।**

ଶୂଦ୍ର ସ୍ତ୍ରୀକୁ ଚୁମ୍ବନକଲେ ଏବଂ ଶୂଦ୍ରାର ନିଃଶ୍ୱାସ ଦେହରେ ଲାଗିଲେ ଏବଂ ଶୂଦ୍ରାରେ ସନ୍ତାନ ଉତ୍ପାଦନ କଲେ (ସେ ପାପରୁ) ନିଷ୍କୃତି ନାହିଁ ।

**ଚତୁର୍ଣ୍ଣାମପି ବର୍ଣ୍ଣାନାଂ ପ୍ରେତ୍ୟ ଚେହ ହିତା ହିତାହିତନ୍ ।**
**ଅଷ୍ଟାବିଧାନ ସମାସେନ ସ୍ତ୍ରୀବିବାହାନ୍ନି ବୋଧତେ ।୨୦।**

ଚାରିବର୍ଣ୍ଣରେ ଇହଲୋକ ଓ ପରଲୋକର ହିତାହିତଜନକ ସ୍ତ୍ରୀ ବିବାହ ଆଠ ପ୍ରକାରର— ଏହା ସଂକ୍ଷେପରେ ଶୁଣ ।

**ବ୍ରାହ୍ମୋ ଦୈବସ୍ତେଥୈବାର୍ଷଃ ପ୍ରଜାପତ୍ୟସ୍ତଥାସୁରଃ ।**
**ଗାନ୍ଧର୍ବୋ ରାକ୍ଷସଶ୍ଚୈବ ପୈଶାଚଶ୍ଚାଷ୍ଟମୋଽଧମଃ ।୨୧।**

୧ ବ୍ରାହ୍ମ, ୨ ଦୈବ, ୩ ଆର୍ଷ, ୪ ପ୍ରଜାପତ୍ୟ, ୫ ଆସୁର, ୬ ଗାନ୍ଧର୍ବ, ୭ ରାକ୍ଷସ ଓ ଅଷ୍ଟମ ଅତିନିନ୍ଦିତ ପୈଶାଚ ।

**ଯୋ ଯସ୍ୟ ଧର୍ମୋ ବର୍ଣ୍ଣସ୍ୟ ଗୁଣଦୋଷୌ ଚ ଯସ୍ୟ ଯୌ ।**
**ତଦ୍‌ବଃ ସର୍ବଂ ପ୍ରବକ୍ଷାମି ପ୍ରସବେ ଚ ଗୁଣାଗୁଣାନ୍ ।୨୨।**

ଯେ ବିବାହ ଯେଉଁ ବର୍ଣ୍ଣର ଯୋଗ୍ୟ ଏବଂ ଯହିଁରେ ଯେ ଗୁଣ ଓ ଦୋଷଅଛି ଏବଂ ସେହି ବିବାହରୁ ଉତ୍ପନ୍ନ ସନ୍ତାନର ଦୋଷଗୁଣ ସେ ସମସ୍ତ ତୁମ୍ଭମାନଙ୍କୁ କହୁଅଛୁ ।

**ଷଡ଼ାନୁପୂର୍ବ୍ୟା ବିପ୍ରସ୍ୟ କ୍ଷତ୍ରିସ୍ୟ ଚତୁରୋଽବରାନ୍ ।**
**ବିଟ୍ ଶୂଦ୍ରୟୋସ୍ତତାନ୍ନୈବ ବିଦ୍ୟାଦ୍ଧର୍ମ୍ୟାନରାକ୍ଷସାନ୍ ।୨୩।**

ବ୍ରାହ୍ମଣର କ୍ରମରେ (ବ୍ରାହ୍ମ ଦୈବ ଆର୍ଷ ପ୍ରାଜାପତ୍ୟ ଆସୁର ଗାନ୍ଧର୍ବ) ଛଅ ବିବାହ ଧର୍ମ୍ମ ଓ କ୍ଷତ୍ରିୟର (ଆର୍ଷ ପ୍ରାଜାପତ୍ୟ ଆସୁର ଗାନ୍ଧର୍ବ) ଚାରି ବିବାହ ଶ୍ରେଷ୍ଠ, ବୈଶ୍ୟ ଓ ଶୂଦ୍ରର ଏହି ବିବାହ ଧର୍ମ୍ମଯୁକ୍ତ ଅଟେ, ମାତ୍ର ରାକ୍ଷସ ବିବାହ କାହାରି ଯୋଗ୍ୟ ନୁହେଁ ।

**ଚତୁରୋ ବ୍ରାହ୍ମଣସ୍ୟାଦ୍ୟାନ୍ ପ୍ରଶସ୍ତାନ୍ କବୟୋ ବିଦୁଃ ।**
**ରାକ୍ଷସଂ କ୍ଷତ୍ରିସେକମାସୁରଂ ବୈଶ୍ୟଶୂଦ୍ରୟୋଃ ।୨୪।**

ବ୍ରାହ୍ମଣର ପ୍ରଥମ ଚାରି (ବ୍ରାହ୍ମ, ଦୈବ, ଆର୍ଷ, ପ୍ରାଜାପତ୍ୟ) ବିବାହ, କ୍ଷତ୍ରିୟର ରାକ୍ଷସ ବିବାହ ଏବଂ ବୈଶ୍ୟଶୂଦ୍ରର ଏକଅସୁର ବିବାହ ପ୍ରଶସ୍ତ ବୋଲି ପଣ୍ଡିତମାନେ ଜାଣନ୍ତି ।

**ପଞ୍ଚାନାନ୍ତୁ ତ୍ରୟୋ ଧର୍ମ୍ୟା ଦ୍ୱାବଧର୍ମ୍ୟୌ ସ୍ମୃତାବିହ ।**

**ପୈଶାଚଶ୍ଚାସୁରଶ୍ଚୈବ ନ କର୍ତ୍ତବ୍ୟୌ କଦାଚନ ।୨୫।**

ପାଞ୍ଚ ବିବାହ ମଧ୍ୟରେ ତିନି ଧର୍ମ ସମ୍ବନ୍ଧୀୟ ଆଉ ଦୁଇ ଅଧର୍ମଯୁକ୍ତ ଅଟେ । ପୈଶାଚ ଅସୁର କେବେହେଁ କରିବା ଉଚିତ୍ ନୁହେଁ ।

**ପୃଥକ୍ ପୃଥକ୍ ବା ମିଶ୍ରୌ ବା ବିବାହୌ ପୂର୍ବଚୋଦିତୌ ।**

**ଗାନ୍ଧର୍ବୋ ରାକ୍ଷସଶ୍ଚୈ ବା ଧର୍ମ୍ୟୌ କ୍ଷତ୍ରିସ୍ୟ ପୌସ୍ମୃତୌ ।୨୬।**

ପୃଥକ୍ ପୃଥକ୍ ବା ମିଶ୍ରିତରୂପେ ହେଉ କ୍ଷତ୍ରିୟର ପୂର୍ବୋକ୍ତ ଗାନ୍ଧର୍ବ ଓ ରାକ୍ଷସ ବିବାହ ଧର୍ମଯୁକ୍ତ ଅଟେ ।

**ଆଚ୍ଛାଦ୍ୟ ଚାର୍ଚ୍ଚୟିତ୍ୱା ଚ ଶ୍ରୁତିଶୀଳବତେ ସ୍ୱୟମ୍ ।**

**ଆହୂୟ ଦାନଂ କନ୍ୟାୟା ବ୍ରାହ୍ମୋ ଧର୍ମଃ ପ୍ରକୀର୍ତ୍ତିତଃ ।୨୭।**

ବିଦ୍ୟାଯୁକ୍ତ ଓ ସଦାଚାରସମ୍ପନ୍ନ ବରକୁ ଡାକି ବସ୍ତ୍ର ତଥା ଭୂଷଣାଦିରେ ସତ୍କାର କରି କନ୍ୟାଦାନ କରିବାକୁ ବ୍ରହ୍ମ ବିବାହ ବୋଲି ।

**ଯଜ୍ଞେତୁ ବିତତେ ସମ୍ୟଗୃତ୍ୱିଜେ କର୍ମ କୁର୍ବତେ ।**

**ଅଳଂକୃତ୍ୟ ସୁତାଦାନଂ ଦୈବଂ ଧର୍ମ ପ୍ରଚକ୍ଷତେ ।୨୮।**

(ଜ୍ୟୋତିଷ୍ଟୋମାଦି) ଯଜ୍ଞରେ ଉତ୍ତମରୂପେ ଯଜ୍ଞ କରାଇବା ଋତ୍ୱିଜ ବରକୁ ଅଳଙ୍କାର ପିନ୍ଧାଇ କନ୍ୟାଦାନ କରିବାକୁ ଦେବା ବିବାହ ବୋଲାଯାଏ ।

**ଏକଂ ଗୋମିଥୁନଂ ଦ୍ୱେ ବା ବରାଦାଦାୟ ଧର୍ମତଃ ।**

**କନ୍ୟାପ୍ରଦାନଂ ବିଧିବଦାର୍ଷୋ ଧର୍ମଃ ସ ଉଚ୍ୟତେ ।୨୯।**

ବରଠାରୁ ଗାଇ ବଳଦ ଯୋଡ଼ିଏ ଅଥବା ଦୁଇଯୋଡ଼ା ଯଜ୍ଞାଦି ସକାଶେ ବିଧିବତ୍ କନ୍ୟାଦାନ କରିବାକୁ ଆର୍ଷ ବିବାହ ବୋଲାଯାଏ ।

**ସହୋଭୌ ଚରତଂ ଧର୍ମମିତି ବାଚାନୁଭାଷ୍ୟ ଚ ।**

**କନ୍ୟାପ୍ରଦାନମଭ୍ୟାର୍ଚ୍ଚ୍ୟ ପ୍ରାଜାପତ୍ୟୋ ବିଧିଃ ସ୍ମୃତିଃ ।୩୦।**

'ତୁମେ ଦୁହେଁ ମିଳି ଧର୍ମାଚରଣ କର' ଏହିକଥା କହି ସତ୍କାରପୂର୍ବକ କନ୍ୟା ପ୍ରଦାନ କରିବାକୁ ପ୍ରାଜାପତ୍ୟ ବିବାହ ବୋଲାଯାଏ ।

**ଜ୍ଞାତିଭ୍ୟୋ ଦ୍ରବିଣଂ ଦତ୍ତ୍ୱା କନ୍ୟାୟୈ ଚୈବ ଶକ୍ତିତଃ ।**

**କନ୍ୟାପ୍ରଦାନଂ ସ୍ୱାଚ୍ଛନ୍ଦ୍ୟାଦାସୁରୋ ଧର୍ମ ଉଚ୍ୟତେ ।୩୧।**

ବରର ପିତାମାତା ଆଦି କନ୍ୟାକୁ ଯଥାଶକ୍ତି ଧନ ଦେଇ ଇଚ୍ଛାପୂର୍ବକ କନ୍ୟାଦାନକୁ ଅସୁର ବିବାହ ବୋଲାଯାଏ ।

**ଇଚ୍ଛାୟାନ୍ୟୋନ୍ୟସଂଯୋଗଃ କନ୍ୟାୟାଶ୍ଚ ବରସ୍ୟ ଚ ।**

**ଗାନ୍ଧର୍ବଃ ସ ତୁ ବିଜ୍ଞେୟୋ ମୈଥୁନ୍ୟଃ କାମସମ୍ଭବଃ ।୩୨।**

କନ୍ୟା ଓ ବରର ପରସ୍ପର ଅନୁରାଗରୁ ଯେଉଁ କାମଜନକ ମିଳନ ହୁଏ ତାହାକୁ ଗାନ୍ଧର୍ବ ବିବାହ ବୋଲାଯାଏ ।

---

*୨୨ ଠାରୁ ୧୬ ଶ୍ଳୋକ ପ୍ରକ୍ଷିପ୍ତ ।

**ହତ୍ୱା ଛିତ୍ୱା ଚ ଭିତ୍ୱାଚ କ୍ରୋଶନ୍ତୀ ରୁଦତୀଂ ଗୃହାତ୍ ।**
*ପ୍ରସହ୍ୟ କନ୍ୟାହରଣଂ ରାକ୍ଷସୋ ବିଧିରୁଚ୍ୟତେ ।୩୩।*

ହାଣି କାଟି ଘରେ ଭେଦକରି ପଶି ଗାଳିଦେଇ କାନ୍ଦୁଥିବା କନ୍ୟାକୁ ବଳପୂର୍ବକ ଘରୁ ହରଣ କରିବାକୁ ରାକ୍ଷସ ବିବାହ ବୋଲାଯାଏ ।

**ସୁପ୍ତା ମତ୍ତାଂ ପ୍ରମତ୍ତାଂ ବା ରହୋ ଯତ୍ରୋପଗଚ୍ଛତି ।**
**ସ ପାପିଷ୍ଠୋ ବିବାହାନଂ ପୈଶାଚଶ୍ଚାଷ୍ଟମୋଽଧମଃ ।୩୪।**

ନିଦରେ ଅଭିଭୂତା, ମଦ୍ୟପାନରେ ବିହ୍ୱଳା ବା ଉନ୍ମତ୍ତା କନ୍ୟା ନିକଟକୁ ଗୋପନ ଭାବରେ ଯିବାକୁ ଅଷ୍ଟମ ଅଧମ ପାପିଷ୍ଠ ବିବାହ ବୋଲାଯାଏ ।

**ଅଦ୍‌ଭିରେବାଦି ଦ୍ୱାଗ୍ର୍ୟାଣାଂ କନ୍ୟାଦାନଂ ବିଶିଷ୍ୟତେ ।**
**ଇତରେଷାନ୍ତୁ ବର୍ଣ୍ଣାନାମିତରେତରକାମ୍ୟୟା ।୩୫।**

ବ୍ରାହ୍ମଣମାନଙ୍କର ଜଳଦ୍ୱାରା କନ୍ୟାଦାନ କରିବା ପ୍ରଶସ୍ତ ଏବଂ କ୍ଷତ୍ରିୟାଦି ବର୍ଣ୍ଣର ପରସ୍ପର ଇଚ୍ଛାନୁରୂପ ଦ୍ରବ୍ୟଦ୍ୱାରା କନ୍ୟାଦାନ ହୁଏ (ଜଳର ନିୟମ ନାହିଁ ) ।

**ଯୋ ଯସ୍ୟୈଷାଂ ବିବାହାନାଂ ମନୁନାଂ କୀର୍ତ୍ତିତୋ ଗୁଣଃ ।**
**ସର୍ବ ଶୃଣୁତଂ ତଂ ବିପ୍ରଃ ସର୍ବଂ କୀର୍ତ୍ତୟତୋ ମମ ।୩୬। ⁂**

ହେ ବିପ୍ରଗଣ ! ଏହି ବିବାହମାନଙ୍କରୁ ଯେଉଁ ବିବାହର ଯେଉଁ ଗୁଣ ମନୁ କହିଅଛନ୍ତି ସେ ସମସ୍ତ ଆମ୍ଭେ କହୁଅଛୁ ଶୁଣ ।

**ଦଶ ପୂର୍ବାନ୍ ପରାନ୍ ବଂଶ୍ୟାନାତ୍ମାନଂ ଚୈକବିଂଶକମ୍ ।**
**ବ୍ରାହ୍ମୀ ପୁତ୍ରଃ ସୁକୃତ କୃନ୍ମୋଚୟେଦେନସଃପିତୃନ୍ ।୩୭। ⁂**

ବ୍ରାହ୍ମବିବାହରୁ ଯେଉଁ ପୁତ୍ର ଜାତ ହୁଏ ସୁକୃତକାରୀ ହେଲେ ତାହାଦ୍ୱାରା ପିତୃପିତାମହାଦି ଦଶ ପୁରୁଷ ଓ ପୁତ୍ର ପୌତ୍ରାଦି ଦଶପୁରୁଷ ଓ ନିଜେ ଏ ରୂପ ଏକବିଂଶ ପୁରୁଷ (ଅପଯଶ ରୂପ) ପାପରୁ ମୁକ୍ତ ହୁଅନ୍ତି ।

**ଦୈବୋଢ଼ାଜଃ ସୁତଶ୍ଚୈବ ସପ୍ତ ସପ୍ତ ପରାବରାନ୍ ।**
**ଆର୍ଷୋଢ଼ାଜଃ ସୁତସ୍ତ୍ରୀଂସ୍ତ୍ରୀନ୍ ଷଟ୍‌ଷଟ୍‌କାୟୋଢ଼ଜଃ ସୁତଃ ।୩୮।**

ଦୈବ ବିବାହୋତ୍ପନ୍ନ ପୂର୍ବ ପୂର୍ବ ପିତ୍ରାଦି ସପ୍ତ ପୁରୁଷ ଓ ପର ପର ପୁତ୍ରାଦି ସାତପୁରୁଷକୁ, ଆର୍ଷବିବାହୋତ୍ପନ୍ନ ପୁତ୍ର ତିନି ପୁରୁଷ ଏବଂ ପ୍ରାଜାପତ୍ୟ ବିବାହୋତ୍ପନ୍ନ ପୁତ୍ର ଛଅ ଛଅ ପୁରୁଷକୁ (ଅପଯଶ) ପାପରୁ ଉଦ୍ଧାର କରେ ।

**ବ୍ରାହ୍ମଦିଷ୍ଟୁ ବିବାହେଷୁ ଚତୁର୍ଷ୍ୱେବାନୁପୂର୍ବଶଃ ।**
**ବ୍ରହ୍ମବର୍ଚ୍ଚସ୍ୱିନଃ ପୁତ୍ରଜାୟନ୍ତେ ଶିଷ୍ଟସମ୍ମତାଃ ।୩୯।**

କ୍ରମାଗତ ବ୍ରହ୍ମାଦି ଚାରି ବିବାହରୁ ଜାତ ପୁତ୍ରମାନେ ବ୍ରହ୍ମତେଜଯୁକ୍ତ ଓ ଶିଷ୍ଟ ସମ୍ମତ ହୁଅନ୍ତି ।

**ରୂପସତ୍ତ୍ୱଗୁଣୋପେତା ଧନବନ୍ତୋ ଯଶସ୍ୱିନଃ ।**
**ପର୍ଯ୍ୟାପ୍ତଭୋଗା ଧର୍ମିଷ୍ଠା ଜୀବନ୍ତି ଚ ଶତଂ ସମାଃ ।୪୦।**

ମଧ ରୂପବାନ୍, ପରାକ୍ରମୀ, ଗୁଣବାନ୍, ଯଶସ୍ୱୀ, ପୁଷ୍କଳଭୋଗ ସମ୍ପନ୍ନ ଧର୍ମାତ୍ମା ଓ ଶତାୟୁ ହୁଅନ୍ତି ।

---

ଜୀ ଏ ଶ୍ଳୋକ ପ୍ରକ୍ଷିପ୍ତ । ⁂ କୌଣସି କୌଣସି ପାଠରେ 'ମୋଚୟତ୍ୟନସଃ' ଅଛି ।

**ଇତରେଷ୍ଟୁ ତୁ ଶିଷ୍ଟେଶ୍ୱ ନୃଶଂସାନୃତବାଦିନଃ ।**
**ଜାୟନ୍ତେ ଦୁର୍ବିବାହେଷ୍ଟୁ ବ୍ରହ୍ମଧର୍ମଦ୍ୱିଷଃ ସୁତାଃ ।୪୧।**

ଅବଶିଷ୍ଟ ଅନ୍ୟାଚାରି ଦୁଷ୍ଟ ବିବାହରୁ ଉତ୍ପନ୍ନ ପୁତ୍ରମାନେ ନୃଶଂସ, ମିଥ୍ୟାବାଦୀ ଓ ବ୍ରହ୍ମଧର୍ମ ବିଦ୍ୱେଷୀ ହୁଅନ୍ତି ।

**ଅନିନ୍ଦିତୈଃ ସ୍ତ୍ରୀବିବାହୈର ନିନ୍ଦ୍ୟାଭବତି ପ୍ରଜା ।**
**ନିନ୍ଦିତୈର୍ନିନ୍ଦିତା ନୃଣ୍ୟଂ ତସ୍ମାନ୍ନିନ୍ଦ୍ୟାନ୍ ବିବର୍ଜୟେତ୍ ।୪୨।**

ଅନିନ୍ଦିତା ସ୍ତ୍ରୀବିବାହରୁ ଅନିନ୍ଦିତ ସନ୍ତାନ ଜନ୍ମ ଗ୍ରହଣ କରେ ଏବଂ ନିନ୍ଦିତ ବିବାହରୁ ନିନ୍ଦିତ ସନ୍ତାନ ଜାତ ହୁଏ । ଏହି ହେତୁ ନିନ୍ଦିତ ବିବାହ ତ୍ୟାଗ କରିବ ।

**ପାଣିଗ୍ରହଣ ସଂସ୍କାରଃ ସବର୍ଣ୍ଣାସୁପଦିଶ୍ୟତେ ।**
**ଅସବର୍ଣ୍ଣା ସ୍ୱୟଂ ଜ୍ଞେୟୋ ବିଧି ଉଦ୍‌ବାହକର୍ମଣି ।୪୩**

ପାଣିଗ୍ରହଣ ସଂସ୍କାର ନିଜବର୍ଣ୍ଣ ସ୍ତ୍ରୀ ସହିତ ହେବାର ବୋଲାଯାଇଅଛି, ନିଜ ବର୍ଣ୍ଣର ଅନ୍ୟ ବର୍ଣ୍ଣର ସ୍ତ୍ରୀର ବିବାହକର୍ମରେ ଏହି ବିଧି ଜାଣିବ ।

**ଶରଃ କ୍ଷତ୍ରିୟୟା ଗ୍ରାହ୍ୟଃ ପ୍ରତୋଦୋ ବୈଶ୍ୟକନ୍ୟାୟା ।**
**ବସନସ୍ୟ ଦଶା ଗ୍ରାହ୍ୟା ଶୂଦ୍ରୟୋତ୍କୃଷ୍ଟବେଦନେ ।୪୪।**

ଉତ୍କୃଷ୍ଟ ବର୍ଣ୍ଣର ପୁରୁଷକୁ ବିବାହ ହେଲେ କ୍ଷତ୍ରିୟକନ୍ୟା ଶର, ବୈଶ୍ୟ କନ୍ୟା ପାଚଣ (ଗବାବି ତାଡ଼ନ ଦଣ୍ଡ) ଏବଂ ଶୂଦ୍ରକନ୍ୟା ଲୁଗାର ଦଶୀ ଗ୍ରହଣ କରିବ ।

**ଋତୁକାଳାଭିଗାମୀ ସ୍ୟାତ୍ ସ୍ୱଦାରନିରତଃ ସଦା ।**
**ପର୍ବବର୍ଜଂ ବ୍ରଜେଚ୍ଚୈନାଂ ତଦ୍‌ବ୍ରତୋ ରତିକାମ୍ୟୟ ।୪୫।**

ସର୍ବଦା ସ୍ୱଦାରନିରତ ହୋଇ ପ୍ରୀତିପୂର୍ବକ ସ୍ତ୍ରୀର ଋତୁକାଳରେ ସହବାସ କରିବ ମାତ୍ର (ଅମାବାସ୍ୟାଦି) ପର୍ବକାଳରେ ସ୍ତ୍ରୀସଙ୍ଗ କରିବ ନାହିଁ ।

**ଋତୁଃ ସ୍ୱାଭାବିକଃ ସ୍ତ୍ରୀଣାଂ ରାତ୍ରୟଃଷୋଡ଼ଶଃ ସ୍ମୃତାଃ ।**
**ଋତୁଭରିତରୈଃ ସାର୍ଦ୍ଧମହୋଭିଃ ସଦ୍‌ବିଗର୍ହିତେ ।୪୬।**

ସ୍ତ୍ରୀମାନଙ୍କର ସ୍ୱାଭାବିକ ଋତୁକାଳ ୧୬ ରାତ୍ରି ଅଟେ; ମାତ୍ର ତହିଁ ମଧ୍ୟରୁ (ପ୍ରଥମ ରକ୍ତମିଶ୍ରିତ ଚାରିଦିନ ଶିଷ୍ଟବିନିନ୍ଦିତ ।)

**ତାମସାଦ୍ୟାଶ୍ଚ ତସ୍ରସ୍ତୁ ନିନ୍ଦିତୈକାଦଶୀ ଚ ଯା ।**
**ତ୍ରୟୋଦଶୀ ଚ ଶୋଷସ୍ତୁ ପ୍ରଶସ୍ତା ଦଶରାତ୍ରୟଃ ।୪୭।**

ଏଥି ମଧ୍ୟରୁ ପ୍ରଥମ ଚାରିରାତ୍ର, ଏକାଦଶ ଓ ତ୍ରୟୋଦଶ ରାତ୍ରିମାନ ନିନ୍ଦିତ, ଅବଶିଷ୍ଟ ଦଶରାତ୍ର ପ୍ରଶସ୍ତ ଅଟେ ।

**ଯୁଗ୍ମାସ୍ତୁ ପୁତ୍ରା ଜାୟନ୍ତେ ସ୍ତ୍ରୀୟୋଽଯୁଗ୍ମାସୁ ରାତ୍ରିଷୁ ।**
**ତସ୍ମାଦ୍ୟୁଗ୍ମାସୁ ପୁତ୍ରାର୍ଥୀ ସଂବିଶେଦାର୍ତ୍ତବେ ସ୍ତ୍ରୀୟମ୍ ।୪୮।**

ପରନ୍ତୁ ଯୁଗ୍ମ (ଛଅ, ଆଠ, ଦଶ, ଚଉଦ, ଷୋଳ) ରାତ୍ରରେ ସ୍ତ୍ରୀସଙ୍ଗ କଲେ ପୁତ୍ର ଜାତହୁଏ, ମାତ୍ର ଅଯୁଗ୍ମ (ପାଞ୍ଚ, ସାତ, ନଅ, ପନ୍ଦର) ରାତ୍ରରେ ସ୍ତ୍ରୀସଙ୍ଗ କଲେ କନ୍ୟା ଜାତହୁଏ । ଏହେତୁ ପୁତ୍ର ଇଚ୍ଛାକାରୀ ଋତୁକାଳରେ ଯୁଗ୍ମ ରାତ୍ରିରେ ସ୍ତ୍ରୀ ସହବାସ କରିବ ।

---

*୪୩ । ୪୪ ଶ୍ଳୋକ ପ୍ରକ୍ଷିପ୍ତ ।

**ପୁମାନ୍ ପୁଂସୋଽଧିକେ ଶୁକ୍ରେ ସ୍ତ୍ରୀ ଭବତ୍ୟଧିକେ ସ୍ତ୍ରିୟାଃ ।**
**ସମେଽପୁମାନ୍ ପୁଂସ୍ତ୍ରୀୟୌ ବା କ୍ଷୀଣେଽଲ୍ପେ ଚ ବିପର୍ଯ୍ୟୟଃ ।୪୯।**

ପୁରୁଷର ବୀର୍ଯ୍ୟ ଅଧିକ ହେଲେ ପୁତ୍ର ଏବଂ ସ୍ତ୍ରୀ ଅଧିକ ହେଲେ କନ୍ୟାଜାତ ହୁଏ । ସ୍ତ୍ରୀ ପୁରୁଷର ସମାନ ଶୁକ୍ର ହେଲେ ନପୁଂସକ ଅବା ଯମକ ପୁତ୍ରକନ୍ୟା ହୁଏ । ବୀର୍ଯ୍ୟ କ୍ଷୀଣ ବା ଅଳ୍ପ ହେଲେ ସନ୍ତାନ ହୁଏ ନାହିଁ ।

**ନିନ୍ଦ୍ୟାସ୍ୱଷ୍ଟାସୁ ଚାନ୍ୟାସୁ ସ୍ତ୍ରୀୟୋ ରାତ୍ରିଷୁବର୍ଜନ୍ ।**
**ବ୍ରହ୍ମଚାର୍ଯ୍ୟେବ ଭବତି ଯତ୍ର ତତ୍ରାଶ୍ରମେ ବସନ୍ ।୫୦।**

ଋତୁକାଳର ପ୍ରଥମ ଚାରିରାତ୍ର, ଏକାଦଶ ଓ ତ୍ରୟୋଦଶ ଏବଂ ଦୁଇପର୍ବ ଏରୂପ ଆଠରାତ୍ରି ଛାଡ଼ି ଅବଶିଷ୍ଟ ରାତ୍ରିରେ ସ୍ତ୍ରୀ ସମ୍ଭୋଗ କଲେ ଯେ କୌଣସି ଆଶ୍ରମରେ ଥିଲେ ସୁଦ୍ଧା ବ୍ରହ୍ମଚର୍ଯ୍ୟର ହାନି ହୁଏ ନାହିଁ ।

**ନ କନ୍ୟାୟାଃ ପିତା ବିଦ୍ୱାନ୍ ଗୃହ୍ଣୀୟାଚ୍ଛୁଲ୍କ ମଣ୍ୱପି ।**
**ଗୃହ୍ଣନ୍ ଶୁଲ୍କଂ ହି ଲୋଭେନ ସ୍ୟାନରୋଽପତ୍ୟ ବିକ୍ରୟୀ ।୫୧।**

ଜ୍ଞାନବାନ୍ କନ୍ୟାର ପିତା ଅଳ୍ପହେଉ ପଛକେ କିଛିମାତ୍ର ଶୁଲ୍କ (ପଣ) ଗ୍ରହଣ କରିବେ ନାହିଁ । ଲୋଭରେ ପଣ ଗ୍ରହଣ କଲେ ମନୁଷ୍ୟ ସନ୍ତାନ ବିକ୍ରୟୀ ହୁଏ ।

**ସ୍ତ୍ରୀଧନାନି ଚ ଯୋ ମୋହାଦୁପଜୀବନ୍ତି ବାନ୍ଧବାଃ ।**
**ନାରୀଯାନାନି ବସ୍ତ୍ରଂ ବା ତେ ପାପା ଯାନ୍ତ୍ୟଧୋଗତିମ୍ ।୫୨।**

ସ୍ତ୍ରୀଧନ ବା ସ୍ତ୍ରୀର ଦାସୀ ବା ବାହାନାଦି ଯେଉଁ (ପିତା ପ୍ରଭୃତି) ବାନ୍ଧବମାନେ ଉପଭୋଗ କରେ ସେ ପାପୀମାନେ ଅଧୋଗତି ପ୍ରାପ୍ତ ହୁଅନ୍ତି ।

**ଆର୍ଷେ ଗୋମିଥୁନଂ ଶୁଲ୍କଂ କେଚିଦାହୁର୍ମୃଷୈବ ତତ୍ ।**
**ଅଳ୍ପୋଽପ୍ୟେବଂ ମହାନ୍‌ବାପି ବିକ୍ରୟସ୍ତାବଦେବ ସଃ ।୫୩।**

ଆର୍ଷ ବିବାହରେ ଯୋଡ଼ି ଗାଈ ବଳଦ ଗ୍ରହଣ କରିବା ଯାହା କେହି କେହି ବୋଲନ୍ତି ତାହା ମିଥ୍ୟା ବା ଅସତ୍ ; କାରଣ ତାହା ଅଳ୍ପ ବା ବହୁତ ହେଲେହେଁ ବିକ୍ରୟ ହେଲା ।

**ଯାସାଂ ନାଦଦତେ ଶୁଲ୍କଂ ଜ୍ଞାତୟୋ ନ ସ ବିକ୍ରୟଃ ।**
**ଆର୍ହଣଂ ତତ୍ କୁମାରୀନୃଶଂସ୍ୟଂ ଚ କେବଳମ୍ ।୫୪।**

ପିତା ପ୍ରଭୃତି କେଉଁ କନ୍ୟାର ଶୁଲ୍କ (ପ୍ରୀତିପୂର୍ବକ ବର ପ୍ରଭୃତିଙ୍କ ଦାନ) ଗ୍ରହଣ ନ କରନ୍ତି (ଆତ୍ମସାତ୍ କରି କନ୍ୟାକୁ ଦିଅନ୍ତି) ତାହାକୁ ବିକ୍ରୟ ବୋଲା ନ ଯାଏ; କାରଣ ତାହା କେବଳ କୁମାରୀମାନଙ୍କୁ ପୂଜା ବା ଅନୁକମ୍ପା ରୂପେ ପ୍ରଦତ୍ତହୁଏ ।

**ପିତୃଭିର୍ଭ୍ରାତୃଭିଶ୍ଚୈତାଃ ପତିଭିର୍ଦ୍ଦେବରୈସ୍ତଥା ।**
**ପୂଜ୍ୟା ଭୂଷୟିତବ୍ୟାଶ୍ଚ ବହୁ କଲ୍ୟାଣମୀପ୍ସୁଭିଃ ।୫୫।**

ବହୁ କଲ୍ୟାଣ ବାଞ୍ଛା କରି ପିତା, ଭ୍ରାତା, ପତି ତଥା ଦେବର ଏମାନଙ୍କୁ ଭୋଜନାଦି ଦ୍ୱାରା ଓ ବସ୍ତ୍ରାଳଙ୍କାର ଦ୍ୱାରା ଭୂଷିତ କରିବା କର୍ତ୍ତବ୍ୟ ।

**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।**
**ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଫଳାଃ କ୍ରିୟା ।୫୬।**

ଯେଉଁ କୁଳରେ ନାରୀମାନଙ୍କର ସମ୍ୟକ୍ ସମାଦାର ଅଛି ସେଠାରେ ଦେବତା ପ୍ରସନ୍ନ ରହନ୍ତି ଆଉ ଯେଉଁ ପରିବାରରେ ସ୍ତ୍ରୀମାନଙ୍କର ପୂଜା ନାହିଁ ସେଠାରେ (ଯଜ୍ଞାଦି) ସମସ୍ତ କର୍ମ ନିଷ୍ଫଳ ହୁଏ ।

**ଶୋଚନ୍ତି ଜାମାୟୋ ଯତ୍ର ବିନଶ୍ୟତ୍ୟାଶୁ ତତ୍କୁଳମ୍ ।**
**ନ ଶୋଚନ୍ତି ତୁ ଯତ୍ରୈତା ବର୍ଦ୍ଧତେ ତଦ୍ଧି ସର୍ବଦା ।୫୭।**

ଯେଉଁ କୁଳରେ ନାରୀମାନେ (କଷ୍ଟପାଇ) ଶୋକ କରନ୍ତି ସେ କୁଳ ଶୀଘ୍ର ନଷ୍ଟ ହୁଏ ଆଉ ଯେଉଁ ପରିବାରରେ ସେମାନଙ୍କର କୌଣସି ଦୁଃଖ ନାହିଁ ସେହି ପରିବାରରେ ସର୍ବଦା ଶ୍ରୀବୃଦ୍ଧି ହୁଏ ।

**ଜାମୟୋ ଯାନି ଗେହାନି ଶପନ୍ତ୍ୟପ୍ରତିପୂଜିତାଃ ।**
**ତାନି କୃତ୍ୟାହତାନୀବ ବିନଶ୍ୟନ୍ତି ସମନ୍ତତଃ ।୫୮।**

ସ୍ତ୍ରୀଲୋକମାନେ ଅପୂଜିତ ହୋଇ ଯେଉଁ ଘରେ ଅଭିସମ୍ପାତ ଦିଅନ୍ତି ସେହି ଘର ବିଷୟୋଗାଦି ନାଶ ପରି (ଧନପଶ୍ୱାଦି ସହିତ) ସର୍ବତୋଭାବରେ ନଷ୍ଟହୁଏ ।

**ତସ୍ମାଦେତାଃ ସଦା ପୂଜ୍ୟା ଭୂଷଣାଚ୍ଛାଦାଷନୈଃ ।**
**ଭୂତିକାମୈର୍ନରୈର୍ନିତ୍ୟଂ ସତ୍କାରେ ଷୂତ୍ସବେଷ୍ଟୁ ଚ ।୫୯।**

ଏ ହେତୁ ଯେଉଁମାନେ ଶ୍ରୀବୃଦ୍ଧି କାମନା କରନ୍ତି ସେମାନେ ସତ୍କାର୍ଯ୍ୟ ବା (ବିବାହାଦି) ଉତ୍ସବ କାଳରେ ବସ୍ତ୍ରାଳଙ୍କାର ଦ୍ୱାରା ସ୍ତ୍ରୀମାନଙ୍କୁ ସର୍ବଦା ସତ୍କାର କରିବେ ।

**ସନ୍ତୁଷ୍ଟୋ ଭାର୍ଯ୍ୟାୟା ଭର୍ତ୍ତା ଭର୍ତ୍ତା ଭାର୍ଯ୍ୟା ତଥୈବ ଚ ।**
**ଯସ୍ମିନ୍ନେବ କୁଳେନିତ୍ୟଂ କଲ୍ୟାଣଂ ତତ୍ର ବୈଧ୍ରୁବମ୍ ।୬୦।**

ଯେଉଁ କୁଳରେ ସ୍ତ୍ରୀ ଓ ପତି ଉଭୟେ ପରସ୍ପର ପ୍ରତି ସନ୍ତୁଷ୍ଟ ସେ କୁଳରେ ନିଶ୍ଚୟ କଲ୍ୟାଣ ନିଶ୍ଚଳ ଭାବରେ ଅବସ୍ଥିତ କରେ ।

**ଯଦି ହି ସ୍ତ୍ରୀ ନରୋଚେତ୍ ପୁମାଂସଂ ନ ପ୍ରମୋଦୟେତ୍ ।**
**ଅପ୍ରମୋଦାତ୍ ପୁନଃ ପୁନଃ ପ୍ରଜନଂନ ପ୍ରବର୍ତ୍ତତେ ।୬୧।**

ବସ୍ତ୍ରାଭରଣାଦି ଦ୍ୱାରା କାନ୍ତିମତୀ ନ ହେଲେ ନାରୀ ସ୍ୱାମୀର ପ୍ରମୋଦ ଜନ୍ମାଇ ପାରନ୍ତି ନାହିଁ, ପୁଣି ସ୍ୱାମୀର ପ୍ରୀତି ଜନ୍ମାଇ ନ ପାରିଲେ ସୁସନ୍ତାନୋତ୍ପାଦନ ହୁଏ ନାହିଁ ।

**ସ୍ତ୍ରୀୟା ତୁ ରୋଚମାନାୟଂ ସର୍ବଂ ତଦ୍ରୋଚତେ କୁଳମ୍ ।**
**ତସ୍ୟାନ୍ତ୍ୱରୋଚମାନାୟାଂ ସର୍ବମେବ ନ ରୋଚତେ ।୬୨।**

ସ୍ତ୍ରୀ ଭୂଷଣାଦିଦ୍ୱାରା ମନୋହର ଭାବରେ ସଜ୍ଜିତ ଥିଲେ ସର୍ବମତେ ଘର ଶୋଭାପାଏ ଆଉ ସ୍ତ୍ରୀ ରୁଚିକର ନ ହେଲେ ସମସ୍ତ ଘର ଶ୍ରୀହୀନ ହୁଏ ।

**କୁବିବାହୈଃ କ୍ରିୟା ଲୋପୈର୍ବେଦାନଧ୍ୟୟନେନ ଚ ।**
**କୁଳାନ୍ୟକୁଳତାଂ ଯାନ୍ତି ବ୍ରହ୍ମଣାତିକ୍ରମେଣ ଚ ।୬୩।**

କୁବିବାହ କ୍ରିୟାକଳାପ ଲୋକ, ବେଦ ନ ପଢ଼ିବା ଓ ବ୍ରାହ୍ମଣଙ୍କ ଅପୂଜାରୁ କୁଳ ନୀଚତା ପ୍ରାପ୍ତ ହୁଏ ।

**ଶିଳ୍ପେନ ବ୍ୟବହାରେଣ ଶୂଦ୍ରାପତ୍ୟୈଶ୍ଚ କେବଳୈଃ ।**
**ଗୋଭିରଶ୍ୱୈଶ୍ଚ ଯାନୈଶ୍ଚ କୃଷ୍ୟା ରାଜୋପସେବୟା ।୬୪।**

ଚିତ୍ର କର୍ମାଦି ଶିକ୍ଷା, ସୁଧରେ ଧନ ବୃଦ୍ଧିରେ ବ୍ୟବହାର, କେବଳ ଶୂଦ୍ରାଗର୍ଭରେ ସନ୍ତାନୋ-ତ୍ପାଦନ, ଗୋ, ଅଶ୍ୱ, ଯାନ, କୃଷି ଓ ରାଜସେବା ।

**ଅଯାଜ୍ୟଯାଜନ ଶ୍ଚୈବ ନାସ୍ତିକ୍ୟେନ ଚ କର୍ମଣାମ୍ ।**
**କୁଳାନ୍ୟାଶୁ ବିନଶ୍ୟନ୍ତି ଯାନ୍ତି ହୀନାନି ମନ୍ତ୍ରତଃ ।୬୫।**

ଚଣ୍ଡାଳାଦିଙ୍କ ଯଜ୍ଞ କରାଇବା ଓ ଶ୍ରୌତସ୍ମାର୍ତ୍ତ କର୍ମମାନଙ୍କ ପ୍ରତି ଅଶ୍ରଦ୍ଧାଦ୍ୱାରା ଆଉ ବେଦ ପାଠହୀନ ହେବାଦ୍ୱାରା ଘର ଶୀଘ୍ର ନଷ୍ଟହୁଏ ।

**ମନ୍ତ୍ରତସ୍ତୁ ସମୃଦ୍ଧାନି କୁଳାନ୍ୟଳ୍ପଧନାନ୍ୟପି ।**
**କୁଳସଂଖ୍ୟାଂ ଚ ଗଚ୍ଛନ୍ତି କର୍ଷନ୍ତି ଚ ମହଦ୍ ଯଶଃ ।୬୬।**

ଯେ ଘର ବେଦ ଦ୍ୱାରା ସମୃଦ୍ଧ (ଅର୍ଥାତ୍ ଯେଉଁଠାରେ ବେଦପାଠ ଓ ବେଦାନୁଯାୟୀ କ୍ରିୟା ସମ୍ପାଦନ ହୁଏ) ସେ ଘରେ ଧନ ଅଳ୍ପ ଥିଲେ ସୁଦ୍ଧା ତାହା ଘର ମଧ୍ୟରେ ଗଣାଯାଏ ଏବଂ ସୁଖ୍ୟାତି ଲାଭକରେ । ତାତ୍ପର୍ଯ୍ୟ ଏହି ଯେ କୁଳର ପ୍ରତିଷ୍ଠା ବେଦ ପାଠରେ ମାତ୍ର ଉଚ୍ଚ ଚାକିରୀ, ବେପାର, ଯାନ ବା ରୋଗୁ ଅଶ୍ୱାଦିର ଆଡ଼ମ୍ବରରେ ନୁହେଁ ।

**ବୈବାହିକେଗ୍ନୌ କୁର୍ବୀତ ଗୃହ୍ୟଂ କର୍ମ ଯଥାବିଧି ।**
**ପଞ୍ଚଯଜ୍ଞବିଧାନାଞ୍ଚ ପକ୍ତିଞ୍ଚାନ୍ୱହିକୀଂ ଗୃହୀ ।୬୭।**

ଗୃହୀ ବିବାହଲବ୍ଧ ଅଗ୍ନିଦ୍ୱାରା ବିଧିପୂର୍ବକ ଗୃହ୍ୟୋକ୍ତ (ସାୟଂ ପ୍ରାତ ହୋମାଦି) କର୍ମ ଆଉ ପଞ୍ଚଯଜ୍ଞାନ୍ତର୍ଗତ ବଳିବୈଶ୍ୱାଦେବାଦି ଆଉ ପ୍ରାତ୍ୟହିତ ପାକକ୍ରିୟା ସମ୍ପାଦନ କରିବେ ।

**ପଞ୍ଚ ସୂନା ଗୃହସ୍ଥସ୍ୟ ଚୁଲ୍ଲୀପେଷଣ୍ୟୁପସ୍କରଃ ।**
**କଣ୍ଡନୀ ଚୋଦକୁମ୍ଭଶ୍ଚ ବଧ୍ୟତେ ଯାସ୍ତୁବାହୟନ୍ ।୬୮।**

ଏହି ପାଞ୍ଚବସ୍ତୁ ଗୃହସ୍ଥର ହିଂସା ସ୍ଥଳ ଅଟେ-୧-ଚୂଲି, ୨-ଚକି ଓ ଶୀଳପୁଆ, ୩-ପହଁରା, ୪-ଢିଙ୍କି ଓ ଉଦୁଖୂଳମୂଷଳ ଆଉ ୫-ପାଣିମାଠିଆ ଏ ସବୁ କାର୍ଯ୍ୟରେ ଲାଗିଲେ ଜୀବହିଂସା ହେତୁ ପାପ ହୁଏ ।

**ତାସାଂ କ୍ରମେଣ ସର୍ବାସାଂ ନିଷ୍କୃତ୍ୟର୍ଥ୍ୟ ମହର୍ଷିଭିଃ ।**
**ପଞ୍ଚକ୍ଳୃପ୍ତା ମହାଯଜ୍ଞାଃ ପ୍ରତ୍ୟହଂ ଗୃହମେଧିନାମ୍ ।୬୯।**

ଗୃହସ୍ଥକୁ ସେହି ପାପରୁ ଉଦ୍ଧାର କରିବା କାରଣ ମହର୍ଷିମାନେ ତାଙ୍କସକାଶେ ପ୍ରତିଦିନ ପଞ୍ଚମହାଯଜ୍ଞର ବିଧି କରିଅଛନ୍ତି ।

**ଅଧ୍ୟାପନଂ ବ୍ରହ୍ମଯଜ୍ଞଃ ପିତୃଯଜ୍ଞସ୍ତୁ ତର୍ପଣମ୍ ।**
**ହୋମୋ ଦେବୋ ବଳି ର୍ଭୌତୋ ନୃଯଜ୍ଞୋଽତିଥି ପୂଜମ୍ ।୭୦।**

ପଢ଼ାଇବା ବ୍ରହ୍ମଯଜ୍ଞ, ତର୍ପଣ, ପିତୃଯଜ୍ଞ, ପଶୁପକ୍ଷୀଆଦିଙ୍କୁ ଅନ୍ନଦାନାଦି ଭୂତ ଯଜ୍ଞ ଅତିଥି ସେବା ମନୁଷ୍ୟଯଜ୍ଞ ଅଟେ ।

**ପଞ୍ଚୈତାତାନ୍ ଯୋ ମହାଯଜ୍ଞାନ୍ ନ ହାପୟତି ଶକ୍ତିତଃ ।**
**ସ ଗୃହେଽପି ବସନ୍ନିତ୍ୟଂ ସୁନାଦୋଷୈର୍ନଲିପ୍ୟତେ ।୭୧।**

ଯେ ଏହି ପଞ୍ଚମହାଯଜ୍ଞ ଆପଣା ଶକ୍ତି ଅନୁସାରେ ଛାଡ଼ନ୍ତି ନାହିଁ ସେ ଗୃହରେ ବାସକରି ସୁଦ୍ଧା ହିଂସାଦୋଷରେ ଲିପ୍ତ ହୁଅନ୍ତି ନାହିଁ ।

**ଦେବତାତିଥିଭୃତ୍ୟାନାଂ ପିତୃଣାମାତ୍ମନଶ୍ଚ ଯଃ ।**
**ନ ନିର୍ବପତି ପଞ୍ଚାନମୁଚ୍ଛ୍ୱସନ୍ନ ସ ଜୀବତି ।୭୨।**

ଦେବତା, ଅତିଥି, ଭୃତ୍ୟ, ମାତାପିତା ଓ ନିଜ ଏହି ପଞ୍ଚଙ୍କୁ ଯେ ଅନ୍ନ ନ ଦିଏ, ସେ ବଞ୍ଚିଥିଲେ ସୁଦ୍ଧା ମଲାପରି ।

**ଅହୁତଞ୍ଚ ହୁତଞ୍ଚୈବ ତଥା ପ୍ରହୁତମେବଚ ।**
**ବ୍ରାହ୍ମ୍ୟଂହୁତଂ ପ୍ରାଶିତଞ୍ଚ ପଞ୍ଚଯଜ୍ଞାନ୍ ପ୍ରଚକ୍ଷତେ ।୭୩।**

କେହି (ମୁନି)ଆହୁତି,ହୁତ, ପ୍ରହୁତ ବ୍ରହ୍ମାହୁତ ଓ ପ୍ରାଶିତ ଏହି ପାଞ୍ଚଙ୍କୁ ପଞ୍ଚଯଜ୍ଞ ବୋଲନ୍ତି ।

**ଜପୋଽହୁତୋ ହୁତୋ ହୋମଃ ପ୍ରହୁତୋ ଭୌତିକୋ ବଳିଃ ।**
**ବ୍ରାହ୍ମ୍ୟଂ ହୁତଂ ଦ୍ୱିଜାଗ୍ର୍ୟାର୍ଚା ପ୍ରାଶିତଂ ପିତୃତର୍ପଣମ୍ ।୭୪।**

ଅହୁତକୁ ଜପ, ହୋମକୁ ହୁତ, ଭୂତଯଜ୍ଞକୁ ପ୍ରହୁତ, ବ୍ରାହ୍ମଣପୂଜାକୁ ବ୍ରହ୍ମହୁତ ଓ ପିତୃତର୍ପଣ (ନିତ୍ୟ ଶ୍ରାଦ୍ଧକୁ) ପ୍ରାଶିତ ବୋଲି ।

**ସ୍ୱାଧ୍ୟାୟେ ନିତ୍ୟଯୁକ୍ତଃ ସ୍ୟାଦ୍ଦେବେ ଚୈବେହ କର୍ମଣି ।**
**ଦୈବେ କର୍ମଣି ଯୁକ୍ତୋ ହି ବିଭର୍ତୀଦଂ ଚରାଚରମ୍ ।୭୫।**

(ଦାରିଦ୍ର୍ୟ ଦୋଷାଦି ହେତୁ ଅତିଥି ସେବାଦି କରିବାରେ ଅକ୍ଷମ ହେଲେ) ବେଦାଧ୍ୟୟନ ଓ ହୋମ କାର୍ଯ୍ୟରେ ସର୍ବଦା ନିଯୁକ୍ତ ରହିବ । ଯେ ଦୈବ କର୍ମରେ ସର୍ବଦା ନିଯୁକ୍ତ ରହନ୍ତି ସେ ଚରାଚରର ପୋଷଣ କରନ୍ତି ।

**ଅଗ୍ନୌ ପ୍ରାସ୍ତାହୁତି ସମ୍ୟଗାଦିତ୍ୟମୁପତିଷ୍ଠତେ ।**
**ଆଦିତ୍ୟାଜ୍ଜାୟତେ ବୃଷ୍ଟିର୍ବୃଷ୍ଟେରନ୍ନଂ ତତଃ ପ୍ରଜାଃ ।୭୬।**

ଅଗ୍ନିରେ ଆହୁତି ଦେଲେ ସର୍ବରସର ଆହର୍ତ୍ତା ସୂର୍ଯ୍ୟ ଦେବରେ ତାହା ଅଦୃଶ୍ୟ ଭାବରେ ଉପସ୍ଥିତ ହୁଏ, ଆଉ ସୂର୍ଯ୍ୟଦ୍ୱାରା ସେହି ରସ ବୃଷ୍ଟି ରୂପେ ପଡ଼େ, ବୃଷ୍ଟିରୁ ଅନ୍ନ ଜନ୍ମେ ଏବଂ ଅନ୍ନ ଉପଭୋଗରୁ ପ୍ରଜା ଜାତ ହୁଅନ୍ତି ।

**ଯଥା ବାୟୁଂ ସମାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବଜନ୍ତବଃ ।**
**ତଥା ଗୃହସ୍ଥାଶ୍ରିତ୍ୟ ବର୍ତ୍ତନ୍ତେ ସର୍ବ ଆଶ୍ରମାଃ ।୭୭।**

ଯେମନ୍ତ ସକଳ ପ୍ରାଣୀ ବାୟୁ ଆଶ୍ରୟ କରି ବଞ୍ଚନ୍ତି, ତେମନ୍ତ ଗୃହସ୍ଥକୁ ଆଶ୍ରୟ କରି ସକଳ ଆଶ୍ରମବାସୀ ଚଳନ୍ତି ।

**ଯସ୍ମାତ୍ତ୍ରୟୋଽପ୍ୟାଶ୍ରମିଣୋ ଜ୍ଞାନେନାନ୍ନେନ ଚାନ୍ୱହମ୍ ।**
**ଗୃହସ୍ଥେନୈବ ଧାର୍ଯ୍ୟନ୍ତେ ତସ୍ମାଜ୍ଜ୍ୟେଷ୍ଠାଶ୍ରମୋ ଗୃହୀ ।୭୮।**

(ବ୍ରହ୍ମଚାରୀ, ବାନପ୍ରସ୍ଥ ଓ ଭିକ୍ଷୁ) ତିନି ଆଶ୍ରମ ପ୍ରତିଦିନ ଗୃହସ୍ଥ କର୍ତ୍ତୃକବିଦ୍ୟା ଓ ଅନ୍ନଦାନାଦି ଦ୍ୱାରା ପ୍ରତିପାଳିତ ହେବା ହେତୁ ଗୃହାସ୍ଥାଶ୍ରମକୁ ଜ୍ୟେଷ୍ଠ ଆଶ୍ରମ (ସବୁ ଆଶ୍ରମରୁ ବଡ଼) ବୋଲାଯାଏ ।

**ସ ସନ୍ଧାର୍ଯ୍ୟଃପ୍ରଯତ୍ନେନ ସ୍ୱର୍ଗମକ୍ଷୟମିଚ୍ଛତା ।**
**ସୁଖଂ ଚେହେଚ୍ଛତା ନିତ୍ୟଂ ଯୋଽଧାର୍ଯ୍ୟୋ ଦୁର୍ବଳେନ୍ଦ୍ରିୟୈଃ ।୭୯।**

ଯେ ପରକାଳର ଅକ୍ଷୟ ସୁଖ (ମୋକ୍ଷ) ଓ ଇହକାଳରେ ସୁଖ ସମ୍ଭୋଗକାମନା କରନ୍ତି ସେ ଅତି ଯତ୍ନ ସହିତ ଗାର୍ହସ୍ଥ୍ୟ ଧର୍ମ ପ୍ରତିପାଳନ କରିବେ । ଦୁର୍ବଳେନ୍ଦ୍ରିୟ ଥିଲେ ଅଥବା ଇନ୍ଦ୍ରିୟ ସୁସଂଯତ ନଥିଲେ ଏହି ଧର୍ମ ପ୍ରତିପାଳିତ ହୁଏନାହିଁ ।

**ଋଷୟଃ ପିତରୋ ଦେବା ଭୂତାନ୍ୟତିଥୟସ୍ତଥା ।**
**ଆଶାସତେ କୁଟୁମ୍ବି ଭ୍ୟସ୍ତେଭ୍ୟଃ କାର୍ଯ୍ୟ ବିଜାନତା ।୮୦।**

ଋଷିଗଣ, ପିତୃଗଣ, ଦେବଗଣ, ଭୂତଗଣ ଓ ଅତିଥିମାନେ ସମସ୍ତେ ଗୃହସ୍ଥ ଉପରେ ପ୍ରତ୍ୟାଶା ରଖନ୍ତି । ଏଣୁ ସେମାନଙ୍କପ୍ରତି ନିମ୍ନୋକ୍ତରୂପେ କର୍ତ୍ତବ୍ୟ ସମ୍ପାଦନ କରିବା ଜ୍ଞାନବାନ ଗୃହସ୍ଥର କର୍ତ୍ତବ୍ୟ ।

**ସ୍ୱାଧ୍ୟାୟେନାର୍ଚ୍ଚୟେତର୍ଷୀନ୍ ହୋମୈର୍ଦ୍ଦେବାନ୍ ଯଥାବିଧ ।**
**ପିତୃନ୍ ଶ୍ରାଦ୍ଧୈଶ୍ଚ ନୃନନ୍ନୈର୍ଭୂତାନି ବଳିକର୍ମଣା ।୮୧।**

ବେଦପାଠ ଦ୍ୱାରା ଋଷିଗଣର, ହୋମଦ୍ୱାରା ଦେବଗଣର, ଶ୍ରାଦ୍ଧଦ୍ୱାରା ପିତୃଗଣର ଅନ୍ନଦ୍ୱାରା ମନୁଷ୍ୟର ତଥା ଖାଦ୍ୟ ପ୍ରଦାନ ଦ୍ୱାରା ଭୂତ ଜୀବଜନ୍ତୁ) ମାନଙ୍କର ସତ୍କାର ହୁଏ ।

**କୁର୍ଯ୍ୟାଦହରହଃଶ୍ରାଦ୍ଧମନ୍ନାଦ୍ୟେନୋଦକେନ ବା ।**
**ପୟୋମୂଳଫଳୈର୍ବାପି ପିତୃଭ୍ୟଃ ପ୍ରୀତିମାବହନ ।୮୨।**

ପିତୃମାନଙ୍କର ପ୍ରୀତି ସମ୍ପାଦନାର୍ଥ ପ୍ରତିଦିନ ଅନ୍ନାଦି, ଜଳ, ଦୁଗ୍ଧ ବା ଫଳମୂଳ ଦ୍ୱାରା ଶ୍ରାଦ୍ଧ କରିବ ।

**ଏକମର୍ଯ୍ୟାଶୟେଦ୍ ବିପ୍ରଂ ପିତ୍ରାର୍ଥେ ପଞ୍ଚଯାଜ୍ଞିକେ ।**
**ନଚୈବାତ୍ରାଶୟେତ୍ କିଞ୍ଚିଦ୍ବୈଶ୍ୱଦେବଂ ପ୍ରତିଦ୍ୱିଜମ୍ ।୮୩।**

ପଞ୍ଚଯଜ୍ଞାନ୍ତର୍ଗତ ପିତୃ ଯଜ୍ଞରେ ଜଣେ ହେଲେ ବ୍ରାହ୍ମଣକୁ ଭୋଜନ କରାଇବ । ପରନ୍ତୁ ଏହି ବୈଶ୍ୱଦେବ ସ୍ଥାନରେ କାହାରିକୁ ଭୋଜନ କରାଇବ ନାହିଁ ।

**ବୈଶ୍ୱଦେବସ୍ୟ ସିଦ୍ଧସ୍ୟ ଗୃହ୍ୟେଽଗ୍ନୌ ବିଧିପୂର୍ବକମ୍ ।**
**ବୈଶ୍ୱଦେବସ୍ୟ ସିଦ୍ଧସ୍ୟ ଗୃହ୍ୟେଽଗ୍ନୌ ବ୍ରାହ୍ମଣେ ହୋମମନ୍ୱହମ୍ ।୮୪।**

ଗୃହ୍ୟ ଅଗ୍ନିରେ ଅନ୍ନପାକ କରି ତଦ୍ୱାରା ବିଧିପୂର୍ବକ ନିମ୍ନୋକ୍ତ ଦେବତାମାନଙ୍କ ସକାଶେ ବ୍ରାହ୍ମଣ ହୋମ କରିବେ ।

**ଅଗ୍ନେଃ ସୋମସ୍ୟ ଚୈବାଦୌ ତୟୋର୍ଶ୍ଚୈବ ସମସ୍ତୟୋଃ ।**
**ବିଶ୍ୱେଭ୍ୟର୍ଶ୍ଚୈବ ଦେବେଭ୍ୟୋ ଧନ୍ୱନ୍ତରୟ ଏବ ଚ ।୮୫।**

ପ୍ରଥମେ ଅଗ୍ନିର ଓ ସୋମର ତହିଁଉତ୍ତାରୁ ଅଗ୍ନି ଓ ସୋମକୁ ମିଳାଇ (ଆହୁତି), ତହିଁ ଉତ୍ତାରୁ ବିଶ୍ୱ (ସକଳ) ଦେବତାଙ୍କୁ ଓ ପରେ ଧନ୍ୱନ୍ତରିଙ୍କୁ ।

**କୁହ୍ୱେ ଚୈବନୁମତୈଚ ପଜାପତୟ ଏବ ଚ ।**
**ସହ ଦ୍ୟାବାପୃଥିବ୍ୟୋଶ୍ଚ ତଥା ସ୍ୱିଷ୍ଟକୃତେଽନ୍ତତଃ ।୮୬।**

ତହିଁ ଉତ୍ତାରୁ କୁହୁ, ଅନୁମତି ଓ ପ୍ରଜାପତିକୁ ପରେ ଏକସଙ୍ଗେ ଦ୍ୟାବାପୃଥିବୀ ଏବଂ ସର୍ବଶେଷରେ ଉତ୍ତମ ଇଷ୍ଟକୃତ୍ (ଇଷ୍ଟକାରୀ) ଅଗ୍ନିକୁ ଆହୁତି ଦେବ ।

**ଏବଂ ସମ୍ୟାରାଘବିର୍ହୁତ୍ୱା ସର୍ବଦିକ୍ଷୁ ପ୍ରଦକ୍ଷିଣମ୍ ।**
**ଇନ୍ଦ୍ରାନ୍ତକାପ୍ ପତିନ୍ଦୁଭ୍ୟଃ ସାନୁଗେଭ୍ୟୋ ବଳିଂ ହରେତ୍ ।୮୭।**

ଏହିରୂପେ ଅନନ୍ୟମନା ହୋଇ ଦେବତାଙ୍କୁ ହବିଦ୍ୱାରା ହୋମକରି ସକଳ ଦିଗରେ ପ୍ରଦକ୍ଷିଣ କରି ଅନୁଚର ସହିତ ଇନ୍ଦ୍ର, ଯମ, ବରୁଣ ଓ ସୋମକୁ ବଳି ପ୍ରଦାନ କରିବ ।

**ମରୁଦ୍‌ଭ୍ୟ ଇତି ତୁ ଦ୍ୱାରି କ୍ଷିପେଦପ୍‌ସ୍ୱଦ୍‌ଭ୍ୟ ଇତ୍ୟପି ।**
**ବନସ୍ପତିଭ୍ୟ ଇତ୍ୟେବଂ ମୁଷଳୋଲୁଖାଳେ ହରେତ୍ ।୮୮।**

ପରେ ମଣ୍ଡଳର ଦ୍ୱାରଦେଶରେ ମରୁତଙ୍କୁ, ଜଳଦ୍ୱାରା ଜଳଙ୍କୁ, ମୁଷଳ ଓ ଉଦୁଖଳରେ ବନସ୍ପତିଙ୍କୁ ବଳିଦେବ ।

**ଉଚ୍ଛିର୍ଷକେ ଶ୍ରିୟୈକୁର୍ଯ୍ୟାଦ୍ ଭଦ୍ରକାଳେ ଚ ପାଦତଃ ।**
**ବ୍ରହ୍ମାବାସ୍ତୋସ୍ପତିଭ୍ୟାନ୍ତୁ ବାସ୍ତୁମଧ୍ୟେ ବଳିଂ ହରେଦ୍ ।୮୯।**

ବାସ୍ତୁର ଶିର ପ୍ରଦେଶ ଛାତରେ ଶ୍ରୀ ସକାଶେ ଘରର ପାଦ ଅର୍ଥାତ୍ ଭୂମିରେ ଭଦ୍ରକାଳୀ ସକାଶେ, ବ୍ରହ୍ମା ଓ ବାସ୍ତୁପତିଙ୍କ ସକାଶେ ଘର ମଧ୍ୟରେ ବଳି ଦେବ ।

**ବିଶେଭ୍ୟଶ୍ଚୈବ ଦେବେଭ୍ୟୋ ବଳିମାକାଶ ଉତ୍‌କ୍ଷିପେତ୍ ।**
**ଦିବାଚରେଭ୍ୟୋ ଭୂତେଭ୍ୟୋ ନକ୍ତଞ୍ଚାରିଭ୍ୟ ଏବ ଚ ।୯୦।**

ସକଳ ଦେବତାଙ୍କ ସକାଶେ ତଥା ଦିବାଚର ଓ ରାତ୍ରିଚର ପ୍ରାଣିମାନଙ୍କ ସକାଶେ ବଳି ଆକାଶକୁ ପକାଇବ ।

**ପୃଷ୍ଠବାସ୍ତୁନି କର୍ବୀତ ବଳିଂ ସର୍ବାତ୍ମଭୂତୟେ ।**
**ପିତୃଭ୍ୟୋ ବଳିଶେଷନ୍ତୁ ସର୍ବଂ ଦକ୍ଷିଣତୋ ହରେତ୍ ।୯୧।**

ଘରର ପଛଆଡ଼କୁ ସର୍ବାତ୍ମଭୂତି ସକାଶେ ଏବଂ ଶେଷବଳି (ଅବଶିଷ୍ଟ ଅନ୍ନ) ପିତୃମାନଙ୍କ ସକାଶେ ଦକ୍ଷିଣ ଦିଗରେ ଦେବ ।

**ଶୁନାଞ୍ଚ ପତିତାନାଞ୍ଚ ଶ୍ୱପଚାଂ ପାପରୋଗିଣାମ୍ ।**
**ବାୟସାନାଂ କୃମୀଣାଞ୍ଚ ଶନକୈର୍ନିର୍ବପେଦ୍ ଭୁବି ।୯୨।**

କୁକୁର, ପତିତ, ଚଣ୍ଡାଳ, ପାପରୋଗୀ, କାଉ ତଥା କୀଟ ସକାଶେ ଧୂଳି ନ ଲାଗିଲା ଭଳି ଧୀରେ ଧୀରେ ଭୂମିରେ ଅନ୍ନ ପକାଇବ ।

**ଏବଂ ଯଃ ସର୍ବଭୂତାନି ବ୍ରାହ୍ମଣୋ ନିତ୍ୟମର୍ଚ୍ଚତି ।**
**ସ ଗଚ୍ଛତି ପରଂ ସ୍ଥାନଂ ତେଜୋମୂର୍ତ୍ତିଃ ପଥର୍ଜୁନା ।୯୩।**

ଏହିପରି ଯେଉଁ ବ୍ରାହ୍ମଣ ନିତ୍ୟ ସକଳ ପ୍ରାଣୀଙ୍କୁ ସତ୍କାର କରନ୍ତି ସେ ସିଧା ବାଟରେ ତେଜୋମୂର୍ତ୍ତିରେ ପରମଧାମକୁ ଗମନ କରନ୍ତି (ମୋକ୍ଷ ପ୍ରାପ୍ତ ହୁଅନ୍ତି) ।

**କୃତ୍ୱୈତଦ୍‌ବଳିକର୍ମୈ ବମତିଥିଂ ପୂର୍ବମାଶୟେତ୍ ।**
**ଭିକ୍ଷାଞ୍ଚ ଭିକ୍ଷବେ ଦଦ୍ୟାଦ୍ ବିଧିବଦ୍ ବ୍ରହ୍ମଚାରିଣେ ।୯୪।**

ଉକ୍ତ ରୂପ ବଳି କର୍ମ କରି ପ୍ରଥମେ ଅତିଥିଙ୍କୁ ଭୋଜନ କରାଇବ ଆଉ ବିଧିବତ୍ ବ୍ରହ୍ମଚାରୀ ଭିକ୍ଷୁକଙ୍କୁ ଭିକ୍ଷା ଦେବ ।

**ଯତ୍‌ପୁଣ୍ୟଫଳମାପ୍ନୋତି ଗାଂ ଦତ୍ତ୍ୱା ବିଧିବଦ୍‌ଗୁରୋଃ ।**
**ତତ୍‌ପୁଣ୍ୟଫଳମ ପ୍ନୋତି ଭିକ୍ଷାଂ ଦତ୍ତ୍ୱା ଦ୍ୱିଜୋ ଗୃହୀ ।୯୫।**

ଗୁରୁଙ୍କୁ ଗୋଦାନ କରି ଯେଉଁ ପୁଣ୍ୟ ଲାଭ ହୁଏ ଦ୍ୱିଜ ଗୃହସ୍ଥ ଭିକ୍ଷା ଦେଇ ସେହି ପୁଣ୍ୟ ଫଳ ଲାଭ କରେ ।

**ଭିକ୍ଷାମପ୍ୟୁଦପାତ୍ରଂ ବା ସତ୍କୃତ୍ୟ ବିଧିପୂର୍ବକମ୍ ।**
**ବେଦତତ୍ତ୍ୱାର୍ଥବିଦୁଷେ ବ୍ରାହ୍ମଣାୟୋପପାଦୟେତ୍ ।୯୬।**

ଭିକ୍ଷା ହେଉ ବା କେବଳ ଜଳପାତ୍ର ହେଉ ବେଦତତ୍ତ୍ୱାର୍ଥ ଜାଣୁଥିବା ବ୍ରାହ୍ମଣ ବିଧିପୂର୍ବକ ସତ୍କାର କରିଦେବ ।

**ନଶନ୍ତି ହବ୍ୟକବ୍ୟାନି ନରାଣାମବିଜାନତାମ୍ ।**
**ଭସ୍ମୀଭୂତେଷୁ ବିପ୍ରେଷୁ ମୋହଦତ୍ତାନି ଦାତୃଭିଃ ।୯୭।**

ଭସ୍ମୀଭୂତ (ଭଣ୍ଡ) ବ୍ରାହ୍ମଣଙ୍କୁ ଯେଉଁ ଅନଭିଜ୍ଞ ଲୋକ ଅଜ୍ଞାନରୁ ଦାନ କରନ୍ତି ତାଙ୍କ ପ୍ରଦତ୍ତ ହବ୍ୟକବ୍ୟ ସବୁ ନିଷ୍ଫଳ ହୁଏ ।

**ବିଦ୍ୟାତପଃସମୃଦ୍ଧେଷୁ ହୁତଂ ବିପ୍ରମୁଖାଗ୍ନିଷୁ ।**
**ବିସ୍ତାରୟତି ଦୁର୍ଗାଚ୍ଚ ମହତଶ୍ଚୈବ କିଲ୍ବିଷାତ୍ ।୯୮।**

ବିଦ୍ୟା ଓ ତପସ୍ତେଜସମ୍ପନ୍ନ ଅଗ୍ନିତୁଲ୍ୟ ବିପ୍ରମୁଖରେ ଯେଉଁ ଆହୁତି ଦିଆଯାଏ ସେହି ଦାନ ବିବିଧ ସଙ୍କଟ ମହତ୍ ପାପରୁ ଉଦ୍ଧାର କରେ ।

**ସଂପ୍ରାପ୍ତାୟ ତ୍ୱତିଥୟେ ପ୍ରଦଦ୍ୟାଦାସନୋଦକେ ।**
**ଅନ୍ନଞ୍ଚୈବ ଯଥାଶକ୍ତି ସତ୍‌କୃତ୍ୟ ବିଧିପୂର୍ବକମ୍ ।୯୯।**

ଅତିଥି ଆସିଲେ ତାଙ୍କୁ ଯଥାଶକ୍ତି ଆସନ, ଜଳ ଓ ଅନ୍ନ ବିଧିପୂର୍ବକ ସତ୍କାର କରି ଦେବ ।

**ଶିଳାନପ୍ୟୁଞ୍ଛତୋ ନିତ୍ୟଂ ପଞ୍ଚାଗ୍ନି ନପି ଜହ୍ୱତଃ ।**
**ସର୍ବଂ ସୁକୃତମାଦତ୍ତେ ବ୍ରାହ୍ମଣୋଽନର୍ଚ୍ଚିତୋ ବସନ୍ ।୧୦୦।**

ଉଞ୍ଛବୃତ୍ତିଜୀବୀ (କ୍ଷେତ୍ରରୁ ଧାନ ଗୋଟାଇ ବଞ୍ଚିବା) ଅଥବା ପଞ୍ଚାଗ୍ନିରେ ହୋମ କଲାଭଳି ଗୃହସ୍ଥ ଯେତେ ଦରିଦ୍ର ବା ଧନଶାଳୀ ହେଉ ବ୍ରାହ୍ମଣ ଅତିଥି ଘରେ ଅନାଦୃତହୋଇ ରହିଲେ ସବୁ ପୁଣ୍ୟ ନେଇଯାନ୍ତି ଅର୍ଥାତ୍ ସବୁ ସୁକୃତ ନଷ୍ଟ ହୁଏ ।

**ତୃଣାନି ଭୂମିରୁଦକଂ ବାକ୍‌ଚତୁର୍ଥୀଚ ସୂନୃତା ।**
**ଏତାନ୍ୟପି ସତାଂ ଗେହେ ନୋଚ୍ଛିଦ୍ୟନ୍ତେ କଦାଚନ ।୧୦୧।**

(ଅନ୍ନ ନ ଥିଲେ ସୁଦ୍ଧା ଦରିଦ୍ର) ସଜ୍ଜନ ଗୃହରେ (ଅତିଥି ସକାଶେ) କେବେ ତୃଣାସନ' (ବିଶ୍ରାମ ସକାଶେ) ସ୍ଥାନ, ଜଳ ଓ ପ୍ରିୟ ବଚନର ଅଭାବ ନ ଥାଏ ।

**ଏକରାତ୍ରନ୍ତୁ ନିବସନ୍ନତିଥିର୍ବ୍ରାହ୍ମଣଃ ସ୍ମୃତଃ ।**
**ଅନିତ୍ୟଂ ହି ସ୍ଥିତୋ ଯସ୍ମାତ୍ତସ୍ମାଦତିଥିରୁଚ୍ୟତେ ।୧୦୨।**

ଏକରାତ୍ରି ପରଗୃହରେ ରହିବା ବ୍ରାହ୍ମଣ ଅତିଥି ବୋଲାନ୍ତି, କାରଣ ନିତ୍ୟ ନ ରହନ୍ତି ବୋଲି ତାଙ୍କୁ ଅତିଥି ବୋଲାଯାଏ ।

**ନୈକଗ୍ରାମୀଣମତିଥିଂ ବିପ୍ରଂ ସାଙ୍ଗତିକଂ ତଥା ।**
**ଉପସ୍ଥିତଂ ଗୃହେ ବିଦ୍ୟାଦ୍ ଭାର୍ଯ୍ୟା ଯତ୍ରାଗ୍ନୟୋଽପିବା ।୧୦୩।**

ଏକ ଗ୍ରାମବାସୀ ସହାଧ୍ୟାୟୀ ବା ବିଚିତ୍ର ପରିହାସାଦି କଥାଜୀବୀ ବିପ୍ର ଭାର୍ଯ୍ୟା ବା ଅଗ୍ନିଯୁକ୍ତ ଗୃହରେ ଉପସ୍ଥିତ ହେଲେ ତାଙ୍କୁ ଅତିଥି ବୋଲା ନ ଯାଏ ।

**ଉପାସତେ ଯେ ଗୃହସ୍ଥାଃ ପରପାକମବୁଦ୍ଧୟଃ ।**
**ତେନ ତେ ପ୍ରେତ୍ୟ ପଶୁତାଂ ବ୍ରଜନ୍ତ୍ୟନ୍ନାଦିଦାୟିନାମ୍ ।୧୦୪।**

ପରପାକ ଭୋଜନରେ ଦୋଷ ନ ଜାଣି ଯେଉଁ ଗୃହସ୍ଥମାନେ ଆତିଥ୍ୟ ଲୋଭରେ ଗ୍ରାମାନ୍ତରେ ବୁଲନ୍ତି ସେମାନେ ଜନ୍ମାନ୍ତରରେ ଅନ୍ନଦାତାର ପଶୁହୁଅନ୍ତି ।

**ଅପ୍ରଣୋଦ୍ୟୋଽତିଥିଃସାୟଂ ସୂର୍ଯ୍ୟୋଢ଼ୋ ଗୃହମେଧିନା ।**
**କାଳେପ୍ରାପ୍ତସ୍ତ୍ୱକାଳେ ବା ନାସ୍ୟାନଶ୍ନନ୍ ଗୃହେ ବସନ୍ ।୧୦୫।**

ସାୟଂକାଳେ ବା ସୂର୍ଯ୍ୟାସ୍ତ ସମୟରେ (ଭୋଜନ) ସମୟରେ ଅଥବା (ଭୋଜନ ବଢ଼ିବା ପରେ) ଅସମୟରେ ଅତିଥି ଆସିଲେ ଗୃହସ୍ଥ ତାଙ୍କୁ ଉପବାସ ରଖିବେ ନାହିଁ ।

**ନ ବୈ ସ୍ୱୟଂତଦଶ୍ନୀୟାଦତିଥିଂ ଯନ୍ନ ଭୋଜୟେତ୍ ।**
**ଧନ୍ୟଂ ଯଶସ୍ୟମାୟୁଷ୍ୟଂ ସ୍ୱର୍ଗ୍ୟଂଚାତିଥିପୂଜନମ୍ ।୧୦୬।**

ଯାହା ଅତିଥିଙ୍କୁ ନ ଦେବ ତାହା ନିଜେ ଖାଇବ ନାହିଁ—ଏ ଅତିଥି ପୂଜନ ଦ୍ୱାରା ଧନ, ଯଶ, ଆୟୁ ତଥା ସ୍ୱର୍ଗ ଲାଭ ହୁଏ ।

**ଆସନାବସଥୌ ଶଯ୍ୟା ମନୁବଜ୍ୟାମୁପାସନାମ୍ ।**
**ଉତ୍ତମେଷୂତମଂ କୁର୍ଯ୍ୟାଦ୍ଧୀନେ ହୀନଂ ସମେ ସମମ୍ ।୧୦୭।**

ଆସନ, ସ୍ଥାନ, ଶଯ୍ୟା, ଅନୁଗମନ ଓ ଉପନିବେଶାଦି ଉପାସନା ଉତ୍ତମ ଅତିଥିଙ୍କୁ ଉତ୍ତମ, ହୀନକୁ ହୀନ ସମାନକୁ ସମାନଭାବେ କରିବ ।

**ବିଶ୍ୱଦେବେ ତୁ ନିର୍ବୃତ୍ତେ ଯଦ୍ୟନ୍ୟୋଽତିଥିରାବ୍ରଜେତ୍ ।**
**ତସ୍ୟାପ୍ୟନ୍ନଂ ଯଥାଶକ୍ତି ପ୍ରଦଦ୍ୟାନ୍ନ ପ୍ରଦଦ୍ୟାନ୍ନ ବଳିଂ ହରେତ୍ ।୧୦୮।**

ବିଶ୍ୱଦେବ ଗଲା ଉତ୍ତାରୁ ଅନ୍ୟ ଅତିଥି ଆସିଲେ ତାଙ୍କୁ ସୁଦ୍ଧା ଅନ୍ନ ଦେବ ଏବଂ ଆବଶ୍ୟକମତେ ପୁନଃ ପାକ କରିବ ।

**ନ ଭୋଜନାର୍ଥଂ ସ୍ୱେ ବିପ୍ରଃ କୁଳଗୋତ୍ରେ ନିବେଦୟେତ୍ ।**
**ଭୋଜନାର୍ଥେ ହି ତେ ଶଂସନ୍ୱାନ୍ତଶୀତ୍ୟୁଚ୍ୟତେ ବୁଧୈଃ ।୧୦୯।**

ଭୋଜନ ସକାଶେ ବିପ୍ର କେବେହେଁ ଆପଣାର କୁଳଗୋତ୍ର କହିବେ ନାହିଁ । ଭୋଜନ ସକାଶେ ଯେ ଆପଣାର କୁଳଗୋତ୍ରର ପ୍ରଶଂସା କରେ ପଣ୍ଡିତମାନେ ତାକୁ ବାନ୍ତାଶୀ (ବମନ ବା ବାନ୍ତିଭୋଜୀ) ବୋଲନ୍ତି ।

**ନ ବ୍ରାହ୍ମଣସ୍ୟ ତ୍ୱତିଥିର୍ଗୃହେ ରାଜନ୍ୟ ଉଚ୍ୟତେ ।**
**ବୈଶ୍ୟଶୂଦ୍ରୌ ସଖା ଚୈବ ଜ୍ଞାତୟୋ ଗୁରୁରେବ ଚ ।୧୧୦।**

ବ୍ରାହ୍ମଣର ଘରେ କ୍ଷତ୍ରିୟ ଅତିଥି ହେବ ନାହିଁ ଏବଂ ବୈଶ୍ୟ, ଶୂଦ୍ର, ସଖା କଥା ଗୁରୁ ସୁଦ୍ଧା ଅତିଥି ବୋଲା ନ ଯାନ୍ତି ।

**ଯଦି ତ୍ୱତିଥିଧର୍ମେଣ କ୍ଷତ୍ରିୟେ ଗୃହମାବ୍ରଜେତ୍ ।**
**ଭୁକ୍ତବତ୍ସୁକ୍ତିବିପ୍ରେଷୁକାମଂ ତମପି ଭୋଜୟେତ୍ ।୧୧୧।**

ଯଦି ଅତିଥିଧର୍ମରେ କ୍ଷତ୍ରିୟ ଉକ୍ତ ବ୍ରାହ୍ମଣ ଭୋଜନ ସମୟରେ ବ୍ରାହ୍ମଣର ଘରେ ଉପସ୍ଥିତ ହୁଏ, ତେବେ ବ୍ରାହ୍ମଣମାନଙ୍କର ଭୋଜନ ଉତ୍ତାରୁ ତାକୁ ଇଚ୍ଛା ହେଲେ ଖୁଆଇବ ।

**ବୈଶ୍ୟଶୂଦ୍ରାବପି ପ୍ରାପ୍ତୌ କୁଟୁମ୍ବେଽତିଥି ଧର୍ମିଣୌ ।**
**ଭୋଜୟେତ୍ ସହଭୃତ୍ୟୈସ୍ତାବାନୃଶଂସ୍ୟ ପ୍ରୟୋଜୟନ୍ ।୧୧୨।**

ଯଦି ବ୍ରାହ୍ମଣର କୁଟୁମ୍ବ ଗୃହରେ ବୈଶ୍ୟ ଓ ଶୂଦ୍ର ସୁଦ୍ଧା ଅତିଥିରୂପେ ଉପସ୍ଥିତ ହୁଅନ୍ତି ତେବେ ଅନୁକମ୍ପା ସହିତ ତାଙ୍କୁ ସୁଦ୍ଧା ଭୃତ୍ୟମାନଙ୍କ ସଙ୍ଗେ ଖୁଆଇବ ।

**ଇତରାନପି ସଖ୍ୟାଦୀନ୍ ସଂପ୍ରୀତ୍ୟା ଗୃହମାଗତାନ୍ ।**
**ସତ୍କୃତ୍ୟ ନ୍ନଂ ଯଥାଶକ୍ତି ଭୋଜୟେତ୍ ସହଭାର୍ଯ୍ୟାୟା ।୧୧୩।**

କ୍ଷତ୍ରିୟାଦିର ଅତିରିକ୍ତ ମିତ୍ରାଦି ପ୍ରୀତିପୂର୍ବକ ଘରକୁ ଆସିଲେ ସେମାନଙ୍କୁ ଯଥାଶକ୍ତି ସତ୍କାର କରି ଭାର୍ଯ୍ୟାସଙ୍ଗେ ଭୋଜନ କରାଇବ ।

**ସୁବାସିନୀଃ କୁମାରୀଶ୍ଚ ରୋଗିଣୋ ଗର୍ଭିଣୀଃସ୍ତ୍ରୀୟଃ ।**
**ଅତିଥିଭ୍ୟୋଽଗ୍ରଏବେ ତାନ୍ ଭୋଜୟେଦବିଚାରୟନ୍ ।୧୧୪।**

ନବ ବିବାହିତା ସ୍ତ୍ରୀ, କୁମାରୀ, ରୋଗୀ ତଥା ଗର୍ଭବତୀ ସ୍ତ୍ରୀ ଘରକୁ ଆସିଲେ ଏମାନଙ୍କୁ କୌଣସି ବିଚାର ନ କରି ଅତିଥିଙ୍କୁ ଆଗେ ଖୁଆଇବ ।

**ଅଦତ୍ତ୍ୱା ତୁ ଯ ଏତେଭ୍ୟଃ ପୂର୍ବଂ ଭୂଙ୍କ୍ତେଽବିଚକ୍ଷଣଃ ।**
**ସ ଭୁଞ୍ଜାନୋ ନ ଜାନାତି ଶଗୃଧ୍ରୈର୍ଜଗ୍ଧିମାତ୍ମନଃ ।୧୧୫।**

ଯେ ମୂର୍ଖ ଏମାନଙ୍କୁ ଆଗେ ନ ଦେଇ ଭୋଜନ କରେ ସେ ଜାଣେନାହିଁ ଯେ ମରଣାନ୍ତେ ତାହାର ଦେହ କୁକୁର ଶାଗୁଣା ଖାଇବେ ।

**ଭୁକ୍ତବତ୍ସ୍ୱର୍ଥ ବିପ୍ରେଷୁସ୍ୱେଷୁ ଭୃତେଷୁ ଚୈବ ହି ।**
**ଭୁଞ୍ଜୀୟାତାଂ ତତଃ ପଶ୍ଚାଦବଶିଷ୍ଟଂ ତୁ ଦମ୍ପତୀ ।୧୧୬।**

ବିପ୍ର, ଜ୍ଞାତି ଏ ଭୃତ୍ୟମାନେ ଖାଇବା ଉତ୍ତାରୁ ପଛେ ଗୃହସ୍ଥ ଓ ତା'ର ସ୍ତ୍ରୀ ଭୋଜନ କରିବ ।

**ଦେବାନୃଷୀନ୍ମନୁଷ୍ୟାଂଶ୍ଚ ପିତୃନ୍ ଗୃହ୍ୟାଶ୍ଚ ଦେବତାଃ ।**
**ପୂଜୟିତ୍ୱାଂ ତତଃ ପଶ୍ଚାଦଗୃହସ୍ଥଃ ଶେଷଭୂଗ୍ଭବେତ୍ ।୧୧୭।**

ଦେବଗଣ, ଋଷିଗଣ, ମନୁଷ୍ୟଗଣ ଓ ଗୃହ୍ୟୋକ୍ତ ଦେବତା ସମସ୍ତଙ୍କୁ ଅନ୍ନାଦି ଦ୍ୱାରା ପୂଜାକରି ପଶ୍ଚାଦ୍ ଗୃହସ୍ଥ ଅବଶିଷ୍ଟ ଅନ୍ନ ଭୋଜନ କରିବା କର୍ତ୍ତବ୍ୟ ।

**ଅଘଂ ସ କେବଳଂ ଭୁଙ୍କ୍ତେ ଯଃ ପଚତ୍ୟାତ୍ମକରଣାତ୍ ।**
**ଯଜ୍ଞଶିଷ୍ଟାଶନଂ ହ୍ୟେତତ୍ ସତାମନ୍ନଂ ବିଧୀୟତେ ।୧୧୮।**

ଯେ ଖାଲି ଆପଣାପାଇଁ ଅନ୍ନ ପାକକରେ ସେ ଖାଲି ପାପଖାଏ । ଯଜ୍ଞାବଶେଷ ଭୋଜନହିଁ ସଜ୍ଜନମାନଙ୍କର ଭୋଜନ ଅଟେ ।

**ରାଜର୍ତ୍ୱିକ୍ ସ୍ନାତକଗୁରୁନ୍ ପ୍ରିୟଶ୍ୱଶୁରମାତୁଳାନ୍ ।**
**ଅର୍ହୟେନ୍ମଧୁପର୍କେଣ ପରିସଂବତ୍ସରାତ୍ ପୁନଃ ।୧୧୯।**

ରାଜା, ଋତ୍ୱିକ୍, (ପୁରୋହିତ) ସ୍ନାତକ, ଗୁରୁ ପ୍ରିୟଜନ ବା ଜାମାତା ଶ୍ୱଶୁର, ମାମୁଁ. ଏମାନେ ଏକବର୍ଷ ପରେ ଘରକୁ ଆସିଲେ ମଧୁପର୍କ ଦ୍ୱାରା ପୂଜା କରିବ ।

**ରାଜା ଚ ଶ୍ରୋତ୍ରିୟଶ୍ଚୈବ ଯଜ୍ଞକର୍ମଣ୍ୟୁପସ୍ଥିତୌ ।**
**ମଧୁପର୍କେଣ ସଂପୂଜ୍ୟୌ ନ ତ୍ୱଯଜ୍ଞ ଇତି ସ୍ଥିତିଃ ।୧୨୦।**

ରାଜା ଓ ସ୍ନାତକ ସମ୍ବତ୍ସର ମଧ୍ୟରେ ସୁଦ୍ଧା ଯଜ୍ଞକର୍ମବେଳେ ଉପସ୍ଥିତହେଲେ ମଧୁପର୍କ ଦ୍ୱାରା ପୂଜା କରିବ–ଅନ୍ୟବେଳେ କରିବ ନାହିଁ ।

**ସାୟଂ ତ୍ୱନ୍ନସ୍ୟ ସିଦ୍ଧସ୍ୟ ପତ୍ନ୍ୟମନ୍ତ୍ରଂ ବଳିଂ ହରେତ୍ ।**
**ବୈଶ୍ୱଦେବଂ ହି ନାମୈତତ୍ ସାୟଂପ୍ରାତର୍ବିଧୀୟତେ ।୧୨୫।**

ସଞ୍ଜବେଳେ ରନ୍ଧା ହେଲେ ସ୍ତ୍ରୀ ବିନା ମନ୍ତ୍ରରେ ବଳି ପ୍ରଦାନ କରିବ ; କାରଣ ବୈଶ୍ୱଦେବ ନାମକ ବଳି ଅନ୍ନସାଧ୍ୟ ଏବଂ ତାହା ସଞ୍ଜସକାଳ କରିବା କର୍ତ୍ତବ୍ୟ ।

**ପିତୃଯଜ୍ଞଂ ତୁ ନିର୍ବର୍ତ୍ତ୍ୟ ବିପ୍ରଶ୍ଚେନ୍ଦୁକ୍ଷୟେଽଗ୍ନିମାନ୍ ।**
**ପିଣ୍ଡାନ୍ବାହାର୍ଯ୍ୟକଂ ଶ୍ରାଦ୍ଧଂ କୁର୍ଯ୍ୟାନ୍ମାସାନୁମାସକମ୍ ।୧୨୨। ⁂**

ଅଗ୍ନିହୋତ୍ରୀ ଅମାବାସ୍ୟାରେ ପିତୃଯଜ୍ଞ କରି ପ୍ରତିମାସରେ ''ପିଣ୍ଡାନ୍ୱାହାର୍ଯ୍ୟକ'' ଶ୍ରାଦ୍ଧ କରିବେ ।

**ପିତୃଣାଂ ମାସିକଂ ଶ୍ରାଦ୍ଧମନ୍ୱାହାର୍ଯ୍ୟଂ ବିଦୁର୍ବୁଧାଃ ।**
**ତଚ୍ଚାମିଷେଣ କର୍ତ୍ତବ୍ୟଂ ପ୍ରଶସ୍ତେନ ପ୍ରଯତ୍ନତଃ ।୧୨୩।**

ପିତୃମାନଙ୍କର ମାସିକ ଶ୍ରାଦ୍ଧକୁ ପଣ୍ଡିତମାନେ ଅନ୍ୱାହାର୍ଯ୍ୟ ବୋଲନ୍ତି । ଏହି ଶ୍ରାଦ୍ଧ ଯତ୍ନପୂର୍ବକ ବା ସର୍ବଥା ଉତ୍ତମ ଆମିଷ (ମାଂସ) ଦ୍ୱାରା କରିବ ।

**ତତ୍ର ଯେ ଭୋଜନୀୟାଃ ସ୍ୟୁର୍ଯେଚ ବର୍ଜ୍ୟା ଦ୍ୱିଜୋତ୍ତମାଃ ।**
**ଯାବନ୍ତଶ୍ଚୈବ ଯୈଶ୍ଚାନ୍ନୈସ୍ତାନ୍ ପ୍ରବକ୍ଷ୍ୟାମ୍ୟଶେଷତଃ ।୧୨୪।**

ସେହି ଶ୍ରାଦ୍ଧରେ ଯେଉଁ ବ୍ରାହ୍ମଣକୁ ଭୋଜନ କରାଇବ, ଯାହାକୁ ଛାଡ଼ିବ, ଯେତେ ବ୍ରାହ୍ମଣ ଭୋଜନ କରାଇବ ଓ ଯେରୂପ ଅନ୍ନ ଖୁଆଇବ, ହେ ଦ୍ୱିଜଶ୍ରେଷ୍ଠମାନେ ! ତାହା ତୁମ୍ଭମାନଙ୍କୁ କହୁଅଛୁଁ ।

**ଦ୍ୱୌ ଦୈବେ ପିତୃକାର୍ଯ୍ୟେ ତ୍ରୀନେକୈକମୁଭୟତ୍ର ବା ।**
**ଭୋଜୟେତ୍ ସୁସମୃଦ୍ଧୋଽପି ନ ପ୍ରସଜ୍ଜେତ ବିସ୍ତରେ ।୧୨୫।**

ଦୈବଶ୍ରାଦ୍ଧରେ ଦୁଇ, ପିତୃଶ୍ରାଦ୍ଧରେ ତିନି ଅଥବା ଉଭୟ ଶ୍ରାଦ୍ଧରେ ଜଣେ ଜଣେ ବ୍ରାହ୍ମଣ ଖୁଆଇବ । ସମୃଦ୍ଧିଶାଳୀ ହେଲେ ସୁଦ୍ଧା ବିସ୍ତାର ବ୍ରାହ୍ମଣ ଭୋଜନର ପ୍ରଶକ୍ତି କରିବେ ନାହିଁ ।

**ସତ୍କ୍ରିୟାଂ ଦେଶକାଲୌ ଚ ଶୌଚଂ ବ୍ରାହ୍ମଣସମ୍ପଦଃ ।**
**ପଞ୍ଚୈତାନ୍ ବିସ୍ତରୋହନ୍ତି ତସ୍ମାନ୍ନେହେତ ବିସ୍ତରମ୍ ।୧୨୬।**

ବ୍ରାହ୍ମଣବାହୁଲ୍ୟ ହେଲେ ସେମାନଙ୍କର ସେବା, ଦେଶକାଳ ଓ ଶୁଦ୍ଧାଶୁଦ୍ଧ ବିଚାର ସମ୍ବନ୍ଧରେ ବିଘ୍ନ ଅଟେ । ଏ ହେତୁ ବ୍ରାହ୍ମଣବାହୁଲ୍ୟ କରିବ ନାହିଁ ।

**ପ୍ରଥିତା ପ୍ରେତକୃତ୍ୟୈଷା ପିତ୍ର୍ୟଂ ନାମ ବିଧୁକ୍ଷୟେ ।**
**ତସ୍ମିନ୍ ଯୁକ୍ତସ୍ୟୈତି ନିତ୍ୟଂ ପ୍ରେତକୃତ୍ୟୈବ ଲୌକିକୀ ।୧୨୭।**

ପ୍ରତି ଅମାବାସ୍ୟାରେ ପ୍ରେତକୃତ୍ୟ କରିବାର ନାମ ପିତୃକର୍ମ । ଯେ ପିତୃକାର୍ଯ୍ୟରେ ନିଯୁକ୍ତ ଥାନ୍ତି ତାଙ୍କର ନିତ୍ୟ ଧନଧାନ୍ୟାଦି ଲୌକିକ ସମ୍ପଦ ଲାଭହୁଏ ।

---

⁂ ଏ ଶ୍ଳୋକ ପ୍ରକ୍ଷିପ୍ତ ଏବଂ କୌଣସି ସ୍ଥାନରେ 'ଇନ୍ଦୁ' ସ୍ଥାନରେ 'ଚନ୍ଦ୍ର' ଅଛି । ରାମଚନ୍ଦ୍ର ଟୀକାକାର ଏହାପରେ ଆଉ ଗୋଟିଏ ଶ୍ଳୋକ ଲେଖି ବ୍ୟାଖ୍ୟା କରି ଅଛନ୍ତି, ଯଥା—

ନ ନିର୍ବପତି ଯଃ ଶ୍ରାଦ୍ଧଂ ସମୀତପିତୃକୋ ଦ୍ୱିଜଃ ।
ଇନ୍ଦୁକ୍ଷୟେ ମାସି ମାସି ପ୍ରାୟଶ୍ଚିତ୍ତ ଭବେତ୍ତୁ ସଃ ।

ପିତୃମାତୃ ହୀନ ଯେଉଁ ଦ୍ୱିଜ ପ୍ରତିମାସ ଅମାବାସ୍ୟାଶ୍ରାଦ୍ଧ ନ କରେ ସେ ପ୍ରାୟଶ୍ଚିତ ଯୋଗ୍ୟ ଅଟେ ।

⁂ କୌଣସି କୌଣସି ସ୍ଥାନରେ 'ପ୍ରଯତ୍ନତଃ' ସ୍ଥାନରେ 'ସମନ୍ତତଃ' ଅଛି ।

**ଶୌତ୍ରିୟାୟୈ ବଦେୟାନି ହବ୍ୟକବ୍ୟାନି ଦାତୃଭିଃ ।**
**ଅର୍ହତ୍ତମାୟ ବିପ୍ରାୟ ତସ୍ମୈଦତ୍ତଂ ମହାଫଳମ୍ ।୧୨୮।**

ଶୋତ୍ରିୟଙ୍କୁ ଓ ଅଧିକ ପୂଜ୍ୟ ବିପ୍ରଙ୍କୁ ଦାତା ହବ୍ୟକବ୍ୟ ଦେବେ ଏବଂ ତାହାହେଲେ ମହାଫଳ ପାଇବେ ।

**ଏକୈକମପି ବିଦ୍ୱାସଂ ଦୈବେ ପିତ୍ର୍ୟେ ଚ ଭୋଜୟେତ୍ ।**
**ପୁଷ୍କଳଂ ଫଳମାପ୍ନୋତି ନାମନ୍ତ୍ରଜ୍ଞାନ୍ ବହୂନପି ।୧୨୯।**

ଦୈବକର୍ମ (ଯଜ୍ଞାଦି) ଓ ପିତୃକର୍ମ (ଶ୍ରାଦ୍ଧ) ରେ ଜଣେ ବିଦ୍ୱାନ୍ ବ୍ରାହ୍ମଣକୁ ଭୋଜନ କରାଇଲେ ବହୁଫଳ ଲାଭହୁଏ, ଅନେକ ମୂର୍ଖ ବ୍ରାହ୍ମଣକୁ ଖୁଆଇଲେ ତାହା ମିଳେ ନାହିଁ ।

**ଦୂରାଦେବ ପରୀକ୍ଷେତ ବ୍ରାହ୍ମଣଂ ବେଦପାରଗମ୍ ।**
**ତୀର୍ଥଂ ତଦ୍ଧବ୍ୟକବ୍ୟାନାଂ ପ୍ରଦାନେ ସୋଽତିଥିଃ ସ୍ମୃତ ।୧୩୦।**

ବେଦପାରଗ ବ୍ରାହ୍ମଣର ଅତିଦୂର ପର୍ଯ୍ୟନ୍ତ ଅନୁସନ୍ଧାନ କରି ପରୀକ୍ଷା କରିବ, ସେ ହବ୍ୟକବ୍ୟର ପାତ୍ର ଏବଂ ତାକୁ ହବ୍ୟକବ୍ୟ ଦେଲେ ଅତିଥିସେବାରୂପ ମହାଫଳ ମିଳେ ।

**ସହସ୍ରଂ ହି ସହସ୍ରାଣାମନୃଚାଂ ଯତ୍ର ଭୁଞ୍ଜତେ ।**
**ଏକସ୍ତାନ ମନ୍ତ୍ରବିତ୍ପ୍ରୀତଃ ସର୍ବାନର୍ହତି ଧର୍ମତଃ ।୧୩୧।**

ବେଦାନଭିଜ୍ଞ ଦଶଲକ୍ଷ ବ୍ରାହ୍ମଣ ଯେଉଁ ଶ୍ରାଦ୍ଧରେ ଭୋଜନ କରନ୍ତି, ସେଠାରେ ଜଣେ ବେଦଜ୍ଞ ବ୍ରାହ୍ମଣ ଭୋଜନାଦି ଦ୍ୱାରା ପ୍ରୀତ ହେଲେ ଧର୍ମତଃ ସମାନ ଫଳ ମିଳେ ।

**ଜ୍ଞାନୋତ୍କୃଷ୍ଟାୟ ଦେୟାନି କବ୍ୟାନି ଚ ହବୀଂଷି ଚ ।**
**ନ ହି ହସ୍ତାବସୃଗ୍‌ଦିଗ୍‌ଧୌ ରୁଧିରେଣ ବା ଶୁଦ୍ଧ୍ୟତଃ ।୧୩୨।**

ଜ୍ଞାନୋତ୍କୃଷ୍ଟଙ୍କୁ ହିଁ ହବ୍ୟକବ୍ୟ ଦେବା ଉଚିତ; କାରଣ ରକ୍ତାକ୍ତ ହସ୍ତରକ୍ତଦ୍ୱାରା ଧୋଇଲେ ଶୁଦ୍ଧ ହୁଏ ନାହିଁ ।

**ଯାବତୋ ଗ୍ରାସତେ ତାସାନ୍ ହବ୍ୟକବ୍ୟେଷ୍ୱ ମନ୍ତ୍ରବିତ୍ ।**
**ତାବତୋ ପ୍ରସତ୍ୟେ ପ୍ରେତ୍ୟ ଦୀପ୍ତାନ୍ ଶୂଳାନୟୋଗୁଡ଼ାନ୍ ।୧୩୩। ❋**

ବେଦାନଭିଜ୍ଞ ଯେତେ ଗ୍ରାସ ହବ୍ୟକବ୍ୟ ଭୋଜନ କରନ୍ତି ମଲାପରେ ତେତେ ଗ୍ରାସ ଉତ୍ତପ୍ତ ଲୌହପିଣ୍ଡ ଖାଇବାକୁ ହୁଏ ।

**ଜ୍ଞାନନିଷ୍ଠା ଦ୍ୱିଜାଃ କେଚିତ୍ତପୋନିଷ୍ଠାସ୍ତଥାପରେ ।**
**ତପଃସ୍ୱାଧ୍ୟାୟନିଷ୍ଠାଶ୍ଚ କର୍ମନିଷ୍ଠାସ୍ତଥାପରେ ।୧୩୪।**

ଦ୍ୱିଜମାନଙ୍କ ମଧ୍ୟରେ କେହି ଆତ୍ମଜ୍ଞାନ ପରାୟଣ ଆଉ ତପସ୍ୟାନିଷ୍ଠ, ପୁଣି କେହି ତପସ୍ୟା ଓ ଅଧ୍ୟୟନରତ ଅଟନ୍ତି, ଆଉ କେହି ଯଜ୍ଞାଦି କର୍ମରେ ତତ୍ପର ହୁଅନ୍ତି ।

**ଜ୍ଞାନନିଷ୍ଠେଷୁ କବ୍ୟାନି ପ୍ରତିଷ୍ଠାପ୍ୟାଚି ଯତ୍ନତଃ ।**
**ହବ୍ୟାନି ତୁ ଯଥାନ୍ୟାୟଂ ସର୍ବେଷ୍ୱେବ ଚତୁର୍ଷ୍ୱପି ।୧୩୫।**

---

❋କୌଣସି ୨ ସ୍ଥାନରେ 'ଶୂଳାନୟୋ' ସ୍ଥାନରେ 'ଶୁଳାଷ୍ଟ୍ୟୋ' ଅଛି ।

ଜ୍ଞାନନିଷ୍ଠଙ୍କୁ ପିତୃଶ୍ରାଦ୍ଧରେ ଯତ୍ନପୂର୍ବକ ଭୋଜନ କରାଇବ ଏବଂ ଦେବଯଜ୍ଞରେ ଯଥା ନ୍ୟାୟ ଚାରିପ୍ରକାର ବ୍ରାହ୍ମଣଙ୍କୁ ଭୋଜନ ଦିଆଯାଇପାରେ ।

**ଅଶ୍ରୋତ୍ରିୟଃ ପିତା ଯସ୍ୟ ପୁତ୍ରଃ ସ୍ୟାଦ ବେଦପାରଗଃ ।**
**ଅଶ୍ରୋତ୍ରିୟୋ ବା ପୁତ୍ର ସ୍ୟାତ୍ ପିତା ସ୍ୟାଦ୍ ବେଦପାରଗଃ ।୧୩୬।**

ଯାହାର ପିତା ବେଦାନଭିଜ୍ଞ ଓ ପୁତ୍ର ବେଦଜ୍ଞ ଆଉ ଯାହାର ପୁତ୍ର ବେଦାନଭିଜ୍ଞ ଓ ପିତା ବେଦଜ୍ଞ ।

**ଜ୍ୟାୟାଂ ସମନୟୋର୍ବିଦ୍ୟାଦ୍ ଯସ୍ୟ ସ୍ୟାଚ୍ଛ୍ରୋତ୍ରିୟଃ ପିତା ।**
**ମନ୍ତ୍ରସଂପୂଜନାର୍ଥନ୍ତୁ ସତ୍କାରମିତରୋଽର୍ହତି ।୧୩୭।**

ତହିଁ ମଧ୍ୟରେ ଯାହାର ପିତା ବେଦଜ୍ଞ ସେ ଶ୍ରେଷ୍ଠ ବେଦମର୍ଯ୍ୟାଦା ହେତୁ ଅପର ମଧ୍ୟ ପୂଜ୍ୟ ଅଟେ ।

**ନ ଶ୍ରାଦ୍ଧେ ଭୋଜୟେନ୍ମିତ୍ରଂ ଧନୈଃ କାର୍ଯ୍ୟୋଽସ୍ୟ ସଂଗ୍ରହଃ ।**
**ନାରୀଂ ନ ମିତ୍ରଂ ଯଂ ବିଦ୍ୟାତ୍ତଂ ଶ୍ରାଦ୍ଧେ ଭୋଜୟେଦ୍ଦ୍ୱିଜମ୍ ।୧୩୮।**

ଶ୍ରାଦ୍ଧରେ ମିତ୍ରକୁ ଭୋଜନ କରାଇବ ନାହିଁ । ଏହାଙ୍କ ସତ୍କାର ଧନଦ୍ୱାରା କରିବ । ଯେ ଶତ୍ରୁ ନୁହେଁ କି ମିତ୍ର ନୁହେଁ ଏମନ୍ତ ଦ୍ୱିଜକୁ ଶ୍ରାଦ୍ଧରେ ଭୋଜନକରାଇବ ।

**ଯସ୍ୟ ମିତ୍ରପ୍ରଧାନାନି ଶ୍ରାଦ୍ଧାନି ଚ ହବୀଂଷି ଚ ।**
**ତସ୍ୟ ପ୍ରେତ୍ୟଫଳଂ ନାସ୍ତି ଶ୍ରାଦ୍ଧେଷୁ ଚ ହବିଃଷୁ ଚ ।୧୩୯।**

ଯାହାର ଶ୍ରାଦ୍ଧ ଓ ହବି ପ୍ରଧାନତଃ ମିତ୍ର ଭୋଜନ କରେ ତାହାର ଶ୍ରାଦ୍ଧରେ ବା ଯଜ୍ଞରେ ପାରଲୌକିକ ଫଳଲାଭ ହୁଏ ନାହିଁ ।

**ଯଃ ସଙ୍ଗତାନି କୁରୁତେ ମୋହଚ୍ଛ୍ରାଦ୍ଧେନ ମାନବଃ ।**
**ସ ସ୍ୱର୍ଗ ଚ୍ୟବ୍ୟତେ ଲୋକାଚ୍ଛ୍ରାଦ୍ଧମିତ୍ରୋ ଦ୍ୱିଜାଧମଃ ।୧୪୦।**

ଯେ ମନୁଷ୍ୟ ଅଜ୍ଞାତବଶରୁ ଶ୍ରଦ୍ଧାଦ୍ୱାରା ମିତ୍ରତା କରେ ସେ ଅଧମ ଶ୍ରାଦ୍ଧମିତ୍ର ଦ୍ୱିଜଃ ସ୍ୱର୍ଗଲୋକରୁ ପତିତ ହୁଏ (ସୁଖାଧିକାରୀ ହୁଏ ନାହିଁ) ।

**ସଂଭୋଜନୀ ଯାଭିହିତା ପୈଶାଚୀ ଦକ୍ଷିଣାଦ୍ୱିଜୈଃ ।**
**ଇହୈବାସ୍ତେ ତୁ ସାଲୋକେଗୌରନ୍ଧେବୈକବେଶ୍ମନି ।୧୪୧। ***

ଦ୍ୱିଜଗଣକର୍ତ୍ତୃକ ମିତ୍ରସାଧନ ରୂପ ଯେ ଗୋଷ୍ଠୀଭୋଜନ ତାହାକୁ ପୈଶାଚ ଧର୍ମ ବୋଲି । ଅନ୍ଧ ଗାଭୀ ଏକଘରେ ଆବଦ୍ଧ ଥିଲାପରି ଏ ରୂପ ଭୋଜନ ଦାନରେ ଇହଲୋକରେ କେବଳ ମିତ୍ରାଦିସଂଗ୍ରହରୂପ ଉପକାର ହୁଏ—ପାରଲୌକିକ ଉପକାର କିଛି ନାହିଁ ।

**ଯଥାରଣେ ବୀଜମୁପ୍ତ୍ୱା ନ ବପ୍ତା ଲଭତେ ଫଳମ୍ ।**
**ତଥାନୃଚେ ହବିର୍ଦ୍ଦତ୍ତ୍ୱା ନ ଦାତା ଲଭତେ ଫଳମ୍ ।୧୪୨।**

ଯେପରି ଲୁଣାଭୂମିରେ ବୀଜ ବୁଣି, ବୁଣିବା ଲୋକ ଫଳପାଏ ନାହିଁ; ସେହିପରି ବେଦ ପଢ଼ି ନଥିବା ଦ୍ୱିଜକୁ ହବି ଦେଇ ଦାତା କିଛି ଫଳପାଏ ନାହିଁ ।

**ଦାତୃନ୍ ପ୍ରତିଗୃହୀତୃଂଶ୍ଚ କୁରୁତେ ଫଳଭାଗିନଃ ।**
**ବିଦୁଷେ ଦକ୍ଷିଣାଂ ଦତ୍ତ୍ୱା ବିଧିବଦ୍ ଚେହଚ ।୧୪୩।**

* କୌଣସି ପାଠରେ 'ଯା' ସ୍ଥାନରେ 'ସା' ଅଛି ।

ବିଦ୍ୱାନ ଦ୍ୱିଜଙ୍କୁ ବିଧିବତ୍ ଦାନ ଦେଲେ ଦାତା ଓ ପ୍ରତିଗ୍ରହୀତା ଦୁହେଁ ଇହଲୋକ ଓ ପରଲୋକର ଫଳଭାଗୀ ହୁଅନ୍ତି ।

**କାମଂ ଶ୍ରାଦ୍ଧେଽର୍ଚ୍ଚୟେନ୍ମିତ୍ରଂ ନାଭିରୂପମପିତ୍ୱରିମ୍ ।**
**ଦ୍ୱିଷତାହି ହବିର୍ଭୁକ୍ତଂ ଭବତି ପ୍ରେତ୍ୟ ନିଷ୍ଫଳମ୍ ।୧୪୪।**

ଇଚ୍ଛା ହେଲେ ଶ୍ରାଦ୍ଧରେ ବରଂ ମିତ୍ରକୁ ଭୋଜନ କରାଇବ ମାତ୍ର ଶତ୍ରୁ ବିଦ୍ୱାନ ହେଲେହେଁ ତାକୁ ଭୋଜନ କରାଇବ ନାହିଁ ; କାରଣ ଦ୍ୱେଷଭାବବହି ଯେଉଁ ହବିଭୁକ୍ତ ହୁଏ ତାହା ପରଲୋକ ଫଳ ପ୍ରତି ନିଷ୍ଫଳ ।

**ଯତ୍ନେନ ଭୋଜୟେଚ୍ଛ୍ରାଦ୍ଧେ ବହ୍ୱୃଚଂ ବେଦପାରଗମ୍ ।**
**ଶାଖାନ୍ତଗମଥାଧ୍ୱର୍ଯ୍ୟୁଂ ଛନ୍ଦୋଗନ୍ତୁ ସମାପ୍ତିକମ୍ ।୧୪୫।**

ଶ୍ରାଦ୍ଧରେ ବେଦପାରଗ ପୂର୍ଣ୍ଣ ଋଗ୍‌ବେଦୀଙ୍କୁ, ସଶାଖ ଯଜୁର୍ବେଦୀଙ୍କୁ ଯେ ସମ୍ପୂର୍ଣ୍ଣ ସାମବେଦ ପଢ଼ିଅଛନ୍ତି ଏବଂ ଯେ ବେଦ ସମାପ୍ତ କରିଅଛନ୍ତି ଏମନ୍ତ ବ୍ରାହ୍ମଣଙ୍କୁ ଯତ୍ନପୂର୍ବକ ଭୋଜନ କରାଇବ ।

**ଏଷାମନ୍ୟ ତମୋ ଯସ୍ୟ ଭୁଞ୍ଜୀତ ଶ୍ରାଦ୍ଧମର୍ଚ୍ଚିତଃ ।**
**ପିତୃଣାଂ ଯସ୍ୟ ତୃପ୍ତିଃ ସ୍ୟାଚ୍ଛାଶ୍ୱତୀ ସାପ୍ତପୌରୁଷୀ ।୧୪୬।**

ଏ ରୂପ ବ୍ରାହ୍ମଣରୁ ଜଣେ ବ୍ରାହ୍ମଣ ସମ୍ୟକ୍ ପୂଜିତ ହୋଇ ଯାହାର ଶ୍ରାଦ୍ଧରେ ଭୋଜନ କରନ୍ତି ତାହାର ସାତପୁରୁଷ ପିତୃଲୋକମାନେ ଚିରସ୍ଥାୟୀ ତୃପ୍ତି ଲାଭ କରନ୍ତି ।

**ଏଷ ବୈ ପ୍ରଥମଃ କଳ୍ପ ପ୍ରଦାନେ ହବ୍ୟକବ୍ୟୟୋଃ ।**
**ଅନୁକଳ୍ପସ୍ତ୍ୱୟଂ ଜ୍ଞେୟଂ ସଦା ସଦ୍ଭିରନୁଷ୍ଠିତଃ ।୧୪୭।**

ହବ୍ୟକବ୍ୟ ପ୍ରଦାନର ଏକ ମୁଖ୍ୟକଳ୍ପ ବୋଲାଗଲା । ଏଥିର ଅଭାବରେ ସଜ୍ଜନାନୁଷ୍ଠିତ ଅନୁକଳ୍ପ ବର୍ତ୍ତମାନ ବୋଲାଯାଉଅଛି ।

**ମାତାମହଂ ମାତୁଳଞ୍ଚ ସ୍ୱସ୍ରୀୟଂ ଶ୍ୱଶୁରଂ ଗୁରୁମ୍ ।**
**ଦୌହିତ୍ରଂ ବିଟ୍‌ପତିଂ ବନ୍ଧୁମୃତ୍ୱିଗ୍ ଯାଜ୍ୟୌଚ ଭୋଜୟେତ୍ ।୧୪୮।**

ମାତାମହ, ମାତୁଳ, ଭାଗିନେୟ, ଶ୍ୱଶୁର, ଗୁରୁ, ଦୌହିତ୍ର, ଜାମାତା, ପିଉସୀ ଓ ମାଉସୀର ପୁତ୍ରାଦି ବନ୍ଧୁ ପୁରୋହିତ ଓ ଶିଷ୍ୟଙ୍କୁ ଖୁଆଇବ ।

**ନ ବ୍ରାହ୍ମଣଃ ପରୀକ୍ଷତେ ଦୈବ କର୍ମଣ ଧର୍ମବିତ୍ ।**
**ପିତ୍ର୍ୟେ କର୍ମଣି ତୁ ପ୍ରାପ୍ତେ ପରୀକ୍ଷେତ ପ୍ରଯତ୍ନତଃ ।୧୪୯।**

ଧର୍ମଜ୍ଞ ଲୋକ ଦୈବକର୍ମ (ଯଜ୍ଞ)ରେ ଭୋଜନାର୍ଥ ବ୍ରାହ୍ମଣଙ୍କୁ ପରୀକ୍ଷା କରିବେ ନାହିଁ ; ମାତ୍ର ପିତୃକାର୍ଯ୍ୟ (ଶ୍ରାଦ୍ଧ)ରେ ସମାଗତ ବ୍ରାହ୍ମଣଙ୍କ ପରୀକ୍ଷା ଯତ୍ନପୂର୍ବକ କରିବା ଉଚିତ ।

**ଯେ ସ୍ତେନପତିତକ୍ଳୀବା ଯେ ଚ ନାସ୍ତିକବୃତ୍ତୟଃ ।**
**ତାନ୍ ହବ୍ୟକବ୍ୟୟୋର୍ବିପ୍ରାନର୍ହାନ୍ ମନୁରବ୍ରବୀତ୍ ।୧୫୦।**

ଯେଉଁମାନେ ଚୋର, ପତିତ (ମହାପାତକୀ), ନପୁଂସକ ଓ ନାସ୍ତିକବୃତ୍ତି ଧାରଣକାରୀ ସେ ବିପ୍ରମାନଙ୍କୁ ମନୁ, ହବ୍ୟ କବ୍ୟଚ ଅନୁପଯୁକ୍ତ ବୋଲି କହିଅଛନ୍ତି ।

**ଜଟିଲଞ୍ଚାନଧୀୟାନଂ ଦୁର୍ବଳଂ କିତବଂ ତଥା ।**
**ଯାଜୟନ୍ତି ଚ ଯେ ପୂଗାଂସ୍ତାଂଶ୍ଚ ଶ୍ରାଦ୍ଧେ ନ ଭୋଜୟେତ୍ ।୧୫୧।**

ବେଦାଧ୍ୟୟନଶୂନ୍ୟ ଜଟାଧାରୀ, ଦୁର୍ବଳ, ଜୁଆରୀ ଏବଂ ବହୁଯାଜନଶୀଳ ଏମାନଙ୍କୁ ଶ୍ରାଦ୍ଧରେ ଭୋଜନ କରାଇବ ନାହିଁ ।

**ଚିକିତ୍ସାକାନ୍ ଦେବଳକାନ୍ ମାଂସବିକ୍ରୟଣସ୍ତଥା ।**
**ବିପଣେନ ଚ ଜୀବନ୍ତୋ ବର୍ଜ୍ୟାଃ ସ୍ୟୁର୍ହବ୍ୟକବ୍ୟୟୋଃ ।୧୫୨।**

ଚିକିତ୍ସକ, ପ୍ରତିମାପରିଚାରକ, ମାଂସ ବିକ୍ରେତା ଓ ପଣ୍ୟଜୀବୀ ବ୍ରାହ୍ମଣମାନଙ୍କୁ ଶ୍ରାଦ୍ଧରେ ଭୋଜନ କରାଇବ ନାହିଁ ।

**ପ୍ରେଷ୍ୟୋ ଗ୍ରାମସ୍ୟ ରାଜ୍ଞଶ୍ଚ କୁନଖୀ ଶ୍ୟାବଦନ୍ତକଃ ।**
**ପ୍ରତିରୋଦ୍ଧା ଗୁରୋଶ୍ଚୈବ ତ୍ୟକ୍ତାଗ୍ନିର୍ବାର୍ଦ୍ଧୁଷିସ୍ତଥା ।୧୫୩।**

ଗ୍ରାମର ଓ ରାଜାର ଭୃତ୍ୟ, କୁତ୍ସିତ ନଖରୋଗବିଶିଷ୍ଟ, କୃଷ୍ଣବର୍ଣ୍ଣଦନ୍ତ ବିଶିଷ୍ଟ ଗୁରୁର ପ୍ରତିକୂଳାଚରଣକାରୀ, ଶୌତ ଓ ସ୍ମାର୍ତ୍ତ ଅଗ୍ନି ପରିତ୍ୟାଗକାରୀ ଏବଂ କୁସୀଦଜୀବୀ,

**ଯକ୍ଷ୍ମୀ ଚ ପଶୁପାଳଶ୍ଚ ପରିବେତ୍ତା ନିରାକୃତିଃ ।**
**ବ୍ରହ୍ମଦ୍ୱିଟ୍ ପରିବିତ୍ତିଶ୍ଚ ଗଣ୍ୟାଭ୍ୟନ୍ତର ଏବ ଚ ।୧୫୪।**

ଯକ୍ଷ୍ମାରୋଗୀ ପଶୁପାଳକ ପରିବେତ୍ତା (ବଡ଼ଭାଇ ଅବିବାହିତ ଥାଉ ଯେ କନିଷ୍ଠ ବିବାହ ହୁଏ), ନିତ୍ୟକର୍ମାନୁଷ୍ଠାନରହିତ, ବ୍ରାହ୍ମଣଦ୍ୱେଷୀ, ପରିବିତ୍ତି (କନିଷ୍ଠର ବିବାହ ହୋଇଅଛି ଅଥଚ ଯେଉଁ ଜ୍ୟେଷ୍ଠ ବିବାହ ହୋଇନାହିଁ) ଗଣ ବା ସାଧାରଣଙ୍କ ସକାଶେ ଉତ୍କୃଷ୍ଟ ମଠ ବା ଧନାଦି ଜୀବୀ,

**କୁଶୀଲବୋଽବକୀର୍ଣ୍ଣୀ ଚ ବୃଷଳୀପତିରେବ ଚ ।**
**ପୌନର୍ଭବଶ୍ଚ କାଣଶ୍ଚ ଯସ୍ୟ ଚୋପପତିର୍ଗୃହେ ।୧୫୫।**

ନୃତ୍ୟଗୀତଜୀବୀ, ସ୍ତ୍ରୀସମ୍ପର୍କ ହେତୁ ଯାହାର ବ୍ରହ୍ମଚର୍ଯ୍ୟ ନଷ୍ଟ ହୋଇଅଛି, ଯେ ଶୂଦ୍ରା ବିବାହ କରିଅଛି, ଯେ ପୁନର୍ବିବାହର ପୁତ୍ର, କଣା, ଯାହାର ସ୍ତ୍ରୀର ଉପପତି ଅଛି,

**ଭୃତ୍ୟକାଧ୍ୟାପକୋ ଯଶ୍ଚ ଭୃତକାଧ୍ୟାପିତସ୍ତଥା ।**
**ଶୂଦ୍ରଶିଷ୍ୟୋ ଗୁରୁଶ୍ଚୈ ବା ବାଗ୍‌ଦୁଷ୍ଟଃ କୁଣ୍ଡଗୋଳକୌ ।୧୫୬।**

ଯେ ବେତନ ଘେନି ପଢ଼ାନ୍ତି, ଯେ ବେତନ ଦେଇ ପଢ଼ନ୍ତି, ଯାହାର ଶିଷ୍ୟ ଶୂଦ୍ର, କଟୁଭାଷୀ, କୁଣ୍ଡ (ସ୍ୱାମୀ ଥାଉଁ ଜାରଜ ସନ୍ତାନ), ଗୋଳକ (ସ୍ୱାମୀ ମଲାଉତ୍ତାରୁ ଜାରଜ ସନ୍ତାନ) ।

**ଅକାରଣପରିତ୍ୟକ୍ତା ମାତା ପିତ୍ରୋର୍ଗୁରୋସ୍ତଥା ।**
**ବ୍ରହ୍ମୈର୍ଯ୍ୟୋନୈଶ୍ଚ ସମ୍ବନ୍ଧୈଃ ସଂଯୋଗଂ ପତିତୈର୍ଗତଃ ।୧୫୭।**

ଯେ ଅକାରଣେ ପିତା ମାତା ବା ଗୁରୁଙ୍କୁ ପରିତ୍ୟାଗ କରିଅଛି, ଯେ ପତିତ ଲୋକ ସହିତ ଅଧ୍ୟୟନ ବା କନ୍ୟାଦାନାଦିର ସମ୍ପର୍କ ରଖିଅଛି,

**ଅଗାରଦାହୀ ଗରଦଃକୁଣ୍ଡାଶୀ ସୋମବିକ୍ରୟୀ ।**
**ସମୁଦ୍ରଯାୟୀ ବନ୍ଦୀ ଚ ତୈଳିକଃ କଟକାରଙ୍କ ।୧୫୮।***

ଗୃହଦାହୀ ଯେ କୁଣ୍ଡର ଅନ୍ନ ଖାଏ, ସୋମବିକ୍ରୟୀ ସମୁଦ୍ରପାରଯାୟୀ ଭାଟ, ତେଲୀ ମାପ, (ଦଣ୍ଡ ବା ମାଣ) ବା ଦସ୍ତାବିଜ ଜାଲକାରୀ,

**ପିତା ବିବଦମାନଶ୍ଚ କିତେବୋ ମଦ୍ୟପସ୍ତଥା ।**
**ପାପରୋଗ୍ୟଭିଃଶପ୍ତଶ୍ଚ ବାମ୍ଭିକୋ ରସବିକ୍ରୟୀ ।୧୫୯।**

---

* କୌଣସି ୨ ପାଠରେ 'ଅଗାର' ସ୍ଥାନରେ 'ଆଗାର ଅଛି ।
* କୌଣସି ୨ ପାଠରେ ଅଭିଶସ୍ତେଂ ସ୍ଥାନରେ 'ଅଭିଶପ୍ତ' ଅଛି ।

ଯେ ପିତା ସହିତ ବିବାଦ କରେ, ଧୂର୍ତ୍ତ, ମଦ୍ୟପ, କୁଷ୍ଠରୋଗୀ, କଳଙ୍କୀ, ଅହଙ୍କାରୀ ବା କପଟାଚାରୀ, ରସ ବିକ୍ରୟୀ,

**ଧନୁଃଶରାଣାଂ କର୍ତ୍ତା ଚ ଯଶ୍ଚାଗ୍ରେଦିଧିଷୂପତିଃ ।**
**ମିତ୍ରଧ୍ରୁଗ୍‌ଦ୍ୟୂତବୃତ୍ତିଶ୍ଚ ପୁତ୍ରାଚାର୍ଯ୍ୟସ୍ତଥୈବ ଚ ।୧୬୦।**

ଧନୁ ଓ ବାଣ ନିର୍ମାଣକାରୀ, ବଡ଼ ଭଉଣୀ ଅବିବାହିତା ଥାଉଁ ସାନ ଭଉଣୀକୁ ଯେ ବିବାହ କରେ, ମିତ୍ରଦ୍ରୋହୀ, ଜୁଆଖେଳଜୀବୀ, ପୁତ୍ର ଯାହାକୁ ପଢ଼ାଇଅଛି,

**ଭ୍ରାମରୀ ଗଣ୍ଡମାଳୀ ଚ ଶ୍ୱିତ୍ର୍ୟଥୋ ପିଶୁନସ୍ତଥା ।**
**ଉନ୍ମତ୍ତୋ-ନ୍ଧଶ୍ଚ ବର୍ଜ୍ୟା ସ୍ୟୁର୍ବେଦନିନ୍ଦକ ଏବ ଚ ।୧୬୧।**

ଯାହାର ଅପସ୍ମାର ରୋଗ ଅଛି, ଯାହାର ଗଣ୍ଡମାଳା ଅଛି, ଧବଳ କୁଷ୍ଠରୋଗୀ, ଦୁର୍ଜନ, ଉନ୍ମାଦ ରୋଗଗ୍ରସ୍ତ, ଅନ୍ଧ ଓ ବେଦନିନ୍ଦୁକ ଏମାନଙ୍କୁ ତ୍ୟାଗ କରିବ ।

**ହସ୍ତ ଗୋଽଶୋଷ୍ଟ୍ରଦମକୋ ନକ୍ଷତ୍ରୈର୍ଯଶ୍ଚ ଜୀବତି ।**
**ପକ୍ଷିଣାଂ ପୋଷକେ ଯଶ୍ଚ ଯୁଦ୍ଧାଚାସ୍ତଥୈବତ ।୧୬୨।**

ହସ୍ତୀ, ଗୋ, ଅଶ୍ୱ ଓ ଉଷ୍ଟ୍ର ଏମାନଙ୍କ ଶିକ୍ଷାଦ୍ୱାରା ଯେ ଜୀବିକା ଉପାର୍ଜ୍ଜନ କରେ ନକ୍ଷତ୍ରାଦିଗଣନା କରିବା ଯାହାର ଜୀବୀକା (ଜ୍ୟୋତିଷୀ), ପକ୍ଷୀପାଳକ, ଯୁଦ୍ଧବିଦ୍ୟା ଶିକ୍ଷକ ।

**ସ୍ରୋତସାଂ ଭେଦକୋ ଯଶ୍ଚ ତେଷାଞ୍ଚବରଣେ ରତଃ ।**
**ଗୃହସଂବେଶକୋ ଦୂତ ବୃକ୍ଷରୋପକ ଏବ ଚ ।୧୬୩।**

ଯେ ସ୍ରୋତ (ନାଳ ଇତ୍ୟାଦି) ଭାଙ୍ଗିଦିଏ କିମ୍ବା ବନ୍ଧାଇ ଦିଏ, ବାସ୍ତୁବିଦ୍ୟାଜୀବୀ, ଦୂତ, ବୃକ୍ଷରୋପଣକାରୀ,

**ଶ୍ୱକ୍ରୀଡ଼ା ଶ୍ୱେନଜୀବୀ ଚ କନ୍ୟାଦୂଷକ ଏବ ଚ ।**
**ହିଂସ୍ରୋ ବୃଷଳ ବୃତ୍ତିଶ୍ଚ ଗଣାନା ଞ୍ଚୈବ ଯାଜକଃ ।୧୬୪।**

ଖେଳ ଦେଖାଇବା ସକାଶେ ଯେ କୁକୁର ପୋଷେ, ବାଜପକ୍ଷୀଦ୍ୱାରା ଯେ ଜୀବିକା ନିର୍ବାହ କରେ; କନ୍ୟାଭିଗନ୍ତା, ହିଂସାରତ, ଶୂଦ୍ରସେବାଦ୍ୱାରା ଯେ ବୃତ୍ତି ଉପାର୍ଜନ କରେ, (ବିନାୟକାଦି) ଗଣର ପୂଜାକାରୀ,

**ଆଚାରହୀନଃ କ୍ଳୀବଶ୍ଚ ନିତ୍ୟଂ ଯାଚନକସ୍ତଥା ।**
**କୃଷିଜୀବୀ ଶ୍ଳୀପଦୀ ଚ ସଭିର୍ନିନ୍ଦିତ ଏବ ଚ ।୧୬୫।**

ଆଚାରହୀନ, ନପୁଂସକ, ନିତ୍ୟ ଭିକ୍ଷାକାରୀ, କୃଷିଜୀବୀ, ଗୋଦଡ଼ପଦଯୁକ୍ତ ଓ ଯେ ସଜ୍ଜନଙ୍କ କର୍ତ୍ତୃକ ନିନ୍ଦିତ ।

**ଔରଭ୍ରିକୋ ମାହିଷିକଃ ପରପୂର୍ବପତିସ୍ତଥା ।**
**ପ୍ରେତନିର୍ଯ୍ୟ ତକଶ୍ଚୈବ ବର୍ଜନୀୟାଃ ପ୍ରଯତ୍ନଃ ।୧୬୬। ❋**

ମେଣ୍ଢା ଓ ମହିଷଦ୍ୱାରା ଜୀବିକା ଅର୍ଜନକାରୀ, ପୂର୍ବେ ବିବାହ ହୋଇଅଛି ଏମନ୍ତ ସ୍ତ୍ରୀର ସ୍ୱାମୀ ଓ ପ୍ରେତର ଧନଗ୍ରହଣକାରୀ ଏମନ୍ତ (ବ୍ରାହ୍ମଣ) ଯତ୍ନପୂର୍ବକ (ଶ୍ରାଦ୍ଧରେ) ବର୍ଜନୀୟ ।

**ଏତାନ୍ ବିଗର୍ହିତାଚାରାନପାଙ୍‌କ୍ତେୟାନ୍ ଦ୍ୱିଜାଧମାନ୍ ।**
**ଦ୍ୱିଜାତିପ୍ରବରୋ ବିଦ୍ୱାନଭୟତ୍ର ବିବର୍ଜୟେତ୍ ।୧୬୭।**

---

❋ କୌଣସି ୨ ପାଠରେ 'ପ୍ରେତ ନିର୍ବାହକ ଶ୍ଚୈବ' ଅଛି ।

ଏହିସବୁ ନିନ୍ଦିତାଚାରୀ ପଙ୍‌କ୍ତିପ୍ରବେଶର ଅଯୋଗ୍ୟ ଦ୍ୱିଜାଧମାନଙ୍କୁ ଦ୍ୱିଜଶ୍ରେଷ୍ଠ ବିଦ୍ୱାନବର୍ଗ ଦୈବ ଓ ପୈତ୍ର୍ୟ ଉଭୟ କର୍ମରେ ପରିତ୍ୟାଗ କରିବେ ।

**ବ୍ରାହ୍ମଣସ୍ତ୍ୱନଧୀୟାନସ୍ତୃଣାଗ୍ନିରିବ ଶାମ୍ୟତି ।**
**ତସ୍ମୈ ହବ୍ୟଂ ନ ଦାତବ୍ୟଂ ନ ହି ଭସ୍ମନି ହୂୟତେ ।୧୬୮।**

ଅପାଠୁଆ ବ୍ରାହ୍ମଣ ତୃଣାଗ୍ନିପରି ଶୀଘ୍ର ନିର୍ବାଣ ହୋଇଯାଏ, ଏଣୁ ତାହାକୁ ହବ୍ୟ ଦେବ ନାହିଁ ; କାରଣ ଭସ୍ମରେ ହୋମ କରାଯାଏ ନାହିଁ ।

**ଅପାଙ୍‌କ୍ତଦାନେ ଯୋ ଦାତୁ ଭବତ୍ୟୂର୍ଦ୍ଧ୍ୱଂ ଫଳୋଦୟଃ ।**
**ଦୈବେ ହବିଷି ପିତ୍ର୍ୟେ ବା ତପବକ୍ଷ୍ୟା ମ୍ୟଶେଷତଃ ।୧୬୯।** ❊

ପଙ୍‌କ୍ତି ଭୋଜନର ଅଯୋଗ୍ୟ ବ୍ରାହ୍ମଣଙ୍କୁ ଦେବକର୍ମରେ ହବ୍ୟ ଓ ପିତୃ କର୍ମରେ କବ୍ୟ ଦାନ କଲେ ଦାତାର ନାମ ଉପରେ ଯେ ଫଳ ହୁଏ ତାହା ସମ୍ପୂର୍ଣ୍ଣରୂପେ କହୁଅଛୁଁ ।

**ଅବ୍ରତୈର୍ଯଦ୍ଦି ଜୈର୍ଭୁକ୍ତିଂ ପରିବେତ୍ତାଦିଭିସ୍ତଥା ।**
**ଅପାଙ୍‌କ୍ତେୟୈର୍ଯଦନନ୍ୟୈଶ୍ଚ ତଦଦ୍ଵୈ ରକ୍ଷାଂସି ଭୁଞ୍ଜତେ ।୧୭୦।**

ବେଦ ବ୍ରତରହିତ ବ୍ରାହ୍ମଣ ଓ ପରିବେତ୍ତା ଆଦି ଆଉ (ଚୋରଇତ୍ୟାଦି) ପଙ୍‌କ୍ତିର ଅଯୋଗ୍ୟ ବ୍ରାହ୍ମଣମାନେ ଯାହା ଖାନ୍ତି ତାହା ରାକ୍ଷସମାନେ ଭୋଜନ କରନ୍ତି ।

**ଦାରାଗ୍ନିହୋତ୍ର ସଂଯୋଗଂ କୁରୁତେ ଯୋଽଗ୍ରଜେ ସ୍ଥିତେ ।**
**ପରିବେତ୍ତା ସ ବିଜ୍ଞେୟଃ ପରିବିତ୍ତିସ୍ତୁ ପୂର୍ବଜଃ ।୧୭୧।**

ଜ୍ୟେଷ୍ଠଭ୍ରାତା ଅବିବାହିତ ଓ ଅନଗ୍ନିଜ ଆଉ ଯେ କନିଷ୍ଠ ଆଗେ ବିବାହ ଅଗ୍ନି ସ୍ୱୀକାର କରେ ସେହି କନିଷ୍ଠକୁ ପରିବେତ୍ତା ଓ ସେହି ଜ୍ୟେଷ୍ଠକୁ ପରିବିତ୍ତିବୋଲି ।

**ପରିବିତ୍ତଃ ପରୀବେତ୍ତା ଯାୟା ଚ ପରିବିଦ୍ୟତେ ।**
**ସର୍ବେ ତେ ନରକଂଯାନ୍ତି ଦାତୃଯାଜକ ପଞ୍ଚମାଃ ।୧୭୨।**

ପରିବତ୍ତି, ପରିବେତ୍ତା, ପରିବେଦକୀୟା କନ୍ୟା, ସେ କନ୍ୟା ସମ୍ପ୍ରଦାନକର୍ତ୍ତା ଓ (ସେ ବିବାହର) ପୁରୋହିତ ଏ ପାଞ୍ଚଜଣ ନରକକୁ ଯାନ୍ତି ।

**ଭ୍ରାତୃର୍ମୃତସ୍ୟ ଭାର୍ଯ୍ୟାୟାଂ ଯୋଽନୁରରେଜ୍ୟତ କାମତଃ ।**
**ଧର୍ମେଣାପି ନିଯୁକ୍ତାୟାଂ ସଜ୍ଞେୟୋଦିଧିଷୂପତିଃ ।୧୭୩।**

ମୃତଭାଇର ଭାର୍ଯ୍ୟାକୁ ଧର୍ମାନୁସାରେ ନିୟୋଗ କରିଥିଲେ ସୁଦ୍ଧା ସେ କାମବଶରୁ ତହିଁରେ ଅନୁରକ୍ତ ହୁଏ (ନିୟୋଗଧର୍ମ ଅତିକ୍ରମପୂର୍ବକ ଅଭିଗମନ କରେ) ତାହାକୁ ଦିଧିଷୂପତି ଜାଣ ।

**ପରଦାରେଷୁକାୟତେ ହୌ ସୁତୌ କୁଣ୍ଡଗୋଲକୌ ।**
**ପତ୍ୟୌ ଜୀବତି କୁଣ୍ଡଃ ସ୍ୟାନ୍‌ମୃତେ ଭର୍ତ୍ତରି ଗୋଲକଃ ।୧୭୪।**

ପରସ୍ତ୍ରୀରେ ଉତ୍ପନ୍ନ ଦୁଇ ପୁତ୍ରକୁ କଣ୍ଡ ଓ ରୋଲେକ ବୋଲନ୍ତି, (ସେ ସ୍ତ୍ରୀର) ପତି ବଞ୍ଚିଥିଲେ ତାହାକୁ (ପୁତ୍ରକ) କୁଣ୍ଡ ଓ ମରିଥିଲେ ରୋଲକ ବୋଲନ୍ତି ।

**ତୌ ତୁ ଜାତୌ ପରକ୍ଷେତ୍ର ପ୍ରାଣୀନୌ ପ୍ରେତ୍ୟ ଚେହ ଚ ।**
**ଦତ୍ତାନି ହବ୍ୟକବ୍ୟାନି ନାଶୟତେ ପ୍ରଦାୟିନାମ୍ ।୧୭୫।**

ପରକ୍ଷେତ୍ରରେ ଉତ୍ପନ୍ନ ଏ ଦୁଇ ପ୍ରାଣୀକୁ ଯେ ହବ୍ୟକବ୍ୟ ପ୍ରଦାନ କରାଯାଏ ତାହା ଦାତାର ଇହଲୋକ ଓ ପରଲୋକ ନାଶ କରେ ।

---

❊ ୧୨୨ ଠାରୁ ୧୬୯ ଶ୍ଳୋକ ପ୍ରକ୍ଷିପ୍ତ ।

**ଅପାଙ୍‌କ୍ତ୍ୟୋ ଯାବତଃ ପାଙ୍‌କ୍ତ୍ୟାନ୍ ଭୁଞ୍ଜାନା * ନୁପଶ୍ୟତି ।**
**ତାବତାଂ ନ ଫଳଂ ପ୍ରେତ୍ୟ ଦାତା ପ୍ରାପ୍ନୋତି ବାଲିଶଃ ।୧୭୬।**

ପଂକ୍ତିର ଅଯୋଗ୍ୟ ଯେତେଗୁଡ଼ିଏ ବ୍ରାହ୍ମଣଙ୍କୁ ଭୋଜନ କରିବା ଶ୍ରୋତ୍ରିୟ ଶ୍ରାଦ୍ଧରେ ଦେଖାଯାଏ ତେବେ ବ୍ରାହ୍ମଣ ଭୋଜନର ଫଳ ଅଜ୍ଞ ଦାତା ପ୍ରାପ୍ତ ହୁଏ ନାହିଁ ।

**ବିକ୍ଷ୍ୟାନ୍ଧୋ ନବତେ କାଣଃ ଷଷ୍ଟେ ଶ୍ୱିତ୍ରୀ ଶତସ୍ୟ ତୁ ।**
**ପାପରୋଗୀ ସହସ୍ରସ୍ୟ ଦାତୁର୍ନାଶୟତେ ଫଳମ୍ ।୧୭୭।**

ଅନ୍ଧ ଦେଖିଲେ ଦାତାର ୯୦ ଶ୍ରୋତିୟାଦି ବ୍ରାହ୍ମଣଭୋଜନର ଫଳ, ଧବଳି କୁଷ୍ଠ ଦେଖିଲେ ଏକଶତ ଓ ପାପରୋଗୀ ଦେଖିଲେ ଏକସହସ୍ର ବ୍ରାହ୍ମଣ ଭୋଜନର ଫଳ ନଷ୍ଟ ହୁଏ ।

**ଯାବତଃ ସଂସ୍ପୃଶେଦଙ୍ଗୈ ବ୍ରାହ୍ମଣାନ୍ ଶୂଦ୍ରଯାଜକଃ ।**
**ତାବତାଂ ନ ଭବେଦାତୁଃ ଫଳଂ ଦାନସ୍ୟ ପୌର୍ତ୍ତିକମ୍ ।୧୭୮।**

ଶୂଦ୍ରଯାଜୀ ବ୍ରାହ୍ମଣ ଯେଉଁ ୨ ପଂକ୍ତିରେ ଅଙ୍ଗ ସ୍ପର୍ଶ (ଉପବେଶନ) କରେ ସେହି ୨ ପଂକ୍ତିର ଶ୍ରାଦ୍ଧୀୟ ବ୍ରାହ୍ମଣ ଭୋଜନର ଫଳରୁ ଦାତା ବଞ୍ଚିତ ହୁଏ ।

**ବେଦବିଚ୍ଚାପି ବିପ୍ରୋଽସ୍ୟ ଲୋଭାତ୍ କୃତ୍ୱା ପ୍ରତିଗ୍ରହମ୍ ।**
**ବିନାଶଂ ବ୍ରଜତି କ୍ଷପ୍ରମାମପାତ୍ରମିବାମ୍ଭସି ।୧୭୯।**

ବେଦଜ୍ଞ ବିପ୍ରସୁଦ୍ଧା ଶୂଦ୍ରଯାଜକ ସହିତ ଲୋଭରେ ପ୍ରତି ଗ୍ରହ ନେଲେ କଞ୍ଚା ମାଟିର ପାତ୍ରରେ ଜଳ ନେଲାପରି ଶୀଘ୍ର ନଷ୍ଟ ହୋଇଯାଏ ।

**ସୋମବିକ୍ରିଣେ ବିଷ୍ଠା ଭିଷଜେ ପୂୟଶୋଣିତମ୍ ।**
**ନଷ୍ଟଂ ଦେବଲକେ ଦତ୍ତମପ୍ରତିଷ୍ଠନ୍ତୁ ବାର୍ଦ୍ଧୁଷୌ ।୧୮୦।**

ସୋମ ବିକ୍ରୟୀକୁ ପ୍ରଦତ୍ତ ହବ୍ୟକବ୍ୟ ବିଷ୍ଠା ହୋଇଯାଏ, ବୈଦ୍ୟକୁ ଦେଲେ ତାହା ପୂଜରକ୍ତ ହୁଏ, ଦେବଳ (ଦେଉଳିଆ ବ୍ରାହ୍ମଣ ବା ପୂଜାରୀ) କୁ ଦେଲେ ନଷ୍ଟ ଓ କଳନ୍ତର ଘେନି ଯେ ଜୀବିକା କରେ ତାହାକୁ ଦେଲେ ଅପ୍ରତିଷ୍ଠିତ ହୁଏ ।

**ଯତ୍ତୁ ବାଣିଜକେ ଦତ୍ତଂ ନେହ ନାମୁତ୍ରାତଭବେତ୍ ।**
**ଭସ୍ମନୀବ ହୁତଂ ହବ୍ୟଂ ତଥା ପୌନର୍ଭବେ ଦ୍ୱିଜେ ।୧୮୧।**

ବାଣିଜଜୀବୀ ବା ପୌନର୍ଭବ ବ୍ରାହ୍ମଣଙ୍କୁ ଯାହା ଦାନ କରାଯାଏ, ତାହା ଭସ୍ମରେ ଆହୁତି ଦେଲାପରି ଇହଲୋକ ବା ପରଲୋକରେ ନିଷ୍ଫଳ ହୁଏ ।

**ଇତରେଷୁ ତ୍ୱପାଙ୍‌କ୍ତ୍ୟେଷୁ ଯଥୋଦ୍ଦିଷ୍ଟେଷ୍ୱସାଧୁଷ ।**
**ମେଦୋଽସୃଙ୍ ମାଂସମଜ୍ଜାସ୍ଥି ବଦନ୍ତ୍ୟନ୍ନଂମନିଷିଣଃ ।୧୮୨।**

ଇତର ପଂକ୍ତି ଅଯୋଗ୍ୟ ଓ ଅସାଧୁ ବ୍ରାହ୍ମଣଙ୍କୁ ଯାହା ଦିଆଯାଏ ତାହା ମେଦ, ମାଂସ, ରକ୍ତ, ମଜ୍ଜା ଓ ଅସ୍ଥି ହୁଏ ବୋଲି ପଣ୍ଡିତମାନେ ବୋଲନ୍ତି ।

**ଆପଙ୍‌କ୍ତ୍ୟୋଽପହତାଙ୍‌କ୍ତିଃ ତାବ୍ୟତେ ଯୈର୍ଦ୍ୱିଜୋତ୍ତମୈଃ ।**
**ତାନ୍ନିବୋଧଚ କାର୍ସ୍ନ୍ୟେ ନଦ୍ୱିଜଗ୍ର୍ୟାନ୍ ପଙ୍‌କ୍ତିପାବନାନ୍ ।୧୮୩।**

ଅସାଧୁମାନଙ୍କଦ୍ୱାରା ଭ୍ରଷ୍ଟ ପଂକ୍ତିକୁ ଯେଉଁ ଦ୍ୱିଜଶ୍ରେଷ୍ଠମାନେ ପବିତ୍ର କରନ୍ତି ସେହି ପଂକ୍ତିପାବନକାରୀ ଦ୍ୱିଜଶ୍ରେଷ୍ଠମାନଙ୍କ ବିଷୟ ସମଗ୍ରଭାବେ କୀର୍ତ୍ତନ କରୁଅଛୁଁ ଶୁଣ ।

**ଅଗ୍ର୍ୟାଃ ସର୍ବେଷୁ ସର୍ବପ୍ରବଚନେଷୁ ଚ ।**
**ଶୋତ୍ରିୟାନ୍ୱୟଜ ଶ୍ଚୈବ ବିଜ୍ଞେୟାଃ ପଂକ୍ତିପାବନା ।୧୮୪।**

---

* କୌଣସି ୨ ସ୍ଥାନରେ 'ପ୍ରେତ୍ୟ' ସ୍ଥାନରେ 'ତତ୍ର' ଅଛି ।

ସମୁଦାୟ (ଚାରି) ବେଦରେ ଯେଉଁମାନେ ଅଗ୍ରଗଣ୍ୟ, ସମୁଦାୟ ବେଦାଙ୍ଗରେ ଯେଉଁମାନେ ସମଧିକ ବ୍ୟୁତ୍ପନ୍ନ, ପରମ୍ପରାଗତ ବେଦାଧ୍ୟୟନଶୀଳ ଶ୍ରୋତ୍ରିୟକୁଳଜାତ ବ୍ରାହ୍ମଣଙ୍କ ପଂକ୍ତିପାବନ ଜାଣିବ ।

**ତ୍ରିଣାଚିକେତଃ ପଞ୍ଚାଗ୍ନିସ୍ତ୍ରି ସୁପର୍ଣ୍ଣଃ ଷଡ଼ଙ୍ଗବିତ୍ ।**
**ବ୍ରହ୍ମଦେୟାତ୍ମସନ୍ତାନୋ ଜ୍ୟେଷ୍ଠସାମଗ ଏବଚ ।୧୮୫।**

କଠୋପନିଷଦରେ କଥିତତ୍ରିଣାଚିମେତ ବ୍ରତଧାରୀ, ପଞ୍ଚାଗ୍ନିକାରୀ, ଋକ୍‌ବେଦର ବ୍ରାହ୍ମଣୋକ୍ତ ତ୍ରିସୁପର୍ଣ୍ଣବ୍ରତଧାରୀ, ଷଡ଼ଙ୍ଗଜ୍ଞ, ବ୍ରାହ୍ମଣ ବିବାହରେ ଜାତ ସନ୍ତାନ ଏବଂ ସାମବେଦର ଆରଣ୍ୟକ ପାନକାରୀ ବ୍ରାହ୍ମଣମାନଙ୍କୁ—ପଂକ୍ତିପାବନ ଜାଣିବ ।

**ବେଦାର୍ଥବିତ୍ ପ୍ରବକ୍ତାଚ ବ୍ରହ୍ମଚାରୀ ସହସ୍ରଦଃ ।**
**ଶତାୟୁଶ୍ଚୈବ ବିଜ୍ଞେୟା ବ୍ରାହ୍ମଣାଃ ପଂକ୍ତିପାବନାଃ ।୧୮୬।**

ବେଦାର୍ଥବେତ୍ତା, ବେଦାର୍ଥପ୍ରବକ୍ତା, ବ୍ରହ୍ମଚାରୀ, ବହୁପ୍ରଦ ଏବଂ ଶତବର୍ଷବୟସ୍କ ବ୍ରାହ୍ମଣମାନଙ୍କୁ ପଂକ୍ତିପାବନ ବୋଲି ଜାଣିବ ।

**ପୂର୍ବେଦ୍ୟୁରପରେ ଦ୍ୟୁର୍ବା ଶ୍ରାଦ୍ଧମର୍ମଣ୍ୟୁପସ୍ଥିତେ ।**
**ନିମନ୍ତ୍ରୟେତତ୍ର୍ୟବରାନ୍ ସମ୍ୟଗ୍‌ବିପ୍ରାନ୍ ଯଥୋଦିତାନ୍ ।୧୮୭।**

ଶ୍ରାଦ୍ଧକର୍ମ ଉପସ୍ଥିତ ହେଲେ ତହିଁ ଆରଦିନ ବା ସେହିଦିନ ଉକ୍ତ ଲକ୍ଷଣସମ୍ପନ୍ନ ଅନ୍ୟୂନ ତିନିଜଣ ବ୍ରାହ୍ମଣ ଯଥୋଚିତ ସମ୍ମାନ ସହକାରେ ନିମନ୍ତ୍ରଣ କରିବ ।

**ନିମନ୍ତ୍ରିତୋ ଦ୍ୱିଜଃ ପିତ୍ର୍ୟେ ନିୟତାତ୍ମା ଭବେତ୍ ସଦା ।**
**ନ ଚଛାନ୍ଦାଂସ୍ୟଧୀୟୀତୟସ୍ୟ ଶ୍ରାଦ୍ଧଞ୍ଚ ତଭବେତ୍ ।୧୮୮।**

ଶ୍ରାଦ୍ଧରେ ନିମନ୍ତ୍ରିତ ଦ୍ୱିଜ ଶ୍ରାଦ୍ଧ ଦିନରେ ନିୟତାତ୍ମା (ସଂଯମନିୟମବାନ୍) ହେବ ଓ ବେଦାଧ୍ୟୟନ କରିବ ନାହିଁ, ଶ୍ରାଦ୍ଧକର୍ତ୍ତା ମଧ୍ୟ ସେହି ରୂପ ହେବ ।

**ନିମନ୍ତ୍ରିତାନ୍ ହି ପିତର ଉପତିଷ୍ଠନ୍ତି ତାନ୍ ଦ୍ୱିଜାନ୍ ।**
**ବାୟୁବଚ୍ଚାନୁଗଚ୍ଛନ୍ତି ତଥାସିନାନୁପାସତେ ।୧୮୯।**

ପିତୃମାନେ ସେହି ନିମନ୍ତ୍ରିତ ବ୍ରାହ୍ମଣମାନଙ୍କ ନିକଟକୁ ଆସନ୍ତି । ପ୍ରାଣବାୟୁପରି ସେମାନଙ୍କ ପଛରେ ଚାଲନ୍ତି ଏବଂ ବସିଥିଲେ ତାଙ୍କ ନିକଟରେ ବସନ୍ତି ।

**କେତିତସ୍ତୁ ଯଥାନ୍ୟାୟଂ ହବ୍ୟକବ୍ୟେ ଦ୍ୱିଜୋତ୍ତମଃ ।**
**କିଞ୍ଚିଦପ୍ୟ ତ୍ରିକ୍ରାମନ ପାପଃ ଶୂକରତାଂ ବ୍ରଜେତ୍ ।୧୯୦।**

ଶ୍ରେଷ୍ଠବ୍ରାହ୍ମଣ ହବ୍ୟ କବ୍ୟରେ ଦେବ ଓ ପିତୃକାର୍ଯ୍ୟ ଯଥାବିଧିନିମନ୍ତ୍ରିତ ହୋଇ କୌଣସି କ୍ରମେ କିଛି ମାତ୍ର ଭୋଜନ ନ କଲେ ସେହି ପାପରେ ପରଜନ୍ମରେ ସେ ଶୂକରଯୋନି ପ୍ରାପ୍ତ ହୁଏ ।

**ଆମନ୍ତ୍ରିତସ୍ତୁ ଯଃ ଶ୍ରାଦ୍ଧେ ବୃଷଲ୍ୟା ସହ ମୋଦତେ ।**
**ଦାତୁର୍ଯଦ୍ଦୁଷ୍କୃତଂ କିଞ୍ଚିତ୍‌ସର୍ବଂ ପ୍ରତିପଦ୍ୟତେ ।୧୯୧।**

ଯେ ବ୍ରାହ୍ମଣ ଶ୍ରାଦ୍ଧରେ ନିମନ୍ତ୍ରିତ ହୋଇ ଶୂଦ୍ର ସ୍ତ୍ରୀ ସଙ୍ଗେ ବିହାର କରେ ସେ ଶ୍ରାଦ୍ଧ କର୍ତ୍ତାର ଯେ କିଛି ପାପ ଥାଏ ତାହା ସବୁ ପାଏ ।

**ଅକ୍ରୋଧନାଃ ଶୌଚପରାଃ ସତତଂ ବ୍ରହ୍ମଚାରିଣଃ ।**
**ନ୍ୟସ୍ତଶସ୍ତ୍ରା ମହାଭାଗାଃ ପିତର ପୂର୍ବଦେବତାଃ ।୧୯୨।**

ପିତୃମାନେ କ୍ରୋଧରହିତ, ବାହ୍ୟାଭ୍ୟାନ୍ତର ଶୁଚିସମ୍ପନ୍ନ, ନିରନ୍ତର ଜିତେନ୍ଦ୍ରିୟ ଶସ୍ତ୍ରତ୍ୟାଗୀ ଏବଂ ଦୟାଦିଗୁଣଯୁକ୍ତ ଅନାଦି ଦେବତା ଅଟନ୍ତି ।

**ଯସ୍ମାଦୁତ୍ପତ୍ତିରେତେଷାଂ ସର୍ବେଷାମପ୍ୟଶେଷତଃ ।**
**ଯେ ଚ ଯେ ରୂପଚର୍ଯ୍ୟାଃ ସୁର୍ନିୟମୈସ୍ତାନ୍ନି ବୋଧତଃ ।୧୯୩।**

ଯାହାଙ୍କଠାରୁ ଏହିସବୁ ପିତୃଲୋକର ଉତ୍ପତ୍ତି ଏବଂ ଯେ ନିୟମରେ ଯାହାଙ୍କ ଉପଚର୍ଯ୍ୟ କରିବାକୁ ହୁଏ ତାହା ସମ୍ୟକ୍ ଭାବରେ ଶୁଣ ।

**ମନୋର୍ହୈ ରଣଗର୍ଭସ୍ୟ ଯ ମରୀଚ୍ୟାଦୟଃ ସୁତାଃ ।**
**ତେଷାମୃଷୀଣାଂ ସର୍ବେଷାଂ ପୁତ୍ରାଃ ପିତୃଗଣାଃ ସ୍ମୃତା ।୧୯୪।**

ସ୍ୱାୟମ୍ଭୁବ ମନୁର ପୁତ୍ର ମରୀଚ୍ୟାଦି ଅଟନ୍ତି ଏବଂ ସେହିସବୁ ଋଷିମାନଙ୍କର ପୁତ୍ରମାନେ ପିତୃଗଣ ବୋଲାନ୍ତି ।

**ବିରାଟସୁତାଃ ସୋମସଦଃ ସାଧ୍ୟାନାଂ ପିତରଃ ସ୍ମୃତାଃ ।**
**ଅଗ୍ନି ଷ୍ୱାତ୍ତାଷ୍ଟ ଦେବାନାଂ ମାରୀଚା ଲୋକବିଶ୍ରୁତଃ ।୧୯୫।**

ବିରାଟପୁତ୍ର ସୋସସଦମାନେ ସାଧ୍ୟମାନଙ୍କର ପିତୃଗଣ, ମରୀଚିର ପୁତ୍ର ଲୋକବିଖ୍ୟାତ ଅଗ୍ନିଷ୍ୱତ୍ତ ଦେବତାମାନଙ୍କର ପିତୃଗଣ ବୋଲାନ୍ତି ।

**ଦୈତ୍ୟଦାନବଯକ୍ଷାଣାଂ ଗନ୍ଧର୍ବୋରଗରକ୍ଷସାମ୍ ।**
**ସୁପର୍ଣ୍ଣକିନ୍ନରାଣାଞ୍ଚ ସ୍ମୃତା ବର୍ହିଷଦୋଽତ୍ରିଜାଃ ।୧୯୬।**

ବର୍ହିଷଦ ନାମ ଅତ୍ରିର ପୁତ୍ର ଦୈତ୍ୟ, ଦାନବ, ଯକ୍ଷ, ଗନ୍ଧର୍ବ, ସର୍ପ, ରାକ୍ଷସ, ସୁପର୍ଣ୍ଣ ଓ କିନ୍ନରମାନଙ୍କର ପିତୃଗଣ ବୋଲାନ୍ତି ।

**ସୋମପାଂ ନାମ ବିପ୍ରାଣାଂ ହବିର୍ଭୁଜଃ ।**
**ବୈଶ୍ୟାନାମାଜ୍ୟପା ନାମ ଶୂଦ୍ରାଣାସ୍ତୁ ସୁକାଳିନଃ ।୧୯୭।**

ସୋମପା ବ୍ରାହ୍ମଣମାନଙ୍କର, ହବିର୍ଭୁଜ କ୍ଷତ୍ରିୟମାନଙ୍କର, ଆଜ୍ୟପା ବୈଶ୍ୟମାନଙ୍କର ଏବଂ ସୁକାଳିନ ଶୂଦ୍ରମାନଙ୍କର ପିତୃଗର ।

**ସୋମପାସ୍ତୁ କବେଃ ପୁତ୍ରା ହବିଷନ୍ତୋଽଙ୍ଗିର ସୁତାଃ ।**
**ପୁଲସ୍ତ୍ୟାସ୍ୟାଜ୍ୟାପାଃ ପୁତ୍ରା ବଶିଷ୍ଟସ୍ର ସୁକାଳିନଃ ।୧୯୮।**

ପୁଣି ଭୃଗୁର ପୁତ୍ର ସୋମପା, ଅଙ୍ଗିରା ପୁତ୍ର ହବିଷ୍ମନ୍ତ, ପୁଲସ୍ତ୍ୟର ପୁତ୍ରଆଜ୍ୟପା ଓ ବଶିଷ୍ଟର ପୁତ୍ର ସୁକାଳିନ ପିତୃଗଣ ଅଟନ୍ତି ।

**ଅଗ୍ନିଦଗ୍ ଧାଗ୍ନିଦଗ୍ଧାନ୍ ବହି ଷଦସ୍ତଥା ।**
**ଅଗ୍ନିଷ୍ୱାତ୍ତାଂଶ୍ଚ ସୌମ୍ୟାଂଶ୍ଚ ବିପ୍ରାଣାମେବ ନିର୍ବିଶେତ ।୧୯୯।**

ଅଗ୍ନି ଦଗ୍ଧ, ଅନଗ୍ନି ଦଗ୍ଧ, କାବ୍ୟ ବର୍ହିଷଦ ଏବଂ ଅଗ୍ନିଷ୍ୱାତ୍ତ ତଥା ସୌମ୍ୟ ଏମାନେ ସମସ୍ତେ ବ୍ରାହ୍ମଣମାନଙ୍କର ପିତୃଲୋକ ବୋଲାନ୍ତି ।

**ଯ ଏତେ ତୁ ଗଣା ମୁଖ୍ୟାଃ ପିତୃନା ପରିକୀର୍ତ୍ତିତାଃ ।**
**ତୋଷାମେପୀହ ବିଜ୍ଞେୟେଂ ପୁତ୍ର ପୌତ୍ରମନନ୍ତକମ୍ ।୨୦୦।**

ଏହି ଯେ ସବୁ ପିତୃଗଣ ବୋଲାଗଲା ଏହି ଜଗତରେ ସେମାନଙ୍କ ପୁତ୍ରପୌତ୍ରାଦି ଅନନ୍ତବଂଶପରମ୍ପରାକୁ ସୁଦ୍ଧା ପିତୃଲୋକ ବୋଲି ଜାଣିବ ।

**ଋଷିଭ୍ୟଃ ପିତରୋ ଜାତାଃ ପିତୃ ଭ୍ୟୋ ଦେବଦାନବାଃ ।**
**ଦେବେଭ୍ୟସ୍ତୁ ଜଗତ ସର୍ବଂ ଚରଂ ସ୍ଥାନାନୁପୂର୍ବଶଃ ।୨୦୧।**

ଋଷିମାନଙ୍କଠାରୁ ପିତୃମାନେ, ପିତୃମାନଙ୍କଠାରୁ ଦେବଦାନବ ଏବଂ ଦେବତାମାନଙ୍କଠାରୁ ଏହି ଚରାଚର ଜଗତ୍ ଆନୁପୂର୍ବିକ କ୍ରମରେ ଉତ୍ପନ୍ନ ହୋଇଅଛି ।

**ରାଜତୈର୍ଭାଜନୈରେଷାମଧବା ରାଜତାନ୍ୱିତୈଃ ।**
**କାର୍ଯ୍ୟାପି ଶ୍ରଦ୍ଧୟା ଦତ୍ତମକ୍ଷୟାୟୋ ପ୍ରକଳ୍ପତେ ।୨୦୨।**

ରଜତପାତ୍ର ଅଥବା ରଜତଯୁକ୍ତ ପାତ୍ରରେ ପିତୃମାନଙ୍କୁ ଶ୍ରଦ୍ଧାପୂର୍ବକ ପ୍ରଦତ୍ତ ଜଳ ସୁଦ୍ଧା ଅକ୍ଷୟ ସୁଖର କାରଣ ଅଟେ ।

**ଦେବକାର୍ଯ୍ୟାଦ୍ଦ୍ୱିଜାତୀନାଂ ପିତୃକାର୍ଯ୍ୟଂ ବିଶିଷ୍ୟତେ ।**
**ଦୈବଂ ହି ପିତୃକାର୍ଯ୍ୟସ୍ୟ ପୂର୍ବମାପ୍ୟାୟନଂ ସ୍ମୃତମ୍ ।୨୦୩।**

ଦ୍ୱିଜାତିମାନଙ୍କର ଦେବକାର୍ଯ୍ୟ ଅପେକ୍ଷା ପିତୃକାର୍ଯ୍ୟ ଅଧିକ ଅଟେ; କାରଣ ଦେବକାର୍ଯ୍ୟର ଅଙ୍ଗସ୍ୱରୂପ ପୂର୍ବ ପୋଷାକ ବୋଲି କଥିତ ହୁଏ ।

**ତେଷାମାରକ୍ଷଭୂତନ୍ତୁ ପୂର୍ବଂ ଦୈବଂ ନିଯୋଜୟେତ୍ ।**
**ରକ୍ଷାଂସି ହି ବିଲୁମ୍ପନ୍ତି ଶ୍ରାଦ୍ଧମାରକ୍ଷବର୍ଜିତମ୍ ।୨୦୪।**

ପିତୃଗଣର ରକ୍ଷାକରୀ ଦେବତାମାନଙ୍କୁ ଶ୍ରାଦ୍ଧରେ ପ୍ରଥମ ସ୍ଥାପନ କରିବା କାରଣ ରକ୍ଷକରହିତ ଶ୍ରାଦ୍ଧକୁ ରାକ୍ଷସମାନେ ନଷ୍ଟ କରିଦିଅନ୍ତି ।

**ଦୈବାଦ୍ୟନ୍ତଂ ତଦୀହେତ ପିତ୍ର୍ୟାଦ୍ୟନ୍ତଂ ନ ତଦ୍ ଭବେତ୍ ।**
**ପିତ୍ର୍ୟାଦ୍ୟନ୍ତଂ ତ୍ୱୀହମାନଃ କ୍ଷିପ୍ରଂ ନଶ୍ୟତି ସାନ୍ୱୟଃ ।୨୦୫।**

ଶ୍ରାଦ୍ଧରେ ପ୍ରାରମ୍ଭ ଓ ସମାପ୍ତି ଦୁଇ ଦେବତାପୂର୍ବକ କରିବ, ପିତ୍ର୍ୟାଦି ପୂର୍ବକ କରିବ ନାହିଁ । ଯେ ପିତ୍ର୍ୟାଦିପୂର୍ବକ କରେ ସେ ସବଂଶ ଶୀଘ୍ର ନଷ୍ଟ ହୁଏ ।

**ଶୁଚିଂ ଦେଶଂ ବିବିକ୍ତଞ୍ଚ ଗୋମୟେନୋପଲେପୟେତ୍ ।**
**ଦକ୍ଷିଣା ପ୍ରବଣଞ୍ଚୈବ ପ୍ରୟତ୍ନେନୋପପାଦୟେତ୍ ।୨୦୬।**

ଅସ୍ଥି ଅଙ୍ଗାରାଦିଶୂନ୍ୟ ପବିତ୍ର ନିର୍ଜନ ସ୍ଥାନରେ ଗୋବର ଲେପନ କରି ତାହାକୁ ଯତ୍ନ ସହକାରେ ଦକ୍ଷିଣ ଦିଗକୁ ଢଳାଇବ ।

**ଅବକାଶେଷୁ ଚୋକ୍ଷେଷୁ ନଦୀତୀରେଷୁ ଚୈବ ହି ।**
**ବିବିକ୍ତେଷୁ ଚ ତୁଷ୍ୟନ୍ତି ଦତ୍ତେନ ପିତରଃ ସଦାଃ ।୨୦୭।**

ଖୋଲା ସ୍ଥାନ, ପବିତ୍ର ଦେଶ ବା ନଦୀତୀରସ୍ଥ ନିର୍ଜନ ସ୍ଥାନରେ ଶ୍ରାଦ୍ଧ କଲେ ପିତୃଗଣ ପ୍ରସନ୍ନ ହୁଅନ୍ତି ।

**ଆସନେଷୁ ପକ୍ଲୃପ୍ତେଷୁ ବର୍ହିଷ୍ମସ୍ତୁ ପୃଥକ୍ ପୃଥକ୍ ।**
**ଉପସ୍ପୃଷ୍ଟୋଦକାନ ସମ୍ୟଗ୍ ବିପ୍ରାଂସ୍ତାନୁପବେଶୟେତ୍ ।୨୦୮।**

ସେହିଠାରେ କୁଶଯୁକ୍ତ ପୃଥକ ପୃଥକ ଆସନ ବିନ୍ୟସ୍ତ କରି ତହିଁରେ ସମ୍ୟକ୍ ସ୍ନାନାଚମନକୃତ ନିମନ୍ତ୍ରିତ ବ୍ରାହ୍ମଣମାନଙ୍କୁ ବସାଇବ ।

**ଉପବେଶ୍ୟତୁ ତାନ୍ ବିପ୍ରାନାସନେଷ୍ୱଜୁଗୁପ ସିତାନ୍ ।**
**ଗନ୍ଧମାଲ୍ୟୈଃ ସୁରଭିଭିରର୍ଚ୍ଚୟେଦ୍ଦେବପୂର୍ବକମ୍ ।୨୦୯।**

ସେହି ଆସନମାନଙ୍କରେ ଆନନ୍ଦିତ ବ୍ରାହ୍ମଣମାନଙ୍କୁ ବସାଇ ଉତ୍ତମ ସୁଗନ୍ଧିତ ଗନ୍ଧମାଲ୍ୟଦ୍ୱାରା ଦେବପୂର୍ବକ (ଅର୍ଥାତ୍ ଆଗେ ଦେବସ୍ଥାନୀୟ ବ୍ରାହ୍ମଣ ଓ ପରେ ପିତୃସ୍ଥାନୀୟ ବ୍ରାହ୍ମଣମାନଙ୍କୁ) ପୂଜା କରିବ ।

**ତେଷମୁଦକମାନୀୟ ସପବିତ୍ରଂ ସ୍ତିଳାନପି ।**
**ଅଗ୍ନୌ କୁର୍ଯ୍ୟାଦନୁଜ୍ଞାତୋ ବ୍ରାହ୍ମଣୈଃ ସହ ।୨୧୦।**

ସେହି ବ୍ରାହ୍ମଣମାନଙ୍କୁ କୁଶ ଓ ତିଳମିଶ୍ରିତ ଅର୍ଘ୍ୟଜଳ ଦାନ କରି ସମସ୍ତ ବ୍ରାହ୍ମଣମାନଙ୍କର ଅନୁଜ୍ଞା ନେଇ ବ୍ରାହ୍ମଣଙ୍କ ସହିତ ବ୍ରହ୍ମହୋମ ଅଗ୍ନିରେ କରିବ ।

**ଅଗ୍ନେଃ ସୋମ ଯମାଭ୍ୟାଞ୍ଚ କୃତ୍ୱାପ୍ୟାୟନମାଦିତଃ ।**
**ହବିର୍ଦାନେନ ବିଧିବତ୍ ପଶ୍ଚାତ୍ ସନ୍ତର୍ପୟେତ୍ ପିତୃନ୍ ।୨୧୧।**

ପ୍ରଥମେ ଯଥାବିଧି ହୋମ କରି ଅଗ୍ନି, ସୋମ ଓ ଯମକୁ ପର୍ଯ୍ୟୁକ୍ଷଣପୂର୍ବକ ହବିଦାନ କରି ପଛେ ପିତୃଗଣଙ୍କୁ ତୃପ୍ତ କରିବ ।

**ଅଗ୍ନ୍ୟଭାବେ ତୁ ବିପ୍ରସ୍ୟ ପ୍ରାଣାବେବୋପପାଦୟେତ୍ ।**
**ଯୋହ୍ୟଗ୍ନି ସ ଦ୍ୱିଜୋ ବିପ୍ରୈର୍ମନ୍ତ୍ରଦର୍ଶି ଭିରୁଚ୍ୟତେ ।୨୧୨।**

ଅଗ୍ନି ଅଭାବରେ ହୋମ କରି ନ ପାରିଲେ ବ୍ରାହ୍ମଣର ହସ୍ତରେ (ଉକ୍ତ ତିନି) ଆହୁତି ଦେବ । କାରଣ ଯେ ବ୍ରାହ୍ମଣ ଏହା ମନ୍ତ୍ରଦର୍ଶୀ ବ୍ରାହ୍ମଣମାନେ ବୋଲନ୍ତି ।

**ଅକ୍ରୋଧନାନ୍ ସପ୍ରସାଦାନ୍ ପୁରାତନାନ୍ ।**
**ଲୋକସ୍ୟାପ୍ୟୟନେ ଯୁକ୍ତାନ୍ ଶ୍ରାଦ୍ଧଦେବାନ୍ ଦ୍ୱିଜୋତମାନ୍ ।୨୧୩।**

କ୍ରୋଧହୀନ, ପ୍ରସନ୍ନଚିତ୍ତ, ବୃଦ୍ଧ ଏବଂ ଲୋକହିତରେ ରତ ଦ୍ୱିଜଶ୍ରେଷ୍ଠମାନଙ୍କୁ ଶ୍ରାଦ୍ଧର ପାତ୍ରଭୂତ ବୋଲନ୍ତି ।

**ଅପସବ୍ୟମଗ୍ନୌ କୃତ୍ୱା ସର୍ବଯାବୃତ୍ୟ ବିକ୍ରମମ୍ ।**
**ଅପସବ୍ୟେନ ହସ୍ତେନ ନିର୍ବପେଦୁଦକଂ ଭୁବି ।୨୧୪। ***

ଦକ୍ଷିଣାଭିମୁଖ ହୋଇ ଅଗ୍ନିରେ ହୋମ ଓ ଅନୁଷ୍ଠାନକର୍ମ କରି ପଛେ ଦକ୍ଷିଣ ହାତରେ ଭୂମି ଉପରେ ପାଣି ଢାଳିବ ।

**ତ୍ରୀଂସ୍ତୁ ତସ୍ମାଦ୍ଧବିଃଶେଷାତ୍ ପିଣ୍ଡାନ୍ କୃତ୍ୱା ସମାହିତଃ ।**
**ଔଦକେନୈବ ବିଧିନା ନିର୍ବପେଦ୍ଦକ୍ଷିଣାମୁଖଃ ।୨୧୫।**

ଅଗ୍ନିରେ ଆହୁତି ପ୍ରଦାନ କରି ହୁତାବଶିଷ୍ଟ ଦ୍ରବ୍ୟସବୁ ଏକତ୍ରିତ କରି ତିନୋଟି ପିଣ୍ଡ ପ୍ରସ୍ତୁତ କରି ଔଦକବିଧିଦ୍ୱାରା ଦକ୍ଷିଣ ମୁଖରେ ଅନନ୍ୟମନ୍ୟା ହୋଇ କୁଶରେ ରଖାଇବ ।

**ନ୍ୟୁପ୍ୟ ପିଣ୍ଡାଂସ୍ତତସ୍ତ୍ୟାସ୍ତୁ ପ୍ରଯତୋ ବିଧିପୂର୍ବକମ୍ ।**
**ତେଷୁ ଦର୍ଭେଷୁତଂ ହସ୍ତଂ ନିମୃଜ୍ୟାଲ୍ଲେପଭାଗିନାମ୍ ।୨୧୬।**

ବିଧିପୂର୍ବକ ସେହି ପିଣ୍ଡମାନ (ଦର୍ଭୋପରି) ସ୍ଥାପନ କରି ସେହି ଦର୍ଭଉପରେ ଲେପଭୁକ୍ ପିତୃଗଣର ତୃପ୍ତିସକାଶେ ହାତ ପୋଛି ପକାଇବା ।

**ଆଚମ୍ୟୋଦକ୍ ପରାବୃତ୍ୟ ତ୍ରିରାୟମ୍ୟଶନେ ରସନ୍ ।**
**ଷଡ୍ତୃତୂଂଶ୍ଚ ନମସ୍କୃର୍ଯ୍ୟାତ୍ ପିତୃଦେବ ଚ ମନ୍ତ୍ରାବିତ୍ ।୨୧୭।**

ଅନନ୍ତର ଉତ୍ତରମୁଖ ହୋଇ ଆଚମନ ଓ କ୍ରମେ ୨ ତିନି ପ୍ରାଣାୟାମ କରି ମନ୍ତ୍ରଜ୍ଞ ଷଡ଼ଋତୁ ଓ ପିତୃଗଣଙ୍କୁ ନମସ୍କାର କରିବ ।

**ଉଦକଂ ନିନୟେଚ୍ଛେଷଂ ଶନୈଃ ପିଣ୍ଡାନିକେ ପୁନଃ ।**
**ଅବଜଘ୍ରେଚ୍ଚ ତାନ୍ ପିଣ୍ଡାନ୍ ଯଥାନ୍ୟୁପ୍ତାନ୍ ସମାହିତଃ ।୨୧୮।**

---

* କୌଣସି ୨ ପାଠରେ "ସ୍ୱର୍ବମାବୃତ୍ ପରିକ୍ରମମ୍" ଅଛି ।

ଏକାଗ୍ର ଚିତ୍ତହୋଇ ପିଣ୍ଡଦାନ ପାତ୍ରରେ ଯେଉଁ ଜଳ ଅବଶିଷ୍ଟ ଥିବ, ତାହାକୁ ପିଣ୍ଡ ସମୀପରେ ଧୀରେ ୨ ପକାଇ ସାବଧାନ ହୋଇ ଯେଉଁ କ୍ରମରେ ପିଣ୍ଡ ରଖାଯାଇଥିଲା ସେହି କ୍ରମରେ ଆଘ୍ରାଣ କରିବ ।

**ପିଣ୍ଡେଭ୍ୟସ୍ତ୍ୱଳ୍ପିକାଂ ମାତ୍ରା ସମାଦାୟାନୁପୂର୍ବଶଃ ।**
**ତାନେବ ବିପ୍ରାନାସୀନାନ୍ ବିଧିବତ୍ ପର୍ବମାଶୟେତ୍ ।୨୧୯।**

ଯଥାକ୍ରମରେ ପ୍ରତ୍ୟେକ ପିଣ୍ଡରୁ ଅଳ୍ପ ଅଳ୍ପ ନେଇ ବିଧିପୂର୍ବକ ସେହି ଅଳ୍ପଭାଗକୁ ସମୟରେ ବ୍ରାହ୍ମଣମାନଙ୍କୁ ଖୁଆଇବ ।

**ମ୍ରିୟମାଣେ ତୁ ପିତରି ପୂର୍ବେଷା ମେବ ନିର୍ବପେତ୍ ।**
**ବିପ୍ରବଦ୍ ବାପିତଂ ଶ୍ରାଦ୍ଧେ ସ୍ୱକଂ ପିତରମାଶୟେତ୍ ।୨୨୦।**

ପିତା ଜୀବିତ ଥିଲେ ପୂର୍ବ ପୁରୁଷମାନଙ୍କର ଶ୍ରାଦ୍ଧ କରିବ । ଅଥବା ପିତୃବ୍ରାହ୍ମଣ ସ୍ଥାନରେ ଆପଣା ପିତାଙ୍କୁ ଖୁଆଇବ ।

**ପିତା ଯସ୍ୟ ତୁ ବୃତ୍ତଃ ସ୍ୟାଜ୍ଜୀବେଦ୍ ବାପି ପିତାମହଃ ।**
**ପିତୁଃ ସ ନାମ ସଂକୀର୍ତ୍ତି କୀର୍ତ୍ତୟେତ୍ ପ୍ରପିତାମହମ୍ ।୨୨୧।**

ପିତା ମରିଯାଇ ପିତାମହ ବଞ୍ଚିଥିଲେ ପିତାଙ୍କ ନାମ ଉଚ୍ଚାରଣ ପୂର୍ବକ ପ୍ରପିତାମହର ନାମ ଉଚ୍ଚାରଣ ଶ୍ରାଦ୍ଧ କରିବ ।

**ପିତାମହୋ ବା ତଚ୍ଛ୍ରାଦ୍ଧଂ ଭୁଞ୍ଜୀତେତ୍ୟବ୍ରବୀନ୍ ମନୁଃ ।**
**କାମଂ ବା ସମନୁଜ୍ଞାତା ସ୍ୱୟମେବ ସମାଚରେତ୍ ।୨୨୨।**

ଅଥବା ସେହି ଶ୍ରାଦ୍ଧରେ ଜୀବିତା ପିତାମହଙ୍କୁ ଭୋଜନ କରାଇବ ଏହା ମନୁ କହି ଅଛନ୍ତି, ଅଥବା ପିତାମହଙ୍କ ଆଜ୍ଞା ଘେନି ଯେପରି ଇଚ୍ଛା ସେପରି କରିବ ।

**ତେଷାଂ ଦତ୍ତ୍ୱା ତୁ ହସ୍ତେଷୁ ସପବିତ୍ରଂ ତିଳୋଦକମ୍ ।**
**ତତ୍ପିଣ୍ଡାଗ୍ରଂ ପ୍ରଯଚ୍ଛେତ ସ୍ୱଧେଷାମସ୍ତ୍ୱିତି ବ୍ରୁବନ୍ ।୨୨୩।**

ସେହି ବ୍ରାହ୍ମଣମାନଙ୍କ ହାତରେ ସପବିତ୍ର ତିଳୋଦକଦେଇ ପିତୃଗଣର ସ୍ୱଧା ହେଉ କହି ପିଣ୍ଡାଂଶ ପ୍ରଦାନ କରିବ ।

**ପାଣିଭ୍ୟାନ୍ତୁପସଂଗୃହ୍ୟ ସ୍ୱୟମନ୍ନସ୍ୟ ବର୍ଦ୍ଧିକମ୍ ।**
**ବିପ୍ରାନ୍ତିକେ ପିତୃନ୍ ଧ୍ୟାୟନ୍ ଶନକୈରୁପନିକ୍ଷିପେତ୍ ।୨୨୪।**

ପରେ ଅନ୍ନପୂର୍ଣ୍ଣ ପାତ୍ର ନିଜେ ଦୁଇହାତରେ ନେଇ ପରିବେଷଣାର୍ଥ ପିତୃଗଣଙ୍କୁ ସ୍ମରଣ କରି ବ୍ରାହ୍ମଣମାନଙ୍କ ସମୀପରେ ସ୍ଥାପନ କରିବ ।

**ଉଭୟୋର୍ହସ୍ତୟୋର୍ମୁକ୍ତଂ ଯଦନ୍ନମୁପନୀୟତେ ।**
**ତଦ୍ ବିପ୍ରଲୁନ୍ତ୍ୟସୁରାଃ ସହସା ଦୁଷ୍ଟଚେତସଃ ।୨୨୫।**

ଦୁଇହାତରେ ନ ଆଣିବା ଅନ୍ନକୁ ଅକସ୍ମାତ୍ ଦୁଷ୍ଟବୁଦ୍ଧି ଅସୁରମାନେ ଛଡ଼ାଇ ଖାଆନ୍ତି (ଏଣୁ ଗୋଟାଏ ହାତରେ ଆଣିବ ନାହିଁ) ।

**ଗୁଣାଂଶ୍ଚ ସୂପଶାକାଦ୍ୟାନ୍ ପୟୋଦଧି ଘୃତମଧୁ ।**
**ବିନ୍ୟସେତ ପ୍ରଯତଃ ସମ୍ୟଗ୍ ଭୂମାବେବ ସମାହିତଃ ।୨୨୬।**

ଚଟଣି, ଡାଲି, ତରକାରୀ ଇତ୍ୟାଦି ଦୁଧ, ଦହି, ଘିଅ, ମଧୁ ଅତି ସାବଧାନ ହୋଇ ଅନ୍ୟମନରେ ଭୂମିରେ (ପାତ୍ରୋପରି) ସ୍ଥାପନ କରିବ ।

**ଭକ୍ଷଂ ଭୋଜ୍ୟଞ୍ଚ ବିବିଧଂ ମୂଳାନି ଚ ଫଳାନି ଚ ।**
**ହୃଦ୍ୟାନି ଚୈବ ମାଂସାନି ପାନାନି ସୁରଭୀଣି ଚ ।୨୨୭।**

ନାନାପ୍ରକାର ଭକ୍ଷ୍ୟ ଭୋଜ୍ୟସାମଗ୍ରୀ, ନାନାପ୍ରକାର ଫଳମୂଳ, ହୃଦୟଗ୍ରାହୀ ମାଂସକୁ ନାନାପ୍ରକାର ସୁଗନ୍ଧଯୁକ୍ତ ପାନୀୟ ।

**ଉପନୀୟଂ ତୁ ତତ୍ସର୍ବଂ ଶନକୈଃ ସୁସମାହିତଂ ।**
**ପରିବେଶୟେତ୍ ପ୍ରଯତୋ ଗୁଣାନ୍ ପୂର୍ବାନ୍ ପ୍ରଚୋଦୟନ୍ ।୨୨୮।**

ଏସବୁ ଦ୍ରବ୍ୟ ସମାହିତ ମନରେ କ୍ରମେ ବ୍ରାହ୍ମଣଙ୍କ ସମୀପରେ ଉପସ୍ଥିତ କରି ତତ୍ପରେ ସାବଧାନ ହୋଇ ପରିବେଷଣ କରିବ ଏବଂ ପରିବେଷଣ କାଳରେ ପରିବେଷ୍ୟପ୍ରାଣ ଭୋଜ୍ୟ ଦ୍ରବ୍ୟର ଗୁଣ କୀର୍ତ୍ତନ କରିବ ।

**ନାସ୍ରମାପାତୟେଜ୍ଜାତୁ ନ କୁପ୍ୟେନ୍ନାନୃତଂ ବଦେତ୍ ।**
**ନ ପାଦେନସ୍ପୃଶୟେଦନ୍ନଂ ନ ଚେତଦବଧୂନୟେତ୍ ।୨୨୯।**

ପରିବେଷଣ କାଳରେ ଅଶ୍ରୁପାତ କରିବ ନାହିଁ, କ୍ରୋଧ କରିବ ନାହିଁ, ମିଥ୍ୟା କଥା କହିବ ନାହିଁ, ପଦଦ୍ୱାରା ଅନ୍ନ ସ୍ପର୍ଶ କରିବ ନାହିଁ କିମ୍ବା ଅନ୍ନ ଛିଞ୍ଚାଡ଼ି ପକାଇବ ନାହିଁ ।

**ଅସ୍ରଂ ଗମୟତି ପ୍ରେତାନ୍ କୋପାଽରୀନନୃତଂ ଶୁନଃ ।**
**ପାଦସ୍ପର୍ଶସ୍ତୁ ରକ୍ଷାଂସି ଦୁଷ୍କୃତୀନବଧୂନନମ୍ ।୨୩୦।**

ଅଶ୍ରୁପାତ କଲେ ଅନ୍ନ ପ୍ରେତକୁ ଯାଏ, କ୍ରୋଧ କଲେ ଶତ୍ରୁମାନେ ପାନ୍ତି, ମିଥ୍ୟା କହିଲେ କୁକୁରଙ୍କୁ ପହୁଞ୍ଚେ, ପାଦଦ୍ୱାରା ସ୍ପର୍ଶ କଲେ ରାକ୍ଷସମାନଙ୍କୁ ମିଳେ ଏବଂ ଛିଞ୍ଚାଡ଼ି ପକାଇଲେ ଦୁଷ୍କୃତମାନେ ପ୍ରାପ୍ତ ହୁଅନ୍ତି ।

**ଯଦ୍ ଯଦ୍ ରୋଚେତ୍ ବିପ୍ରେଭ୍ୟସ୍ତତ୍ତଦ୍ଦଦ୍ୟାଦମତ୍ସରଃ ।**
**ବ୍ରହ୍ମୋଦ୍ୟାଶ୍ଚ ତଥାଃ କୁର୍ଯ୍ୟାତ୍ ପିତୃଣାମେତଦୀପ୍ସିତମ୍ ।୨୩୧।**

ଯେ ଯେ ଭୋଜ୍ୟ ଗ୍ରହଣରେ ବ୍ରାହ୍ମଣଙ୍କର ଅଭିରୁଚି ହୁଏ ଅକାର୍ପଣ୍ୟଭାବରେ ସେସବୁ ବ୍ରାହ୍ମଣମାନଙ୍କୁ ପରିବେଷଣ କରିବ । ବ୍ରାହ୍ମଣ ଭୋଜନ ସମୟରେ ଈଶ୍ୱରସମ୍ବନ୍ଧୀୟ କଥା ବୋଲିବା ପିତୃଗଣଙ୍କ ଅଭୀପ୍ସିତ ।

**ସ୍ୱାଧ୍ୟାୟଂ ଶ୍ରାବୟେତ୍ ପିତ୍ର୍ୟେ ଧର୍ମଶାସ୍ତ୍ରାଣି ଚୈବ ହି ।**
**ଆଖ୍ୟାନାନୀତିହାସାଂଶ୍ଚ ପୁରାଣାନିଖିଳାନିଚ ।୨୩୨।**

ବେଦ, ଧର୍ମଶାସ୍ତ୍ର, ଆଖ୍ୟାନ ଇତିହାସ ଓ ସମସ୍ତ ପୁରାଣ ଶ୍ରାଦ୍ଧରେ ଶୁଣାଇବ ।

**ହର୍ଷୟେଦ ବ୍ରାହ୍ମଣାଂସ୍ତୁଷ୍ଟୋ ଭୋଜୟେଚ୍ଚ ଶନୈଃଶନୈଃ ।**
**ଅନ୍ନାଦ୍ୟେନାସକୃଚ୍ଚୈ ତାନ୍ ଗୁଣୈଶ୍ଚ ପରିଚୋଦୟେତ୍ ।୨୩୩।**

ନିଜେ ପ୍ରସନ୍ନଚିତ୍ତ ହୋଇ ବ୍ରାହ୍ମଣଙ୍କୁ ପ୍ରସନ୍ନ କରିବ, ଧୀରେ ଧୀରେ ସେମାନଙ୍କୁ ଭୋଜନ କରାଇବ ଏବଂ ଅନ୍ନାଦିର ଗୁଣ କୀର୍ତ୍ତନ କରି ତାହା ଗ୍ରହଣ କରିବା ସକାଶେ ବାରମ୍ବାର ଅନୁରୋଧ କରିବ ।

**ବ୍ରତସ୍ଥମପି ଦୌହିତ୍ରଂ ଶ୍ରାଦ୍ଧେ ଯତ୍ନେନ ଭୋଜୟେତ୍ ।**
**କୁତପଞ୍ଚାସନେ ଦଦ୍ୟାତ୍ ତିଳୈଶ୍ଚ ବିକୀରେନ୍ ମହୀମ୍ ।୨୩୪।**

ଦୌହିତ୍ର ବ୍ରହ୍ମଚାରୀ ହେଲେ ସୁଦ୍ଧା ତାକୁ ଶ୍ରାଦ୍ଧରେ ଯତ୍ନପୂର୍ବକ ଖୁଆଇବ, ବସିବା ସକାଶେ ନେପାଳୀ କମ୍ବଳ ଦେବ ଏବଂ ଭୂମିରେ ତିଳ ବିଞ୍ଚିଦେବ ।

**ତ୍ରିଣି ଶ୍ରାଦ୍ଧେ ପବିତ୍ରାଣି ଦୋହିତ୍ରଃ କୁତପସ୍ତିଳାଃ ।**
**ତ୍ରିଣି ଚାତ୍ର ପ୍ରଶଂସନ୍ତି ଶୌଚମକ୍ରୋଧମତ୍ୱରାମ୍ ।୨୩୫।**

ଶ୍ରାଦ୍ଧରେ ଦୌହିତ୍ର, ନେପାଳୀ କମ୍ବଳ ଓ ତିଳ ଏହି ତିନି ପବିତ୍ର ଓ ଶୌଚ ଅକ୍ରୋଧ ଓ ଅତ୍ୱରା ତିନି ପ୍ରଶଂସିତ ।

**ଅତ୍ୟୁଷ୍ଣଂ ସର୍ବମନ୍ନଂ ସ୍ୟାଦ୍ ଭୂଞ୍ଜୀରଂସ୍ତେ ଚ ବାଗ୍ୟତଃ ।**
**ନ ଚ ଦ୍ୱିଜାତୟୋ ବ୍ରୁୟର୍ଦାତ୍ରା ପୃଷ୍ଟା ହବିର୍ଗୁଣାନ୍ ।୨୩୬।**

ସମୁଦାୟ ଅନ୍ନ ଅତ୍ୟୁଷ୍ଣ (ଗରମ) ହେବ ଏବଂ ବ୍ରାହ୍ମଣମାନେ କଥା ନ କହି ଭୋଜନ କରିବେ । ତାହା ସ୍ୱାଦୁ କି ଅସ୍ୱାଦୁ ଇତି ଅନ୍ନଗୁଣ ପଚାରିଲେ ସୁଦ୍ଧା ବ୍ରାହ୍ମଣମାନେ କିଛି କହିବେ ନାହିଁ ।

**ଯାବଦୁଷ୍ଣଂ ଭବତନ୍ନଂ ଯାବତନ୍ନଂ ଯାବଦଶ୍ନନ୍ତି ବାଗ୍ୟତାଃ ।**
**ପିତରସ୍ତାବଦ୍ଶ୍ନନ୍ତି ଯାବନ୍ନୋକ୍ତା ହବିର୍ଗୁଣାଃ ।୨୩୭।**

ଯେ ପର୍ଯ୍ୟନ୍ତ ଅନ୍ନ ଗରମ ଥାଏ, ସେ ପର୍ଯ୍ୟନ୍ତ ମୌନହୋଇ ଭୋଜନ କରନ୍ତି ଏବଂ ଯେ ପର୍ଯ୍ୟନ୍ତ ଗୁଣ ନ କହନ୍ତି ସେ ପର୍ଯ୍ୟନ୍ତ ପିତୃଗଣ (ବ୍ରାହ୍ମଣ ମୁଖରେ) ଭୋଜନ କରନ୍ତି ।

**ଯଦ୍‌ବେଷ୍ଟିତଶିରା ଭୁଙ୍କ୍ତେ ଯଦ୍ ଭୁଙ୍କ୍ତେ ଦକ୍ଷିଣାମୁଖଃ ।**
**ସୋପାନତ୍କଶ୍ଚ ଯଦ୍‌ଭୁଙ୍କ୍ତେ ତଦ୍ୱୈ ରକ୍ଷାଂସି ଭୁଞ୍ଜତେ ।୨୩୮।**

ମୁଣ୍ଡରେ ବସ୍ତ୍ରାଦି ବାନ୍ଧି ଯେ ଅନ୍ନ ଭୋଜନ କରାଯାଏ ଓ ଦକ୍ଷିଣମୁଖ ହୋଇ ଯେ ଭୋଜନ କରନ୍ତି ପିତୃମାନେ ତାହା ଗ୍ରହଣ କରନ୍ତି ନାହିଁ ।

**ଚାଣ୍ଡାଳାଶ୍ଚ ବରାହଶ୍ଚ କୁକ୍କୁଟଃଶ୍ୱା ତଥୈବ ଚ ।**
**ରଜସ୍ୱଳାଚ ଷଣ୍ଢଶ୍ଚ ନେକ୍ଷେରନ୍ନଶ୍ନତୋ ଦ୍ୱିଜାନ୍ ।୨୩୯।**

ବ୍ରାହ୍ମଣମାନେ ଭୋଜନ କରିବା ସମୟରେ ଯେପରି ଚାଣ୍ଡାଳ, ଶୂକର, କୁକ୍‌କୁଟ, କୁକୁର, ରଜସ୍ୱଳା ସ୍ତ୍ରୀଲୋକ ଏବଂ ନପୁଂସକ ଦେଖିବାକୁ ନ ପାନ୍ତି ଏମନ୍ତ ଉପାୟ କରିବ ।

**ହୋମେ ପ୍ରଦାନ ଭୋଜ୍ୟେ ଚ ଯଦେଭିରଭିବୀକ୍ଷ୍ୟତେ ।**
**ଦୈବେ କର୍ମଣି ପିତ୍ର୍ୟେ ବାତଦ୍ ଗଚ୍ଛତ୍ୟଯଥାତଥମ୍ ।୨୪୦।**

ଅଗ୍ନିହୋତ୍ର, ଦାନ ଭୋଜନ, ଦେବକର୍ମ ବା ପିତୃକର୍ମରେ ଯଦି ଏମାନେ ଦେଖନ୍ତି ତେବେ ତାହା ନିଷ୍ଫଳ ହୁଏ ।

**ଘ୍ରାଣେନ ଶୂକରୋ ହନ୍ତି ପକ୍ଷବାତେନ କୁକ୍‌କୁଟଃ ।**
**ଶ୍ୱା ତୁ ଦୃଷ୍ଟି ନିପାତେନ ସ୍ପର୍ଶେନାବରବର୍ଣ୍ଣଜଃ ।୨୪୧।**

ଶୂକର ଘ୍ରାଣଦ୍ୱାରା, କୁକ୍‌କୁଟ ପକ୍ଷବାୟୁଦ୍ୱାରା, କୁକ୍‌କୁର ଦୃଷ୍ଟିପାତଦ୍ୱାରା ଏବଂ ଶୂଦ୍ର ସ୍ପର୍ଶଦ୍ୱାରା ନିଷ୍ଫଳ କରନ୍ତି ।

**ଖଞ୍ଜୋ ବା ଯଦି ବା କାଣୋ ଦାତୁଃ ପେଷ୍ୟୋଽପି ବା ଭବେତ୍ ।**
**ହୀନାତିରକ୍ତଗାତ୍ରୋ ବା ତମପ୍ୟପନୟେଦ୍‌ବତଃ ।୨୪୨**

* କୌଣସି ୨ ପାଠରେ ''ତମପ୍ୟନୟେତ୍‌ପୁନଃ'' ଅଛି ।

ଖଞ୍ଜ, କାଣ, ହୀନାଙ୍ଗ ବା ଅଧିକାଂଶ ବ୍ୟକ୍ତି ଏମାନେ ଦାତାର ଭୃତ୍ୟ ହେଲେ ସୁଦ୍ଧା ସେମାନଙ୍କୁ ଶ୍ରାଦ୍ଧସ୍ଥାନରୁ ଅପସାରଣ କରିବ ।

**ବ୍ରାହ୍ମଣଂ ଭିକ୍ଷୁକଂ ବାପି ଭୋଜନାର୍ଥମୁପସ୍ଥିତମ୍ ।**
**ବ୍ରାହ୍ମଣୈରଭ୍ୟନୁଜ୍ଞାତଃ ଶକ୍ତିତା ପ୍ରତିପୂଜୟେତ୍ ।୨୩୩।**

ଅତିଥିରୂପେ ବ୍ରାହ୍ମଣ ଅଥବା ଭିକ୍ଷୁକ ସେ ସମୟରେ ଭୋଜନ ସକାଶେ ଉପସ୍ଥିତ ହେଲେ ତାହାକୁ ସୁଦ୍ଧା ବ୍ରାହ୍ମଣମାନଙ୍କର ଆଜ୍ଞା ଘେନି ଯଥାଶକ୍ତି ପୂଜା କରିବ (ଭୋଜନ ବା ଭିକ୍ଷାଦେବ) ।

**ସାର୍ବବର୍ଣ୍ଣିକମନ୍ନାଦ୍ୟଂ ସନ୍ନୀୟାପ୍ଲାବ୍ୟ ବାରିଣା ।**
**ସମୁତ୍ସୃଜେଦ୍ଭୁକ୍ତବତାମଗ୍ରତୋ ବିକିରନ୍ ଭୁବି ।୨୪୪।**

ବ୍ରାହ୍ମଣଭୋଜନ ଶେଷ ହେଲେ ସବୁ ପ୍ରକାର ଅନ୍ନବ୍ୟଞ୍ଜନାଦି ଏକତ୍ର କରି ଜଳ ପୁରାଇ ଭୁକ୍ତ ବ୍ରାହ୍ମଣମାନଙ୍କ ଆଗରେ ଭୂମିରେ ଦର୍ଭୋପରି ରଖିବ ।

**ଅସଂସ୍କୃତପ୍ରମୀତାନାଂ ତ୍ୟାଗିନାଂ କୁଳଯୋଷିତମ୍ ।**
**ଉଚ୍ଛିଷ୍ଟଂ ଭାଗଧେୟଂ ସ୍ୟାଦ୍ଦର୍ଭେଷୁ ବିକିରଶ୍ଚ ଯଃ ।୨୪୫।**

ଦର୍ଭୋ ପରିସ୍ଥାପିତ ଯେ ଉଚ୍ଛିଷ୍ଟ ଅନ୍ନ ଅଗ୍ନି ସଂସ୍କାରର ଅଯୋଗ୍ୟମୃତବାଳକ ଓ କୁଳତ୍ୟାଗିନୀ ସ୍ତ୍ରୀଲୋକମାନଙ୍କର ତାହା ପ୍ରାପ୍ୟଭାଗ ଅଟେ ।

**ଉଚ୍ଛେଷଣଂ ଭୂମିଗତମଜିହ୍ମସ୍ୟାଶଠସ୍ୟ ଚ ।**
**ଦାସବର୍ଗସ୍ୟ ତତ୍ପିତ୍ର୍ୟେ ଭାଗଧେୟଂ ପ୍ରଚକ୍ଷତେ ।୨୪୬।**

ଶ୍ରାଦ୍ଧ କର୍ମରେ ଯେ ଉଚ୍ଛିଷ୍ଟ ଅନ୍ନ ଭୂଇଁରେ ପଡ଼ିଥାଏ ତାହା ସରଳ ସ୍ୱଭାବ, ଆଳସ୍ୟ ଶୂନ୍ୟ, ଅକପଟ ହୃଦୟ ଦାସବର୍ଗର ଭାଗବୋଲି ବୋଲାଯାଇଅଛି ।

**ଆସପିଣ୍ଡକ୍ରିୟାକର୍ମ ଦ୍ୱିଜାତେଃ ସଂସ୍ଥିତସ୍ୟ ତୁ ।**
**ଅଦେବ ଭୋଜୟେଚ୍ଛ୍ରାଦ୍ଧଂ ପିଣ୍ଡମେକନ୍ତୁ ନିର୍ବପେତ୍ ।୨୪୭।**

ଆସନ୍ନମୃତ ଦ୍ୱିଜାତିର ସପିଣ୍ଡୀକରଣ ପର୍ଯ୍ୟନ୍ତ ଶ୍ରାଦ୍ଧରେ ଦୈବପକ୍ଷ ନାହିଁ, ତହିରେ ଜଣେ ବ୍ରାହ୍ମଣ ଭୋଜନ କରାଇବ ଓ ଗୋଟିଏ ପିଣ୍ଡ ଦେବ ।

**ସହପିଣ୍ଡକ୍ରିୟାୟାନ୍ତୁ କୃତାୟାମସ୍ୟ ଧର୍ମତଃ ।**
**ଅନୟୈବାବୃତା କାର୍ଯ୍ୟଂ ପିଣ୍ଡନିର୍ବପଣଂ ସୁତୈଃ ।୨୪୮।**

ପରନ୍ତୁ ଧର୍ମାନୁସାରେ ମୃତବ୍ୟକ୍ତିର ସପିଣ୍ଡୀକରଣ ହେଲା ଉତ୍ତାରୁ ପୁତ୍ରମାନେ ମୃତାହତିଥିମାନଙ୍କର ପାର୍ବଣ ବିଧିରେ ପିଣ୍ଡଦାନ କରିବେ ।

**ଶ୍ରାଦ୍ଧଂ ଭୁକ୍ତ୍ୱା ଯଉଚ୍ଛିଷ୍ଟଂ ବୃଷଳାୟ ପ୍ରଯଚ୍ଛତି ।**
**ସମୂଢ଼ୋ କରକଂ ଯାତି କାଳସୂତ୍ରମବାକ୍ଶିରାଃ ।୨୪୯।**

ଶ୍ରାଦ୍ଧରେ ଭୋଜନ କରି ଯେ ବ୍ୟକ୍ତି ଉଚ୍ଛିଷ୍ଟ ଅନ୍ନ ଶୂଦ୍ରକୁ ଦିଏ ସେ ମୂଢ଼ କାଳସୂତ୍ର ନାମକ ନରକରେ ଅଧୋମୁଖରେ ପତିତ ହୁଏ ।

**ଶ୍ରାଦ୍ଧଭୂଗ୍ ବୃଷଳୀତଳ୍ପତଦହର୍ଯ୍ୟୋଽଧିଗଚ୍ଛତି ।**
**ତସ୍ୟାଃ ପୁରୀଷେ ତନ୍ମାସଂ ପିତରସ୍ତସ୍ୟ ଶେୟତେ ।୨୫୦। ***

ଶ୍ରାଦ୍ଧରେ ଭୋଜନ କରି ସେଦିନ ଯେ ବେଶ୍ୟାସଙ୍ଗ କରେ ତାହା ବିଷ୍ଠାରେ ସମ୍ଭୋଗକାରୀର ପିତୃଗଣ ମାସେକାଳ ଶୋଇଥାନ୍ତି ।

* କୌଣସି କୌଣସି ପାଠରେ 'ମାଂସି' ଅଛି ।

ପୃଷ୍ଟ୍ୱା ସ୍ୱଦିତମିତ୍ୟେବଂ ତୃପ୍ତାନାଚାମୟେତ୍ତତଃ ।
ଆଚାନ୍ତାଂଶ୍ଚାନୁଜାନୀୟାଦଭିତୋରମ୍ୟତାମିତି ।୨୫୧।

ତୃପ୍ତ ବ୍ରାହ୍ମଣମାନଙ୍କୁ ଭଲ ଆହାର ହୋଇଅଛି ତ ଏହାର ପଚାରି ଆଚମନ କରାଇବ ଏବଂ ଆଚମନ ପରେ ବିଶ୍ରାମ କରନ୍ତୁ କହିବ ।

ସ୍ୱଧାସ୍ତିତ୍ୟେ ବ୍ରାତଂ ବ୍ରୂୟୁ ବ୍ରାହ୍ମଣାସ୍ତଦନନ୍ତରମ୍ ।
ସ୍ୱଧାକାରଃ ପରଂ ହ୍ୟାଶ୍ୟାଃ ସର୍ବେଷୁ ପିତୃକର୍ମସୁ ।୨୫୨।

ତଦନନ୍ତର ସେହି ବ୍ରାହ୍ମଣମାନେ ଶ୍ରାଦ୍ଧକର୍ତ୍ତାଙ୍କୁ ସ୍ୱଧାହେଉ ବୋଲି ଆଶୀର୍ବାଦ କରିବେ । ସମୁଦାୟ ଶ୍ରାଦ୍ଧକାର୍ଯ୍ୟରେ ସ୍ୱଧା ଶବ୍ଦର ଉଚ୍ଚାରଣ ପରମ ଆଶୀର୍ବାଦ ଅଟେ ।

ତତୋ ଭୁକ୍ତବତାଂ ତେଷାମନ୍ନ ଶେଷଂ ନିବେଦୟେତ୍ ।
ଯଥାବ୍ରୂୟୁସ୍ତଥା କୁର୍ଯ୍ୟଦନୁଜ୍ଞାତସ୍ତତୋ ଦ୍ୱିଜୈଃ ।୨୫୩।

ତହିଁ ଉତ୍ତାରୁ ଭୁକ୍ତ ବ୍ରାହ୍ମଣମାନଙ୍କୁ ଅବଶିଷ୍ଟ ଅନ୍ନ କାହାକୁ ଦେବୁଁ ଏକଥା ପଚାରି ସେମାନେ ଯାହା ଆଜ୍ଞା କରିବେ ତଦନୁଯାୟୀ କରିବ ।

ପିତ୍ର୍ୟେ ସ୍ୱଦତମିତ୍ୟେବ ବାଚ୍ୟଂ ଗୋଷ୍ଠେ ତୁ ସୁଶ୍ରୁତମ୍ ।
ସମ୍ପନ୍ନମିତ୍ୟଭ୍ୟୁଦୟେ ଦୈବେ ରୁଚି ତମି ତ୍ୟପି ।୨୫୪।

ପିତୃଶ୍ରାଦ୍ଧରେ ସ୍ୱଦିତ (ଭଲ ଭୋଜନ), ଗୋଷ୍ଠି ଶ୍ରାଦ୍ଧରେ ଶୁଶ୍ରୁତ, ବୃଦ୍ଧି ଶ୍ରାଦ୍ଧରେ ସମ୍ପନ୍ନ ଓ ଦେବ ଶ୍ରାଦ୍ଧରେ ରୁଚିତ ଏହିକଥା ବୋଲି ବ୍ରାହ୍ମଣମାନଙ୍କୁ ତୃପ୍ତି ପଚାରିବ ।

ଅପରାହ୍ନସ୍ତଥା ଦର୍ଭା ବାସ୍ତୁସମ୍ପାଦନଂ ତିଳାଃ ।
ସୃଷ୍ଟ ମୃଷ୍ଟିଦ୍ୱିଜାଶ୍ଚାଗ୍ର୍ୟାଃ ଶ୍ରାଦ୍ଧକର୍ମସୁ ସମ୍ପଦଃ ।୨୫୫।

ଅପରାହ୍ନକାଳରେ କୁଶାଦି, ବାସ୍ତୁସମ୍ପାଦନ (ଘର ଲିପାପୋଛା), ତିଳ ଓ ଅକାତରେ ବ୍ରାହ୍ମଣମାନଙ୍କୁ ଅନ୍ନଦାନ, ଅନ୍ନାଦିର ସଂସ୍କାର ଓ ଉକ୍ତିପାଦନ ବ୍ରାହ୍ମଣ-ଏସବୁ ଶ୍ରାଦ୍ଧରେ ସମ୍ପଦ ବା ଅଙ୍ଗ ।

ଦର୍ଭାଃ ପବିତ୍ରଂ ପୂର୍ବାହ୍ନୋ ହବିଷ୍ୟାଣି ଚ ସର୍ବଶଃ ।
ପବିତ୍ରଂ ଯଚ୍ଚ ପୂର୍ବୋକ୍ତଂ ନିଜ୍ଞେୟା ହବ୍ୟସମ୍ପଦଃ ।୨୫୬।

କୁଶ, ମନ୍ତ୍ର, ପୂର୍ବାହ୍ନକାଳ, ଉତ୍କୃଷ୍ଟ ହବିଷ୍ୟାନ୍ନ ଓ ପୂର୍ବୋକ୍ତ ଲିପାପୋଛା ଆଦି ଯେ ପ୍ରବିତ୍ରତା ଏହା ଦୈବକର୍ମର ସମ୍ପଦ ।

ମୁନ୍ୟନ୍ନାନି ପୟଃ ସୋମୋ ମାଂସଂ ଯଚ୍ଚାନୁପସ୍କୃତମ୍ ।
ଅକ୍ଷାରଲବଣଂଚୈବ ପ୍ରକୃତ୍ୟା ହବିରୁଚ୍ୟତେ ।୨୫୭।

ମୁନିଜନସେବିତ ନୀବାରାଦି ଅନ୍ନ, ଦୁଗ୍ଧ, ସୋମରସ, ଅବିକୃତ ମାଂସ ଓ ସୈନ୍ଧବାଦି ଅତିକ୍ରିମ ଲବଣକୁ ସ୍ୱଭାବଜାତ ହବି ବୋଲାଯାଏ ।

ବିସୃଜ୍ୟ ବ୍ରାହ୍ମଣାସ୍ତାଂସ୍ତୁ ନିୟତୋ ବାଗ୍ୟତଃଶୁଚିଃ ।
ଦକ୍ଷିଣାଂଦିଶମାକାଙ୍କ୍ଷନ ଯାଚେତେମାନ୍ ବରାନ୍ ପିତୃନ୍ ।୨୫୮।

ସେହି ବ୍ରାହ୍ମଣମାନଙ୍କୁ ବିଦାୟ ଦେଇ ଶୁଦ୍ଧଭାବରେ ମୌନାବଲମ୍ବୀ ହୋଇ ଏକାଗ୍ର ଚିତ୍ତରେ ଦକ୍ଷିଣାଦିଗ ଅବଲୋକନ କରି ପିତୃଗଣଙ୍କ ନିକଟେ ଏହିସବୁ ବର ପ୍ରାର୍ଥନା କରିବ ।

---

* କୌଣସି ବହି ପାଠରେ ପରାହ୍ୟାଶୀଃ ଅଛି ।

**ଦାତାରୋ ନୋଽଭିବର୍ଦ୍ଧନ୍ତାଂ ବେଦାଃ ସନ୍ତତିରେବ ଚ ।**
**ଶ୍ରଦ୍ଧା ଚ ନୋ ମା ବ୍ୟଗମଦ୍ ବହୁଦେୟଞ୍ଚ ନୋଽସ୍ତ୍ୱିତି ।୨୫୯। ***

ଆମ୍ଭମାନଙ୍କ ବଂଶରେ ଦାତାର ସଂଖ୍ୟା, ବେଦ (ଅଧ୍ୟୟନ, ଅଧ୍ୟାପନ ଓ ଯାଗାନୁଷ୍ଠାନ) ଓ ପୁତ୍ରପୌତ୍ରାଦି ବଢୁ, ଆମ୍ଭମାନଙ୍କ କୁଳରୁ ଶ୍ରଦ୍ଧା ତିରୋହିତ ନ ହେଉ ଏବଂ ଦାନ କରିବା ସକାଶେ ବହୁଦେୟ ବସ୍ତୁ ବିଦ୍ୟମାନ ଥାଉ ।

**ଏବଂ ନିର୍ବପଣଂ କୃତ୍ୱା ପିଣ୍ଡାଂସ୍ତାଂ ସ୍ତଦନନ୍ତରମ୍ ।**
**ଗାଂ ବିପ୍ରମଜମଗ୍ନିଂ ବା ପ୍ରାଶୟେଦପ୍ସୁ ବା କ୍ଷିପେତ୍ ।୨୬୦।**

ଏହିପରି ପିଣ୍ଡଦାନ କରି ପିଣ୍ଡଟୁଡ଼ିକ ଗାଇ, ବ୍ରାହ୍ମଣ, ଛେଳି ବା ଅଗ୍ନିକୁ ଖୁଆଇବ ଅଥବା ପାଣିକୁ ପକାଇ ଦେବ ।

**ପିଣ୍ଡନିର୍ବପଣଂ କେଚିତ୍ ପୁରସ୍ତାଦେବ କୁର୍ବତେ ।**
**ବୟୋଭିଃ ଖାଦୟନ୍ତ୍ୟନ୍ୟେ ପ୍ରକ୍ଷିପନ୍ତ୍ୟନଲୋଽପ୍ସୁବା ।୨୬୧।**

କେହି କେହି ବା ଅଗ୍ରେ ବ୍ରାହ୍ମଣଭୋଜନ କରାଇ ପରେ ପିଣ୍ଡ ଦାନ କରନ୍ତି, କେହି ପକ୍ଷୀମାନଙ୍କୁ ପିଣ୍ଡ ଖୁଆଇ ଦିଅନ୍ତି ଏବଂ କେହି ନିଆଁ ବା ପାଣିରେ ପକାଇ ଦିଅନ୍ତି ।

**ପତିବ୍ରତା ଧର୍ମପତ୍ନୀ ପିତୃପୂଜନତତ୍ପରା ।**
**ମଧ୍ୟମନ୍ତୁ ତତଃ ପିଣ୍ଡମଦ୍ୟାତ୍ ସମ୍ୟକ୍ ସୁତାର୍ଥିନୀ ।୨୬୨।**

ପିତୃପୂଜନତତ୍ପରା ପତିବ୍ରତା ଧର୍ମପତ୍ନୀ ଯଦି ବିଶିଷ୍ଟ ପୁତ୍ରକାମିନୀ ହୁଅନ୍ତି ତେବେ ସେ ମଧ୍ୟମ (ପିତାମହର) ପିଣ୍ଡ ଭୋଜନ କରିବେ।

**ଆୟୁଷ୍ମାନ୍ତଂ ସୁତଂ ସୁତେ ଯଶୋମେଧାସମନ୍ୱିତମ୍ ।**
**ଧନବନ୍ତଂ ପ୍ରଜାବନ୍ତଂ ସାତ୍ତ୍ୱିକଂ ଧାର୍ମିକଂ ତଥା ।୨୬୩।**

ମଧ୍ୟମପିଣ୍ଡ ଭୋଜନ କଲେ ଧର୍ମପତ୍ନୀ ଗର୍ଭରେ ଯେ ପୁତ୍ରଜାତ ହେବ ସେ ଆୟୁଷ୍ମାନ, ଯଶସ୍ୱୀ, ମେଧାସମ୍ପନ୍ନ ଧନବାନ୍ ପ୍ରଜାବାନ୍ ସତ୍ତ୍ୱଗୁଣବିଶିଷ୍ଟ ଏବଂ ଧାର୍ମିକ ହେବ ।

**ପ୍ରକ୍ଷାଲ୍ୟ ହସ୍ତାବାଚମ୍ୟ ଜ୍ଞାତିପ୍ରାୟଂ ପ୍ରକଳ୍ପୟେତ୍ ।**
**ଜ୍ଞାତିଭ୍ୟଃ ସତ୍କୃତଂ ଦତ୍ତ୍ୱା ବାନ୍ଧବାନଭିଭୋଜୟେତ୍ ।୨୬୪।**

ତଦନନ୍ତର ଦୁଇହାତ ଧୋଇ ଆଚମନ କରି ସମାଦରରେ ଅନ୍ନାଦି ଦେଇ ମାତୃପକ୍ଷୀୟ ବନ୍ଧୁମାନଙ୍କୁ ଖୁଆଇବ ।

**ଉଚ୍ଛେଷଣନ୍ତୁ ତତ୍ତିଷ୍ଠେଦ୍ ଯାବଦ୍‌ବିପ୍ରା ବିସର୍ଜିତାଃ ।**
**ତତୋ ଗୃହବଳିଂ କୁର୍ଯ୍ୟାଦିତି ଧର୍ମୋ ବ୍ୟବସ୍ଥିତାଃ ।୨୬୫।**

ବ୍ରାହ୍ମଣମାନେ ପ୍ରସ୍ଥାନ କରି ଯିବା ପର୍ଯ୍ୟନ୍ତ ତାଙ୍କର ଉଚ୍ଛିଷ୍ଟ ସେଠାରେ ଥିବ, ଶ୍ରାଦ୍ଧ ସମାପନା ହେଲେ ବୈଶ୍ୱଦେବାଦି ନିତ୍ୟକର୍ମ କରିବ—ଏହାହିଁ ଧର୍ମ ବ୍ୟବସ୍ଥା ।

---

* ୭ ଗୋଟି ପୁସ୍ତକରେ ଆଉ ଗୋଟିଏ ଶ୍ଳୋକ ମିଳେ—ଅନ୍ନଂ ଚ ନୋ ବହୁ ଭବେଦ୍‌ତିଥୀଂଶ୍ଚ ଲଭେମହି । ଯାଚିତାରଶ୍ଚ ନଃ ସନ୍ତୁ ମାସ୍ମ ଯାଚିଷ୍ମ କଞ୍ଚନଃ । ଅର୍ଥାତ୍ ଆମ୍ଭଙ୍କୁ ଅନ୍ନବହୁତ ମିଳୁ, ଆମ୍ଭର ଅତିଥି ଅଧିକ ହେଉ, ଆମ୍ଭଙ୍କୁ ଅନେକ ମାଗନ୍ତୁ ବା ଆମ୍ଭେ କାହାକୁ ନ ମାଗୁଁ । ଆଉମଧ୍ୟ ଟୋଟିଏ ପୁସ୍ତକରେ ମିଳେ ଶ୍ରାଦ୍ଧ,ଭୁକ୍ ପୁନରଶ୍ନାତି ତଦହର୍ଯ୍ୟୋ ଦ୍ୱିଜାଧର୍ମଃ । ପ୍ରୟାତି ଶୂକରୀଂ ଯୋନିଂ କୃମିର୍ବା ନାତ୍ର ସଂଶୟଃ । ଅର୍ଥାତ୍ ଯେ ବ୍ରାହ୍ମଣଧର୍ମ ଶ୍ରାଦ୍ଧରେ ଭୋଜନ କରି ସେଦିନ ପୁଣି ଖାଏ ସେ ନିଃସନ୍ଦେହ ଶୂକର ବା କୃମିଯୋନି ପାଏ ।

**ହବିର୍ଯଚ୍ଚିରରାତ୍ରାୟ ଯଚ୍ଚାନନ୍ତ୍ୟାୟ କଳ୍ପତେ ।**
**ପିତୃଭ୍ୟୋ ବିଧିବଦ୍ଦତ୍ତଂ ତତ୍ ପ୍ରବକ୍ଷ୍ୟାମ୍ୟ ଶେଷତଃ ।୨୬୬।**

ଯେଉଁ ହବି ପିତୃଗଣଙ୍କୁ ଯଥାବିଧି ଦେଲେ ସେମାନଙ୍କର ଦୀର୍ଘକାଳବ୍ୟାପୀ ଅକ୍ଷୟ ତୃପ୍ତ ହୁଏ ତାହା ଅଶେଷ ପ୍ରକାରେ କହୁଅଛୁଁ ।

**ତିଳୈର୍ବ୍ରୀହିଯବୈର୍ମାଷୈରଦ୍ଭିର୍ମୂଳଫଳେନ ବା ।**
**ଦତ୍ତେନ ମାସଂ ପ୍ରୀୟନ୍ତେ ବିଧିବତ୍ ପିତରୋ ନୃଣାମ୍ ।୨୬୭।**

ତିଳ, ଧାନ, ଯବ, ବ୍ରୀହି, ଜଳ, ମୂଳ ଓ ଫଳ ବିଧିପୂର୍ବକ ଦେଲେ ମନୁଷ୍ୟମାନଙ୍କର ପିତୃଗଣ ମାସେକାଳ ପରିତୃପ୍ତ ହୁଅନ୍ତି ।

**ଦ୍ୱୌ ମାସୌ ମତ୍ସ୍ୟମାଂସେନ ତ୍ରୀନ୍ ମାସାନ୍ ହରିଣେନ ତୁ ।**
**ଔରଭ୍ରେଣାଥ ଚତୁରଃ ଶାକୁନେନାର୍ଥ ପଞ୍ଚବେ ।୨୬୮।**

(ପିତୃଗଣ) ମତ୍ସ୍ୟର ମାଂସରେ ଦୁଇମାସ, ହରିଣ ମାଂସରେ ତିନିମାସ, ମେଷ ମାଂସରେ ଚାରିମାସ ଏବଂ ପକ୍ଷୀମାଂସରେ ପାଞ୍ଚମାସ ପରିତୃପ୍ତ ହୁଅନ୍ତି ।

**ଷଣ୍ମାସାନ୍ ଛାଗମାଂସେନ ପାର୍ଷତେନ ଚ ସପ୍ତ ବୈ ।**
**ଅଷ୍ଟାବେଣସ୍ୟ ମାଂସେନ ରୌରବେଣ ନବୈବ ତୁ ।୨୬୯।**

ସେମାନେ ଛାଗମାଂସଦ୍ୱାରା ଛଅମାସ, ଚିତ୍ରମୃଗମାଂସଦ୍ୱାରା ସାତମାସ, ଏଣମୃଗମାଂସଦ୍ୱାରା ଆଠମାସ ଏବଂ ଗୁରୁ (କୃଷ୍ଣସାରର) ମୃଗମାଂସଦ୍ୱାରା ନଅମାସ ପରିତୃପ୍ତ ରହନ୍ତି ।

**ଦଶମାସାଂସ୍ତୁ ତୃପ୍ୟନ୍ତି ବରାହମହିଷାମିଷୈଃ ।**
**ଶଶକୂର୍ମୟୋସ୍ତୁ ମାଂସେନ ମାସାନେକାଦଶୈବ ତୁ ।୨୭୦।**

ବରାହ ଓ ମହିଷ ମାଂସରେ ଦଶମାସ ଏବଂ ଠେକୁଆ ଓ କଚ୍ଛପ ମାଂସରେ ସେମାନଙ୍କର ଏଗାର ମାସ ତୃପ୍ତ ହୁଏ ।

**ସଂବତ୍ସରନ୍ତୁ ଗବ୍ୟେନ ପୟସା ପାୟସେନ ଚ ।**
**ବାର୍ଧ୍ରୀଣସସ୍ୟ ମାଂସେନ ତୃପ୍ତିର୍ଦ୍ୱାଦଶବର୍ଷିକୀ ।୨୭୧।**

ଗୋଦୁଗ୍ଧ ଓ ତହିଁର ପାୟସଦ୍ୱାରା ସମ୍ବତ୍ସର ଓ ଲମ୍ବକର୍ଣ୍ଣବିଶିଷ୍ଟ ଶ୍ୱେତବର୍ଣ୍ଣ (ବୃଦ୍ଧ ଛାଗ) ବାର୍ଦ୍ଧ୍ରୀଣମାଂସଦ୍ୱାରା ସେମାନଙ୍କର ବାରବର୍ଷ ତୃପ୍ତି ହୁଏ ।

**କାଳଶାକଂ ମହାଶଳ୍କାଃ ଖଡ୍ଗଲୋହାମିଷଂ ମଧୁ ।**
**ଆନନ୍ତ୍ୟାୟୈବ କଳ୍ପନ୍ତେ ମୁନ୍ୟନ୍ନାନି ଚ ସର୍ବଶଃ ।୨୭୨।**

କାଳଶାକ, ବଡ଼କାତି ବିଶିଷ୍ଟ ମାଛ, ଗଣ୍ଡାର, ରକ୍ତଛାଗ, ମଧୁ ଓ ନୀବାରାଦି ମୁନିଜନ ସେବିତ ଅନ୍ନଦ୍ୱାରା ପିତୃଗଣର ଅନନ୍ତକାଳ ତୃପ୍ତି ହୁଏ ।

**ଯତ୍କିଞ୍ଚିନ୍ମଧୁନା ମିଶ୍ରଂ ପ୍ରଦଦ୍ୟାତ୍ତୁ ତ୍ରୟୋଦଶୀମ୍ ।**
**ତଦପ୍ୟକ୍ଷୟମେବ ସ୍ୟାଦ୍ ବର୍ଷାସୁ ଚ ମଘାସୁ ଚ ।୨୭୩।**

ବର୍ଷାକାଳରେ ମଘାନକ୍ଷତ୍ରରେ ତ୍ରୟୋଦଶୀ ସଂଯୁକ୍ତ ହେଲେ ସେହି ଦିନରେ ମଧୁ ମିଶ୍ରିତ କରି ଯାହା କିଛି ଅନ୍ନ ପିତୃଗଣଙ୍କୁ ପ୍ରଦାନ କରିବ ତଦ୍ୱାରା ତାଙ୍କର ଅକ୍ଷୟତୃପ୍ତି ହୁଏ ।

**ଅପି ନଃ ସ କୁଳେ ଜାୟାଦ୍ ଯୋ ନୋ ଦଦ୍ୟାତ୍ ତ୍ରୟୋଦଶୀମ୍ ।**
**ପାୟସଂ ମଧୁସର୍ପିର୍ଭ୍ୟାଂ ପ୍ରାକ୍ଛାୟେ କୁଞ୍ଜରସ୍ୟ ଚ ।୨୭୪।**

ପିତୃଗଣ ଇଚ୍ଛା କରନ୍ତି ଏମନ୍ତ ବଂଶଧର ଆମ୍ଭକୁଳରେ ହେଉ ଯେ ସେ ମଘାତ୍ରୟୋଦଶୀରେ ଅଥବା ଯେତେବେଳେ ହାତୀରପୂର୍ବଦିଗରେ ଛାଇ ପଡ଼େ ସେ ସମୟରେ ଆମ୍ଭମାନଙ୍କୁ ଘୃତମଧୁଯୁକ୍ତ ପାୟସଦ୍ୱାରା ପରିତୃପ୍ତ କରିବ ।

**ଯଦ୍ ଯଦ୍ଦଦାତି ବିଧିବତ୍ ସମ୍ୟକ୍ ଶ୍ରଦ୍ଧା ସମନ୍ୱିତଃ ।**
**ତତ୍ତତ୍ ପିତୃଣାଂ ଭବତି ପରତ୍ରାନନ୍ତମକ୍ଷୟମ୍ ।୨୭୫।**

ସମ୍ୟକ୍ ଶ୍ରଦ୍ଧାସମନ୍ୱିତ ହୋଇ ଯଥାବିଧି ପିତୃଗଣଙ୍କୁ ଯାହା କିଛି ଦାନ କରାଯାଏ ପରକାଳରେ ତାହା ପିତୃଲୋକର ଅକ୍ଷୟ ଓ ଅନନ୍ତତୃପ୍ତିର କାରଣ ହୁଏ ।

**କୃଷ୍ଣପକ୍ଷ ଦଶମ୍ୟାଦୌ ବର୍ଜ୍ଜୟିତ୍ୱାଚତୁର୍ଦ୍ଦଶୀମ୍ ।**
**ଶ୍ରାଦ୍ଧେ ପ୍ରଶସ୍ତା ତିଥୟୋ ଯଥୈତା ନ ତଥେତରାଃ ।୨୭୬।**

ଚତୁର୍ଦ୍ଦଶୀ ଛାଡ଼ି କୃଷ୍ଣପକ୍ଷର ଦଶମୀଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ତିଥିମାନ ଶ୍ରାଦ୍ଧ ସକାଶେ ଯେପରି ପଶସ୍ତ ସେପରି ଅନ୍ୟ ତିଥିମାନ ନୁହେଁ ।

**ଯୁକ୍ଷୁ କୁର୍ବନ ବିନର୍କ୍ଷେଷୁ ସର୍ବାନ୍ କାମାନ୍ ସମଶ୍ନୁତେ ।**
**ଅଯୁକ୍ଷୁ ପିତୃନ୍ ସର୍ବାନ୍ ପ୍ରଜାଂ ପ୍ରାପ୍ନୋତି ପୁଷ୍କଳାମ୍ ।୨୭୭।**

ଦ୍ୱିତୀୟା ପ୍ରଭୃତି ଯୁଗ୍ମତିଥି ଓ ଭରଣୀରୋହିଣୀ ପ୍ରଭୃତି ଯୁଗ୍ମନକ୍ଷତ୍ରରେ ଶ୍ରାଦ୍ଧକଲେ ସକଳ କାମନା ସିଦ୍ଧ ହୁଏ ଏବଂ ଅଯୁଗ୍ମତିଥି ଓ ନକ୍ଷତ୍ରରେ ଶ୍ରାଦ୍ଧ କଲେ ଧନବିଦ୍ୟାଦିସମ୍ପନ୍ନ ସନ୍ତତି ଲାଭ ହୁଏ ।

**ଯଥା ଚୈବାପରଃ ପକ୍ଷଃ ପୂର୍ବାପକ୍ଷାଦ୍ ବିଶିଷ୍ୟତେ ।**
**ତଥା ଶ୍ରାଦ୍ଧସ୍ୟ ପୂର୍ବାହ୍ନ ଦପରାହ୍ନୋ ବିଶିଷ୍ୟତେ ।୧୭୮।**

ଶ୍ରଦ୍ଧାରେ ଅପର (କୃଷ୍ଣ) ପକ୍ଷ ଯେମନ୍ତ ପୂର୍ବ (ଶୁକ୍ଳ) ପକ୍ଷଠାରୁ ବିଶିଷ୍ଟ (ଫଳାଯ଼) ତେମନ୍ତ ପୂର୍ବାହ୍ନଠାରୁ ଅପରାହ୍ନ ଫଳଦାୟୀ ଅଟେ ।

**ପ୍ରାଚୀନାବୀତିନା ସମ୍ୟଗପସବ୍ୟମତନ୍ଦ୍ରିଣା ।**
**ପିତ୍ର୍ୟମାନିଧନାତ୍ କାର୍ଯ୍ୟଂ ବିଧିବଦ୍ଦର୍ଭ ପାଣିନା ।୨୭୯।**

ଡାହାଣ କାନ୍ଧରେ ଯଜ୍ଞସୂତ୍ରଧାରୀ ହୋଇ ନିରଳସ ଭାବରେ କୁଶହସ୍ତରେ ସମସ୍ତ ପିତୃ ସମ୍ବନ୍ଧୀୟ କାର୍ଯ୍ୟ ମୃତ୍ୟୁ ପର୍ଯ୍ୟନ୍ତ କରିବ ।

**ରାତ୍ରୌ ଶ୍ରାଦ୍ଧଂ ନ କୁର୍ବୀତ ରାକ୍ଷସୀ କୀର୍ତ୍ତିତା ହିସା ।**
**ସନ୍ଧ୍ୟାୟୋରୁଭୟୋର୍ଶ୍ଚୈବ ସୂର୍ଯ୍ୟେ ଚୈବାଚିରୋଦିତେ ।୨୮୦।**

ରାତ୍ରିକାଳରେ ଶ୍ରାଦ୍ଧ କରିବ ନାହିଁ—ତାହାକୁ ରାକ୍ଷସ କାଳ ବୋଲନ୍ତି । ଉଭୟ ସନ୍ଧ୍ୟାକାଳରେ କିମ୍ବା ସୂର୍ଯ୍ୟୋଦୟର ଅଳ୍ପକାଳ ମଧ୍ୟରେ ଶ୍ରାଦ୍ଧ କରିବ ନାହିଁ ।

**ଅନେକ ବିଧାନା ଶ୍ରାଦ୍ଧଂ ତ୍ରିରବସ୍ୟେହ ନିର୍ବପେତ୍ ।**
**ହେମନ୍ତଗ୍ରୀଷ୍ମବର୍ଷାସ୍ୱୁ ପାଞ୍ଚଯଜ୍ଞି କମନ୍ୱହମ୍ ।୨୮୧।**

ଏହି ବିଧିରେ ହେମନ୍ତ ଗ୍ରୀଷ୍ମ ଓ ବର୍ଷା କାଳରେ ବର୍ଷରେ ତିନିଥର ଶ୍ରାଦ୍ଧ କରିବ ଏବଂ ପଞ୍ଚଯଜ୍ଞାନ୍ତର୍ଗତ ଶ୍ରାଦ୍ଧ ପ୍ରତିଦିନ କରିବ ।

**ନ ପୈତୃଯଜ୍ଞିୟୋ ହୋମୋ ଲୌକିକେଽଗ୍ନୌ ବିଧୀୟତେ ।**
**ନ ଦର୍ଶନେ ବିନା ଶ୍ରାଦ୍ଧମାହିତାଗ୍ନେର୍ହି ଜନ୍ମନଃ ।୨୮୨।**

ପିତୃଯଜ୍ଞରେ ଯେ ହୋମ ବିହିତ ହୋଇଅଛି ତାହା ଲୌକିକ ଅଗ୍ନିରେ (ଶ୍ରୋତସ୍ମାର୍ତ୍ତଭିନ୍ନ ଅପର ଅଗ୍ନିରେ) କରିବ ନାହିଁ ଏବଂ ସାଗ୍ନିକ ଦ୍ୱିଜମାନେ ଅମାବାସ୍ୟାରେ ଅତିରିକ୍ତ ଅନ୍ୟ ତିଥିରେ ଶ୍ରାଦ୍ଧ କରିବେ ନାହିଁ ।

**ଯଦେବ ତର୍ପୟତ୍ୟଭିଃ ପିତୃନ୍ ସ୍ନାତ୍ୱା ଦ୍ୱିଜୋତ୍ତମଃ ।**
**ତେନୈବ କୃତ୍ସ୍ନମାପ୍ନୋତି ପିତୃଯଜ୍ଞକ୍ରିୟାଫଳମ୍ ।୨୮୩। ***

ସ୍ନାନାନ୍ତେ ଦ୍ୱିଜଶ୍ରେଷ୍ଠ ଜଳଦ୍ୱାରା ପିତୃଲୋକର ତର୍ପଣ କଲେ ତଦ୍ୱାରା ପିତୃ ଯଜ୍ଞକ୍ରିୟାର ସମୁଦାୟ ଫଳ ପ୍ରାପ୍ତ ହୁଅନ୍ତି ।

**ବସୂନ୍ ବଦନ୍ତି ତୁ ପିତୃନ୍ ରୁଦ୍ରାଂଶ୍ଚୈବ ପିତାମହାନ୍ ।**
**ପ୍ରପିତାମହାଂଶ୍ଚ ଦିତ୍ୟାନ୍ ଶ୍ରୁତିରେଷା ସନାତନୀ ।୨୮୪। ****

ସନାତନୀ ଶ୍ରୁତି ଏହି ଯେ ପିତୃଗଣଙ୍କୁ ବସୁ, ପିତାମହଗଣଙ୍କୁ ରୁଦ୍ର ଓ ପ୍ରପିତାମହଗଣଙ୍କୁ ଆଦିତ୍ୟ ବୋଲାଯାଏ ।

**ବିଘସାଶୀ ଭବେନ୍ନିତ୍ୟଂ ନିତ୍ୟ ବାମୃତଭୋଜନଃ ।**
**ବିଘସୋ ଭୁକ୍ତଶେଷନ୍ତୁ ଯଜ୍ଞେଶେଷଂ ତଥାମୃତମ୍ ।୨୮୫।**

ସର୍ବଦା ବିଘସ ଭୋଜୀ ବା ଅମୃତ ଭୋଜୀ ହେବ । ବ୍ରାହ୍ମଣାଦିଙ୍କ ଭୋଜନାନ୍ତେ ଅବଶିଷ୍ଟ ଅନ୍ନକୁ ବିଘସ ବୋଲାଯାଏ ଏବଂ ଯଜ୍ଞଶେଷର ଅନ୍ନକୁ ଅମୃତ ବୋଲି ।

**ଏତଦ୍‌ବୋଽଭିହିତଂ ସର୍ବଂ ବିଧନାଂ ପଞ୍ଚଯଜ୍ଞି କମ୍ ।**
**ଦ୍ୱିଜାତିମୁଖ୍ୟବୃତ୍ତୀନାଂ ବିଧାନାଂ ଶ୍ରୂୟତାମିତି ।୨୮୬।**

ଏହି ଯଜ୍ଞାନୁଷ୍ଠାନର ସକଳ ବିଧି ତୁମ୍ଭମାନଙ୍କୁ କହିଲୁଁ; ଏବେ ଦ୍ୱିଜାତିଙ୍କ ମୁଖ୍ୟ ବ୍ରାହ୍ମଣଙ୍କ ଜୀବିକାବିଧାନ ଶୁଣ ।

**— ତୃତୀୟ ଅଧ୍ୟାୟ ସମାପ୍ତ —**

# ଚତୁର୍ଥୋଽଧ୍ୟାୟଃ

**ଚତୁର୍ଥମାୟୁଷୋ ଭଗମୃଷିତ୍ୱାଦ୍ୟ ଶୁରୌ ଦ୍ୱିଜଃ ।**
**ଦ୍ୱିତୀୟମାୟୁଷୋ ଭାଗଂ କୃତଦାରୋ ଗୃହେ ବସେତ୍ ।୧।**

(ଶତବର୍ଷ ପ୍ରମାଣ) ଆୟୁର ପ୍ରଥମ ଚୌଠ (ପଚିଶବର୍ଷ) ଦ୍ୱିଜଗୁରୁକୁଳରେ ବାସ କରି ଆୟୁର ଦ୍ୱିତୀୟ ଭାଗରେ ଦାରପରିଗ୍ରହପୂର୍ବକ ଗୃହେବାସ (ଗୃହସ୍ଥାଶ୍ରମ) କରିବ ।

**ଆଦ୍ରୋହେଣୈବ ଭୂତାନାମଳ୍ପ ଦ୍ରୋହଣ ବା ପୁନଃ ।**
**ଯା ବୃତ୍ତିସ୍ତାଂ ସମାସ୍ଥାୟ ବିପ୍ରୋ ଜୀବେଦନାପଦି ।୨।**

ଯହିଁରେ କୌଣସି ପ୍ରାଣର ଅନିଷ୍ଟ ନ ହୁଏ ଅଥବା ଅଭାବ ପକ୍ଷରେ ଅଳ୍ପ ପୀଡ଼ା ହୁଏ ଏଭଳି ବୃତ୍ତି ଆପଦକାଳ ବ୍ୟତିତ ଅନ୍ୟ ସମୟରେ ଅବଲମ୍ବନ କରିବା କର୍ତ୍ତବ୍ୟ ।

**ଯାତ୍ରାମାତ୍ରପ୍ରସିଦ୍ଧ୍ୟର୍ଥଂ ସ୍ୱୈଃ କର୍ମଭିରଗର୍ହିତୈଃ ।**
**ଅକ୍ଲେଶେନ ଶରୀରସ୍ୟ କୁର୍ବିତ ଧନସଞ୍ଚୟମ୍ ।୩।**

ସଂସାରଯାତ୍ରାମାତ୍ର ଚଳିଯିବ ଏହାକୁ ଲକ୍ଷ୍ୟ ରଖି ଶରୀରକୁ କ୍ଲେଶ ନ ଦେଇ ଆପଣାର ଅନିନ୍ଦିତ କର୍ମଦ୍ୱାରା ଧନ ସଞ୍ଚୟ କରିବ ।

**ଋତାମୃତାଭ୍ୟାଂ ଜୀବେତ୍ତ ମୃତେନ ପ୍ରମୃତେନ ବା ।**
**ସତ୍ୟାନୃତାଭ୍ୟାମପିବା ନ ଶ୍ୱବୃତ୍ତ୍ୟା କଦାଚନ ।୪।**

---

* ୨୭୫ ଠାରୁ ୨୮୩ ଶ୍ଳୋକ ପ୍ରକ୍ଷିପ୍ତ ।
* କୌଣସି ୨ ପାଠରେ ବଦନ୍ତି ବୈ ଓ 'ପ୍ରପିତାମହାଂସ୍ତ୍ୱାଦିତ୍ୟାନ୍ ଅଛି ।

ଋତ ଏବଂ ଅମୃତଦ୍ୱାରା, ମୃତ ବା ଅମୃତଦ୍ୱାରା ଅଥବା ସତ୍ୟାନୃତଦ୍ୱାରା ଜୀବିକା ନିର୍ବାହ କରିବ, କଦାଚ କୁକୁରବୃତ୍ତି ଅବଲମ୍ବନ କରିବ ନାହିଁ ।

**ଋତମୁଞ୍ଛଶିଳଂ ଜ୍ଞେୟମମୃତଂ ସ୍ୟାଦଯାଚିତମ୍ ।**
**ମୃତନ୍ତୁ ଯାଚିତଂ ଭୈକ୍ଷ୍ୟଂ ପ୍ରମୃତଂ କର୍ଷଣଂ ସ୍ମୃତମ୍ ।୫।**

ଉଞ୍ଛ (ଭୂପତିତ ଧାନ୍ୟାଦିର କଣା ଗୋଟାଇବା) ଓ ଶୀଳ (ଧାନର ଶିଷା ଗୋଟାଇ ଆଣିବା)ଦ୍ୱାରା ଜୀବିକା ନିର୍ବାହକୁ ଋତ ବୋଲି, ଅଯାଚିତଭାବରେ ଯାହା କିଛି ଉପସ୍ଥିତ ହୁଏ ତାହାକୁ ଅମୃତବୃତ୍ତି, ଭିକ୍ଷାଜୀବନକୁ ମୃତ ବୃତ୍ତି ଓ କୃଷିଜୀବନକୁ ପ୍ରମୃତ ବୃତ୍ତି ବୋଲାଯାଏ ।

**ସତ୍ୟାନୃତନ୍ତୁ ବାଣିଜ୍ୟଂ ତେନ ଚୈବାପି ଜୀବ୍ୟତେ ।**
**ସେବା ଶ୍ୱବୃତ୍ତିରାଖ୍ୟାତା ତସ୍ମାତ୍ତାଂ ପରିବର୍ଜୟେତ୍ ।୬।**

ବାଣିଜ୍ୟକୁ ସତ୍ୟାନୃତ ବୋଲାଯାଏ, ତଦ୍ୱାରା ସୁଦ୍ଧା ଜୀବନ ଯାପନ କରିବ ମାତ୍ର ସେବା (ଚାକିରୀ ବା ଭୃତ୍ୟର କର୍ମ) କୁକୁରବୃତ୍ତି ଅଟେ—ତେଣୁ ତାହା କରିବ ନାହିଁ ।

**କୁଶଲଧାନ୍ୟକୋ ବାସ୍ୟାତ୍ କୁମ୍ଭୀଧାନ୍ୟକ ଏବ ବା ।**
**ତ୍ର୍ୟହୈହିକୋବାପି ଭବେଦ୍ ଶ୍ୱସ୍ତନିକ ଏବ ବା ।୭। ❋**

କୁଶଳଧାନ୍ୟକ (ତିନିବର୍ଷ ଚଳିଲାଭଳି ଧାନ ଅମାରରେ ସଞ୍ଚୟକାରୀ) ଅଥବା କୁମ୍ଭୀଧାନ୍ୟକ (ବର୍ଷେ ଚଳିଲା ଭଳି ମାଠିଆରେ ସଞ୍ଚୟକାରୀ) ଅବା ତିନିଦିନ ଚଳିପାରେ ଏଭଳି ସଞ୍ଚୟକାରୀ ହେବ କିମ୍ବା କାଲିପାଇଁ କିଛି ସଞ୍ଚୟ କରି ନ ପାର ।

**ଚତୁର୍ଣ୍ଣାମପି ଚୈତେଷାଂ ଦ୍ୱିଜାନଂ ଗୃହମେଧିନାମ୍ ।**
**ଜ୍ୟାୟାନ୍ ପରଃ ପରୋ ଜ୍ଞେୟୋ ଧର୍ମ୍ମତୋ ଲୋକଜିତ୍ତମଃ ।୮।**

ଏହି ଚାରି (ତିନି ସଞ୍ଚୟୀ ଓ ଜଣେ ଅସଞ୍ଚୟୀ) ଗୃହସ୍ଥ ବ୍ରାହ୍ମଣଙ୍କ ମଧ୍ୟରେ ଉତ୍ତରୋତ୍ତର କ୍ରମେ ଶ୍ରେଷ୍ଠ ଓ ଧର୍ମତଃ ଲୋକ ବିଜୟୀ ହୁଅନ୍ତି (ଅର୍ଥାତ୍ ଯେ ଯେତେ କମ୍ ସଞ୍ଚୟ କରେ ସେ ତେତେ ଶ୍ରେଷ୍ଠ) ।

**ଷଟ୍କର୍ମକୋ ଭବତ୍ୟେଷାଂ ତ୍ରିଭିରନ୍ୟଃ ପ୍ରବର୍ତ୍ତତେ ।**
**ଦ୍ୱାଭ୍ୟାମେକଶ୍ଚତୁର୍ଥସ୍ତୁ ବ୍ରହ୍ମସତ୍ରେଣ ଜୀବତି ।୯।**

ଏଥିମଧ୍ୟରୁ କେହି ଗୃହସ୍ଥ ଷଟ୍କର୍ମ (ଋତ, ଅଯାଚିତ, ଭିକ୍ଷା, କୃଷି, ବାଣିଜ୍ୟ ଓ କୁସୀଦ), ଅପର ତିନିକର୍ମ (ଯାଜନ, ଅଧ୍ୟାପନ ଓ ପ୍ରତିଗ୍ରହ), କେହି ଦୁଇକର୍ମ (ଯାଜନ ଓ ଅଧ୍ୟାପନ) ଅବା କେହି ଏକା ଅଧ୍ୟାପନଦ୍ୱାରା ଜୀବିକାନିର୍ବାହ କରନ୍ତି ।

**ବର୍ତ୍ତୟଂଶ୍ଚ ଶିଳୋଞ୍ଛାଭ୍ୟାମଗ୍ନିହୋତ୍ରପରାୟଣଃ ।**
**ଇଷ୍ଟୀଃ ପାର୍ବାୟନାନ୍ତୀୟାଃ କେବଳା ନିର୍ବପେତ୍ସଦା ।୧୦।**

ଶୀଳ ଓ ଉଞ୍ଛଜୀବୀ କେବଳ ସଦା ଅଗ୍ନିହୋତ୍ର ପରାୟଣ ହୋଇ ପର୍ବ ଓ ଅୟନାନ୍ତ ଯଜ୍ଞ (ଦର୍ଶ ଓ ପୌର୍ଣ୍ଣମାସାଦି) କରିବେ ।

**ନ ଲୋକବୃତ୍ତଂ ବର୍ତ୍ତେତ ବୃତ୍ତିହେତୋଃ କଥଞ୍ଚନ ।**
**ଅଜିହ୍ମାମଶଠାଂ ଶୁଦ୍ଧାଂ ଜୀବେଦ୍ବ୍ରହ୍ମଣଜୀବିକାମ୍ ।୧୧।**

ଖଣ୍ଡିଏ ପୁସ୍ତକରେ ଏଥିପରେ ଏ ଶ୍ଳୋକ ଦେଖାଯାଏ—ସଦ୍ୟଃ ପ୍ରକ୍ଷାଳିକୋ ବା ସ୍ୟାନ୍ମାସସଞ୍ଚୟିକୋଽପିବା । ଷଣ୍ମାସନିଚୟୋବାପି ସମାନିୟେ ଏବ ବା ଅର୍ଥାତ୍ ତୁରନ୍ତ ହାତ ପଖାଳିବା ଅଥବା ମାସେ, ଛ'ମାସେ ବା ବର୍ଷକସକାଶେ ସଞ୍ଚୟକାରୀ ହେବ ।

ଜୀବିକା ହେତୁ କଦାପି ଲୋକରଞ୍ଜନ (ମୋସାଦେବୀ) ବୃତ୍ତି ଅବଲମ୍ବନ କରିବ ନାହିଁ; ମାତ୍ର ଅସତ୍ୟ ଓ ଦୟାଦିଶୂନ୍ୟ ପବିତ୍ର ବ୍ରାହ୍ମଣୋପଯୋଗୀ ଜୀବିକା କରିବ ।

**ସନ୍ତୋଷଂ ପରମାସ୍ଥାୟ ସୁଖାର୍ଥି ସଂଯତୋ ଭବେତ୍ ।**
**ସନ୍ତୋଷମୂଳଂ ହି ସୁଖଂ ଦୁଃଖମୂଳଂ ବିପର୍ଯ୍ୟୟଃ ।୧୨।**

ସୁଖାର୍ଥୀ ଏକାନ୍ତ ସନ୍ତୋଷ ଅବଲମ୍ବନ କରି ସଂଯତ (ଧନଧାନ୍ୟାଦି ସଞ୍ଚୟରୁ ବିରତ) ହେବ; କାରଣ ସନ୍ତୋଷ ଏକା ସୁଖର କାରଣ ଏବଂ ଅସନ୍ତୋଷ ସଞ୍ଚୟ (ସଞ୍ଚୟ ଲିପ୍ସା ବା ଲୋଭ) ଦୁଃଖର ମୂଳ ।

**ଅତୋଽନ୍ୟତମୟା ବୃତ୍ତ୍ୟା ଜୀବସ୍ତୁ ସ୍ନାତକୋ ଦ୍ୱିଜଃ ।**
**ସ୍ୱର୍ଗ୍ୟାୟୁଷ୍ୟଯଶସ୍ୟାନି ବ୍ରତାନିମାନି ଧାରୟେତ୍ ।୧୩।**

ଗୃହସ୍ଥ ଦ୍ୱିଜ ଉପରୋକ୍ତ ବୃତ୍ତି ମଧ୍ୟରୁ କୌଣସି ବୃତ୍ତି ଅବଲମ୍ବନ କରି ନିମ୍ନୋକ୍ତ ସ୍ୱର୍ଗ ଆୟୁ ଓ ଯଶସ୍କର ବ୍ରତ ଧାରଣ କରିବ ।

**ବେଦୋଦିତଂ ସ୍ୱକଂ କର୍ମ ନିତ୍ୟଂ କୁର୍ଯ୍ୟାଦତନ୍ଦ୍ରିତଃ ।**
**ତଦ୍ଧି କୁର୍ବନ୍ ଯଥାଶକ୍ତି ପ୍ରାପ୍ନୋତି ପରମାଂ ଗତିମ୍ ।୧୪।**

ନିତ୍ୟ ନିରଳସ ହୋଇ ଆପଣାର ବେଦୋକ୍ତ କର୍ମ କରିବ; କାରଣ ଯଥାଶକ୍ତି ତାହା କଲେ ନିଶ୍ଚୟ ପରମଗତି (ମୋକ୍ଷ) ଲାଭ ହୁଏ ।

**ନେହେତାର୍ଥାନ୍ ପ୍ରସଙ୍ଗେନ ନ ବିରୁଦ୍ଧେନ କର୍ମଣା ।**
**ନ ବିଦ୍ୟମାନେଷ୍ୱର୍ଥେଷୁ ନାର୍ତ୍ତ୍ୟାମପି ଯତସ୍ତତଃ ।୧୫।**

ଗୀତବାଦ୍ୟ ବା ଶାସ୍ତ୍ରବିରୁଦ୍ଧ କୌଣସି କର୍ମଦ୍ୱାରା ଅର୍ଥୋପାର୍ଜନ କରିବାକୁ ଚେଷ୍ଟା କରିବ ନାହିଁ, ସମ୍ପତ୍ତି ବିଦ୍ୟମାନ ଥାଉଁ ଅଥବା ଜୀବିକାର ଅତ୍ୟନ୍ତ କଷ୍ଟ ହେଲେ ସୁଦ୍ଧା ଏଆଡୁ ସେଆଡୁ ଧନସଂଗ୍ରହ ଚେଷ୍ଟା କରିବ ନାହିଁ ।

**ଇନ୍ଦ୍ରିୟାର୍ଥେ ସର୍ବେଷୁ ନ ପ୍ରସଜ୍ୟେତ କାମତଃ ।**
**ଅତିପ୍ରସକ୍ତିଂ ଚୈତେଷାଂ ମନସା ସନ୍ନିବର୍ତ୍ତୟେତ୍ ।୧୬।**

ଇଚ୍ଛା କରି (ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ) ଇନ୍ଦ୍ରିୟ ବିଷୟ ସକଳରେ ଆସକ୍ତ ହେବ ନାହିଁ, ଏଥିରେ ବିଶେଷ ଆସକ୍ତିରୁ ମନକୁ ହଟାଇ ରଖିବ ।

**ସର୍ବାନ୍ ପରିତ୍ୟଜେଦର୍ଥାନ୍ ସ୍ୱାଧ୍ୟାୟସ୍ୟ ବିରୋଧିନଃ ।**
**ଯଥା ତଥାଧ୍ୟାପୟଂସ୍ତୁ ସା ହ୍ୟସ୍ୟ କୃତକୃତ୍ୟତା ।୧୭।**

ବେଦାଧ୍ୟୟନର ବିରୋଧୀ ସକଳ ବିଷୟ ପରିତ୍ୟାଗ କରିବ, ବେଦାଧ୍ୟାପନଦ୍ୱାରା ଯେପରି ପାର ସେପରି ଜୀବିକା ନିର୍ବାହ କରିପାରିଲେ ତାହା ହିଁ କୃତକୃତ୍ୟ (ସାଫଲ୍ୟ)

**ବୟସଃ କର୍ମଣୋଽର୍ଥସ୍ୟ ଶ୍ରୁତସ୍ୟାଭିଜନସ୍ୟ ଚ ।**
**ବେଶବାଗ୍ ବୁଦ୍ଧି ସାରୂପ୍ୟମାଚରନ୍ ବିଚରେଦିହ ।୧୮।**

ଆପଣାର ବୟସ, କର୍ମ, ଧନ, ବିଦ୍ୟା ଓ କୁଳ ଅନୁରୂପ ବେଶ, ବାଣୀ ଓ ବୁଦ୍ଧିଦ୍ୱାରା ଏହି ଜଗତରେ ବିଚରଣ କରିବ ।

**ବୁଦ୍ଧି ବୃଦ୍ଧି କରଣ୍ୟାଶୁ ଧନ୍ୟାନି ଚ ହିତାନି ଚ ।**
**ନିତ୍ୟଂ ଶାସ୍ତ୍ରାଣ୍ୟବେକ୍ଷେତ ନିଗମାଂଶ୍ଚୈବ ବୈଦିକାନ୍ ।୧୯।**

ଆଶୁବୁଦ୍ଧିବର୍ଦ୍ଧନ, ଅର୍ଥଜନକ ଓ ହିତକର ଶାସ୍ତ୍ରସକଳ ଓ ବେଦାର୍ଥାବୋଧକ ନିଗମ ଶାସ୍ତ୍ରସବୁ ପ୍ରତିଦିନ ପର୍ଯ୍ୟାଲୋଚନା କରିବା କର୍ତ୍ତବ୍ୟ ।

**ଯଥା ଯଥା ହି ପୁରୁଷଃ ଶାସ୍ତ୍ରଂ ସମଧି ଗଚ୍ଛତି ।**
**ତଥା ତଥା ବିଜାନାତି ବିଜ୍ଞାନଞ୍ଚାସ୍ୟ ରୋଚତେ ।୨୦। ***

ମନୁଷ୍ୟ ଯେ ଯେ ଶାସ୍ତ୍ରରେ ମନୋନିବେଶ କରନ୍ତି ସେହି ସେହି ଶାସ୍ତ୍ର ଉତ୍ତମ ରୂପେ ଅବଗତ ହୋଇ ପାରନ୍ତି ଏବଂ ତହିଁରୁ ତାଙ୍କର ବିଜ୍ଞାନ ପ୍ରଦୀପ୍ତ ହୁଏ ।

**ଋଷିଯଜ୍ଞଂ ଦେବ ଯଜ୍ଞଂ ଭୂତଯଜ୍ଞଞ୍ଚ ସର୍ବଦା ।**
**ନୃଯଜ୍ଞ, ପିତୃଯଜ୍ଞଞ୍ଚ ଯଥାଶକ୍ତି ନ ହାପୟେତ୍ ।୨୧।**

ଋଷିଯଜ୍ଞ, ଦେବଯଜ୍ଞ, ଭୂତଯଜ୍ଞ ନୃଯଜ୍ଞ ଓ ପିତୃଯଜ୍ଞ ଯଥାଶକ୍ତି କେବେ ହେଁ ଛାଡ଼ିବ ନାହିଁ ।

**ଏତାନେକେ ମହାଯଜ୍ଞାନ୍ ଯଜ୍ଞାଶ ସ୍ତ୍ରବିଦୋଜନାଃ ।**
**ଅନୀହମାନାଃ ସତତ ମିନ୍ଦ୍ରିୟେଷ୍ୱେବ ଜୁହ୍ୱତି ।୨୨।**

ଯଜ୍ଞଶାସ୍ତ୍ରମର୍ମଜ୍ଞ କେହି ବାହ୍ୟଚେଷ୍ଟାସମୁଦାୟରୁ ଉପରତ ହୋଇ ପଞ୍ଚଜ୍ଞାନେନ୍ଦ୍ରିୟକୁ ସର୍ବଦା ବିଷୟରୁ ପ୍ରତ୍ୟାହାର କରି ବ୍ରହ୍ମ ଯଜ୍ଞର ଅଭ୍ୟାସଦ୍ୱାରା ଏହି ପଞ୍ଚମହାଯଜ୍ଞର ଅନୁଷ୍ଠାନ କରନ୍ତି ।

**ବାଚ୍ୟେକେ ଜୁହ୍ୱତି ପ୍ରାଣଂ ପ୍ରାଣେ ବାଚଞ୍ଚ ସର୍ବଦା ।**
**ବାଚି ପ୍ରାଣେ ଚ ପଶ୍ୟନ୍ତୋ ଯଜ୍ଞନିର୍ବୃତ୍ତିମକ୍ଷୟାମ୍ ।୨୩।**

କେହି ବାଣୀକୁ ପ୍ରାଣରେ ଓ ପ୍ରାଣକୁ ବାଣୀରେ ହୋମ (ଲଗ୍ନ) କରନ୍ତି ଏବଂ ତଦ୍ୱାରା (ପ୍ରାଣାୟାମ ଓ ମୌନାବଲମ୍ବନ) ଯଜ୍ଞର ଅକ୍ଷୟ ଫଳସିଦ୍ଧି ଦେଖନ୍ତି ।

**ଜ୍ଞାନେନୈବାପରେ ବିପ୍ରା ଯଜନ୍ତ୍ୟେତୈ ର୍ମଖୈଃ ସଦା ।**
**ଜ୍ଞାନମୂଳାଂ କ୍ରିୟାମେଷାଂ ପଶ୍ୟନ୍ତୋ ଜ୍ଞାନଚକ୍ଷୁଷା ।୨୪।**

ଜ୍ଞାନ ଚକ୍ଷୁଦ୍ୱାରା ଏହି କ୍ରିୟାକୁ ଜ୍ଞାନମୂଳକ ଜାଣି ଅନ୍ୟ ବିପ୍ର ଏହି ଯଜ୍ଞକୁ ଜ୍ଞାନଦ୍ୱାରା କରନ୍ତି ।

**ଅଗ୍ନିହୋତ୍ରଞ୍ଚ ଜୁହୁୟାଦାଦ୍ୟନ୍ତେ ଦ୍ୟୁନିଶୋଃ ସଦା ।**
**ଦର୍ଶେନ ଚାର୍ଦ୍ଧମାସାନ୍ତେ ପୌର୍ଣ୍ଣମାସେନ ଚୈବ ହି ।୨୫।**

ଦିନ ଓ ରାତିର ଆଦ୍ୟରେ ଓ ଅନ୍ତରେ ନିତ୍ୟ ଅଗ୍ନିହୋତ୍ର କରିବ ଏବଂ ଅର୍ଦ୍ଧମାସ ଅନ୍ତରେ ଅମାବାସ୍ୟା ଓ ପୂର୍ଣ୍ଣିମାରେ ଯଜ୍ଞ କରିବ ।

**ଶସ୍ୟାନ୍ତେ ନବଶସ୍ୟେଷ୍ଟ୍ୟାତଥର୍ତ୍ତ୍ୱନ୍ତେ ଦ୍ୱିଜୋଽଧ୍ୱରୈଃ ।**
**ପଶୁନା ତ୍ୱୟନସାଦୌ ସମାନ୍ତେ ସୌମିକୈର୍ମ ଖୈଃ ।୨୬।**

ବ୍ରାହ୍ମଣ ନୂତନ ଶସ୍ୟ ପ୍ରସ୍ତୁତ ହେଲେ ନବଶସ୍ୟଯାଗ, ଋତୁ ପୂର୍ଣ୍ଣହେଲେ ଅଧ୍ୱରଯାଗ କରିବେ; ପୁଣି ଅୟନର ଆଦ୍ୟରେ ପଶୁଯାଗ କରିବେ ଓ ବର୍ଷ ଶେଷରେ ସୋମଯାଗ କରିବେ ।

**ନାନିଷ୍ଟ୍ୱା ନବଶସ୍ୟେଷ୍ଟା ପଶୁନା ଚାଗ୍ନି ମାନ ଦ୍ୱିଜଃ ।**
**ନବାନ୍ନମଦ୍ୟାନ୍ମାଂସଂ ବା ଦୀର୍ଘମାୟୁର୍ଜିଜୀବିଷୁଷଃ ।୨୭।**

---

* ଏହାପରେ ରୋଟିଏ ପୁସ୍ତକ ମିଳେ—ଶାସ୍ତ୍ରାସ୍ୟ ପାରଂ ରତ୍ୱା ତୁ ଭୂୟେଭୂୟସ୍ତଦଭ୍ୟସେତ୍ । ତଚ୍ଛାସ୍ତ୍ରଂ ଶବଳଂ କୁର୍ଯ୍ୟାଂନ୍ନଚାଧୀତ୍ୟ ତ୍ୟଜେତ୍ ପୁନଃ । ଅର୍ଥାତ୍ ଶାସ୍ତ୍ରର ପାଖକୁ ଯାଇ ସୁଦ୍ଧା ବାରମ୍ବାର ଅଭ୍ୟାସ କରିବ, ସେହି ଶାସ୍ତ୍ରକୁ ଉଜ୍ଜ୍ୱଳ କରିବ—ପଢ଼ି କରି ଛାଡ଼ିବ ନାହିଁ ।

ଅଗ୍ନିହୋତ୍ରୀ ବ୍ରାହ୍ମଣ ଦୀର୍ଘଜୀବୀ ହେବାକୁ ଇଚ୍ଛା କଲେ ନବାନ୍ନଯାଗ ଓ ପଶୁଯାଗ ନ କରି ନବାନ୍ନ ବା ମାଂସ ଭୋଜନ କରିବେ ନାହିଁ ।

**ନବେନାନର୍ଚ୍ଚିତା ହ୍ୟସ୍ୟ ପଶୁହବ୍ୟେନ ଚାଗ୍ନୟଃ ।**
**ପ୍ରାଣାନେବାତ୍ତୁ ମିଚ୍ଛନ୍ତି ନବାନ୍ନାମିଷଗର୍ଦ୍ଧିନଃ ।୧୮। ***

ନବାନ୍ନଯାଗ ଓ ପଶୁଯାଗ ନ କଲେ ଅଗ୍ନି ଏହାଙ୍କ ନବାନ୍ନ ଓ ନବମାଂସଲୋଲୁପ ପ୍ରାଣ ଖାଇବାକୁ ଇଚ୍ଛା କରେ ।

**ଆସନାଶନଶର୍ଯ୍ୟାଭିରଭିର୍ମୂଳ ଫଳେନ ବା ।**
**ନାସ୍ୟକଶ୍ଚିଦ୍ ବସେଦ୍‌ଗେହେ ଶକ୍ତିତୋଽନର୍ଚ୍ଚତୋଽତିଥିଃ ।୨୯।**

ଆସନ, ଭୋଜନ, ଶୟନ, ଜଳ ଏବଂ ଫଳମୂଳଦ୍ୱାରା ଯଥାଶକ୍ତି ଅର୍ଚ୍ଚିତ ନ ହୋଇ ଯେପରି କୌଣସି ଅତିଥି ତାଙ୍କ ଗୃହରେ ବାସ ନ କରନ୍ତି ।

**ପାଷାଣ୍ଡିନୋ ବିକର୍ମ ସ୍ଥାନ୍ ବୈଡ଼ାଳବ୍ରତିକାନ୍ ଶଠାନ୍ ।**
**ହୈତୁକାନ୍ ବକବୃର୍ତ୍ତୀଂଶ୍ଚ ବାଙ୍‌ମାତ୍ରେଣାପି ନାର୍ଚ୍ଚୟେତ୍ ।୩୦।**

ବେଦବିରୁଦ୍ଧାଚାରୀ, ନିଷିଦ୍ଧକର୍ମଚାରୀ, ବିଡାଳବ୍ରତଧାରୀ, ଶଠ, ବେଦବିରୋଧିତର୍କ ବ୍ୟବହାରୀ ଓ ବକବ୍ରତୀ ଅତିଥିମାନଙ୍କୁ କଥାସୁଦ୍ଧା କହିବାଦ୍ୱାରା ପୂଜା କରିବ ନାହିଁ ।

**ବେଦ ବିଦ୍ୟା ବ୍ରତସ୍ନାତାନ୍ ଶ୍ରୋତ୍ରିୟାନ୍ ଗୃହମେଧିନଃ ।**
**ପୂଜୟେଦ୍ଧବ୍ୟକବ୍ୟେନ ବିପରୀତାଂଶ୍ଚ ବର୍ଜୟେତ୍ ।୩୧।**

ବେଦବିଦ୍ୟାସମାପ୍ତକାରୀ ଓ ବ୍ରତସମାପ୍ତକାରୀ ତଥା ଶ୍ରୋତ୍ରିୟଗୃହସ୍ଥମାନଙ୍କୁ ହବ୍ୟ କବ୍ୟଦ୍ୱାରା ପୂଜିତ କରିବ ମାତ୍ର ଯେଉଁମାନେ ଏଥିରୁ ବିପରୀତ ତାଙ୍କୁ ପରିତ୍ୟାଗ କରିବ ।

**ଶକ୍ତିତୋଽପଚମାନେଭ୍ୟୋ ଦାତବ୍ୟୋ ଗୃହମେଧିନା ।**
**ସଂବିଭାଗଶ୍ଚ ଭୂତେଭ୍ୟଃ କର୍ତ୍ତବ୍ୟୋଽନୁ ପରୋଧତଃ ।୩୨।**

ଯେଉଁମାନେ ପାକ ନ କରନ୍ତି (ସନ୍ନ୍ୟାସୀ ବା ବ୍ରହ୍ମଚାରୀ) ସେମାନଙ୍କୁ ଗୃହସ୍ଥ ଯଥାଶକ୍ତି ଅନ୍ନାଦି ପ୍ରଦାନ କରିବେ ଏବଂ ଯହିଁରେ ଆତ୍ମକୁଟୁମ୍ବର ପୀଡ଼ା ନ ହୁଏ ସେମାନଙ୍କ ସକାଶେ ପର୍ଯ୍ୟାପ୍ତ ରଖି ସମୁଦାୟପ୍ରାଣୀମାନଙ୍କୁ ଖାଦ୍ୟାଦି ବିଭାଗ କରିଦେବେ ।

**ରାଜତୋ ଧନମନ୍ୱିଚ୍ଛେତ୍ସଂସୀଦନ୍ ସ୍ନାତକଃ କ୍ଷୁଧା ।**
**ଯାଜାନ୍ତେ ବାସିନୋର୍ବାପି ନ ତ୍ୱନ୍ୟଚ ଇତି ସ୍ଥିତିଃ ।୩୩।**

କ୍ଷୁଧାପୀଡ଼ିତ ସ୍ନାତକ ରାଜାଠାରୁ ଓ ଯଜମାନ ବା ଶିଷ୍ୟଠାରୁ ଧନ ପ୍ରାର୍ଥନା କରିବେ ମାତ୍ର ଅନ୍ୟ ନିକଟରେ ପ୍ରାର୍ଥନା କରିବେ ନାହିଁ ।

**ନ ସୀଦେସ୍ନାତକୋ ବିପ୍ରଃ କ୍ଷୁଧାଶକ୍ତିଂ କଥଞ୍ଚନ ।**
**ନ ଜୀର୍ଣ୍ଣମଳବଦ୍ ବାସାଭବେଚ୍ଚ ବିଭବେ ସତି ।୩୪।**

ସ୍ନାତକ ବ୍ରାହ୍ମଣ କ୍ଷୁଧାଦ୍ୱାରା କେବେ ହେଁ ପୀଡ଼ିତ ରହିବେ ନାହିଁ ଏବଂ ଧନ ଥାଇଁ ପୁରୁଣା ମଇଳା ଲୁଗା ପିନ୍ଧିବେ ନାହିଁ ।

**କୃପ୍ତକେଶନଖଶ୍ମଶ୍ରୁର୍ଦ୍ଦାନ୍ତ ଶୁକ୍ଳାମ୍ବରଃ ଶୁଚିଃ ।**
**ସ୍ୱାଧ୍ୟାୟେ ଚୈବ ଯୁକ୍ତଃ ସ୍ୟାନ୍ନିତ୍ୟାମାତ୍ମହିତତେଷୁ ଚ ।୩୫।**

କେଶ, ନଖ ଓ ଦାଢ଼ୀ କଟାଇବେ, ତପଃକ୍ଳେଶ ସହିଷ୍ଣୁ ହେବେ, ଶ୍ୱେତବସ୍ତ୍ରଧାରୀ ଓ ପବିତ୍ର ହେବେ ଏବଂ ନିତ୍ୟ ବେଦପାଠ ଓ (ଔଷଧୋଯୋଗଦ୍ୱାରା) ଆତ୍ମାର ହିତକାରୀ ହେବେ ।

* ୨୬ ଠାରୁ ୨୮ ଶ୍ଳୋକ ପ୍ରକ୍ଷିପ୍ତ ।

**ବୈଣବୀଂ ଧାରୟେଦ୍ ଯଷ୍ଟିଂ ସୋଦକଂ ଚ କମଣ୍ଡଳୁମ୍ ।**
**ଯଜ୍ଞୋପବୀତଂ ବେଦଞ୍ଚ ଶୁଭେ ରୌକ୍ମେ ଚ କୁଣ୍ଡଳେ ।୩୬।**

ବାଉଁଶଛଡ଼ି, ଜଳପୂର୍ଣ୍ଣ କମଣ୍ଡଳୁ, ଯଜ୍ଞୋପବୀତ, ବେଦପୁସ୍ତକ ଓ ଶୁଭ୍ରସୁବର୍ଣ୍ଣ କୁଣ୍ଡଳ ଧାରଣ କରିବେ ।

**ନେକ୍ଷେତୋଦ୍ୟନ୍ତମାଦିତ୍ୟଂ ନାସ୍ତଂ ଯାନ୍ତଂ କଦାଚନ ।**
**ନୋପସୃଷ୍ଟଂ ନ ବାରିସ୍ଥଂ ନ ମଧ୍ୟଂ ନଭସୋ ଗତମ୍ ।୩୭।**

ଉଦୟ ହେଉଥିବା ଓ ଅସ୍ତ ଯାଉଥିବା ସୂର୍ଯ୍ୟକୁ, ସୂର୍ଯ୍ୟପରାଗ, ଜଳରେ ସୂର୍ଯ୍ୟର ପ୍ରତିବିମ୍ବ ଏବଂ ଆକାଶରେ ମଧ୍ୟଗତ ସୂର୍ଯ୍ୟକୁ ଦେଖିବେ ନାହିଁ (ଏଥିରେ ଦୃଷ୍ଟିର ହାନି ହୁଏ) ।

**ନ ଲଙ୍ଘୟେଦ୍ ବତ୍ସତନ୍ତ୍ରୀଂ ନ ପ୍ରଧାବେଚ୍ଚ ବର୍ଷତି ।**
**ନ ଚୋଦକେ ନିରୀକ୍ଷେତ ସ୍ୱଂ ରୂପମିତି ଧାରଣା ।୩୮।**

ବାଛୁରୀ ବନ୍ଧା ହୋଇଥିବା ଦଉଡ଼ି ଡେଇଁ ଯିବନାହିଁ, ବର୍ଷାରେ ଦଉଡ଼ିବ ନାହିଁ ଓ ଆପଣାର ରୂପ ପାଣିରେ ଦେଖିବ ନାହିଁ—ଏହା ଶାସ୍ତ୍ରର ନିୟମ ଅଟେ ।

**ମୃଦଂ ଗାଂ ଦୈବତଂ ବିପ୍ରଂ ଘୃତଂ ମଧ ଚତୁଷ୍ପଥମ୍ ।**
**ପ୍ରଦକ୍ଷିଣାନି କୁର୍ବୀତ ପ୍ରଜ୍ଞାତାଂଶ୍ଚ ବନସ୍ପତୀନ୍ ।୩୯।**

ମାଟିର ଢିପ, ଗୋରୁ, ଯଜ୍ଞଶାଳା, ବ୍ରାହ୍ମଣ, ଘିଅ, ମହୁ, ଚତୁଷ୍ପଥ (ଛକସ୍ଥାନ) ଏବଂ ବଡ଼ ବଡ଼ ପ୍ରସିଦ୍ଧ ବୃକ୍ଷମାନ ଡାହାଣେ ରଖିଯିବ ।

**ନୋପଗଚ୍ଛେତ୍ ପ୍ରମତ୍ତୋଽପି ସ୍ତ୍ରିୟମାର୍ତ୍ତବଦର୍ଶନେ ।**
**ସମାନଶୟନେ ଚୈବ ନ ଶୟୀତ ତୟା ସହ ।୪୦।**

କାମାର୍ତ୍ତ ହେଲେ ସୁଦ୍ଧା ରଜସ୍ୱଳା ସ୍ତ୍ରୀ ନିକଟକୁ ଯିବ ନାହିଁ ଏବଂ ତାହା ସହିତ ଏକ ଶଯ୍ୟାରେ ଶୋଇବ ନାହିଁ ।

**ରାଜସାଭିପ୍ଲୁତାଂ ନାରୀଂ ନରସ୍ୟ ହ୍ୟୁପଗଚ୍ଛତଃ ।**
**ପ୍ରଜ୍ଞା ତେଜୋ ବଳଂ ଚକ୍ଷୁରାୟୁଶ୍ଚୈବ ପ୍ରବର୍ଦ୍ଧତେ ।୪୧।**

ରଜସ୍ୱଳା ସ୍ତ୍ରୀ ସଙ୍ଗମ କଲେ ପୁରୁଷର ପ୍ରଜ୍ଞା, ତେଜ, ବଳ ଚକ୍ଷୁ ତଥା ଆୟୁ ନଷ୍ଟ ହୁଏ ।

**ତାଂ ବିବର୍ଜୟତସ୍ତସ୍ୟ ରଜସା ସମଭିପ୍ଲୁତାମ୍ ।**
**ପ୍ରଜ୍ଞା ତେଜୋବଳଂ ଚକ୍ଷୁରାୟୁଶ୍ଚୈବ ପ୍ରବର୍ଦ୍ଧତେ ।୪୨।**

ରଜସ୍ୱଳା ସ୍ତ୍ରୀ ସଙ୍ଗ ନ କଲେ ତାହାର ପ୍ରଜ୍ଞା, ତେଜ, ବଳ, ଦର୍ଶନଶକ୍ତି ଓ ଆୟୁ ବଢ଼େ ।

**ନାଶ୍ନୀୟା ଭାର୍ଯ୍ୟାୟାଂ ସାର୍ଦ୍ଧଂ ନୈନାମୀକ୍ଷେତ ଚାଶ୍ନତୀମ୍ ।**
**ଯୁବତୀଂ ଜୃମ୍ଭମାଣାଂ ବା ନ ଚାସୀନାଂ ଯଥାସୁଖମ୍ ।୪୩।**

(ତେଜସ୍କାମୀ ବ୍ରାହ୍ମଣ ଭାର୍ଯ୍ୟା ସହିତ ଏକତ୍ର ଭୋଜନ କରିବ ନାହିଁ, ଭାର୍ଯ୍ୟା ଖାଉଥିବା, ଛିଙ୍କୁଥିବା, ହାଇ ମାରୁଥିବା ଅଥବା ଆରାମରେ ବସିଥିବା ଅବସ୍ଥାରେ ଅନାଇବ ନାହିଁ । (ଏଥିରେ ଲଜ୍ଜା ଭଙ୍ଗର ଭୟ ଅଛି) ।

**ନାଞ୍ଜୟନ୍ତୀଂ ସ୍ୱକେ ନେତ୍ରେ ନ ଚାଭ୍ୟକ୍ତାମନାବୃତାମ୍ ।**
**ନ ପଶ୍ୟେତ୍ ପ୍ରସବନ୍ତୀଞ୍ଚ ତେଜୋସ୍କାମୋ ଦ୍ୱିଜୋତ୍ତମଃ ।୪୪।**

ତେଜୋସ୍କାମୀ ବ୍ରାହ୍ମଣ ଭାର୍ଯ୍ୟା ନିଜ ଚକ୍ଷୁରେ ଅଞ୍ଜନ ଲଗାଉଥିବା, ଅନାବୃତା ହୋଇ ତୈଳାଦି ଲଗାଉଥିବା ବା ସନ୍ତାନ ପ୍ରସବ କରୁଥିବା ଅବସ୍ଥାରେ ଅନାଇବ ନାହିଁ ।

---

+ ଚାରି ପୁସ୍ତକରେ 'ପ୍ରଜ୍ଞାଲକ୍ଷ୍ମୀର୍ଯଶଶ୍ଚକ୍ଷ' ଅଛି ।

**ନାନ୍ନମଦ୍ୟାଦେକବାସା ନ ନଗ୍ନଃ ସ୍ନାନମାଚରେତ୍ ।**
**ନ ମୂତ୍ର ପଥିକୁର୍ବୀତ ନ ଭସ୍ମନି ନ ଗୋବ୍ରଜେ ।୪୫। ***

ଏକବସ୍ତ୍ର ହୋଇ ଅନ୍ନଭୋଜନ କରିବ ନାହିଁ, ଲଙ୍ଗଳା ହୋଇ ଗାଧୋଇବ ନାହିଁ, ବାଟରେ ପାଉଁଶରେ ବା ଗୋଠରେ ପ୍ରସାଦ କରିବ ନାହିଁ ।

**ନ ପାଳକୃଷ୍ଟେ ନ ଜଳେ ନ ଚିତ୍ୟାଂ ନ ଚ ପର୍ବତେ ।**
**ନ ଜୀର୍ଣ୍ଣଦେବାୟତନେ ନ ବାଲ୍ମୀକେ କଦାଚନ ।୪୬।**

ଲଙ୍ଗଳ ହୋଇଥିବା ଭୂମିରେ, ଜଳରେ, ଚିତାରେ, ପର୍ବତରେ, ପୁରୁଣାଭଙ୍ଗା ଦେବୟାତନ (ଦେଉଳ ବା ଯଜ୍ଞଶାଳାରେ) ଓ ଉଇହୁଙ୍କାରେ କଦାପି ପ୍ରସାବ କରିବ ନାହିଁ ।

**ନ ସସତ୍ତେଷୁ ଗର୍ତ୍ତେଷୁ ନ ଗଚ୍ଛନ୍ନାପି ଚ ସ୍ଥିତଃ ।**
**ନ ନଦୀତୀରସାମାଦ୍ୟ ନ ଚ ପର୍ବତମସ୍ତକେ ।୪୭।**

ଜନ୍ତୁଥିବା ଗର୍ତ୍ତରେଚାଲୁ ୨ ଅଥବା ଛିଡ଼ାହୋଇ, ନଦୀତୀରରେ, ପର୍ବତ ମୁଣ୍ଡରେ ।

**ବାୟ୍ୱଗ୍ନି ବିପ୍ରମାଦିତମପଃ ପଶ୍ୟସ୍ତଥୈବ ଗାଃ ।**
**ନ କଦାଚନ କୁର୍ବୀତ ବିଣ୍ମୂତ୍ରସ୍ୟ ବିସର୍ଜ୍ଜନମ୍ ।୪୮।**

ବାୟୁ ଅଗ୍ନି, ବିପ୍ର, ସୂର୍ଯ୍ୟ, ଜଳ ଆଉ ଗାଈଙ୍କ ଆଗରେ କେବେ ହେଁ ମଳମୂତ୍ର ତ୍ୟାଗ କରିବ ନାହିଁ ।

**ତିରସ୍କୃତ୍ୟୋଚ୍ଚରେତ୍କାଷ୍ଠଲୋପଷ୍ଟପତ୍ରତୃଣାଦିନା ।**
**ନିୟମ୍ୟ ପ୍ରୟତୋ ବାଚଂ ସମ୍ବୀତାଙ୍ଗୋଽବଗୁଣ୍ଠିତଃ ।୪୯।**

କାଠ, ଢେଳା, ପତ୍ର ବା ତୃଣାଦିଦ୍ୱାରା ଭୂମିକୁ ଆଚ୍ଛାଦନ କରି ଦେହ ମୁଣ୍ଡ ଘୋଡ଼ାଇ କଥା ନ କହି ଅନୁଚ୍ଛିଷ୍ଟ ମୁହଁରେ ହଗାମୁତା କରିବ ।

**ମୂତ୍ରୋଚ୍ଚାର ସମୁତ୍ସର୍ଗଂ ଦିବା କୁର୍ଯ୍ୟାଦୁଦଙ୍ମୁଖଃ ।**
**ଦକ୍ଷିଣାଭିମୁଖୋ ରାତ୍ରୌ ସନ୍ଧ୍ୟୟୋଶ୍ଚ ଯଥା ଦିବା ।୫୦।**

ଦିନରେ ଉତ୍ତରମୁଖା ହୋଇ ଏବଂ ରାତ୍ରରେ ଦକ୍ଷିଣକୁ ମୁହଁ କରି ଓ ଦିନପରି ଉଭୟ ସନ୍ଧ୍ୟାରେ ଉତ୍ତରମୁଖ ହୋଇ) ମଳମୂତ୍ର ତ୍ୟାଗ କରିବ ।

**ଛାୟାୟାମନ୍ଧକାରେ ବା ରାତ୍ରାବହନି ବା ଦ୍ୱିଜଃ ।**
**ଯଥାସଖମୁଖଃ କୁର୍ଯ୍ୟାତ୍ ପ୍ରଣମାଷାଭୟଷୁ ଚ ।୫୧।**

ଦ୍ୱିପ୍ରହରାତ୍ରି ବା ଦିନରେ ଘୋଦରଛାୟା ବା କୁହୁଡ଼ି ଆଦି ଅନ୍ଧକାରରେ ଦୋବିଦକ ଜ୍ଞାନ ନ ହେଲେ ଅବା ଚୌରବ୍ୟାଘ୍ରାଦିରୁ ପ୍ରାଣଭୟ ହେଲେ ଯେଉଁଆଡ଼େ ଇଚ୍ଛା ସେହିଆଡ଼ ମୁହଁ କରି ମଳମୂତ୍ର ତ୍ୟାଗ କରିବ ।

**ପ୍ରତ୍ୟଗ୍ନି ପ୍ରତିସ୍ୱର୍ଯ୍ୟଞ୍ଚ ଗ୍ରତସୋମୋ ମୋଦକ ଦ୍ୱିଜାନ୍ ।**
**ପ୍ରତିଗାଂ ପ୍ରତିବାତଞ୍ଚ ପ୍ରଜ୍ଞା ନଶ୍ୟତି ମେହତଃ ।୫୨।**

---

* ଏହା ପୂର୍ବେ ଚାରି ପୁସ୍ତକ ଓ ରାମଚନ୍ଦ୍ରଙ୍କ ଟୀକାରେ ଅଛି ।

**ଉପେତ୍ୟ ସ୍ନାତକୋ ବିଦ୍ୱାନ୍ନେକ୍ଷେନ୍ନେ ଗ୍ନାଂ ପରସ୍ତ୍ରିୟମ୍ ।**
**ସରହସ୍ୟଞ୍ଚ ସଂବାଦଂ ପରସ୍ତ୍ରୀଷୁ ବିବର୍ଜୟେତ୍ ।**

ସ୍ନାତକ ବିଦ୍ୱାନ ପରର ଉଲଙ୍ଗ ସ୍ତ୍ରୀ ନିକଟକୁ ଯିବନାହିଁ କି ତାକୁ ଅନାଇବ ନାହିଁ ଏବଂ ପରସ୍ତ୍ରୀ ସହିତ ଏକାନ୍ତ ସମ୍ବାଦ ବର୍ଜନ କରିବ ।

ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ର, ଜଳ ବ୍ରାହ୍ମଣାଦି, ଗୋ ଏବଂ ଆୟୁଆଗରେ ମଳମୂତ୍ର ତ୍ୟାଗ କଲେ (ଅର୍ଶ ଓ ମୂତ୍ରକୃଚ୍ଛ୍ରାଦି ରୋଗ ହେତୁ) ପ୍ରଜ୍ଞା ନଷ୍ଟ ହୁଏ ।

**ନାଗ୍ନିଂ ମୁଖେନୋପଧମେନ୍ନଗ୍ନାଂ ନେକ୍ଷେତ ଚ ସ୍ତ୍ରିୟମ୍ ।**
**ନାମେଧ୍ୟଂ ପ୍ରକ୍ଷିପେଦଗ୍ନୌ ନ ଚ ପାଦୌ ପ୍ରତାପୟେତ୍ ।୫୩।**

ନିଆଁକୁ ମୁହଁରେ ଫୁଙ୍କିବ ନାହିଁ, ନଙ୍ଗଳା ସ୍ତ୍ରୀକୁ ଅନାଇବା ନାହିଁ, ନିଆଁରେ ମଳମୂତ୍ରାଦି ଅପବିତ୍ର ଦ୍ରବ୍ୟ ପକାଇବ ନାହିଁ ଏବଂ ପାଦଦ୍ୱୟ ଅଗ୍ନିରେ ଉତ୍ତାପିତ କରିବ ନାହିଁ ।

**ଅଧସ୍ତାନ୍ନୋପଦଧ୍ୟାଚ୍ଚନ ଚୈନମଭିଲଙ୍ଘୟେତ୍ ।**
**ନଚୈନଂ ପାଦତଃ କୁର୍ଯ୍ୟାନ୍ନ ପ୍ରାଣବାଧମାଚରେତ୍ ।୫୪।**

(ଶଯ୍ୟା ବା ଖଟ) ତଳେ ନିଆଁ ରଖିବ ନାହିଁ କିମ୍ବା ନିଆଁକୁ ଡେଇଁଯିବ ନାହିଁ, ନିଆଁ ଉପରେ ଗୋଡ଼ ରଖିବ ନାହିଁ କିମ୍ବା ପ୍ରାଣକୁ ବାଧିବା କର୍ମ କରିବ ନାହିଁ ।

**ନାଶ୍ନୀୟାତ୍ ସନ୍ଧିବେଳାୟା ନ ଗଚ୍ଛେନ୍ନାପି ସଂବିଶେତ୍ ।**
**ନ ଚୈବ ପ୍ରଲିଖେଦ୍ଭୂମିଂ ନାତ୍ମନୋହରେତ୍ସ୍ରଜମ୍ ।୫୫।**

ସନ୍ଧି ବେଳାରେ ଭୋଜନ କରିବ ନାହିଁ କିମ୍ବା କୌଣସିଠାକୁ ଯିବନାହିଁ, ଶୋଇବ ନାହିଁ, ଭୂମିରେ ରେଖାଦି କାଟିବ ନାହିଁ ଅଥବା ଆପଣା ପରିହିତ ମାଳା କାଢ଼ିବ ନାହିଁ ।

**ନାପ୍ସୁ ମୂତ୍ରଂ ପୁରୀଷଂ ବା ଷ୍ଠୀବନଂ ବା ସମୁତ୍ସୃଜେତ୍ ।**
**ଅମେଧ୍ୟଲିପ୍ତମନ୍ୟଦ୍‌ବା ଲୋହିତଂ ବା ବିଷାଣି ବା ।୫୬।**

ମୂତ୍ର, ମଳ, ଛେପ ବା ମଳମୂତ୍ରାଦିରେ ଅପବିତ୍ର କୌଣସି ବସ୍ତୁ ଅଥବା ରକ୍ତ ବିଷଜଳରେ ପକାଇବ ନାହିଁ ।

**ନୈକଃ ସ୍ୱପଚ୍ଛୂନ୍ୟଗେହେ ଶ୍ରେୟାସଂ ନ ପ୍ରବୋଧୟେତ୍ ।**
**ନୋଦକ୍ୟୟାଭିଭାଷେତ ଯଜ୍ଞଂ ଗଚ୍ଛେନ୍ନ ଚାବୃତଃ ।୫୭।**

ବାସଶୂନ୍ୟ ଗୃହରେ ଏକାକୀ ଶୋଇବ ନାହିଁ, ଆପଣାଠାରୁ ବଡ଼କୁ ନିଦରୁ ଜଗାଇବ ନାହିଁ, ରଜସ୍ୱଳା ସ୍ତ୍ରୀ ସଙ୍ଗେ ସମ୍ଭାଷଣ କରିବ ନାହିଁ କିବା ଅନିମନ୍ତ୍ରିତ ହୋଇ ଯଜ୍ଞକୁ ଯିବ ନାହିଁ ।

**ଅଗ୍ନ୍ୟାଗାରେ ଗବାଂ ଗୋଷ୍ଠେ ବ୍ରାହ୍ମଣନାଞ୍ଚ ସନ୍ନିଧୌ ।**
**ସ୍ୱାଧ୍ୟୟେ ଭୋଜନେଚୈବ ଦକ୍ଷିଣଂ ପାଣିମୁଦ୍ଧରେତ୍ ।୫୮। ***

ଯଜ୍ଞଶାଳା, ଗୋଶାଳା, ତଥା ବ୍ରାହ୍ମଣଙ୍କ ସମୀପରେ ଏବଂ ବେଦପାଠ ଓ (ଭୋଜନ କାଳରେ ଉତ୍ତରୀୟରୁ) ଡାହାଣ ହାତ ବାହାର କରିବ ।

---

* କୌଣସି କୌଣସିଠାରେ 'ସ୍ୱପ୍ୟାଚ୍ଛୂନ୍ୟ ଗେହେ ଅଛି ।

* ତିନିଗୋଟି ପୁସ୍ତକରେ ୫୮ ଶ୍ଳୋକ ପୂର୍ବେ ଆଉ ଗୋଟିଏ ଶ୍ଳୋକ ମିଳେ ।

**ଏକଃ ସ୍ୱାଦୁ ନ ଭୁଞ୍ଜୀତ ସ୍ୱାର୍ଥମେକୋ ନ ଚିନ୍ତୟେତ୍ ।**
**ଏକୋ ନ ଗଚ୍ଛେଦଧ୍ୱାନଂ ନୈକଃସୁପ୍ତେଷୁ ଜାଗୃୟାତ୍ ।**

ଏକା ମିଠା ଖାଇବ ନାହିଁ, ଏକା ସ୍ୱାର୍ଥଚିନ୍ତା କରିବ ନାହିଁ, ଏକା ଦୀର୍ଘ ଯାତ୍ରା କରିବ ନାହିଁ ତଥା ସମସ୍ତେ ଶୋଇଥିବାସ୍ଥଳେ ଏକା ଜଗିବ ନାହିଁ ।

**ନ ବାରୟେଦ୍ ଗାଂ ଧୟନ୍ତୀଂ ନ ଚାଚୃକ୍ଷୀତ କସ୍ୟଚିତ୍ ।**
**ନ ଦିବୀନ୍ଦ୍ରାୟୁଧଂ ଦୃଷ୍ଟ୍ୱା କସ୍ୟଚିଦ୍ଦିଶୟେଦ୍ ବୁଧଃ ।୫୯।**

ଗାଭୀ ଜଳପାନ କରୁଥିଲେ ତାହାକୁ ବାରଣ କରିବ ନାହିଁ କିମ୍ବା କାହାକୁ କହିବ ନାହିଁ । ଆକାଶରେ ଇନ୍ଦ୍ରଧନୁ ଦେଖି କାହାକୁ ଦେଖାଇବ ନାହିଁ । (ଏଥିରେ ଚକ୍ଷୁର ହାନି ହୁଏ) ।

**ନ ଧାର୍ମିକେ ବସେଦ୍ ଗ୍ରାମେ ନ ବ୍ୟାଧିବହୁଳେ ଭୃଶମ୍ ।**
**ନୈକଃ ପ୍ରପଦ୍ୟେତାଧ୍ୱାନଂ ନ ଚିର ପର୍ବତେ ବସେତ୍ ।୬୦।**

ଅଧାର୍ମିକ ଲୋକପୂର୍ଣ୍ଣ ଅଥବା ବ୍ୟାଧିବହୁଳ ଗ୍ରାମରେ ବାସ କରିବ ନାହିଁ, ବାଟରେ ଏକା ଯିବ ନାହିଁ କିମ୍ବା ପର୍ବତରେ ବହୁକାଳ ବାସ କରିବ ନାହିଁ ।

**ନ ଶୂଦ୍ରରାଜ୍ୟେ ନିବସେନ୍ନାଧାର୍ମିକଜନାବୃତେ ।**
**ନ ପାଷାଣ୍ଡି ଗଣାକ୍ରାନ୍ତେ ନୋପସୃଷ୍ଟେଽନ୍ତ୍ୟଜୈର୍ନୃଭିଃ ।୬୧।**

ଶୂଦ୍ରରାଜ୍ୟରେ ଅଧାର୍ମିକଜନାବୃତ ଦେଶରେ; (ବେଦବିରୋଧି) ପାଷାଣ୍ଡ ଗଣାକ୍ରାନ୍ତ ଦେଶରେ ଅଥବା ଚଣ୍ଡାଳାଦି ଅନ୍ତ୍ୟଜ ଜନଗଣ କର୍ତ୍ତୃକ ଉପଦ୍ରୁତଦେଶରେ ବସତି କରିବ ନାହିଁ ।

**ନ ଭୁଞ୍ଜୀତୋଦ୍ଧୃତସ୍ନେହଂ ନାତି ସୌହିତ୍ୟାମାଚରେତ୍ ।**
**ନାତିପ୍ରଗେ ନାତିସାୟଂ ନ ସାୟଂ ପ୍ରାତରାଶିତଃ ।୬୨।**

ଯେଉଁ ସକଳ ଦ୍ରବ୍ୟରୁ (ନବନିତାଦି) ସ୍ନେହ ବା ସାର ବାହାର କରି ନିଆଯାଇଅଛି ତାହା ଖାଇବ ନାହିଁ କିମ୍ବା ସକାଳେ ବହୁଭୋଜନ କରିଲେ ସନ୍ଧ୍ୟାବେଳେ ଖାଇବ ନାହିଁ ।

**ନ କୁର୍ବୀତ ବୃଥାଚେଷ୍ଟାଂ ନ ବାର୍ଯ୍ୟଞ୍ଜଳା ପିବେତ୍ ।**
**ନୋତ୍ସଙ୍ଗେ ଭକ୍ଷୟେଦ୍ ଭକ୍ଷ୍ୟାନ୍ନ ଜାତୁ ସ୍ୟାତ୍କୁତୁହଳୀ ।୬୩।**

ନିଷ୍ଫଳ କର୍ମ କରିବ ନାହିଁ, ଅଞ୍ଜଳିଦ୍ୱାରା ଜଳପାନ କରିବ ନାହିଁ ଭକ୍ଷ୍ୟଦ୍ରବ୍ୟ କୋଳରେ ରଖିବ ନାହିଁ କିମ୍ବା ପ୍ରୟୋଜନ ନ ଥିଲେ କଦାଚ କୌଣସି ବିଷୟରେ କୁତୁହଳୀ ହେବ ନାହିଁ ।

**ନ ନୃତ୍ୟେଦଥବା ଗାୟନ୍ନେ ବାଦିତ୍ରାଣି ବାଦୟେତ୍ ।**
**ନାସ୍ଫୋଟୟେନ୍ନଚ କ୍ଷ୍ୱେଡ଼େନ୍ନଚ ରକ୍ତୋ ବିରାବୟେତ୍ ।୬୪।**

ନାଚିବ ନାହିଁ, ଗାଇବ ନାହିଁ, ବାଦ୍ୟ ବଜାଇବ ନାହିଁ, ତାଳି ମାରିବ ନାହିଁ; ଦାନ୍ତ ଚୋବାଇ କଥା କହିବ ନାହିଁ ଅଥବା ଅଧିକ ଅନୁରକ୍ତ ହୋଇ ଚିତ୍କାର କରିବ ନାହିଁ ।

**ନ ପାଦୌ ଧାବୟେତ୍କାଂସ୍ୟେ କଦାଚିଦପି ଭାଜନେ ।**
**ନ ଭିନ୍ନଭାଣ୍ଡେ ଭୁଞ୍ଜୀତ ନ ଭାବପ୍ରତିଦୂଷିତେ ।୬୫।**

କାଂସ୍ୟ ପାତ୍ରରେ କେବେ ହେଁ ପଦଦ୍ୱୟ ଧୋଇବ ନାହିଁ, ଭଗ୍ନ ପାତ୍ରରେ ଭୋଜନ କରିବ ନାହିଁ ଏବଂ ଯେଉଁଠାରେ ଖାଇଲେ ତୃପ୍ତି ନ ହେବ ସେଠାରେ ଖାଇବ ନାହିଁ ।

**ଉପ ନାହୌଚ ବାସଶ୍ଚୁଧୃତମନ୍ୟୈନ ଧାରୟତେ ।**
**ଉପବୀତମଳଙ୍କାରଂ ସ୍ରଜଂ କରକମେବ ଚ ।୬୬।**

ଅପରର ବ୍ୟବହୃତ ଚର୍ମ ପାଦୁକା, ବସ୍ତ୍ର, ଉପବୀତ, ଅଳଙ୍କାର ମାଳା ଓ କମଣ୍ଡଳୁ ବ୍ୟବହାର କରିବ ନାହିଁ ।

**ନାବିନୀତେ ର୍ବ୍ରଜେଦ୍ଧୁର୍ଯ୍ୟୈର୍ନଚ କ୍ଷୁଧା ଧ୍ୟାପୀଡ଼ିତୈଃ ।**
**ନ ଭିନ୍ନଶୃଙ୍ଗାକ୍ଷି ଖୁରୈର୍ନ ବାଳଧିବିରୂପିତୈଃ ।୬୭।**

ଅବିନୀତ, କ୍ଷୁଧିତ, ବ୍ୟାଧିପୀଡ଼ିତ, ଭଗ୍ନଶୃଙ୍ଗ, ଉତ୍ପାଟିତ ଚକ୍ଷୁ, ବିଦୀର୍ଣ୍ଣଖୁର ଅଥବା ଲାଙ୍ଗୁଳ ଖଣ୍ଡିଆ ଅଶ୍ୱ ଗଜ ପ୍ରଭୃତି ବାହନରେ ଯିବ ନାହିଁ ।

**ବିନୀତୈସ୍ତୁ ବ୍ରଜେନ୍ନିତ୍ୟମାଶୁଗୈର୍ଲ୍ଲକ୍ଷଣାନ୍ୱିତୈଃ ।**
**ବର୍ଣ୍ଣରୂପୋପସମ୍ପନ୍ନୈ ପ୍ରତୋଦେନାତୁଦନ୍ ଭୃଶଂ ।୬୮।**

ବିନୀତ, ଦ୍ରୁତଗାମୀ, ଲକ୍ଷଣଯୁକ୍ତ ବର୍ଣ୍ଣ ଓ ରୂପ ସମ୍ପନ୍ନ ଅଶ୍ୱ ଓ ରଜାଦିରେ ଗମନ କରିବ ମାତ୍ର ଚାବୁକଦ୍ୱାରା ଅତ୍ୟନ୍ତ ମାରିବ ନାହିଁ ।

**ବାଳାତପଃ ପ୍ରେମଧୂମୋ ବର୍ଜ୍ୟାଂ ଭିନ୍ନଂ ତଥାସନମ୍ ।**
**ନ ଛିନ୍ଦ୍ୟାନ୍ନଖଲୋମାନି ଦନ୍ତୈର୍ନୋତ୍ପାଟୟେନ୍ନଖାନ୍ ।୬୯।**

ପ୍ରଥମୋଦିତ ସୂର୍ଯ୍ୟରତାପ, ଚିତାର ଧୂମ ଓ ଭଗ୍ନ ଆସନ ବର୍ଜନ କରିବ, ନିଜେ ନିଜେ ନଖ ଲୋମ ଛେଦନ କରିବ ନାହିଁ କିମ୍ବା ଦାନ୍ତରେ ନଖ ଉତ୍ପାଟନ କରିବ ନାହିଁ ।

**ନ ମୃଲ୍ଲୋଷ୍ଟଞ୍ଚ ମୃଦ୍ନୀୟାନ୍ନ ଛନ୍ଦ୍ୟାତ୍କରଜୈସ୍ତୃଣମ୍ ।**
**ନ କର୍ମ ନିଷ୍ଫଳ କୁର୍ଯ୍ୟାନ୍ନତ୍ୟାମସୁଖୋଦୟମ୍ ।୭୦।**

ଅନର୍ଥକ ମୃତ୍ତିକା ବା ଲୋଷ୍ଟ୍ର ମର୍ଦ୍ଦନ କରିବ ନାହିଁ, ନଖଦ୍ୱାରା ତୃଣଚ୍ଛେଦନ କରିବ ନାହିଁ, ନିଷ୍ଫଳ କରିବ ନାହିଁ ଏବଂ ଯହିଁରେ ଭବିଷ୍ୟତରେ ଦୁଃଖ ହେବ ଏପରି କାର୍ଯ୍ୟ କରିବ ନାହିଁ ।

**ଲୋଷ୍ଟ୍ରମର୍ଦ୍ଦୀ, ତୃଣଚ୍ଛେଦୀ ନଖଖାଦିଚ ଯୋ ନରଃ ।**
**ସର୍ବନାଶଂ ବ୍ରତତ୍ୟାଶୁ ସୂଚକୋଽସୁଚିରେବ ଚ ।୭୧।**

ଲୋଷ୍ଟ୍ରମର୍ଦ୍ଦୀ, ତୃଣଚ୍ଛେଦୀ, ନଖଖାଦି ଲୋକ ଏବଂ ଯେ ଖଳ ଅପବିତ୍ର ସେ ଶୀଘ୍ର ବିନାଶ ପ୍ରାପ୍ତ ହୁଏ ।

**ନ ବିଗର୍ହ୍ୟକଥାଂ କୁର୍ଯ୍ୟାଦ୍ ବହିର୍ମାଲ୍ୟଂ ନ ଧାରୟେଦ୍ ।**
**ଗର୍ବଞ୍ଚଯାନଂ ପୃଷ୍ଟେ ନ ସର୍ବଥୈବ ବିଗର୍ହିତମ୍ ।୭୨।**

ବିଗର୍ହିତ (ଦେବାଦିଦ୍ୱାରା) କଥା କହିବ ନାହିଁ, କଣ୍ଠସ୍ଥମାଳ ଉତ୍ତରୀୟ ବାହାରକୁ ପକାଇବ ନାହିଁ ଏବଂ ଗୋରୁପିଠିରେ ଚଢ଼ି ଯିବନାହିଁ—ଏହା ସର୍ବଥା ନିନ୍ଦିତ ।

**ଅଦ୍ୱାରେଣ ଚ ନୀତୀୟାଦ୍ ଗ୍ରାମଂ ବା ବେଶ୍ମ ବା ବୃତମ୍ ।**
**ରାତ୍ରୌ ଚ ବୃକ୍ଷ ମୂଳାନି ଦୂରତଃ ପରିବର୍ଜୟେତ୍ ।୭୩।**

ପ୍ରାଚୀରାଦିଦ୍ୱାରା ବେଷ୍ଟିତ ଗ୍ରାମ ବା ଗୃହରେ ଦ୍ୱାରାଦି ବ୍ୟତିରେକ ଅନ୍ୟସ୍ଥାନରେ ଅତିକ୍ରମ କରି ପ୍ରବେଶ କରିବ ନାହିଁ ଏବଂ ରାତ୍ରିକାଳରେ ବୃକ୍ଷମୂଳ ଦୂରରୁ ପରିତ୍ୟାଗ କରିବ ।

**ନାକ୍ଷୈଃ କ୍ରୀଡ଼େତ୍କଦାଚିତ୍ତୁ ସ୍ୱୟଂ ନୋପାନହୌ ହରେତ୍ ।**
**ଶୟନସ୍ଥୋ ନ ଭୁଞ୍ଜୀତ ନ ପାଣିସ୍ଥାଂନ ଚାସନେ ।୭୪।**

କେବେହେଁ ଜୁଆ ଖେଳିବ ନାହିଁ କିମ୍ବା ଆପଣା ହସ୍ତରେ ଯୋତା ଘେନି ଯିବ ନାହିଁ ଅଥବା ଶୟନସ୍ଥ ହୋଇ ବା ହାତରେ ଅବା ଆସନରେ ଖାଇବାର ରଖି ଖାଇବ ନାହିଁ (ଅର୍ଥାତ୍ ପାତ୍ରରେ ରଖି ଖାଇବ) ।

**ସର୍ବଞ୍ଚ ତିଳସମ୍ବଦ୍ଧଂ ନାଦ୍ୟାଦସ୍ତମିତେ ରବୌ ।**
**ନ ଚ ନଗ୍ନଃ ଶୟୀତେହ ନ ଚୋଚ୍ଛିଷ୍ଟଃ କ୍ୱଚିଦ୍ ବ୍ରଜେତ୍ ।୭୫।**

ସୂର୍ଯ୍ୟ ଅସ୍ତଗଲା ଉତ୍ତାରୁ ତିଳସଂଯୁକ୍ତ କୌଣସି ପଦାର୍ଥ ଖାଇବ ନାହିଁ, ନଙ୍ଗଳା ହୋଇ ଶୋଇବ ନାହିଁ ଏବଂ ଅଇଁଠା ମୁହଁରେ କୌଣସିଠାକୁ ଯିବ ନାହିଁ ।

**ଆର୍ଦ୍ରପାଦସ୍ତୁ ଭୁଞ୍ଜୀତ ନାର୍ଦ୍ର ପାଦସ୍ତୁ ସଂବିଶେତ୍ ।**
**ଆର୍ଦ୍ରପାଦସ୍ତୁ ଭୁଞ୍ଜାନୋ ଦୀର୍ଘମାୟୁରବାପ୍ନୁୟାତ୍ ।୭୬।**

ଆର୍ଦ୍ର ପଦ (ଭିଜାଗୋଡ଼)ରେ ଖାଇବା ମାତ୍ରେ ଆର୍ଦ୍ର ପଦରେ ଶୋଇବ ନାହିଁ, ଆର୍ଦ୍ର ପଦରେ ଭୋଜନ କଲେ ଦୀର୍ଘାୟୁ ଲାଭ ହୁଏ ।

**ଅଚକ୍ଷୁର୍ବିଷୟଂ ଦୁର୍ଗଂ ନ ପ୍ରପଦ୍ୟେତ କର୍ହିଚିତ୍ ।**
**ନ ବିଣ୍ମୂତ୍ରମୁଦୀକ୍ଷେତ ନ ବାହୁଭ୍ୟାଂ ନଦୀଂତରେତ୍ ।୭୭।**

ତରୁଗୁଳ୍ମ ଲତାଗହନ ଚକ୍ଷୁର ଅଗୋଚରଦୁର୍ଗମ ଅରଣ୍ୟଦେଶକୁ କେବେ ହେ ଯିବ ନାହିଁ, ମଳମୂତ୍ର ଦେଖିବ ନାହିଁ ଏବଂ ବାହୁଦ୍ୱାରା ପହଁରି ନଦୀ ପାର ହେବ ନାହିଁ ।

**ଅଧିତିଷ୍ଠନ୍ନ କେଶାଂସ୍ତୁ ନଭସ୍ମାସ୍ଥି କପାଳିକାଃ ।**
**ନ କାର୍ପାସାସ୍ଥିନ ତୁଶାନ୍ ଦୀର୍ଘମାୟୁର୍ଜିବୀବିଷଃ ।୭୮।**

ଦୀର୍ଘାୟୁକାମନାକାରୀ କେଶ, ପାଉଁଶ, ହାଡ଼, ଖପରା, କପାମଞ୍ଜି ବା ତୁଷ (ଚଷୁ) ଉପରେ ଚଢ଼ି ବସିବ ନାହିଁ ।

**ନ ସବସେଇ ପତିତୈର୍ନ ଚଣ୍ଡାଳୈର୍ନ ପୁକ୍କଶୈଃ ।**
**ନ ମୂର୍ଖେ ର୍ନାବଲିପ୍ତୈର୍ନ ଷ୍ଟାନାନ୍ତ୍ୟୈନାନ୍ୟାବସାୟିଭିଃ ।୭୯। ***

ପତିତ, ଚଣ୍ଡାଳ, ପୁକ୍କଶ (ନିଷାଦରୁ ଶୂଦ୍ରାରେ ଜାତ) ମୂର୍ଖ, ଧନାଦିମଦଗର୍ବିତ, ଅନ୍ତ୍ୟ (ଅନ୍ତ୍ୟଜ ରଜକାଦି) ଏବଂ ଅନ୍ତ୍ୟାବସାୟୀ (ନିଷାଦସ୍ତ୍ରୀରୁ ଚଣ୍ଡାଳଦ୍ୱାରା ଜାତ) ସହିତ ଏକ ଛାୟାରେ ବସିବ ନାହିଁ ।

**ନ ଶୂଦ୍ରାୟ ମତିଂ ଦଦ୍ୟାଣ୍ଣୋଚ୍ଛିଷ୍ଟଂ ନ ହବିଷ୍କୃତମ୍ ।**
**ନ ଚାସ୍ୟୋପଦିଶେଦ୍ଧର୍ମ ନ ଚାସ୍ୟ ବ୍ରତମାଦିଶେତ୍ ।୮୦। ***

ଶୂଦ୍ରକୁ ବୁଦ୍ଧି, ଉଚ୍ଛିଷ୍ଟ ଅଥବା ହୋମ ଶେଷରେ ଭାଗ ହେବ ନାହିଁ କିମ୍ବା ତାହାକୁ ଧର୍ମୋପଦେଶ ବା ବ୍ରତଶିକ୍ଷା ଦେବ ନାହିଁ ।

**ଯୋ ହ୍ୟସ୍ୟ ଧର୍ମମାଚଷ୍ଟେ ଯଶ୍ଚୈବାଦିଶତିବ୍ରତମ୍ ।**
**ସୋଽସଂବୃତଂ ନାକ ତମଃ ସହ ତେନୈବ ମଜ୍ଜତି ।୮୧।**

---

* କୌଣସି ୨ ପାଠରେ 'ପୁଷ୍କସୈଃ' ଅଛି ।

* ୮୦ ଶ୍ଳୋକ ପୂର୍ବେ ଖଣ୍ଡିଏ ପୁସ୍ତକରେ ମିଳେ—

**ନ କୃତଘ୍ନୈରନୁଦ୍ୟୁକ୍ତେ ର୍ମହାପାତକାନ୍ୱିତୈଃ ।**
**ନ ଦସ୍ୟୁଭିର୍ନଶୁଚିର୍ନମିତ୍ରୈଶ୍ଚ କଦାଚନ ।**

କୃତଘ୍ନ, ଅଳସୁଆ, ମହାପାତକୀ, ଦସ୍ୟୁ, ଅପବିତ୍ର ଓ ଶତ୍ରୁ ସହିତେ କେବେ ହେଁ ବାସ କରିବ ନାହିଁ । ଏହି ୮୦ ଶ୍ଳୋକରେ ଖଣ୍ଡିଏ ପୁସ୍ତକରେ ଏହି ଅର୍ଦ୍ଧଶ୍ଳୋକ ଅଛି—

**ଅନ୍ତରାବ୍ରାହ୍ମଣଂ କୃତ୍ୱା ପ୍ରାୟଶ୍ଚିତ୍ତଂ ସମାଦିତ୍ତଂ ସମାଦିଶେତ୍ ।**

ଅର୍ଥାତ୍ ବ୍ରାହ୍ମଣମଧ୍ୟସ୍ଥ କରି ଶୂଦ୍ରଙ୍କୁ ପ୍ରାୟଶ୍ଚିତ୍ତର ଉପଦେଶ ଦେବ ।

ଯେ ଏହାକୁ (ଶୂଦ୍ରକୁ) ଧର୍ମୋପଦେଶ ବା ବ୍ରତଶିକ୍ଷା ଦିଏ ସେ ଶୂଦ୍ର ସହିତ ଅସଂବୃତ ନାମକ ନରକରେ ନିମଗ୍ନ ହୁଏ ।

**ନ ସଂହତାଭ୍ୟାଂ ପାଣିଭ୍ୟାଂ କଣ୍ଡୁୟେଦାତ୍ମନଃ ଶିରଃ ।**
**ନ ସ୍ପୃଶେଚ୍ଚୈତଦୁଚ୍ଛିଷ୍ଟୋ ନ ଚ ସ୍ନାୟାଦ୍ ବିନା ତତଃ ।୮୨।**

ଉଭୟ ହସ୍ତଦ୍ୱାରା ଆପଣାର ମସ୍ତକ କଣ୍ଡୁୟନ କରିବ ନାହିଁ, ଉଚ୍ଛିଷ୍ଟମୁଖରେ ମସ୍ତକ ସ୍ପର୍ଶ କରିବ ନାହିଁ ଏବଂ ମୁଣ୍ଡରେ ପାଣି ନ ଦେଇ (ନ ଢାଳି ବା ମୁଣ୍ଡ ନ ବୁଡ଼ାଇ) ସ୍ନାନ କରିବ ନାହିଁ ।

**କେଶଗ୍ରହାନ୍ ପ୍ରହରାଂଶ୍ଚ ଶିରସ୍ୟେତାନ୍ ବିବର୍ଜୟେତ୍ ।**
**ଶିରଃସ୍ନାତଶ୍ଚ ତୈଳେନ ନାଙ୍ଗଂ କିଞ୍ଚିଦପି ସ୍ପୃଶେତ୍ ।୮୩।**

କ୍ରୋଧବଶରୁ କାହାରି ମୁଣ୍ଡର ବାଳ ଧରିବ ନାହିଁ କି ମୁଣ୍ଡରେ ପ୍ରହାର କରିବ ନାହିଁ । ତୈଳାକ୍ତ ମସ୍ତକରେ ସ୍ନାନ କରି ଅପର କୌଣସି ଅଙ୍ଗରେ ତୈଳ ସ୍ପର୍ଶ କରିବ ନାହିଁ ।

**ନ ରାଜ୍ଞଃ ପ୍ରତିଗୃହ୍ଣୀୟାଦରାଜନ୍ୟ ପ୍ରସୁତିତଃ ।**
**ସୂନାଚକ୍ରଧ୍ୱଜବତାଂ ବେଶେନୈବ ଚ ଜୀବତାମ୍ ।୮୪।**

କ୍ଷତ୍ରିୟ ଭିନ୍ନ ଅନ୍ୟ ରାଜାଠାରୁ ଦାନ ନେବ ନାହିଁ, ପଶୁବିନାଶ କରି ମାଂସ ବିକ୍ରୟଦ୍ୱାରା ଯେଉଁମାନେ ଜୀବିକା ନିର୍ବାହ କରନ୍ତି (କଂସାଇ) ଯେଉଁମାନେ ସର୍ଷପ ଇତ୍ୟାଦି ପେଡ଼ି ତେଲ ବାହାର କରି ବଞ୍ଚନ୍ତି (ତେଲି), ମଦ୍ୟବିକ୍ରୟୀ (ଶୁଣ୍ଢୀ) ଓ ବେଶ୍ୟା ବ୍ୟବସାୟୀ (ଭଡୁଆ)ଠାରୁ ଦାନ ନେବ ନାହିଁ । ପଶୁବିନାଶ ସ୍ଥାନକୁ ସୁନା, ଘଣାକୁ ଚକ୍ର ବୋଲି ଏବଂ ଧ୍ୱଜା ଉଡ଼ାଇ ମଦ ବିକନ୍ତି ବୋଲି ଶୁଣ୍ଢୀକୁ ଧ୍ୱଜାବାନ ବୋଲାଯାଏ) ।

**ଦଶସୂନାସମଂ ଚକ୍ରଂ ଦଶଚକ୍ରସମୋ ଧ୍ୱଜଃ ।**
**ଦଶଧ୍ୱଜସମୋ ବେଶୋ ଦଶବେଶସମୋ ନୃପଃ ।୮୫।**

ଦଶକଂସାଇର ଦୋଷ ଜଣେ ତେଲିର, ଦଶତେଲିର ଦୋଷ ଜଣେ ଶୁଣ୍ଢୀର, ଦଶ ଶୁଣ୍ଢୀର ଦୋଷ ଭଡୁଆର ଓ ଦଶ ଭଡୁଆର ଦୋଷ ଏକ ଅକ୍ଷତ୍ରୀୟ ରାଜାଠାରେ ବିଦ୍ୟମାନ ।

**ଦଶସୂନାସହସ୍ରାଣି ଯୋ ବାହୟତି ସୌନିକଃ ।**
**ତେନ ତୁଲ୍ୟଃ ସ୍ମୃତୋ ରାଜା ଘୋରସ୍ତସ୍ୟ ପ୍ରତିଗ୍ରହଃ ।୮୬।**

ଦଶହଜାର କଂସାଇର ଅଧିଷ୍ଠାତାକୁ ସୌନିକ ବୋଲାଯାଏ ଏବଂ ଅକ୍ଷତ୍ରିୟ ଏକ ରାଜା ତାହାରି ସମାନ ତେଣୁ ସେହି ରାଜାଠାରୁ ଦାନ ନେବା ଘୋର ପାପ ।

**ଯୋ ରାଜ୍ଞଃ ପ୍ରତିଗୃହ୍ଣାତି ଲୁବ୍‌ଧସ୍ୟୋଚ୍ଛାସ୍ତ୍ରବର୍ତ୍ତିନଃ ।**
**ସ ପର୍ଯ୍ୟାୟେଣ ଯାତୀମାନ୍ ନରକାନେକବିଂଶତିମ୍ ।୮୭।**

ଯେ ଲୁବ୍ଧ ଶାସ୍ତ୍ରମାର୍ଗ ପରିତ୍ୟାଗୀ ରାଜାଠାରୁ ଦାନ ନିଏ ସେ କ୍ରମାନ୍ୱୟରେ ଏହି ଏକବିଂଶତି ନରକ ପ୍ରାପ୍ତ ହୁଏ । ଯଥା—

**ତାମିସ୍ରମନ୍ଧତାମିସ୍ରଂ ମହାରୌରବରୌରବୌ ।**
**ନରକଂ କାଳସୂତ୍ରଞ୍ଚ ମହାନରକମେବ ଚ ।୮୮।**

ତାମିସ୍ର, ଅନ୍ଧତାମିସ୍ର, ମହାରୌରବ, ରୌରବ, କାଳସୂତ୍ର, ମହାନରକ

**ସଞ୍ଜୀବନଂ ମହାବୀଚିଂ ତପନଂ ସମ୍ପ୍ରତାପନମ୍ ।**
**ସଂଘାତଞ୍ଚ ସକାକୋଲଂ କୁଡ୍ମଳଂ ପୂତିମୂର୍ତ୍ତିକମ୍ ।୮୯। ***

---

* କୌଣସି ୨ ପାଠରେ 'ପ୍ରତିମୂର୍ତ୍ତିକମ୍' ଅଛି ।

ସଞ୍ଜୀବନ, ମହାବୀଚି, ତପନ, ସମ୍ପ୍ରତାପନ, ସଂଘାତ, ସକାକୋଳ, କୁଡ୍ମଳ, ପୁତ୍ରୀମୃତ୍ତିକ ।

**ଲୋହଶଙ୍କୁମୃଜୀଷଞ୍ଚ ପନ୍ଥାନଂ ଶାଲ୍ମଳୀଂ ନଦୀମ୍ ।**
**ଅସିପତ୍ରବନଞ୍ଚୈବ ଲୋହଦାରକମେବ ଚ ।୯୦।**

ଲୋହଶଙ୍କୁ, ଋଜୀଷ, ପନ୍ଥାନ, ଶାଲ୍ମଳୀ, ନଦୀ, ଅସିପତ୍ରବନ ଏବଂ ଲୋହଦାରକ ।

**ଏତଦ୍ ବିଦନ୍ତୋ ବିଦ୍ୱାଂସୋ ବ୍ରାହ୍ମଣ ବ୍ରହ୍ମବାଦିନଃ ।**
**ନ ରାଜ୍ଞଃ ପ୍ରତିଗୃହ୍ଣନ୍ତି ପ୍ରେତ୍ୟଶ୍ରେୟୋଽଭିକାଙ୍କ୍ଷିଣ ।୯୧। ✱**

ଏହି ନରକ ବ୍ୟାପାର ଜ୍ଞାତ ଥିବା ପରକାଳର ହିତକାମନାକାରୀ ବ୍ରହ୍ମବାଦୀ ବିଦ୍ୱାନ୍ ବ୍ରାହ୍ମଣମାନେ କଦାପି ରାଜା ନିକଟରୁ ଦାନ ନେବେ ନାହିଁ ।

**ବ୍ରାହ୍ମେ ମୁହୂର୍ତ୍ତେ ବୁଧ୍ୟେତ ଧର୍ମାର୍ଥୌ ଚାନୁଚିନ୍ତୟେତ୍ ।**
**କାୟକ୍ଲେଶାଂଶ୍ଚ ତନ୍ମୂଲାନ୍ ବେଦତତ୍ତ୍ୱାର୍ଥମେବ ଚ ।୯୨।**

ପ୍ରାତଃ ଦୁଇଘଡ଼ି ରାତି ଥାଉଁ ଉଠିବ ଏବଂ ଅର୍ଥର ଚିନ୍ତା କରିବ ଓ ତହିଁର ଉପାର୍ଜନ ସକାଶେ ଶରୀର କ୍ଲେଶ କରିବାକୁ ହେବ ବୁଝିବ ମଧ୍ୟ ବେଦତତ୍ତ୍ୱାର୍ଥ ଚିନ୍ତା କରିବ ।

**ଉତ୍ଥାୟାବଶ୍ୟକଂ କୃତ୍ୱା କୃତଶୌଚଃ ସମାହିତଃ ।**
**ପୂର୍ବାଂ ସନ୍ଧ୍ୟାଂ ଜପଂସ୍ତିଷ୍ଠେତ୍ ସ୍ୱକାଳେ ଚାପରାଞ୍ଚିରମ୍ ।୯୩।**

ଶଯ୍ୟାରୁ ଉଠି ଆବଶ୍ୟକୀୟ ମଳମୂତ୍ର ତ୍ୟାଗ କରି ଶୁଚି ହୋଇ ସମାହିତ ମନରେ ପ୍ରାତଃ ସନ୍ଧ୍ୟା ଜପରେ ବସିବ ଏବଂ ଅପର ସନ୍ଧ୍ୟାକାଳରେ ସୁଦ୍ଧା ଦୀର୍ଘକାଳ ଜପ କରିବ ।

**ଋଷୟୋ ଦୀର୍ଘସନ୍ଧ୍ୟାତ୍ୱାଦ୍ଦୀର୍ଘମାୟୁରବାପ୍ନୁୟୁଃ ।**
**ପ୍ରଜ୍ଞାଂ ଯଶଶ୍ଚ କୀର୍ତ୍ତିଶ୍ଚ ବ୍ରହ୍ମବର୍ଚ୍ଚସମେବ ଚ ।୯୪।**

ଋଷିମାନେ ଦୀର୍ଘ ସନ୍ଧ୍ୟାର ଅନୁଷ୍ଠାନଦ୍ୱାରା ଦୀର୍ଘ ଆୟୁ, ପ୍ରଜ୍ଞା ଯଶ କୀର୍ତ୍ତି ତଥା ବ୍ରହ୍ମତେଜ ସୁଦ୍ଧା ଲାଭ କରନ୍ତି ।

**ଶ୍ରାବଣ୍ୟାଂ ପ୍ରୌଷ୍ଠପଦ୍ୟାଂ ବା ପ୍ୟୁପାକୃତ୍ୟ ଯଥାବିଧି ।**
**ଯୁକ୍ତଶ୍ଛନ୍ଦାଂସ୍ୟଧୀୟୀତ ମାସାନ୍ ବିପ୍ରୋଽର୍ଦ୍ଧ ପଞ୍ଚମାନ୍ ।୯୫।**

ଶ୍ରାବଣ ବା ଭାଦ୍ରବ ପୂର୍ଣ୍ଣିମାରେ ଉପକ୍ରମ (ଆଚାର୍ଯ୍ୟର ଉପାସନାର୍ଥ ହୋମ) କରି ସାର୍ଦ୍ଧ ଚାରିମାସ ଉଦ୍ୟୁକ୍ତ ହୋଇ ବେଦାଧ୍ୟୟନ କରିବ ।

**ପୁଷ୍ୟେ ଛନ୍ଦସାଂ କୁର୍ଯ୍ୟାଦ୍ ବହିରୁତ୍ସର୍ଜନାଂ ଦ୍ୱିଜଃ ।**
**ମାଘଶୁକ୍ଲସ୍ୟ ବା ପ୍ରାପ୍ତେ ପୂର୍ବାହ୍ଣେ ପ୍ରଥମେଽହନି ।୯୬।**

ଦ୍ୱିଜ ପୌଷପୂର୍ଣ୍ଣିମା ବା ମାଘ ଶୁକ୍ଲପକ୍ଷର ପୂର୍ବାହ୍ଣରେ ବେଦର ଉତ୍ସର୍ଜନ କର୍ମ (ଗ୍ରାମର ବାହାରକୁ ଯାଇ) କରିବ ।

**ଯଥାଶାସ୍ତ୍ରନ୍ତୁ କୃତ୍ୱୈବମୁତ୍ସର୍ଗଂ ଛନ୍ଦସାଂ ବହିଃ ।**
**ବିରମେତ୍ପକ୍ଷିଣୀଂ ରାତ୍ରିଂ ତଦେବୈକମହର୍ନିଶମ୍ ।୯୭।**

ଶାସ୍ତ୍ରାନୁସାରେ (ଗ୍ରାମର) ବାହାରେ ବେଦର ଉତ୍ସର୍ଜନ କର୍ମ କରି ଦୁଇଦିନ ଓ ତନ୍ମଧ୍ୟସ୍ଥ ଏକରାତ୍ର ଅନଧ୍ୟାୟ କରି ଅଥବା ସେହିଦିନ ଓ ରାତ୍ରି ଅନଧ୍ୟାନ କରିବ (ପାଠ କରି ବା ପାଠରୁ ବିରତ ହେବ) ।

**ଅତଊର୍ଦ୍ଧ୍ୱନ୍ତ ଛନ୍ଦାଂସି ଶୁକ୍ଲେଷୁ ନିୟତଃ ପଠେତ୍ ।**
**ବେଦାଙ୍ଗାନି ଚ ସର୍ବାଣି କୃଷ୍ଣପକ୍ଷେଷୁ ସଂପଠେତ୍ ।୯୮।**

---

✱ ୮୪ ଠାରୁ ୯୧ ଶ୍ଳୋକ ପ୍ରକ୍ଷିପ୍ତ ।

ଉତ୍ସର୍ଜନ ଓ ଅନାଧ୍ୟାୟ ପରେ ନିଯୁତ ହୋଇ ଶୁକ୍ଳପକ୍ଷରେ ବେଦପାଠ ଓ କୃଷ୍ଣପକ୍ଷରେ ବେଦାଙ୍ଗସକଳ ପାଠ କରିବ ।

**ନାବିସ୍ପଷ୍ଟମଧୀୟୀତ ନ ଶୂଦ୍ରଜସନ୍ନିଧୌ ।**
**ନ ନିଶାନ୍ତେ ପରିଶ୍ରାନ୍ତୋ ବ୍ରହ୍ମାଧୀତ୍ୟ ପୁନଃ ସ୍ୱପତ୍ ।୯୯।**

ଅସ୍ପଷ୍ଟ ଭାବରେ ପଢ଼ିବ ନାହିଁ, ଶୂଦ୍ରଲୋକ ନିକଟରେ ବସି ପଢ଼ିବ ନାହିଁ ଏବଂ ଶେଷରାତ୍ରରେ ପଢ଼ି ଥକାହୋଇ ପୁଣି ଶୋଇବ ନାହିଁ ।

**ଯଥାଦିତେନ ବିଧିନାଂ ନିତ୍ୟଂ ଛନ୍ଦସ୍କୃତଂ ପଠେତ୍ ।**
**ବ୍ରହ୍ମଛନ୍ଦସ୍କୃତଞ୍ଚୈବ ଦ୍ୱିଜୋ ଯୁକ୍ତୋ ହ୍ୟନାପଦି ।୧୦୦।**

ଯଥୋକ୍ତବିଧିରେ ନିତ୍ୟଗାୟତ୍ରୀ ଇତ୍ୟାଦି ଛନ୍ଦଯୁକ୍ତ ମନ୍ତ୍ର (ବେଦ) ପାଠ କରିବ ଏବଂ ଦ୍ୱିଜ ଅନାପଦ କାଳରେ ସାଧାରଣ ବେଦପାଠ ନିୟମାନୁସାରେ ପାଠ କରିବ ।

**ଇମାନ୍ନିତ୍ୟ ମନଧ୍ୟାନଧୀୟାନୋ ବିବର୍ଜୟେତ୍ ।**
**ଅଧ୍ୟାପନଞ୍ଚ କୁର୍ବାଣଃ ଶିଷ୍ୟାଣାଂ ବିଧିପୂର୍ବକମ୍ ।୧୦୧।**

ଅଧୀୟାନ ଶିଷ୍ୟ ଓ ଅଧ୍ୟାପକ ଗୁରୁ ବକ୍ଷ୍ୟମାଣ ଅନଧ୍ୟାୟଗୁଡ଼ିକ ସର୍ବଦା ସର୍ବତୋଭାବେ ପରିତ୍ୟାଗ କରିବେ ।

**କର୍ଣ୍ଣଶ୍ରବେଽନିଲେ ରାତ୍ରୌ ଦିବା ପାଂଶୁସମୂହନେ ।**
**ଏତୌ ବର୍ଷାସ୍ୱନଧ୍ୟାୟାବଧ୍ୟୟଜ୍ଞାଃ ପ୍ରଚକ୍ଷତେ ।୧୦୨।**

ବର୍ଷାଋତୁରେ ରାତ୍ରିକାଳରେ କାନକୁ ଶବ୍ଦ କରି ବାୟୁ ବହୁଥିବା ଏବଂ ଦିବାଭାଗରେ ଧୂଳି ଉଡୁଥିବା ଏହି ସମୟ ଅନଧ୍ୟାୟ ବୋଲି ଅଧ୍ୟୟନବିଧିଜ୍ଞ (ମୁନି)ମାନେ କହନ୍ତି ।

**ବିଦ୍ୟୁତ୍‌ସ୍ତନିତବର୍ଷେଷୁ ମହୋଲ୍‌କାନାଞ୍ଚ ସଂପ୍ଳବେ ।**
**ଆକାଳିକମନଧ୍ୟାୟମେତେଷୁ ମନୁରବ୍ରବୀତ୍ ।୧୦୩।**

ବିଜୁଳି ଗର୍ଜନ ସହିତ ବର୍ଷା ହେଲେ ବା ଇତସ୍ତତଃ ଉଲ୍‌କାପାତ ହେଲେ ଆରମ୍ଭ ସମୟରୁ ପରଦିନ ସେହିକାଳ ପର୍ଯ୍ୟନ୍ତ ଅନଧ୍ୟାୟ ବୋଲି ମନୁ କହିଅଛନ୍ତି ।

**ଏତାସ୍ତ୍ୱଭ୍ୟୁଦିତାନ୍ ବିଦ୍ୟାଦ୍ ଯଦା ପ୍ରାଦୁଷ୍କୃତାଗ୍ନିଷ ।**
**ତଦା ବିଦ୍ୟାଦନଧ୍ୟାୟମନୃତୌ ଚାଭ୍ରଦର୍ଶନେ ।୧୦୪।**

ବର୍ଷା ଋତୁରେ ସନ୍ଧ୍ୟା ସମୟରେ ହୋମାଗ୍ନି ପ୍ରଜ୍ୱଳିତ କରିବା ସମୟରେ ଏ ରୂପ ଅଭ୍ୟୁଦୟ ହେଲେ ଅନଧ୍ୟାୟ ଜାଣିବ; ମାତ୍ର ଅନ୍ୟ ଋତୁରେ ହୋମାଗ୍ନି ସମୟରେ ବାଦଲ ଦେଖିବା ମାତ୍ରକେ ଅନଧ୍ୟାୟ ।

**ନିର୍ଘାତେ ଭୂମିଚଳନେ ଜ୍ୟୋତିଷାଞ୍ଚୋପସର୍ଜନେ ।**
**ଏତାନାକାଳିକାନ୍ ବିଦ୍ୟାଦନଧ୍ୟାୟାନୃତାବପି ।୧୦୫।**

ବର୍ଷା ବା ଅନ୍ୟ ଋତୁରେ ଆକାଶରୁ ଅସ୍ୱାଭାବିକ ଶବ୍ଦ ହୋଇ ଭୂମିକମ୍ପ ହେଲେ କିମ୍ବା ସୂର୍ଯ୍ୟାଦିର ଉପଦ୍ରବ ହେଲେ ଅକାଳିକା ଅନଧ୍ୟାୟ ହେବ ।

**ପ୍ରାଦୁଷ୍କୃତେଷ୍ୱଗ୍ନିଷୁ ବିଦ୍ୟୁତ୍ ସ୍ତନିତନିସ୍ୱନେ ।**
**ସଜ୍ୟୋତିଃ ସ୍ୟାଦନଧ୍ୟୟଃ ଶେଷେ ରାତ୍ରୌ ଯଥାଦିବା ।୧୦୬।**

ହୋମାର୍ଥେ ଅଗ୍ନି ପ୍ରଜ୍ୱଳିତ କରିବା ସମୟରେ ଯଦି ବିଦ୍ୟୁତ୍ ଓ ଗର୍ଜନ ହୁଏ ତେବେ ସଜ୍ୟୋତି ଅନଧ୍ୟାୟ ହେବ (ଅର୍ଥାତ୍ ସକାଳେ ହେଲେ ସମସ୍ତ ଦିନ ଏବଂ ସନ୍ଧ୍ୟାରେ ହେଲେ ସମସ୍ତ ରାତ୍ରି ଅନଧ୍ୟାୟ) ଏବଂ ଶେଷଘଟନା ବୃଷ୍ଟି ହେଲେ ଦିବାରାତ୍ରି ଅନଧ୍ୟାୟ ହେବ ।

**ନିତ୍ୟାନଧ୍ୟାୟ ଏବସ୍ୟାଦ୍ ଗ୍ରାମେଷୁ ନଗରେଷୁ ଚ ।**
**ଧର୍ମନୈପୁଣ୍ୟକାମିନାଂ ପୂତିଗନ୍ଧେ ଚ ସର୍ବଦା ।୧୦୭।**

ଧର୍ମନୈପୁଣ୍ୟକାମୀ ଲୋକମାନଙ୍କ ପକ୍ଷରେ ବହୁ ଜନାକୀର୍ଣ୍ଣଗ୍ରାମ ଓ ନଗର ଏବଂ ଯେଉଁଠାରେ ଦୁର୍ଗନ୍ଧ ମିଳେ ଏସବୁ ସ୍ଥାନରେ ନିତ୍ୟ ଅନଧ୍ୟାୟ ଅର୍ଥାତ୍ ଏକାନ୍ତ ଏବଂ ବିଶୁଦ୍ଧ ସ୍ଥାନରେ ପାଠ ପଢ଼ିବା ଉଚିତ ।

**ଅନ୍ତର୍ଗତଶବେ ଗ୍ରାମେ ବୃଷଳସ୍ୟ ଚ ସନ୍ନିଧୌ ।**
**ଅନଧ୍ୟାୟୋ ରୁଦ୍ୟମାନେ ସମବାୟେ ଜନସ୍ୟ ଚ ।୧୦୮।**

ମୃଦାର ପଡ଼ିଥିବା ଗ୍ରାମରେ, ଅଧାର୍ମିକ ନିକଟରେ, କନ୍ଦାକଟା ଲାଗିଥିବା ନିକଟରେ ଏବଂ ଲୋକଭିଡ଼ କତିରେ ଅନଧ୍ୟାୟ ଜାଣିବ ।

**ଉଦକେ ମଧ୍ୟରାତ୍ରେ ଚ ବିଣ୍ମୂତ୍ରସ୍ୟ ବିସର୍ଜନେ ।**
**ଉଚ୍ଛିଷ୍ଟଃ ଶ୍ରାଦ୍ଧଭୁକ୍ ଚୈବ ମନସାପି ନ ଚିନ୍ତୟେତ୍ ।୧୦୯।**

ଜଳ ମଧ୍ୟରେ, ମଧ୍ୟରାତ୍ରରେ, ବିଷ୍ଠାମୂତ୍ର ପରିତ୍ୟାଗ କାଳରେ, ଉଚ୍ଛିଷ୍ଟ ମୁଖରେ ଅଥବା ଶ୍ରାଦ୍ଧଭୋଜନ କରି ବେଦକୁ ମନରେ ସୁଦ୍ଧା ଚିନ୍ତା କରିବ ନାହିଁ ।

**ପ୍ରତିଗୃହ୍ୟ ଦ୍ୱିଜୋ ବିଦ୍ୱାନେକୋଦ୍ଦିଷ୍ଟସ୍ୟ କେତନମ୍ ।**
**ତ୍ର୍ୟହଂ ନ କୀର୍ତ୍ତୟେଦ୍ ବ୍ରହ୍ମରାଜ୍ଞୋ ରାହୋଶ୍ଚ ସୂତକେ ।୧୧୦।**

ବିଦ୍ୱାନ୍ ବ୍ରାହ୍ମଣ ଏକୋଦ୍ଦିଷ୍ଟ ଶ୍ରାଦ୍ଧର ନିମନ୍ତ୍ରଣ ଗ୍ରହଣ କରି ତିନିଦିନ ବେଦାଧ୍ୟୟନ କରିବ ନାହିଁ ଏବଂ ରାଜାର (ପୁତ୍ରଜନ୍ମାଦି) ସୂତକ ତଥା ଚନ୍ଦ୍ରସୂର୍ଯ୍ୟ ରାହୁଗ୍ରସ୍ତ ହେଲେ ତିନିଦିନ ବେଦ ପଢ଼ିବ ନାହିଁ ।

**ଯାବଦେକାନୁଦ୍ଦିଷ୍ଟସ୍ୟ ଗନ୍ଧୋ ଲେପଶ୍ଚ ତିଷ୍ଠତି ।**
**ବିପ୍ରସ୍ୟ ବିଦୁଷୋ ଦେହେ ତାବଦ୍ ବ୍ରହ୍ମ ନ କୀର୍ତ୍ତୟେତ ।୧୧୧।**

ଯେ ପର୍ଯ୍ୟନ୍ତ ଏକୋଦ୍ଦିଷ୍ଟ ଶ୍ରାଦ୍ଧର ଗନ୍ଧ ବା ଲେପ ଦେହରେ ଥିବ ସେ ପର୍ଯ୍ୟନ୍ତ ବିଦ୍ୱାନ୍ ବ୍ରାହ୍ମଣ ବେଦ ପଢ଼ିବ ନାହିଁ ।

**ଶୟାନଃ ପ୍ରୌଢ଼ପାଦଶ୍ଚ କୃତ୍ୱା ଚୈବାବସକ୍ଥିକାମ୍ ।**
**ନାଧୀୟୀତାମିଷଂ ଜଗ୍ଧ୍ୱା ସୂତକାନ୍ନାଦ୍ୟମେବ ଚ ।୧୧୨। ❋**

ଶୟନ ହୋଇ ବା ଗୋଡ଼ ଉଠାଇଥିବା ଅଥବା ଜାନୁ ମଧ୍ୟରେ ବସ୍ତ୍ର ଭିଡ଼ିଥିବା ସମୟରେ, ମାଂସ ଭୋଜନ କରି ବା ଅଶୌଚଗ୍ରସ୍ତର ଅନ୍ନ ଖାଇ ବେଦପାଠ କରିବ ନାହିଁ ।

**ନୀହାରେ ବାଣଶବ୍ଦେ ଚ ସନ୍ଧ୍ୟାୟୋରେବ ଚୋଭୟୋ ।**
**ଅମାବାସ୍ୟା ଚତୁର୍ଦ୍ଦଶ୍ୟୋଃ ପୌର୍ଣ୍ଣମାସ୍ୟଷ୍ଟକାସୁ ଚ ।୧୧୩।**

ଉଭୟ ସନ୍ଧିରେ କୁହୁଡ଼ି ଓ ବାଣର ଶବ୍ଦ ହେଲେ ଏବଂ ଅମାବାସ୍ୟା, ଚତୁର୍ଦ୍ଦଶୀ, ପୂର୍ଣ୍ଣିମା ଓ ଅଷ୍ଟମୀରେ ଅନଧ୍ୟାୟ ହେବ ।

**ଅମାବାସ୍ୟା ଗୁରୁଂ ହନ୍ତି ଶିଷ୍ୟଂ ହନ୍ତି ଚତୁର୍ଦ୍ଦଶୀ ।**
**ବ୍ରହ୍ମାଷ୍ଟକା ପୌର୍ଣ୍ଣମାସ୍ୟୌ ତସ୍ମାତ୍ତଃ ପରିବର୍ଜୟେତ୍ ।୧୧୪। ❋**

ଅମାବାସ୍ୟାରେ ପଢ଼ିଲେ ଗୁରୁ ନଷ୍ଟ ହୁଅନ୍ତି; ଚତୁର୍ଦ୍ଦଶୀରେ ପଢ଼ିଲେ ଶିଷ୍ୟ ନଷ୍ଟ ହୁଏ ଏବଂ ଅଷ୍ଟମୀ ଓ ପୂର୍ଣ୍ଣିମାରେ ପଢ଼ିଲେ ବେଦ ବିସ୍ମୃତି ହୁଏ—ଏ ହେତୁ ସେ ତିଥିମାନ ପରିବର୍ଜନୀୟ ।

---

❋ ୧୦୯ ଠାରୁ ୧୧୨ ଶ୍ଲୋକ ପ୍ରକ୍ଷିପ୍ତ । ❋ ଏ ଶ୍ଲୋକ ପ୍ରକ୍ଷିପ୍ତ ।

**ପାଂଶୁବର୍ଷେ ଦିଶାଂ ଦାହେ ଗୋମାୟୁବିରୁତେ ତଥା ।**
**ଶ୍ୱଖରାଷ୍ଟ୍ରେ ଚ ରୁବତି ପଙ୍‌କ୍ତୌ ଚ ପଠେଦ୍ଦ୍ୱିଜଃ ।୧୧୫।**

ଧୂଳିବର୍ଷଣ ବା ଦିଗ୍‌ଦାହ ହେଲେ କିମ୍ବା ଶୃଗାଳ ବିରୁଦ୍ଧ ଚିତ୍କାର କଲେ ଅଥବା କୁକ୍କୁର, ଗର୍ଦ୍ଦଭ ଓ ଉଷ୍ଟ୍ର ରାବ କଲେ ଅଥବା ପଂକ୍ତିରେ ବସି ଦ୍ୱିଜବେଦ ପଢ଼ିବେ ନାହିଁ ।

**ନାଧୀୟୀତ ଶ୍ମଶାନାନ୍ତେ ଗ୍ରାମାନ୍ତେ ଗୋବ୍ରଜେଽପିବା ।**
**ବସିତ୍ୱା ମୈଥୁନଂ ବାସଃ ଶ୍ରାଦ୍ଧିକଂ ପ୍ରତିଗୃହ୍ୟ ଚ ।୧୧୬।****

ଶ୍ମଶାନ ସମୀପରେ, ଗ୍ରାମ ନିକଟରେ, ଗୋରୋଷ୍ଠରେ ପଢ଼ିବ ନାହିଁ ଏବଂ ମୈଥୁନ କାଳୀନ ବସ୍ତ୍ର ପରିଧାନ କରି ଓ ଶ୍ରାଦ୍ଧୀୟ ଦାନ ଗ୍ରହଣ କରି ବେଦପାଠ କରିବ ନାହିଁ ।

**ପ୍ରାଣୀ ବା ଯଦି ବା ପ୍ରାଣୀ ଯତ୍‌କିଞ୍ଚିଚ୍ଛ୍ରାଦ୍ଧିକଂ ଭବେତ୍ ।**
**ତଦାଲଭ୍ୟାପ୍ୟନଧ୍ୟାୟଃ ପାଣ୍ୟାସ୍ୟୋହି ଦ୍ୱିଜ ସ୍ମୃତଃ ।୧୧୭। ***

ଶ୍ରାଦ୍ଧ ସମ୍ବନ୍ଧୀୟ ପଶୁ ବା ଅପ୍ରାଣୀ (ଶାକାଦି) ଯାହା କିଛି ଗ୍ରହଣ କରିବ ତହିଁରେ ଅନଧ୍ୟାୟ ହେବ କାରଣ ବ୍ରାହ୍ମଣ ହସ୍ତ ହିଁ ମୁଖ ।

**ଚୌରରୁପପ୍ଳୁତେ ଗ୍ରାମେ ସଂଭ୍ରମେ ଚାଗ୍ନିକାରିତେ ।**
**ଆକାଳିକମନଧ୍ୟାୟଂ ବିଦ୍ୟାତ୍ସର୍ବାଦ୍ଭୁତେଷୁ ଚ ।୧୧୮।**

ଗ୍ରାମରେ ଚୋରର ଉପଦ୍ରବ ଅଥବା ଘରେ ନିଆଁ ଲାଗିଲେ ଏବଂ ଅଦ୍ଭୁତ ଘଟଣାମାନ ଘଟିଲେ ଆକାଳିକ ଅନଧ୍ୟାୟ ହେବ ।

**ଉପାକର୍ମଣି ଚୋତ୍ସର୍ଗେ ତ୍ରିରାତ୍ରଂ କ୍ଷେପଣଂ ସ୍ମୃତମ୍ ।**
**ଅଷ୍ଟକାସୁ ତ୍ୱହୋରାତ୍ରମୃତ୍ୱନ୍ତାସୁ ଚ ରାତ୍ରିଷୁ ।୧୧୯।**

ଉପାକର୍ମ ଓ ଉତ୍ସର୍ଗରେ ତିନିରାତ୍ର, ଅଷ୍ଟକାରେ ଏକ ଅହୋରାତ୍ର ଏବଂ ଋତୁର ଅନ୍ତରେ ଏକରାତ୍ର ଅନଧ୍ୟାୟ ବୋଲାଯାଇଅଛି ।

**ନାଧୀୟୀତାଶ୍ୱମାରୁଢ଼ୋ ନ ବୃକ୍ଷଂ ହସ୍ତିନମ୍ ।**
**ନ ନାବଂ ନ ଖରଂ ନୋଷ୍ଟ୍ରଂ ନେରିଣସ୍ଥୋ ନ ଯାନଗଃ ।୧୨୦।**

ଘୋଡ଼ା, ଗଛ, ହାତୀ, ନାବ, ଗଧ ବା ଓଟରେ ଚଢ଼ି କିମ୍ବା ଊଷର ଭୂମିରେ ଅଥବା ଗାଡ଼ି ଆଦି ଯାନରେ ଯାଉଥିବାବେଳେ ପଢ଼ିବ ନାହିଁ ।

**ନ ବିବାଦେ ନ କଳହେ ନ ସେନାୟାଂ ସଙ୍ଗମେ ।**
**ନ ଭୁକ୍ତମାତ୍ରେ ନାଜୀର୍ଣ୍ଣଂ ନ ବମିତ୍ୱା ନ ସୂତକେ ।୧୨୧। ***

ବିବାଦ (ବାକ୍‌କଳହ)ରେ କଳହ (ମରାମରି)ରେ ଅପବୃତ୍ତଯୁଦ୍ଧ ସେନାରେ ଯୁଦ୍ଧରେ, ଖାଇସାରିଲାକ୍ଷଣି ଅଜୀର୍ଣ୍ଣ ହେଲେ, ବାନ୍ତିକଲେ ଓ ସୂତକରେ ପଢ଼ିବ ନାହିଁ ।

**ଅତିଥିଞ୍ଚାନନଜ୍ଞାପ୍ୟ ମାରୁତେ ବାତି ବା ଭୃଶମ୍ ।**
**ରୁଧିରେ ଚ ସ୍ରାବେ ଗାତ୍ରାଚ୍ଛସ୍ତ୍ରେଣ ଚ ପରୀକ୍ଷିତେ ।୧୨୨।**

ଅତିଥିର ଅନୁମତି ନ ନେଇ, ଅତି ବେଗରେ ବାୟୁ ପ୍ରବାହିତ ହେଲେ, ଦେହରୁ ରକ୍ତସ୍ରାବ, ଅଥବା ଶସ୍ତ୍ରଦ୍ୱାରା ଆହତ ହେଲେ ପଢ଼ିବ ନାହିଁ ।

---

* ଏହି ଶ୍ଳୋକରେ ଦ୍ୱିତୀୟ ଚରଣ ପ୍ରକ୍ଷିପ୍ତ ।

* ଏ ଶ୍ଳୋକ ପ୍ରକ୍ଷିପ୍ତ ।

* କୌଣସି ୨ ପାଠରେ 'ଶୁକ୍ତକେ' ଅଛି ।

**ସାମଧ୍ୱନାବୃଗ୍‌ଯଜୁଷୀ ନାଧୀୟାତ କଦାଚନ ।**
**ବେଦସ୍ୟଧୀତ୍ୟ ବାପ୍ୟନ୍ତମାଣ୍ୟକମଧୀତ୍ୟ ଚ ।୧୨୩।**

ସାମବେଦରେ ଧ୍ୱନି ବର୍ତ୍ତମାନ ଥାଉଁ କଦାପି ଋକ୍ ବା ଯଜୁର୍ବେଦ ପଢ଼ିବ ନାହିଁ କିମ୍ବା ବେଦାନ୍ତ ବା ବେଦର ଆରଣ୍ୟକ ପଢ଼ି ସେହିକ୍ଷଣି ବେଦ ପଢ଼ିବ ନାହିଁ ।

**ଋଗ୍‌ବେଦୋ ଦେବଦୈବତ୍ୟୋ ଯଜୁର୍ବେଦସ୍ତୁ ମାନୁଷଃ ।**
**ସାମବେଦଃ ସ୍ମୃତଃ ପିତ୍ର୍ୟସ୍ତସ୍ମାତ୍ତସ୍ୟଶୁଚିର୍ଧ୍ୱନିଃ ।୧୨୪। ❋**

ଋଗ୍‌ବେଦ ଦେବତାମାନଙ୍କର, ଯଜୁର୍ବେଦ ମନୁଷ୍ୟ ସମ୍ବନ୍ଧୀୟ ଏବଂ ସାମବେଦ ପିତୃ ସମ୍ବନ୍ଧୀୟ ବୋଲାଯାଏ, ଏ ହେତୁ ସାମବେଦର ଧ୍ୱନି ଅଶୁଚି ଅଟେ ।

**ଏତଦ୍ ବିଦନ୍ତୋ ବିଦ୍ୱଂ ସସ୍ତ୍ରୟୀନିଷ୍କର୍ଗ ମନ୍ୟହମ୍ ।**
**କ୍ରମତଃ ପର୍ବମଭ୍ୟସ୍ୟ ପଶ୍ଚାଦ୍ ବେଦମଧୀୟତେ ।୧୨୫।**

ବିଦ୍ୱାନ୍‌ମାନେ ଏସବୁ ଜାଣି ପ୍ରତିଦିନ ବେଦର ସାର ଗାୟତ୍ରୀ ଓଁ ଓ ବ୍ୟାହୃତି କ୍ରମାନ୍ୱୟେ ପ୍ରଥମେ ଜପ କରି ପଶ୍ଚାତ୍ ବେଦ ପଢ଼ନ୍ତି ।

**ପଶୁମଣ୍ଡୁକମାର୍ଜାର ଶ୍ୱସର୍ପନକୁଳାଖୁଭିଃ ।**
**ଅନ୍ତରାଗମନେ ବିଦ୍ୟାଦନଧ୍ୟାୟମହନଶମ୍ ।୧୨୬।**

ଗବାଦି ପଶୁ, ଭେକ, ବିଡ଼ାଳ, କୁକୁର, ସର୍ପ, ନକୁଳ ଅଥବା ମୂଷିକ ଯଦି ବେଦଧ୍ୟୟନ କାଳରେ (ଗୁରୁ ଓ ଶିଷ୍ୟ) ମଝିଦେଇ ଚାଲିଯାଏ ତେବେ ଏକ ଆହୋରାତ୍ର ଅନଧ୍ୟାୟ ଜାଣିବ ।

**ଦ୍ୱାବେଦ ବର୍ଜୟେନ୍ନିତ୍ୟମନଧ୍ୟାୟୋ ପ୍ରଯତ୍ନତଃ ।**
**ସ୍ୱାଧ୍ୟାୟଭୂମିଞ୍ଚାଶୁଦ୍ଧାମାତ୍ମାନଞ୍ଚାଶୁଚିଂ ଦ୍ୱିଜଃ ।୧୨୭।**

ବସ୍ତୁତଃ ପଢ଼ିବା ସ୍ଥାନରେ ଅଶୁଦ୍ଧି ଓ ନିଜର ଅଶୁଦ୍ଧି ଏ ଦୁଇ ଅନଧ୍ୟାୟର ନିତ୍ୟ କାରଣ ଏବଂ ଏହି ଦ୍ୱିଜ ଯତ୍ନପୂର୍ବକ ପରିତ୍ୟାଗ କରିବ ।

**ଅମାବାସ୍ୟାମଷ୍ଟମୀଞ୍ଚ ପୌର୍ଣ୍ଣମାଂସୀଂ ଚତୁର୍ଦ୍ଦଶୀମ୍ ।**
**ବ୍ରହ୍ମଚାରୀ ଭବେନ୍ନିତ୍ୟମପ୍ୟୃତୌ ସ୍ନାତକୋ ଦ୍ୱିଜଃ ।୧୨୮।**

ଅମାବାସ୍ୟା, ଅଷ୍ଟମୀ ପୂର୍ଣ୍ଣିମା ଓ ଚତୁର୍ଦ୍ଦଶୀ ତିଥିରେ ସ୍ତ୍ରୀ ଋତୁସ୍ନାତା ହେଲେ ସୁଦ୍ଧା ସ୍ନାତକ ଦ୍ୱିଜ ବ୍ରହ୍ମଚାରୀ ହୋଇ ରହିବ (ସହବାସ କରିବ ନାହିଁ) ।

**ନ ସ୍ନାନମାରେଭକ୍ତ୍ୱା ନାତୁରୋ ନ ମହାନିଶି ।**
**ନ ବାସୋଭିଃ ସଜାଜସ୍ରଂ ନାବିଜ୍ଞାତେ ଜଳାଶୟେ ।୧୨୯।**

ଭୋଜନ ପରେ ଅଥବା ରୋଗରେ ଥିବା ମଧ୍ୟରାତ୍ରରେ କିମ୍ବା ଅନେକ ଲୁଗାପଟା ପିନ୍ଧି ଅଥବା ଗଭୀର ଜଳରେ କିମ୍ବା ଅଜ୍ଞାତ ଜଳାଶୟରେ ସ୍ନାନ କରିବ ।

**ଦେବତାନଂ ଗୁରୋ ରାଜ୍ଞା ରାଜ୍ଞାଃ ସ୍ନାତକାଚାର୍ଯ୍ୟୟୋସ୍ତଥା ।**
**ନାକ୍ରାମେକ୍ରାମତଶ୍ଛାୟାଂ ବଭ୍ରୁଣୋ ଦୀକ୍ଷିତସ୍ୟ ଚ ।୧୩୦।**

ପ୍ରସିଦ୍ଧ, ବିଦ୍ୱାନ୍, ଗୁରୁ, ରାଜା, ସ୍ନାତକ, ଆଚାର୍ଯ୍ୟ, କପିଳା ଗାଭୀ ଓ ଦୀକ୍ଷିତ୍ ବ୍ୟକ୍ତିର ଛାୟା (ଇଚ୍ଛାପୂର୍ବକ) ଅତିକ୍ରମ କରିଯିବ ନାହିଁ (ତଦ୍ୱାରା ଅନାଦର ହୁଏ) ।

**ମଧ୍ୟଂ ଦିନେଽର୍ଦ୍ଧରାତ୍ରେଚ ଶ୍ରାଦ୍ଧଂ ଭୁକ୍ତ୍ୱାଚ ସା ମିଷଂ ।**
**ସନ୍ଧ୍ୟୟୋରୁଭୟୋଶ୍ଚୈବ ନ ସେବେତତୁଷ୍ପଥଂ ।୧୩୧।**

---

❋ ଏ ଶ୍ଳୋକ ପ୍ରକ୍ଷିପ୍ତ ।

ଦିନ ଦୁଇପ୍ରହରରେ, ମଧ୍ୟରାତ୍ରରେ ଓ ଶ୍ରାଦ୍ଧରେ ସମାଂସ ଭୋଜନ କରି ସାୟଂ ପ୍ରତି ଉଭୟ ସନ୍ଧ୍ୟାରେ ଚତୁଷ୍ପଥରେ ଅଧିକକାଳ ରହିବ ନାହିଁ ।

**ଉଦ୍‌ବର୍ତ୍ତନ ମପସ୍ନାନଂ ବିଣ୍‌ମୂତ୍ରେ ରକ୍ତମବଚ ।**
**ଶ୍ଳେଷ୍ମ ନିଷ୍ଠ୍ୟତବାନ୍ତାନି ନାଧିତିଷ୍ଠେତ୍ତୁ କାମତଃ ।୧୩୨।**

ଉଦ୍‌ବର୍ଜନ (ଦେହରୁ ହଳଦୀ ଲେପାଦିର ଛାପମଇଳା, ଅଗାଧୁଆପାଣି, ମଳମୂତ୍ର, ରକ୍ତ ଶ୍ଳେଷ୍ମା, ନିଷ୍ଠୀବନ (ପାନପିକ ବା ଛିବଡ଼ା) ଓ ବାନ୍ତି ଇଚ୍ଛାପୂର୍ବକ ମାଡ଼ିବ ନାହିଁ ।

**ବୈରିଣଂ ନୋପସେବେତ ସହାୟଂ ଚୈବ ବୈରିଣଃ ।**
**ଅଧାମକଂ ତସ୍କରଂ ଚ ପରସ୍ୟୈବଚ ଯୋଷିତଂ ।୧୩୩।**

ଶତ୍ରୁ, ଶତ୍ରୁର ସହାୟକ, ଅଧାର୍ମିକ, ଚୋର ତଥା ପର ସ୍ତ୍ରୀର ସହିତ ସଙ୍ଗ କରିବ ନାହିଁ ।

**ନହୀବୃଶମନାୟୁଷ୍ୟଂ ଲୋକେ କିଞ୍ଚନ ବିଦ୍ୟତେ ।**
**ତାଦୃଶଂ ପୁରୁଷସ୍ୟେହ ପରଦାରୋପସେବନଂ ।୧୩୪।**

ପରସ୍ତ୍ରୀ ଗମନରେ ଯେମନ୍ତ ଆୟୁ କ୍ଷୟ ହୁଏ, ଇହ ସଂସାରରେ ଅନ୍ୟ କୌଣସି ବ୍ୟାପାରରେ ତେମନ୍ତ ଆୟୁ କ୍ଷୟ ହୁଏ ନାହିଁ ।

**କ୍ଷତ୍ରିୟଂଚୈବ ସର୍ପଞ୍ଚ ବ୍ରାହ୍ମଣଞ୍ଚ ବହୁଶ୍ରୁତଂ ।**
**ନାବମନ୍ୟେତ ବୈଭୁଷ୍ଣୁଃ କୃଶାନମି କଦାଚନ ।୧୩୫।**

ଧନ ଓ ଆୟୁ ବୃଦ୍ଧି କାମୀବ୍ୟକ୍ତି, କ୍ଷତ୍ରୀୟ ସର୍ପ ଅଥବା ବହୁଶ୍ରୁତ ବ୍ରାହ୍ମଣଙ୍କୁ ଅଶକ୍ତ ବିବେଚନାର ସୁଦ୍ଧା କଦାପି ଅପମାନ କରିବ ନାହିଁ ।

**ଏତତ୍ତ୍ରୟଂହି ପୁରୁଷଂ ନିର୍ଦ୍ଦହେଦବମାନିତଂ ।**
**ତସ୍ମାଦେବତ୍ତ୍ରୟଂ ନିତ୍ୟ ନାବମନ୍ୟେତ ବୁଦ୍ଧିମାନ୍ ।୧୩୬।**

ଏ ତିନି ଅପମାନିତ ହେଲେ ଅପମାନ କର୍ତ୍ତାକୁ ଭସ୍ମ କରିପକାନ୍ତି । ଏ ହେତୁ ବୁଦ୍ଧିମାନ କଦାପି ଏ ତିନିଙ୍କୁ ଅପମାନିତ କରିବ ନାହିଁ ।

**ନାତ୍ମାନବମନ୍ୟେତ ପୂର୍ବାଭିରସମୃଦ୍ଧାଭିଃ ।**
**ଆମୃତ୍ୟୋଃ ଶ୍ରିୟମନ୍ୱିଚ୍ଛେନ୍ନେନାଂ ମନ୍ୟେତ ଦୁର୍ଲ୍ଲଭାଂ ।୧୩୭।**

ପ୍ରଥମରୁ ଯତ୍ନ କରି ସମ୍ପତ୍ତି ହେଲାନାହିଁ ବୋଲି ଆପଣାକୁ କେବେ ହତାଦର କରିବ ନାହିଁ । ମାତ୍ର ମରିବା ପର୍ଯ୍ୟନ୍ତ ଶ୍ରୀବୃଦ୍ଧି ସକାଶେ ଯତ୍ନ କରିବ-ଶ୍ରୀଲାଭ ଦୁର୍ଲ୍ଲଭ ବୋଲି ମଣିବ ନାହିଁ ।

**ସତ୍ୟଂ ବ୍ରୂୟାତ୍‌ପ୍ରିୟଂ ବ୍ରୂୟାନ୍ନବ୍ରୂୟା ସତ୍ୟମପ୍ରିୟଂ ।**
**ପ୍ରିୟଞ୍ଚ ନାନୃତଂ ବ୍ରୂୟା ଦ୍ୱେଷ ଧର୍ମ୍ମଃ ସନାତନଃ ।୧୩୮।**

ସତକଥା ବୋଲିବ, ପ୍ରିୟକଥା କହିବ ମାତ୍ର ଯେଉଁ ସତ କଥା ପ୍ରିୟ ନୁହେଁ (ଅର୍ଥାତ୍ ମନଭେଦି) ଏମନ୍ତ ସତ କହିବ ନାହିଁ ଏବଂ ଅସତ୍ୟପ୍ରିୟ (ଖୋସାମଦିଆ) କଥା କହିବ ନାହିଁ– ଏହା ସନାତନ ଧର୍ମ ।

**ଭଦ୍ରଂ ଭଦ୍ରମିତି ବ୍ରୂୟା ଭଦ୍ରମିତ୍ୱେବା ବଦେତ୍ ।**
**ଶୁଷ୍କବୈରଂ ବିବାଦଞ୍ଚ ନ କୁର୍ଯ୍ୟାଦ୍ କେନଚିତ୍ସହ ।୧୩୯।**

ଆଚ୍ଛା ଭଲ ଏକଥା କହିବ, କେବଳ ଆଚ୍ଛା କହିବ ମାତ୍ର ନିଷ୍ପ୍ରୟୋଜନ କାହାରି ସଙ୍ଗେ ବୈର ବା ବିବାଦ କରିବ ନାହିଁ ।

**ନାତିକଲ୍ୟା ନାତିସାୟଂ ନାତିମଧ୍ୟନ୍ଦିନେ ସ୍ଥିତେ ।**
**ନାଜ୍ଞାତେନ ସମଂ ଗଚ୍ଛେନ୍ନୈକୋ ନ ବୃଷଲୈଃ ସହ ।୧୪୦।**

ଅତି ପ୍ରତ୍ୟୁଷରେ ବା ପ୍ରଦୋଷ ସମୟରେ ତଥା ଦୁଇ ପ୍ରହର ସମୟରେ ଅବା ଅଜ୍ଞାତଲୋକ ବା ଶୂଦ୍ରମାନଙ୍କ ସଙ୍ଗେ ଏକା ଯିବ ନାହିଁ ।

**ହୀନାଙ୍ଗାନତିରିକ୍ତାଙ୍ଗାନ୍ ବିଦ୍ୟାହୀନାନ୍ ବୟୋଽଧିକାନ୍ ।**
**ରୂପ ଦ୍ରବ୍ୟବିହୀନାଂଶ୍ଚ ଜାତିହୀନାଂଶ୍ଚ ନାକ୍ଷିପେତ୍ ।୧୪୧।**

ଅଙ୍ଗହୀନ, ଅଧିକାଙ୍ଗ, ବିଦ୍ୟାହୀନ, ବୟୋଧିକ, ରୂପହୀନ, ଧନବିହୀନ ଅଥବା ଜାତି ବିହୀନ ବ୍ୟକ୍ତିମାନଙ୍କୁ ତଦୁପଲକ୍ଷେ ନିନ୍ଦା କରିବ ନାହିଁ ।

**ନ ସ୍ପୃଶେତ୍ପାଣିନୋଚ୍ଛିଷ୍ଟୋ ବିପ୍ରୋ ଗୋବ୍ରାହ୍ମଣାନଲାନ୍ ।**
**ନ ଚାପି ପଶ୍ୟେଦଶୁଚିଃ ସୁସ୍ଥୋ ଜ୍ୟୋତିର୍ଗଣାନ୍ ଦିବି ।୧୪୨।**

*ଅଇଣ୍ଠା ହାତରେ ବିପ୍ର, ଗୋ, ବ୍ରାହ୍ମଣ ଓ ଅଗ୍ନି ସ୍ପର୍ଶ କରିବ ନାହିଁ କିମ୍ବା ଅଶୁଚି ଥିବା* ସ୍ଥାନରେ ଆକାଶସ୍ଥ ଜ୍ୟୋତିଷ୍କଗଣ ଦେଖିବ ନାହିଁ ।

**ସ୍ପୃଷ୍ଟ୍ୱୈତାନଶୁଚିର୍ନିତ୍ୟମଦ୍ଭିଃ ପ୍ରାଣାନୁପସ୍ପୃଶେତ୍ ।**
**ଗାତ୍ରାଣି ଚୈବ ସର୍ବାଣି ନାଭିଂ ପାଣିତଳେନ ତୁ ।୧୪୩।**

ଏମନ୍ତ ଅବସ୍ଥାରେ ସ୍ପର୍ଶକଲେ ଆଚମନ କରି ହାତରେ ପାଣି ନେଇ ଚକ୍ଷୁ ଇତ୍ୟାଦି ସ୍ପର୍ଶ କରିବ ଏବଂ ଗାତ୍ର ସକଳ ସ୍ପର୍ଶ କରିବ (ଏହି ପ୍ରାୟଶ୍ଚିତ) ।

**ଅନାତୁରଃ ସ୍ୱାନି ଖାନି ନ ସ୍ପୃଶେଦନିମିତ୍ତତଃ ।**
**ରୋମାଣି ଚ ରହସ୍ୟାନି ସର୍ବାଣ୍ୟେବ ବିବର୍ଜୟେତ୍ ।୧୪୪।**

ସୁସ୍ଥ ଅବସ୍ଥାରେ ଅକାରଣ ଆପଣାର ଇନ୍ଦ୍ରିୟ ସକଳ ସ୍ପର୍ଶ କରିବ ନାହିଁ ଏବଂ ଗୋପନୀୟ ଲୋମ ସ୍ପର୍ଶ ସୁଦ୍ଧା ପରିତ୍ୟାଗ କରିବ ।

**ମଙ୍ଗଳାଚାରଯୁକ୍ତଃ ସ୍ୟାତ୍ପ୍ରଯତାତ୍ମା ଜିତେନ୍ଦ୍ରିୟଃ ।**
**ଜପେଚ୍ଚ ଜୁହୁୟାଚ୍ଚୈବ ନିତ୍ୟମଗ୍ନି ମତନ୍ଦ୍ରିତଃ ।୧୪୫।**

ନିତ୍ୟ ମଙ୍ଗଳାଚାରଯୁକ୍ତ ବାହ୍ୟାଭ୍ୟନ୍ତର ଓ ଜିତେନ୍ଦ୍ରିୟ ହେବ ଏବଂ ଆଳସ୍ୟ ଶୂନ୍ୟହୋଇ ଜପ ଓ ଅଗ୍ନିରେ ହୋମ କରିବ ।

**ମଙ୍ଗଳାଚାରଯୁକ୍ତାନାଂ ନିତ୍ୟଞ୍ଚ ପ୍ରୟତାତ୍ମନାମ୍ ।**
**ଜପତାଂ ଜୁହ୍ୱତାଞ୍ଚୈବ ବିନିପାତୋ ନ ବିଦ୍ୟତେ ।୧୪୬।**

ଶୁଭାଚାରଯୁକ୍ତ ଏବଂ ସର୍ବଦା ପବିତ୍ର ରହିଲେ ଏବଂ ଜପ ହୋମକାରୀର ଉପଦ୍ରବ (ରୋଗାଦି) ହୁଏ ନାହିଁ ।

**ବେଦମେବା ଭ୍ୟସେନ୍ନିତ୍ୟଂ ଯଥାକାଳମତନ୍ଦ୍ରିତଃ ।**
**ତଂ ହାସ୍ୟାହୁଃ ପରଂ ଧର୍ମମୁପଧର୍ମୋଽନ୍ୟ ଉଚ୍ୟତେ ।୧୪୭।**

ସର୍ବଦା ଆଳସ୍ୟରତ ହୋଇ ଯଥାବସର ବେଦ ହିଁ ପଢ଼ିବ, କାରଣ ଏହା ହିଁ ବ୍ରାହ୍ମଣର ପରମ ଧର୍ମ ଏବଂ ଧର୍ମ ଏହା ତଳେ ।

**ବେଦାଭ୍ୟାସେନ ସତତଂ ଶୌଚେନ ତପସୈବ ଚ ।**
**ଅଦ୍ରୋହେଣ ଚ ଭୂତାନାଂ ଜାତିଂ ସ୍ମରତି ପୌର୍ବିକମ୍ ।୧୪୮।**

ସତତ ବେଦାଭ୍ୟାସ ଶୁଚି ସମ୍ପନ୍ନତା, ତପସ୍ୟା ସର୍ବ ଜୀବନରେ ମୈତ୍ରୀଭାବରୁ (ନିଜର) ପୂର୍ବ ଜନ୍ମର ଜ୍ଞାନ ଲାଭ ହୁଏ ।

**ପୌର୍ବିକୀଂ ସଂସ୍ମରନ୍ ଜାତିଂ ବ୍ରହ୍ମୈବାଭ୍ୟସ୍ୟତେ ପୁନଃ ।**
**ବ୍ରାହ୍ମାଭ୍ୟାସେନ ଚାଜସ୍ରମନନ୍ତଂ ସୁଖମଶ୍ନୁତେ ।୧୪୯।**

ପୂର୍ବଜନ୍ମର ସ୍ମରଣ କରି ପୁଣି ବେଦାଭ୍ୟାସରେ ରତ ହୁଏ ଏବଂ ବେଦାଭ୍ୟାସରେ ଅଜ ଅନନ୍ତସୁଖ (ମୋକ୍ଷ) ଭୋଗ କରେ ।

**ସାବିତ୍ରାନ୍ ଶାନ୍ତିହୋମାଂଶ୍ଚ କୁର୍ଯ୍ୟାତ୍ ପର୍ବସୁ ନିତ୍ୟଶଃ ।**
**ପିତୃଁଶ୍ଚୈବାଷ୍ଟକାସ୍ୱର୍ଚ୍ଚେନ୍ନିତ୍ୟମନ୍ୱଷ୍ଟକାସୁ ଚ ।୧୫୦।**

ପୂର୍ଣ୍ଣିମା, ଅମାବାସ୍ୟାଦି ପ୍ରତିପଦ ଦିନରେ ସାବିତ୍ରୀ ଓ ଶାନ୍ତି ହୋମ କରିବ ଏବଂ ଅଗ୍ରହାୟଣ ପୂର୍ଣ୍ଣିମାପରେ ତିନି କୃଷ୍ଣାଷ୍ଟମୀ ଓ ନବମୀରେ ଅଷ୍ଟକାହୋମଦ୍ୱାରା ସର୍ବଦା ପିତୃଲୋକ ସନ୍ତୁଷ୍ଟ କରିବ ।

**ଦୂରାଦାବସଥାନ୍ମୂତ୍ରଂ ଦୂରାତ୍ପାଦାବସେଚନଂ ।**
**ଉଚ୍ଛିଷ୍ଟାନ୍ନଂ ନିଷେକଞ୍ଚ ଦୂରାଦେବ ସମାଚରେତ୍ ।୧୫୧।**

ବାସଗୃହର ଦୂରରେ ମୂତ୍ର ଓ ଗୋଡ଼ଧୁଆପାଣି, ଉଚ୍ଛିଷ୍ଟ ଓ ତୈଳାଦି ଲୁଗାଧୁଆ ପାଣି ପକାଇବ ।

**ମୈତ୍ରଂ ପ୍ରସାଧାନଂ ସ୍ନାନଂ ଦନ୍ତଧାବନମଞ୍ଜନଂ ।**
**ପୂର୍ବାହ୍ନ ଏବ କୁର୍ବିତ ଦେବତାନଞ୍ଚ ପୂଜନଂ ।୧୫୨।**

ମଳତ୍ୟାଗ, ଶରୀର ଶୁଦ୍ଧି, ସ୍ନାନ, ଦାନ୍ତ ଘଷିବା, ଅଞ୍ଜନ ନାଇବା ଓ ଦେବତାଙ୍କ ହୋମ ପୂର୍ବାହ୍ନରେ (ସକାଳବେଳା) କରିବ ।

**ଦୈବତାନ୍ୟଭିଗଚ୍ଛେତ୍ତୁ ଧାର୍ମିକାଶ୍ଚ ଦ୍ୱିଜୋତ୍ତମାନ୍ ।**
**ଈଶ୍ୱରଞ୍ଚୈବ ରକ୍ଷାର୍ଥଂ ଗୁରୁନେବ ନ ପର୍ବଶୁ ।୧୫୩।**

ଅମାବାସ୍ୟାଦିପର୍ବମାନଙ୍କରେ ଯଜ୍ଞଶାଳାମାନଙ୍କୁ, ଧାର୍ମିକ ବ୍ରାହ୍ମଣମାନଙ୍କୁ, ଈଶ୍ୱର ସକାଶେ ଏବଂ ଗୁରୁମାନଙ୍କୁ ମିଳନ ସକାଶେ ନିଜ ରକ୍ଷାପାଇଁ ଯିବ ।

**ଅଭିବାଦୟେଦ୍ୱୃଦ୍ଧାଂଶ ଦଦ୍ୟାଚ୍ଚୈବାସନଂ ।**
**କୃତାଞ୍ଜଳିରୁପାସୀତା ଗଚ୍ଛତଃ ପୃଷ୍ଠତୋଽନ୍ୱିୟାତ୍ ।୧୫୪।**

(ଗୃହାଗତ) ଗୁରୁଜନମାନଙ୍କୁ ନମସ୍କାର କରିବ ଏବଂ ବସିବାକୁ ନିଜର ଆସନ ଦେବ ଏବଂ ହାତଯୋଡ଼ି ତାଙ୍କ ନିକଟରେ ରହିବ ଏବଂ ସେମାନେ ଗଲେ ଅନୁଗମନ କରିବ ।

**ଶ୍ରୁତିସ୍ମୃତ୍ୟୁଦିତଂ ସମ୍ୟଙ୍ ବିବଦ୍ଧଂ ସ୍ୱେଷୁ କର୍ମସୁ ।**
**ଧର୍ମମୂଳଂ ନିଷେବେତ ସଦାଚାରମତନ୍ଦ୍ରିତଃ ।୧୫୫।**

ବେଦ ସ୍ମୃତି କଥିତ ଆପଣା କର୍ମରେ ନିୟମରେ ଆବଦ୍ଧ ରହି ଧର୍ମମୂଳ ସଦାଚାର ନିରଳସ ଭାବରେ ସେବା କରିବ ।

**ଆଚାରାଲ୍ଲଭତେ ହ୍ୟାୟୁରାଚାରାଦୀପ୍ସିତାଃ ପ୍ରଜାଃ ।**
**ଆଚାରାଦ୍ଧନମକ୍ଷୟ୍ୟମାଚାରୋ ହନ୍ତ୍ୟଲକ୍ଷଣଂ ।୧୫୬।**

ଆଚାରରୁ ଆୟୁ, ବାଞ୍ଛିତ ପୁତ୍ର ପୌତ୍ରାଦି ସନ୍ତତି ଓ ଅକ୍ଷୟ ଧନ ଲାଭ ହୁଏ ଏବଂ ଆଚାର ଅଶୁଭ ଲକ୍ଷଣକୁ ନଷ୍ଟ କରେ ।

**ଦୁରାଚାରୋହି ପୁରୁଷୋ ଲୋକେ ଭବତି ନିନ୍ଦିତଃ ।**
**ଦୁଃଖଭାଗୀ ଚ ସତତଂବ୍ୟାଧିତୋଽଳ୍ପାୟୁରେବଚ ।୧୫୭।**

ଦୁରାଚାରୀ ପୁରୁଷ ଲୋକସମାଜରେ ନିନ୍ଦିତ, ସତତ ଦୁଃଖଭାଗୀ, ରୋଗଗ୍ରସ୍ତ ଓ ଅଳ୍ପାୟୁ ମଧ୍ୟ ହୁଏ ।

**ସର୍ବଲକ୍ଷଣହୀନୋଽପି ଯଃ ସଦାଚାରବାନ୍ନରଃ ।**
**ଶ୍ରଦ୍ଧାନୋଽନସୂୟଶ୍ଚ ଶତଂ ବର୍ଷାଣି ଜୀବିତ ।୧୫୮।**

ସର୍ବପ୍ରକାର ଶୁଭଲକ୍ଷଣ (କୁଳରେ) ହୀନ ହେଲେ ସୁଦ୍ଧା ସଦାଚାର ସମ୍ପନ୍ନ ଶ୍ରଦ୍ଧାବାନ ଓ ଅସୂୟାରତ ଲୋକ ଶତବର୍ଷ ଜୀବିତ ଥାଏ (ଦୀର୍ଘାୟୁ ହୁଏ) ।

**ଯଦ୍‌ଯତ୍ପରବଶଂ କର୍ମତତ୍ତଦ୍ ଯତ୍ନେନ ବର୍ଜୟେତ୍ ।**
**ଯଦ୍‌ଯଦାତ୍ମବଶନ୍ତୁ ସ୍ୟାତ୍ତତ୍ତତ୍‌ସେବେତ ଯତ୍ନତଃ ।୧୫୯।**

ଯାହା କିଛି ପରବଶ ତାହା ଯତ୍ନପୂର୍ବକ ପରିତ୍ୟାଗ କରିବ ଏବଂ ଯାହା କିଛି ଆତ୍ମବଶ ତାହା ଯତ୍ନପୂର୍ବକ ସମ୍ପାଦନ କରିବ ।

**ସର୍ବଂ ପରବଶଂ ଦୁଃଖଂ ସର୍ବମାତ୍ମାବଶଂ ସୁଖଂ ।**
**ଏତଦ୍‌ବିଦ୍ୟାତ୍ସମାସେନ ଲକ୍ଷଣଂ ସୁଖଦୁଃଖୟୋଃ ।୧୬୦।**

ସମସ୍ତ ବିଷୟ ପରାଧୀନ ହେବା ଦୁଃଖ ଏବଂ ସମସ୍ତ ଆପଣାର ଅଧୀନ ହେବା ସୁଖ (ପରାଧୀନତା ଦୁଃଖବହୁଳ ଏବଂ ସ୍ୱାଧୀନତା ସୁଖପୂର୍ଣ୍ଣ) ସଂକ୍ଷେପରେ ଏହା ହିଁ ସୁଖଦୁଃଖର ଲକ୍ଷଣ ଜାଣିବ ।

**ଯତ୍କର୍ମ କୁର୍ବତୋଽସ୍ୟ ସ୍ୟାତ୍ପରିତୋ ଯୋଽନ୍ତରାତ୍ମନଃ ।**
**ତତ୍‌ପ୍ରୟତ୍ନେନ କୁର୍ବୀତ ବିପରୀତନ୍ତୁ ବର୍ଜୟେତ୍ ।୧୬୧।**

ଯେଉଁ କର୍ମ କଲେ କର୍ମକର୍ତ୍ତାର ଅନ୍ତରାତ୍ମା ପ୍ରସନ୍ନ ହୁଏ ସେହି କର୍ମ ଯତ୍ନପୂର୍ବକ କରିବ ମାତ୍ର ବିପରୀତ କର୍ମ ତ୍ୟାଗ କରିବ ।

**ଆଚାର୍ଯ୍ୟଞ୍ଚ ପ୍ରବକ୍ତାରଂ ପିତରଂ ମାତରଂ ଗୁରୁମ୍ ।**
**ନ ହିଂସ୍ୟା ବ୍ରାହ୍ମଣାନ୍ ଗାଶ୍ଚ ସର୍ବାଶ୍ଚୈବ ତପସ୍ୱିନଃ ।୧୬୧।**

ଆଚାର୍ଯ୍ୟ, ବେଦବ୍ୟାଖ୍ୟାକାରୀ, ପିତା, ମାତା, ଗୁରୁ, ବ୍ରାହ୍ମଣ, ଗୋରୁ ଏବଂ ସକଳ ତପସ୍ୱୀମାନଙ୍କର ହିଂସା କରିବ ନାହିଁ ।

**ନାସ୍ତିକ୍ୟଂ ବେଦନିନ୍ଦାଞ୍ଚ ଦେବତାନାଞ୍ଚ କୁତ୍ସନମ୍ ।**
**ଦ୍ୱେଷଂ ଦମ୍ଭଞ୍ଚ ମାନଞ୍ଚ କ୍ରୋଧଂ ତୈକ୍ଷ୍ଣ୍ୟଞ୍ଚ ବର୍ଜୟେତ୍ ।୧୬୩।**

ନାସ୍ତିକତା, ବେଦନିନ୍ଦା, ଦେବତାଙ୍କ କୁତ୍ସା, ଦ୍ୱେଷ, ଦମ୍ଭ, ଅଭିମାନ, କ୍ରୋଧ ଓ ତେଜପଣିଆ ବର୍ଜନ କରିବ ।

**ପରସ୍ୟ ଦଣ୍ଡଂନୋଦ୍ୟଚ୍ଛେତ୍କ୍ରୁଦ୍ଧୋନୈବ ନିପାତୟେତ୍ ।**
**ଅନ୍ୟତ୍ର ପୁତ୍ରାଚ୍ଛିଷ୍ୟାଦ୍ୱା ଶିଷ୍ଟ୍ୟର୍ଥ ତାଡ଼ୟେତ୍ତୁ ତୌ ।୧୬୪।**

ପୁତ୍ର ଓ ଶିଷ୍ୟ ରୀତି ଅନ୍ୟକୁ ମାରିବା ସକାଶେ ବାଡ଼ି ଉଞ୍ଚାଇବ ନାହିଁ । ରାଗରେ ମାରିବ ନାହିଁ । ପୁତ୍ର ଓ ଶିଷ୍ୟକୁ ଶିଷ୍ଟ କରିବା ପାଇଁ ତାଡ଼ନା କରାଯାଏ ।

**ବ୍ରାହ୍ମଣାୟାଜଗୁର୍ଯ୍ୟୈବ ଦ୍ୱିଜାତିର୍ବଧକାମ୍ୟୟା ।**
**ଶତଂ ବର୍ଷାଣି ତାମିସ୍ରେ ନରକେ ପରିବର୍ତ୍ତୟେତ୍ ।୧୬୫।**

ବଧ କାମନାରେ ଯଦି ଦ୍ୱିଜାତି ବ୍ରାହ୍ମଣ ଉପରକୁ ଦଣ୍ଡୋତ୍ତୋଳନ କରନ୍ତି ତେବେ ସେ ଶତବର୍ଷ ଅନ୍ଧନରକରେ ପରିକ୍ରମଣ କରେ ।

**ତାଡ଼ୟିତ୍ୱା ତୃଣେନାପି ସଂରମ୍ଭାନ୍ମତି ପୂର୍ବକମ୍ ।**
**ଏକ ବିଂଶତି ମାଜାତିଃ ପାପଯୋନିଷୁ ଜାୟତେ ।୧୬୬।**

କ୍ରୋଧ ପରବଶ ହୋଇ ଜ୍ଞାନପୂର୍ବକ (ବ୍ରାହ୍ମଣକୁ) ତୃଣଦ୍ୱାରା ତାଡ଼ନା କଲେ ସୁଦ୍ଧା ସେ ଏକବିଂଶତି ଜନ୍ମ ପାପ ଯୋନିରେ ଜନ୍ମ ହୁଏ ।

**ଅଯୁଧ୍ୟମାନସ୍ୟୋତ୍ପାଦ୍ୟ ବ୍ରାହ୍ମଣସ୍ୟାସୃଗଙ୍ଗତଃ ।**
**ଦୁଃଖଂ ସୁମହଦାପ୍ନୋତି ପ୍ରେତ୍ୟା ପ୍ରାଜ୍ଞାତୟା ନରଃ ।୧୬୭।**

ଅଯୁଧ୍ୟମାନ ବ୍ରାହ୍ମଣର ଅଙ୍ଗରୁ ରକ୍ତପାତ କଲେ ମନୁଷ୍ୟର ଅଜ୍ଞାନରୁ ପର ଲୋକରେ ଅତ୍ୟନ୍ତ ଦୁଃଖଲାଭ ହୁଏ ।

**ଶୋଣିତଂ ଯାବତଃ ପାଂସୁନ୍ ସଂଗୃହ୍ଣାତି ମହୀତଳାତ୍ ।**
**ତାବତୋଽବ୍ଦାନ୍ ମୁତ୍ରାନ୍ୟୈ ଶୋଣିତୋତ୍ପାଦକୋଽଦ୍ୟତେ ।୧୬୮।**

ଭୂମି ପତିତ ବ୍ରାହ୍ମଣ ରକ୍ତରେ ଯେତେଗୁଡ଼ିଏ ଧୂଳିକଣା ମିଶ୍ରିତ ହୁଏ, ବ୍ରହ୍ମଘାତିକୁ ତାବତ ସଂଖ୍ୟକ ବର୍ଷ ପରଲୋକରେ ଶୃଗାଳ କୁକୁର ଜିଭ ଭକ୍ଷଣ କରେ ।

**ନ କଦାଚିଦ୍ଦ୍ୱିଜେ ତସ୍ମାଦ୍ବିଦ୍ୱାନବଗୁରେଦପି ।**
**ନ ତାଡ଼ୟେତ୍ତୃଣେନାପି ନ ଗାତ୍ରାସ୍ରବୟେଦସୃକ୍ ।୧୬୯।**

ଏ ହେତୁ ବିଦ୍ୱାନ ଲୋକ କଦାପି ବ୍ରାହ୍ମଣ ଉପରକୁ ଦଣ୍ଡ ଉଠାଇବେ ନାହିଁ କିମ୍ବା ତୃଣଦ୍ୱାରା ତାଡ଼ନା କରିବେ ନାହିଁ । ତାଙ୍କ ଦେହରୁ ରକ୍ତପାତ କରିବେ ନାହିଁ ।

**ଅଧାର୍ମିକୋ ନରୋ ଯୋହି ଯସ୍ୟ ଚାପ୍ୟନୃତ୍ୟଂ ଧନମ୍ ।**
**ହିଂସାରତଶ୍ଚ ଯୋ ନିତ୍ୟଂ ନେହସୌ ସୁଖମେଧତେ ।୧୭୦।**

ଯେ ଜନ ଅଧାର୍ମିକ, ଅସତ୍ୟ ପଥରେ ଯାହାର ଧନୋପାୟ ହୁଏ ଏବଂ ଯେ ପର ହିଂସାରେ ରତ ଥାଏ ସେ ଲୋକ , ସଂସାରରେ କେବେ ହେଁ ସୁଖର ଅଧିକାରୀ ହୁଏ ନାହିଁ ।

**ନ ସୀଦନ୍ନପି ଧର୍ମେଣ ମନୋଽଧର୍ମେ ନିବେଶୟେତ୍ ।**
**ଅଧାର୍ମିକାଣାଂ ପାପାନାମାଶୁ ପଶ୍ୟନ୍ ବିପର୍ଯ୍ୟୟମ୍ ।୧୭୧।**

ଶାସ୍ତ୍ରବିହିତ ଧର୍ମାନୁଷ୍ଠାନରେ ଥାଇ ଧନାଦି ଅଭାବରୁ ଅବସନ୍ନ ହେଲେ ସୁଦ୍ଧା କଦାପି ଅଧର୍ମରେ ମନ ବଳାଇବ ନାହିଁ ; କାରଣ ଅଧର୍ମ ପାପୀର ଶୀଘ୍ର ବିପର୍ଯ୍ୟୟ ଘଟେ ।

**ନା ଧର୍ମଶ୍ଚରିତୋ ଲୋକେ ସଦ୍ୟଃ ଫଳତି ଗୌରିବ ।**
**ଶନୈରାବର୍ତ୍ତମାନସ୍ତୁ କର୍ତ୍ତୁର୍ମୂଳାନି କୃନ୍ତତି ।୧୭୨।**

ଗୋଳନ କଲେ ବା ପୃଥିବୀରେ ବପନ କଲେ ଯେପରି ତତ୍କ୍ଷଣାତ୍ ଫଳ ଲାଭ ହୁଏ, ସେହି ଅଧର୍ମାଚାରୀ ସଦ୍ୟ ଫଳ ନ ପାଇଲେ ସୁଦ୍ଧା କ୍ରମେ କ୍ରମେ ତାହାର ମୂଳ କଟିଯାଏ । ସେ ସମୂଳେ ବିନାଶ ପ୍ରାପ୍ତ ହୁଏ ।

**ଯଦି ନାତ୍ମନ ପୁତ୍ରେଷୁ ନଚେ ତ୍ପୁତ୍ରେଷୁ ନପ୍ତୃଷୁ ।**
**ନତ୍ୱେବତୁ କୃତୋଽଧର୍ମଃ କର୍ତ୍ତୁର୍ଭବତି ନିଷ୍ଫଳଃ ।୧୭୩।**

ଅଧର୍ମ ଅଧର୍ମକାରୀର ଜୀବନରେ (ଦେହ ଧନାଦିନାଶରେ) ଯଦି ନ ଫଳେ ତେବେ ତାହାର ପୁତ୍ର ବା ପୌତ୍ର ନିଶ୍ଚୟ ସେହି ଅଧର୍ମର ଫଳ ଭୋଗ କରିବ ପରନ୍ତୁ ଆଚରିତ ଅଧର୍ମ ନିଷ୍ଫଳ ହେବାର ନୁହେଁ ।

**ଅଧର୍ମେଣୈଧତେ ତାବତ୍ତତୋ ଭଦ୍ରାଣି ପଶ୍ୟତି ।**
**ତତଃ ସପତ୍ନାନ୍ଜୟତି ସମୂଳସ୍ତୁ ବିନଶ୍ୟତି ।୧୭୪।**

ଅଧର୍ମଦ୍ୱାରା ଆପାତତଃ (ଗ୍ରାମ୍ୟ ଧନାଦି)ଦ୍ୱାରା ବୃଦ୍ଧି ହୁଏ ପରେ ଭୃତ୍ୟ ପଶ୍ୱାଦିଦ୍ୱାରା କଲ୍ୟାଣ ଦେଖାଯାଏ ପରେ ଶତ୍ରୁମାନଙ୍କୁ ଜୟସୁଦ୍ଧା କରେ; ମାତ୍ର ପରିଶେଷରେ (ପାପପରି ଫଳ ହେଲେ) ସମୂଳେ ନଷ୍ଟ ହୁଏ ।

**ସତ୍ୟଧର୍ମାର୍ଯ୍ୟବୃତ୍ତେଷୁ ଶୌଚେ ଚୈବାର ମେତ୍ସଦା ।**
**ଶିଷ୍ୟାଂଶ୍ଚ ଶିଷ୍ୟାଦ୍ଧର୍ମେଣ ବାଗାହୁଦରସଂଯତଃ ।୧୭୫।**

ସଦା ସତ୍ୟଧର୍ମ, ସଦାଚାର ଏବଂ ଶୌଚରେ ଅନୁରାର କରିବ, ଶିଷ୍ୟକୁ ଶିକ୍ଷା ଦେବ ଏକବାକ୍ୟ, ବାହୁ ଓ ଉଦର ବିଷୟରେ ସଂଯତ ଥିବ, ସତ୍ୟ ବୋଲିବ, ଅନ୍ୟକୁ ପୀଡ଼ା ନ ଦେବ ଓ ନ୍ୟାୟୋପାର୍ଜିତ ଭୋଜନ କରିବ ।

**ପରିତ୍ୟଜେଦର୍ଥକାମୌ ଯୌ ସ୍ୟାତାଂ ଧର୍ମବର୍ଜିତୌ ।**
**ଧର୍ମଞ୍ଚାପ୍ୟସୁଖୋଦର୍କଂ ଲୋକ ବିକୃଷ୍ଟମେବ ଚ ।୧୭୬।**

ଧର୍ମବିରୁଦ୍ଧ ଅର୍ଥ ଓ କାମନା (ଚୌର୍ଯ୍ୟଦ୍ୱାରା ଅର୍ଥୋପାର୍ଜ୍ଜନ ଓ ପରସ୍ତ୍ରୀ ରମନାଦି) ପରିତ୍ୟାର କରିବ ଏବଂ ପରିମାଣରେ ଅସୁଖକର (ପୁତ୍ର ପୌତ୍ରାଦି ଆଉ ସର୍ବସ୍ୱଦାନାଦି) ଓ ଲୋକଙ୍କର ଆକ୍ରୋଶର (ପୁଣ୍ୟ କାର୍ଯ୍ୟରେ ସହାୟତାରେ ଲୋକକୁ ଅତ୍ୟନ୍ତ କ୍ଳେଶ ଦେବାଦି) ଧର୍ମକାର୍ଯ୍ୟ ସୁଦ୍ଧା ପରିତ୍ୟାର କରିବ ।

**ନ ପାଣିପାଦଚପଲୋ ନ ନେତ୍ରଚପଲୋଽନୃଜ ।**
**ନ ସ୍ୟାଦବାକ୍ ଚପଲଶ୍ଚୈବ ନ ପରଦ୍ରୋହ କର୍ମଧୀଃ ।୧୭୭।**

ହସ୍ତ, ପଦ, ନେତ୍ର ଓ ବାଣୀର ଚପଲତା ପରିହାର କରିବ ଏବଂ କୁଟିଳ ହେବ ନାହିଁ ଓ ପରଦ୍ରୋହରେ କର୍ମ ଓ ବୁଦ୍ଧି ନିୟତ କରିବ ନାହିଁ ।

**ଯେନାସ୍ୟ ପିତରୋ ଜାତା ଯେନ ଯାତାଃ ପିତାମହାଃ ।**
**ତେନ ଯାୟାତ୍ସତାଂ ମାର୍ଗଂ ତେନ ଗଚ୍ଛନ୍ନ ରଷ୍ୟତେ ।୧୭୮।**

ସନ୍ଦେହ ଉପସ୍ଥିତ ହେଲେ (ଯେଉଁ ବାଟରେ ପିତା ପିତାମହାଦି ଯାଇଅଛନ୍ତି ସେହି ବାଟରେ ଯିବ) ପିତୃ ପିତାମହାଦିଙ୍କ ଆଚରିତ ଧର୍ମାନୁଷ୍ଠାନ କରିବ, ସେ ବାଟରେ ଗଲେ ଅଧର୍ମ ସ୍ପର୍ଶ କରିବ ନାହିଁ ।

**ଋତ୍ୱିଗ୍ର ପୁରାହିତାଚାର୍ଯ୍ୟୈର୍ମାତୁଳାତିଥି ସଂଶ୍ରିତୈଃ ।**
**ବାଳବୃଦ୍ଧାତୁରୈର୍ବୈଦ୍ୟୈର୍ଜ୍ଞାତିସମ୍ବନ୍ଧବୈଃ ମୃତଃ ।୧୭୯।**

ଋତ୍ୱିକ୍ (ଯଜ୍ଞାହୋତା) ପୁରୋହିତ, ଆଚାର୍ଯ୍ୟ, ମାମୁ, ଅତିଥି, ଆଶ୍ରିତ, ବାଳ, ବୃଦ୍ଧା ଆତୁର, ବୈଦ୍ୟ, ଜ୍ଞାତି (ଧାତୁଡ଼ାବାଣାଦି) ଏବଂ ବିବାହ ସମ୍ବନ୍ଧୀୟ ବାର୍ନ୍ଧିବ (ଶ୍ୟାଳକମାତାମହାଦି) ସଙ୍ଗରେ ।

**ମାତାପିତୃଭ୍ୟଂ ଯାମୀଭିର୍ଭ୍ରାତା ପୁତ୍ରେଣ ଭାର୍ଯ୍ୟୟା ।**
**ଦୁହିତା ଦାସ ବର୍ଗେଣ ବିବାଦ ନ ସମାଚରେତ୍ ।୧୮୦।**

ମାତା, ପିତା, ଭଗିନୀ ପୁତ୍ର ବଧୂ ପ୍ରଭୃତି ଭ୍ରାତା, ପୁତ୍ର, ସ୍ତ୍ରୀ, କନ୍ୟା ଓ ଭୃତ୍ୟବର୍ଗଙ୍କ ସଙ୍ଗରେ କଦାପି ବିବାହ କରିବ ନାହିଁ ।

**ଏତୈର୍ବିବାଦାନ୍ ସନ୍ତ୍ୟଜ୍ୟ ସର୍ବପାପୈଃ ପ୍ରମୁଚ୍ୟତେ ।**
**ଏଭିର୍ଜିତୈଶ୍ଚ ଜୟତି ସର୍ବାଂୟେକା ନିମାନ୍ ଗୃହୀ ।୧୮୧।**

ଗୃହୀ ଏମାନଙ୍କ ସଙ୍ଗେ ବିବାଦ ତ୍ୟାର କଲେ ସର୍ବପାପରୁ ମୁକ୍ତ ହୁଏ ଏବଂ ଏମାନଙ୍କୁ ଜାଣିପାରିଲେ ପ୍ରସନ୍ନ ଥିଲେ ସକଳ ଲୋକ ଜିତା ପାଇପାରେ (ଆପଣା ଘରେ କଳହ କଲେ ବାହାରରେ ହାରିବ) ।

**ଆଚାର୍ଯ୍ୟେ ବ୍ରହ୍ମଲୋକେଶଃ ପ୍ରଜାପତ୍ୟେ ପିତା ପ୍ରଭୁଃ ।**
**ଅତିଥିସ୍ତିନ୍ଦ୍ର ଲୋକେଶୋ ଦେବଲୋକସ୍ୟର୍ତ୍ୱିକଃ ।୧୮୨।**

ଆଚାର୍ଯ୍ୟ ବେଦଲୋକର ସ୍ୱାମୀ (ଆଚାର୍ଯ୍ୟ ପ୍ରସନ୍ନ ଥିଲେ ବେଦ ଲାଭ ହୁଏ) ଏହିପରି ପ୍ରଜାପତିଙ୍କର ପ୍ରଭୁ, ଅତିଥି ଚନ୍ଦ୍ରଲୋକର ଏବଂ ଋତ୍ୱିକ ଦେବଲୋକର ସ୍ୱାମୀ (ଏମାନଙ୍କ ଅନୁଗ୍ରହରେ ସେସବୁ ମିଳେ) ପିତା ଉତ୍ପାଦକ ହେବାରୁ ପ୍ରଜାପତି ସୁତରାଂ ସେ ସନ୍ତୁଷ୍ଟ ଥିଲେ ସୁସନ୍ତାନ ଲାଭ ହୁଏ, ଅତିଥି ସଇନ୍ଦ୍ର (ଶଶୁର) ତତ୍ତ୍ୱର ଉପଦେଶ ହେତୁ ଈଶ୍ୱର ତତ୍ତ୍ୱଜ୍ଞାନ ମିଳେ ଏବଂ ଋତ୍ୱିକ୍ ଯଜ୍ଞ କରାଇଥିବାରୁ ବାୟୁ ଆଦି ଦେବଲୋକ ସଦ୍ୟସ୍ଥାନ ହେତୁ ଶସ୍ୟାଦି ଫଳ ମିଳେ ।

**ଯାମୟୋଽସ୍ୱରସଂଲୋକେ ବୈଶ୍ୟଦେବସ୍ୟ ବାନ୍ଧବାଃ ।**
**ସମ୍ବନ୍ଧିନୋ ହ୍ୟପାଂଲୋକେ ପୃଥିବ୍ୟାଂ ମାତୃମାତୁଲୌ ।୧୮୩।**

ଭଗିନୀ ଓ ପୁତ୍ରବଧୂ ଆଦି ଅପ୍ସରୌ ଲୋକ ସ୍ୱାମୀ ବା ଲକ୍ଷ୍ମୀ ସ୍ତ୍ରୀ ସ୍ଥାନୀୟ ଓ ବାନ୍ଧବମାନେ ବୈଶ୍ୱଦେବଲୋକ ସମ୍ବନ୍ଧିମାନେ ଶାନ୍ତିଦାନ ଜନଲୋକର ଏବଂ ମା ଓ ମାମୁ ପୃଥିବୀ ଉପରି ଲୋକର ସ୍ୱାମୀ ଅଟନ୍ତି । ଏମାନଙ୍କ ପ୍ରସନ୍ନତାରୁ ସେହି ୨ ଲୋକ ଲାଭ ହୁଏ ।

**ଆକାଶେ ଗାସ୍ତୁବିଜ୍ଞେୟା ବାଲବୃଦ୍ଧକୃଷାତୁରାଃ ।**
**ଭ୍ରାତା ଜ୍ୟେଷ୍ଠ ସମଃ ପିତ୍ରା ଭାର୍ଯ୍ୟାପୁତ୍ରଃ ସ୍ୱକାତନୁଃ ।୧୮୪।**

ବାଳ, ବୃଦ୍ଧ, କୃଶ ଓ ଆତୁର ଆକାଶର ସ୍ୱାମୀ (ନିରାଧାର) ଅଟନ୍ତି ଜ୍ୟେଷ୍ଠ ଭ୍ରାତା ପିତା ସମାନ ଏବଂ ଭାର୍ଯ୍ୟା ଓ ପୁତ୍ର ଆପଣାର ଶରୀର ପରି (ଏମାନଙ୍କ ସଙ୍ଗେ ବିବାଦ ଅନୁଚିତ) ।

**ଛାୟା ସ୍ୱୋ ଦାସବର୍ଗଶ୍ଚ ଦୁହିତା କୃପଣଂ ପରମ୍ ।**
**ତସ୍ମାଦେତୈ ରଧିକ୍ଷାପ୍ତଃ ସହତୋ ସଂଜ୍ୱରଃସଦା ।୧୮୫।**

ଦାସବର୍ଗ ଆପଣାର ଛାୟାପରି ଓ କନ୍ୟା ପରମକୃପା ପାତ୍ରୀ, ଏ ହେତୁ ଏମାନଙ୍କଦ୍ୱାରା ଉତ୍ପୀଡ଼ିତ ହେଲେ ସୁଦ୍ଧା ଅସନ୍ତପମନରେ ତାହା ସର୍ବଦା ସହ୍ୟ କରିବ ।

**ପ୍ରତିଗ୍ରହସମର୍ଥୋଽପି ପ୍ରସଙ୍ଗ ତତ୍ର ବର୍ଜୟେତ୍ ।**
**ପ୍ରତିଗ୍ରହେଣ ହ୍ୟସ୍ୟାଶୁ ବ୍ରହ୍ମଂତେଜଃ ପ୍ରଶାମ୍ୟତି ।୧୮୬**

ପ୍ରତିଗ୍ରହ ନେବାକୁ ସମର୍ଥ ହେଲେ ତହିଁର ଆସକ୍ତି ତ୍ୟାଗ କରିବ; କାରଣ ପ୍ରତି ଗ୍ରହନ୍ୟୋଦ୍ୱାରା ନିଶ୍ଚୟ ଏହାର ବେଦସମ୍ବନ୍ଧୀୟ ତେଜ ଶୀଘ୍ର ନଷ୍ଟ ହୁଏ ।

**ନ ଦ୍ରବ୍ୟାଣାମବିଜ୍ଞାୟ ବିଧି ଧର୍ମ୍ୟଂ ପ୍ରତିଗ୍ରହେ ।**
**ବିଜ୍ଞୋଃ ପ୍ରତିଗ୍ରହଂ କୁର୍ଯ୍ୟାଦବସୀନଦନ୍ନପି କ୍ଷୁଧା ।୧୮୭।**

ପ୍ରତିଗ୍ରହରେ ଧର୍ମଯୁକ୍ତ ବିଧି ନ ଜାଣି କ୍ଷୁଧାରେ ପୀଡ଼ିତ ହୋଇ ସୁଦ୍ଧା ବୁଦ୍ଧିମାନ ପ୍ରତିଗ୍ରହ ନେବ ନାହିଁ ।

**ହିରଣ୍ୟଂ ଭୂମିମଶ୍ୱଂ ଗାମନ୍ନଂ ବାସସ୍ତିଲାନ୍ ଘୃତମ୍ ।**
**ପତିଗୃହ୍ନନ୍ନବିଦ୍ୱାଂସ୍ତୁ ଭସ୍ମୀଭବତି ଦାରୁବତ୍ ।୧୮୮।**

ବେଦନଭିଜ୍ଞ ସୁବର୍ଣ୍ଣ, ଭୂମି, ଅଶ୍ୱ, ଗୋ, ଅନ୍ନ, ବସ୍ତ୍ର, ତିଳ, ଘୃତାଦି ପ୍ରତିଗ୍ରହମାନ ଅଗ୍ନି ସଂଯୋଗରେ କାଷ୍ଠ ପରି ଭସ୍ମୀଭୂତ ହୁଏ ।

**ହିରହ୍ୟ ମାୟରନ୍ନଞ୍ଚ ଭୂଗୌ ଶ୍ଚାଶ୍ୟେଷତସ୍ତନୁମ୍ ।**
**ଅଶ୍ୱଶ୍ଚ ଘୁସ୍ତ୍ୱଚଂ ବାସୋ ଘୃତଂ ଜେତସ୍ତିଳାଃ ପ୍ରଜାଃ ।୧୮୯।**

ସୁବର୍ଣ୍ଣ ଓ ଅନ୍ନ ଆୟୁ ଦହନ କରେ, ଭୂମି ଓ ଗୋ ଶରୀର ଦହନ କରେ ଅଶ୍ୱ ଚକ୍ଷୁଦହନ କରେ, ବସ୍ତ୍ର ତ୍ୱକ୍ ଦହନ କରେ, ଘୃତ ତେଜ ଦହନ କରେ

ତିଳ ସନ୍ତାନ ସନ୍ତତି ଦହନରେ (ଅଜ୍ଞାନ ଏସବୁ ନେଇ ନିଜର ଦେହର ସୁଖ ଓ ବୀର୍ଯ୍ୟ ନାଶ କରେ) ।

**ଅତପାସ୍ତ୍ୱନଧୀୟାନଃ ପ୍ରତିଗ୍ରହରୁଚି ର୍ଦ୍ୱିଜଃ ।**
**ଅମ୍ଭସ୍ୟଶ୍ମପ୍ଲବେନେବ ମହତେନୈବ ମଜ୍ଜତି ।୧୯୦।**

ଯେଉଁ ବ୍ରାହ୍ମଣର ତପସ୍ୟା ନାହିଁ କି ବେଦାଧ୍ୟୟନ ନାହିଁ ଅଥଚ ପ୍ରତିଗ୍ରହରେ ସେ ପାଣିରେ ପଥର ଭେଳାପରି ତତ୍ସହିତ ବୁଡ଼ି ମନରେ ।

**ତସ୍ମାଦ ବିଦ୍ୱାନ୍ ବିଭିୟାଦ୍ ଯସ୍ମାତ୍ ସାତ୍ ପ୍ରତିଗ୍ରହାତ୍ ।**
**ସ୍ୱଳ୍ପକେନାପ୍ୟବିଦ୍ୱାନ୍ ହି ପଙ୍କେ ଗୌରି ବସୀଦତି ।୧୯୧।**

ଏ ହେତୁ ଅବିଦ୍ୱାନ୍ ଯାହା ତାହାଠାରୁ ପ୍ରତିଗ୍ରହ ନେବାକୁ ଭୟ କରିବ । ଗୋରୁ ପଙ୍କରେ ଲାଖି ରହିଲା ପରି ଅବିଦ୍ୱାନ୍ ଅତୀଳନ ପ୍ରତିଗ୍ରହ ନେଲେ ସୁଦ୍ଧା ନଷ୍ଟ ହୁଏ ।

**ନ ବାର୍ଯ୍ୟପି ପ୍ରଯଚ୍ଛେତ୍ତୁ ବୈଡାଳବ୍ରତିକେ ଦ୍ୱିଜେ ।**
**ନ ବକବ୍ରତିକେ ବିପ୍ରେ ନା ବେଦବିଦି ଧର୍ମବିତ୍ ।୧୯୨।**

ଯେ ଦ୍ୱିଜ ବିଡ଼ାଳ ତପସ୍ୱୀ ବା ବକବ୍ରତୀ ଅଥବା ବେଦନଭିଜ୍ଞ ତାହାକୁ ଜଳ ସୁଦ୍ଧା ଦାନ କରିବା ଧର୍ମଜ୍ଞ ଲୋକର ଉଚିତ ନୁହେଁ ।

**ତ୍ରିଷ୍ୱପ୍ୟେତେଷୁ ଦତ୍ତଂ ହି ବିଧିନାପ୍ୟର୍ଜିତଂ ଧନମ୍ ।**
**ଦାତୁର୍ଭବତ୍ୟନର୍ଥାୟ ପରତ୍ରାହାତୁରେବ ଚ ।୧୯୩।**

ନ୍ୟାୟୋପାର୍ଜିତ ଧନ ସୁଦ୍ଧା ଏ ତିନିଙ୍କୁ ଦେଲେ ଦାତା ଓ ଗ୍ରହୀତା ଉଭୟର ପରକାଳର ଅନର୍ଥର କାରଣ ହୁଏ ।

**ଯଥାପ୍ଲବେନୌପଳେନ ନିମଜ୍ଜତ୍ୟୁଦକେ ତରନ୍ ।**
**ତଥା ନିମଜ୍ଜହୋଽଧସ୍ତାଦଜ୍ଞୌ ଦାତୃପ୍ରତୀଚ୍ଛକୌ ।୧୯୪।**

ଯେପରି ପଥର ଭେଳାଦ୍ୱାରା ପାରି ହେବାକୁ ଗଲେ ପାଣିରେ ବୁଡ଼ିଯିବାକୁ ହୁଏ, ସେହିପରି ଦାତା ଗ୍ରହୀତା ଉଭୟ ଅଜ୍ଞାନୀ ତଳକୁ ବୁଡ଼ିଯାନ୍ତି । ମୂର୍ଖଦାତାର ପାପ ଯେ ମୂର୍ଖକୁ ଦେବାଦ୍ୱାରା ମୂର୍ଖସଂଖ୍ୟା ବୃଦ୍ଧି ହୁଏ ଓ ମୂର୍ଖ ଗ୍ରହୀତା ପାପୀ ଯେ ଜଗତର କିଛି ଉପକାର କରି ନ ପାରେ ।

**ଧର୍ମଧ୍ୱଜୀ ତଦଲୁବ୍ଧଶ୍ଚ ଦ୍ମିକୋ ଲୋକଦମ୍ଭକଃ ।**
**ବୈଡ଼ାଳବ୍ରତିତୋ ଜ୍ଞେୟୋ ହିଂସ୍ରଃ ସର୍ବାଭିସନ୍ଧକଃ ।୧୯୫। ✳**

ଯେ ଧର୍ମଧ୍ୱଜୀ (ଲୋକରେ ପ୍ରସିଦ୍ଧି ହେତୁ ଧର୍ମକାର୍ଯ୍ୟ କରି ଆପେ ବା ଅନ୍ୟଦ୍ୱାରା ପ୍ରଖ୍ୟାତ କରି ଧର୍ମର ଚିହ୍ନମାତ୍ର ଧାରଣ କରେ), ଯେ ପରଧନ ଲୋଲୁପ, ଛଦ୍ମବେଶଧାରୀ ଜନବଞ୍ଚକ, ପରହିଂସା ପରାୟଣ, ପରଗୁଣ ସହଜରେ ଅସମର୍ଥ ଓ ସମସ୍ତଙ୍କୁ ତୁଚ୍ଛତାଚ୍ଛଲ୍ୟ କରେ ତାହାକୁ ବୈଡ଼ାଳବ୍ରତୀ (ବିଲେଇ ମୂଷା ମାରିବା ସକାଶେ ଆଖି ବୁଜି ଧ୍ୟାନନିଷ୍ଠ ହୋଇ ବିନୀତ ଭାବ ଧଇଲା ପରି) ଜାଣିବ ।

---

✳✳ ଚାରିଖଣ୍ଡି ପୁସ୍ତକରେ ଏ ଶ୍ଳୋକ ପରେ ମିଳେ—

**ଯସ୍ୟ ଧର୍ମଧ୍ୱଜୋ ନିତ୍ୟଂ ସୁରଧ୍ୱଜ ଇବୋଚ୍ଛ୍ରିତଃ ।**
**ପ୍ରଚ୍ଛିନ୍ନାନି ଚ ପାପାନି ବୈଡାଳଂ ନାମ ତଦ୍‌ବ୍ରତମ୍ ।**

ଯାହାର ଧର୍ମଧ୍ୱଜା ନିତ୍ୟ ଦେବଧ୍ୱଜା ପରି ଉଚ୍ଚରେ ଉଡୁଥାଏ ଓ ପାପମାନ ତହିଁ ତଳେ ଲୁଚିରହେ ତାହାର ବ୍ରତର ନାମ ବୈଡ଼ାଳବ୍ରତ ।

**ଅଧୋଦୃଷ୍ଟି ର୍ନୈକୃତିକଃ ସ୍ୱାର୍ଥ ସାଧନତତ୍ପରଃ ।**
**ଶଠୋ ମିଥ୍ୟାବିନୀତଶ୍ଚ ବକବ୍ର ଚରୋ ଦ୍ୱିଜ ।୧୯୬।**

(ନିଜର ବିନୀତ ସ୍ୱଭାବ ଜ୍ଞାପନ କରିବା ପାଇଁ) ଯେ ଅଧୋଦୃଷ୍ଟି (ତଳକୁ ଅନାଇ) କରି ରହେ, ନିଷ୍ଠୁର, ସ୍ୱାର୍ଥସାଧନତତ୍ପର, ଶଠ, ମିଥ୍ୟାବିନୀତ ଦ୍ୱିଜକୁ ବକବ୍ରତାଚାରୀ ଜାଣିବ ।

**ଯେ ବକବ୍ରତିନୋ ବିପ୍ରା ଯେ ଚ ମାର୍ଜାରଲିଙ୍ଗିନଃ ।**
**ତେ ପତନ୍ତ୍ୟନ୍ଧତାମିସ୍ରେ ତେନ ପାପେନ କର୍ମଣା ।୧୯୭।**

ଯେ ବ୍ରାହ୍ମଣମାନେ ବକବ୍ରତୀ ଓ ବିଡ଼ାଳତପସ୍ୱୀ ସେମାନେ ସେହି ପାପରୁ ଅନ୍ଧତାମିସ୍ରରେ ପଡ଼ନ୍ତି (ଅନ୍ଧହୋଇ ଅନ୍ଧକାରରେ ଦୁଃଖ ଭୁଞ୍ଜନ୍ତି) ।

**ନ ଧର୍ମସ୍ୟାପଦେଶେନ ପାପଂ କୃତ୍ୱା ବ୍ରତଂ ଚରେତ୍ ।**
**ବ୍ରତେନ ପାପଂ ପ୍ରଚ୍ଛାଦ୍ୟ କୁର୍ବୀନ୍ ସ୍ତ୍ରୀଶୂଦ୍ର ଦମ୍ଭନମ୍ ।୧୯୮।**

ପାପ କରି ଧର୍ମବାହାନରେ ବ୍ରତାଚରଣ (ପ୍ରାୟଶ୍ଚିତ) କରିବ ନାହିଁ—ପାପ ଲୁଚାଇ ବ୍ରତାଚରଣ କରିବା ସ୍ତ୍ରୀ ଓ ଶୂଦ୍ରଙ୍କୁ ଭଣ୍ଡାଇବା ଅଟେ ।

**ପ୍ରେତ୍ୟେହ ଚେଦୃଶା ବିପ୍ରା ଗର୍ହ୍ୟନ୍ତେ ବ୍ରହ୍ମବାଦିଭିଃ ।**
**ଛଦ୍ମନାଚରିତଂ ଯଚ୍ଚବ୍ରତଂ ରକ୍ଷାଂସି ଗଚ୍ଛତି ।୧୯୯।**

ପରଲୋକ ତଥା ଇହଲୋକରେ ଏଭଳି ବିପ୍ର ବ୍ରହ୍ମାଦିଙ୍କ କର୍ତ୍ତୃକ ନିନ୍ଦିତ ହୁଏ, ମୂଳରେ ଯେଉଁ ବ୍ରତାଚରଣ ହୁଏ ତାହା ରାକ୍ଷସମାନଙ୍କୁ ପହୁଞ୍ଚେ ।

**ଅଲିଙ୍ଗୀ ଲିଙ୍ଗୀବେଶେନ ଯୋ ବୃତ୍ତିମୁପଜୀବତି ।**
**ସାଲିଙ୍ଗାନାଂ ହରତ୍ୟେନସ୍ତିର୍ଯ୍ୟଗ୍‌ଯୋନୌ ଚ ଜାୟତେ ।୨୦୦।**

ଯେ ଅବ୍ରହ୍ମଚାରୀ ଆଦି ବ୍ରହ୍ମଚାରୀ ଆଦିର ବେଶ ଧାରଣ କରି ଭିକ୍ଷା ମାଗେ ସେ ବ୍ରହ୍ମଚାରୀ ଆଦିଙ୍କ ପାପଗ୍ରହଣ କରେ ଓ ତିର୍ଯ୍ୟକ (କୁକୁରାଦି) ଯୋନିରେ ଜନ୍ମ ଲଭେ ।

**ପରକୀୟ ନିପାନେଷୁ ନ ସ୍ନାୟାଚ୍ଚ କଦାଚନ ।**
**ନିପାନକର୍ତ୍ତୁଃ ସ୍ନାତ୍ୱାତୁ ଦୁଷ୍କୃତାଂସେନ ଲିପ୍ୟତେ ।୨୦୧। ***

(ସାଧାରଣ ସକାଶେ ନ ହୋଇ ନିଜ ସକାଶେ ଖୋଦିତ) ପରର ଜଳାଶୟରେ କଦାପି ସ୍ନାନ କରିବ ନାହିଁ; ତହିଁରେ ସ୍ନାନ କଲେ ଜଳାଶୟ କର୍ତ୍ତାର ଦୁଷ୍କୃତାଂଶ ଲାଗିଯାଏ (ତାହାର ଶାରୀରିକ ବିକାର ଜଳରୁ ଲାଗେ) ।

**ଯାନଶୟ୍ୟାସନାନ୍ୟସ୍ୟ କପୋଦ୍ୟୋନଗୃହଣି ଚ ।**
**ଅଦତ୍ତାନ୍ୟୁପଭୁଞ୍ଜାନ ଏସନଃ ସ୍ୟାତ୍ତୁରୀୟଭାକ୍ ।୨୦୨।**

ଅପରର ଯାନ, ଶଯ୍ୟା, ଆସନ, କୂପ, ଉଦ୍ୟାନ ଓ ଘରମାନ ଅନୁମତି ନ ହେଲେ ଉପଭୋଗ କରିବ ନାହିଁ, ଏରୂପ କଲେ ଦ୍ରବ୍ୟ ସ୍ୱାମୀର ପାପର ଚତୁର୍ଥାଂଶ ଭୋଗ କରିବାକୁ ହୁଏ ।

**ନଦୀଷୁ ଦେବଖାତେଷୁ ତଡ଼ାଗେଷୁ ସରଃସୁ ଚ ।**
**ସ୍ନାନଂ ସମାଚରେନ୍ନିତଂ ଗର୍ତ୍ତପ୍ରସବଣେଷୁ ଚ ।୨୦୩।**

---

ଏଥି ପରେ ସତାଖଣ୍ଡି ପୁସ୍ତକରେ ମିଳେ—

**ସପ୍ତାଦ୍ଧୃତ୍ୟ ତତଃ ପିଣ୍ଡାନ୍ କାମଂ ସ୍ନାୟାଚ୍ଚ ପଞ୍ଚବା ।**
**ଉଦପାନାଦ୍ ସ୍ୱୟଂ ଗ୍ରହାଦ୍‌ବହିଃ ସ୍ନାତ୍ୱାଂ ନ ଦୁଷ୍ୟତି ॥**

ଇଚ୍ଛା ହେଲେ ସେହି ପୋଖରୀର ୭ ବା ୫ ପିଣ୍ଡ ଉଦ୍ଧୃତ କରି ତହିଁରୁ ଜଳନେଇ ବାହାରେ ସ୍ନାନ କଲେ ଦୋଷ ନାହିଁ ।

ପ୍ରତିଦିନ ନଦୀ, ହ୍ରଦ, ତଡ଼ାଗ, ସରୋବର, ଗର୍ତ୍ତ (କୂଅ) ଓ ଝରଣାରେ ସ୍ନାନ କରିବ ।

**ଯମାନ୍ ସେବେତ ସତତଂ ନ ନିତ୍ୟଂ ନିୟମାନ୍ ବୁଧଃ ।**
**ଯମାନ୍ ପତତ୍ୟକୁର୍ବାଣୋ ନିୟମାନ୍ କେବଳାନ୍ ଭଜନ୍ ।୨୦୪।**

ବିଦ୍ୱାନ୍ ଯମ (ଅହିଂସା, ସତ୍ୟଭାଷଣ, ଆଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ) ଓ ନିୟମ (ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନ)ର ସେବା କରିବ ନିୟମାଚରଣ ନିତ୍ୟ ନ ହେଲେ ଚଳେ, ମାତ୍ର ଯମାଚରଣ ପରିତ୍ୟାଗ କରି କେବଳ ନିୟମାଚରଣ କଲେ ପତିତ ହୁଏ, ଯମ ନିୟମ ଉଭୟ ନିତ୍ୟ କର୍ତ୍ତବ୍ୟ ।

**ନା ଶୋତ୍ରିୟତତେ ଯଜ୍ଞେ ଗ୍ରାମଯାଜିହୁତେ ତଥା ।**
**ସ୍ତ୍ରିୟା କ୍ଲୀବେନ ଚ ହୁତେ ଭୁଞ୍ଜୀତ ବ୍ରାହ୍ମଣଃ କ୍ୱଚିତ୍ ।୨୦୫।**

ବେଦାନଭିଜ୍ଞ ବ୍ରାହ୍ମଣ ଯେଉଁ ଯଜ୍ଞର ଆଚାର୍ଯ୍ୟ, ସେ ଯଜ୍ଞରେ ଗ୍ରାମଯାଜୀ, ସ୍ତ୍ରୀ ଓ କ୍ଲୀବ ଆହୁତି ପ୍ରଦାନ କରନ୍ତି ସେ ଯଜ୍ଞରେ ବ୍ରାହ୍ମଣ କଦାପି ଭୋଜନ କରିବ ନାହିଁ ।

**ଅଶ୍ଳୀକମେତ୍ସାଧନାଂ ଯତ୍ର ଜୁହ୍ୱତ୍ୱମୀ ହବିଃ ।**
**ପ୍ରତୀପମେତଦେବାନାଂ ତସ୍ମାତ୍ତତ୍ପରିବର୍ଜ୍ଜୟେତ୍ ।୨୦୬।**

ଯେଉଁ ଯଜ୍ଞରେ ଏମାନେ ଘୃତାହୁତି ଦିଅନ୍ତି ତାହା ସାଧୁମାନଙ୍କର ଅଶ୍ଳାଘ୍ୟ ଓ ବିଦ୍ୱାନମାନଙ୍କର ଅପ୍ରିୟ, ଏ ହେତୁ ତାହା ତ୍ୟାଗ କରିବ ।

**ମତ୍ତକ୍ରୁଦ୍ଧାତୁରାଣାଞ୍ଚ ଭୁଞ୍ଜୀତ କଦାଚନ ।**
**କେଶକୀଟାବପନ୍ନଞ୍ଚ ପଦସ୍ପୃଷ୍ଟଞ୍ଚ କାମତଃ ।୨୦୭।**

ମତ୍ତ, କ୍ରୁଦ୍ଧ ଓ ବ୍ୟାଧିଯୁକ୍ତ ବ୍ୟକ୍ତିମାନଙ୍କର ଅନ୍ନ ତଥା ଦେଶକୀଟାଦି ଯୁକ୍ତ ଅନ୍ନ ଓ ସ୍ୱେଚ୍ଛାରେ ପଦସ୍ପୃଷ୍ଟ ଅନ୍ନ କଦାପି ଭୋଜନ କରିବ ନାହିଁ ।

* ଏ ଶ୍ଳୋକପରେ ନିମ୍ନ ଚାରିଶ୍ଳୋକ ମଧ୍ୟରୁ ପ୍ରଥମ ୧୪ ଗୋଟି ପୁସ୍ତକ, ଦ୍ୱିତୀୟ ୪ ପୁସ୍ତକ, ତୃତୀୟ ୧୧ ଓ ଚତୁର୍ଥ ୪ ପୁସ୍ତକରେ ମିଳେ—

**ଅନୃସଂସ୍ୟ କ୍ଷମା ସତ୍ୟମହିଂସାସ୍ତା ଦମସ୍ପୃହଃ ।**
**ଧ୍ୟାନଂ ପ୍ରସାଦୋ ମାଧୁର୍ଯ୍ୟ ମାର୍ଜ୍ଜାବଞ୍ଚ ଯମା ଦଶ ।୧।**

**ଅହିଂସା ସତ୍ୟବଚନଂ ବ୍ରହ୍ମଚର୍ଯ୍ୟମକଲ୍କତା ।**
**ଅସ୍ତୟେମିତି ପଞ୍ଚୈତେ ଯମାଶ୍ଚୋପବ୍ରତାନି ଚ ।୨।**

**ଶୌଚମିଜ୍ୟା ତପୋଦାନଂ ସ୍ୱାଧ୍ୟାୟୋପସ୍ଥନିଗ୍ରହୌଃ ।**
**ବ୍ରତୋପବାସୌ ମୌହଞ୍ଚାସ୍ନାନଞ୍ଚ ନିୟମାଦଶ ।୩।**

**ଅକ୍ରୋଧ ଗୁରୁଶୁଶ୍ରୁଷା ଶୌଚମାହାରଲାଘବମ୍ ।**
**ଅପ୍ରମାଦଶ୍ଚ ନିୟମାଃ ପଞ୍ଚୈବୋପବ୍ରତାନି ଚ ।୪।**

ଆନୃଶଂସ୍ୟ କ୍ଷମା, ସତ୍ୟ, ଅହିଂସା, ଦମ, ଅସ୍ପୃହା, ଧ୍ୟାନ, ପ୍ରସନ୍ନତା ମଧୁରତା ଓ ସରଳତା ଏ ଦଶଯମ ।୧। ଅହିଂସା, ସତ୍ୟବଚନ, ବ୍ରହ୍ମଚର୍ଯ୍ୟ, ଅମିତ୍ରତା, ଚୌର୍ଯ୍ୟତ୍ୟାଗ ଓ ପାଞ୍ଚଯମ ଓ ଉପବ୍ରତ ।୨। ଶୌଚ, ଯଜ୍ଞ, ତପ, ଦାନ ସ୍ୱାଧ୍ୟାୟ ଉପସ୍ଥେନ୍ଦ୍ରିୟର ନିଗ୍ରହ, ବ୍ରତ, ଉପବାସ, ମୌନ, ସ୍ନାନ ଏ ଦଶ ନିୟମ ।୩। କ୍ରୋଧତ୍ୟାଗ, ଗୁରୁସେବା, ଶୌଚଲଘୁ ଆହାର, ଅପ୍ରମାଦ ଏ ପାଞ୍ଚନିୟମ ଓ ଉପବ୍ରତ

**ଭ୍ରୂଣଘ୍ନାବେକ୍ଷିତଞ୍ଚୈବ ସଂସ୍ପୃଷ୍ଟଞ୍ଚାପ୍ୟୁଦକ୍ୟୟା ।**
**ପଣତ୍ରିଣାବଲୀଢ଼ଞ୍ଚ ପୁନାସଂସ୍ପୃଷ୍ଟମେବ ଚ ।୨୦୮।**

ଭ୍ରୂଣାଘାତିକର୍ତ୍ତୃକ ଦୃଷ୍ଟ, ଋତୁମତୀ ନାରୀକର୍ତ୍ତୃକ ସଂସ୍ପୃଷ୍ଟ, ଚଢ଼େଇ ଠୁକାରି ଥିବା ଓ କୁକ୍କୁର ସ୍ପର୍ଶ କରିଥିବା (ଅନ୍ନ ଖାଇବ ନାହିଁ) ।

**ଗବା ଚାନ୍ନମୁପଘ୍ରାତଂ ଘୁଷ୍ଟାନ୍ନଞ୍ଚ ବିଶେଷତଃ ।**
**ଗଣାନ୍ନଂ ଗଣିକାନ୍ନଞ୍ଚ ବିଦୁଷାଞ୍ଚ ଜଗୁପ୍‌ସିତମ୍ ।୨୦୯।**

ଗୋରୁ ଶୁଙ୍ଘିଂଥିବା ଅନ୍ନବିଶେଷ, ଧେଣ୍ଡୁରାଦିଆ (କିଏ ଅଛରେ ଖାଇବ ଆସ ଏଭଳି ମନାଦିଆ) ଅନ୍ନ, ବହୁଲୋକମିଳିତ (ମଠବାସୀଙ୍କ ପରି) ଅନ୍ନ, ବେଶ୍ୟାଙ୍କ ଅନ୍ନ ଓ ବିଦ୍ୱାନ୍ ଲୋକଙ୍କର ନିନ୍ଦିତ ଅନ୍ନ (ଭୋଜନ କରିବ ନାହିଁ ) ।

**ସ୍ତେନଗାୟନୟୋଶ୍ଚାନ୍ନଂ ତକ୍ଷ୍ଣୋ ବାର୍ଦ୍ଧୁଷିକସ୍ୟ ଚ ।**
**ଦୀକ୍ଷିତସ୍ୟ କଦର୍ଯ୍ୟସ୍ୟ ବଦ୍ଧସ୍ୟ ନିଗଡ଼ସ୍ୟ ଚ ।୨୧୦।***

ଚୋର, ଗାୟକ, ବଢ଼େଇ, ସୁଦଜୀବୀ, ଅଗ୍ନିଷ୍ଟୋମାଦିବିନା ଦୀକ୍ଷିତ, କୃପଣ ଓ ନିଗଡ଼ବଦ୍ଧ (କଏଦୀ) (ଅନ୍ନ ଖାଇବ ନାହିଁ) ।

**ଅଭିଶପ୍ତସ୍ୟ ଷଣ୍ଢସ୍ୟ ପୁଂଶ୍ଚଲ୍ୟାଦମ୍ଭିକସ୍ୟ ଚ ।**
**ଶୁକ୍ତଂ ପର୍ଯ୍ୟୁଷିତଞ୍ଚୈବ ଶୂଦ୍ରସ୍ୟୋଚ୍ଛିଷ୍ଟମେବ ଚ ।୨୧୧।**

ମହାପାତକୀ, କ୍ଲୀବ, ବ୍ୟଭିଚାରଣୀ ଏବଂ କପଟ ଧର୍ମାଚାରୀର ଅନ୍ନ ଖାଇବ ନାହିଁ । ଖଟା, ବାସି ହୋଇଯାଇଥିବା ଏବଂ ଶୂଦ୍ରର ଉଚ୍ଛିଷ୍ଟ ଅନ୍ନ ଖାଇବ ନାହିଁ ।

**ଚିକିତ୍ସକସ୍ୟ ମୃଗୟୋଃ କ୍ରୂରସ୍ୟୋଚ୍ଛିଷ୍ଟ ଭୋଜିନଃ ।**
**ଉଗ୍ରାନ୍ନଂ ସୂତିକାନ୍ନଞ୍ଚ ପର୍ଯ୍ୟାଚାନ୍ତମନିର୍ଦ୍ଦଶମ୍ ।୨୧୨।**

ବୈଦ୍ୟ, ଶିକାରୀ, କ୍ରୂର, ଅଇଣ୍ଠାଖିଆ, ଉଗ୍ରସ୍ୱଭାବ, ସୂତିକାର ଅନ୍ନ ଏବଂ ପଙ୍‌କ୍ତିର ଜଣେ ଖାଇ ଆଚମନ କଲାପରେ ଖାଇବ ନାହିଁ ।

**ଅନର୍ଚ୍ଚିତଂ ବୃଥାମାସମବୀରାୟାଶ୍ଚ ଯୋଷିତଃ ।**
**ଦ୍ୱିଷଦନ୍ନଂ ନଗର୍ଯ୍ୟନ, ପତିତାନ୍ନମବକ୍ଷୁତମ୍ ।୨୧୩।**

ସତ୍କାରବିନା ପ୍ରଦତ୍ତ ଅନ୍ନ ବୃଥା ମାଂସ, ପତିପୁତ୍ରବିହୀନା ସ୍ତ୍ରୀର ଅନ୍ନ, ଶତ୍ରୁର ଅନ୍ନ ଗ୍ରାମାଧିପତିର ଅନ୍ନ, ପତିତମାନଙ୍କର ଅନ୍ନ ଓ ଯେ ଅନ୍ନ ଉପରେ କେହି ଛିଙ୍କିଥିବ ସେ ଅନ୍ନ ଖାଇବ ନାହିଁ ।

**ପିଶୁନାନୃତିନୋଶ୍ଚାନ୍ନଂ କ୍ରତୁବିକ୍ରିଣସ୍ତଥା ।**
**ଶୈଳୂଷତୁନ୍ନବାୟାନ୍ନଂ କୃତଘ୍ନସ୍ୟାନ୍ନମେବ ଚ ।୨୧୪।**

ଚୁଗୁଲିଆ ଓ ମିଥ୍ୟୁକର ଅନ୍ନ ତଥା ଯଜ୍ଞଫଳ ବିକ୍ରୟର ଅନ୍ନ, ନଟ ଦରଜୀ ଓ କୃତଘ୍ନର ଅନ୍ନ ଖାଇବ ନାହିଁ ।

**କର୍ମାରସ୍ୟ ନିଷାଦସ୍ୟ ରଙ୍ଗାବତାରକସ୍ୟ ଚ ।**
**ସୁବର୍ଣ୍ଣକର୍ତ୍ତୁର୍ବୈଣସ୍ୟ ଶସ୍ତ୍ରବିକ୍ରୟିଣସ୍ତଥା ।୨୧୫।**

କମାର, ନିଷାଦ (ଶୂଦ୍ରା ସ୍ତ୍ରୀରେ ବ୍ରାହ୍ମଣରୁ ଜାତ) ତାମସାକାରୀ, ସ୍ୱର୍ଣ୍ଣକାର (ବଣିଆ), ବେଣୁବିଦାରକ (ବାଉଁଶ କାମରେ ଯେ ଜୀବିକା ଉପାର୍ଜ୍ଜନ କରେ) ଓ ଶସ୍ତ୍ରବିକ୍ରୟର ଅନ୍ନ ଖାଇବ ନାହିଁ ।

* କୌଣସି ୨ ପାଠରେ 'ଗାୟକ' ଅଛି ।

**ଶ୍ୱବତାଂ ଶୌଣ୍ଡିକାନାଞ୍ଚ ଚୈଳନିର୍ଣ୍ଣେଜକସ୍ୟ ଚ ।**
**ରଞ୍ଜକସ୍ୟ ନୃଶଂସସ୍ୟ ଯସ୍ୟ ଚୋପପତିର୍ଗୃହେ ।୨୧୬।***

କୁକ୍କୁର ପୋଷଣକାରୀ, ଶୁଣ୍ଡି ଧୋବା ବସ୍ତ୍ରାଦି ରଙ୍ଗକାରୀ, ନିଷ୍ଠୁର ଓ ଯାହା ଘରେ ଉପପତି ଅଛି (ଯାହାର ସ୍ତ୍ରୀ ବ୍ୟଭିଚାରିଣୀ) ଏମାନଙ୍କ ଘରେ ଖାଇବ ନାହିଁ ।

**ମୃଷ୍ୟନ୍ତି ଯେ ଚୋପପତିଂ ସ୍ତ୍ରୀ ଜିତାନାଞ୍ଚ ସର୍ବଶଃ ।**
**ଅନିର୍ଦ୍ଦଶଞ୍ଚ ପ୍ରେତାନ୍ନମତୁଷ୍ଟି କରମେବ ଚ ।୨୧୭।**

ଯେଉଁମାନେ ଜ୍ଞାତସାରରେ ସ୍ତ୍ରୀର ଉପପତି ସହ୍ୟ ପରିପାରନ୍ତି ଓ ଯେଉଁମାନେ ସର୍ବପ୍ରକାରରେ ସ୍ତ୍ରୈଣ, ଅଶୌଚାନ୍ନ, ପ୍ରେତାନ୍ନ ଓ ଅତୁଷ୍ଟିକର ଅନ୍ନ ଖାଇବ ନାହିଁ ।

**ରାଜାନ୍ନଂ ତେଜ ଆଦତ୍ତେ ଶୂଦ୍ରାନ୍ନଂ ବ୍ରହ୍ମବର୍ଚ୍ଚସମ୍ ।**
**ଆୟୁଃ ସୁବର୍ଣ୍ଣକାରାନ୍ନଂ ଯଶଶ୍ଚର୍ମାବକର୍ତ୍ତିନଃ ।୨୧୮।**

ରାଜାର ଅନ୍ନ ଖାଇଲେ ତେଜ ନଷ୍ଟ ହୁଏ, ଶୂଦ୍ରର ଅନ୍ନ ଖାଇଲେ ବ୍ରହ୍ମତେଜ ନଷ୍ଟ ହୁଏ, ସ୍ୱର୍ଣ୍ଣକାର (ବଣିଆ)ର ଅନ୍ନ ଖାଇଲେ ଆୟୁ ଓ ଚର୍ମକାର (ମୋଚିର)ର ଅନ୍ନ ଖାଇଲେ ଯଶ ନଷ୍ଟ ହୁଏ ।

**କାରୁକାନ୍ନ ପ୍ରଜାଂ ହନ୍ତି ବଳଂ ନିର୍ଣ୍ଣେଜକସ୍ୟ ଚ ।**
**ଗଣାନ୍ନଂ ଗଣିକାନ୍ନଞ୍ଚ ଲୋକେଭ୍ୟଃ ପରିକୃନ୍ତତି ।୨୧୯।**

ଶିଳ୍ପୀ (ବଢ଼ାଇ)ର ଅନ୍ନ ଖାଇଲେ ସନ୍ତାନ ନଷ୍ଟ ହୁଏ, ଧୋବାର ଅନ୍ନ ବଳ ନାଶକ ଏବଂ ଗଣାନ୍ନ ଓ ଗଣିକାର ଅନ୍ନ ଲୋକ ସମୂହରୁ କାଟିଦିଏ (ଅପ୍ରତିଷ୍ଠ କରେ) ।

**ପୂୟଂ ଚିକିତ୍ସକସ୍ୟାନ୍ନ ପୁଂଶ୍ଚଲ୍ୟାସ୍ତ୍ୱ ମିନ୍ଦ୍ରିୟମ୍ ।**
**ବିଷ୍ଠା ବାର୍ଦ୍ଧୁଷକସ୍ୟାନ୍ନଂ ଶସ୍ତ୍ର ବିକ୍ରୟିଣୋମଳମ୍ ।୨୨୦।**

ବୈଦ୍ୟର ଅନ୍ନ ପୂଜପରି, ଅସତୀ ସ୍ତ୍ରୀର ଅନ୍ନ ଶୁକ୍ରପରି, ସୁଦଜୀବୀର ଅନ୍ନ ବିଷ୍ଠାପରି ଏବଂ ଶସ୍ତ୍ର ବିକ୍ରୟର ଅନ୍ନ ମଳ (ଦେହ ମଇଳା) ପରି ।

**ଯ ଏତେଽନ୍ୟେ ତ୍ୱଭୋଜ୍ୟାନ୍ନାଃ କ୍ରମଶଃ ପରିକୀର୍ତ୍ତିତାଃ ।**
**ତେଷାଂ ତ୍ୱଗସ୍ଥି ରୋମାଣି ବଦନ୍ତ୍ୟନ୍ନଂ ମନୀଷିଣଃ ।୨୨୧।***

ଏହିସବୁ ଏବଂ ଅନ୍ୟ ଯେଉଁ ଅନ୍ନ ଅଭୋଜ୍ୟ ବୋଲି କ୍ରମଶଃ ବୋଲାଗଲା ସେ ସମସ୍ତକୁ ମନୀଷିମାନେ ଅସ୍ଥି, ଚର୍ମ, ଲୋମ ବୋଲି ନିର୍ଦ୍ଦେଶ କରନ୍ତି ।

**ଭୁକ୍ତ୍ୱାତୋଽନ୍ୟତମସ୍ୟାନ୍ନମମତ କ୍ଷପଣଂ ତ୍ର୍ୟହମ ।**
**ମତ୍ୟା ଭୁକ୍ତ୍ୱା ଚରେତ୍କୃଚ୍ଛ୍ରଂ ରେତୋବିଣ୍ମୂତ୍ରମେବ ଚ ।୨୨୨।**

ଏମାନଙ୍କ ଅନ୍ନ ନ ଜାଣି ଖାଇଲେ ତିନିଦିନ ଉପବାସ କରିବ; ମାତ୍ର ଜାଣି ଖାଇଲେ କୃଚ୍ଛ୍ରବ୍ରତ କରିବ ଏବଂ ରେତ, ବିଷ୍ଠା ଓ ମୂତ୍ର ଭୋଜନ କଲେ ସୁଦ୍ଧା କୃଚ୍ଛ୍ରବ୍ରତ କରିବ ।

---

* କୌରସି ୨ ପାଠରେ 'ଚେଳ' ଅଛି ।

* ଏଥିପରେ କୁଲ୍ ପୁସ୍ତକରେ ମିଳେ-

ଅମୃତ ବ୍ରାହ୍ମଣସ୍ୟାନ୍ନଂ କ୍ଷତ୍ରିୟାନ୍ନଂପୟଃସ୍ମୃତମ୍ ।
ବୈଶ୍ୟାନ୍ନମନ୍ନମିତ୍ୟାହୁଃ ଶୂଦ୍ରସ୍ୟରୁଧିରଂ ସ୍ମୃତମ୍ ।

ବ୍ରାହ୍ମଣର ଅନ୍ନ ଅମୃତ, କ୍ଷତ୍ରିୟର ଦୁଧ, ବୈଶ୍ୟର ଅନ୍ନକୁ ଅନ୍ନ ବୋଲନ୍ତି ଏବଂ ଶୂଦ୍ରର ଅନ୍ନକୁ ରକ୍ତ ବୋଲି ।

**ନାଦ୍ୟାଚ୍ଛୂଦ୍ରସ୍ୟ ପକ୍ୱାନ୍ନଂ ବିଦ୍ୱାନଶ୍ରାଦ୍ଧିନୋଦ୍ୱିଜଃ ।**
**ଆଦଦୀତାମମେବାସ୍ମାଦବୃତ୍ତାବେକରାତ୍ରିକମ୍ ।୨୨୩। ❊**

ବିଦ୍ୱାନ୍ ବ୍ରାହ୍ମଣ ଶ୍ରଦ୍ଧାଶୂନ୍ୟ ଶୂଦ୍ରର ପକ୍ୱାନ୍ନ ଅର୍ଥାତ୍ ରନ୍ଧା ଭୋଜନ କରିବ ନାହିଁ, ମାତ୍ର ନ ହେଲେ ନ ଚଳେ । ଏପରି ହେଲେ ଏହାଠାରୁ ଏକରାତ୍ରି ସକାଶେ ଅପକ୍ୱ (ଅରନ୍ଧା) ଖାଦ୍ୟ ନେଇପାର ।

**ଶ୍ରୋତ୍ରିୟସ୍ୟ କଦର୍ଯ୍ୟସ୍ୟ ବାଦାନ୍ୟସ୍ୟ ଚ ବାର୍ଦ୍ଧୁଷେଃ ।**
**ମୀମାଂସିତ୍ୱୋଭୟଂ ଦେବାଃ ସମମନ୍ନମକଳ୍ପୟନ୍ ।୨୨୪।**

କୃପଣ ବେଦବିତ ଏବଂ ଦାତା ସୁଦଜୀବୀ ଏ ଦୁହିଁଙ୍କ ଅନ୍ନ ସମାନ ବୋଲି ଦେବତାମାନେ ବିଚାର କରି ମୀମାଂସା କରିଅଛନ୍ତି ।

**ତାନ୍ ପ୍ରଜାପତିରାହେତ୍ୟ ମା କୃଧ୍ୱଂ ବିଷମଂ ସମମ୍ ।**
**ଶ୍ରଦ୍ଧାପୂତଂ ବଦାନ୍ୟସ୍ୟ ହତମଶ୍ରଦ୍ଧୟେତରତ୍ ।୨୨୫।**

ବ୍ରହ୍ମା ଦେବତାମାନଙ୍କ ନିକଟକୁ ଆସି କହିଲେ ତୁମ୍ଭେମାନେ ବିଷମକୁ ସମ ନ କର; କାରଣ ସୁଦଜୀବୀ ଦାତାର ଅନ୍ନ ଶ୍ରଦ୍ଧାରେ ପବିତ୍ର ହୁଏ ଏବଂ କୃପଣ ସୁଦଜୀବୀର ଅନ୍ନ ଅଶ୍ରଦ୍ଧା ହେତୁ ଅପବିତ୍ର ।

**ଶ୍ରଦ୍ଧୟେଷ୍ଟାଞ୍ଚ ପୂର୍ତ୍ତଞ୍ଚ ନିତ୍ୟଂ କୁର୍ଯ୍ୟାଦତନ୍ଦ୍ରିତଃ ।**
**ଶ୍ରଦ୍ଧାକୃତେ ହ୍ୟକ୍ଷୟେ ତେ ଭବତଃ ସ୍ୱାଗତୈର୍ଧନୈଃ ।୨୨୬।**

ନିତ୍ୟ ନିରଳସ ହୋଇ ଶ୍ରଦ୍ଧା ସହିତ ଇଷ୍ଟ (ଯଜ୍ଞକର୍ମ) ପୂର୍ତ୍ତ (କୂପ ତଡ଼ାଗାଦି ଖନନ) କର୍ମ କରିବା ଉଚିତ, ନ୍ୟାୟାର୍ଜିତ ଧନ ଦ୍ୱାରା ଶ୍ରଦ୍ଧାପୂର୍ବକ ଏହି ଉଭୟ କର୍ମ କଲେ ତାହା ଅକ୍ଷୟ ହୁଏ ।

**ଦାନ ଧର୍ମଂ ନିଷେବେତ ନିତ୍ୟମୈଷ୍ଟିକ ପୌର୍ତ୍ତିକମ୍ ।**
**ପରିତୁଷ୍ଟେନ ଭାବେନ ପାତ୍ରମାସାଦ୍ୟ ଶକ୍ତିତଃ ।୨୨୭। ❊**

ପରିତୃଷ୍ଟ ଭାବରେ ଯୋଗ୍ୟପାତ୍ର ପାଇ ଯଥାଶକ୍ତି ଇଷ୍ଟ ଓ ପୂର୍ତ୍ତ ଦାନ ଧର୍ମ କର୍ମ ସର୍ବଦା କରିବ ।

---

❊ ନନ୍ଦନ ଟୀକାକାର 'ଅଶ୍ରଦ୍ଧିନଃ' ପାଠ ମାନନ୍ତି ଏବଂ ତାହା ଉତ୍ତମ ଜଣାଯାଏ । ଏ ଶ୍ଳୋକ ପରେ ଗୋଟିଏ ପୁସ୍ତକରେ ମିଳେ ।

ଚନ୍ଦ୍ର ସୂର୍ଯ୍ୟଗ୍ରହେନାଦ୍ୟାଦଦ୍ୟାସ୍ନାତ୍ୱା ତୁ ମୁକ୍ତୟୋଃ ।
ଅମୁକ୍ତୟୋରସ୍ତଗତୟୋରଦ୍ୟାଚ୍ଛୈବ ପରେଽହନି ।

ଚନ୍ଦ୍ରସୂର୍ଯ୍ୟ ଗ୍ରହଣ ସମୟରେ ଖାଇବ ନାହିଁ, ଗ୍ରହଣ ମୁକ୍ତହେଲେ ସ୍ନାନକରି ଖାଇବ, ଗ୍ରସ୍ତାସ୍ତ ହେଲେ ପରଦିବସ ଖାଇବ । ❊ ଏ ଶ୍ଳୋକ ପରେ ଗୋଟିଏ ପୁସ୍ତକରେ ମିଳେ-

ପାତ୍ରଭୂତୋ ହି ଯୋ ବିପ୍ରଃ ପ୍ରତିଗୃହ୍ୟ ପ୍ରତିଗ୍ରହମ୍ ।
ଅସତ୍ସୁ ବିନିଯୁଞ୍ଜୀତ ତସ୍ମୈଦେୟଂ ନ କିଞ୍ଚନ୍ ।
ସଞ୍ଚୟଂ କୁରୁତେ ଯସ୍ତୁ ପ୍ରତିଗୃହ୍ୟ ସମନ୍ତତଃ ।
ଧର୍ମାର୍ଥଂ ନୋପଯୁଙ୍କ୍ତେ ଚ ନ ତଂ ତସ୍କର ମର୍ଚ୍ଚୟେତ୍ ।

ଯେ ବ୍ରାହ୍ମଣ ଦାନପାତ୍ର ହୋଇ ଦାନ ନେଇ ମନ୍ଦ କାର୍ଯ୍ୟରେ ଲଗାଏ, ତାହାକୁ କିଛି ଦେବ ନାହିଁ । ସେ ସବୁଆଡୁ ଦାନ ନେଇ ସଞ୍ଚୟକରେ ଓ ଧର୍ମକାର୍ଯ୍ୟରେ ନ ଲଗାଏ ସେ ତସ୍କରକୁ ପୂଜା କରିବ ନାହିଁ ।

**ଯକ୍ତିଞ୍ଚିଦପି ଦାତବ୍ୟଂ ଯାଚିତେନାନାସୂୟୟା ।**
**ଉପ୍ଥାସ୍ୟତେ ହି ତତ୍ପାତ୍ରଂ ଯତ୍ତାରୟତି ସର୍ବତଃ ।୨୨୮।**

ଅସୂୟା ପରବେଶ ନ ହୋଇ ପ୍ରାର୍ଥିତ ବ୍ୟକ୍ତିତ୍ୱ ଯତ୍‌କିଞ୍ଚିତ୍ ହେଉ ପଛକେ ଦାନ କରିବ, ତଦ୍ୱାରା ବେଳେ ଏମନ୍ତ ପାତ୍ର ଉପସ୍ଥିତ ହେବେ ଯେ ଦାତାକୁ ସର୍ବତୋଭାବରେ ପରିତ୍ରାଣ କରିପାରିବେ ।

**ବାରିଦସ୍ତୃପ୍ତିମାପ୍ନୋତି ସୁଖମକ୍ଷୟମନ୍ନଦଃ ।**
**ତିଳପ୍ରପଦଃ ପ୍ରଜାମିଷ୍ଟାଂ ଦୀପଦଶ୍ଚକ୍ଷୁରୁତ୍ତମମ୍ ।୨୨୯।**

ଜଳଦାତା ତୃପ୍ତି, ଅନ୍ନଦାତା ଅକ୍ଷୟ ସୁଖ, ତିଳଦାତା ଇଚ୍ଛାନୁରୂପ ସନ୍ତାନ ଓ ଦୀପଦାତା ଉତ୍ତମ ଚକ୍ଷୁ ଲାଭ କରନ୍ତି ।

**ଭୂମିଦୋ ଭୂମିମାପ୍ନୋତି ଦୀର୍ଘମାୟୁର୍ହିରଣ୍ୟଦଃ ।**
**ଗୃହଦୋଽଗ୍ର୍ୟାଣି ବେଶ୍ମାନି ରୂପ୍ୟଦୋ ରୂପମୁତ୍ତମମ୍ ।୨୩୦।**

ଭୂମିଦାତା ଭୂମି, ସୁବର୍ଣ୍ଣଦାତା ଦୀର୍ଘପରମାୟୁ, ଗୃହଦାତା ଭଲ ଗୃହମାନ ଏବଂ ରୌପ୍ୟଦାତା ଉତ୍ତମ ରୂପ ଲାଭ କରନ୍ତି ।

**ବାସୋଦଶ୍ଚନ୍ଦ୍ର ସାଲୋକ୍ୟ ମଶ୍ୱ ସାଲୋକ୍ୟ ମଶ୍ୱଦଃ ।**
**ଅନଡୁହଃ ଶ୍ରିୟଂ ପୁଷ୍ଟା ଗୋଦୋ ବ୍ରଧ୍ନସ୍ୟ ବିଷ୍ଟପମ୍ ।୨୩୧।**

ବସ୍ତ୍ରଦାତା ଚନ୍ଦ୍ର ସମାନ ଲୋକ (ବିଭୂତି), ଅଶ୍ୱଦାତା ଅଶ୍ୱପତିର ସ୍ଥାନ, ବଳୀବର୍ଦ୍ଧଦାତା ପ୍ରଚୁର ସମ୍ପତ୍ତି ଏବଂ ଗୋଦାତା ସୂର୍ଯ୍ୟ ସମାନ ପ୍ରକାଶ ଲାଭ କରନ୍ତି ।

**ଯାନଶୟ୍ୟାପ୍ରଦୋ ଭାର୍ଯ୍ୟାମୈଶ୍ୱର୍ଯ୍ୟ ମଭୟପ୍ରଦଃ ।**
**ଧାନ୍ୟଦଃ ଶାଶ୍ୱତଂ ସୌଖ୍ୟଂ ବ୍ରହ୍ମଦୋ ବ୍ରହ୍ମସାର୍ଷ୍ଟିତାମ୍ ।୨୩୨।**

ଯାନ ଓ ଶଯ୍ୟାଦାତା ଭାର୍ଯ୍ୟା, ଅଭୟଦାତା ଐଶ୍ୱର୍ଯ୍ୟ, ଧାନ୍ୟଦାତା ନିରନ୍ତର ସୁଖ ଓ ଦେବତା ବ୍ରହ୍ମସମତ ଲାଭ କରନ୍ତି ।

**ସର୍ବେଷାମେବ ଦାନାନାଂ ବ୍ରହ୍ମଦାନଂ ବିଶିଷ୍ୟତେ ।**
**ବାର୍ଯ୍ୟନ୍ନଗୋମହୀବା ସସ୍ତିଳକାଞ୍ଚନସର୍ପିଷାମ୍ ।୨୩୩।**

ଜଳ, ଅନ୍ନ, ଗୋ, ଭୂମି, ବସ୍ତ୍ର, ତିଳ, ସୁବର୍ଣ୍ଣ ଏବଂ ଘୃତ ଏ ସମସ୍ତ ଦାନ ଠାରୁ ବେଦଦାନ (ବେଦଶିକ୍ଷା) ଦେବା ସର୍ବୋତ୍କୃଷ୍ଟ ।

**ଯେନ ଯେନ ତୁ ଭାବେନ ଯଦ୍ ଯଦ୍ଦାନଂ ପ୍ରଯଚ୍ଛତି ।**
**ତତ୍ତତ୍ତେନୈବ ଭାବେନ ପ୍ରାପ୍ନୋତି ପ୍ରତିପୂଜିତଃ ।୨୩୪।**

ଯେଉଁ ଯେଉଁ ଭାବରେ ଯେ ଯେ ଦାନ ଦିଆଯାଏ ସେହି ସେହି ଭାବରେ (ଦାତା) ପ୍ରତିପୂଜିତ ହୋଇ (କର୍ମଫଳ ଦ୍ୱାରା) ପ୍ରାପ୍ତ ହୁଏ ।

**ଯୋଽର୍ଚ୍ଚିତଂ ପ୍ରତିଗୃହ୍ଣାତି ଦଦାତ୍ୟର୍ଚ୍ଚିତମେବ ଚ ।**
**ତାବୁଭୌ ଗଚ୍ଛତଃ ସ୍ୱର୍ଗଂ ନରକନ୍ତୁ ବିପର୍ଯ୍ୟୟେ ।୨୩୫।**

ଯେ ସତ୍କାରପୂର୍ବକ ଦାନ ଗ୍ରହଣ କରେ ଏବଂ ଯେ ସତ୍କାର ପୂର୍ବକ ଦାନ ନିଏ ଏ ଉଭୟ ସ୍ୱର୍ଗ ଗମନ (ସୁଖ ଭୋଗ) କରନ୍ତି, ଏଥିରେ ବିପରୀତ ହେଲେ ନରକ ଦୁଃଖ ଭୋଗ ହୁଏ)⁕

**ନ ବିସ୍ମୟେତ ତପସା ବଦେଦିଷ୍ଟ୍ୱା ଚ ନାନୃତମ୍ ।**
**ନାର୍ତ୍ତୋଽପ୍ୟପବଦେଦ୍‌ବିପ୍ରା ପ୍ରାନ୍ନଦତ୍ତ୍ୱା ପରିକୀର୍ତ୍ତୟେତ ।୨୩୬।**

ତପସ୍ୟା କରି ବିସ୍ମିତ ହେବ ନାହିଁ (ଯେ ମୋର ବାହୁ ତପସ୍ୟା ହେଲା) ଏବଂ ଯଜ୍ଞ କରି ଅସତ୍ୟ କହିବ ନାହିଁ (ଯେ ମୁଁ ଏହା କଲି ତାହା କଲି), ବିପ୍ରକର୍ତ୍ତୃକ ଉତ୍ପୀଡ଼ିତ ହେଲେହେଁ ନିନ୍ଦା କରିବ ନାହିଁ ଏବଂ ଦାନ ଦେଇ ଚତୁର୍ଦ୍ଦିଗରେ ଲୋକମାନଙ୍କୁ କହି ବୁଲିବ ନାହିଁ ।

**ଯଜ୍ଞୋଽନୃତେନ କ୍ଷରତି ତପଃ କ୍ଷରତି ବିସ୍ମୟାତ୍ ।**
**ଆୟୁର୍ବିପ୍ରାପବାଦେନ ଦାନଞ୍ଚ ପରିକୀର୍ତ୍ତନାତ୍ ।୨୩୭ ।**

ଅସତ୍ୟ ଭାଷଣରୁ ଯଜ୍ଞ (ଫଳ) ନଷ୍ଟ ହୁଏ, ବିସ୍ମୟ ଦ୍ୱାରା ତପସ୍ୟା ନଷ୍ଟ ହୁଏ, ବ୍ରାହ୍ମଣର ନିନ୍ଦା ଦ୍ୱାରା ଆୟୁ ଏବଂ ଚତୁର୍ଦ୍ଦିଗରେ କହିବୁଲିବା ଦ୍ୱାରା ଦାନର ଫଳ ନଷ୍ଟ ହୁଏ ।

**ଧର୍ମ ଶନୈଃ ସଞ୍ଚିନୁୟାଦ୍ ବାଲ୍ମୀକମିକ ପୁତ୍ତିକାଃ ।**
**ପରଲୋକ ସହାୟାର୍ଥଂ ସର୍ବଭୂତାନ୍ୟପୀଡ଼ୟନ୍ ।୨୩୮।**

ଉଇ କ୍ରମେ କ୍ରମେ ହୁଙ୍କା କଲାପରି ପରକାଳର ହିତ ସକାଶେ ସର୍ବଭୂତ କାହାରିକ ପୀଡ଼ା ନ ଦେଇ ଧୀରେ ଧୀରେ ଧର୍ମ ସଞ୍ଚୟ କରିବ ।

**ନାମୁତ୍ରହି ସହାୟାର୍ଥଂ ପିତାମାତା ଚ ତିଷ୍ଠତଃ ।**
**ନ ପୁତ୍ରଦାରଂ ନ ଜ୍ଞାତିର୍ଦ୍ଧର୍ମସ୍ତିଷ୍ଠତ କେବଳଃ ।୨୩୯।**

ପରଲୋକର ସହାୟତା ପିତା, ମାତା, ପୁତ୍ର, ସ୍ତ୍ରୀ ବା ଜ୍ଞାତି କେହି କରିପାରିନ୍ତି ନାହିଁ । ସେ ସକାଶେ ଏକା ଧର୍ମ ଠିଆ ହୋଇଥାଏ ।

**ଏକଃ ପ୍ରଜାୟତେ ଜନ୍ତୁରେକ ଏବ ପ୍ରଲୀୟତେ ।**
**ଏକୋଽନ୍ତଭୁ ଙ୍‌କ୍ତେ ସୁକୃତମେକ ଏବ ଚ ଦୁଷ୍କୃତମ୍ ।୨୪୦।**

ଜୀବ ଏକା ଜନ୍ମଗ୍ରହଣ କରେ, ଏକାହିଁ ମରେ ଏବଂ ଏକା ସୁକୃତ (ଧର୍ମ) ଓ ଦୁଷ୍କୃତ (ପାପ)ର ଫଳ ଭୋର କରେ ।

---

⁕ ୨୨୭ ଠାରୁ ୨୩୫ ପର୍ଯ୍ୟନ୍ତ ଦାନର ମାହାତ୍ମ୍ୟ ବୋଲା ଯାଇଅଛି । ପ୍ରକୃତ ଦେଖିବାକୁ ଗଲେ ଜଳରେ ତୃପ୍ତି ଅଛି, ଅନ୍ନ ଭୋଜନଠାରୁ ଅନ୍ୟ କାହିଁରେ ତେତେ ସୁଖ ମିଳେ ନାହିଁ, ତିଳରେ ସନ୍ତାନୋତ୍ପାଦନର ପ୍ରଭାବ ଅଛି ଏବଂ ସ୍ତ୍ରୀ ଲୋକମାନଙ୍କର ରଜ ବନ୍ଦ ହେଲେ ଅଥବା ସନ୍ତାନୋତ୍ପତିରେ ବାଧା ହେଲେ ବୈଦ୍ୟ ତିଳପ୍ରଧାନ ଭୋଜନର ବ୍ୟବସ୍ଥା କରନ୍ତି, ଗାଳିଦେଲାଲୋକ ଗାଳିଖାଏ ଏବଂ ପରର ଭଲ କଲେ ଈଶ୍ୱର ତାହାର ଭଲ କରନ୍ତି; ସୁବର୍ଣ୍ଣ ପାତ୍ରରେ ଖାଇଲେ ଆୟୁ ବଢ଼ିବା ବୈଦ୍ୟଙ୍କର ମତ, କୃଷକ ପୃଥିବୀରେ ବୀଜ ବୁଣିଲେ ପୃଥିବୀ ତାକୁ ବୀଜ ଦିଏ , କୂଅରୁ ଜଳ କାଢ଼ିଲେ ଜଳ ବଢ଼େ, ଚନ୍ଦ୍ରମାର ରୂପ ସୌନ୍ଦର୍ଯ୍ୟର ଉପମା, ବସ୍ତ୍ରର ଓ ଚନ୍ଦ୍ରମାର ଶ୍ୱେତତା ପ୍ରଶଂସନୀୟ, କୃଷ୍ୟାଦି ହେତୁ ଗୋରୁ ଲକ୍ଷ୍ମୀ ବଢ଼ାଏ ଏବଂ ଦାନର ପରିମାଣାନୁସାରେ ଫଳର ପରିମାଣ ମଧ୍ୟ ଦେଶ କାଳ ବସ୍ତୁ ଓ ଶ୍ରାଦ୍ଧାଦି ଅନୁଯାୟୀ ଫଳର ନ୍ୟୂନାଧିକ୍ୟ ମାନିବାକୁ ହେବ ।

**ମୃତଂ ଶରୀରମୁତ୍ସୃଜ୍ୟ କାଷ୍ଠଲୋଷ୍ଟ୍ରସମଂ କ୍ଷିତୌ ।**
**ବିମୁଖା ବାନ୍ଧବା ଯାନ୍ତି ଧର୍ମସ୍ତମନୁଗଚ୍ଛତି ।୨୪୧।**

ମୃତ ଦେହକୁ କାଠ ଟେକାପରି ଭୂମିରେ (ଶ୍ମଶାନରେ) ପକାଇ ଦେଇ ବାନ୍ଧବମାନେ ବିମୁଖ ହୋଇ ଛାଡ଼ି ଚାଲିଯାନ୍ତି, ଧର୍ମ ତାହାର (ମୃତ ଦେହ ଛାଡ଼ି ଯାଇ ଥିବା ଜୀବର ) ଅନୁଗମନ କରେ ।

**ତସ୍ମାଦ୍ଧର୍ମଂ ସହାୟାର୍ଥଂ ନିତ୍ୟଂ ସଞ୍ଚିନୁୟାଚ୍ଛନୈଃ ।**
**ଧର୍ମେଣ ହି ସହାୟେନ ତମସ୍ତରତି ଦୁସ୍ତରମ୍ ।୨୪୨।**

ସେହି ହେତୁରୁ (ପରକାଳର) ସହାୟ ସକାଶେ ସର୍ବଦା ଧୀରେ ୨ ଧର୍ମ ସଞ୍ଚୟ କରିବ; କାରଣ ଧର୍ମର ସହାୟତାରୁ ନିଶ୍ଚୟ ଦୁସ୍ତର ଦୁଃଖରୁ ନିସ୍ତାର ମିଳେ ।

**ଧର୍ମପ୍ରଧାନଂ ପୁରୁଷଂ ତପସା ହତକିଲ୍ବିଷମ୍ ।**
**ପରଲୋକଂ ନୟତ୍ୟାଶୁ ଭାସ୍ୱନ୍ତଂଖ ଶରୀରିଣମ୍ ।୨୪୩ ।**

ଯେ ଲୋକ ଧର୍ମପରାୟଣ, ଯାହାଙ୍କ ପାପ ତପୋବଳରୁ ନଷ୍ଟ ହୋଇଅଛି ସେହି ଧର୍ମାତ୍ମା ଦୀପ୍ତିମାନ୍ ଲିଙ୍ଗଶରୀର ପ୍ରାପ୍ତ ହୋଇ (ଧର୍ମଦ୍ୱାରା) ମୋକ୍ଷଧାମ ପ୍ରାପ୍ତ ହୁଅନ୍ତି ।

**ଉତ୍ତମୈରୁତ୍ତମୈର୍ନିତ୍ୟଂ ସମ୍ବନ୍ଧାନଚରେତ୍ସହ ।**
**ନିନୀଷୁ କୁଳମୁତ୍କର୍ଷମଧମାନଧମାଂସ୍ତ୍ୟଜେତ୍ ।୨୨୪।**

କୁଳର ଉନ୍ନତିକାମୀ ବ୍ୟକ୍ତି ସର୍ବଦା (ବିଦ୍ୟା ଆଚାର ଓ ଜନ୍ମଦ୍ୱାରା) ଉତ୍କୃଷ୍ଟ ୨ ବ୍ୟକ୍ତିଙ୍କ ସଙ୍ଗେ (କନ୍ୟାଦାନାଦି) ସମ୍ବନ୍ଧ କରିବ ଏବଂ ଅଧମ ୨ ବ୍ୟକ୍ତିଙ୍କୁ ତ୍ୟାଗ କରିବ ।

**ଉତ୍ତମାନୁତ୍ତମାନ୍ ଗଚ୍ଛନ୍ ହୀନାନ୍ ହୀନାଂଶ୍ଚ ବର୍ଜୟନ୍ ।**
**ବ୍ରାହ୍ମଣ ଶ୍ରେଷ୍ଠତାମେତି ପ୍ରତ୍ୟବାୟେନ ଶୂଦ୍ରତାମ୍ ।୨୪୫।**

(କାରଣ) ହୀନକୁଳ ପରିତ୍ୟାର କରି ଉତ୍ତମ ୨ କୁଳରେ ସମ୍ବନ୍ଧ ବାନ୍ଧିଲେ ବ୍ରାହ୍ମଣ ଶ୍ରେଷ୍ଠତା ପ୍ରାପ୍ତ ହୁଏ, ନୀଚସମ୍ବନ୍ଧରୁ ଶୂଦ୍ରତା (ନୀଚତା) ମିଳେ ।

**ଦୃଢ଼କାରୀ ମୃଦୁର୍ଦାନ୍ତଃ କ୍ରୂରାଚାରୈରସଂବସନ୍ ।**
**ଅହିଂସ୍ରୋ ଦମଦାନାଭ୍ୟାଂ ଜୟେତ୍ସ୍ୱର୍ଗ ତଥାବ୍ରତଃ ।୨୪୬।**

ଯେ (ସତ୍କର୍ମରେ)ଦୃଢ଼, ନିଷ୍ଠୁରତା ରହିତ, ଶୀତୋଷ୍ଣ ସହନଶୀଳ, କ୍ରୂରାଚାରୀ ଲୋକଙ୍କ ସଂସର୍ଗତ୍ୟାଗୀ ସ୍ୱର୍ଗ (ସୁଖ) ଜିଣିଯାଏ (ଲାଭକରେ) ।

**ଏଧୋଦକଂ ମୂଳଫଳମନ୍ନମଭ୍ୟୁଦ୍ୟତଞ୍ଚ ଯତ୍ ।**
**ସର୍ବତଃ ପ୍ରତୀଗୃହ୍ଣୀୟାନ୍ମଧ୍ୱଥାଭୟଦକ୍ଷିଣାମ୍ ।୨୪୭।**

କାଷ୍ଠ, ଜଳ, ମୂଳ, ଫଳ, ଅନ୍ନ, ମଧୁ ଓ ଅଭୟଦାନ ଅଯାଚିତ ରୂପେ ଉପସ୍ଥିତ ହେଲେ ସମସ୍ତଙ୍କଠାରୁ ଗ୍ରହଣ କରିବ ।

**ଆହୃତାଭ୍ୟୁଦ୍ୟତାଂ ଭିକ୍ଷା ପୁରସ୍ତାଦପ୍ରଚୋଦିତାମ୍ ।**
**ମେନେ ପ୍ରଜାପତିର୍ଗ୍ରାହ୍ୟାମପି ଦୁଷ୍କୃତକର୍ମଣଃ ।୨୪୮।**

ସ୍ୱେଚ୍ଛାରେ ଆଣି ଅଯାଚିତ ଭାବରେ ବିମୁଖରେ ଉପସ୍ଥିତ ହେବା ଭିକ୍ଷା ପାପାଚାରୀଠାରୁ ସୁଦ୍ଧା ନିଆ ଯାଇପାରେ । ଏହା ବ୍ରହ୍ମା ସ୍ୱୀକାର କରିଅଛନ୍ତି ।

**ନାଶ୍ନନ୍ତି ପିତରସ୍ତସ୍ୟ ଦଶବର୍ଷାଣି ପଞ୍ଚ ଚ ।**
**ନ ଚ ହବ୍ୟଂ ବହତ୍ୟଗ୍ନି ର୍ଯସ୍ତାମଭ୍ୟବମନ୍ୟତେ ।୨୪୯।** ⁂

ତାହାର (ଅଯାଚିତ ଉପସ୍ଥିତ ଭିକ୍ଷାର) ଅପମାନ (ପ୍ରତ୍ୟାଖ୍ୟାନ) କଲେ ତାହାର ଶ୍ରାଦ୍ଧରେ) ପିତୃଲୋକ ପନ୍ଦର ବର୍ଷ ଭୋଜନ କରନ୍ତି ନାହିଁ ଏବଂ ଅଗ୍ନି ହବିକୁ (ଦେବଲୋକକୁ) ନେଇଯାନ୍ତି ନାହିଁ ।

**ଶଯ୍ୟାଂ ଗୃହାନ୍ କୁଶାନ୍ ଗନ୍ଧାପନଃ ପୁଷ୍ପଂ ମଣୀନ୍ ଦଧି ।**
**ଧାନା ମତ୍ସ୍ୟାନ୍ ପୟୋ ମାଂସଂ ଶାକଞ୍ଚୈବ ନ ନିର୍ଣ୍ଣୁଦେତ୍ ।୨୫୦।**

ଶଯ୍ୟା, ଗୃହ, କୁଶ, କର୍ପୂରାଦି ଗନ୍ଧଦ୍ରବ୍ୟ, ଜଳ, ଫୁଲ, ମଣି, ଦଧି, ଧାନ, ମାଛ, ଦୁଗ୍ଧ, ମାଂସ ଓ ଶାକ (କେହିଦେଲେ) ଫେରାଇ ଦେବ ନାହିଁ ।

**ଗୁରୁନ୍ ଭୃତ୍ୟାଂଶ୍ଚୋଜ୍ଜିହୀର୍ଷନର୍ଚ୍ଚିଷ୍ୟନ୍ ଦେବତାତିଥୀନ୍ ।**
**ସର୍ବତଃ ପ୍ରତିଗୃହ୍ଣୀୟାନ୍ନତୁ ତ୍ରପ୍ୟେତ୍ ସ୍ୱୟଂ ତତଃ ।୨୫୧।**

ପିତାମାତାଦି ଗୁରୁ ଓ ଭାର୍ଯ୍ୟାଦି ଆଶ୍ରିତମାନଙ୍କର କ୍ଷୁଧା ନିବୃତ୍ତି କିମ୍ବା ଦେବତା ଓ ଅତିଥିର ପୂଜା ସକାଶେ ସମସ୍ତଙ୍କଠାରୁ ଦାନ ଦିଆଯାଇପାରେ; ମାତ୍ର ଏକା ଆପଣାର ଉଦର ପୂରଣ ସକାଶେ ନେବ ନାହିଁ ।

**ଗୁରୁଷୁ ତ୍ୱଭ୍ୟତୀତେଷ ବିନା ବା ତୈର୍ଗୃ ହେ ବସନ୍ ।**
**ଆତ୍ମାନୋ ବୃତ୍ତିମନ୍ୱିଚ୍ଛନଗୃହୀୟାସାଧୁତଃ ସଦା ।୨୫୨।**

ପିତାମାତା ମୃତ ହେଲେ ଅଥବା ସେମାନେ ପୃଥକ ହେଲେ ଆପଣାର ଜୀବିକା ସକାଶେ ସର୍ବଦା ସାଧୁଲୋକଙ୍କଠାରୁ ଦାନ ଗ୍ରହଣ କର୍ତ୍ତବ୍ୟ ।

**ଆର୍ଦ୍ଧିକଃ କୁଳମିତ୍ରଞ୍ଚ ଗୋପାଳୋ ଦାସନାପିତୌ ।**
**ଏତେ ଶୂଦ୍ରେଷୁ ଭୋଜ୍ୟାନ୍ନା ଯଶ୍ଚାତ୍ମାନଂ ନିବେଦୟେତ ।୨୫୩।** ⁂

(ଅଧାଭାଗ ନେବା) କୃଷକ, କୁଳମିତ୍ର, ଗୋପାଳ, ଦାସ (ଦାସ୍ୟକର୍ମଚାରୀ) ନାପିତ, ଏହି ଶୂଦ୍ରମାନଙ୍କର ତଥା ଆତ୍ମସମର୍ପଣକାରୀର ଅନ୍ନ ଭୋଜନ ଯୋଗ୍ୟ ।

**ଯାଦୃଶୋଽସ୍ୟ ଭବେଦାତ୍ମା ଯାଦୃଶଞ୍ଚ ଚିକୀର୍ଷିତମ୍ ।**
**ଯଥା ଚୋପଚରେଦେନଂ ତଥାତ୍ମାନଂ ନିବେଦୟେତ୍ ।୨୫୪।**

ଯାହାର ଯେପରି ସ୍ୱଭାବ, ଯେପରି କାର୍ଯ୍ୟ କରିବାର ଇଚ୍ଛା ଏବଂ ସେ ପରିମାଣରେ ସେବା କରିବାକୁ ସମର୍ଥ ସେ ସେପରି (ଗୁରୁଜନଙ୍କଠାରେ) ଆପଣାକୁ ନିବେଦନ କରିବ ।

---

⁂ ଏ ଶ୍ଳୋକ ପରେ ନିମ୍ନ ଦୁଇଶ୍ଳୋକରୁ ପ୍ରଥମଟି ୧୧ଟି ଓ ଦ୍ୱିତୀୟଟି ଖଣ୍ଡିଏ ପୁସ୍ତକରେ ମିଳେ ।

**ଚିକିତ୍ସକ କୃତଘ୍ନାନାଂ ଶିଳ୍ପକର୍ତ୍ତୁଶ୍ଚ ବାର୍ଦ୍ଧୁଷେଃ ।**
**ଷଣ୍ଢସ୍ୟ କୁଳଟାୟାଶ୍ଚ ବଦ୍ୟତାମପିବର୍ଜୟେତ୍ ।**

ବୈଦ୍ୟ, କୃତଘ୍ନ, ଶିଳ୍ପୀ, ସୁଦଜୀବୀ, ନପୁଂସକ ଓ ବେଶ୍ୟାର ଦାନ ଅଯାଚିତ ଭାବେ ମିଳିଲେ ସୁଦ୍ଧା ନେବ ନାହିଁ ।

**ନ ବିଦ୍ୟମାନମେବୈବଂ ପ୍ରତିଗ୍ରାହ୍ୟଂ ବିଜାନତା ।**
**ବିକଳ୍ପ୍ୟା ବିଦ୍ୟାମାନେଷୁ ଧର୍ମହୀନ ପ୍ରକୀର୍ତ୍ତିତଃ ।**

ଜାଣି ବୁଝି ପାଖକୁ ଆସିଲେ ବି ଏ ଦାନ ନେବ ନାହିଁ ଏବଂ ଅବିଦ୍ୟାରେ ବିକଳ୍ପ କଲେ ଧର୍ମହୀନ ବୋଲାଯାଏ ।

⁂ ୧୪୭ ରୁ ୨୫୩ ଶ୍ଳୋକ ପ୍ରକ୍ଷିପ୍ତ ।

**ଯୋଽନ୍ୟଥା ସନ୍ତମାତ୍ମାନମନ୍ୟଥା ସତ୍ସୁଭାଷତେ ।**
**ସ ପାପକୃତ୍ତମୋ ଲୋକେ ସ୍ତେନ ଆତ୍ମାପହାରକଃ ।୨୫୫।**

ଯେ ଏ ପ୍ରକାର ସ୍ୱଭାବ ସମ୍ପନ୍ନ ଥାଇ ସାଧୁମାନଙ୍କ ନିକଟରେ ଅନ୍ୟ ପ୍ରକାର କହେ ଇହଲୋକରେ ସେ ପାପକାରୀର ଅଗ୍ରଗଣ୍ୟ ଏବଂ ଆପଣାକୁ ଗୋପନ କରିବାରୁ ଚୋର ।

**ବାଚ୍ୟର୍ଥା ନିୟତାଃ ସର୍ବେ ବାଙ୍‌ମୂଳା ବାଗ୍‌ବିନିଃସୃତାଃ ।**
**ତାନ୍ତୁ ଯଃ ସ୍ତେନୟେଦ୍ ବାଚଂ ସଂ ସର୍ବସ୍ତେୟକୃନ୍ନୟଃ ।୨୫୬।**

ସମସ୍ତ ବାକ୍ୟ ଅର୍ଥରେ ନିବଦ୍ଧ ଅଛି ଏବଂ ସମସ୍ତ ମୂଳ ବାଣୀ, ବାଣୀରୁ ସମସ୍ତ ବିନିସୃତ; ଯେ ମିଥ୍ୟା କହି ସେହି ବାକ୍ୟର ଅପ୍ରଲିପ କରେ ସେ ସର୍ବସ୍ୱ ଚୋର ।

**ମହର୍ଷି—ପିତୃଦେବାନାଂ ଗତ୍ୱାନଣ୍ୟ ଯଥାବିଧି ।**
**ପୁତ୍ରେ ସର୍ବଂ ସମାସଜ୍ୟ ବସେନ୍ମାଧ୍ୟସ୍ଥ୍ୟମାଶ୍ରିତଃ ।୨୫୭।**

(ସ୍ୱାଧ୍ୟାୟଦ୍ୱାରା)ମହର୍ଷି ଋଣ, (ପୁତ୍ରୋତ୍ପାଦନଦ୍ୱାରା) ପିତୃଋଣ ଓ (ଯଜ୍ଞାନୁଷ୍ଠାନ ଦ୍ୱାରା) ଦେବଋଣରୁ ଯଥାବିଧି ମୁକ୍ତ ହୋଇ ପୁତ୍ରକୁ ସମସ୍ତ ସମର୍ପଣ କରି ତ୍ୟାଗ ପୂର୍ବକ ବ୍ରହ୍ମରେ ବୁଦ୍ଧି ଲଗାଇ ମଧ୍ୟସ୍ଥ ଭାବରେ ବାସ କରିବ ।

**ଏକାକୀ ଚିନ୍ତୟେନ୍ନିତ୍ୟଂ ବିବିକ୍ତେ ହିତମାତ୍ମନଃ ।**
**ଏକାକୀ ଚିନ୍ତୟାନୋ ହି ପରମଶ୍ରେୟୋଽଧିଗଚ୍ଛତି ।୨୫୮।**

ନିର୍ଜ୍ଜନ ସ୍ଥାନରେ ଏକାକୀ ଅବସ୍ଥାନ କରି ସର୍ବଦା ଆପଣାର ହିତ ଚିନ୍ତା କରିବ, ଏକାକୀ ଚିନ୍ତା ବା ଧ୍ୟାନ କଲେ ନିଶ୍ଚୟ ପରମଶ୍ରେୟ (ମୋକ୍ଷ) ମିଳେ ।

**ଏଷୋଦିତା ଗୃହସ୍ଥସ୍ୟ ବୃତ୍ତିର୍ବିପ୍ରସ୍ୟ ଶାଶ୍ୱତୀ ।**
**ସ୍ନାତକ ବ୍ରତକଳ୍ପଶ୍ଚ ସତ୍ତ୍ୱବୃଦ୍ଧି କରଃ ଶୁଭଃ ।୨୫୯।**

ଏହା ଗୃହସ୍ଥ ବ୍ରାହ୍ମଣର ସନାତନୀ ବୃତ୍ତି ଓ ଶୁଭଗୁଣର ବୃଦ୍ଧିକାରକେ, ସ୍ନାତକର ବ୍ରତ ଓ କଳ୍ପ ବୋଲାଗଲା ।

**ଅନେନ ବିପ୍ରୋ ବୃତ୍ତେନ ବର୍ତ୍ତୟନ ବେଦଶାସ୍ତ୍ରବିତ୍ ।**
**ବ୍ୟପେତ କଳ୍ମଷୋ ନିତ୍ୟଂ ବ୍ରହ୍ମଲୋକେ ମହୀୟତେ ।୨୬୦।**

ବେଦଶାସ୍ତ୍ରବିତ୍ ବ୍ରାହ୍ମଣ ଏହି ଶାସ୍ତ୍ର ବିହିତ ଆଚାର ଦ୍ୱାରା ନିତ୍ୟ କର୍ମାନୁଷ୍ଠାନ ପୂର୍ବକ ପାପ ନାଶ କରି ବ୍ରହ୍ମଲୋକରେ ମହିମ ଭାବରେ ବିରାଜିତ ହୁଅନ୍ତି ।

**ଚତୁର୍ଥ ଅଧ୍ୟାୟ ସମାପ୍ତ ।**

—*—

# ପଞ୍ଚମୋଽଧ୍ୟାୟ

**ଶ୍ରୁତ୍ୱୈ ତାନୃଷୟୋ ଧର୍ମାନ୍ ସ୍ନାତକସ୍ୟ ଯଥୋଦିତାନ୍ ।**
**ଇଦମୂଚର୍ମହାତ୍ମାନମନଳପ୍ରଭବଂ ଭୃଗୁମ୍ ।୧।**

ଋଷିମାନେ ସ୍ନାତକର ଏହି ସବୁ ଧର୍ମଶୁଣି ମହାତ୍ମାଅଗ୍ନି ବଂଶୀୟ ଭୃଗୁଙ୍କୁ ଏହା କହିଲେ ।

**ଏବଂ ଯଥୋକ୍ତଂ ବିପ୍ରାଣାଂ ସ୍ୱଧର୍ମମନୁତିଷ୍ଠତାମ୍ ।**
**କଥଂ ମୃତ୍ୟୁଃ ପ୍ରଭବତି ବେଦଶାସ୍ତ୍ରବିଦାଂ ପ୍ରଭୋ ।୨।**

ପ୍ରଭୋ ! ଯଥୋକ୍ତ ସ୍ୱଧର୍ମ ପରାୟଣ ବେଦଶାସ୍ତ୍ରଜ୍ଞ ବ୍ରାହ୍ମଣମାନଙ୍କର କେଉଁ କାରଣରୁ (ଅକାଳ) ମୃତ୍ୟୁ ହୁଏ ।

**ସ ତାନୁବାଚ ଧର୍ମାତ୍ମା ମହର୍ଷିନ୍ ମାନବୋ ଭୃଗୁଃ ।**
**ଶ୍ରୂୟତାଂ ଯେନ ଦୋଷେଣ ମୃତ୍ୟୁ ର୍ବିପ୍ରାନ୍ ଜିଘାସତି ।୩। ***

ଧର୍ମାତ୍ମା ମନୁପୁତ୍ର ଭୃଗୁ ସେହି ମହର୍ଷିମାନଙ୍କୁ କହିଲେ ଯେଉଁ ଦୋଷରେ ମୃତ୍ୟୁ ଅକାଳେ ବିପ୍ରମାନଙ୍କୁ ମାରିବାକୁ ଇଚ୍ଛା କରେ ଶୁଣନ୍ତୁ ।

**ଅନଭ୍ୟାସେନ ବେଦାନାମାଚାରସ୍ୟ ଚ ବର୍ଜନାତ୍ ।**
**ଆଳସ୍ୟାଦନ୍ନଦୋଷାଚ୍ଚ ମୃତ୍ୟୁର୍ବିପ୍ରାନ୍ ଜିଘାସତି ।୪।**

ବେଦର ଅନଭ୍ୟାସ, ଆଚାରବର୍ଜ, ଆଳସ୍ୟ ଓ ଅନ୍ନ ଦୋଷରୁ ମୃତ୍ୟୁ (ଅକାଳେ) ବିପ୍ରମାନଙ୍କୁ ମାରିବାକୁ ଇଚ୍ଛାକରେ ।

**ଲଶୁନଂ ଗୁଞ୍ଜନଞ୍ଚୈବ ପଲାଣ୍ଡୁଂ କବକାନିଚ ।**
**ଅଭକ୍ଷ୍ୟାର ଦ୍ୱିଜାତନାମମେଧ୍ୟ ପ୍ରଭବାନି ଚ ।୫।**

ଲଶୁନ (ରସୁଣ), ଗୁଞ୍ଜନ (ଗାଜର), ପିଆଜ (ପଲାଣ୍ଡୁ), କବକ (ଗୋବର ଛତୁ) ଏବଂ ବିଷ୍ଠାଦିସମ୍ଭୁତ ଦ୍ରବ୍ୟ ଦ୍ୱିଜାତିମାନଙ୍କର ଅଭକ୍ଷ୍ୟ ।

**ଲୋହିତାନ୍ ବୃକ୍ଷନିର୍ଯ୍ୟାସାନ୍ ବ୍ରଶ୍ଚନପ୍ରଭବାଂ ସ୍ତଥା ।**
**ଶେଲୁଂ ଗବ୍ୟଞ୍ଚ ପେୟୁଷଂ ପ୍ରଯତ୍ନେନ ବିବର୍ଜୟେତ୍ ।୬।**

ବୃକ୍ଷର ରକ୍ତ ବର୍ଣ୍ଣ ନିର୍ଯ୍ୟାସ, ଗଛକଟା ରସ, ଉଆଡ, ନବପ୍ରସୂତା (ଏକମାସ ମଧରେ) ଗାଭୀର ଦୁଗ୍ଧ ଯତ୍ନପୂର୍ବକ ଛାଡ଼ିବେ ।

**ବୃଥା କୃସରସଂଯାବଂ ପାୟସାପପମେବ ଚ ।**
**ଅନୁପ୍ରାକୃତ ମାଂସାନି ଦେବନ୍ନାନ ହବୀଂଷି ଚ ।୭। ***

କୁସରସଂଯାବ (ତିଳ ଚାଉଳ ମିଶ୍ରିତ ଅନ୍ନ ବା ତିଳ ଯାଉ) ପାୟସ (କ୍ଷୀରୀ ବା ତଣ୍ଟେ), ପିଠା, ମନ୍ତ୍ରଦ୍ୱାରା ଅସଂସ୍କୃତ (ବଳି ବିନା) ମାଂସ, (ନିବେଦନ ପୂର୍ବେ ନୈବିଦ୍ୟାଦି) ଦେବାନ୍ନ ଏବଂ (ହୋମ ପୂର୍ବେ) ଘୃତାଦି ହବନୀୟଦ୍ରବ୍ୟ ଭୋଜନବୃଥା ।

**ଅନିର୍ଦ୍ଦଶାୟାଃ ଗୋଃ ଧୀରମୈଷ୍ଟ ମୈକଶପଂ ତଥା ।**
**ଆବିକଂ ସନ୍ଧିନୀକ୍ଷୀରଂ ବିବତ୍ସାୟାଶ୍ଚ ଗୋଃ ପୟଃ ।୮। ***

ଦଶଦିନ ପର୍ଯ୍ୟନ୍ତ ପ୍ରସୂତା ଗାଭୀର ଦୁଗ୍ଧ, ଉଷ୍ଟ୍ର ଦୁଗ୍ଧ, (ଅଶ୍ୱାଦି) ଏକକ୍ଷୁର ବିଶିଷ୍ଟ ପଶୁର ଦୁଗ୍ଧ, ମେଷର ଦୁଗ୍ଧ, ସନ୍ଧିନୀ (ଷଣ୍ଢ ସଙ୍ଗିଥିବା ଗାଭୀର) ଦୁଗ୍ଧ ଏବଂ ବାଛୁରୀ ମରିଥିବା ଗାଭୀର ଦୁଗ୍ଧ ବର୍ଜନୀୟ ।

**ଆରଣ୍ୟନାଞ୍ଚ ସର୍ବେଷାଂ ମୃଗାଣାଂ ମାହିଷଂ ବିନା ।**
**ସ୍ତ୍ରୀ କ୍ଷୀରଞ୍ଚୈବ ବର୍ଜ୍ୟାନି ସର୍ବଶୁକ୍ତାନି ଚୈବ ହି ।୯।**

ମହିଷ ବ୍ୟତୀତ ଯାବତୀୟ ଅରଣ୍ୟ ପଶୁର ଦୁଗ୍ଧ, ସ୍ତ୍ରୀ ଲୋକର ସ୍ତନ୍ୟ ଦୁଗ୍ଧ ଓ ଶୁକ୍ତ (ମିଷ୍ଟଦ୍ରବ୍ୟ ବହୁକାଳ ରହି ଖଟା ପାଲଟି ଯାଇଥିବା) ଖାଇବ ନାହିଁ ।

---

* ୧ରୁ ୩ ଶ୍ଳୋକ ପ୍ରକ୍ଷିପ୍ତ । * ଏ ଶ୍ଳୋକ ପ୍ରକ୍ଷିପ୍ତ ।

* ଏହା ପରେ ଖଣ୍ଡିଏ ପୁସ୍ତକରେ ମିଳେ ।

**କ୍ଷୀରାଣି ଯାନ୍ୟଭକ୍ଷାଣି ତଦ୍ ବିକାରାଶନେ ବୁଧଃ ।**
**ସପ୍ତରାତ୍ରବ୍ରତଂ କୁର୍ଯ୍ୟାଦ୍, ପ୍ର ଯତ୍ନେନ ସମାହିତଃ ।**

ଅଭକ୍ଷ୍ୟ ଦୁଗ୍ଧ ପ୍ରସ୍ତୁତ ପଦାର୍ଥ ଖାଇଲେ ଜାଣିବା ଲୋକ ଏକାଗ୍ର ହୋଇ ଯତ୍ନ ପୂର୍ବକ ସାତରାତି ବ୍ରତ କରିବ ।

**ଦଧି ଭକ୍ଷ୍ୟଞ୍ଚ ଶୁକ୍ତେଷୁ ସର୍ବଞ୍ଚ ଦଧି ସମ୍ଭବମ୍ ।**
**ଯାନି ଚୈବାଭିଷୂୟନ୍ତେ ପୁଷ୍ପମୂଳଫଳୈଃ ଶୁଭୈଃ ।୧୦।**

ଶୁକ୍ତ ମଧ୍ୟରେ ଦହି ଓ ଦହିରୁ ଜାତ ସକଳଦ୍ରବ୍ୟ ଏବଂ ଉତ୍ତମ ଫୁଲ, ମୂଳ ଓ ଫଳ ସନ୍ଧାଇ ଯେ ଆଚାରାଦି ପ୍ରସ୍ତୁତ ହୁଏ ତାହା ଖାଇବା ଯୋଗ୍ୟ ।

**କ୍ରବ୍ୟାଦାନ୍ ଶକୁନୀନ୍ ସର୍ବାଂସ୍ତଥା ଗ୍ରାମନିବାସିନଃ ।**
**ଅନିର୍ଦ୍ଦିଷ୍ଟାଂଶ୍ଚୈକଶଫାଂଷ୍ଟିଟ୍ଟିଭଞ୍ଚ ବିବର୍ଜୟେତ୍ ।୧୧।**

ଶାଗୁଣା ପ୍ରଭୃତି ଯେ ସବୁ ପକ୍ଷୀ କଞ୍ଚାମାଂସ ଖାଏ, ଗ୍ରାମବାସୀ (ପାରା ପ୍ରଭୃତି) ପକ୍ଷୀ, ଯଜ୍ଞରେ ନ ଲାଗିବା (ଗର୍ଦ୍ଦଭାଦି) ଏକକ୍ଷୁର ବିଶିଷ୍ଟ ପଶୁ, ଟେଣ୍ଟେଇ ପକ୍ଷୀର ମାଂସ ବର୍ଜନୀୟ ।

**କଳବିଙ୍କଂ ପ୍ଲବଂ ହଂସଂ ଚକ୍ରାଙ୍ଗଂ ଗ୍ରାମକୁକ୍କୁଟମ୍ ।**
**ସାରସଂ ରଜ୍ଜୁ ବାଳଞ୍ଚ ଦାତ୍ୟୁହଂ ଶୁକସାରିକେ ।୧୨**

ଘରଚଟିଆ, ପାରିକୁଆ, ହଂସ, ଚକ୍ରବାକ, ଗ୍ରାମ୍ୟ କୁକ୍କୁଟ, ସାରସ, ରଜ୍ଜୁବାଳ (ଜଳଚର ପକ୍ଷୀ ବିଶେଷ), ଡାହୁକ, ଶୁଆ, ସାରୀ ଏସବୁ ପକ୍ଷୀ ଖାଇବ ନାହିଁ ।

**ପ୍ରତୁଦାନ୍ ଜାଲପାଦାଂଶ୍ଚ କୋୟଷ୍ଟି ନଖବିଷ୍କିରାନ୍ ।**
**ନିମଜ୍ଜତଶ୍ଚ ମତ୍ସ୍ୟାଦାନ୍ ସୋନଂ ବଲ୍ଲୁରମେବ ଚ ।୧୩।**

ଥଣ୍ଟମାରିଆ (ମୟୂର ପ୍ରଭୃତି) ପକ୍ଷୀ, ଯେ ପକ୍ଷୀର ଗୋଡ଼ରେ ଜାଲ ଅଛି (ବାଜ ପ୍ରଭୃତି), ଟେଁଟେଁୟା ପ୍ରଭୃତି ଦଳବଦ୍ଧ ରହିବା ପକ୍ଷୀ, ଯେ ପକ୍ଷୀ ନ ମାରିଖାଆନ୍ତି ଏବଂ ଯେ ଚଢ଼େଇ ପାଣିରେ ବୁଡ଼ି ମାଛଖା, ସେ ପକ୍ଷୀ ଖାଇବ ନାହିଁ ଏବଂ ସୌନ (କଂସାଇଖାନା) ମାଂସ ଓ ଶୁଷ୍କ ମାଛ ଖାଇବ ନାହିଁ ।

**ବକଂ ଚୈବ ବଳାକାଞ୍ଚ କାକୋଳଃ ଖଞ୍ଜରୀଟକମ୍ ।**
**ମତ୍ସ୍ୟାଦାନ୍ ବିଡ୍‌ବରାହାଶ୍ଚ ମତ୍ସ୍ୟାନେବ ଚ ସର୍ବଶଃ ।୧୪।**

ବଗ, ବତକ, ଡ଼ାମରା କାଉ, ଖଞ୍ଜନ ପକ୍ଷୀ, ମତ୍ସ୍ୟଭକ୍ଷକ ଜନ୍ତୁ, ବିଷ୍ଠାଭକ୍ଷକ ଘୁଷୁରି ପ୍ରଭୃତି ଏବଂ ସବୁ ପ୍ରକାର ମାଛ ଖାଇବ ନାହିଁ ।

**ଯୋ ଯସ୍ୟ ମାଂସମଶ୍ନାତି ସ ତନ୍ମାଂସାଦ ଉଚ୍ୟତେ ।**
**ମତ୍ସ୍ୟାଦଃ ସର୍ବମାଂସାଦସ୍ତସ୍ମାନ୍ମତ୍ସ୍ୟାନ୍ ବିବର୍ଜୟେତ୍ ।୧୫**

ଯେ ଯାହାର ମାଂସ ଖାଏ ତାକୁ ସେହି ମାଂସଖିଆ ବୋଲାଯାଏ; ମାତ୍ର (ମାଛ ସବୁ ମାଂସଖାଏ ବୋଲି) ମାଂସ ଯେ ଖାଏ ସେ ସବୁ ମାଂସ ଖାଏ, ତେଣୁ ମାଛ ଖାଇବ ନାହିଁ ।

**ପାଠୀନ ରୋହିତାବାଦ୍ୟୌ ନିଯୁକ୍ତୌ ହବ୍ୟକବ୍ୟୟୋଃ ।**
**ରାଜୀବାନ୍ ସିଂହତୁଣ୍ଡାଂଶ୍ଚ ସଶଲ୍‌କାଂଶ୍ଚୈ ନ ସର୍ବଶଃ ।୧୫**

ବାଳିଆ, ରୋହି ଓ ଶେଉଳ, ସିଂହତୁଣ୍ଡିଆ ଓ କାତିବାଲା ସବୁ ମାଛ ହବ୍ୟ କାବ୍ୟରେ ଗଣ୍ୟ ହୋଇଥିବାରୁ ଭକ୍ଷଣୀୟ ଅଟେ ।

**ନ ଭକ୍ଷୟେଦେକଚରାନଜ୍ଞାତାଂଶ୍ଚ ମୃଗଦ୍ୱିଜାନ୍ ।**
**ଭକ୍ଷେଷ୍ୱପି ସମୁଦ୍ଦିଷ୍ଟାନ ପଞ୍ଚନଖାଂସ୍ତଥା ।୧୭।**

ଯେ ଏକା କରନ୍ତି (ସର୍ପାଦି), ସେ ପଶୁପକ୍ଷୀ ଭକ୍ଷ ବୋଲି ନିର୍ଦ୍ଦିଷ୍ଟ ହୋଇଥିଲେ ସୁଦ୍ଧା ନାମ ଓ ଜାତି ଯାହାର ଜଣାନାହିଁ ଏବଂ ପଞ୍ଚ ନଖ ବିଶିଷ୍ଟ (ବାନରାଦି) ସକଳ ଜନ୍ତୁର ମାଂସ ଖାଇବ ନାହିଁ ।

**ଶ୍ୱାବିଧଂ ଶଲ୍ୟକଂ ଗୋଧାଂ ଖଡ଼୍‌ଗ କୂର୍ମଶାଶଂସ୍ତଥା ।**
**ଭକ୍ଷାନ୍ ପଞ୍ଚନଖେଷ୍ୱାହୁରନ୍ତ ଷ୍ଟ୍ରାଂଶ୍ଚୈକତୋ ଦତଃ ।୧୮।**

ପଞ୍ଚନଖ ମଧ୍ୟରୁ ଶଜାରୁଶଲ୍ୟକ (ଝିଙ୍କ), ଗୋଧି, ଗଣ୍ଡାର, କଚ୍ଛପ, ଠେକୁଆ ଭକ୍ଷଣୀୟ ଏବଂ ଏକପାଟିଦନ୍ତ ବିଶିଷ୍ଟ ଜନ୍ତୁ ମଧ୍ୟରେ ଉଷ୍ଟ୍ରଛଡ଼ା ଅନ୍ୟ ଜନ୍ତୁ ଭକ୍ଷଣୀୟ ।

**ଛତ୍ରାକଂ ବିଡ୍‌ବରାହଞ୍ଚ ଲଶୁନଂ ଗ୍ରାମକୁକ୍‌କୁଟମ୍ ।**
**ପଲାଣ୍ଡୁ ଗୁଞ୍ଜନଂ ଚୈବ ମତ୍ୟା ଜଗ୍‌ଧ୍ୱା ଯତେସାଦ୍ଦିଜଃ ।୧୯।**

ଛତୁ, ବିଷ୍ଠାଭୋଜୀ ବରାହ (ଘୁଷୁରୀ), ଲଶୁନ, ଗ୍ରାମ୍ୟ କୁକୁଡ଼ା, ପିଆଜ ଓ ଗାଜର ଏସବୁ ଜାଣିକରି ଖାଇଲେ ଦ୍ୱିଜ ପତିତ ହୁଏ ।

**ଅମତ୍ୟୈତାନି ଷଡ୍‌ଜଗ୍‌ଧ୍ୱା କୃଚ୍ଛ୍ରଂ ସାନ୍ତପନଂ ଚରେତ୍ ।**
**ଯତିଚାନ୍ଦ୍ରାୟଣଂ ବାପି ଶେଷେଷୂପବସେଦହଃ ।୨୦।**

ଛତୁ ପ୍ରଭୃତି ଛଅଟି ଅଜ୍ଞାନତଃ ଖାଇଲେ କୃଚ୍ଛ୍ର ସାନ୍ତପନ ବା ଯତିଚାନ୍ଦ୍ରାୟଣ ବ୍ରତର ଅନୁଷ୍ଠାନ କରିବା ମାତ୍ରେ ଏହାଛଡ଼ା ପଞ୍ଚନଖାଦି ଅଭକ୍ଷ ଭୋଜନ କଲେ ଆହୋରାତ୍ର ଉପବାସ କରିବ ।

**ସଂବତ୍ସରସ୍ୟୈକମପି ଚରେତ୍‌କୃଚ୍ଛ୍ରଂ ଦ୍ୱିଜୋତ୍ତମଃ ।**
**ଅଜ୍ଞାତଭୁକ୍ତଶୁଦ୍ଧ୍ୟାର୍ଥଂ ଜ୍ଞାତସ୍ୟ ତୁ ବିଶେଷତଃ ।୨୧।**

ନିଷିଦ୍ଧ ଦ୍ରବ୍ୟ ନ ଜାଣି ଖାଇଲେ ଶୁଦ୍ଧି ସକାଶେ ବ୍ରାହ୍ମଣ ସମ୍ବତ୍ସର ମଧ୍ୟରେ ଥରେ କୃଚ୍ଛ୍ରବ୍ରତ କରିବ; ମାତ୍ର ଜ୍ଞାନ ପୂର୍ବକ ଖାଇଲେ ଦୋଷ ବିଶେଷାନୁସାରେ ବିଶେଷ ୨ ପ୍ରାୟଶ୍ଚିତ୍ତ ଜାଣିବ ।

**ଯଜ୍ଞାର୍ଥଂ ବ୍ରାହ୍ମଣୈର୍ବଧ୍ୟାଃ ପ୍ରଶସ୍ତା ମୃଗପକ୍ଷିଣଃ ।**
**ଭୃତ୍ୟାନାଞ୍ଚୈବ ବୃତ୍ତ୍ୟର୍ଥଗସ୍ତ୍ୟୋ ହ୍ୟାଚରତ୍ ପୁରା ।୨୨।**

ଯଜ୍ଞ ଏବଂ ପୋଷ୍ୟବର୍ଗର ପାଳନାର୍ଥ ବ୍ରାହ୍ମଣ ଭକ୍ଷ ପଶୁ ପକ୍ଷୀ ମାରିପାରେ; କାରଣ ପୂର୍ବେ ଅଗସ୍ତ୍ୟ ମୁନି ଏହା କରିଥିଲେ ।

**ବଭୂବୁର୍ହି ପୁରୋଡ଼ାଶା ଭକ୍ଷାଣଂ ମୃଗପକ୍ଷିଣାମ୍ ।**
**ପୁରାଣେଷ୍ୱପି ଯଜ୍ଞେଷୁ ବ୍ରାହ୍ମକ୍ଷତ୍ର ସବେଷୁ ଚ ।୨୩।***

ଭକ୍ଷ ପଶୁପକ୍ଷୀର ମାଂସରେ ପୁରୋଡ଼ାଶ (ଯଜ୍ଞଗ୍ର ପ୍ରଦତ୍ତ ପିଷ୍ଟକ) ପ୍ରସ୍ତୁତ କରି ପୂର୍ବକାଳରେ ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କ ଯଜ୍ଞରେ ନିଃସନ୍ଦେହ ପ୍ରଦତ୍ତ ହେଉଥିଲା ।

**ଯକ୍ତିଞ୍ଚିତ୍ ସ୍ନେହ ସଂଯୁକ୍ତଂ ଭକ୍ଷଂ ଭୋଜ୍ୟମଗର୍ହିତମ୍ ।**
**ତତ୍ପର୍ଯ୍ୟୁ ସିତମପ୍ୟାଦ୍ୟଂ ହବିଃଶେଷଞ୍ଚ ଯଭବେତ୍ ।୨୪।**

ଅନିନ୍ଦୀୟ ଖାଦ୍ୟ ଦ୍ରବ୍ୟ ବାସିହେଲେ ସୁଦ୍ଧା ତହିଁରେ ଘୃତତୈଳାଦି ଯୋଗକରି ଖିଆଯାଇପାରେ ଏବଂ ହୋମ ଶେଷ ଚରୁ ପୁରୋଡ଼ାଶ ପ୍ରଭୃତି ଦ୍ରବ୍ୟ ବାସି ହେଲେ ହେଁ ଘୃତାଦି ଯୋଗ ନ କରି ଭୋଜନ କରାଯାଇପାରେ ।

**ଚିରସ୍ଥ ତମପି ତ୍ୱାଦ୍ୟମସ୍ନେହାକ୍ତଂ ଦ୍ୱିଜାତିଭିଃ ।**
**ଯବ-ଗୋଧୁମଜ ସର୍ବଂ ପୟସଶ୍ଚୈବ ବିକ୍ରିୟା ।୨୫।**

ଯବ ଓ ଗହମ ପ୍ରସ୍ତୁତ ଦ୍ରବ୍ୟ ଦୁଗ୍ଧର ସକଳ ପ୍ରକାର ବିକାର ଅନେକ ଦିନ ରହି ବାସି ହୋଇଥିଲେ ସୁଦ୍ଧା ଘୃତାଦି ସ୍ନେହ ସଂଯୋଗ ବିନା ଦ୍ୱିଜାତିମାନେ ଖାଇପାରନ୍ତି ।

---

* ୧୧ରୁ ୨୩ ଶ୍ଳୋକ ପ୍ରକ୍ଷିପ୍ତ ।

**ଏତଦୁକ୍ତଂ ଦ୍ୱିଜାତୀନାଂ ଭକ୍ଷ୍ୟାଭକ୍ଷ୍ୟମଶେଷତଃ ।**
**ମାଂସସ୍ୟାତଃ ପ୍ରବକ୍ଷ୍ୟାମି ବିଧିଂ ଭକ୍ଷଣବର୍ଜନେ ।୨୬।**

ଦ୍ୱିଜାତିମାନଙ୍କର ଭକ୍ଷ୍ୟାଭକ୍ଷ ଏହି ସମସ୍ତ ବିଷୟ ବୋଲାଗଲା । ଏଥି ଉତ୍ତାରୁ ମାଂସ ଭକ୍ଷଣ ଓ ବର୍ଜନ ବିଧି ବୋଲାଯାଉଅଛି ।

**ପ୍ରୋକ୍ଷିତଂ ଭକ୍ଷୟେନ୍ମାଂସଂ ବ୍ରାହ୍ମଣାଞ୍ଚ କାମ୍ୟୟା ।**
**ଯଥାବିଧିନିଯୁକ୍ତସ୍ତୁ ପ୍ରାଣନାମେବ ଚାତ୍ୟୟେ ।୨୭।**

ଯଜ୍ଞର ହୁତାବିଶିଷ୍ଟ ଏବଂ ବ୍ରାହ୍ମଣମାନଙ୍କ କାମନାନୁସାରେ ମାଂସ ଭୋଜନ କରାଯାଇପାରେ ଆଉ ମଧ ଯଥାଶାସ୍ତ୍ର ଶ୍ରାଦ୍ଧାଦିରେ ନିଯୁକ୍ତ ମାଂସ ଓ ବ୍ୟାଧି ବା ଅନ୍ୟ ଆହାର ନ ପାଇବା ହେତୁ ପ୍ରାଣଦାୟରେ ମାଂସ ଭୋଜନ କରାଯାଇପାରେ ।

**ପ୍ରାଣାସ୍ୟାନ୍ନ ମିଦଂ ସର୍ବଂ ପ୍ରଜାପତିତକଳ୍ପୟତ୍ ।**
**ସ୍ଥାବରଂ ଜଙ୍ଗମଞ୍ଚୈବ ସର୍ବଂ ପ୍ରାଣସ୍ୟ ଭୋଜନମ୍ ।୨୮।**

କରତରେ ଯେ କିଛି ପଦାର୍ଥ ଅଛି ସେସବୁ ପ୍ରଜାପତି ଜୀବର ଅନ୍ନସ୍ୱରୂପ ସୃଷ୍ଟି କରିଅଛନ୍ତି, ଏଣୁ ସ୍ଥାବର ଜଙ୍ଗମ ଉଭୟ ଜୀବର ଭୋଜ୍ୟ ।

**ଚରଣାମନ୍ନମଚରା ଦଂଷ୍ଟ୍ରିଣାମପ୍ୟଦଂଷ୍ଟ୍ରିଣଃ ।**
**ଅହସ୍ତାଶ୍ଚ ସହସ୍ତାନାଂ ଶୂରାଣାଞ୍ଚୈବ ଭୀରବଃ ।୨୯।**

ଅଚର ତୃଣାଦି ଚଣାଶୀଳ ପଶୁପକ୍ଷ୍ୟାଦିର ଭକ୍ଷ, ଦନ୍ତଶାଳୀ ପ୍ରାଣୀମାନେ ଦନ୍ତହୀନ ପ୍ରାଣୀମାନଙ୍କୁ ଭକ୍ଷଣ କରନ୍ତି, ହସ୍ତହୀନ ମତ୍ସ୍ୟାଦି ହସ୍ତଯୁକ୍ତ ମନୁଷ୍ୟାଦିର ଭକ୍ଷ୍ୟ ଏବଂ ଭୟଶୀଳ ଜୀବ ବୀରମାନଙ୍କର (ଯେମନ୍ତ ହାତୀ ସିଂହରୁ) ଅନ୍ନ ।

**ନାତ୍ତା ଦୂଷ୍ୟତ୍ୟଦନାଦ୍ୟାନ୍ ପ୍ରାଣିନୋଽହନ୍ୟହନ୍ୟାପି ।**
**ଧାତ୍ରୈବ ସୃଷ୍ଟା ହ୍ୟାଦ୍ୟାଶ୍ଚ ପ୍ରାଣିନୋଽତ୍ତାର ଏବ ଚ ।୩୦।**

ଆହାର ବୃଦ୍ଧିରେ ଭକ୍ଷ୍ୟ ଜୀବକୁ ପ୍ରତ୍ୟହ ଭକ୍ଷଣ କଲେ ଭୋକ୍ତାର କୌଣସି ପାପ ହୁଏ ନାହିଁ; କାରଣ ଧାତା କୌଣସି ଜୀବକୁ ଭକ୍ଷ୍ୟ ଓ କୌଣସି କୌଣସି ଜୀବକୁ ଭୋକ୍ତରୂପେ ସୃଷ୍ଟି କରିଅଛନ୍ତି ।

**ଯଜ୍ଞାୟ ଜଗ୍ଧିର୍ମାଂ ସ୍ୟେତ୍ୟେଷ ଦୈବୋ ବିଧିଃ ସ୍ମୃତଃ ।**
**ଅତୋଽନ୍ୟଥା ପ୍ରବୃତ୍ତିସ୍ତୁ ରାକ୍ଷସୋ ବିଧିରୁଚ୍ୟତେ ।୩୧।**

ଯଜ୍ଞ ସକାଶେ ମାଂସଭକ୍ଷଣ ଦୈବବିଧି, ଏଥୁ ଅନ୍ୟ ଶରୀରପୁଷ୍ଟ୍ୟାଦି ସକାଶେ ମାଂସ ଭୋଜନର ପ୍ରବଅତ୍ତିକୁ ରାକ୍ଷସୋଚିତ ଅନୁଷ୍ଠାନ ବୋଲି ।

**କ୍ରୀତ୍ୱା ସ୍ୱୟଂ ବାପ୍ୟୁତ୍ପାଦ୍ୟ ପରୋପକୃତମେବ ବା ।**
**ଦେବାନ୍ ପିତୃଂଶ୍ଚାର୍ଚ୍ଚୟିତ୍ୱା ଖାଦନ୍ ମାଂସ ନ ଦଷ୍ୟତି ।୩୨।**

ମାଂସ କିଣି ବା (ଭିକ୍ଷା ଅବା ମୃଗୟା ଦ୍ୱାରା) ସ୍ୱୟଂ ଉପାର୍ଜନ କରି ଅଥବା ଅପର ନିକଟରୁ ଦାନ ପାଇ ଦେବ ଓ ପିତୃଗଣଙ୍କୁ ତଦ୍ୱାରା ଅର୍ଚ୍ଚନା କରି ଖାଇଲେ ଦୋଷ ହୁଏ ନାହିଁ ।

**ନାଦ୍ୟାଦବିଧିନା ମାଂସ ବିଧିଜ୍ଞୋଽନାପଦି ଦ୍ୱିଜଃ ।**
**ଜରାଧ୍ୱା ହ ବିଧିନା ମାଂସଂ ପ୍ରେତ୍ୟତୈରଦ୍ୟତେଽବଶଃ ।୩୩।**

ଆପଦ କାଳରେ ବିଧିଜ୍ଞ ଦ୍ୱିଜ କେବେ ହେଁ ଅବୈଧ ମାଂସ ଭୋଜନ କରିବେ ନାହିଁ; କାରଣ ଅବୈଧ ମାଂସ ଭୋଜନ କଲେ ଅବଶ ଭାବରେ ସେହି ପଶୁଗଣକର୍ତ୍ତୃକ ପରକାଳରେ ଭକ୍ଷିତ ହେବାକୁ ହୁଏ ।

**ନ ତାଦୃଶଂ ଭବତ୍ୟେନୋ ମୃଗହନ୍ତୁର୍ଦ୍ଧନାର୍ଥିନଃ ।**
**ଯାଦୃଶଂ ଭବତି ପ୍ରେତ୍ୟ ବୃଥାମାଂସାନି ଖାଦକଃ ।୩୪। ✲**

ବୃଥା ମାଂସ ଖାଦକ ପରକାଳରେ ଯାଦୃଶ ପାପ ଭୋଗକରେ ଅର୍ଥ ସକାଶେ ମୃଗହନନ କରିବାରେ ବ୍ୟାଧାଦିରେ ତାଦୃଶ ପାପ ହୁଏ ନାହିଁ ।

**ନିଯୁକ୍ତସ୍ୟ ଯଥାନ୍ୟାୟଂ ଯୋ ମାଂସଂ ନାତ୍ତି ମାନବଃ ।**
**ସ ପ୍ରେତ୍ୟ ପଶୁତାଂ ଯାତି ସମ୍ଭବାନେକବିଂଶତିମ୍ ।୩୫।**

ଦୈବ ବା ପିତୃ କାର୍ଯ୍ୟରେ ଯଥାଶାସ୍ତ୍ର ନିଯୁକ୍ତ ହୋଇଥିବା ମାଂସ ଯେ ମନୁଷ୍ୟ ଭୋଜନ କରେ ସେ ମଲାପରେ ଏକ ବିଂଶତି ଜନ୍ମ ପଶୁଯୋନି ପ୍ରାପ୍ତ ହୁଏ ।

**ଅସଂସ୍କୃତାନ୍ ପଶନ୍ମନ୍ତ୍ରୈର୍ନାଦ୍ୟାଦ୍ ବିପ୍ରଃ କଦାଚନ ।**
**ମନ୍ତ୍ରୈସ୍ତୁସଂସ୍କୃତା ନାଦ୍ୟାଚ୍ଛାଶ୍ୱତଂ ବିଧିମାସ୍ଥିତଃ ।୩୬।**

ମନ୍ତ୍ରଦ୍ୱାରା ସଂସ୍କୃତ ହୋଇ ନଥିବା ପଶୁର ମାଂସ କଦାପି ବ୍ରାହ୍ମଣ ଭୋଜନ କରିବ ନାହିଁ ମାତ୍ର ଆବହମାନ ବିଧି ଅବଲମ୍ବନ ପୂର୍ବକ ମନ୍ତ୍ରଦ୍ୱାରା ସଂସ୍କୃତ ମାଂସ ଖାଇବ ।

**କୁର୍ଯ୍ୟାଦ୍ ଘୃତପଶୁଂ ସଙ୍ଗେ କୁର୍ଯ୍ୟାଦ୍ ପିଷ୍ଟପଶୁଂ ତଥା**
**ନତ୍ୱେବ ତୁ ବୃଥା ହନ୍ତୁଂ ପଶୁମିଚ୍ଛେତ୍କଦାଚନ ।୩୭।**

ଖାଇବାର ଆସକ୍ତି ହେଲେ ଘିଅ ବା ଅଟାର ପଶୁ ବନାଇ ଖାଇବ; ମାତ୍ର (ଦେବୋଦ୍ଦେଶବିନା) ବୃଥା ପଶୁ ହନନ କରିବାକୁ ଇଚ୍ଛା କରିବ ନାହିଁ ।

**ଯାବନ୍ତି ପଶୁରୋମାଣି ତାବତ୍କୃତ୍ୱୋ ହ ମାରଣମ୍ ।**
**ବୃଥା ପଶୁଘ୍ନଃ ପ୍ରାପ୍ନୋତି ପ୍ରେତ୍ୟ ଜନ୍ମନି ଜନ୍ମନି ।୩୮।**

ପଶୁ ଦେହରେ ଯେତେ ଲୋମ ଥାଏ ବୃଥା ପଶୁଘାତୀ ଜନ୍ମାନ୍ତରେ କେତେଥର ମାରଣ ବିନାଶ ପାଏ ।

**ଯଜ୍ଞାର୍ଥଂ ପଶବଃ ସୃଷ୍ଟାଃ ସ୍ୱୟମେବେ ସ୍ୱୟମ୍ଭୁବା ।**
**ଯଜ୍ଞୋଽସ୍ୟେ ଭୂତ୍ୟୈ ସର୍ବସ୍ୟ ତସ୍ମାଦ୍ୟଜ୍ଞେ ବଧୋଽବଧଃ ।୩୯।**

ସ୍ୱୟମ୍ଭୁ ନିଜେ ଯଜ୍ଞ କାର୍ଯ୍ୟ ସକାଶେ ପଶୁ ସକଳ ସୃଷ୍ଟି କରିଅଛନ୍ତି, ସମୁଦାୟ ବିଶ୍ୱର ହିତ ସକାଶେ ଯଜ୍ଞ ବିହିତ, ତେଣୁ ଯଜ୍ଞାର୍ଥେ ପଶୁବଧ ବଧ ନୁହେଁ (ଅର୍ଥାତ୍) ତହିଁରେ ବଧଜନିତ ପାପ ହୁଏ ନାହିଁ ।

**ଓଷଧ୍ୟଃ ପଶବୋ ବୃକ୍ଷାସ୍ତିର୍ଯ୍ୟଞ୍ଚଃ ପକ୍ଷିଣସ୍ତଥା ।**
**ଯଜ୍ଞାର୍ଥଂ ନିଧନଂ ପ୍ରାପ୍ତଃ ପ୍ରାପ୍ନୁ ବନ୍ତ୍ୟୁସୃତୀଃ ପୁନଃ ।୪୦। ✲**

ଧାନ ଯବାଦି ଔଷଧିସବୁ, ପଶୁସବୁ, ବୃକ୍ଷସବୁ ତିର୍ଯ୍ୟକଜାତି ଓ ପକ୍ଷସବୁ ଯଜ୍ଞ ସକାଶେ ନିଧନ ପ୍ରାପ୍ତ ହେଲେ ଉତ୍ତମ ଯୋନିପ୍ରାପ୍ତ ହୁଅନ୍ତି ।

**ମଧୁପର୍କେ ଚ ଯଜ୍ଞେ ଚ ପିତୃଦୈବତକର୍ମଣି ।**
**ଅତ୍ରୈବ ପଶବୋ ହିଂସ୍ୟା ନାନାତ୍ରେତ୍ୟ ବ୍ରବୀନ୍ମନୁଃ ।୪୧।**

ମଧୁପର୍କ, ଯଜ୍ଞ, ଶ୍ରାଦ୍ଧ ତଥା ଦେବକର୍ମ ସକାଶେ ହିଁ ପଶୁବଧ କରିବ ଅନ୍ୟତ୍ର ନ କରିବ ଏହା ମନୁ କହିଅଛନ୍ତି ।

---

✲ କୌଣସି କୌଣସି ପାଠରେ 'ଖାଦତଃ' ଅଛି ।

✲ କୌଣସି କୌଣସି ପାଠରେ ପ୍ରାପ୍ନୁ ବନ୍ତ୍ୟୁଚ୍ଛିତା ଅଛି ।

**ଏଷ୍ୱର୍ଥେଷୁ ପଶୂନ୍ ହିଂସେନ୍ ବେଦତତ୍ତ୍ୱାର୍ଥବିଦ୍ଦ୍ୱିଜଃ ।**
**ଆତ୍ମାନଂଚ ପଶୁଂ ଚୈବ ଗମୟତ୍ୟୁତ୍ତମାଂ ଗତିଂ ।୪୨।***

ବେଦତତ୍ତ୍ୱାର୍ଥଜ୍ଞ ଦ୍ୱିଜ ଏହି ମଧୁପର୍କାଦିରେ ପଶୁହିଂସା କରି ଆପଣାର ଓ ପଶୁର ସଦ୍‌ଗତି ସମ୍ପାଦନ କରନ୍ତି ।

**ଗୃହେ ଗୁରାବରଣ୍ୟେ ବା ନିବସନ୍ନାତ୍ମବାନ୍ ଦ୍ୱିଜଃ ।**
**ନାବେଦବିହିତା ହିଂସାମାପଦପି ସମାଚରେତ୍ ।୪୩।**

ଗୃହସ୍ଥାଶ୍ରମ, ବ୍ରହ୍ମଚର୍ଯ୍ୟାଶ୍ରମ ବା ବାନପ୍ରସ୍ଥାଶ୍ରମରେ ଥାଇ ଜିତେନ୍ଦ୍ରିୟ ଦ୍ୱିଜ ବେଦବିରୁଦ୍ଧ ହିଂସା ଆପଦ କାଳରେ ସୁଦ୍ଧା କରିବ ନାହିଁ ।

**ଯା ବେଦବିହିତା ହିଂସା ନିୟତାସ୍ମିଂଶ୍ଚରାଚରେ ।**
**ଅହିଂସାମେବ ତାଂ ବିଦ୍ୟାଦ୍ବେଦାଦ୍ଧର୍ମୋହି ନିର୍ବଭୌ ।୪୪।**

ଏହି ଚରାଚର ଜଗତରେ ଯେ ବେଦ ବିହିତ ହିଂସା (ହିଂସ୍ରକ ମନୁଷ୍ୟ ବା ସର୍ପାଦିର ଦଣ୍ଡସ୍ୱରୂପ) ନିୟତ ଅଛି, ତାହାକୁ ଅହିଂସା ବୋଲି ଜାଣିବ; କାରଣ ବେଦରୁ ଧର୍ମ ପ୍ରକାଶିତ ହୋଇଅଛି ।

**ଯୋଽହିଂସକାନି ଭୂତାନି ହିନସ୍ତ୍ୟାତ୍ମସୁଖେଚ୍ଛୟା ।**
**ସ ଜୀବଂଶ୍ଚ ମୃତଶ୍ଚୈବନ କ୍ୱଚିତ୍ସୁଖମେଧତେ ।୪୫।**

ଆପଣାର ସୁଖ ବାଞ୍ଛାକରି ଯେ ହିଂସାଶୂନ୍ୟ ନିରୀହ ଜୀବଗଣର ହତ୍ୟାକରେ ସେ ବଞ୍ଚିଥାଉଁ ବା ମଲାପରେ ଇହଲୋକରେ କାହିଁ ସୁଖ ପାଏନାହିଁ ।

**ଯୋ ବନ୍ଧନବଧକ୍ଳେଶାନ୍ ପ୍ରାଣିନାଂ ନ ଚିକୀର୍ଷତି ।**
**ସ ସର୍ବସ୍ୟ ହିତପ୍ରେପ୍ସୁଃ ସୁଖ ମତ୍ୟନ୍ତମଶ୍ନୁତେ ।୪୬।**

ଯେଉଁ ଲୋକ ପ୍ରାଣୀମାନଙ୍କୁ ବଧବନ୍ଧନାଦି କ୍ଳେଶ ହେବାକୁ ଇଚ୍ଛା ନ କରନ୍ତି ସମସ୍ତଙ୍କର ହିତାକାଙ୍କ୍ଷୀ ସେହି ଲୋକ ଅତ୍ୟନ୍ତ ସୁଖ ପ୍ରାପ୍ତ ହୁଅନ୍ତି ।

**ଯଦ୍ଧ୍ୟାୟତି ଯତ୍କୁରୁତେ ଧୃତି ବଧ୍ନାତି ଯତ୍ର ଚ ।**
**ତଦବାପ୍ନୋତ୍ୟଯତ୍ନେନ ଯୋ ହିନସ୍ତି ନ କିଞ୍ଚନ ।୪୭।**

ଯେ କାହାରିକି ହିଂସା ନ କରନ୍ତି ସେ ଯାହା ଧ୍ୟାନ କରନ୍ତି, ଯାହା କରନ୍ତି ଓ ଯେଉଁ ବିଷୟରେ ଆଗ୍ରହୀ ହୁଅନ୍ତି ତାହା ଅନାୟାସରେ ପ୍ରାପ୍ତ ହୁଅନ୍ତି ।

**ନାକୃତ୍ୱା ପ୍ରାଣିନାଂ ହିଂସାଂ ମାଂସଂ ମୁତ୍ପଦ୍ୟତେ କ୍ୱଚିତ୍ ।**
**ନ ଚ ପ୍ରାଣି ବଧ ସ୍ୱର୍ଗସ୍ତସ୍ମାନ୍ମାଂସଂ ବିବର୍ଜୟେତ୍ ।୪୮।**

ପ୍ରାଣୀ ହିଂସା ନ କଲେ କେବେ ମାଂସ ଉତ୍ପନ୍ନ ହୁଏ ନାହିଁ ଓ ପ୍ରାଣୀବଧ ସ୍ୱର୍ଗ (ସୁଖଲାଭ)ର ଉପଯୋଗୀ ନୁହେଁ, ଏହେତୁ ମାଂସ (ଭୋଜନ) ପରିତ୍ୟାଗ କରିବ ।

**ସମୁତ୍ପତ୍ତିଂ ଚ ମାଂସସ୍ୟ ବଧବନ୍ଧୌ ଚ ଦେହିନାମ୍ ।**
**ପ୍ରସମୀକ୍ଷ୍ୟ ନିବର୍ତ୍ତେତ ସର୍ବମାଂସସ୍ୟ ଭକ୍ଷଣାତ୍ ।୪୯।**

ମାଂସର (ଘୃଣିତ ଶୁକ୍ରଶ୍ରୋଣିତରୁ) ଉତ୍ପତ୍ତି ଏବଂ ପ୍ରାଣୀମାନଙ୍କର ବଧ ଓ ବନ୍ଧନ (କ୍ରୁରକର୍ମ) ସବିଶେଷ ପର୍ଯ୍ୟାଲୋଚନା କରି ସର୍ବ ପ୍ରକାର (ବୈଧ ଓ ଅବୈଧ) ମାଂସ ଭକ୍ଷଣରୁ ନିବୃତ୍ତ ହେବ ।

---

* ୨୬ଠାରୁ ୪୨ ଶ୍ଳୋକ ପ୍ରକ୍ଷିପ୍ତ ।

**ନ ଭକ୍ଷୟତି ଯୋ ମାଂସଂ ବିଧିଂ ହିତ୍ୱା ପିଶାଚବତ ।**
**ସ ଲୋକେ ପ୍ରିୟତାଂ ଯାତି ବ୍ୟାଧିଭିଶ୍ଚ ନ ପୀଡ଼୍ୟତେ ।୫୦।**

ବିଧି ପରିତ୍ୟାଗ କରି ଯେ ପିଶାଚପରି ମାଂସ ଭକ୍ଷଣ ନ କରେ ସେ ଲୋକପ୍ରିୟ ଓ ବ୍ୟାଧିସକଳ ଦ୍ୱାରା ପୀଡ଼ିତ ହୁଏନା, (ଏଥିରୁ ମାଂସ ଭକ୍ଷଣ ରୋଗକାରକ ବୁଝା ଯାଉଅଛି ଏବଂ ମାଂସ ଭକ୍ଷଣାଦିଦୁରାଚାରୀ ପ୍ରସାରିତ ହେଲା ଦିନରୁ ରୋଗ ଅଧିକ ପ୍ରତ୍ୟକ୍ଷ ହୁଏ ।

**ଅନୁମନ୍ତା ବିଶସିତା ନିହନ୍ତା କ୍ରୟବିକ୍ରୟୀ**
**ସଂସ୍କର୍ତ୍ତା ଚୋପହର୍ତ୍ତା ଚ ଖାଦକଶ୍ଚେତି ଘାତକାଃ ।୫୧।**

ଜୀବହନନରେ ଅନୁମତିଦାତା, ହତଜୀବର ଅଙ୍ଗ କାଟି ମାଂସ ପୃଥକକାରୀ, ହନନକାରୀ, କ୍ରେତା, ବିକ୍ରେତା, ରନ୍ଧନକାରୀ, ପରିବେଶଣକାରୀ ଓ ଭକ୍ଷଣ ଆଠଜଣ ଘାତକ ଅଟନ୍ତି ।

**ସ୍ୱମାଂସଂ ପରମାଂସେନ ଯୋ ବର୍ଦ୍ଧୟିତୁମିଚ୍ଛତି ।**
**ଅନଭ୍ୟର୍ଚ୍ଚ୍ୟ ପିତୃନ୍‌ଦେବାନ୍ ତତୋଽନ୍ୟୋନାସ୍ତ୍ୟ ପୁଣ୍ୟକୃତ୍ ।୫୨। ⁕**

ପିତୃଲୋକ ଓ ଦେବଲୋକର ଅର୍ଚ୍ଚନା ନକରି ଯେଉଁଲୋକ ପରକୀୟ ମାଂସଦ୍ୱାରା ଆପଣାର ମାଂସ ବଢ଼ାଇବାକୁ ଇଚ୍ଛାକରେ ତାହାଠାରୁ ବଳି ପାପକାରୀ କେହି ନାହିଁ ।

**ବର୍ଷେ ବର୍ଷେଽଶ୍ୱମେଧେନ ଯୋ ଯଜେତ ଶତଂ ସମା ।**
**ମାଂସାନି ଚ ନଖାଦେଦ୍‌ଯସ୍ତାୟୋଃ ପୁଣ୍ୟଫଳଂ ସମମ୍ ।୫୩। ✚**

ଯେହୁ ଶତବର୍ଷ ପର୍ଯ୍ୟନ୍ତ ପ୍ରତିବର୍ଷ ଅଶ୍ୱମେଧ ଯଜ୍ଞରେ ଏବଂ ଯେ ଯାବଜ୍ଜୀବନ ମାଂସ ଭୋଜନ ନକରେ ଉଭୟଙ୍କର ପୁଣ୍ୟଫଳ ସମାନ ।

**ଫଳମୂଳାଶନୈର୍ମେଧ୍ୟୈର୍ମୁନ୍ୟନ୍ନାନାଞ୍ଚ ଭୋଜନୈଃ ।**
**ନ ତତ୍ଫଳମବାପ୍ନୋତି ଯନ୍ମାଂ ସପରିବର୍ଜ୍ଜନାତ୍ ।୫୪।**

ମାଂସ ଛାଡ଼ିବାରେ ଯେଉଁ ଫଳ ମିଳେ ପବିତ୍ର ଫଳମୂଳ ଭୋଜନ ଓ ନୀବାରାଦି ମୁନିଜନ ସେବିତ ଅନ୍ନ ଭୋଜନରେ ସେ ଫଳ ମିଳେ ନାହିଁ ।

**ମାଂସ ଭକ୍ଷୟିତାଽମୁତ୍ର ଯସ୍ୟ ମାଂସମିହାଦ୍ମ୍ୟାହମ୍ ।**
**ଏତନ୍ମାଂସମ୍ୟ ମାଂସତ୍ୱଂ ପ୍ରବଦନ୍ତି ମନୀଷିଣଃ ।୫୫।**

ଏ ଲୋକରେ ମୁଁ ଯାହାର ମାଂସ ଖାଏ ପରଲୋକରେ ସେ ମୋତେ (ମାଂ ସଃ) ଖାଇବ । ବିଦ୍ୱାନମାନେ ମାଂସର ଏହାହିଁ ମାଂସତ୍ୱ ବୋଲନ୍ତି ।

**ନ ମାଂସଭକ୍ଷଣେ ଦୋଷୋ ନ ମଦ୍ୟେ ନ ଚ ମୈଥୁନେ ।**
**ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହାଫଳାଃ ।୫୬। ✚**

ମାଂସଭକ୍ଷଣ ମଦ୍ୟପାନ ଏବଂ ମୈଥୁନରେ ଦୋଷ ନାହିଁ; କାରଣ ଜୀବଗଣର ଏଥିରେ ସ୍ୱାଭାବିକ ପ୍ରବୃତ୍ତିହୁଏ; ମାତ୍ର ତହିଁରୁ ନିବୃତ୍ତ ହେବା ମହାପୁଣ୍ୟ ଜନକ ।

---

⁕ ଏ ଶ୍ଳୋକ ପ୍ରକ୍ଷିପ୍ତ । ✚ ଏ ଶ୍ଳୋକ ପରେ ୩ ଖଣ୍ଡି ପୁସ୍ତକରେ ମିଳେ ।

ସଦା ଯଜତି ଯଜ୍ଞେନ ସଦା ଦାନାନି ଯଚ୍ଛତି ।
ସ ତପସ୍ୱୀ ସଦା ବିପ୍ରୋ ଯଶ୍ଚ ମାଂସଂ ବିବର୍ଜ୍ଜୟେତ୍ ।

ଯେଉଁ ବ୍ରାହ୍ମଣ ମାଂସ ନ ଖାଏ ସର୍ବଦା ଯଜ୍ଞକରେ, ସର୍ବଦା ଦାନ ଦିଏ ଓ ସର୍ବଦା ତପସ୍ୱୀ ।

✚ ଏ ଶ୍ଳୋକ ପ୍ରକ୍ଷିପ୍ତ ।

**ପ୍ରେତଶୁଦ୍ଧିଂ ପ୍ରବକ୍ଷ୍ୟାମି ଦ୍ରବ୍ୟଶୁଦ୍ଧିଂ ତଥୈବ ଚ ।**
**ଚତୁର୍ଣ୍ଣାମପି ବର୍ଣ୍ଣାନାଂ ଯଥାବଦନୁପୂର୍ବଶଃ ।୫୭।**

ବ୍ରାହ୍ମଣାଦି ଚାରିବର୍ଣ୍ଣର ପ୍ରେତ ଶୁଦ୍ଧି ଓ ଦ୍ରବ୍ୟଶୁଦ୍ଧି ଯଥାବତ୍ ଆନୁପୂର୍ବିକ କହୁଅଛି ।

**ଦନ୍ତଜାତେଽନୁଜାତେ ଚ କୃତଚୂଡ଼େ ଚ ସଂସ୍ଥିତେ ।**
**ଅଶୁଦ୍ଧା ବାନ୍ଧବାଃ ସର୍ବେ ସୂତକେ ଚ ତଥୋଚ୍ୟତେ ।୫୮।**

ଦାନ୍ତ ବାହାରିଲେ ଓ ଦାନ୍ତ ବାହାରିବା ପରେ ଏବଂ ଚୂଡ଼ାକରଣ ଉପନୟନ ପରେ ମରିରଲେ ଏବଂ ପିଲା ଜନ୍ମ ହେଲେ ସପିଣ୍ଡ ସମମାନୋଦକ ବାନ୍ଧବମାନେ ଅଶୁଦ୍ଧ ହୁଅନ୍ତି ।

**ଦଶାହଂ ଶାବମାଶୌଚଂ ସପିଣ୍ଡେଷୁ ବିଧୀୟତେ ।**
**ଅର୍ବାକ୍ ସଞ୍ଚୟନାଦସ୍ଥାଂ ତ୍ର୍ୟହମେକାହମେ ଚ ।୫୯।**

ସପିଣ୍ଡ ମରିଗଲେ ୧୦ ଦିନ ଅଶୌଚ ରହିବାର ବିଧି, କାହାର ଅସ୍ଥି ସଞ୍ଚୟନ ପର୍ଯ୍ୟନ୍ତ (ଚାରିଦିନ), କାହାର ତିନିଦିନ ଓ କାହାର ଦିନେ ବିହିତ । (ଏଥିରୁ ଜ୍ଞାନ ଓ ଆଚାରର ନ୍ୟୂନାଧିକ୍ୟ ଜଣାଯାଏ । ଯେ ସମ୍ପୂର୍ଣ୍ଣ ଜ୍ଞାନସମ୍ପନ୍ନ ଯଥା ଅଗ୍ନିହୋତ୍ରୀ ତାହାର ଦିନେ, ଏହି ପରିକ୍ରମରେ ଯେ ସର୍ବଗୁଣ ରହିତ ତାହାର ଦଶଦିନ ଅଶୌଚ ।

**ସପିଣ୍ଡତା ତୁ ପୁରୁଷେ ସପ୍ତମେ ବିନିବର୍ତ୍ତତେ ।**
**ସମାନୋଦକ ଭାବସ୍ତୁଜନ୍ମନାମ୍ନୋରବେଦନେ ।୬୦।**

ସପିଣ୍ଡତା (ଅଧ ଓ ଊର୍ଦ୍ଧ୍ୱ) ସାତ ପୁରୁଷରୁ ନିବୃତ୍ତ ହୁଏ; ମାତ୍ର ସମାନୋଦକତା ନାମ ଓ ଗୋତ୍ର ଅପରିଜ୍ଞାତ ହେଲେ ଛାଡ଼ିଯାଏ ।

**ଯଥେଦଂ ଶବ ମାଶୌଚଂ ସପିଣ୍ଡେଷୁ ବିଧୀୟତେ ।**
**ଜନନେଽପ୍ୟେବମେବସ୍ୟାନ୍ନିପୁଣାଂ ଶୁଦ୍ଧିମିଚ୍ଛତାମ୍ ।୬୧।** ⁂

ମଲେ ସପିଣ୍ଡର ଯେଉଁ ଅଶୌଚର ଏହି ବିଧି ବୋଲାଗଲା ସେହିପରି ପିଲାଜନ୍ମ ହେଲେ ସମ୍ପୂର୍ଣ୍ଣ ଶୁଦ୍ଧତା ଇଚ୍ଛାକାରୀର ସେହି ଅଶୌଚ ହୁଏ ।

**ସର୍ବେଷାଂ ଶାବମାଶୌଚଂ ମାତାପିତ୍ରୋସ୍ତୁସୂତକମ୍ ।**
**ସୂତକଂ ମାତୁରେବ ସ୍ୟାଦୁପସ୍ପୃଶ୍ୟ ପିତା ଶୁଚିଃ ।୬୨।**

ମୃତ୍ୟୁ ହେତୁ ଅଶୌଚ ସମସ୍ତ (ସପିଣ୍ଡଙ୍କର) ଏବଂ ଜନ୍ମ ନିମିତ୍ତ ଅଶୌଚ କେବଳ ମାତା ପିତାର ହୁଏ, ପିତା ସ୍ନାନ କଲେ ଶୁଚି ହୁଏ, ମାତ୍ର ମାତାର ଅଶୌଚ ରହେ ।

**ନିରସ୍ୟତୁ ପୁମାନ୍ ଶୁକ୍ରମୁପସ୍ପୃଶ୍ୟୈବ ଶୁଧ୍ୟତି ।**
**ବୈଜିକାଦଭିସମ୍ବନ୍ଧାଦନୁରୁନ୍ଧ୍ୟାଦଘଂ ତ୍ର୍ୟହଂ ।୬୩।**

---

⁂ ଏଥିପରେ ଚାରି ପୁସ୍ତକରେ ମିଳେ ।

ଉଭୟତ୍ର ଦଶାହାନି କୁଳସ୍ୟାନ୍ନଂ ନ ଭୁଜ୍ୟତେ ।
ଦାନଂ ପ୍ରତିଗ୍ରହେ ଯଜ୍ଞଃ ସ୍ୱାଧ୍ୟାୟଶ୍ଚ ନିବର୍ତ୍ତତେ ।

ଜନ୍ମ ଓ ମୃତ୍ୟୁ ଉଭୟରେ ଦଶଦିନ କୁଳର ଅନ୍ନ ଭୋଜନ କରା ନ ଯାଏ ଏବଂ ଦାନ, ପ୍ରତିଗ୍ରହ, ଯଜ୍ଞ ଓ ସ୍ୱାଧ୍ୟାୟ ବନ୍ଦ ଥାଏ । ⁂ ଏ ଶ୍ଳୋକ ପ୍ରକ୍ଷିପ୍ତ । ⁂ ଏଥିପରେ ଚାରି ପୁସ୍ତକରେ ମିଳେ ।

ସତ୍ରଧର୍ମ ପ୍ରବୃତ୍ତସ୍ୟ ଦାନ ଧର୍ମ ଫଳୈଷିଣଃ ।
କ୍ରେତାଧର୍ମୋ ପରୋଧାର୍ଥ ମାରଣ୍ୟସ୍ୟୈତ ଦୂଚ୍ୟତେ ।

ଯେ ଜ୍ଞାନ ଯଜ୍ଞରେ ପ୍ରବୃତ୍ତ ଓ ଦାନ ଧର୍ମର ଫଳ ବାଞ୍ଛାକରେ ତ୍ରେତାଯୁଗର ଧର୍ମ ଅନୁରୋଧରେ ତାହାର ବାନପ୍ରସ୍ଥ ସକାଶେ ଏ ବିଧି ବୋଲାଯାଏ ।

ପୁରୁଷର ରେତଃପାତ କଲେ ସ୍ନାନ ଦ୍ୱାରା ଶୁଦ୍ଧ ହୁଏ; ମାତ୍ର ପର ଭାର୍ଯ୍ୟାରେ ରେତଃପାତ କଲେ ତିନିଦିନ ଅଶୌଚ ରହେ ।

**ଅହ୍ନାଚୈକେନ ରାତ୍ୟା ଚ ତ୍ରିରାତ୍ରୈରେବ ଚ ତ୍ରି ଭିଃ ।**
**ଶବସ୍ପୃଶୋ ବିଶୁଧ୍ୟନ୍ତି ତ୍ର୍ୟହାଦୁଦକଦାୟିନଃ ।୬୪।**

ମୃତକକୁ ସ୍ପର୍ଶକଲେ ଏକ ଓ ତିନି ଗୁଣିତ ତିନି (ଅର୍ଥାତ୍ ଦଶ) ଦିନରେ ଶୁଦ୍ଧି ହୁଏ; ମାତ୍ର ଯେ (ମରିବା ସମୟରେ କଣ୍ଠରେ ବା ଅସ୍ଥି ସଞ୍ଚୟନ କାଳରେ ଚିତାରେ) ପାଣିଦିଏ ତାହାର ତିନିଦିନରେ ଶୁଦ୍ଧି ହୁଏ ।

**ଗୁରୋଃ ପ୍ରେତସ୍ୟ ଶିଷ୍ୟସ୍ତୁ ପିତୃମେଧଂ ସମାଚରନ୍ ।**
**ପ୍ରେତାହରୈଃ ସମଂ ତତ୍ର ଦଶରାତ୍ରେଣ ଶୁଦ୍ଧ୍ୟତି ।୬୫।**

ଶିଷ୍ୟ ମୃତ ଗୁରୁର ଅନ୍ତ୍ୟେଷ୍ଟିକ୍ରିୟା କଲେ ମୃଦାର ଉଠାଇବା ଲୋକଙ୍କ ସଙ୍ଗେ ଦଶଦିନରେ ଶୁଦ୍ଧ ହେବ ।

**ରାତ୍ରି ଭିର୍ମାସତୁଲ୍ୟାଭିଗର୍ଭସ୍ରାବେ ବିଶୁଦ୍ଧ୍ୟତି ।**
**ରଜସ୍ୟୁପରତେ ସ୍ୱାଧ୍ୱୀ ସ୍ନାନେନ ସ୍ତ୍ରୀ ରଜସ୍ୱଳା ।୬୬।**

ଯେତେ ମାସରେ ଗର୍ଭସ୍ରାବ ହେବ ତେତେଦିନରେ ସ୍ତ୍ରୀ ଶୁଦ୍ଧ ହେବ ଏବଂ ରଜସ୍ୱଳା ସ୍ତ୍ରୀ ଯେଉଁଦିନ ନିବୃତ୍ତି ହେବ ସେହିଦିନ ସ୍ନାନ କରି ଶୁଦ୍ଧ ହେବ ।

**ନୃଣାମକୃତଚୂଡ଼ାନାଂ ବିଶୁଦ୍ଧି ନୈଶିକା ସ୍ମୃତା ।**
**ନିର୍ବୃତ୍ତଚୂଡ଼ାକାନାଂ ତୁ ତ୍ରିରାତ୍ରଚ୍ଛୁଦ୍ଧିରିଶ୍ୟତେ ।୬୭ ।***

ଚୂଡ଼ାକରଣ ହେବା ପୂର୍ବେ ବାଳକ ମରିଗଲେ ଦିନକରେ ଓ ଚୂଡ଼ାକରଣ ପରେ ମଲେ ତିନିଦିନରେ ଶୁଦ୍ଧି ହୁଏ ।

**ଊନଦ୍ୱିବାର୍ଷିକଂ ପ୍ରେତଂ ନିଦଧ୍ୟୁର୍ବାନ୍ଧବା ବହିଃ ।**
**ଅଳଂକୃତ୍ୟ ଶୁଚୌ ଭୂମାବସ୍ଥି ସଞ୍ଚୟନାଦୃତେ ।୬୮।**

ଦୁଇବର୍ଷରୁ ନ୍ୟୂନ ବୟସ୍କ ପିଲା ମରିଗଲେ ବାନ୍ଧବମାନେ ତାହାକୁ ଗ୍ରାମ ବାହାରକୁ ନେଇଯାଇ ମାଲ୍ୟଚନ୍ଦନାଦିଦ୍ୱାରା ଅଳଂକୃତ କରି ଅସ୍ଥି ସଞ୍ଚୟନ ନ କରି ପରିଷ୍କୃତ ଭୂମିରେ ପୋତି ଦେବେ ।

---

* ଏଥିପରେ ଖଣ୍ଡିଏ ପୁସ୍ତକରେ ମିଳେ ।

ପ୍ରାକ୍ ସଂସ୍କାର ପ୍ରମୀତାନାଂ ବର୍ଣ୍ଣାନାମବିଶେଷତଃ ।
ତ୍ରିରାତ୍ରାତ୍ତୁ ଭବେଚ୍ଛୁଦ୍ଧିଃ କନ୍ୟାସ୍ୱହ୍ନୋ ବିଧୀୟତେ ।
ଅଦନ୍ତଜନ୍ମନଃ ସଦ୍ୟ ଆଚଡ଼ାନ୍ନୈଶିକାସ୍ମୃତା ।
ତ୍ରିରାତ୍ରମାବ୍ରତାଦେଶା ଦଶରାତ୍ରମତଃପରମ୍ ।
ପରପୂର୍ବାସୁ ଭାର୍ଯ୍ୟାସୁ ପୁତ୍ରେଷୁ ପ୍ରକୃତେଷୁ ଚ ।
ମାତାମହେ ତ୍ରିରାତ୍ରନ୍ତୁ ଏକହନ୍ତ୍ୱ ସପିଣ୍ଡତଃ ॥

ସବୁ ବର୍ଣ୍ଣର ପିଲା ସଂସ୍କାର ପୂର୍ବେ ମଲେ ତିନିଦିନରେ ଶୁଦ୍ଧି, କନ୍ୟାର ଦିନ କରେ, ଦାନ୍ତ ଉଠି ନଥିଲେ ତତ୍କାଳ, ଚୂଡ଼ାକର୍ମ ପର୍ଯ୍ୟନ୍ତ ଏକରାତ୍ରି, ଉପନୟନ ପର୍ଯ୍ୟନ୍ତ ତ୍ରିରାତ୍ରି ତହିଁ ଉତ୍ତାରୁ ଦଶରାତ୍ରି, ସ୍ତ୍ରୀ ଅନ୍ୟ କାହାରି ଭାର୍ଯ୍ୟା ପୂର୍ବେ ଥିଲେ ତାହାର ଓ ତାହାର ପୁତ୍ର ସକାଶେ ଓ ମାତାମହ ସକାଶେ ତିନିରାତ୍ର ଓ ଅସପିଣ୍ଡ ଗୋତ୍ରର ଦିନେ ଅଶୁଦ୍ଧି ।

**ନାସ୍ୟ କାର୍ଯ୍ୟୋଽଗ୍ନିସଂସ୍କାରୋ ନ ଚ କାର୍ଯ୍ୟୋଦକକ୍ରିୟା ।**
**ଅରଣ୍ୟେ କାଷ୍ଠବତ୍ତ୍ୟକ୍ତ୍ୱା କ୍ଷପେୟୁସ୍ତ୍ର୍ୟହମେବ ଚ ।୬୯।**

ଏହାର ଅଗ୍ନି ସଂସ୍କାର ବା ଉଦକକ୍ରିୟା (ଦାହ) କରିବ ନାହିଁ, ଏହାକୁ ଅରଣ୍ୟରେ କାଠ ପରି ପକାଇଦେଇ ତ୍ରିରାତ୍ର ମାତ୍ର ଅଶୌଚ ପାଳିବ ।

**ନାତ୍ରି ବର୍ଷସ୍ୟ କର୍ତ୍ତବ୍ୟା ବାନ୍ଧବୈରୁଦକକ୍ରିୟା**
**ଜାତଦନ୍ତସ୍ୟ ବା କୁର୍ଯ୍ୟାନ୍ନାମ୍ନି ବାପି କୃତେ ସତି ।୭୦।**

ଯେ ପିଲାର ତିନି ବର୍ଷ ପୂରି ନ ଥିବ ବାନ୍ଧବମାନେ ତାହାର ଉଦକକ୍ରିୟା କରିବେ ନାହିଁ ଅଥବା ଯାହାର ଦାନ୍ତ ବାହାରି ଅଛି ଓ ନାମକରଣ ହୋଇଅଛି ତାହାର ଦାହାଦି ସଂସ୍କାର କଲେ ଭଲ ।

**ସବ୍ରହ୍ମଚାରିଣ୍ୟେକାହମତୀତେ କ୍ଷପଣଂସ୍ମୃତମ୍ ।**
**ଜନ୍ମନ୍ୟେକୋଦାକାନାନ୍ତୁ ତ୍ରିରାତ୍ରାଚ୍ଛୁଦ୍ଧିରିଷ୍ୟତେ ।୭୧।**

ସହାଧ୍ୟାୟୀ ମଲେ ଦିନେ ଅଶୌଚ ହୁଏ ଏବଂ ସମାନୋଦକମାନଙ୍କର ସନ୍ତାନ ଜନ୍ମିଲେ ତିନିଦିନରେ ଶୁଦ୍ଧି ବାଞ୍ଛନୀୟ ।

**ସ୍ତ୍ରୀଣାମସଂସ୍କୃତାନାନ୍ତୁ ତ୍ର୍ୟହାଚ୍ଛୁଧ୍ୟନ୍ତି ବାନ୍ଧବାଃ ।**
**ଯଥୋକ୍ତେନୈବ କଳ୍ପେନ ଶୁଧ୍ୟନ୍ତି ତୁ ସନାଭୟଃ ।୭୨।**

ଅସଂସ୍କୃତା ସ୍ତ୍ରୀମାନଙ୍କ ମୃତ୍ୟୁରେ ବାନ୍ଧବମାନେ ତିନିଦିନରେ ଶୁଦ୍ଧ ହୁଅନ୍ତି ଏବଂ ସେହିପରି ସନାଭି (ପିତୃପକ୍ଷ ସପିଣ୍ଡ) ମାନେ ତିନିଦିନରେ ଶୁଦ୍ଧି ହୁଅନ୍ତି ।

**ଅକ୍ଷାରଲବଣାନ୍ନାଃ ସ୍ୟୁର୍ନିମଜ୍ଜେୟୁଶ୍ଚ ତେ ତ୍ର୍ୟହମ୍ ।**
**ମାଂସାଶନଞ୍ଚ ନାଶ୍ନୀୟୁଃ ଶୟୀରଂଶ୍ଚ ପୃଥକ୍ କ୍ଷିତୌ ।୭୩। ⁂**

ଅଶୌଚକାଳରେ ଅକୃତ୍ରିମ ଲବଣ ସହିତ ଅନ୍ନ ଭୋଜନ କରିବ, ତିନିଦିନ ବୁଡ଼ି ସ୍ନାନ କରିବ, ମାଂସ ଖାଇବ ନାହିଁ ଓ ଭୂମିରେ ଏକା ଶୋଇବ ।

**ସନ୍ନିଧାବେଷ ବୈକଳ୍ପଃ ଶାବାଶୌଚସ୍ୟ କୀର୍ତ୍ତିତଃ ।**
**ଅସନ୍ନିଧାବୟଂ ଜ୍ଞେୟୋ ବିଧିଃ ସମ୍ବନ୍ଧିବାନ୍ଧବୈଃ ।୭୪।**

ନିକଟରେ ଥାଇ ମଲେ ମୃତାଶୌଚର ଏହିପରି ବ୍ୟବସ୍ଥା ବୋଲାଗଲା; ମାତ୍ର ବିଦେଶରେ ମଲେ ସପିଣ୍ଡଶୁଦ୍ଧି ବାନ୍ଧବମାନଙ୍କର ବକ୍ଷ୍ୟମାଣ ଅଶୌଚ ବିଧି ଜାଣିବ ।

**ବିଗତନ୍ତୁ ବିଦେଶସ୍ଥଂ ଶୃଣୁୟାଦ୍ ଯୋ ହ୍ୟନିର୍ଦ୍ଦଶମ୍ ।**
**ଯଚ୍ଛେଷଂ ଦଶରାତ୍ରସ୍ୟ ତାବଦେବାଶୁଚିର୍ଭବେତ୍ ।୭୫ । ⁂**

ବିଦେଶରେ ମରିବା ଦଶରାତ୍ର ଗତ ହେବା ପୂର୍ବରୁ ଶୁଣିଲେ ଦଶରାତ୍ରର ଯେତେ ଅବଶିଷ୍ଟ ଥିବ ତେତିକି ଅଶୌଚ ହେବ ।

---

⁂ ୭୨ ଓ ୭୩ ଶ୍ଳୋକ ପ୍ରକ୍ଷିପ୍ତ ।

⁂ ଏଥିପରେ ଏକ ପୁସ୍ତକରେ ମିଳେ ।

ମାସତ୍ରୟେ ତ୍ରିରାତ୍ରଂ ସ୍ୟାକ୍ଷଣ୍ମାସେ ପକ୍ଷିଣୀ ତଥା ।
ଅହସ୍ତୁ ନବମାଦର୍ବାଗୂର୍ଦ୍ଧ୍ୱ ସ୍ନାନେନ ଶୁଦ୍ଧ୍ୟତି ।

ତିନିମାସ ପରେ ଶୁଣିଲେ ତ୍ରିରାତ୍ର , ଛ' ମାସପରେ ଶୁଣିଲେ ଏକରାତ୍ର ଓ ନ' ମାସ ମଧ୍ୟରେ ଶୁଣିଲେ ଅଶୁଦ୍ଧ ଏବଂ ତତ୍ପରେ ଶୁଣିଲେ ସ୍ନାନ କରି ଶୁଦ୍ଧ ହେବ ।

**ଅତିକ୍ରାନ୍ତେ ଦଶାହେ ଚ ତ୍ରିରାତ୍ରମଶୁଚିର୍ଭବେତ୍ ।**
**ସମ୍ବତ୍ସରେ ବ୍ୟତୀତେ ତୁ ସ୍ପୃଷ୍ଟୈବାପୋ ବିଶୁଧ୍ୟତି ।୭୬ ।**

ଦଶଦିନ ଅତୀତ ହେବାପରେ ଶୁଣିଲେ ତିନିରାତ୍ରି ଅଶୌଚ ହେବ ମାତ୍ର ଏକ ବର୍ଷ ପରେ ଶୁଣିଲେ ସ୍ନାନ କଲେ ଶୁଦ୍ଧି ହେବ ।

**ନିର୍ଦ୍ଦଶଂ ଜ୍ଞାତିମରଣଂ ଶ୍ରୁତ୍ୱା ପୁତ୍ରସ୍ୟ ଜନ୍ମଚ ।**
**ସବାସା ଜଳମପ୍ଲୁତ୍ୟଶୁଦ୍ଧୋ ଭବତି ମାନବଃ ।୭୭।**

ଦଶଦିନ ପରେ ଜ୍ଞାତି ମରଣ ବା ପୁତ୍ରଜନ୍ମ ଶୁଣିଲେ ମନୁଷ୍ୟ ସବସ୍ତ୍ର ସ୍ନାନ କରି ଶୁଦ୍ଧ ହେବ ।

**ବାଳେ ଦେଶାନ୍ତରସ୍ଥେ ଚ ପୃଥକ୍ ପିଣ୍ଡେ ଚ ସଂସ୍ଥିତେ ।**
**ସବାସା ଜଳମାପ୍ଲୁତ୍ୟ ସଦ୍ୟ ଏବ ବିଶୁଦ୍ଧ୍ୟତି ।୭୮।**

ସଗୋତ୍ର ବାଳକ ଦେଶାନ୍ତରେ ମଲେ ତଥା ଅସପିଣ୍ଡର ମୃତ୍ୟୁ ଶୁଣିଲେ ସ୍ନାନ କରି ସେହି ସମୟରେ ଶୁଦ୍ଧ ହେବ ।

**ଅନ୍ତର୍ଦ୍ଦଶାହେ ସ୍ୟାତାଂ ଚେତ୍ପୁନର୍ମରଣଜନ୍ମନୀ ।**
**ତାବସ୍ୟାଦଶୁଚିର୍ବିପ୍ରୋ ଯାବତ୍ତସ୍ୟଦନିର୍ଦ୍ଦଶମ୍ ।୭୯।**

ଦଶଦିନ ମଧ୍ୟରେ ଯଦି ପୁନର୍ବାର କାହାରି ମୃତ୍ୟୁ ବା ଜନ୍ମ ହୁଏ ତେବେ ବିପ୍ର କେତେଦିନ ଶୁଦ୍ଧ ନ ହେବ ଯେତେଦିନକୁ ତହିଁରେ ଦଶଦିନ ପୁରି ନ ଯାଏ ।

**ତ୍ରିରାତ୍ରମାହୁରାଶୌଚମାଚାର୍ଯ୍ୟେ ସଂସ୍ଥିତେ ସତି ।**
**ତସ୍ୟ ପୁତ୍ରେ ଚ ପତ୍ନ୍ୟାଂ ଚ ଦିବାରାତ୍ରମିତି ସ୍ଥିତିଃ ।୮୦।**

ଆଚାର୍ଯ୍ୟ ମଲେ ଶିଷ୍ୟର ତିନିଦିନ ଅଶୌଚ ହେବା ବୋଲାଯାଏ ଏବଂ ଆଚାର୍ଯ୍ୟଙ୍କ ପୁତ୍ର ଓ ପତ୍ନୀ ମଲେ ଦିନେ ଅଶୌଚ ରହେ ।

**ଶ୍ରୋତ୍ରିୟେ ତୂପସମ୍ପନ୍ନେ ତ୍ରିରାତ୍ରମଶୁଚିର୍ଭବେତ ।**
**ମାତୁଳେ ପକ୍ଷିଣୀଂ ରାତ୍ରିଂ ଶିଷ୍ୟର୍ତ୍ୱିଗ୍‌ବାନ୍ଧବେଷୁ ଚ ।୮୧।**

ଏକତ୍ରବାସୀ ବେଦଶାସ୍ତ୍ରାଧ୍ୟାୟିର ମୃତ୍ୟୁ ହେଲେ ତ୍ରିରାତ୍ର ଅଶୌଚ ହୁଏ ଏବଂ ମାମୁ, ଶିଷ୍ୟ, ଋତ୍ୱିକ୍ ଓ ବାନ୍ଧବମାନେ ମଲେ ଦୁଇ ଦିନ ଓ ତନ୍ମଧ୍ୟବର୍ତ୍ତିନୀର ରାତ୍ର ଅଶୌଚ ରହେ ।

**ପ୍ରେତେ ରାଜନି ସଜ୍ୟୋତିର୍ଯ୍ୟସ୍ୟ ସ୍ୟାଦ୍‌ବିଷୟେ ସ୍ଥିତଃ ।**
**ଆଶ୍ରୋତ୍ରିୟେ ତ୍ୱହଃ କୃତ୍ସ୍ନ ମନୂଚାନେ ତଥା ଗୁରୌ ।୮୨।**

ଯେ ଯେଉଁ ଦେଶରେ ଥାଏ ତହିଁରେ ରାଜା ମଲେ ସଜ୍ୟୋତି (ଅର୍ଥାତ୍ ଦିନରେ ମଲେ ସୂର୍ଯ୍ୟାସ୍ତ ଓ ରାତ୍ରରେ ମଲେ ନାଶନ୍ତି) ପର୍ଯ୍ୟନ୍ତ ଅଶୌଚ ରହେ ଏବଂ ବେଦାନ ଭିଜ୍ଞ ବା ପୂର୍ଣ୍ଣ ବେଦାଧ୍ୟାୟୀ ମଲେ ଦିନେ ଅଶୌଚ ହୁଏ ।

**ଶୁଦ୍ଧେଦ୍‌ବିପ୍ରୋ ଦଶାହେନ ଦ୍ୱାଦଶାହେନ ଭୂମିପଃ ।**

ବ୍ରାହ୍ମଣ ଦି୧୦ନ, କ୍ଷତ୍ରିୟ ଦି୧୨ନ, ବୈଶ୍ୟ ଦି୧୫ନ ଓ ଶୂଦ୍ର ମାସକରେ ଶୁଦ୍ଧ ହୁଏ । ✲

**ନ ବର୍ଦ୍ଧୟେଦଘାହାନି ପ୍ରତ୍ୟୁହେନ୍ନାଗ୍ନିଷୁ କ୍ରିୟାଃ ।**
**ନ ଚ ତତ୍କର୍ମ କୁର୍ବାଣଃ ସନାଭ୍ୟୋଽପ୍ୟଶୁଚିର୍ଭବେତ୍ ।୮୪।**

ଅଶୌଚର ଦିନ ସଂଖ୍ୟା ବଢ଼ାଇବ ନାହିଁ ଓ ଅଗ୍ନି ହୋତ୍ରାଦି କ୍ରିୟାର ବ୍ୟାଘାତ କରିବ ନାହିଁ । ହୋମାଦି କର୍ମ କରିବା ସମୟରେ ସପିଣ୍ଡ ହେଲେ ସୁଦ୍ଧା ଅଶୁଚି ହୁଏ ନାହିଁ ।

**ଦିବାକୀର୍ତ୍ତିମୁଦକ୍ୟାଂ ଚ ପତିତଂ ସୂତିକାଂ ତଥା**
**ଶବଂ ତତ୍ସ୍ପୃଷ୍ଟିନଂ ଚୈବ ସ୍ପୃଷ୍ଟ୍ୱା ସ୍ନାନେନ ଶୁଦ୍ଧ୍ୟତି ।୮୫।**

ଚଣ୍ଡାଳ, ଋତୁମତି ସ୍ତ୍ରୀ ପତିତା, ନବପ୍ରସୂତା ସ୍ତ୍ରୀ, ଶବ ଓ ଶବ ସ୍ପର୍ଶକାରୀ ଏମାନଙ୍କୁ ସ୍ପର୍ଶ କଲେ ସ୍ନାନ କରି ଶୁଦ୍ଧି ହେବ ।

**ଆଚମ୍ୟ ପ୍ରୟତୋ ନିତ୍ୟଂ ଜପେଦ ଶୁଚିଦର୍ଶନେ ।**
**ସୌରାନ୍ମନ୍ତ୍ରାନ୍ ଯଥୋତ୍ସାହଂ ପାବମାନୀଶ୍ଚ ଶକ୍ତିତଃ ।୮୬।**

ଆଚମନ କରି ଶୁଦ୍ଧ ହୋଇ ଅଶୁଚି ଦର୍ଶନରେ ନିତ୍ୟ ସୌରମନ୍ତ୍ର (ଉଦୂତ୍ୟଂ ଜାତବେଦସମ୍ ଇତ୍ୟାଦି) ମନ୍ତ୍ର ଓ ପବମାନ ଦେବତାଯୁକ୍ତ ମନ୍ତ୍ର ଯଥାଶକ୍ତି ଓ ଉତ୍ସାହ ସହକାରେ ଜପ କରିବ ।

---

✲ ଏଥିପରେ ଦୁଇ ପୁସ୍ତକରେ ପ୍ରଥମ ଦୁଇ ଓ ଅନ୍ୟ ଦୁଇ ପୁସ୍ତକରେ ନିମ୍ନ ଚାରି ଶ୍ଳୋକ ମିଳେ -

 କ୍ଷତ୍ରବିଟ୍ଶୂଦ୍ରଦାୟାଦ୍ୟାଃ ସ୍ୟୁଶ୍ଚେଦ୍ବିପ୍ରସ୍ୟ ବାନ୍ଧବାଃ ।
ତେଷାମଶୌଚଂ ବିପ୍ରସ୍ୟ ଦଶାହାତ୍ ଶୁଦ୍ଧିରିଷ୍ୟତେ ।୧।

ରାଜନ୍ୟବୈଶ୍ୟାୟୋଶ୍ଚୈବଂ ହୀନଯୋନିଷୁ ବନ୍ଧୁଷୁ ।
ସ୍ୱମେବ ଶୌଚଂ କୁର୍ବୀତ ବିଶୁଦ୍ଧ୍ୟର୍ଥମିତିସ୍ଥିତଃ ।୨

ବିପ୍ରଃ ଶୁଦ୍ଧ୍ୟେଦ୍ଦଶାହେନ ଜନ୍ମହାନୌ ସ୍ୱଯୋନିଷୁ ।
ଷଡ୍ ଭସ୍ତ୍ରି ଭିରର୍ଥେନେନ କ୍ଷତ୍ରବିଟ୍ଶୂଦ୍ରଯୋନିଷୁ ।୩

ସର୍ବେ ତେଉତ୍ତମବର୍ଣ୍ଣାସ୍ତୁ ଶୌଚଂ କୁର୍ଯ୍ୟୁରତନ୍ଦ୍ରିତଃ ।
ତଦ୍ବର୍ଣ୍ଣ ବିଧିଦୃଷ୍ଟେନ ସ୍ୱନ୍ତୁଶୌଚ ସ୍ୱଯୋନିଷୁ ।୪।

କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ବ୍ରାହ୍ମଣର ଦାୟାଦ ଓ ବାନ୍ଧବ ହେଲେ ବ୍ରାହ୍ମଣ ଦଶ ଦିନରେ ଶୁଦ୍ଧ ହେବ ।୧। ସେପରି କ୍ଷତ୍ରିୟ ଓ ବୈଶ୍ୟ ହୀନ ଯୋନି ସମ୍ବନ୍ଧୀୟ ବାନ୍ଧବର ମୃତ୍ୟୁରେ ଆପଣା ବର୍ଣ୍ଣାନୁସାରେ ଅଶୌଚ ପାଳିବ ।୨। ବ୍ରାହ୍ମଣ ଆପଣା ବର୍ଣ୍ଣ ସମ୍ବନ୍ଧୀୟ ଜନ୍ମ ମୃତ୍ୟୁରେ ୧୦ ଦିନ, କ୍ଷତ୍ରିୟ ବର୍ଣ୍ଣର ଜନ୍ମ ମୃତ୍ୟୁରେ ୬ ଦିନ, ବୈଶ୍ୟ ସମ୍ବନ୍ଧୀୟ ଜନ୍ମ ଓ ମୃତ୍ୟୁରେ ୩ ଦିନ ଓ ଶୂଦ୍ର ସମ୍ବନ୍ଧୀୟ ଜନ୍ମାଦିରେ ଦିନକରେ ଶୁଦ୍ଧ ହେବ ।୩। ସକଳ ଉତ୍ତମ ବର୍ଣ୍ଣ ନିରଳସ ହୋଇ ସେହି ୨ ବର୍ଣ୍ଣ ସମ୍ବନ୍ଧୀୟମାନଙ୍କର ସେହି ୨ ବର୍ଣ୍ଣାନୁସାରେ ଓ ସ୍ୱବର୍ଣ୍ଣସ୍ଥର ସ୍ୱବର୍ଣ୍ଣାନୁସାରେ ଅଶୌଚ ମାନିବ ।

**ନାରଂ ସ୍ପୃଷ୍ଟ୍ୱାସ୍ଥି ସସ୍ନେହଂ ସ୍ନାତ୍ୱା ବିପ୍ରୋ ବିଶୁଦ୍ଧ୍ୟତି ।**
**ଆଚମ୍ୟୈବ ନିଃସ୍ନେହଂ ଗାମାଲଭ୍ୟାର୍କମୀକ୍ଷ୍ୟ ବା ।୮୭।**

ମୃତ ଲୋକର ସରସ ଅସ୍ଥି ସ୍ପର୍ଶ କଲେ ବିପ୍ର ସ୍ନାନ କରି ଶୁଦ୍ଧ ହେବ ମାତ୍ର ଶୁଷ୍କ ଅସ୍ଥି ଛୁଇଁଲେ ଆଚମନ ଦ୍ୱାରା ଅଥବା ଭୂମି ସ୍ପର୍ଶ ବା ସୂର୍ଯ୍ୟଦର୍ଶନ କରି ପବିତ୍ର ହେବ ।

**ଆଦିଷ୍ଟୀ ନୋଦକଂ କୁର୍ଯ୍ୟାଦାବ୍ରତସ୍ୟ ସମାପନାତ୍ ।**
**ସମାପ୍ତେ ତୂଦକଂ କୃତ୍ୱା ତ୍ରିରାତ୍ରେଣୈବ ଶୁଦ୍ଧ୍ୟତି ।୮୮।**

ବ୍ରହ୍ମଚାରୀ ବ୍ରତ ସମାପ୍ତି ପର୍ଯ୍ୟନ୍ତ ପ୍ରେତୋଦକ କରିବ ନାହିଁ । ପରନ୍ତୁ ବ୍ରତ ସମାପ୍ତ ହେଲେ ପ୍ରେତ କାର୍ଯ୍ୟ ସମାପନ କରି ତ୍ରିରାତ୍ରରେ ଶୁଦ୍ଧ ହେବ ।

**ବୃଥାସଙ୍କର ଜାତନାଂ ପ୍ରବ୍ରଜ୍ୟାସୁ ଚ ତିଷ୍ଠତାମ୍ ।**
**ଆତ୍ମନସ୍ତ୍ୟାଗିନାଞ୍ଚୈବ ନିବର୍ତ୍ତେତୋଦକକ୍ରିୟା ।୮୯।**

ବୃଥାଜାତ (ତ୍ୟକ୍ତସ୍ୱଧର୍ମ), ସଙ୍କର (ହୀନ ଓ ଉତ୍କୃଷ୍ଟ ବର୍ଣ୍ଣ ସଂଯୋଗରୁ)ଜାତ ସନ୍ନ୍ୟାସୀ ଓ ଆତ୍ମହତ୍ୟାକାରୀ ଏମାନଙ୍କର ଉଦକକ୍ରିୟାର ପ୍ରୟୋଜନ ନାହିଁ ।

**ପାଷାଣ୍ଡମାଶ୍ରିତାନାଞ୍ଚ ଚରନ୍ତୀନାଞ୍ଚ କାମତଃ ।**
**ଗର୍ଭଭର୍ତ୍ତୃଦ୍ରୁହାଞ୍ଚୈବ ସୁରାପିନାଞ୍ଚ ଯୋଷିତାମ୍ ।୯୦।**

ବେଦ ବହିର୍ଭୁତ ପାଷାଣ୍ଡମାନଙ୍କ ଆଶ୍ରିତା, ସୈରିଣୀ, ଗର୍ଭପାତକାରିଣୀ, ପତିଘାତିନୀ ଓ ମଦ୍ୟପାନକାରିଣୀ ସ୍ତ୍ରୀ ଲୋକମାନଙ୍କର ଉଦକ କ୍ରିୟା ନାହିଁ ।

**ଆଚାର୍ଯ୍ୟଂ ସ୍ୱମୁପାଧ୍ୟାୟଂ ପିତରଂ ମାତରଂ ଗୁରୁମ୍ ।**
**ନିର୍ହୃତ୍ୟ ତୁ ବ୍ରତୀ ପ୍ରେତାନ୍ ନ ବ୍ରତେନ୍ ବିଯୁଜ୍ୟତେ ।୯୧।**

ଆପଣାର ଆଚାର୍ଯ୍ୟ, ଉପାଧ୍ୟାୟ, ପିତା, ମାତା ଓ ଗୁରୁର ଦହନବହନାଦି ଅନ୍ତେଷ୍ଟିକ୍ରିୟା କଲେ ବ୍ରହ୍ମଚାରୀର ବ୍ରତ ଭଙ୍ଗ ହୁଏ ନାହିଁ ।

**ଦକ୍ଷିଣେନ ମୃତଂ ଶୂଦ୍ରଂ ପୁରଦ୍ୱାରେଣ ନିର୍ହରେତ ।**
**ପଶ୍ଚିମୋତ୍ତର ପୂର୍ବୈସ୍ତୁ ଯଥାଯୋଗଂ ଦ୍ୱିଜନ୍ମନଃ ।୯୨।**

ଶୂଦ୍ରର ମୃତ ଦେହକୁ ନଗରର ଦକ୍ଷିଣଦ୍ୱାର ବାଟେ, ବୈଶ୍ୟର ପଶ୍ଚିମ, କ୍ଷତ୍ରିୟର ଉତ୍ତର, ବ୍ରାହ୍ମଣର ପୂର୍ବଦ୍ୱାର ବାଟେ ବାହାର କରିବ ।

**ନ ରାଜ୍ଞାମଘଦୋଷୋଽସ୍ତି ବ୍ରତିନାଂ ନ ଚ ସତ୍ରିଣାମ୍ ।**
**ଐନ୍ଦ୍ରଂ ସ୍ଥାନମୁପାସୀନା ବ୍ରହ୍ମଭୂତା ହିତେ ସଦା ।୯୩।**

ରାଜା, ବ୍ରାହ୍ମଚାରୀ ଓ ଚାନ୍ଦ୍ରାୟଣାଦି ବ୍ରତକାରୀ ଓ ଯଜ୍ଞକାରୀଙ୍କର ଅଶୌଚ ହୁଏ ନାହିଁ; କାରଣ ଏମାନେ ଇନ୍ଦ୍ର ପଦାସୀନ ଏବଂ ସର୍ବଦା ନିଷ୍ପାପ ।

**ରାଜ୍ଞୋ ମହାତ୍ମିକେ ସ୍ଥାନେ ସଦ୍ୟଃ ଶୌଚଂ ବିଧୀୟତେ ।**
**ପ୍ରଜାନାଂ ପରିରକ୍ଷାର୍ଥ ମାସନଞ୍ଚାତ୍ର କାରଣମ୍ ।୯୪।**

ମହାମାହାତ୍ମ୍ୟସମ୍ପନ୍ନ ରାଜାସନରେ ଆସୀନ ରାଜା ସମ୍ବନ୍ଧେ ସଦ୍ୟଃଶୌଚ ବିହିତ ଯେହେତୁ ପ୍ରଜାମାନଙ୍କୁ ସମ୍ୟକ୍ ପ୍ରକାରେ ରକ୍ଷା କରିବା ସକାଶେ ସେ ନ୍ୟାୟାସନରେ ସମାସୀନ ।

**ଡ଼ିମ୍ବାହବହତାନାଞ୍ଚ ବିଦ୍ୟୁତା ପାର୍ଥିବେନ ଚ ।**
**ଗୋବ୍ରାହ୍ମଣସ୍ୟ ଚୈବାର୍ଥେ ଯସ୍ୟ ଚେଚ୍ଛତି ପାର୍ଥିବଃ ।୯୫।**

ଅଶସ୍ତ୍ର କଳହରେ, ବଜ୍ରାଘାତରେ ବା ରାଜଦଣ୍ଡରେ ଏବଂ ଗୋବ୍ରାହ୍ମଣ ରକ୍ଷା ସକାଶେ ଯେ ମୃତ ହୁଏ କିମ୍ବା ରାଜା ଯାହାର ଅଶୌଚାଭାବ ଇଚ୍ଛା କରନ୍ତି ତାହାର ସଦ୍ୟଶୌଚ ହୁଏ ।

**ସୋମାଗ୍ନ୍ୟର୍କ ନିଳେନ୍ଦ୍ରାଣାଂ ବିତ୍ତାପ୍ ପତ୍ୟୋର୍ଯମସ୍ୟ ଚ ।**
**ଅଷ୍ଟାନାଂ ଲୋକପାଳନାଂ ବପୁର୍ଧାୟତେ ନୃପଃ ।୯୬।**

ଚନ୍ଦ୍ର, ଅଗ୍ନି, ସୂର୍ଯ୍ୟ, ବାୟୁ, ଇନ୍ଦ୍ର, କୁବେର; ବରୁଣ ଓ ଯମ ଏହି ଆଠ ଲୋକପାଳର ଶରୀର ରାଜା ଧାରଣ କରନ୍ତି (ଅର୍ଥାତ୍ ରାଜାଙ୍କ ଠାରେ) ଲୋକ ପାଳନାର୍ଥ ଏହି ଆଠ ଦିବ୍ୟ ଗୁଣ ଥାଏ ।

**ଲୋକେଶାଧିଷ୍ଠିତୋ ରାଜା ନାସ୍ୟାଶୌଚଂ ବିଧୀୟତେ ।**
**ଶୌଚାଶୌଚଂ ହି ମର୍ତ୍ତ୍ୟାନାଂ ଲୋକେଶ ପ୍ରଭବାପ୍ୟମ୍ ।୯୭।**

ଇନ୍ଦ୍ରାଦି ଅଷ୍ଟଲୋକପାଳଙ୍କ ସ୍ଥାନରେ ଥିବା ହେତୁ ରାଜାଙ୍କ ଅଶୌଚ କଥିତ ହୋଇ ନାହିଁ; କାରଣ ମନୁଷ୍ୟମାନଙ୍କର ଶୌଚ ଏବଂ ଅଶୌଚ ଲୋକପାଳଙ୍କଠାରୁ ଉତ୍ପନ୍ନ ଓ ନଷ୍ଟ ହୁଏ ।

**ଉଦ୍ୟତୈରାହବେ ଶସ୍ତ୍ରୈଃ କ୍ଷତ୍ରଧର୍ମହତସ୍ୟ ଚ ।**
**ସଦ୍ୟଃ ସଂତିଷ୍ଠତେ ଯଜ୍ଞସ୍ତଥାଶୌଚମିତ ସ୍ଥିତି ।୯୮।**

ସଂଗ୍ରାମରେ ଉଦ୍ୟତ କ୍ଷତ୍ର ଧର୍ମରେ ଶସ୍ତ୍ରଦ୍ୱାରା ସମ୍ମୁଖ ଯୁଦ୍ଧରେ ମୃତ ହେଲେ ତାହାର ଯଜ୍ଞ ସେହି ସମୟରେ ସମାପ୍ତ ହୁଏ ଏବଂ ତାହାର ଅଶୌଚ ସୁଦ୍ଧା ତତ୍କାଳ ହୋଇଯାଏ (ସଦ୍ୟଶୌଚ) ।

**ବିପ୍ରଃ ଶୁଦ୍ଧ୍ୟତ୍ୟପଃ ସ୍ପୃଷ୍ଟ୍ୱା କ୍ଷତ୍ରିୟୋ ବାହନାୟୁଧମ୍ ।**
**ବୈଶ୍ୟଃ ପ୍ରତୋଦଂ ରଶ୍ମିନ୍ ବା ଯଷ୍ଟିଂ ଶୂଦ୍ରଃ କୃତକ୍ରିୟଃ ।୯୯।**

ପ୍ରେତ କର୍ମ ସାରି ଅଶୌଚାନ୍ତେ ବ୍ରାହ୍ମଣ ଜଳକୁ ସ୍ପର୍ଶ କରି ଏବଂ କ୍ଷତ୍ରିୟ ବାହନ ଓ ଶସ୍ତ୍ର ସ୍ପର୍ଶ କରି, ବୈଶ୍ୟ ପଶୁତାଡ଼ନ ଦଣ୍ଡ ବା ଲଗାମ ସ୍ପର୍ଶକରି ଏବଂ ଶୂଦ୍ର ଯଷ୍ଟି ସ୍ପର୍ଶକରି ଶୁଦ୍ଧ ହୁଏ ।

**ଏତଦ୍‌ବୋଽଭିହିତଂ ଶୌଚଂ ସପିଣ୍ଡେଷୁ ଦ୍ୱିଜୋତ୍ତମା ।**
**ଅସପିଣ୍ଡେଷୁ ସର୍ବେଷୁ ପ୍ରେତଶୁଦ୍ଧିଂ ନିବୋଧତ ।୧୦୦।**

ହେ ଦ୍ୱିଜ ଶ୍ରେଷ୍ଠଗଣ ! ଏ ସପିଣ୍ଡମାନଙ୍କର ଅଶୌଚ ବିଧାନ ତୁମ୍ଭମାନଙ୍କୁ କହିଲୁ, ଏବେ ଅସପିଣ୍ଡମାନଙ୍କର ପ୍ରେତଶୁଦ୍ଧିର ବିଧାନ ଶୁଣ ।

**ଅସପିଣ୍ଡଂ ଦ୍ୱିଜଂ ପ୍ରେତଂ ବିପ୍ରୋ ନିର୍ହୃତ୍ୟ ବନ୍ଧୁବତ୍ ।**
**ବିଶୁଦ୍ଧ୍ୟତି ତ୍ରିରାତ୍ରେଣ ମାତୁରାହାଂଶ୍ଚ ବାନ୍ଧବାନ୍ ।୧୦୧।**

ଯଦି ବ୍ରାହ୍ମଣ ଅସପିଣ୍ଡ ମୃତ ଦ୍ୱିଜର ସ୍ନେହରେ ବନ୍ଧୁ ସମାନ ଅନ୍ତ୍ୟେଷ୍ଟାଦିକର୍ମ କରେ ଏବଂ ମାତୃ ସମ୍ବନ୍ଧୀୟ ବାନ୍ଧବଙ୍କର ଦାହାଦି କରେ ତେବେ ତିନିରାତ୍ରରେ ଶୁଦ୍ଧ ହୁଏ ।

**ଯଦ୍ୟନ୍ନମତ୍ତି ତେଷାନ୍ତୁ ଦଶାହେନୈବ ଶୁଦ୍ଧ୍ୟତି ।**
**ଅନଦନ୍ନମହ୍ନୈବ ନ ଚେତ୍ତସ୍ମିନ୍ ଗୃହେ ବସେତ୍ ।୧୦୨।**

ଯଦି ଶବଦାହ ପରେ ବ୍ରାହ୍ମଣ ସେହି ଅସପିଣ୍ଡର ଅନ୍ନ ଭୋଜନ କରେ ତାହା ହେଲେ ତାହାର ଦଶଦିନ ଅଶୌଚ, ଆଉ ଯଦି ତାହାର ଅନ୍ନ ଗ୍ରହଣ ନ କରେ ବା ତାହାର ଘରେ ବାସ ନ କରେ ତେବେ ଏକ ଦିନରେ ଶୁଦ୍ଧ ହୁଏ ।

**ଅନୁଗମ୍ୟେଚ୍ଛୟା ପ୍ରେତଂ ଜ୍ଞାତିମଜ୍ଞାତିମେବ ବା ।**
**ସ୍ନାତ୍ୱା ସଚେଲଂ ସ୍ପୃଷ୍ଟ୍ୱାଗ୍ନିଂଘୃତଂ ପ୍ରାଶ୍ୟ ବିଶୁଦ୍ଧ୍ୟତି ।୧୦୩।**

ଜ୍ଞାତି ହେଉ ବା ଅଜ୍ଞାତି ହେଉ ଇଚ୍ଛାପୂର୍ବକ ଶବର ଅନୁଗମନ କଲେ ସବସ୍ତ୍ର ସ୍ନାନ କରି ଅଗ୍ନି ସ୍ପର୍ଶପୂର୍ବକ ଘୃତ ଭୋଜନ କଲେ ବିଶୁଦ୍ଧ ହୁଏ ।

**ନ ବିପ୍ରଂ ସ୍ୱେଷୁ ତିଷ୍ଠସ୍ତୁ ମୃତଂ ଶୂଦ୍ରେଣ ନାୟୟେତ୍ ।**
**ଅସ୍ୱର୍ଗ୍ୟା ହ୍ୟାହୁତିଃ ସା ସ୍ୟାଚ୍ଛୂଦ୍ରସ୍ପର୍ଶ ଦୂଷିତା ।୧୦୪।**

ଆତ୍ମୀୟ ସ୍ୱଜନ ଥାଉ ବ୍ରାହ୍ମଣର ଶବ ଶୂଦ୍ର ଦାହାର୍ଥ ନେବ ନାହିଁ, କାରଣ ଶୂଦ୍ରର ସ୍ପର୍ଶରେ ଦୂଷିତ ଆହୁତି ସଂସାରକୁ ସୁଖଦିଏ ନାହିଁ ।

**ଜ୍ଞାନଂ ତପୋଽଗ୍ନିରାହାରୋ ମୃନ୍ମନୋ ବାର୍ଯ୍ୟ ପାଞ୍ଜନମ୍ ।**
**ବାୟୁଃ କର୍ମାର୍କକାଲୌ ଚ ଶୁଦ୍ଧେଃ କର୍ତ୍ତୃଣି ଦେହିନାମ୍ ।୧୦୫।**

ଜ୍ଞାନ, ତପସ୍ୟା, ଅଗ୍ନି, ଆହାର, ମୃତ୍ତିକା, ମନ, ବାରି, ଉପାଞ୍ଜନ, ଗୋମୟାଦି ଦ୍ୱାରା (ଅନୁଲେପନ) ବାୟୁ, କର୍ମ, ସୂର୍ଯ୍ୟ ଓ କାଳ ଏହିସବୁ ଦେହଧାରୀମାନଙ୍କର ଶୁଦ୍ଧିର କାରଣ ।

**ସର୍ବେଷାମେବ ଶୌଚାନାମର୍ଥ ଶୌଚଂ ପରସ୍ମୃତମ୍ ।**
**ଯୋଽର୍ଥେ ଶୁଚିର୍ହିସ ଶୁଚିର୍ନ ମୃଦ୍ୱାଶୁଚିଃ ଶୁଚିଃ ।୧୦୬।**

ଏହିସବୁ ଶୌଚ ମଧ୍ୟରେ ଅର୍ଥ ଅର୍ଥାତ୍ ଅନ୍ୟାୟରେ ପରଧନ ନ ନେବା ରୂପ ଶୌଚ ସବୁଠାରୁ ଶ୍ରେଷ୍ଠ; ଅର୍ଥ ଶୌଚ ନ ଥିଲେ ମୃତ୍ତିକା ବା ଜଳଦ୍ୱାରା ଶୁଚିକୁ ଶୁଚି ବୋଲାଯାଇ ନପାରେ ।

**କ୍ଷାନ୍ତ୍ୟା ଶୁଦ୍ଧ୍ୟନ୍ତି ବିଦ୍ୱାଂସା ଦାନେନାକାର୍ଯ୍ୟକାରିଣଃ ।**

**ପ୍ରଚ୍ଛନ୍ନ ପାପା ଜପ୍ୟେନ ତପସା ବେଦ ବିତ୍ତମାଃ ।୧୦୭।**

ବିଦ୍ୱାନ ଲୋକମାନେ କ୍ଷମାଦ୍ୱାରା, ଯେଉଁମାନେ ଯଜ୍ଞାଦି କ୍ରିୟା କରି ନ ପାରନ୍ତି ସେମାନେ ଦାନ ଦ୍ୱାରା, ଗୁପ୍ତପାପକାରୀ ଜପଦ୍ୱାରା ଏବଂ ଶ୍ରେଷ୍ଠ ବେଦଜ୍ଞମାନେ ତପସ୍ୟା ଦ୍ୱାରା ଶୁଦ୍ଧ ହୁଅନ୍ତି ।

**ମୃତ୍ତୋୟୈଃ ଶୁଦ୍ଧ୍ୟତେ ଶୋଧ୍ୟଂ ନଦୀ ବେଗେନ ଶୁଦ୍ଧତି ।**
**ରଜସା ସ୍ତ୍ରୀ ମନୋଦୁଷ୍ଟା ସନ୍ନ୍ୟାସେନ ଦ୍ୱିଜୋତ୍ତମଃ ।୧୦୮।**

ମଳଯୁକ୍ତ ଅଶୁଦ୍ଧ ବସ୍ତୁ ମୃତ୍ତିକା ଓ ଜଳଦ୍ୱାରା ନଦୀ ସ୍ରୋତ ଦ୍ୱାରା, ଦୂଷିତମନା ସ୍ତ୍ରୀ ଲୋକ ରଜସ୍ୱଳା ହେବାଦ୍ୱାରା ଏବଂ ବ୍ରାହ୍ମଣ ସନ୍ନ୍ୟାସ ହେବା ଦ୍ୱାରା ଶୁଦ୍ଧତି ହୁଏ ।

**ଅଭିର୍ଗାତ୍ରାଣି ଶୁଦ୍ଧ୍ୟନ୍ତି ମନଃ ସତ୍ୟେନ ଶୁଦ୍ଧ୍ୟତି ।**
**ବିଦ୍ୟାତପୋଭ୍ୟାଂ ଭୂତାତ୍ମା ବୁଦ୍ଧିର୍ଜ୍ଞାନେନ ଶୁଦ୍ଧତି ।୧୦୯।**

ଶରୀର ଜଳଦ୍ୱାରା, ମନ ସତ୍ୟ କହିବା ଦ୍ୱାରା, ସୂକ୍ଷ୍ମଲିଙ୍ଗଶରୀର ଯୁକ୍ତ ଜୀବାତ୍ମା ବିଦ୍ୟା ଓ ତପସ୍ୟା ଦ୍ୱାରା ଏବଂ ବୁଦ୍ଧି ଜ୍ଞାନଦ୍ୱାରା ଶୁଦ୍ଧ ହୁଏ ।

**ଏଷ ଶୌଚସ୍ୟ ବାଃ ପ୍ରୋକ୍ତଃ ଶରୀରସ୍ୟ ବିନିର୍ଣ୍ଣୟଃ ।**
**ନାନାବିଧାନାଂ ଦ୍ରବ୍ୟାଣାଂଶୁଦ୍ଧେଃ ଶୃଣୁତ ନିର୍ଣ୍ଣୟମ୍ ।୧୧୦।**

ଶରୀର ଶୁଦ୍ଧିର ଏହି ନିର୍ଣ୍ଣୟ ତୁମ୍ଭମାନଙ୍କୁ କହିଲୁ, ଏବେ ନାନା ପ୍ରକାର ଦ୍ରବ୍ୟର ଶୁଦ୍ଧିର ନିର୍ଣ୍ଣୟ ଶୁଣ ।

**ତୈଜସାନାଂ ମଣିନାଞ୍ଚ ସର୍ବସ୍ୟାଶ୍ମମୟସ୍ୟ ଚ ।**
**ଭସ୍ମନାଭି ମୃଦାଚୈବ ଶୁଦ୍ଧିରୁକ୍ତା ମନୀଷି ଭିଃ ।୧୧୧।**

ରଜତ ସୁବର୍ଣ୍ଣାଦି ଧାତୁ ସବୁ, ମରକତାଦି ମଣିସବୁ ଏବଂ ସମୁଦାୟ ପାଷାଣମୟ ପଦାର୍ଥ ଭସ୍ମ, ଜଳ ଓ ମୃତ୍ତିକା ଦ୍ୱାରା ଶୁଦ୍ଧହୁଏ ବୋଲି ପଣ୍ଡିତେ ବୋଲି ଅଛନ୍ତି ।

**ନିର୍ଲେପଂ କାଞ୍ଚନଂ ଭାଣ୍ଡମଭିରେବ ବିଶୁଦ୍ଧ୍ୟତି ।**
**ଅବ୍ଜମଶ୍ମମୟଞ୍ଚୈବ ରାଜତଞ୍ଚାନୁପସ୍କୃତମ୍ ।୧୧୨।**

ଉଚ୍ଛିଷ୍ଟାଦି ପ୍ରଲେପ ରହିତ ସୁବର୍ଣ୍ଣପାତ୍ର ଜଳଦ୍ୱାରା, ଶଙ୍ଖମୁକ୍ତାଦି ଜଳଜ ଓ ପାଷାଣମୟ ପାତ୍ର ଏବଂ ରେଖା (ନକ୍‌ସା) ରହିତ ରୌପ୍ୟପାତ୍ର ଜଳ ଦ୍ୱାରା (ଧୋଇ ପକାଇଲେ) ଶୁଦ୍ଧ ହୁଏ ।

**ଅପାମଗ୍ନେଶ୍ଚ ସଂଯୋଗାଦ୍ଧେମରୌପ୍ୟଞ୍ଚ ନିର୍ବଭୌ ।**
**ତସ୍ମାତ୍ତୟୋଃ ସ୍ୱଯୋନ୍ୟେବ ନିର୍ଣ୍ଣେକୋ ଗୁଣବତ୍ତରଃ ।୧୧୩।**

ଜଳ ଏବଂ ଅଗ୍ନିର ସଂଯୋଗରେ ସୁବର୍ଣ୍ଣ ଓ ରଜତର ଉତ୍ପନ୍ନ ହୋଇଅଛି; ଏହି କାରଣରୁ ସ୍ୱୀୟ ଉତ୍ପତ୍ତିସ୍ଥାନ ଜଳ ଓ ଅଗ୍ନିଦ୍ୱାରା ସେହି ସୁବର୍ଣ୍ଣ ଓ ରଜତର ଶୁଦ୍ଧି ଅତି ଉତ୍ତମ ଅଟେ ।

**ତାମ୍ରାୟଃକାଂସ୍ୟରୈତ୍ୟାନଂ ତ୍ରପୁଣଃ ସୀସକସ୍ୟ ଚ ।**
**ଶୌଚଂ ଯଥାର୍ହଂ କର୍ତ୍ତବ୍ୟଂ କ୍ଷାରାମ୍ଳୋଦକବାରିଭିଃ ।୧୧୪।**

ତମ୍ବା, ଲୁହା , କଂସା, ପିତ୍ତଳ, ରଙ୍ଗ (ରଙ୍ଗା ବା ଲାଖ) ଏବଂ ସୀସାର ପାତ୍ର ସବୁ ଯଥାଯୋଗ୍ୟ ଭସ୍ମ, ଖଟା ପାଣି ଓ ଜଳ ଦ୍ୱାରା ଶୁଦ୍ଧ ହୁଏ ।

**ଦ୍ରବାଣାଞ୍ଚୈବ ସର୍ବେଷାଂ ଶୁଦ୍ଧିରାପ୍ଳବନଂ ସ୍ମୃତମ୍ ।**
**ପ୍ରୋକ୍ଷଣଂ ସଂହତାନାଞ୍ଚ ଦାରବାଣାଞ୍ଚ ତକ୍ଷଣମ୍ ।୧୧୫।**

ତୈଳ ଘୃତାଦି ସମସ୍ତ ଦ୍ରବ୍ୟ ପଦାର୍ଥ ତରଳାଇ ଛାଙ୍କି ନେଲେ, ଜମି ରହିଥିବା (ସୂତ୍ର ସଂଯୁକ୍ତ ଶଯ୍ୟାଦି) ଦ୍ରବ୍ୟ ଜଳପ୍ରୋକ୍ଷଣ ଦ୍ୱାରା ଏବଂ କାଷ୍ଠମୟ ଦ୍ରବ୍ୟ ଚାଞ୍ଛ ପକାଇବାଦ୍ୱାରା ଶୁଦ୍ଧ ହୁଏ ।

**ମାର୍ଜ୍ଜନଂ ଯଜ୍ଞପାତ୍ରାଣାଂ ପାଣିନା ଯଜ୍ଞକର୍ମଣି ।**
**ଚମସାନାଂ ଗ୍ରହଣାଞ୍ଚ ଶୁଦ୍ଧି ପ୍ରକ୍ଷାଳନେନ ତୁ ।୧୧୬।**

ଯଜ୍ଞକର୍ମରେ ଯଜ୍ଞପାତ୍ର ଚମସ (ଜଳପାତ୍ର) ଓ ଗ୍ରହ (ଚୁମୂଚା) ମାନ ହାତରେ ମାଜି ପୁଣି ପାଣିରେ ଧୋଇଦେଲେ ଶୁଦ୍ଧ ହୁଏ ।

**ଚରୂଣାଂ ସ୍ରୁକ୍ ସ୍ରୁବାଣାଞ୍ଚ ଶୁଦ୍ଧିରୁଷ୍ଣେନ ବାରିଣା ।**
**ସ୍ଫ୍ୟଶୂର୍ପାଶକଟାନାଞ୍ଚ ମୂଷଳୋଲୂଖଳସ୍ୟଚ ।୧୧୭।**

ଯଜ୍ଞସାମଗ୍ରୀ-ଚରୁ, ସ୍ରୁକ୍, ସ୍ରୁବ, ସ୍ଫ୍ୟ (ଖଡ୍‌ଗାକାର କାଷ୍ଠ), ଶୂର୍ପ (କୁଲା) ଶକଟ, ମୂଷଳ ଓ ଉଦୂଖଳ ଗରମ ପାଣିରେ ଧୋଇଦେଲେ ଶୁଦ୍ଧ ହୁଏ ।

* କୌଣସି ୨ ପାଠରେ 'ଶୁଦ୍ଧି ରୁପବନଂ' ଅଛି ।

**ଅଭିସ୍ତୁ ପ୍ରୋକ୍ଷଣଂ ଶୌଚଂ ବହୂନାଂ ଧାନ୍ୟବାସସାମ୍ ।**
**ପ୍ରକ୍ଷାଳନେନ ତ୍ୱଳ୍ପାନାମଦ୍ଭିଃ ଶୌଚଂ ବିଧୀୟତେ ।୧୧୮।***

ବହୁଧାନ୍ୟ ଓ ଅନେକ ବସ୍ତ୍ର କୌଣସି ରୂପେ ଅଶୁଦ୍ଧ ହେଲେ ଜଳସେଚନ ଦ୍ୱାରା ମାତ୍ର ଅଳ୍ପ ହେଲେ ଧୋଇଦେବା ଦ୍ୱାରା ଶୁଦ୍ଧ ହୁଏ ।

**ଚେଳବର୍ଚ୍ଚର୍ମଣାଂ ଶୁଦ୍ଧି ର୍ବୈଦଳାଂନାଂ ତଥୈବ ଚ ।**
**ଶାକମୂଳଫଳାନାଞ୍ଚ ଧାନ୍ୟବଚ୍ଛୁଦ୍ଧିରିଷ୍ୟତେ ।୧୧୯।**

ଚମ ଓ ଚଟାଇର ଶୁଦ୍ଧି ଲୁଗାପରି ଏବଂ ଶାକ, ମୂଳ ଓ ଫଳର ଶୁଦ୍ଧି ଧାନପରି ହୁଏ ।

**କୌଷେୟାବିକୟୋରୁଷୈଃ କୁତପାନାମରିଷ୍ଟକୈଃ ।**
**ଶ୍ରୀ ଫଳୈରଂଶୁପଟ୍ଟାନାଂ କ୍ଷୌମାଣାଂ ଗୌରସର୍ଷପୈଃ ।୧୨୦।**

ରେଶମ ଓ କମ୍ବଳ (ଉଲ୍) ଲୁଗାମାନ କ୍ଷାରମାଟି ଦ୍ୱାରା, ନେପାଳୀ କମ୍ବଳ ରିଠାଫଳ ଦ୍ୱାରା ଶଣର ବସ୍ତ୍ର ବେଲଦ୍ୱାରା ଓ ଛାଲଟି ଲୁଗା ଧଳା ସୋରିଷ ଦ୍ୱାରା ଶୁଦ୍ଧ ହୁଏ ।

**କ୍ଷୌମବଚ୍ଛଙ୍ଖଶୃଙ୍ଗାଣାମସ୍ଥିଦନ୍ତମୟସ୍ୟ ଚ ।**
**ଶୁଦ୍ଧିର୍ବିଜାନତା କାର୍ଯ୍ୟା ଗୋମୂତ୍ରେଣୋଦକେନ ବା ।୧୨୧।**

ଶଙ୍ଖ,ଶିଙ୍ଗ, ହାଡ଼ ଓ ଦାନ୍ତର ପାତ୍ରାଦି ଛାଲଟି ପରି ଜାଣିଲା ଲୋକେ ଗୋମୂତ୍ର ବା ଜଳ ଦ୍ୱାରା ଶୁଦ୍ଧ କରିବେ ।

**ପ୍ରୋକ୍ଷଣାତ୍ତୃଣକାଷ୍ଠଞ୍ଚ ପଲାଲଞ୍ଚୈ ବିଶୁଦ୍ଧ୍ୟତି ।**
**ମାର୍ଜ୍ଜନୋପାଞ୍ଜନୈର୍ବେଶ୍ମ ପୁନଃପାକେନ ମୃଣ୍ମୟମ୍ ।୧୨୨।**

ଛଣ, କାଠ ଓ ପାଳ ଜଳସେଚନ ଦ୍ୱାରା, ଘର ଲିପାପୋଛା ଦ୍ୱାରା ଓ ମାଟିର ପାତ୍ର ନିଆଁରେ ପୋଡ଼ିବା ଦ୍ୱାରା ଶୁଦ୍ଧ ହୁଏ ।

**ମଦ୍ୟୈର୍ମୂତ୍ରୈଃ ପୁରୀଷୈର୍ବା ଷ୍ଠୀବନୈଃ ପୂୟଶୋଣିତୈଃ ।**
**ସଂସ୍ପୃଷ୍ଟଂ ନୈବ୍ୟ ଶୁଦ୍ଧ୍ୟେତ ପୁନଃ ପାକେନ ମୃଣ୍ମୟମ୍ ।୧୨୩।**

ପରନ୍ତୁ ମଦ୍ୟ, ମୂତ୍ର, ମଳ, ଛେପ, ପୂଜ ବା ରକ୍ତ ଦ୍ୱାରା ଦୂଷିତ ମାଟିର ପାତ୍ର ପୁଣି ନିଆଁରେ ପୋଡ଼ିଲେ ଶୁଦ୍ଧ ହୁଏ ନାହିଁ ।

**ସମ୍ମାର୍ଜ୍ଜନୋପାଞ୍ଜନେନ ସେକେନୋଲ୍ଲଖନେନ ଚ ।**
**ଗବାଞ୍ଚ ପରବାସେନ ଭୂମିଃ ଶୁଦ୍ଧ୍ୟତି ପଞ୍ଚଭିଃ ।୧୨୪।**

ସମ୍ମାର୍ଜନ (ଝାଡୁଦ୍ୱାରା ପହଁରିବା), ଗୋମୟାଦି ଦ୍ୱାରା ବିଲେପନ, ଗୋମୂତ୍ରୋଦକାଦି ଦ୍ୱାରା ସେଚନ, ଚାଞ୍ଛି ପକାଇବା ଏବଂ ଅହୋରାତ୍ର ଗୋରୁ ବାସ କରାଇବା ଏହି ପାଞ୍ଚ ଉପାୟ ଦ୍ୱାରା ଭୂମି ଶୁଦ୍ଧ ହୁଏ ।

---

* ଦୁଇ ଖଣ୍ଡି ପୁସ୍ତକରେ ଏହାପରେ ମିଳେ-

ତ୍ର୍ୟହକୃତଶୌଚାନାନ୍ତୁ ବାୟସୀ ଶୁଦ୍ଧିରିଷ୍ୟତେ
ପର୍ଯ୍ୟୁକ୍ଷଣାଦ୍ଧୂପନାଦ୍ୱା ମଳିନାମତିଧାବନାତ୍ ।

ତିନିଦିନରେ ଶୁଦ୍ଧି କଥିତ ହୋଇଥିବା ମୃତବାଳକର ବସ୍ତ୍ର ତାହାର ଆୟୁ ଅନୁସାରେ ଶୁଦ୍ଧି ହୁଏ - କାହାରି ଜଳସେଚନ ଦ୍ୱାରା, କାହାରି ଧୂପଦେବା ଦ୍ୱାରା ଅଥବା କାହାରି ମଇଳା ଲୁଗା ଅତ୍ୟନ୍ତ ଧୋଇବା ଦ୍ୱାରା ଶୁଦ୍ଧ ହୁଏ ।

**ପକ୍ଷି ଜଗ୍‌ଧଂ ଗବାଘ୍ରାତମବଧୂତଂମବକ୍ଷୁ ତମ୍ ।**
**ଦୂଷିତଂ କେଶକୀଟୈଶ୍ଚ ମୃତ୍‌ପ୍ରକ୍ଷେପେଣ ଶୁଦ୍ଧ୍ୟତି ।୧୨୫।**

ଚଢ଼େଇ ଖାଇଥିଲେ ବା ଗୋରୁ ଶୁଙ୍ଘିଥିଲେ, ବସ୍ତ୍ରାଞ୍ଚଳ ବା ପତ୍ର ଦ୍ୱାରା ସ୍ପଷ୍ଟ ଯହିଁ ଉପରେ ଛିଙ୍କି ପଡ଼ିଅଛି କିମ୍ବା ଯାହା କେଶକୀଟାଦି ଦ୍ୱାରା ଦୂଷିତ ହୋଇଅଛି ସେ ସ୍ଥାନ ମାଟି ପକାଇବା ଦ୍ୱାରା ଶୁଦ୍ଧ ହୁଏ ।

**ଯାବନ୍ନାପୈତ୍ୟମେଧ୍ୟାକ୍ତାଦଗନ୍ଧୋ ଲେପଶ୍ଚ ତକ୍ତୃତଃ ।**
**ତାବନ୍ମୃଦ୍‌ବାୟଚାଦେୟଂ ସର୍ବାସୁ ଦ୍ରବ୍ୟଶୁଦ୍ଧିଷୁ ।୧୨୬।**

ବିଷ୍ଠା ମୂତ୍ରାଦି ଦ୍ୱାରା ଅପବିତ୍ର ଦ୍ରବ୍ୟ ସମୂହରେ ଯେ ପର୍ଯ୍ୟନ୍ତ ଗନ୍ଧ ଓ ଲୋପ ନ ଯାଏ ସେ ପର୍ଯ୍ୟନ୍ତ ମାଟି ଓ ଜଳ ଦ୍ୱାରା ମାଜି ଶୁଦ୍ଧି କରିବ ।

**ତ୍ରୀଣି ଦେବାଃ ପବିତ୍ରାଣି ବ୍ରାହ୍ମଣାନାମକଳ୍ପୟମ୍ ।**
**ଅଦୃଷ୍ଟମଦ୍‌ଭିର୍ନିର୍ଣ୍ଣିକ୍ତଂ ଯଚ୍ଚ ବାଚା ପ୍ରଶସ୍ୟତେ ।୧୨୭।**

ଦେବତାମାନେ ବ୍ରାହ୍ମଣଙ୍କର ତିନିପଦାର୍ଥ ପବିତ୍ର ବୋଲି କହିଅଛନ୍ତି-୧. ଅଦୃଷ୍ଟ (ଯେ ଦ୍ରବ୍ୟରେ ଉପଘାତ ବା ସଂସ୍ପର୍ଶ ଦୋଷ ଦେଖାଯାଏ ନାହିଁ) ୨. ଜଳ ଦ୍ୱାରା ପ୍ରକ୍ଷାଳତି ଏବଂ ୩. ବ୍ରାହ୍ମଣର ବାକ୍ୟ ଦ୍ୱାରା ପବିତ୍ରୀକୃତ ।

**ଆପଃ ଶୁଦ୍ଧ ଭୂମିଗତା ବୈତୃଷ୍ଣ୍ୟଂ ଯାସୁ ଗୋର୍ଭବେତ୍ ।**
**ଅବ୍ୟାପ୍ତାଶ୍ଚେଦମେଧ୍ୟେନ ଗନ୍ଧବର୍ଣ୍ଣରସାନ୍ୱିତାଃ ।୧୨୮।**

ବିଶୁଦ୍ଧ ଭୂମିଗତ ଓ ଯାହା ପିଇଲେ ଗୋରୁର ତୃଷ୍ଣା ନିବାରିତ ହେବ ଓ ଯହିଁରେ ଅପବିତ୍ର ଦ୍ରବ୍ୟ ଲାଗି ନଥିବ ଓ ଗନ୍ଧ ବର୍ଣ୍ଣର ସଂଯୁକ୍ତ ଥିବା ଏ ରୂପ ଜଳ ଶୁଦ୍ଧ ।

**ନିତ୍ୟଂ ଶୁଦ୍ଧଃ କାରୁହସ୍ତଃ ପଣ୍ୟେ ଯଚ୍ଚ ପ୍ରସାରିତମ୍ ।**
**ବ୍ରହ୍ମଚାରିଗତଂ ଭୈକ୍ଷ୍ୟଂ ନିତ୍ୟ ମେଧ୍ୟମିତି ସ୍ଥିତିଃ ।୧୨୯।**

କାରିଗର ହାତ, ଦୋକାନରେ ଛନ୍ଦା ହୋଇଥିବା ବିକିବା ପଦାର୍ଥ ଏବଂ ବ୍ରହ୍ମଚାରୀର ଭିକ୍ଷା ଏହା ସର୍ବଦା ପବିତ୍ର ବୋଲି ସ୍ଥିର ଜାଣିବ ।

**ନିତ୍ୟମାସ୍ୟଂ ଶୁଚି ସ୍ତ୍ରୀଣାଂ ଶକୁନି ଫଳପାତନେ ।**
**ପ୍ରସ୍ରବେ ଚ ଶୁଚିର୍ବତ୍ସ ଶ୍ୱା ମୃଗ ଗ୍ରହଣେ ଶୁଚି ।୧୩୦।**

ସ୍ତ୍ରୀମାନଙ୍କର ମୁଖ, ପକ୍ଷୀମୁଖରୁ ପତିତ ଫଳ, ଦୁଗ୍‌ଧ ଦୁହିଁବା ସମୟରେ ବାଛୁରୀର ମୁଖ ପବିତ୍ର ଜାଣିବ ।

**ଶ୍ୱଭିର୍ହତସ୍ୟ ଯନ୍ମାସଂ ଶୁଚି ତନ୍ମନୁରବ୍ରବୀତ୍ ।**
**କ୍ରବ୍ୟାଦ୍ଭିଶ୍ଚ ହତସ୍ୟାନ୍ୟୈଶ୍ଚଣ୍ଡାଳାଦ୍ୟୈଶ୍ଚ ଦସ୍ୟୁଭି ।୧୩୧।***

କୁକୁର କର୍ତ୍ତୃକ ହତ ପଶୁ ପକ୍ଷୀର ମାଂସ ଏବଂ ଅନ୍ୟ ବାଘ, ଚିଲ, ଚଣ୍ଡାଳ ବା ଦସ୍ୟୁ କର୍ତ୍ତୃକ ହେବା ହତଜୀବର ମାଂସ ପବିତ୍ର ବୋଲି ମନୁ କହିଅଛନ୍ତି ।

---

* ୧୩୦ ଓ ୧୩୧ ଶ୍ଳୋକ ପ୍ରକ୍ଷିପ୍ତ । ୧୩୧ ଶ୍ଳୋକପରେ ୪ ପୁସ୍ତକରେ ମିଳେ-

ଶୁଚିରଗ୍ନି ଶୁଚିର୍ବାୟ ପ୍ରବୃତ୍ତେ ହି ବହିଶ୍ଚରଃ ।
ଜଳଂ ଶୁଚିର୍ବିବିକ୍ତସ୍ଥଂ ପନ୍ଥାଃ ସଞ୍ଚରଣେ ଶୁଚି ।

ଅଗ୍ନି ଶୁଦ୍ଧ ଅଟେ ବାୟୁ ପଦାରେ ବହୁଥିଲେ ଶୁଚି ଅଟେ; ଏକାନ୍ତ ଦେଶର ଜଳ ଓ ଚାଲିବା ବାଟଶୁଦ୍ଧ ଅଟେ ।

**ଊର୍ଦ୍ଧ୍ୱଂ ନାଭେର୍ଯ୍ୟାନି ଖାନି ତାନି ମେଧାନି ସର୍ବଶଃ ।**
**ଯାନ୍ୟଧସ୍ତନ୍ୟମେଧାନି ଦେହାଚ୍ଚୈବ ମଳାଶ୍ଚ୍ୟୁତାଃ ।୧୩୨।**

ନାଭିର ଉପର ଭାଗରେ ଯେ ସବୁ ଇନ୍ଦ୍ରିୟ ଅଛି ସେ ସବୁ ପବିତ୍ର ଆଉ ଯେ ତଳକୁ ଅଛି ସେ ସବୁ ଅପବିତ୍ର ଏବଂ ଦେହରୁ ବାହାରିବା ମଇଳା ଅପବିତ୍ର ।

**ମକ୍ଷିକା ବିପ୍ରୁଷଶ୍ଛାୟା ଗୌରଶ୍ୱଃ ସୂର୍ଯ୍ୟରଶ୍ମୟଃ ।**
**ରଜୋଭୂର୍ବାୟୁରଗ୍ନିଶ୍ଚ ସ୍ପର୍ଶେ ମେଧ୍ୟାନି ନିର୍ଦ୍ଦିଶେତ୍ ।୧୩୩।**

ମାଛି, ମୁଖନିର୍ଗତ କ୍ଷୁଦ୍ର ଜଳକଣା, ଛାୟା, ଗୋ, ଅଶ୍ୱ, ସୂର୍ଯ୍ୟକିରଣ, ଧୂଳି, ଭୂମି ପବନ ଓ ଅଗ୍ନି ଏ ସବୁର ସ୍ପର୍ଶ ବୋଲି ନିର୍ଦ୍ଦିଷ୍ଟ ହୋଇଅଛି ।

**ବିଣ୍ମୂତ୍ରୋତ୍ସର୍ଗଶୁଦ୍ଧ୍ୟର୍ଥଂ ମୃଦ୍ ବାର୍ଯ୍ୟାଦେୟମର୍ଥବତ୍ ।**
**ଦୈହିକାନାଂ ମଳାନାଞ୍ଚ ଶୁଦ୍ଧିଷୁ ଦ୍ୱାଦଶସ୍ୱପି ।୧୩୪।**

ଦେହର ଯେଉଁ ଛିଦ୍ର ଦ୍ୱାରା ମଳମୂତ୍ର ତ୍ୟାଗ କରାଯାଏ ତାହା ପ୍ରୟୋଜନାନୁସାରେ (ଦୁର୍ଗନ୍ଧ ନିବାରଣାର୍ଥ) ମାଟି ଓ ଜଳଦ୍ୱାରା ଶୁଦ୍ଧ କରିବ ଏବଂ ଦେହରେ ୧୨ ଗୋଟି ମଇଳା ଶୁଦ୍ଧିରେ ସେହିପରି ମାଟି ଓ ଜଳ ଘେନିବ ।

**ବସା ଶୁକ୍ରମସୃଙ୍ ମଜ୍ଜା ମୂତ୍ରବିଡ୍ ଘ୍ରାଣକର୍ଣ୍ଣବିଟ୍ ।**
**ଶ୍ଲେଷ୍ମାଶ୍ରୁ ଦୂଷିକା ସ୍ୱେଦୋ ଦ୍ୱାଦଶୈତେ ନୃଣାଂ ମଳାଃ ।୧୩୫।**

ବସା (ଚର୍ବି), ବୀର୍ଯ୍ୟ, ରକ୍ତ, ମଜ୍ଜ, ମୂତ୍ର, ବିଷ୍ଠା, ନାସାମଳ, କର୍ଣ୍ଣମଳ, କଫଖଙ୍କାର, ଚକ୍ଷୁଜଳ, ଚକ୍ଷୁମଳ, ଝାଳ ଏହି ୧୨ ଗୋଟି ମନୁଷ୍ୟମାନଙ୍କର ମଳ ।

**ଏକା ଲିଙ୍ଗେ ଗୁଦେ ତିସ୍ରସ୍ତଥୈ କତ୍ରକରେ ଦଶଂ ।**
**ଉଭୟୋଃ ସପ୍ତଦାତବ୍ୟା ମୃଦଃ ଶୁଦ୍ଧି ମଭୀପ୍ସତା ।୧୩୬।***

ମାଟିରେ ଶୁଦ୍ଧି ଇଚ୍ଛା କଲେ ଲିଙ୍ଗରେ ଥରେ, ଗୁହରେ ତିନିଥର, ବାମହସ୍ତରେ ଦଶଥର ଓ ଉଭୟ ହାତରେ ସାତ ଥର (ଜଳସହିତ) ମାଟି ଲଗାଇବେ ।

**ଏତଚ୍ଛୌଚଂ ଗୃହସ୍ଥାନାଂ ଦ୍ୱିଗୁଣଂ ବ୍ରହ୍ମଚାରୀଣାମ୍ ।**
**ତ୍ରିଗୁଣଂ ସ୍ୟାଦ୍ୱନସ୍ଥାନାଂ ଯତୀନାନ୍ତୁଚତୁର୍ଗୁଣମ୍ ।୧୩୭।**

ଏ ଶୁଦ୍ଧି ଗୃହସ୍ଥମାନଙ୍କର ବୋଲାଗଲା, ବ୍ରହ୍ମଚାରୀମାନଙ୍କ ପକ୍ଷରେ ଏଥିରେ ଦ୍ୱିଗୁଣ, ବାନପ୍ରସ୍ଥଙ୍କର ତିନିଗୁଣ ଓ ଯତିମାନଙ୍କ ପକ୍ଷରେ ଚତୁର୍ଗୁଣ ଅଟେ ।

**କୃତ୍ୱା ମୂତ୍ରଂ ପୁରୀଷଂ ବା ଖାନ୍ୟଚାନ୍ତ ଉପସ୍ପୃଶେତ୍ ।**
**ବେଦମଧ୍ୟେଷ୍ୟମାଣଶ୍ଚ ଅନ୍ନମଶ୍ନଂଷ୍ଚ ସର୍ବଦା ।୧୩୮।**

ମଳମୂତ୍ର ସାରି ଶୁଦ୍ଧ ହୋଇ ଆଚମନ କରି ଚକ୍ଷୁରାଦି ଜଳଦ୍ୱାରା ସ୍ପର୍ଶ କରିବ । ବେଦ ପଢ଼ିବା ପୂର୍ବେ ତଥା ଭୋଜନ ସମୟରେ ସର୍ବଦା ଆଚମନ କରିବ ।

**ତ୍ରିରାଚାମଦପଃ ପୂର୍ବଂ ଦ୍ୱିଃ ପ୍ରମୃଜ୍ୟାତ୍ତତୋ ମୁଖମ୍ ।**
**ଶାରୀରଂ ଶୌଚମିଚ୍ଛନ୍ ହି ସ୍ତ୍ରୀ ଶୂଦ୍ରୁ ସକୃତ୍ସକୃତ୍ ।୧୩୯।**

ଶରୀର ପବିତ୍ର ରଖିବାର ଇଚ୍ଛାକାରୀ ଭୋଜନ ପରେ ତିନିଥର ଆଚମନ କରି ଦୁଇଥର ମୁହଁ ଧୋଇବ ମାତ୍ର ଶୂଦ୍ର ଥରେ କରିବେ ।

**ଶୂଦ୍ରାଣାଂ ମାସିକଂ କାର୍ଯ୍ୟଂ ବପନଂ ନ୍ୟାୟବର୍ତ୍ତିନାମ୍ ।**
**ବୈଶ୍ୟବଚ୍ଛୌଚକଳ୍ପଶ୍ଚ ଦ୍ୱିଜୋଚ୍ଛିଷ୍ଟଞ୍ଚ ଭୋଜନମ୍ ।୧୪୦।**

---

* ଦୁଇ ପୁସ୍ତକରେ 'ତଥା ବାମକରେ ଦଶଂ ଅଛି ।

ନ୍ୟାୟବର୍ତ୍ତୀ ଶୂଦ୍ରମାନେ ମାସରେ ଥରେ ବାଳ କୁଣ୍ଡାଇବେ ଓ ସୂତିକାଦିରେ ବୈଶ୍ୟପରି ଅଶୌଚ ପାଳିବେ ଓ ବ୍ରାହ୍ମଣଙ୍କର ଉଚ୍ଛିଷ୍ଟ ଭୋଜନ କରିବେ ।

**ନୋଚ୍ଛିଷ୍ଟଂ କୁର୍ବତେ ମୁଖ୍ୟା ବିପ୍ରା ଷୋଽଙ୍ଗେ ପତନ୍ତି ଯାଃ ।**
**ନ ଶ୍ମଶ୍ରୂଣି ଗତାନ୍ୟାସ୍ୟାନ୍ନା ଦନ୍ତାନ୍ତରଧିଷ୍ଠତମ୍ । ୧୪୧ । ⁕**

ମୁହଁରୁ ଯେ ଛେପର ବିନ୍ଦୁ ଦେହରେ ପଡ଼େ ତାହା ଓ ମୁହଁ ଭିତରକୁ ଯିବା ଶ୍ମଶ୍ରୁ ଲୋକ ଓ ଦନ୍ତ ସନ୍ଧିରେ ରହିଯାଇଥିବା ଅନ୍ନ ଉଚ୍ଛିଷ୍ଟ ନୁହେଁ ।

**ସ୍ପୃଶନ୍ତି ବିନ୍ଦବଃ ପାଦୌ ଯ ଆଚାମୟତଃ ପରାନ୍ ।**
**ଭୌମିକୈସ୍ତେ ସମା ଜ୍ଞେୟା ନ ତୈ ରପ୍ରଯତୋ ଭବେତ୍ ।୧୪୨।**

ଅପରକୁ ଆଚମନ ସକାଶେ ଜଳଦେବା ଲୋକର ଗୋଡ଼ରେ ଯେ ଜଳବିନ୍ଦୁ ପଡ଼େ ତାହାକୁ ଭୂମିର ଜଳବିନ୍ଦୁ ପରି ଜାଣିବ । ତାହା ଦ୍ୱାରା ଅଶୁଦ୍ଧି ହୁଏ ନାହିଁ ।

**ଉଚ୍ଛିଷ୍ଟେନ ତୁ ସଂସ୍ପୃଷ୍ଟୋ ଦ୍ରବ୍ୟହସ୍ତଃ କଥଞ୍ଚନ ।**
**ଅନିଧାୟୈବ ତଦ୍ର ବ୍ୟମାଚାନ୍ତଃ ଶୁଚିତାମିୟାତ୍ ।୧୪୩।+**

କୌଣସି ଦ୍ରବ୍ୟ ହାତରେ ଘେନି ଥିବା କାଳରେ ଉଚ୍ଛିଷ୍ଟ ଲୋକକୁ ଛୁଇଁଲେ ସେ ଦ୍ରବ୍ୟ ପୃଥକ୍ ନକରି ଆଚମନ କଲେ ଶୁଦ୍ଧ ହେବ ।

**ବାନ୍ତୋ ବିରିକ୍ତଃ ସ୍ନାତ୍ୱା ତୁ ଘୃତପ୍ରାଶନମାଚରେତ୍ ।**
**ଆଚାମେଦେବ ଭୁକ୍ତ୍ୱାନ୍ନଂ ସ୍ନାନଂ ମୈଥୁନିନଃ ସ୍ମୃତମ୍ ।୧୪୪।⁕**

ଅନେକଥର ଭେଦ ବା ବମନ ହେଲେ ସ୍ନାନ କରି (ଅଳ୍ପ) ଘିଅ ଖାଇବ ଆଉ ଖାଇସାରି ବମନ କଲେ ଆଚମନ କରିବ ଏବଂ ମୈଥୁନ ସାରି ସ୍ନାନ କରିବ ।

---

⁕ ଏହା ପରେ ଏକ ପୁସ୍ତକରେ ଦୁଇ ଶ୍ଳୋକ ମିଳେ-

ଅଜାଶ୍ୱ ମୁଖତୋ ମେଧ୍ୟଂ ଗାବୋ ମେଧ୍ୟାଶ୍ଚ ପୃଷ୍ଠତଃ ।
ବ୍ରାହ୍ମଣାଃ ପାଦତୋ ମେଧ୍ୟାଃ ସ୍ତ୍ରୀୟୋମେଧ୍ୟାଶ୍ଚ ସର୍ବତଃ ।।
ଗୌରମେଧ୍ୟା ମୁଖେ ପ୍ରୋକ୍ତା ଅଜା ମେଧ୍ୟା ତତଃ ସ୍ମୃତା ।
ଗୋଃ ପୁରୀଷଞ୍ଚ ମୂତ୍ରଞ୍ଚ ମେଧମିତ୍ୟବ୍ରବୀନ୍ମନୁଃ ।।

ଛେଳି ଓ ଘୋଡ଼ା ମୁହଁରେ ପବିତ୍ର ଗୋରୁର ମୁହଁ ଅପବିତ୍ର ମାତ୍ର ଛେଳିର ମୁହଁ ପବିତ୍ର ଏବଂ ଗୋବର ଓ ଗୋମୂତ୍ର ପବିତ୍ର ବୋଲି ମନୁ କହିଅଛନ୍ତି ।

+ ଏଥିପରେ ଏକ ପୁସ୍ତକରେ ମିଳେ-

ଦନ୍ତବହନ୍ତଲଗ୍ନେଷୁ ଜିହ୍ୱାସ୍ପର୍ଶଷୁ ଚେନ୍ନତୁ ।
ପରିଚ୍ୟୁତେଷୁ ତତ୍ସ୍ଥାନାନି ଗିରନ୍ନେବ ତଚ୍ଛୁଚି ।

ଦାନ୍ତସନ୍ଧିର ଅନ୍ନ ଦାନ୍ତ ପରି ପବିତ୍ର ଯେବେ ଜିଭରେ ଲାଗି ନଥାଏ ଓ ସେ ଅନ୍ନ ଦାନ୍ତରୁ ବାହାରିଗଲେ ଶୁଦ୍ଧ ।

⁕ ଏହାପରେ ଚାରି ପୁସ୍ତକରେ ମିଳେ-

*ଅନୃତୌ ତୁ ମୃଦା ଶୌଚଂ କାର୍ଯ୍ୟଂ ମୂତ୍ରପୁରୀଷବତ୍ ।*
ଋତୌ ତୁ ଗର୍ଭଶଙ୍କିତ୍ୱାତ୍ ସ୍ନାନଂ ମୈଥୁନିନଃ ସ୍ମୃତମ୍ ।

ଋତୁ ଭିନ୍ନ ସମୟରେ ମୈଥୁନ୍ କଲେ ମଳମୂତ୍ର ସାରିଲାପରି ମାଟିରେ ଶୌଚ କରିବ; ମାତ୍ର ଋତୁକାଳରେ ଗର୍ଭଶଙ୍କା କରି ମୈଥୁନ କଲେ ସ୍ନାନ କରିବା ବୋଲାଯାଇଅଛି ।

**ସୁପ୍ତ୍ୱାକ୍ଷୁତ୍ୱା ଚ ଭୁକ୍ତ୍ୱା ଚ ନିଷ୍ଠୀବ୍ୟୋକ୍ତ୍ୱାନୃତାନି ଚ ।**
**ପୀତ୍ୱାପୋଽଧ୍ୟେଶଷ୍ୟମାଣଶ୍ଚ ଆଚାମେତ୍ ପ୍ରୟତୋଽପି ସନ୍ ।୧୪୫।**

ଶୋଇ ସାରି, ଛିଙ୍କ, ଭୋଜନ କରି, ଥୁକପକାଇ, ମିଥ୍ୟାକହି ଓ ପାଣି ପିଇ ଓ ପଢ଼ିବା ଆଗେ ଶୁଦ୍ଧ ଥିଲେ ଆଚମନ କରିବ ।

**ଏଷ ଶୌଚବିଧିଃ କୃତ୍ସ୍ନୋଦ୍ରବ୍ୟଶୁଦ୍ଧସ୍ତଥୈବଚ ।**
**ଉକ୍ତୋ ବଃ ସର୍ବବର୍ଣ୍ଣାନଂ ସ୍ତ୍ରୀଣାଂ ଧର୍ମାନ୍ନିବୋଧତ ।୧୪୬।**

ଏହି ସମଗ୍ର ବର୍ଣ୍ଣମାନଙ୍କର ଶୌଚବିଧି ତଥା ଦ୍ରବ୍ୟଶୁଦ୍ଧି ତୁମ୍ଭମାନଙ୍କୁ ବୋଲାଗଲା, ଏବେ ସ୍ତ୍ରୀମାନଙ୍କର ଧର୍ମ ଶୁଣ ।

**ବାଳୟା ବା ଯୁବତ୍ୟା ବା ବୃଦ୍ଧୟା ବାପି ଯୋଷିତା ।**
**ନ ସ୍ୱତନ୍ତ୍ର୍ୟେଣ କର୍ତ୍ତବ୍ୟଂ କିଞ୍ଚିତ୍କାର୍ଯ୍ୟଂ ଗୃହେଷ୍ୱପି ।୧୪୭।**

ସ୍ତ୍ରୀ ପିଲା ହେଉ ଯୁବତୀ ହେଉ ବା ବୃଦ୍ଧା ହେଉ ଘରର କୌଣସି କାର୍ଯ୍ୟ ସ୍ୱତନ୍ତ୍ର ଭାବରେ କରିବ ନାହିଁ ।

**ବାଲ୍ୟେ ପିତୃ ବଂଶେ ତିଷ୍ଠେତ୍ ପାଣିଗ୍ରାହସ୍ୟ ଯୌବନେ ।**
**ପୁତ୍ରାଣାଂ ଭର୍ତ୍ତରି ପ୍ରେତେ ନ ଭଜେତ୍ ସ୍ତ୍ରୀ ସ୍ୱତନ୍ତ୍ରତାଂ ।୧୪୮। ❋**

ବାଲ୍ୟାବସ୍ଥାରେ ପିତାର, ଯୌବନରେ ପତିର ଏବଂ ସ୍ୱାମୀର ମୃତ୍ୟୁ ଉତ୍ତାରୁ ପୁତ୍ରର ଅଧୀନ ରହିବ- ସ୍ତ୍ରୀଲୋକ କେବେହେଁ ସ୍ୱତନ୍ତ୍ରତା ଅବଲମ୍ବନ କରିବ ନାହିଁ ।

**ପିତା ଭର୍ତ୍ତା ସୁତୈର୍ବାପି ନେଚ୍ଛେଦ୍ ବିରହମାତ୍ମନଃ ।**
**ଏଷାଂହି ବିରହେଣ ସ୍ତ୍ରୀ ଗର୍ହ୍ୟେ କୁର୍ଯ୍ୟାଦୁଭେ କୁଳେ । ୧୪୯।**

ପିତା ଭର୍ତ୍ତା ବା ପୁତ୍ରଠାରୁ କେବେ ହେଁ ଅଲଗା ରହିବାକୁ ଇଚ୍ଛା କରିବ ନାହିଁ; କାରଣ ଏମାନଙ୍କଠାରୁ ପୃଥକ୍ ରହିଲେ ସ୍ତ୍ରୀ ଦୁଇକୁଳ (ପିତୃକୁଳ ଓ ସ୍ୱାମୀ କୁଳକୁ) ନିନ୍ଦିତ କରାଏ ।

**ସଦା ପ୍ରହୃଷ୍ଟୟା ଭାବ୍ୟଂ ଗୃହକାର୍ଯ୍ୟେଷୁ ଦକ୍ଷୟା ।**
**ସୁସଂସ୍କୃତୋପସ୍କରୟା ବ୍ୟୟେ ଚାମୁକ୍ତ ହସ୍ତୟା ।୧୫୦।**

ସର୍ବଦା ପ୍ରସନ୍ନ ଚିତ୍ତରେ ରହିବ, ଘରର କାର୍ଯ୍ୟସବୁ ଦକ୍ଷଭାବରେ କରିବ, ଗୃହସାମଗ୍ରୀ ସବୁ ପରିଷ୍କାର ପରିଚ୍ଛନ୍ନ ରଖିବ ଏବଂ ଖର୍ଚ୍ଚରେ ହାତକୁ ସଙ୍କୋଚ କରିବ ।

**ଯସ୍ମୈ ଦଦ୍ୟାତ୍ପିତା ତ୍ୱେନାଂ ଭ୍ରାତା ବାନୁମତେ ପିତୁଃ ।**
**ତଂ ଶୁଶ୍ରୂଷେତ ଜୀବନ୍ତ ସଂସ୍ଥିତଞ୍ଚ ନ ଲଙ୍ଘୟେତ୍ ।୧୫୧।**

ପିତା ବା ପିତାର ଅନୁମତି ଘେନି ଭାଇ ଯେଉଁ (ସ୍ୱୟଂବୃତ) ପତିକୁ ଦେବେ ତାହାକୁ ସ୍ତ୍ରୀ ଜୀବିତ ଥିବା ପର୍ଯ୍ୟନ୍ତ ସେବା କରିବ ଏବଂ ମଲା ଉତ୍ତାରୁ ବ୍ୟଭିଚାର ନ କରିବ ।

**ମଙ୍ଗଳାର୍ଥଂ ସ୍ୱସ୍ତ୍ୟୟନଂ ଯଜ୍ଞଶ୍ଚାସାଂ ପ୍ରଜାପତେଃ ।**
**ପ୍ରଯୁଜ୍ୟତେ ବିବାହେଷୁ ପ୍ରଦାନଂ ସ୍ୱାମ୍ୟକାରଣମ୍ ।୧୫୨।**

ଏମାନଙ୍କ ବିବାହରେ ମଙ୍ଗଳ କାମନାରେ ସ୍ୱସ୍ତ୍ୟୟନ ଓ ପ୍ରାଜାପତ୍ୟ ହୋମହୁଏ । ଆଉ କନ୍ୟାଦାନ (ପତିତ) ସ୍ୱାମୀ ହେବାର କାରଣ ଅଟେ ।

---

❋ କୌଣସି ୨ ପାଠରେ 'ରକ୍ଷନ୍ତି' ଅଛି ।

**ଅନୃତାବୃତୁକାଳେ ଚ ମନ୍ତ୍ର ସଂସ୍କାରକୃତ୍ ପତିଃ ।**
**ସୁଖସ୍ୟ ନିତ୍ୟଂ ଦାତେହ ପରଲୋକେ ଚ ଯୋଷିତଃ ।୧୫୩।**

ମନ୍ତ୍ର ସଂସ୍କାରକୃତ ପତି ଋତୁ ବା ଅନୃତୁ କାଳରେ ସର୍ବଦା ସ୍ତ୍ରୀଲୋକର ଇହକାଳ ଓ ପରକାଳର ସୁଖଦାତା ଅଟନ୍ତି ।

**ବିଶୀଳଃ କାବୃମତ୍ତୋ ବା ଗୁଣୈର୍ବା ପରିବର୍ଜିତଃ ।**
**ଉପଚର୍ଯ୍ୟଃ ସ୍ତ୍ରୀୟା ସ୍ୱାଧ୍ୱ୍ୟା ସତତଂ ଦେବବତ୍ପତିଃ ।୧୫୪। ❊**

ପତି ଶୀଳରହିତ କାମୀ ଅଥବା ବିଦ୍ୟାଦିଗୁଣବର୍ଜିତ ହେଲେ ସୁଦ୍ଧା ସତତ ସାଧ୍ୱୀ ସ୍ତ୍ରୀର ଦେବବତ୍ ଆରାଧନା ଯୋଗ୍ୟ ଅଟେ ।

**ନାସ୍ତି ସ୍ତ୍ରୀଣାଂ ପୃଥଗ୍ୟଜ୍ଞୋ ନ ବ୍ରତଂ ନାପ୍ୟୁପୋଷିତମ୍ ।**
**ପତି ଶୁଶ୍ରୂଷତେ ଯେନ ତେନ ସ୍ୱର୍ଗେ ମହୀୟତେ ।୧୫୫। ❊**

ସ୍ତ୍ରୀମାନଙ୍କର ପୃଥକ୍ ଯଜ୍ଞ, ବ୍ରତ ଏବଂ ଉପବାସ ନାହିଁ, ଯେ ପତିସେବା କରେ ସେ ତଦ୍ୱାରା ସ୍ୱର୍ଗରେ ପୂଜ୍ୟା ହୁଏ ।

**ପାଣିଗ୍ରାହସ୍ୟ ସାଧ୍ୱୀ ସ୍ତ୍ରୀ ଜୀବତୋ ବା ମୃତସ୍ୟ ବା ।**
**ପତିଲୋକମଭୀପ୍ସନ୍ତି ନାଚରେତ୍କିଞ୍ଚିଦପ୍ରିୟମ୍ ।୧୫୬।**

ପତିଲୋକାଭିଳାଷିଣୀ ସାଧ୍ୱୀ ସ୍ତ୍ରୀ ଜୀବିତ ଥିଲେ ବା ମୃତ ହେଲେ ତାହାର କୌଣସି ଅପ୍ରିୟ ଆଚରଣ କରିବ ନାହିଁ ।

**କାମଂ ତୁ କ୍ଷପୟେଦ୍ଦେହଂ ପୁଷ୍ପମୂଳ ଫଳୈ ଶୁଭୈଃ ।**
**ନ ତୁ ନାମାପି ଗୃହ୍ଣୀୟାତ୍ପତ୍ୟୌ ପ୍ରେତେ ପରସ୍ୟ ତୁ ।୧୫୭।**

ବରଂ ପବିତ୍ର ପୁଷ୍ପ ମୂଳ ଫଳ ଦ୍ୱାରା ଦେହକୁ କ୍ଷୀଣ କରିବ ତଥାପି ସ୍ୱାମୀ ମୃତ୍ୟୁ ପରେ କଦାପି (ବ୍ୟଭିଚାର ଇଚ୍ଛାରେ) ପର ପୁରୁଷର ନାମ ସୁଦ୍ଧା ଘେନିବ ନାହିଁ ।

**ଆସୀତା ମରଣାତ୍କ୍ଷାନ୍ତା ନିୟତା ବ୍ରହ୍ମଚାରିଣୀ ।**
**ଯୋ ଧର୍ମ ଏକପତ୍ନୀନାଂ କାଙ୍କ୍ଷନ୍ତୀ ତମନୁତ୍ତମମ୍ ।୧୫୮।**

ମରଣ ପର୍ଯ୍ୟନ୍ତ କ୍ଷମାଯୁକ୍ତା ଜିତେନ୍ଦ୍ରିୟା ବ୍ରହ୍ମଚାରିଣୀ ହୋଇ ପବିତ୍ରତା ସ୍ତ୍ରୀମାନଙ୍କର ଶ୍ରେଷ୍ଠ ଧର୍ମର ଆକାଙ୍କ୍ଷା କରି ରହିବ ।

---

❊ ଏହାପରେ ୩ ପୁସ୍ତକରେ ମିଳେ-

ଦାନ ପ୍ରଭୃତି ଯାତୁ ସ୍ୟାଦ୍ ଯାବଦାୟୁଃ ପତିବ୍ରତା ।
ଭର୍ତ୍ତୃଲୋକଂ ନ ତଜ୍ୟତି ଯଥୈବାରୁନ୍ଧତୀ ତଥା ।

କନ୍ୟାଦାନ ସମୟରୁ ଯାବଜ୍ଜୀବନ ଯେ ସ୍ତ୍ରୀ ପବିତ୍ରତା ହୁଏ ସେ ଅରୁନ୍ଧତୀ ନକ୍ଷତ୍ର ପରି ଭର୍ତ୍ତୃଲୋକକୁ ତ୍ୟାଗ କରେ ନାହିଁ ।

❊ ଏହାପରେ ୩ ପୁସ୍ତକରେ ମିଳେ-

ପତ୍ୟୌ ଜୀବିତ ଯା ତୁ ସ୍ତ୍ରୀ ଉପବାସଂ ବ୍ରତଂ ଚରେତ୍ ।
ଆୟୁଷ୍ୟଂ ବାଧତେ ଭର୍ତ୍ତୁର୍ନିରକଂ ଚୈବ ଗଚ୍ଛତି ।

ପତିର ଜୀବନ କାଳରେ ଯେ ସ୍ତ୍ରୀ ଉପବାସ ବ୍ରତ କରେ ସେ ପତିର ଆୟୁର ବାଧା ପହୁଞ୍ଚାଇ ନିଶ୍ଚୟ ନରକକୁ ଯାଏ ।

**ଅନେକାନି ସହସ୍ରାଣି କୁମାରବ୍ରହ୍ମଚାରିଣାମ୍ ।**
**ଦିବଂ ଗତାନି ବିପ୍ରାଣାମକୃତ୍ୱା କୁଳସନ୍ତତିମ୍ ।୧୫୯।**

ବହୁ ସହସ୍ର କୌମାର ବ୍ରହ୍ମଚାରୀ ବ୍ରାହ୍ମଣ ସନ୍ତାନ କୁଳ ବୃଦ୍ଧି ସକାଶେ ଉତ୍ପାଦନ ନ କରି ସ୍ୱର୍ଗକୁ ଯାଇଅଛନ୍ତି ।

**ମୃତେ ଭର୍ତ୍ତରି ସାଧ୍ୱୀ ସ୍ତ୍ରୀ ବ୍ରହ୍ମଚର୍ଯ୍ୟେ ବ୍ୟବସ୍ଥିତା ।**
**ସ୍ୱର୍ଗଂ ଗଚ୍ଛତ୍ୟପୁତ୍ରାପି ଯଥା ତେ ବ୍ରହ୍ମଚାରିଣଃ ।୧୬୦।**

ସେହି ବ୍ରାହ୍ମଣମାନଙ୍କ ପରି ସାଧ୍ୱୀ ସ୍ତ୍ରୀ ପତିର ମୃତ୍ୟୁ ଉତ୍ତାରୁ ବ୍ରହ୍ମଚର୍ଯ୍ୟରେ ଥାଇ ଅପୁତ୍ରୀ ହେଲେ ସୁଦ୍ଧା ସ୍ୱର୍ଗକୁ ଯାଏ ।

**ଅପତ୍ୟଲୋଭେଦ୍ ଯା ତୁ ସ୍ତ୍ରୀ ଭର୍ତ୍ତାରମତିବର୍ତ୍ତତେ ।**
**ସ୍ନେହ ନିନ୍ଦାମବାପ୍ନୋତି ପ୍ରତିଲୋକାଚ୍ଚ ହୀୟତେ ।୧୬୧**

ସନ୍ତାନ ହେବା ଲୋଭରେ ଯେଉଁ ସ୍ତ୍ରୀ ସ୍ୱାମୀକୁ ଅତିବର୍ତ୍ତନକରି ବ୍ୟଭିଚାରିଣୀ ହୁଏ ସେ ଇହଲୋକରେ ନିନ୍ଦା ପାଏ ଓ ଇହକାଳରେ ପତିଲୋକରୁ ବଞ୍ଚିତ ହୁଏ ।

**ନାନ୍ୟୋତ୍ପନ୍ନା ପ୍ରଜାସ୍ତୀହ ନ ଚାପ୍ୟନ୍ୟପରିଗ୍ରହେ ।**
**ନ ଦ୍ୱିତୀୟଶ୍ଚ ସାଧ୍ୱୀନାଂ କ୍ୱଚିଭର୍ତ୍ତୋପଦିଶ୍ୟତେ ।୧୬୨।**

ଅନ୍ୟ ପୁରୁଷ ଦ୍ୱାରା ଜାତ ସନ୍ତାନ ଅଥବା ଅନ୍ୟ ସ୍ତ୍ରୀ ପରିଗ୍ରହଣରୁ ଜାତ ସନ୍ତାନ ଶାସ୍ତ୍ରମତେ ତାହାର ନୁହେଁ, ସ୍ତ୍ରୀମାନଙ୍କର ଦ୍ୱିତୀୟ ଭର୍ତ୍ତାର ଉପଦେଶ କୌଣସିଠାରେ ଦିଆଯାଇ ନାହିଁ ।

**ପତିଂ ହିତ୍ୱାପକୃଷ୍ଟଂ ସ୍ୱମୁତ୍କୃଷ୍ଟଂ ଯା ନିଷେବତେ ।**
**ନିନ୍ଦ୍ୟୈ ବା ସା ଭବେଲ୍ଲୋକେ ପରପୂର୍ବେତି ଚୋଚ୍ୟତେ ।୧୬୩।**

ନିଜର ଅପକୃଷ୍ଟ ପତିକୁ ଛାଡ଼ି ସ୍ତ୍ରୀ ନିଜ ମତର ଉତ୍କୃଷ୍ଟ ପୁରୁଷର ସେବା କରେ, ସେ ସଂସାରରେ ନିନ୍ଦାଭାଗିନୀ ହୁଏ ଓ ପରପୂର୍ବା ବୋଲାଏ ।

**ବ୍ୟଭିଚାରାତ୍ତୁଭର୍ତ୍ତୃଃ ସ୍ତ୍ରୀ ଲୋକେ ପ୍ରାପ୍ନୋତି ନିନ୍ଦ୍ୟତାମ୍ ।୧୬୪।**

ପରପୁରୁଷ ଉପଭୋଗ ଦ୍ୱାରା ସ୍ତ୍ରୀଲୋକ ସଂସାରରେ ନିନ୍ଦନୀୟା ହୁଏ ଓ ଶୃଗାଳଯୋନି ପ୍ରାପ୍ତ ନାନାପ୍ରକାର ପାପ (କୁଷ୍ଠାଦି) ରୋଗରେ ପୀଡ଼ିତ ହୋଇ କଷ୍ଟ ଭୋଗ କରେ ।

**ପତିଂ ଯା ନାଭିଚରତି ମନୋବାଗ୍ ଦେହସଂଯତା ।**
**ସା ଭର୍ତ୍ତୃଲୋକମାପ୍ନୋତି ସଦ୍ଭିଃସାଧ୍ୱୀତି ରୋଚ୍ୟତେ ।୧୬୫।**

ଯେ ସ୍ତ୍ରୀଲୋକ କାୟ ମନୋବାକ୍ୟରେ ସଂଯତ ହୋଇ ପତିକୁ ଅତିକ୍ରମ ନ କରେ ସେ ପତିଲୋକ ପ୍ରାପ୍ତ ହୁଏ (ଅର୍ଥାତ୍ ମୃତ୍ୟୁ ପରେ ସ୍ତ୍ରୀ ହୋଇ ଜନ୍ମ ହେଲେ ସ୍ୱାମୀ ପାଏ) ଓ ସାଧୁମାନଙ୍କ କର୍ତ୍ତୃକସାଧ୍ୱୀ ବୋଲାଯାଏ ।

**ଅନେନ ନାରୀବୃତ୍ତେନ ମନୋବାଗ୍ ଦେହସଂଯତା ।**
**ଇହାଗ୍ର୍ୟାଂ କୀର୍ତ୍ତିମାପ୍ନୋତି ପତିଲୋକଂ ପରତ୍ର ଚ ।୧୬୬।**

ଏହି ନାରୀ ଧର୍ମ ଦ୍ୱାରା କାୟମନୋବାକ୍ୟରେ ସଂଯମୀ ସ୍ତ୍ରୀ ଲୋକ ଇହଲୋକରେ ଶ୍ରେଷ୍ଠ କୀର୍ତ୍ତି ଏବଂ ପରଲୋକରେ ପତିଲୋକ ପ୍ରାପ୍ତ ହୁଏ ।

**ଏବଂ ବୃତ୍ତାଂ ସବର୍ଣ୍ଣାଂ ସ୍ତ୍ରୀଂ ଦ୍ୱିଜାତିଃ ପୂର୍ବମାରିଣୀଷ୍ ।**
**ଦାହୟେଦଗ୍ନି ହୋତ୍ରେଣ ଯଜ୍ଞପାତ୍ରୈଶ୍ଚ ଧର୍ମବିଦ୍ ।୧୬୭।**

ଏଭଳି ସବର୍ଣ୍ଣା ସ୍ତ୍ରୀ ପତି ଆଗରୁ ମରିଗଲେ ଧର୍ମଜ୍ଞ ଦ୍ୱିଜ ତାହାକୁ ସୁଦ୍ଧାଗ୍ନି ହିଁ ଯଜ୍ଞପାତ୍ର ଦ୍ୱାରା ଦାହ କରିବ ।

**ଭାର୍ଯ୍ୟାୟୈ ପୂର୍ବମାରିଣ୍ୟୈ ଦତ୍ତ୍ୱାଗ୍ନୀ ନନ୍ତ୍ୟକର୍ମଣି ।**
**ପୁନର୍ଦ୍ଦାରକ୍ରିୟାଂ କୁର୍ଯ୍ୟାତ୍ପୁନରାଧାନମେବଚ ।୧୬୮।**

ଭାର୍ଯ୍ୟା ଆଗେ ମରିଗଲେ ଦାହ ଓ ଅନ୍ତ୍ୟେଷ୍ଟିକ୍ରିୟା କରି ଗୃହସ୍ଥାଶ୍ରମ ସକାଶେ ପୁଣି ବିବାହ କରିବ ଓ ଅଗ୍ନ୍ୟାଧାନ କରିବ ।

**ଅନେନ ବିଧିନା ନିତ୍ୟଂ ପଞ୍ଚ ଯଜ୍ଞାନ୍ନ ହାପୟେତ ।**
**ଦ୍ୱିତୀୟମାୟୁଷୋ ଭାଗଂ କୃତଦାରୋ ଗୃହେ ବସେତ୍ ।୧୬୯।**

ଏହି ବିଧିରେ ନିତ୍ୟ ପଞ୍ଚଯଜ୍ଞ ନ ଛାଡ଼ି ଆୟୁର ଦ୍ୱିତୀୟଭାଗ ଦାରପରିଗ୍ରହ କରି ଗୃହସ୍ଥାଶ୍ରମରେ ବାସ କରିବ ।

**ପଞ୍ଚମ ଅଧ୍ୟାୟ ସମାପ୍ତଃ**

—o—

# ଷଷ୍ଠୋଽଧ୍ୟାୟ

**ଏବଂ ଗୃହାଶ୍ରମେ ସ୍ଥିତ୍ୱା ବିଧିବସ୍ନାତକୋ ଦ୍ୱିଜଃ ।**
**ବନେ ବସେତ୍ତ ନିୟତୋ ଯଥାବଦ୍ ବିଜିତେନ୍ଦ୍ରିୟଃ ।୧।***

(ସମାବର୍ତ୍ତନ ପରେ ସ୍ନାତକ ଦ୍ୱିଜ ଏହିପରି ଯଥାବିଧି ଗୃହସ୍ଥାଶ୍ରମରେ ରହି ନିୟମ ପୂର୍ବକ ଜିତେନ୍ଦ୍ରିୟ ହୋଇ ବନରେ ବାସ କରିବ (ଅର୍ଥାତ୍ ବାନପ୍ରସ୍ଥାଶ୍ରମ ସ୍ୱୀକାର କରିବ ।

**ଗୃହସ୍ଥସ୍ତୁ ଯଦା ପଶ୍ୟେଦ୍ ବଲୀପଳିତ ମାତ୍ମନଃ ।**
**ଅପତ୍ୟସ୍ୟୈବ ଚାପତ୍ୟ ତଦାରଣ୍ୟଂ ସମାଶ୍ରୟେତ୍ ।୨।**

ଗୃହସ୍ଥ ଯେତେବେଳେ ଆପଣା ଦେହରେ ଚର୍ମ ଶିଥିଳ ଓ ବାଳ ପାଚିଯିବା ଏବଂ ସନ୍ତାନର ସନ୍ତାନ ହେବା ଦେଖିବ ତେତେବେଳେ ବନକୁ ଆଶ୍ରୟ କରିବ ।

**ସନ୍ତ୍ୟଜ୍ୟ ଗ୍ରାମ୍ୟମାହାରଂ ସର୍ବଞ୍ଚୈବ ପରିଚ୍ଛଦମ୍ ।**
**ପୁତ୍ରେଷୁ ଭାର୍ଯ୍ୟାଂ ନିକ୍ଷିପ୍ୟ ବନଂ ଗଚ୍ଛେତ୍ ସହୈବ ବା ।୩।**

ଗ୍ରାମ୍ୟ ଆହାର ଡାଲି ଚାଉଳ ଇତ୍ୟାଦି) ଛାଡ଼ି ଗବାଶ୍ୱଶଯ୍ୟାସନାଦି ପରିତ୍ୟାଗ କରି ଭାର୍ଯ୍ୟାକୁ ପୁତ୍ରମାନଙ୍କୁ ଦେଇ ଅଥବା ସଙ୍ଗେ ଘେନି ବନକୁ ଯିବ ।

* ଏହାପରେ ଏକ ପୁସ୍ତକ ଓ ରାମଚନ୍ଦ୍ରଙ୍କ ଟୀକାରେ ମିଳେ-

ଅତଃପରଂ ପ୍ରବକ୍ଷ୍ୟାମି ଧର୍ମ ବୈଖାନସାଶ୍ରମମ୍ ।

ବନ୍ୟମୂଳ ଫଳାନାଞ୍ଚ ବିଧିଂ ଗ୍ରହଣମୋକ୍ଷଣେ

ଏଥିଉତ୍ତାରୁ ବାନପ୍ରସ୍ଥାଶ୍ରମିର ଧର୍ମ ଏବଂ ବନର ମୂଳ ଓ ଫଳ ନେବା ଓ କରିବାର ବିଧି କହିବୁ ।

**ଅଗ୍ନିହୋତ୍ରଂ ସମାଦାୟ ଗୃହାଞ୍ଚାଗ୍ନି ପରିଚ୍ଛଦମ୍ ।**
**ଗ୍ରାମାଦରଣ୍ୟଂ ନିଃସୃତ୍ୟ ନିବସେନ୍ନିୟତେନ୍ଦ୍ରିୟଃ ।୪।**

ଅଗ୍ନିହୋତ୍ର ଓ ତହିଁର ପାତ୍ର ସ୍ରୁବ ଇତ୍ୟାଦି ଗ୍ରହଣ କରି ଗ୍ରାମରୁ ଅରଣ୍ୟକୁ ବାହାରିଯାଇ ଜିତେନ୍ଦ୍ରିୟ ହୋଇ ବନରେ ରହିବ ।

**ମୁନ୍ୟନ୍ନୈର୍ବିବିଧୈର୍ମେଧ୍ୟୈଃ ଶାକମୂଳ ଫଳେନ ବା ।**
**ଏତାନେବ ମହାଯଜ୍ଞାନ୍ନିର୍ବପେଦ୍ ବିଧିପୂର୍ବକମ୍ ।୫।**

ନାନା ପ୍ରକାର ମୁନିମାନଙ୍କର (ନୀବାରାଦି) ପବିତ୍ର ଅନ୍ନ ବା ଶାକ ମୂଳ ଫଳ ଦ୍ୱାରା ବିଧିପୂର୍ବକ ମହାଯଜ୍ଞର ଅନୁଷ୍ଠାନ କରିବ ।

**ବସୀତ ଚର୍ମ ଚିରଂ ବା ସାୟଂ ସ୍ନାୟାଦ୍ ପ୍ରଗେ ତଥା ।**
**ଜଟାଶ୍ଚ ବିଭୃୟାନ୍ନି ତ୍ୟଂ ଶ୍ମଶ୍ରୁ ଲୋମନଖାନ ଚ ।୬।**

ମୃଗାଦିର ବା ତୃଣବଲ୍କାଦିର ବସ୍ତ୍ର ଖଣ୍ଡେ ପିନ୍ଧିବ, ସାୟଂ ତଥା ପ୍ରାତଃକାଳରେ ସ୍ନାନ କରିବ ଏବଂ ନିତ୍ୟ ଜଟା, ଶ୍ମଶ୍ରୁ ଲୋମ ଓ ନଖ ଧାରଣ କରିବ ।

**ଯଭକ୍ଷ୍ୟଂ ସ୍ୟାତ୍ତତୋ ଦଦ୍ୟାଦ୍ ବଳି ଭିକ୍ଷାଞ୍ଚ ଶକ୍ତିତଃ ।**
**ଅମ୍ବୁଲଫଳଭିକ୍ଷାରର୍ଚ୍ଚୟେଦାଶ୍ରମାଗତାନ୍ ।୭।**

ଯାହା ଖାଇବାକୁ ଥିବ ତହିଁ ଯଥାଶକ୍ତି ବଳି କରିବ ଓ ଭିକ୍ଷାଦେବ ଏବଂ ଆଶ୍ରମାଗତ ଅତିଥିକୁ ଜଳ ମୂଳ ଫଳ ଭିକ୍ଷାଦ୍ୱାରା ସତ୍କାର କରିବ ।

**ସ୍ୱାଧ୍ୟାୟେ ନିତ୍ୟଯୁକ୍ତଃ ସ୍ୟାଦ୍ଦାନ୍ତୋମୈତ୍ରଃ ସମାହିତଃ ।**
**ଦାତା ନିତ୍ୟମନାଦାତା ସର୍ବଭୂତାନୁ କମ୍ପକଃ ।୮।**

ପ୍ରତିଦିନ ବେଦାଧ୍ୟୟନରେ ରତ ହେବ, ଶୀତତପାଦି ଦ୍ୱନ୍ଦସହନଶୀଳ ଦେହ ସର୍ବଦା ଦାତାହେବ ଓ ସଂଯତମନା ହେବ (କାହାରିଠାରୁ କିଛି ନେବ ନାହିଁ) ଓ ସକଳ ଜୀବକୁ ଦୟା କରିବ ।

**ବୈତାନିକଞ୍ଚଜୁହୁୟାଦଗ୍ନି ହୋତ୍ରଂ ଯଥାବିଧି ।**
**ଦଶମସ୍କନ୍ଦୟନ୍ ପର୍ବ ପୌର୍ଣ୍ଣମାସଞ୍ଚଯୋ ଗତଃ ।୯।**

ବୈତାନିକ (ଗାର୍ହପତ୍ୟ, ଆହବନୀୟ ଓ ଦକ୍ଷିଣାଗ୍ନି ଏହି ତ୍ରେତାଗ୍ନିର ସଂଯୋଗ ଜନିତ) ଅଗ୍ନିହୋତ୍ର ହୋମ କରିବ ଏବଂ ସମୟାନୁସାରେ ଦଶ ଓ ପୌର୍ଣ୍ଣମାସଯାଗ ଛାଡ଼ିବ ।

**ଋକ୍ଷେଷ୍ଟ୍ୟାଗ୍ରୟଣଞ୍ଚୈବ ଚାତୁର୍ମାସ୍ୟାନି ଚାହରେତ୍ ।**
**ତୁରାୟଣଞ୍ଚ କ୍ରମଶୋ ଦାକ୍ଷ୍ୟସ୍ୟାୟାନ ମେବ ଚ ।୧୦।**

ନକ୍ଷତ୍ରଯୋଗ, ନବାନ୍ନ, ଚତୁର୍ମାସ୍ୟା, ଉତ୍ତରାୟଣ ଓ ଦକ୍ଷିଣାୟନ ଯାଗ ଯଥାବିଧି ସମ୍ପନ୍ନ କରିବ ।

**ବାସନ୍ତଶାରଦୈର୍ମଧ୍ୟୈର୍ମୁନ୍ୟନ୍ନୈଃ ସ୍ୱୟମାହୃତୈଃ ।**
**ପୁରୋଡ଼ାଶାଶ୍ଚ ରୁଂଶ୍ଚୈ ବ ବିଧିବନ୍ନିର୍ବପେତ୍ପୃଥକ୍ ।୧୧।**

ବସନ୍ତ ଓ ଶରତ୍କାଳୋଦ୍ଭୁତ ପବିତ୍ର ମୁନିଜନସେବିତ ଶସ୍ୟାନ୍ନ ସବୁ ସ୍ୱୟଂ ଆହରଣପୂର୍ବକ ତହିଁରେ ପୁରୋଡ଼ାଶ ଓ ଚରୁ ପ୍ରସ୍ତୁତ କରି ଯଥାବିଧି ପୃଥକ୍ ୨ ଯାଗ ସମ୍ପାଦନ କରିବ ।

**ଦେବତାଭ୍ୟସ୍ତୁ ତଦ୍ଧୁତ୍ୱା ବନ୍ୟଂ ମେଧ୍ୟତରଂ ହବିଃ ।**
**ଶେଷମାତ୍ମନି ଯୁଞ୍ଜୀତ ଲବଣାନଞ୍ଚ ସ୍ୱୟଂ କୃତମ୍ ।୧୨।**

ସେହି ବନ୍ୟ ପବିତ୍ରର ହବିଦ୍ୱାରା ଦେବତାମାନଙ୍କର ହୋମକରି ଯାହା କିଛି ପୁରୋଡ଼ାୟାଦି ଅବଶିଷ୍ଟ ତହିଁରେ ସ୍ୱୟଂ କୃତ (ସୈନ୍ଧବାଦି) ଲୁଣ ମିଶାଇ ଆପେ ଖାଇବ ।

**ସ୍ଥଳଜୌଦକଶାକାନି ପୁଷ୍ପମୂଳଫଳାନି ଚ ।**
**ମେଧବୃକ୍ଷୋଭବାନ୍ୟାଦ୍ୟାତ୍ ସ୍ନେହାଶ୍ଚ ଫଳସମ୍ଭବାନ୍ ।୧୩।**

ସ୍ଥଳଜ ଓ ଜଳଜ ଶାକସବୁ ପବିତ୍ର ବୃକ୍ଷଜାତ ପୁଷ୍ପ ମୂଳ ଫଳ ସକଳ ଏବଂ (ବଙ୍ଗୁଦ୍ୟାଦି) ଫଳଜାତ ସ୍ନେହ ଭୋଜନ କରିବ ।

**ବର୍ଜ୍ରୟେନ୍ମଧୁମାଂସଞ୍ଚ ଭୌମାନି କବକାନି ଚ ।**
**ଭୂସ୍ତୃଣଂ ଶିଗ୍ରୁକଞ୍ଚୈବ ଶ୍ଲେଷାତକଫଳାନି ଚ ।୧୪।**

ମଦ୍ୟ, ମାଂସ, ଭୁଇଁଛତୁ, ଭୂସ୍ତୃଣ (ମାଳବ ଦେଶୀୟ ଶାକ), ଶିଗ୍ରୁକ (ସଜନା) ଓ ଶ୍ଲେଷ୍ମାତକ (ଉଆଉ) ଫଳ ତ୍ୟାଗ କରିବ (ଖାଇବ ନାହିଁ)

**ତ୍ୟଜେଦାଶ୍ୱୟୁଜେ ମାସି ମୂନ୍ୟନ୍ନଂ ପୂର୍ବସଞ୍ଚିତମ୍ ।**
**ଜୀର୍ଣ୍ଣାନୀ ଚୈବ ବାସାଂସି ଶାକମୂଳଫଳାନି ଚ ।୧୫।**

ପୂର୍ବ ସଞ୍ଚିତ ମୁନ୍ୟନେ ଅଥବା ଶାକମୂଳ ଫଳ ଯଦି କିଛି ଅବଶିଷ୍ଟ ଥାଏ ତଥା ଜୀର୍ଣ୍ଣବସ୍ତ୍ର ଏସବୁ ପ୍ରତି ଆଶ୍ୱିନ ମାସରେ ତ୍ୟାଗ କରିବ ।

**ନ ଫଳା କୃଷ୍ଟମଶ୍ନୀୟାଦୁସୃଷ୍ଟମପି କେନଚିତ୍ ।**
**ନ ଗ୍ରାମଜା ତାନ୍ୟାର୍ତ୍ତୋଽପି ମୂଳାନି ଚ ଫଳାନି ଚ ।୧୬।**

କୃଷି କ୍ଷେତ୍ରରେ ଧାନ୍ୟାଦି କେହି ଛାଡ଼ି ଯାଇଥିଲେ ସୁଦ୍ଧା ଖାଇବ ନାହିଁ ଏବଂ କ୍ଷୁଧାରେ କାତର ହେଲେ ସୁଦ୍ଧା ଗ୍ରାମଜାତ ଫଳମୂଳ ଖାଇବ ନାହିଁ ।

**ଅଗ୍ନିପକ୍ୱାଶନୋ ବା ସ୍ୟାତ୍କାଳପକ୍ୱଭୂଗେବ ବା ।**
**ଅଶ୍ମକୁଟ୍ଟୋ ଭବେଦ୍ ବାପି ଦନ୍ତୋଲୁ ଖଳିକୋଽପି ବା ।୧୭।**

ଅଗ୍ନିପକ୍ୱ ଅନ୍ନ ଅଥବା ସମୟରେ ପାଚିଥିବା ଫଳ ଅଥବା ପଥରରେ କୁଟି କିମ୍ବା ଦାନ୍ତକୁ ଉଦୁଖୁଳ ଓ ମୂଷଳପରି କରି (ଚୋବାଇ) ଖାଇବ ।

**ସଦ୍ୟଃ ପ୍ରକ୍ଷାଳକୋ ବା ସ୍ୟାନ୍ମାସସଞ୍ଚୟି କୋଽପି ବା ।**
**ଷଣ୍ମାସନିଚୟୋ ବା ସ୍ୟାତ୍ସମାନିଚୟ ଏବ ବା ।୧୮।**

ପ୍ରତିଦିନର ପ୍ରୟୋଜନ ଭଳି ଅଥବା ମାସକ ସକାଶେ ଅବା ଛଅମାସ ବା ବର୍ଷକ ସକାଶେ ସଞ୍ଚୟ କରି ଖାଇବ ।

**ନକ୍ତଂ ବାନ୍ନଂ ସମଶ୍ନୀୟାଦ୍ଦିବା ବାହୃତ୍ୟ ଶକ୍ତିତଃ ।**
**ଚତୁର୍ଥକାଳିକୋ ବା ସ୍ୟାତ୍ସ୍ୟାଦ୍ ବାପ୍ୟଷ୍ଟ ମକାଳିକଃ ।୧୯।**

ଶକ୍ତି ଅନୁସାରେ ଅନ୍ନ ଆହରଣ କରି ସାୟାହ୍ନ ଅଥବା ଦିବାରେ (ଥରେ)ଭୋଜନ କରିବ ଅଥବା ଚତୁର୍ଥ କାଳିକ (ଦିନେ ଉପବାସ କରି ଅନ୍ୟ ଦିନ ଥରେ)

କିମ୍ବା ଅଷ୍ଟମ କାଳିକା (ତିନିଦିନ ଉପାସ ରହି ଚତୁର୍ଥ ଦିନ ରାତ୍ରିରେ) ଖାଇବ ।

**ଚାନ୍ଦ୍ରାୟଣବିଧାନୈର୍ବା ଶୁକ୍ଳେ କୃଷ୍ଣେ ଚ ବର୍ତ୍ତୟେତ ।**
**ପକ୍ଷାନ୍ତୟୋର୍ବାପ୍ୟଶ୍ନୀୟାଦ୍ ଯବାଗୂଂ କ୍ୱଥିତାଂ ସକୃତ୍ ।୨୦। ***

ଅଥବା ଚାନ୍ଦ୍ରାୟଣ ବିଧି ଅନୁସାରେ ଶୁକ୍ଳପକ୍ଷରେ ଏକ ଏକ ଗ୍ରାସ ବୃଦ୍ଧି ଓ କୃଷ୍ଣପକ୍ଷରେ ଏକ ଏକ ଗ୍ରାସ ଊଣାକରି ରହିବ ଅଥବା ପକ୍ଷାନ୍ତ (ପୂର୍ଣ୍ଣିମା ଓ ଅମାବାସ୍ୟାରେ) ଥରେ ଜାଉ ଖାଇବ ।

**ପୁଷ୍ପମୂଳଫଳୈର୍ବାପି କେବଳୈର୍ବର୍ତ୍ତୟେତ୍ସଦା ।**
**କାଳପକ୍ୱୈଃ ସ୍ୱୟଂ ଶୀର୍ଣୈର୍ବୈଖାନସମତେ ସ୍ଥିତଃ ।୨୧।**

ଅଥବା ବାନପ୍ରସ୍ଥାଶ୍ରମ ମତାନୁସାରେ ରହି ସର୍ବଦା କେବଳ ସମୟରେ ପାଚିବା ବା ଝଡ଼ିବା ପୁଷ୍ପମୂଳ ଫଳଦ୍ୱାରା ଜୀବନ ନିର୍ବାହ କରିବ ।

**ଭୂମୌ ବିପରିବର୍ତ୍ତେତ ତିଷ୍ଠେଦ୍ ବା ପ୍ରପଦୈର୍ଦିନମ୍ ।**
**ସ୍ଥାନାସନାଭ୍ୟାଂ ବିହରେତ୍ସବନେଷୂପୟନ୍ନପଃ ।୨୨।**

ଭୂମିରେ ବସିବ ବା ଗଡ଼ାଗଡ଼ି ଦେବ ବା ଦିନ ଭରି ଛିଡ଼ାହୋଇ ରହିବ, ସ୍ଥାନ ଓ ଆସନରେ ବୁଲିବ ଏବଂ ସାୟଂ ପ୍ରାତଃ ଓ ମଧ୍ୟାହ୍ନରେ ସ୍ନାନ କରିବ ।

**ଗ୍ରୀଷ୍ମେ ପଞ୍ଚତପାସ୍ତୁ ସ୍ୟାଦ୍ ବର୍ଷାସ୍ୱଭ୍ରାବକାଶିକଃ ।**
**ଆର୍ଦ୍ରବାସାସ୍ତୁ ହେମନ୍ତେ କ୍ରମଶୋ ବର୍ଦ୍ଧୟଂସ୍ତପଃ ।୨୩।**

ଗ୍ରୀଷ୍ମକାଳରେ ପଞ୍ଚାଗ୍ନି (ଚାରିପାଖରେ ନିଆଁ ଉପରେ ସୂର୍ଯ୍ୟ) ସାଧନ କରିବ ଏବଂ ବର୍ଷାକାଳରେ ଆବରଣ (ଛତା) ରହିତ ହେବ ଓ ହେମନ୍ତ କାଳରେ ଓଦାଲୁଗାରେ ରହିବ ଏବଂ ଏହିପରି (ସହିଷ୍ଣୁତା ରୂପ) ତପସ୍ୟା ବଢ଼ାଇବ ।

**ଉପସ୍ପୃଶଂସ୍ତ୍ରିଷବଣଂ ପିତୃନ୍ ଦେବାଂଶ୍ଚ ତର୍ପୟେତ୍ ।**
**ତପଶ୍ଚରଂଶ୍ଚୋଗ୍ରତରଂ ଶୋଷୟେଦ୍ଦେହମାତ୍ମନଃ ।୨୪।**

ତ୍ରିକାଳ ସ୍ନାନ କରି ଦେବ ଓ ପିତୃଲୋକଙ୍କ ତର୍ପଣ କରିବ ଏବଂ ଉଗ୍ରତର (କଠୋର) ତପସ୍ୟା କରି ଆପଣା ଶରୀରକୁ ଶୁଖାଇବ ।

**ଅଗ୍ନୀନାତ୍ମନି ବୈତାନାନ୍ ସମାରୋପ୍ୟ ଯଥାବିଧି ।**
**ଅନଗ୍ନିରନିକେତଃ ସ୍ୟାନ୍ମୁନିର୍ମୂଳଫଳାଶନଃ ।୨୫।**

ବାନପ୍ରସ୍ଥ ବିଧାନାନୁସାରେ (ଭସ୍ମପାନାଦି ଦ୍ୱାରା) ଶ୍ରୌତାଗ୍ନି ଆତ୍ମାରେ ସମାରୋପଣ କରି ଲୌକିକାଗ୍ନି ଶୂନ୍ୟ ଓ ଗୃହଶୂନ୍ୟ ହୋଇ ମୌନବ୍ରତ ଧାରଣ ପୂର୍ବକ ଫଳମୂଳ ଖାଇ ରହିବ ।

**ଅପ୍ରୟତ୍ନଃ ସୁଖାର୍ଥେଷୁ ବ୍ରହ୍ମଚାରୀ ଧରାଶୟଃ ।**
**ଶରଣେଷ୍ୱମମଶ୍ଚୈବ ବୃକ୍ଷମୂଳନିକେତନଃ ।୨୬।**

---

* ଏହା ପରେ ଏକ ପୁସ୍ତକରେ ମିଳେ-

ଯତଃ ପତ୍ରଂ ସମାଦଦ୍ୟାନ୍ନ ତତଃ ପୁଷ୍ପମାହରେତ୍ ।
ଯତଃ ପୁଷ୍ପଂ ସଦାମଦ୍ୟାନ୍ନ ତତଃ ଫଳମାହରେତ ।।

ଯେଉଁ ଗଛରୁ ପତ୍ର ନେବ ତହିଁରୁ ଫୁଲ ନେବ ନାହିଁ । ଯହିଁରୁ ଫୁଲ ନେବ ତହିଁରୁ ଫ ନେବ ନାହିଁ ।

ସୁଖ ସକାଶେ ଚେଷ୍ଟା କରିବ ନାହିଁ, ସ୍ତ୍ରୀ ସମ୍ଭୋଗାଦି ରହିତ ଓ ଧରାଶାୟୀ ହେବ, ନିବାସ ସ୍ଥାନରେ ମମତା ତ୍ୟାଗ କରିବ ଏବଂ ଗଛ ମୂଳରେ ରହିବ ।

**ତାପସେଷ୍ୱେବ ବିପ୍ରେଷୁ ଯାନ୍ତ୍ରିକଭୈକ୍ଷମାରେତ୍ ।**
**ଗୃହମେଧିଷୁ ଚାନ୍ୟେଷୁ ଦ୍ୱିଜେଷୁ ବନବାସୀଷୁ ।୨୭।**

(ଫଳମୂଳାଭାବରେ) ବାନପ୍ରସ୍ଥ ବ୍ରାହ୍ମଣମାନଙ୍କ ନିକଟରୁ ପ୍ରାଣଧାରଣର ଉପଯୋଗୀ ଭିକ୍ଷା ନେବ ଅଥବା (ତଦଭାବେ) ଅନ୍ୟ ବନବାସୀ ବ୍ରାହ୍ମଣ ଗୃହସ୍ଥମାନଙ୍କ ନିକଟରୁ ଆହରଣ କରିବ ।

**ଗ୍ରାମାଦାହୃତ୍ୟ ବାଶ୍ନୀୟାଦଷ୍ଟୌ ଗ୍ରାସାନ୍ ବନେ ବସନ୍ ।**
**ପ୍ରତିଗୃହ୍ୟ ପୁଟେନୈବ ପାଣିନା ସକଳେନ ବା ।୨୮।**

ଏଥିରେ ଅସମ୍ଭବ ହେଲେ ଗ୍ରାମରୁ ପତ୍ରପୁଟ; ମୃତ୍ପାତ୍ର ବା ହାତରେ ଭିକ୍ଷା ଘେନି ବନରେ ଥାଇ ଆଠ ଗ୍ରାସ ଭୋଜନ କରିବ ।

**ଏତାଶ୍ଚାନ୍ୟାଶ୍ଚ ସେବେତ ଦୀକ୍ଷା ବିପ୍ରୋ ବନେ ବସନ୍**
**ବିବିଧାଶ୍ଚୌ ପନିଷଦୀରାତ୍ମସଂସିଦ୍ଧୟେଶ୍ରୁତୀଃ ।୨୯।**

ବାନପ୍ରସ୍ଥ ବ୍ରାହ୍ମଣ ଏହିସବୁ ଏବଂ ଅପରାପର ନିୟମମାନ ପ୍ରତିପାଳନ କରିବ ଏବଂ ବ୍ରହ୍ମସିଦ୍ଧି ସକାଶେ ଉପନିଷତ୍ ସମ୍ବନ୍ଧୀୟ ବିବିଧ ବେଦବାକ୍ୟ ଅଭ୍ୟାସ କରିବ ।

**ଋଷିଭିର୍ବ୍ରାହ୍ମଣୈଶ୍ଚୈବ ଗୃହସ୍ଥୈରେବ ସେବିତାଃ ।**
**ବିଦ୍ୟାତପୋବିବୃଦ୍ଧ୍ୟର୍ଥଂ ଶରୀରସ୍ୟ ଚ ଶୁଦ୍ଧୟେ ।୩୦।**

ବ୍ରହ୍ମଦର୍ଶୀ ଋଷିମାନେ, ପରିବ୍ରାଜକ ବ୍ରାହ୍ମଣମାନେ ମଧ୍ୟ ଗୃହସ୍ଥଗଣ ସୁଦ୍ଧା ବିଦ୍ୟା ଓ ତପସ୍ୟାର ବୃଦ୍ଧି ତଥା ଶରୀରର ଶୁଦ୍ଧି ସକାଶେ ସେହି ଉପନିଷତ୍ ସମ୍ବନ୍ଧୀୟ ବେଦବାକ୍ୟ ଅଭ୍ୟାସ କରନ୍ତି ।

**ଅପରାଜିତାଂ ବାସ୍ଥାୟ ବ୍ରଜେଦ୍ଦିଶମଜିହ୍ମଗଃ ।**
**ଆନିପାତାଚ୍ଛରୀରସ୍ୟ ଯୁକ୍ତୋ ବାର୍ଯ୍ୟନିଳାଖାଶନଃ ।୩୧।**

ଏହିପରି ଅବସ୍ଥାରେ (ଯୋଗଯୁକ୍ତ) ଥାଇ ଶରୀର ନିପାତ (ମୃତ୍ୟୁ ପର୍ଯ୍ୟନ୍ତ) ଜଳ ବାୟୁ ଖାଇ ଜିତେନ୍ଦ୍ରିୟ ଓ ବକ୍ରଗତି ଦ୍ୱାରା ଈଶାନଦିକ୍ ଆଶ୍ରୟ କରାଯିବ । (ଏହା ଶାସ୍ତ୍ର ବିହିତ ମହାପ୍ରସ୍ଥାନାଖ୍ୟ ମୃତ୍ୟୁ) ।

**ଆସାଂ ମହର୍ଷିଚର୍ଯ୍ୟାଣାଂ ତ୍ୟକ୍ତ୍ୱାନ୍ୟତମୟା ତନୁମ୍ ।**
**ବୀତଶୋକଭୟୋ ବିପ୍ରୋ ବ୍ରହ୍ମଲୋକେ ମହୀୟତେ ।୩୨।**

ମହର୍ଷିମାନଙ୍କ ଅନୁଷ୍ଠେୟ ଏହିସବୁ ବା ଅନ୍ୟ ପ୍ରକାର ଅନୁଷ୍ଠାନଦ୍ୱାରା ଶୋକଭୟରହିତ ହୋଇ ଶରୀର ତ୍ୟାଗ କରି ବିପ୍ର ବ୍ରହ୍ମଲୋକ (ମହିମା) ପ୍ରାପ୍ତ ହୁଏ ।

**ବନେଷୁ ଚ ବିହୃତ୍ୟୈବଂ ତୃତୀୟଂ ଭାଗମାୟୁଷଃ**
**ଚତୁର୍ଥମାୟୁଷୋଭାଗଂ ତ୍ୟକ୍ତ୍ୱା ସଙ୍ଗାନ୍ ପରିବ୍ରଜେତ୍ ।୩୩।**

ଆୟୁର ତୃତୀୟ ଭାଗ ଏହିପରି ବନରେ ଯାପନ କରି ଚତୁର୍ଥ ଭାଗରେ (ବିଷୟାଦିର) ଆସକ୍ତି ଛାଡ଼ି ସନ୍ନ୍ୟାସ ଆଶ୍ରମର ଅନୁଷ୍ଠାନ କରିବ ।

**ଆଶ୍ରମାଦାଶ୍ରମଂ ଗତ୍ୱା ହୁତହୋମା ଜିତେନ୍ଦ୍ରିୟଃ ।**
**ଭିକ୍ଷାବଳିପରିଶ୍ରାନ୍ତଃ ପ୍ରବ୍ରଜନ୍ ପ୍ରେତ୍ୟ ବର୍ଦ୍ଧତେ ।୩୪।**

ଆଶ୍ରମରୁ ଆଶ୍ରମକୁ ଯାଇ (ବ୍ରହ୍ମଚର୍ଯ୍ୟାରୁ ଗୃହସ୍ଥ, ଗୃହସ୍ଥରୁ ବାନପ୍ରସ୍ଥ ଓ ବାନପ୍ରସ୍ଥରୁ ସନ୍ନ୍ୟାସ) ଜିତେନ୍ଦ୍ରିୟ ଓ ହୋମକରି ଭିକ୍ଷା ଓ ବଳିରେ ଶ୍ରାନ୍ତ ହୋଇ ସନ୍ନ୍ୟାସାଶ୍ରମ ଗ୍ରହଣ କଲେ ପରଲୋକରେ ମୋକ୍ଷ ମିଳେ ।

**ଋଣାନି ତ୍ରୀଣ୍ୟପାକୃତ୍ୟ ମନୋମୋକ୍ଷେ ନିବେଶୟେତ୍ ।**
**ଅନପାକୃତ୍ୟ ମୋକ୍ଷନ୍ତୁ ସେବମାନୋ ବ୍ରଜତ୍ୟଧଃ ।୩୫।**

ତିନି (ଋଷି, ଦେବ ଓ ପିତୃ) ଋଣ ପରିଶୋଧ କରି ମନକୁ ମୋକ୍ଷରେ ଲଗାଇବ । ଏହି ଋଣମାନ ପରିଶୋଧ ନ କରି ମୋକ୍ଷ ସେବାକଲେ ଅଧୋଗତି ଲାଭ ହୁଏ ।

**ଅଧୀତଃ ବିଧିବଦ୍‌ବେଦାନ୍ ପୁତ୍ରାଂଶ୍ଚୋତ୍ପାଦ୍ୟ ଧର୍ମତଃ ।**
**ଇଷ୍ଟ୍ୱାଚ ଶକ୍ତିତୋ ଯଜ୍ଞୈର୍ମନୋ ମୋକ୍ଷେ ନିବେଦଶାୟତ୍ ।୩୬।**

ବିଧିପୂର୍ବକ ବେଦପାଠ କରି ଧର୍ମତଃ (ବିବାହିତ) ପତ୍ନୀରୁ ପୂର୍ବଗମନ ବର୍ଜ୍ଜନାଦି ଦ୍ୱାରା ପୁତ୍ର ଉତ୍ପାଦନ କରି ଯଥାଶକ୍ତି ଜ୍ୟୋତିଷ୍ଟୋମାଦି ଯଜ୍ଞକରି ତଦନ୍ତର (ନିବୃତ୍ତି ମାର୍ଗରେ) ମନକୁ ମୋକ୍ଷରେ ଲଗାଇବ ।

**ଅନଧୀତ୍ୟଦ୍ୱିଜୋ ବେଦାନନୁତ୍ପାଦ୍ୟ ତଥା ସୁତାନ୍ ।**
**ଅନିଷ୍ଟ୍ୱାଚୈବ ଯଜ୍ଞେଶ୍ଚ ମୋକ୍ଷମିଚ୍ଛନ୍ ବ୍ରଜତ୍ୟଧଃ ।୩୭।**

ବେଦାଧ୍ୟୟନ ନ କରି ତଥା ପୁତ୍ରୋତ୍ପାଦନ ନ କରି ମଧ୍ୟ ଯଜ୍ଞାନୁଷ୍ଠାନ ନ କରି ମୋକ୍ଷ ଇଚ୍ଛା କଲେ ଅଧୋଗତି ଲାଭ ହୁଏ ।

**ପ୍ରଜାପତ୍ୟାଂ ନିରୂପ୍ୟେଷ୍ଟିଂ ସର୍ବବେଦସଦକ୍ଷିଣାମ୍ ।**
**ଆତ୍ମନ୍ୟଗ୍ନୀନ୍ ସମାରୋପ୍ୟ ବ୍ରାହ୍ମଣଃ ପ୍ରବ୍ରଜେଦ୍‌ଗୃହାତ୍ ।୩୮।**

ସର୍ବସ୍ୱଦକ୍ଷିଣାର ପ୍ରାଜାପତ୍ୟ ଯାଗ କରି ଆପଣାର ଆତ୍ମାରେ ଅଗ୍ନି ସମାରୋପଣ ପୂର୍ବକ ବ୍ରାହ୍ମଣ ବାନପ୍ରସ୍ଥାଶ୍ରମରୁ ଚତୁର୍ଥ ଆଶ୍ରମକୁ ଧାରଣ କରିବ ।

**ଯୋ ଦତ୍ୱା ସର୍ବଭୂତେଭ୍ୟଃ ପ୍ରବ୍ରଜତ୍ୟଭୟଂ ଗୃହାତ୍ ।**
**ତସ୍ୟ ତେଜୋମୟା ଲୋକା ଭବନ୍ତି ବ୍ରହ୍ମବାଦିନଃ ।୩୯।**

ଯେ ସମଗ୍ର ପ୍ରାଣୀମାନଙ୍କୁ ଅଭୟ ଦେଇ ଘରୁ ଚତୁର୍ଥ ଆଶ୍ରମକୁ ଯାଏ ସେ ବ୍ରହ୍ମଚାରୀର ତେଜୋମୟ ଲୋକ (ମୋକ୍ଷ) ପ୍ରାପ୍ତ ହୁଏ ।

**ଯସ୍ମାଦଣ୍ୱପି ଭୂତାନାଂ ଦ୍ୱିଜାନ୍ନୋତ୍ପଦ୍ୟତେ ଭୟମ୍ ।**
**ତସ୍ୟ ଦେହାଦ୍ ବିମୁକ୍ତସ୍ୟ ଭୟଂ ନାସ୍ତି କୁତଶ୍ଚନ ।୪୦।**

ଯେଉଁ ଦ୍ୱିଜଠାରୁ ପ୍ରାଣୀମାନଙ୍କର କିଛିମାତ୍ର ଭୟ ଜାତ ନ ହୁଏ ତାହାର ଦେହତ୍ୟାଗ ହେଲେ କୁତ୍ରାପି ଭୟ ନ ଥାଏ ।

**ଆଗାରାଦଭିନିଷ୍କ୍ରାନ୍ତଃ ପବିତ୍ରୋପଚିତୋ ମୁନିଃ ।**
**ସମୁପୋଢ଼େଷୁ କାମେଷୁ ନିରପେକ୍ଷଃ ପରିବ୍ରଜେତ୍ ।୪୧।**

ଘରୁ ବାହାରି ଦଣ୍ଡକମଣ୍ଡଳୁ ଘେନି କାମ୍ୟ ବିଷୟ ଉପସ୍ଥିତ ଥିଲେ ସୁଦ୍ଧା ତହିଁରେ ଆସ୍ଥାଶୂନ୍ୟ ହୋଇ ମୁନି ଚତୁର୍ଥାଶ୍ରମ ଧାରଣ କରିବ ।

**ଏକ ଏବ ଚରେନ୍ନିତ୍ୟଂ ସିଦ୍ଧ୍ୟର୍ଥମସହାବାନ୍ ।**
**ସିଦ୍ଧିମେକସ୍ୟ ସଂପଶ୍ୟନ୍ନ ଜହାତି ନ ହୀୟତେ ।୪୨।**

ଅସହାୟ ବ୍ୟକ୍ତି ସିଦ୍ଧି ପ୍ରାପ୍ତ ହୁଏ ଏହା ଜାଣି ସର୍ବଦା ଏକାକୀ ବିଚରଣ କରିବ, ସଙ୍ଗଶୂନ୍ୟ ହୋଇ ଏକାକୀ ବିଚରଣ କଲେ କାହାକୁ ତ୍ୟାଗ କରି ନ ଯାଏ କି କେହି ଛାଡ଼ିଦେବାର ନ ଥାଏ (ତ୍ୟାର ଦୁଃଖର ସମ୍ପୂର୍ଣ୍ଣ ଅଭାବ ହୁଏ) ।

**ଅନଗ୍ନିରନିକେତଃ ସ୍ୟାଦ୍ ଗ୍ରାମମନ୍ନାର୍ଥମାଶ୍ରୟେତ୍ ।**
**ଉପେକ୍ଷକୋଽସଙ୍କସୁକୋ ମୁନିର୍ଭାବସମାହିତଃ ।୪୩।**

ସନ୍ନ୍ୟାସାଶ୍ରମରେ ଅଗ୍ନିହୀନ, ବାସହୀନ, ବ୍ୟାଧି ପ୍ରତିକାରରେ ଉପେକ୍ଷା ସ୍ଥିରମତି ଏବଂ ସଦା ବ୍ରହ୍ମଭାବରେ ସମାହିତ ହୋଇ ବିଚରଣ କରିବ ଏବଂ ଭିକ୍ଷାନ୍ନ ସକାଶେ ଗ୍ରାମକୁ ଯିବ ।

**କପାଲଂ ବୃକ୍ଷମୂଳାନି କୁଚେଳମସହାୟତା ।**
**ସମାତାଚୈବ ସର୍ବସ୍ମିନ୍ନେତନ୍ମୁକ୍ତସ୍ୟ ଲକ୍ଷଣମ୍ ।୪୪।**

(ଭୋଜନାର୍ଥ) ଖପରା, (ସ୍ଥାନାର୍ଥ) ବୃକ୍ଷମୂଳ ମୋଟାଲୁଗାର କନ୍ଥା, କାହାର ସହାୟତା ନ ନେବା ଏବଂ ସମସ୍ତଙ୍କଠାରେ ସମାନ ବୁଦ୍ଧି ଏହାହିଁ ମୁକ୍ତିର ଲକ୍ଷଣ ।

**ନାଭିନନ୍ଦେତ ମରଣଂ ନାଭିନନ୍ଦେତ ଜୀବିତମ୍ ।**
**କାଳମେବ ପ୍ରତିକ୍ଷେତ ନିର୍ଦ୍ଦେଶଂ ଭୃତକୋ ଯଥା ।୪୫।** ⁂

ମରିବା ବା କହିବା କାହିଁରେ ସୁଖ ନ ରହି ମୃତ୍ୟୁର ସମୟକୁ ଭୃତ୍ୟ ଆଜ୍ଞା ମାନିଲା ପରି ପ୍ରତ୍ୟକ୍ଷ କରିଥାଏ ।

**ଦୃଷ୍ଟିପୂତଂ ନ୍ୟସେତ୍ପାଦଂ ବସ୍ତ୍ରପୂତଂ ଜଳଂ ପିବେତ୍ ।**
**ସତ୍ୟପୂତଂ ବଦେଦ୍ ବାଚଂ ମନଃପୂତଂ ସମାଚରେତ୍ ।୪୬।**

ଦୃଷ୍ଟିପୂତ ସ୍ଥାନରେ ଗୋଡ଼ ପକାଇବ (କଣ୍ଟା ବା ମଇଳା ସ୍ଥାନ ମାଡ଼ିବ ନାହିଁ) ଲୁଗାରେ ଛାଣି ପାଣି ପାଇବ, ସତ୍ୟଦ୍ୱାରା ପବିତ୍ର କଥା କହିବ ଓ ମନରେ ପବିତ୍ର ଜାଣି ଆଚରଣ କରିବ ।

**ଅତିବାଦାଂସ୍ତିତିକ୍ଷେତ ନାବମନ୍ୟେତ କଞ୍ଚନ ।**
**ନ ଚେମଂ ଦେହମାଶ୍ରିତ୍ୟ ବୈରଂ କୁର୍ବୀତ କେନଚିତ୍ ।୪୭।**

---

⁂ ଏହା ପରେ ନିମ୍ନ ଲିଖିତ ୩ ଶ୍ଳୋକ ମଧ୍ୟରୁ ଗୋଟିଏ ପୁସ୍ତକରେ ପ୍ରଥମ ଦୁଇ, ଗୋଟିଏ ପୁସ୍ତକ ପ୍ରଥମଟି ଓ ୮ ପୁସ୍ତକରେ ୩ ଗୋଟି ଅଧିକ ମିଳେ-

ଗ୍ରେଷ୍ମାନ୍ ହୈମନ୍ତିକାନ୍ ମାସାନଷ୍ଟୌଭିକ୍ଷୁର୍ବିଚକ୍ରମେତ୍ ।
ଦୟାର୍ଥଂ ସର୍ବଭୂତାନାଂ ବର୍ଷାସ୍ୱେକତ୍ର ସଂବସେତ୍ ।୧।

ଗ୍ରୀଷ୍ମ ଓ ଶୀତ ଆଠ ମାସ ସନ୍ନ୍ୟାସୀ ଦେଶାଟନ କରିବ ଏବଂ ସବୁ ଜୀବମାନଙ୍କୁ ଦୟା କରିବା ସକାଶେ ବର୍ଷା ଚାରିମାସ ଏକ ସ୍ଥାନରେ ବାସ କରିବ ।

ନାସୂର୍ଯ୍ୟଂ ହି ବ୍ରଜେନ୍ମାର୍ଗଂ ନାଦୃଷ୍ଟ୍ୱା ଭୂମିମାକ୍ରମେତ୍ ।
ପରିଭୂତାଭିରଦ୍ଭିସ୍ତୁ କାର୍ଯ୍ୟଂ କୁର୍ବୀତ ନିତ୍ୟଶଃ ।୨।

ରାତ୍ରିରେ ବାଟ ଚାଲିବ ନାହିଁ, ଭୂମି ନ ଦେଖି ଚାଲିବ ନାହିଁ ଏବଂ ଅଧିକ ଜଳଦ୍ୱାରା ନିତ୍ୟ କାର୍ଯ୍ୟ କରିବ ।

ସତ୍ୟାଂ ବାଚମହିଂସାଞ୍ଚ ବଦେଦନପକାରିଣୀମ୍ ।
କଳ୍କାପେତାମପରୁଷାମନୃଶଂସାମପୈଶୁନାମ୍ ।୩।

ସତ୍ୟ, ହିଂସାରହିତ ଓ ଅନ୍ୟର ଅନପକାରୀ ମଧ୍ୟ କଠୋରତା, କ୍ରୋଧ, ନିନ୍ଦା ଓ ଚୁଗୁଲି ରହିତ ବାକ୍ୟ କହିବ ।

ଅପର ଦୁର୍ବାକ୍ୟ କହିଲେ ସହ୍ୟ କରିବ, କାହାରିକୁ ଅପମାନ କରିବ ନାହିଁ ଏବଂ ଏହି ଦେହ ଧାରଣ କରି କାହାରି ସଙ୍ଗେ ଶତ୍ରୁତା କରିବ ନାହିଁ ।

**କ୍ରୁଦ୍ଧ୍ୟନ୍ତଂ ନପ୍ରତିକ୍ରୁଦ୍ଧ୍ୟେଦାକ୍ରୁଷ୍ଟଃ କୁଶଳଂ ବଦେତ୍ ।**
**ସପ୍ତଦ୍ୱାରାବକୀର୍ଣ୍ଣାଞ୍ଚ ନ ବାଚମନୃତାଂ ବଦେତ୍ ।୪୮।**

କେହି କ୍ରୁଦ୍ଧ ହେଲେ ତାହା ପ୍ରତି କ୍ରୋଧ କରିବ ନାହିଁ, କେହି ନିନ୍ଦା କରି କହିଲେ ତାହାପ୍ରତି ଭଲ କଥା ବ୍ୟବହାର କରିବ ଏବଂ ପଞ୍ଚେନ୍ଦ୍ରିୟ ମନ ଓ ବୁଦ୍ଧି ଗୃହୀତ କୌଣସି ବାକ୍ୟ ଅସତ୍ୟ ନ ବୋଲିବ ।

**ଅଧ୍ୟାତ୍ମ୍ୟରତୀରାସୀନୋ ନିରପେକ୍ଷୋ ନିରାମିଷଃ ।**
**ଆତ୍ମନୈବ ସହାୟେନ ସୁଖାର୍ଥୀ ବିଚରେଦିହ ।୪୯।**

ସର୍ବଦା ବ୍ରହ୍ମଧ୍ୟାନରେ ଅନୁରାଗୀ ହୋଇ ରହିବ, କାହାରି ଅପେକ୍ଷା ରଖିବ ନାହିଁ, ସକଳ ବିଷୟରେ ନିସ୍ପୃହ ଥିବ ଏବଂ ଆତ୍ମସହାୟତାରେ ନିତ୍ୟସୁଖ (ମୋକ୍ଷ)ର ଅଭିଳାଷୀ ହୋଇ ଏହି ସଂସାରରେ ବିଚରଣ କରିବ ।

**ନ ଚୋତ୍ପାତନିମିତ୍ତାଭ୍ୟାଂ ନ ନକ୍ଷତ୍ରାଙ୍ଗବିଦ୍ୟୟା ।**
**ନାନୁଶାସନବାଦାଭ୍ୟାଂ ଭିକ୍ଷାଂ ଲିପ୍ସେତ କର୍ହିଚିତ୍ ।୫୦।**

(ଭବିଷ୍ୟତ) ଭୂମିକମ୍ପାଦି ଉତ୍ପାତ ବା ଚକ୍ଷୁସ୍ପନ୍ଦନାଦି ନିମିତ୍ତ ଘଟଣାର ତାତ୍ପର୍ଯ୍ୟ ବ୍ୟାଖ୍ୟା, ନକ୍ଷତ୍ର ବା ହସ୍ତରେଖାଦିର ଫଳାଫଳ ନିର୍ଣ୍ଣୟ ଅଥବା ଶାସ୍ତ୍ରୀୟ ଅନୁଶାସନ ଦେଖାଇ କାହାରିଠାରୁ ଭିକ୍ଷାଲାଭର ଇଚ୍ଛା ରଖିବ ନାହିଁ ।

**ନ ତାପସୈ ର୍ବ୍ରାହ୍ମଣୈର୍ବା ବୟୋଭିରପି ବା ଶ୍ୱଭିଃ ।**
**ଆକର୍ଣ୍ଣଂ ଭିକ୍ଷୁକୈର୍ବାନ୍ୟୈରାଗାରମୁପସଂବ୍ରଜେତ୍ ।୫୧।**

ବାନପ୍ରସ୍ଥ ବା ଅନ୍ୟାନ୍ୟ ବ୍ରାହ୍ମଣ, ପକ୍ଷୀ କୁକ୍କୁର ଅବା ଅନ୍ୟ ଭିକ୍ଷୁକମାନଙ୍କ କର୍ତ୍ତୃକ ଘେରା ହୋଇଥିବା ଘରକୁ ଭିକ୍ଷା ସକାଶେ ଯିବ ନାହିଁ ।

**କ୍ଳୃପ୍ତକେଶନଖଶ୍ମଶ୍ରୁଃ ପାତ୍ରୀ ଦଣ୍ଡୀ କୁସୁମ୍ଭବାନ୍ ।**
**ବିଚରେନ୍ନୟତୋ ନିତ୍ୟଂ ସର୍ବଭୂତାନ୍ୟପୀଡ଼ୟନ୍ ।୫୨।**

ନଖ କଟାଇ, ବାଳ ଓ ନିଶ ଦାଢ଼ୀ ଛଟାଇ, ଦଣ୍ଡ କମଣ୍ଡଳୁ ଓ ଭିକ୍ଷାପାତ୍ର ସଙ୍ଗେ ଘେନି କାହାରିକି ପୀଡ଼ା ନ ଦେଇ ନିତ୍ୟ ନିୟମରେ ବିଚରଣ କରିବ ।

**ଅତୈଜସାନି ପାତ୍ରାଣି ତସ୍ୟ ସ୍ୟୁର୍ନିର୍ବ୍ରଣାନି ଚ ।**
**ତେଷାମଭିଃ ସ୍ମୃତଂ ଶୌଚଂ ଚମସାନାମିବାଧ୍ୱରେ ।୫୩।**

ତାହାର ପାତ୍ର ସୁନା ରୁପା ଇତ୍ୟାଦି ଧାତୁ ନିର୍ମିତ ବା ଛିଦ୍ର ବିଶିଷ୍ଟ ହେବ ନାହିଁ, ତାହାର ପବିତ୍ରତା ଯଜ୍ଞୀୟ ଚମସପରି ଜଳଦ୍ୱାରା ଧୋଇଲେ ପବିତ୍ର ହେବା ବୋଲାଯାଇଅଛି ।

**ଅଲାବୁଂ ଦାରୁପାତ୍ରଞ୍ଚ ମୃଣ୍ମୟଂ ବୈଦଳଂ ତଥା ।**
**ଏତାନି ଯତିପାତ୍ରାଣି ମନୁଃ ସ୍ୱାୟମ୍ଭୁବୋଽବ୍ରବୀତ୍ ।୫୪।***

ଲାଉର ପାତ୍ର, କାଠର ପାତ୍ର, ମାଟିର ପାତ୍ର ବା ବାଉଁଶ ପାଚିଆ ଯତିର ପାତ୍ର ବୋଲି ସ୍ୱାୟମ୍ଭୁବ ମନୁ ନିର୍ଦ୍ଦିଷ୍ଟ କରିଅଛନ୍ତି ।

**ଏକକାଳଂ ଚରେଦ୍ ଭୈକ୍ଷଂ ନ ପ୍ରସଜ୍ଜେତ ବିସ୍ତରେ ।**
**ଭୈକ୍ଷେପ୍ରସକ୍ତୋ ହି ଯତିର୍ବିଷୟେଷ୍ୱପି ସଜ୍ଜତ ।୫୫।**

---

* ୫୩ ଓ ୫୪ ଶ୍ଳୋକ ପ୍ରକ୍ଷିପ୍ତ ।

ଥରେ ଭିକ୍ଷା କରିବ, ଅଧିକ ଭିକ୍ଷା କରିବ ନାହିଁ; କାରଣ ବହୁଭିକ୍ଷାରେ ଆସକ୍ତ ହେଲେ ଯତି ବିଷୟରେ ଆସକ୍ତ ହୋଇଯାଏ ।

**ବିଧୂମେ ସନ୍ନମୂଷଲେ ବ୍ୟଙ୍ଗାରେ ଭୁକ୍ତବର୍ଜନେ ।**
**ବୃତ୍ତେ ଶରବସମ୍ପାତେ ଭିକ୍ଷାଂ ନିତ୍ୟଂ ଯତିଶ୍ଚରେତ୍ ।୫୬।**

ଗୃହସ୍ଥର ଘରେ ରନ୍ଧନଧୂମ ବାହାରିଗଲେ, ମୂଷଳାଦିରେ କୁଟିବା ଇତ୍ୟାଦି କାର୍ଯ୍ୟ ବନ୍ଦ ହେଲେ, ପାକାଗ୍ନି ନିର୍ବାପିତ ହେଲେ ଏବଂ ଘରରର ସମସ୍ତଙ୍କ ଭୋଜନ ଶେଷ ହେଲେ ମଧ୍ୟ ଆହାରର ଉଚ୍ଛିଷ୍ଟ ପାତ୍ରାଦି ପକାଇ ଦେଲାପରେ (ଅର୍ଥାତ୍ ଦିନର ଅପରାହ୍ଣ ଭାଗରେ ଏମନ୍ତ ଘରେ) ସନ୍ନ୍ୟାସୀ ସର୍ବଦା ଭିକ୍ଷା ମାଗିବ ।

**ଅଲାଭେଦ ବିଷାଦୀ ସ୍ୟାଲ୍ଲାଭେ ଚୈବ ନ ହର୍ଷୟେତ ।**
**ପ୍ରାଣ ଯାତ୍ରିକମାତ୍ରଃ ସ୍ୟାନ୍ମାତ୍ରାସଙ୍ଗାଦ୍ ବିନିର୍ଗତଃ ।୫୭।**

ଭିକ୍ଷା ନ ମିଳିଲେ ଦୁଃଖିତ ନ ହେବ ଏବଂ ମିଳିଲେ ସୁଦ୍ଧା ହର୍ଷ ନ ହେବ; ଯହିଁରେ ପ୍ରାଣଯାତ୍ରା ଏକା ଚଳିପାରେ ଏପରି ରହିବ ଏବଂ (ଦଣ୍ଡ କମଣ୍ଡଳୁ ଇତ୍ୟାଦି) ମାତ୍ରାର ଆସକ୍ତିରୁ ରହିତ ହେବ ।

**ଅଭିପୂଜିତଲାଭାଂସ୍ତୁ ଜଗୁପ୍ସେତୈବ ସର୍ବଶଃ ।**
**ଅଭିପୂଜିତଲାଭୈଶ୍ଚ ଯତିର୍ମୁକ୍ତୋଽପି ବଧ୍ୟତେ ।୫୮।**

ସମାଦର ସହକାରେ ଯେଉଁ ଭିକ୍ଷାଲାଭ ତାହା ନିନ୍ଦା କରି ସର୍ବଥା ପରିତ୍ୟାଗ କରିବ; କାରଣ ଯତିମୁକ୍ତ ଅବସ୍ଥା ଥାଇ ସୁଦ୍ଧା ଅଭିପୂଜିତ ଲାଭରେ କ୍ରମେ ୨ ସଂସାର ବନ୍ଧନ ଘରିପାରେ ।

**ଅଲ୍ପାନ୍ନାଭ୍ୟବହାରେଣ ରହ୍ୟସ୍ଥାନାସନେନ ଚ ।**
**ହ୍ରିୟସାଣାନି ବିଷୟୈରିନ୍ଦ୍ରିୟାଣି ନିବର୍ତ୍ତୟେତ୍ ।୫୯।**

ଅଳ୍ପ ଭୋଜନ ଏବଂ ନିର୍ଜନପ୍ରଦେଶରେ ଅବସ୍ଥାନ ଦ୍ୱାରା ବିଷୟରେ ଆକୃଷ୍ଟ ଇନ୍ଦ୍ରିୟ ସମସ୍ତ (ବିଷୟରୁ) ନିବୃତ୍ତ କରିବ ।

**ଇନ୍ଦ୍ରିୟାଣାଂ ନିରୋଧେନ ରାଗଦ୍ୱେଷକ୍ଷୟେଣ ଚ ।**
**ଅହଂସୟାଚ ଭୂତାବାମମୃତତ୍ୱାୟକଳ୍ପତେ ।୬୦।**

ଇନ୍ଦ୍ରିୟ ସକଳର ନିରୋଧ ରାରଦ୍ୱେଷର ନାଶ ତଥା ପ୍ରାଣୀମାନଙ୍କର ଅହିଂସା ମୁକ୍ତିଲାଭର ଯୋଗ୍ୟ ଉପାୟ ।

**ଅବକ୍ଷେତ ଗତୀର୍ନୁଣାଂ କର୍ମଦୋଷସମୁଦ୍ଭାବାଃ ।**
**ନିରୟେ ଚୈବ ପତନଂ ଯାତନାଶ୍ଚ ଯମକ୍ଷୟେ ।୬୧।**

କର୍ମଦୋଷରୁ ମନୁଷ୍ୟର ନାନାପ୍ରକାର ଗତିପ୍ରାପ୍ତି, ନରକରେ (ଦୁଃଖରେ) ପତନ ଏବଂ ମୃତ୍ୟୁପରେ ଯାତନାଲାଭ ଏସବୁ ପର୍ଯ୍ୟାଲୋଚନା କରିବ ।

**ବିପ୍ରାଯୋଗଂ ପ୍ରିୟୈଶ୍ଚୈବ ସଂଯୋଗଞ୍ଚ ତଥାପ୍ରିୟୈଃ ।**
**ଜରୟା ଚାରିଭବନଂ ବ୍ୟାଧିଭିଶ୍ଚୋପପୀଡ଼ନମ୍ ।୬୨।**

ପ୍ରିୟଜନର ବିଯୋର , ଅପ୍ରିୟ ସଙ୍ଗରେ ସଂଯୋର, ଜରାଦ୍ୱାରା ଅଭିଭବ ଏବଂ ବ୍ୟାଧିକର୍ତ୍ତୃକ ଉତ୍ପୀଡ଼ନ ।

**ଦେହାଦୁତ୍ୟଦ୍ କ୍ରମଣଞ୍ଚାସ୍ମାତ ପୁନର୍ଗର୍ଭେ ଚ ସମ୍ଭବମ୍ ।**
**ଯୋନି କୋଟି ସହସ୍ରେଷୁ ସୃତୀଶ୍ଚାସ୍ୟାନ୍ତରାତ୍ମନଃ ।୬୩।**

ଏହି ଜୀବାତ୍ମାର ଦେହରୁ ବାହାରିଯିବା ଏବଂ ପୁଣି ରର୍ଭବାସରୁ ଜନ୍ମଗ୍ରହଣ କରିବା ମଧ୍ୟ ସହସ୍ର ଯୋନିରେ ବାରମ୍ବାର ଯାତାୟାତ ।

**ଅଧର୍ମ ପ୍ରଭବଞ୍ଚୈବ ଦୁଃଖଯୋଗଂ ଶରୀରିଣାମ୍ ।**
**ଧର୍ମାର୍ଥ ପ୍ରଭବଞ୍ଚୈବ ସୁଖସଂଯୋଗମକ୍ଷୟମ୍ ।୬୪।**

ଦେହଧାରୀମାନଙ୍କର ଅଧର୍ମରୁ ଦୁଃଖଲାଭ ଏବଂ ଧର୍ମାର୍ଥରୁ ଅକ୍ଷୟ ସୁଖସଂଯୋଗ (ଏହା ଚିନ୍ତା କରିବ) ।

**ସୂକ୍ଷ୍ମତାଞ୍ଚାନ୍ୱବେକ୍ଷେତ ଯୋଗେନ ପରମାତ୍ମନଃ ।**
**ଦେହେଷୁ ଚ ସମୁତ୍ପତ୍ତିମୁତ୍ତମେଷ୍ୱଧମେଷୁ ଚ ।୬୫।**

ଯୋଗ ଦ୍ୱାରା ପରମାତ୍ମାଙ୍କ ସୂକ୍ଷ୍ମତା (ଅନ୍ତର୍ଯ୍ୟାମିତ୍ୱ ନିରବଦ୍ୟାଦି ସୂକ୍ଷ୍ମସ୍ୱରୂପ) ଉପଲବ୍ଧି କରିବ ଏବଂ ଉତ୍ତମ ଓ ଅଧମ ଯୋନିରେ ଶୁଭାଶୁଭ ଫଳଭୋଗ ସକାଶେ ଜୀବାତ୍ମାର ଉତ୍ପତ୍ତି ଚିନ୍ତା କରିବ ।

**ଦୂଷିତୋଽପି ଚରେଦ୍ଧର୍ମଂ ଯତ୍ର ତତ୍ରାଶ୍ରମେ ରତଃ ।**
**ସମଃ ସର୍ବେଷୁଭୂତେଷୁ ନ ଲିଙ୍ଗଂ ଧର୍ମକାରଣମ୍ ।୬୬। ✽**

ଦୂଷିତ (ଭ୍ରଷ୍ଟ) ହେଲେ ସୁଦ୍ଧା ଲୋକ ଯେ କୌଣସି ଆଶ୍ରମରେ ଥାଇ ଧର୍ମାଚରଣ କରିବ, ସର୍ବଭୂତରେ ସମଦର୍ଶୀ ହେବା ଧର୍ମର କାରଣ ଅଟେ ମାତ୍ର (ଦଣ୍ଡ କମଣ୍ଡଳୁ ଆଦି) ଚିହ୍ନଧାରଣ ଧର୍ମର କାରଣ ନୁହେଁ ।

**ଫଳଂ କତକବୃକ୍ଷସ୍ୟ ଯଦ୍ୟପ୍ୟମ୍ବୁପ୍ରସାଦକମ୍ ।**
**ନ ନାମ ଗ୍ରହଣାଦେବ ତସ୍ୟ ବାରି ପ୍ରସୀଦତି ।୬୭।**

କତକ ବୃକ୍ଷର ଫଳ (ନିର୍ମଳୀ) ଜଳ ପରିଷ୍କାରକ ହେଲେ ସୁଦ୍ଧା କେବଳ ତାହାର ନାମୋଚ୍ଚାରଣରେ ଜଳ ପରିଷ୍କାର ହୁଏ ନାହିଁ ।

**ସଂରକ୍ଷଣାର୍ଥଂ ଜନ୍ତୁନାଂ ରାତ୍ରଦହନ ବା ସଦା ।**
**ଶରୀରସ୍ୟାତ୍ୟୟେ ଚୈବ ସମୀକ୍ଷ ବସୁଧାଂ ଚରେତ୍ ।୬୮।**

ରାତିଦିନ ବା ସର୍ବଦା (ପିମ୍ପୁଡ଼ି ଇତ୍ୟାଦି) ଜନ୍ତୁମାନେ ସଂରକ୍ଷଣ ସକାଶେ ଶରୀରର କ୍ଳେଶ ହେଲେ ସୁଦ୍ଧା ଭୂମିକି ଅନାଇ ଚାଲିବ ।

**ଅହ୍ନା ରାତ୍ର୍ୟା ଚ ଯାନ୍ ଜନ୍ତୁନ୍ ହିନସ୍ତ୍ୟ ଜ୍ଞାତତୋ ଯତିଃ ।**
**ତେଷାଂ ସ୍ନାତ୍ୱା ବିଶୁଦ୍ଧ୍ୟର୍ଥଂ ପ୍ରାଣାୟାମାନ୍ ଷଡ଼ାଚରେତ୍ ।୬୯।**

ଯତି ଅଜ୍ଞାନରେ ଦିନରେ ବା ରାତ୍ରରେ ଯେଉଁ ପ୍ରାଣୀ ବିନାଶ କରନ୍ତି ସେହି ପାପ ଦୂରୀକରଣାର୍ଥ ସ୍ନାନକରି ଛଅବାର ପ୍ରାଣାୟାମ କରିବ ।

**ପ୍ରାଣାୟାମ୍ ବ୍ରାହ୍ମଣସ୍ୟ ତ୍ରୟୋଽପି ବିଧିବତ୍କୃତାଃ ।**
**ବ୍ୟାହୃତି ପ୍ରଣବୈର୍ୟୁକ୍ତା ବିଜ୍ଞେୟଂ ପରମଂ ତପଃ ।୭୦।**

ବିଧି ପୂର୍ବକ ବ୍ୟାହୃତି ପ୍ରଣବଯୁକ୍ତ ପ୍ରାଣାୟାମ ତିନିଥର ଅନୁଷ୍ଠାନ କରିବା ବ୍ରାହ୍ମଣର ପରମ ତପସ୍ୟା ବୋଲି ଜାଣିବ ।

**ଦହ୍ୟନ୍ତେ ଧ୍ମାୟମାନାନାଂ ଧାତୁନାଂ ହି ଯଥାମଳାଃ ।**
**ତଥେନ୍ଦ୍ରିୟାଣାଂ ଦହ୍ୟନ୍ତେ ଦୋଷାଃ ପ୍ରାଣସ୍ୟ ନ ଗ୍ରହାତ୍ ।୭୧।**

ଯେପରି ସୁବର୍ଣ୍ଣରଜତାଦି ଧାତୁର ମଳ ଅଗ୍ନିଦ୍ୱାରା ଉତ୍ତପ୍ତ ହେଲେ ଦୂର ହୁଏ, ସେହିପରି (ପ୍ରାଣାୟାମଦ୍ୱାରା) ପ୍ରାଣବାୟୁର ନିଗ୍ରହ କଲେ ଇନ୍ଦ୍ରିୟମାନଙ୍କର ଦୋଷ ପୋଡ଼ିଯାଏ ।

---

✽ 'ଦୂଷିତଃ' ସ୍ଥାନରେ ଖଣ୍ଡିଏ ପୁସ୍ତକରେ 'ଗୃହସ୍ଥ' ଓ ୪ ଖଣ୍ଡ ପୁସ୍ତକରେ 'ଭୂଷିତଃ' ପାଠଭେଦ ଅଛି ।

**ପ୍ରାଣାୟାମୈର୍ଦହେଦ୍ଦୋଷାନ୍ ଧାରଣାଭିଶ୍ଚ କିଲ୍ବିଷମ୍ ।**
**ପ୍ରତ୍ୟାହାରେଣ ସଂସର୍ଗାନ୍ ଧ୍ୟାନେନାନୀଶ୍ୱରାନ୍ ଗୁଣାନ୍ ।୭୨।**

ପ୍ରାଣାୟାମଦ୍ୱାରା ରାଗାଦି ଦୋଷ ଓ ଧାରଣା ଦ୍ୱାରା ପାପ ତଥା ପ୍ରତ୍ୟାହାର ଅନୀଶ୍ୱର ଗୁଣମାନ ପୋଡ଼ିଯାଏ ।

**ଉଚ୍ଚାବଚେଷୁ ଭୂତେଷୁ ଦୁର୍ଜ୍ଞେୟାମକୃତାତ୍ମଭିଃ ।**
**ଧ୍ୟାନଯୋଗେ ସଂପଶ୍ୟେଦ୍ ଗତିମାସ୍ୟାନ୍ତରାତ୍ମନଃ ।୭୩।**

ଶାସ୍ତ୍ରଦ୍ୱାରା ଅସଂସ୍କୃତାତ୍ମ ଲୋକପକ୍ଷରେ ଜୀବର ଉଚ୍ଚ ନୀଚ ଯୋନିରେ ରତି ବିଷୟ ଦୁର୍ଜ୍ଞେୟ ଅଟେ ତାହା କେବଳ ଧ୍ୟାନ ଯୋଗରୁ ଜଣାଯାଏ ।

**ସମ୍ୟଗ୍ ଦର୍ଶନ ସମ୍ପନ୍ନଃକର୍ମଭିର୍ନନିବଦ୍ଧ୍ୟତେ ।**
**ଦର୍ଶନେନ ବିହୀନସ୍ତୁ ସଂସାରଂ ପ୍ରତିପଦ୍ୟତେ ।୭୪।**

ଧ୍ୟାନଯୋଗଦ୍ୱାରା ସମ୍ୟକ୍ ଦର୍ଶନସମ୍ପନ୍ନ (ବ୍ରହ୍ମଜ୍ଞ) ବ୍ୟକ୍ତି ପାପପୁଣ୍ୟ କର୍ମଦ୍ୱାରା ଆବଦ୍ଧ ହୁଏ ନାହିଁ (ମୋକ୍ଷଲାଭ କରେ)- ଯେ ଆତ୍ମଦର୍ଶନବିହୀନ ସେ ସଂସାର ପାଏ (ଜନ୍ମଜନ୍ମାନ୍ତର ଲାଭ କରେ)

**ଅହିଂ ସେୟନ୍ଦ୍ରିୟା ସଙ୍ଗୈ ର୍ବୈଦିକୈଶ୍ଚେ ବ କର୍ମଭିଃ ।**
**ତପସଶ୍ଚରଣୈଶ୍ଚୌଗ୍ରୈଃ ସାଧାୟନ୍ତୀହ ତତ୍ପଦମ୍ ।୭୫।**

ଅହିଂସା, ଇନ୍ଦ୍ରିୟରଣର ବିଷୟାସକ୍ତି ପରିହାର, ବୈଦିକ କର୍ମ, ଉଗ୍ରତପସ୍ୟାଚରଣଦ୍ୱାରା ଇହଲୋକରେ ବ୍ରହ୍ମପଦ ସାଧନ କରାଯାଏ ।

**ଅସ୍ଥିସ୍ଥୂଣଂ ସ୍ନାୟୁତଂ ମାଂସଶୋଣିତଲେପନାମ୍ ।**
**ଚର୍ମାବନଦ୍ଧଃ ଦୁର୍ଗନ୍ଧି ପୂର୍ଣ୍ଣଂ ମୁତ୍ରପୁରୀଷୟୋଃ ।୭୬।**

(ଏହି ଦେହ) ଅସ୍ଥିରୂପ ସ୍ତମ୍ଭରେ ବିଧୃତ, ସ୍ନାୟୁରୂପ ରଜ୍ଜୁଦ୍ୱାରା ବଦ୍ଧ, ରକ୍ତ ଓ ମାଂସ ଦ୍ୱାରା ପ୍ରଲେପିତ, ଚର୍ମଦ୍ୱାରା ଆଚ୍ଛାଦିତ, ମୂତ୍ର ଓ ବିଷ୍ଠାଦ୍ୱାରା ପୂର୍ଣ୍ଣ ଦୁର୍ଗନ୍ଧମୟ ।

**ଜରାଶୋକସମାବିଷ୍ଟଂ ରୋଗାୟ ତମନାତୁରମ୍ ।**
**ରଜସ୍ୱଳମନିତ୍ୟଞ୍ଚ ଭୂତାବାସମିମଂ ତ୍ୟଜେତ୍ ।୭୭।**

ଜରା ଶୋକରେ ଆକ୍ରାନ୍ତ, ରୋଗର ଘର, କ୍ଷୁଧା ପିପାସା ପୀଡ଼ିତ, ପ୍ରାୟରଜୋ ଗୁଣଯୁକ୍ତ ଅନିତ୍ୟ ତଥା ପଞ୍ଚଭୂତର ଆବାସସ୍ୱରୂପ ଏହି ଦେହକୁ ତ୍ୟାଗ କରିବ (ଅର୍ଥାତ୍ ଏମନ୍ତ କରିବ ଯେମନ୍ତ କି ଏ ଦେହ ପୁନର୍ବାର ନ ହୁଏ) ।

**ନଦୀକୂଳଂ ଯଥା ବୃକ୍ଷୋ ବୃକ୍ଷଂ ବା ଶକୁନିର୍ଯ୍ୟଥା ।**
**ତଥା ତ୍ୟଜନ୍ନିମଂ ଦେହଂ କୃଚ୍ଛାଦ୍ ଗ୍ରାହାଦ୍ ବିମୁଚ୍ୟତେ ।୭୮।**

ଯେପରି ବୃକ୍ଷ ନଦୀତୀରକୁ ଛାଡ଼ିଦିଏ ଅଥବା ପକ୍ଷୀ ଯେପରି ଆଶ୍ରୟରୂପ ବୃକ୍ଷକୁ (ଆନନ୍ଦରେ) ତ୍ୟାଗ କରେ ସେହିପରି ସନ୍ନ୍ୟାସୀ ଏହି ଦେହତ୍ୟାଗ କରି କଠିନ ସଂସାର ବନ୍ଧନ ରୂପଗ୍ରାହରୁ ମୁକ୍ତ ହୁଏ ।

**ପ୍ରିୟେଷୁ ସ୍ୱେଷୁ ସୁକୃତମପ୍ରିୟେଷୁ ଚ ଦୁଷ୍କୃତମ୍ ।**
**ବିସୃଜ୍ୟ ଧ୍ୟାନଯୋଗେନ ବ୍ରହ୍ମାଭ୍ୟେତି ସନାତନମ୍ ।୭୯।**

ପୁତ୍ରାଦି ପ୍ରିୟ ସଂଯୋଗରେ ଆପଣାର (ପୂର୍ବ ଜନ୍ମାର୍ଜିତ) ସୁକୃତ ଏବଂ ଦୁଷ୍କୃତାଦି ଚିତ୍ତକ୍ଷୋଭ ତ୍ୟାଗ କରି ସନାତନ ବ୍ରହ୍ମକୁ ପାଏ ।

**ଯଦା ଭାବେନ ଭବତି ସର୍ବଭାବେଷୁ ନିଷ୍ପୃହଃ ।**
**ତଦା ସୁଖମବାପ୍ନୋତି ପ୍ରେତ୍ୟେଚେହ ଚ ଶାଶ୍ୱତମ୍ ।୮୦।**

ଯେଉଁ ଭାବାପନ୍ନ ହେଲେ ମନ ସକଳ ବିଷୟରେ ନିସ୍ପୃହ ହୁଏ ସେହି ଭାବରେ କି ଇହଲୋକ କି ପରଲୋକ ସର୍ବତ୍ର ନିତ୍ୟ ସୁଖ ଲାଭ କରାଯାଏ ।

**ଅନେନ ବିଧିନା ସର୍ବାଂସ୍ତ୍ୟକ୍ତ୍ୱା ସଙ୍ଗାନ୍ ଶନୈଃ ଶନୈଃ ।**
**ସର୍ବଦ୍ୱନ୍ଦ୍ୱବିନିର୍ମୁକ୍ତୋ ବ୍ରହ୍ମଣ୍ୟେବାବତିଷ୍ଠତେ ।୮୧।**

ଏହିପରି ଉପାୟରେ କ୍ରମେ କ୍ରମେ ସମୁଦାୟ ଆସକ୍ତ ପରିତ୍ୟାଗ ପୂର୍ବକ ମାନାପମାନ ଶୀତୋଷ୍ଣ ସୁଖ ଦୁଃଖାଦି ସମୁଦାୟ ଦ୍ୱନ୍ଦ୍ୱଭାବରୁ ମୁକ୍ତ ହୋଇ ସେ ବ୍ରହ୍ମରେ ନିଶ୍ଚୟ ଅବସ୍ଥାନ କରେ ।

**ଧ୍ୟାନିକଂ ସର୍ବମେବୈତଦ୍ ଯଦେତଦଭିଶବ୍ଦିତମ୍ ।**
**ନ ହ୍ୟନଧ୍ୟାତ୍ମବିତ୍ କଶ୍ଚିତ କ୍ରିୟାଫଳମୁପାଶ୍ନୁତେ ।୮୨।**

ଏହି ଯେ ପୁତ୍ରାଦିର ମମତା ତ୍ୟାଗ ଇତ୍ୟାଦି ବୋଲାଗଲା ସେ ସବୁ ଧ୍ୟାନ କରିବାକୁ ଏକା ମିଳେ; ମାତ୍ର ଧ୍ୟାନହୀନ ସୁତରାଂ ଆତ୍ମଜ୍ଞାନ ବିରହିତ ବ୍ୟକ୍ତି କେହି କ୍ରିୟାଫଳ ପାଇ ନପାରେ ।

**ଅଧିଯଜ୍ଞଂ ବ୍ରହ୍ମ ଜପେଦାଧିଦୈବିକମେବ ଚ ।**
**ଆଧ୍ୟାତ୍ମିକଂ ଚ ସତତଂ ବେଦାନ୍ତାଭିହିତଞ୍ଚ ଯତ୍ ।୮୩।**

ଯଜ୍ଞ ଓ ଦେବତା ତଥା ଆତ୍ମା ବିଷୟରେ ଯେ ବେଦବାକ୍ୟ ଅଛି ଏବଂ ବେଦାନ୍ତ (ବ୍ରହ୍ମଜ୍ଞାନ) ବିଷୟକ ଯେ ବେଦବାକ୍ୟ ଅଛି ତାହା ନିରନ୍ତର ଜପ (ସବିଚାର ଧ୍ୟାନ) କରିବ ।

**ଇଦଂ ଶରଣମଜ୍ଞାନାମିଦମେବ ବିଜାନତାମ୍ ।**
**ଇଦମନ୍ୱିଚ୍ଛତାଂ ସ୍ୱର୍ଗମିଦମାନନ୍ତ୍ୟମିଚ୍ଛତାମ୍ ।୮୪।**

ଯେଉଁମାନେ ଅଜ୍ଞାନ, ଯେଉଁମାନେ ଜ୍ଞାନବାନ୍, ଯେଉଁମାନେ ସ୍ୱର୍ଗକାମୀ ଅବା ଯେଉଁମାନେ ମୁକ୍ତିକାମୀ ସମସ୍ତଙ୍କ ପକ୍ଷରେ ଏହି ବେଦ ସମସ୍ତଙ୍କର ଅବଲମ୍ବନ ।

**ଅନେନ କ୍ରମଯୋଗେନ ପରିବ୍ରଜତି ଯୋ ଦ୍ୱିଜଃ ।**
**ସାବିଧୂୟେହ ପାପାନାଂ ପରଂବ୍ରହ୍ମାଧିଗଚ୍ଛତି ।୮୫।**

ଏହିପରି କ୍ରମାନୁଷ୍ଠାନ ଦ୍ୱାରା ଯେଉଁ ଦ୍ୱିଜ ସନ୍ନ୍ୟାସ ଧାରଣ କରେ ସେ ଇହଲୋକରେ ସମୁଦାୟ ପାପମୁକ୍ତ ହୋଇ ପରଂବ୍ରହ୍ମଙ୍କୁ ପ୍ରାପ୍ତ ହୁଏ ।

**ଏଷ ଧର୍ମୋଽନୁଶିଷ୍ଟୋ ବୋ ଯତିନାଂନିୟତାତ୍ମନାମ୍ ।**
**ବେଦସନ୍ନ୍ୟାସିକାନାନ୍ତୁ କର୍ମଯୋଗଂ ନିବୋଧତ ।୮୬।**

ଜିତେନ୍ଦ୍ରିୟ ଯତିମାନଙ୍କର ଏହି ଧର୍ମ ତୁମ୍ଭମାନଙ୍କୁ କହିଲୁ; ଏବେ ବେଦସନ୍ନ୍ୟାସମାନଙ୍କର (ଯେଉଁମାନେ ଜ୍ଞାନରେ ସନ୍ନ୍ୟାସୀ ଥାଇ ବାହାରେ ସନ୍ନ୍ୟାସୀର ଚିହ୍ନ ଧାରଣ ଅର୍ଥାତ୍ ଗୃହବାସ ତ୍ୟାଗାଦି କରି ନାହାନ୍ତି) କର୍ମଯୋଗ ଶୁଣ ।

**ବ୍ରହ୍ମଚାରୀ ଗୃହସ୍ଥଶ୍ଚ ବାନପ୍ରସ୍ଥୋ ଯତିସ୍ତଥା ।**
**ଏତେ ଗୃହସ୍ଥପ୍ରଭବାଶ୍ଚତ୍ୱାରଃ ପୃଥଗାଶ୍ରମାଃ ।୮୭।**

ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ ଓ ଯତି ଏହିପରି ପୃଥକ ପୃଥକ ଆଶ୍ରମ ଗୃହସ୍ଥରୁ ଉତ୍ପନ୍ନ ହୁଏ ।

**ସର୍ବେଽପିକ୍ରମଶସ୍ତ୍ୱେତେ ଯଥାଶାସ୍ତ୍ରଂ ନିଷେବିତାଃ ।**
**ଯଥୋକ୍ତକାରିଣଂ ବିପ୍ରଂ ନୟନ୍ତି ପରମାଂ ଗତିମ୍ ।୮୮।**

ଏହି ସକଳ ଆଶ୍ରମ କ୍ରମାଗତ ଶାସ୍ତ୍ରାନୁକୂଳ ସେବିତ ହେଲେ ତଦ୍ଦ୍ୱାରା ସେହି ବିଧିମାନଙ୍କର ଯଥାନୁଷ୍ଠାନକାରୀ ବିପ୍ରକୁ ମୋକ୍ଷପ୍ରାପ୍ତ ହୁଏ ।

**ସର୍ବେଷାମପି ଚୈତେଷାଂ ବେଦସ୍ମୃତିବିଧାନତଃ ।**
**ଗୃହସ୍ଥ ଉଚ୍ୟତେ ଶ୍ରେଷ୍ଠଃ ସ ତ୍ରୀନେତାନ୍ ବିଭର୍ତ୍ତି ହି ।୮୯।**

ଏହିସବୁ ଆଶ୍ରମ ମଧ୍ୟରେ ବେଦ ଓ ସ୍ମୃତି ବିଧାନାନୁସାରେ ଗୃହସ୍ଥ ଶ୍ରେଷ୍ଠ କଥିତ ହୁଏ, କାରଣ ସେ (ଗୃହସ୍ଥାଶ୍ରମ) ଅନ୍ୟ ତିନି ଆଶ୍ରମକୁ ପୋଷଣ କରେ ।

**ଯଥା ନଦୀନଦାଃ ସର୍ବେ ସାଗରେ ଯାନ୍ତି ସଂସ୍ଥିତିମ୍ ।**
**ଯଥୈବାଶ୍ରମିଣଃ ସର୍ବେ ଗୃହସ୍ଥେ ଯାନ୍ତି ସଂସ୍ଥିତିମ୍ ।୯୦।**

ଯେମନ୍ତେ ନଦୀନଦ ସମସ୍ତ ସାଗରରେ ସ୍ଥିତିଲାଭ କରେ ତେମନ୍ତ ସମସ୍ତ ଆଶ୍ରମବାସୀମାନେ ଗୃହସ୍ଥରେ (ଗୃହସ୍ଥର ଆଶ୍ରୟରେ) ସ୍ଥିତିଲାଭ କରନ୍ତି ।

**ଚତୁର୍ଭିରପିଚୈବୈତୈର୍ନିତ୍ୟମାଶ୍ରମି ଭିର୍ଦ୍ୱିଜୈଃ ।**
**ଦଶଲକ୍ଷଣକୋ ଧର୍ମଃ ସେବିତବ୍ୟଃ ପ୍ରଯତ୍ନତଃ ।୯୧।**

ଏହି ଚାରି ଆଶ୍ରମବାସୀ ଦ୍ୱିଜର ସୁଦ୍ଧା ସତତ ଦଶଲକ୍ଷଣଯୁକ୍ତ ଧର୍ମ ଯତ୍ନ ପୂର୍ବକ ସେବନ କରିବା କର୍ତ୍ତବ୍ୟ ।

**ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ ।**
**ଧୀର୍ବିଦ୍ୟା ସତ୍ୟମକ୍ରୋଧୋ ଦଶକଂ ଧର୍ମଲକ୍ଷଣଂ ।୯୨।** ⁂

୧ ଧୈର୍ଯ୍ୟ, ୨ ପର ମନ୍ଦ କଲେ ସହିବା, ୩. ଚିତ୍ତରୋଧ, ୪. ଚୋରୀ ନ କରିବା, ୫. ବାହ୍ୟାଭ୍ୟନ୍ତରେ ଶୁଦ୍ଧି, ୬ ଜିତେନ୍ଦ୍ରିୟତା, ୭. ଶାସ୍ତ୍ରଜ୍ଞାନ, ୮ ଆତ୍ମଜ୍ଞାନ, ୯ ସତ୍ୟଭାଷଣ ଓ ୧୦ ଅକ୍ରୋଧ ଏହି ଦଶ ଧର୍ମର ଲକ୍ଷଣ ।

**ଦଶଲକ୍ଷଣାନି ଧର୍ମସ୍ୟ ଯେ ବିପ୍ରାଃ ସମଧୀୟତେ ।**
**ଅଧୀତ୍ୟ ଚାନୁବର୍ତ୍ତନ୍ତେ ତେ ଯାନ୍ତି ପରମାଂ ଗତିମ୍ ।୯୩।**

ଯେଉଁ ବିପ୍ରମାନେ ଧର୍ମର ଦଶ ଲକ୍ଷଣକୁ ପଢ଼ନ୍ତି ଏବଂ ପଢ଼ି ତଦନୁସାରେ ଚଳନ୍ତି ସେମାନେ ମୋକ୍ଷ ପ୍ରାପ୍ତ ହୁଅନ୍ତି ।

**ଦଶଲକ୍ଷଣକଂ ଧର୍ମମନୁତିଷ୍ଠନ୍ ସମାହିତଃ ।**
**ବେଦାନ୍ତଂ ବିଧିବଚ୍ଛ୍ରୁତ୍ୱା ସଂନ୍ୟସେଦନଣୋ ଦ୍ୱିଜଃ ।୯୪।**

(ଋଷି, ପିତୃ ଓ ଦେବ ସମ୍ବନ୍ଧୀୟ)ଋଣରୁ ମୁକ୍ତ ଦ୍ୱିଜ ସମାହିତ ହୋଇ ଦଶ ଲକ୍ଷଣ ଧର୍ମ ଅନୁଷ୍ଠାନ କରି ଯଥାବିଧି ବେଦାନ୍ତ ଶ୍ରବଣ କରି ସନ୍ନ୍ୟାସ ଧାରଣ କରିବ ।

**ସଂନ୍ୟସ୍ୟ ସର୍ବକର୍ମାଣି କର୍ମଦୋଷାନପାନପାନୁଦନ୍ ।**
**ନିୟତୋ ବେଦମଭ୍ୟସ୍ୟ ପୁତ୍ରୈଶ୍ୱର୍ଯ୍ୟେ ସୁଖଂ ବସେତ୍ ।୯୫।** ⁂

---

⁂ ୫ଖଣ୍ଡ ପୁସ୍ତକରେ 'ଧୀଃ' ସ୍ଥାନରେ, 'ହ୍ରୀଃ' ପାଠ ଭେଦ ଅଛି ।

⁂ ଏଥିପରେ ଗୋଟିଏ ପୁସ୍ତକରେ ମିଳେ-

ସଂନ୍ୟସେତ୍ ସର୍ବ କର୍ମାଣି ବେଦମେକଂ ନ ସଂନ୍ୟସେତ୍ ।
ବେଦଂ ସଂନ୍ୟାସତଃ ଶୂଦ୍ରସ୍ତସ୍ମାଦ୍ ବେଦଂ ନ ସଂନ୍ୟସେତ୍ ।

ସକଳ ଧର୍ମ ଛାଡ଼ିବା ମାତ୍ରେ ବେଦକୁ ଛାଡ଼ିବ ନାହିଁ, ବେଦ ଛାଡ଼ିଲେ ଶୂଦ୍ରତ୍ୱ ହୁଏ, ଏଣୁ ବେଦ ଛାଡ଼ିବ ନାହିଁ ।

ଅନ୍ୟ ଦୁଇ ପୁସ୍ତକରେ ଏହି ଆଶ୍ରୟର ନିମ୍ନ ଶ୍ଳୋକ ମିଳେ-

ସଂନ୍ୟସେତ ସର୍ବ କର୍ମାଣି ବେଦନ୍ତୁ ନ ପରିତ୍ୟେଜେତ୍ ।
ପରିତ୍ୟାଗାଦ୍ଧି ବେଦସ୍ୟ ଶୂଦ୍ରତାମନୁଗଚ୍ଛତି ।।

(ଗୃହସ୍ଥର) ସକଳ କର୍ମ ଛାଡ଼ି (ଅଜ୍ଞାନକୃତ ଜୀବନାଶରୂପ) ପାପ (ପ୍ରାଣାୟାମ ଦ୍ୱାରା) ନଷ୍ଟ କରି ଜିତେନ୍ଦ୍ରିୟ ହୋଇ ବେଦର ଅଭ୍ୟାସ କରି ପୁତ୍ରର ଐଶ୍ୱର୍ଯ୍ୟରେ (ଆପଣାର ବୃତ୍ତି ଚିନ୍ତାରୁ ରହିତ ହୋଇ) ସୁଖରେ ବାସ କରିବ ।

**ଏବଂ ସଂନ୍ୟସ୍ୟ କର୍ମାଣି ସ୍ୱକାର୍ଯ୍ୟପରମୋଽସ୍ପୃହଃ ।**
**ସଂନ୍ୟାସେନାପହତ୍ୟୈନଃ ପ୍ରାପ୍ନୋତି ପରମାଂ ଗତିମ୍ ।୯୬।**

ଏହି ପ୍ରକାର କର୍ମ ସବୁ ଛାଡ଼ି ଆପଣା କାର୍ଯ୍ୟ (ଆତ୍ମସାକ୍ଷାତ୍କାର)ରେ ତତ୍ପର ହୋଇ ନିସ୍ପୃହ ସନ୍ନ୍ୟାସ ଦ୍ୱାରା ପାପ ଦୂର କରି ସେ ପରମଗତି (ମୋକ୍ଷ) ପ୍ରାପ୍ତ ହୁଏ ।

**ଏଷ ବୋଽଭିହିତୋ ଧର୍ମୋ ବ୍ରାହ୍ମଣସ୍ୟ ଚତୁର୍ବିଧଃ ।**
**ପୁଣ୍ୟୋଽକ୍ଷୟଫଳଃ ପ୍ରେତ ରାଜ୍ଞାଂ ଧର୍ମଂ ନିବୋଧତ ।୯୭।**

ପରଲୋକରେ ପୁଣ୍ୟ ତଥା ଅକ୍ଷୟ ଫଳଦାତା ଏହି ଚାରି ପ୍ରକାର ବ୍ରାହ୍ମଣର ଧର୍ମ ତୁମ୍ଭମାନଙ୍କୁ କହିଲୁ; ଏବେ ରାଜଧର୍ମ ଶୁଣ ।

**ଷଷ୍ଠ ଅଧ୍ୟାୟ ସମାପ୍ତ ।**

# ସପ୍ତମୋଽଧ୍ୟାୟଃ

**ରାଜଧର୍ମାନ୍ ପ୍ରବକ୍ଷ୍ୟାମି ଯଥାବୃତ୍ତୋ ଭବେନ୍ନୃପଃ ।**
**ସମ୍ଭବଶ୍ଚ ଯଥା ତସ୍ୟ ସିଦ୍ଧିଶ୍ଚ ପରମା ଯଥା ।୧।**

ଯେପରି ଆଚାର ସମ୍ପନ୍ନ ରାଜା ହେବା ଉଚିତ ସେପରି ରାଜଧର୍ମ ଏବଂ ଯେପରି ରାଜାଙ୍କର ଉତ୍ପତ୍ତି ଓ ଯେପରି ସେ ପରମସିଦ୍ଧି ଲାଭ କରନ୍ତି ସେ ସବୁ ବୋଲିବୁ ।

**ବ୍ରାହ୍ମଂ ପ୍ରାପ୍ତେନ ସଂସ୍କାରଂ କ୍ଷତ୍ରିୟେଣ ଯଥାବିଧି ।**
**ସର୍ବସ୍ୟାସ୍ୟ ଯଥାନ୍ୟାୟଂ କର୍ତ୍ତବ୍ୟଂ ପରିରକ୍ଷଣମ୍ ।୨।**

ଯଥାବିଧି ବେଦୋକ୍ତ ଉପନୟନ ସଂସ୍କାର ପ୍ରାପ୍ତ ହୋଇ କ୍ଷତ୍ରିୟ ନ୍ୟାୟାନୁସାରେ ଆପଣା ରାଜ୍ୟସମୂହର ରକ୍ଷଣାବେକ୍ଷଣ କରିବା କର୍ତ୍ତବ୍ୟ ।

**ଅରାଜକେ ହି ଲୋକେଽସ୍ମିନ୍ ସର୍ବତୋ ବିଦ୍ରୁତେ ଭୟାତ୍ ।**
**ରକ୍ଷାର୍ଥମସ୍ୟ ସର୍ବସ୍ୟ ରାଜାନମସୃଜତ୍ ପ୍ରଭୁଃ ।୩।**

ଅରାଜକ ହେଲେ ଏହି ଜଗତରେ ସର୍ବତ୍ର ଲୋକେ ଭୟରେ ଆକୁଳ ହୁଅନ୍ତି । ଏ ହେତୁ ଏହି ସମୁଦାୟ ଚରାଚର ରକ୍ଷା ସକାଶେ ପରମେଶ୍ୱର ରାଜା ସୃଷ୍ଟି କରିଅଛନ୍ତି ।

**ଇନ୍ଦ୍ରାନିଳଯମାର୍କାଣାମଗ୍ନେଶ୍ଚ ବରୁଣସ୍ୟ ଚ ।**
**ଚନ୍ଦ୍ରା ବିତ୍ତେଶୟୋଶ୍ଚୈବ ମାତ୍ରାନିର୍ହୃତ୍ୟ ଶାଶ୍ୱତୀଃ ।୪।**

ଇନ୍ଦ୍ର, ବାୟୁ, ଯମ, ସୂର୍ଯ୍ୟ, ଅଗ୍ନି, ବରୁଣ, ଚନ୍ଦ୍ର ଓ କୁବେର- ଏହାଙ୍କ ସାରଭୂତ ଅଂଶ ଘେନି (ରାଜା ସୃଷ୍ଟି କରିଅଛନ୍ତି) ଅର୍ଥାତ୍ ଏହି ଦିବ୍ୟଗୁଣାଂଶରେ ଯୁକ୍ତ ପୁରୁଷ ରାଜା ହୁଏ ।

**ଯସ୍ମାଦେଷାଂ ସୁରେନ୍ଦ୍ରାଣା ମାତ୍ରାଭ୍ୟୋ ନିର୍ମିତୋ ନୃପଃ ।**
**ତସ୍ମାଦଭିଭବତ୍ୟେଷ ସର୍ବଭୂତାନି ତେଜସା ।୫।**

ସୁରେନ୍ଦ୍ରମାନଙ୍କର ମାତ୍ରାରୁ ନୃପ ନିର୍ମିତ ହୋଇଥିବା ହେତୁ ଏ (ରାଜା) ତେଜ ଦ୍ୱାରା ସମଗ୍ର ପ୍ରାଣୀଙ୍କୁ ପରାଭୂତ କରିପାରେ ।

**ତପସ୍ୟାଦିତ୍ୟବଚ୍ଚୈଷାଂ ଚକ୍ଷୁଂଷିତ ଚ ମାନାଂସି ଚ ।**
**ନ ଚୈନଂ ଭୁବି ଶକ୍ନୋତି କଶ୍ଚିଦପ୍ୟଭିବୀକ୍ଷିତୁମ୍ ।୬।**

(ରାଜାର କିପରି ଉକ୍ତ ଅଷ୍ଟଦେବର ପ୍ରଭାବ ରହେ ତାହା ଏ ଶ୍ଳୋକ ଓ ପର ଶ୍ଳୋକରେ ମନୁ ଦେଖାଇ ଅଛନ୍ତି) । (ସୂର୍ଯ୍ୟପରି ସେ ଅନାଇବା ଲୋକର) ଚକ୍ଷୁ ଏ ମନକୁ ଉତ୍ତପ୍ତ କରେ ଆଉ ପୃଥିବୀର କୌଣସି ଲୋକ ରାଜାକୁ ଆଗ ହୋଇ ଅନାଇ ନ ପାରେ ।

**ସୋଽଗ୍ନିର୍ଭବିତ ବାୟୁଶ୍ଚ ସୋଽର୍କ ସୋମ୍ୟ ସ ଧର୍ମରାଟ୍ ।**
**ସ କୁବେରଃ ସ ବରୁଣଃ ସ ମହେନ୍ଦ୍ରଃ ପ୍ରଭାବତଃ ।୭।**

ସେ ରାଜା ପ୍ରଭାବରେ ଅଗ୍ନି, ବାୟୁ, ସୂର୍ଯ୍ୟ, ଚନ୍ଦ୍ର, ଯମ, କୁବେର, ବରୁଣ ଓ ମହେନ୍ଦ୍ର ପରି ।

**ବାଲୋଽପି ନାବମନ୍ତବ୍ୟୋ ମନୁଷ୍ୟ ଇତି ଭୂମିପଃ ।**
**ମହତୀ ଦେବତା ହ୍ୟେଷା ନରରୂପେଣ ତିଷ୍ଠତି ।୮।**

ବାଳକ ହେଲେ ସୁଦ୍ଧା (ସାମାନ୍ୟ) ମନୁଷ୍ୟ ବୋଧରେ ରାଜାକୁ ଅପମାନ କରିବା ଉଚିତ ନୁହେଁ; କାରଣ ମନୁଷ୍ୟ ରୂପରେ ଥିବା ମହତୀ ଦେବତା ବୋଲି ଜାଣିବ ।

**ଏକମେବ ଦହତ୍ୟଗ୍ନିର୍ନରଂ ଦୁରୁପସର୍ପିଣମ୍ ।**
**କୁଳଂ ଦହତି ରାଜାଗ୍ନି ସପଶୁଦ୍ରବ୍ୟସଞ୍ଚୟମ୍ ।୯।**

ଅସାବଧାନ ହୋଇ ନିଆଁ ନିକଟକୁ ଗଲେ ଅଗ୍ନି ତାକୁ ଏକା ପୋଡ଼ିଦିଏ; ମାତ୍ର ରାଜାର କୋପାଗ୍ନି ସପରିବାର ପଶୁ ଓ ଦ୍ରବ୍ୟସମ୍ପତ୍ତି ସହିତ ପୋଡ଼ି ପକାଏ (ନଷ୍ଟ କରେ) ।

**କାର୍ଯ୍ୟଂ ସୋଽବେକ୍ଷ୍ୟ ଶକ୍ତିଂ ଚ ଦେଶକାଳୌ ଚ ତତ୍ତ୍ୱତଃ ।**
**କୁରୁତେ ଧର୍ମସିଦ୍ଧ୍ୟର୍ଥଂ ବିଶ୍ୱରୂପଂ ପୁନଃ ପୁନଃ ।୧୦।**

କାର୍ଯ୍ୟ, ଶକ୍ତି, ଦେଶ ଓ କାଳର ତତ୍ତ୍ୱ ଦେଖି ଧର୍ମସିଦ୍ଧି ସକାଶେ ରାଜା ବାର ବାର ନାନା ପ୍ରକାର ରୂପ ଧରେ (ଅର୍ଥାତ୍ କେବେ କ୍ଷମା, କେବେ କୋପ, କେବେ ମିତ୍ରତ୍ୱ, କେବେ ଶତ୍ରୁତା ଇତ୍ୟାଦି) ।

**ଯସ୍ୟ ପ୍ରସାଦେ ପଦ୍ମା ଶ୍ରୀର୍ବିଜୟଶ୍ଚ ପରାକ୍ରମେ ।**
**ମୃତ୍ୟୁଶ୍ଚ ବସତି କ୍ରୋଧେ ସର୍ବତେଜୋମୟୋ ହି ସଃ ।୧୧।**

ଯାହାର ପ୍ରସନ୍ନତାରେ ଲକ୍ଷ୍ମୀ ମିଳେ(ଦ୍ରବ୍ୟପ୍ରାପ୍ତି ହୁଏ) ଓ ପରାକ୍ରମରେ ଜୟ ଲାଭ ହୁଏ ଏବଂ କ୍ରୋଧରେ ମୃତ୍ୟୁ ବାସ କରେ ସେ ରାଜା ସର୍ବତେଜୋମୟ ଅଟେ ।

**ତଂ ଯସ୍ତୁ ଦ୍ୱେଷ୍ଟି ସଂମୋହାତ୍ସ ବିନଶ୍ୟତ୍ୟସଂଶୟମ୍ ।**
**ତସ୍ୟ ହ୍ୟାଶୁ ବିନାଶାୟ ରାଜା ପ୍ରକୁରୁତେ ମନଃ ।୧୨।**

ଯେ ଅଜ୍ଞାନରେ ରାଜାର ଦ୍ୱେଷ କରେ ସେ ନିଶ୍ଚୟ ନାଶ ପ୍ରାପ୍ତ ହୁଏ; କାରଣ ତାହାକୁ ଶୀଘ୍ର ନାଶ କରିବା ସକାଶେ ରାଜା ମନଯୋଗୀ ହୁଏ ।

**ତସ୍ମାଦ୍ଧର୍ମଂ ଯମିଷ୍ଟେଷୁ ସବ୍ୟବସ୍ୟେନ୍ନରାଧିପଃ ।**
**ଅନିଷ୍ଟଂ ଚାପ୍ୟନିଷ୍ଟେଷୁ ତଂ ଧର୍ମଂ ନ ବିଚାଳୟେତ୍ ।୧୩।**

ଏହି ହେତୁ (ଶିଷ୍ଟପାଳନ ଓ ଦୁଷ୍ଟଦମନ ସକାଶେ) ରାଜା ଯାହା ଇଷ୍ଟ ଓ ଯାହା ଅନିଷ୍ଟ ତଦ୍ ବିଷୟରେ ଧର୍ମ(ଆଇନ) ନିର୍ଦ୍ଧାରଣ କରନ୍ତି, ସେ ଧର୍ମ ଲଙ୍ଘନ କରିବ ନାହିଁ ।

**ତସ୍ୟାର୍ଥେ ସର୍ବଭୂତାନାଂ ଗୋପ୍ତାରଂ ଧର୍ମମାତ୍ମଜମ୍ ।**
**ବ୍ରହ୍ମତେଜୋମୟଂ ଦଣ୍ଡମସୃଜତ୍ ପୂର୍ବମୀଶ୍ୱରଃ ।୧୪।**

ରାଜାର ପ୍ରୟୋଜନ ସିଦ୍ଧି ସକାଶେ ସର୍ବପ୍ରାଣୀର ରକ୍ଷକ ଆତ୍ମଜ ବ୍ରହ୍ମତେଜୋମୟ ଦଣ୍ଡ ଧର୍ମ ଈଶ୍ୱର ଆରମ୍ଭରୁ ସୃଷ୍ଟି କରିଅଛନ୍ତି ।

**ତସ୍ୟ ସର୍ବାଣି ଭୂତାନି ସ୍ଥାବରାଣି ଚ ।**
**ଭୟାଭୋଗାୟ କଳ୍ପନ୍ତେ ସ୍ୱଧର୍ମାନ୍ନ ଚଳନ୍ତି ଚ ।୧୫।**

ସେହି ଦଣ୍ଡର ଭୟରୁ ଚରାଚର ସର୍ବଭୂତ ଭୋଗସୁଖରେ ପ୍ରତିଷ୍ଠିତ ଅଛି ଏବଂ କେହି ଆପଣା ଧର୍ମରୁ ବିଚଳିତ ହୁଏ ନାହିଁ ।

**ତଂ ଦେଶକାଲୌ ଶକ୍ତିଞ୍ଚ ବିଦ୍ୟାଞ୍ଚାବେକ୍ଷ୍ୟ ତତ୍ତ୍ୱତଃ ।**
**ଯଥାର୍ହତଃ ସମ୍ପ୍ରଣୟେନ୍ନରେଷ୍ୱ ନ୍ୟାୟବର୍ତ୍ତିଷୁ ।୧୬।**

ଦେଶ, କାଳ, ଶକ୍ତି ବିଦ୍ୟା ଇତ୍ୟାଦି ଶାସ୍ତ୍ରାନୁସାରେ ତତ୍ତ୍ୱବିଚାର କରି ଅପରାଧିମାନଙ୍କୁ ଯଥାଯୋଗ୍ୟ ଦଣ୍ଡ ଦେବ ।

**ସ ରାଜା ପୁରୁଷୋ ଦଣ୍ଡଃ ସ ନେତା ଶାସିତା ଚ ସଃ ।**
**ଚତୁର୍ଣ୍ଣାମାଶ୍ରମାଣାଞ୍ଚ ଧର୍ମସ୍ୟ ପ୍ରତିଭୂଃ ସ୍ମୃତଃ ।୧୭।**

ସେହି ଦଣ୍ଡ ରାଜା, ସେହି ପୁରୁଷ, ସେହି ନେତା ଓ ଶାସିତା ଏବଂ ଚାରି ଆଶ୍ରମର ଧର୍ମ ପ୍ରତିଭୂ (ଜାମିନ୍) ଅଟେ ।

**ଦଣ୍ଡଃ ଶାସ୍ତି ପ୍ରଜାଃ ସର୍ବା ଦଣ୍ଡ ଏବାଭିରକ୍ଷତି ।**
**ଦଣ୍ଡଃ ସୁପ୍ତେଷୁ ଜାଗର୍ତ୍ତି ଦଣ୍ଡଂ ଧର୍ମଂ ବିଦୁର୍ବୁଧାଃ ।୧୮।**

ଦଣ୍ଡ ପ୍ରଜାସମୂହକୁ ଶାସନ କରେ , ଦଣ୍ଡ ହିଁ ରକ୍ଷାକରେ, ସମସ୍ତେ ଶୋଇଲେ ସୁଦ୍ଧା ଦଣ୍ଡ ଜାଗ୍ରତ ଥାଏ (ତାହାରି ଭୟରେ ଚୋରି କରିବାକୁ ଡ଼ରେ), ବିଦ୍ୱାନମାନେ ଦଣ୍ଡକୁ ଧର୍ମ ବୋଲନ୍ତି ।

**ସମୀକ୍ଷ୍ୟ ସ ଧୃତଃ ସମ୍ୟକ୍ ସର୍ବା ରଞ୍ଜୟତି ପ୍ରଜାଃ ।**
**ଅସମୀକ୍ଷ୍ୟ ପ୍ରଣୀତସ୍ତୁ ବିନାଶୟତି ସର୍ବତଃ ।୧୯।**

ସେ ଦଣ୍ଡ ସମ୍ୟକ୍ ବିବେଚିତ ହୋଇ ଧୃତ ହେଲେ ପ୍ରଜା ସକଳ ସୁଖରେ ରହନ୍ତି ମାତ୍ର ସମ୍ୟକ ବିଚାର ନ କରି ଦଣ୍ଡ ବିଧାନ କଲେ ସମସ୍ତଙ୍କୁ ବିନାଶ କରେ ।

**ଯଦି ନ ପ୍ରଣୟେଦ୍ରାଜା ଦଣ୍ଡଂ ଦଣ୍ଡ୍ୟେଷ୍ୱ ତନ୍ଦ୍ରିତଃ ।**
**ଶୂଳେ ମତ୍ସ୍ୟାନିବାପକ୍ଷ୍ୟନ୍ ଦୁର୍ବଳାନ୍ ବଳବତ୍ତରାଃ ।୨୦।**

ଯଦି ଆଳସ୍ୟରହିତ ହୋଇ ରାଜା ଅପରାଧିମାନଙ୍କୁ ଦଣ୍ଡ ନ ଦେବ ତେବେ ଶୂଳରେ ମାଛ ଛଟପଟ ହେଲାପରି ବଳବାନ ଲୋକେ ଦୁର୍ବଳ ଲୋକଙ୍କୁ ଛଟପଟ କରିବେ ।

**ଆଦ୍ୟାତ୍କାଳଃ ପୁରୋଡ଼ାଶଂ ଶ୍ୱାବଲିହ୍ୟାଦ୍ଧବିସ୍ତଥା ।**
**ସ୍ୱାମଞ୍ଚ ନ ସ୍ୟାତ୍ କସ୍ମିଂଶ୍ଚିତ୍ ପ୍ରବର୍ତ୍ତେତାଧରୋତ୍ତରମ୍ ।୨୧।**

(ରାଜା ଦଣ୍ଡ ନ ଦେଲେ) କାଉ ପୁରୋଡ଼ାଶ ଖାଇଯିବ ତଥା କୁକୁର ହବି ଚାଟି ଦେବ । ଆଉ କାହାରି କିଛି ଅଧିକାର ରହିବ ନାହିଁ ଏବଂ ନୀଚ ଉଚ୍ଚକୁ ଅପମାନ କରିବ ।

**ସର୍ବୋ ଦଣ୍ଡଜିତୋ ଲୋକେ ଦୁର୍ଲଭୋ ହି ଶୁଚିର୍ନରଃ ।**
**ଦଣ୍ଡସ୍ୟ ହି ଭୟାତ୍ସର୍ବଂ ଜଗଦ୍ଭୋଗାୟ କଳ୍ପତେ ।୨୨।**

କେବଳ ଦଣ୍ଡ ଭୟରେ ମନୁଷ୍ୟମାନେ ନ୍ୟାୟପଥରେ ଅବସ୍ଥାନ କରନ୍ତି; କାରଣ ନିର୍ଦ୍ଦୋଷ ଲୋକ ଜଗତରେ ଦୁର୍ଲ୍ଲଭ ଦଣ୍ଡଭୟରୁ ଏକା ବିଶ୍ୱଜଗତ ଭୋଗ୍ୟାଭୋଗ୍ୟରେ ସମର୍ଥ ହୁଏ ।

**ଦେବଦାନବଗନ୍ଧର୍ବା ରକ୍ଷାଂସି ପତଗୋରଗାଃ ।**
**ତେଽପି ଭୋଗାୟ କଳ୍ପନ୍ତେ ଦଣ୍ଡେନୈବ ନିପୀଡ଼ିତାଃ ।୨୩।**

ଦେବ, ଦାନବ, ଗନ୍ଧର୍ବ, ରାକ୍ଷସ, ପକ୍ଷୀ, ସର୍ପ- ଏମାନେ ସୁଦ୍ଧା (ଜଗଦୀଶ୍ୱର ପରମାର୍ଥ) ଦଣ୍ଡ ଭୟରେ ପୀଡ଼ିତ ହୋଇ (ବର୍ଷାଦି ଦ୍ୱାରା) ଜଗଦୁ୍ୟପକାର ସାଧନରେ ପ୍ରବୃତ୍ତ ହୁଅନ୍ତି ।

**ଦୁଷ୍ୟେୟୁଃ ସର୍ବବର୍ଣ୍ଣାଶ୍ଚ ଭିଦ୍ୟେରନ୍ ସର୍ବସେତବଃ ।**
**ସର୍ବଲୋକପ୍ରକୋପଶ୍ଚ ଭବେଦ୍ଦଣ୍ଡସ୍ୟ ବିଭ୍ରମାତ୍ ।୨୪।**

ଦଣ୍ଡ ବିନା ବର୍ଣ୍ଣସମୂହ ବିରୁଦ୍ଧାଚରଣରେ ପ୍ରବୃତ୍ତ ହୋଇ (ଚତୁର୍ବର୍ଗରୂପ) ସେତୁ ସକଳ ଭାଙ୍ଗି ପକାଇବ ଏବଂ ଲୋକସମୂହରେ ଉପଦ୍ରବ ଜାତ ହେବ ।

**ଯତ୍ର ଶ୍ୟାମୋ ଲୋହିତାକ୍ଷୋ ଦଣ୍ଡଶ୍ଚରତି ପାପହା ।**
**ପ୍ରଜାସ୍ତତ୍ର ନମୂହ୍ୟନ୍ତି ନେତା ଚେତ୍ ସାଧୁ ପଶ୍ୟତି ।୨୫।**

ଯେଉଁ ସ୍ଥଳରେ ଶ୍ୟାମବର୍ଣ୍ଣ ଆରକ୍ତ ଲୋଚନ ଦଣ୍ଡ ପାପ ବିନାଶାର୍ଥ ବିଚରଣ କରେ ଏବଂ ଦଣ୍ଡ ବିଧାତା ସକଳ ବିଷୟରେ ନ୍ୟାୟଦଣ୍ଡବିଧାନ କରନ୍ତି ସେଠାରେ ପ୍ରଜାମାନେ ବ୍ୟାକୁଳ ହୁଅନ୍ତି ନାହିଁ ।

**ତସ୍ୟାହୁଃ ସଂପ୍ରଣେତାରଂ ରାଜାନଂ ସତ୍ୟବାଦିନମ୍ ।**
**ସମୀକ୍ଷ୍ୟକାରିଣଂ ପ୍ରାଜ୍ଞଃ ଧର୍ମକାମାର୍ଥକୋବିଦମ୍ ।୨୬।**

ସତ୍ୟବାଦୀ, ଉତ୍ତମ ବିଚାର କରି କାର୍ଯ୍ୟକାରୀ, ବୁଦ୍ଧିମାନ, ଧର୍ମ କାମ ଅର୍ଥ ଜାଣିଥିବା ରାଜାଙ୍କୁ ସେହି ଦଣ୍ଡ ଦାନ କରିବାର ଅଧିକାର ବୋଲନ୍ତି ।

**ତଂ ରାଜା ପ୍ରଣୟନ୍ ସମ୍ୟକ୍ ତ୍ରିବର୍ଗେଣାଭିବର୍ଦ୍ଧତେ ।**
**କାମାତ୍ମା ବିଷମଃ କ୍ଷୁଦ୍ରୋ ଦଣ୍ଡେନୈବ ନିହନ୍ୟତେ ।୨୭।**

ଯେବେ ରାଜା ଦଣ୍ଡକୁ ଉତ୍ତମରୂପେ ଚଳାନ୍ତି ତେବେ ସେ ଧର୍ମ, ଅର୍ଥ ଓ କାମରେ ବୃଦ୍ଧି ପ୍ରାପ୍ତ ହୁଅନ୍ତି; ମାତ୍ର ବିଷୟାଭିଳାଷ, ବିପରୀତାଚରଣ ଓ ନୀଚତା କଲେ ସେହି ପାପରୁ ସେହି ଦଣ୍ଡଦ୍ୱାରା ନିହତ ହୁଅନ୍ତି ।

**ଦଣ୍ଡୋ ହି ସୁମହତ୍ତେଜୋ ଦୁର୍ଦ୍ଧରଶ୍ଚାକୃତାତ୍ମଭିଃ ।**
**ଧର୍ମାଦ୍ୱିଚଳିତଂ ହନ୍ତି ନୃପମେବ ସବାନ୍ଧବମ୍ ।୨୮।**

ମହତ୍ତେଜଯୁକ୍ତ ଦଣ୍ଡ ଶାସ୍ତ୍ରୋକ୍ତ ବିଧିଦ୍ୱାରା ସଂସ୍କାରରହିତ ରାଜାମାନଙ୍କ କର୍ତ୍ତୃକ ଧୃତ ହୋଇ ନପାରେ; ମାତ୍ର ଧର୍ମ ବିଚଳିତ ରାଜାକୁ ନିଶ୍ଚୟ ସବାନ୍ଧବ ନାଶ କରେ ।

**ତତୋ ଦୁର୍ଗଞ୍ଚ ରାଷ୍ଟ୍ରଞ୍ଚ ଲୋକଞ୍ଚ ସଚରାଚରମ୍ ।**
**ଅନ୍ତରୀକ୍ଷଗତାଂଶ୍ଚୈବ ମୁନୀନ୍ ଦେବାଂଶ୍ଚ ପୀଡ଼ୟେତ୍ ।୨୯।**

ରାଜାକୁ ନାଶକଲା ପରେ ଦୁର୍ଗ, ରାଜ୍ୟ, ଚରାଚର ଲୋକ (ହବ୍ୟାଦି ଅପ୍ରାପ୍ତ ହେବାରୁ) ଅନ୍ତରୀକ୍ଷସ୍ଥ ବାୟୁ, ଦେବତା ଓ ମୁନିମାନଙ୍କୁ ସେହି ଦଣ୍ଡ ପୀଡ଼ା ଦିଏ ।

**ସୋଽସହାୟେନୋ ମୂଢ଼େନ ଲୁବ୍ଧେନାକୃତ ବୁଦ୍ଧିନା**
**ନ ଶକ୍ୟୋ ନ୍ୟାୟତୋ ନେତୁଂ ସକ୍ତେନ ବିଷୟେଷୁ ଚ ।୩୦।**

(ମନ୍ତ୍ରୀ ବା ସେନାପତିର) ସହାୟ ରହିତ, ମୂର୍ଖ, ଲୋଭୀ, ନିର୍ବୋଧ ଏବଂ ବିଷୟାସକ୍ତ ରାଜାକର୍ତ୍ତୃକ ସେହି ଦଣ୍ଡ (ରାଜଧର୍ମ) ନ୍ୟାୟପୂର୍ବକ ଚଳି ନପାରେ ।

**ଶୁଚିନା ସତ ସନ୍ଧେନ ତଥା ଶାସ୍ତ୍ରାନୁସାରିଣା ।**
**ପ୍ରଣେତୁଂ ଶକ୍ୟତେ ଦଣ୍ଡଃ ସୁସହାୟେନ ଧୀମତା ।୩୧।**

ଅର୍ଥାଦି ଶୌଚଯୁକ୍ତ, ସତ୍ୟପ୍ରତିଜ୍ଞାଶାଳୀ, ଶାସ୍ତ୍ରାନୁସାର ଚଳନଶୀଳ, ଉତ୍ତମ ମନ୍ତ୍ରୀ ସେନାପତି ସହାୟଯୁକ୍ତ ବୁଦ୍ଧିମାନ୍ ରାଜା ଦଣ୍ଡବିଧାନ କରିବାକୁ ସମର୍ଥ ହୁଏ ।

**ସ୍ୱରାଷ୍ଟ୍ରେ ନ୍ୟାୟବୃତ୍ତଃ ସାଦ୍ଭୃଶଦଣ୍ଡଶ୍ଚ ଶତ୍ରୁଷୁ ।**
**ସୁହୃତ୍ସ୍ୱ ଜିହ୍ମଃ ସ୍ନିଗ୍‌ଧେଷୁ ବ୍ରାହ୍ମଣେଷୁ କ୍ଷମାନ୍ୱିତଃ ।୩୨।**

ରାଜାକୁ ଆପଣା ରାଜ୍ୟରେ ନ୍ୟାୟକାରୀ, ଶତ୍ରୁମାନଙ୍କୁ ବାରବାର ଦଣ୍ଡଦାତା ମିତ୍ରମାନଙ୍କ ପ୍ରତି ସରଳ ଓ ଅକପଟ ବ୍ୟବହାର ଏବଂ ବ୍ରାହ୍ମଣଙ୍କ ପ୍ରତି କ୍ଷମାଯୁକ୍ତ ହେବା କର୍ତ୍ତବ୍ୟ ।

**ଏବଂ ବୃତ୍ତସ୍ୟ ନୃପତେଃ ଶିଳୋଞ୍ଛେନାପି ଜୀବତଃ ।**
**ବିସ୍ତୀର୍ଯ୍ୟତେ ଯଶୋ ଲୋକେ ତୈଳବିନ୍ଦୁରିବାମ୍ଭସି ।୩୩।**

ଏଭଳି ଆଚରଣଧାରୀ ରାଜା ଶିଳୋଞ୍ଛବୃତ୍ତିରେ ବଞ୍ଚିଥିଲେ ହେଁ ଜଳରେ ତୈଳବିନ୍ଦୁପରି ଲୋକରେ ତାହାର ଯଶ ବିସ୍ତୃତ ହୁଏ ।

**ଅତସ୍ତୁ ବିପରୀତସ୍ୟ ନୃପତେରଜିତାତ୍ମନଃ ।**
**ସଂକ୍ଷିପ୍ୟତେ ଯଶୋ ଲୋକେ ଘୃତବିନ୍ଦୁରିବାମ୍ଭସି ।୩୪।**

ମାତ୍ର ଏଥିରେ ବିପରୀତାଚାରୀ ଅଜିତେନ୍ଦ୍ରିୟ ରାଜାର ଯଶ ଜଳରେ ଘୃତବିନ୍ଦୁ ପରି ଲୋକରେ ସଙ୍କୁଚିତ ହୁଏ ।

**ସ୍ୱେ ସ୍ୱେ ଧର୍ମେ ନିବିଷ୍ଟାନାଂ ସର୍ବେଷାମନୁପୂର୍ବଶଃ ।**
**ବର୍ଣ୍ଣନାମାଶ୍ରମାଣାଞ୍ଚ ରାଜା ସୃଷ୍ଟୋଽଭିରକ୍ଷିତା ।୩୫।**

ସ୍ୱ ସ୍ୱ ଧର୍ମାନୁଷ୍ଠାନନିରତ ଆନୁପୂର୍ବିକ ବ୍ରାହ୍ମଣାଦି ସକଳବର୍ଣ୍ଣ ଓ ବ୍ରହ୍ମଚର୍ଯ୍ୟାଦି ସକଳ ଆଶ୍ରମର ରକ୍ଷାବିଧାନାର୍ଥ ବିଶ୍ୱସ୍ରଷ୍ଟା ସୃଜନ କରିଅଛନ୍ତି ।

**ତେନ ଯଦ୍‌ଯସଭୃତ୍ୟେନ କର୍ତ୍ତବ୍ୟଂ ରକ୍ଷତା ପ୍ରଜା ।**
**ତତ୍ତଦ୍‌ବୋଽହଂ ପ୍ରବକ୍ଷ୍ୟାମି ଯଥାବଦନୁପୂର୍ବଶଃ ।୩୬।**

ପ୍ରଜାସମୂହର ରକ୍ଷାବିଧାନାର୍ଥ ଅମାତ୍ୟବର୍ଗ ସହିତ ରାଜାର ଯାହା କର୍ତ୍ତବ୍ୟ ସେସବୁ ତୁମ୍ଭମାନଙ୍କୁ ଯଥାବତ୍ ଆନୁପୂର୍ବିକ କହୁଅଛୁ ।

**ବ୍ରାହ୍ମଣାନ୍ ପର୍ଯ୍ୟୁପାସୀତ ପ୍ରାତରୁତ୍ଥାୟ ପାର୍ଥିବଃ ।**
**ତ୍ରୈବିଦ୍ୟବୃଦ୍ଧାନ୍ ବିଦୁଷସ୍ତି ଷ୍ଠେତ୍ତେଷାଞ୍ଚ ଶାସନେ ।୩୭।**

ରାଜା ପ୍ରାତଃକାଳରୁ ଉଠି (ଋକ୍ ଯଜୁ ସାମ) ତିନି ବେଦବେତ୍ତା ଧର୍ମଶାସ୍ତ୍ରଜ୍ଞ ପ୍ରବୀଣ ବ୍ରାହ୍ମଣମାନଙ୍କ ସହିତ ବସିବେ ଓ ତାଙ୍କ କଥା ମାନିବେ ।

**ବୃଦ୍ଧାଂଶ୍ଚ ନିତ୍ୟ ସେବେତ ବିପ୍ରାନ୍ ବେଦବିଦଃ ଶୁଚିନ୍ ।**
**ବୃଦ୍ଧସେବୀ ହି ସତତଂ ରକ୍ଷୋଭିରପି ପୂଜ୍ୟତେ ।୩୮।**

ବେଦଜ୍ଞ, ପବିତ୍ର ଓ ବୟୋବୃଦ୍ଧ ବିପ୍ରମାନଙ୍କୁ ନିତ୍ୟ ସେବା କରିବ କାରଣ ବଡ଼, ବିଦ୍ୱାନଙ୍କ ସେବାକାରୀ ରାଜା ରାକ୍ଷସମାନଙ୍କ କର୍ତ୍ତୃକ ସୁଦ୍ଧା ପୂଜିତ ହୁଏ ।

**ତେଭ୍ୟୋଽଧିଗଚ୍ଛେଦ୍‌ବିନୟଂ ବିନୀତାତ୍ମାପି ନିତ୍ୟଶଃ ।**
**ବିନୀତାତ୍ମାହି ନୃପତି ନ ବିନଶ୍ୟତି କର୍ହିଚିତ୍ ।୩୯।**

ସ୍ୱଭାବସିଦ୍ଧ ନିଜ ସୁବୁଦ୍ଧି ଗୁଣ ଓ ଶାସ୍ତ୍ରାଧ୍ୟୟନ ଗୁଣରେ ଶିକ୍ଷିତ ଥିଲେ ସୁଦ୍ଧା ରାଜା ସର୍ବଦା ଶିକ୍ଷା ଗ୍ରହଣ କରିବେ; କାରଣ ସୁଶିକ୍ଷିତ ରାଜା କେବେ ହେଁ ବିନାଶ ପ୍ରାପ୍ତ ହୁଏ ନାହିଁ ।

**ବହବୋଽବିନୟାନ୍ନଷ୍ଟା ରାଜାନଃସପରିଚ୍ଛଦାଃ ।**
**ବନସ୍ଥା ଅପି ରାଜ୍ୟାନି ବିନୟାପ୍ରତିପେଦିରେ ।୪୦।**

ଗଜାଶ୍ୱାଦି ବହୁବିଭବଶାଳୀ ହେଲେ ସୁଦ୍ଧା ଅନେକାନେକ ରାଜା ବିନୟାଭାବରୁ ନଷ୍ଟ ହୋଇଅଛନ୍ତି ଏବଂ ନିଃସ୍ୱ ବନବାସୀ ଅନେକ ରାଜା ବିନୟରୁ ରାଜ୍ୟଲାଭ କରିଅଛନ୍ତି ।

**ବେଣୋ ବିନଷ୍ଟୋଽବିନୟାନ୍ନହୁଷଶ୍ଚୈବ ପାର୍ଥିବଃ ।**
**ସୁଦାସୋ ଯାବନଶ୍ଚୈବ ସୁମୁଖୋ ନିମିରେବ ଚ ।୪୧।**

ବେଣୁ, ନହୁଷ, ସୁଦାସ, ଯବନ, ସୁମୁଖ ଓ ନିମି ରାଜା ସୁଦ୍ଧା ଅବିନୟରେ ନଷ୍ଟ ହୋଇ ଅଛନ୍ତି ।

**ପୃଥୁସ୍ତୁ ବିନୟାଦ୍ରାଜ୍ୟଂ ପ୍ରାପ୍ତବାନ୍ ମନୁରେବ ଚ ।**
**କୁବେରଶ୍ଚ ଧନୈଶ୍ୱର୍ଯ୍ୟଂ ବ୍ରହ୍ମଣ୍ୟଶ୍ଚୈବ ଗାଧିଜଃ ।୪୨।***

ବିନୟରେ ପୃଥୁ ଓ ମନୁ ରାଜ୍ୟ, କୁବେର ଧନାଧିପତ୍ୟ ଓ ଗାଧିପୁତ୍ର ବିଶ୍ୱାମିତ୍ର ବ୍ରାହ୍ମଣତ୍ୱ ପାଇଥିଲେ ।

**ତ୍ରୈ ବିଦ୍ୟେଭ୍ୟସ୍ତ୍ରୟୀଂ ବିଦ୍ୟାଂ ଦଣ୍ଡନୀତିଞ୍ଚ ଶାଶ୍ୱତୀମ୍ ।**
**ଆନ୍ୱୀକ୍ଷିକୀଞ୍ଚାତ୍ମବିଦ୍ୟାଂ ବାର୍ତ୍ତାରମ୍ଭାଂଶ୍ଚ ଲୋକତଃ ।୪୩।**

(ବ୍ରହ୍ମଚର୍ଯ୍ୟ ଦଶାରେ ପାଠ ହୋଇଥିଲେ ରାଜ୍ୟାଧିକାର ଅଭ୍ୟାସାର୍ଥେ) ତ୍ରିବେଦଜ୍ଞଙ୍କଠାରୁ ତିନିବେଦ ପଢ଼ିବ ଓ ସନାତନ ଦଣ୍ଡନୀତି ଓ ଆୟବ୍ୟୟ ବୋଧକ ପରମ୍ପରାଗତ ଅର୍ଥଶାସ୍ତ୍ର ତତ୍ତ୍ୱଜ୍ଞମାନଙ୍କଠାରୁ ତଥା ତର୍କବିଦ୍ୟା ଓ ଆତ୍ମ (ବେଦାନ୍ତ) ବିଦ୍ୟା ଓ ଲୋକମାନଙ୍କଠାରୁ ବ୍ୟବହାର ବିଦ୍ୟା ଶିକ୍ଷ୍ୟା କରିବା ରାଜାର କର୍ତ୍ତବ୍ୟ ।

**ଇନ୍ଦ୍ରିୟାଣାଂ ଜୟେ ଯୋଗଂ ସମାତିଷ୍ଠେଦ୍ଦିବାନିଶମ୍ ।**
**ଜିତେନ୍ଦ୍ରିୟୋହି ଶକ୍ନୋତି ବଶେ ସ୍ଥାପିୟତୁଂ ପ୍ରଜାଃ ।୪୪।**

ଦିବାନିଶି ଇନ୍ଦ୍ରିୟମାନଙ୍କୁ ଜୟ କରିବାର ଉଦ୍ୟୋଗ କରିବ; କାରଣ ଜିତେନ୍ଦ୍ରିୟ ଏକା ପ୍ରଜାମାନଙ୍କୁ ବଶରେ ରଖିବାକୁ ସକ୍ଷମ ହୁଏ ।

**ଦଶକାମସମୁତ୍‌ଥାନି ତଥାଷ୍ଟୌକ୍ରୋଧଜାନି ଚ ।**
**ବ୍ୟସନାନି ଦୁରନ୍ତାନି ପ୍ରଯତ୍ନେନ ବିବର୍ଜୟେତ୍ ।୪୫।**

କାମରୁ ଜାତ ମୃଗୟାଦି ଦଶ ଓ କ୍ରୋଧରୁ ଜାତ (ପିଶୁନାଦି) ଆଠ (ଏପରି ୧୮) ଦୁରନ୍ତ (କି ଯାହା ଆପାତ ସୁଖବୋଧ ହେଲେ ହେଁ ଶେଷରେ ଦୁଃଖଦ) ବ୍ୟସନରେ ଯତ୍ନପୂର୍ବକ ପରିତ୍ୟାଗ କରିବ ।

**କାମଜେଷୁ ପ୍ରସକ୍ତୋ ହି ବ୍ୟସନେଷୁ ମହୀପତିଃ ।**
**ବିଯୁଜ୍ୟତେଽର୍ଥ ଧର୍ମାଭ୍ୟାଂ କ୍ରୋଧଜେଷ୍ୱାତ୍ମନୈବ ତୁ ।୪୬।**

କାମୋତ୍ପନ୍ନ ବ୍ୟସନାସକ୍ତ ରାଜା ଅର୍ଥ ଓ ଧର୍ମରୁ ହୀନ ହୁଏ ଏବଂ କ୍ରୋଧଜାତି ବ୍ୟସନରେ ଆସକ୍ତ ରାଜା ଆପଣାର ଶରୀରରୁ ନଷ୍ଟ ହୁଏ ।

**ମୃଗୟାକ୍ଷୋ ଦିବାସ୍ୱପ୍ନଃ ପରିବାଦଃ ସ୍ତ୍ରିୟୋମଦଃ ।**
**ତୌର୍ଯ୍ୟତ୍ରିକଂ ବୃଥାଟ୍ୟା ଚ କାମଜୋ ଦଶକୋ ଗଣଃ ।୪୭।**

ମୃଗୟା, ପଶାକ୍ରୀଡ଼ା, ଦିବାନିଦ୍ରା, ପରଦୋଷକଥନ, ସ୍ତ୍ରୀସମ୍ଭୋଗ, ମଦ୍ୟପାନ, ନୃତ୍ୟଗୀତବାଦ୍ୟ, ବୃଥାପର୍ଯ୍ୟଟନ ଏହି ଦଶ କାମଜ ବ୍ୟସନଗଣ ।

* ୪୧ ଓ ୪୨ ଶ୍ଳୋକ ପ୍ରକ୍ଷିପ୍ତ ।

**ପୈଶୁନ୍ୟଂ ସାହସଂ ଦ୍ରୋହ ଈର୍ଷ୍ୟାସୂୟାର୍ଥଦୂଷଣମ୍ ।**
**ବାଗ୍‌ଦଣ୍ଡଜଞ୍ଚ ପାରୁଷ୍ୟଂ କ୍ରୋଧଜୋଽପି ଗଣୋଷ୍ଟକଃ ।୪୮।**

ଖଳତା, ଦୁଃସାହସ,ଦ୍ରୋହ, ଈର୍ଷା, ଅସୂୟା ପରସ୍ୱାପହରଣ, ଆକ୍ରୋଶପୂର୍ବକ ତିରସ୍କାର ବା ଅସ୍ତ୍ରୋତ୍ତୋଳନ ପୂର୍ବକ ସଂହାର ଏ ଆଠ କ୍ରୋଧଜ ବ୍ୟସନଗଣ ଅଟେ ।

**ଦ୍ୱୟୋରପ୍ୟେତୟୋର୍ମୂଳଂ ଯଂ ସର୍ବେ କବୟୋ ବିଦୁଃ ।**
**ତଂ ଯତ୍ନେନ ଜୟୋଲ୍ଲୋଭଃ ତଜ୍ଜାବେତାବୁଭୌ ଗଣୌ ।୪୯।**

ସମସ୍ତ ବିଦ୍ୱାନମାନେ ଏ ଦୁଇଗଣର ଲୋଭକୁ କାରଣ ବୋଲିଅଛନ୍ତି, ସେହି ଲୋଭକୁ ଯତ୍ନ ପୂର୍ବକ ଛାଡ଼ିଦେବ; ଲୋଭରୁ ଏ ଦୁଇଗୁଣର ଉତ୍ପତ୍ତି ହୋଇଅଛି ।

**ପାନମକ୍ଷାଃ ସ୍ତ୍ରୀ ୟଶ୍ଚୈବ ମୃଗୟା ଚ ଯଥାକ୍ରମମ୍ ।**
**ଏତତ୍କଷ୍ଟତମଂ ବିଦ୍ୟାଚ୍ଚତୁଷ୍କଂ କାମଜେ ଗଣେ ।୫୦।**

କାମୋତ୍ପନ୍ନ ବ୍ୟସନମାନଙ୍କ ମଧ୍ୟରୁ ମଦ୍ୟପାନ, ଅକ୍ଷକ୍ରୀଡ଼ା, ସ୍ତ୍ରୀ ସମ୍ଭୋଗ ଓ ଶିକାର ଏହି ଚାରି ଯଥୋତ୍ତରୋନାସ୍ତି କଷ୍ଟପ୍ରଦ ବୋଲି ଜାଣିବା ଉଚିତ ।

**ଦଣ୍ଡସ୍ୟ ପାତନଞ୍ଚୈବ ବାକ୍‌ପାରୁଷ୍ୟାର୍ଥ ଦୂଷଣେ ।**
**କ୍ରୋଧଜେଽପି ଗଣେ ବିଦ୍ୟାତ୍କଷ୍ଟ ମେତ୍ତ୍ରିକଂ ସଦା ।୫୧।**

କ୍ରୋଧୋତ୍ପନ୍ନ ଗଣ ମଧ୍ୟରେ ଦଣ୍ଡରେ ମାରିବା, କଠୋର ଓ ଦ୍ରବ୍ୟାପହରଣ ଏ ତିନି ସର୍ବଦା ନିତାନ୍ତ ଅନର୍ଥକ ବୋଲି ଜାଣିବ ।

**ସପ୍ତକସ୍ୟାସ୍ୟ ବର୍ଗସ୍ୟ ସର୍ବତ୍ରୈବାନୁସଙ୍ଗିଣଃ ।**
**ପୂର୍ବଂ ପୂର୍ବଂ ଗୁରୁତରଂ ବିଦ୍ୟାଦ୍‌ବ୍ୟସନମାତ୍ମବାନ୍ ।୫୨।**

ଏହି ବର୍ଗର ସାତ ଗୋଟି (କାମଜ ଚାରି ଓ କ୍ରୋଧଜ ତିନି) ଦୋଷ ସମସ୍ତ ରାଜାଙ୍କଠାରେ ଲାଗି ରହିଛି ଏବଂ ଆତ୍ମବାନ୍ ଲୋକ ଆଗ ୨ଟି ପର ୨ ବ୍ୟବସନଠାରୁ ଗୁରୁତର ବୋଲି ଜାଣିବ ।

**ବ୍ୟସନସ୍ୟ ଚ ମୃତ୍ୟୋଶ୍ଚ ବ୍ୟସନଂ କଷ୍ଟମୁଚ୍ୟତେ ।**
**ବ୍ୟସନ୍ୟଧୋଽଧୋ ବ୍ରଜତି ସ୍ୱର୍ଯ୍ୟାତ୍ୟବ୍ୟସନୀ ମୃତଃ ।୫୩**

ବ୍ୟସନ ଓ ମୃତ୍ୟୁ ମଧ୍ୟରେ ବ୍ୟସନକୁ କଷ୍ଟ ବୋଲାଯାଏ, କାରଣ ବ୍ୟସନୀ ଦିନି ୨ ଅବନତି ପ୍ରାପ୍ତ ହୁଏ ଆଉ ନିର୍ବ୍ୟସନୀ ଦେହାନ୍ତ ସ୍ୱର୍ଗ ଲାଭକରେ ।

**ମୌଳାନ୍ ଶାସ୍ତ୍ରବିଦଃ ଶୂରାନ୍ ଲବ୍‌ଧଲକ୍ଷାନ୍ କୁଳୋଦ୍‌ଗତାନ୍ ।**
**ସଚିବାନ୍ ସଚାଚାଷ୍ଟୌ ବା ପ୍ରକୁର୍ବୀତ ପରୀକ୍ଷିତାନ୍ ।୫୪।**

ପୁରୁଷାନୁକ୍ରମେ ରାଜକର୍ମଚାରୀ, ଶାସ୍ତ୍ରଜ୍ଞ, ଶୂରବୀର, ଲକ୍ଷ୍ୟଭେଦକାରୀ ଓ ସତ୍କୁଳୋଦ୍ଭବ ପରୀକ୍ଷୋତ୍ତୀର୍ଣ୍ଣ ସାତ ବା ଆଠ ମନ୍ତ୍ରୀ ନିଯୁକ୍ତ କରିବ ।

**ଅପି ଯତ୍ସୁକରଂ କର୍ମ ତଦପ୍ୟେକେନ ଦୁଷ୍କରମ୍ ।**
**ବିଶେଷତୋଽସହାୟେନ କିନ୍ତୁ ରାଜ୍ୟଂ ମହୋଦୟମ୍ ।**

(ବେଳେ ୨) ସୁଲଭ କାର୍ଯ୍ୟ ଜଣକଦ୍ୱାରା ହେବା କଠିନ; ମାତ୍ର ବିଶେଷ ରୂପେ ଫଳଦାୟୀ ରାଜ୍ୟ ସମ୍ବନ୍ଧୀୟ କାର୍ଯ୍ୟ ଅସହାୟରେ ହୋଇ ନ ପାରେ ।

**ତୈଃ ସାର୍ଦ୍ଧଂ ଚିନ୍ତୟେନ୍ନିତ୍ୟଂ ସାମାନ୍ୟଂ ସନ୍ଧିବିଗ୍ରହମ୍ ।**
**ସ୍ଥାନଂ ସମୁଦାୟଂ ଗୁପ୍ତି ଲବ୍‌ଧପ୍ରଶମନାନି ଚ ।୫୬।**

ସେହି (ମନ୍ତ୍ରୀ)ମାନଙ୍କ ସହିତ ସର୍ବଦା ସାମାନ୍ୟ ସନ୍ଧିବିଗ୍ରହ ଏବଂ (ଦଣ୍ଡ କୋଷ ପୁର ରାଷ୍ଟ୍ର ଚତୁର୍ବିଧ) ସ୍ଥାନ ଚିନ୍ତା ଓ ସମୁଦାୟ ଅର୍ଥାତ୍ ଧାନ୍ୟହିରଣ୍ୟାଦିର ଉତ୍ପତ୍ତି ସ୍ଥାନ ନିରୂପଣ ଓ ନିଜର ଏବଂ ସମସ୍ତଙ୍କର ରକ୍ଷା ଆଉ ଉପାର୍ଜିତ ଅର୍ଥର ସତ୍ପାତ୍ରସ୍ଥକରଣ ବିଷୟରେ ପରାମର୍ଶ କରିବ ।

**ତେଷାଂ ସ୍ୱଂ ସ୍ୱମଭିପ୍ରାୟ ମୁପଲଭ୍ୟ ପୃଥକ୍ ପୃଥକ୍ ।**
**ସମସ୍ତାନାଞ୍ଚ କାର୍ଯ୍ୟେଷୁ ବିଦଧ୍ୟାଦ୍ଧି ତମାତ୍ମନଃ ।୫୭।**

ସେହି ମନ୍ତ୍ରୀମାନଙ୍କର ପୃଥକ୍ ମତ ଏବଂ ସମସ୍ତଙ୍କର ମିଳିତ ମତ ଘେନି ଯାହା ହିତକର ବୋଧ ହେବ ତଦ୍ରୂପ କାର୍ଯ୍ୟ କରିବ ।

**ସର୍ବେଷାନ୍ତୁ ବିଶିଷ୍ଟେନ ବ୍ରାହ୍ମଣେନ ବିପଶ୍ଚିତାଃ ।**
**ମନ୍ତ୍ରୟେତ୍ପରମଂ ମନ୍ତ୍ରଂ ରାଜା ଷଡ଼୍‌ଗୁଣ୍ୟସଂଯୁତମ୍ ।୫୮।**

ସେହିସବୁ ମନ୍ତ୍ରିମାନଙ୍କ ମଧ୍ୟରେ ଅଧିକ ଧର୍ମାତ୍ମା ଓ ବୁଦ୍ଧିମାନ୍ ବ୍ରାହ୍ମଣ ସହିତ ରାଜା ଷଡ଼୍‌ଗୁଣଯୁକ୍ତ (ସନ୍ଧି, ବିଗ୍ରହ, ଯାନ, ଆସନ, ଦ୍ୱୈଧ ଓ ଆଶ୍ରୟ ବିଷୟକ) ପରମ (ଅତ୍ୟନ୍ତ ଗୋପନୀୟ) ପରାମର୍ଶ କରିବେ ।

**ନିତ୍ୟଂ ତସ୍ମିନ୍ ସମାଶ୍ୱସ୍ତଃ ସର୍ବକାର୍ଯ୍ୟାଣି ନିକ୍ଷିପେତ୍ ।**
**ତେନ ସାର୍ଦ୍ଧଂ ବିନିଶ୍ଚିତ୍ୟ ତତଃ କର୍ମ ସମାରଭେତ୍ ।୫୯।**

ସର୍ବଦା ସୁପଣ୍ଡିତ ବ୍ରାହ୍ମଣ ମନ୍ତ୍ରୀ ଉପରେ ବିଶ୍ୱସ୍ତ ଭାବରେ ସମସ୍ତ କାର୍ଯ୍ୟରେ ନିର୍ଭର କରିବ ଏବଂ ତାଙ୍କ ସହିତ କରଣୀୟ କାର୍ଯ୍ୟ ନିର୍ଦ୍ଧାରଣ କଲାପରେ କାର୍ଯ୍ୟ ଆରମ୍ଭ କରିବ ।

**ଅନ୍ୟାନପି ପ୍ରକୁର୍ବୀତ ଶୁଚୀନ୍ ପ୍ରାଜ୍ଞାନବସ୍ଥିତବାନ୍ ।**
**ସମ୍ୟଗର୍ଥ ସମାହର୍ତ୍ତୄନମାତ୍ୟାନ୍ ସୁପରୀକ୍ଷିତାନ୍ ।୬୦।**

ପବିତ୍ର, ବୁଦ୍ଧିମାନ୍, ଅଧ୍ୟବସାୟସମ୍ପନ୍ନ, ନ୍ୟାୟମାର୍ଗରେ ଧନାର୍ଜନକାରୀ ଏବଂ ଉତ୍ତମରୂପେ ପରୀକ୍ଷିତ ଅନ୍ୟ ଲୋକଙ୍କୁ ସୁଦ୍ଧା ଅମାତ୍ୟ କରିବ ।

**ନିର୍ବର୍ତ୍ତେତାସ୍ୟ ଯାବଦ୍ଭିରିତିକର୍ତ୍ତବ୍ୟତା ନୃଭିଃ ।**
**ତାବତୋଽତନ୍ଦ୍ରିତାନ୍ ଦକ୍ଷାନ୍ ପ୍ରକୁର୍ବୀତ୍ ବିଚକ୍ଷଣାନ୍ ।୬୧।**

କାର୍ଯ୍ୟ ନିର୍ବାହାର୍ଥ ଯେତେ ଲୋକର ପ୍ରୟୋଜନ ତାହା ଠିକ୍ କରି ରାଜା ଅନଳସ କାର୍ଯ୍ୟଦକ୍ଷ ଏବଂ ବିଚକ୍ଷଣ ଲୋକ ନିଯୁକ୍ତ କରିବ ।

**ତେଷାମର୍ଥେ ନିଯୁଞ୍ଜୀତ ଶୂରାନ୍ ଦକ୍ଷାନ୍ କୁଳୋଦ୍‌ଗତାନ୍ ।**
**ଶୁଚୀନାକରକର୍ମାନ୍ତେ ଭୀରୁନନ୍ତର୍ନିବେଶନେ ।୬୨।**

ସେମାନଙ୍କ ମଧ୍ୟରୁ ମହାବଳ ପରାକ୍ରାନ୍ତ ସୁଚତୁର ସଦ୍‌ବଂଶ ସମ୍ଭୂତ ଓ ନିର୍ଲୋଭୀ ଲୋକଙ୍କୁ ଧନ ସ୍ଥାନରେ ନିଯୁକ୍ତ କରିବ ଓ ଖଣିଜ ସୁବର୍ଣ୍ଣାଦ୍ୟୁତ୍ପତ୍ତିସ୍ଥାନ ଓ ଇକ୍ଷୁ ଧାନ୍ୟାଦି ଉତ୍ପତ୍ତି ସ୍ଥାନରେ ଏବଂ ଅନ୍ତଃପୁରରେ ଧର୍ମଭୀରୁ ଲୋକଙ୍କୁ ନିଯୁକ୍ତ କରିବ ।

**ଦୂତଞ୍ଚୈବ ପ୍ରକୁର୍ବୀତ ସର୍ବଶାସ୍ତ୍ରବିଶାରଦମ୍ ।**
**ଇଙ୍ଗିତାକାରଚେଷ୍ଟଜ୍ଞଂ ଶୁଚିଂ ଦକ୍ଷଂ କୁଳୋଦ୍‌ଗତମ୍ ।୬୩।**

ସର୍ବଶାସ୍ତ୍ର ବିଶାରଦ ଏବଂ ଇଙ୍ଗିତ (ଅଭିପ୍ରାୟସୂଚକ ବଚନସ୍ୱରାଦି), ଆକାର (ପ୍ରୀତି ଓ ଅପ୍ରୀତିସୂଚକ ଦେହ ଧର୍ମାଦି ମୁଖପ୍ରସାଦ ବୈବର୍ଣ୍ଣ୍ୟାଦିରୂପ) ଓ ଚେଷ୍ଟା (କୋପାଦି ସୂଚକ କରାସ୍ଫାଳନାଦି କ୍ରିୟା) ଜାଣି ଥିବା ବିଶୁଦ୍ଧମନା, ଚତୁର ଓ କୁଳୀନ ଲୋକଙ୍କୁ ଦୂତ କରିବ ।

**ଅନୁରକ୍ତଃ ଶୁଚିର୍ଦକ୍ଷଃ ସ୍ମୃତିମାନ୍ ଦେଶ କାଳବିତ୍ ।**
**ବପୁଷ୍ମାନ୍ ବୀତଭୀର୍ବାଗ୍ମୀ ଦୂତୋ ରାଜ୍ଞା ପ୍ରଶସ୍ୟତେ ।୬୪।***

ସର୍ବଜନ ପ୍ରିୟ, ଶୁଦ୍ଧଚିତ୍ତ, ଚତୁର, ସ୍ମୃତିଶାଳୀ, ଦେଶକାଳଜ୍ଞ, ସୁଦେହସମ୍ପନ୍ନ ନିର୍ଭୀକ ଓ ବାଗ୍ମୀ ରାଜଦୂତ ପ୍ରଶଂସନୀୟ ।

**ଅମାତ୍ୟେ ଦଣ୍ଡଆୟେତ୍ତୋ ଦଣ୍ଡେ ବୈନୟିକୀ କ୍ରିୟା ।**
**ନୃପତୌ କୋଷରାଷ୍ଟ୍ରେ ଚ ଦୂତେ ସନ୍ଧବିର୍ଯ୍ୟପର୍ଯ୍ୟୟୌ ।୬୫।**

ସେନାପତି ଅଧୀନରେ ହସ୍ତ୍ୟଶ୍ୱ ରଥ ପଦାତିକ ଚତୁର୍ବିଧ ସେନା ରହିବ ଏବଂ ସେନାର ଅଧୀନ ସ୍ୱପରରାଷ୍ଟ୍ର ଶାସନ ରହିବ, ନୃପତି ଅଧୀନରେ କୋଷ ଓ ରାଜ୍ୟ ଏବଂ ଦୂତ ଅଧୀନରେ ସନ୍ଧିବିଗ୍ରହ ରହିବ ।

**ଦୂତ ଏବ ହି ସନ୍ଧତ୍ତେ ଭିନତ୍ତ୍ୟେବ ଚ ସଂହତାନ୍ ।**
**ଦୂତସ୍ତକୁରୁତେ କର୍ମ ଭିଦ୍ୟନ୍ତେ ଯେନ ମାନବାଃ ।୬୬।**

ଦୂତ ଏକା ଏକତ୍ର ମେଳ କରାଏ ଓ ମିଳିତଙ୍କ ମଧ୍ୟରେ ଭେଦ ଜନ୍ମାଏ, ଦୂତ ଏପରି କାର୍ଯ୍ୟ କଲେ ଯଦ୍ୱାରା ମନୁଷ୍ୟମାନଙ୍କ ମଧ୍ୟରେ ଭେଦ ଜାତ ହୁଏ ।

---

* ଖଣ୍ଡିଏ ପୁସ୍ତକରେ ନିମ୍ନଲିଖିତ ୫ଟି ଶ୍ଳୋକ ଅଧିକ ମିଳେ-

ସନ୍ଧିବିଗ୍ରହକାଳଜ୍ଞାନନ୍ ସମର୍ଥାନାୟତିକ୍ଷମାନ୍
ପରୈରହର୍ଯ୍ୟାନ୍ ଶୁଦ୍ଧାଂଶ୍ଚ ଧର୍ମତଃ କାମତୋଽର୍ଥତଃ ।୧।
ସମାହର୍ତ୍ତୁଂ ପ୍ରକୁର୍ବୀତ ସର୍ବଶାସ୍ତ୍ରବିପଶ୍ଚିତଃ ।
କୁଳୀନାନ୍ ବୃତ୍ତିସମ୍ପନ୍ନାନ୍ନିପୁଣାନ୍ କୋଶଦୁଦ୍ଧୟେ ।୨
ଆୟବ୍ୟୟସ୍ୟ କୁଶଳାନ୍ ଗଣିତାଜ୍ଞାନଽଲୋଲୁପାନ୍ ।
ନିୟୋଜୟେଦ୍ଧର୍ମନିଷ୍ଠାନ୍ ସମ୍ୟକ୍ କାର୍ଯ୍ୟାର୍ଥଚିନ୍ତକାନ୍ ।୩।
କର୍ମଣି ଚାତିକୁଳାନ୍ ଲିପିଜ୍ଞାନାୟ ତିକ୍ଷମାନ୍
ସର୍ବବିଶ୍ୱାସିନିଃ ସତ୍ୟାନ୍ ସର୍ବକାର୍ଯ୍ୟେଷୁ ନିଶ୍ଚିତାନ୍ ।୪।
ଅକୃତାଶାଂସ୍ତଥା ଭର୍ତ୍ତୁଃ କାଳଜ୍ଞାଂଶ୍ଚ ପ୍ରସଙ୍ଗିନଃ ।
କାର୍ଯ୍ୟାକାମୋପଧା ଶୁଦ୍ଧା ବାହ୍ୟଭ୍ୟନ୍ତରଚାରିଣଃ ।
କୁର୍ଯ୍ୟାଦାସନ୍ନକାର୍ଯ୍ୟେଷ୍ୱ ଗୃହସଂରକ୍ଷଣେଷୁ ଚ ।୫।

ସନ୍ଧିବିଗ୍ରହ ସମୟଜ୍ଞ, ସମର୍ଥ, ପ୍ରତ୍ୟୁତ୍ପନ୍ନମତି, ଶତ୍ରୁ ସଙ୍ଗେ ନ ମିଳିବା ଯୋଗ୍ୟ, ଧର୍ମାର୍ଥକାମରେ ଶୁଦ୍ଧ, ସର୍ବଶାସ୍ତ୍ରଜ୍ଞ, କୁଳୀନ, ପୁଷ୍କଳଜୀବିକାସମ୍ପନ୍ନ ଏବଂ ଚତୁର ପୁରୁଷଙ୍କୁ ଏକତ୍ର କରିବ । ଆୟବ୍ୟୟରେ ଚତୁର, ହିସାବରେ ନିପୁଣ, ନିର୍ଲୋଭୀ, ଧର୍ମରେ ଶ୍ରଦ୍ଧାଳୁ ଓ କାର୍ଯ୍ୟର ତାତ୍ପର୍ଯ୍ୟଜ୍ଞଙ୍କୁ ନିଯୁକ୍ତ କରିବ । କାର୍ଯ୍ୟରେ ଅତିକୁଶଳ, ଲେଖା ପଢ଼ିବାରେ ଦକ୍ଷ, ସମସ୍ତଙ୍କ ବିଶ୍ୱାସଭାଜନ, ସତ୍ୟଶୀଳ କାର୍ଯ୍ୟରେ ସ୍ଥିର, ପ୍ରଭୁନିର୍ଭରହୀନ, ସମୟ ଓ ପ୍ରସଙ୍ଗଜ୍ଞ, କାର୍ଯ୍ୟ କାମ ଇତ୍ୟାଦିରେ ଶୁଦ୍ଧ, ବାହ୍ୟାଭ୍ୟନ୍ତରଭେଦୀ ଲୋକଙ୍କୁ ଆସନ୍ନ କାର୍ଯ୍ୟ ଓ ଗୃହସଂରକ୍ଷଣରେ ନିଯୁକ୍ତ କରିବ ।

* % ଖଣ୍ଡ ପୁସ୍ତକରେ 'ମାନବାଃ' ସ୍ଥାନରେ 'ବାନ୍ଧବାଃ' ଅଛି ।

**ସ ବିଦ୍ୟାଦସ୍ୟ କୃତେଷୁ ନିଗୂଢ଼େଙ୍ଗିଁ ତଚେଷ୍ଟିତୈଃ ।**
**ଆକାରମିଙ୍ଗିତଂ ଚେଷ୍ଟାଂ ଭୃତ୍ୟେଷ୍ୱ ଚ ଚିକୀର୍ଷିତମ୍ ।୬୭।**

ଦୂତ ଶତ୍ରୁ ରାଜାର ଏବଂ ନିଗୁଢ଼ ଇଙ୍ଗିତ ଓ ଚେଷ୍ଟା ଏବଂ ଭୃତ୍ୟମାନଙ୍କର ଆକାର, ଇଙ୍ଗିତ, ଚେଷ୍ଟା ଓ କାର୍ଯ୍ୟ ଜାଣିବା ଉଚିତ ।

**ବୃଦ୍ଧ୍ୱାଚ ସର୍ବଂ ତତ୍ତ୍ୱେନ ପରରାଜଚିକୀର୍ଷିତମ୍ ।**
**ତଥା ପ୍ରଯତ୍ନମାତିଷ୍ଠେଦ୍ ଯଥାତ୍ମାନଂ ନ ପୀଡ଼ୟେତ୍ ।୬୮।**

ଉକ୍ତ ଲକ୍ଷଣ ଦୂତ ଦ୍ୱାରା ପରରାଜର କାର୍ଯ୍ୟସକଳ ଯଥାର୍ଥ ରୂପେ ଅବଗତ ହୋଇ ରାଜା ଏମନ୍ତ ଚେଷ୍ଟା କରିବ ଯହିଁରେ ଆପଣାର ପୀଡ଼ା ନ ହୁଏ ।

**ଜାଙ୍ଗଳଂ ଶସ୍ୟସମ୍ପନ୍ନମାର୍ଯ୍ୟପ୍ରାୟମନାବିଳମ୍ ।**
**ରମ୍ୟମାନତସାମନ୍ତଂ ସ୍ୱାଜୀବ୍ୟଂ ଦେଶମାବସେଦ୍ ।୬୯।**

ଧନଧାନ୍ୟଶୀଳ, ଧାର୍ମିକବହୁଳ, ରୋଗାଦିଶୂନ୍ୟ; ରମଣୀୟ ଏବଂ ରାଜଭକ୍ତ ଓ କୃଷିବାଣିଜ୍ୟାଦିସୁଲଭ ଜାଙ୍ଗଳ (ତୃଣୋଦକାଦି ପୂର୍ଣ୍ଣ) ଦେଶରେ ରାଜାର ବାସ କରିବା କର୍ତ୍ତବ୍ୟ ।

**ଧନ୍ୱଦୁର୍ଗଂ ମହୀଦୁର୍ଗମବ୍‌ଦୁର୍ଗଂ ବାର୍କ୍ଷମେବ ବା ।**
**ନୃଦୁର୍ଗଂ ଗିରିଦୁର୍ଗଂ ବା ସମାଶ୍ରିତ୍ୟ ବସେତ୍ପୁରମ୍ ।୭୦।**

ସେଠାରେ ଧନ୍ୱଦୁର୍ଗ (ମେଧବେଷ୍ଟିତ ଦୁର୍ଗ), ମହୀଦୁର୍ଗ (ପଥର ବା ଇଟାର ନିର୍ମିତ ଦୁର୍ଗ), ଅବ୍ ଦୁର୍ଗ (ଜଳଖାଇ ବେଷ୍ଟିତ ଦୁର୍ଗ), ବାର୍କ୍ଷଦୁର୍ଗ, (ମହାବୃକ୍ଷ କଣ୍ଟକ ଗୁଳ୍ମଲତାଦି ବ୍ୟାପ୍ତ ଦୁର୍ଗ) ନୃଦୁର୍ଗ (ଚତୁର୍ଦ୍ଦିଗରେ ବହୁଳ ହସ୍ତ୍ୟଶ୍ୱସେନାଦି ପରିବୃତ ଦୁର୍ଗ) ଅଥବା ଗିରିଦୁର୍ଗ (ଦୁରାରୋହ ଏକମାର୍ଗାନୁରତ ଅନ୍ତର୍ନଦୀପ୍ରସ୍ରବିଣୋଦକ ଗିରିପୃଷ୍ଠ ନିର୍ମିତ ଦୁର୍ଗ) ଆଶ୍ରୟ କରି ରାଜା ବାସ କରିବେ ।

**ସର୍ବେଣ ତୁ ପ୍ରଯତ୍ନେନ ଗିରିଦୁର୍ଗଂ ସମାଶ୍ରୟେତ ।**
**ଏଷାଃ ହି ବାହୁ ଗୁଣ୍ୟେନ ଗିରିଦୁର୍ଗଂ ବିଶିଷ୍ୟତେ ।୭୧।**

ସମସ୍ତେ ଚେଷ୍ଟା କରି ଗିରିଦୁର୍ଗର ଆଶ୍ରୟ ନେବେ, କାରଣ ଅନେକ ଗୁଣ ଧାରଣ କରିବା ହେତୁ ଗିରିଦୁର୍ଗ ଶ୍ରେଷ୍ଠ ଅଟେ ।

**ତ୍ରୀଣ୍ୟାଦ୍ୟାନାଶ୍ରିତାସ୍ତ୍ୱେଷା ମୃଗଗର୍ତ୍ତାଶ୍ରୟାପସରାଃ ।**
**ତ୍ରୀଣ୍ୟୁତ୍ତରାଣି କ୍ରମଶଃ ପ୍ଲବଙ୍ଗମନରାମରାଃ ।୭୨।**

ଏଥି ମଧ୍ୟରୁ ପ୍ରଥମ ତିନି ଦୁର୍ଗରେ ଯଥାକ୍ରମେ ମୃଗ, ମୂଷିକ ଓ ଅପ୍‌ସର (ଜଳଚର କୁମ୍ଭୀରାଦି) ବାସକରନ୍ତି ଏବଂ ପର ତିନି ଦୁର୍ଗରେ ବାନର, ମନୁଷ୍ୟ ଓ (ପର୍ବତବାସୀ ଦେବଜାତି)ମାନେ ବାସ କରନ୍ତି ।

**ଯଥା ଦୁର୍ଗାଶ୍ରିତାନେତାନ୍ନୋପହିଂସନ୍ତି ଶତ୍ରବ ।**
**ତଥାରୟୋ ନ ହିଂସନ୍ତି ନୃପଂ ଦୁର୍ଗ ସମାଶ୍ରିତମ୍ ।୭୩।**

ଦୁର୍ଗବାସୀ ଲୋକମାନଙ୍କୁ ଯେପରି ଶତ୍ରୁମାନେ ପୀଡ଼ା ଦେଇ ନ ପାରନ୍ତି ସେହିପରି ଶତ୍ରୁମାନେ ଦୁର୍ଗାଶ୍ରୟକାରୀ ରାଜାକୁ ସୁଦ୍ଧା ମାରି ନ ପାରନ୍ତି ।

**ଏକଃ ଶତଂ ଯୋଧୟତି ପ୍ରାକାରସ୍ଥୋ ଧନୁର୍ଦ୍ଧରଃ ।**
**ଶତଂ ଦଶସହସ୍ରାଣି ତସ୍ମାଦ୍ଦୁର୍ଗଂ ବିଧୀୟତେ ।୭୪।**❋

ଦୁର୍ଗରେ ଥାଇ ଜଣେ ଧନୁର୍ଦ୍ଧର ଏକଶତ ଲୋକ ସଙ୍ଗେ ଏବଂ ଶତଧନୁର୍ଦ୍ଧର ଦଶସହସ୍ର ଲୋକ ସଙ୍ଗେ ଯୁଦ୍ଧ କରିବାକୁ ସମର୍ଥ ହେବା ହେତୁ ଦୁର୍ଗ ନିର୍ମାଣ କରିବା ବିଧେୟ ।

**ତତ୍ସ୍ୟାଦାୟୁଧସମ୍ପନ୍ନଂ ଧନଧାନ୍ୟେ ବାହନୈଃ ।**
**ବ୍ରାହ୍ମଣୈଃଶିଳ୍ପିଭିର୍ଯାନ୍ତ୍ରୈର୍ଯାବସେନୋଦକେନ ଚ ।୭୫।**❋

ସେହି ଦୁର୍ଗ ଅସ୍ତ୍ରଶସ୍ତ୍ର ଧନ, ଧାନ୍ୟ, ବାହନ, ବ୍ରାହ୍ମଣ, ଶିଳ୍ପୀ , ଯନ୍ତ୍ର (କଳ) ତୃଣ ଓ ଜଳରେ ପୂର୍ଣ୍ଣ ଥିବ ।

**ତସ୍ୟ ମଧ୍ୟେ ସୁପର୍ଯ୍ୟାପ୍ତଂ କାରୟେଦ୍ ଗୃହମାତ୍ମନଃ ।**
**ଗୁପ୍ତଂ ସର୍ବର୍ତ୍ତୁକଂ ଶୁଭ୍ରଂ ଜଳ ବୃକ୍ଷ ସମନ୍ୱିତଂ ।୭୬।**

ତହିଁ ମଧ୍ୟରେ ଅନ୍ତଃପୁର ଆୟୁଧାଗାର ଇତ୍ୟାଦି ଆପଣାର ଯଥେଷ୍ଟ ପ୍ରୟୋଜନୀୟ ଓ ପାଚିରୀ ପରିଖାଦି ଦ୍ୱାରା ବେଷ୍ଟିତ ସର୍ବଋତୁ ସୁଖପ୍ରଦ ସୁଧାଧବଳିତ ଜଳବୃକ୍ଷ (ତଡ଼ାଗ କୂପ ଉଦ୍ୟାନାଦି) ଯୁକ୍ତ ଗୃହ ନିର୍ମାଣ କରିବ ।

**ତଦଧ୍ୟାସ୍ୟୋଦ୍ ବହେଦ୍ଭାର୍ଯ୍ୟା ସବର୍ଣ୍ଣାଂ ଲକ୍ଷଣାନ୍ୱିତାମ୍ ।**
**କୁଳେ ମହତି ସମ୍ଭୁତାଂ ହୃଦ୍ୟାଂ ରୂପ ଗୁଣାନ୍ୱିତାମ୍ ।୭୭।**

ସେହି ଘରର ଆଶ୍ରୟ କରି ଆପଣାର ସବର୍ଣ୍ଣା, ଶୁଭଲକ୍ଷଣଯୁକ୍ତା, ଉଚ୍ଚକୁଳ ସମ୍ଭବା, ମନୋହାରିଣୀ, ରୂପଗୁଣଯୁକ୍ତା ଭାର୍ଯ୍ୟା ବିବାହ କରିବ ।

**ପୁରୋହିତଂ ଚ କୁର୍ବୀତ ବୃଣୁୟାଦେବ ଚର୍ତ୍ତ୍ୱିଜଂ ।**
**ତେଽସ୍ୟ ଗୃହ୍ୟାଣି କର୍ମାଣି କୁର୍ଯ୍ୟୁର୍ବୈତାନିକାନି ଚ ।୭୮।**

ପୁରୋହିତ ଓ ଋତ୍ୱିଜଙ୍କୁ ବରଣ କରିବ ଏବଂ ସେମାନେ ରାଜାଙ୍କର ଗୃହକର୍ମ ଅଗ୍ନିହୋତ୍ର ଓ ଶାନ୍ତ୍ୟାଦି କର୍ମ ସମ୍ପାଦନ କରିବେ ।

**ଯଜେତ ରାଜା କ୍ରତୁଭିର୍ବିଧୈ ରାପ୍ତଦକ୍ଷିଣୈଃ ।**
**ଧର୍ମାର୍ଥଞ୍ଚୈବ ବିପ୍ରେଭ୍ୟୋ ଦଦ୍ୟାଦ୍ଭୋଗାନ୍ଧନାନି ଚ ।୭୮।**

ରାଜା ନାନା ପ୍ରକାର ବହୁଦକ୍ଷିଣାଯୁକ୍ତ ଅଶ୍ୱମେଧାଦି ଯଜ୍ଞ କରିବେ ଏବଂ ଧର୍ମାର୍ଥ ବିପ୍ରମାନଙ୍କୁ ଭୋଗ୍ୟବସ୍ତୁ ଓ ଧନ ପ୍ରଦାନ କରିବେ ।

**ସାମ୍ବତ୍ସରିକମାପ୍ତୈଶ୍ଚ ରାଷ୍ଟ୍ରାଦାହାରୟେଦ୍ ବଳିମ୍ ।**
**ସ୍ୟାଚ୍ଚାମ୍ନାୟପରୋ ଲୋକେ ବର୍ତ୍ତେତ ପିତୃବନ୍ନୃପଃ ।୮୦।**

ରାଜା ଶକ୍ତିଶାଳୀ ବିଶ୍ୱସ୍ତ କର୍ମଚାରୀଦ୍ୱାରା ରାଜ୍ୟରୁ ବାର୍ଷିକ ଖଜଣା ଆଦାୟ କରିବେ ଓ ଶାସ୍ତ୍ରନିଷ୍ଠ ହୋଇ ରହିବେ ଏବଂ ପ୍ରଜାମାନଙ୍କୁ ପିତୃବତ୍ ସ୍ନେହ କରିବେ ।

---

❋ ଏଥିପରେ ଦୁଇ ପୁସ୍ତକରେ ମିଳେ-

ମନ୍ଦରସ୍ୟାପି ଶିଖରଂ ନିର୍ମନୁଷ୍ୟଂ ନ ଶିଷ୍ୟତେ ।
ମନୁଷ୍ୟଦୁର୍ଗଂ ଦୁର୍ଗାଣାଂ ମନୁ ସ୍ୱାୟମ୍ଭୁବୋଽବ୍ରବୀତ୍ ।

ସ୍ୱାୟମ୍ଭୁବମନୁ କହିଅଛନ୍ତି ଦୁର୍ଗମାନଙ୍କ ମଧ୍ୟରେ ମନୁଷ୍ୟ ଦୁର୍ଗ ହିଁ ଦୁର୍ଗ, କାରଣ ମନୁଷ୍ୟହୀନ ମନ୍ଦରାଚଳକୁ ସୁଦ୍ଧା ଶତ୍ରୁ ଛାଡ଼ିନାହିଁ ।

❋ ୯ ଗୋଟି ପୁସ୍ତକରେ 'ଭେଦକେତନ' ସ୍ଥାନରେ 'ଉଦ୍ୟାନନ୍ଦନୈଃ' ଅଛି ।

**ଅଧ୍ୟକ୍ଷାନ୍ ବିବିଧାନ୍ କୁର୍ଯ୍ୟାତ୍ତତ୍ର ତତ୍ର ବିପଶ୍ଚିତଃ ।**
**ତେଽସ୍ୟ ସର୍ବାଣ୍ୟବେକ୍ଷେରନ୍ନୃଣାଂ କାର୍ଯ୍ୟାଣି କୁର୍ବତାମ୍ ।୮୧।**

ନାନା ପ୍ରକାର କାର୍ଯ୍ୟରେ ସେହି ସେହି କାର୍ଯ୍ୟାଜ୍ଞ ସୁପଣ୍ଡିତ ଲୋକମାନଙ୍କୁ ଅଧ୍ୟକ୍ଷ ପଦରେ ନିଯୁକ୍ତ କରିବେ ଯେ ସେମାନେ କାର୍ଯ୍ୟରେ ନିଯୁକ୍ତ ଥିବା ଲୋକମାନଙ୍କର କାର୍ଯ୍ୟ ତଦନ୍ତ କରି ଦେଖିବେ ।

**ଆବୃତ୍ତାନାଂ ଗୁରୁକୁଳାଦ୍ ବିପ୍ରାଣାଂ ପୂଜକୋ ଭବେତ ।**
**ନୃପାଣାମକ୍ଷୟୋ ହ୍ୟେଷ ନିଧିର୍ବ୍ରାହ୍ମୋଽଭିଧୀୟତେ ।୮୨।**

ଗୁରୁକୁଳରୁ ସମାବର୍ତ୍ତିତ ବିପ୍ରମାନଙ୍କୁ ଧନଧାନ୍ୟାଦି ଦ୍ୱାରା ପୂଜା କରିବେ ଏବଂ ରାଜାମାନଙ୍କର ଏହା ଅକ୍ଷୟ ବ୍ରହ୍ମନିଧି (ଦେଲେ ଊଣା ନ ହୁଏ) ବୋଲି କଥିତ ଅଛି ।

**ନ ତଂ ସ୍ତେନା ନ ଚାମିତ୍ରା ହରନ୍ତି ନ ଚ ନଶ୍ୟତି ।**
**ତସ୍ମାଦ୍ରାଜ୍ଞା ନିଧାତବ୍ୟୋ ବ୍ରାହ୍ମଣେଷ୍ୱକ୍ଷୟୋ ନିଧିଃ ।୮୩।**

ତାହାକୁ ଚୋର କିମ୍ବା ଶତ୍ରୁ ଚୋରି ବା ନାଶ କରି ନ ପାରେ, ଏହେତୁ ରାଜା ଅକ୍ଷୟ ନିଧି ବ୍ରାହ୍ମଣମାନଙ୍କଠାରେ ଦେଇ ଜମା ରଖିବେ ।

**ନ ସ୍କନ୍ଦତେ ନ ବ୍ୟଥତେ ନ ବିନଶ୍ୟତି କର୍ହିଚିତ୍ ।**
**ବରିଷ୍ଠମଗ୍ନି ହୋତ୍ରେଭ୍ୟୋ ବ୍ରାହ୍ମଣସ୍ୟ ମୁଖେ ହୁତମ୍ ।୮୪।**

ଅଗ୍ନିରେ ଆହୁତି ଦେଲେ କେବେ ପୋଡ଼ିଯାଏ କେବେ ଶୁଖିଯାଏ ବା କେବେ ନଷ୍ଟ ହୋଇଯାଏ; ମାତ୍ର ଗୁରୁକୁଳାଗତ ବ୍ରାହ୍ମଣ ମୁଖରେ ଯେଉଁ ଆହୁତି ଦିଆଯାଏ ତହିଁରେ ସେ ଦୋଷ ନ ଥିବାରୁ ଅଗ୍ନିହୋତ୍ର ଅପେକ୍ଷା ଏହା ଶ୍ରେଷ୍ଠ ।

**ସମମବ୍ରାହ୍ମଣେ ଦାନଂ ଦ୍ୱିଗୁଣଂ ବ୍ରହ୍ମଣବ୍ରୁବେ ।**
**ପ୍ରାଧୀତେ ଶତସାହସ୍ରମନନ୍ତଂ ବେଦପାରଗେ ।୮୫।⁕**

ଅବ୍ରାହ୍ମଣକୁ ଦାନ କଲେ ସମାନ ଫଳ, ଆପଣାକୁ ବ୍ରାହ୍ମଣ ବୋଲାଇବା (ନିରକ୍ଷର ନିଷ୍କ୍ରିୟ) ବ୍ରାହ୍ମଣକୁ ଦାନ କଲେ ଦ୍ୱିଗୁଣ; ପଢ଼ାଶୁଣା ବ୍ରାହ୍ମଣକୁ ଦେଲେ ଲକ୍ଷଗୁଣ ଓ ବେଦପାରଗ ବ୍ରାହ୍ମଣକୁ ଦେଲେ ଅନନ୍ତ ଫଳ ଲାଭ ହୁଏ । ।

**ପାତ୍ରସ୍ୟ ହି ବିଶେଷଣ ଶ୍ରଦ୍ଦଧାତନୟୈବ ଚ ।**
**ଅଳ୍ପଂ ବା ବାହୁ ବା ପ୍ରେତ୍ୟ ଦାନସ୍ୟାବାପ୍ୟତେ ଫଳମ୍ ।୮୬।**

---

⁕ ଏ ଶ୍ଳୋକ ପ୍ରକ୍ଷିପ୍ତ ।

+ ଏଥିପରେ ନିମ୍ନଲିଖିତ ଦୁଇଶ୍ଳୋକରୁ ପ୍ରଥମଟି ୩ ପୁସ୍ତକ ଓ ଦ୍ୱିତୀୟଟି ଖଣ୍ଡିଏ ପୁସ୍ତକରେ ମିଳେ ।

ଏଷ ଏବ ପରୋ ଧର୍ମଃକୃସ୍ନୋ ରାଜ୍ଞ ଉଦାହୃତଃ ।
ଜିତ୍ୱା ଧନାନି ସଂଗ୍ରାମାଦ୍ ଦ୍ୱିଜେଭ୍ୟଃ ପ୍ରତିପାଦୟେତ୍ ।୧।

ଦେଶକାଳବିଧାନେନ ଦ୍ରବ୍ୟଂ ଶ୍ରଦ୍ଧାସମନ୍ୱିତମ୍ ।
ପାତ୍ରେ ପ୍ରଦୀୟତେ ଯତ୍ତୁତଦ୍ଧର୍ମସ୍ୟ ପ୍ରସାଧନମ୍ ।୨।

ରାଜାମାନଙ୍କର ପୂର୍ଣ୍ଣ ପରମଧର୍ମ ଏହି ଯେ ଯୁଦ୍ଧରେ ଧନ ଜିଣି ଦ୍ୱିଜମାନଙ୍କୁ ବାଣ୍ଟିଦେବେ । ଦେଶକାଳ ବିଧାନ ଦ୍ୱାରା ଶ୍ରଦ୍ଧା ସହିତରେ ଯେଉଁ ଦ୍ରବ୍ୟ ପାତ୍ରକୁ ଦିଆଯାଏ ତାହା ଧର୍ମର ଅଳଙ୍କାର ।

ବେଦାଧ୍ୟୟନ ପାତ୍ର ବିଶେଷ ଓ ଶ୍ରଦ୍ଧାରେ ତାରତମ୍ୟ ଅନୁସାରେ ପ୍ରଦତ୍ତ ବସ୍ତୁ ଅଳ୍ପ ହେଉ ବା ଅଧିକ ହେଉ ପରଲୋକରେ ଦାନର ଫଳ ମିଳେ ।

**ସମୋତ୍ତମାଧମୈ ରାଜା ତ୍ୱାହୂତଃ ପାଳୟନ୍ ପ୍ରଜାଃ ।**
**ନ ନିବର୍ତ୍ତେତ ସଂଗ୍ରାମାତ୍ କ୍ଷାତ୍ରଂ ଧର୍ମମନୁସ୍ମରନ୍ ।୮୭।**

ପ୍ରଜାପାଳକ ରାଜା ସମବଳ, ଅଧିବଳ ବା ହୀନ ବଳ ବିପକ୍ଷ ନରପତି କର୍ତ୍ତୃକ ଯୁଦ୍ଧରେ ଆହୁତ ହେଲେ କ୍ଷତ୍ରିୟଧର୍ମ ସ୍ମରଣ କରି ଯୁଦ୍ଧରୁ ନିବୃତ୍ତ ହେବ ନାହିଁ ।

**ସଂଗ୍ରାମେଷ୍ୱନିବର୍ତ୍ତିତ୍ୱଃ ପ୍ରଜାନାଞ୍ଚୈବ ପାଳନମ୍ ।**
**ଶୁଶ୍ରୂଷା ବ୍ରାହ୍ମଣାନାଞ୍ଚ ରାଜ୍ଞାଂ ଶ୍ରେୟସ୍କରଂ ପରମ୍ ।୮୮।**

ଯୁଦ୍ଧରେ ଅପରାଙ୍ମୁଖତ୍ୱ, ପ୍ରଜାପାଳନ, ବ୍ରାହ୍ମଣସେବା ରାଜାମାନଙ୍କର ପରମ କଲ୍ୟାଣକର ଅଟେ ।

**ଆହବେଷୁ ମିଥୋଽନ୍ୟୋନଂ ଜିଘାଂସାନ୍ତୋ ମହୀକ୍ଷିତଃ ।**
**ଯୁଧ୍ୟମାନାଃ ପରଂ ଶକ୍ତ୍ୟା ସ୍ୱର୍ଗଂ ଯାନ୍ତ୍ୟପରାଙ୍ମୁଖାଃ ।୮୯।**

ଯୁଦ୍ଧ ସ୍ଥଳରେ ପରସ୍ପର ଏକ ଅନ୍ୟକୁ ମାରିବାକୁ ଇଚ୍ଛାକରି ପରମ ଶକ୍ତିରେ ଲଢ଼ି ଯେଉଁ ରାଜାମାନେ ଯୁଦ୍ଧରୁ ହଟି ନ ଯାନ୍ତି ସେମାନେ ସ୍ୱର୍ଗ (ଅନନ୍ତ ସୁଖ) ଲାଭ କରନ୍ତି ।

**ନ କୂଟୈରାୟୁ ଧୈର୍ହନ୍ୟାଦ୍ ଯୁଦ୍ଧମାନୋ ରଣେ ରିପୁନ୍ ।**
**ନ କର୍ଣ୍ଣିଭିନାପି ଦଗ୍ଧୈର୍ନାଗ୍ନି ଜ୍ୱଳିତ୍‌ତେଜନୈଃ ।୯୦।**

ଯୁଦ୍ଧରେ ଲଢୁଥିବା ଶତ୍ରୁମାନଙ୍କୁ କୁଟାସ୍ତ୍ର (ଗୁପ୍ତି ଅର୍ଥାତ୍ ବାହାରେ କାଠ ଭିତରେ ତୀକ୍ଷ୍ଣ ଅସ୍ତ୍ର), କର୍ଣ୍ଣୀ (ଯେଉଁ ବାଣ ବିଦ୍ଧ ହୋଇ ବାହାରି ନପାରେ) ଅସ୍ତ୍ର, ବିଷାକ୍ତ ଶସ୍ତ୍ର ବା ଜ୍ୱଳିତାଗ୍ନି ତେଜିତ ଅସ୍ତ୍ର ଦ୍ୱାରା ମାରିବ ନାହିଁ (ଧର୍ମଯୁଦ୍ଧର ଏହା ହିଁ ନିୟମ ଅଟେ; ମାତ୍ର ଆଜିକାଲି ରାଜ୍ୟ ଓ ବିଷୟ ଲୋଭରେ ଗୁଳିଗୋଳାଦି ସର୍ବପ୍ରକାର ଅନ୍ୟାୟସ୍ତ୍ର ଅଧର୍ମରେ ଚାଳିତ ହେଉଅଛି) ।

**ନ ଚ ହନ୍ୟାଦ୍ ସ୍ଥଳାରୂଢ଼ଂନ କ୍ଲୀବଂ ନ କୃତାଞ୍ଜଳିମ୍ ।**
**ନ ମୁକ୍ତକେଶଂ ନାସୀନଂ ନ ତବାସ୍ମୀତ ବାଦିନମ୍ ।୯୧।**

(ରଥସ୍ଥ ରଥରୁ ଓହ୍ଲାଇ ଭୂମିସ୍ଥକୁ, ନପୁଂସକକୁ, ଯୋଡ଼ାହସ୍ତକୁ, ମୁକ୍ତକେଶକୁ ଆସୀନକୁ ଅବା ମୁଁ ତୁମରି ଏମନ୍ତ ବୋଲିବା ଲୋକକୁ ମାରିବ ନାହିଁ) ।

**ନ ସୁପ୍ତଂ ନ ବିସନ୍ନାହଂ ନ ନଗ୍ନଂ ନ ନିରାୟଧମ୍ ।**
**ନାଯୁଦ୍ଧୟମାନଂ ପଶ୍ୟନ୍ତଂ ନ ପରେଣ ସମାଗତମ୍ ।୯୨।**

ଶୋଇଥିବା, କବଚ ଉତାରିଥିବା, ଲଙ୍ଗଳା ହୋଇଥିବା, ନିରସ୍ତ୍ର ହୋଇଥିବା, ଯୁଦ୍ଧ କରିବାକୁ ବାହାରୁ ନଥିବା କେବଳ ଦେଖିବାକୁ ଆସିଥିବା ଅଥବା ଅନ୍ୟ ସଙ୍ଗେ ଲଢୁଥିବା ଲୋକକୁ (ମାରିବ ନାହିଁ) ।

**ନାୟୁଧବ୍ୟସନପ୍ରାପ୍ତଂ ନାର୍ତ୍ତଂ ନାତିପରିକ୍ଷିତମ୍ ।**

**ନଭୀତଂ ନ ପରାବୃତ୍ତଂ ସତାଂ ଧର୍ମମନୁସରନ୍ ।୯୩।**

ଭଗ୍ନାସ୍ତ୍ରଧାରୀ, (ପୁତ୍ରାଦି ମୃତ୍ୟୁରେ) ଆର୍ତ୍ତ, ଅତ୍ୟନ୍ତ ଆହତ, ଭୀତ ଓ ପଳାତକକୁ ଶିଷ୍ଟ କ୍ଷତ୍ରିୟଧର୍ମ୍ମ ସ୍ମରଣ ରଖି (ମାରିବ ନାହିଁ) ।

**ଯସ୍ତୁଭୀତଃ ପରୀବୃତ୍ତଃ ସଂଗ୍ରାମେ ହନ୍ୟତେ ପରୈଃ ।**

**ଭର୍ତ୍ତୁର୍ଯଦ୍ଦୁଷ୍କୃତଂ କିଞ୍ଚିତ୍ତତ୍ସର୍ବଂ ପ୍ରତିପଦ୍ୟତେ ।୯୪।**

ଯେ ଶତ୍ରୁ ଯୁଦ୍ଧଭୀତ ଓ ପଳାତକକୁ ଯୁଦ୍ଧରେ ହତ କରେ ସେ ତାହାର ଯେ କିଛି ପାପ ଥାଏ ତାହା ପାଏ ।

**ଯଚ୍ଚାସ୍ୟ ସୁକୃତଂ କିଞ୍ଚିଦମୁତ୍ରାର୍ଥମୁପାର୍ଜ୍ଜିତମ୍ ।**

**ଭର୍ତ୍ତା ତତ୍ସର୍ବମାଦତ୍ତେ ପରାବୃତ୍ତହତସ୍ୟ ତୁ ।୯୫।**

ଏବଂ ପରଲୋକ ସକାଶେ ଯାହାକିଛି ସୁକୃତ ଉପାର୍ଜନ କରିଥାଏ ପଳାତକକୁ ମାରିଲେ ସେସବୁ ସୁଦ୍ଧା ସେ ପାଏ ।

**ରଥାଶ୍ୱଂ ହସ୍ତୀନଂ ଛତ୍ରଂ ଧନଂ ଧାନ୍ୟଂ ପଶୂନ୍ ସ୍ତ୍ରିୟଃ ।**

**ସର୍ବଦ୍ରବ୍ୟାଣି କୁପ୍ୟଞ୍ଚ ଯୋ ଯଜ୍ଜୟତି ତସ୍ୟ ତତ୍ ।୯୬।**

ରଥ, ଅଶ୍ୱ, ହସ୍ତୀ ଛତ୍ର, ଧନ ଧାନ୍ୟ, ଗୋରୁ ଇତ୍ୟାଦି ପଶୁ ସ୍ତ୍ରୀ (ଗୁଡ଼ ଲବଣାଦି) ଦ୍ରବ୍ୟ ସମୂହ ଏବଂ ସୁବର୍ଣ୍ଣରଜତ ଭିନ୍ନ ତାମ୍ରାଦି ଖଣିଜଦ୍ରବ୍ୟ ଯେ ଜିଣେ ସେ ତାହା ପାଏ ।

**ରାଜ୍ଞଶ୍ଚ ଦଦ୍ୟୁରୁଦ୍ଧାରମିତ୍ୟୋଷା ବୈଦିକୀ ଶ୍ରୁତିଃ ।**

**ରାଜ୍ଞା ଚ ସର୍ବଯୋଧେଭ୍ୟୋ ଦାତବ୍ୟମପୃଥକ୍ ଜିତମ୍ ।୯୭।***

ଜୟଲବ୍ଧ ବସ୍ତୁ ଯେ ଯାହା ପାଇଥିବ ତହିଁ ମଧ୍ୟରୁ ଉତ୍ତମ ଧନ ଓ ବାହନାଦି ରାଜାକୁ ଦେବା ଉଚିତ ଏହା ବେଦବିଧି; ଏକତ୍ର ମିଳି ଜିଣି (ଲୁଟି) ଆଣିଥିବା ଦ୍ରବ୍ୟ ରାଜା ସବୁ ଯୋଦ୍ଧାଙ୍କୁ ବାଣ୍ଟି ଦେବେ ।

**ଏଷୋଽନୁପସ୍କୃତଃ ପ୍ରୋକ୍ତୋ ଯୋଧଧର୍ମଃ ସନାତନଃ ।**

**ଅସ୍ମାଦ୍ଧର୍ମାନ୍ନ ଚ୍ୟବେତ କ୍ଷତ୍ରିୟୋଘ୍ନନ୍ ରଣେ ରିପୂନ୍ ।୯୮।**

ଏହାହିଁ ଯୋଦ୍ଧୃକର୍ମର ଅବିଗର୍ହିତ ସନାତନ ଧର୍ମ ବୋଲା ଯାଇଅଛି । ରଣରେ ଶତ୍ରୁ ମାରି କ୍ଷତ୍ରିୟ ଏ ଧର୍ମକୁ ଛାଡ଼ିବ ନାହିଁ ।

**ଅଲବ୍ଧଞ୍ଚୈବ ଲିପ୍ସେତ ଲବ୍ଧଂ ରକ୍ଷେ ପ୍ରଯତ୍ନତଃ ।**

**ରକ୍ଷିତଂ ବର୍ଦ୍ଧୟେଚ୍ଚୈବ ବୃଦ୍ଧଂ ପାତ୍ରେଷୁ ନିକ୍ଷିପେତ୍ ।୯୯।**

ଅଲବ୍ଧ ପଦାର୍ଥାଦି ନେବାକୁ ଇଚ୍ଛା କରିବ, ଲବ୍ଧ ପଦାର୍ଥାଦି ଯତ୍ନପୂର୍ବକ ରକ୍ଷା କରିବ, ରକ୍ଷିତ ପଦାର୍ଥାଦି ବଢ଼ାଇବ ଏବଂ ବଢ଼ାଇବା ଧନ ପଦାର୍ଥ ସତ୍‌ପାତ୍ରରେ ଦାନ କରିବ ।

---

* ଏଥିପରେ ଖଣ୍ଡିଏ ପୁସ୍ତକରେ ମିଳେ-

ଭୃତ୍ୟେଭ୍ୟୋ ବିଭଜେଦର୍ଥାନ୍ନୈକଃ ସର୍ବହରୋ ଭବେତ୍ ।

ନାମମାତ୍ରେଣ ତୃଷ୍ୟେତ ଛତ୍ରେଣ ଚ ମହୀପତିଃ ।।

ଭୃତ୍ୟମାନଙ୍କୁ ଧନ ବାଣ୍ଟିଦେବ, ଏକା ସବୁ ନେବ ନାହିଁ; କାରଣ ରାଜା ଛତ୍ର ଓ ନାମ ମାତ୍ରରେ ତୁଷ୍ଟ ହେବା ଉଚିତ ।

**ଏତଚ୍ଚତୁର୍ବିଧଂ ବିଦ୍ୟାତ୍ପୁରୁଷାର୍ଥପ୍ରୟୋଜନମ୍ ।**

**ଅସ୍ୟ ନିତ୍ୟମନୁଷ୍ଠାନଂ ସମ୍ୟକ୍କୁର୍ଯ୍ୟାଦତନ୍ଦ୍ରିତଃ ।୧୦୦।**

ଏହି ଚାରିପ୍ରକାରର ପୁରୁଷାର୍ଥ ପ୍ରୟୋଜନୀୟ ଜାଣିବ ଏବଂ ନିରଳସ ହୋଇ ନିତ୍ୟ ସମ୍ୟକ୍ ରୂପେ ଏଥିରେ ଅନୁଷ୍ଠାନ କରିବ ।

**ଅଲବ୍ଧମିଚ୍ଛେଦଣ୍ଡେନ ଲବ୍ଧଂ ରକ୍ଷେଦବେକ୍ଷୟା ।**

**ରକ୍ଷିତଂ ବର୍ଦ୍ଧୟେଦ୍‌ବୃଦ୍ଧ୍ୟା ବୃଦ୍ଧଃ ଦାନେନ ନିକ୍ଷିପେତ ।୧୦୧।**

(ରାଜ୍ୟାଦି) ଯାହା ଅଲବ୍ଧ ରହିଅଛି ତାହା (ହସ୍ତ୍ୟଶ୍ୱରଥପଦାତିକାତ୍ମକ) ଦଣ୍ଡ ଦ୍ୱାରା ଜିଣିବାକୁ ଇଚ୍ଛା କରିବ, ଯାହା ଲବ୍ଧ ହୋଇଅଛି ପର୍ଯ୍ୟବେକ୍ଷଣ ଦ୍ୱାରା ରକ୍ଷା କରିବ ଏବଂ ରକ୍ଷିତକୁ ଜଳ ସ୍ଥଳ ବାଣିଜ୍ୟ ବ୍ୟାପାରାଦିଦ୍ୱାରା ବଢ଼ାଇବ ଏବଂ ବର୍ଦ୍ଧିତକୁ ଶାସ୍ତ୍ରବିଧାନୁସାରେ ଦାନ କରିବ ।

**ନିତ୍ୟମୁଦ୍ୟତଦଣ୍ଡଃ ସାନ୍ନିତ୍ୟଂ ବିବୃତପୌରୁଷଃ ।**

**ନିତ୍ୟଂ ସଂବୃତସର୍ବାର୍ଥୋ ନିତ୍ୟ ଛିଦ୍ରାନୁସାର୍ଯ୍ୟରେଃ ।୧୦୨।**

ସର୍ବଦା ସୈନ୍ୟରଣଙ୍କୁ (ସୁଶିକ୍ଷା ଦ୍ୱାରା) ଯୁଦ୍ଧ ସକାଶେ ଉଦ୍ୟତ ରଖିବ, ସର୍ବଦା ପୁରୁଷାର୍ଥ ପ୍ରକାଶ କରିବ, ସର୍ବଦା ଆପଣା ଅର୍ଥ ସବୁ ଗୋପନ ରଖିବ ଏବଂ ସର୍ବଦା ଶତ୍ରୁର ଛିଦ୍ରାନୁସନ୍ଧାନ କରିବ ।

**ନିତ୍ୟଂମୁଦ୍ୟତଦଣ୍ଡନସ୍ୟ କୃତ୍ସ୍ନମୁଦ୍ ବିଜତେ ଜଗତ୍ ।**

**ତସ୍ମାତ୍ସର୍ବାଣି ଭୂତାନି ଦଣ୍ଡେନୈବ ପ୍ରସାଧୟେତ୍ ।୧୦୩।**

ଯେଉଁ ରାଜାର ସୈନ୍ୟ ସର୍ବଦା ସୁଶିକ୍ଷା ପାଇ ଯୁଦ୍ଧ ସକାଶେ ଉଦ୍ୟତ ଥାଏ ତାହାକୁ ସମୁଦାୟ ଜଗତ ଡ଼ରେ; ଏ ଯୋଗୁ ସର୍ବଭୂତ ଦଣ୍ଡ ଦ୍ୱାରା ବଶୀଭୂତ କରାଯାଇପାରେ ।

**ଅମାୟୟୈବ ବର୍ତ୍ତେତ ନ କଥଞ୍ଚନ ମାୟୟା ।**

**ବୃଦ୍ଧ୍ୟେତାରିପ୍ରଯୁକ୍ତାଞ୍ଚ ମାୟାଂ ନିତ୍ୟଂ ସ୍ୱସଂବୃତଃ ।୧୦୪।**

ଅକପଟ ବ୍ୟବହାରରେ ରହିବ, କେବେ ହେଁ କିଛି କପଟାଚରଣ କରିବ ନାହିଁ, ସର୍ବଦା ସ୍ୱପକ୍ଷ ରକ୍ଷାକରି ଶତ୍ରୁର କପଟ ବ୍ୟବହାର ଜାଣି ରଖୁଥିବ ।

**ନାସ୍ୟ ଛିଦ୍ରଂ ପରୋ ବିଦ୍ୟାଦ୍‌ବିଦ୍ୟାଚ୍ଛିଦ୍ରଂ ପରସ୍ୟ ତୁ ।**

**ଗୂହେତ୍କୂର୍ମଇବାଙ୍ଗାନି ରକ୍ଷେଦ୍‌ବିବରମାତ୍ମନଃ ।୧୦୫।** ✲

(ଏମନ୍ତ ଯତ୍ନ କରିବ ଯେମନ୍ତ କି) ଆପଣାର ଛିଦ୍ର ଶତ୍ରୁ ଜାଣି ନ ପାରିବ ଅଥଚ ଶତ୍ରୁର ଛିଦ୍ର ଆପେ ଜାଣିବ, କୂର୍ମପରି ଆପଣାର (ରାଜସମ୍ବନ୍ଧୀୟ) ଅଙ୍ଗସବୁ ଗୋପନ ରଖିବ ଏବଂ ଆପଣାର ପ୍ରକୃତିଭେଦାଦିରୂପ ଉପଦ୍ରବାଦି ନିବାରଣ କରିବ ।

**ବକବଚ୍ଚିନ୍ତୟେଦର୍ଥାନ୍ ସିଂହବଚ୍ଚ ପରାକ୍ରମେତ୍ ।**

**ବୃକବାଚ୍ଚବଲୁମ୍ପେତ ଶଶବଚ୍ଚ ବିନିଷ୍ପତେଦ୍ ।୧୦୬।**

---

✲ ଏ ଶ୍ଲୋକପରେ ଖଣ୍ଡିଏ ପୁସ୍ତକରେ ମିଳେ-

ନ ବିଶ୍ୱସେଦବିଶ୍ୱସ୍ତେ ବିଶ୍ୱସ୍ତେ ନାତିବିଶ୍ୱସେତ୍ ।
ବିଶ୍ୱାମାଭୟମୁତ୍ପନ୍ନଂ ମୂଳାଦପି ନକୃନ୍ତତି ।

ଅବିଶ୍ୱାସୀକୁ ବିଶ୍ୱାସ କରିବ ନାହିଁ, ବିଶ୍ୱାସୀକୁ ଅତି ବିଶ୍ୱାସ କରିବ ନାହିଁ; କାରଣ ବିଶ୍ୱାସରୁ ଉତ୍ପନ୍ନ ଭୟ ମୂଳରୁ ସୁଦ୍ଧା କାଟି ପକାଏ ।

ବକପରି ଅର୍ଥଚିନ୍ତା କରିବ, ସିଂହପରି ପରାକ୍ରମ ପ୍ରକାଶ କରିବ, ବାଘପରି ଶିକାର କରିବ ଏବଂ ଶଶକ ପରି ଖସି ଚାଲିଯିବ ।

**ଏବଂ ବିଜୟମାନସ୍ୟ ଯେଽସ୍ୟ ପରିପନ୍ଥିନଃ ।**
**ତାନାନୟେଦ୍‌ବଶଂ ସର୍ବାନ୍ ସମାଦିଭିରୁପକ୍ରମୈଃ ।୧୦୭।**

ଏହି ପ୍ରକାରେ ବିଜୟ ଲାଭାର୍ଥେ ପ୍ରସ୍ତୁତ ଥିବା ରାଜାଙ୍କର ଯେଉଁମାନେ ବିରୋଧୀ ହେବେ ସେମାନଙ୍କୁ ରାଜା ସାମାଦି ଉପାୟଦ୍ୱାରା ବଶୀଭୂତ କରିବ ।

**ଯଦି ତେ ତୁ ନ ନିଷ୍ଠେୟୁରୁପାୟୈଃ ପ୍ରଥମୈସ୍ତ୍ରି ଭିଃ ।**
**ଦଣ୍ଡେନୈବ ପ୍ରସହ୍ୟୈତାଂଶ୍ଚନ କୈର୍ବଂଶମାନୟେତ୍ ।୧୦୮।**

ଯଦି ପ୍ରଥମ ତିନି (ସାମ, ଦାନ, ଭେଦ) ଉପାୟରେ ସେମାନେ ନ ମାନିବେ ତେବେ ଦଣ୍ଡ ଦ୍ୱାରା ବଳ ପ୍ରୟୋଗ କରି କ୍ରମଶଃ ବଶରେ ଆଣିବେ ।

**ସମାଦିନାମୁପାୟାନାଂ ଚତୁର୍ଣ୍ଣାମପି ପଣ୍ଡିତାଃ ।**
**ସାମଦଣ୍ଡୌ ପ୍ରଶଂସନ୍ତି ନିତ୍ୟଂ ରାଷ୍ଟ୍ରଭିବୃଦ୍ଧୟେ ।୧୦୯।**

ପଣ୍ଡିତମାନେ ରାଜ୍ୟର ଅଭିବୃଦ୍ଧି ସକାଶେ ସାମାଦି ଚାରି ଉପାୟ ମଧ୍ୟରୁ ସାମ ଓ ଦଣ୍ଡରୁ ପ୍ରଶଂସା କରନ୍ତି ।

**ଯଥୋଦ୍ଧରତି ନିର୍ଦାତା କକ୍ଷଂ ଧାନ୍ୟଞ୍ଚ ରକ୍ଷତି ।**
**ତଥା ରକ୍ଷେନୃପୋ ରାଷ୍ଟ୍ରଂ ହନ୍ୟାଚ୍ଚ ପରିପନ୍ଥିନଃ ।୧୧୦।**

ଯେପରି ଚଷା କ୍ଷେତ୍ରରେ ଧାନ ରକ୍ଷା କରିବାକୁ ଯାଇ ଘାସ ବା ବାଲୁଙ୍ଗା ବାଛି ଫୋପାଡ଼ି ଦିଏ, ସେହିପରି ବିରୋଧୀଦଳ ନାଶ କରି ରାଜ୍ୟ ରକ୍ଷା କରିବ ।

**ମୋହାଦ୍ରାଜା ସ୍ୱରାଷ୍ଟ୍ରଂ ଯଃ କର୍ଷୟତ୍ୟନବେକ୍ଷୟା ।**
**ସୋଽଚିରାଦ୍‌ଭ୍ରଶ୍ୟତେ ରାଜ୍ୟାଜ୍ଜୀବିତାଚ୍ଚ ସବାନ୍ଧବଃ ।୧୧୧।**

ଯେଉଁ ରାଜା ଅଜ୍ଞାନରୁ ଅବିଚାର କରି ଆପଣା ରାଜ୍ୟକୁ ଦୁଃଖଦିଏ ସେ ଶୀଘ୍ର ରାଜ୍ୟ, ଜୀବନ ଓ ବାନ୍ଧବ ସହିତ ଭ୍ରଷ୍ଟ ହୁଏ ।

**ଶରୀରକର୍ଷଣାତ୍ପ୍ରାଣାଃ କ୍ଷୀୟନ୍ତେ ପ୍ରାଣିନାଂ ଯଥା ।**
**ତଥା ରାଜ୍ଞାମପି ପ୍ରାଣାଃ ରାଷ୍ଟ୍ରାକର୍ଷଣାତ୍ ।୧୧୨।**

ଶରୀରକୁ (ପୋଷଣାଭାବରୁ) କଷ୍ଟ ଦେଲେ ଯେପରି ପ୍ରାଣୀମାନଙ୍କର ପ୍ରାଣନାଶ ହୁଏ ସେହିପରି ରାଜ୍ୟକୁ ପୀଡ଼ା ଦେଲେ ରାଜାମାନଙ୍କର ପ୍ରାଣନାଶ ହୁଏ ।

**ରାଷ୍ଟ୍ରସ୍ୟ ସଂଗ୍ରହେ ନିତ୍ୟ ବିଧାନମିଦ ମାଚରେତ୍ ।**
**ସୁସଂଗୃହୀତରାଷ୍ଟ୍ରୋହି ପାର୍ଥବଃ ସୁଖମେଧତେ ।୧୧୩।**

ରାଜ୍ୟର ସଂରକ୍ଷଣାର୍ଥ ଏହିପରି (ନିମ୍ନୋକ୍ତ) ଉପାୟ ନିତ୍ୟ ଅବଲମ୍ବନ କରିବ; କାରଣ ରାଜ୍ୟ ସୁରକ୍ଷିତ ହେଲେ ସେଥିସଙ୍ଗେ ରାଜାର ସୁଖସମୃଦ୍ଧି ବଢ଼େ ।

**ଦ୍ୱୟୋସ୍ତ୍ରୟାଣାଂ ପଞ୍ଚାନାଂ ମଧ୍ୟେ ଗୁଲ୍ମମଧିଷ୍ଠିତମ୍ ।**
**ତଥା ଗ୍ରାମଶତାନାଞ୍ଚ କୁର୍ଯ୍ୟାଦ୍ରାଷ୍ଟ୍ରସ୍ୟ ସଂଗ୍ରହମ୍ ।୧୧୪।**

ଦୁଇ, ତିନି, ପାଞ୍ଚ ତଥା ଏକଶତ ଗ୍ରାମକୁ ଏକତ୍ରିତ କରି ତଦଧିବସିତ ପ୍ରଧାନ ପ୍ରଧାନ ଲୋକ ବାଛି ତହିଁ ମଧ୍ୟରେ ରାଜ୍ୟର ସଂଗ୍ରହ (ସଂଘ ଅଥବା ପୁଲିସ୍ କଚେରୀ ଇତ୍ୟାଦି) ସ୍ଥାପନ କରିବ ।

**ଗ୍ରାମସ୍ୟାଧିପତିଂ କୁର୍ଯ୍ୟାଦ୍ଦଶଗ୍ରାମପତିଂ ତଥା ।**
**ବିଂଶତୀଶଂ ଶତେଶଞ୍ଚ ସହସ୍ରପତିମେବ ଚ ।୧୧୫।**

ଏକ ଗ୍ରାମର ଜଣେ ଅଧିପତି, ତଥା ଦଶଗ୍ରାମର ଜଣେ, ବିଂଶଗ୍ରାମର ଜଣେ, ଶତଗ୍ରାମର ଜଣେ, ସହସ୍ରଗ୍ରାମର ଜଣେ ଅଧିପତି ନିଯୁକ୍ତ କରିବ ।

**ଗ୍ରାମଦୋଷାନ୍ ସମୁତ୍ପନ୍ନାନ୍ ଗ୍ରାମିକଃ ଶନକୈଃ ସ୍ୱୟମ୍ ।**
**ଶଂସେଦ୍ ଗ୍ରାମଦଶେଶାୟ ଦଶେଶୋ ବିଂଶତିଶିନେ ।୧୧୬।**

ଗ୍ରାମରେ ଚୌର୍ଯ୍ୟାଦି ଦୋଷମାନ ସଂଘଟିତ ହେଲେ ଧୀର ଭାବେ ନିଜେ ବୁଝିବ ଏବଂ ଅଶକ୍ତ ହେଲେ ଦଶଗ୍ରାମର ଅଧିପତିକୁ ଏବଂ ଦଶଗ୍ରାମାଧୀଶ ବିଂଶ ଗ୍ରାମାଧୀଶକୁ ଜଣାଇବ ।

**ବିଂଶତୀଶସ୍ତୁ ତତ୍ସର୍ବଂ ଶାତେଶାୟ ନିବେଦୟେତ୍ ।**
**ଶଂସେଦ୍ ଗ୍ରାମଶତେଶସ୍ତୁ ସହସ୍ର ପତୟେ ସ୍ୱୟମ୍ ।୧୧୭।**

ପୁଣି ବିଂଶଗ୍ରାମାଧୀଶ ସେସବୁ ଶତଗ୍ରାମାଧୀଶକୁ ଏବଂ ଶତଗ୍ରାମାଧୀଶ ସହସ୍ର ଗ୍ରାମାଧୀଶକୁ ନିଜେ ଜଣାଇବ ।

**ଯାନି ରାଜପ୍ରଦେୟାନି ପ୍ରତ୍ୟହଂ ଗ୍ରାମବାସିଭିଃ ।**
**ଅନ୍ନପାନେନ୍ଧନାଦୀନି ଗ୍ରାମିକସ୍ତାନ୍ୟବାପ୍ନୁୟାତ୍ ।୧୧୮।**

ପ୍ରତ୍ୟହ ଗ୍ରାମବାସୀମାନଙ୍କ କର୍ତ୍ତୃକ ରାଜାଙ୍କୁ ଦେୟ ଅନ୍ନ, ପାନ, ଇନ୍ଧନାଦି ଗ୍ରାମାଧୀଶ ଗ୍ରହଣ କରିବ ।

**ଦଶ କୁଳନ୍ତୁ ଭୁଞ୍ଜୀତ ବିଂଶୀ ପଞ୍ଚକୁଳାନି ଚ ।**
**ଗ୍ରାମଂ ଗ୍ରାମଶତାଧ୍ୟକ୍ଷଃ ସହସ୍ରାଧିପତିଃ ପୁରମ୍ ।୧୧୯।**

ଦଶଗ୍ରାମାଧିପତି ଗୋଟିଏ କୁଳ (ଛ ଗୋଟି ଗୋରୁ ଦ୍ୱାରା ଆକୃଷ୍ଟ ଯୋଡ଼ିଏ ହଳରେ ଯେତେ ଭୂମି ଚାଷ ହୋଇପାରେ ତେତିକି) ବୃତ୍ତି ସକାଶେ ଭୋଗ କରିବ । ବିଂଶଗ୍ରାମାଧ୍ୟକ୍ଷ ପାଞ୍ଚକୁଳ, ଶତଗ୍ରାମାଧୀଶ ଗୋଟିଏ ଗ୍ରାମ ଏବଂ ସହସ୍ର ଗ୍ରାମାଧୀଶ ଗୋଟିଏ ନଗର ଭୋଗ କରିବ ।

**ତେଷାଂ ଗ୍ରାମ୍ୟାଣଂ କାର୍ଯ୍ୟାଣି ପୃଥକ୍କାର୍ଯ୍ୟାଣି ଚୈବ ହି ।**
**ରାଜ୍ଞୋଽନ୍ୟଃ ସଚିବଃ ସ୍ନିଗ୍ଧସ୍ତାନି ପଶ୍ୟେ ଦତନ୍ଦ୍ରିତଃ ।୧୨୦।**

ସେମାନଙ୍କର ଗ୍ରାମ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ କାର୍ଯ୍ୟମାନ ରାଜ୍ୟର ବିଶ୍ୱାସୀ ଓ ହିତକର ସଚିବ ନିରଳସ ହୋଇ ଦେଖିବ ।

**ନଗରେ ନଗରେ ଚୈକଂ କୁର୍ଯ୍ୟାତ୍ସର୍ବାର୍ଥଚିନ୍ତକମ୍ ।**
**ଉଚ୍ଚୈସ୍ଥାନଂ ଘୋରରୂପଂ ନ କ୍ଷତ୍ରାଣାମିବ ଗ୍ରହମ୍ ।୧୨୧।**

ପ୍ରତି ନଗରରେ ନକ୍ଷତ୍ରମାନଙ୍କ ମଧ୍ୟରେ ଗ୍ରହ ପରି ଉଚ୍ଚବଂଶସମ୍ଭୂତ ସେନା ଆଦି ଦ୍ୱାରା ଭୟ ଦେଖାଇବାକୁ ସମର୍ଥ ଜଣକୁ ସକଳ କାର୍ଯ୍ୟଦ୍ରଷ୍ଟା ନଗରାଧିପତି ନିଯୁକ୍ତ କରିବ ।

**ସନାନନୁପରିକ୍ରାମେତ୍ସର୍ବାନେବ ସଦା ସ୍ୱୟମ୍ ।**
**ତେଷା ବୃତ୍ତିଂ ପରିଣୟେତ୍ସମ୍ୟଗ୍ରାଷ୍ଟ୍ରେଷୁ ତଚ୍ଚରୈଃ ।୧୨୨।**

ସେହି ନଗରାଧିପତି ସର୍ବଦା ନିଜେ ଗ୍ରାମାଧିପତିମାନଙ୍କର କାର୍ଯ୍ୟ ବୁଲି ବୁଲି ପର୍ଯ୍ୟବେକ୍ଷଣ କରିବ ଏବଂ ସେମାନଙ୍କର ସମାଚାର ନିୟୋଜିତଚରଦ୍ୱାରା ଅବଗତ ହେବ ।

**ରାଜ୍ଞୋ ହି ରକ୍ଷାଧିକୃତାଃ ପରସ୍ୱାଦାୟିନିଃ ଶଠାଃ ।**

**ଭୃତ୍ୟା ଭବନ୍ତି ପ୍ରାୟେଣ ତେଭ୍ୟୋଃ ରକ୍ଷେଦିମାଃ ପ୍ରଜାଃ ।୧୨୩।**

କାରଣ ରକ୍ଷଣାର୍ଥେ ନିୟୋଜିତ ରାଜଭୃତ୍ୟମାନେ ପ୍ରାୟ ପରସ୍ୱାପହାରୀ ଓ ପ୍ରବଞ୍ଚକ ଅଟନ୍ତି, ରାଜା ସେମାନଙ୍କ ଉପଦ୍ରବରୁ ଆପଣା ପ୍ରଜାମାନଙ୍କୁ ରକ୍ଷା କରିବେ ।

**ଯେ କାର୍ଯ୍ୟ କେଭ୍ୟୋର୍ଥମେବ ଗୃହ୍ଣୀୟଃ ପାପଚେତସଃ ।**

**ତେଷାଂ ସର୍ବସ୍ୱମାଦାୟ ରାଜା କୁର୍ଯ୍ୟାପ୍ର ବାସନଂ ।୧୨୪।**

ଯେଉଁ ପାପ ବୃଦ୍ଧି କର୍ମଚାରୀମାନେ ଅର୍ଥୀ ଓ ପ୍ରତ୍ୟର୍ଥୀମାନଙ୍କଠାରୁ ଅର୍ଥ (ଉତ୍କୋଚ) ଗ୍ରହଣ କରନ୍ତି, ରାଜା ସେମାନଙ୍କର ସର୍ବସ୍ୱ ଗ୍ରହଣ କରି ଦେଶରୁ ନିର୍ବାସିତ କରିବେ ।

**ରାଜକର୍ମସୁ ଯୁକ୍ତାନଂ ସ୍ତ୍ରୀଣାଂ ପ୍ରେକ୍ଷ୍ୟଜନସ୍ୟ ଚ ।**

**ପ୍ରତ୍ୟହଂ କଳ୍ପୟେଦ୍ ବୃତ୍ତିଂ ସ୍ଥାନଂ କର୍ମାନୁରୁପତଃ ।୧୨୫।**

ରାଜକାର୍ଯ୍ୟରେ ନିଯୁକ୍ତ ସ୍ତ୍ରୀ ଓ ପୁରୁଷ କର୍ମଚାରୀର କାର୍ଯ୍ୟାନୁସାରେ ପ୍ରତ୍ୟହ ରାଜା ଦୈନିକ ବୃତ୍ତି ଅବଧାରଣ କରିବ ।

**ପଣୋଦୋୟୋଽବକୃଷ୍ଟସ୍ୟ ଷଡ଼ାକୃଷ୍ଟସ୍ୟ ବେତନମ୍ ।**

**ଷାଣ୍ମାସିକସ୍ତଥାଚ୍ଛାଦୋ ଧାନ୍ୟଦ୍ରୋଣସ୍ତୁ ମାସିକଃ ।୧୨୬।**

ନିକୃଷ୍ଟ କର୍ମଚାରୀର ବେତନ ଏକପଣ, ଛଅମାସରେ ଯୋଡ଼େ ଲୁଗା ଏବଂ ମାସକୁ ଦ୍ରୋଣେ (ପ୍ରାୟ ଦୁଇ ମହଣ) ଧାନ ଆଉ ଉତ୍କୃଷ୍ଟ କର୍ମଚାରୀ ଏଥିରେ ଛଅଗୁଣ ପାଇବ ।

**କ୍ରୟବିକ୍ରୟମଧ୍ୱାନଂ ଭକ୍ତଞ୍ଚ ସପରିବ୍ୟୟମ୍ ।**

**ଯୋଗ କ୍ଷେମଞ୍ଚ ସଂପ୍ରେକ୍ଷ୍ୟ ବଣିଜୋ ଦାପୟେତ୍କରାନ୍ ।୧୨୭।**

ବାଣିଜ୍ୟ ଦ୍ରବ୍ୟ ଉପରେ କେତେ ମୂଲ୍ୟରେ କିଣା ଯାଇଅଛି, କେତେ ମୂଲ୍ୟରେ ବିକାଯାଇ ପାରିବ, କେତେ ଦୂରରୁ ଆସିଅଛି, କେତେ ବିଳମ୍ବରେ ବିକା ହେବ, କେତେ ଶୁଖି ବା ସଡ଼ି ଯାଇଅଛି, କେତେ ଚୌରାଦି ଭୟରୁ ରକ୍ଷା କରିବା ପାଇଁ ଖର୍ଚ୍ଚ ହୋଇଅଛି ଏବଂ ଲାଭଯୋଗାଦି ବିବେଚନା କରି ବସାଇବ ।

**ଯଥା ଫଳେନ ଯୁଜ୍ୟେତ ରାଜା କର୍ତ୍ତାଚ କର୍ମଣାମ୍ ।**

**ତଥାବେକ୍ଷ୍ୟ ନୃପୋରାଷ୍ଟ୍ରେ କଳ୍ପୟେତ୍ସତତଂ କରାନ୍ ।୧୨୮।**

ଅବେକ୍ଷଣାଦି କାର୍ଯ୍ୟକର୍ତ୍ତା ରାଜା ଓ କର୍ମଫଳ ଭୋକ୍ତା କୃଷକ ବଣିକାଦିର ସମ୍ବନ୍ଧ ଯେରୂପ ଉତ୍ତମରୂପେ ରହେ ତାହା ବିବେଚନା କରି ରାଜା ରାଜ୍ୟରେ ସତତ କର ବସାଇବ ।

**ଯଥାଳ୍ପାଳ୍ପମଦନ୍ତ୍ୟାଦ୍ୟଂ ବାର୍ଯ୍ୟୋକୋବତ୍ସଷଟ୍‌ପଦାଃ ।**

**ତଥାଳ୍ପାଳ୍ପୋ ଗ୍ରହୀତବ୍ୟୋ ରାଷ୍ଟ୍ରାଦ୍ରାଜ୍ଞାବଦକଃ କରଃ ।୧୨୯।**

ଯୋକ (ରକ୍ତପାନ), ବାଛୁରୀ (ଦୁଗ୍ଧପାନ), ଭ୍ରମର (ମଧୁପାନ) ଅଳ୍ପ ଅଳ୍ପ ଖାଇଲା ପରି ରାଜା ପ୍ରଜାମାନଙ୍କଠାରୁ ଅଳ୍ପ ଅଳ୍ପ (ଅର୍ଥାତ୍ ଶୋଷି ନ ନେଲାପରି) ବାର୍ଷିକ କର ଗ୍ରହଣ କରିବ ।

**ପଞ୍ଚାଶଦ୍‌ଭାଗ ଆଦେୟୋ ରାଜ୍ଞା ପଶୁହିରଣ୍ୟୟୋଃ ।**

**ଧାନ୍ୟନାମାଷ୍ଟାମୋଭାଗଃ ଷଷ୍ଠୋ ଦ୍ୱାଦଶ ଏବ ବା ।୧୩୦।**

ପଶୁ ଓ ସୁବର୍ଣ୍ଣର ଲାଭର ପଞ୍ଚାଶଭାଗ ଏବଂ ଧାନର ଲାଭର ଆଠ ଛଅ ଅଥବା ବାର (ଭୂମି କର୍ଷଣାଦିର ପରିଶ୍ରମ ଦେଖି) ଭାଗ ରାଜା ଗ୍ରହଣ କରିବ ।

**ଆଦଦୀତାଥ ଷଡ୍‌ଭାଗଂ ଦ୍ରୁମାଂସମଧସର୍ପିଷାମ୍ ।**

**ଗନ୍ଧୌଷଧିରସାନାଥପୁଷ୍ପମୂଳଫଳସ୍ୟ ଚ ।୧୩୧। ***

ବୃକ୍ଷ, ମାଂସ,ମଧୁ, ଘୃତ, ଔଷଧି, ରସ, ପୁଷ୍ପ, ମୂଳ ଓ ଫଳର ଲାଭର ଛଅଭାଗରୁ ଭାଗେ ଗ୍ରହଣ କରିବ ।

**ପତ୍ରଶାକତୃଣାନାଞ୍ଚ ଚର୍ମଣାଂ ବୈଦଳସ୍ୟ ଚ ।**

**ମୃଣ୍ମୟାନାଞ୍ଚ ଭାଣ୍ଡାନାଂ ସର୍ବସ୍ୟାଶ୍ମମୟସ୍ୟ ଚ ।୧୩୨।**

ପତ୍ର, ଶାକ, ତୃଣ, ଚର୍ମ ମୃତ୍ତିକା ବା ପ୍ରଶସ୍ତରୁ ସମସ୍ତ ପ୍ରକାର ଦ୍ରବ୍ୟ ବା (ଲାଭର ଛଅଭାଗ ଗ୍ରହଣ କରିବ) ।

**ମ୍ରିୟମାଣୋଽପ୍ୟାଦଦୀତ ନ ରାଜା ଶ୍ରୋତ୍ରିୟାତ୍କରମ୍ ।**

**ନ ଚକ୍ଷୁଧାଽସ୍ୟ ସଂସୀଦେଚ୍ଛ୍ରୋତ୍ରିୟୋ ବିଷୟେ ବସନ୍ ।୧୧୩।**

ଅର୍ଥାଭାବରୁ ଶରଣାପନ୍ନ ହେଲେ ସୁଦ୍ଧା ରାଜା ଶ୍ରୋତ୍ରିୟ (ବେଦପାଠ) ଠାରୁ କର ଗ୍ରହଣ କରିବ ନାହିଁ ଏବଂ ଏହାର ରାଜ୍ୟରେ ବାସ କରୁଥିବା ଶ୍ରୋତ୍ରିୟ ଯେପରି କ୍ଷୁଧାରେ ପୀଡ଼ିତ ନ ହୁଏ (ଦେଖିବ) ।

**ଯସ୍ୟ ରାଜ୍ଞସ୍ତୁ ବିଷୟେ ଶ୍ରୋତ୍ରିୟଃ ସୀଦତି କ୍ଷୁଧା ।**

**ତସ୍ୟବପି ତତ୍‌କ୍ଷୁଧା ରାଷ୍ଟ୍ର ମଚିରେଣୈବ ସୀଦତି ।୧୩୪।**

ପରନ୍ତୁ ଯେଉଁ ରାଜାର ରାଜ୍ୟରେ ଶ୍ରୋତ୍ରୀୟ କ୍ଷୁଧାରେ ପୀଡ଼ିତ ହୁଏ ତାହାର ସେହି କ୍ଷୁଧା (ଦୁର୍ଭିକ୍ଷାଦି ଦ୍ୱାରା) ଶୀଘ୍ର ନଷ୍ଟ ହୁଏ ।

**ଶ୍ରୁତବୃତ୍ତେ ବିବିଦ୍ୱାସ୍ୟ ବୃତ୍ତିଂ ଧର୍ମ୍ୟାଂ ପ୍ରକଳ୍ପୟେତ୍ ।**

**ସଂରକ୍ଷେତ୍ସର୍ବତଶ୍ଚୈନଂ ପିତା ପୁତ୍ରମିବୌରସମ୍ ।୧୩୫।**

ଶ୍ରୋତ୍ରିୟର ବେଦାଦିରେ କେତେଦୂର ବ୍ୟୁତ୍ପତ୍ତି ତାହା ବିଶେଷ ବିବେଚନା କରି ରାଜା ଉପଯୁକ୍ତ ବୃତ୍ତି ଖଞ୍ଜି ଦେବ ଏବଂ ପିତା ଔରସ ପୁତ୍ରକୁ ରକ୍ଷାକଲା ପରି ଏହାକୁ ଚୌରାଦି ସର୍ବପ୍ରକାର ଉପଦ୍ରବରୁ ରକ୍ଷା କରିବ ।

**ସଂରକ୍ଷମାଣୋ ରାଜ୍ଞା ଯଂ କୁରୁତେ ଧର୍ମାମନ୍ୱହମ୍ ।**

**ବେନାୟୁର୍ବର୍ଦ୍ଧତେ ରାଜ୍ଞେ ଦ୍ରବିଣଂ ରାଷ୍ଟ୍ରମେବ ଚ ।୧୩୬।**

ରାଜା କର୍ତ୍ତୃକ ସଂରକ୍ଷିତ ହୋଇ ଶ୍ରୋତ୍ରିୟ ପ୍ରତିଦିନ ଯେଉଁ ଧର୍ମାନୁଷ୍ଠାନ କରେ ତଦ୍ୱାରା ରାଜାର ପରମାୟୁ, ଧନ ଓ ରାଜ୍ୟ ବଢ଼େ ।

**ଯତ୍କିଞ୍ଚିଦପି ବର୍ଷସ୍ୟ ଦାପୟେତ୍କରସଂଜ୍ଞିତମ୍ ।**

**ବ୍ୟବହାରେଣ ଜୀବନ୍ତଂ ରାଜା ରାଷ୍ଟ୍ରେ କୁଥଗ୍ ଜନମ୍ ।୧୩୭।**

ରାଜ୍ୟରେ ସାମାନ୍ୟ ହେଲେ ସୁଦ୍ଧା ବ୍ୟବସାୟଦ୍ୱାରା ଜୀବିକା ନିର୍ବାହ କରୁଥିବା ଲୋକଠାରୁ ରାଜା ପୃଥକ୍ ରୂପେ ବାର୍ଷିକ କର ନେବ ।

**କାରୁକାନ୍ ଶିଳ୍ପିନଶ୍ଚୈବ ଶୂଦ୍ରାଂଶ୍ଚାତ୍ମୋପଜୀବିନଃ ।**

**ଏକୈକଂ କାରୟେତ୍କର୍ମ ମାସି ମାସି ମହୀପତିଃ ।୧୩୮।**

---

* ଦୁଇ ପୁସ୍ତକରେ 'ଦ୍ରୁମାଂସ' ସ୍ଥାନରେ 'ଦ୍ରୁମାଣାଂ' ଅଛି ।

କାରୁକର୍ମକାରୀ, ଶିଳ୍ପକର, ଦାସ ଦାସୀ ବା ଯେଉଁମାନେ ଶାରୀରିକ ପରିଶ୍ରମ ଜୀବିକା ନିର୍ବାହ କରନ୍ତି ସେମାନଙ୍କଠାରୁ ରାଜା ମାସକୁ ଦିନେ କାର୍ଯ୍ୟ (ବେଠି) କରାଇନେବେ ।

**ନୋଚ୍ଛିନ୍ଦ୍ୟାଦାତ୍ମନୋ ମୂଳଂ ପରେଷାଞ୍ଚାତିତୃଷ୍ଣୟା ।**

**ଉଚ୍ଛିନ୍ଦନ୍ ହ୍ୟାତ୍ମନୋ ମୂଳମାତ୍ମନଂ ତାଂଶ୍ଚ ପୀଡ଼ୟେତ୍ ।୧୩୯।**

ପ୍ରଜାବର୍ଗପ୍ରତି ଅତି ସ୍ନେହବଶରୁ କିଛି କର ନ ନେଇ ଆପଣାର ମୂଳଚ୍ଛେଦ ଏବଂ ଅତି ତୃଷ୍ଣାବଶରୁ ପ୍ରଜାର ସର୍ବସ୍ୱ ଗ୍ରହଣ କରି ତାହାର ମୂଳ ଛେଦ କରିବ ନାହିଁ କାରଣ କୋଷକ୍ଷୟରୁ ନିଜର ସର୍ବନାଶ ଓ ମୂଳଧନ କ୍ଷୟରେ ପ୍ରଜାର ସର୍ବନାଶ ହୁଏ ।

**ତୀକ୍ଷ୍ଣଶ୍ଚୈବ ମୃଦୁଶ୍ଚ ସ୍ୟାତ୍କାର୍ଯ୍ୟଂ ବୀକ୍ଷ୍ୟ ମହୀପତିଃ ।**

**ତୀକ୍ଷ୍ଣଶ୍ଚୈବ ମୃଦୁଶ୍ଚୈବ ରାଜା ଭବତି ସମ୍ମତଃ ।୧୪୦।**

ରାଜା କାର୍ଯ୍ୟଦେଖି ନ୍ୟାୟାନୁସାରେ ତୀକ୍ଷ୍ଣ ଓ ମୃଦୁହେବ କାରଣ କାର୍ଯ୍ୟାନୁରୋଧରେ ମୃଦୁତୀକ୍ଷ୍ଣ ଭାବଧାରା ସର୍ବଜନପ୍ରିୟ ହୁଏ ।

**ଅମାତ୍ୟସୁଖ୍ୟଂ ଧର୍ମଜ୍ଞଂ ପ୍ରାଜ୍ଞଦାନ୍ତଂ କୁଳୋଦ୍‌ଗତମ୍ ।୧୪୧।**

ଆପେ ରୋଗାଦିବଶରୁ ଅକ୍ଷମ ହେଲେ ରାଜା ମନୁଷ୍ୟମାନଙ୍କ କାର୍ଯ୍ୟ ପର୍ଯ୍ୟବେକ୍ଷଣ କରିବା ଆସନରେ ଧର୍ମଜ୍ଞ, ବୁଦ୍ଧିମାନ, ଜିତେନ୍ଦ୍ରିୟ ଓ କୁଳୀନ ମୁଖ୍ୟମନ୍ତ୍ରୀ ସ୍ଥାପନ କରିବେ ।

**ଏବଂ ସର୍ବଂ ବିଧାୟେଦମିତିକର୍ତ୍ତବ୍ୟାମାତ୍ମାନଃ ।**

**ଯୁକ୍ତଶ୍ଚୈବାପ୍ରମତ୍ତଶ୍ଚ ପରିରକ୍ଷେଦିମାଃ ପ୍ରଜାଃ ।୧୪୨।**

ଏହି ପ୍ରକାରେ ରାଜା ଆପଣା କର୍ତ୍ତବ୍ୟ କାର୍ଯ୍ୟସବୁ ସମାଧାନ କରି ଉଦ୍ୟୁକ୍ତ ଓ ଅପ୍ରମତ୍ତ ହୋଇ ଆପଣାର ପ୍ରଜାଙ୍କୁ ସର୍ବତୋଭାବରେ ରକ୍ଷା କରିବ ।

**ବିକ୍ରୋଶନ୍ତ୍ୟୋ ଯସ୍ୟ ରାଷ୍ଟ୍ରାଦ୍ଧ୍ରୀୟନ୍ତେ ଦସ୍ୟୁଭିଃ ପ୍ରଜାଃ ।**

**ସଂପଶ୍ୟତଃ ସଭୃତ୍ୟସ୍ୟ ମୃତଃ ସ ନତୁ ଜୀବତି ।୧୪୩।**

ଅାମାତ୍ୟବର୍ଗ ସହିତ ଦେଖୁଥିବା ଯେଉଁ ରାଜାର ରାଜ୍ୟରେ ପ୍ରଜାବର୍ଗ ଦସ୍ୟୁବର୍ଗ କର୍ତ୍ତୃକ ଅପହୃତ ହୋଇ ରୋଦନ କରନ୍ତି ସେ ରାଜା ଜୀବିତ ନୁହେଁ ମାତ୍ର ମୃତ ।

**କ୍ଷତ୍ରିୟସ୍ୟ ପରୋଧର୍ମଃ ପ୍ରଜାନାମେବ ପାଳନମ୍ ।**

**ନିର୍ଦ୍ଦିଷ୍ଟଫଳଭୋକ୍ତା ହି ରାଜା ଧର୍ମେଣ ଯୁଜ୍ୟତେ ।୧୪୪।**

ପ୍ରଜାପାଳନହିଁ କ୍ଷତ୍ରିୟର ପରମଧର୍ମ; ଏହେତୁ ଆପଣା ଧର୍ମରେ ଥାଇ ରାଜାର (ଶାସ୍ତ୍ରୋକ୍ତ କରାଦି ଗ୍ରହଣ ପୂର୍ବକ) ନିର୍ଦ୍ଦିଷ୍ଟ ଫଳଭୋଗ କରିବା କର୍ତ୍ତବ୍ୟ ।

**ଉତ୍‌ଥାୟ ପଶ୍ଚିମେଯାମେ କୃତଶୌଚ ସମାହିତଃ ।**

**ହୃତାଗ୍ନି ବ୍ରାହ୍ମଣାଂଶ୍ଚାର୍ଚ୍ଚ୍ୟ ପ୍ରବିଶେତ୍ ସ ଶୁଭାଂ ସଭାମ୍ ।୧୪୫।**

ରାଜା ରାତ୍ର ଶେଷ ପ୍ରହରରେ ଉଠି ଶୌଚ (ମୁଖମାର୍ଜନ ସ୍ନାନାଦି) କରି ଏକାଗ୍ର ଚିତ୍ତରେ ଅଗ୍ନିହୋତ୍ର କାର୍ଯ୍ୟ ସମାପନ ପୂର୍ବକ ବ୍ରାହ୍ମଣମାନଙ୍କୁ ପୂଜାକରି ସୁସଜ୍ଜିତ ସଭାରେ ପ୍ରବେଶ କରିବେ ।

**ତତ୍ରସ୍ଥିତଃ ପ୍ରଜାଂ ସର୍ବାଃ ପ୍ରତିନନ୍ଦ୍ୟ ବିସର୍ଜୟେତ୍ ।**

**ବିସୃଜ୍ୟ ଚ ପ୍ରଜାଃ ସର୍ବା ମନ୍ତ୍ରୟେତ୍ସହ ମନ୍ତ୍ରିଭିଃ ।୧୪୬।**

ସଭାରେ ବସି ରାଜା ପ୍ରଜା ସମୂହକୁ ପ୍ରସନ୍ନ କରି ବିଦାୟ ଦେବେ ଏବଂ ପ୍ରଜାମାନଙ୍କୁ ବିଦାୟ ଦେଲାପରେ ମନ୍ତ୍ରୀମାନଙ୍କ ସହିତ ସନ୍ଧିବିଗ୍ରହାଦିର ପରାମର୍ଶ କରିବେ ।

**ଗିରିପୃଷ୍ଠଂ ସମାରୁହ୍ୟ ପ୍ରସାଦଂ ବା ରହୋଗତଃ ।**
**ଅରଣ୍ୟେ ନିଃଶଲାକେ ବା ମନ୍ତ୍ରୟେଦବିଭାବିତଃ ।୧୪୭।**

ଗିରିପୃଷ୍ଠଦେଶ ବା ନିର୍ଜନସ୍ଥ ପ୍ରାସାଦୋପରି ଆରୋହଣ କରି ବା ଅରଣ୍ୟରେ ଅଥବା ନିତାନ୍ତ ନିର୍ଜନ ସ୍ଥଳରେ ଥାଇ ମନ୍ତ୍ରଭେଦକାରୀଙ୍କ ଅଜ୍ଞାତରେ ମନ୍ତ୍ରଣା କରିବ ।

**ଯସ୍ୟ ମନ୍ତ୍ରଂ ନ ଜାନନ୍ତି ସମାଗମ୍ୟ ପୃଥଗ୍ ଜନାଃ ।**
**ସ କୃତ୍ସ୍ନା ପୃଥିବୀଂ ଭୁଙ୍କ୍ତେ କୋଶହୀନୋଽପି ପାର୍ଥିବଃ ।୧୪୮।**

ଯେଉଁ ରାଜାର ମନ୍ତ୍ରଣା ଅନ୍ୟଲୋକେ ମିଳିକରି ସୁଦ୍ଧା ଜାଣି ନ ପାରନ୍ତି ସେ ରାଜା କୋଶହୀନ ହେଲେ ସୁଦ୍ଧା ସମଗ୍ର ପୃଥିବୀ ଭୋଗ କରିପାରେ ।

**ଜଡ଼ମୂକାନ୍ଧବଧିରାଂସ୍ତିର୍ଯ୍ୟଗ୍ ଯୋନାନ୍ ବୟୋଽତିଗାନ୍ ।**
**ସ୍ତ୍ରୀମ୍ଲେଚ୍ଛବ୍ୟାଧିତବ୍ୟାଙ୍ଗାନ୍ ମନ୍ତ୍ରକାଳେଽପସାରୟେତ୍ ।୧୪୯।**

ଜଡ଼, ମୂକ, ଅନ୍ଧ, ବଧିର, ଶୁକସାରିକାଦି ପକ୍ଷୀ, ବୃଦ୍ଧ, ସ୍ତ୍ରୀ, ମ୍ଳେଚ୍ଛ, ରୋଗୀ ଏବଂ ଅଙ୍ଗହୀନମାନଙ୍କୁ ମନ୍ତ୍ରଣା ସମୟରେ ଅପସାରିତ କରିବ ।

**ଭିନ୍ଦନ୍ତ ବମତା ମନ୍ତ୍ରଂ ତିର୍ଯ୍ୟଗ୍ ଯୋନାସ୍ତଥୈବ ଚ ।**
**ସ୍ତ୍ରୀୟଶ୍ଚୈବ ବିଶେଷଣ ତସ୍ମାତ୍ତତ୍ରାଦୃତୋ ଭବେତ୍ ।୧୫୦।**

ପୂର୍ବୋକ୍ତ ଜଡ଼ାଦି ଅପମାନ ପାଇ ମନ୍ତ୍ରଭେଦ କରିଦିଅନ୍ତି, ସେହିପରି ଶୁକ ସାରିକାଦି ଏବଂ ବିଶେଷରେ ସ୍ତ୍ରୀ ଲୋକମାନେ ମନ୍ତ୍ରଭେଦ ଅଟନ୍ତି, ଏ ରତୁ ଏମାନଙ୍କୁ ଅପମାନ ନ କରି ଆଦର ପୂର୍ବକ (ମନ୍ତ୍ରଣାସ୍ଥଳରୁ) ହଟାଇ ଦେବ ।

**ମଧ୍ୟନ୍ଦିନେଽର୍ଦ୍ଧଂ ରାତ୍ରେ ବିଶ୍ରାନ୍ତୋ ବିଗତକ୍ଲମଃ ।**
**ଚିନ୍ତୟେଦ୍ଧର୍ମକାମାର୍ଥାନ୍ ସାର୍ଦ୍ଧଂ ତୈରେକେ ଏବ ବା ।୧୫୧।**

ଦିନ ଦୁଇପ୍ରହରରେ ଅଥବା ଅର୍ଦ୍ଧ ରାତ୍ରରେ ବିଗତ କ୍ଳାନ୍ତି ଓ ସୁସ୍ଥ ଶରୀରରେ ମନ୍ତ୍ରୀମାନଙ୍କ ସଙ୍ଗରେ ଅଥବା ଏକା ଧର୍ମ, ଅର୍ଥ ଓ କାମ ଚିନ୍ତା କରିବ ।

**ପରସ୍ପରବିରୁଦ୍ଧନାଂ ତେଷାଞ୍ଚ ସମୁପାର୍ଜନମ୍ ।**
**କନ୍ୟାନାଂ ସମ୍ପ୍ରଦାନଞ୍ଚ କୁମରାଣାଞ୍ଚ ରକ୍ଷଣମ୍ ।୧୫୨।**

ଧର୍ମ, ଅର୍ଥ ଓ କାମ ପରସ୍ପର ବିରୁଦ୍ଧ ହେଲେ ତହିଁରେ ବିରୋଧଭାବ ପରିହାର ପୂର୍ବକ ଅର୍ଜ୍ଜନ କରିବ ଏବଂ (ଉପଯୁକ୍ତ ପାତ୍ରରେ) କନ୍ୟାମାନଙ୍କୁ ସମ୍ପ୍ରଦାନ ଓ କୁମାରମାନଙ୍କୁ (ସତ୍‌ଶିକ୍ଷାଦ୍ୱାରା) ରକ୍ଷା କରିବା ଚିନ୍ତା କରିବ ।

**ଦୂତ ସଂପ୍ରେକ୍ଷଣଞ୍ଚୈବ କାର୍ଯ୍ୟାଶେଷଂ ତଥୈବ ଚ ।**
**ଅନ୍ତ୍ୟପୁରପ୍ରଚାରଞ୍ଚ ପ୍ରଣିଧୀନାଞ୍ଚ ଚେଷ୍ଟିତମ୍ ।୧୫୩।**

ପରରାଜ୍ୟକୁ ଦୂତପ୍ରେରଣ ଓ (ଆରମ୍ଭ କରିବା) କାର୍ଯ୍ୟର ଶେଷ କରଣ ଏବଂ (ସଖୀ ବା ଦାସୀମାନଙ୍କ ଦ୍ୱାରା) ଅନ୍ତଃ ପୁରର ଗତିବିଧିନିର୍ଣ୍ଣୟ ଏବଂ ପ୍ରତିନିଧିମାନଙ୍କୁ କାର୍ଯ୍ୟର ବିଚାର କରିବ ।

**କୃତ୍ସ୍ନଞ୍ଚାଷ୍ଟବିଧଂ କର୍ମ ପଞ୍ଚବର୍ଗଞ୍ଚ ତତ୍ତ୍ୱତଃ ।**
**ଅନୁରାଗପରାଗୌ ଚ ପ୍ରଚାରଂ ମଣ୍ଡଳସ୍ୟ ଚ ।୧୫୪।**

ସମଗ୍ର ଆଠ ପ୍ରକାର କର୍ମ(ଆୟ, ବ୍ୟୟ, କର୍ମଚାରୀମାନଙ୍କର ଆଚରଣ, ସନ୍ଦିଗ୍ଧ କାର୍ଯ୍ୟର ବ୍ୟବସ୍ଥା, ବ୍ୟବହାର ଦୃଷ୍ଟି, ପାପାର ପ୍ରାୟଶ୍ଚିତ୍ତ, ବାଟଘାଟ ନିର୍ମାଣ ଓ ଦୁର୍ଗ ସଂସ୍ଥାପନ) ଓ ପଞ୍ଚବର୍ଗ (କାପଟିକ, ଉଦାସୀନ, ବୈଦେହ, ଗୃହପତି ଓ ତାପସ ବନାଇ ଅନ୍ୟ ରାଜ୍ୟର ଭେଦ ଜାଣିବାକୁ ବୁଲାଇବା କାରଣ ଅନ୍ୟ ରାଜ୍ୟରେ ସୁଦ୍ଧା ଏହି ଭାବରେ ଭେଦ ଜାଣିବାକୁ ଚେଷ୍ଟା ହେଉଥିବାରୁ ନିଜେ ସେ ସବୁ ଛଦ୍ମବେଶୀ ରଖିବା)ର ତତ୍ତ୍ୱ ବିଚାର କରିବ ଓ ଅମାତ୍ୟାଦିର ଅନୁରାଗବିରାଗ ଏବଂ ନିକଟବର୍ତ୍ତୀ ରାଜ୍ୟ ସମୂହର ବାର୍ତ୍ତା ରଖିବ ।

**ମଧ୍ୟସମ୍ୟ ପ୍ରଚାରଞ୍ଚ ବିଜିଗୀଷୋଶ୍ଚ ଚେଷ୍ଟିତମ୍ ।**
**ଉଦାସୀନପ୍ରଚାରଞ୍ଚ ଶତ୍ରୋର୍ଶ୍ଚୈବ ପ୍ରଯତ୍ନତଃ ।୧୫୫।**

ମଧ୍ୟମ ବଳଶାଳୀ ରାଜାର ଆଚରଣ, ଜୟେଚ୍ଛୁରାଜାର ଚେଷ୍ଟା, ଉଦାସୀନ ରାଜାର କାର୍ଯ୍ୟାବଳି ଏବଂ ସହଜଶତ୍ରୁର ଆଚରଣ ଯତ୍ନପୂର୍ବକ ବିଚାର କରିବ ।

**ଏତାଃ ପ୍ରକୃତୟୋ ମୂଳଂ ମଣ୍ଡଳସ୍ୟ ସମାସତଃ ।**
**ଅଷ୍ଟୌଚାନ୍ୟାଃ ସମାଖ୍ୟାତା ଦ୍ୱାଦଶୈବ ତୁ ତାସ୍ମୃତାଃ ।୧୫୬।**

ଏହି ଚାରି (ମଧ୍ୟମ, ଉତ୍ତମ, ଉଦାସୀନ ଓ ସହଜ) ପ୍ରକୃତି ସଂକ୍ଷେପରେ ମଣ୍ଡଳର ମୂଳ ଅଟେ ଏବଂ ଅନ୍ୟ ଆଠ ଏପରି ବାର ବୋଲାଯାଏ (ମିତ୍ର ଚାରି ଓ ଶତ୍ରୁ ଚାରି ପ୍ରକାର) ।

**ଅମାତ୍ୟରାଷ୍ଟ୍ରଦୁର୍ଗାର୍ଥଦଣ୍ଡାଖ୍ୟାଃପଞ୍ଚ ଚାପରାଃ ।**
**ପ୍ରତ୍ୟେକଂ କଥିତା ହ୍ୟେତାଃ ସଂକ୍ଷେପେଣା ଦ୍ୱିସପ୍ତତିଃ ।୧୫୭।**

ଅମାତ୍ୟ, ଦେଶ, ଦୁର୍ଗ, କୋଶ ଓ ଦଣ୍ଡ ଏ ପାଞ୍ଚ ଏବଂ (ଉପରୋକ୍ତ) ଅପର ବାର ପ୍ରକୃତି(ମୂଳ ପ୍ରକୃତି ୪ ଓ ଶାଖା ପ୍ରକୃତି ୮) ଏବଂ ବାରଟିର ପ୍ରତ୍ୟେକର ପାଞ୍ଚ ପ୍ରକୃତି ଥିବାରୁ ସଂକ୍ଷେପରେ ୭୨ (୬୦+୧୨) ଅଟେ ।

**ଅନନ୍ତରମରିଂ ବିଦ୍ୟାଦରିସେବିନମେବ ଚ ।**
**ଅରେନନ୍ତରଂ ମିତ୍ରମୁଦାସୀନଂ ତୟୋଃପରମ୍ ।୧୫୮।**

ଶତ୍ରୁ ଓ ଶତ୍ରୁସେବୀ ଲୋକକୁ ସମୀପବର୍ତ୍ତୀ ବୋଲି ଜାଣିବ ଏବଂ ତଦନ୍ତର ମିତ୍ରକୁ ଜାଣି ତହିଁ ପଛରେ ଉଦାସୀନକୁ ଜାଣିବ (ଅର୍ଥାତ୍ ଏମାନଙ୍କ ପ୍ରତି ଉତ୍ତରୋତ୍ତର ଦୃଷ୍ଟି ରଖିବ) ।

**ତାନ୍ ସର୍ବାନଭିସନ୍ଧଧ୍ୟାତ୍ ସାମାଦିଭିରୁପକ୍ରମୈ ।**
**ବ୍ୟସ୍ତୈର୍ଶ୍ଚୈବ ସମସ୍ତୈଶ୍ଚ ପୌରୁଷେଣ ନୟେନ ଚ ।୧୫୯।**

ଏ ସମସ୍ତଙ୍କୁ ସମାଦି ଉପାୟରୁ ଏକ ବା ସମ୍ମିଳିତ ଉପାୟଦ୍ୱାରା, ପୁରୁଷାର୍ଥ ଦ୍ୱାରା ଅଥବା ନୀତି ବଳରେ ଅଧୀନ କରି ରଖିବ ।

**ସନ୍ଧିଞ୍ଚ ବିଗ୍ରହଞ୍ଚୈବ ଯାନମାସନମେବ ଚ ।**
**ଦ୍ୱୈଧୀଭାବଂ ସଂଶୟଞ୍ଚ ଖଡ୍‌ଗୁଣାଂଶ୍ଚିନ୍ତନେତ୍ସଦା ।୧୬୦।**

ସନ୍ଧି, ବିଗ୍ରହ, ଯାନ ଆସନ, ଦ୍ୱୈଧଭାବ ଓ ସଂଶୟ ଏହି ଛଅଗୁଣ ମଧ୍ୟରୁ ଯହିଁରେ ଶତ୍ରୁର ଅନିଷ୍ଟ ଓ ନିଜର ଇଷ୍ଟ ସାଧନ ହୁଏ ତାହା ସର୍ବଦା ଚିନ୍ତା କରିବ ।

**ଆସନଞ୍ଚୈବ ଯାନଞ୍ଚ ସନ୍ଧିଂ ବିହଗ୍ରମେବ ଚ ।**
**କାର୍ଯ୍ୟଂ ବୀକ୍ଷ୍ୟ ପ୍ରଯୁଞ୍ଜୀତ ଦ୍ୱୈଧଂ ସଂଶୟମେବ ଚ ।୧୬୧।**

ଆସନ, ଯାନ, ସନ୍ଧି, ବିଗ୍ରହ ଓ ଆଶ୍ରୟ କାର୍ଯ୍ୟ ଦେଖି ପ୍ରୟୋଗ କରିବ ।

**ସନ୍ଧିନ୍ତୁ ଦ୍ୱିବିଧଂ ବିଦ୍ୟାଦ୍ରାଜା ବିଗ୍ରହମେବ ଚ ।**
**ଉଭେ ଯାନାସେନ ଚୈବ ଦ୍ୱିବିଧଃ ସଂଶୟଃ ସ୍ମୃତଃ ।୧୬୨।**

ସନ୍ଧି ଦୁଇ ପ୍ରକାର, ବିଗ୍ରହ ଦୁଇ ପ୍ରକାର ଏବଂ ଉଭୟ ଯାନ ଓ ଆସନ ଦୁଇ ଦୁଇ ପ୍ରକାର ଅଟେ ।

**ସମନଯାନ କର୍ମା ଚ ବିପରୀତସ୍ତଥୈବ ଚ**
**ତଦାତ୍ୱାୟତି ସଂଯୁକ୍ତଃ ସନ୍ଧିର୍ଜ୍ଞେୟୋ ଦ୍ୱିଲକ୍ଷଣଃ ।୧୬୩।**

ସନ୍ଧି ଦୁଇ ପ୍ରକାର ଅର୍ଥାତ୍ ବର୍ତ୍ତମାନ ବା ଭାବୀ ଫଳଲାଭର ପ୍ରତ୍ୟାଶାରେ ମିତ୍ରରାଜାର ସଙ୍ଗେ ମିଳି ଏକତ୍ର ଯୁଦ୍ଧଯାତ୍ରା-ସମାନଯାନକର୍ମା ଏବଂ ପରସ୍ପର ଭିନ୍ନ ଭିନ୍ନ ରାଜ୍ୟ ଉପରେ ଚଢ଼ାଉ କରିବା ସନ୍ଧିର ନାମ ଅସମାନଯାନକର୍ମା ଅଟେ ।

**ସ୍ୱୟଂ କୃତଶ୍ଚ କାର୍ଯ୍ୟାର୍ଥମକାଳେ କାଳ ଏବ ବା ।**
**ମିତ୍ରସ୍ୟ ଚୈବାପକୃତେ ଦ୍ୱିବିଧୋ ବିଗ୍ରହଃ ସ୍ମୃତଃ ।୧୬୪।**

ଶତ୍ରୁକୁ ଜିଣିବା ସକାଶେ ଶତ୍ରୁର ବ୍ୟସନାଦି ଜାଣି ଉଚିତ ମାର୍ଗଶୀର୍ଷାଦି କାଳ ବା ଅକାଳରେ ଯୁଦ୍ଧ କରିବା ଓ ମିତ୍ରର ଅପକାର ହେବାରୁ ତାହାକୁ ରକ୍ଷା କରିବା ସକାଶେ ଯୁଦ୍ଧ କରିବା ଏହି ଦୁଇପ୍ରକାର ବିଗ୍ରହ ଅଟେ ।

**ଏକାକିନଶ୍ଚାତ୍ୟୟିକେ କାର୍ଯ୍ୟେ ପ୍ରପ୍ତେ ଯଦୃଚ୍ଛୟା**
**ସଂହତସ୍ୟ ଚ ମିତ୍ରେଣ ଦ୍ୱିବିଧାଂ ଯାନମୁଚ୍ୟତେ ।୧୬୫।**

ଦୈବଯୋଗରେ ଅତ୍ୟାବଶ୍ୟକ କାର୍ଯ୍ୟରେ ଏକାକୀ ଶତ୍ରୁକୁ ଆକ୍ରମଣ କରିବା ଏବଂ ମିତ୍ର ସହିତରେ ଶତ୍ରୁକୁ ଆକ୍ରମଣ କରିବା ଏହି ଦୁଇ ପ୍ରକାର ଯାନ ଅଟେ ।

**କ୍ଷୀଣସ୍ୟ ଚୈବ କ୍ରମଶୋ ଦୈବାତ୍ ପୂର୍ବକୃତେନ ବା ।**
**ମିତ୍ରସ୍ୟ ଚାନୁରୋଧେନ ଦ୍ୱିବିଧ ସ୍ମୃତମାସନମ୍ ।୧୬୬।**

ଦେବଦୁର୍ବିପାକ ବା ପୂର୍ବଜନ୍ମ ଦୁଷ୍କୃତରୁ କ୍ରମେ କ୍ରମେ କ୍ଷୀଣହୋଇ ଚୁପ୍ ବସି ରହିବା ଏବଂ ମିତ୍ରରାଜାର ଅନୁରୋଧରୁ ଚୁପ୍ ବସି ରହିବା ଏହି ଦୁଇପ୍ରକାର ଆସନ ଅଟେ ।

**ବଳସ୍ୟ ସ୍ୱାମିନଶ୍ଚୈ ବସ୍ଥିତିଃ କାର୍ଯ୍ୟାସିଦ୍ଧୟେ ।**
**ଦ୍ୱିବିଧଂ କୀର୍ତ୍ତ୍ୟତେ ଦ୍ୱୈଧଂ ଷାଡ୍‌ଗୁଣ୍ୟ ଗୁଣଭେଦିଭିଃ ।୧୬୭।**

କାର୍ଯ୍ୟସିଦ୍ଧି ସକାଶେ କିଛି ସେନା ଏକସ୍ଥାନରେ (ସେନାପତି ଅଧୀନରେ) ସ୍ଥାପିତକରି ଅନ୍ୟ ସେନା ସହିତ ରାଜା ଦୁର୍ଗରେ ରହିବା- ଏହି ଦୁଇପ୍ରକାର ଦ୍ୱୈଧ ଷଡ଼ଗୁଣଜ୍ଞ ଲୋକେ ବୋଲାନ୍ତି ।

**ଅର୍ଥସମ୍ପାଦନାର୍ଥଞ୍ଚ ପୀଡ୍ୟମାନସ୍ୟ ଶତ୍ରୁଭିଃ ।**
**ସାଧୁଷୁ ବ୍ୟବଦେଶାର୍ଥଂ ଦ୍ୱିବିଧ ସଂଶ୍ରୟ ସ୍ମୃତଃ ।୧୬୮।**

ଶତ୍ରୁ ଦ୍ୱାରା ପୀଡ଼ିତ ହୋଇ ପ୍ରୟୋଜନ ସିଦ୍ଧି ସକାଶେ କାହାରି ଆଶ୍ରୟ ଗ୍ରହଣ କରିବା ଏବଂ ଶତ୍ରୁପୀଡ଼ା ବିନା ଅନ୍ୟ ରାଜାଙ୍କ ମନରେ ଭୟ ଜନ୍ମାଇବା ସକାଶେ ବଡ଼ ରାଜାଙ୍କର ଆଶ୍ରୟରେ ରହିବା ଏହି ଦୁଇ ପ୍ରକାର ସଂଶୟ ଅଟେ ।

**ଯଦାବଗଚ୍ଛେଦାୟତ୍ୟାମାଧିକ୍ୟଂ ଧ୍ରୁବମାତ୍ମନଃ ।**

**ତଦା ତ୍ୱେ ଚାଳ୍ପିକାଂ ପୀଡ଼ାଂ ତଦା ସନ୍ଧିଂ ସମାଶ୍ରୟେତ୍ ।୧୬୯।**

ଯେତେବେଳେ ଭବିଷ୍ୟତରେ ଆପଣାର ବଳାଧିକ୍ୟ ଓ ବର୍ତ୍ତମାନ ଅଳ୍ପପୀଡ଼ା ନିଶ୍ଚୟରୂପେ ଜାଣିପାରିବ, ତେତେବେଳେ ଆପାତତଃ ସାମାନ୍ୟ କ୍ଷତି ସ୍ୱୀକାର କରି ସୁଦ୍ଧା ସନ୍ଧି କରିବ ।

**ଯଦା ପ୍ରହୃଷ୍ଟା ମନ୍ୟେତ ସର୍ବାସ୍ତୁ ପ୍ରକୃତୀର୍ଭୃଶମ୍ ।**

**ଅତ୍ୟୁଚ୍ଛ୍ରିତଂ ତଥାତ୍ମାନଂ ତଦା କୁର୍ବୀତ ବିଗ୍ରହମ୍ ।୧୭୦।**

ଯେତେବେଳେ ଆପଣାର ସମଗ୍ର ପ୍ରକୃତିବର୍ଗ ଦୃଢ଼ ଶକ୍ତିସମ୍ପନ୍ନ ଓ ନିଜେ ସୁଦ୍ଧା ଶକ୍ତିଶାଳୀ ହୋଇଥିବା ବୁଝିପାରିବ, ତେତେବେଳେ ବିଗ୍ରହ କରିବ ।

**ଯଦା ମନ୍ୟେତ ଭାବେନ ହୃଷ୍ଟଂ ପୁଷ୍ଟଂ ବଳଂ ସ୍ୱକମ୍ ।**

**ପରସ୍ୟ ବିପରୀତଞ୍ଚ ତଦା ଯାୟାଦ୍ରିପୁଂ ପ୍ରତି ।୧୭୧।**

ଯେତେବେଳେ ଆପଣାର ସେନା ହୃଷ୍ଟପୁଷ୍ଟ ଭାବରେ ଥିବା ଏବଂ ଶତ୍ରୁର ସେନା ତହିଁର ବିପରୀତ ଥିବା ବୁଝିବ, ତେତେବେଳେ ଶତ୍ରୁକୁ ଆକ୍ରମଣ କରିବ ।

**ଯଦା ତୁ ସ୍ୟାତ୍ପରିକ୍ଷୀଣେ ବାହନେବ ବଳେନ ଚ ।**

**ତଦାସୀତ ପ୍ରଯତ୍ନେନ ଶନକୈଃ ସାନ୍ତ୍ୱୟନ୍ନରୀନ୍ ।୧୭୨।**

ମାତ୍ର ଯେତେବେଳେ ନିଜେ ବାହନ ଓ ବଳରେ କ୍ଷୀଣଥିବ ତେତେବେଳେ ଧୀରେ ଧୀରେ ଯତ୍ନପୂର୍ବକ ଶତ୍ରୁମାନଙ୍କୁ ସ୍ତୋକବାକ୍ୟରେ ସାନ୍ତ୍ୱନା ଦେଇ ଆସନ ପରିଗ୍ରହ କରିବ ।

**ମନ୍ୟେତାରିଂ ଯଦା ରାଜା ସର୍ବଥା ବଳବତ୍ତରମ୍ ।**

**ତଦା ଦ୍ୱିଧା ବଳଂ କୃତ୍ୱା ସାଧୟେତ୍କାର୍ଯ୍ୟମାତ୍ମନଃ ।୧୭୩।**

ଯେତେବେଳେ ରାଜା ଶତ୍ରୁକୁ ସର୍ବଥା ଅଧିକ ବଳବାନ ବୁଝିବ ତେତେବେଳେ ସେନାକୁ ଦୁଇଭାଗ କରି (ଭାଗେ ଶତ୍ରୁକୁ କାର୍ଯ୍ୟାସକ୍ତ ରଖିବା ସକାଶେ ନିଯୁକ୍ତ କରି ଅନ୍ୟଭାଗ ଆପଣା ନିକଟରେ ରଖି ଦୁର୍ଗାଶ୍ରୟରେ) ଆପଣାର କାର୍ଯ୍ୟସାଧନ କରିବ ।

**ଯଦା ପରବଳାନାନ୍ତୁ ଗମନୀୟତମୋ ଭବେତ୍ ।**

**ତଦା ତୁ ସଂଶ୍ରୟେତ କ୍ଷିପ୍ର ଧାର୍ମିକଂ ବଳିନଂ ନୃପମ୍ ।୧୭୪।**

ଯେତେବେଳେ ଶତ୍ରୁର ବଳ ଅପରିକ୍ରାନ୍ତ ହେବ (ଏମନ୍ତ କି ରକ୍ଷାର ଉପାୟ ନ ଥିବ) ତେତେବେଳେ ଶୀଘ୍ର କୌଣସି ପ୍ରବଳ ଧାର୍ମିକ ରାଜାର ଆଶ୍ରୟ ଘେନିବ ।

**ନିଗ୍ରହଂ ପ୍ରକୃତିନାଞ୍ଚ କୁର୍ଯ୍ୟାଦ୍ ଯୋଽରିବଳସ୍ୟ ଚ ।**

**ଉପସେବେତ ତଂ ନିତ୍ୟ ସର୍ବଯତ୍ନୈର୍ଗୁରୁଂ ଯଥା ।୧୭୫।**

(କେଉଁ ଧାର୍ମିକ ପ୍ରବଳ ରାଜାଦ୍ୱାରା) ଦୁଷ୍ଟ ପ୍ରଜାମାନଙ୍କର ଏବଂ ଶତ୍ରୁର ବଳ ନିଗ୍ରହ ହେବ ତାହାକୁ ଗୁରୁପରି ସମଗ୍ର ଯତ୍ନ ସହକାରେ ସେବା କରିବ ।

**ଯଦି ତତ୍ରାପି ସଂପଶ୍ୟେଦ୍ଦୋଷଂ ସଂଶୟକାରିତମ୍ ।**

**ସୁଯୁଦ୍ଧମେବ ତତ୍ରାପି ନିର୍ବିଶଙ୍କଃ ସମାଚରେତ୍ ।୧୭୬।**

ଯଦି ଯାହାର ଆଶ୍ରୟ ଘେନିଥିବ ତାହାର କିଛି ଦୋଷ ଦେଖିବ ତେବେ ତାହା ସଙ୍ଗେ ସୁଦ୍ଧା ନିର୍ଭୟ ହୋଇ ସୁଯୁଦ୍ଧ କରିବ ।

**ସର୍ବେ ପାୟୈସ୍ତଥା କୁର୍ଯ୍ୟାନ୍ନୀତିଜ୍ଞଃ ପୃଥିବୀପତିଃ ।**

**ଯଥାସ୍ୟାଭ୍ୟଧିକା ନ ସ୍ୟୁର୍ମିତ୍ରୋଦାସୀନଶତ୍ରବଃ ।୧୭୭।**

ନୀତିଜ୍ଞରାଜା ସମାଦି ସକଳ ଉପାଦେୟଦ୍ୱାରା ଏମନ୍ତ କରିବ ଯେମନ୍ତ କି ତାହାର ମିତ୍ର, ଉଦାସୀନ ଓ ଶତ୍ରୁ ଅଧିକ ନ ହେବେ ।

**ଆୟତିଂ ସଭକାର୍ଯ୍ୟାଣାଂ ତଦାତ୍ୱଞ୍ଚ ବିଚାରୟେତ ।**

**ଅତୀତାନାଞ୍ଚ ସର୍ବେଷାଂ ଗୁଣଦୋଷୌ ଚ ତତ୍ତ୍ୱତଃ ।୧୭୮।**

ସମସ୍ତ କାର୍ଯ୍ୟମାନଙ୍କର ଭୂତ, ଭବିଷ୍ୟତ ଏବଂ ବର୍ତ୍ତମାନ ଗୁଣଦୋଷ ଯଥାର୍ଥ ରୂପେ ବିଚାର କରିବ ।

**ଆୟତ୍ୟାଂ ଗୁଣଦୋଷଜ୍ଞସ୍ତଦାତ୍ୱେ କ୍ଷିପ୍ରନିଶ୍ଚୟଃ ।**

**ଅତୀତେ କାର୍ଯ୍ୟଶେଷଜ୍ଞଃ ଶତ୍ରୁଭିର୍ନାଭିଭୂୟତେ ।୧୭୯।**

ଯେ ରାଜା କୌଣସି ଉପାସ ଅବଲମ୍ବନ କରିବା ପୂର୍ବରୁ ଭବିଷ୍ୟତରେ ତହିଁର ଭଲମନ୍ଦ ଫଳ କି ହେବ ବୁଝିପାରେ, ଉପସ୍ଥିତ କାର୍ଯ୍ୟସବୁ ବିଶେଷ ବିଜ୍ଞତା ସହିତ ସତ୍ୱର ସମ୍ପାଦନ କରେ ଓ ଭୂତପୂର୍ବ କାର୍ଯ୍ୟସକଳ ଇଷ୍ଟାନିଷ୍ଟ ଫଳ ତୁଳନା କରି ବୁଝିପାରେ ସେ ଶତ୍ରୁକର୍ତ୍ତୃକ ପ୍ରତି ଭୂତ ହୁଏ ନାହିଁ ।

**ଯଥୈନଂ ନାଭିସନ୍ଦଧ୍ୟୁର୍ମିତୋଦାସୀନଶତ୍ରବଃ ।**

**ତଥା ସର୍ବଂ ସଂବିଦଧ୍ୟାଦେଷ ସମାସିକୋ ନୟଃ ।୧୮୦।**

ରାଜା କାର୍ଯ୍ୟସବୁ ଏମନ୍ତ ସୁବ୍ୟବସ୍ଥାରେ କରିବା କର୍ତ୍ତବ୍ୟ ଯେମନ୍ତ କି ମିତ୍ର ଉଦାସୀନ ବା ଶତ୍ରୁମାନେ ପ୍ରବଳ ହୋଇ ତାହାକୁ ପୀଡ଼ା ଦେଇ ନ ପାରନ୍ତି- ସଂକ୍ଷେପରେ ଏହାହିଁ ରାଜନୀତି ।

**ଯଦା ତୁ ଯାନମାତିଷ୍ଠେଦରିରାଷ୍ଟ୍ରଂ ପ୍ରତି ପ୍ରଭୁଃ ।**

**ତଦାନେନ ବିଧାନେନ ଯାୟାଦରିପୁରଂ ଶନୈଃ ।୧୮୧।**

ଯେତେବେଳେ ରାଜା ଶତ୍ରୁ ରାଜ୍ୟ ପ୍ରତି ଯୁଦ୍ଧଯାତ୍ରା କରିବ ତେତେବେଳେ ଏହି ବିଧିରେ ବିପକ୍ଷପୁରାଭିମୁଖରେ କ୍ରମେ ଅଗ୍ରସର ହେବା କର୍ତ୍ତବ୍ୟ ।

**ମାର୍ଗଶିର୍ଷେ ଶୁଭେ ମାସି ଯାୟାଦ୍ ଯାତ୍ରାଂ ମହୀପତିଃ ।**

**ଫାଲ୍‌ଗୁନଂ ବାଥ ଚୈତ୍ରୟା ମାସୌ ପ୍ରତି ଯଥାବଲମ୍ ।୧୮୨।**

ରାଜା ଶୁଭମାର୍ଗଶିର, ଫାଲ୍‌ଗୁନ ବା ଚୈତ ମାସରେ ଯଥାବଳ ଘେନି ଯୁଦ୍ଧଯାତ୍ରା କରିବ ।

**ଅନ୍ୟେଷ୍ୱପି ତୁ କାଳେଷୁ ଯଦା ପଶ୍ୟେଦ୍ ଧ୍ରୁବଂ ଜୟମ୍ ।**

**ତଦା ଯାୟାଦ୍ ବିଗୃହ୍ୟୈବ ବ୍ୟସନେ ଚୋତ୍‌ଥିତେ ରିପୋଃ ।୧୮୩।**

ଅନ୍ୟ କାଳରେ ସୁଦ୍ଧା ଯେତେବେଳେ ଜୟଲାଭର ସମ୍ପୂର୍ଣ୍ଣ ଆଶା ଦେଖିବ ଅଥଚ ଶତ୍ରୁ ବିପଦଗ୍ରସ୍ତ ସେତେବେଳେ ବହୁସେନା ଘେନି ଯୁଦ୍ଧଯାତ୍ରା କରିବ ।

**କୃତ୍ୱା ବିଧାନଂ ମୂଳେ ତୁ ଯାତ୍ରିକଞ୍ଚ ଯଥାବିଧି ।**

**ଉପଗୃହ୍ୟାସ୍ପଦଞ୍ଚୈବ ଚାରାନ୍ ସମ୍ୟଗ୍ ବିଧାୟ ଚ ।୧୮୪।**

ନିଜ ରାଜ୍ୟରେ ସମ୍ପାଦ୍ୟ କାର୍ଯ୍ୟସକଳର ସୁବ୍ୟବସ୍ଥା କରି, ପରରାଜ୍ୟ ବାସୋପଯୋଗୀ (ତମ୍ବୁ ଇତ୍ୟାଦି) ଯାବତୀୟ ଦ୍ରବ୍ୟର ଆୟୋଜନ କରି ଓ ପରରାଜ୍ୟର ବାର୍ତ୍ତା ଜାଣିବ କାରଣ ଚାର ନିଯୁକ୍ତ କରିବ ।

**ସଂଶୋଧ୍ୟ ତ୍ରିବିଧଂ ମାର୍ଗଂ ଷଡ୍‌ବିଧଞ୍ଚ ବଳଂ ସ୍ୱକମ୍ ।**

**ସାମ୍ପରାୟିକ କଳ୍ପେନ ମାୟାଦରିପୁରଂ ଶନୈଃ ।୧୮୫।**

ଜଳ, ସ୍ଥଳ, ଆକାଶ ଅଥବା ଉଚ୍ଚ, ନୀଚ, ସମାନ ତିନିପ୍ରକାର ମାର୍ଗ ଶୋଧନ କର (ହସ୍ତୀ, ଅଶ୍ୱ, ରଥ, ପଦାତିକ ସେନା, କୋଷ ଓ ଭୃତ୍ୟବର୍ଗ )ଛ' ପ୍ରକାର ବଳ ଘେନି ସଂଗ୍ରାମକଳ୍ପ ବିଧିରେ ଧୀରେ ଧୀରେ ଶତ୍ରୁପୁର ଆଡ଼କୁ ଯାତ୍ରା କରିବ ।

**ଶତ୍ରୁ ସେବିନି ମିତ୍ରେ ଚ ଗୂଢ଼େ ଯୁକ୍ତ ତରୋ ଭବେତ୍ ।**

**ଗତପ୍ରତ୍ୟାଗତେ ଚୈବ ସହି କଷ୍ଟତରୋ ରିପୁଃ ।୧୮୬।**

ଯେ ମିତ୍ର ଗୋପନରେ ଶତ୍ରୁ ସହିତ ମିଳେ ଅଥବା ଯେ ଭୃତ୍ୟ ବାହାରିଯାଇ ପୁଣି ଫେରି ଆସେ ଏମାନଙ୍କଠାରୁ ସତର୍କ ରହିବା ଉଚିତ; କାରଣ ଏ ଦୁହେଁ ଅତିକଷ୍ଟଦାୟକ ଶତ୍ରୁ ଅଟନ୍ତି ।

**ଦଣ୍ଡବ୍ୟୁହେନ ତନ୍ମାର୍ଗଂ ଯାୟାତ୍ତ ଶକଟେନ ବା ।**

**ବରାହମକରାଭ୍ୟାମ୍ୱା ସୂଚ୍ୟା ବା ଗରୁଡ଼େନ ବା ।୧୮୭।**

ଦଣ୍ଡାକାର ବ୍ୟୁହ (ଆଗେ ସୈନିକ କର୍ମଚାରୀ, ମଧ୍ୟରେ ରାଜା, ପଛରେ ସେନାପତି, ଦୁଇ ପାଖରେ ହାତୀ ତହିଁ ପାର୍ଶ୍ୱରେ ଘୋଡ଼ା ଓ ଚତୁର୍ଦ୍ଦିଗରେ ପଦାତିକ ଘେନି ଯଷ୍ଟି ପ୍ରାୟ ଲମ୍ୱ) ରଚନା କରି ଅଥବା ଶକଟାକାର, ବରାହାକାର, ମକରାକାର, ସୂଚ୍ୟାକାର ବା ଗରୁଡ଼ାକାର ଯେପରି ଉଚିତ ଜାଣିବ ସେପରି ବ୍ୟୁହ ରଚନା କରି ସେହି ମାର୍ଗରେ ଯାତ୍ରା କରିବ ।

**ଯତଶ୍ଚ ଭୟମାଶଂକେତ୍ତତୋ ବିସ୍ତାରୟେଦ୍ ବଳମ୍ ।**

**ପଦ୍ମେନ ଚୈବ ବ୍ୟୂହେନ ନିବିଶେତ ସଦା ସ୍ୱୟମ୍ ।୧୮୮।**

ଯେଉଁ ଆଡ଼େ ଭୟର ଆଶଙ୍କା ଥିବ ସେହିଆଡ଼କୁ ସେନା ବିସ୍ତାର କରିବ ଏବଂ ଆପେ ସର୍ବଦା ପଦ୍ମବ୍ୟୁହରେ ରହିବ ।

**ସେନାପତି ବଳାଧ୍ୟକ୍ଷୌ ସର୍ବଦିକ୍ଷୁ ନିବେଶୟେତ୍ ।**

**ଯତଶ୍ଚାଭୟମାଶଙ୍କେତ୍ ପ୍ରାଚୀଂ ତାଂ କଳ୍ପୟେଦ୍ଦିଶମ୍ ।୧୮୯।**

ସେନାପତି ଓ ସେନାଧ୍ୟକ୍ଷଙ୍କୁ ସକଳଦିଗରେ ନିଯୁକ୍ତ କରିବ ଏବଂ ଯେଉଁ ଦିଗରୁ ଭୟର ଆଶଙ୍କା ବୁଝିବ ତାହାକୁ ପୂର୍ବ (ପ୍ରଥମ) ଦିଗ ବୋଲି କଳ୍ପନା କରିବ ।

**ଗୁଳ୍ମାଂଶ୍ଚ ସ୍ଥାପୟେଦାପ୍ତାନ୍ କୃତସଂଜ୍ଞାନ୍ ସମନ୍ତତଃ ।**

**ସ୍ଥାନେ ଯୁଦ୍ଧେ ଚ କୁଶଳାନ ଭୀରୁନବିକାରିଣଃ ।୧୯୦।**

ସେନାର ସ୍ତମ୍ଭ ସ୍ୱରୂପ ଯୁଦ୍ଧ ଓ ସ୍ଥାନରେ ପ୍ରବୀଣ, ନିର୍ଭୟ ଏବଂ ନିର୍ବିକାର ଦୃଢ଼ ଆପ୍ତମାନଙ୍କୁ ଭିନ୍ନ ଭିନ୍ନ ନାମ ଦେଇ ଚତୁର୍ଦ୍ଦିଗରେ ସ୍ଥାପନ କରିବ ।

**ସଂହତାନ୍ ଯୋଧୟେଦଳ୍ପାନ୍ କାମଂ ବିସ୍ତାରୟେଦ୍ ବହୂନ୍ ।**

**ସୂଚ୍ୟାବଜ୍ରେଣ ଚୈବୈତାନ୍ ବ୍ୟୂହେନବ୍ୟୁହ୍ୟ ଯୋଧୟେତ୍ ।୧୯୧।**

ଅଳ୍ପ ଯୋଦ୍ଧା ଥିଲେ ଏକାଠି ଯୁଦ୍ଧ କରିବ ଏବଂ ବହୁ ଯୋଦ୍ଧା ଥିଲେ ଇଚ୍ଛାମତ ସେନା ବିସ୍ତାର କରି ଯୁଦ୍ଧ କରିବ ଓ ସୂଚ୍ୟାକାର ବା ବଜ୍ରାକାର ବ୍ୟୁହ ରଚନା କରି ଲଢ଼ିବ ।

**ସ୍ୟନ୍ଦନାଶ୍ୱୈଃ ସମେ ଯୁଦ୍ଧେଦନୂପେ ନୌଦ୍ୱିପେସ୍ତଥା ।**

**ବୃକ୍ଷଗୁଳ୍ମାବୃତେ ଚାପୈର ସିଚର୍ମାୟୁଧୈଃ ସ୍ଥଳେ ।୧୯୨।**

ସମଭୂମିରେ ରଥ ଓ ଅଶ୍ୱଦ୍ୱାରା ଯୁଦ୍ଧ କରିବ, ଜଳରେ ନୌକା ଓ ହସ୍ତୀଦ୍ୱାରା ଯୁଦ୍ଧ କରିବ, ବୃକ୍ଷଗୁଳ୍ମାବୃତସ୍ଥାନରେ ଧରି ଏବଂ (କଣ୍ଟକାଦି ରହିତ) ସ୍ଥଳରେ ଖଡ୍ଗଚର୍ମାଦି ଆୟୁଧ ଦ୍ୱାରା ଲଢ଼ିବ ।

**କୁରୁକ୍ଷେତ୍ରାଂଶ୍ଚ ମତ୍ସ୍ୟାଶ୍ଚ ପଞ୍ଚାଳାନ୍ ଶୂରସେନଜାନ୍ ।**
**ଦୀର୍ଘାଂଲ୍ଲଘୂଂଶ୍ଚୈବ ନରାନଗ୍ରାନୀକେଷୁ ଯୋଜୟେତ୍ ।୧୯୩।**

କୁରୁକ୍ଷେତ୍ର, ମତ୍ସ୍ୟ (ବିରାଟ) ପଞ୍ଚାଳ (କାନ୍ୟକୁବଜ) ଓ ଶୂରସେନ ଦେଶ ନିବାସୀ ଲମ୍ବା ଓ ବାଙ୍ଗର ମନୁଷ୍ୟମାନଙ୍କୁ (ସେମାନେ ରଣ ପଟୁଥିବା ହେତୁ) ଆଗରେ ନିଯୁକ୍ତ କରି ଯୁଦ୍ଧ କରିବ ।

**ପ୍ରହର୍ଷୟେଦ ବଳଂ ବ୍ୟୂହ ତାଂଶ୍ଚ ସମ୍ୟକ୍ ପରୀକ୍ଷୟେତ୍ ।**
**ଚେଷ୍ଟାଶ୍ଚୈବ ବିଜାନୀୟାଦରୀନ୍ ଯୋଧୟତାମପି ।୧୯୪।**

ବ୍ୟୂହ ରଚନା କରି ସେମାନଙ୍କୁ ଯୁଦ୍ଧରେ ଉତ୍ସାହିତ କରିବ ଓ ସମ୍ୟକ୍‌ଭାବେ ପରୀକ୍ଷା କରିବ ଏବଂ ଶତ୍ରୁ ସଙ୍ଗେ ଲଢୁଥିବା ସମୟରେ ତାଙ୍କ ଚେଷ୍ଟା (କପଟଭାବେ ବା ପ୍ରାଣପଣେ ଯୁଦ୍ଧ କରୁଅଛନ୍ତି) ଜାଣି ରଖିବ ।

**ଉପରୁଧ୍ୟାରିମାସୀତ ରାଷ୍ଟ୍ରଂ ଚାସ୍ୟୋପପୀଡ଼ୟେତ୍ ।**
**ଦୂଷୟେଚ୍ଚାସ୍ୟ ସତତଂ ଯବସାନ୍ନୋଦକେନ୍ଧନମ୍ ।୧୯୫।**

ଶତ୍ରୁକୁ ଘେରି ରହି ତାହାର ଦେଶକୁ ଉତ୍ପୀଡ଼ନ କରିବ ଏବଂ ତାହାର ତୃଣ,ଅନ୍ନ, ଜଳ ଓ ଜାଳିବା କାଠକୁ ଦୂଷିତ ରଖିବ ।

**ଭିନ୍ଦ୍ୟାଚ୍ଚୈବ ତଡ଼ାଗାନି ପ୍ରାକାରପରିଖାସ୍ତଥା ।**
**ସମବସ୍କନ୍ଦୟେଚ୍ଚୈନଂ ରାତ୍ରୌ ବିତ୍ରାସୟେତ୍ତଥା ।୧୯୬।**

ତଡ଼ାଗ, ପ୍ରାକାର ଓ ପରିଖାମାନ ନଷ୍ଟ କରିବ ଏବଂ ଶତ୍ରୁକୁ ନିର୍ବଳ କରିବ ଓ ରାତ୍ରିକାଳରେ (ଢ଼ାକାଦିର ଶବ୍ଦ ଦ୍ୱାରା) ଶତ୍ରୁର ତ୍ରାସ ଜନ୍ମାଇବ ।

**ଉପଜପ୍ୟାନୁପଜପେଦ୍ ବୁଧ୍ୟେତୈବ ଚ ତତ୍କୃତମ୍ ।**
**ଯୁକ୍ତେ ଚ ଦୈବେ ଯୁଧ୍ୟେତ ଜୟପ୍ରେପ୍ସୁରପେତଭୀଃ ।୧୯୭।**

ଶତ୍ରୁର ଅମାତ୍ୟାଦିଙ୍କୁ ଭାଙ୍ଗି ସ୍ୱପକ୍ଷ କରି ଭେଦ ନେବ ଓ କାର୍ଯ୍ୟାବଳି ଅବଗତ ହେବ ଏବଂ ଦୈବ ସହାୟ ହେଲେ ଜୟେଚ୍ଛୁ ନିର୍ଭୀକ ହୋଇ ଯୁଦ୍ଧ କରିବ ।

**ସାମ୍ନା ଦାନେନ ଭେଦେନ ସମସ୍ତୈରଥବା ପୃଥକ୍ ।**
**ବିଜେତୁଂ ପ୍ରଯତେତାରୀନ୍ନ ଯୁଦ୍ଧେ ନ କଦାଚନ ।୧୯୮।**

ପ୍ରଥମତଃ କଦାପି ବିଗ୍ରହ ଚେଷ୍ଟା ନ କରି ସାମ, ଦାନ ଓ ଭେଦ ଏ ତିନି ଉପାୟ ଏକତ୍ର ବା ପୃଥକ୍ ପୃଥକ୍ ଭାବେ ଚଳାଇ ଶତ୍ରୁକୁ ଜିଣିବା ସକାଶେ ଯତ୍ନ କରିବ ।

**ଅନିତ୍ୟୋ ବିଜୟୋ ଯସ୍ମାଦ୍ଦୃଶ୍ୟତେ ଯୁଦ୍ଧମାନୟୋଃ ।**
**ପରାଜୟଶ୍ଚ ସଂଗ୍ରାମେ ତସ୍ମାଦ୍‌ଯୁଦ୍ଧଂ ବିବର୍ଜୟେତ୍ ।୧୯୯।**

ସଂଗ୍ରାମରେ ଯୋଦ୍ଧାମାନଙ୍କର ଜୟ ଓ ପରାଜୟ ଅନିଶ୍ଚିତ ଦେଖାଯାଉଥିବା ହେତୁ (ଅନ୍ୟଉପାୟ ଥାଉଁ) ଯୁଦ୍ଧ ପରିତ୍ୟାଗ କରିବ ।

**ତ୍ରୟାଣାମପ୍ୟୁପାୟାନଂ ପୂର୍ବୋକ୍ତାନାମସମ୍ଭବେ ।**
**ଯଥା ଯୁଦ୍ଧ୍ୟେତ ସମ୍ପନ୍ନୋ ବିଜୟେତ ରିପୂନ୍ ଯଥା ।୨୦୦।***

* କୌଣସି କୌଣସି ପାଠରେ 'ସମ୍ପନ' ସ୍ଥାନରେ 'ସଂଯତ୍ତୋ' ଅଛି ।

ପୂର୍ବୋକ୍ତ ତିନି ଉପାୟରେ ଜୟ ସମ୍ଭବପର ନ ହେଲେ ହସ୍ତ୍ୟଶ୍ୱରଥାଦି ସମ୍ପନ୍ନ ହୋଇ ଏପରି ଭାବରେ ଯୁଦ୍ଧ କରିବ ଯେପରି ଶତ୍ରୁମାନଙ୍କୁ ଜିଣିବ ।

**ଜିତ୍ୱା ସଂପୂଜୟେଦ୍ଦେବାନ୍ ବ୍ରାହ୍ମଣାଂଶ୍ଚୈବ ଧାର୍ମିକାନ୍ ।**
**ପ୍ରଦଦ୍ୟାତ୍ପରିହାରାଂଶ୍ଚ ଖ୍ୟାପୟେଦଭୟାନି ଚ ।୨୦୧।**

ପରରାଜ୍ୟ ଜିଣି ସେଠାରେ ଦେବତା ଧାର୍ମିକ ବ୍ରାହ୍ମଣମାନଙ୍କୁ ପୂଜା କରିବ, ଦେଶ ଲୋକଙ୍କୁ ପରିହାର (ଯୁଦ୍ଧ ସମୟରେ ଯେଉଁ ଦୀନ ଲୋକଙ୍କର ହାନି ହୋଇଥିବ ତାଙ୍କୁ ନିର୍ବାହାର୍ଥ) ଦେବ ଓ ଅଭୟ ପ୍ରଚାର କରିବ ।

**ସର୍ବେଷାନ୍ତୁ ବିଦିତ୍ୱୈଷାଂ ସମାସେନ ଚିକିର୍ଷିତମ୍ ।**
**ସ୍ଥାପୟେତ୍ତତ୍ର ତଦ୍ବଂଶ୍ୟଂ କୁର୍ଯ୍ୟାଚ୍ଚ ସମୟକ୍ରିୟାମ୍ ।୨୦୨।**

ଶତ୍ରୁ ରାଜା ଓ ତାହାର ଅମାତ୍ୟାଦି ସମସ୍ତଙ୍କର ଅଭିପ୍ରାୟ ସଂକ୍ଷେପରେ ଅବଗତ ହୋଇ ରାଜବଂଶୀୟ କାହାରିକି ଗାଦିରେ ବସାଇ ସନ୍ଧିବଦ୍ଧ କରିବ ।

**ପ୍ରମାଣାନି ଚ କୁର୍ବୀତ ତେଷାଂ ଧର୍ମାନ୍ ଯଥୋଦିତାନ୍ ।**
**ରତ୍ନୈଶ୍ଚ ପୂଜୟେଦେନଂ ପ୍ରଧାନ ପୁରୁଷୈଃ ସହ ।୨୦୩।**

ବିଜିତ ରାଜ୍ୟରେ ପ୍ରଚଳିତ ଥିବା ପ୍ରଥା ଓ ଧର୍ମପ୍ରାଣ କରି ରଖିବ ଏବଂ ତାହାକୁ ଅମାତ୍ୟାଦି ପ୍ରଧାନ ପୁରୁଷ ସହିତ ରତ୍ନାଦି ଦ୍ୱାରା ଅଭିଷିକ୍ତ କରିବ ।

**ଆଦାନମପ୍ରିୟକରଂ ଦାନଞ୍ଚ ପ୍ରିୟକାରକମ୍ ।**
**ଅଭୀପ୍ସିତାନାମର୍ଥାନଂ କାଳେ ଯୁକ୍ତଂ ପ୍ରଶସ୍ୟତେ ।୨୦୪।**

ଅଭିଳଷିତ ପଦାର୍ଥ ନେବା ଅପ୍ରିୟ ଓ ଦେବା ପ୍ରିୟ ହେଲେ ସୁଦ୍ଧା ସମୟ ବିଶେଷରେ ଦେବା ଓ ନେବା ଉଭୟ ଉପଯୁକ୍ତଭାବରେ ହେବା ପ୍ରଶଂସନୀୟ ଅଟେ ।

**ସର୍ବଂ କର୍ମେଦମାୟତ୍ତଂ ବିଧାନେ ଦୈବମାନୁଷେ ।**
**ତୟୋର୍ଦୈବମଚିନ୍ତ୍ୟନ୍ତୁ ମାନୁଷେ ବିଦ୍ୟତେ କ୍ରିୟା ।୨୦୫।***

ଏ ସମସ୍ତ କର୍ମ ଦୈବ ତଥା ମନୁଷ୍ୟର ଅଧୀନ ମାତ୍ର ସେହି ଦୁଇଟି ମଧ୍ୟରେ ଦୈବ୍ୟ ଅଚିନ୍ତ୍ୟ (ତହିଁର ଚିନ୍ତାବ୍ୟର୍ଥ); ତେଣୁ ମନୁଷ୍ୟାଧୀନ କାର୍ଯ୍ୟ କରିବାହିଁ କର୍ତ୍ତବ୍ୟ ।

**ସହ ବ୍ୟାପି ବ୍ରଜେଦ୍ ଯୁକ୍ତଃ ସନ୍ଧିଂ କୃତ୍ୱାଂ ପ୍ରଯତ୍ନତଃ ।**
**ମିତ୍ରଂ ହିରଣ୍ୟଂ ଭୂମିଂ ସଂପଶ୍ୟଂସ୍ତ୍ରିବିଧଂ ଫଳଂ ।୨୦୬।**

---

* ଟୀକା- ଏଥିପରେ ପୁରାତନ ମେଧାତିଥିଙ୍କ ଟୀକାରେ ନିମ୍ନ ୩ ଶ୍ଳୋକ ଅଧିକ ମିଳେ-

ଦୈବେନ ବିଧିନାଯୁକ୍ତଂ ମାନୁଂଷ ଯତ୍ପ୍ରବର୍ତ୍ତତେ ।
ପରିକ୍ଳେଶନ ମହତା ତଦର୍ଥସ୍ୟ ସମାଧକମ୍ ।୧।
ସଂଯୁକ୍ତସ୍ୟାପି ଦୈବେନ ପୁରୁଷକାରେଣ ବର୍ଜିତମ୍ ।
ବିନାପୁରୁଷକାରେଣ ଫଳଂ କ୍ଷେତ୍ରଂ ପ୍ରଯଚ୍ଛତି ।୨।
ଚନ୍ଦ୍ରାକାଦ୍ୟା ଗ୍ରହା ବାୟୁରଗ୍ନିରାପସ୍ତଥୈବ ଚ ।
ଇହ ଦୈବେନ ସାଧ୍ୟନ୍ତେ ପୌରୁଷେଣ ପ୍ରଯତ୍ନତଃ ।୩।

କେତେବେଳେ ଦୈବ ବିମୁଖହେଲେ ପୁରୁଷାର୍ଥ କରାଯାଏ ମାତ୍ର, ଅତିକ୍ଳେଶରେ କାର୍ଯ୍ୟ ସାଧିତ ହୁଏ । ୧। ଆଉ ଦୈବ ଅନୁକୂଳ ଥାଇଁ ପୁରୁଷାର୍ଥ ନ କଲେ ବୁଣା ହେବା ବୀଜ ବିନା ପୁରୁଷକାରରେ କ୍ଷେତ୍ରରୁ ମିଳିଲା ଭଳି ମିଳେ । ୨। ଚନ୍ଦ୍ର,ସୂର୍ଯ୍ୟ ଆଦି ଗ୍ରହ, ବାୟୁ, ଅଗ୍ନି ଓ ବୃଷ୍ଟି ଏହି ସଂସାରରେ ଐଶ୍ୱରିକ ପୁରୁଷାର୍ଥ ଦ୍ୱାରା ସାଧିତ ହୁଏ ।୩।

ଯଦି ଅପର ରାଜା ଯୁଦ୍ଧ ନ କରି ଆତ୍ମସମର୍ପଣ ପୂର୍ବକ ମିତ୍ରଭାବ ଦେଖାଏ ତେବେ ତାହା ସଙ୍ଗେ ମିତ୍ରତା, ସୁବର୍ଣ୍ଣ ଓ ଭୂମି ଏ ତିନି ପ୍ରକାର ଫଳରେ ଯତ୍ନ-ପୂର୍ବକ ସନ୍ଧି କରି ଚାଳିଯିବ ।

**ପାର୍ଷ୍ଣିଗ୍ରାହଞ୍ଚ ସଂପ୍ରେକ୍ଷ୍ୟତଥାକ୍ରନ୍ଦଞ୍ଚ ମଣ୍ଡଳେ ।**
**ମିତ୍ରାଦଥାପ୍ୟମିତ୍ରାଦ୍ ବା ଯାତ୍ରାଫଳମବାପ୍ନୁୟାତ୍ ।୨୦୭।**

ଜୟେଚ୍ଛୁ ରାଜାର ରାଜନ୍ୟମଣ୍ଡଳିମଧରେ ପାର୍ଷ୍ଣିଗ୍ରାହ (ପୃଷ୍ଠବର୍ତ୍ତି ଦେଶାକ୍ରମଣକାରୀ ମିତ୍ରଭୂତ) ଓ ଆନନ୍ଦ (ନିବାରଣକାରୀ ଅମିତ୍ର) ପ୍ରତି ସମଭାବେ ଦୃଷ୍ଟି ରଖିବା କର୍ତ୍ତବ୍ୟ । କାରଣ ଏତଦୁଭୟଠାରୁ ତାହାର ଯୁଦ୍ଧଯାତ୍ରାଫଳ ଲାଭ ହୁଏ ।

**ହିରଣ୍ୟଭୂମିସଂପ୍ରାପ୍ତ୍ୟା ପାର୍ଥିବୋ ନ ତଥୈଧତେ ।**
**ଯଥା ମିତ୍ରଂ ଧ୍ରୁବଂ ଲବ୍ଧ୍ୱା କୃଶମପ୍ୟାୟତିକ୍ଷମମ୍ ।୨୦୮।**

ସ୍ଥିର ମିତ୍ର ଲାଭ କରି ଦୁର୍ବଳ ହେଲେ ସୁଦ୍ଧା ରାଜାର ଭବିଷ୍ୟତରେ ଏପରି ରାଜଶକ୍ତି ବଢ଼େ ଯେପରି ସୁବର୍ଣ୍ଣ ଓ ଭୂସମ୍ପତ୍ତି ପାଇ ହୋଇ ନ ପାରେ ।

**ଧର୍ମଜ୍ଞଞ୍ଚ କୃତଜ୍ଞଞ୍ଚ କୃଷ୍ଟପ୍ରକୃତିମେବ ଚ ।**
**ଅନୁରକ୍ତଂ ସ୍ଥିରାରମ୍ଭଂ ଲଘୁମିତ୍ରଂ ପ୍ରଶଂସ୍ୟତେ ।୨୦୯।**

ଯେ କୃତଜ୍ଞ ଓ ଧର୍ମଜ୍ଞ ଯାହାର ପ୍ରଜାବର୍ଗ ପ୍ରସନ୍ନଚିତ୍ତ, ଯେ ଅନୁରକ୍ତ ଓ କାର୍ଯ୍ୟାରମ୍ଭରେ ସ୍ଥିରବୃଦ୍ଧି ଏମନ୍ତ ମିତ୍ର ହୀନବଳ ହେଲେ ସୁଦ୍ଧା ପ୍ରଶଂସନୀୟ ।

**ପ୍ରାଜ୍ଞଂ କୁଳୀନଂ ଶୂରଞ୍ଚ ଦକ୍ଷଂ ଦାତାରମେବ ଚ ।**
**କୃତଜ୍ଞଂ ଧୃତମନ୍ତଞ୍ଚକା ମାହୁରରିଂ ବୁଧାଃ ।୨୧୦।**

ବୁଦ୍ଧିମାନ୍, କୁଳୀନ, ଶୂର, ଚତୁର, ଦାତା, କୃତଜ୍ଞ ଓ ଧୈର୍ଯ୍ୟଶାଳୀ ଶତ୍ରୁ ଦୁଷ୍କରାଜେୟ ବୋଲି ପଣ୍ଡିତମାନେ ବୋଲନ୍ତି ।

**ଆର୍ଯ୍ୟତା ପୁରୁଷଜ୍ଞାନଂ ଶୌର୍ଯ୍ୟଂ କରୁଣ ବେଦିତା ।**
**ସ୍ଥୌଳଲକ୍ଷ୍ୟଞ୍ଚ ସତତମୁଦାସୀନଗୁଣୋଦୟଃ ।୨୧୧।**

ଯେ ସାଧୁ, ଲୋକ ଚିହ୍ନିପାରେ, ଶୂର, କୃପାଳୁ, ଅସୂକ୍ଷ୍ମଦର୍ଶୀ ରାଜା ସତତ ଉଦାସୀନ ଗୁଣଯୁକ୍ତ (ଅର୍ଥାତ୍ ଯୁଦ୍ଧ ନ କରି ଏହାକୁ ଆଶ୍ରୟ ଦେବ) ।

**କ୍ଷେମ୍ୟାଂ ଶସ୍ୟପ୍ରଦାଂ ନିତ୍ୟ ପଶୁବୃଦ୍ଧି କରୀମପି ।**
**ପରିତ୍ୟଜେନ୍ନୃପୋ ଭୂମିମାତ୍ମାର୍ଥାମବିଚାରୟନ୍ ।୨୧୨।**

ନିରୋଗିତା ହେତୁ କଲ୍ୟାଣକାରିଣୀ, ଶସ୍ୟପ୍ରଦାୟିନୀ; ସତତ (ତୃଣାଚ୍ଛନ୍ନ ଥିବା ହେତୁ ଗବାଦି) ପଶୁବୃଦ୍ଧି କାରିଣୀକୁ କିଛି ବିଚାର ନ କରି ରାଜା ଆପଣା ରକ୍ଷା ସକାଶେ ଛାଡ଼ିଦେବ ।

**ଆପଦର୍ଥେ ଧନଂ ରକ୍ଷେଦ୍ଦାରାନ୍ ରକ୍ଷେଦ୍ଧନୈରପି ।**
**ଆତ୍ମାନଂ ସତତଂ ରକ୍ଷେଦ୍ଦାରୈରପି ଧନୈରପି ।୨୧୩।**

ଆପଦକାଳର ପ୍ରତିକାର ସକାଶେ ଧନ ସଞ୍ଚୟ କରିବ, ଧନଦ୍ୱାରା ସ୍ତ୍ରୀମାନଙ୍କୁ ରକ୍ଷା କରିବ ଏବଂ ଆପଣାକୁ ସର୍ବଦା ସ୍ତ୍ରୀ ଓ ଧନଦ୍ୱାରା ରକ୍ଷା କରିବ ।

**ସହ ସର୍ବାଃ ସମୁତ୍ପନ୍ନାଃ ଶ୍ରମମୀକ୍ଷ୍ୟାପଦୋ ଭୃଶମ୍ ।**
**ସଂଯୁକ୍ତାଷ୍ଟ ବିଯୁକ୍ତାଷ୍ଟ ସର୍ବୋପାୟାନ୍ ସୃଜେଦ୍ ବୁଧଃ ।୨୧୪।**

ସମୁହ ଆପଦ ଏକାବେଳେକେ ଅତିଶୟରୁପେ ଉତ୍ପନ୍ନ ହେବା ଦେଖିଲେ ବୁଦ୍ଧିମାନ ସେ ସବୁ ହଟାଇବ । କାରଣ ଏକତ୍ର ବା ପୃଥକ୍ ପୃଥକ୍ ରୁପେ ସାମାଦି ଉପାୟ ଅବଲମ୍ବନ କରିବ ।

**ଉପେତାରମୁପେୟଞ୍ଚ ସର୍ବୋପାୟାଂଶ୍ଚ କୃତ୍ସ୍ନଶଃ ।**
**ଏତଦ୍ଭୟଂ ସମାଶ୍ରିତ୍ୟ ପ୍ରଯତେତାର୍ଥସିଦ୍ଧୟେ ।୨୧୫।**

ଉପେତା (ଆତ୍ମବଳ), ଉପେୟ (ଉପାୟଦ୍ୱାରା ଆୟତ୍ତ ହେବା ବସ୍ତୁ) ଏବଂ (ସାମାଦାମାଦି) ସମସ୍ତ ଉପାୟମାନ ଏହି ତିନି ଯଥାର୍ଥରୁପରେ ଆଶ୍ରୟ କରି ଅର୍ଥସିଦ୍ଧି ସକାଶେ ଯତ୍ନ କରିବ ।

**ଏବଂ ସର୍ବମିଦଂ ରାଜା ସହ ସମ୍ମନ୍ତ୍ର୍ୟ ମନ୍ତ୍ରିଭିଃ ।**
**ବ୍ୟାୟାମ୍ୟାପ୍ଲୂତ୍ୟ ମଧ୍ୟାହ୍ନେ ଭୋକ୍ତୁ ମନ୍ତଃପୁରଂ ବିଶେତ୍ ।୨୧୬।**

ଏହିପରି ରାଜବୃତ୍ତି ସବୁ ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କରିପାରେ (ଆୟୁ ଧାଭ୍ୟାସ ଦ୍ୱାରା) ବ୍ୟାୟାମ ଓ ସ୍ନାନ କରି ମଧ୍ୟାହ୍ନଭୋଜନ ସକାଶେ ଅନ୍ତଃପୁରରେ ପ୍ରବେଶ କରିବ ।

**ତତ୍ରାତ୍ମଭୂତୈଃ କାଲଜ୍ଞୈରହାର୍ଯ୍ୟୈଃ ପରିଚାରକୈଃ ।**
**ସୁପରୀକ୍ଷିତମନ୍ନାଦ୍ୟମଦ୍ୟାନ୍ମନ୍ତ୍ରୈର୍ବିଷାପହୈଃ ।୨୧୭।**

ସେହି ଅନ୍ତଃପୁରରେ ଆତ୍ମଭୂତ (ଭୋଜନ) କାଳଜ୍ଞ (ଶତ୍ରୁ କର୍ତ୍ତୃକ) ଅଭେଦ୍ୟ ପରିଚାରବର୍ଗ ଦ୍ୱାରା ପ୍ରସ୍ତୁତ (ଚକୋରାଦି ପକ୍ଷିମାନଙ୍କ ଦ୍ୱାରା) ସୁପରୀକ୍ଷିତ ବିଷାପହ ମନ୍ତ୍ରଦ୍ୱାରା ବିଶୁଦ୍ଧୀକୃତ ଅନ୍ନବ୍ୟଞ୍ଜନାଦି ଖାଇବ ।

**ବିଷଘ୍ନେ ରଗଦୈଶ୍ଚାସ୍ୟ ସର୍ବଦ୍ରବ୍ୟାଣି ଯୋଜୟେତ୍ ।**
**ବିଷଘ୍ନାନି ଚ ରତ୍ନାନି ନିୟତୋ ଧାରୟେତ୍ସଦା ।୨୧୮।**

ରାଜଭୋଜ୍ୟ ଦ୍ରବ୍ୟ ସମୂହରେ ବିଷନାଶକାରୀ ଔଷଧ ଏବଂ ରାଜା ସର୍ବଦା ନିୟମ ପୂର୍ବକ ବିଷଘ୍ନ ରତ୍ନାଦି ଆପଣା ଅଙ୍ଗରେ ଧାରଣ କରିବ ।

**ପରୀକ୍ଷିତାଃ ସ୍ତ୍ରୀୟଶ୍ଚୈ ନଂ ବ୍ୟଜନୋଦକଧୂପନୈଃ ।**
**ବେଶାଭରଣସଂଶୁଦ୍ଧାଃ ସ୍ପୃଶେୟୁଃ ସୁସମାହିତାଃ ।୨୧୯।**

(ଗୁପ୍ତଚରଦ୍ୱାରା) ପରୀକ୍ଷିତ ବିଶୁଦ୍ଧ ବେଶଭୂଷାଧାରିଣୀ ଏକାଗ୍ରଚିତ୍ତା ସ୍ତ୍ରୀଲୋକମାନେ ବ୍ୟଞ୍ଜନ, ପାନୀୟ ଜଳ ଓ ଧୂପଗନ୍ଧଦ୍ୱାରା ରାଜାର ପରିଚର୍ଯ୍ୟା କରିବେ ।

**ଏବଂ ପ୍ରଯତ୍ନଂ କୁର୍ବୀତ ଯାନଶଯ୍ୟାସନାଶନେ ।**
**ସ୍ନାନେ ପ୍ରସାଧନେ ଚୈବ ସର୍ବାଲଙ୍କାରକେଷୁ ଚ ।୨୨୦।**

ଏହିପରି (ପରୀକ୍ଷା) ବାହନ, ଶଯ୍ୟା, ଆସନ, ଭୋଜନ, ସ୍ନାନ, ଅନୁଲେପନ ଓ ଅଳଙ୍କାର ଧାରଣାଦି ସକଳ ବିଷୟରେ ଯତ୍ନ ପୂର୍ବକ କରିବା କର୍ତ୍ତବ୍ୟ ।

**ଭୁକ୍ତବାନ୍ ବିହରେ ଚ୍ଚୈବ ସ୍ତ୍ରୀଭିରନ୍ତଃପୁରେ ସହ ।**
**ବିହୃତ୍ୟ ତୁ ଯଥାକାଳଂ ପୁନଃ କାର୍ଯ୍ୟାଣି ଚିନ୍ତୟେତ୍ ।୨୨୧।**

ଭୋଜନାନ୍ତେ ଅନ୍ତଃପୁରରେ ସ୍ତ୍ରୀମାନଙ୍କ ସହିତ ବିହାର କରିବ ଏବଂ ଯଥାକାଳ (ଦିନର ସାତ ଭାଗରୁ ଭାଗେ) ବିହାର କରି (ଅଷ୍ଟମ ଭାଗରେ) ପୁନର୍ବାର ରାଜ କାର୍ଯ୍ୟରେ ଚିନ୍ତା କରିବ ।

**ଅଳଂକୃତଶ୍ଚ ସଂପଶ୍ୟେଦାୟୁଧୀୟଂ ପୁନର୍ଜ୍ଜନମ୍ ।**
**ବାହନାନି ଚ ସର୍ବାଣି ଶସ୍ତ୍ରାଣ୍ୟାଭରଣାନି ଚ ।୨୨୨।**

ପୁଣି (ଶସ୍ତ୍ରାଭୂଷଣାଦି) ଅଳଙ୍କାର ଦ୍ୱାରା ଭୂଷିତହୋଇ ଅସ୍ତ୍ରଜୀବୀ ଯୋଦ୍ଧୃବର୍ଗୀ ହସ୍ତ୍ୟଶ୍ୱାଦି ବାହନ ଓ ଖଡ୍ଗାଦି ଅସ୍ତ୍ରଶସ୍ତ୍ର ଓ ଆଭରଣମାନ ପର୍ଯ୍ୟବେକ୍ଷଣ କରିବ ।

**ସନ୍ଧ୍ୟାଂଚୋପାସ୍ୟ ଶୃଣୁୟାଦନ୍ତର୍ବେଶ୍ମନି ଶସ୍ତ୍ରଭୃତ୍ ।**
**ରହସ୍ୟାଖ୍ୟାୟିନାଂ ଚୈବ ପ୍ରଣିଧୀନାଂ ଚ ଚେଷ୍ଟିତମ୍ ।୨୨୩।**

ଅନନ୍ତର ସନ୍ଧ୍ୟୋପାସନାଦି କରି ନିବାସ ଗୃହର ଏକାନ୍ତ ସ୍ଥାନକୁ ଯାଇ ଶସ୍ତ୍ରଧାରଣ ପୂର୍ବକ ଗୁପ୍ତ ସମାଚାର ଭାଷୀ ଦୂତ ଓ ପ୍ରତିନିଧିଙ୍କଠାରୁ ବାର୍ତ୍ତା ଓ କାର୍ଯ୍ୟମାନଙ୍କ ବିଷୟ ଶୁଣିବ ।

**ଗତ୍ୱା କକ୍ଷାନ୍ତରଂ ତ୍ୱନ୍ୟସମନୁଜ୍ଞପ୍ୟ ତଂ ଜନମ୍ ।**
**ପ୍ରବିଶେଦ୍ଭୋଜନାର୍ଥଂ ଚ ସ୍ତ୍ରୀବୃତୋଽନ୍ତଃପୁରଂ ପୁନଃ ।୨୨୪।**

ସେମାନଙ୍କୁ ବିଦାୟ ଦେଇ ଅନ୍ୟ ପକ୍ଷକୁ ଯାଇ ପରିଚାରିକା ସ୍ତ୍ରୀ ସମଭିବ୍ୟାହାରେ ପୁନର୍ବାର ଭୋଜନାର୍ଥ ଅନ୍ତଃପୁରରେ ପ୍ରବେଶ କରିବ ।

**ତତ୍ର ଭୁକ୍ତ୍ୱାପୁନଃ କିଞ୍ଚିତ୍ତୂର୍ଯ୍ୟଘୋଷୈଃ ପ୍ରହର୍ଷିତଃ ।**
**ସଂବିଶେତ୍ତୁ ଯଥାକାଲମୁତ୍ତିଷ୍ଠେଚ୍ଚ ଗତକ୍ଲମ୍ ।୨୨୫।**

ସେଠାରେ ଭୋଜନ କରି ପୁଣି କିଛିକାଳ ଗୀତବାଦ୍ୟାଦିରେ ପ୍ରସନ୍ନ ହୋଇ ଉଚିତ କାଳରେ ଶୟନ କରିବ ଏବଂ ଗତଶ୍ରମ ହୋଇ ଉଠିବ ।

**ଏତଦ୍ ବିଧାନମାତିଷ୍ଠେଦରୋଗଃ ପୃଥିବୀପତିଃ ।**
**ଅସ୍ୱସ୍ଥଃ ସର୍ବମେତତ୍ତୁ ଭୃତେଷୁ ବିନିଯୋଜୟେତ୍ ।୨୨୬।**

ରାଜା ନିରୋଗାବସ୍ଥାରେ ଏହିପରି ଆପେ କାର୍ଯ୍ୟ ସମାଧାନ କରିବ ମାତ୍ର ଅସୁସ୍ଥ ହେଲେ ଯୋଗ୍ୟଭୃତ୍ୟମାନଙ୍କ ଦ୍ୱାରା କରାଇବ ।

**ସପ୍ତମ ଅଧ୍ୟାୟ ସମାପ୍ତ ।**

—※—

# ଅଷ୍ଟମୋଽଧ୍ୟାୟଃ

**ବ୍ୟବହାରାନ୍ ଦିଦୃକ୍ଷୁସ୍ତୁବ୍ରାହ୍ମଣୈଃ ସହପାର୍ଥିବଃ ।**
**ମନ୍ତ୍ରଜ୍ଞୈର୍ମନ୍ତ୍ରିଭିଶ୍ଚୈବୈ ବିନୀତଃ ପ୍ରବିଶେତ୍ସଭାମ୍ ।୧।**

ବ୍ୟବହାର ଦର୍ଶନେଚ୍ଛୁ ରାଜା ବ୍ରାହ୍ମଣ ଏବଂ ମନ୍ତ୍ରଣା କୁଶଳ ମନ୍ତ୍ରୀମାନଙ୍କ ସହିତ ବିନୀତ ଭାବରେ ସଭାରେ ପ୍ରବେଶ କରିବ ।

**ତତ୍ରାସୀନଃ ସ୍ଥିତୋ ବ୍ୟାପି ପାଣିମୁଦ୍ୟମ୍ୟ ଦକ୍ଷିଣମ୍ ।**
**ବିନୀତବେଶାଭରଣଃ ପଶ୍ୟେତ୍କାର୍ଯ୍ୟାଣି କାର୍ଯିଣାମ୍ ।୨।**

ସେଠାରେ ଅନୁଦ୍ଧତ ବେଶଭୂଷାଧାରୀ(ରାଜା) ଦକ୍ଷିଣ ହସ୍ତ ଉଠାଇ ବସି ବା ଛିଡ଼ାହୋଇ ଅର୍ଥୀ ପ୍ରତ୍ୟର୍ଥୀ (ବାଦି ପ୍ରତିବାଦୀ)ମାନଙ୍କର କାର୍ଯ୍ୟ ସବୁ ଦେଖିବ ।

**ପ୍ରତ୍ୟହଂ ଦେଶଦୃଷ୍ଟୈଶ୍ଚ ଶାସ୍ତ୍ରଦୃଷ୍ଟୈଶ୍ଚ ହେତୁଭିଃ ।**
**ଅଷ୍ଟାଦଶସୁ ମାର୍ଗେଷୁ ନିବଦ୍ଧାନି ପୃଥକ୍ ।୩। ※**

---

※-କୌଣସି କୌଣସି ପାଠରେ 'ନିବଦ୍ଧାନି' ସ୍ଥାନରେ 'ବିବିଧାନି' ପାଠଭେଦ ଅଛି । ଏଥିପରେ ଖଣ୍ଡିଏ ପୁସ୍ତକରେ ଅଛି:-

ହିଂସାଂ ଯଃ କୁରୁତେ କଶ୍ଚିଦ୍ଦେୟଂ ବା ନ ପ୍ରଯଚ୍ଛତି ।
ସ୍ଥାନେ ତେ ଦ୍ୱେ ବିବାଦସ୍ୟ ଭିନ୍ନୋଽଷ୍ଟାଦଶଧା ପୁନଃ ।

କେହି କାହାରି ହିଂସା କରିବା (ଫୌଜଦାରୀ) ବା ଦେୟ ନ ଦେବା (ଦେବାନୀ ଓ କିଲଟରୀ) ଏହି ଦୁଇ ବିବାଦ (ମୋକଦ୍ଦମାର) ପ୍ରଧାନ ସ୍ଥାନ ଏବଂ ତାହା ପୁଣି ୧୮ ପ୍ରକାର ।

ଅଷ୍ଟାଦଶ ପ୍ରକାର ବିବାଦମୂଳକ ସେହି ବ୍ୟବହାର କାର୍ଯ୍ୟସବୁ ଦେଶଜାତି କୁଳାଚାରାନୁଗତ ହେତୁ ଏବଂ ଶାସ୍ତ୍ରୀୟ ସାକ୍ଷିଲେଖାଦି ପ୍ରମାଣ ଦ୍ୱାରା ପୃଥକ୍ ପୃଥକ୍ ବିଚାର କରିବ ।

**ତେଶାମାଦ୍ୟମୃଣାଦାନଂ ନିଃକ୍ଷେପୋଽସ୍ୱାମିବିକ୍ରୟଃ ।**
**ସମ୍ଭୁୟ ଚ ସମୁତ୍ଥନଂ ଦତ୍ତସ୍ୟାନପକର୍ମ ଚ ।୪।**

**ବେତନସ୍ୟୈବ ଚାଦାନଂ ସଂବିଦଶ୍ଚ ବ୍ୟତିକ୍ରମଃ ।**
**କ୍ରୟବିକ୍ରୟାନୁଶୟୋ ବିବାଦଃ ସ୍ୱାମିପାଳୟୋଃ ।୫।**

**ସୀମାବିବାଦଧର୍ମଶ୍ଚ ପାରୁଷ୍ୟେ ଦଣ୍ଡବାଚିକେ ।**
**ସ୍ତେୟଂ ଚ ସାହସଂ ଚୈବ ସ୍ତ୍ରୀ ସଂଗ୍ରହଣମେବ ଚ ।୬।**

**ସ୍ତ୍ରୀପୁଂଧର୍ମୋ ବିଭାଗଶ୍ଚ ଦ୍ୟୁତମାହ୍ୱଶ୍ଚ ଏବ ଚ ।**
**ପଦାନ୍ୟଷ୍ଟାଦଶୈତାନି ବ୍ୟବହାରସ୍ଥିତାବିହ ।୭।**

ତହିଁ ମଧ୍ୟରୁ ପ୍ରଥମ ଋଣ ଦାନ (ଋଣ ନେଇ ନ ଦେବା ବା ଋଣ ନ ଦେଇ ମାଗିବା) ୨ ନିକ୍ଷେପ (ନ୍ୟାସ ବା ଅମାନତ), ୩ ଅନଧିକାର ବିକ୍ରୟ, ୪ ସମବାୟ କାରବାର (ସରାକତି ଓ ଯୌଥ ବା କମ୍ପାନୀ), ୫ ଦାନ ଦେଇ ଫେରାଇ ନେବା, ୬ ଭୃତ୍ୟକୁ ବେତନ ନ ଦେବା, ୭ ପ୍ରତିଜ୍ଞାଲଙ୍ଘନ (ଏକରାର ନାମରେ ବିରୁଦ୍ଧାଚରଣ), ୭ କ୍ରୟବିକ୍ରୟ କଳହ, ୯ ପଶୁସ୍ୱାମୀ ଓ ପଶୁପାଳକର ବିବାଦ, ୧୦ ସୀମାବିବାଦ, ୧୧ କଠୋରଭାଷଣ, ୧୨ ମାରପିଟ, ୧୩ ଚୋରୀ, ୧୪ ବଳପୂର୍ବକ (ଜବରଦସ୍ତି) ଧନାଦି ହରଣ, ୧୫ ପରସ୍ତ୍ରୀ ଘେନିଯିବା, ୧୬ ସ୍ତ୍ରୀ ଓ ପୁରୁଷର ଧର୍ମବ୍ୟବସ୍ଥା, ୧୭ ଧନ ବିଭାଗ, ୧୮ ଜୁଆଖେଳ ବା ବାଜିରଖି ଜନ୍ତୁ ଲଢ଼ାଇବା ସଂସାରରେ ଏହି ଅଷ୍ଟାଦଶ ପ୍ରକାର ବ୍ୟବହାର ପ୍ରବୃତ୍ତି (ମୋକଦ୍ଦମାର) ସ୍ଥାନ ଅଟେ ।

**ଏଷ୍ୱସ୍ଥାନେଷ୍ଣୁ ଭୂୟଷ୍ଟଂ ବିବାଦଂ ଚରତାଂ ନୃଣାମ୍ ।**
**ଧର୍ମ ଶାଶ୍ୱତଧାଶ୍ରିତ୍ୟ କୁର୍ଯ୍ୟାଦ୍ କାର୍ଯ୍ୟବିନିର୍ଣ୍ଣୟମ୍ ।୮।**

ଏହି (ଋଣଦାନାଦି) ବ୍ୟବହାରମାନଙ୍କରେ ବିଶେଷରୂପେ ବିବାଦ କରୁଥିବା ଲୋକମାନଙ୍କର ବିବାଦ ମୀମାଂସା (ମୋକଦ୍ଦମା ବିଚାର) ଶାଶ୍ୱତଧର୍ମ ଆଶ୍ରୟ କରିବ ।

**ଯଦା ସ୍ୱୟଂ ନ କୂର୍ଯ୍ୟାତ୍ତୁ ନୃପତି କାର୍ଯ୍ୟଦଶନମ୍ ।**
**ତଦା ନିଯୁଞ୍ଜ୍ୟାଦ୍ ବିଦ୍ୱାଂସଂ ବ୍ରାହ୍ମଣଂ କାର୍ଯ୍ୟଦର୍ଶୀ ।୯।**

ଯେତେବେଳେ ସ୍ୱୟଂ କୌଣସି କାରଣରୁ (ଅସୁସ୍ଥାଦି) ହେତୁ କାର୍ଯ୍ୟ ଦର୍ଶନ ସକାଶେ ନୀତିଜ୍ଞ ବ୍ରାହ୍ମଣ ନିଯୁକ୍ତ କରିବ ।

**ସୋଽସ୍ୟ କାର୍ଯ୍ୟାଣି ସଂପଶ୍ୟେତ୍ ସଭ୍ୟୈରେବ ତ୍ରିଭିର୍ବୃତଃ ।**
**ସଭାମେବ ପ୍ରବିଶ୍ୟାଗ୍ର୍ୟମାସୀନଃ ସ୍ଥିତ ଏବ ବା ।୧୦।**

ସେହି ବ୍ରାହ୍ମଣ ତିନିସଭ୍ୟ ସହିତ ସଭା (ମିସଲ)ରେ ପ୍ରବେଶ କରି ଏକାଗ୍ରଭାବରେ ବସି ବା ଠିଆ ହୋଇ ମକଦ୍ଦମା ବିଚାର କରିବ ।

**ଯସ୍ମିନ୍ ଦେଶେ ନିଷୀଦନ୍ତି ବିପ୍ରା ବେଦବିଦସ୍ତ୍ରୟଃ ।**
**ରାଜ୍ଞଶ୍ଚାଧିକୃତୋ ବିଦ୍ୱାନ୍ ବ୍ରାହ୍ମଣସ୍ତା ସଭାଂ ବିଦୁଃ ।୧୧।**

ଯେଉଁ ସ୍ଥାନରେ ତିନି ବେଦଜ୍ଞ ବ୍ରାହ୍ମଣ (ରାଜାଦ୍ୱାରେ ନିଯୁକ୍ତ) ଥା'ନ୍ତି ଏବଂ ରାଜାର ଅଧିକାର ପାଇ ଜଣେ ବିଦ୍ୱାନ ବ୍ରାହ୍ମଣଥାଏ ତାହାକୁ ବ୍ରହ୍ମସଭା (ଧର୍ମାଧିକରଣ) ବୋଲାଯାଏ ।

**ଧର୍ମୋବିଦ୍ଧସ୍ତ୍ୱଧର୍ମେଣ ସଭାଂ ଯତ୍ରୋପତିଷ୍ଠତେ ।**
**ଶଲ୍ୟାଞ୍ଚାସ୍ୟ ନ କୃନ୍ତନ୍ତି ବିଦ୍ଧାସ୍ତତ୍ର ସଭାସଦଃ ।୧୨।**

ଯେଉଁ ସଭାରେ ଅଧର୍ମଦ୍ୱାରା ଧର୍ମ ବିଦ୍ଧ ହୁଏ ଏବଂ ସତ୍ୟକୁ କ୍ଳେଶଦାୟିନୀ କଣ୍ଟା, ଯେଉଁ ସଭାସଦ୍ ବାହାର ନ କରେ ସେ ଅଧର୍ମରୂପେ କଣ୍ଟା ଦ୍ୱାରା ଆପେ ବିଦ୍ଧ (ପାପଭାଗୀ) ହୁଏ ।

**ସଭାଂ ବା ନ ପ୍ରହେଷ୍ଟବ୍ୟଂ ବକ୍ତବ୍ୟଂ ବା ସମଞ୍ଜସମ୍ ।**
**ଅବ୍ରୁବନ୍ ବିବ୍ରୁବନ୍ ବାପିନରୋ ଭବତି କିଲ୍‌ବିଷୀ ।୧୩। ***

ବରଂ ସଭାକୁ ନ ଯିବ; ମାତ୍ର ଗଲେ ସତ୍ୟ ବୋଲିବ, କିଛି ନ କହିଲେ କିମ୍ବା ମିଛ କହିଲେ ମନୁଷ୍ୟ ପାପଭାଗୀ ହୁଏ ।

**ଯତ୍ରୋ ଧର୍ମୋ ହ୍ୟଧର୍ମେଣ ସତ୍ୟ ଯତ୍ରାନୃତେନ ଚ ।**
**ହନ୍ୟତେ ପ୍ରେକ୍ଷମାଣାନାଂ ହତାସ୍ତତ୍ର ସଭାସଦଃ ।୧୪।**

ସଭାସଦ (ବିଚାରକ)ମାନଙ୍କ ଆଗରେ ଦେଖୁ ଦେଖୁ ଯେଉଁଠାରେ ଧର୍ମ ଅଧର୍ମ ଦ୍ୱାରା ଓ ସତ୍ୟ ଅସତ୍ୟଦ୍ୱାରା ନଷ୍ଟ ହୁଏ ସେଠାରେ ସଭାସଦମାନେ (ସେହି ପାପରେ) ନଷ୍ଟ ହୁଅନ୍ତି ।

**ଧର୍ମ ଏବ ହତୋ ହନ୍ତି ଧର୍ମୋ ରକ୍ଷତି ରକ୍ଷତଃ ।**
**ତସ୍ମାଦ୍ଧର୍ମୋ ନ ହନ୍ତବ୍ୟୋ ମା ନୋ ଧର୍ମୋ ହତୋଽବଧୀତ୍ ।୧୫।**

ନଷ୍ଟ ଧର୍ମ ଏକା ନାଶ କରେ ଏବଂ ରକ୍ଷିତ ଧର୍ମ ରକ୍ଷା କରେ, ଏହେତୁ ଧର୍ମ ନଷ୍ଟ କରିବା ଉଚିତ ନୁହେଁ ଯେପରି କି ନଷ୍ଟଧର୍ମ ଆମ୍ଭଙ୍କୁ ନାଶ ନ କରେ ।

**ବୃଷୋ ହି ଭଗବାନ୍ ଧର୍ମସ୍ତସ୍ୟ ଯଃ କୁରୁତେ ହ୍ୟଲମ୍ ।**
**ବୃଷଳଂ ତଂ ବିଦୁର୍ଦ୍ଦେବା ସ୍ତସ୍ମାଦ୍ଧର୍ମଂ ନ ଲୋପୟେତ୍ ।୧୬।**

ଭଗବାନ୍ ଧର୍ମକୁ ବୃଷ ବୋଲି, ତାହାକୁ ଯେ ନଷ୍ଟ କରେ ବିଦ୍ୱାନ୍‌ମାନେ ତାହାକୁ ବୃଷଳ ବୋଲି ଜାଣନ୍ତି; ଏ ହେତୁ ଧର୍ମକୁ ଲୋପ କରିବ ନାହିଁ ।

**ଏକ ଏବ ସୁହୃଦ୍ଧର୍ମୋ ନିଧନେଽପ୍ୟନୁଯାତି ଯଃ ।**
**ଶରୀରେଣ ସମଂ ନାଶଂ ସର୍ବମନ୍ୟଦ୍ଧି ଗଚ୍ଛତି ।୧୭।**

ଏକମାତ୍ର ଧର୍ମ ମନୁଷ୍ୟର ମିତ୍ର ଅଟେ ଯେ ମରିଗଲେ ସୁଦ୍ଧା (ଜୀବାତ୍ମାର) ସଙ୍ଗେ ଯାଏ, ମାତ୍ର ଅନ୍ୟ ସବୁ ଶରୀର ସହିତ ନାଶ ପ୍ରାପ୍ତ ହୁଏ ।

**ପାଦୋଽଧର୍ମସ୍ୟ କର୍ତ୍ତାରଂ ପାଦଃ ସାକ୍ଷିଣମୃଚ୍ଛତି ।**
**ପାଦଃ ସଭାସଦଃ ସର୍ବନ୍ ପାଦୋ ରାଜାନମୃଚ୍ଛତି ୧୮।**

(ଅଧର୍ମ କଲେ) ଅଧର୍ମର (ଚାରିଭାଗରେ) ଏକଭାଗ ଅଧର୍ମ କର୍ତ୍ତାକୁ, ଦ୍ୱିତୀୟଭାଗ ମିଥ୍ୟାସାକ୍ଷ୍ୟ ଦେବା ଲୋକକୁ, ତୃତୀୟଭାଗ ସଭାସଦ୍‌ମାନଙ୍କୁ ଏବଂ ଚତୁର୍ଥ ଭାଗ ରାଜାକୁ ଲାଗେ ।

---

* ୮ ପୁସ୍ତକରେ 'ସଭା ବା ନ ପ୍ରବେଷ୍ଟବ୍ୟା' ଏବଂ ଏକ ପୁସ୍ତକରେ 'ସଭାୟାଂ ନ ପ୍ରବେଷ୍ଟବ୍ୟମ୍' ପାଠଭେଦ ଅଛି ।

**ରାଜା ଭବତ୍ୟନେନାସ୍ତୁ ମୁଚ୍ୟନ୍ତେ ଚ ସଭାସଦଃ ।**
**ଏନୋ ଗଚ୍ଛତି କର୍ତ୍ତାରଂ ନିନ୍ଦାର୍ହୋ ଯତ୍ର ନିନ୍ଦ୍ୟତେ ।୧୯।**

ଯେଉଁ ସଭାରେ ଅସତ୍ୟବାଦୀ ବା ପାପକାରୀକୁ ଯଥାର୍ଥରୂପେ ନିନ୍ଦା କରାଯାଏ ସେଠାରେ ରାଜା ଓ ସଭାସଦ ନିଷ୍ପାପ ହୁଅନ୍ତି ଏବଂ ପାପକାରୀକୁ ପାପ ପହୁଞ୍ଚେ ।

**ଜାତିମାତ୍ରୋପଜୀବୀ ବା କାମଂ ସ୍ୟାଦ୍ ବ୍ରାହ୍ମଣବ୍ରୁବଃ ।**
**ଧର୍ମପ୍ରବକ୍ତା ନ ପତେନ ତୁ ଶୂଦ୍ରଃ କଥଞ୍ଚନଃ ।୨୦।**

ଯାହାର ଜାତି ମାତ୍ରାରେ ଜୀବୀକା ଅଟେ ମାତ୍ର ବେଦାଦିରେ ପୂର୍ଣ୍ଣଜ୍ଞାନ ନାହିଁ ଏଭଳି ବ୍ରାହ୍ମଣ ବୋଲାଇବା ଲୋକ ଅଭାବ ପକ୍ଷରେ ରାଜାର ଧର୍ମପ୍ରବକ୍ତା ହୋଇପାରେ, ମାତ୍ର ଶୂଦ୍ର କେବେହେଁ ହେବ ନାହିଁ ।

**ଯସ୍ୟ ଶୂଦ୍ରସ୍ତୁ କୁରୁତେ ରାଜ୍ଞୋ ଧର୍ମବିବେଚନମ୍ ।**
**ତସ୍ୟ ସୀଦତି ତଦ୍ରାଷ୍ଟ୍ରଂ ପଙ୍କେ ଗୌରିବ ପଶ୍ୟତଃ ।୨୧।**

ଶୂଦ୍ର ଯେଉଁ ରାଜାର ନ୍ୟାୟାନ୍ୟାୟ ଧର୍ମବିଚାର କରେ ତାହାର ରାଜ୍ୟଦେଖୁ ଦେଖୁ ପଙ୍କେ ପତିତ ଗୋରୁ ପରି ଅବସାଦ ପ୍ରାପ୍ତ ହୁଏ ।

**ଯଦ୍ରାଷ୍ଟ୍ରଂ ଶୂଦ୍ରଭୁୟଷ୍ଟଂ ନାସ୍ତ କାତ୍ରାନ୍ତମଦ୍ୱିଜମ୍ ।**
**ବିନଶ୍ୟତ୍ୟାଶୁ ତତ୍କୃସ୍ନଂ ଦୁର୍ଭିକ୍ଷ ବ୍ୟାଧି ପୀଡ଼ିତମ୍ ।୨୨**

ଯେଉଁ ରାଜ୍ୟ ଶୂଦ୍ରବହୁଳ, ନାସ୍ତିକାକ୍ରାନ୍ତ ଓ ଦ୍ୱିଜଶୂନ୍ୟ ସେ ରାଜ୍ୟ ସକଳ ପ୍ରକାରର ଦୁର୍ଭିକ୍ଷ ଓ ବ୍ୟାଧିପୀଡ଼ିତ ହୋଇ ଶୀଘ୍ର ନଷ୍ଟ ହୁଏ ।

**ଧର୍ମାସନମଧିଷ୍ଠାୟ ସମ୍ବୀତାଙ୍ଗଃ ସମାହିତଃ ।**
**ପ୍ରଣମ୍ୟ ଲୋକପାଳେଭ୍ୟଃ କାର୍ଯ୍ୟଦର୍ଶନ ମାରଭେତ ।୨୩।**

(ରାଜା) ବିଚାରାସନରେ ବସି ଶରୀର ଆଚ୍ଛାଦନପୂର୍ବକ ଏକାଗ୍ରଚିତ୍ତରେ (ଯେଉଁ ନଷ୍ଟଲୋକପାଳମାନଙ୍କ ଦିବ୍ୟଗୁଣରେ ରାଜା ଅଳଂକୃତ ସେହି) ଲୋକପାଳମାନଙ୍କୁ ନମସ୍କାର କରି (ଏତଦ୍ୱାରା ସେହି ଗୁଣମାନଙ୍କର ସ୍ମରଣ ହେତୁ ବିଚାର କାର୍ଯ୍ୟରେ ଗାମ୍ଭୀର୍ଯ୍ୟ ଜାତ ହୁଏ) ବିଚାର କାର୍ଯ୍ୟ ଆରମ୍ଭ କରିବ ।

**ଅର୍ଥାନର୍ଥାବୁଭୌ ବୁଦ୍ଧ୍ୱାଧର୍ମାଧର୍ମୌ ଚ କେବଳଲୌ ।**
**ବର୍ଣ୍ଣ କ୍ରମେଣ ସର୍ବାଣି ପଶ୍ୟେତ୍ କାର୍ଯ୍ୟାଣି କାର୍ଯିଣାମ୍ ।୨୪।**

ଅର୍ଥ ଓ ଅନର୍ଥ ଉଭୟ ବୁଝି କେବଳ ଧର୍ମ ଓ ଅଧର୍ମ ପ୍ରତି ଦୃଷ୍ଟି ରଖି ବ୍ରାହ୍ମଣାଦି ବର୍ଣ୍ଣକ୍ରମରେ ଅର୍ଥୀ ପ୍ରତ୍ୟର୍ଥୀର କାର୍ଯ୍ୟ ସବୁ ଦେଖିବେ ।

**ବାହ୍ୟୈର୍ବି ଭାବୟେଲ୍ଲିଙ୍ଗୈର୍ଭା ବମନ୍ତର୍ଗତଂ ନୃଣାମ୍ ।**
**ସ୍ୱରବର୍ଣ୍ଣେଙ୍ଗିତାକାରେଶ୍ଚ କ୍ଷୁଷା ଚେଷ୍ଟିତେନ ଚ ।୨୫।**

ବାହ୍ୟଚିହ୍ନ ଦ୍ୱାରା ସ୍ୱର, ବର୍ଣ୍ଣ ଇଙ୍ଗିତ, ଆକାର, ଚକ୍ଷୁ ଏବଂ ଚେଷ୍ଟା କରିବ ।

**ଆକାରେ ରିଙ୍ଗି ତୈଗତ୍ୟା ଚେଷ୍ଟାୟା ଭାଷିତେନ ଚ ।**
**ନେତ୍ରବକ୍ତ୍ରବିକାରୈଶ୍ଚ ଗୃହ୍ୟତେଽନ୍ତର୍ଗତଂ ମନଃ ।୨୬।**

ଆକାର, ଇଙ୍ଗିତ, ଗତି, ଚେଷ୍ଟା, କଥାବାର୍ତ୍ତା ଏବଂ ନେତ୍ର ତଥା ମୁଖ ବିକାର ଦ୍ୱାରା ଲୋକର ମନୋଗତ ଭାବ ଜଣାଯାଏ ।

**ବାଳଦାୟାଦିକଂ ରିକ୍ଥଂ ତାବଦ୍ରାଜାନୁପାଳୟେତ୍ ।**
**ଯାବତ୍ ସ ସ୍ୟାତ୍ସମାବୃତ୍ତୋ ଯାବଚ୍ଚାତୀତଶୈଶବଃ ।୨୭।**

(ପିତୃ-ମାତୃ-ହୀନ) ବାଳକର ଦାୟଭାଗାଦିଧନ ତାହାର ଶୈଶବକାଳ ଅତୀତ ହୋଇ ସମାବର୍ତ୍ତନ ହେବା ପର୍ଯ୍ୟନ୍ତ ରାଜା ପାଳନ କରିବ ।

**ବଶାଽପୁତ୍ରାସୁ ଚୈବଂ ସ୍ୟାଦ୍ରକ୍ଷଣଂ ନିଷ୍କୁଳାସୁ ଚ ।**
**ପତିବ୍ରତାସୁ ଚ ସ୍ତ୍ରୀଷୁ ବିଧବାସ୍ୱାତୁରାସୁ ଚ ।୨୮।** *

ବନ୍ଧ୍ୟା, ଅପୁତ୍ରା, ସପିଣ୍ଡରହିତ, ପବିତ୍ରତା ଓ ରୋଗାତୁରା ସ୍ତ୍ରୀଲୋକମାନଙ୍କର ଦ୍ରବ୍ୟ ସୁଦ୍ଧା ରାଜା ରକ୍ଷା କରିବ ।

**ଜୀବନ୍ତୀନାନ୍ତୁ ତାସାଂ ଯେ ତଦ୍ଧରେୟୁଃ ସ୍ୱବାନ୍ଧବାଃ ।**
**ତାଞ୍ଛିଷ୍ୟାଚ୍ଚୌରଦଣ୍ଡେନ ଧାର୍ମିକଃ ପୃଥିବୀପତିଃ ।୨୯।**

ସେହି ସ୍ତ୍ରୀମାନେ ଜୀବିତ ଥାଉଁ ସେମାନଙ୍କର ଧନ ଯେଉଁ ସ୍ୱବାନ୍ଧବମାନେ ହରଣ କରିବେ ସେମାନଙ୍କୁ ଧାର୍ମିକ ରାଜା ଚୋରପରି ଦଣ୍ଡଦେବେ ।

**ପ୍ରଣଷ୍ଟାସ୍ୱାମିକଂ ରିକ୍ଥଂ ରାଜା ତ୍ର୍ୟବ୍ଦଂ ନିଧାପୟେତ୍ ।**
**ଅର୍ବାକ୍ ତ୍ର୍ୟବ୍ଦାଦ୍ଧରେତ୍ ସ୍ୱାମୀ ପରେଣ ନୃପତିର୍ହରେତ୍ ।୩୦।**

ରାଜା ଅଜ୍ଞାତସ୍ୱାମିକ (ନାଓ୍ୱାରିସ) ଧନ ପାଇଲେ ତିନିବର୍ଷ ପର୍ଯ୍ୟନ୍ତ ସର୍ବତ୍ର ଘୋଷଣା କରି ରଖିବ; ତିନିବର୍ଷ ମଧ୍ୟରେ ଧନସ୍ୱାମୀ (ମାଲିକ) ଆସିଲେ ପାଇବ, ନ ଆସିଲେ ତିନିବର୍ଷ ପରେ ରାଜା ତାହା ଭୋଗ କରିବ ।

**ମମେଦମିତି ଯୋ ବ୍ରୂୟାତ୍ସୋଽନୁଯୋଜ୍ୟୋ ଯଥାବିଧି ।**
**ସଂବାଦ୍ୟ ରୂପସଂଖ୍ୟାଦୀନ୍ ସ୍ୱାମୀ ତଦ୍ଦ୍ରବ୍ୟମର୍ହତି ।୩୧।**

ସେ ଧନ ମୋର ବୋଲି କେହି ଦାବୀ କଲେ ରାଜା ଯଥାବିଧି ତାହାର ସ୍ୱରୂପ ଓ ସଂଖ୍ୟାଦି ପଚାରିବ ଏବଂ ତତ୍ସଂକ୍ରାନ୍ତ ଘଟଣାବଳି ଯଥାଯଥ ରୂପେ ସେ କହି ପାରିଲେ ସେ ଧନ ତହିଁର ମାଲିକ ନେବ ।

**ଅବେଦୟାନୋ ନଷ୍ଟସ୍ୟ ଦେଶଂ କାଳଞ୍ଚ ତତ୍ତ୍ୱତଃ ।**
**ବର୍ଣ୍ଣଂ ରୂପଂ ପ୍ରମାଣଞ୍ଚ ତତ୍ସମଂ ଦଣ୍ଡମର୍ହତି ।୩୨।**

ଯେ ନଷ୍ଟ ଦ୍ରବ୍ୟର ଦେଶ, କାଳ, ବର୍ଣ୍ଣ, ରୂପ ଏ ସବୁ ଉତ୍ତମରୂପେ ନ ଜାଣେ ସେ (ମିଥ୍ୟାବାଦୀ କରିବା ହେତୁ) ନଷ୍ଟଦ୍ରବ୍ୟ ପରିମାଣ ଦଣ୍ଡ ପାଇବାର ଯୋଗ୍ୟ ଅଟେ ।

**ଆଦଦୀତାଥ ଷଡ୍ଭାଗଂ ପ୍ରଣଷ୍ଟାଧିଗତାନ୍ନୃପଃ ।**
**ଦଶମଂ ଦ୍ୱାଦଶଂବାପି ସତାଂ ଧର୍ମମନୁସ୍ମରନ୍ ।୩୩।**

ନଷ୍ଟଦ୍ରବ୍ୟ ଫେରିପାଇବା ଲୋକଠାରୁ ରାଜା ସଜ୍ଜନମାନଙ୍କ ଧର୍ମସ୍ମରଣ କରି ତାହାଠାରୁ ଛ ଭାଗ, ଦଶଭାଗ ବା ବାରଭାଗରୁ ଭାଗେ ନେବ ।

---

* ମେଧାତିଥିଙ୍କ ଭାଷ୍ୟାନୁସାରେ ଏକ ଅଧିକ ଶ୍ଳୋକ ମିଳେ ।

ଏବମେବ ବିଧିଂ କୁର୍ଯ୍ୟାଦ୍ୟୋପିତ୍ସୁ ପତିତାସ୍ୱପି ।
ବସ୍ତ୍ରାନ୍ନପାନଂ ଦେୟାଞ୍ଚ ବସେୟୁଶ୍ଚ ଗୃହାନ୍ତିକେ ।

ପତିତା ସ୍ତ୍ରୀମାନଙ୍କର ଏହି ବିଧି କରିବ ଯେ ସେମାନଙ୍କୁ ବସ୍ତ୍ର, ଅନ୍ନପାନ ଓ ରହିବା ସକାଶେ ଘର ନିକଟରେ ସ୍ଥାନ ଦିଆଯିବ ।

**ପ୍ରଣଷ୍ଟାଧିଗତଂ ଦ୍ରବ୍ୟଂ ତିଷ୍ଠେଦ୍ ଯୁକ୍ତୈରଧିଷ୍ଠିତମ୍ ।**
**ଯାଂସ୍ତତ୍ର ଚୌରାନ୍ ଗୃହ୍ଣୀୟାତ୍ତାନ୍ ରାଜେଭେନ ଘାତୟେତ୍ ।୩୪।**

ପ୍ରନଷ୍ଟ ଦ୍ରବ୍ୟ ପାଇଲେ ତାହା ରାଜପୁରୁଷମାନଙ୍କ ନିକଟରେ ପହୁଞ୍ଚାଇବ, ସେ ଧନ ଚୋରି କରି ନେଲେ ରାଜା ହାତୀ ଦ୍ୱାରା ତାହାକୁ ମାରି ପକାଇବ ।

**ମମାୟମିତି ଯୋ ବ୍ରୂୟାନ୍ନିଧିଂ ସତ୍ୟେନ ମାନବଃ ।**
**ତସ୍ୟାଦଦୀତ ଷଡ୍ଭାଗଂ ରାଜା ଦ୍ୱାଦଶମେବ ବା ।୩୫।**

ଯେ ଲୋକ ଏ ନିଧି (ପୋତାମାଲ) ମୋର ବୋଲି ସତ କହିବ, ରାଜା ସେ ନିଧିର ଛଅ ବା ବାରଭାଗର ଭାଗେ ଘେନି ତାକୁ ଦେବ ।

**ଅନୃତନ୍ତୁ ବଦନ୍ଦଣ୍ଡ୍ୟଃ ସ୍ୱବିତ୍ତସ୍ୟାଂଶମଷ୍ଟମମ୍ ।**
**ତସ୍ୟୈବ ବା ନିଧାନସ୍ୟ ସଂଖ୍ୟାୟାଲ୍ପୀୟସୀଂ କଳାମ୍ ।୩୬।**

ଯଦି ମିଛ କହି ଦାବୀ କରିବ ତେବେ ଆପଣାର ଧନର ଅଷ୍ଟମଭାଗ ଅଥବା ସେହି ନିଧିର ସଂଖ୍ୟାରେ ଅଳ୍ପଭାଗ ଦଣ୍ଡ ଦେବ ।

**ବିଦ୍ୱାଂସ୍ତୁ ବ୍ରାହ୍ମଣୋଦୃଷ୍ଟ୍ୱା ପୂର୍ବୋପନିହିତଂ ନିଧିମ୍ ।**
**ଅଶେଷତୋଽପ୍ୟାଦଦୀତ ସର୍ବସ୍ୟାଧିପତିର୍ହି ସଃ ।୩୭। * ***

ଯଦି ବିଦ୍ୱାନ୍ ବ୍ରାହ୍ମଣ ପୂର୍ବକାଳ ସ୍ଥାପିତ ନିଧି ପାଇବ ତେବେ ସେସବୁ ନେବ, କାରଣ ସେ ତାହାର ଅଧିପତି (ରାଜା ତହିଁରୁ କିଛି ନେବ ନାହିଁ) ।

**ଧନାନୀ ତୁ ପୁରାଣାନାଂ ଧାତୂନାବେମ ଚ କ୍ଷିତୌ ।**
**ତସ୍ମାଦ୍ଦ୍ୱିଜେଭ୍ୟୋ ଦତ୍ତ୍ୱାର୍ଦ୍ଧଂ ମର୍ଦ୍ଧଂ କୋଷେ ପ୍ରବେଶୟେତ୍ ।୩୮।**

ରାଜା ପୂର୍ବୋପନିହିତ କୌଣସି ନିଧି ଭୂମିରୁ ପାଇଲେ ତହିଁରୁ ଅର୍ଦ୍ଧେକ ଦ୍ୱିଜମାନଙ୍କୁ ଦେଇ ଅବଶିଷ୍ଟ ଅର୍ଦ୍ଧେକ ଆପଣା କୋଷରେ ରଖିବ ।

**ଧନୀନାଂ ତୁ ପୁରାଣାନାଂ ଧାତୂନାମେ ବ ଚ କ୍ଷିତୌ ।**
**ଅର୍ଦ୍ଧଭାଗା ରକ୍ଷଣାଦ୍ରାଜା ଭୂମେରଧିପତିର୍ହିସଃ ।୩୯।**

ପୁରାତନ ନିଧି ଓ ସୁବର୍ଣ୍ଣାଦି ଧାତୁମାନଙ୍କର ଉତ୍ପତ୍ତିସ୍ଥାନ (ଖଣି)ର ରକ୍ଷଣ ଓ ଭୂମିର ଅଧିପତି ହେବା ହେତୁ ରାଜା ଅର୍ଦ୍ଧଭାଗ ଗ୍ରହଣ କରିବ ।

**ଦାତବ୍ୟଂ ସର୍ବବର୍ଣ୍ଣେଭ୍ୟୋ ଚୋରୈର୍ହୃତଂ ଧନମ୍ ।**
**ରାଜା ତଦୁପଯଞ୍ଜାନଶ୍ଚୌରସ୍ୟାପ୍ନୋତି କିଲ୍ବିଷମ୍ ।୪୦।**

ଚୋର ଚୋରିକରିଥିବା ଧନ ବର୍ଣ୍ଣନିର୍ବିଶେଷରେ ସକଳ ବର୍ଣ୍ଣର ଧନସ୍ୱାମୀକୁ ଦେବ, ତାହା ନ କରି ରାଜା ସେ ଧନ ଭୋଗ କଲେ ଚୋରର ପାପକୁ ପାଇବ ।

**ଜାତିଜାନପଦାନ୍ ଧର୍ମାନ୍ ଶ୍ରେଣୀ ଧର୍ମାଂଶ୍ଚ ଧର୍ମବିତ୍ ।**
**ସମୀକ୍ଷ୍ୟ କୁଳଧର୍ମାଂଶ୍ଚ ସ୍ୱଧର୍ମଂ ପ୍ରତିପାଦୟେତ୍ ।୪୧।**

---

* ଏଥିପରେ ୪ ପୁସ୍ତକରେ ମିଳେ :

ବ୍ରାହ୍ମଣସ୍ତୁ ନିଧିଂ ଲବ୍ଧ୍ୱା କ୍ଷିପ୍ରଃ ରାଜ୍ଞଂ ନିବେଦୟେତ୍ ।
ତେନ ଦତ୍ତନ୍ତୁ ଭୁଞ୍ଜୀତ ସ୍ତେନଃ ସ୍ୟାଦନିବେଦୟନ୍ ।

ବ୍ରାହ୍ମଣ ସୁଦ୍ଧା ନିଧି ପାଇଲେ ରାଜାକୁ ଶୀଘ୍ର ଜଣାଇବ ଏବଂ ରାଜା ଦେଲେ ଭୋଗକରିବ, ମାତ୍ର ରାଜାକୁ ନ ଜଣାଇଲେ ଚୋର ହେବ ।

ଧର୍ମଜ୍ଞ ରାଜା ଜାତି ଧର୍ମ, ଦେଶ ଧର୍ମ, ଶ୍ରେଣୀଧର୍ମ (ବଣିକବୃତ୍ତ୍ୟାଦି) ଓ କୁଳଧର୍ମ ଉତ୍ତମରୂପେ ବିବେଚନା କରି ରାଜଧର୍ମ ପ୍ରଚାରିତ କରିବ । (ଏଠାରେ ଧର୍ମଶବ୍ଦର ଅର୍ଥ ପ୍ରଥା ବା ବ୍ୟବସ୍ଥା କି ଯାହା ବେଦର ଅବିରୋଧୀ) ।

**ସ୍ୱାନି କର୍ମାଣି କୁର୍ବାଣା ଦୂରେ ସନ୍ତୋଽପି ମାନବାଃ ।**
**ପ୍ରିୟ ଭବନ୍ତି ଲୋକସ୍ୟ ସ୍ୱେ ସ୍ୱେ କର୍ମଣ୍ୟବସ୍ଥିତାଃ ।୪୨।**

ଯେଉଁମାନେ ଆପଣା ଆପଣା ଜାତି, ଦେଶ ଓ କୁଳାନୁସାରେ ନିଜ ନିଜ କାର୍ଯ୍ୟର ଅନୁଷ୍ଠାନ କରନ୍ତି ସେମାନେ କାର୍ଯ୍ୟବଶତଃ କର୍ମ ଦୂରରେ ଥିଲେ ସୁଦ୍ଧା ଲୋକପ୍ରିୟ ହୁଅନ୍ତି (ସ୍ୱକର୍ମାନୁଷ୍ଠାନ ଛାଡ଼ିବା ଉଚିତ ନୁହେଁ) ।

**ନୋତ୍ପାଦୟେତ୍ସ୍ୱୟଂ କାର୍ଯ୍ୟଂ ରାଜା ନାପ୍ୟସ୍ୟ ପୂରୁଷଃ ।**
**ନ ଚ ପ୍ରାପିତମନ୍ୟେନ ଗ୍ରସେଦର୍ଥଂ କଥଞ୍ଚନଃ ।୩୪।**

ରାଜା ବା ରାଜପୁରୁଷ ମଧ୍ୟ ସ୍ୱୟଂ (ଧନଲୋଭରେ)ଋଣାଦି ବିବାଦ (ମୋକଦ୍ଦମା) ଜନ୍ମାଇବ ନାହିଁ, ଅପରର ପ୍ରାପ୍ୟ ସ୍ୱୟଂ କିଛିମାତ୍ର ଖାଇଯିବ ନାହିଁ ।

**ଯଥା ନୟତ୍ୟସୃକ୍ପାତୈ ର୍ମୃଗସ୍ୟ ମୃଗୟୁଃ ପଦମ୍ ।**
**ନୟେତ୍ତଥାନୁମାନେନ ଧର୍ମସ୍ୟ ନୃପତିଃ ପଦମ୍ ।୪୪।**

ଯେପରି ବ୍ୟାଧ ବାଣବିଦ୍ଧ ପଳାୟିତ ମୃଗର ସ୍ଥାନ ରକ୍ତପାତର ଚିହ୍ନଦ୍ୱାରା ସନ୍ଧାନ କରିପାରେ ସେହିପରି ରାଜା ଅନୁମାନଦ୍ୱାରା ଧର୍ମର ତତ୍ତ୍ୱ (ମୋକଦ୍ଦମାର ପ୍ରକୃତ ବିଷୟ) ନିର୍ଣ୍ଣୟ କରିବ ।

**ସତ୍ୟମର୍ଥଞ୍ଚ ସଂପଶ୍ୟେଦାତ୍ମନମଥ ସାକ୍ଷିଣଃ ।**
**ଦେଶଂ ରୂପଞ୍ଚ କାଳଞ୍ଚ ବ୍ୟବହାର ବିଧୌ ସ୍ଥିତଃ ।୪୫।**

ବ୍ୟବହାର (ମାମଲା ମୋକଦ୍ଦମା) ଦେଖିବାରେ ପ୍ରବୃତ୍ତ ରାଜା ବା ରାଜପୁରୁଷ ଛଳ ପରିହାର ପୂର୍ବକ ସତ୍ୟବୃତ୍ତାନ୍ତ, ଗୋହିରଣ୍ୟାଦି ଅର୍ଥ, ଆପଣାକୁ (ତତ୍ତ୍ୱ ନିର୍ଣ୍ଣୟରେ ସ୍ୱର୍ଗାଦି ଫଳଲାଭକୁ), ସାକ୍ଷୀମାନଙ୍କୁ , ଦେଶ, ରୂପ ଓ କାଳ ଦେଖିବ (ଅର୍ଥାତ୍ ଯେପରି ତଦ୍ ବିରୋଧୀ ନ ହୁଏ ସେପରି ବିଚାର କରିବ) ।

**ସଦ୍ଭିରାଚରିତଂ ଯତ୍ସ୍ୟାଦ୍ଧାର୍ମିକୈଶ୍ଚ ଦ୍ୱିଜାତିଭିଃ ।**
**ତଦ୍ଦେଶକୁଳଜାତିନାମବିରୁଦ୍ଧଂ ପ୍ରକଳ୍ପୟେତ୍ ।୪୬।**

ଯାହା ସାଧୁ ଧାର୍ମିକ ଦ୍ୱିଜାତିମାନଙ୍କଦ୍ୱାରା ଆଚରିତ ତାହା ଦେଶ, କୁଳ ଓ ଜାତିର ଅବିରୋଧୀ ହେଲେ ସେହିପରି ବ୍ୟବସ୍ଥା କରିବ ।

**ଅଧମର୍ଣ୍ଣାର୍ଥସିଦ୍ଧ୍ୟାର୍ଥମୁତ୍ତମେର୍ଣ୍ଣେନ ଚୋଦିତଃ ।**
**ଦାପୟେଦ୍ଧନିକସ୍ୟାର୍ଥ ମଧମର୍ଣ୍ଣାଦ୍ ବିଭାବିତମ୍ ।୪୭।**

ଉତ୍ତମର୍ଣ୍ଣ (ମହାଜନ) ଅଧମର୍ଣ୍ଣ (ଖାତକ) ଠାରୁ ପ୍ରାପ୍ୟଟଙ୍କାର ପ୍ରାର୍ଥନା କଲେ ସାକ୍ଷୀଲେଖ୍ୟାଦି ଦ୍ୱାରା ପ୍ରଦତ୍ତ ଧନ ପ୍ରମାଣକରି ଖାତକଠାରୁ ମହାଜନକୁ ଦିଆଇବ ।

**ଯୈର୍ଯୈରୁପାୟୈରର୍ଥଂ ସ୍ୱଂ ପ୍ରାପ୍ନୁୟାଦୁତ୍ତମର୍ଣ୍ଣିକଃ ।**
**ତୈସ୍ତୈରୁପାୟୈଃ ସଂଗୃହ୍ୟ ଦାପୟେଦଧମର୍ଣ୍ଣିକମ୍ ।୪୮।**

ଯେଉଁ ଯେଉଁ ଉପାୟ ଦ୍ୱାରା ମହାଜନ ଆପଣା ପ୍ରାପ୍ୟ ଟଙ୍କା ପାଇପାରିବ ସେହି ଉପାୟ ଦ୍ୱାରା ଖାତକଠାରୁ ଟଙ୍କା ଆଦାୟ କରିଦେବ ।

ଧର୍ମେଣ ବ୍ୟବହାରେଣ ଛଳେନାଚରିତେନ ଚ ।
ପ୍ରଯୁକ୍ତଂ ସାଧୟେଦର୍ଥ ପଞ୍ଚମେନ ବଳେନ ଚ ।୪୯।

ଧର୍ମ (ବନ୍ଧୁ ବାନ୍ଧବର ଉପଦେଶ) ଦ୍ୱାରା, ବ୍ୟବହାର (ବାଣିଜ୍ୟାଦିକାରବାରରୁ ଉତ୍ପନ୍ନ ଧନ) ଦ୍ୱାରା, ଛଳ (କୌଶଳ) ଆଚରିତ (ପଶୁପ୍ରଭୃତି ଅଟକ ବା କୋରକ) ଦ୍ୱାରା ଏବଂ ପଞ୍ଚମ ବଳପ୍ରୟୋଗ (ବାନ୍ଧଆଣି କାରାଗାରରେ ଦେବା) ଦ୍ୱାରା ଅର୍ଥ ଆଦାୟ କରିବ ।

ଯଃ ସ୍ୱୟଂ ସାଦୟେଦର୍ଥ ମୁତ୍ତମର୍ଣ୍ଣୋଽଧମର୍ଣ୍ଣିକାତ୍ ।
ନ ସ ରାଜ୍ଞାଭିଯୋକ୍ତବ୍ୟ ସ୍ୱକଂ ସଂସାଧୟନ୍ଧନମ୍ ।୫୦।

ଯଦି ମହାଜନ ଖାତକଠାରୁ ଆପଣାର ପାଉଣା ମହାଜନ ନିଜେ ଆଦାୟ କରି ନିଏ ତେବେ ସେ ଠିକ୍ ରୂପେ ଆଦାୟ କରିଥିଲେ ରାଜା ତାହା ପ୍ରତି ଅଭିଯୋଗ (ଦୋଷାରୋପ) କରିବ ନାହିଁ ।

ଅର୍ଥୋଽପବ୍ୟୟମାନନ୍ତୁ କରଣେନ ବିଭାବିତମ୍ ।
ଦାପୟେଦ୍ଧନିକସ୍ୟାର୍ଥଂ ଦଣ୍ଡଲେଶଞ୍ଚ ଶକ୍ତିତଃ ।୫୧।

ଋଣନେବା ବିଷୟ ଖାତକ ଅସ୍ୱୀକାର କଲେ ଲେଖସାକ୍ଷ୍ୟାଦିଦ୍ୱାରା ପ୍ରମାଣିତ କରି ମହାଜନର ଟଙ୍କା ଓ ଯଥାଶକ୍ତି କିଞ୍ଚିତ୍ ଦଣ୍ଡ( କ୍ଷତିପୂରଣ) ଦିଆଇବ ।

ଅପହ୍ନବେଽଧମର୍ଣ୍ଣସ୍ୟ ଦେହୀତ୍ୟୁକ୍ତସ୍ୟ ସଂସଦି ।
ଅଭିଯୋକ୍ତା ଦିଶେଦ୍ଦେଶ୍ୟଂ କରଣଂ ବାନ୍ୟଦୁଦ୍ଦିଶତ୍ ।୫୨।

ପ୍ରଥମେ ସଭାରେ (ଅଭିଯୋକ୍ତା ବିଚାରପତି) ଟଙ୍କା ଦେବାକୁ ଖାତକକୁ କହିବ ଏବଂ ଖାତକ ଧାରେ ନାହିଁ ବୋଲି ଅସ୍ୱୀକାର କଲେ ଋଣନେବା କାଳର ସାକ୍ଷ୍ୟଙ୍କଠାରୁ ପ୍ରମାଣ ନେବ ଓ କରଣ (ତମସୁକ ଇତ୍ୟାଦି ଲେଖ୍ୟ ବା ଦଲିଲ) ପଢ଼ାଇବ ।

ଅଦେଶ୍ୟଂ ଯଶ୍ଚ ଦିଶତି ନିର୍ଦ୍ଦିଶ୍ୟାପହ୍ନୁତେ ଚ ଯଃ ।
ଯଶ୍ଚାଧରୋତ୍ତରାନର୍ଥାନ୍ ବିଗୀତାନ୍ନାବବୁଧ୍ୟତେ ।୫୩।

ଯେ ବାଦୀ ଘଟଣାସ୍ଥଳରେ ଉପସ୍ଥିତ ନ ଥିବା ସାକ୍ଷୀମାନେ ଅଥବା ସାକ୍ଷୀମାନି ପଛକୁ ଅସ୍ୱୀକାର କରେ ଏବଂ ଯେ ଆଗପଛ କଥାକୁ ଧ୍ୟାନ ନରଖି ବିଶୃଙ୍ଖଳ କରେ-

ଅପଦିଶ୍ୟାପଦେଶ୍ୟଞ୍ଚ ପୁନର୍ଯସ୍ତ୍ୱପଧାବତି ।
ସମ୍ୟକ୍ ପ୍ରଣିହିତଞ୍ଚାର୍ଥଂ ପୃଷ୍ଟଃ ସନ୍ନାଭିନନ୍ଦତି ।୫୪।

ଯେ ଥରେ ଘଟଣା ବର୍ଣ୍ଣନା କରି ପରେ ତହିଁରେ ବିପରୀତ କହେ ଅଥବା ବିଚାରପତି ସମକ୍ଷରେ ଗୋଟାଏ କଥା ସମ୍ୟକ୍ ରୂପେ ସ୍ୱୀକାର କରି ପୁଣି ପଚାରିଲେ ତାହାମାନେ ନାହିଁ ।

ଅସମ୍ଭାଷ୍ୟେ ସାକ୍ଷିଭିଶ୍ଚ ଦେଶେ ସମ୍ଭାଷତେ ମିଥଃ ।
ନିରୁଚ୍ୟମାନଂ ପଶ୍ନଞ୍ଚ ନେଚ୍ଛେଦ୍ ଯଶ୍ଚାପି ନିଷ୍ପତେତ୍ ।୫୫।

ଯେ ଏକାନ୍ତ ପ୍ରଦେଶରେ ସାକ୍ଷୀମାନଙ୍କୁ ଶିଖାଏ ଅବା ରୀତିମତ ପଚାରିଲେ ଯେ ପ୍ରଶ୍ନର ଉତ୍ତର ନ ଦିଏ ଅବା ଯେ ବିନା ପ୍ରୟୋଜନରେ କଥା ନ ମାନି(ଆଦେଶ ବିପରୀତରେ)ଇତସ୍ତତଃ ଭ୍ରମଣ କରେ ।

**ବ୍ରୂହିତ୍ୟୁକ୍ତାଶ୍ଚ ନ ବ୍ରୂୟାଦୁକ୍ତଞ୍ଚ ନ ବିଭାବୟେତ୍ ।**
**ନ ଚ ପୂର୍ବାପରଂ ବିଦ୍ୟାତ୍ତସ୍ମାଦର୍ଥାତ୍ସ ହୀୟତେ ।୫୬।**

ପଚାରିଲେ ଯେ ନ କହେ ଏବଂ ଯାହା କହେ ତାହା ପ୍ରମାଣ କରି ନ ପାରେ ଅଥବା ଯେ ପୂର୍ବାପର କଥା କିଛି ନ ଜାଣେ ଏପରି ବାଦୀ ଦାବୀ ଅର୍ଥ ହାରିଯାଏ ।

**ସାକ୍ଷିଣଃ ସନ୍ତି ମେତ୍ୟୁକ୍ତ୍ୱାଦିଶେତ୍ୟୁକ୍ତୋ ଦିଶେନ୍ନ ଯଃ ।**
**ଧର୍ମସ୍ଥଃ କାରଣେ ରେତୈର୍ହୀନଂ ତମପି ନିର୍ଦ୍ଦେଶତ୍ ।୫୭।**

ସାଧୀମାନେ ଉପସ୍ଥିତ ଅଛନ୍ତି ବୋଲି କହି ବିଚାରପତିର ଆଦେଶରେ ଯେ ସାକ୍ଷୀମାନଙ୍କୁ ଉପସ୍ଥିତ ନ କରେ ବିଚାରପତି ତାହାର ଦାବୀ ଅଗ୍ରାହ୍ୟ କରିବ ।

**ଅଭିଯୋକ୍ତା ନ ଚେଦ୍‌ବ୍ରୂୟାଦ୍‌ବଧ୍ୟୋ ଦଣ୍ଡ୍ୟଶ୍ଚ ଧର୍ମତଃ ।**
**ନ ଚେତ୍ ତ୍ରିପକ୍ଷାତ୍ ପ୍ରବ୍ରୂୟାଦ୍ଧର୍ମଂ ପ୍ରତି ପରାଜିତଃ ।୫୮।**

ଯେ ଅଭିଯୋକ୍ତା (ବାଦୀ) ରାଜଦ୍ୱାରରେ ଆବେଦନ କରି ପ୍ରମାଣ ଉପସ୍ଥିତ କରିବା (ଜମାନବନ୍ଦୀ) ସମୟରେ କିଛି ନ କହେ ତେବେ ବିଚାରପତି ତାହାକୁ ଅର୍ଥ ଦଣ୍ଡ ବା ଆବଦ୍ଧ କରିବେ ଏବଂ ତିନିପକ୍ଷ (ଦେଢ଼ମାସ) ମଧ୍ୟରେ ପ୍ରତିପକ୍ଷ ଯଦି କିଛି ମିଥ୍ୟା ଦାବୀ କରିଥିବା ହେତୁ ଦାବୀ ନକରେ ତେବେ ଧର୍ମତଃ (ଆଇନାନୁଯାୟୀ) ପରାଜିତ ହୁଏ ।

**ଯୋ ଯାବନ୍ନିହ୍ନୁବୀତାର୍ଥଂ ମିଥ୍ୟା ଯାବତି ବା ବଦେତ୍ ।**
**ତୌ ନୃପେଣ ହ୍ୟଧର୍ମଜ୍ଞୌ ଦାପ୍ୟୌ ତଦ୍ଦ୍ୱିଗୁଣଂ ଦମମ୍ ।୫୯।**

ଯେ ପ୍ରତିବାଦୀ ବାଦୀର ପ୍ରକୃତ ଧନରୁ ଯେତେ ଅପଳାପ କରିବ କିମ୍ବା ବାଦୀ ମିଛ ଦାବୀ ଯେତେ ଅଧିକ କରିବ ରାଜା ସେ ଦୁହିଁଙ୍କି ତହିଁରୁ ଦ୍ୱିଗୁଣ ଦଣ୍ଡ ଦେବେ ।

**ପୃଷ୍ଟୋଽପବ୍ୟୟମାନସ୍ତୁ କୃତାବସ୍ଥୋ ଧନୈଷିଣା ।**
**ତ୍ର୍ୟବରୈଃ ସାକ୍ଷିଭିର୍ଭାବ୍ୟୋ ନୃପବ୍ରାହ୍ମଣସନ୍ନିଧୌ ।୬୦।**

ମହାଜନର ଦାବୀରେ ଆନୀତ ଖାତକ ପ୍ରଶ୍ନରେ ଦାବୀ ଅସ୍ୱୀକାର କଲେ ରାଜା ଓ ବ୍ରାହ୍ମଣ ସମ୍ମୁଖରେ ମହାଜନ ଅନ୍ୟୁନ ତିନିଜଣ ସାକ୍ଷୀ ଆଗତ କରିବ ।

**ଯାଦୃଶା ଧନିଭିଃ କାର୍ଯ୍ୟା ବ୍ୟବହାରେଷୁ ସାକ୍ଷିଣଃ ।**
**ତାଦୃଶାନ୍ ସଂପ୍ରବକ୍ଷ୍ୟାମି ଯଥା ବାଚ୍ୟମୃତଞ୍ଚ ତୈଃ ।୬୧।**

ମୋକଦ୍ଦମାରେ ମହାଜନମାନଙ୍କର ଯେପରି ସାକ୍ଷୀ କରିବା କର୍ତ୍ତବ୍ୟ ଏବଂ ସେହି ସାକ୍ଷୀମାନେ ଯେରୂପେ ସତ୍ୟ ବୋଲିବେ ତାହା କହୁଅଛୁଁ ।

**ଗୃହୀଣଃ ପୁତ୍ରିଣୋ ମୌଳାଃ କ୍ଷତ୍ରବିଟ୍ ଶୂଦ୍ରଯୋନୟଃ ।**
**ଅର୍ଥ୍ୟୁକ୍ତାଃ ସାକ୍ଷ୍ୟମର୍ହନ୍ତି ନ ଯେ କେଚିଦନାପଦି ।୬୨।**

ଗୃହୀ, ପୁତ୍ରବାନ ଏକଦେଶବାସୀ କ୍ଷତ୍ରିୟ ବୈଶ୍ୟ ଓ ଶୁଦ୍ରମାନଙ୍କୁ ବାଦୀ ସାକ୍ଷି ମାନିଲେ ସାକ୍ଷ୍ୟଦେବାର ଯୋଗ୍ୟ ଅଟନ୍ତି, ଫୌଜଦାରୀ ମୋକଦ୍ଦମା ଭିନ୍ନ ଅନ୍ୟ ମୋକଦ୍ଦମାରେ ସେ ସାକ୍ଷଦେବ ନାହିଁ ।

**ଆପ୍ତାଃ ସର୍ବେଷୁ ବର୍ଣ୍ଣେଷୁ କାର୍ଯ୍ୟାଃ କାର୍ଯ୍ୟେଷୁ ସାକ୍ଷିଣଃ ।**
**ସର୍ବଧର୍ମବିଦୋଽଲୁବ୍‌ଧା ବିପରୀତାଂସ୍ତୁ ବର୍ଜୟେତ୍ ।୬୩।**

ସକଳ ବର୍ଣ୍ଣମଧ୍ୟରେ ଯେଉଁମାନେ ଯଥାର୍ଥବାଦୀ ଏବଂ ସର୍ବଧର୍ମଜ୍ଞ ଓ ନିର୍ଲୋଭୀ ସେମାନଙ୍କୁ ସାକ୍ଷୀ କରିବା କର୍ତ୍ତବ୍ୟ; ତହିଁରେ ବିପରୀତ ଲୋକଙ୍କୁ ପରିତ୍ୟାଗ କରିବ ।

**ନାର୍ଥସମ୍ବନ୍ଧିନୋ ନାପ୍ତା ନ ସହାୟା ବୈରିଣଃ ।**
**ନ ଦୃଷ୍ଟଦୋଷାଃ କର୍ତ୍ତବ୍ୟା ନ ବ୍ୟାଧ୍ୟାର୍ତ୍ତା ନ ଦୂଷିତାଃ ।୬୪।**

ଋଣାଦି ଅର୍ଥ ସମ୍ବନ୍ଧୀ, ଅସତ୍ୟବାଦୀ, ଭୃତ୍ୟାଦି, ସହାୟକ ଶତ୍ରୁ, ଯେ ଅନ୍ୟ ସ୍ଥାନରେ ମିଥ୍ୟା ସାକ୍ଷ୍ୟ ଦେବା ଜଣାଯାଇଅଛି, ରୋଗୀ ଓ ମହାପାତକାଦି ଦୋଷରେ ଦୂଷିତ ଲୋକଙ୍କୁ ସାକ୍ଷୀ କରିବ ନାହିଁ ।

**ନ ସାକ୍ଷୀ ନୃପତିଃ କାର୍ଯ୍ୟୋ ନ କାରୁକକୁଶୀଲବୌ ।**
**ନ ଶ୍ରୋତ୍ରିୟୋ ନ ଲିଙ୍ଗସ୍ଥୋ ନ ସଙ୍ଗେଭ୍ୟୋ ବିନିଗତଃ ।୬୫।**

ରାଜା, କାରିଗର, ନଟାଦି, ଶ୍ରୋତ୍ରିୟ,ବ୍ରହ୍ମଚାରୀ ଏବଂ ସନ୍ୟାସୀଙ୍କୁ ସାକ୍ଷୀ କରିବ ନାହିଁ ।

**ନାଧ୍ୟଧୀନୋ ନ ବକ୍ତବ୍ୟୋ ନ ଦସ୍ୟୁର୍ନ ବିକର୍ମକୃତ୍ ।**
**ନ ବୃଦ୍ଧୋ ନ ଶିଶୂର୍ନୈକୋ ନାନ୍ତ୍ୟୋନ ବିକଳେନ୍ଦ୍ରିୟଃ ।୬୬।**

ଏକାନ୍ତ ପରାଧୀନ, ଲୋକନିନ୍ଦିତ (ବଦନାମୀ), ଦସ୍ୟୁ, ନିଷିଦ୍ଧକର୍ମଚାରୀ, ବୃଦ୍ଧ, ପିଲା, ଏକୁଟିଆ, ଚଣ୍ଡାଳ ଓ ବିକଳେନ୍ଦ୍ରିୟ (ଅନ୍ଧ ଖଞ୍ଜ ଇତ୍ୟାଦି) ଲୋକଙ୍କୁ ସାକ୍ଷୀ କରିବ ନାହିଁ ।

**ନାର୍ତ୍ତୋ ନ ମତ୍ତୋ ନୋନ୍ମତ୍ତୋ ନ କ୍ଷୁତ୍ତୃଷ୍ଣୋପପୀଡ଼ିତଃ ।**
**ନ ଶ୍ରମାର୍ତ୍ତୋନ କାମାର୍ତ୍ତୋ ନ କ୍ରୁଦ୍ଧୋନାପି ତସ୍କରଃ ।୬୭।**

ଆର୍ତ୍ତ, ମଦ୍ୟାଦିରେ ମତ୍ତ, ପାଗଳ, କ୍ଷୁଧାତୃଷାରେ ପୀଡ଼ିତ, ଶ୍ରାନ୍ତ, କାମାର୍ତ୍ତ, କ୍ରୋଧୀ ଓ ତସ୍କର- ଏମାନଙ୍କୁ ସାକ୍ଷୀ କରିବ ନାହିଁ ।

**ସ୍ତ୍ରୀଣାଂ ସାକ୍ଷ୍ୟଂ ସ୍ତ୍ରୀୟଃ କୂର୍ଯ୍ୟାର୍ଦ୍ଵି ଜାନାଂ ସଦୃଶାଦ୍ଵିଜାଃ ।**
**ଶୂଦ୍ରାଶ୍ଚ ସନ୍ତଃ ଶୂଦ୍ରାଣାମନ୍ତ୍ୟାନାମନ୍ତ୍ୟଯୋନୟଃ ।୬୮।**

ସ୍ତ୍ରୀଲୋକମାନଙ୍କର ସାକ୍ଷୀ ସ୍ତ୍ରୀ ଲୋକ; ଦ୍ଵିଜମାନଙ୍କର ସଜାତୀୟ ଦ୍ଵିଜ, ଶୂଦ୍ରମାନଙ୍କର ସଜ୍ଜନ ଶୂଦ୍ର ଏବଂ ଚଣ୍ଡାଳମାନଙ୍କର ସାକ୍ଷୀ କରିବ ।

**ଅନୁଭାବୀ ତୁ ଯଃ କଶ୍ଚିତ୍ କୁର୍ଯ୍ୟାତ୍ ସାକ୍ଷ୍ୟଂ ବିବାଦିନାମ୍ ।**
**ଅର୍ନ୍ତର୍ବେଶ୍ମନ୍ୟରଣ୍ୟେ ବା ଶରୀରସ୍ୟାପି ଚାତ୍ୟୟେ ।୬୯।**

ଘର ମଧ୍ୟଗତ ବନମଧ୍ୟସ୍ଥ ବା ଦେହାନ୍ତ (ଖୁନ୍) ମୋକଦ୍ଦମାରେ ଘଟଣା ଜାଣିଥିବା ଯେ କୌଣସି ବ୍ୟକ୍ତିଙ୍କୁ ସାକ୍ଷୀ କରିବ ।

**ସ୍ତ୍ରୀୟାପ୍ୟସମ୍ଭବେ କାର୍ଯ୍ୟଂ ବାଲେନ ସ୍ଥବିରେଣ ବା ।**
**ଶିଷ୍ୟେଣ ବନ୍ଧୁନା ବାପି ଦାସେନ ଭୃତକେନ ବା ।୭୦।**

ଘର ମଧ୍ୟଗତାଦି ସ୍ଥଳରେ ଉପଯୁକ୍ତ ସାକ୍ଷୀ ଅଭାବରେ ସ୍ତ୍ରୀ ବାଳକ, ବୃଦ୍ଧ, ଶିଷ୍ୟ, ବନ୍ଧୁ ଏବଂ ଭୃତ୍ୟାଦିଙ୍କୁ ସାକ୍ଷୀ କରିବ ।

**ବାଲବୃଦ୍ଧାତୁରାଣାଞ୍ଚ ସାକ୍ଷ୍ୟେଷୁ ବଦତାଂ ମୃଷା ।**
**ଜାନୀୟାଦସ୍ଥିରାଂ ବାଚମୁତ୍ସିକ୍ତମନସାଂ ତଥା ।୭୧।**

ବାଳ, ବୃଦ୍ଧ, ଆତୁର ଓ ଚଳଚିତ୍ତ ଲୋକମାନେ ସାକ୍ଷ୍ୟରେ ମିଛ କହିଲେ ଏମାନଙ୍କ କଥା ଅସ୍ଥିର ବୋଲି ଜାଣିବ ।

**ସାହସେଷୁ ଚ ସର୍ବେଷୁ ସ୍ତେୟସଂଗ୍ରହଣେଷୁ ଚ ।**
**ବାଗ୍‌ଦଣ୍ଡୟୋଶ୍ଚ ପାରୁଷ୍ୟେ ନ ପରୀକ୍ଷେତ ସାକ୍ଷିଣଃ ।୭୨।**

ସର୍ବପ୍ରକାର ସାହସିକ (ଡକାଏତି ଗୃହଦାହାଦି) କାର୍ଯ୍ୟ, ଚୋରି, ପରସ୍ତ୍ରୀସଙ୍ଗ, ଗାଳି ଓ ମାରପିଟ ମୋକଦ୍ଦମାର ସାକ୍ଷୀର (୬୧ ଠାରୁ ୬୮ ଶ୍ଳୋକୋକ୍ତ) ପରୀକ୍ଷା କରିବ ନାହିଁ (ଅର୍ଥାତ୍ ଯେ ସାକ୍ଷୀ ଦେଇପାରେ ।)

**ବହୁତ୍ୱଂ ପରିଗୃହ୍ଣୀୟାତ୍ସାକ୍ଷିଦ୍ୱୈଧେ ନରାଧିପଃ ।**
**ସମେଷୁ ତୁ ଗୁଣୋତ୍କୃଷ୍ଟାନ୍ ଗୁଣିଦ୍ୱୈଧେ ଦ୍ୱିଜୋତ୍ତମାନ୍ ।୭୩।**

ସାକ୍ଷୀମାନେ ପରସ୍ପର ବିରୋଧୀ ହେଲେ ଯେଉଁ କଥା ଅନେକ ସାକ୍ଷୀ କହିଥିବେ ରାଜା ତାହାକୁ ଗ୍ରହଣ କରିବ; ମାତ୍ର ସେମାନଙ୍କର ସଂଖ୍ୟା ସମାନ ହେଲେ ଉତ୍କୃଷ୍ଟଗୁଣଯୁକ୍ତ ସାକ୍ଷୀର କଥା ଗ୍ରହଣ କରିବ; ମାତ୍ର ଗୁଣିଙ୍କ କଥାରେ ବିରୋଧ ହେଲେ ଦ୍ୱିଜୋତ୍ତମମାନଙ୍କ କଥା ରହିବ ।

**ସମକ୍ଷଦର୍ଶନାତ୍ସାକ୍ଷ୍ୟଂ ଶ୍ରବଣାଚ୍ଚୈବ ସିଦ୍ଧ୍ୟତି ।**
**ତତ୍ର ସତ୍ୟଂ ବ୍ରୁବନ୍ ସାକ୍ଷୀ ଧର୍ମାର୍ଥାଭ୍ୟାଂ ନ ହୀୟତେ ।୭୪।**

ଚକ୍ଷୁଗ୍ରାହ୍ୟ ବିଷୟ ଲେଖିବାରେ ଏବଂ ଶୁଣିବା କଥା ଶୁଣିବାରେ ସାକ୍ଷ୍ୟ ସିଦ୍ଧ ହୁଏ, ତହିଁରେ ସତ୍ୟ ବୋଲିବା ସାକ୍ଷୀ ଧର୍ମ ଓ ଅର୍ଥରୁ ଚ୍ୟୁତ ହୁଏ ନାହିଁ ।

**ସାକ୍ଷୀ ଦୃଷ୍ଟଶ୍ରୁତାଦାନ୍ୟଦ୍ ବିବ୍ରୁ ବନାର୍ଯ୍ୟସଂସଦି ।**
**ଅବାଙ୍ ନରକମଭ୍ୟେତି ପ୍ରେତ୍ୟ ସ୍ୱର୍ଗାଚ୍ଚ ହୀୟତେ ।୭୫।**

ଆର୍ଯ୍ୟ ସଭା (ଧର୍ମାଧିକରଣ)ରେ ଦେଖିବା ଓ ଶୁଣିବା ବିରୁଦ୍ଧ ବୋଲିବା ସାକ୍ଷୀ ଅଧୋମୁଖ ନରକ (ଜେଲ ଯିବା କି ଯଦ୍ୱାରା ଅପମାନରେ ମୁହଁ ନଇଁଯାଏ) ଏବଂ ମୃତ୍ୟୁପରେ ସ୍ୱର୍ଗ (ପରଜନ୍ମସୁଖ)ରୁ ବଞ୍ଚିତ ହୁଏ ।

**ଯତ୍ରାନିବଦ୍ଧୋଽପୀକ୍ଷେତ ଶୃଣୁୟାଦ୍ ବାପି କିଞ୍ଚନ ।**
**ପୃଷ୍ଟାସ୍ତତ୍ରାପି ତଦ୍‌ବ୍ରୂୟାଦ୍ ଯଥା ଦୃଷ୍ଟଂ ଯଥାଶ୍ରୁତମ୍ ।୭୬।**

ଯେଉଁ ଲୋକକୁ ମୋକଦ୍ଦମାର ସାକ୍ଷୀ ମନାଯାଇ ନାହିଁ ସେ ଲୋକକୁ ସୁଦ୍ଧା ଦେଖିବା, ଶୁଣିବା ସେ ମୋକଦ୍ଦମାରେ ପଚାରିଲେ ଯେ ଯାହା ଦେଖିଥିବ ଓ ଶୁଣିଥିବ ସତ୍ୟ କହିବ ;

**ଏକୋଽଲୁବ୍‌ଧସ୍ତୁ ସାକ୍ଷୀ ସ୍ୟାଦବହ୍ୱ୍ୟଃ ଶୁଚ୍ୟୋଽପି ନ ସ୍ତ୍ରି ୟଃ ।**
**ସ୍ତ୍ରୀବୃଦ୍ଧେରସ୍ଥିରତ୍ୱାତ୍ତୁ ଦୋଷୈଶ୍ଚାନ୍ୟେପି ଯେ ବୃତାଃ ।୭୭।**

ନିର୍ଲୋଭୀ ଜଣେ ହେଲେ ସାକ୍ଷୀ ଯଥେଷ୍ଟ ଅଟେ, ମାତ୍ର ଅନେକ ସ୍ତ୍ରୀଲୋକ ପବିତ୍ର ହେଲେ ସୁଦ୍ଧା ଠିକ୍ ନୁହେଁ, କାରଣ ସ୍ତ୍ରୀ ବୁଦ୍ଧି ଅସ୍ଥିର ଏବଂ ଅନ୍ୟଲୋକେ ଦୋଷଯୁକ୍ତ ହେଲେ ସାକ୍ଷୀର ଅନୁପଯୁକ୍ତ ।

**ସ୍ୱଭାବେନୈବ ଯଦ୍‌ବ୍ରୂୟୁସ୍ତଦଗ୍ରାହ୍ୟଂ ବ୍ୟାବହାରିକମ୍ ।**
**ଅତୋଯଦନ୍ୟଦ୍‌ବିବ୍ରୂୟୁର୍ଧର୍ମାର୍ଥଂ ତଦପାର୍ଥକମ୍ ।୭୮।**

ସାକ୍ଷୀ ସ୍ୱଭାବରେ (ଭୟାଦି ରହିତ ହୋଇ) ଯାହା କହିବ ତାହା ବ୍ୟବହାର ନିର୍ଣ୍ଣୟରେ ଗ୍ରାହ୍ୟ ଅଟେ, ଏଥିରେ ବିପରୀତ (ଭୟ ଲୋଭାଦିକରେ) ଯାହା କହିବ ତାହା ବ୍ୟବହାର ଧର୍ମ ନିର୍ଣ୍ଣୟରେ ନିରର୍ଥକ ଅଟେ ।

**ସଭାନ୍ତଃ ସାକ୍ଷିଣଃ ପ୍ରାପ୍ତ ନର୍ଥି ପ୍ରତର୍ଥି ସନ୍ନିଧୌ ।**
**ପ୍ରାଡ୍‌ବିବାକୋଽନୁଯୁଞ୍ଜୀତ ବିଧିନାନେନ ସାନ୍ତ୍ୱୟନ୍ ।୭୯।**

ବିଚାରପତି ସଭାକୁ ଆସିଥିବା ସାକ୍ଷୀମାନଙ୍କୁ ବାଦୀ ଓ ବିବାଦୀଙ୍କ ସମକ୍ଷରେ ଏହିପରି ବିଧିରେ (ପ୍ରିୟ ବାକ୍ୟରେ) ସାନ୍ତ୍ୱନା ଦେଇ ପଚାରିବେ :—

**ଯଦ୍ଵୟୋରନ୍ୱୟୋର୍ବେତ୍ଥ କାର୍ଯ୍ୟେଽସ୍ମିଂଶ୍ଚେଷ୍ଟିତଂ ମିଥଃ ।**
**ତଦ୍‌ବ୍ରୂତ ସର୍ବଂ ସତ୍ୟେନ ଯୁଷ୍ମାକଂ ହ୍ୟତ୍ର ସାକ୍ଷିତା ।୮୦।**

ତୁମ୍ଭେମାନେ ବାଦୀପ୍ରତିବାଦୀ ଉଭୟ ମଧ୍ୟରେ ଉପସ୍ଥିତ ବିଷୟରେ ଯାହା ଜାଣ ତାହା ସତ୍ୟ କୁହ; କାରଣ ତୁମ୍ଭମାନଙ୍କୁ ଏ ବିଷୟରେ ସାକ୍ଷୀ ମନାଯାଇଅଛି ।

**ସତ୍ୟଂ ସାକ୍ଷ୍ୟେ ବ୍ରୁବେନ ସାକ୍ଷୀ ଲୋକାନାପ୍ନୋତି ପୁଷ୍କଳାନ୍ ।**
**ଇହ ଚାନୁତ୍ତମା କୀର୍ତ୍ତିଂ ବାଗେଷା ବ୍ରହ୍ମପୂଜିତା ।୮୧।**

ସାକ୍ଷ୍ୟ କର୍ମରେ ସତ୍ୟକଥା କହିଲେ ସାକ୍ଷୀ ଉତ୍କୃଷ୍ଟ ସ୍ୱର୍ଗାଦି ଲକ୍ଷଣଯୁକ୍ତ ଲୋକ ଏବଂ ଇହଲୋକରେ ଶ୍ରେଷ୍ଠ କୀର୍ତ୍ତି ଲାଭକରେ, କାରଣ (ସତ୍ୟ) କଥା ବ୍ରହ୍ମ(ବେଦ) ଦ୍ୱାରା ପୂଜିତ ।

**ସାକ୍ଷ୍ୟେଽନୃତଂ ବଦନ ପାଶୈର୍ବଦ୍ଧ୍ୟତେ ବାରୁଣୈର୍ଭୃଶମ୍ ।**
**ବିବଶଃ 'ଶତମାଜାତୀସ୍ତାସ୍ମାତ୍ସାକ୍ଷ୍ୟ' ବଦେଦୃତମ୍ ।୮୨।***

ସାକ୍ଷ୍ୟରେ ଅସତ୍ୟ କହିଲେ ବରୁଣର (ସର୍ପରଜ୍ଜୁ) ପାଶରେ ବନ୍ଧା ଓ ଅବଶ ହୋଇ) ଜଳୋଦରାଦି ପୀଡ଼ାରେ) ଶତଜନ୍ମ ଅତ୍ୟନ୍ତ କଷ୍ଟ ପାଏ, ଏ ହେତୁ ସାକ୍ଷ୍ୟ ଦେଲେ ସତ୍ୟକଥା କହିବ ।

**ସତ୍ୟେନ ପୂୟତେ ସାକ୍ଷୀ ଧର୍ମ ସତ୍ୟେନ ବର୍ଦ୍ଧତେ ।**
**ତସ୍ମାତ୍ସତ୍ୟଂ ହି ବକ୍ତବ୍ୟ ସର୍ବବର୍ଣ୍ଣେଷୁ ସାକ୍ଷିଭିଃ ।୮୩।**

ସତ୍ୟଦ୍ୱାରା ସାକ୍ଷୀ ପବିତ୍ର ହୁଏ, ସତ୍ୟଭାଷଣଦ୍ୱାରା ଧର୍ମ ବଢ଼େ, ସେହି ହେତୁରୁ ସକଳବର୍ଣ୍ଣର ସାକ୍ଷୀମାନେ ସତ୍ୟକଥା ହିଁ ବୋଲିବେ ।

**ଆତ୍ମୈବହ୍ୟାତ୍ମନଃ ସାକ୍ଷୀ ଗତିରାତ୍ମା ତଥାତ୍ମନଃ ।**
**ମାନସଂସ୍ଥାଃ ସ୍ୱମାମାନଂ ନୃଣାଂ ସାକ୍ଷିଣମୁତ୍ତମମ୍ ।୮୪।**

(ଶୁଭ ଓ ଅଶୁଭକର୍ମରେ) ଆତ୍ମାହିଁ ଆପଣାର ସାକ୍ଷୀ ଏବଂ ସେହି ଆତ୍ମାହିଁ ଆପଣାର ଗତି (ଶରଣ) ଏହେତୁ ମନୁଷ୍ୟମାନଙ୍କର ଉତ୍ତମସାକ୍ଷୀ ଆପଣାର ଆତ୍ମାକୁ (ମିଛ କହିବା ଦ୍ୱାରା) ଅବଜ୍ଞା କରିବ ନାହିଁ ।

---

* ଏଥିରେ ନିମ୍ନ ୩ ଗୋଟି ଶ୍ଳୋକରୁ ପ୍ରଥମ ଓ ତୃତୀୟ ଖଣ୍ଡିଏ ପୁସ୍ତକ ଓ ଦ୍ୱିତୀୟ ୩ ଖଣ୍ଡ ପୁସ୍ତକରେ ମିଳେ :-

ବ୍ରହ୍ମଣୋ ବୈ ମନୁଷ୍ୟାଣାମାଦିତ୍ୟସ୍ତେଜସାଂ ଦିବି ।
ଶିରୋ ବା ସର୍ବଗାତ୍ରାଣା ଧର୍ମାଣାଂ ସତ୍ୟମୁତ୍ତମମ୍ ।୧

ନାସ୍ତିସତ୍ୟାତ୍ପରୋ ଧର୍ମୋ ନାନୃତାତ୍ପାତକଂ ପରମ୍ ।
ସାକ୍ଷିଧର୍ମେ ବିଶେଷେଣ ତସ୍ମାତ୍ସତ୍ୟଂ ବିଶିଷ୍ୟତେ ।୨।

ଏକମେଦ୍ୱିତୀୟନ୍ତୁ ପ୍ରବ୍ରୁବନ୍ନାବବୁଧ୍ୟତେ ।
ସତ୍ୟଂ ସ୍ୱର୍ଗସ୍ୟସୋପାନଂ ପାରାବାରସ୍ୟ ନୌରିବ ।୩।

ମନୁଷ୍ୟମାନଙ୍କରେ ବ୍ରାହ୍ମଣ, ଆକାଶରେ ନକ୍ଷତ୍ରମାନଙ୍କ ମଧ୍ୟରେ ସୂର୍ଯ୍ୟ ସର୍ବ ଦେହର ମସ୍ତକପରି ଧର୍ମମାନଙ୍କ ମଧ୍ୟରେ ସତ୍ୟ ଶ୍ରେଷ୍ଠ । ୧। ବିଶେଷତଃ ସାକ୍ଷ୍ୟରେ ସତ୍ୟରୁ ବଳି ଧର୍ମ ନାହିଁ କିମ୍ବା ଅସତ୍ୟରୁ ବଳି ପାପ ନାହିଁ । ଏ ହେତୁ ସତ୍ୟ ହିଁ ଶ୍ରେଷ୍ଠ ।୨। ଯେ ଏକା ସତ୍ୟବୋଲେ, ଅନ୍ୟ ଦ୍ୱିତୀୟ କଥା ନ କହେ ସେ ଭୁଲେ ନାହିଁ, ସମୁଦ୍ରରେ ନୌକାପରି ସତ୍ୟ ସ୍ୱର୍ଗର ସୋପାନ ।

**ମନ୍ୟନ୍ତେ ବୈପାପକୃତୋ ନକଷ୍ଚି ତ୍ପଶ୍ୟତୀତି ନଃ ।**
**ତାଂସ୍ତୁ ଦେବାଃ ପ୍ରପଶ୍ୟନ୍ତି ସ୍ୱସ୍ୟୈବାନ୍ତର ପୂରୁଷଃ ।୮୫।**

ପାପକାରୀମାନେ ମନେ କରନ୍ତି ଯେ ଆମ୍ଭମାନଙ୍କୁ କେହି ଦେଖୁନାହିଁ; ମାତ୍ର ତାଙ୍କୁ (ପଶ୍ଚାତ୍‌କଥିତ) ଦେବତାମାନେ ଓ ଆପଣା ଶରୀରମଧ୍ୟସ୍ଥିତ ପୁରୁଷ ଦେଖନ୍ତି ।

**ଦ୍ୟୌର୍ଭୂମିରାପୋ ହୃଦୟଂ ଚନ୍ଦ୍ରାର୍କାଗ୍ନି ଯମାନିଳ ଯମାନିଳାଃ ।**
**ରାତ୍ରିଃ ସନ୍ଧ୍ୟେ ଚ ଧର୍ମଶ୍ଚ ବୃତଜ୍ଞାଃ ସର୍ବଦେହିନାମ୍ ।୮୬।**

ଆକାଶ, ଭୂମି, ଜଳ, ହୃଦୟ, ଚନ୍ଦ୍ର, ସୂର୍ଯ୍ୟ, ଅଗ୍ନି, ଯମ, ବାୟୁ, ରାତ୍ରି, ଦୁଇ ସନ୍ଧ୍ୟା ଓ ଧର୍ମ ଏ ସମସ୍ତେ ଦେହଧାରୀ ସମସ୍ତଙ୍କର ଶୁଭାଶୁଭ କର୍ମ ଜାଣନ୍ତି । (ଏ ସବୁ ଜଡ଼ପଦାର୍ଥମାନଙ୍କର ଅଧିଷ୍ଠାତୃଦେବତା ପରମାତ୍ମାହିଁ ଜାଣିବା ଏଠାରେ ବୁଝିବାକୁ ହେବ ।

**ଦେବବ୍ରାହ୍ମଣସାନ୍ନିଧ୍ୟେ ସାକ୍ଷ୍ୟଂ ପୃଚ୍ଛେଦୃତଂ ଦ୍ୱିଜାନ୍ ।**
**ଉଦଙ୍‌ମୁଖାନ୍ ପ୍ରାଙ୍‌ମୁଖାନ୍ ବା ପୂର୍ବାହଣେ ବୈଶୁଚିଃ ଶୁଚୀନ୍ ।୮୭।**

ଦେବ ଓ ବ୍ରାହ୍ମଣ ସମୀପରେ ପବିତ୍ର ଦ୍ୱିଜାତିସାକ୍ଷିମାନଙ୍କୁ ପୂର୍ବମୁଖ ବା ଉତ୍ତରମୁଖ କରାଇ ଶୁଚିସମ୍ପନ୍ନ ବିଚାରପତି ସକାଳବେଳା ସତ୍ୟବୃତ୍ତାନ୍ତ ପଚାରିବ ।

**ବ୍ରୂହୀତି ବ୍ରାହ୍ମଣଂ ପୃଚ୍ଛେସତ୍ୟଂ ବ୍ରୂହୀତି ପାର୍ଥିବମ୍ ।**
**ଗୋବୀଜକାଞ୍ଚନୈର୍ବୈଶ୍ୟଂ ଶୂଦ୍ରଂ ସର୍ବୈସ୍ତୁ ପାତକୈଃ ।୮୮।**

ବ୍ରାହ୍ମଣ (ସାକ୍ଷୀ) ତୁ କହ ବୋଲି ପଚାରିବ; କ୍ଷତ୍ରିୟ ସାକ୍ଷୀକୁ ସତକହ ବୋଲି ପଚାରିବ, ଗୋ, ବୀଜ ଓ ସୁବର୍ଣ୍ଣ ଅପହରଣ କଲାପରି ମିଥ୍ୟାସାକ୍ଷ୍ୟର ଫଳ ବୋଲି କହି ବୈଶ୍ୟକୁ ପଚାରିବ ଏବଂ ସକଳ ପ୍ରକାର ପାତକ ମିଛକଥାରୁ ଲାଗିବ ବୋଲି କହି ଶୂଦ୍ରସାକ୍ଷୀକୁ ପଚାରିବ ।

**ବ୍ରହ୍ମଘ୍ନୋ ଯେ ସ୍ମୃତା ଲୋକା ଯେ ଚ ସ୍ତ୍ରୀ ବାଳଘାତିନଃ ।**
**ମିତ୍ରଦ୍ରୁହଃକୃତଘ୍ନସ୍ୟ ତେ ତେ ସ୍ୟୁ ର୍ବ୍ରୂବତୋ ମୃଷା ।୮୯।**

ବ୍ରାହ୍ମଣହନ୍ତା, ସ୍ତ୍ରୀହନ୍ତା, ବାଳହନ୍ତା, ମିତ୍ରଦ୍ରୋହୀ ଓ ଘୃତଘ୍ନ ଯେଉଁ ଲୋକ ପାଇବାର ଶାସ୍ତ୍ରରେ ଅଭିହିତ ଅଛି ମିଛକଥା କହିଲେ ସେହି ସବୁ ଲୋକ ମିଳେ ।

**ଜନ୍ମ ପ୍ରଭୃତି ଯକିଞ୍ଚିତ୍ପୁଣ୍ୟଂ ଭଦ୍ର ତ୍ୱୟା କୃତମ୍ ।**
**ତତ୍ତେ ସର୍ବଂ ଶୁନୋ ଗଚ୍ଛେଦ୍ୟଦି ବ୍ରୂୟାସ୍ତ୍ୱମନ୍ୟଥା ।୯୦।**

ହେ ଭଦ୍ର ! ତୁମ୍ଭେ ଆଜନ୍ମ ଯେ କିଛି ପୁଣ୍ୟ କରିଅଛ ଯଦି ସତ୍ୟର ଅନ୍ୟଥା ବୋଲିବ ତେବେ ତୁମ୍ଭର ସେ ସବୁ ପୁଣ୍ୟ କୁକ୍କୁର ପାଇବ ।

**ଏକୋଽହମସ୍ମୀତ୍ୟାତ୍ମାନଂ ଯତ୍ତଂ କଲ୍ୟାଣମନ୍ୟସେ ।**
**ନିତ୍ୟଂ ସ୍ଥିତସ୍ତେ ହୃଦ୍ୟେଷପୁଣ୍ୟପାପେକ୍ଷିତା ମୁନିଃ ।୯୧।**

ହେ କଲ୍ୟାଣ ! ଆମ୍ଭେ ଏକା ଅଛୁଁ ଏପରି ଯେ ଆପଣାକୁ ମନେକରେ ତାହାନୁହେଁ ତୁମ୍ଭ ହୃଦୟରେ ନିତ୍ୟ ପାପପୁଣ୍ୟ ଦ୍ରଷ୍ଟା ଏହି ମୁନି (ପରମାତ୍ମା) ଅଛନ୍ତି ।

**ଯମୋ ବୈବସ୍ୱତୋ ଦେବୋ ଯସ୍ତବୈଷ ହୃଦି ସ୍ଥିତଃ ।**
**ତେନ ଚେଦବିବାଦସ୍ତେ ମାଗଙ୍ଗାଂ ମା କୁରୁନ୍ ଗମଃ ।୯୨ ✱**

✱ - ଏ ଶ୍ଳୋକ ପ୍ରକ୍ଷିପ୍ତ ।

ଏହି ବୈବସ୍ୱତ ଯମଦେବ (ପରମାତ୍ମା) ଯେ ତୁମ୍ଭ ହୃଦୟରେ ସ୍ଥିତ ଅଛନ୍ତି । ସତ୍ୟ କହିଲେ ତାଙ୍କ ସଙ୍ଗେ ବିବାଦ ନ ଥିବ ଓ (ପ୍ରାୟଶ୍ଚିତ ସକାଶେ) ଗଙ୍ଗା ବା କୁରୁକ୍ଷେତ୍ର ଯିବାକୁ ହେବ ନାହିଁ ।

**ନଗ୍ନୋ ମୁଣ୍ଡଃ କପାଳେନ ଭିକ୍ଷାର୍ଥୀ କ୍ଷୁତ୍ପିପାସିତଃ ।**
**ଅନ୍ଧଃ ଶତ୍ରୁକୁଳଂ ଗଚ୍ଛେଦ୍ ଯଃ ସାକ୍ଷ୍ୟମନୃତଂ ବଦେତ୍ ।୯୩।**

ଯେ ମିଥ୍ୟା ସାକ୍ଷ୍ୟ ଦିଏ ସେ ନଗ୍ନ ଲଣ୍ଡା, ଅନ୍ଧ ଓ କ୍ଷୁଧାତୃଷାରେ ପୀଡ଼ିତ ହୋଇ ଭିକ୍ଷାଖପରା ହାତରେ ଘେନି ଶତ୍ରୁଦ୍ୱାରରେ ଭିକ୍ଷା କରିବାକୁ ଯିବ ।

**ଅବାକ୍ଶିରାସ୍ତମସ୍ୟନ୍ଧେ କିଲ୍ବିଷୀ ନରକଂ ବ୍ରଜେତ୍ ।**
**ଯଃ ପ୍ରଶ୍ନଂ ବିତଥଂ ବ୍ରୂୟାତ୍ପୃଷ୍ଟଃସନ୍ ଧର୍ମନିଶ୍ଚୟେ ।୯୪।**

ଧର୍ମନିଶ୍ଚୟ ସ୍ଥଳରେ ଜିଜ୍ଞାସିତହୋଇ ଯେ ମିଛକହେ ସେପାପୀ ଅଧୋମୁଖହୋଇ ମହାନ୍ଧକାରରୂପ ନରକକୁ ଯାଏ (ପାପରୁ ଅବନତ ମସ୍ତକରେ ମହାଦୁଃଖ ଭୋଗକରେ) ।

**ଅନ୍ଧୋ ମତ୍ସ୍ୟାନି ବାଶ୍ନାତି ସ ନରଃ କଣ୍ଟକୈଃ ସହ ।**
**ଯୋ ଭାଷତେଽର୍ଥବୈକଲ୍ୟମପ୍ରତ୍ୟକ୍ଷଂ ସଭାଂ ଗତଃ ।୯୫।**

ଯେ ମନୁଷ୍ୟ ସଭାକୁ ଯାଇ ଦେଖି ନ ଥିବା କଥା ମିଛରେ କହେ ସେ ଅନ୍ଧହୋଇ କଣ୍ଟା ସହିତ ମାଛ ଖାଏ ।

**ଯସ୍ୟ ବିଦ୍ୱାନ୍ ହି ବଦତଃ କ୍ଷେତ୍ରଜ୍ଞୋ ନାଭି ଶଙ୍କେତେ ।**
**ତସ୍ମାନ୍ନଦେବାଃ ଶ୍ରେୟାଂସଂ ଲୋକେଽନଂ ପୁରୁଷଂ ବିଦୁଃ ।୯୬।**

ଯାହାର ସାକ୍ଷ୍ୟଦେବା ସମୟରେ ଚେତନ ଜୀବାତ୍ମା ସଙ୍କୁଚିତ ନ ହୁଏ ତାହାକୁ ବଳି ଅନ୍ୟ ଶ୍ରେଷ୍ଠ ପୁରୁଷ ଦେବତାମାନେ ଜାଣନ୍ତି ନାହିଁ ।

**ଯାବତୋ ବାନ୍ଧବାନ୍ ଯସ୍ମିନ୍ହନ୍ତି ସାକ୍ଷ୍ୟେଽନୃତଂ ବଦନ୍ ।**
**ତାବତଃ ସଂଖ୍ୟାୟ ତସ୍ମିନ୍ ଶୃଣୁ ସୌମ୍ୟା ନୁପୂର୍ବଂଶଃ ।୯୭।**

ହେ ସୌମ ! ମିଥ୍ୟାକଥା ସାକ୍ଷ୍ୟଦେବାବେଳେ କହିଲେ ଯେତେ ବାନ୍ଧବ ବିନାଶରେ ପାପହୁଏ ତହିଁର ସଂଖ୍ୟା ଆନୁପୂର୍ବିକ କହୁଅଛି ଶୁଣ ।

**ପଞ୍ଚ ପଶ୍ୱନୃତେ ହନ୍ତି ଦଶହନ୍ତି ଗବାନୃତେ ।**
**ଶତମଶ୍ୱାନୃତେ ହନ୍ତି ସହସ୍ରଂ ପୁରୁଷାନୃତେ ।୯୮।**

ପଶୁ ବିଷୟରେ ମିଛ କହିଲେ ପାଞ୍ଚ, ଗୋ ବିଷୟରେ ମିଛ କହିଲେ ଦଶ, ଘୋଡ଼ା ବିଷୟରେ ମିଛ କହିଲେ ଶହେ ଓ ପୁରୁଷ ବିଷୟରେ ମିଛ କହିଲେ ହଜାରେ ବାନ୍ଧବ ହତ୍ୟାର ପାପ ହୁଏ ।

**ହନ୍ତି ଜାତାନଜାତାଂଶ୍ଚ ହିରଣ୍ୟାର୍ଥେଽନୃତଂ ବଦନ ।**
**ସର୍ବଂ ଭୂମ୍ୟନୃତେ ହନ୍ତ ମାସ୍ମଭୂମ୍ୟନୃତଂ ବଦୀଃ ।୯୯।** ❋

---

❋ ଏଥିପରେ ନନ୍ଦନଟୀକାଯୁକ୍ତ ପୁସ୍ତକରେ ଅଧିକା ମିଳେ :-

ପଶୁବତ୍ କ୍ଷୌଦ୍ରଘୃତୟୋର୍ଯଜ୍ଞାନ୍ୟପ୍ରଶୁସମ୍ଭବମ୍ ।
ଗୋବଦ୍ ବସ୍ତ୍ର ହିରଣ୍ୟେଷୁ ଧାନ୍ୟପୁଷ୍ପଫଳେଯୁଚ ।
ଅଶ୍ୱବଦ୍ସର୍ବଯାନେଷ୍ଟୁ ଖରୋଷ୍ଟ୍ରବତରାଦିଷୁ ।

ମହୁ, ଘିଅ ଓ ପଶୁର ଜାତ ଦୁଗ୍ଧାଦି ବିଷୟରେ ମିଥ୍ୟାସାକ୍ଷ୍ୟ ଦେଲେ ପଶୁପରି ବାଛୁରୀ ଓ ସୁବର୍ଣ୍ଣ, ଧାନ, ଫୁଲ ଓ ଫଳ ବିଷୟରେ ଗୋରୁପରି, ଗଧ, ଓଟ, ଖଚରାଦି ଯାନ ବିଷୟରେ ଘୋଡ଼ାପରି ଅସତ୍ୟଜନିତ ପାପ ଲାଗେ ।

ସୁବର୍ଣ୍ଣ ସକାଶେ ମିଥ୍ୟାସାକ୍ଷ୍ୟ ଦେଲେ ଜାତ ଅଜାତ ପୁତ୍ରାଦି ମାରିବାର ଫଳ ମିଳେ ଏବଂ ଭୂମି ସକାଶେ ମିଛ କହିଲେ ସକଳ ପ୍ରାଣିହତ୍ୟାର ଫଳ ମିଳେ; ଏଣୁ ଭୂମି ସକାଶେ ମିଥ୍ୟାବାଦି ନ ହୁଏ ।

**ଅପ୍‌ସୁ ଭୂମିବଦିତ୍ୟାହୁଃ ସ୍ତ୍ରୀଣାଂ ଭୋଗେ ଚ ମୈଥୁନେ ।**
**ଅବ୍‌ଜେଷୁ ଚୈବ ରତ୍ନେଷୁ ସର୍ବେଶ୍ୱଶ୍ମମୟେଷୁ ଚ ।୧୦୦।***

ଜଳାଶୟାଦି ବିଷୟରେ ସ୍ତ୍ରୀମାନଙ୍କ ସମ୍ଭୋଗ ଓ ମୈଥୁନ ବିଷୟରେ, ଜଳୋତ୍ପନ ମୌକ୍ତିକାଦି ରତ୍ନବିଷୟରେ ଓ ସକଳ ପ୍ରକାର ହୀରକାଦି ପ୍ରସ୍ତରମୟ ପଦାର୍ଥ ବିଷୟରେ ମିଛ କହିଲେ ଭୂମିପରି ଫଳ ମିଳେ ।

**ଏତନ୍ ଦୋଷାନବେକ୍ଷ୍ୟ ତ୍ୱଂ ସର୍ବାନନୃତଭାଷଣେ ।**
**ଯଥାଶ୍ରୁତଂ ଯଥାଦୃଷ୍ଟଂ ସର୍ବମେବାଞ୍ଜସା ବଦ ।୧୦୧।**

ମିଥ୍ୟାସାକ୍ଷୀ ଦେବାର ଏହିସବୁ ଦୋଷ ଦେଖି ତୁମ୍ଭେ ଯେପରି ଶୁଣିଥିବ ଓ ଯେପରି ଦେଖିଥିବ ସେହିପରି ସବୁ ସତ୍ୱର କହିବ ।

**ଗୋରକ୍ଷକାନ୍ ବାଣିଜିକାଂସ୍ତଥା କରୁକୁଶୀଲବାନ୍ ।**
**ପ୍ରେଷ୍ୟାନ୍‌ବାର୍ଦ୍ଧୁଷିକାଂଶ୍ଚୈବ ବିପ୍ରାନ୍ ଶୂଦ୍ରବଦାଚରେତ୍ ।୧୦୨।**

ଗୋରକ୍ଷକ, ବାଣିଜ୍ୟଜୀବୀ, ଶିଳ୍ପ, ପାଚକ, ଗୀତବାଦ୍ୟକାରୀ, ଦାସକର୍ମକାରୀ, ହଳଚାଳକ ବା ବୃଦ୍ଧିଜୀବୀ (ସୁଧଖିଆ) ବ୍ରାହ୍ମଣଙ୍କୁ ସୁଦ୍ଧା ଶୂଦ୍ରପରି ପଚାରିବ ।

**ତଦବଦନ୍ ଧର୍ମତୋଽର୍ଥେଷୁ ଜାନନ୍ନପ୍ୟନ୍ୟଥା ନରଃ ।**
**ନ ସ୍ୱର୍ଗାଚ୍ଚ୍ୟବତେ ଲୋକାଦ୍ଦୈବୀଂ ବାଚଂ ବଦନ୍ତି ତାମ୍ ।୧୦୩।**

ଯେ ମନୁଷ୍ୟ ଜାଣିକରି ସୁଦ୍ଧା ଧର୍ମବ୍ୟବହାରର ଅନ୍ୟଥାକରି କହେ ସେ ସ୍ୱର୍ଗଲୋକରୁ ବିଚ୍ୟୁତ ହୁଏ ନାହିଁ, କାରଣ ତାହାକୁ ଦୈବବାଣୀ ବୋଲାଯାଏ ।

**ଶୂଦ୍ରବିଟ୍‌କ୍ଷତ୍ରବିପ୍ରାଣାଂ ଯତ୍ରର୍ତ୍ତୋକ୍ତୌ ଭବେଦ୍ ବଧଃ ।**
**ତତ୍ର ବକ୍ତବ୍ୟମନୃତଂ ତଦ୍ଧି ସତ୍ୟାଦ୍ ବିଶିଷ୍ୟତେ ।୧୦୪।**

ଯେଉଁଠାରେ ସତ କହିଲେ ଶୂଦ୍ର, ବୈଶ୍ୟ, କ୍ଷତ୍ରିୟ ଓ ବ୍ରାହ୍ମଣର ବଧଦଣ୍ଡ ହେବ ସେଠାରେ ମିଛ କହିବ, କାରଣ ସେ ମିଛ ସତରୁ ବଳେ ।

**ବାଗ୍‌ଦୈବତ୍ୟୈଶ୍ଚ ଚରୁଭିର୍ଯଜେରଂସ୍ତେ ସରସ୍ୱତୀମ୍ ।**
**ଅନୃତସ୍ୟୈନସସ୍ତସ୍ୟ କୁର୍ବାଣା ନିଷ୍କୃତି ପରାମ୍ ।୧୦୫।**

---

* ଏଥିପରେ ପଞ୍ଚପୁସ୍ତକରେ ମିଳେ :-

ପଶୁବତ୍ କ୍ଷୌଦ୍ର ଘୃତୟୋର୍ଯାନେଷୁ ଚ ତଥାଶ୍ୱବତ୍ ।
ଗୋବଦ୍ରଜତବସ୍ତ୍ରେଷୁ ଧାନ୍ୟେ ବ୍ରାହ୍ମଣବିଦ୍‌ବିଧିଃ ।

ମଧୁ ଓ ଘୃତ ବିଷୟରେ ପଶୁପରି, ଯାନ ବିଷୟରେ ଅଶ୍ୱପରି, ରୁପା ଓ ବସ୍ତ୍ର ବିଷୟରେ ଗୋପରି ଓ ଧାନ୍ୟ ବିଷୟରେ ବ୍ରାହ୍ମଣପରି ମିଥ୍ୟାକଥାର ପାପ ଲାଗେ ।

* - ଏଥିପରେ ଗୋଟିଏ ପୁସ୍ତକରେ ମିଳେ -

ଯେଽପ୍ୟତୀତାଃ ସ୍ୱଧର୍ମେଭ୍ୟଃ ପରପିଣ୍ଡୋପଜୀବିନଃ ।
ଦ୍ୱିଜତ୍ୱମଭିକାଙ୍କ୍ଷନ୍ତି ତାଂଶ୍ଚ ଶୂଦ୍ରନିବାଚରେତ୍ ।

ଯେଉଁମାନେ ଆପଣାଧର୍ମ ଛାଡ଼ି ପରଜୀବିକା ଅବଲମ୍ବନ କରନ୍ତି ଓ ବ୍ରାହ୍ମଣ ହେବାକୁ ଇଚ୍ଛା କରନ୍ତି ତାଙ୍କୁ ଶୂଦ୍ରପରି ପଚାରିବ ।

ଏହି ମିଥ୍ୟାକଥାର ପରମ ପ୍ରାୟଶ୍ଚିତ୍ତ ସ୍ୱରୂପ ବାଗ୍‌ଦେବତାସମ୍ବନ୍ଧୀ ଚରୁଦ୍ୱାରା ସରସ୍ୱତୀଯାଗ କରିବ ।

**କୁଷ୍ମାଣ୍ଡୈର୍ବାପି ଜୁହୁୟାଦ୍ ଘୃତମଗ୍ନୌ ଯଥାବିଧି ।**
**ଉଦିତ୍ୟୃଚା ବା ବାରୁଣ୍ୟା ତ୍ର୍ୟଚେନାବ୍ଦୈବତେନ ବା ।୧୦୬। ❋**

ଅବା କୁଷ୍ମାଣ୍ଡ(ଯଜୁର୍ବେଦୀ) ମନ୍ତ୍ର ଉଚ୍ଚାରଣ ପୂର୍ବକ ଅଗ୍ନିରେ ଘୃତ ଦ୍ୱାରା ଯଥାବିଧି ବରୁଣ ବା ଜଳଦେବତାଙ୍କୁ ତିନି ଆହୁତି ଦେବ ।

**ତ୍ରିପକ୍ଷାଦବ୍ରୁବନ୍ ସାକ୍ଷ୍ୟମୃଣାଦିଷୁ ନରୋଽଗଦଃ ।**
**ତଦୃଣଂ ପ୍ରାପ୍ନୁୟାତ୍ସର୍ବଂ ଦଶବନ୍ଧଞ୍ଚ ସର୍ବତଃ ।୧୦୭।**

ଅରୋଗୀ ଥାଇ ସାକ୍ଷୀ ଯଦି ତିନିପକ୍ଷ (ଦେଢ଼ମାସ) ପର୍ଯ୍ୟନ୍ତ ଋଣାଦି ବ୍ୟବହାର ବିଷୟରେ ସାକ୍ଷ୍ୟ ପ୍ରଦାନ ନ କରେ ତେବେ ସେ ସମସ୍ତ ଋଣଟଙ୍କା ତାକୁ ଦେବାକୁ ପଡ଼ିବ ଏବଂ ସମସ୍ତ ଦାବୀର ଦଶଭାଗ ରାଜାକୁ ଦଣ୍ଡଦେବ ।

**ଯସ୍ୟ ଦୃଶ୍ୟେତ ସପ୍ତାହାଦୁକ୍ତବାକ୍ୟସ୍ୟ ସାକ୍ଷିଣଃ ।**
**ରୋଗୋଽଗ୍ନିର୍ଜ୍ଞାତିମରଣମୃଣଂ ଦାପ୍ୟୋଦମଞ୍ଚ ସଃ ।୧୦୮।**

ସାକ୍ଷ୍ୟ ଦେବାର ଏକସପ୍ତାହ ମଧ୍ୟରେ ଯଦି ସାକ୍ଷୀର ରୋଗ, ଗୃହଦାହ ବା ପୁତ୍ରାଦି ସନ୍ନିହିତ ଜ୍ଞାତିମରଣ ହେବାର ଦେଖାଯାଏ ତେବେ ସେ ସାକ୍ଷୀ ଋଣଟଙ୍କା ଓ ରାଜଦଣ୍ଡ ଦେବ ।

**ଅସାକ୍ଷକେଷୁ ବର୍ଥେଷୁ ମିଥୋ ବିବଦମାନୟୋଃ ।**
**ଅବିନ୍ଦଂସ୍ତତ୍ତ୍ୱତଃ ସତ୍ୟଂ ଶପଥେନାପି ଲମ୍ଭୟେତ୍ ।୧୦୯। ❋**

ପରସ୍ପର ବିବାଦମାନ ଦୁଇପକ୍ଷର ଯଦି ସାକ୍ଷୀ ନ ଥାଏ ତେବେ ବିଚାରପତି ଉଭୟର ଶପଥ ଗ୍ରହଣ କରି ସତ୍ୟ ନିର୍ଣ୍ଣୟ କରିବ ।

**ମହର୍ଷିଭିଶ୍ଚ ଦେବୈଶ୍ଚ କାର୍ଯ୍ୟାର୍ଥଂ ଶପଥାଃ କୃତାଃ ।**
**ବଶିଷ୍ଠାଶ୍ଚାପି ଶପଥ୍ୟ ଶେପେ ପୈଯବନେ ନୃପେ ।୧୧୦।+**

ମହର୍ଷିମାନେ ଓ ଦେବଗଣ ସନ୍ଦିଗ୍ଧକାର୍ଯ୍ୟନିର୍ଣ୍ଣୟାର୍ଥ ଶପଥ କରିଲେ ବଶିଷ୍ଠ ସୁଦ୍ଧାପି ଯବନପୁତ୍ର ସୁଦାମରାଜା ନିକଟରେ ଆତ୍ମଶୁଦ୍ଧ୍ୟର୍ଥ ଶପଥ କରିଥିଲେ ।

**ନ ବୃଥା ଶପଥଂ କୁର୍ଯ୍ୟାତ୍ସ୍ୱଳ୍ପେଽପ୍ୟର୍ଥେ ନରୋ ବୁଧଃ ।**
**ବୃଥାହି ଶପଥଂ କୁର୍ବନ୍ ପ୍ରେତ୍ୟ ଚେହ ଚ ନଶ୍ୟତି ।୧୧୧।**

ଅଳ୍ପ ଅର୍ଥ ସକାଶେ ସୁଦ୍ଧା ବିଜ୍ଞବ୍ୟକ୍ତି ବୃଥା ଶପଥ କରିବ ନାହିଁ, କାରଣ ବୃଥା ଶପଥକାରୀ ଲୋକର ଇହଲୋକ ଓ ପରଲୋକ ନଷ୍ଟ ହୁଏ ।

**କାମିନୀଷୁ ବିବାହେଷୁ ଗବାଂ ଭକ୍ଷ୍ୟେ ତଥେନ୍ଧନେ ।**
**ବ୍ରାହ୍ମଣାଭ୍ୟୁପପତ୍ତୌ ଚ ସପଥେ ନାସ୍ତି ପାତକମ୍ ।୧୧୨।+**

କାମିନୀମାନଙ୍କଠାରେ, ବିବାହମାନଙ୍କରେ ,ଗୋରୁର ଖାଦ୍ୟ ଇନ୍ଧନ ଓ ବ୍ରାହ୍ମରକ୍ଷା ସକାଶେ ମିଥ୍ୟା ଶପଥ କଲେ ପାପ ହୁଏ ନାହିଁ ।

---

❋ – ୧୦୩ ଠାରୁ ୧୦୬ ଶ୍ଳୋକ ପ୍ରକ୍ଷିପ୍ତ ।

❋ – କୌଣସି କୌଣସି ପାଠରେ 'ଅବିନ୍ଦନ୍' ସ୍ଥାନରେ 'ନବିନ୍ଦନ୍' ଅଛି ।

+ – ଏ ଶ୍ଳୋକ ପ୍ରକ୍ଷିପ୍ତ ।

+ – ଏ ଶ୍ଳୋକ ପ୍ରକ୍ଷିପ୍ତ ।

**ସତ୍ୟେନ ଶାପୟେଦ୍ ବିପ୍ରଂ କ୍ଷତ୍ରିୟଂ ବାହନାୟୁଧୈଃ ।**
**ଗୋବୀଜକାଞ୍ଚନୈର୍ବୈଶ୍ୟଂ ଶୂଦ୍ରଂ ସର୍ବୈସ୍ତୁ ପାତକୈଃ ।୧୧୩।**

ବ୍ରାହ୍ମଣକୁ ସତ୍ୟଦ୍ୱାରା; କ୍ଷତ୍ରିୟକୁ ବାହନ ଓ ଆୟୁଧ ଦ୍ୱାରା, ବୈଶ୍ୟକୁ ଗୋରୁ, ବୀଜ ଓ ସୁବର୍ଣ୍ଣ ଦ୍ୱାରା ଏବଂ ଶୂଦ୍ରକୁ ପାତକସମୂହଦ୍ୱାରା ଶପଥ କରାଇବ ।

**ଅଗ୍ନିଂ ବା ହାରୟେଦେନମପସୁ ଚୈନଂ ନିମଜ୍ଜୟେତ୍ ।**
**ପୁତ୍ରଦାରସ୍ୟ ବାପ୍ୟେନଂ ଶିରାଂସି ସ୍ପର୍ଶୟେତ୍ ପୃଥକ୍ ।୧୧୪।**

କିମ୍ବା ଶୂଦ୍ରକୁ (ଜଳନ୍ତା ନିଆଁ ଉଠାଇବା) ବା ପାଣିରେ ବୁଡ଼ାଇ ରଖିବା ଅଥବା ତାହାର ପୁତ୍ର ବା ସ୍ତ୍ରୀର ମସ୍ତକରେ ପୃଥକ୍ ହାତ ଛୁଆଇଁ ଶପଥ କରାଇବ ।

**ଯମିଦ୍ଧୋ ନ ଦହତ୍ୟଗ୍ନିରାପୋ ନୋନ୍ମଜ୍ଜୟନ୍ତି ଚ ।**
**ନ ଚାର୍ତ୍ତିମୃଚ୍ଛତି କ୍ଷିପ୍ରଂ ସ ଜ୍ଞେୟଃ ଶପଥେ ଶୁଚି ।୧୧୫।**

ପ୍ରଜ୍ୱଳିତ ଅଗ୍ନି ଯାହାକୁ ପୋଡ଼ି ନ ଦିଏ, ଜଳ ଯାହାକୁ ଶୀଘ୍ର ନ ଉଠାଏ ଏବଂ ପୁତ୍ରାଦିବିୟୋଗଜନିତ କଷ୍ଟ ଶୀଘ୍ର ନହୁଏ ସେ ଶପଥରେ ଶୁଚିଥିବା ଜଣାଯିବ ।

**ବତ୍ସସ୍ୟ ହ୍ୟଭିଶସ୍ତସ୍ୟ ପୁରା ଭ୍ରାତ୍ରା ଯବୀୟସା ।**
**ନାଗ୍ନିର୍ଦଦାହ ରୋମାପି ସତ୍ୟେନ ଜଗତଃ ସ୍ପୃଶଃ ।୧୧୬।** ✲

ପୂର୍ବକାଳରେ ବସ୍ତରଷି କନିଷ୍ଠ ବୈମାତ୍ରେୟ ଭ୍ରାତା କର୍ତ୍ତୃକ (ବ୍ରାହ୍ମଣର ପୁତ୍ର ନ ଥାଇ ଶୂଦ୍ରପୁତ୍ର ବୋଲି) ଅଭିଶପ୍ତ ହୋଇ (ଅଗ୍ନିପ୍ରବେଶ କରିବାରୁ) ଜଗଦ୍‌ବ୍ୟାପି ଅଗ୍ନି ସତ୍ୟ ସକାଶେ ତାଙ୍କର ରୋମ ସୁଦ୍ଧା ପୋଡ଼ି ପାରିଲା ନାହିଁ ।

**ଯସ୍ମିନ୍ ଯସ୍ମିନ୍ ବିବାଦେ ତୁ କୌଟସାକ୍ଷ୍ୟଂ କୃତଂ ଭବେତ୍ ।**
**ତତ୍ତତ୍କାର୍ଯ୍ୟଂ ନିବର୍ତ୍ତେତ ଘୃତଞ୍ଚାପ୍ୟକୃତଂ ଭବେତ୍ ।୧୧୭।**

ଯେଉଁ ଯେଉଁ ମକଦ୍ଦମାରେ ମିଥ୍ୟା ସାକ୍ଷ୍ୟ ଦିଆଯାଇଥିବା ନିଶ୍ଚୟ ହେବ ସେହି ସେହି ମୋକଦ୍ଦମାର ପୁନର୍ବିଚାର କରିବ ଓ ଦଣ୍ଡ ଦେଇଥିଲେ ଫେରାଇବ (ପୁନି ବିଚାର କରିବ) ।

**ଲୋଭାନ୍ ମୋହାଦ୍ ଭୟାନ୍ ମୈତ୍ର୍ୟାତ୍କାମାତ୍କ୍ରୋଧାତ୍ତଥୈବ ଚ ।**
**ଅଜ୍ଞାନାଦ୍ ବାଳଭାବାଚ୍ଚ ସାକ୍ଷ୍ୟଂ ବିତଥମୁଚ୍ୟତେ ।୧୧୮।**

ଲୋଭ, ମୋହ, ଭୟ, ମିତ୍ରତା, କାମ, କ୍ରୋଧ, ଅଜ୍ଞାନ ଓ ବାଳକତ୍ୱ ହେତୁ ସାକ୍ଷ୍ୟ ମିଥ୍ୟା ବୋଲି କଥିତ ହୋଇଅଛି ।

**ଏଷାମନ୍ୟତମେ ସ୍ଥାନେ ଯଃ ସାକ୍ଷ୍ୟମନୃତଂ ବଦେତ୍ ।**
**ତସ୍ୟ ଦଣ୍ଡ ବିଶେଷାଂସ୍ତୁ ପ୍ରବକ୍ଷ୍ୟାମ୍ୟନୁପୂର୍ବଶଃ ।୧୧୯।**

ଏହି ଲୋଭାଦି କୌଣସି କାରଣରୁ ମୋକଦ୍ଦମାରେ ଯେ ମିଥ୍ୟା ସାକ୍ଷ୍ୟ ଦିଏ ତାହାର ଦଣ୍ଡବିଶେଷ ସବୁ ଆମ୍ଭେ ଆନୁପୂର୍ବିକ କହୁଅଛୁଁ ।

**ଲୋଭାତ୍ସହସ୍ରଂ ଦଣ୍ଡ୍ୟସ୍ତୁ ମୋହପୂର୍ବଂ ତୁ ସାହସମ୍ ।**
**ଭୟାଦ୍ ଦ୍ୱୌମଧ୍ୟମୌଦଣ୍ଡ୍ୟୌ ମୈତ୍ର୍ୟାଦ୍ ପୂର୍ବଂ ଚତୁର୍ଗୁଣମ୍ ।୧୨୦।**

ଲୋଭରୁ ମିଥ୍ୟା ସାକ୍ଷ୍ୟ ଦେଲେ ହଜାରପଣ, ମୋହରୁ ପ୍ରଥମ ସାହସ, ଭୟରୁ ମାଧ୍ୟମ ସାହସ ଏବଂ ମୈତ୍ରୀରୁ ପ୍ରଥମ ସାହସର ଚତୁର୍ଗୁଣ ଦଣ୍ଡ ଦେବ ।

---

✲ ୧୧୪ ଠାରୁ ୧୧୬ ଶ୍ଲୋକ ପ୍ରକ୍ଷିପ୍ତ ।

**କାମାଦ୍ଦଶଗୁଣଂ ପୂର୍ବଂ କ୍ରୋଧାତ୍ତୁ ତ୍ରିଗୁଣଂ ପରମ୍ ।**
**ଅଜ୍ଞାନାଦ୍ଦ୍ୱେଶତେ ପୂର୍ଣ୍ଣେ ବାଳିଶ୍ୟାଚ୍ଛତମେବ ତୁ ।୧୨୧।**

କାମରେ ମିଥ୍ୟା ସାକ୍ଷ୍ୟ ଦେଲେ ପ୍ରଥମ ସାହସର ଦଶଗୁଣ, କ୍ରୋଧରେ ଉତ୍ତମ ସାହସର ତିନିଗୁଣ, ଅଜ୍ଞାନରେ ପୂର୍ଣ୍ଣ ଦୁଇଶତପଣ ଏବଂ ଅନବଧନରୁ ଶଏପଣ ଦଣ୍ଡ ହେବ ।

**ଏତାନାହୁଃ କୌଟସାକ୍ଷ୍ୟେ ପ୍ରୋକ୍ତାନ୍ ମନୀଷିଭିଃ ।**
**ଧର୍ମସ୍ୟାବ୍ୟଭିଚାରାର୍ଥମଧର୍ମନିୟମାୟ ଚ ।୧୨୨।**

ଧର୍ମର ଅବ୍ୟଭିଚାର ଓ ଅଧର୍ମ ଦୂର କରିବା ସକାଶେ ମିଥ୍ୟା ସାକ୍ଷ୍ୟର ଏହି ଦଣ୍ଡମାନ ବିଦ୍ୱାନ୍‌ମାନେ କହିଅଛନ୍ତି ।

**କୌଟସାକ୍ଷ୍ୟନ୍ତୁ କୁର୍ବାଣାଂସ୍ତ୍ରୀନ୍ ବର୍ଣ୍ଣାନ୍ ଧାର୍ମିକୋ ନୃପଃ ।**
**ପ୍ରବାସୟେଦ୍ଦଣ୍ଡୟିତ୍ୱା ବ୍ରାହ୍ମଣନ୍ତୁ ବିବାସୟେତ୍ ।୧୨୩।**

ଧାର୍ମିକ ରାଜା ତିନିବର୍ଣ୍ଣର ଲୋକେ ମିଥ୍ୟାସାକ୍ଷ୍ୟ ଦେଲେ ତାକୁ ଦଣ୍ଡ ଦେଇ ଦେଶରୁ ବାହାର କରିଦେବେ; ମାତ୍ର ବ୍ରାହ୍ମଣକୁ (କେବଳ) ବାହାର କରିଦେବ ।

**ଦଶସ୍ଥାନାନି ଦଣ୍ଡସ୍ୟ ମନୁଃ ସ୍ୱାୟମ୍ଭୁବୋଽବ୍ରବୀତ୍ ।**
**ତ୍ରିଷୁବର୍ଣ୍ଣେଷୁ ଯାନି ସ୍ୟୁରକ୍ଷତୋ ବ୍ରାହ୍ମଣୋ ବ୍ରଜେତ୍ ।୧୨୪।***

ସ୍ୱାୟମ୍ଭୁବ ମନୁଦଣ୍ଡର ଦଶସ୍ଥାନ କ୍ଷତ୍ରିୟାଦି ତିନିବର୍ଣ୍ଣ ସକାଶେ କହିଅଛନ୍ତି; ମାତ୍ର ବ୍ରାହ୍ମଣକୁ ଅକ୍ଷତଶରୀରରେ ବାହାର କରିଦେବ ।

**ଉପସ୍ଥମୁଦରଂ ଜିହ୍ୱା ହସ୍ତୌ ପାଦୌ ଚ ପଞ୍ଚମମ୍ ।**
**ଚକ୍ଷୁର୍ନାସା ଚ କର୍ଣ୍ଣୌଚ ଧନଂ ଦେହସ୍ତଥୈବ ଚ ।୧୨୫।**

ଉପସ୍ଥ, ଉଦର, ଜିହ୍ୱା, ଦୁଇହାତ ଓ ଦୁଇପାଦ ଏ ପାଞ୍ଚ ଏବଂ ଚକ୍ଷୁ, ନାସା, ଦୁଇକାନ, ଧନ ଓ ଦେହ (ଏହି ଦଶଦଣ୍ଡର ସ୍ଥାନ ଅଟେ) ।

**ଅନୁବନ୍ଧଂ ପରିଜ୍ଞାୟ ଦେଶକାଳୌ ଚ ତତ୍ତ୍ୱତଃ ।**
**ସାରାପରାଧୌ ଚାଲୋକ୍ୟ ଦଣ୍ଡଂ ଦଣ୍ଡ୍ୟେଷୁ ପାତୟେତ୍ ।୧୨୬।**

ପ୍ରବୃତ୍ତି (କେତେଥର ଅପରାଧ କରିଅଛି) ଜାଣି ଦେଶ ଓ କାଳ ବୁଝି ଧନ ଓ ଶରୀରାଦିର ସାମର୍ଥ ଏବଂ ଅପରାଧ ଦେଖି ଦଣ୍ଡଯୋଗ୍ୟ ଲୋକଙ୍କୁ ଦଣ୍ଡ ଦେବ ।

**ଅଧର୍ମଦଣ୍ଡନଂ ଲୋକେ ଯଶୋଘ୍ନଂ କୀର୍ତ୍ତିନାଶନମ୍ ।**
**ଅସ୍ୱର୍ଗ୍ୟଞ୍ଚ ପରତ୍ରାପି ତସ୍ମାତ୍ତତ୍ପରିବର୍ଜୟେତ୍ ।୧୨୭।**

ଅଧର୍ମରେ (ଅନ୍ୟାୟରୂପେ) ଦଣ୍ଡ ଦେଇ ଇହଲୋକରେ ଯଶ ଓ କୀର୍ତ୍ତି ନଷ୍ଟ ହୁଏ ଏବଂ ପରକାଳରେ ସୁଦ୍ଧା ସ୍ୱର୍ଗ (ସୁଦ୍ଧା)ର ପ୍ରତିବନ୍ଧକ ହୁଏ ତେଣୁ ତାହା ପରିତ୍ୟାଗ କରିବ ।

**ଅଦଣ୍ଡ୍ୟାନ୍ ଦଣ୍ଡୟନ୍ ରାଜା ଦଣ୍ଡ୍ୟାଂଶ୍ଚୈବାପ୍ୟଦଣ୍ଡୟନ୍ ।**
**ଅଯଶୋ ମହଦାପ୍ନୋତି ନରକଞ୍ଚୈବ ଗଚ୍ଛତି ।୧୨୮।**

ଅଦଣ୍ଡ ବ୍ୟକ୍ତିମାନଙ୍କୁ ଦଣ୍ଡଦେଇ ଏବଂ ଦଣ୍ଡ ଯୋଗ୍ୟ ଲୋକମାନଙ୍କୁ ଛାଡ଼ିଦେଇ ରାଜା ମହତ୍ ଅପଯଶ ପାଏ ଏବଂ ନରକକୁ ଗମନ କରେ (ଦୁଃଖ ପାଏ) ।

**ବାଗ୍‌ଦଣ୍ଡଂ ପ୍ରଥମଂ କୁର୍ଯ୍ୟାଦ୍ଧିଗ୍‌ଦଣ୍ଡଂ ତଦନନ୍ତରମ୍ ।**
**ତୃତୀୟଂ ଧନଦଣ୍ଡନ୍ତୁ ବଧଦଣ୍ଡମତଃପରମ୍ ।୧୨୯।**

---

* - ଏ ଶ୍ଳୋକ ପ୍ରକ୍ଷିପ୍ତ ।

(ଅପରାଧିକୁ) ପ୍ରଥମେ ବାକ୍ୟଦଣ୍ଡ (ଅର୍ଥାତ୍ ଏ କାର୍ଯ୍ୟ ଭଲ ନୁହେଁ ଆଉ ଏପରି କରିବ ନାହିଁ କହିବା) ଦେବ, ତତ୍ପରେ ଧିକ୍ ଦଣ୍ଡ (ଭର୍ତ୍ସନା କରିବା) ଦେବ, (ଏଥିରେ ନ ମାନିଲେ) ତିନିଥରକୁ ଧନ ଦଣ୍ଡ (ଅର୍ଥ ଦଣ୍ଡ ବା ଜୋରିମାନା) କରିବ ଏବଂ ପରେ ଶାରିରୀକ (ଅଙ୍ଗଚ୍ଛେଦାଦି) ଦଣ୍ଡଦେବ ।

**ବଧେନାପି ଯେ ଦାତ୍ୱେତାନ୍ନିଗ୍ରହୀତୁ ନ ଶକ୍ନୁୟାତ୍ ।**
**ତଦୈଷ୍ଣୁ ସର୍ବମପ୍ୟେତତ୍ ପ୍ରୟୁଞ୍ଜୀତ ଚତୁଷ୍ଟୟମ୍ ।୧୩୦।**

ଶାରିରୀକ ଦଣ୍ଡରେ ସୁଦ୍ଧା ତାହାକୁ ଆୟତ୍ତ କରି ନ ପାରିଲେ ସେମାନଙ୍କଠାରେ ସର୍ବ ପ୍ରକାର ଚାରିଦଣ୍ଡ ପ୍ରୟୋଗ କରିବ ।

**ଲୋକସଂବ୍ୟବହାରାର୍ଥଂ ଯାଃ ସଂଜ୍ଞାଃ ପ୍ରଥିତା ଭୁବି ।**
**ତାମ୍ରରୂପ୍ୟସୁବର୍ଣ୍ଣାନାଂ ତାଃ ପ୍ରବକ୍ଷ୍ୟାମ୍ୟଶେଷତଃ ।୧୩୧।**

ତାମ୍ର, ରୌପ୍ୟ ଓ ସୁବର୍ଣ୍ଣ ସମ୍ବନ୍ଧୀୟ ଲୌକିକ ବ୍ୟବହାର ସକାଶେ ଯେଉଁ (ପଣାଦି) ସଂଜ୍ଞା ପୃଥିବୀରେ ପ୍ରସିଦ୍ଧ ଅଛି ତତ୍ସମୁଦାୟ କହୁଅଛୁ ।

**ଜାଲାନ୍ତରଗତେ ଭାନୌ ଯତ୍ସୂକ୍ଷ୍ମଂ ଦୃଶ୍ୟତେ ରଜଃ ।**
**ପ୍ରଥମଂ ତତ୍ପ୍ରମାଣାନାଂ ତ୍ରସରେଣୁଂ ପ୍ରଚକ୍ଷତେ ।୧୩୨।**

ଘରର ଗବାକ୍ଷ ଛିଦ୍ରବାଟେ ଆସୁଥିବା ସୂର୍ଯ୍ୟକିରଣରୁ ଯେଉଁ ସୂକ୍ଷ୍ମ ଧୂଳିକଣା ଦେଖାଯାଏ, ମାପର ପ୍ରଥମ ପ୍ରମାଣରେ ତାହାକୁ ତ୍ରସରେଣୁ ବୋଲଇ ।

**ତ୍ରସରେଣୁବୋଽଷ୍ଟୌ ବିଜ୍ଞେୟା ଲିକ୍ଷେକା ପରିମାଣତଃ ।**
**ତ ରାଜସର୍ଷପସ୍ତି ସସ୍ତେ ତ୍ରିୟୋ ଗୌରସର୍ଷପଃ ।୧୩୩।**

ଆଠ ତ୍ରସରେଣୁରେ ଏକଲିକ୍ଷା ତିନିଲିକ୍ଷା ପରିମାଣରେ ଏକ ରାଜସର୍ଷପ (ରାଇସୋରିଷ) ଏବଂ ତିନି ରାଇସୋରିଷରେ ଏକ ଗୌରସର୍ଷପ (ଧଳାସୋରିଷ) ହୁଏ ।

**ସର୍ଷପାଃ ଷଡ୍ୟବୋ ମଧ୍ୟସ୍ତ୍ରି ଯବନ୍ତ୍ୱେକକୃଷ୍ଣଲମ୍ ।**
**ପଞ୍ଚକୃଷ୍ଣଲକୋ ମାଷସ୍ତେ ସୁବର୍ଣ୍ଣସ୍ତୁ ଷୋଡ଼ଶ ।୧୩୪।**

ଛଅ ସୋରିଷରେ ଏକ ମଧ୍ୟମ (ସ୍ଥୂଳନୁହେଁ) ଯବ ହୁଏ, ତିନି ଯବରେ ଏକ କୃଷ୍ଣଳ, ପାଞ୍ଚକୃଷ୍ଣଳରେ ଏକ ମଷା ଏବଂ ଷୋଳମଷାରେ ଏକ ସୁବର୍ଣ୍ଣ ହୁଏ ।

**ଫଳଂ ସୁବର୍ଣ୍ଣଶ୍ଚତ୍ୱାରଃ ପଳାନି ଧରଣଂ ଦଶ ।**
**ହେ କୃଷ୍ଣଳେ ସମଧୃତେ ବିଜ୍ଞେୟୋ ରୌପ୍ୟମାଷକଃ ।୧୩୫।**

ଚାରିସୁବର୍ଣ୍ଣରେ ଏକ ପଳ, ଦଶପଳରେ ଏକ ଧରଣ ଏବଂ ଦୁଇ କୃଷ୍ଣଳ ସମାନରେ ଏକ ରୂପାର ମଷା ହୁଏ ।

**ତେ ଷୋଡ଼ଶ ସ୍ୟାଦ୍ଧରଣଂ ପୁରାଣଶ୍ଚୈବ ରାଜତମ୍ ।**
**କାର୍ଷାପଣସ୍ତୁ ବିଜ୍ଞେୟ ସ୍ତାମ୍ରିକଃ ବାର୍ଷିକଃ ପଣଃ ।୧୩୬।**

ସେହି ଷୋଡ଼ଶମାଷକରେ ଏକ ରୌପ୍ୟଧାରଣ ବା ରଜତପୁରାଣ ହୁଏ ମାତ୍ର ଏକକାର୍ଷା ବା ଅଶୀରତି ପରିମିତ ତମ୍ବାକୁ ଏକପଣ (ପଇସା) ବା ତାମ୍ରିକ କାର୍ଷାପଣ ବୋଲି ଜାଣ ।

**ଧରଣାନି ଦଶଜ୍ଞେୟଃ ଶତମାନସ୍ତୁ ରାଜତଃ ।**
**ଚତୁଃ ସୌବର୍ଣ୍ଣିକୋ ନିଷ୍କୋ ବିଜ୍ଞେୟସ୍ତୁ ପ୍ରମାଣତଃ ।୧୩୭।**

ଦଶ ଧରଣରେ ଏକ ରୌପ୍ୟଶତମାନ ଜାଣ ଏବଂ ପରିମାଣରେ ଚାରିସୁବର୍ଣ୍ଣରେ ଏକନିଷ୍କ ଜାଣିବ ।

**ପଣାନଂ ଦ୍ୱେ ଶତେ ସାର୍ଦ୍ଧେ ପ୍ରଥମଃ ସାହସଃ ସ୍ମୃତାଃ ।**
**ମଧ୍ୟମଃ ପଞ୍ଚବିଜ୍ଞେୟଃ ସହସ୍ରଂ ତ୍ୱେବ ଚୋତ୍ତମଃ ।୧୩୮।**

ଅଢ଼ାଇଶତ ପଣକୁ ପ୍ରଥମ ସାହସ, ପଞ୍ଚଶତ ପଣରେ ମଧ୍ୟମ ସାହସ ଏବଂ ସହସ୍ରପଣରେ ଉତ୍ତମ ସାହସ ହୁଏ ।

**ଋଣେ ଦେୟେ ପ୍ରତିଜ୍ଞାତେ ପଞ୍ଚକଂ ଶତମର୍ହତି ।**
**ଅପହ୍ନବେ ତଦ୍ୱିଗୁଣଂ ତନ୍ମନୋରନୁଶାସନମ୍ ।୧୩୯।**

ଖାତକ ଋଣ ଦେୟ ବୋଲି ସ୍ୱୀକାର କଲେ ମହାଜନକୁ ଶତକଡ଼ା ପାଞ୍ଚ ଦଣ୍ଡ ଦେବ ମାତ୍ର ଋଣ ଅସ୍ୱୀକୃତ ହେଲେ ଶତକଡ଼ା ଦଶ ଅର୍ଥଦଣ୍ଡ ଦେବା ମନୁଙ୍କର ଆଜ୍ଞା ଅଟେ ।

**ବଶିଷ୍ଠବିହିତାଂ ବୃଦ୍ଧିଂ ସୃଜେଦ୍ ବିତ୍ତବିବର୍ଦ୍ଧିନୀମ୍ ।**
**ଅଶିତଭାଗଂ ଗୃହ୍ଣୀୟାନ୍ମାସାଦ୍ ବାର୍ଦ୍ଧୁଷିକଃଶତେ ।୧୪୦।***

ମହାଜନ ଋଣଦେଲେ ବଶିଷ୍ଠୋକ୍ତ ବିତ୍ତବିବର୍ଦ୍ଧନୀ ବୃଦ୍ଧି ଅନୁସାରେ (ସୁଧ) ମାସକୁ ଶଏ ଟଙ୍କାରେ ଅଶୀଭାଗର ଭାଗେ ନେବ ।

**ଦ୍ୱିକଂ ଶତଂ ବା ଗୃହ୍ଣୀୟାତ୍ସତାଂ ଧର୍ମମନୁସ୍ମରନ୍ ।**
**ଦ୍ୱିକଂ ଶତଂ ହି ଗୃହ୍ଣାନୋ ନ ଭବତ୍ୟର୍ଥକିଲ୍ବିଷୀ ।୧୪୧।**

ସଜ୍ଜନମାନଙ୍କର ଧର୍ମ ସ୍ମରଣ କରି ଶତକଡ଼ା ଦୁଇଟଙ୍କା (ସୁଧ) ଗ୍ରହଣ କରିବ, ଦୁଇଟଙ୍କା ଶତକଡ଼ା ନେଲେ ସେ ଧନରେ ପାପ ହୁଏ ନାହିଁ ।

**ଦ୍ୱିକଂତ୍ରିକଂ ଚତୁଷ୍କଞ୍ଚ ପଞ୍ଚକଞ୍ଚ ଶତଂ ସମମ୍ ।**
**ମାସସ୍ୟ ବୃଦ୍ଧିଂ ଗୃହ୍ଣୀୟାଦ୍ ବର୍ଣ୍ଣାନାମନୁପୂର୍ବଶଃ ।୧୪୨।**

ବ୍ରାହ୍ମଣାଦିବର୍ଣ୍ଣାନୁକ୍ରମରେ ମାସକୁ ଦୁଇ, ତିନି, ଚାରି ଓ ପାଞ୍ଚ ଟଙ୍କା ଶତକଡ଼ା ସୁଧ ନେବ ।

**ନ ତ୍ୱେବାଧୌ ସୋପକାରେ କୌସୀଦୀଂ ବୃଦ୍ଧିମାପ୍ନୁୟାତ୍ ।**
**ନ ଚାଧେଃ କାଳସଂରୋଧାନ୍ନିସର୍ଗୋଽସ୍ତି ନ ବିକ୍ରୟଃ ।୧୪୩।**

ଭୂମି ଗୋ ଦାସାଦି ଭୋଗ୍ୟପଦାର୍ଥ ବନ୍ଧକ ରଖି ଋଣନେଲେ ପୂର୍ବୋକ୍ତ ସୁଧ ନେବ ନାହିଁ ଏବଂ ବନ୍ଧାପଦାର୍ଥ ବହୁକାଳ ପଡ଼ି ରହିଲେ ସୁଦ୍ଧା ଅନ୍ୟତ୍ର ବନ୍ଧା ବା ବିକିଦେବାର ମହାଜନର ଅଧିକାର ନାହିଁ ।

**ନ ଭୋକ୍ତବ୍ୟୋ ବଳାଦାଭୁଞ୍ଜାନୋ ବୃଦ୍ଧିଂଶିସୃଜେତ୍ ।**
**ମୂଲ୍ୟେନ ତୋଷୟେଚ୍ଚୈନମାଧି ସ୍ତେନୋଽନ୍ୟଥା ଭବେତ୍ ।୧୪୪।**

ବନ୍ଧକ ଦ୍ରବ୍ୟ ବଳପୂର୍ବକ ଭୋଗ କରିବ ନାହିଁ, ଭୋଗ କଲେ ସୁଧଛାଡ଼ିଦେବ ଅଥବା ବନ୍ଧକଦାତାକୁ ମୂଲ୍ୟ ଦେଇ ସନ୍ତୁଷ୍ଟ କରିବ- ଅନ୍ୟଥା ବନ୍ଧକଚୋର ହେବ ।

**ଅଧିଶ୍ଚୋପନିଧିଶ୍ଚୋଭୌ ନ କାଳାତ୍ୟୟମର୍ହତଃ ।**
**ଅବହାର୍ଯ୍ୟୌ ଭବେତାଂ ତୌ ଦୀର୍ଘ କାଳମବସ୍ଥିତୌ ।୧୪୫।**

ଆଧି (ବନ୍ଧକ) ଓ ଉପନିଧି (ଅମାନତ ବା ଗଚ୍ଛିତ) ଏ ଦୁଇର ସ୍ୱତ୍ୱ କାଳାତୀତ ଯୋଗେ ନଷ୍ଟ ହୁଏ ନାହିଁ । ଅଧିକଦିନ ରହିଲେ ସୁଦ୍ଧା ଯେତେବେଳେ ସ୍ୱାମୀ ଚାହିଁବ ତେତେବେଳେ ନେଇ ପାରିବ ।

---

* - ୧୩୯ ଓ ୧୪୦ ଶ୍ଳୋକ ପ୍ରକ୍ଷିପ୍ତ ।

**ସମ୍ପ୍ରୀତ୍ୟା ଭୁଜ୍ୟମାନାନି ନ ନଶ୍ୟନ୍ତି କଦାଚନ ।**
**ଧେନୁ ରୁଷ୍ଟ୍ରୋ ବହନ୍ନଶ୍ୱୋ ଯଶ୍ଚ ଦମ୍ୟଃ ପ୍ରଯୁଜ୍ୟତେ ।୧୪୬।**

ଧେନୁ, ଉଷ୍ଟ୍ର, ରଢ଼ିବା ଘୋଡ଼ା ବା ମଣ କରିବା ସକାଶେ ଦିଆଯାଇଥିବା ବଳଦ ପ୍ରଭୃତି ଏବଂ ଅପରାପର ଦ୍ରବ୍ୟ ଯାହା ପ୍ରୀତିପୂର୍ବକ ଭୋଗକରିବାକୁ ଦିଆଯାଇଥାଏ କେବେ ନଷ୍ଟ (ତମାଦି) ହୁଏ ନାହିଁ ।

**ଯତ୍କିଞ୍ଚିଦ୍ଦଶବର୍ଷାଣି ସନ୍ନିଧୌ ପ୍ରେକ୍ଷତେ ଧନୀ ।**
**ଭୁଜ୍ୟମାନଂ ପରୈସ୍ତୁଷ୍ଣୀଂ ନ ସ ତଲ୍ଲବ୍ଧୁମର୍ହତି ।୧୪୭।**

ଯେବେ ସ୍ୱାମୀ ଆପଣା ପଦାର୍ଥ ଅନ୍ୟ କର୍ତ୍ତୃକ ଦଶବର୍ଷ ପର୍ଯ୍ୟନ୍ତ ଉପଯୁକ୍ତ ହେଉଥିବା ଦେଖି ସୁଦ୍ଧା ତୁନି ହୋଇ ରହିଥାଏ ତେବେ ସେ ବସ୍ତୁ ସେ ପାଇବାର ଯୋଗ୍ୟ ନୁହେଁ ।

**ଅଜଡ଼ଶ୍ଚେଦପୋଗଣ୍ଡୋ ବିଷୟେ ଚାସ୍ୟ ଭୁଜ୍ୟତେ ।**
**ଭଗ୍ନଂ ତଦ୍ ବ୍ୟବହାରେଣ ଭୋକ୍ତା ତଦ୍ଦ୍ରବ୍ୟପର୍ହତି ।୧୪୮।**

ଯେବେ ବସ୍ତୁସ୍ୱାମୀ ପାଗଳ କିମ୍ୱା ପିଲା ନ ହୁଏ ଏବଂ ତାହା ସମକ୍ଷରେ ଅପର ଭୋଗ କରେ ତେବେ ବ୍ୟବହାରମତେ ବସ୍ତୁସ୍ୱାମୀର ଅଧିକାର ତହିଁରୁ ଭାଜିଯାଏ ଏବଂ ଭୋକ୍ତା ତାହା ପାଇବାର ଯୋଗ୍ୟ ।

**ଆଧିଃ ସୀମା ବାଲଧନଂ ନିକ୍ଷେପୋପନିଧିସ୍ତ୍ରିୟଃ ।**
**ରାଜସ୍ୱଂ ଶ୍ରୋତ୍ରିୟସଂ ଚ ନ ଭୋଗେନ ପ୍ରଣଶ୍ୟତି ।୧୪୯।**

ବନ୍ଧକ, କ୍ଷେତ୍ରାଦିର ସୀମା, ବାଳକର ଧନ, ଗଚ୍ଛିତ ଧନ, ପ୍ରୀତ୍ୟର୍ଥୀ ଭୋଗ କରିବାକୁ ଦିଆଯାଇଥିବା ପଦାର୍ଥ, ସ୍ତ୍ରୀ ଲୋକ (ଦାସୀ) ଖଜଣା ବା ଶ୍ରୋତ୍ରିୟର ଧନ ଏସବୁ ଭୋଗ ଦ୍ୱାରା ନଷ୍ଟ ହୁଏ ନାହିଁ ।

**ଯଃ ସ୍ୱାମିନାନାନୁଜ୍ଞାତମାଧିଂ ଭୁଙ୍କ୍ତେଽବିଚକ୍ଷଣଃ ।**
**ତେନାର୍ଦ୍ଧବୁଦ୍ଧିର୍ମୋକ୍ତବ୍ୟା ତସ୍ୟ ଭୋଗସ୍ୟ ନିଷ୍କୃତିଃ ।୧୫୦।***

ଯେଉଁ ଅବିଚକ୍ଷଣ ବ୍ୟକ୍ତି ସ୍ୱାମିର ଅନୁମତି ବ୍ୟତୀତ ବନ୍ଧକଦ୍ରବ୍ୟ ଭୋଗ କରେ ସେ ହେତୁ ତାହାକୁ ସୁଧର ଅର୍ଦ୍ଧେକ କ୍ଷତିପୂରଣ ସକାଶେ ଛାଡ଼ିଦେବାକୁ ହେବ ।

**କୁସୀଦବୃଦ୍ଧିର୍ଦ୍ଵୈଗୁଣ୍ୟଂ ନାତ୍ୟେତି ସକୃଦାହୃତା ।**
**ଧାନ୍ୟେ ସଦେ ଲବେ ବାହ୍ୟେ ନାତି କ୍ରାମତି ପଞ୍ଚତାମ୍ ।୧୫୧।**

ଏକାବେଳକେ ମୂଳଧନ ଓ ସୁଧ ଆଦାୟ କଲେ ଧନବୃଦ୍ଧି ଦ୍ୱିଗୁଣରୁ ଅଧିକ ହେବ ନାହିଁ ଏବଂ ଧାନ, ଗଛର ଫଳ, ଉର୍ଣ୍ଣାଦି ଲୋମ ଓ ବଳଦାଦି ବାହନରେ ସୁଧ ଅସଲ ପାଞ୍ଚଗୁଣରୁ ଅଧିକ ହେବ ନାହିଁ ।

**କୃତାନୁସାରାଦଧିକା ବ୍ୟତିରିକ୍ତା ନ ସିଦ୍ଧ୍ୟତି ।**
**କୁସୀଦପଥମାହୁସ୍ତଂ ପଞ୍ଚକଂ ଶତମର୍ହତି ।୧୫୨।**

ରହି ରହି ଏଥିର ବିପରୀତ ଅଧିକ ସୁଧ ଶାସ୍ତ୍ରାନୁସାରେ ନେବା ସିଦ୍ଧ ନୁହେ, ଅଧିକ ହେଲେ ଶତକଡ଼ା ପାଞ୍ଚଟଙ୍କା ସୁଧ ନେବା କୁସୀଦମାର୍ଗ ବୋଲାଯାଏ ।

---

* – କୌଣସି ୨ ପାଠରେ 'ମୋକ୍ତବ୍ୟା' ସ୍ଥାନରେ 'ଭୋକ୍ତବ୍ୟା' ଅଛି ।

**ନାତିସାଂ ବତ୍ସରୀଂ ବୃଦ୍ଧିଂ ନ ଚାଦୃଷ୍ଟାଂ ପୁନର୍ହରେତ୍ ।**
**ଚକ୍ରବୃଦ୍ଧିଃ କାଳବୃଦ୍ଧିଃ କାରିତା କାୟିକା ଚ ଯା ।୧୫୩।**

ମାସେ ଦୁଇମାସକରି ବର୍ଷକ ପର୍ଯ୍ୟନ୍ତ ସୁଧ ଆଦାୟ କରିବ । ଏକବର୍ଷ ଅତିକ୍ରମ କରି ସୁଧ ଆଦାୟ କରିବ ନାହିଁ କିମ୍ବା ଶାସ୍ତ୍ରବହିର୍ଭୂତ ସୁଧ ନେବ ନାହିଁ, ଚକ୍ରବୃଦ୍ଧି ବା କାଳବୃଦ୍ଧି ରୂପରେ କିମ୍ବା କାୟିକ ପରିଶ୍ରମ କରାଇ ସୁଧ ଉପରେ ସୁଧ ନେବ ନାହିଁ ।

**ଋଣଂ ଦାତୁମଶକ୍ତୋ ଯଃ କର୍ତ୍ତୁମଚ୍ଛେତ୍ ପୁନଃକ୍ରିୟାମ୍ ।**
**ସ ଦତ୍ତ୍ୱା ନିର୍ଜିତାଂ ବୃଦ୍ଧି କରଣଂ ପରିବର୍ତ୍ତୟେତ୍ ।୧୫୪।**

ଯେ ଋଣ ଆଦାୟ ଦେବାକୁ ଅସମର୍ଥ ହେବ ଏବଂ ହିସାବ କରିବାକୁ ଚାହିଁବ ସେ ସୁଧ ଚଢ଼ାଇ କରଣ (ଋଣପତ୍ର) ବଦଳାଇ ଦେବ ।

**ଅଦର୍ଶୟିତ୍ୱା ତତ୍ରୈବ ହିରଣ୍ୟଂ ପରିବର୍ତ୍ତୟେତ୍ ।**
**ଯାବତୀ ସମ୍ଭବେଦ୍‌ବୃଦ୍ଧିସ୍ତାବତୀଂ ଦାତୁମର୍ହତି ।୧୫୫।**

ଯଦି ସୁଧ ଆଦାୟ ଦେଇ ନ ପାରିବ ତେବେ ମୂଳଧନରେ ସୁଧକୁ ମିଶାଇ ଦେବ ଓ ତହିଁ ଉପରେ ଯେ ସୁଧ ହେବ ତାହା ସେ ଦେବାକୁ ବାଧ୍ୟ ।

**ଚକ୍ରବୃଦ୍ଧିଂ ସମାରୂଢ଼ୋ ଦେଶକାଳବ୍ୟବସ୍ଥିତଂ ।**
**ଅତିକ୍ରମାନ୍ ଦେଶକାଳୌ ତତ୍ଫଳମବାପ୍ନୁୟାତ୍ ।୧୫୬।**

ଚକ୍ରବୃଦ୍ଧି ଆଶ୍ରୟକାରୀ ମହାଜନ ଦେଶକାଳର ବ୍ୟବସ୍ଥାଧୀନ ରହିବ- ଦେଶକାଳକୁ ଅତିକ୍ରମ କରି ଫଳଭୋଗୀ ହୋଇପାରିବ ନାହିଁ ।

**ସମୁଦ୍ରଯାନକୁଶଳା ଦେଶକାଳାର୍ଥଦର୍ଶିନଃ ।**
**ସ୍ଥାପୟନ୍ତି ତୁ ଯାଂ ବୃଦ୍ଧ ସା ତତ୍ରାଧିଗମଂ ପ୍ରତି ।୧୫୭।**

ସମୁଦ୍ର ଓ ସ୍ଥଳପଥ ଯାନରେ କୁଶଳ ଓ ଦେଶକାଳାର୍ଥଦର୍ଶୀ (ଏତେଦୂର ଏତେ ଦିନରେ ଏ କାର୍ଯ୍ୟରେ ଏତେ ଲାଭ ହେବ ଜାଣିବା) ବ୍ୟକ୍ତିମାନେ ଯେଉଁ ବୃଦ୍ଧି ସ୍ଥାପନ କରନ୍ତି ତାହାହିଁ ପ୍ରମାଣ ଅଟେ ।

**ଯୋ ଯସ୍ୟ ପ୍ରତିଭୂସ୍ତିଷ୍ଠେଦ୍ଦର୍ଶନାୟେହ ମାନବଃ ।**
**ଅଦର୍ଶୟନ୍ ସ ତଂ ସତ୍ୟ ପ୍ରଯଚ୍ଛେତ୍ ସ୍ୱଧନାଦୃଣମ୍ ।୧୫୮।**

ଯେଉଁବ୍ୟକ୍ତି ଯାହାକୁ ଏଠାରେ ଉପସ୍ଥିତ କରାଇବାରେ ଜାମିନ୍‌ଥାଏ ସେ ତାହାକୁ ଉପସ୍ଥିତ କରାଇ ନ ପାରିଲେ ଆପଣା ଧନର ଋଣ ଆଦାୟ ଦେବ ।

**ପ୍ରତିଭାବ୍ୟଂ ବୃଥାଦାନମାକ୍ଷ କଂ ସୌରିକଂ ଚ ଯତ୍ ।**
**ଦଣ୍ଡଶୁଲ୍କାବଶେଷଂ ଚ ନ ପୁତ୍ରୋ ଦାତୁମର୍ହତି ।୧୫୯।**

ଜାମିନ ଟଙ୍କା, ବୃଥାଦାନ, ଜୁଆଖେଳଟଙ୍କା, ସୁରାପାନ ଟଙ୍କା କିମ୍ବା ଦଣ୍ଡ ବା ଶୁଳ୍କର ଅବଶେଷ ଦେୟ (ପିତା ମରିଗଲେ) ପୁତ୍ର ଦେବାକୁ ବାଧ୍ୟ ନୁହେଁ ।

**ଦର୍ଶନପ୍ରାତିଭାବ୍ୟେ ତୁ ବିଧିଃ ସ୍ୟାତ୍ ପୂର୍ବଚୋଦିତଃ ।**
**ଦାନପ୍ରତିଭୁ ବି ପ୍ରେତେ ଦାୟାଦାନପି ଦାପୟେତ୍ ।୧୬୦।**

ଉପସ୍ଥିତ କରାଇବାରେ ଜାମିନ ଟଙ୍କାର ଏହି ପୂର୍ବୋକ୍ତ ବିଧି ଅଟେ, ମାତ୍ର ଟଙ୍କା ଆଦାୟ ହେବା ସକାଶେ ଜାମିନ ହୋଇଥିଲେ (ପୁତ୍ରାଦି) ଉତ୍ତରାଧିକାରୀମାନେ ଆଦାୟ ଦେବାକୁ ବାଧ୍ୟ ।

**ଅଦାତରି ପୁନର୍ଦାତା ବିଜ୍ଞାତପ୍ରକୃତାବୃଣମ୍ ।**
**ପଶ୍ଚାତ୍‌ପ୍ରତିଭୁବି ପ୍ରେତେ ପରିପ୍ସେତେ କେନ ହେତୁନା ।୧୬୧।**

ଦର୍ଶନପ୍ରତିଭୂ ବା ପ୍ରତ୍ୟୟପ୍ରତିଭୂ ଯେ ଋଣ ଦେବାକୁ ପ୍ରତିଜ୍ଞାକରି ନଥିବା ଜଣାଯାଏ ସେ ମରିଗଲେ ଉତ୍ତରାଧିକାରୀ ଆଦାୟ ଦେବାର କୌଣସି କାରଣ ନାହିଁ ।

**ନିରାଦିଷ୍ଟଧନଶ୍ଚେତ୍ତୁ ପ୍ରତିଭୂଃ ସ୍ୟାଦଲଂଧନଃ ।୧୬୨।**

ଯେବେ ଟଙ୍କା ଆଦାୟ ଦେବାର ଜାମିନ ହୋଇ ଅଧମର୍ଣ୍ଣ ନିକଟରୁ ଆଦାୟ କରିଥାଏ ତେବେ ଅଧମର୍ଣ୍ଣ ନ କହିଲେ ସୁଦ୍ଧା ସେ ଟଙ୍କା ତାହା ଧନରୁ ଆଦାୟ ହେବା ବିଧି ।

**ମତ୍ତୋନ୍ମତ୍ତାର୍ତ୍ତାଧ୍ୟଧୀନୈର୍ବାଲେନ ସ୍ଥବିରେଣ ବା ।**
**ଅସମ୍ବଦ୍ଧକୃତଶ୍ଚୈବ ବ୍ୟବହାରେ ନ ସିଧ୍ୟତି ।୧୬୩।**

ମତ୍ତ, ଉନ୍ମତ୍ତ, ଆର୍ତ୍ତ, ଅତ୍ୟନ୍ତ ଅଧୀନ ପିଲା, ବୁଢ଼ା ଅଥବା ପୂର୍ବାପର ବିରୁଦ୍ଧ ବ୍ୟବହାର (ଋଣଦାନାଦି) ସିଦ୍ଧ ନୁହେଁ ।

**ସତ୍ୟା ନ ଭାଷା ଭବତି ଯଦ୍ୟପି ସ୍ୟାତ୍ ପ୍ରତିଷ୍ଠାତା ।**
**ବହିଶ୍ଚେଦ୍ଭାଷ୍ୟତେ ଧର୍ମାନ୍ନିୟତାଦ୍ ବ୍ୟାବହାରିକାତ୍ ।୧୬୪।**

ମୁଁ ଏହା କରିବି ଏକଥା ବାହାରେ ଲେଖାଦ୍ୱାରା ସ୍ଥିର କଲେ ସୁଦ୍ଧା ତାହା ଶାସ୍ତ୍ରବିରୁଦ୍ଧ ହେଲେ ସତ୍ୟ ବୋଲି ଗଣ୍ୟ ହେବ ।

**ଯୋଗାଧନବିକ୍ରୀତଂ ଯୋଗଦାନପ୍ରତିଗ୍ରାହମ୍ ।**
**ଯତ୍ର ବାପ୍ୟୁପଧିଂ ପଶ୍ୟେତ୍ତତ୍ସର୍ବଂ ବିନିବର୍ତ୍ତୟେତ୍ ।୧୬୫।**

ଜାଲକୃତ ବନ୍ଧକ, ବିକ୍ରୟ, ଦାନ ପ୍ରତିଗ୍ରହ ବା ଅମାନତ ଦେଖାଗଲେ ସେଠାରେ ବିଚାରପତି ସେ ସବୁ ନିବାରଣ କରିବେ ।

**ଗ୍ରହୀତା ଯଦି ନଷ୍ଟଃ ସ୍ୟାତ୍କୁଟୁମ୍ବାର୍ଥେ କୃତୋ ବ୍ୟୟଃ ।**
**ଦାତବ୍ୟଂ ବାନ୍ଧବୈସ୍ତତ୍ସ୍ୟାତ ପ୍ରବିଭକ୍ତୈରପି ସ୍ୱତଃ ।୧୬୬।**

ଯେତେ ଘାତକ କୁଟୁମ୍ବ ପୋଷଣାର୍ଥେ ଋଣକରି ମରିଯିବ ତେବେ ଅବିଭକ୍ତ ବା ବିଭକ୍ତ ପରିବାରର ସମସ୍ତ ବାନ୍ଧବମାନେ ଆପଣା ଧନରୁ ଆଦାୟ ଦେବେ ।

**କୁଟୁମ୍ବାର୍ଥେଽଧ୍ୟଧୀନୋଽପି ବ୍ୟବହାରଂ ସମାଚରେତ୍ ।**
**ସ୍ୱଦେଶ ବା ବିଦେଶେ ବା ତଂ ଜ୍ୟାୟାନ୍ନ ବିଚାଳୟେତ୍ ।୧୬୭।**

ଯଦି କୌଣସି (ପୁତ୍ରାଦି) ଅଧୀନ ବ୍ୟକ୍ତି କୁଟୁମ୍ବ ପୋଷଣ ସକାଶେ ସ୍ୱଦେଶ ବା ବିଦେଶରେ ବ୍ୟବହାର କରେ ତେବେ ଘରର କର୍ତ୍ତା ତାହାକୁ ବିଚଳିତକରିବେ ନାହିଁ (ସ୍ୱୀକାର କରିବେ) ।

**ବଳାଦତ୍ତଂ ବଳାଦ୍ଭୁକ୍ତଂ ବଳାଦ୍ୟଚ୍ଚାପି ଲେଖିତମ୍ ।**
**ସର୍ବାନ୍ ବଳାକୃତାନର୍ଥାନକୃତାନ୍ମନୁରବ୍ରବୀତ୍ ।୧୬୮। ✲**

ବଳପୂର୍ବକ ଯାହା ଦତ୍ତ, ଭୁକ୍ତ ବା ଲେଖା ହୋଇଥିବ ଏବଂ ସକଳ ପ୍ରକାର ବଳପ୍ରୟୋଗପୂର୍ବକ କାର୍ଯ୍ୟ ଅକାର୍ଯ୍ୟ ବୋଲି ମନୁ କହିଅଛନ୍ତି ।

**ତ୍ରୟଃ ପରାର୍ଥେ କ୍ଲିଶ୍ୟନ୍ତି ସାକ୍ଷିଣଃ ପ୍ରତିଭୂଃ କୁଳମ୍ ।**
**ଚତ୍ୱାରସ୍ତୁ ପଚୀୟନ୍ତେ ବିପ୍ର ଆଢ୍ୟୋ ବଣିଙ୍ ନୃପଃ ।୧୬୯।**

---

✲ - ଏ ଶ୍ଳୋକ ପ୍ରକ୍ଷିପ୍ତ

ସାକ୍ଷୀ, ପ୍ରତିଭୂ ଓ କୁଳ (ଧର୍ମାର୍ଥି ବ୍ୟବହାରଦ୍ରଷ୍ଟା ବା ମଧ୍ୟସ୍ଥ) ଏ ତିନି ପରସକାଶେ କଷ୍ଟ ପାନ୍ତି; ଆଉ ବ୍ରାହ୍ମଣ, ଧନୀ, ବଣିକ ଓ ରାଜା ଏ ଚାରି ପରଠାରୁ (ନେଇ)ବଢ଼ନ୍ତି ।

**ଅନାଦେୟଂ ନାଦଦୀତ ପରିକ୍ଷୀଣୋଽପିପାର୍ଥିବଃ ।**
**ନ ଚାଦେୟଂ ସମୃଦ୍ଧୋଽପି ସୂକ୍ଷ୍ମମପ୍ୟର୍ଥମୁତ୍ସୃଜେତ୍ ।୧୭୦।**

କ୍ଷୀଣଧନ ହେଲେ ସୁଦ୍ଧା ନେବାର ଅଯୋଗ୍ୟ ଧନ ନେବନାହିଁ ଏବଂ ସମୃଦ୍ଧଶାଳୀ ହେଲେ ସୁଦ୍ଧା ଉଚିତ ପ୍ରାପ୍ୟ ଧନ ଅଳ୍ପ ହେଲେ ହେଁ ଛାଡ଼ିବ ନାହିଁ ।

**ଅନାଦେୟସ୍ୟ ଚାଦାନାଦାଦେୟସ୍ୟ ଚ ବର୍ଜ୍ଜନାତ୍ ।**
**ଦୌର୍ବଲ୍ୟଂ ଖ୍ୟାପ୍ୟତେ ରାଜ୍ଞଃ ସ ପ୍ରେତ୍ୟେହ ଚ ନଶ୍ୟତି ।୧୭୧।**

ଅଗ୍ରାହ୍ୟର ଗ୍ରହଣ ଏବଂ ଗ୍ରାହ୍ୟତ୍ୟାଗରୁ ରାଜାର ଦୁର୍ବଳତା ପ୍ରସିଦ୍ଧ ହୁଏ ଏବଂ ସେ ଇହଲୋକ ଓ ପରଲୋକରୁ ନଷ୍ଟ ହୁଏ ।

**ସ୍ୱାଦାନାଦ୍‌ବର୍ଣ୍ଣସଂସର୍ଗାତ୍ତ୍ୱବଲାନାଞ୍ଚ ରକ୍ଷଣାତ୍ ।**
**ବଳଂ ସଞ୍ଜାୟତେ ରାଜ୍ଞଃ ସ ପ୍ରେତ୍ୟେହ ଚ ବର୍ଦ୍ଧତେ ।୧୭୨।**

(ନ୍ୟାୟୋଚିତ) ଧନର ଗ୍ରହଣ, ବର୍ଣ୍ଣମାନଙ୍କର ନିୟମରେ ସଂରକ୍ଷଣ ଓ ଦୁର୍ବଳର ରକ୍ଷାଦ୍ୱାରା ରାଜାର ବଳହୁଏ ଓ (ରାଜା) ଇହଲୋକ ଓ ପରଲୋକରେ ଉନ୍ନତି ଲାଭ କରେ ।

**ତସ୍ମାଦ୍ ଯମଇବ ସ୍ୱାମୀ ସ୍ୱୟଂ ହିତ୍ୱା ପ୍ରିୟାପ୍ରିୟେ ।**
**ବର୍ତ୍ତେତ ଯାମ୍ୟୟା ବୃତ୍ତ୍ୟା ଜିତକ୍ରୋଧୋ ଜିତେନ୍ଦ୍ରିୟଃ ।୧୭୩।**

ସେହି ହେତୁରୁ ଯମ ସମାନ ରାଜା ଆପଣଙ୍କ ହିତାହିତ ଛାଡ଼ି ଜିତକ୍ରୋଧ ଓ ଜିତେନ୍ଦ୍ରିୟ ହୋଇ ଯମରାଜ (ନ୍ୟାୟାଧୀଶ ଈଶ୍ୱର) ସମାନ ସମସ୍ତଙ୍କଠାରେ ସମବୃତ୍ତି ଅବଲମ୍ବନ କରିବ ।

**ଯସ୍ତ୍ୱଧର୍ମେଣ କାର୍ଯ୍ୟାଣି ମୋହାତ୍କୁର୍ଯ୍ୟାନ୍ନରାଧିପଃ ।**
**ଅଚିରାତ୍ତଂ ଦୁରାତ୍ମାନଂ ବଶେ କୁର୍ବନ୍ତି ଶତ୍ରବଃ ।୧୭୪।**

ଯେଉଁ ରାଜା ଅଜ୍ଞାନବଶରୁ ଅଧର୍ମରେ ବ୍ୟବହାରିକ କାର୍ଯ୍ୟକରେ ସେହି ଦୁରାତ୍ମାକୁ ଶୀଘ୍ର ବଶ କରି ପକାଏ ।

**କାମକ୍ରୋଧୌ ତୁ ସଂଯମ୍ୟ ଯୋଽର୍ଥାନ୍ ଧର୍ମେଣ ପଶ୍ୟତି ।**
**ପ୍ରଜାସ୍ତମନୁବର୍ତ୍ତନ୍ତେ ସମୁଦ୍ରମିବ ସିନ୍ଧବଃ ।୧୭୫।**

ଯେଉଁ ରାଜା କାମ କ୍ରୋଧ ସଂଯମ କରି ଧର୍ମାନୁସାରେ ବ୍ୟବହାର କାର୍ଯ୍ୟଦେଖେ ନଦୀମାନେ ସମୁଦ୍ରର ଅନୁଗାମୀ ହେଲାପରି ପ୍ରଜାମାନେ ତାହାର ଅନୁବର୍ତ୍ତୀ ହୁଅନ୍ତି ।

**ଯଃ ସାଧୟନ୍ତଂ ଛନ୍ଦେନଂ ବେଦୟେଦ୍ଧନିକଂ ନୃପେ ।**
**ସ ରାଜ୍ଞା ତଚ୍ଚତୁର୍ଭାଗଂ ଦାପ୍ୟସ୍ତସ୍ୟ ଚ ତଦ୍ଧନମ୍ ।୧୭୬।**

ଯେଉଁ ଖାତକ ମିଥ୍ୟାରେ ରାଜା ସମୀପରେ ଏପରି ଆବେଦନ କରେ ଯେ ମହାଜନ ତାହାଠାରୁ ଋଣ ଆଦାୟ କରି ନେଇଛି ତେବେ ରାଜା ଖାତକଠାରୁ ଋଣ ଟଙ୍କା ଓ ତାହାର ଚତୁର୍ଥଭାଗ ଦଣ୍ଡ ସ୍ୱରୂପ କରି ଦେବ ।

**କର୍ମଣାପି ସମଂ କୁର୍ଯ୍ୟାଦ୍ଧନିକାୟାଧମର୍ଣ୍ଣିକଃ ।**
**ସମୋଽବକୃଷ୍ଟଜାତିସ୍ତୁ ଦଦ୍ୟାଚ୍ଛ୍ରେୟାଂସ୍ତୁ ତଚ୍ଛନୈଃ ।୧୭୭।**

ମହାଜନର ଋଣ ଟଙ୍କା ଆଦାୟ ଦେବାକୁ ଅସମର୍ଥ ହେଲେ ଖାତକ (ମହାଜନର) ସମାନ ଜାତି ବା ନିକୃଷ୍ଟ ଜାତି ହୋଇଥିଲେ ସ୍ୱଜାତ୍ୟନୁରୂପ କାର୍ଯ୍ୟ କରିବା ଦ୍ୱାରା ଦେଇଦେବ, ମାତ୍ର ଉତ୍କୃଷ୍ଟ ଜାତି ହୋଇଥିଲେ ଧୀରେ ଧୀରେ ଟଙ୍କା ଦେବ ।

**ଅନେକ ବିଧିନା ରାଜା ମିଥୋ ବିବଦତାଂ ନୃଣାମ୍ ।**
**ସାକ୍ଷିପ୍ରତ୍ୟୟସିଦ୍ଧାନି କାର୍ଯ୍ୟାଣି ସମତାଂ ନୟେତ୍ ।୧୭୮।**

ରାଜା ଏହି ବିଧିରେ ପରସ୍ପର ବିବଦମାନ ଲୋକମାନଙ୍କର ସାକ୍ଷୀ ଓ ଦଲିଲାଦି ଦ୍ୱାରା ସିଦ୍ଧାନ୍ତ ସମଭାବେ ନ୍ୟାୟ କରିବ ।

**କୁଳଜେ ବୃତ୍ତିସମ୍ପନ୍ନେ ଧର୍ମଜ୍ଞେ ସତ୍ୟବାଦିନି ।**
**ମହାପକ୍ଷେ ଧନିନ୍ୟାର୍ଯ୍ୟେ ନିକ୍ଷେପଂ ନିକ୍ଷପଦ୍‌ବୁଧଃ ।୧୭୯।**

ସଦ୍‌ବଂଶଜାତ, ସଦାଚାରୀ, ଧର୍ମଜ୍ଞ ସତ୍ୟଭାଷୀ, ବହୁପରିବାରଯୁକ୍ତ, ଧନବାନ ଓ ସରଳସ୍ୱଭାବ ବ୍ୟକ୍ତି ନିକଟରେ ବୁଦ୍ଧିମାନ ଲୋକ ଗଚ୍ଛିତ ରଖାଇବ ।

**ଯୋ ଯଥା ନିକ୍ଷିପେଦ୍ଧସ୍ତେ ଯମର୍ଥଂ ଯସ୍ୟ ମାନବଃ ।**
**ସ ତଥୈବ ଗ୍ରହୀତବ୍ୟୋ ଯଥାଦାୟ ହସ୍ତା ଗ୍ରହଃ ।୧୮୦।**

ଯେ ବ୍ୟକ୍ତି ଯେପରି ଯେଉଁ ଦ୍ରବ୍ୟ ଯାହା ହାତରେ ରଖିବ ସେ ତାହାକୁ ସେହିପରି ନେବା ଉଚିତ, ଯେ ରୂପ ଦେଇଥିବ ସେହିରୂପ ନେବ ।

**ଯୋ ନିକ୍ଷେପଂ ଯାଚ୍ୟମାନୋ ନିକ୍ଷେପ୍ତୁ ନ ପ୍ରଯଚ୍ଛତି ।**
**ସ ଯାଚ୍ୟଃ ପ୍ରାଡ୍‌ବିବାକେନ୍ ତନ୍ନିକ୍ଷେପ୍ତୁ ରସନ୍ନିଧୌ ।୧୮୧।**

ଯେ ଗଚ୍ଛିତ ଧନ ରଖି ତାହା ମାଗିଲେ ନ ଦେବ ଗଚ୍ଛିତ ଦେବା ବ୍ୟକ୍ତିର ଅସାକ୍ଷାତରେ ବିଚାରପତି ତାହାର ଏହିପରି ବିଚାର କରିବ ।

**ସାକ୍ଷ୍ୟଭାବେ ପ୍ରଣିଧିଭିର୍ବୟୋରୁପସମନ୍ୱିତୈଃ ।**
**ଅପଦଶୈଶ୍ଚ ସଂନ୍ୟସ୍ୟ ହିରଣ୍ୟଂ ତସ୍ୟତତ୍ତ୍ୱତଃ ।୧୮୨।**

ସାକ୍ଷୀର ଅଭାବ ହେଲେ ତତ୍ତ୍ୱାନୁସନ୍ଧାନ ସକାଶେ ବିଚାରପତି ଛଦ୍ମବେଶଧାରୀ ପ୍ରାପ୍ତବୟସ୍କ ରୂପବାନ୍ ଅନୁଚରମାନଙ୍କ ଦ୍ୱାରା ଆପଣାର ଧନ ସେହି ବ୍ୟକ୍ତି ନିକଟରେ ଗଚ୍ଛିତ ରଖାଇବ ।

**ସ ଯଦି ପ୍ରତିପଦ୍ୟେତ ଯଥାନ୍ୟସ୍ତଂ ତଥାକୃତମ୍ ।**
**ନ ତତ୍ର ବିଦ୍ୟତେ କିଞ୍ଚିଦ୍‌ଯତ୍ପରୈରଭିଯୁଜ୍ୟତେ ।୧୮୨।**

ଯେବେ ସେ ଅନୁଚରମାନଙ୍କର ଆପଣା ଗଚ୍ଛିତ ଦ୍ରବ୍ୟ ଯେପରି ଭାବରେ ଦେଇଥିବ ସେହିପରି ଭାବରେ ପାଇଯାଏ ତେବେ ଅପର ଅପର ଯେ ଗଚ୍ଛିତ ନ ପାଇବାର ଅଭିଯୋଗ କରିଥିବ ତାହାର କିଛି ନାହିଁ ।

**ତେଷାଂ ନ ଦଦ୍ୟାଦ୍‌ଯଦି ତୁ ତଦ୍ଧିରଣ୍ୟଂ ଯଥାବିଧି ।**
**ଉଭୌ ନିଗୃହ୍ୟ ଦାପ୍ୟଃ ସ୍ୟାଦିତି ଧର୍ମସ୍ୟ ଧାରଣା ।୧୮୪।**

ଯଦି ସେମାନଙ୍କର ଗଚ୍ଛିତ ଦ୍ରବ୍ୟ ଯଥାବିଧି ନ ଦିଏ ତେବେ ତାହାକୁ ଧରି ପ୍ରଥମ ଦାବୀ କରିଥିବା ବ୍ୟକ୍ତିର ଓ ଦ୍ୱିତୀୟ ଅନୁଚରମାନଙ୍କର ଉଭୟ ଗଚ୍ଛିତ ଆଦାୟ କରିଦେବ; ଏହାହିଁ ଧର୍ମର ଧାରଣା ।

**ନିକ୍ଷେପୋପନିଧୀ ନିତ୍ୟଂ ନ ଦେୟୌ ପ୍ରତ୍ୟନନ୍ତରେ ।**
**ନଶ୍ୟତୋ ବିନିପାତେ ତାପନିପାତେ ତ୍ୱନାଶିନୌ ।୧୮୫।**

ନିକ୍ଷେପ ଓ ଉପନିଧି ଗଚ୍ଛିତକାରୀ ବଞ୍ଚିଥିଲେ ତାହାର ଉତ୍ତରାଧିକାରୀଙ୍କୁ ଦେବନାହିଁ; କାରଣ ପୁତ୍ରାଦି ଉତ୍ତରାଧିକାରୀ ବିନାଶ ହେଲେ ତାହା ନଷ୍ଟହେବାର ସମ୍ଭାବନା; ମାତ୍ର ଜୀବିତ ଥିଲେ ନଷ୍ଟ ହୋଇ ନପାରେ ।

**ସ୍ୱୟମେବ ତୁ ଯୋ ଦଦ୍ୟାନ୍ମୃତସ୍ୟ ପ୍ରତ୍ୟନନ୍ତରେ ।**
**ନ ସ ରାଜ୍ଞାଭିଯୋକ୍ତବ୍ୟୋ ନ ନିକ୍ଷେପ୍ତୁଶ୍ଚ ବନ୍ଧୁଃ ।୧୮୬।**

ମୃତ ନିକ୍ଷେପ୍ତାର ଉତ୍ତରାଧିକାରୀଙ୍କୁ ଯେ ବ୍ୟକ୍ତି ଗଚ୍ଛିତ ଧନ ସ୍ୱେଚ୍ଛାକ୍ରମେ ପ୍ରତ୍ୟର୍ପଣ କରେ ରାଜା ଓ ନିକ୍ଷେପ୍ତାର ବନ୍ଧୁବର୍ଗ ତାହା ନିକଟରେ ଆଉ ଧନ ଅଛି ବୋଲି ଅନୁଯୋଗ କରିପାରିବେ ନାହିଁ ।

**ଅଚ୍ଛଲେନୈବ ଚାନ୍ୱିଚ୍ଛେଦ୍ ତମର୍ଥଂ ପ୍ରୀତିପୂର୍ବକମ୍ ।**
**ବିଚାର୍ଯ୍ୟ ତସ୍ୟ ବା ବୃତ୍ତଂ ସାମ୍ନୈବ ପରିସାଧୟେତ୍ ।୧୮୭।**

ଯଦି ଏଭଳି ଅନୁଯୋଗ ଉପସ୍ଥିତ ହୁଏ ତେବେ ରାଜା କପଟ ବ୍ୟବହାର ପରିତ୍ୟାଗ କରି ପ୍ରୀତି ସହକାରେ ସେହି ଅର୍ଥ ପାଇବାର ଚେଷ୍ଟା କରିବ ଏବଂ ଗଚ୍ଛିତ ରକ୍ଷାକାରୀର ଚରିତ୍ର ବିଚାର କରି ସାନ୍ତ୍ୱନା ବାକ୍ୟରେ କାର୍ଯ୍ୟ ସାଧନ କରିବ ।

**ନିକ୍ଷେପେଷ୍ୱେଷୁ ସର୍ବେଷୁ ବିଧିଃ ସ୍ୟାତ୍ପରିସାଧନେ ।**
**ସମୁଦ୍ରେନାପ୍ନୁୟାଦ୍ କିଞ୍ଚିଦ୍ୟଦି ତସ୍ମାନ୍ନ ସଂହରେତ୍ ।୧୮୮।**

ସମୁଦାୟ ଗଚ୍ଛିତ ଧନ ପ୍ରାପ୍ତିରେ ଏ ବିଧି ବୋଲାଗଲା; ଯଦି ମୁଦ୍ରାଙ୍କିତ (ମୋହରଯୁକ୍ତ) ହୋଇ କୌଣସି ଦ୍ରବ୍ୟ ଦିଆଯାଇଥାଏ ତେବେ ତାହାମୋହରସଂଯୁକ୍ତରୂପେ ଫେରାଇ ଦେଲେ ତହିଁ ବାହାର କରିନେଇ ଥିବାର କିଛି ଶଙ୍କା ନଥାଏ ।

**ଚୌରୈର୍ହୃତଂ ଜଲେ ନୋଢ଼ମଗ୍ନିନା ଦଗ୍ଧମେବ ବା ।**
**ନ ଦଦ୍ୟାଦ୍ୟଦି ତସ୍ମାତ୍ସନ ସଂହରତି କିଞ୍ଚନ୍ ।୧୮୯।**

ଗଚ୍ଛିତ ଦ୍ରବ୍ୟ ଚୋର ଚୋରି କରି ନେଲେ ଅଥବା ପାଣିରେ ବୁଡ଼ିଗଲେ ଅବା ଅଗ୍ନିରେ ପୋଡ଼ିଗଲେ ଯଦି ତହିଁର ଗଚ୍ଛିତ ଧନଧାରୀ କିଛି ନ ପାଏ ତେବେ ସେ ଦେବ ନାହିଁ ।

**ନିକ୍ଷେପସ୍ୟାପହର୍ତ୍ତାରମନିକ୍ଷେପ୍ତାରମେ ଚ ।**
**ସର୍ବୈ ରୁପାୟୈରନ୍ୱି ଚ୍ଛେଚ୍ଛପଥୈଶ୍ଚୈବ ବୈଦିକୈଃ ।୧୯୦।**

ନିକ୍ଷେପର ଅପହରଣକାରୀ ଏବଂ ନିକ୍ଷେପ ନ କରି ଯେ ଦାବୀକରେ ତାହାକୁ ରାଜା ସମଗ୍ର ସମାଦି ଉପାୟ ଓ ବୈଦିକ ଶପଥମାନଙ୍କଦ୍ୱାରା ଠିକଣା ଲଗାଇବାର ଉଦ୍ୟୋଗ କରିବ ।

**ଯୋ ନିକ୍ଷେପଂ ନାର୍ପୟତି ଯଶ୍ଚାନିକ୍ଷିପ୍ୟ ଯାଚତେ ।**
**ତାବୁଭୌ ଚୌରବଚ୍ଛାସ୍ୟୌ ଦାପ୍ୟୌ ବା ତତ୍ସମଂ ଦମମ୍ ।୧୯୧।**

ଯେ ଗଚ୍ଛିତରାଶି ନ ଦିଏ ଏବଂ ଯେ ଗଚ୍ଛିତ ନ ରଖି ଦାବିକରେ ସେ ଉଭୟ ଚୋର ପରି ଶାସ୍ତି ପାଇବା ଓ ତତ୍ପରିମାଣ ଅର୍ଥ ଦଣ୍ଡିତ ହେବାର ଉପଯୁକ୍ତ ।

**ନିକ୍ଷେପସ୍ୟାହର୍ତ୍ତାରଂ ତତ୍ସମଂ ଦାପୟେଦ୍ଦମମ୍ ।**
**ତଥୋପନିଧିହର୍ତ୍ତାରମବିଶେଷେଣ ପାର୍ଥିବଃ ।୧୯୨।**

ଯେ ନିକ୍ଷେପ ଚୋରିକରେ ତଥା ଯେ ଉପନିଧି ହରଣ କରେ ତାହାକୁ ନିର୍ବିଶେଷରେ ରାଜା ତତ୍ସମାନ ଦଣ୍ଡଦେବ ।

**ଉପଧାଭିଶ୍ଚ ଯଃ କଶ୍ଚି ପ୍ରଦ୍ରବ୍ୟଂ ହରେନ୍ନରଃ ।**
**ସ ସହାୟଃସ ହନ୍ତବ୍ୟଃ ପ୍ରକାଶଂ ବିବିଦୈର୍ବଧୈଃ ।୧୯୩।**

ଯେ ବ୍ୟକ୍ତି ମିଥ୍ୟା ପ୍ରତାରଣା ଦ୍ୱାରା ପରଦ୍ରବ୍ୟ ହରଣ କରେ ରାଜା ତାହାକୁ ଓ ତାହାର ସହକାରୀମାନଙ୍କୁ ପ୍ରକାଶ୍ୟ ଭାବରେ କରଚରଣ ଶିରଚ୍ଛେଦାଦି ନାନା ପ୍ରକାର ଦଣ୍ଡଦେବ ।

**ନିକ୍ଷେପଃ ଯଃ କୃତୋ ଯେନ ଯାବାଂଶ କୁଳସନ୍ନିଧୌ ।**
**ତାବାନେନ ସ ବିଜ୍ଞେୟୋ ବିବ୍ରୁବନ୍ଦଣ୍ଡର୍ଶତି ।୧୯୪।**

ଯେଉଁ ବ୍ୟକ୍ତି ସୁବର୍ଣ୍ଣାଦି ଯେଉଁଦ୍ରବ୍ୟ ଓ ଯେତେ ପରିମାଣ ସାକ୍ଷୀ ରଖି ନିକ୍ଷେପ କରିଥିବ ତହିଁର ପରିମାଣ ସାକ୍ଷୀ କଥାରୁ ପ୍ରମାଣିତ ହେବ ଏବଂ ସେ ଅନ୍ୟଥା କହିଲେ ଦଣ୍ଡନୀୟ ହେବ ।

**ମିଥୋ ଦାୟଃ କୃତୋ ଯେନ ଗୃହୀତୋ ମିଥଏବ ବା ।**
**ମିଥଏବ ପ୍ରଦାତବ୍ୟୋ ଯଥାଦାୟସ୍ତଥା ଗ୍ରହଃ ।୧୯୫।**

ଯେ ଗୋପନରେ ଗଚ୍ଛିତ ରଖିଥିବ ଏବଂ ଗୋପନରେ ନେଇଥିବ ଯେ ତାହା ଗୋପନରେ ଦେଇଦେବ, କାରଣ ନେବା ଯେପରି ଦେବା ମଧ୍ୟ ସେପରି ଅଟେ ।

**ନିକ୍ଷିପ୍ତସ୍ୟ ଧନସୈବଂ ପ୍ରୀତ୍ୟୋପହିତସ୍ୟ ଚ ।**
**ରାଜା ବିନିର୍ଣ୍ଣୟ କୁର୍ଯ୍ୟାଦକ୍ଷିଣ୍ୱନ୍ ନ୍ୟାସଧାରିଣମ୍ ।୧୯୬।**

ନିକ୍ଷିପ୍ତଧନ ଏବଂ ପ୍ରୀତି ହେତୁ ଉପଭୋଗ କରିବା ସକାଶେ ଦିଆଯାଇଥିବା ପଦାର୍ଥ ରାଜା ଗଚ୍ଛିତ ରଖିଥିବା ଲୋକଙ୍କୁ ପୀଡ଼ା ନ ଦେଇ ନିର୍ଣ୍ଣୟ କରିବ ।

**ବିକ୍ରୀଣୀତେ ପରସ୍ୟ ସ୍ୱଂ ଯୋଽସ୍ୱାମୀ ସ୍ୱାମ୍ୟସମ୍ମତଃ ।**
**ନ ତଂ ନୟେତ ସାକ୍ଷ୍ୟନ୍ତୁ ସ୍ତେନମସ୍ତେନମାନିନମ୍ ।୧୯୭।**

ଯେ ପ୍ରକୃତରେ ସ୍ୱାମୀ ନ ଥାଇ ସ୍ୱାମୀର ଅନୁମତି ବିନା ପରଦ୍ରବ୍ୟ ବିକ୍ରୟକରେ ସେ ଆପଣାକୁ ସାଧୁ ମାନିଲେ ସୁଦ୍ଧା ଚୋର, ରାଜା ତାହାର ସାକ୍ଷ୍ୟ ଘେନିବ ନାହିଁ ।

**ଅବହାର୍ଯ୍ୟୋ ଭବେଚ୍ଚୈବ ସାନ୍ୱୟଃ ଷଟ୍ଶତଂ ଦମମ୍ ।**
**ନିରନ୍ୱୟୋଽନପସରଃ ପ୍ରାପ୍ତଃ ସ୍ୟାଚୌରକିଲ୍ବିଷମ୍ ।୧୯୮।**

ଉକ୍ତ ଅସ୍ୱାମୀ ବିକ୍ରେତା ଯଦି ଦ୍ରବ୍ୟସ୍ୱାମିର ବଂଶତଃ କେହି ହୁଏ ତେବେ ତାହାକୁ ଛଅଶତ ପଣ ଦଣ୍ଡ ଦେବ; ମାତ୍ର ବଂଶସ୍ଥ କିମ୍ବା ବଂଶୀୟ କାହାରିଠାରୁ ପ୍ରାପ୍ତ ହୋଇ ନଥିଲେ ଚୋର ସମାନ ଦଣ୍ଡନୀୟ ହେବ ।

**ଅସ୍ୱାମୀନା କୃତୋ ଯସ୍ତୁ ଦାୟୋ ବିକ୍ରୟ ଏବ ବା ।**
**ଅକୃତଃ ସ ତୁ ବିଜ୍ଞେୟୋ ବ୍ୟବହାରେ ଯଥାସ୍ଥିତିଃ ।୧୯୯।**

ଅସ୍ୱାମୀ ବ୍ୟକ୍ତି କର୍ତ୍ତୃକ ଯେ ଦାନ ବିକ୍ରୟ ତାହା ବ୍ୟବହାର ବିଧିରେ ଅସିଦ୍ଧ ଜାଣିବ ।

---

*ଏଥିରେ ୧୩ ଖଣ୍ଡି ପୁସ୍ତକ ଅଛି-

ଅନେକ ବିଧିନା ଶାସ୍ତା କୁର୍ବନ୍ନସ୍ୱାମିବିକ୍ରୟମ୍ ।
ଅଜ୍ଞାନାତ୍ ଜ୍ଞାନପୂର୍ବନ୍ତୁ ଚୌରବଦ୍ଦଣ୍ଡମର୍ହତି ।।

ଅଜ୍ଞାନପୂର୍ବକ ଅସ୍ୱାମି ବିକ୍ରୟ କରିଥିଲେ ଏହି ବିଧିରେ ସେ ଶାସିତ ହେବ, ମାତ୍ର ଜ୍ଞାନପୂର୍ବକ କରିଥିଲେ ଚୋରପରି ଦଣ୍ଡନୀୟ ହେବ ।

**ସମ୍ଭଗୋ ଦୃଶ୍ୟତେ ଯତ୍ର ନ ଦୃଶ୍ୟେତାଗମଃ କ୍ୱଚିତ୍ ।**
**ଆଗମଃ କାରଣଂ ତତ୍ର ନ ସମ୍ଭୋଗ ଇତି ସ୍ଥିତି ।୨୦୦।**

ଯେଉଁଠାରେ ବସ୍ତୁର ସଂଭୋଗ ଦେଖାଯାଏ ମାତ୍ର କ୍ରିୟାଦି ରୂପ ଆଗମ ନାହିଁ ସେଠାରେ ସ୍ୱାମିତ୍ୱର ପ୍ରମାଣ ଉପଭୋଗଦ୍ୱାରା ହେବ ନାହିଁ, ଆଗମହିଁ ତହିଁର ପ୍ରମାଣ ଏହା ଶାସ୍ତ୍ରମର୍ଯ୍ୟାଦା ।

**ବିକ୍ରୟାଦ୍ ଯୋ ଧନଂ କିଞ୍ଚିଦ୍ ଗୃହଣୀୟାକୁଳଃ ସନ୍ନିଧୌ ।**
**କ୍ରୟେଣ ସ ବିଶୁଦ୍ଧଂ ହି ନ୍ୟାୟତୋ ଲଭତେ ଧନମ୍ ।୨୦୧।**

ଅନେକ ବ୍ୟବହାରୀ ସମକ୍ଷରେ ବିକ୍ରୟ କରିବାରୁ ଯେ ବସ୍ତୁ କିଣାଯାଏ । କ୍ରୟ କରିବା ଦ୍ୱାରା ହିଁ ତାହା ବିଶୁଦ୍ଧ ନ୍ୟାୟ ଭାବରେ ଲବ୍ଧ ହୁଏ ।

**ଅଥ ମୂଳମନାହାର୍ଯ୍ୟ ପ୍ରକାଶ କ୍ରୟଶୋଧିତ ।**
**ଅଦଣ୍ଡ୍ୟୋ ମୁଚ୍ୟତେ ରାଜ୍ଞ ନଷ୍ଟ କୋ ଲଭତେ ଧନମ୍ ।୨୦୨।**

ଯଦି କ୍ରେତା ବିକ୍ରେତାକୁ (ମୃତ ବା ବିଦେଶଗମନାଦି ହେତୁ) ଦର୍ଶାଇ ନ ପାରେ ତଥାପି ପ୍ରକାଶ୍ୟ କ୍ରୟହେତୁ ସେ ବିଶୁଦ୍ଧ ରାଜା କର୍ତ୍ତୃକ ଦଣ୍ଡର ଅଯୋଗ୍ୟ; ମାତ୍ର ଅସ୍ୱାମୀଠାରୁ କିଣିଥିଲେ ଧନସ୍ୱାମୀ ତାହା କ୍ରେତାଠାରୁ ପାଇବ ।

**ନାନ୍ୟଦନ୍ୟେନ ସଂସୃଷ୍ଟରୂପଂ ବିକ୍ରୟର୍ହତି ।**
**ମନଚାସାରଂ ନ ଚ ନ୍ୟୂନଂ ନ ଦୂରେଣ ତିରୋହିତମ୍ ।୨୦୩।**

ରୂପ ମିଳିଯାଉଥିଲେ ସୁଦ୍ଧା ଏକ ଦ୍ରବ୍ୟକୁ ଅନ୍ୟ ଦ୍ରବ୍ୟ ସଙ୍ଗେ ମିଶାଇ ବିକିବା ଉଚିତ ନୁହେଁ ଅଥବା ଅସାରକୁ ସାର ବୋଲି ଦେବନାହିଁ କିମ୍ବା ମାପରେ ଊଣାକରି ଅଥବା ଦୂରରେ ଲୁଚାଇ ରଖି ବିକିବ ନାହିଁ ।

**ଅନ୍ୟାଂ ଚେଦ୍ଦର୍ଶୟିତ୍ୱାନ୍ୟା ବୋଢ଼ୁଃ କନ୍ୟା ପ୍ରଦୀୟତେ ।**
**ଉଭେ ତେ ଏକ ଶୁଲକେନ ବହେଦିତ୍ୟବ୍ରବୀନ୍ ମନୁ ।୨୦୪।**

ଯେବେ ଏକ କନ୍ୟା ଦେଖାଇ ବିବାହ ସମୟରେ ଅନ୍ୟ କନ୍ୟା ପ୍ରଦାନ କରେ ତେବେ ବର ଏକଶୁଲ୍କରେ ଉଭୟକନ୍ୟାକୁ ବିବାହ ହେବ ଏହା ମନୁ ବୋଲିଅଛନ୍ତି ।

**ନୋନ୍ମତ୍ତୟୋ ନ କୁଷ୍ଠିନ୍ୟା ନ ଚ ଯା ସ୍ପୃଷ୍ଟମୈଥୁନ୍ ।**
**ପୂର୍ବଂ ଦୋଷାନଭିଖ୍ୟାପ୍ୟ ପ୍ରଦାତା ଦଣ୍ଡ ମର୍ହତି ।୨୦୫।**

ଉନ୍ମତ୍ତା, କୁଷ୍ଠରୋଗଗ୍ରସ୍ତା କିମ୍ବା-ଯାହା ସହିତ ପୁରୁଷସମ୍ପର୍କ ହୋଇଅଛି ଏସବୁ ଦୋଷ ବିବାହ ପୂର୍ବେ ନ କହି ଯେ କନ୍ୟା ସମ୍ପ୍ରଦାନ କରେ ସେ ଦଣ୍ଡପାଇବାର ଯୋଗ୍ୟ ଅଟେ ।

**ଋତ୍ୱିଗ୍ୟଦି ବୃତୋ ଯଜ୍ଞେ ସ୍ୱକର୍ମ ପରିହାପୟେତ୍ ।**
**ତସ୍ୟ କର୍ମାନୁରୂପେଣ ଦେୟୋଽଶା ସହକର୍ତ୍ତୃଭିଃ ।୨୦୬।**

ଯଜ୍ଞରେ ବୃତ ହୋଇ ଋତ୍ୱିକ୍ (ରୋଗଆଦି ହେତୁ) ଆରବ୍ଧ କର୍ମ ଛାଡ଼ି ଦେଲେ ସେ କରିଥିବା ଅନୁସାରେ କର୍ମକରିବା ଲୋକ (ଉଦ୍‌ଗାତା ଇତ୍ୟାଦି)ଙ୍କ ସହିତ ଦକ୍ଷିଣାଂଶ ପାଇବ ।

**ଦକ୍ଷିଣାସୁ ଚ ଦତ୍ତାସୁ ସ୍ୱକର୍ମ ପରିହାପୟନ୍ ।**
**କୃତ୍ସ୍ନାମେବ ଲଭତାଂଶମନ୍ୟେନୈବ ଚ କାରୟେତ୍ର୍ ।୨୦୭।**

✲ ଏ ଶ୍ଳୋକ ପ୍ରକ୍ଷିପ୍ତ ।

ଦକ୍ଷିଣା ପାଇ ସାରିଥିଲେ ବ୍ୟାଧି ଇତ୍ୟାଦି ପୀଡ଼ିତ ହେବା ହେତୁ ଆପଣା କାର୍ଯ୍ୟ ସମାପ୍ତ କରି ନ ଥିଲେ ସମଗ୍ର ଦକ୍ଷିଣା ଘେନି ଅବଶିଷ୍ଟାଂଶ ଅନ୍ୟଦ୍ୱାରା କରାଇବ ।

**ଯସ୍ମିନ୍ କର୍ମଣି ଯାସ୍ତୁ ସ୍ୟୁରୁକ୍ତା ପ୍ରତ୍ୟଙ୍ଗ ଦକ୍ଷିଣାଃ ।**
**ସ ଏବ ତା ଆଦଦୀତ ଭଜେରନ୍ ସର୍ବ ଏବ ବା ।୨୦୮।**

ଯେଉଁ କର୍ମରେ ଯେଉଁ ଯେଉଁ ଏକ ଏକ ଅଙ୍ଗର ଦକ୍ଷିଣା ଶାସ୍ତ୍ରରେ ବୋଲା ଯାଇଅଛି ତାହା ସେହି କର୍ମ କରାଇବା ବ୍ୟକ୍ତି ପାଇବ ଅଥବା ସମସ୍ତେ ବାଣ୍ଟି କରି ନେବେ ।

**ରଥଂ ହରେତ ଚାଧ୍ୱର୍ଯ୍ୟୁ ବ୍ରହ୍ମାଧାନେ ଚ ବାଜିନମ୍ ।**
**ହେତା ବ୍ୟାପି ହେରେଦଶ୍ୱ ମୁଦ୍‌ଗାତା ଚାପ୍ୟନଃ କ୍ରୟେ ।୨୦୯।**

ଆଧ୍ୱାନରେ ରଥକୁ ଆଧ୍ୱର୍ଯ୍ୟୁ ନେବ ଓ ବ୍ରହ୍ମା ଘୋଡ଼ା ନେବ ଏବଂ ହୋତା ମଧ ଘୋଡ଼ା ନେବ ଆଉ ଉଦ୍‌ଗାତା ସୋମବାହନ ଶକଟ ପାଇବ ।

**ସର୍ବେଷାମର୍ଦ୍ଧିନୋ ମୁଖ୍ୟାସ୍ତଦର୍ଦ୍ଧେ ନାର୍ଦ୍ଧିନୋଽପରେ ।**
**ତୃତୀୟିନସ୍ତୁତୀୟାଂଶାଶ୍ଚ ତୁର୍ଥାଂଶାଶ୍ଚ ପାଦିନଂ ।୨୧୦।**

ଋତ୍ୱିକ୍‌ମାନଙ୍କ ମଧରେ ମୁଖ୍ୟ ଋତ୍ୱିକ୍ (ଚାରିଜଣ) ସମସ୍ତ ଦକ୍ଷିଣାର ଅର୍ଦ୍ଧାଂଶ ତତ୍ପରବର୍ତ୍ତୀ ଚାରିଜଣ ତହିଁର ଅର୍ଦ୍ଧେକ, ତୃତୀୟ ଚାରିଜଣ ତହିଁର ଅର୍ଦ୍ଧେକ ଏବଂ ଚତୁର୍ଥ ଚାରିଜଣ ତହିଁର ଅର୍ଦ୍ଧେକ ଏହି ୧୬ ଜଣ ଋତ୍ୱିକ ଭାଗ କରି ନେବେ ।

**ସମ୍ଭୁୟୁ ସ୍ୱାନି କର୍ମାଣି କୁର୍ବଭ ରିହ ମାନବୈଃ ।**
**ଅନେକ ବିଧିଯୋଗେନ କର୍ତ୍ତବ୍ୟାଂଶ ପ୍ରକଳ୍ପନା ।୨୧୧।**

ଅନେକ ବ୍ୟକ୍ତି ମିଳି ସଂସାରରେ କୌଣସି କାର୍ଯ୍ୟ କଲେ ଏହି ବିଧିରେନିଜ ନିଜ ଅଂଶ ନିର୍ଣ୍ଣୟ କରି ନେବେ ।

**ଧର୍ମାର୍ଥଂ ଯେନ ଦତ୍ତଂ ସ୍ୟାକ୍ରସୈଚିଦ୍ୱଯାଚତେ ଧନମ୍ ।**
**ପଶ୍ଚାଚ୍ଚ ନ ତଥା ତସ୍ୟାନ୍ନ ଦେୟଂ ତସ୍ୟ ତଭବେତ୍ ।୨୧୨।**

ଯଦି କେହି କୌଣସି ଯାଚକକୁ ଧର୍ମାର୍ଥ କୌଣସି ଧନ ଦେଇଥିବା ବା ଯାଚି ଥିବ ମାତ୍ର ସେ କାର୍ଯ୍ୟ ନ କଲେ ପଛକୁ ପ୍ରାପ୍ତ ଧନ ତାହାର ହେବ ନାହିଁ କି ପ୍ରତିଶ୍ରୁତି ଧନ ପାଇବ ନାହିଁ ।

**ଯଦି ସଂସାଧୟେତ୍ତତ୍ତ ଦର୍ପାଲ୍ଲୋଭେନ ବା ପୁନଃ ।**
**ରାଜ୍ଞା ଦାପ୍ୟଃ ସୁବର୍ଣ୍ଣଂ ସ୍ୟାତ୍ତସ୍ୟ ସ୍ତେୟସ୍ୟ ନିଷ୍କୃତି ।୨୧୩।**

ଯଦି ଦିଆଯାଇଥିବା ଧନକୁ ଅହଙ୍କାର ବା ଲୋଭରେ ଛଡ଼ାଇ ରଖେ ତେବେ ରାଜା ସେହି ଚୋରର ନିଷ୍କୃତି ସକାଶେ ସୁବର୍ଣ୍ଣ ଦଣ୍ଡ ବିଧାନ କରିବ ।

**ଦତ୍ତସ୍ୟୈଷୋ ଦିତା ଧର୍ମ୍ୟା ଯଥା ବଦନପ୍ରକ୍ରିୟା**
**ଅତଊର୍ଦ୍ଧ୍ୱଂ ପ୍ରବକ୍ଷାମି ବେତନସ୍ୟାନପକ୍ରିୟାମ୍ ।୨୧୪।**

ଦତ୍ତବସ୍ତୁର ଅନପ୍ରକ୍ରିୟାର ଏହି ଯଥାର୍ଥ ଧର୍ମାନୁଗତ ବିଧି ଆମ୍ଭେ କହିଲୁ; ଏଥିଉତ୍ତାରୁ ବେତନ ନ ଦେବାର ବିଧି ବୋଲୁଅଛୁ ।

**ଭୃତୋ ନାର୍ତ୍ତୋନ କୁର୍ଯ୍ୟାଦ୍ ଯୋ ଦର୍ପକ୍ରର୍ମ ଯଥୋଦିତମ୍ ।**
**ସ ଦଣ୍ଡ୍ୟଃ କୃଷ୍ଣଳାନ୍ୟଷ୍ଟୌନ ଦେୟଞ୍ଚାସ୍ୟ ବେତନମ୍ ।୨୧୫।**

ଅସୁସ୍ଥ ନ ଥାଇ ଯେଉଁ ଭୃତ୍ୟ ଦର୍ପକରି ପ୍ରତିଶ୍ରୁତ କାର୍ଯ୍ୟ ନ କରେ ସେ ଆଠ କୃଷ୍ଣଳ ଦଣ୍ଡ ପାଇବ, ମାତ୍ର ତାହାର ବେତନ କିଛି ପାଇବ ନାହିଁ ।

**ଆର୍ତ୍ତସ୍ତୁ କୁର୍ଯ୍ୟାତ୍ସ୍ୱସ୍ଥଃ ସନ୍ ଯଥାଭାଷିତମାଦିତଃ ।**
**ସ ଦୀର୍ଘସ୍ୟାପି କାଲସ୍ୟ ତଲ୍ଲଭେତୈବ ବେତନମ୍ ।୨୧୬।**

ମାତ୍ର ସେ ଯଥାର୍ଥରେ ପୀଡ଼ିତ ଥିଲେ ଏବଂ ସୁସ୍ଥ ହୋଇ ଆପଣାର ପ୍ରତିଶ୍ରୁତ କାର୍ଯ୍ୟ ସମ୍ପାଦନ କଲେ ସେ (ପୀଡ଼ିବସ୍ଥାଘେନି) ବହୁ କାଳର ବେତନ ପାଇବ ।

**ଯଥୋକ୍ତମାର୍ତ୍ତଃ ସୁସ୍ଥୋ ବା ଯସ୍ତତ୍କର୍ମ ନ କାରୟେତ୍ ।**
**ନ ତସ୍ୟ ବେତନଂ ଦେୟମଲ୍ପୋନସ୍ୟାପି କର୍ମଣଃ ।୨୧୭।**

ପୀଡ଼ିତ ଥାଉ କି ସୁସ୍ଥ ଥାଉ ଯଦି ସେ ଆପଣାର ଅଙ୍ଗୀକୃତ କାର୍ଯ୍ୟ ନିଜେ ବା ଅପର ଦ୍ୱାରା ସାଧନ ନ କରେ ତେବେ କାର୍ଯ୍ୟର ଅଣୁ ମାତ୍ର ଅବଶେଷ ଥିଲେ ସୁଦ୍ଧା ସେ ବେତନ ପାଇବ ନାହିଁ ।

**ଏଷ ଧର୍ମୋଽଖିଲେନୋକ୍ତୋ ବେତନାଦାନ କର୍ମଣଃ ।**
**ଅତ ଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଧର୍ମଂ ସମୟ ଭେଦିନାମ୍ ।୨୧୮।**

ବେତନ ଗ୍ରହଣର ଏହି ବ୍ୟବସ୍ଥା କହିଲୁଁ, ସେଥି ଉତ୍ତାରୁ ପ୍ରତିଜ୍ଞା ଭଙ୍ଗର ଧର୍ମ ବୋଲିବୁଁ ।

**ଯେ ଗ୍ରାମଦେଶସଂଘାନଂ କୃତ୍ୱା ସତ୍ୟେନ ସମ୍ବଦମ୍ ।**
**ବିସମ୍ବଦେନ୍ନରୋ ଲୋଭାତ୍ତଂ ରାଷ୍ଟ୍ରାଦ୍ ବିପ୍ରବାସୟେତ୍ ।୨୧୯।**

ଗ୍ରାମବାସୀ ବା ଦେଶବାସୀ ସମସ୍ତେ ମିଳି କୌଣସି ବିଷୟରେ ପ୍ରତିଜ୍ଞାକରିଥିଲେ ଯେଉଁ ବ୍ୟକ୍ତି ଲୋଭରେ ତାହାଭଙ୍ଗକରେ ରାଜା ତାହାକୁ ରାଜ୍ୟରୁ ବାହାରକରିଦେବେ ।

**ନିଗୃହ୍ୟ ଦାପୟେଚ୍ଚୈନଂ ସମୟ ବ୍ୟଭିଚାରିଣମ୍ ।**
**ଚତୁଃ ସୁବର୍ଣ୍ଣାନ୍ ଷଣ୍ଣିଷ୍କାନ୍ ଶତମାନଞ୍ଚ ରଜତମ୍ ।୨୨୦।**

କିମ୍ବା ଘଟଣା ବୁଝି ପ୍ରତିଜ୍ଞା ଭଙ୍ଗକାରୀକୁ ଧରି ଆଣି ଚାରି ସୁବର୍ଣ୍ଣ ବା ଛଅ ନିଷ୍କ ଅଥବା ଶତମାନ ରୂପା ଦଣ୍ଡ ଦେବ ।

**ଏତଦ୍ଦଣ୍ଡବିଧିଂ କୁର୍ଯ୍ୟାଦ୍ଧାର୍ମିକଃ ପୃଥିବୀପତିଃ ।**
**ଗ୍ରାମଜାତିସମୂହେଷୁ ସମୟ ବ୍ୟଭିଚାରିଣାମ୍ ।୨୨୧।**

ଧାର୍ମିକରାଜା ଗ୍ରାମ ଜାତି ସମୂହ ପ୍ରତିଜ୍ଞା ଲଙ୍ଘନକାରୀକୁ ଏହିପରି ଦଣ୍ଡଦେବ ।

**କ୍ରୀତ୍ୱା ବିକ୍ରୟ ବା କିଞ୍ଚିଦ୍ ଯସ୍ୟେହାନୁଶୟୋ ଭବେତ୍ ।**
**ସୋଽନ୍ତର୍ଦଶାହାତ୍ତଦ୍ଦ୍ରବ୍ୟଂ ଦଦ୍ୟାଚ୍ଚୈବାଦଦୀତ ବା ।୨୨୨।**

କୌଣସି ଦ୍ରବ୍ୟ କିଣି ବା ବିକି ପସନ୍ଦ ନ ହେଲେ ଦଶଦିନ ମଧ୍ୟରେ ଫେରାଇ ଦେବ ବା ଫେରାଇ ନେବ ।

**ପରେଣ ତୁ ଦଶାହସ୍ୟ ନ ଦଦ୍ୟାନ୍ନାପି ଦାପୟେତ୍ ।**
**ଆଦଦାନୋ ଦଦଚ୍ଚୈବ ରାଜ୍ଞା ଦଣ୍ଡ୍ୟଃ ଶତାନି ଷଟ୍ ।୨୨୩।**

ଦଶଦିନ ପରେ ଫେରି ଦେଇ ପାରିବ ନାହିଁ କି ଫେରି ନେଇପାରିବ ନାହିଁ, ବଳପୂର୍ବକ ଦେଲେ ବା ନେଲେ ରାଜା କର୍ତ୍ତୃକ ଛଅ ଶତପଣ ଦଣ୍ଡଯୋଗ୍ୟ ହେବ ।

**ଯସ୍ତୁ ଦୋଷବତୀଂ କନ୍ୟା ମନାଖ୍ୟାୟ ପ୍ରଯଚ୍ଛତି ।**
**ତସ୍ୟକୁର୍ଯ୍ୟାନ୍ନୃପୋ ଦଣ୍ଡଂ ସ୍ୱୟଂ ଷର୍ଣ୍ଣବତିଂ ପଣାନ୍ ।୨୨୪।**

ଯେ ଦୋଷ ପ୍ରକାଶ ନକରି ଦୋଷବତୀ କନ୍ୟାକୁ ସମ୍ପ୍ରଦାନ କରେ ତାହା ରାଜା ଛୟାନବେ ପଣ ଦଣ୍ଡବିଧାନ କରିବେ ।

**ଅକନ୍ୟେତି ତୁ ଯଃ କନ୍ୟା ବ୍ରୁୟାଦ୍ଦ୍ୱେଷେଣ ମାନବଃ ।**
**ସ ଶତଂ ପ୍ରାପ୍ନୁୟାଦ୍ଦଣ୍ଡଂ ତସ୍ୟା ଦୋଷମଦର୍ଶୟନ୍ ।୨୨୫।**

ଯେ ଲୋକ ପୁଣି ଦ୍ୱେଷବଶରୁ କନ୍ୟାକୁ ଅକନ୍ୟା (ଅକୁମାରୀ ବା କ୍ଷତଯୋନି) ବୋଲି କହେ ସେ ଦର୍ଶାଇ ନ ପାରିଲେ ରାଜା ତାହାକୁ ଏକଶତପଣ ଦଣ୍ଡ ଦେବ ।

**ପାଣି ଗ୍ରହଣିକା ମନ୍ତ୍ରାଃ କନ୍ୟାସେବ ପ୍ରତିଷ୍ଠିତାଃ ।**
**ନା କନ୍ୟାସୁ କ୍ବଚିନ୍ନୃଣାଂ ଲୁପ୍ତଧର୍ମକ୍ରିୟାହି ତାଃ ।୨୨୬।**

କାରଣ ବିବାହ ବିଷୟରେ ସେ ସବୁ ମନ୍ତ୍ରଅଛି ତାହା କେବଳ କନ୍ୟାମାନଙ୍କ ପ୍ରତି ପ୍ରଯୁକ୍ତ ଅଟେ, ଅକନ୍ୟା କୌଣସିଠାରେ ପ୍ରଯୋଜ୍ୟ ନୁହେଁ, କାରଣ ବିବାହ ପୂର୍ବରୁ ଦୂଷିତା କନ୍ୟାର ଧର୍ମଲୋପ ହୋଇଯାଏ ।

**ପାଣିଗ୍ରହଣିକା ମନ୍ତ୍ରା ନିୟତଂ ଦାରଲକ୍ଷଣମ୍ ।**
**ତେଷାଂ ନିଷ୍ଠା ତୁ ବିଜ୍ଞେୟା ବିଦ୍ୱଦ୍ଭିଃ ସପ୍ତମେ ପଦେ ।୨୨୭।**

ପାଣିଗ୍ରହଣ ମନ୍ତ୍ରସବୁ ଭାର୍ଯ୍ୟାତ୍ୱନିର୍ଣ୍ଣୟର କାରଣ ଅଟେ ଏବଂ ଏହି ସବୁ ମନ୍ତ୍ରଦ୍ୱାରା କନ୍ୟାର ସପ୍ତପଦୀଗମନ ହେଲେ ଭାର୍ଯ୍ୟାତ୍ୱ ସିଦ୍ଧ ହୁଏ ବୋଲି ବିଦ୍ୱାନ ମାନେ ଜାଣନ୍ତି ।

**ଯସ୍ମିନ୍ ଯସ୍ମିନ୍ କୃତେ କାର୍ଯ୍ୟେ ଯସ୍ୟେହାନଶୟୋ ଭବେତ୍ ।**
**ତମନେନ ବିଧାନେନ ଧର୍ମ୍ୟେ ପଥି ନିବଶୟେତ୍ ।୨୨୮।**

ଯେଉଁ ଯେଉଁ କାର୍ଯ୍ୟ କଲେ ପଛକୁ ଅମୃତ ବୋଲି ଅନୁତାପ ଜାତ ହେବ ତାହାକୁ ରାଜା ଏହି ବିଧିରେ ଧର୍ମମାର୍ଗର ବ୍ୟବସ୍ଥା କରିବ ।

**ପଶୁଷୁ ସ୍ୱାମିନାଞ୍ଚୈବ ପାଳାନାଞ୍ଚ ବ୍ୟତିକ୍ରମେ ।**
**ବିବାଦଂ ସଂପ୍ରବକ୍ଷ୍ୟାମି ଯଥାବଦ୍ଧର୍ମତତ୍ତ୍ୱତଃ ।୨୨୯।**

ପଶୁ ବିଷୟରେ ସ୍ୱାମୀ ତଥା ପଶୁପାଳକ ମଧ୍ୟରେ ନିୟମ ବ୍ୟତିକ୍ରମ ହେଲେ ଯେ ରୂପ ବିବାଦ ଉପସ୍ଥିତ ହୁଏ ତାହା ଯଥାବତ୍ ଧର୍ମତତ୍ତ୍ୱାନୁସାରେ ବୋଲୁଅଛୁଁ ।

**ଦିବା ବକ୍ତବ୍ୟତା ପାଳେ ରାତ୍ରୌ ସ୍ୱାମିନି ତଦ୍‌ଗୃହେ ।**
**ଯୋଗକ୍ଷେମେଽନ୍ୟଥା ଚେତ୍ତୁ ପାଳୋ ବକ୍ତବ୍ୟତାମିୟାତ୍ ।୨୩୦।**

ଦିବା ଭାଗରେ ପାଳକ ହସ୍ତରେ (ଚରାଇବା ସକାଶେ) ନ୍ୟସ୍ତଥାଇ ପଶୁର କିଛି ଅନିଷ୍ଟ ଘଟିଥିଲେ ସେଥିସକାଶେ ପାଳକ ଦାୟୀ ଓ ରାତ୍ରିକାଳରେ ସ୍ୱାମିଗୃହରେ ଥିବା ହେତୁ ସ୍ୱାମୀ ଦାୟୀ, ମାତ୍ର ରାତ୍ରି କାଳରେ ପାଳକ ହସ୍ତରେ ଥିଲେ ପାଳକ ଦାୟୀ ।

**ଗୋପଃ କ୍ଷୀରଭୃତୋ ଯସ୍ତୁସ ଦୁହ୍ୟାଦ୍ଦଶତୋବରାମ୍ ।**
**ଗୋସ୍ୱାମ୍ୟନୁମତେ ଭୃତ୍ୟଃ ସା ସ୍ୟତ୍ପାଳେଽଭୃତେ ଭୃତିଂ ।୨୩୧।**

ଯେଉଁ ଗୋପାଳ ଭୁକ୍ତାଚ୍ଛାଦନ ବା ବେତନ ନ ନେଇ କେବଳ ଦୁଧ ନେଇ ଗୋ-ପାଳନ କରେ ସେ ସ୍ୱାମିର ଅନୁମତିରେ ଦଶଗୋଟି ଗାଭୀ ମଧ୍ୟରୁ ଶ୍ରେଷ୍ଠ ଗୋଟିଏ ଗାଈର ଦୁଧ ଦୁହିଁ ନେଇ ପାରେ, ଅନ୍ୟ ପ୍ରକାର ବେତନ ନିର୍ଦ୍ଦେଶ ନ ଥିଲେ ଏହାହିଁ (ଦଶ ଗାଈରେ ଗୋଟିଏ ଗାଈ ଦୁହିଁନେବା) ତାହାର ବେତନ ।

**ନଷ୍ଟଂ ବିନଷ୍ଟଂ କୃମିଭିଃ ଶ୍ୱହତଂ ବିଷମେ ମୃତମ୍ ।**
**ହୀନଂ ପୁରୁଷ କାରେଣ ପ୍ରଦୟ୍ୟାପ୍ାଳ ଏବ ତୁ ।୨୩୨।**

ଯେବେ ପଶୁ ହଜିଯିବ, ପୋକ ପଡ଼ି ବିନଷ୍ଟ ହେବ, କୁକୁରଦ୍ୱାରା ହତ ହେବ, ବିଷମ (ଗିରିସଙ୍କଟ ବା ଗର୍ତ୍ତାଦି)ରେ ପଡ଼ି ମରିଯିବ ଅଥବା ଗୋପାଳର ପୁରୁଷକାର (ବ୍ୟାଘ୍ରାଦି ତାଡ଼ନର) ଦୀନତାରୁ କ୍ଷତି ହେବ ଶିଶୁପାଳକ ସେଥିସକାଶେ ଦାୟୀ ହୋଇଯିବ ।

**ବିଘୁଷ୍ୟ ତୁ ହୃତଂ ଚୌରୈନ ପାଲୋ ଦାତୁମର୍ହତି ।**
**ଯଦି ଦେଶେ ଚ କାଳେ ଚ ସ୍ୱାମିନଃ ସ୍ୱସ୍ୟ ଶଂସତି ।୨୩୩।**

ଚୋରମାନେ ନାଚରା ପିଟି ପଶୁ ଅପହରଣ କଲେ ଯଦି ପାଳକ ସ୍ୱାମିକୁ ତହିଁର ସମ୍ବାଦ ଉଚିତ ଦେଶକାଳରେ ଦିଏ ତେବେ ପଶୁ ହେବାକୁ ପାଳକ ଦାୟୀ ହେବନାହିଁ ।

**କର୍ଣ୍ଣୌ ଚର୍ମ ଚ କାଲାଂଶ୍ଚ ବସ୍ତିଂ ସ୍ନାୟଞ୍ଚ ରୋଚନାମ୍ ।**
**ପଶୁଷୁ ସ୍ୱାମିନାଂ ଦଦ୍ୟାନ୍ମୃତେଷ୍ୱଙ୍ଗାନି ଦର୍ଶୟେତ୍ ।୨୩୪।**

ପଶୁ ସ୍ୱୟଂ ମରିଗଲେ ତାହାର ଅଙ୍ଗ ସବୁ ଦେଖାଇବ ଓ ତାହାର କାନ, ଚମ, ବାଳ, ତଳିପେଟ, ସ୍ନାୟୁ ଓ ରୋଚନା ସ୍ୱାମିକୁ ଦେବ ।

**ଅଜାବିକେ ତୁ ସଂରୁଦ୍ଧେ ବୃକୈଃ ପାଳେ ତ୍ୱନାୟତି ।**
**ଯାଂ ପ୍ରସହ୍ୟ ବୃକୋ ହନ୍ୟପ୍ାଳେ ତତ୍କିଲ୍ବିଷଂ ଭବେତ୍ ।୨୩୫।**

ଛେଳି ଓ ମେଣ୍ଢାକୁ ହେଟା ବିଲୁଆ ପ୍ରଭୃତି ଘେରିବା ସମୟରେ ଯଦି ରକ୍ଷକ ନ ଆସିବା ହେତୁ ହେଟା ପ୍ରଭୃତି ବଳପୂର୍ବକ ମାରି ପକାଏ, ତେବେ ପଶୁପାଳକର ଦୋଷ ହେବ ।

**ତାସାଂ ଚେଦବରୁଦ୍ଧାନାଂ ଚରନ୍ତୀନାଂ ମିଥୋ ବନେ ।**
**ଯାମୁତପ୍ଲୁତ୍ୟ ବୃକୋ ହନ୍ୟାନ୍ନ ପାଳସ୍ତତ୍ର ବିଲ ବିଷୀ ।୨୩୬।**

ମାତ୍ର ପାଲବାନ୍ଧି ଛେଳି ମେଣ୍ଢା ପାଳକ ସହିତ ବନରେ ଚରି ବୁଲୁଥିବା ସମୟରେ ଯଦି ବୃକ ଡ଼େଇଁପଡ଼ି ମାରି ପକାଏ ତେବେ ପଶୁପାଳକ ତହିଁରେ ଦୋଷୀ ହେବନାହିଁ ।

**ଧନୁଃଶତଂ ପରୀହାରୋ ଗ୍ରାମସ୍ୟ ସ୍ୟାତ୍ସମନ୍ତତଃ ।**
**ଶମ୍ୟାପାତାସ୍ତ୍ରୟୋ ବାପି ତ୍ରିଗୁଣୋ ନଗରସ୍ୟ ତୁ ।୨୩୭।**

ଗ୍ରାମର ଚତୁର୍ଦ୍ଦିଗରେ ଚାରିଶତ ହାତ (ଚାରି ହାତରେ ଏକ ଧନୁ) ବା ତିନିଦୀର୍ଘ ଯଷ୍ଟି କ୍ଷେପ ପରିମିତ ସ୍ଥାନ ପଶୁ ଚରିବା ସକାଶେ ରଖିବ, ମାତ୍ର ନଗର ଚତୁର୍ଦ୍ଦିଗରେ ତହିଁରେ ତିନିଗୁଣ ସ୍ଥାନ ରଖିବାକୁ ହେବ ।

**ତତ୍ରାପରିବୃତଂ ଧାନ୍ୟ ବିହିଂସ୍ୟୁଃ ପଶବୋ ଯଦି ।**
**ନ ତତ୍ର ପ୍ରଣୟେଦ୍ଦଣ୍ଡଂ ନୃପତିଃ ପଶୁରକ୍ଷିଣାମ୍ ।୨୩୮।**

ସେହି ପରିହାର ସ୍ଥାନରେ ବାଡ଼ ନ ବସାଇ ଯଦି କେହି ଧାନ କଲାରୁ ପଶୁ ତାହା ନଷ୍ଟ କରେ ତାହା ରାଜା ପଶୁପାଳକମାନଙ୍କୁ ସେଥି ସକାଶେ ଦଣ୍ଡ ଦେବନାହିଁ ।

**ବୃତିଂ ତତ୍ର ପ୍ରକୁର୍ବୀତ ମାମୁଷ୍ଟ୍ରୋନ ବିଲୋକୟେତ୍ ।**
**ଛିଦ୍ରଂ ଚ ବାରୟେତ୍ସର୍ବଂ ଶ୍ୱଶୂକରମୁଖାନୁଗମ୍ ।୨୩୯।**

ସେହି କ୍ଷେତ ବଞ୍ଚାଇବାପାଇଁ ଏତେ ଉଚ୍ଚ କଣ୍ଟା ବାଡ଼ କରିବ କି ଯାହା ଓଟ ଦେଖି ପାରିବ ନାହିଁ ଏବଂ ମଝିଫାଙ୍କ ବୁଜି ଦେବ କି ଯହିଁରେ କୁକୁର ବା ଘୁଷୁରି ମୁହଁ ପଶି ନ ପାରେ ।

**ପଥି କ୍ଷେତ୍ରେ ପରିବୃତେ ଗ୍ରାମାନ୍ତୀୟେଽଥବା ପୁନଃ ।**
**ସ ପାଳଃ ଶତଦଣ୍ଡାର୍ହୋ ବିପାଳାଂଷ୍ଟାରୟେତ୍ପଶୂନ୍ ।୨୪୦।**

ବାଟପାଖ ବା ଗ୍ରାମସମୀପ ବା ପରିହାରସ୍ଥ ବାଡ଼ଦିଆ କ୍ଷେତରେ ପାଳକ ସହିତ ଆସିଥିବା ପଶୁ ନଷ୍ଟ କଲେ ଶତପଣ ଦଣ୍ଡ ଯୋଗ୍ୟ ହେବ, ମାତ୍ର ପାଳକ ରହିତ ପଶୁମାନଙ୍କୁ କ୍ଷେତ୍ରସ୍ୱାମୀ ନିବାରଣ କରିବ ।

**କ୍ଷେତ୍ରେଷ୍ୱନ୍ୟେଷୁ ତୁ ପଶୁଃ ସପାଦଂ ପଣମର୍ହତି ।**
**ସର୍ବତ୍ର ତୁ ସଦୋ ଦେୟଃ କ୍ଷେତ୍ରି କସ୍ୟେତି ଧାରଣା ।୨୪୧।**

(ବାଟଗ୍ରାମସମୀପଛଡ଼ା) ଅନ୍ୟ ସ୍ଥାନରେ କ୍ଷେତ ପଶୁ ନଷ୍ଟ କଲେ ପାଞ୍ଚପା ପଣ ଦଣ୍ଡ ହେବ ଏବଂ ସବୁ ସ୍ଥାନରେ ଯେତେ କ୍ଷତି ହୋଇଥିବ ତାହା ନିଶ୍ଚୟ କ୍ଷେତ୍ର ସ୍ୱାମୀକୁ କ୍ଷତିପୂରଣ ସ୍ୱରୂପ ଦେବାକୁ ହେବ ।

**ଅନିର୍ଦ୍ଦଶାହାଂ ଗାଂ ସୂତା ବୃଷାନ୍ ଦେବପଶୂଂସ୍ତଥା ।**
**ସପାଳାନ୍ ବା ବିପାଳାନ୍ ବା ନ ଦଣ୍ଡାନ୍ମନୁରବ୍ରବୀତ୍ ।୨୪୨।* ***

ଯେଉଁ ଧେନୁ ପ୍ରସବ କରିବାର ଦଶଦିନ ବଳି ନଥିବ, ଷଣ୍ଢ ବା ଦେବପଶୁ ପାଳକ ସହିତ ବା ପାଳକ ବିହୀନ ଆଇ କ୍ଷେତ ଖାଇଗଲେ ଦଣ୍ଡ ଯୋଗ୍ୟ ହେବ ନାହିଁ ବୋଲି ମନୁ କହିଅଛନ୍ତି ।

**କ୍ଷେତ୍ରି କସ୍ୟାତ୍ୟୟେ ଦଣ୍ଡୋ ଭାଗାଦ୍ଦଶଗୁଣୋ ଭବେତ୍ ।**
**ତତୋଽର୍ଦ୍ଧଦଣ୍ଡୋ ଭୃତ୍ୟାନାମଜ୍ଞାନାତ୍ କ୍ଷେତ୍ରକସ୍ୟ ତୁ ।୨୪୩।**

କ୍ଷେତ୍ରସ୍ୱାମୀର ପଶୁ କ୍ଷେତ ଖାଇଗଲେ ରାଜ ଭାଗର ଦଶଗୁଣ ଦଣ୍ଡ ହେବ, ମାତ୍ର ଯେବେ କ୍ଷେତ୍ର ସ୍ୱାମୀ ନ ଜାଣି ଭୃତ୍ୟମାନଙ୍କ ଦୋଷରେ ନଷ୍ଟ ହୋଇଥିବ ତେବେ କ୍ଷେତ୍ର ସ୍ୱାମୀ ତହିଁର ଅଧେ ଦଣ୍ଡଦେବ ।

**ଏତଦ୍ ବିଧାନମାତିଷ୍ଠେଦ୍ଧାର୍ମିକଃ ପୃଥିବୀପତିଃ ।**
**ସ୍ୱାମୀନାଞ୍ଚ ପଶୁନାଞ୍ଚ ପାଳନାଞ୍ଚ ବ୍ୟତିକ୍ରମେ ।୨୪୦।**

ସ୍ୱାମୀ, ପଶୁ ଓ ପାଳକର ବ୍ୟତିକ୍ରମ ହେଲେ ଧାର୍ମିକ ରାଜା ଏହିପରି ବିଧାନ କରିବ ।

**ସୀମାଂ ପ୍ରତି ସମୁତ୍ପନ୍ନେ ବିବାଦେ ଗ୍ରାମୟୋର୍ଦ୍ୱୟୋଃ ।**
**ଜ୍ୟେଷ୍ଠେ ମାସ ନୟେତ୍ସୀମାଂ ସୁପ୍ରକାଶେଷୁ ସେତୁଷୁ ।୨୪୫।**

ଦୁଇଗ୍ରାମ ମଧ୍ୟରେ ସୀମା ବିବାଦ ଉତ୍ପନ୍ନ ହେଲେ ଜ୍ୟେଷ୍ଠ ମାସରେହିଡ଼ବନ୍ଧ ଆଦି ସୁପ୍ରମାଣିତ ହୋଇଯିବା ସମୟରେ ସୀମା ନିର୍ଣ୍ଣୟ କରିବ ।

**ସୀମାବୃକ୍ଷାଂଶ୍ଚ କୁର୍ବୀତ ନ୍ୟଗ୍ରୋଧାଶ୍ୱତ୍ଥକିଂଶୁକାନ୍ ।**
**ଶାଲ୍ମଳୀନ୍ ଶାଳତାଳାଂଶ୍ଚ କ୍ଷୀରିଣଶ୍ଚୈବ ବା ପାଦପାନ୍ ।୨୪୬।**

ବଟ, ଅଶ୍ୱତ୍ଥ, ପଳାଶ, ଶିମୁଳୀ, ତାଳ, ଉଦୁମ୍ବର ପ୍ରଭୃତି ଦୀର୍ଘକାଳ ସ୍ଥାୟୀ ବୃକ୍ଷମାନ ସୀମାଚିହ୍ନ ସ୍ୱରୂପ ଲଗାଇବ ।

---

* - ଏ ଶ୍ଳୋକ ପ୍ରକ୍ଷିପ୍ତ ।

**ଗୁଲ୍ମାନ୍ ବେଣୂଂଶ୍ଚ ବିବିଧାନ୍ ଶମୀବଲ୍ଲୀସ୍ଥଳାନି ଚ ।**
**ଶରାନ୍ କୁବ୍‌ଜକଗୁଲ୍ମାଂଶ୍ଚ ତଥା ସୀମା ନ ନଶ୍ୟତି ।୨୪୭।**

ଗୁଳ୍ମ, ନାନା ପ୍ରକାର ବାଉଁଶ, ଶମୀ ମାଟିର ପ୍ରଚାର କାଣ୍ଡଶର ଓ କୁବ୍‌ଜକ ଗୁଳ୍ମ ଦ୍ୱାରା ସୀମା ନଷ୍ଟ ହୁଏ ନାହିଁ ।

**ତଡ଼ାଗାନ୍ୟୁଦପାନାନି ବାପ୍ୟଃ ପ୍ରସ୍ରବଣାନି ଚ ।**
**ସୀମାସନ୍ଧିଷୁ କାର୍ଯ୍ୟାଣି ଦେବତାୟତନାନି ଚ ।୨୪୮।**

ସୀମାର ସନ୍ଧି ସ୍ଥଳରେ ତଡ଼ାଗ, ଚୌବାଚ୍ଛ, କୂପ, ଜଳପ୍ରଣାଳୀ ବା ଯଜ୍ଞମନ୍ଦିର ପ୍ରସ୍ତୁତ କରିବ ।

**ଉପଚ୍ଛନ୍ନାନି ଚାନ୍ୟାନି ସୀମାଲିଙ୍ଗାନି କାରୟେତ୍ ।**
**ସୀମାଜ୍ଞାନେ ନୃଣାଂ ବୀକ୍ଷ୍ୟ ନିତ୍ୟଂ ଲୋକେ ବିପର୍ଯ୍ୟୟମ୍ ।୨୪୯।**

ସଂସାରରେ ସୀମା ଘେନି ଲୋକମାନଙ୍କର ନିତ୍ୟ କଳହ ଉପସ୍ଥିତ ହେଉ ଥିବା ଦେଖି ଅନ୍ୟ ଗୁଢ଼ ସୀମାଚିହ୍ନମାନ ସ୍ଥାପିତ କରିବ ।

**ଅଶ୍ମନୋଽସ୍ଥୀନି ଗୋବାଲାଂସ୍ତୁଷାନ୍ ଭସ୍ମକପାଲିକାଃ ।**
**କରୀଷମିଷ୍ଟକାରାଂ ପଙ୍କର୍କରା ବାଲୁକାସ୍ତଥା ।୨୫୦।**

ପଥର, ହାଡ଼, ରୋବାଳ, ଚଷ୍ଣୁ, ପାଉଁଶ, ଖପରା, ଘସି, ଇଟା , ଅଙ୍ଗାର, ଗୁଡ଼ ତଥା ବାଲି ।

**ଯାନି ଚୈବଂ ପ୍ରକାରାଣି କାଲାଭୂମିର୍ନ ଭକ୍ଷୟେତ୍ ।**
**ତାନି ସନ୍ଧିଷୁ ସୀମୟାମପ୍ରକାଶାନି କାରୟେତ୍ ।୨୫୧।**

ଆଉ ଏହିପରି ଯେଉଁ ଦ୍ରବ୍ୟ ଦୀର୍ଘ କାଳରେ ସୁଦ୍ଧା ଭୂଇଁ ଖାଇ ନ ଯାଏ ସେହି ସବୁ ଦ୍ରବ୍ୟ ସୀମାର ସନ୍ଧିସ୍ଥାନରେ ଅପ୍ରକାଶ୍ୟ ଭାବରେ ପୋତି ରଖିବ ।

**ଏତୈର୍ଲିଙ୍ଗୈର୍ନୟେତ୍ସୀମାଂ ରାଜା ବିବଦମାନୟୋଃ ।**
**ପୂର୍ବଭୁକ୍ତ୍ୟା ଚ ସତତମୁଦକସ୍ୟାଗମେନ ଚ ।୨୫୨।**

ଏହି ସବୁ ଚିହ୍ନ, ପୂର୍ବଭୋଗ ଓ ନଦୀପ୍ରବାହାଦି ଜଳର ମାର୍ଗ ଇତ୍ୟାଦି ଚିହ୍ନଦ୍ୱାରା ରାଜା ସର୍ବଦା ବାଦୀବିବାଦୀମାନଙ୍କର ସୀମାକଳହ ନିର୍ଣ୍ଣୟ କରିବ ।

**ଯଦି ସଂଶୟ ଏବ ସ୍ୟାଲ୍ଲିଙ୍ଗାନାମପି ଦର୍ଶନେ ।**
**ସାକ୍ଷିପ୍ରତ୍ୟୟ ଏବ ସ୍ୟାତ୍ସୀମାବାଦବିନିର୍ଣ୍ଣୟଃ ।୨୫୩।**

ଏହି ଚିହ୍ନମାନ ଦେଖି ସୁଦ୍ଧା ଯଦି ସନ୍ଦେହ ଜାତ ହୁଏ ସାକ୍ଷିପ୍ରମାଣ ଦ୍ୱାରା ସୀମାବିବାଦ ନିର୍ଣ୍ଣୟ କରିବାକୁ ହେବ ।

**ଗ୍ରାମୀୟକକୁଳନାଞ୍ଚ ସମକ୍ଷଂ ସୀମ୍ନିସାକ୍ଷିଣଃ ।**
**ପ୍ରଷ୍ଟବ୍ୟାଃ ସୀମାଲିଙ୍ଗାନି ତୟୋଶ୍ଚୈବ ବିବାଦିନୋ ।୨୭୪।**

ଗ୍ରାମସ୍ଥ ଲୋକମାନଙ୍କର ସାକ୍ଷାତରେ ଏବଂ ବାଦୀ ପ୍ରତିବାଦୀର ସମକ୍ଷରେ ସୀମା ଚିହ୍ନ ସବୁ ସୀମାସ୍ଥଳରେ ସାକ୍ଷୀମାନଙ୍କୁ ପଚାରିବା କର୍ତ୍ତବ୍ୟ ।

**ତେ ପୃଷ୍ଟାସ୍ତୁ ଯଥାବ୍ରୂୟଃ ସମସ୍ତାଃ ସୀମ୍ନିନିଶ୍ଚୟମ୍ ।**
**ନିବଧ୍ନୀୟାତ୍ତଥା ସୀମା ସର୍ବାଂସ୍ତାଂଶ୍ଚୈବ ନାମତଃ ।୨୫୫।**

ସାକ୍ଷିମାନଙ୍କୁ ପଚାରାଗଲାରୁ ସେମାନେ ଯେପରି କହିବେ ସେହିପରି ସମସ୍ତ ସୀମାସ୍ଥିର କରିବାକୁ ହେବ ଏବଂ ସୀମାସଂକ୍ରାନ୍ତ ଲେଖ୍ୟ ମଧ୍ୟରେ ସେ ସମସ୍ତଙ୍କର ନାମ ଲେଖି ରଖିବାକୁ ହେବ ।

**ଶିରୋଭିସ୍ତେ ଗୃହୀତ୍ୱୋର୍ବୀ ସ୍ରଗ୍‌ବିଣୋ ରକ୍ତବାସସଃ ।**
**ସୁକୃତୈଃ ଶାପିତାଃ ସ୍ୱୈଃ ସ୍ୱୈର୍ନୟେୟୁସ୍ତେ ସମଞ୍ଜସମ୍ ।୨୫୬।**

ସେହି ସାକ୍ଷିମାନେ ମୁଣ୍ଡରେ ଚେକା ଘେନି ଫୁଲମାଳ ଝୁଲାଇ ରଙ୍ଗଲୁଗା ପିନ୍ଧି ସ୍ୱ-ସ୍ୱ-ସୁକୃତ-ନାଶରୂପ ଶପଥ କରି ସୀମାସାମଞ୍ଜସ୍ୟ କରିବେ ।

**ଯଥୋକ୍ତେନା ନୟନ୍ତସ୍ତେ ପୂୟନ୍ତେ ସତ୍ୟସାକ୍ଷିଣଃ ।**
**ବିପରୀତଂ ନୟନସ୍ତୁ ଦାପ୍ୟାଃ ସ୍ୟୁର୍ଦ୍ୱିଶତଂ ଦମମ୍ ।୨୫୭।**

ଏହି ସତ୍ୟପ୍ରଧାନ ସାକ୍ଷିମାନେ ଶାସ୍ତ୍ରୋକ୍ତ ବିଧିଦ୍ୱାରା ସୀମା ନିର୍ଣ୍ଣୟରେ ସହାୟକ ହୋଇ ନିଷ୍ପାପ ହୁଅନ୍ତି; ମାତ୍ର ସୀମାନିର୍ଣ୍ଣୟରେ ତହିଁର ବିପରୀତ (ଅସତ୍ୟାଚରଣ) କଲେ ଦୁଇଶତ ପଣ ଦଣ୍ଡଯୋଗ୍ୟ ହେବେ ।

**ସାକ୍ଷ୍ୟଭାବେ ତୁ ଚତ୍ୱାରୋ ଗ୍ରାମାଃ ସୀମାନ୍ତବାସିନଃ ।**
**ସୀମାବିନିର୍ଣ୍ଣୟଂ କୁର୍ଯ୍ୟୁ ପ୍ରୟତା ରାଜସନ୍ନିଧୌ ।୨୫୮।**

ସାକ୍ଷୀର ଅଭାବ ହେଲେ ଗ୍ରାମର ସୀମାନ୍ତବାସୀ (ପ୍ରଧାନ ପ୍ରଧାନ) ଚାରିଜଣ ରାଜସନ୍ନିଧାନରେ ପ୍ରଯତ୍ନଭାବେ ସୀମା ନିଶ୍ଚୟ କରିବେ ।

**ସାମନ୍ତାନାମଭାବେ ତୁ ମୌଲାନାଂ ସୀମ୍ନି ସାକ୍ଷିଣାମ୍ ।**
**ଇମାନପ୍ୟନୁଯୁଞ୍ଜୀତ ପୁରୁଷାନ୍ ବନଗୋଚରାନ୍ ।୨୫୯।**

ସୀମା ବିଷୟରେ ବହୁକାଳରୁ ବାସ କରୁଥିବା ସୀମନ୍ତବାସୀ ସାକ୍ଷିର ଅଭାବ ହେଲେ ବକ୍ଷ୍ୟମାଣ ବନଚାରୀ ପୁରୁଷମାନଙ୍କୁ ପଚାରିବାକୁ ହେବ ।

**ବ୍ୟାଧାଂଶ୍ଛକୁନିକାନ୍ ଗୋପାନ୍ କୈବର୍ତ୍ତାନ୍ ମୂଳଖାନକାନ୍ ।**
**ବ୍ୟାଳଗ୍ରାହାନୁଞ୍ଛବୃତ୍ତୀନନ୍ୟାଂ ଶ୍ଚ ବନଚାରିଣଃ ।୨୬୦।**

ବ୍ୟାଧ, ଚଢ଼େଇମାର, ଗୋପ, କେଉଟ, ମୂଳଖାନନ (ଔଷଧି ଚେର ମୂଳ ତାଡ଼ି ଯେଉଁମାନେ ଜୀବିକା ଅର୍ଜନ କରନ୍ତି), ସାପୁଆକେଳା ଓ ଉଞ୍ଛବୃତ୍ତିଶୀଳତଥା ଅନ୍ୟାନ୍ୟ ବନଚାରିମାନଙ୍କୁ ପଚାରିବ ।

**ତେ ପୃଷ୍ଟାସ୍ତୁ ଯଥାବ୍ରୂୟୁଃ ସୀମାସନ୍ଧିଷୁ ଲକ୍ଷଣମ୍ ।**
**ତତ୍ତଥା ସ୍ଥାପୟେଦ୍ରାଜା ଧର୍ମେଣ ଗ୍ରାମୟୋର୍ହୟୋଃ ।୨୬୧।**

ସେମାନେ ଜିଜ୍ଞାସିତ ହୋଇ ସୀମାସନ୍ଧିର ଲକ୍ଷଣ ଯେପରି କହିବେ ରାଜା ଧର୍ମାନୁସାରେ ଦୁଇଗ୍ରାମର ମଧ୍ୟବର୍ତ୍ତୀ ସୀମା ସେହିପରି ସ୍ଥାପନ କରିବ ।

**କ୍ଷେତ୍ରକୂପତଡ଼ାଗାନାମା ରାମସ୍ୟ ଗୃହସ୍ୟ ଚ ।**
**ସାମନ୍ତପ୍ରତ୍ୟୟୋ ଜ୍ଞେୟଃ ସୀମାସେତୁ ବିନିର୍ଣ୍ଣୟଃ ।୨୬୨।**

କ୍ଷେତ୍ର, କୂପ, ତଡ଼ାଗ, ଉଦ୍ୟାନ ଓ ଘରର ସୀମାଚିହ୍ନ ନିର୍ଣ୍ଣୟ କରିବାରେ ପ୍ରତିବାସୀ ସାକ୍ଷୀମାନଙ୍କୁ ପ୍ରତୀତ କରିବ ।

**ସୀମନ୍ତାଶ୍ଚେନ୍ମୃଷା ବ୍ରୁୟଃ ସେତୌ ବିବଦତାଂ ନୃଣାମ୍ ।**
**ସର୍ବେ ପୃଥକ୍ ପୃଥକ୍‌ଦଣ୍ଡ୍ୟା ରାଜ୍ଞା ମଧ୍ୟମସାହସମ୍ ।୨୬୩।**

ବିବାଦକାରୀ ମନୁଷ୍ୟମାନଙ୍କର ସୀମା ଚିହ୍ନ ବିଷୟରେ ଯଦି ପ୍ରତିବାଦୀ ଲୋକମାନେ ମିଛ କହନ୍ତି ତେବେ ରାଜା ସେମାନଙ୍କୁ ଜଣ ଜଣ କରି ମଧ୍ୟମ ସାହସ ଦଣ୍ଡ ଦେବ ।

**ଗୃହଂ ତଡ଼ାଗମାରାମଂ କ୍ଷେତ୍ର ବା ଭୀଷୟା ହରନ୍ ।**
**ଶତାନି ପଞ୍ଚ ଦଣ୍ଡ୍ୟଃ ସ୍ୟାଦଜ୍ଞାନାଦ୍‌ଦ୍ୱିଶତୋ ଦମଃ ।୨୬୪।**

ଭୟ ପ୍ରଦର୍ଶନ ଦ୍ୱାରା ଯଦି କେହି କାହା ଗୃହ, ତଡ଼ାଗ, ଉଦ୍ୟାନ ବା କ୍ଷେତ୍ର ହରଣ କରେ ତେବେ ସେ ପାଞ୍ଚଶତ ପଣ ମାତ୍ର ଅଜ୍ଞାନତାବଶତଃ କରି କରିଥିଲେ ଦୁଇଶତ ପଣ ଦଣ୍ଡଦେବ ।

**ସୀମାୟାମବିଷହ୍ୟାୟାଃ ସ୍ୱୟଂରାଜୈବ ଧର୍ମବିତ୍ ।**
**ପ୍ରଦିଶେଦ୍ ଭୂମିମେତେଷାମୁପକାରାଦିତି ସ୍ଥିତିଃ ।୨୬୫।**✲

ପର୍ଯ୍ୟାପ୍ତ ପ୍ରମାଣ ଭାବେ ସୀମାନିର୍ଣ୍ଣୟ ଅସାଧ୍ୟ ହେଲେ ଧର୍ମଜ୍ଞ ରାଜା ସ୍ୱୟଂ ସୀମାସ୍ଥଳକୁ ଯାଇ ଯହିଁରେ ଯାହାର ଉପକାର ହେବ ତାହା ତାହାକୁ ବାଣ୍ଟିଦେବ, ଏହାହିଁ ଶାସ୍ତ୍ର ବ୍ୟବସ୍ଥା ।

**ଏଷୋଽଖିଳେନାଭିହିତୋ ଧର୍ମଃ ସୀମାବିନିର୍ଣ୍ଣୟେ ।**
**ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ବାକ୍ ପାରୁଷ୍ୟବିନିର୍ଣ୍ଣୟମ୍ ।୨୬୬।**

ନିଃଶେଷରୂପେ ଏହି ସୀମାନିର୍ଣ୍ଣୟର ବ୍ୟବସ୍ଥା କହିଲୁ, ଅତଃପର ବାକ୍‌ପାରୁଷ୍ୟ ବିଷୟର ବ୍ୟବସ୍ଥା ବୋଲିବୁଁ ।

**ଶତଂ ବ୍ରାହ୍ମଣମାକ୍ରୁଶ୍ୟ କ୍ଷତ୍ରିୟୋଦଣ୍ଡମର୍ହତି ।**
**ବୈଶ୍ୟୋଽପ୍ୟର୍ଦ୍ଧଶତଂ ଦ୍ୱେ ବା ଶୂଦ୍ରସ୍ତୁ ବଧମର୍ହତି ।୨୬୭।**

ବ୍ରାହ୍ମଣକୁ ତିରସ୍କାର କଲେ କ୍ଷତ୍ରିୟ ଶହେପଣ, ବୈଶ୍ୟ ଦେଢ଼ଶ ବା ଦୁଇଶପଣ (ଅର୍ଥ) ଦଣ୍ଡଦେବ ମାତ୍ର ଶୂଦ୍ର ଶାରୀରିକ (ବେତ୍ରାଘାତାଦି) ଦଣ୍ଡ ପାଇବ ।

**ପଞ୍ଚାଶଦ୍‌ବ୍ରାହ୍ମଣୋ ଦଣ୍ଡ୍ୟଃ କ୍ଷତ୍ରିୟସ୍ୟାଭିଶଂସନେ ।**
**ବୈଶ୍ୟେ ସ୍ୟାଦର୍ଦ୍ଧ ପଞ୍ଚାଶଚ୍ଛୂଦ୍ରେ ଦ୍ୱାଦଶକୋଦମଃ ।୨୬୮।**✲ ✲

ବ୍ରାହ୍ମଣ କ୍ଷତ୍ରିୟକୁଗାଳି ଦେଲେ ପଞ୍ଚାଶପଣ; ବୈଶ୍ୟକୁ ଗାଳିଦେଲେ ପଚିଶ ପଣ ଓ ଶୂଦ୍ରକୁ ଗାଳି ଦେଲେ ୧୨ପଣ ଦଣ୍ଡ ଦେବ ।

**ସମବର୍ଣ୍ଣେ ଦ୍ୱିଜାତୀନାଂ ଦ୍ୱାଦଶୈବ ବ୍ୟତିକ୍ରମେ ।**
**ବାଦେଷ୍ୱବଚନୀୟେଷୁ ତଦେବ ଦ୍ୱିଗୁଣଂ ଭବେତ୍ ।୨୬୯।**

ଦ୍ୱିଜାତିମାନଙ୍କ ମଧ୍ୟରେ ସମବର୍ଣ୍ଣରେ ପରସ୍ପର ଗାଳି ଦିଆ ଦେଇ ହେଲେ ବାରପଣ ଦଣ୍ଡ ମାତ୍ର ଅକଥନୀୟ କୁତ୍ସିତ ବାକ୍ୟରେ ତିରସ୍କାର କଲେ ତହିଁର ଦୁଇଗୁଣ ଦଣ୍ଡ ଦେବ ।

**ଏକଜାତି ଦ୍ୱିଜାତୀଂସ୍ତୁ ବାଚା ଦାରୁଣୟା କ୍ଷିପନ୍ ।**
**ଜିହ୍ୱାୟାଃ ପ୍ରାପ୍ନୁୟାଚ୍ଛେଦଂ ଜଘନ୍ୟପ୍ରଭବୋ ହି ସଃ ।୨୭୦।**

ଶୂଦ୍ରଜାତିମାନଙ୍କୁ ଦାରୁଣବାକ୍ୟରେ ଗାଳି ଦେଲେ ତାହାର ଜିଭ କାଟି ଦିଆଯିବ, କାରଣ, ଜଘନ୍ୟ ସ୍ଥାନରୁ ତାହାର ଜନ୍ମ ।

---

✲ ଏଥିଉତ୍ତାରୁ ଦୁଇ ପୁସ୍ତକରେ ମିଳେ-

ଧ୍ୱଜିନୀ ମତ୍ସିନୀ ଚୈବ ନିଧାନୀ ଭୟବର୍ଜିତା ।
ରାଜଶାସନନୀତା ଚ ସୀମା ପଞ୍ଚବିଧାସ୍ମୃତା ॥

✲ ✲ ଏହାପରେ ତିନିପୁସ୍ତକରେ ମିଳେ-

ବିପ୍ରକ୍ଷତ୍ରୀୟବତ୍କାର୍ଯ୍ୟୋ ଦଣ୍ଡୋ ରାଜନ୍ୟବୈଶ୍ୟୟୋଃ ।
ବୈଶ୍ୟକ୍ଷତ୍ରିୟୟୋଃ ଶୂଦ୍ରେ ବିପ୍ରେ ଯଃ କ୍ଷତ୍ରିଶୂଦ୍ରୟୋଃ ॥
ସମୁତ୍କର୍ଷାପକର୍ଷାସ୍ତୁ ବିପ୍ରଦଣ୍ଡସ୍ୟ କଳ୍ପନାଃ ।
ରାଜନ୍ୟବୈଶ୍ୟଶୂଦ୍ରାଣାଂ ଧନବର୍ଜମିତ ସ୍ଥିତଃ ।

**ନାମଜାତିଗ୍ରହଂ ତ୍ୱେଷାମଭିଦ୍ରୋହେଣ କୁର୍ବତଃ ।**
**ନିକ୍ଷେପ୍ୟୋଽୟୋମୟଃ ଶଙ୍କୁର୍ଜ୍ୱଲନ୍ନାସ୍ୟେ ଦଶାଙ୍ଗୁଳଃ ।୨୭୧।**

ନାମ ଓ ଜାତି ଉଚ୍ଚାରଣ କରି ଶୂଦ୍ର ଯେବେ ଦ୍ୱିଜାତି ପ୍ରତି ଆକ୍ରୋଶ କରେ ତେବେ ଦଶ ଅଙ୍ଗୁଳର ଲୁହା ଶିଖ ତତାଇ ତାହାର ମୁହଁରେ ଗୁଞ୍ଜି ଦିଆଯିବ ।

**ଧର୍ମୋପଦେଶଂ ଦର୍ପେଣ ବିପ୍ରଣାମସ୍ୟ କୁର୍ବତଃ ।**
**ତପ୍ତମାସେଚୟେତ୍ତୈଳଂ ବକ୍ତ୍ରେ ଶ୍ରୋତ୍ରେ ଚ ପାର୍ଥିବଃ ।୨୭୨।**

ଯଦି ଶୂଦ୍ର ଅହଙ୍କାର କରି ବିପ୍ରକୁ ଧର୍ମୋପଦେଶ ଦିଏ ତେବେ ତାହାର ମୁହଁ ଓ କାନରେ ରାଜା ଗରମ ତେଲ ଢ଼ାଳିଦେବ ।

**ଶ୍ରୁତଂ ଦେଶଞ୍ଚ ଜାତିଞ୍ଚ କର୍ମଶାରୀର ମେବଚ ।**
**ବିତଥେନ ବ୍ରୁବନ୍ ଦପାଦ୍ଦାପ୍ୟଃ ସ୍ୟାଦ୍ଦ୍ୱିଶତଂ ଦମମ୍ ।୨୭୩।**

ଅନ୍ୟ ଲୋକର ବିଦ୍ୟା, ଦେଶ, ଜାତି ଓ ସଂସ୍କାର କର୍ମ ସମ୍ବନ୍ଧରେ ଯଦି ଜଣେ ଦର୍ପ କରି ଅନ୍ୟଥା ବୋଲେ ତେବେ ସେ ଦୁଇ ଶତପଣ ଦଣ୍ଡ ପାଇବ ।

**କାଣଂ ବାପ୍ୟଥବା ଖଞ୍ଜମନ୍ୟଂ ବାପି ତଥାବିଧମ୍ ।**
**ତଥ୍ୟେନାପି ବ୍ରୁବନ୍ ଦାପ୍ୟୋ ଦଣ୍ଡଂ କାର୍ଷାପଣାବରମ୍ ।୨୭୪।**

କଣା, ଲେଙ୍ଗଡ଼ା ବା ତଥାବିଧ ଅନ୍ୟ କେହି ଅଙ୍ଗହୀନ ଲୋକକୁ କଣା ଇତ୍ୟାଦି କହି ଡ଼ାକିଲେ ଏକକାର୍ଷାପଣ ଦଣ୍ଡ ହେବ ।

**ମାତରଂ ପିତରଂ ଜାୟାଂ ଭ୍ରାତରଂ ତନୟ ଗୁରୁମ୍ ।**
**ଆକ୍ଷାରୟଞ୍ଛତଂ ଦାପ୍ୟଃ ପନ୍ଥାନଞ୍ଚାଦଦଦ୍ ଗୁରୋଃ ।୨୭୫।**

ମାତା, ପିତା, ପତ୍ନୀ, ଭ୍ରାତା, ପୁତ୍ର ଓ ଗୁରୁଙ୍କୁ ଯେ ଅଭିଶାପ ଦେଇ ଗାଳି ଦିଏ ଅଥବା ଗୁରୁଙ୍କୁ ବାଟ ନ ଛାଡ଼େ ସେ ଶଏପଣ ଦଣ୍ଡ ଦେବ ।

**ବ୍ରାହ୍ମଣକ୍ଷତ୍ରିୟାଭ୍ୟାନ୍ତୁ ଦଣ୍ଡଃ କାର୍ଯ୍ୟୋ ବିଜାନତା ।**
**ବ୍ରାହ୍ମଣେ ସାହସଃ ପୂର୍ବଂ କ୍ଷତ୍ରିୟେତ୍ୱେବ ମଧ୍ୟମଃ ।୨୭୬।**

ବ୍ରାହ୍ମଣ ଓ କ୍ଷତ୍ରିୟ ମଧ୍ୟରେ ଗାଳି ଦିଆ ଦେଇ ହେଲେ ବ୍ରାହ୍ମଣର ଅପରାଧ ହେଲେ ପ୍ରଥମ ସାହସ ଓ କ୍ଷତ୍ରିୟ ଅପରାଧ ମଧ୍ୟମ ସାହସ ଦଣ୍ଡ ଦେବ ।

**ବିଟ୍‌ଶୂଦ୍ରୟୋରେବମେବ ସ୍ୱଜାତି ପ୍ରତି ତତ୍ତ୍ୱତଃ ।**
**ଛେଦବର୍ଜଂ ପ୍ରଣୟନଂ ଦଣ୍ଡସ୍ୟେତି ବିନିଶ୍ଚୟଃ ।୨୭୭।**

ବୈଶ୍ୟ ଶୂଦ୍ର ମଧ୍ୟରେ ପରସ୍ପର ଗାଳି ଦିଆ ଦେଇ ହେଲେ ସେହିପରି ବୈଶ୍ୟର ପ୍ରଥମ ସାହାସ ଓ ଶୂଦ୍ରର ମଧ୍ୟମ ସାହାସ ଦଣ୍ଡ ଦେବ, ଜିହ୍ୱାଚ୍ଛେଦ ହେବ ନାହିଁ- ଏହାହିଁ ଦଣ୍ଡ ବ୍ୟବସ୍ଥା ।

**ଏଷଦଣ୍ଡବିଧିଃ ପ୍ରୋକ୍ତାବାକ୍ ପାରୁଷ୍ୟସ୍ୟ ତତ୍ତ୍ୱତଃ ।**
**ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଦଣ୍ଡପାରୁଷ୍ୟନିର୍ଣ୍ଣୟମ୍ ।୨୭୮।**

ବାକ୍‌ପାରୁଷ୍ୟର ଯଥାଶାସ୍ତ୍ର ଏହି ଦଣ୍ଡ ବୋଲାଗଲା; ଏଥୁ ଉତ୍ତାରୁ ମାରପିଟର ବିଧି ବୋଲୁଅଛୁ ।

---

* - ୨୭୦ ଠାରୁ ୨୭୨ ଶ୍ଳୋକ ପ୍ରକ୍ଷିପ୍ତ ।

* - ଏ ଶ୍ଳୋକ ପ୍ରକ୍ଷିପ୍ତ ।

**ଯେନ କେନବିଦଙ୍ଗେନ ହିଂସ୍ୟାଚ୍ଛେଷ୍ଟେ ଷମନ୍ତ୍ୟଜଃ ।**
**ଛେତ୍ତବ୍ୟଂ ତତ୍ତଦେବାସ୍ୟ ତନ୍ନତୋରନ୍ତୁ ଶାସନମ୍ ।୨୭୯।***

ଅନ୍ତ୍ୟଜଲୋକ ଦ୍ୱିଜାତି ଲୋକକୁ ଯେ କୌଣସି ଅଙ୍ଗରେ ମାଇଲେ ତାହାର ସେହି ଅଙ୍ଗକାଟି ଦିଆଯିବ, ଏହା ମନୁ ଆଜ୍ଞା ଦେଇଛନ୍ତି ।

**ପାଣି ମୁଦ୍ୟମ୍ୟ ଦଣ୍ଡଂ ବା ପାଣି ଛେଦନମର୍ହତି ।**
**ପାଦେନ ପ୍ରହରନ୍ କୋପାତ୍ପାଦଚ୍ଛେଦନମର୍ହତି ।୨୮୦।**

ହାତ ଉଠାଇ ବା ବାଡ଼ି ଉଠାଇ ମାଇଲେ ହାତକଟାହେବ ଏବଂ କ୍ରୋଧରେ ଗୋଇଠା ମାଇଲେ ଗୋଡ଼ କଟା ଯିବ ।

**ସହାସନମଭିପ୍ରେପ୍ସୁ ରୁତ୍କୃଷ୍ଟସ୍ୟାପକୃଷ୍ଟଜଃ ।**
**କଟ୍ୟାଂ କୃତାଙ୍କୋ ନିର୍ବାସ୍ୟଃ ସ୍ଫିଚଂ ବାସ୍ୟାବକର୍ତ୍ତୟେତ୍ ।୨୮୧।**

ନୀଚକୁଳ ଜାତ (ଶୂଦ୍ର) ଯଦି ଉତ୍କୃଷ୍ଟକୁଳଜାତ ସଙ୍ଗେ ଏକାସନରେ ବସିବାକୁ ଇଚ୍ଛା କରେ ତେବେ ରାଜା ତାହାକୁ କଟିଦେଶରେ ଦାଗଦେଇ ନିର୍ବାସିତ କରିବ ଅଥବା ଏହାର ନିତମ୍ବ ଦେଶ କାଟିଦେବ ।

**ଅବନିଷ୍ଠୀବତୋ ଦପାଦ୍ଦ୍ୱାବୋଷ୍ଠୌ ଛେଦୟେନ୍ନୃପଃ ।**
**ଅବମୂତ୍ରୟତୋ ମେଢ୍ରମବଶର୍ଦ୍ଧୟତୋ ଗୁଦମ୍ ।୨୮୨।**

(ନୀଚ ଉଚ୍ଚ ଉପରେ) ଅହଂକାରରେ ଛେପ ପକାଇଲେ ରାଜା ତାହାର ଓଷ୍ଠଦ୍ୱୟ ଛେଦନ କରିବ, ମୂତ୍ର ପକାଇଲେ ମେଢ଼ କାଟିଦେବ ଓ ଅଧୋବାୟୁ ତ୍ୟାଗ କଲେ (ପାଡ଼ିଦେଲେ) ଗୁହ୍ୟଦେଶ କାଟିଦେବ ।

**କେଶେଷୁ ଗୃହ୍ଣତୋ ହସ୍ତୌ ଛେଦୟେଦ୍ ବିଚାରୟନ୍ ।**
**ପାଦୟୋର୍ଦାଢ଼ିକାୟାଞ୍ଚ ଗ୍ରୀବାୟାଂ ବୃଷଣେଷୁ ଚ ।୨୮୩।**

(ନୀଚ ଉଚ୍ଚର ଅହଙ୍କାରରେ) ଯଦି ହାତରେ ବାଳ କମ୍ବା ଦୁଇଗୋଡ଼ ଅଥବା ଦାଢ଼ି ବା ବେକ ଅଥବା ଅଣ୍ଡକୋଷ ଧରେ ତେବେ କିଛି ବିଚାର ନକରି ତାହାର ଦୁଇହାତ କାଟିଦେବ ।

**ତ୍ୱଗ୍‌ଭେଦକଃ ଶତଂ ଦଣ୍ଡ୍ୟୋଲୋହିତସ୍ୟ ଚ ଦଶକଃ ।**
**ମାଂସଭେତ୍ତା ତୁ ଷନ୍ନିଷ୍କାନ ପ୍ରବାସ୍ୟସ୍ତ୍ୱ ସ୍ଥିଭେଦକଃ ।୨୮୪।**

ଚର୍ମଭେଦକାରୀର ଶଏପଣ ଦଣ୍ଡ ହେବା କର୍ତ୍ତବ୍ୟ, ମାଂସଭେଦକାରୀର ଛଅନିଷ୍କ ଓ ଅତିଭେଦକାରୀର ନିର୍ବାସନ ଦଣ୍ଡହେବ ।

**ବନସ୍ପତୀନାଂ ସର୍ବେଷାମୁପଭୋଗୋ ଯଥା ଯଥା ।**
**ତଥା ତଥା ଦମଃ କାର୍ଯ୍ୟୋ ହିଂସାୟାମିତ ଧାରଣା ।୨୮୫।**

ବୃକ୍ଷାଦି ଉଦ୍ଭିଦସମୂହର ଯେଉଁ ଯେଉଁ ଉପଭୋଗ ହୁଏ ହିଂସାରେ ତହିଁର ହାନିକଲେ ସେହି ସେହିପରି ଦଣ୍ଡ ଦିଆଯିବ ଏହାହିଁ ବ୍ୟବସ୍ଥା ।

**ମନୁଷ୍ୟାଣାଂ ପଶୁନାଞ୍ଚ ଦୁଃଖାୟ ପ୍ରକୃତେ ସତି ।**
**ଯଥା ଯଥା ମହଦ୍ଦୁଃଖଂ ଦଣ୍ଡକୁର୍ଯ୍ୟାତ୍ତଥା ତଥା ।୨୮୬।**

ମନୁଷ୍ୟମାନଙ୍କର ଓ ପଶୁମାନଙ୍କର ପୀଡ଼ା ସକାଶେ ପ୍ରହାର କଲେ ଯେଉଁ ଯେଉଁ ପରି ପୀଡ଼ାଧିକ୍ୟ ହୁଏ ସେହି ସେହିପରି ଦଣ୍ଡବିଧାନ କରିବ ।

* - ଏ ଶ୍ଳୋକ ପ୍ରକ୍ଷିପ୍ତ ।

**ଅଙ୍ଗାବପୀଡ଼ନାୟାଞ୍ଚ ବ୍ରଣଶୋଣିତୟୋସ୍ତଥା ।**
**ସମୁତ୍ଥାନବ୍ୟୟଂ ଦାପ୍ୟଃ ସର୍ବଦଣ୍ଡମଥାପିବା ।୨୮୭।**

ଅଙ୍ଗପୀଡ଼ା କ୍ଷତ ବା ରକ୍ତପାତ କଲେ ସେ ଭଲହୋଇ ଉଠିବା ପର୍ଯ୍ୟନ୍ତ ସମୁଦାୟ ଖର୍ଚ୍ଚ ଦେବ ଏବଂ ନ ଦେଲେ ସମସ୍ତ ବ୍ୟୟ ଅର୍ଥଦଣ୍ଡ ହେବ ।

**ଦ୍ରବ୍ୟାଣି ହିଂସ୍ୟାଦ୍ ଯୋ ଯସ୍ୟ ଜ୍ଞାନତୋଽଜ୍ଞାନତୋଽପିବା ।**
**ସ ତସ୍ୟୋତ୍ପାଦୟେତ୍ତୁଷ୍ଟିଂ ରାଜ୍ଞୋ ଦଦ୍ୟାଚ୍ଚ ତତ୍ସମମ୍ ।୨୮୮।**

ଜାଣିକରି ବା ଅଜ୍ଞାନରୁ କେହି କାହାରି ଦ୍ରବ୍ୟ ନଷ୍ଟ କଲେ ତାହାକୁ ସନ୍ତୁଷ୍ଟ କରିବ ଏବଂ ରାଜା ନଷ୍ଟଦ୍ରବ୍ୟ ପରିମିତ ଦଣ୍ଡ ବିଧାନ କରିବ ।

**ଚର୍ମ ଚାର୍ମିକଭାଣ୍ଡେଷୁ କାଷ୍ଠଲୋଷ୍ଟ୍ରମୟେଷୁ ଚ ।**
**ମୁଲ୍ୟାତ୍ପଞ୍ଚଗୁଣୋ ଦଣ୍ଡଃ ପୁଷ୍ପମୂଳଫଳେଷୁ ଚ ।୨୮୯।**

ଚର୍ମ, ଚର୍ମଭାଣ୍ଡ, କାଷ୍ଠମୟ ଓ ମୃଣ୍ମୟପାତ୍ର, ଫୁଲ, ମୂଳ ଓ ଫଳ ନଷ୍ଟକଲେ ସେଥିର ମୂଲ୍ୟର ପାଞ୍ଚଗୁଣ ଦଣ୍ଡ ଦେବ ।

**ଯାନସ୍ୟ ଚୈବ ଯାତୁଶ୍ଚ ଯାନସ୍ୱାମିନ ଏବ ଚ ।**
**ଦଶାତିବର୍ତ୍ତନାନ୍ୟାହୁଃ ଶେଷେ ଦଣ୍ଡୋ ବିଧୀୟତେ ।୨୯୦।**

ଯାନଚାଳକ ଓ ଯାନସ୍ୱାମୀର ବଶ ଅବସ୍ଥାରେ ଦଣ୍ଡ ହୁଏ ନାହିଁ-ତହିଁରୁ ବଳିଗଲେ ଦଣ୍ଡ ହେବ ।

**ଛିନ୍ନନାସ୍ୟେ ଭଗ୍ନଯୁଗେ ତିର୍ଯ୍ୟକ୍ ପ୍ରତିମୁଖାଗତେ ।**
**ଅକ୍ଷଭଙ୍ଗେ ଚ ଯାନସ୍ୟ ଚକ୍ରଭଙ୍ଗେ ତଥୈବ ଚ ।୨୯୧।**

ନାବର ଦଉଡ଼ି ଛିଡ଼ିଗଲେ, ଯୁଆଳି, ବିଷମ ଭୂମିହେତୁ ରଥ ବଙ୍କା ଚାଲିଲେ ଅଖ ଭାଙ୍ଗିଗଲେ କିମ୍ବା ଯାନର ଚକ ଭାଙ୍ଗିଗଲେ ।

**ଛେଦନେ ଚୈବ ଯନ୍ତ୍ରଣାଂ ଯୋକ୍ତ୍ରରଶ୍ମ୍ୟୋସ୍ତଥୈବ ଚ ।**
**ଆକ୍ରନ୍ଦେ ଚାପ୍ୟପୈହୀତି ନ ଦଣ୍ଡଂ ମନୁରବ୍ରବୀତ୍ ।୨୯୨।✲**

ଯାନର ବନ୍ଧନଯନ୍ତ୍ର ତଥା ଯୋତ ଓ ଲଗାମ ଛିଣ୍ଡିଗଲେ ଏବଂ (ସାରଥି ଆଡ଼ହୁଏ ବୋଲି) ହାଙ୍କ ପକାଉଥିବା ସ୍ଥଳେ କାହାରି ଅପକାର ଦଣ୍ଡହେବ ନାହିଁ ବୋଲି ମନୁ କହନ୍ତି ।

**ଯତ୍ରାପବର୍ତ୍ତତେ ଯୁଗ୍ୟଂ ବୈଗୁଣ୍ୟାଦ୍ ପ୍ରାଜକସ୍ୟ ତୁ ।**
**ତତ୍ର ସ୍ୱାମୀ ଭବେଦ୍ଦଣ୍ଡ୍ୟୋ ହିଂସାୟାଂ ଦ୍ୱିଶତଂ ଦମମ୍ ।୨୯୩।**

ଅଶିକ୍ଷିତ ସାରଥି ଦୋଷରୁ ରଥ ଏଣେତେଣେ ଚାଲି ପ୍ରାଣିହିଂସା ଜନ୍ମାଇଲେ ରଥସ୍ୱାମିର ଦୁଇଶପଣ ଦଣ୍ଡ ହେବ ।

**ପ୍ରାଜକଶ୍ଚେଦ୍ଭବେଦାପ୍ତଃ ପ୍ରାଜକୋ ଦଣ୍ଡମର୍ହତି ।**
**ଯୁଗ୍ୟସ୍ଥାଃ ପ୍ରାଜକେଽନାପ୍ତେ ସର୍ବେ ଦଣ୍ଡ୍ୟାଃ ଶତଂ ଶତମ୍ ।୨୯୪।**

ସାରଥି ନିପୁଣ ଥିଲେ କେବଳ ତାହାରି (ସାରଥିର) ଦଣ୍ଡ ହେବ; ମାତ୍ର ସାରଥି ନିପୁଣ ନ ଥିଲେ ଯାନାରୁଢ଼ ସମସ୍ତଙ୍କର ଶଏ ଶଏ ପଣ ଦଣ୍ଡ ହେବ ।

**ସ ଚେତ୍ତୁପଥ୍ସଂରୁଦ୍ଧଃ ପଶୁଭିର୍ବା ରଥେନ ବା ।**
**ପ୍ରମାପୟେଦ୍ ପ୍ରାଣଭୃତସ୍ତତ୍ର ଦଣ୍ଡୋଽବିଚାରିତଃ ।୨୯୫।**

---

✲ -୨୯୦ ଠାରୁ ୨୯୨ ଶ୍ଳୋକ ପ୍ରକ୍ଷିପ୍ତ ।

ଯଦି ସେ ବାଟରେ ପଶୁମାନଙ୍କଦ୍ୱାରା ଅଥବା ଅନ୍ୟ ରଥଦ୍ୱାରା ବାଟ ନ ପାଇ ସୁଦ୍ଧା ଯାନ ଚଳାଏ ତଦ୍ଦ୍ୱାରା ଜୀବ ହତ୍ୟା ହୁଏ, ତେବେ ବିନା ବିଚାରରେ ଦଣ୍ଡ ହେବ ।

**ମନୁଷ୍ୟମାରଣେ କ୍ଷିପ୍ରଂ ଚୌରବତ୍କିଲ୍ବିଷଂ ଭବେତ୍ ।**
**ପ୍ରାଣଭୃତ୍ସୁ ମହତ୍ସ୍ୱର୍ଦ୍ଧଂ ଗୋଗଜୋଷ୍ଟ୍ରହୟାଦିଷ ।୨୯୬।**

ଯଦି ତଦ୍ଦ୍ୱାରା ମନୁଷ୍ୟ ମରିଯାଏ ତେବେ ଚୋରପରି ଦଣ୍ଡ ହେବ; ମାତ୍ର ଗୋ, ଗଜ, ଉଷ୍ଟ୍ର ଓ ହୟାଦି ବଡ଼ ବଡ଼ ନଷ୍ଟ ପଶୁ ହେଲେ ତହିଁର ଅର୍ଦ୍ଧଦଣ୍ଡ ହେବ ।

**କ୍ଷୁଦ୍ରକାଣାଂ ପଶୁନାନ୍ତୁ ହିଂସାୟାଂ ଦ୍ୱିଶତୋ ଦମଃ ।**
**ପଞ୍ଚାଶତ୍ତୁ ଭବେଦ୍ଦଣ୍ଡଃ ଶୁଭେଷୁ ମୃଗପକ୍ଷିଷୁ ।୨୯୭।**

କ୍ଷୁଦ୍ର ପଶୁ ମରିଗଲେ ଦୁଇଶତ ପଣ ଦଣ୍ଡ ହେବ ଏବଂ ଭଲ ମୃଗ ବା ପକ୍ଷୀ ମରିଗଲେ ପଞ୍ଚାଶ ପଣ ଦଣ୍ଡ ହେବ ।

**ଗର୍ଦ୍ଦଭାଜାବିକାନାନ୍ତୁ ଦଣ୍ଡଃ ସ୍ୟାତ୍ପଞ୍ଚସାଷିକଃ ।**
**ମାଷକସ୍ତୁ ଭବେଦ୍ଦଣ୍ଡଃ ଶ୍ୱଶୁକରନିପାତିତେ ।୨୯୮।**

ଗଧ, ଛେଳି ଓ ମେଣ୍ଢା ମରିଗଲେ ପାଞ୍ଚମସା ରୁପା ଏବଂ କୁକୁର ଓ ଘୁଷୁରି ମରିଗଲେ ଏକମସା ରୁପା ଦଣ୍ଡ ଦେବ ।

**ଭାର୍ଯ୍ୟାପୁତ୍ରଶ୍ଚ ଦାସଶ୍ଚ ପ୍ରେଷ୍ୟୋ ଭ୍ରାତା ଚ ସୋଦରଃ ।**
**ପ୍ରାପ୍ତପରାଧସ୍ତାଡ୍ୟାଃ ସ୍ୟୁ ରଜ୍ଜ୍ୱା ବେଣୁଦଳେନ ବା ।୨୯୯।***

ଭାର୍ଯ୍ୟା, ପୁତ୍ର, ଦାସ, ହଳୁଆ ଓ ସାନ ସହୋଦର ଭାଇ ଅପରାଧ କଲେ ରଜ୍ଜୁ ବା ବାଉଁଶକଣିଦ୍ୱାରା ତାଡ଼ନାର ଯୋଗ୍ୟ ଅଟେ ।

**ପୃଷ୍ଠତସ୍ତୁ ଶରୀରସ୍ୟ ନୋତ୍ତମାଙ୍ଗେ କଥଞ୍ଚନ ।**
**ଅତୋଽନ୍ୟଥା ତୁ ପ୍ରହରନ୍ ପ୍ରାପ୍ତଃ ସ୍ୟାଚ୍ଚୌରକିଲ୍ବିଷମ୍ ।୩୦୦।**

ମାତ୍ର ଦେହର ପିଠିରେ ମାରିବ, କଦାପି ମୁଣ୍ଡରେ ମାରିବ ନାହିଁ, ଏଥିରେ ଅନ୍ୟଥା ପ୍ରହାର କଲେ ଚୋରପରି ଦଣ୍ଡ ପାଇବ ।

**ଏଷୋଽଖିଳେନାଭିହିତୋ ଦଣ୍ଡପାରୁଷ୍ୟନିର୍ଣ୍ଣୟଃ ।**
**ସ୍ତେନସ୍ୟାତଃ ପ୍ରବକ୍ଷ୍ୟାମି ବିଧିଂ ଦଣ୍ଡବିନିର୍ଣ୍ଣୟେ ।୩୦୧।**

ମାରପିଟର ଏହି ବିଚାରବିଧି ସମ୍ପୂର୍ଣ୍ଣରୂପେ କହିଲୁଁ, ଅତଃପର ଚୋରଦଣ୍ଡ ନିର୍ଣ୍ଣୟ ବୋଲୁଅଛୁଁ ।

**ପରମଂ ଯତ୍ନମାତିଷ୍ଠେତ୍ ସ୍ତେନାନାଂ ନିଗ୍ରହେ ନୃପଃ ।**
**ସ୍ତେନାନାଂ ନିଗ୍ରହାଦସ୍ୟ ଯଶୋ ରାଷ୍ଟ୍ରଞ୍ଚ ବର୍ଦ୍ଧତେ ।୩୦୨।**

ଚୋରମାନଙ୍କ ନିଗ୍ରହରେ ରାଜା ବିଶେଷ ଯତ୍ନ କରିବ, ଚୋରମାନଙ୍କ ନିଗ୍ରହରେ ରାଜାର ଯଶ ଓ ରାଜ୍ୟ ବଢ଼େ ।

**ଅଭୟସ୍ୟ ହି ଯୋ ଦାତା ସ ପୂଜ୍ୟଃ ସତତଂ ନୃପଃ ।**
**ସତ୍ରଂ ହି ବର୍ଦ୍ଧତେ ତସ୍ୟ ସଦେବାଭୟଦକ୍ଷିଣମ୍ ।୩୦୩।**

ଯେଉଁ ରାଜା ଅଭୟଦାତା ସେ ସର୍ବଦା ପୂଜନୀୟ ଅଟେ ଏବଂ ଅଭୟରୂପ ଦକ୍ଷିଣାଦ୍ୱାରା ତାହାର ଯଜ୍ଞ ସତତ ବୃଦ୍ଧି ପ୍ରାପ୍ତ ହୁଏ ।

---

* – କୌଣସି କୌଣସି ପାଠରେ 'ପ୍ରେଷ୍ୟୋ' ସ୍ଥାନରେ 'ଶିଷ୍ୟୋ' ଅଛି ।

**ସର୍ବତୋ ଧର୍ମଷଡ୍‌ଭାଗୋ ରାଜ୍ଞୋ ଭବତି ରକ୍ଷକଃ ।**
**ଅଧର୍ମାଦପି ଷଡ଼ଭାଗୋ ଭବତ୍ୟସ୍ୟ ହ୍ୟରକ୍ଷତଃ ।୩୦୪।**

ପ୍ରଜାରକ୍ଷକ ରାଜାକୁ ସକଳ ପ୍ରଜାଙ୍କ ଧର୍ମକର୍ମର ଛଅଭାଗରୁ ଭାଗେ ମିଳେ ଏବଂ ପ୍ରଜା ରକ୍ଷା ନ କଲେ ଅରକ୍ଷଣଶୀଳ ରାଜାକୁ ଅଧର୍ମର ମଧ୍ୟ ଛଅ ଭାଗରୁ ଭାଗେ ମିଳେ (ପ୍ରଜାଙ୍କ ଅଧର୍ମର ଷଡ଼ଭାଗୀ ହୁଏ) ।

**ଯଦ୍‌ଧୀତେ ଯଦ୍‌ଯଜତେ ଯଦ୍ଦଦାତି ଯଦର୍ଚ୍ଚତି ।**
**ତସ୍ୟ ଷଡ୍‌ଗଭାଗଭାଗ୍ରାଜା ସମ୍ୟଗଭବତି ରକ୍ଷଣାତ୍ ।୩୦୫।**

ପ୍ରଜାମାନଙ୍କ ମଧ୍ୟରେ ଯେ କେହି ବେଦପାଠ, ଯଜ୍ଞ, ଦାନ ଓ ଗୁରୁପୂଜନାଦି କରେ ରକ୍ଷାକରିବା ହେତୁ ରାଜା ତାହାର ଛଅଭାଗର ଭାଗେ ସମ୍ୟକ୍ ରୂପେ ପ୍ରାପ୍ତ ହୁଏ ।

**ରକ୍ଷନ୍ଧର୍ମେଣ ଭୂତାନି ରାଜା ବଧ୍ୟାଶ୍ଚ ଘାତୟନ୍ ।**
**ଯଜତେଽହରହର୍ଯଜ୍ଞୈଃ ସହସ୍ର ଶତଦକ୍ଷଣୈଃ ।୩୦୬।**

ପ୍ରାଣୀମାନଙ୍କୁ ଧର୍ମତଃ ରକ୍ଷା କରି ଏବଂ ଦଣ୍ଡାର୍ହମାନଙ୍କୁ ଦଣ୍ଡଦେଇ ରାଜା ପ୍ରତ୍ୟହ ଲକ୍ଷଦକ୍ଷିଣା ଯୁକ୍ତ ଯଜ୍ଞ ସମ୍ପାଦନ କରେ ।

**ଯୋଽରକ୍ଷନ୍ ବଳିମାଦତ୍ତେ କରଂ ଶୁଲ୍‌କଞ୍ଚ ପାର୍ଥିବଃ ।**
**ପ୍ରତିଭାଗଞ୍ଚ ଦଣ୍ଡଞ୍ଚ ସ ସଦ୍ୟୋ ନରକଂ ବ୍ରଜେତ୍ ।୩୦୭।** *

ଯେ ରାଜା ରକ୍ଷା ନ କରି ଧାନ୍ୟାଦିର ଭାଗ, ଖଜଣା, ଟିକସ; ଦ୍ରବ୍ୟ (ଫଳ ପୁଷ୍ପାଦି) ନିତ୍ୟଭାଗ ବା ଜୋରିମନା ଆଦାୟ କରେ ସେ ଶୀଘ୍ର ନରକକୁ ଯାଏ (ଦୁଃଖପାଏ) ।

**ଅରକ୍ଷିତାରଂ ରାଜାନଂ ବଳିଷଡ୍ ଭାଗହାରିଣମ୍ ।**
**ତମାହୁଃ ସର୍ବଲୋକସ୍ୟ ସମଗ୍ରମଳହାରକମ୍ ।୩୦୮।**

ଯେ ରାଜା ରକ୍ଷା ନକରି ଧାନ୍ୟାଦିର ଷଡ୍‌ଭାଗ ନିଏ ତାହାକୁ ସମଗ୍ରଲୋକର ସମଗ୍ର ପାପହାରକ ବୋଲାଯାଏ ।

**ଅନପେକ୍ଷିତମର୍ଯ୍ୟାଦାଂ ନାସ୍ତିକଂ ବିପ୍ରଲୁମ୍ପକମ୍ ।**
**ଅରକ୍ଷିତାରମତ୍ତାରଂ ନୃପଂ ବିଦ୍ୟାଦଧୋଗତିମ୍ ।୩୦୯।**

ଶାସ୍ତ୍ରମର୍ଯ୍ୟାଦା ଲଙ୍ଘନକାରୀ, ନାସ୍ତିକ, ଅନୁଚିତ ଅର୍ଥଦଣ୍ଡାଦି ଗ୍ରହଣକାରୀ, ଅରକ୍ଷଣଶୀଳ ଓ ପ୍ରଜାର ସର୍ବସ୍ୱଭକ୍ଷକ ରାଜାର ଅଧୋଗତି ହୁଏ ଜାଣିବ ।

**ଅଧାର୍ମିକଂ ତ୍ରିଭିର୍ନ୍ୟାୟୈର୍ନିଗୃହ୍‌ଣୀୟାତ୍ ପ୍ରଯତ୍ନତଃ ।**
**ନିରୋଧନେନ ବନ୍ଧେନ ବିବିଧେନ ବଧେନ ଚ ।୩୧୦।**

ରାଜା ଅଧାର୍ମିକ ଲୋକକୁ ନିରୋଧନ (କଏଦ), ବନ୍ଧ (ନିଗଡ଼ାଦି ବନ୍ଧନ ବା ବେଡ଼ିପିନ୍ଧା) ଓ ବଧ (କରଚରଣାଦି ଛେଦନାଦି ଶାରୀରିକ ଦଣ୍ଡ) ଏହି ତିନିପ୍ରକାର ନ୍ୟାୟରେ ଯତ୍ନପୂର୍ବକ ନିଗ୍ରହ କରିବ ।

**ନିଗ୍ରହେଣ ହି ପାପାନାଂ ସାଧୂନାଂ ସଂଗ୍ରହେଣ ଚ ।**
**ଦ୍ୱିଜାତିୟ ଇବେଜ୍ୟାଭିଃ ପୂୟନ୍ତେ ସତତଂ ନୃପାଃ ।୩୧୧।**

ଦ୍ୱିଜାତି ଯଜ୍ଞ କରିବା ଦ୍ୱାରା ପବିତ୍ର ହେଲାପରି ରାଜାମାନେ ପାପାତ୍ମାମାନଙ୍କର ନିଗ୍ରହ ଓ ସାଧୁମାନଙ୍କର ସଂଗ୍ରହଦ୍ୱାରା ସତତ ପବିତ୍ର ହୁଅନ୍ତି ।

---

* – ଚାରି ପୁସ୍ତକରେ 'ପ୍ରତିଭୋଗ' ଅଛି ।

**କ୍ଷନ୍ତବ୍ୟଂ ପ୍ରଭୁଣା ନିତ୍ୟଂ କ୍ଷିପତାଂ କାର୍ପିଣାଂ ନୃଣାମ୍ ।**
**ବାଳବୃଦ୍ଧା ତୁରାଣାଂ ଚ କୁର୍ବତା ହିତମାତ୍ମନଃ ।୩୧୨।**

ଆପଣାର ହିତକାମନାକାରୀ ରାଜାବାଦୀ ବିବାଦୀ ବ୍ୟକ୍ତିମାନଙ୍କର ତଥା ବାଳ ବୃଦ୍ଧ ଓ ଆତୁରମାନଙ୍କର (ଦୁଃଖରେ) ଆକ୍ଷେପୋକ୍ତିକୁ କ୍ଷମାକରିବ ।

**ଯଃ କ୍ଷିପ୍ତୋ ମର୍ଷୟତ୍ୟାର୍ତ୍ତୈସ୍ତେନ ସ୍ୱର୍ଗେ ମହୀୟତେ ।**
**ଯସ୍ତ୍ୱୈଶ୍ୱର୍ଯ୍ୟାନ୍ନ କ୍ଷମତେ ନରକଂ ତେନ ଗଚ୍ଛତି ।୩୧୩।**

ଯେ ରାଜା ପୀଡ଼ିତ ଲୋକର ଆକ୍ଷେପୋକ୍ତି ସହ୍ୟ କରେ ସେ ସ୍ୱର୍ଗ (ସୁଖ)ରେ ପୂଜାପାଏ, ମାତ୍ର ଯେ ଐଶ୍ୱର୍ଯ୍ୟରେ କ୍ଲିଷ୍ଟର କଟୂକ୍ତି କ୍ଷମା ନ କରେ ସେ ନରକ (ଦୁଃଖ) ଭୋଗ କରେ ।

**ରାଜା ସ୍ତେନେନ ଗନ୍ତବ୍ୟୋ ମୁକ୍ତକେଶେନ ଧାବତା ।**
**ଆଚକ୍ଷଣେନ ତ୍ସ୍ତେୟ ମେବଂ କର୍ମାସ୍ମି ଶାଧିମାମ୍ ।୩୧୪।**

ଆତ୍ମଦୋଷ କଥନେଚ୍ଛୁ ଚୋର କେଶ ମୁକୁଳାକରି ଦଉଡ଼ିଯାଇ ରାଜା ନିକଟରେ 'ମୁଁ ଏପରି କାର୍ଯ୍ୟକରିଅଛି ମୋତେ ଶାସନ କର' ବୋଲି କହିବ ।

**ସ୍କନ୍ଧେନାଦାୟ ମୁଷଳଂ ଲଗୁଡ଼ଂ ବାପି ଖାଦିରମ୍ ।**
**ଶକ୍ତିଞ୍ଚୋଭୟତସ୍ତୀକ୍ଷ୍ଣ ଶାୟାସଂ ଦଣ୍ଡମେବ ବା ।୩୧୫।**

ସେ ଖଇରକାଠ ମୁଷଳ ବା ବାଡ଼ି ଏବଂ ଦୁଇପାଖ ଧାରବାଲା ବର୍ଚ୍ଛା ବା ଲୌହଦଣ୍ଡ କାନ୍ଧରେ ଘେନିଯିବ ।

**ଶାସନାଦ୍ୱା ବିମୋକ୍ଷାଦ୍ୱା ସ୍ତେନଃ ସ୍ତେୟାଦ୍ୱି ମୁଚ୍ୟତେ ।**
**ଅଶାସିତ୍ୱା ତୁ ତଂ ରାଜା ସ୍ତେନସ୍ୟାପ୍ନୋତି କିଲ୍ବିଷମ୍ ।୩୧୬।**

ଚୋରକୁ ଶାସନକଲେ ବା ଛାଡ଼ିଦେଲେ ସେ ଚୋରି ଅପରାଧରୁ ମୁକ୍ତହୁଏ, ମାତ୍ର ରାଜା ତାହାକୁ ଶାସନ ନ କଲେ ଆପେ ଚୋରର ପାପ ପ୍ରାପ୍ତ ହୁଏ ।

**ଅନ୍ନାଦ୍ଭ୍ରୈଣହା ମାର୍ଷ୍ଟିପତୌ ଭାର୍ଯ୍ୟାପଚାରିଣୀ ।**
**ଗୁରୌ ଶିଷ୍ୟଶ୍ଚ ଯାଜ୍ୟଶ୍ଚ ସ୍ତେନୋ ରାଜନ୍ କିଲ୍ବିଷମ୍ ।୩୧୭।**

ଭ୍ରୁଣହତ୍ୟାକାରୀର ପାପ ତାହାର ଅନ୍ନଭୋଜନକାରୀକୁ ବ୍ୟଭିଚାରିଣୀ ସ୍ତ୍ରୀର ପାପ ପତିକୁ, ଶିଷ୍ୟର ପାପ ଗୁରୁକୁ ଓ ଯଜମାନର ପାପ ପୁରୋହିତକୁ ଏବଂ ଚୋରର ପାପ ରାଜାକୁ ଲାଗେ ।

**ରାଜା ନିର୍ଦ୍ଧୂତଦଣ୍ଡାସ୍ତୁ କୃତ୍ୱା ପାପାନି ମାନବାଃ ।**
**ନିର୍ମଳାଃ ସ୍ୱର୍ଗମାୟାନ୍ତି ସନ୍ତଃ ସୁକୃତିନୋ ଯଥା ।୩୧୮।**

ମନୁଷ୍ୟମାନେ ପାପକରି ରାଜଦଣ୍ଡରେ ପାପଧୋଇ ସାଧୁ ଓ ସୁକୃତିଶୀଳ ଲୋକପରି ନିର୍ମଳ ହୋଇ ସ୍ୱର୍ଗଲାଭ କରେ (ପରିଣାମ ପରେ ସୁଖପାଏ) ।

**ଯସ୍ତୁ ରଜ୍ଜୁଂ ଘଟଂ କୂପାଦ୍ଧରେଭିନ୍ଦ୍ୟାଚ୍ଚ ଯଃ ପ୍ରପାମ୍ ।**
**ସ ଦଣ୍ଡଂ ପ୍ରାପ୍ନୁୟାନ୍ମାଷଂ ତଚ୍ଚ ତସ୍ମିନ୍ ସମାଚରେତ୍ ।୩୧୯।**

ଯେ କୂଅରୁ ଦଉଡ଼ି ଓ ଘଡ଼ା ଚୋରାଏ ଏବଂ ଯେ ପାନୀୟ ଜଳାଧାରକୁ ଭାଙ୍ଗେ ତାହାକୁ ମଷାଏ ସୁନା ଅର୍ଥଦଣ୍ଡ ହେବ ଓ ସେ ଦଉଡ଼ି ଓ ଘଡ଼ା ଆଣିଦେବ ଓ ଜଳାଧାର ନିର୍ମାଣ କରିଦେବ ।

**ଧାନ୍ୟଂ ଦଶଭ୍ୟଃ କୁମ୍ଭେଭ୍ୟୋ ହରତୋଽଭ୍ୟଧିକଂ ବଧଃ ।**
**ଶେଷେଽପ୍ୟେକାଦଶଗୁଣଂ ଦାପ୍ୟସ୍ତସ୍ୟ ଚ ତଦ୍ଧନମ୍ ।୩୨୦।**

(ଦୁଇଶ ପଳରେ ଏକ ଦ୍ରୋଣି, କୋଡ଼ିଏ ଦ୍ରୋଣିରେ ଏକ କୁମ୍ଭ, ଏପରି) ଦଶକୁମ୍ଭରୁ ଅଧିକ ଧାନ ଚୋରିକଲେ ତାହାର ଅଧିକ ଶାରିକ ଦଣ୍ଡ ହେବ ଏବଂ ତହିଁରୁ ଊଣାହେଲେ ଚୋର ଏଗାରଗୁଣା ଦେବ ।

**ତଥା ଧରିମମେୟାନାଂ ଶତାଦଭ୍ୟଧିକେ ବଧଃ ।**
**ସୁବର୍ଣ୍ଣରଜତାଦୀନା ମୁତ୍ତମାନାଞ୍ଚ ବାସସାମ୍ ।୩୨୧।**

ସେହିପରି ଓଜନ ହେବା ଯୋଗ୍ୟ ସୁନା, ରୁପା ଓ ଉତ୍ତମବସ୍ତ୍ର ଏକଶତପଳରୁ ଅଧିକ ଅପହରଣ କଲେ (ଶାରୀରିକ) ଦଣ୍ଡ ହେବ ।

**ପଞ୍ଚାଶତସ୍ତ୍ୱଭ୍ୟଧିକେ ହସ୍ତଚ୍ଛେଦନ ମିଷ୍ୟତେ ।**
**ଶେଷେ ତ୍ୱେକାଦଶଗୁଣଂ ମୂଲ୍ୟଦଣ୍ଡଂ ପ୍ରକଳ୍ପୟେତ୍ ।୩୨୨।**

ପଞ୍ଚାଶପଳରୁ ଅଧିକ ଚୋରିକଲେ ହସ୍ତଚ୍ଛେଦନ ଦଣ୍ଡ ବାଞ୍ଛନୀୟ; ପାଞ୍ଚାଶ ପଳରୁ ଊଣା ହେଲେ ଚୋରି କରିଥିବା ଦ୍ରବ୍ୟର ମୂଲ୍ୟର ୧୧ ଗୁଣ (ଅର୍ଥଦଣ୍ଡ ହେବ) ।

**ପୁରୁଷାଣାଂ କୁଳୀନାନାଂ ନାରୀଣାଞ୍ଚ ବିଶେଷତଃ ।**
**ମଖ୍ୟାନାଞ୍ଚୈବ ରତ୍ନାନାଂ ହରଣେ ବଧମର୍ହତି ।୩୨୩।**

କୁଳୀନ ପୁରୁଷମାନଙ୍କର ବିଶେଷତଃ ସ୍ତ୍ରୀଲୋକମାନଙ୍କର ହୀରକ ପ୍ରବାଳ ପ୍ରଭୃତି ଶ୍ରେଷ୍ଠ ରତ୍ନସବୁ ହରଣକଲେ ଶାରୀରିକ ଦଣ୍ଡଯୋଗ୍ୟ ହେବ ।

**ମହାପଶୂନାଂ ହରଣେ ଶସ୍ତ୍ରାଣାମୌଷଧସ୍ୟ ଚ ।**
**କାଳମାସାଦ୍ୟ କାର୍ଯ୍ୟଞ୍ଚ ଦଣ୍ଡଂ ରାଜା ପ୍ରକଳ୍ପୟେତ୍ ।୩୨୪।**

ବଡ଼ପଶୁ, ଶସ୍ତ୍ର ଏବ ଔଷଧ ଚୋରିକଲେ କାଳ ଓ କାର୍ଯ୍ୟ ଦେଖି ରାଜା ଦଣ୍ଡ ଦେବ ।

**ଗୋଷୁ ବ୍ରାହ୍ମଣସଂସ୍ଥାସୁ ଛୁରିକାୟାଶ୍ଚ ଭେଦନେ ।**
**ପଶୂନାଂ ହରଣେ ଚୈବ ସଦ୍ୟଂ କାର୍ଯ୍ୟୋଽର୍ଦ୍ଧପାଦିକଃ ।୩୨୫।**

ବ୍ରାହ୍ମଣର ଗୋରୁମାନ ଚୋରିକଲେ ଓ ସେବାସକାଶେ ନାସିକା ଛେଦନକଲେ ଓ ପଶୁମାନ ହରଣକଲେ ଶୀଘ୍ର ଅର୍ଦ୍ଧପାଦ ଛେଦନ ଦଣ୍ଡହେବ ।

**ସୂତ୍ର କାର୍ପାସକିଣ୍ୱାନାଂ ଗୋମୟସ୍ୟ ଗୁଡ଼ସ୍ୟ ଚ ।**
**ଦଧ୍ନଃ କ୍ଷୀରସ୍ୟ ତକ୍ରସ୍ୟ ପାନୀୟସ୍ୟ ତୃଣସ୍ୟ ଚ ।୩୨୬।**

ଉର୍ଣ୍ଣାଦି ସୂତ୍ର, କାର୍ପାସ କଣ୍ୱ( ଯେ ଦ୍ରବ୍ୟରେ ସୁରା ପ୍ରସ୍ତୁତ ହୁଏ), ଗୋବର; ଗୁଡ଼, ଦଧି, ଦୁଗ୍ଧ, ତକ୍ର ପାନୀୟ ଏବଂ ତୃଣ ।

**ବେଣୁବୈଦଳଭାଣ୍ଡାନାଂ ଲବଣାନାଂ ତଥୈବ ଚ ।**
**ମୃଣ୍ମୟନାଞ୍ଚ ହରଣେ ମୃଦୋ ଭସ୍ମନ ଏବ ଚ ।୩୨୭।**

ବାଉଁଶ, ବାଉଁଶପାଚିଆ, ଲବଣ, ମାଟିରପାତ୍ର,ମାଟି ଓ ପାଉଁଶ ।

**ମତ୍ସ୍ୟାନାଂ ପକ୍ଷିଣାଞ୍ଚୈବ ତୈଳସ୍ୟ ଚ ଘୃତସ୍ୟ ଚ ।**
**ମାଂସସ୍ୟ ମଧୁନଶ୍ଚୈବ ଯଚ୍ଚାନ୍ୟତ୍ପଶୁସମ୍ଭବମ୍ ।୩୨୮।**

ମତ୍ସ୍ୟ, ପକ୍ଷୀ, ତୈଳ, ଘୃତ, ମାଂସ ମଧୁ ଏବଂ (ଚର୍ମ, ଶୃଙ୍ଗ, ଗଜଦନ୍ତ ପ୍ରଭୃତି) ଯାହା କିଛି ପଶୁରୁ ଉତ୍ପନ୍ନ ହୁଏ ।

**ଅନ୍ୟେଷାଞ୍ଚୈବମାଦୀନା ମଦ୍ୟାନା ମୋ ଦନସ୍ୟ ଚ ।**
**ପକ୍ୱାନ୍ନନାଞ୍ଚ ସର୍ବେଷାଂ ତନ୍ମୂଲ୍ୟାଦ୍ୱିଗୁଣୋ ଦମଃ ।୩୨୯।**

ଏବଂ ଏହିପରି ଅନ୍ୟ ଖାଉବା ପଦାର୍ଥ ଓ ଭୋଜନାର୍ଥ ପ୍ରସ୍ତୁତ ହୋଇଥିବା ଭାତ ଇତ୍ୟାଦି ଚୋରି କଲେ ସେଥିର ଦୁଇଗୁଣ ମୂଲ୍ୟ ଦଣ୍ଡ ହେବ ।

**ପୁଷ୍ପେଷୁ ହରିତେ ଧାନ୍ୟେ ଗୁଳ୍ମ ବଲ୍ଲୀନଗେଷୁ ଚ ।**
**ଅନ୍ୟେଷ୍ୱ ପରିପୂତେଷୁ ଦଣ୍ଡଃ ସ୍ୟାତ୍ପଞ୍ଚକୃଷ୍ଣଲଃ ।୩୩୦।**

ଫୁଲ, କଞ୍ଚାଧାନ, ଗୁଳ୍ମ, ବଲ୍ଲୀ ବୃତ ଏବଂ ଅମଳକ୍ଷ ହୋଇ ନଥିବା ଅନ୍ୟ ଦ୍ରବ୍ୟମାନ ଚୋରିକଲେ ପାଞ୍ଚ କୃଷ୍ଣଳ ଦଣ୍ଡ ହେବ ।

**ପରିପୂତେଷୁ ଧାନ୍ୟେଷୁ ଶାକମୂଳଫଳେଷୁ ଚ ।**
**ନିରନ୍ୱୟେ ଶତଂ ଦଣ୍ଡଃ ସାନ୍ୱୟେଽର୍ଦ୍ଧଶତଂ ଦମଃ ।୩୩୧।**

ଅଗାଡ଼ି ଇତ୍ୟାଦି ବାହାର କରି ଅମଳ ହୋଇଥିବା ଧାନ, ଶାକ, ମୂଳ ଓ ଫଳ ଚୋରି କଲେ (ଦ୍ରବ୍ୟସ୍ୱାମିର) ନିଃ ସମ୍ପର୍କୀୟ ବ୍ୟକ୍ତିର ଶତପଣ ଓ ସମ୍ପର୍କୀୟ ବ୍ୟକ୍ତିର ପାଞ୍ଚଶପଣ ଦଣ୍ଡହେବ ।

**ସ୍ୟାତ୍ସାହସଂ ତ୍ୱନ୍ୱୟବତ୍ ପ୍ରସଭଂ କର୍ମ ଯକ୍ରୃତମ୍ ।**
**ନିରନ୍ୱୟଂ ଭବେତ୍ ସ୍ତେୟଂ ହୃତ୍ୱାପହ୍ନୂୟତେ ଚ ଯତ୍ ।୩୩୨।**

ଦ୍ରବ୍ୟସ୍ୱାମୀ ସମକ୍ଷରେ କୁଟୁମ୍ବୀଲୋକ ପରି ବଳପୂର୍ବକ ଛଡ଼ାଇ ନେବାର ନାମ ସାହସ; ମାତ୍ର ସ୍ୱାମୀ ଅସାକ୍ଷାତରେ ଅପର ଲୋକପରି ଅପହରଣ କରିବା ଓ କେହି ଦ୍ରବ୍ୟ ନେଇ ମନା କଲେ ତାହାର ନାମ ଚୋରି ।

**ଯସ୍ତେତାନ୍ୟୁପକ୍ଳୃପ୍ତାନି ଦ୍ରବ୍ୟାଣି ସ୍ତେନୟେନ୍ନରଃ ।**
**ତମାଦ୍ୟଂ ଦଣ୍ଡୟେଦ୍ରାଜା ଯଶ୍ଚାଗ୍ନି ଚୋରୟେତ୍ ଗୃହାତ୍ ।୩୩୩।**

ଯେ ବ୍ୟକ୍ତି ଏହି ସବୁ ପ୍ରସ୍ତୁତ ହୋଇଥିବା ଦ୍ରବ୍ୟ ଏବଂ (ସାଗ୍ନିକର) ଘରୁ ଅଗ୍ନି ଚୋରି କରେ ତାହାକୁ ରାଜା-ପ୍ରଥମ-ସାହାସ-ଦଣ୍ଡ ଦେବ ।

**ଯେନ ଯେନ ଯଥାଙ୍ଗେନ ସ୍ତେନୋ ନଷୁ ବିଚେଷ୍ଟତେ ।**
**ତତ୍ତଦେବ ହରେତସ୍ୟ ପ୍ରତ୍ୟାଦେଶାୟ ପାର୍ଥିବଃ ।୩୩୪।**

ଯେଉଁ ଯେଉଁ ଅଙ୍ଗଦ୍ୱାରା ଚୋର ଲୋକମାନଙ୍କର ଚୋରି କଲେ ରାଜା ଭବିଷ୍ୟତ୍ ଚୋରି ନିବାରଣାର୍ଥ ତାହାର ସେହି ଅଙ୍ଗଚ୍ଛେଦ କରିବ ।

**ପିତାଚାର୍ଯ୍ୟଃ ସୁହୃନ୍ମାତା ଭାର୍ଯ୍ୟାପୁତ୍ର ପୁରୋହିତଃ ।**
**ନାଦଣ୍ଡ୍ୟୋ ନାମ ରାଜ୍ଞୋଽସ୍ତି ଯଃ ସ୍ୱଧର୍ମେ ନ ତିଷ୍ଠତି ।୩୩୫।**

ପିତା, ଆଚାର୍ଯ୍ୟ, ମିତ୍ର, ମାତା, ଭାର୍ଯ୍ୟା, ପୁତ୍ର ଓ ପୁରୋହିତ ଏମାନେ କେହି ସ୍ୱଧର୍ମରେ ନ ଥିଲେ ରାଜା କର୍ତ୍ତୃକ ଅଦଣ୍ଡ ନୁହନ୍ତି ।

**କାର୍ଷାପଣଂ ଭବେଦ୍ଦଣ୍ଡ୍ୟୋ ଯତ୍ରାନ୍ୟଃ ପ୍ରକୃତୋ ଜନଃ ।**
**ତତ୍ର ରାଜା ଭବେଦ୍ଦଣ୍ଡ୍ୟଃ ସହସ୍ରମିତି ଧାରଣା ।୩୩୬।**

ଯେଉଁ ଅପରାଧରେ ଇତର ଲୋକର କାର୍ଷାପଣ ଦଣ୍ଡହେବ ସେହି ଅପରାଧରେ (ସ୍ୱୟଂ ଅପରାଧୀ ହେଲେ) ରାଜାର ସହସ୍ରପଣ ଦଣ୍ଡ ହେବ ।

**ଅଷ୍ଟାପାଦ୍ୟନ୍ତୁ ଶୂଦ୍ରସ୍ୟସ୍ତେୟେ ଭବତି କିଲ୍ବିଷମ୍ ।**
**ଷୋଡ଼ଶୈବ ତୁ ବୈଶ୍ୟାସ୍ୟ ଦ୍ୱାତ୍ରିଂଶକ୍ଷତ୍ରିୟସ୍ୟ ଚ ।୩୩୭।**

ଶୂଦ୍ର ଚୋରି କଲେ ଅଷ୍ଟପାଦ, ବୈଶ୍ୟର ଷୋଳଗୁଣ, କ୍ଷତ୍ରିୟର ୩୨ ପାଦ ପାପ ହୁଏ ।

**ବ୍ରାହ୍ମଣସ୍ୟ ଚତୁଃଷଷ୍ଟିଃ ପୂର୍ଣ୍ଣଂ ବାପି ଶତଂ ଭବେତ୍ ।**
**ଦ୍ୱିଗୁଣସ୍ୟ ବା ଚତୁଃଷଷ୍ଟିସ୍ତଦ୍ଦୋଷଗୁଣ ବିଦ୍ଧିସଃ ।୩୩୮।**

ବ୍ରାହ୍ମଣର ୬୪ ଗୁଣ ଅଥବା ପୂର୍ଣ୍ଣ ଶତପାଦ ଅଥବା ୧୨୮ ଗୁଣ ପାପ ହୁଏ, କାରଣ ସେ ଚୋରୀର ଦୋଷଗୁଣ ଜାଣେ ।

**ବାନସ୍ପତ୍ୟଂ ମୂଳଫଳଂ ଦାର୍ବଗ୍ନ୍ୟର୍ଥଂ ତଥୈବ ଚ ।**
**ତୃଣଞ୍ଚ ଗୋଭ୍ୟୋ ଗ୍ରାସାର୍ଥମସ୍ତେୟଂ ମନୁରବ୍ରବୀତ୍ ।୩୩୯। ✲**

(ବାଡ଼ବୁଜା ହୋଇ ନଥିବା) ବୃକ୍ଷର ମୂଳ ଓ ଫଳ ହୋମାଗ୍ନି ସକାଶେ କାଠ ଏବଂ ଗାଈକୁ ଦେବା ସକାଶେ ଘାସ ନେଲେ ଚୋରି ହୁଏ ନାହିଁ ବୋଲି ମନୁ କହିଅଛନ୍ତି ।

**ଯୋଽଦତ୍ତାଦାୟିନୋ ହସ୍ତାଲ୍ଲିପ୍ସେତ୍ ବ୍ରାହ୍ମଣୋ ଧନମ୍ ।**
**ଯାଜନାଧ୍ୟାପନେନାପି ଯଥାସ୍ତେନସ୍ତିଥୈବ ସଃ ।୩୪୦।**

ଯଦି ବ୍ରାହ୍ମଣ ଯାଜନ ଓ ଅଧ୍ୟାପନ ସକାଶେ ସୁଦ୍ଧା ଅଯୋଗ୍ୟ ଧନ ଚୋରଠାରୁ ନେବାକୁ ଲୋଭ କରେ ତେବେ ସେ ଚୋର ପରି ।

**ଦ୍ୱିଜୋଽଧ୍ୱଗଃ କ୍ଷୀଣବୃତ୍ତିର୍ଦ୍ୱାବିକ୍ଷୂ ଦ୍ୱେଚ ମୂଳକେ ।**
**ଆଦଦାନଃ ପରକ୍ଷେତ୍ରାନ୍ନ ଦଣ୍ଡଂ ଦାତୁମର୍ହତି ।୩୪୧।**

ପାଥେୟରହିତ ପଥିକ ଦ୍ୱିଜ (କ୍ଷୁଧାରେ କାତର ହୋଇ) ଅପରର କ୍ଷେତ୍ରରୁ ଦୁଇଗୋଟି ଆଖୁ ବା ଦୁଇଗୋଟି ମୂଳା ନେଲେ ଦଣ୍ଡଯୋଗ୍ୟ ହେବ ନାହିଁ ।

**ଅସନ୍ଧିତାନାଂ ସନ୍ଧିତା ସନ୍ଧିତାନା ଚ ମୋକ୍ଷକଃ ।**
**ଦାସାଶ୍ୱରଥହର୍ତ୍ତା ଚ ପ୍ରାପ୍ତଃ ସ୍ୟାଚ୍ଚୌରକିଲ୍ବିଷମ୍ ।୩୪୨।**

ପରକୀୟ ଆବଦ୍ଧ ପଶୁର ବନ୍ଧନକାରୀ ଓ ବଦ୍ଧ ପଶୁର ମୋଚନକାରୀ ଏବଂ ଦାସ, ଅଶ୍ୱ ଓ ରଥର ଅପହରଣକାରୀ ଚୋରର ପ୍ରାପ୍ତ ହେବ ।

**ଅନେନ ବିଧିନା ରାଜା କୁର୍ବାଣ ସ୍ତେନନିଗ୍ରହମ୍ ।**
**ଯଶୋଽସ୍ମିନ୍ ପ୍ରାପ୍ନୁୟାଲ୍ଲୋକେ ପ୍ରେତ୍ୟ ଚାନୁତ୍ତମଂ ସୁଖମ୍ ।୩୪୩।**

ଏହି ବିଧିରେ ରାଜା ଚୋର ନିଗ୍ରହ କରି ଇହଲୋକରେ ଯଶ ଏବଂ ପରଲୋକରେ ଅତି ଉତ୍ତମ ସୁଖ ଲାଭକରେ ।

**ଐନ୍ଦ୍ରଂ ସ୍ଥାନମଭିପ୍ରେପ୍ସୁର୍ଯଶଶ୍ଚାକ୍ଷୟମବ୍ୟୟମ୍ ।**
**ନୋପେକ୍ଷତ କ୍ଷଣମପି ରାଜା ସାହସିକଂ ନରମ୍ ।୩୪୪।**

ଯେ ରାଜା ଇନ୍ଦ୍ରତ୍ୱ ଏବଂ ଅକ୍ଷୟ ଅବ୍ୟୟ ଯଶ ଲାଭ କରିବାକୁ ଇଚ୍ଛା କରେ ସେ କ୍ଷଣକାଳ ସକାଶେ ସୁଦ୍ଧା ସାହସିକ ଲୋକକୁ ଉପେକ୍ଷା କରିବ ନାହିଁ (ଶୀଘ୍ରଦଣ୍ଡ ଦେବ)

**ବାଗ୍‌ଦୁଷ୍ଟାତ୍ତରାଚ୍ଚୈବ ଦଣ୍ଡେନୈ ଚ ହିଂସତଃ ।**
**ସାହସସ୍ୟ ନରଃ କର୍ତ୍ତା ବିଜ୍ଞେୟଃ ପାପକୃତ୍ତମଃ ।୩୪୫।**

---

✲— ଏ ଶ୍ଲୋକ ପ୍ରକ୍ଷିପ୍ତ ।

ଭର୍ତ୍ସନକାରୀ, ଚୋର ଓ ମାରପିଟକାରୀ ଅପେକ୍ଷା ସାହସ କାର୍ଯ୍ୟକାରୀ ବ୍ୟକ୍ତିକୁ ଅଧିକ ପାପକାରୀ ବୋଲି ଜାଣିବ ।

**ସାହସେ ବର୍ତ୍ତମାନନ୍ତୁ ଯୋ ମର୍ଷୟତି ପାର୍ଥିବଃ ।**
**ସ ବିନାଶଂ ବ୍ରଜତ୍ୟାଶୁ ବିଦ୍ୱେଷଞ୍ଚାଧିଗଚ୍ଛତି ।୩୪୬।**

ସାହସକାରୀକୁ ଯେଉଁ ରାଜା କ୍ଷମାକରେ ସେ ଶୀଘ୍ର ବିନାଶ ପ୍ରାପ୍ତ ହୁଏ ଓ ଲୋକଙ୍କର ବିଦ୍ୱେଷଭାଜନ ହୁଏ ।

**ନ ମିତ୍ରକାରଣାଦ୍ରାଜା ବିପୁଲାଦ୍ ବା ଧନାଗମାତ୍ ।**
**ସମୁତ୍ସୃଜେତ୍ସାହସିକାନ୍ ସର୍ବଭୂତଭୟାବହାନ୍ ।୩୪୭।**

ମିତ୍ରାନୁରୋଧରେ ଅଥବା ବିପୁଳଧନପ୍ରାପ୍ତି ହେତୁ ରାଜା ସର୍ବଭୂତଭୟାବହ ସାହସିକ ଲୋକମାନଙ୍କୁ ଛାଡ଼ିବ ନାହିଁ ।

**ଶସ୍ତ୍ରଂ ଦ୍ୱିଜାତିଭିର୍ଗ୍ରାହ୍ୟଂ ଧର୍ମୋ ଯତ୍ରୋପରୁଧ୍ୟତେ ।**
**ଦ୍ୱିଜାତୀନାଂ ଚ ବର୍ଣ୍ଣାନାଂ ବିପ୍ଳବେ କାଳକାରିତେ ।୩୪୮।**

ଯେତେବେଳେ ସାହସିକମାନଙ୍କ କର୍ତ୍ତୃକ ବର୍ଣ୍ଣାଶ୍ରମିମାନଙ୍କରେ ଧର୍ମାଚରଣର ପ୍ରତିବନ୍ଧକ ହୁଏ ଏବଂ ଦ୍ୱିଜାତିବର୍ଣ୍ଣମାନଙ୍କ ବିପ୍ଳବକାଳଉପସ୍ଥିତ ହୁଏ ସେତେବେଳେ ଦ୍ୱିଜାତୀୟ ଲୋକମାନେ ଶସ୍ତ୍ର ଗ୍ରହଣ କରିବା କର୍ତ୍ତବ୍ୟ ।

**ଆତ୍ମନଶ୍ଚ ପରିତ୍ରାଣେ ଦକ୍ଷିଣାନା ପ୍ରସଙ୍ଗତେ ।**
**ସ୍ତ୍ରୀ ବିପ୍ରାଭ୍ୟୁପପତ୍ତୌ ଚ ଧର୍ମେଣ ଘ୍ନନ୍ ନ ଦୂଷ୍ୟତି ।୩୪୯।**

ଆତ୍ମରକ୍ଷାର୍ଥ, ଦକ୍ଷିଣାଲବ୍ଧ ପଦାର୍ଥ ଅପକୃତ ହେବାହେତୁ ସଂଗ୍ରାମରେ ଏବଂ ସ୍ତ୍ରୀ ଓ ବିପ୍ରମାନଙ୍କ ବିପତ୍ତିରେ ଧର୍ମତଃସାହସିକକୁ ହାଣିଲେ ଦୋଷଭାରୀହେବ ନାହିଁ ।

**ଗୁରୁଂ ବା ବାଳବୃଦ୍ଧୌ ବା ବ୍ରାହ୍ମଣଂ ବା ବହୁଶ୍ରୁତମ୍ ।**
**ଆତତାୟିନମାୟନ୍ତଂ ହନ୍ୟାଦେବାବିଚାରୟନ୍ ।୩୫୦।** ❋

---

❋ - ଏଥିପରେ ୨ ପୁସ୍ତକରେ ମିଳେ-

ଅଗ୍ନିଦୋରରଦଶ୍ଚୈବ ଶସ୍ତ୍ରପାଣିଧନାପହଃ ।
କ୍ଷେତ୍ରଦାରହରଶ୍ଚୈବ ଶସ୍ତ୍ରପାଣିଧନାପହଃ ।

ଅଗ୍ନିଦାହୀ, ବିଷଦାତା, ଶସ୍ତ୍ରଧାରୀ, ଧନାପହାରୀ ଏବଂ କ୍ଷେତ୍ର ଓ ସ୍ତ୍ରୀ ହରଣକାରୀ ଏହି ଛଅ ଆତତାୟୀ । ଏଥିପରେ ନିମ୍ନ ୨ ଶ୍ଳୋକରୁ ପ୍ରଥମଟି ୩ଟି ଦ୍ୱିତୀୟଟି ୨ ପୁସ୍ତକରେ ମିଳେ -

ଉଦ୍ୟତାସିର୍ବିଷାଗ୍ନିଭ୍ୟାଂ ଶାପୋଦ୍ୟତକରସ୍ତଥା ।
ଅଥର୍ବଣେନ ହନ୍ତା ଚ ପିଶୁନଶ୍ଚାପି ରାଜନି ।୧।
ଭାର୍ଯ୍ୟାରିକ୍ ଥାପହାରୀଚ ରନ୍ଧ୍ରାନ୍ୱେଷଣତପୂରଃ ।
ଏବମାଦ୍ୟାନ୍ ବିଜାନୀୟା ସର୍ବାନେବାତତାୟିନଃ ।

ଖଡ୍ଗୋତ୍ତୋଳନକାରୀ, ଅଗ୍ନି ଓ ବିଷପ୍ରଦାତା, ଅଭିଶାପ ହେବା କାରଣ ହସ୍ତୋଦ୍ୟତକାରୀ, ଅଥର୍ବବେଦ ମନ୍ତ୍ରୋଚ୍ଚାରଣ ପୂର୍ବକମାରଣଶୀଳ, ରାଜା ନିକଟରେ ଖଚ୍ କଥନକାରୀ, ସ୍ତ୍ରୀଧନାପହାରୀ, ଛିଦ୍ରାନ୍ୱେଷତପୂର ଇତ୍ୟାଦି ସମସ୍ତଙ୍କୁ ଆତତାୟୀ ବୋଲି ଜାଣିବ ।

ଗୁରୁ ବା ବାଳକ ବା ବୃଦ୍ଧ ବା ବହୁଶ୍ରୁତ ବ୍ରାହ୍ମଣ ଏମାନଙ୍କର କେହି ଆତତାୟୀ ରୂପରେ ଆରତ ହେଲେ କିଛି ନ ବିଚାରି ତାହାକୁ ହାଣିବ ।

**ନାତତାୟିବଧେ ଦୋଷୋ ହନ୍ତୁର୍ଭବତି କଶ୍ଚନ ।**
**ପ୍ରକାଶଂ ବାଽପ୍ରକାଶଂ ବା ମନ୍ୟୁସ୍ତଂ ମନ୍ୟୁମୃଚ୍ଛତି ।୩୫୧।**

ପ୍ରକାଶ୍ୟ ବା ଅପ୍ରକାଶ୍ୟ ଭାବରେ ଆତତାୟୀକୁ ବଧକଲେ କେହି ଦୋଷୀ ହୁଏ ନାହିଁ, କାରଣ କ୍ରୋଧ, କ୍ରୋଧ ଜାତ କରେ ।

**ପରଦାରାଭିମର୍ଶେଷୁ ପ୍ରବୃତ୍ତାନ୍ ନୃନ୍ ମହୀପତିଃ ।**
**ଉଦ୍‌ବେଜନକରୈର୍ଦଣ୍ଡୈଶ୍ଚିହ୍ନୟିତ୍ୱା ପ୍ରବାସୟେତ୍ ।୩୫୨।**

ପରସ୍ତ୍ରୀ ସମ୍ଭୋଗରେ ପ୍ରବୃତ୍ତ ପୁରୁଷମାନଙ୍କୁ ରାଜା ନାସା କର୍ଣ୍ଣ ଛେଦନ ଆଦି ନାନା ପ୍ରକାର ଉଦ୍‌ବେଗଜନିତ ଦଣ୍ଡଦ୍ୱାରା ଚିହ୍ନିତ କରି ଦେଶରୁ ବାହାର କରିଦେବ ।

**ତତ୍ସମୁତ୍ଥୋ ହି ଲୋକସ୍ୟ ଜାୟତେ ବର୍ଣ୍ଣସଙ୍କରଃ ।**
**ଯେନ ମୂଳହରୋଽଧର୍ମଃ ସର୍ବନାଶାୟ କଳ୍ପ୍ୟତେ ।୩୫୩।**

ଏହିଁରୁ ଲୋକରେ ବର୍ଣ୍ଣଶଙ୍କର ଜାତ ହୁଏ, ଯାହାଦ୍ୱାରା ଅଧର୍ମ ମୂଳନାଶକରେ ତାହା ସର୍ବନାଶ କରିବାକୁ ସକ୍ଷମ ହୁଏ ।

**ପରସ୍ୟ ପତ୍ନ୍ୟା ପୁରୁଷଃ ସମ୍ଭାଷାଂ ଯୋଜୟନ୍ ରହଃ ।**
**ପୂର୍ବମାକ୍ଷାରିତୋ ଦୋଷୈଃ ପ୍ରାପ୍ନୁୟାତ୍‌ପୂର୍ବସାହସଂ ।୩୫୪।**

ଆଗେ ପରସ୍ତ୍ରୀ ରମନ ଦୋଷରେ ଦୋଷୀଥିବା ଲୋକ ନିର୍ଜନରେ ପରସ୍ତ୍ରୀ ସଙ୍ଗେ କଥାବାର୍ତ୍ତା ଯୋଡ଼ିଲେ ପ୍ରଥମ ସାହସ ଦଣ୍ଡ ପାଇବ ।

**ଯସ୍ତ୍ୱନାକ୍ଷାରିତଃ ପୂର୍ବମଭିଭାଷେତ କାରଣାତ୍ ।**
**ନ ଦୋଷଂ ପ୍ରାପ୍ନୁୟାତ୍କିଞ୍ଚିନ୍ନ ହି ତସ୍ୟ ବ୍ୟତିକ୍ରମଃ ।୩୫୫।**

ଯାହାର ସେହିପରି ବଦନାମ ନାହିଁ ସେ କୌଣସି କାରଣରୁ ପରସ୍ତ୍ରୀ ସଙ୍ଗେ କଥା କହିଲେ କୌଣସି ବ୍ୟତିକ୍ରମ କରିଥିବାର ଦୋଷଭାଗୀ ହେବ ନାହିଁ ।

**ପରସ୍ତ୍ରୀୟଂ ଯୋଽଭିବଦେତ୍ତୀର୍ଥେଽରଣ୍ୟେ ବନେଽପି ବା ।**
**ନଦୀନାଂ ବାପି ସମ୍ଭେଦେ ସ ସଂଗ୍ରହଣମାପ୍ନୁୟାତ୍ ।୩୫୬।**

ଯେ ପର ସ୍ତ୍ରୀ ସଙ୍ଗେ ତୀର୍ଥ ବା ଅରଣ୍ୟ ବା ତୋଟା ବା ନଦୀସଙ୍ଗମ ସ୍ଥାନରେ ସମ୍ଭାଷଣ କରେ ସେ ପର ସ୍ତ୍ରୀ ହରଣର ଅପରାଧୀ ହୁଏ ।

**ଉପଚାରକ୍ରିୟାକେଳିଃ ସ୍ପର୍ଶୋ ଭୂଷଣବାସସାମ୍ ।**
**ସହ ଖଟ୍ୱାସନଞ୍ଚୈବ ସର୍ବଂ ସଂଗ୍ରହଣଂ ସ୍ମୃତମ୍ ।୩୫୭।**

ମାଳାଚନ୍ଦନାଦି ପ୍ରେରଣ, ପରିହାସ, ଆଲିଙ୍ଗନାଦି, ଅଳଙ୍କାର ଓ ବସ୍ତ୍ର ସ୍ପର୍ଶ କରିବା, ଏକଶଯ୍ୟାରେ ଶୟନ ଏ ସବୁ କାର୍ଯ୍ୟ ପରସ୍ତ୍ରୀ ସଂଗ୍ରହଣ ବୋଲାଯାଏ ।

**ସ୍ତ୍ରୀୟଂ ସ୍ପୃଶେଦଦେଶେ ଯଃ ସ୍ପୃଷ୍ଟୋ ବା ମର୍ଷୟେତ୍ତୟା ।**
**ପରସ୍ପରସ୍ୟାନୁମତେ ସର୍ବଂ ସଂଗ୍ରହଣଂ ସ୍ମୃତମ୍ ।୩୫୮।***

---

* - ଏଥିପରେ ଦୁଇ ପୁସ୍ତକରେ ମିଳେ-

କାମାଭିପାତିନୀ ଯା ତୁ ନରଂ ସ୍ୱୟ ମୁପବ୍ରଜେତ୍
ରାଜ୍ଞା ଦାସ୍ୟେ ନିଯୋଜ୍ୟା ସାକୃତ୍ୱା ତଦ୍ଦୋଷଘୋଷଣମ୍ ।।

ଯେ ସ୍ତ୍ରୀ କାମବଶରୁ ସ୍ୱୟଂ ପରପୁରୁଷ ସମୀପକୁ ଯାଏ । ରାଜା ତାହା ଦୋଷ ଘୋଷଣା କରି ଆପଣାର ଦାସୀ କାର୍ଯ୍ୟରେ ନିଯୁକ୍ତି କରିବ ।

ପରସ୍ପରର ଅନୁମତିରେ ସ୍ତ୍ରୀଲୋକର ଅସ୍ଥାନ ସ୍ପର୍ଶ କରେ ଏବଂ ସ୍ତ୍ରୀ ଲୋକ ଯାହାର ଅସ୍ଥାନ ସ୍ପର୍ଶ କଲେ ରୁଷ୍ଟ ନ ହୁଏ ଏ ସବୁକୁ ସ୍ତ୍ରୀ ସଂଗ୍ରହଣ ବୋଲାଯାଏ ।

**ଅବ୍ରାହ୍ମଣଃ ସଂଗ୍ରହଣେ ପ୍ରାଣାନ୍ତଂ ଦଣ୍ଡମର୍ହତି ।**
**ଚତୁର୍ଣ୍ଣାମପି ବର୍ଣ୍ଣାନାଂ ଦାରାରକ୍ଷ୍ୟତମାଃ ସଦା ।୩୫୯।⁂**

ବ୍ରାହ୍ମଣ ଛଡ଼ା ଅନ୍ୟ କେହି ସଂଗ୍ରହଣ କଲେ ପ୍ରଶାନ୍ତ ଦଣ୍ଡପାଇବାର ଯୋଗ୍ୟ ହେବ, ସମସ୍ତ ଚାରିବର୍ଣ୍ଣର ସର୍ବଦା ସର୍ବାପେକ୍ଷା ଅଧିକ ରକ୍ଷାର ଉପଯୁକ୍ତ ।

**ଭିକ୍ଷୁକାନା ବନର୍ଣ୍ଣେବ ଦୀକ୍ଷିତାଃ କାରବସ୍ତଥା ।**
**ସମ୍ଭାଷଣଂ ସହ ସ୍ତ୍ରୀଭିଃ କୁର୍ଯ୍ୟାରପ୍ରତିବାରିତାଃ ।୩୬୦।**

ଭିକ୍ଷାଜୀବୀ; ସ୍ତୁତିପାଠକ, ଋତ୍ୱିକ ଓ ପାଚକାଦି ନ ହେଲେ ଅନ୍ୟସ୍ତ୍ରୀ ସହିତ କଥା କହି ପାରିବେ ।

**ନ ସମ୍ଭଷାଂ ପରସ୍ତ୍ରୀଭିଃ ପ୍ରତିସିଦ୍ଧଃ ସମାଚରେତ୍ ।**
**ନିଷିଦ୍ଧୋ ଭାଷମାଣସ୍ତୁ ସୁବର୍ଣ୍ଣଂ ଦଣ୍ଡମର୍ହତି ।୩୬୧।**

ନିଷେଧ କଲେ ପରସ୍ତ୍ରୀସଙ୍ଗେ କଥା କହିବ ନାହିଁ, ବାରଣ ନ ମାନି ସମ୍ଭାଷଣ କଲେ ଏକପଲ ସୁବର୍ଣ୍ଣ ଦଣ୍ଡ ହେବ ।

**ନୈଷ ଚାରଣଦାରେଷୁ ବିଧିର୍ନାତ୍ମୋପଜୀବିଷ ।**
**ସଜ୍ଜୟନ୍ତି ହିତେ ନାରୀନଗୂଢ଼ାଶ୍ଚାରୟନ୍ତି ଚ ।୩୬୨।**

ପରସ୍ତ୍ରୀ ସମ୍ବନ୍ଧୀୟ ଉପରୋକ୍ତ ବିଧିମାନ ନଟ, ନର୍ତ୍ତକ ଅଥବା ଭାର୍ଯ୍ୟୋପଜୀବୀ ନୀଚଲୋକମାନଙ୍କ ସ୍ତ୍ରୀ ସମ୍ବନ୍ଧରେ ଖଟିବ ନାହିଁ, କାରଣ ସେମାନେ ଅର୍ଥ ସକାଶେ ଆପଣାର ସ୍ତ୍ରୀକୁ ଅପର ସଙ୍ଗରେ ସଙ୍ଗତ କରାଇ ଦିଅନ୍ତି ଅଥବା ଲୁଚି ରହି ନିଜ ଘରେ ଆପଣା ସଜ୍ଜିନା ସ୍ତ୍ରୀର ପର ପୁରୁଷ ସହିତ ଆମୋଦ ପ୍ରମୋଦ ଦେଖନ୍ତି ।

**କିଞ୍ଚିଦେବ ତୁ ଦାସ୍ୟଃ ସ୍ୟାତ୍ସମ୍ଭାଷାଂ ତାଭିରାଚନ୍ ।**
**ପ୍ରୈଷ୍ୟାସୁ ଚୈକଭକ୍ତାସୁ ରହଃ ପ୍ରବ୍ରଜିତାସୁ ଚ ।୩୬୩।**

ତଥାପି ସେହି ସବୁ ଲୋକର ସ୍ତ୍ରୀ ସଙ୍ଗେ ଦାସୀ ସଙ୍ଗେ ଅଥବା ବୋଷାଦି ବ୍ରହ୍ମଚାରିଣୀ ସଙ୍ଗେ ଗୋପନରେ ବ୍ୟଭିଚାର କଲେ ତାହାର କିଞ୍ଚିତ୍ ଦଣ୍ଡ ହେବା ଉଚିତ ।

**ଯୋଽକାମାଂ ଦୁଷୟେତ୍କନ୍ୟାଂ ସ ସଦ୍ୟୋ ବଧମର୍ହତି ।**
**ସକାମାଂ ଦୁଷୟ ସ୍ତୁଲ୍ୟୋଂ ନ ବଧଂ ପ୍ରାପ୍ନୁ ୟାନ୍ନରଃ ।୩୬୪।**

ଯେ ବ୍ୟକ୍ତି ଅକାମା (କୁମାରୀ) କନ୍ୟାର ସଙ୍ଗମ କରେ ସେ ତତ୍କ୍ଷଣାତ୍ ଶାରୀରିକ ଦଣ୍ଡ ପାଇବାର ଯୋଗ୍ୟ ଅଟେ, ମାତ୍ର ସମାନଜାତୀୟ ସକାମା କନ୍ୟା ସମ୍ଭୋଗ କଲେ ଶାରୀରିକ ଦଣ୍ଡ ପାଇବ ନାହିଁ ।

**କନ୍ୟାଂ ଭଜନ୍ତୀମୁତ୍କୃଷ୍ଟଂ ନ କିଞ୍ଚିଦପି ଦାପୟେତ୍ ।**
**ଜଘନ୍ୟଂ ସେବାମାନାନ୍ତୁ ସଂଯତାଂ ବାସୟେଦ୍‌ଗୃହେ ।୩୬୫।**

ଉତ୍କୃଷ୍ଟ ଜାତୀୟ ପୁରୁଷ ସଙ୍ଗେ କନ୍ୟା ସଙ୍ଗମ କଲେ କିଛି ମାତ୍ର ଦଣ୍ଡ ପାଇବ ନାହିଁ, ମାତ୍ର ଅପକୃଷ୍ଟଜାତୀୟ ପୁରୁଷ ସହିତ ସଙ୍ଗମ କଲେ ତାହାକୁ ସଞ୍ଜତ ଭାବରେ ଘରେ ରଖିବ ।

---

⁂ - ଏ ଶ୍ଳୋକ ପ୍ରକ୍ଷିପ୍ତ ।

**ଉତ୍ତମାଂ ସେବମାନସ୍ତୁ ଜଘନ୍ୟୋ ବଧମର୍ହତି ।**
**ଶୁଲ୍କଂ ଦଦ୍ୟାତ୍ସେବମାନଃ ସମାମିଚ୍ଛେତ୍ପିତା ଯଦି ।୩୬୬।**

ଉତ୍କୃଷ୍ଟଜାତୀୟା କନ୍ୟା ସହିତ ସଙ୍ଗମ କଲେ ହୀନଜାତୀୟ ପୁରୁଷ ଶାରୀରିକ ଦଣ୍ଡ ପାଇବାର ଯୋଗ୍ୟ ହେବ; ମାତ୍ର ସମାନ ଜାତୀୟା କନ୍ୟା ସମ୍ଭୋଗ କଲେ କନ୍ୟାର ପିତାର ଇଚ୍ଛାକ୍ରମେ (ଶୁଲ୍କ ଦେଇ ବିବାହ ହେବ) ।

**ଅଭିଷହ୍ୟ ତୁ ଯଃ କନ୍ୟାଂ କୁର୍ଯ୍ୟାଦ୍ଦର୍ପେଣ ମାନବଃ ।**
**ତସ୍ୟାଶୁ କର୍ତ୍ତ୍ୟେ ଅଙ୍ଗୁଲୌ ଦଣ୍ଡଞ୍ଚାର୍ହତି ଷଟ୍ଶତମ୍ ।**

ମାତ୍ର ଯେଉଁ ପୁରୁଷ କନ୍ୟାକୁ ବଳପୂର୍ବକ ଆୟତ୍ତ କରି ସଙ୍ଗମକରେ ତାହାର ଦୁଇ ଅଙ୍ଗୁଳି ଶୀଘ୍ର କଟାଯିବ ଓ ଛଅଶତପଣ ଦଣ୍ଡ ହେବ ।

**ସକାମାଂ ଦୂଷୟଂ ସ୍ତୁଲ୍ୟୋନାଙ୍ଗୁଳିଚ୍ଛେଦମାପ୍ନୁୟାତ୍ ।**
**ଦ୍ୱିଶତଂ ହି ଦମଂ ଦାପ୍ୟଃ ପ୍ରସଙ୍ଗବିନିବୃତ୍ତୟେ ।୩୬୮।**

ପରନ୍ତୁ ସକାମା କନ୍ୟାକୁ ବିଗାଡ଼ିଲେ ତାହାର ଅଙ୍ଗୁଳି କର୍ତ୍ତନ ହେବ ନାହିଁ; ମାତ୍ର ପ୍ରସଙ୍ଗନିବୃତ୍ତି (ପୁଣି ସେପରି କାର୍ଯ୍ୟ ନ କରିବା) ସକାଶେ ତାହାକୁ ଦୁଇଶତପଣ ଦଣ୍ଡ ଦେବା ଉଚିତ ।

**କନ୍ୟୈବ କନ୍ୟାଂ ଯା କୁର୍ଯ୍ୟାତ୍ତସ୍ୟାଃ ସ୍ୟାଦ୍ଦ୍ୱିଃଶତୋ ଦମଃ ।**
**ଶୁଲ୍କଞ୍ଚ ଦ୍ୱିଗୁଣଂ ଦଦ୍ୟାଚ୍ଛିଫାଶ୍ଚୈବାପ୍ନୁୟାଦ୍ଦଶ ।୩୬୯।**

କନ୍ୟା ଯଦି କନ୍ୟାକୁ (ଅଙ୍ଗୁଳି ପ୍ରବେଶାଦିଦ୍ୱାରା) ବିଗାଡ଼ିବ ତେବେ ତାହାର ଦୁଇଶତ ପଣ ଦଣ୍ଡ ହେବ( କ୍ଷତଯୋନି କରିବାରୁ ବିବାହର ବିଘ୍ନତ୍ୱହେତୁ) ତାହାର ଦୁଇଗୁଣ ଶୁଲ୍କ ଓ ଦଶ ବେତ୍ରାଘାତ ଦଣ୍ଡ ହେବ ।

**ଯା ତୁ କନ୍ୟାଂ ପ୍ରକୁର୍ଯ୍ୟାତ୍ ସ୍ତ୍ରୀ ସା ସଦ୍ୟୋ ମୌଣ୍ଡ୍ୟମର୍ହତି ।**
**ଅଙ୍ଗୁଲ୍ୟୋରେବ ଚ୍ଛେଦଂ ଖରେଣୋଦ୍ବହନଂ ତଥା ।୩୭୦।**

ଯେ ସ୍ତ୍ରୀ କନ୍ୟାର (ଅଙ୍ଗୁଳିପ୍ରବେଶାଦିଦ୍ୱାରା) କନ୍ୟାତ୍ୱ ନଷ୍ଟ କରେ ତତ୍କ୍ଷଣାତ୍ ତାହାର ମସ୍ତିକ ମୁଣ୍ଡନକରି ଅଙ୍ଗୁଳିଛେଦନପୂର୍ବକ ତାହାକୁ ଗଧରେ ଚଢ଼ାଇ ବୁଲାଇବ ।

**ଭର୍ତ୍ତାରଂ ଲଙ୍ଘୟେଦ୍ ଯା ତୁ ସ୍ତ୍ରୀ ଜ୍ଞାତିଗୁଣଦର୍ପିତା ।**
**ତାଂ ଶ୍ୱଭିଃ ଖାଦୟେଦ୍ରାଜା ସଂସ୍ଥାନେ ବହୁସଂସ୍ଥିତେ ।୩୭୧।**

ଯେ ସ୍ତ୍ରୀ ପ୍ରବଳ ଧନୀ ପିତାଦି ବାନ୍ଧବ ଦର୍ପରେ ସ୍ୱାମୀ ଛାଡ଼ି ଅନ୍ୟ ପୁରୁଷରେ ରତ ହୁଏ, ବହୁଲୋକ ସମକ୍ଷରେ ତାହାକୁ କୁକୁରଦ୍ୱାରା ଖୁଆଇବ ।

**ପୁମାଂସଂ ଦାହୟେତ୍ପାପଂ ଶୟନେ ତପ୍ତ ଆୟସେ ।**
**ଅଭ୍ୟାଦଧ୍ୟୁଶ୍ଚ କାଷ୍ଠାନି ତତ୍ର ତହ୍ୟେତ ପାପକୃତ୍ ।୩୭୨।**

ବ୍ୟଭିଚାରୀ ପାପୀ ପୁରୁଷକୁ ତପ୍ତଲୌହଶଯ୍ୟାରେ ଶୁଆଇ ଦାହକରିବ ଏବଂ ପାପକାରୀକୁ ତହିଁରେ ପୋଡ଼ିଯିବା ସକାଶେ ଲୋକମାନେ ତଦୁପରି କାଷ୍ଠ ନିକ୍ଷେପ କରିବେ ।

**ସମ୍ବତ୍ସରାଭିଶସ୍ତସ୍ୟ ଦୁଷ୍ଟସ୍ୟ ଦ୍ୱିଗୁଣୋ ଦମଃ ।**
**ବ୍ରାତ୍ୟୟା ସହ ସଂବାସେ ଚାଣ୍ଡାଲ୍ୟା ତାବଦେବ ତୁ ।୩୭୩।**

---

✲ - ୩୬୫ ଓ ୩୬୬ ଶ୍ଲୋକ ପ୍ରକ୍ଷିପ୍ତ ।

ପରସ୍ତ୍ରୀରମନରେ ଏକବର୍ଷରେ ପୁଣି ସେହି ଅପରାଧ କଲେ ତାହାରଦ୍ୱିଗୁଣ ଦଣ୍ଡଦେବ ଏବଂ ବ୍ରାତ୍ୟା ଓ ଚାଣ୍ଡାଳୀ ସଙ୍ଗେ ସହବାସକଲେ ସେହିପରି ଦଣ୍ଡଦେବ ।

**ଶୂଦ୍ରୋ ଗୁପ୍ତମଗୁପ୍ତଂ ବା ଦ୍ୱୈଜାତଂ ବର୍ଣ୍ଣମାବସନ ।**
**ଅଗୁପ୍ତମଙ୍ଗସର୍ବସ୍ୱୈର୍ଗୁପ୍ତଂ ସର୍ବେଣ ହୀୟତେ ।୩୭୪।**

ରକ୍ଷିତା ବା ଅରକ୍ଷିତ ଦ୍ୱିଜାତୀୟା ସ୍ତ୍ରୀ ସହିତ ଶୂଦ୍ର ସହବାସ କଲେ ଅରକ୍ଷ ହେଲେ ଶୂଦ୍ରର ଲିଙ୍ଗଚ୍ଛେଦ ଓ ସର୍ବସ୍ୱ ହରଣ ଏବଂ ରକ୍ଷିତା ହେଲେ ସର୍ବସ୍ୱହରଣ ହେବ ।

**ବୈଶ୍ୟଃ ସର୍ବସ୍ୱଦଣ୍ଡଃ ସ୍ୟାତ୍ସମ୍ବତ୍ସରନିରୋଧତଃ ।**
**ସହସ୍ରଂ କ୍ଷତ୍ରିୟୋ ଦଣ୍ଡ୍ୟୋ ମୌଣ୍ଡ୍ୟଂ ମୂତ୍ରେଣ ଚାର୍ହତି ।୩୭୫।**

ବୈଶ୍ୟ ଗୋପନରେ ବ୍ରାହ୍ମଣ ସ୍ତ୍ରୀ ଗମନ କଲେ ତାହାର ଏକବର୍ଷ କଏ ଦଣ୍ଡ ଓ ସର୍ବସ୍ୱହରଣ ହେବ ଏବଂ କ୍ଷତ୍ରିୟ ସେପରି କଲେ ଏକସହସ୍ରପଣ ଦଣ୍ଡ ଦେବ ଓ ମୂତ୍ରରେ ତାହାର ମସ୍ତକ ମୁଣ୍ଡନ ହେବ ।

**ବ୍ରାହ୍ମଣୀଂ ଯଦ୍ୟାଗୁପ୍ତାନ୍ତୁ ଗଚ୍ଛେତାଂ ବୈଶ୍ୟପାର୍ଥିବୌ ।**
**ବୈଶ୍ୟ ପଞ୍ଚଶତଂ କୁର୍ଯ୍ୟାଦ୍ କ୍ଷତ୍ରିୟନ୍ତୁ ସହସ୍ରିଣମ୍ ।୩୭୬।**

ଅରକ୍ଷିତା ବ୍ରାହ୍ମଣୀ ସହିତ ବୈଶ୍ୟ ଓ କ୍ଷତ୍ରିୟ ସଙ୍ଗମ କଲେ ବୈଶ୍ୟର ପଞ୍ଚଶତ ଓ କ୍ଷତ୍ରିୟର ସହସ୍ରପଣ ଦଣ୍ଡ ହେବ ।

**ଉଭାବପି ତୁ ତାବେବ ବ୍ରାହ୍ମଣ୍ୟା ଗୁପ୍ତୟାସହ ।**
**ବିପ୍ଲୁତୌ ଶୂଦ୍ରବଦ୍ଦଣ୍ଡ୍ୟୌ ଦଗ୍ଧବ୍ୟୌ ବା କଟାଗ୍ନିନା ।୩୭୭।**

ଯେ ଉଭୟ (ବୈଶ୍ୟ ଓ କ୍ଷତ୍ରିୟ) ରକ୍ଷିତା ବ୍ରାହ୍ମଣୀଠାରେ ଅଭିଗମନ କଲେ ଶୂଦ୍ରପରି ଦଣ୍ଡନୀୟ ହେବେ ଅଥବା ହେଁସ ଘୋଡ଼ାଇ ନିଆଁରେ ଜାଳିଦେବ ।

**ସହସ୍ରଂ ବ୍ରାହ୍ମଣୋ ଦଣ୍ଡ୍ୟୋ ଗୁପ୍ତାଂ ବିପ୍ରାଂ ବଳାଦ୍ବ୍ରଜନ୍ ।**
**ଶତାନି ପଞ୍ଚ ଦଣ୍ଡ ସ୍ୟାଦିଚ୍ଛନ୍ତ୍ୟା ସହ ସଙ୍ଗତଃ ।୩୭୮।**

ରକ୍ଷତା ବ୍ରାହ୍ମଣୀ ସଙ୍ଗେ ବଳପୂର୍ବକ ସହବାସ କଲେ ବ୍ରାହ୍ମଣର ସହସ୍ର ପଣ ଦଣ୍ଡ ହେବ ଏବଂ ଅଭିଳାଷିତା ବ୍ରାହ୍ମଣୀ ସହିତ ସଙ୍ଗମ କଲେ ପାଞ୍ଚଶତପଣ ଦଣ୍ଡହେବ ।

**ମୌଣ୍ଡ୍ୟଂ ପ୍ରାଣାନ୍ତିକୋ ଦଣ୍ଡୋ ବ୍ରାହ୍ମଣସ୍ୟ ବିଧୀୟତେ ।**
**ଇତରେଷାଂ ତୁ ବର୍ଣ୍ଣାନାଂ ଦଣ୍ଡଃ ପ୍ରାଣାନ୍ତିକୋ ଭବେତ୍ ।୩୭୯।**

ବ୍ରାହ୍ମଣର ମସ୍ତକ ମୁଣ୍ଡନହିଁ ପ୍ରାଣାନ୍ତିକ ଦଣ୍ଡ ଅଟେ, ମାତ୍ର ଅନ୍ୟବର୍ଣ୍ଣର ପ୍ରାଣଦଣ୍ଡ ପ୍ରାଣାନ୍ତିକଦଣ୍ଡ ଅଟେ ।

**ନ ଜାତୁଂ ବ୍ରାହ୍ମଣଂ ହନ୍ୟସ୍ସର୍ବପାପେଷ୍ୱପି ସ୍ଥିମତ୍ ।**
**ରାଷ୍ଟ୍ରାଦେନଂ ବହିଃକୁର୍ଯ୍ୟାତ୍ସମଗ୍ରଧନମକ୍ଷତମ୍ ।୩୮୦।**

ସମସ୍ତ ପାପରେ ଲିପ୍ତ ହେଲେ ସୁଦ୍ଧା ବ୍ରାହ୍ମଣକୁ ହତ୍ୟା କରିବ ନାହିଁ, ମାତ୍ର ଅକ୍ଷତ ଶରୀରରେ ସମଗ୍ର ଧନ ସହିତ ତାହାକୁ ରାଜ୍ୟରୁ ବାହାର କରିଦେବ ।

**ନ ବ୍ରାହ୍ମଣବଧାଦ୍ଭୂୟ ନଧର୍ମୋ ବିଦ୍ୟତେ ଭୁବି ।**
**ତସ୍ମାଦସ୍ୟ ବଧଂ ରାଜା ମାନସାପି ନ ଚିନ୍ତୟେତ୍ ।୩୮୧।** *

ପୃଥିବୀରେ ବ୍ରାହ୍ମଣ ବଧରୁବଳି ଗୁରୁତର ଅଧର୍ମ କିଛି ନାହିଁ, ସେହି ହେତୁରୁ ରାଜା ବ୍ରାହ୍ମଣବଧ ମନରେ ସୁଦ୍ଧା ଚିନ୍ତା କରିବ ନାହିଁ ।

---

* - ୩୬୯ ଠାରୁ ୩୮୧ ଶ୍ଳୋକ ପ୍ରକ୍ଷିପ୍ତ ।

**ବୈଶ୍ୟଶ୍ଚେତ୍ କ୍ଷତ୍ରିୟାଂ ଗୁପ୍ତାଂ ବୈଶ୍ୟାଂ ବା କ୍ଷତ୍ରିୟୋ ବ୍ରଜେତ୍ ।**
**ଯୋ ବ୍ରାହ୍ମଣ୍ୟାମଗୁପ୍ତାୟାଂ ତା ବୁଭୌ ଦଣ୍ଡମର୍ହତଃ ।୩୮୨। ✽**

ରକ୍ଷିତା କ୍ଷତ୍ରିୟା ସହିତ ବୈଶ୍ୟ ଅଥବା ରକ୍ଷିତା ବୈଶ୍ୟା ସହିତ କ୍ଷତ୍ରିୟ ସଙ୍ଗସ କଲେ ସେ ଉଭୟେ ଅରକ୍ଷିତା ବ୍ରାହ୍ମଣୀସଙ୍ଗମରେ ଯେଉଁ ଦଣ୍ଡ ତାହା ପାଇବାର ଯୋଗ୍ୟ ହେବ ।

**ସହସ୍ରଂ ବ୍ରାହ୍ମଣୋ ଦଣ୍ଡଂ ଦୋପ୍ୟୋ ଗୁପ୍ତେ ତୁ ତେ ବ୍ରଜନ୍ ।**
**ଶୂଦ୍ରାୟାଂ କ୍ଷତ୍ରିୟବିଶୋଃ ସାହସ୍ରୋ ବେଭବେଦ୍ଦମଃ ।୩୮୩।**

ରକ୍ଷିତା କ୍ଷତ୍ରିୟା ଓ ବୈଶ୍ୟା ସହିତ ବ୍ରାହ୍ମଣ ସଙ୍ଗମ କଲେ ସହସ୍ରପଣ ଦଣ୍ଡ ହେବ ଏବଂ ରକ୍ଷିତା ଶୂଦ୍ରା ସହିତ ଓ ବୈଶ୍ୟ ସହବାସ କଲେ ସହସ୍ରପଣ ଦଣ୍ଡ ହେବ ।

**କ୍ଷତ୍ରିୟାୟାମଗୁପ୍ତାୟାଂ ବୈଶ୍ୟେ ପଞ୍ଚଶତଂ ଦଣ୍ଡ ।**
**ମୂତ୍ରେଣ ମୌଣ୍ଡ୍ୟମିଚ୍ଛେତ୍ତ କ୍ଷତ୍ରିୟୋ ଦଣ୍ଡମେବ ବା ।୩୮୪।**

ଅରକ୍ଷିତା କ୍ଷତ୍ରିୟାସଙ୍ଗମ କଲେ ବୈଶ୍ୟର ପାଞ୍ଚଶତ ପଣ ଦଣ୍ଡହେବ ଏବଂ କ୍ଷତ୍ରିୟ ସେହି ଅପରାଧ କଲେ ସେହିପରି ଦଣ୍ଡ ଅଥବା ଇଚ୍ଛାକଲେ ମୂତ୍ରଦ୍ୱାରା ମଣ୍ଡକ ମୁଣ୍ଡନ ହେବ ।

**ଅଗୁପ୍ତେ କ୍ଷତ୍ରିୟାବୈଶ୍ୟେ ଶୂଦ୍ରାଂ ବା ବ୍ରାହ୍ମଣୋ ବ୍ରଜନ୍ ।**
**ଶତାନି ପଞ୍ଚ ଦଣ୍ଡ୍ୟଃ ସ୍ୟାତ୍ ସହସ୍ରନ୍ତ୍ୱନ୍ତ୍ୟଜସ୍ତ୍ରିୟମ୍ ।୩୮୫।**

ବ୍ରାହ୍ମଣ ଅରକ୍ଷିତା କ୍ଷତ୍ରିୟା ବୈଶ୍ୟା ବା ଶୂଦ୍ରା ସଙ୍ଗମକଲେ ପଞ୍ଚଶତ ପଣ ଦଣ୍ଡହେବ, ମାତ୍ର ଅନ୍ତ୍ୟଜାସଙ୍ଗମ କଲେ ସହସ୍ର ପଣ ଦଣ୍ଡ ହେବ ।

**ଯସ୍ୟ ସ୍ତେନଃ ପୁରେ ନାସ୍ତି ନାନ୍ୟସ୍ତ୍ରୀଗୋ ନ ଦୁଷ୍ଟବାକ ।**
**ନ ସାହସିକଦଣ୍ଡଘ୍ନୌ ସ ରାଜା ଶକ୍ରଲୋକଭାକ୍ ।୩୮୬। ✽ ✽**

ଯେଉଁ ରାଜାର ରାଜ୍ୟରେ ଚୋର, ପରଦାରଗାମୀ, ଗାଳିଗୁଲଜ, ସାହସିକ ବା ମାରପିଟକାରୀ ନାହିଁ ସେ ରାଜା ଇନ୍ଦ୍ର ଲୋକଭାଗୀ ଅଟେ ।

**ଏତେଷାଂ ନିଗ୍ରହୋ ରାଜ୍ଞଃ ପଞ୍ଚାନାଂ ବିଷୟେ ସ୍ୱକେ ।**
**ସାମ୍ରାଜ୍ୟକୃତ୍ ସଜାତ୍ୟେଷୁ ଲୋକେଚୈବ ଯଶସ୍କରଃ ।୩୮୭।**

ଚୋରପ୍ରଭୃତି ଏହି ପଞ୍ଚପ୍ରକାର ଲୋକଙ୍କର ନିଗ୍ରହକାରୀ ରାଜା ଇହଲୋକରେ ରାଜାସମାଜରେ ସାମ୍ରାଜ୍ୟକାରୀ ଓ ଯଶସ୍କର ହୁଏ ।

**ଋତ୍ୱିଜଂ ଯସ୍ତ୍ୟଜେଦ୍ ଯାଜ୍ୟୋ ଯାଜ୍ୟଂ ଚର୍ତ୍ୱିକ୍ତ୍ୟଜେଦ୍ ଯଦି**
**ଶକ୍ତଂ କର୍ମଣ୍ୟଦୁଷ୍ଟଞ୍ଚ ତୟୋର୍ଦଣ୍ଡଃ ଶତଂ ଶତମ୍ ।୩୮୮।**

---

✽ - ଏଥିରେ ଏଗାରଖଣ୍ଡ ପୁସ୍ତକରେ ଅଛି ।-

କ୍ଷତ୍ରିୟାଞ୍ଚୈବ ବୈଶ୍ୟାଞ୍ଚ ଗୁପ୍ତାନ୍ତୁ ବ୍ରାହ୍ମଣୋ ବ୍ରଜନ୍ ।
ନ ମୂତ୍ରମୁଣ୍ଡଃ କର୍ତ୍ତବ୍ୟୋ ଦାପ୍ୟସ୍ତୂତ୍ତମସାହସମ୍ ।

ବ୍ରାହ୍ମଣ ରକ୍ଷିତା କ୍ଷତ୍ରିୟା ଓ ବୈଶ୍ୟା ସଙ୍ଗମକଲେ ମୂତ୍ରଦ୍ୱାରା ମସ୍ତକ ମୁଣ୍ଡନ ନ କରି ଉତ୍ତମ ସାହସ ଦଣ୍ଡ ଦେବ ।

✽ ✽ - ଏକ ପୁସ୍ତକରେ 'ସତ୍ୟଲୋକଭାକ୍' ପାଠ୍ୟଭେଦ ଅଛି ।

କର୍ମକ୍ଷମ ଏବଂ ଅଦୁଷ୍ଟ ଋତ୍ୱିକ୍‌କୁ ଯଦି ଯଜମାନ ଛାଡ଼େ ଏବଂ ଋତ୍ୱିକ୍ ଯଦି ଯଜମାନକୁ ଛାଡ଼େ ତେବେ ଉଭୟ ଶଏ ଶଏ ପଣ ଦଣ୍ଡ ଦେବେ ।

**ନ ମାତା ନ ପିତା ନ ସ୍ତ୍ରୀ ନ ପୁତ୍ରସ୍ତ୍ୟାଗମର୍ହତି ।**
**ତ୍ୟଜନ୍ନ ପତିତାନେତାନ୍ ରାଜ୍ଞା ଦଣ୍ଡ୍ୟଃ ଶତାନିଷଟ୍ ।୩୮୯।**

ମାତା, ପିତା, ସ୍ତ୍ରୀ ଓ ପୁତ୍ର ଏମାନେ କେହି ତ୍ୟାଗ ଯୋଗ୍ୟ ନୁହନ୍ତି, ଏମାନଙ୍କୁ ଅପତିତ ଅବସ୍ଥାରେ ତ୍ୟାଗକଲେ ରାଜାକର୍ତ୍ତୃକ ଛଅଶତ ପଣ ଦଣ୍ଡ ପାଇବାର ଯୋଗ୍ୟ ହେବ ।

**ଆଶ୍ରମେଷୁ ଦ୍ୱିଜାତୀନାଂ କାର୍ଯ୍ୟେ ବିବଦାତାଂ ମିଥଃ ।**
**ନ ବିବ୍ରୂୟାନ୍ନୃପୋ ଧର୍ମ ଚିକୀର୍ଷନ୍ ହିତମାତ୍ମନଃ ।୩୯୦।**

ଆଶ୍ରମମାନଙ୍କରେ ଦ୍ୱିଜାତିମାନଙ୍କ ମଧ୍ୟରେ ପରସ୍ପର ବିବାହ ଉପସ୍ଥିତ ହେଲେ ଆପଣା ହିତକାମନାକାରୀ ରାଜା ସହସା ବଳପୂର୍ବକ ନ୍ୟାୟ କରିବାକୁ ଉଦ୍ୟତ ହେବ ନାହିଁ ।

**ଯଥାର୍ହମେତାନଭ୍ୟର୍ଚ୍ଚ୍ୟ ବ୍ରାହ୍ମଣୈଃ ସହ ପାର୍ଥିବଃ ।**
**ସାନ୍ତ୍ୱନୋ ପ୍ରଶମୟ୍ୟାଦୌ ସ୍ୱଧର୍ମଂ ପ୍ରତିପାଦୟେତ୍ ।୩୯୧।**

ବ୍ରାହ୍ମଣମାନଙ୍କ ସହିତ ରାଜା ଏମାନଙ୍କୁ ଅର୍ଚ୍ଚନା କରି ଆଗେ ସାନ୍ତ୍ୱନାଦ୍ୱରା ସେମାନଙ୍କର କ୍ରୋଧର ଉପଶମ କରି ସ୍ୱଧର୍ମ ବୁଝାଇ ଦେବେ ।

**ପ୍ରତିବେଶ୍ୟାନୁବେଶ୍ୟୌ ଚ କଲ୍ୟାଣେ ବିଂଶତି ଦ୍ୱିଜେ ।**
**ଅର୍ହାବଭୋଜୟନ୍ ବିପ୍ରୋ ଦଣ୍ଡମର୍ହତି ମାଷକମ୍ ।୩୯୨।**

ଶୁଭକାର୍ଯ୍ୟରେ ବିଂଶ ବ୍ରାହ୍ମଣ ଭୋଜନ କରାଇବା ସ୍ଥଳରେ ଯୋଗ୍ୟ ପ୍ରତିବେଶୀ ଓ ଅନୁବେଶୀ ବ୍ରାହ୍ମଣମାନଙ୍କୁ ଛାଡ଼ି ଅନ୍ୟ ବ୍ରାହ୍ମଣ ଭୋଜନ କରାଇଲେ ଏକମଷା ରୁପାଦଣ୍ଡ ହେବ ।

**ଶ୍ରୋତ୍ରିୟଃ ଶ୍ରୋତ୍ରିୟାଂ ସାଧୁଂ ଭୂତିକୃତ୍ୟେଷ୍ୱ ଭୋଜୟନ୍ ।**
**ତଦନ୍ନଂ ଦ୍ୱିଗୁଣଂ ଦାପ୍ୟୋ ହିରଣ୍ୟଞ୍ଚୈବ ମାଷକମ୍ ।୩୯୩।**

ଯଦି ଶ୍ରୋତ୍ରିୟ ବିବାହାଦି ବିଭବକାର୍ଯ୍ୟରେ ଏକ ସାଧୁ ଶ୍ରୋତ୍ରିୟକୁ ଭୋଜନ ନ କରାଏ ତେବେ ଦ୍ୱିଗୁଣ ଭୋଜ୍ୟଦ୍ରବ୍ୟ ଓ ଏକମଷା ସୁନା ଦଣ୍ଡହେବ ।

**ଅନ୍ଧୋ ଜଡ଼ଃ ପୀଠସର୍ପୀ ସପ୍ତତ୍ୟା ସ୍ଥବିରଶ୍ଚ ଯଃ ।**
**ଶ୍ରୋତ୍ରିୟେଷୂପକୁର୍ବଂଚ ନ ଦାପ୍ୟଃ କେନଚିତ୍କରମ୍ ।୩୯୪।**

ଯେ ବ୍ୟକ୍ତି ଅନ୍ଧ, ପଙ୍ଗୁ, ୭ ବର୍ଷର ବୁଢ଼ା ବା ଶ୍ରୋତିୟମାନଙ୍କର ଉପକାର କାର୍ଯ୍ୟକରେ ତାହାଠାରୁ ରାଜା କୌଣସି କର ନେବ ନାହିଁ ।

**ଶ୍ରୋତ୍ରିୟଂ ବ୍ୟାଧିବତାର୍ତ୍ତୌ ଚ ବାଲବୃଦ୍ଧାବକିଞ୍ଚନମ୍ ।**
**ମହାକୁଲୀନ ମାର୍ଯ୍ୟଞ୍ଚ ରାଜା ସଂପୂଜୟେତ୍ସଦା ।୩୯୫।**

ଶ୍ରୋତ୍ରିୟ, ରୋଗୀ, ବିପନ୍ନ, ବାଳ, ବୃଦ୍ଧ, ଦରିଦ୍ର, ମହାକୁଳୀନ ଏବଂ ଆର୍ଯ୍ୟକୁ ରାଜା ଦାନମାନାଦିଦ୍ୱାରା ଅନୁଗ୍ରହ କରିବ ।

**ନ ଚ ବାସାଂସି ବାସୋଭିର୍ନିର୍ହରେନ୍ନ ଚ ବାସୟେତ୍ ।୩୯୬।**

ଚିକ୍‌କଣ ଶିମୁଳି ତକ୍ତାରେ ଧୋବା ଧୀରେ ଧୀରେ ଲୁଗା କାଚିବ ଏବଂ ଜଣକର ଲୁଗା ସଙ୍ଗେ ଅନ୍ୟ ଲୋକର ଲୁଗା ମିଶାଇବ ନାହିଁ ଓ ଅନ୍ୟକୁ ପିନ୍ଧିବାକୁ ଦେବ ନାହିଁ ।

**ତନ୍ତୁବାୟୋ ଦଶପଲଂ ଦଦ୍ୟାଦେକପଲାଧିକମ୍ ।**
**ଅତୋଽନ୍ୟଥା ବର୍ତ୍ତମାନୋ ଦାପ୍ୟୋ ଦ୍ୱାଦଶକଂ ଦମଦ୍ ।୩୯୭।**

ତନ୍ତି (ଗୃହସ୍ଥଠାରୁ) ଲୁଗା ବୁଣିଦେବା ସକାଶେ ଦଶପଳ ସୂତା ନେଲେ (ମଣ୍ଡ ପ୍ରଭୃତି ଯୋଗେ) ଏକପଳ ଅଧିକ ଓଜନର ଲୁଗା ଦେବ । ଏଥିରେ ଅନ୍ୟଥା କଲେ ବାରପଣ ଦଣ୍ଡ ହେବ ।

**ଶୁଲ୍‌କସ୍ଥାନେଷୁ କୁଶଳାଃ ସର୍ବପଣ୍ୟ ବିଚକ୍ଷଣାଃ ।**
**କୁର୍ଯ୍ୟୁରର୍ଘଂ ଯଥାପଣ୍ୟଂ ତତୋବିଂଶଂ ନୃପୋ ହରତ୍ ।୩୯୮।**

ଶୁଲ୍‌କ ବିଷୟରେ କୁଶଳ ସମୟ ପ୍ରକାର ପଣ୍ୟଦ୍ରବ୍ୟରେ ବିଚକ୍ଷଣ ବ୍ୟକ୍ତିମାନେ ଯେ ପଣ୍ୟର ଯେ ରୂପମୂଲ୍ୟ ନିର୍ଣ୍ଣୟ କରିବେ ତହିଁର ଲାଭର କୋଡ଼ିଏ ଭାଗର ଭାଗେ ରାଜା ନେବ ।

**ରାଜ୍ଞଃ ପ୍ରଖ୍ୟାତ୍ ଭାଣ୍ଡାନି ପ୍ରତିସିଦ୍ଧାନି ଯାନି ଚ ।**
**ତାନି ନିର୍ହରତୋ ଲୋଭତ୍‌ସର୍ବହାରଂ ହରେନ୍ନୃପଃ ।୩୯୯।**

ଯେଉଁ ସକଳ ଦ୍ରବ୍ୟ ରାଜାର ବୋଲି ବିଖ୍ୟାତ ଏବଂ ସେ ସବୁ ଦ୍ରବ୍ୟ ସ୍ଥାନାନ୍ତରକୁ ନେଇ ବିକିବାକୁ ରାଜା ନିଷେଧ କରିଥିବ ଏ ଭଳି ଦ୍ରବ୍ୟ ଲୋଭରେ ଯେ ବିକିବ ରାଜା ତାହାର ସର୍ବସ୍ୱ ହରଣ କରିବ ।

**ଶୁଲ୍‌କସ୍ଥାନଂ ପରିହରନ୍ନକାଳେ କ୍ରୟବିକ୍ରୟୀ ।**
**ମିଥ୍ୟାବାଦୀ ଚ ସଂସ୍ଥାନେ ଦାପ୍ୟୋଽଗୁଣମତ୍ୟୟମ ।୪୦୦।** ✻

ଶୁଲ୍‌କ ଆଦାୟସ୍ଥାନ (ଶୁଲ୍‌କ ପରିହାର କରିବା ସକାଶେ) ଛାଡ଼ି ଯେ ଅନ୍ୟ ସ୍ଥାନରେ ଅଥବା ଅକାଳ (ନିୟମିତ ସମୟ ଛଡ଼ା ଅନ୍ୟ ସମୟ)ରେ କ୍ରୟ ବିକ୍ରୟ କରେ ଅଥବା ସଂଖ୍ୟା ବା ପରିମାଣ ମିଛ କହେ ତାହା ପ୍ରତି ଉଚିତକରର ଆଠଗୁଣ ଦଣ୍ଡ ହେବ ।

**ଆଗମଂ ନିର୍ଗମଂ ସ୍ଥାନଂ ତଥା ବୃଦ୍ଧିକ୍ଷୟାବୁଭୌ ।**
**ବିଚାର୍ଯ୍ୟ ସର୍ବପଣ୍ୟାନାଂ କାରୟେତ୍ କ୍ରୟବିକ୍ରୟୌ ।୪୦୧।**

କେତେ ଦୂରରୁ ଦ୍ରବ୍ୟ ଆସିଅଛି, କେତେ ଦୂର ଯିବ, ତହିଁରେ ଆୟବ୍ୟୟ ଉଭୟ କେତେ ହେବ ଏ ସବୁ ବିଚାର କରି ରାଜା (ମୂଲ୍ୟ ନିର୍ଦ୍ଧାରଣ ପୂର୍ବକ ସକଳପଣ୍ୟର କ୍ରୟ ବିକ୍ରୟ କରାଇବ ।

**ପଞ୍ଚରାତ୍ରେ ପଞ୍ଚରାତ୍ରେ ପକ୍ଷେ ପକ୍ଷେଽଥବାଗତେ ।**
**କୁର୍ବୀତ ଚୈଷାଂ ପ୍ରତ୍ୟକ୍ଷମର୍ଘସଂସ୍ଥାପନଂ ନୃପଃ ।୪୦୨।**

ପାଞ୍ଚ ପାଞ୍ଚ ରାତ୍ରି ଗତ ହେଲେ ଅଥବା ପ୍ରତି ପକ୍ଷରେ ଥରେ ପଣ୍ୟଦ୍ରବ୍ୟମାନ ଦେଖି ତହିଁର (ବଜାର) ମୂଲ୍ୟ ରାଜା ସ୍ଥିର କରିବ ।

**ତୁଲାମାନଂ ପ୍ରତୀମାନଂ ସର୍ବଞ୍ଚ ସ୍ୟାତ୍‌ସଲକ୍ଷିତମ୍ ।**
**ଷଟ୍‌ସୁଟ୍‌ସୁ ଚ ମାସେଷୁ ପୁନରେବ ପରୀକ୍ଷୟେତ୍ ।୪୦୩।**

---

✻ - କୌଣସି କୌଣସି ପାଠରେ 'ସଂଖ୍ୟାନେ' ଅଛି ।

ଓଜନ କରିବା (ବିଶା ପ୍ରଭୃତି) ତୁଳାମାନ ଓ ମାପ କରିବା (ରୌଣୀ ପ୍ରଭୃତି ପ୍ରତୀମାନ ସମସ୍ତ ରାଜା ବିଶେଷ ଲକ୍ଷ୍ୟ ରଖି ସ୍ଥିର କରିବ ଏବଂ ପ୍ରତି ଛଅ ମାସରେ ପୁଣି ପରୀକ୍ଷା କରି ଦେଖିବ ।

**ପଣଂ ଯାନଂ ତରେଦାପ୍ୟଂ ପୌରୁଷୋଽର୍ଦ୍ଧପଣଂ ତରେ ।**
**ପାଦଂ ପଶୁଶ୍ଚ ଯୋଷିଚ୍ଚ ପାଦାର୍ଦ୍ଧଂ ରିକ୍ତକଃ ପୁମାନ୍ ।୪୦୪।**

ପାରି କରିବାକୁ ହେଲେ ଖାଲି ଯାନରେ ପଣେ; ଜଣେଲୋକ ବୋହିବାର ଭାର ସକାଶେ ଅଧେ, ପଶୁ ଓ ସ୍ତ୍ରୀଲୋକ ପାଦେ (ଚତୁର୍ଥାଂଶ) ଏବଂ ଖାଲି ଲୋକ ପାଦାର୍ଦ୍ଧ (ଅଷ୍ଟାମାଂଶ) ମାସୁଲ ଦେବ ।

**ଭାଣ୍ଡପୂର୍ଣ୍ଣାନି ଯାନାନି ତାର୍ଯ୍ୟଂ ଦ୍ରାପ୍ୟାନି ସାରତଃ ।**
**ରିକ୍ତଭାଣ୍ଡାନି ଯତ୍କିଞ୍ଚିତ୍ ପୁମାଂସଶ୍ଚା ପରିଚ୍ଛଦା ।୪୦୫।**

ଓଦର ପୂର୍ଣ୍ଣଯାନ ସବୁ ପାରି ହେଲେ ଦ୍ରବ୍ୟର ସାରାସାର ଦେଖିପାରି ହେବାର ମାସୁଲ ଦେବ ଏବଂ ଖାଲି ଓଦର ବା ଦରିଦ୍ରଲୋକ ପାରି ହେଲେ ଯଚ୍ଛିଞ୍ଚିତ୍ ଶୁଳ୍କ ନେବ ।

**ଦୀର୍ଘାଧ୍ୱନି ଯଥାଦେଶଂ ଯଥାକାଳଂ ତରୋ ଭବେତ୍ ।**
**ନଦୀତୀରେଷୁ ତଦ୍‌ବିଦ୍ୟାତ୍ସମୁଦ୍ରେ ନାସ୍ତି ଲକ୍ଷଣମ୍ ।୪୦୬।**

ବହୁଦୂର ପାରି ହେଲେ ଦେଶକାଳ ଦେଖି ମାସୁଲ ନେବ ଏବଂ ତାହା ନଦୀ ତୀରରେ ଜାଣିବ, ସମୁଦ୍ରରେ ଏ ନିୟମ ନାହିଁ ।

**ଗର୍ଭିଣୀ ତୁ ଦ୍ୱିମାସାଦି ସ୍ତଥା ପ୍ରବ୍ରଜିତୋ ମୁନିଃ ।**
**ବ୍ରାହ୍ମଣା ଲ୍ଲିଙ୍ଗିନଶ୍ଚୈବ ନ ଦାପ୍ୟାସ୍ତାରିକଂ ତରେ ।୪୦୭।**

ଦୁଇମାସ ବା ଚତୁର୍ଦ୍ଧ୍ୱ ଗର୍ଭିଣୀ ସ୍ତ୍ରୀ ତଥା ପରିବ୍ରାଜକ ଭିକ୍ଷୁ, ବାନପ୍ରସ୍ଥ, ବ୍ରାହ୍ମଣ ଓ ବ୍ରହ୍ମଚାରୀମାନଙ୍କୁ ପାରି କଲେ ତରେଇ ମାସୁଲ ନେବ ନାହିଁ ।

**ଯନ୍ନାବି କିଞ୍ଚିଦ୍ଦାଶାନାଂ ବିଶୀର୍ଯ୍ୟେତାପରାଧତଃ ।**
**ତଦ୍ଦାଶୈରବ ଦାତବ୍ୟଂ ସାମଗମ୍ୟ ସ୍ୱତୋଽଂଶତଃ ।୪୦୮।**

ନାବିକମାନଙ୍କର ଦୋଷରେ ନୌକାରୂଢ଼ ବ୍ୟକ୍ତିର ଦ୍ରବ୍ୟ ନଷ୍ଟ ହେଲେ ନାବିକମାନେ ମିଳି ଆପଣା ଭାବରୁ ତାହାର କ୍ଷତି ପୂରଣ କରିବେ ।

**ଏଷ ନୌଯାୟିନାମୁକ୍ତୋ ବ୍ୟବହାରସ୍ୟ ନିର୍ଣ୍ଣୟଃ ।**
**ଦାସାପରାଧତସ୍ତୋୟେ ଦୈବିକେ ନାସ୍ତି ନିଗ୍ରହଃ ।୪୦୯।**

ନୌଯାୟିମାନଙ୍କର ଏହାହିଁ ବ୍ୟବହାର ନିର୍ଣ୍ଣୟ; ନାବିକର ଅପରାଧରେ ଚୋରି ହେଲେ ନାବିକ ଦେବ, ମାତ୍ର ଦୈବାତ୍ ତୋଫାନାଦି ଦ୍ୱାରା ନଷ୍ଟ ହେଲେ ନାବିକର ଦଣ୍ଡ ନାହିଁ ।

**ବାଣିଜ୍ୟଂ କାରୟେଦ୍ ବୈଶ୍ୟଂ କୁସୀଦଂ କୃଷିମେବ ଚ ।**
**ପଶୁନାଂ ରକ୍ଷଣଞ୍ଚୈବ ଦାସ୍ୟଂ ଶୂଦ୍ରଂ ଦ୍ୱିଜନ୍ମନାମ୍ ।୪୧୦।**

ରାଜା ବୈଶ୍ୟକୁ ବାଣିଜ୍ୟ, କୁସୀଦ, କୃଷି ଓ ପଶୁରକ୍ଷଣ କାର୍ଯ୍ୟରେ ଏବଂ ଶୁଦ୍ରମାନଙ୍କୁ ଦ୍ୱିଜାତିମାନଙ୍କ ସେବା କାର୍ଯ୍ୟରେ ନିଯୁକ୍ତ କରିବ ।

**କ୍ଷତ୍ରିୟଞ୍ଚୈବ ବୈଶ୍ୟଞ୍ଚ ବ୍ରାହ୍ମଣୋ ବୃତ୍ତିକର୍ଷିତୌ ।**
**ବିଭୃୟାଦାନଂଶଂସ୍ୟେନ ସ୍ୱାନି କର୍ମାଣି କାରୟନ୍ ।୪୧୧।**

କ୍ଷତ୍ରିୟ ଓ ବୈଶ୍ୟର ନିଜ ବୃତ୍ତିର ଅଭାବ ହେଲେ ବ୍ରାହ୍ମଣ ଦୟାକରି ସେମାନଙ୍କୁ ଆପଣା ଆପଣା କାର୍ଯ୍ୟକରାଇ ପ୍ରତିପୋଷଣ କରିବ ।

**ଦାସ୍ୟନ୍ତୁ କାରୟଲ୍ଲୋଭାଦ୍ ବ୍ରାହ୍ମଣଃ ସଂସ୍କୃତାନ୍ ଦ୍ୱିଜାନ୍ ।**
**ଅନିଚ୍ଛତଃ ପ୍ରାଭବତ୍ୟାଦ୍ରାଜ୍ଞା ଦଣ୍ଡ୍ୟଃ ଶତାନି ଷଟ୍ ।୪୧୨।**

ମାତ୍ର ବ୍ରାହ୍ମଣ ଲୋଭରେ ପ୍ରଭୁତ୍ୱ ଦେଖାଇ ଯଦି ଦ୍ୱିଜପତିମାନଙ୍କୁ ତାଙ୍କ ଇଚ୍ଛା ବିରୁଦ୍ଧରେ ଦାସ୍ୟ କର୍ମ କରାଏ ତେବେ ରାଜକର୍ତ୍ତୃକ ଛଅପଣ ଦଣ୍ଡ ପାଇବ ।

**ଶୂଦ୍ରନ୍ତୁ କାରୟେଦ୍ଦାସ୍ୟଂ କ୍ରୀତମକ୍ରୀତମେବ ବା ।**
**ଦାସ୍ୟାୟୈବହି ସୃଷ୍ଟୋଽସୌ ବ୍ରାହ୍ମଣସ୍ୟ ସ୍ୱୟମ୍ଭୁବା ।୪୧୩।**

କ୍ରୀତ ହେଉ ବା ଅକ୍ରୀତ ହେଉ ଶୂଦ୍ରକୁ ରାଜା ଦାସ୍ୟବୃତ୍ତି କରାଇବ; କାରଣ ବ୍ରାହ୍ମଣର ସେବା କରିବା କାରଣ ବ୍ରହ୍ମା ଏହାକୁ ସୃଷ୍ଟି କରିଅଛନ୍ତି ।

**ନ ସ୍ୱାମିନା ନିସୃଷ୍ଟୋଽପି ଶୂଦ୍ରୋ ଦାସ୍ୟାଦ୍ୱିମୁଚ୍ୟତେ ।**
**ନିସର୍ଗଜଂ ହି ତତ୍ତସ୍ୟ କସ୍ତସ୍ମାତ୍ତଦପୋହତି ।୪୧୪।**

ସ୍ୱାମୀ କର୍ତ୍ତୃକ ପରିତ୍ୟକ୍ତ ହେଲେ ସୁଦ୍ଧା ଶୂଦ୍ର ଦାସ୍ୟ ବୃତ୍ତିରୁ ମୁକ୍ତ ହୁଏନାହିଁ; କାରଣ ତାହାହିଁ ତାହାର ସ୍ୱାଭାବିକ ଧର୍ମ, କିଏ ତାହାକୁ ତହିଁରୁ ମୁକ୍ତ କରିପାରେ ।

**ଧ୍ୱଜାହୃତୋ ଭକ୍ତଦାସୋ ଗୃହଜଃ କ୍ରୀତଦତ୍ତ୍ରିମୌ ।**
**ପୈତ୍ରିକୋ ଦଣ୍ଡଦାସଶ୍ଚ ସପ୍ତୈତେ ଦାସଯୋନୟଃ ।୪୧୫।**

ଧ୍ୱଜହୃତ (ଯୁଦ୍ଧଜୟ ଲବ୍ଧ), ଭକ୍ତଦାସ (ଅନ୍ନ ସକାଶେ ଦାସବୃତ୍ତି କରେ) ଗୃହଜ (ଦାସୀପୁତ୍ର) କ୍ରୀତଦାସ, ଦାସ, ମିଳିଥିବା ଦାସ, ପୌତ୍ରିକ (ପିତୃପିତାମହ କ୍ରମାଗତ ଦାସ), ଦଣ୍ଡଦାସ(ରାଜଦଣ୍ଡ ପ୍ରଯୁକ୍ତ ଦାସ) ଏହି ସାତ ପ୍ରକାର ଦାସ ହୁଏ ।

**ଭାର୍ଯ୍ୟା ପୁତ୍ରଶ୍ଚ ଦାସଶ୍ଚ କ୍ରୟ ଏବା ଧନାଃସ୍ମୃତା ।**
**ଯତ୍ତେ ସମଧିଗଚ୍ଛନ୍ତି ତସ୍ୟ ତେ ତସ୍ୟ ତଦ୍ଧନମ୍ ।୪୧୬।**

ଭାର୍ଯ୍ୟା, ପୁତ୍ର ଓ ଦାସ ଏ ତିନି ଅଧମ ବୋଲି କଥିତ ଅଛି; କାରଣ ଏ ତିନି ଯାହା ଉପାର୍ଜନ କରିବେ ସେମାନେ ଯାହାର ସେହି ଉପାର୍ଜିତଧନ ତାହାରି ହେବ ।

**ବିସ୍ରବ୍ଧଂ ବ୍ରାହ୍ମଣଃ ଶୂଦ୍ରଦ୍ ଦ୍ରବ୍ୟୋପାଦାତମାଚରେତ୍ ।**
**ନ ହି ତସ୍ୟାସ୍ତି କିଞ୍ଚିତସ୍ୱଂ ଭର୍ତ୍ତୃହାର୍ଯ୍ୟଧନୋ ହି ସଃ ।୪୧୭।**

ବ୍ରାହ୍ମଣ ଅବିଚଳିତ ଚିତ୍ତରେ ଦାସଶୂଦ୍ରର ଧନ ଆତ୍ମସାତ୍ କରିପାରେ; କାରଣ ତାହାର ନିଜସ୍ୱ କିଛି ନାହିଁ ମାତ୍ର ତାହାର ଧନ ଭର୍ତ୍ତୃହାର୍ଯ୍ୟ ଅଟେ ।

**ବୈଶ୍ୟଶୂଦ୍ରୌ ପ୍ରଯତ୍ନେନ ସ୍ୱାନି କର୍ମାଣି କାରୟେତ୍ ।**
**ତୌ ହି ଚ୍ୟୁତୌ ସ୍ୱକର୍ମଭ୍ୟଃ କ୍ଷୋଭୟେତାମିଦଂ ଜଗତ୍ ।୪୧୮।**

ବୈଶ୍ୟ ଓ ଶୂଦ୍ରକୁ ଯତ୍ନପୂର୍ବକ ରାଜା ଆପଣା କାର୍ଯ୍ୟ କରାଇବା କାରଣ ସେ ଦୁହେଁ ଆପଣା କାର୍ଯ୍ୟଚ୍ୟୁତ ହେଲେ ଜଗତରେ ବିଶୃଙ୍ଖଳା ଜାତ ହେବ ।

**ଅହନ୍ୟହନ୍ୟବେକ୍ଷେତ କର୍ମାନ୍ତାନ ବାହନାନି ଚ ।**
**ଆୟବ୍ୟୟୌ ଚ ନିୟତାବାକରାନ୍ କୋଶମେବ ଚ ।୪୧୯।**

ରାଜା ପ୍ରତିଦିନ ପ୍ରାରବ୍ଧ କାର୍ଯ୍ୟର ଶେଷଫଳ, ବାହନ ସବୁ, ଆୟବ୍ୟୟ, ଖଣି ଓ ଧନାଗାର ପର୍ଯ୍ୟାଲୋଚନା କରି ଦେଖିବ ।

**ଏବଂ ସର୍ବାନିମାନ୍ ରାଜା ବ୍ୟବହାରାନ୍ ସମାପୟନ୍ ।**
**ବ୍ୟାପୋହ୍ୟ କିଲ୍‌ବିଷଂ ସର୍ବଂ ପ୍ରାପ୍ନୋତି ପରମାଂ ଗତିମ୍ ।୪୨୦।**

ଏହି ସବୁ ବ୍ୟବହାର ରାଜା ଏହି ରୂପେ ସମାପନ କଲେ ସକଳ ପାପ ହର କରି ପରମଗତି ଲାଭ କରେ ।

**ଅଷ୍ଟମ ଅଧ୍ୟାୟ ସମାପ୍ତ**

—※—

# ନବମୋଽଧ୍ୟାୟଃ ।

**ପୁରୁଷସ୍ୟ ସ୍ତ୍ରୀୟାଶ୍ଚୈବ ଧର୍ମେବର୍ତ୍ମନି ତିଷ୍ଠତୋଃ ।**
**ସଂଯୋଗେ ବିପ୍ରୟୋଗେ ଚ ଧର୍ମାନ୍ ବକ୍ଷ୍ୟାର୍ମି ଶାଶ୍ୱତାମ୍ ।୧।**

ଧର୍ମମାର୍ଗରେ ଅବସ୍ଥିତ ପୁରୁଷ ଏବଂ ସ୍ତ୍ରୀ ଏତଦୁଭର ସଂଯୋଗ ଓ ବିୟୋଗାବସ୍ଥାରେ ପ୍ରତିପାଳନୀୟ ସନାତନ ଧର୍ମ ବୋଲୁଅଛୁ ।

**ଅସ୍ୱତନ୍ତ୍ରା ସ୍ତ୍ରୀୟଃ କାର୍ଯ୍ୟାଃ ପୁରୁଷୈଃ ସ୍ୱୈର୍ଦ୍ଦିବାନିଶମ୍ ।**
**ବିଷୟେଷ୍ଟୁ ଚ ସଜ୍ଜନ୍ତ୍ୟଃ ସଂସ୍ଥାପ୍ୟା ଆତ୍ମନୋ ବଶେ ।୨।**

ଭର୍ତ୍ତା ପ୍ରଭୃତି ସ୍ୱଜନମାନେ ସ୍ତ୍ରୀମାନଙ୍କୁ ଦିବାରାତ୍ର କଦାପି ସ୍ୱାଧୀନ ଅବସ୍ଥାରେ ରହିବାକୁ ଦେବେ ନାହିଁ, ବରଂ ବିଷୟକାର୍ଯ୍ୟରେ ବ୍ୟାପୃତ କରାଇ ଆପଣାବଶରେ ରଖିବା କର୍ତ୍ତବ୍ୟ ।

**ପିତା ରକ୍ଷତି କୌମାରେ ଭର୍ତ୍ତା ରକ୍ଷତି ଯୌବନେ ।**
**ରକ୍ଷନ୍ତି ସ୍ଥାବରେ ପୁତ୍ର ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି ।୩।**

ବାଲ୍ୟାବସ୍ଥାରେ ପିତା ରକ୍ଷା କରିବ, ଯୌବନରେ ସ୍ୱାମୀ ରକ୍ଷା କରିବ, ବାର୍ଦ୍ଧକ୍ୟେ ପୁତ୍ରମାନେ ରକ୍ଷା କରିବେ-ସ୍ତ୍ରୀଲୋକ କଦାପି ସ୍ୱତନ୍ତ୍ରତାର ଯୋଗ୍ୟ ନୁହେ ।

**କାଳେଽଦାତା ପିତା ବାଚ୍ୟୋ ବାଚ୍ୟଶ୍ଚାନୁପୟନ୍ ପତିଃ ।**
**ମୃତେ ଭର୍ତ୍ତରି ପୁତ୍ରସ୍ତୁ ବାଚ୍ୟୋ ମାତୁରରକ୍ଷିତା ।୪।**

ଯଥାକାଳରେ କନ୍ୟାଦାନ ନ କଲେ ପିତା ଯଥା ସମୟରେ ଉପଗତ ନ ହେଲେ ପତି ଏବଂ ସ୍ୱାମୀ ମୃତ ହେଲା ଉତ୍ତାରୁ ମାତାକୁ ରକ୍ଷା ନକଲେ ପୁତ୍ର ନିନ୍ଦନୀୟ ହୁଏ ।

**ସୂକ୍ଷ୍ମେଭ୍ୟୋପି ପ୍ରସଙ୍ଗେଭ୍ୟ ସ୍ତ୍ରୀୟୋ ରକ୍ଷ୍ୟା ବିଶେଷତଃ ।**
**ଦ୍ୱୟୋ କୁଳର୍ହିୟୋଃ ଶୋକ ମବହେୟୁର ରକ୍ଷିତାଃ ।୫।**

ଅତି ସାମାନ୍ୟ ଦୁଃସଙ୍ଗ ହେଲେହେଁ ସ୍ତ୍ରୀଲୋକମାନଙ୍କୁ ତହିଁରୁ ଯତ୍ନପୂର୍ବକ ରକ୍ଷା କରିବା କର୍ତ୍ତବ୍ୟ, କାରଣ ଅରକ୍ଷିତା ହେଲେ ସେମାନେ ପିତା ଓ ପତି ଉଭୟ କୁଳକୁ ଶୋକ ଆଣନ୍ତି ।

**ଇମଂ ହି ସର୍ବବର୍ଣ୍ଣାନାଂ ପଶ୍ୟନ୍ତୋ ଧର୍ମମୁତ୍ତମମ୍ ।**
**ଯତନ୍ତେ ରକ୍ଷିତୁଂ ଭାର୍ଯ୍ୟାଂ ଭର୍ତ୍ତାରେ ଦୁର୍ବଳା ଅପି ।୬।**

ସକଳ ବର୍ଣ୍ଣମାନଙ୍କର ଏହାହିଁ ଶ୍ରେଷ୍ଠ ଧର୍ମ ଅବଗତ ହୋଇ ପତି ଦୁର୍ବଳ ହେଲେ ସୁଦ୍ଧା ଆପଣା ଭାର୍ଯ୍ୟାକୁ ଯତ୍ନପୂର୍ବକ ରକ୍ଷା କରିବ ।

**ସ୍ୱାଂ ପ୍ରସୂତିଂ ଚରିତ୍ରଞ୍ଚ କୁଳମାତ୍ମାନମେବ ଚ ।**
**ସ୍ୱଞ୍ଚ ଧର୍ମଂ ପ୍ରଯତ୍ନେନ ଜାୟାଂ ରକ୍ଷନ୍ ହି ରକ୍ଷତି ।୭।**

ଯତ୍ନପୂର୍ବକ ଭାର୍ଯ୍ୟାକୁ ରକ୍ଷା କଲେ ତଦ୍ୱାରା ନିଜର ସନ୍ତାନ ସନ୍ତତି, ଆତ୍ମ ଚରିତ୍ର, ଆପଣା ବଂଶ ଓ ନିଜର ଧର୍ମ ରକ୍ଷା କରାହୁଏ ।

**ପତିର୍ଭାର୍ଯ୍ୟାଂ ସଂପ୍ରବିଶ୍ୟ ଗର୍ଭୋ ଭୂତ୍ୱେହ ଜାୟତେ ।**
**ଜାୟାୟାସ୍ତଦ୍ଧି ଜାୟାତ୍ୱଂ ଯଦସ୍ୟାଂ ଜାୟତେ ପୁନଃ ।୮।**

ଏକ ପ୍ରକାର ପତିହିଁ ଭାର୍ଯ୍ୟାରେ ପ୍ରବେଶ କରି ଗର୍ଭରୂପ ହୋଇ ସଂସାରରେ (ସନ୍ତାନରୂପେ) ଜାତ ହୁଏ । ଜାୟାଠାରୁ ପୁନର୍ବାର ଜାତ ହେବ ନାହିଁ ଜାୟାର ଜାୟାତ୍ୱ ।

**ଯାଦୃଶଂ ଭଜତେ ହି ସ୍ତ୍ରୀ ସୁତଂ ସୂତେ ତଥାବିଧମ୍ ।**
**ତସ୍ମାତ୍ ପ୍ରଜା ବିଶୁଦ୍ଧ୍ୟର୍ଥଂ ସ୍ତ୍ରିୟଂ ରକ୍ଷେତ୍ ପ୍ରଯତ୍ନତଃ ।୯।**

ସ୍ତ୍ରୀ ଯେପରି ଭାବରେ ପତିକୁ ଭଜିବ ସେହିପରି ଭାବରେ ପୁତ୍ର ଜନ୍ମାଇବ, ଏହେତୁ ସପୁତ୍ରଲାଭ କରିବା ଧକାଶେ ଯତ୍ନପୂର୍ବକ ଭାର୍ଯ୍ୟା ରକ୍ଷାକରିବା କର୍ତ୍ତବ୍ୟ ।

**ନ କଶ୍ଚିଦ ଯୋଷିତଂ ଶକ୍ତଃ ପ୍ରସହ୍ୟ ପରିରକ୍ଷିତୁମ୍ ।**
**ଏତୈରୁପାୟଯୋଗୈସ୍ତୁ ଶକ୍ୟାସ୍ତାଃ ପରିରକ୍ଷିତୁମ୍ ।୧୦।**

ବଳପୂର୍ବକ ସେହି ସ୍ତ୍ରୀମାନଙ୍କୁ ରକ୍ଷା କରିବା ସକ୍ଷମ ହୁଏ ନାହିଁ; ମାତ୍ର ଉପାୟଯୋଗମାନଙ୍କ ଦ୍ୱାରା ଏମାନଙ୍କୁ ରକ୍ଷା କରିବାକୁ ଲୋକେ ସମର୍ଥ ହୁଅନ୍ତି ।

**ଅର୍ଥସ୍ୟ ସଂଗ୍ରହେ ଚୈନାଂ ବ୍ୟୟେ ଚୈବ ନିୟୋଜୟେତ୍ ।**
**ଶୌଚେ ଧର୍ମେଽନ୍ନପକ୍ତ୍ୟାଞ୍ଚ ପାରିଣାହ୍ୟସ୍ୟ ଚେକ୍ଷଣେ ।୧୧।**

ଅର୍ଥଗ୍ରହଣ, ବ୍ୟୟ, ଶୌଚ, ଧର୍ମ, ଅନ୍ନପାକ ଏବଂ ଗୃହକରଣୀ ଦେଖିବା କାର୍ଯ୍ୟରେ ଭାର୍ଯ୍ୟାକୁ ନିଯୁକ୍ତ ରଖିବ ।

**ଅରକ୍ଷିତା ଗୃହେ ରୁଦ୍ଧାଃ ପୁରୁଷୈରାପ୍ତକାରିଭିଃ ।**
**ଆତ୍ମାନମାତ୍ମନା ଯାସ୍ତୁ ରକ୍ଷେୟୁସ୍ତାଃ ସୁରକ୍ଷିତାଃ ।୧୨।**

(ଯେ ସ୍ତ୍ରୀ ଲୋକମାନେ ଦୁଃଶୀଳତା ହେତୁ ଆତ୍ମରକ୍ଷାରେ ଯତ୍ନବତୀ ନ ହୁଅନ୍ତି ସେମାନଙ୍କୁ) ଆପ୍ତପୁରୁଷମାନେ ଅନ୍ତଃପୁରରେ ଆବଦ୍ଧକରି ରଖି ସୁଦ୍ଧା ରକ୍ଷାକରି ପାରନ୍ତି ନାହିଁ; ମାତ୍ର ଯେଉଁ ସ୍ତ୍ରୀମାନେ ଆତ୍ମରକ୍ଷାରେ ତତ୍ପର ସେମାନେ ଆପେଆପେ ସୁରକ୍ଷିତା ହୁଅନ୍ତି ।

**ପାନଂ ଦୁର୍ଜନ ସଂସର୍ଗଃ ପତ୍ୟା ଚ ବିରହୋଽଟନମ୍ ।**
**ସ୍ୱପ୍ନୋଽନ୍ୟଗେହବାସଶ୍ଚ ନାରୀଣାଂ ଦୂଷଣାନି ଷଟ୍ ।୧୩।**

ମଦ୍ୟପାନ, ଦୁର୍ଜନ ସଂସର୍ଗ, ପତିବିରହ, ଇତସ୍ତତଃ ଭ୍ରମଣ, ଅକାଳନିଦ୍ରା ଓ ପରଗୃହବାସ ନାରୀମାନଙ୍କର ଏହି ଛଅ ଦୂଷଣ ଅଟେ ।

**ନୈତା ରୂପଂ ପରୀକ୍ଷନ୍ତେ ନାସାଂ ବୟସି ସଂସ୍ଥିତଃ ।**
**ସୁରୂପଂ ବା ବିରୂପଂ ବା ପୁମାନିତ୍ୟେବ ଭୁଞ୍ଜତେ ।୧୪।**

ସ୍ତ୍ରୀ ଲୋକମାନେ ରୂପ ପରୀକ୍ଷା କରନ୍ତି ନାହିଁ କିମ୍ବା ବୟସର ଠିକଣା ରଖନ୍ତି ନାହିଁ ଅଥବା ସୁରୂପ କୁରୂପ ତାହା ନ ବିଚାରି ପୁରୁଷ ପାଇଲେ ସମ୍ଭୋଗ କରନ୍ତି ।

**ପୌଂଶ୍ଚଲ୍ୟାଚ୍ଚଳଚିତ୍ତାଚ୍ଚ ନୈସ୍ନେହାଚ୍ଚ ସ୍ୱଭାବତଃ ।**
**ରକ୍ଷିତା ଯତ୍ନତୋଽପୀହ ଭର୍ତ୍ତୃଷ୍ୱେତା ବିକୁର୍ବତେ ।୧୫।**

ପୁରୁଷ ଦର୍ଶନରେ ସମ୍ଭୋଗଶୀଳତା, ଚିତ୍ତଚାଞ୍ଚଲ୍ୟ ଓ ସ୍ୱଭାବତଃ ସ୍ନେହରହିତ ହେବା ହେତୁ ସଂସାରରେ ସ୍ତ୍ରୀଲୋକମାନେ ପତିକର୍ତ୍ତୃକ ଯତ୍ନପୂର୍ବକ ରକ୍ଷିତାହେଲେ ସୁଦ୍ଧା ପତିକୁ ଅତିକ୍ରମ କରନ୍ତି ।

**ଏବଂ ସ୍ୱଭାବଂ ଜ୍ଞାତ୍ୱାସାଂ ପ୍ରଜାପତି ନିସର୍ଗଜମ୍ ।**
**ପରମଂ ଯତ୍ନମାତିଷ୍ଠେଦ୍ ପୁରୁଷୋ ରକ୍ଷଣଂ ପ୍ରତି ।୧୬।**

ବିଧାତାକର୍ତ୍ତୃକ ସ୍ତ୍ରୀଜାତିର ସୃଷ୍ଟି ସ୍ୱଭାବତଃ ଏହିରୂପ ଜାଣି ପୁରୁଷ ସ୍ତ୍ରୀରକ୍ଷା ବିଷୟରେ ଅତୀବ ଯତ୍ନବାନ୍ ହେବ ।

**ଶଯ୍ୟାସନମଳଙ୍କାରଂ କାମଂ କ୍ରୋଧମନାର୍ଜ୍ଜବମ୍ ।**
**ଦ୍ରୋହଭାବଂ କୁଚର୍ଯ୍ୟାଞ୍ଚ ସ୍ତ୍ରୀଭ୍ୟୋ ମନୁରକଳ୍ପୟତ ।୧୭।**

ଶଯ୍ୟା, ଆସନ, ଅଳଙ୍କାର, କାମ, କ୍ରୋଧ, କୁଟିଳତା, ଦ୍ରୋହଭାବ ଓ କୁତ୍ସିତାଚାର ଏସବୁ ସ୍ତ୍ରୀଲୋକହେତୁ ଜାତ ବୋଲି ମନୁ କଳ୍ପନା କରିଅଛନ୍ତି ।

**ନାସ୍ତି ସ୍ତ୍ରୀଣାଂ କ୍ରିୟାମନ୍ତ୍ରୈରିତିଧର୍ମେ ବ୍ୟବସ୍ଥିତ ।**
**ନିରିନ୍ଦ୍ରିୟାହ୍ୟମନ୍ତ୍ରାଶ୍ଚ ସ୍ତ୍ରିୟୋଽନୃତମିତି ସ୍ଥିତିଃ ।୧୮।**

ସ୍ତ୍ରୀମାନଙ୍କର ଜାତକର୍ମାଦି କ୍ରିୟା ମନ୍ତ୍ରଦ୍ୱାରା ହୁଏ ନାହିଁ ବୋଲି ଧର୍ମଶାସ୍ତ୍ରର ବ୍ୟବସ୍ଥା, ତେଣୁ ସ୍ତ୍ରୀମାନେ ଇନ୍ଦ୍ରିୟବିହୀନ ଓ ମନ୍ତ୍ରଶୂନ୍ୟ-ସୁତରାଂ ଅପଦାର୍ଥ ଅଟନ୍ତି ।

**ତଥା ଚ ଶ୍ରୁତୟୋ ବହ୍ୱ୍ୟୋ ନିଗୀତା ନିଗମେଷ୍ୱପି ।**
**ସ୍ୱାଲକ୍ଷଣ୍ୟପରୀକ୍ଷାର୍ଥଂ ତାସାଂ ଶୃଣୁତ ନିଷ୍କୃତୀଃ ।୧୯।**

ବ୍ୟଭିଚାରଶୀଳା ସ୍ତ୍ରୀମାନଙ୍କର ସ୍ୱଭାବ ପରୀକ୍ଷାର୍ଥ ବେଦରେ ଓ ନିଗମରେ ବହୁଶ୍ରୁତି ଓ ପାଠ ଅଛି ଏବଂ ତହିଁରେ ସେହି ବ୍ୟଭିଚାରର ଯେ ପ୍ରାୟଶ୍ଚିତ ବୋଲାଯାଇଅଛି ତାହା ଶୁଣ ।

**ଯନ୍ମେ ମାତା ପ୍ରଲୁଲୁଭେ ବିଚରନ୍ତ୍ୟପତିବ୍ରତା ।**
**ତନ୍ମେ ରେତଃ ପିତା ବୃଙ୍କ୍ତାମିତ୍ୟସ୍ୟୈତନ୍ନିଦର୍ଶନମ୍ ।୨୦।**

ଯେ ଆମ୍ଭର ମାତା ଅପବିତ୍ରତା ହୋଇ ପରପୁରୁଷ ଲୋଭରେ ବିଚରଣ କରେ ସେହି ଦୁଷ୍ଟତାକୁ ମୋର ପିତା ଶୁଦ୍ଧବୀର୍ଯ୍ୟ ଦ୍ୱାରା ଶୋଧନକରୁ—ଏହା ଶ୍ରୁତିର ନମୁନା । ପ୍ରକୃତରେ ପତି ଏକପତ୍ନୀବ୍ରତ ହେଲେ ପତ୍ନୀସୁଦ୍ଧା ପତିବ୍ରତା ହୁଏ । ଏକର ଲଙ୍ଘନ ଅନ୍ୟର ଅତିକ୍ରମ କାରଣ ।

**ଧ୍ୟାୟତ୍ୟନିଷ୍ଟଂ ଯକ୍ତିଞ୍ଚିତ୍ପାଣିଗ୍ରହସ୍ୟ ଚେତସା ।**
**ତସ୍ୟୈଷ ବ୍ୟଭିଚାରସ୍ୟ ନିହ୍ନବଃ ସମ୍ୟଗୁଚ୍ୟତେ ।୨୧।**

ପରପୁରୁଷ ସଂକଳ୍ପକରି ସ୍ତ୍ରୀଲୋକ ପତିର ଯେ କିଛି ଅନିଷ୍ଟାଚରଣ ମନରେ ଧ୍ୟାନକରେ ସେହି ମାନସିକ ବ୍ୟଭିଚାର ଅପନୋଦନାର୍ଥ ଏହିମନ୍ତ୍ର ବ୍ୟବହୃତ ହୁଏ ।

**ଯାଦୃଗ୍ଗୁଣେନ ଭର୍ତ୍ତ୍ରା ସ୍ତ୍ରୀ ସଂଯୁଜ୍ୟତେ ଯଥାବିଧି ।**
**ତାଦୃଗ୍ଗୁଣା ସା ଭବତି ସମୁଦ୍ରେଣେବ ନିମ୍ନଗା ।୨୨।**

ସମୁଦ୍ରରେ ପଡ଼ି ନଦୀଜଳ ସ୍ୱାଦୁ ବା ଲବଣାକ୍ତ ହେଲା ପରି ସ୍ତ୍ରୀ ଲୋକ ଯେରୂପ ଗୁଣ- ବିଶିଷ୍ଟ (ସାଧୁ ବା ଅସାଧୁ) ଭର୍ତ୍ତା ସହିତ ବିବାହ ସୂତ୍ରରେ ସମ୍ମିଳିତ ହୁଏ ସେହିପରି ଗୁଣବିଶିଷ୍ଟା ହୁଏ ।

**ଅକ୍ଷମାଳା ବିଶିଷ୍ଟେନ ସଂଯୁକ୍ତାଧମଯୋନିଜା ।**
**ଶାରଙ୍ଗୀ ମନ୍ଦପାଳେନ ଜଗାମଭ୍ୟହଣୀୟତାମ୍ ।୨୩।**

ନୀଚକୁଳସମ୍ଭବା ଅକ୍ଷମାଳା ବିଶିଷ୍ଟ ଓ ଶାରଙ୍ଗୀ ମନ୍ଦପାଳ ସହିତ ବିବାହ କରି ପୂଜନୀୟ ହୋଇଥିଲେ ।

**ଏତାଶ୍ଚାନ୍ୟାଶ୍ଚ ଲୋକେସ୍ମିନ୍ନକୃଷ୍ଟପ୍ରସୂତୟଃ ।**
**ଉତ୍କର୍ଷଂ ଯୋଷିତଃ ପ୍ରାପ୍ତାଃ ସ୍ୱୈଃ ଭର୍ତ୍ତୃଗୁଣୈଃ ଶୁଭୈଃ ।୨୪।**

ଏମାନେ ଏବଂ ଅନ୍ୟ ନୀଚକୁଳଜାତା (ସତ୍ୟବତୀ ପ୍ରଭୃତି) ସ୍ତ୍ରୀଲୋକମାନେ ଏହି ସଂସାରରେ ଆପଣା ଆପଣାର ପତିର ଶୁଭଗୁଣ ଦ୍ୱାରା ଉତ୍କର୍ଷ ପ୍ରାପ୍ତ ହୋଇଥିଲେ ।

**ଏଷୋଦିତା ଲୋକଯାତ୍ରା ନିତ୍ୟଂ ସ୍ତ୍ରୀ ପୁଂସୟୋଃ ଶୁଭା ।**
**ପ୍ରେତ୍ୟେହ ଚ ସୁଖୋଦର୍କାନ୍ ପ୍ରଜାଧର୍ମାନ୍ନିବୋଧତ ।୨୫।**

ସ୍ତ୍ରୀ ପୁରୁଷ ସମ୍ବନ୍ଧୀୟ ଏହି ସର୍ବଦା ଶୁଭ ଲୋକାଚାର ବୋଲାଗଲା, ଏବେ ଇହଲୋକରେ ଓ ପରଲୋକରେ ସୁଖବର୍ଦ୍ଧକ ସନ୍ତାନଧର୍ମ ଶୁଣ ।

**ପ୍ରଜନାର୍ଥଂ ମହାଭାଗାଃ ପୂଜାର୍ହା ଗୃହଦୀପ୍ତୟଃ ।**
**ସ୍ତ୍ରୀୟଃ ଶ୍ରୀୟଶ୍ଚ ଗେହେଷୁ ନ ବିଶେଷୋଽସ୍ତି କଶ୍ଚନ ।୨୬।**

ସନ୍ତାନ ଉତ୍ପାଦନ କରିବା ହେତୁ ଏହି ସ୍ତ୍ରୀଲୋକମାନେ ବଡ଼ ଭାଗ୍ୟବତୀ, ପୂଜାଯୋଗ୍ୟ ଏବଂ ଘରର ଶୋଭା ସମ୍ପଦ ଅଟନ୍ତି ଏବଂ ଘରମାନଙ୍କରେ ସ୍ତ୍ରୀ ଓ ଲକ୍ଷ୍ମୀ ଏଥିରେ କିଛି ପ୍ରଭେଦ ନାହିଁ ।

**ଉତ୍ପାଦନମପତ୍ୟସ୍ୟ ଜାତସ୍ୟ ପରିପାଳନମ୍ ।**
**ପ୍ରତ୍ୟହଂ ଲୋକଯାତ୍ରାୟାଃ ପ୍ରତ୍ୟକ୍ଷଂ ସ୍ତ୍ରୀ ନିବନ୍ଧନମ୍ ।୨୭।**

ଅପତ୍ୟୋତ୍ପାଦନ, ଜାତ ସନ୍ତାନର ପ୍ରତିପାଳନ ଏବଂ ଲୋକଯାତ୍ରା ନିର୍ବାହାର୍ଥ ଅତିଥିମିତ୍ରଭୋଜନାଦି ସାଂସାରିକକାର୍ଯ୍ୟ ନିର୍ବାହାଦି ବିଷୟରେ ଭାର୍ଯ୍ୟା ନିଦାନ ଅଟେ ।

**ଅପତ୍ୟଂ ଧର୍ମକାର୍ଯ୍ୟାଣି ଶୁଶ୍ରୂଷା ରତିରୁତ୍ତମା ।**
**ଦାରାଧୀନସ୍ତଥା ସ୍ୱର୍ଗ ପିତୃଣାମାତନଶ୍ଚ ହା ।୨୮।**

ସନ୍ତାନୋତ୍ପାଦନ, (ଅଗ୍ନି, ହୋତ୍ରାଦି) ଧର୍ମକାର୍ଯ୍ୟ, ଶୁଶ୍ରୂଷା, ଉତ୍ତମରତି ତଥା ପିତୃଲୋକ ଓ ନିଜର ସୁଖ ଏସବୁ ଭାର୍ଯ୍ୟାର ଅଧୀନ ।

**ପତିଂ ଯା ନାଭିଚରତି ମନୋବାଗ୍ ଦେହସଂଯୁତା ।**
**ସା ଭର୍ତ୍ତୃଲୋକାନାପ୍ନୋତି ସଦ୍ଭିଃ ସାଧ୍ୱିତି ଚୋଚ୍ୟତେ ।୨୯।**

ଯେ ସ୍ତ୍ରୀ କାୟମନୋବାକ୍ୟରେ ସଂଯତ ହୋଇ ପତିକୁ ଅତିକ୍ରମ ନ କରେ ସେ ଭର୍ତ୍ତୃଲୋକ ପ୍ରାପ୍ତ ହୁଏ (ସ୍ୱାମୀ ସହିତ ସୁଖରେ କାଳଯାପନ କରେ) ଏବଂ ସଜ୍ଜନମାନେ ତାକୁ ସାଧ୍ୱୀ ବୋଲନ୍ତି ।

**ବ୍ୟଭିଚାରାତ୍ତୁ ଭର୍ତ୍ତୁଃ ଚ ସ୍ତ୍ରୀ ଲୋକେ ପ୍ରାପ୍ନୋତି ନିନ୍ଦ୍ୟତାମ୍ ।**
**ଶୃଗାଳଯୋନିଞ୍ଚା ପ୍ନୋତି ପାପରୋଗୈଶ୍ଚ ପୀଡ଼୍ୟତେ ।୩୦।**

ମାତ୍ର ସ୍ତ୍ରୀ ସ୍ୱାମୀକୁ ଅତିକ୍ରମ କରି ବ୍ୟଭିଚାର କଲେ ଇହଲୋକର ନିନ୍ଦା ଓ ଜନ୍ମାନ୍ତରେ ଶୃଗାଳଯୋନି ପାଏ ମଧ୍ୟ (କ୍ଷୟକୁଷ୍ଠାଦି) ପାପରୋଗମାନଙ୍କ ଦ୍ୱାରା ପୀଡ଼ିତା ହୁଏ ।

*– ୧୪ ଠାରୁ ୨୪ ଶ୍ଳୋକ ପ୍ରକ୍ଷିପ୍ତ ।

**ପୁତ୍ରଂ ପ୍ରତ୍ୟୁଦିତଂ ସଦ୍ଭିଃ ପୂର୍ବଜୈଶ୍ଚ ମହର୍ଷିଭିଃ ।**
**ବିଶ୍ୱଜନ୍ୟମିମଂ ପୁଣ୍ୟମୁପନ୍ୟାସଂ ନିବୋଧତ ।୩୧।**

ପୁତ୍ର ବିଷୟରେ ପୁରାତନ ସାଧୁ ମହର୍ଷିମାନଙ୍କର ଏହି ପବିତ୍ର ସର୍ବଜନହିତକାରୀ ବିଚାର ଶୁଣ ।

**ଭର୍ତ୍ତୁଃ ପୁତ୍ରଂ ବିଜାନନ୍ତି ଶ୍ରୁତିଦ୍ୱୈଧଂ ତୁ ଭର୍ତ୍ତରି ।**
**ଆହୁରୁତ୍ପାଦକଂ କେଚିଦପରେ କ୍ଷେତ୍ରିଣଂ ବିଦୁଃ ।୩୨।**

ଭର୍ତ୍ତାଠାରୁ ପୁତ୍ର ହୁଏ ବୋଲି ଲୋକେ ଜାଣନ୍ତି; ମାତ୍ର ଭର୍ତ୍ତାବିଷୟରେ ଦୁଇ ପ୍ରକାର କଥା ଶୁଣାଯାଏ– କେହି କହନ୍ତି ପୁତ୍ର ଉତ୍ପାଦକ ଏବଂ ଅପରେ କ୍ଷେତ୍ରସ୍ୱାମୀ ବୋଲି ଜାଣନ୍ତି । ଏ ବିଷୟର ନିର୍ଣ୍ଣୟ ପରେ ବୋଲାଯାଇଅଛି ।

**କ୍ଷେତ୍ରଭୂତା ସ୍ମୃତା ନାରୀ ବୀଜଭୂତଃ ସ୍ମୃତଃ ପୁମାନ୍ ।**
**କ୍ଷେତ୍ରବୀଜସମାଯୋଗାତ୍ସମ୍ଭବଃ ସର୍ବଦେହିନାମ୍ ।୩୩।**

ସ୍ତ୍ରୀକୁ କ୍ଷେତ୍ର ସ୍ୱରୂପ ଏବଂ ପୁରୁଷକୁ ବୀଜ ସ୍ୱରୂପ ବୋଲି ଜାଣିବ, କ୍ଷେତ୍ର ଓ ବୀଜର ଏକତ୍ର ଯୋଗରୁ ସକଳ ଦେହଧାରୀମାନଙ୍କ ଉତ୍ପତ୍ତି ।

**ବିଶିଷ୍ଟଂ କୁତ୍ରଚିଦ୍ ବୀଜଂ ସ୍ତ୍ରୀଯୋନିସ୍ତ୍ୱେବ କୁତ୍ରଚିତ୍ ।**
**ଉଭୟନ୍ତୁ ସମଂ ଯତ୍ର ସା ପ୍ରସୂତିଃ ପ୍ରଶସ୍ୟତେ ।୩୪।**

କେଉଁଠାରେ ବୀଜର ପ୍ରାଧାନ୍ୟ ଏବଂ କେଉଁଠାରେ ସ୍ତ୍ରୀ ଯୋନି (କ୍ଷେତ୍ର)ର ପ୍ରାଧାନ୍ୟ; ମାତ୍ର ଯେଉଁଠାରେ କ୍ଷେତ୍ର ଓ ବୀଜ ଉଭୟର ସମଭାବ ଥାଏ ତସ୍ମହ ଯୋଗର ଜାତ ସନ୍ତାନ ପ୍ରଶସ୍ତ ।

**ବୀଜସ୍ୟ ଚୈବ ଯୋନ୍ୟାଶ୍ଚ ବୀଜମୁତ୍କୃଷ୍ଟମୁଚ୍ୟତେ ।**
**ସର୍ବଭୂତପ୍ରସୂତିର୍ହି ବୀଜଲକ୍ଷଣଲକ୍ଷିତା ।୩୫।**

ବୀଜ ଓ କ୍ଷେତ୍ର ମଧ୍ୟରେ ବୀଜ ପ୍ରଧାନ; କାରଣ ସର୍ବଭୂତର ଉତ୍ପତ୍ତି ବୀଜର ଲକ୍ଷଣରୁ ଜଣାଯାଏ ।

**ଯାଦୃଶନ୍ତୂପ୍ୟତେ ବୀଜଂ କ୍ଷେତ୍ରେ କାଳୋପପାଦିତେ ।**
**ତାଦୃଗ୍ରୋହତି ତତ୍ତସ୍ମିନ୍ ବୀଜଂ ସ୍ୱୈର୍ବ୍ୟଞ୍ଜିତଂ ଗୁଣୈଃ ।୩୬।**

ଯେଉଁ ପ୍ରକାର ବୀଜ ଯଥାକାଳରେ କ୍ଷେତ୍ରରେ ବୁଣାଯାଏ, ତାହା ସେହିପରି ରଙ୍ଗରୂପାଦି ଗୁଣଯୁକ୍ତ ହୋଇ ସେହି କ୍ଷେତ୍ରରେ ଗଜା ମାରେ ।

**ଇୟଂ ଭୂମିର୍ହି ଭୂତାନାଂ ଶାଶ୍ୱତୀ ଯୋନିରୁଚ୍ୟତେ ।**
**ନ ଚ ଯୋନିଗୁଣାନ୍ କାଂଶ୍ଚିଦ୍ବୀଜଂ ପୁଷ୍ୟତି ପୁଷ୍ଟିଷୁ ।୩୭।**

ଏହି ଭୂମି ପ୍ରାଣୀମାନଙ୍କର ସନାତନ ଯୋନି ବୋଲି ବୋଲାଯାଏ; ମାତ୍ର ବୀଜ ଭୂମିର କୌଣସି ଗୁଣକୁ ପୁଷ୍ଟ କରେ ନାହିଁ ତତ୍ସହଯୋଗରେ ଆପେ ବଢ଼େ ।

**ଭୂମାବପ୍ୟେକକେଦାରେ କାଲୋପ୍ତାନି କୃଷୀବଳୈଃ ।**
**ନାନାରୂପାଣି ଜାୟନ୍ତେ ବୀଜାନୀହ ସ୍ୱଭାବତଃ ।୩୮।**

ଏକ ପ୍ରକାର ଭୂମିର କ୍ଷେତ୍ରରେ କୃଷକମାନେ ଯଥା ସମୟରେ (ଯବଧାନ୍ୟାଦି) ବୀଜ ବୁଣନ୍ତି; ମାତ୍ର ବୀଜସବୁ ଆପଣା ସ୍ୱଭାବରୁ ନାନା ପ୍ରକାର ହୋଇ ଜାତ ହୁଏ ।

**ବ୍ରୀହୟଃ ଶାଳୟୋ ମୁଦ୍ଗାସ୍ତିଳା ମାଷାସ୍ତଥା ଯବାଃ ।**
**ଯଥାବୀଜଂ ପ୍ରରୋହନ୍ତି ଲଶୁନାନୀକ୍ଷବସ୍ତଥା ।୩୯।**

ବିରି, ଧାନ, ମୁଗ, ତିଳ, ମାଷ, ଯଅ, ଲଶୁନ ଓ ଆଖୁ ଏ ସବୁ ବୀଜାନୁରୂପ ଅଙ୍କୁରିତ ହୁଏ ।

**ଅନ୍ୟଦୁକ୍ତଂ ଜାତମନ୍ୟଦିତ୍ୟେତନ୍ନୋପ୍ରପଦ୍ୟତେ ।**
**ଉପ୍ୟତେ ଯଦ୍ଧି ଯଦ୍‌ବୀଜଂ ତତ୍ତଦେବ ପ୍ରରୋହିତ ।୪୦।**

ଏକ ବୀଜ ବୁଣାଗଲା ଅନ୍ୟ ଗଛ ଜାତ ହେଲା ଏପରି ଉତ୍ପତ୍ତି ହୁଏ ନାହିଁ, ଯେ ଜାତିର ବୀଜ ବୁଣାଯାଏ ସେହି ଜାତିର ଗଛ ମାରେ ।

**ତଦ୍ ପ୍ରାଜ୍ଞେନ ବିନୀତେନ ଜ୍ଞାନବିଜ୍ଞାନବେଦିନା ।**
**ଆୟୁଷ୍କାମେଣ ବପ୍ତବ୍ୟଂ ନ ଜାତୁ ପର ଯୋଷିତି ।୪୧।**

ସେହି ବୀଜ ବୁଦ୍ଧିମାନ, ଶିଷ୍ଟ, ଜ୍ଞାନବିଜ୍ଞାନବିତ୍ ଓ ଆୟୁକାମନାକାରୀ ବ୍ୟକ୍ତି କର୍ତ୍ତୃକ କଦାପି ପରସ୍ତ୍ରୀରେ ବୁଣିବା ଉଚିତ ନୁହେଁ ।

**ଅତ୍ର ଗାଥା ବାୟଗୀତାଃ କୀର୍ତ୍ତୟନ୍ତି ପୁରାବିଦଃ ।**
**ଯଥାବୀଜଂ ନ ବପ୍ତବ୍ୟଂ ପୁଂସା ପରପରିଗ୍ରହେ ।୪୨।**

ଏ ବିଷୟରେ ପୁରାକାଳଜ୍ଞ ପଣ୍ଡିତମାନେ ବାୟୁପ୍ରଣୀତ ଏକ ଛନ୍ଦୋବଦ୍ଧ ଗାଥା କୀର୍ତ୍ତନ କରନ୍ତି; ଯଥା-ପରପତ୍ନୀଠାରେ ପୁରୁଷ ବୀଜ ବୁଣିବ ନାହିଁ ।

**ନଶ୍ୟତୀଷୂର୍ଯଥାବିଦ୍ଧଃ ଖେ ବିଦ୍ଧମନୁବିଦ୍ଧ୍ୟତଃ ।**
**ତଥା ନଶ୍ୟତି ବୈକ୍ଷିପ୍ରଂ ବୀଜଂ ପରପରିଗ୍ରହେ ।୪୩।**

ଯେମନ୍ତ ପରବିଦ୍ଧ ମୃଗର ଛିଦ୍ରରେ ପୁନର୍ବାର ଶର ବିନ୍ଧିଲେ ନିଷ୍ଫଳ ହୁଏ, ତେମନ୍ତ ପରପତ୍ନୀଠାରେ ବୀଜ ବୁଣିଲେ ତାହା ଶୀଘ୍ର ନଷ୍ଟ ହୁଏ ।

**ପୃଥୋରପୀମାଂ ପୃଥିବୀଂ ଭାର୍ଯ୍ୟାଂ ପୂର୍ବବିଦୋ ବିଦୁଃ ।**
**ସ୍ଥାଣୁଚ୍ଛେଦସ୍ୟ କେଦାରମାହୁଃ ଶଲ୍ୟବତୋ ମୃଗମ୍ ।୪୪।***

ପୂର୍ବକାଳରେ ଲୋକେ ଏହି ପୃଥିବୀକୁ (ଅନେକ ରାଜାଙ୍କର ସମ୍ବନ୍ଧ ହେଲେ ସୁଦ୍ଧା) ପୃଥୁରାଜାଙ୍କ ଭାର୍ଯ୍ୟା ବୋଲି ଜାଣୁଥିଲେ, ସେହିପରି ଯେ ବଣ ତାଡ଼ି ପ୍ରଥମେ କ୍ଷେତ୍ର ତିଆରି କରେ କ୍ଷେତ୍ର ତାହାର ଏବଂ ଯେ ପ୍ରଥମେ ଶିକାର କରେ ମୃଗତାହାରି ବୋଲାଯାଏ ।

**ଏତାବାନେବ ପୁରୁଷୋ ଯଜ୍ଜାୟାତ୍ମା ପ୍ରଜେତିହ ।**
**ବିପ୍ରାଃ ପ୍ରାୟୁସ୍ତଥା ଚୈତଦ୍ ଯୋ ଭର୍ତ୍ତା ସା ସ୍ମୃତାଙ୍ଗନା ।୪୫।**

ଜାୟା, ଆତ୍ମା ଏବଂ ଅପତ୍ୟ ମିଳି ଇହସଂସାରରେ ପୁରୁଷ ହୁଏ; ତଥା ବେଦଜ୍ଞ ବିପ୍ରମାନେ ବୋଲନ୍ତି ଯେ ଭର୍ତ୍ତା ସେହି ଅଙ୍ଗନା (ପୁରୁଷତ୍ୱର ପୂର୍ଣ୍ଣବିକାଶ ଜାୟା ଓ ଅପତ୍ୟ ହେଲେ ହୁଏ) ।

**ନ ନିଷ୍କ୍ରିୟବିସର୍ଗାଭ୍ୟାଂ ଭର୍ତ୍ତୃର୍ଭାର୍ଯ୍ୟା ବିମୁଚ୍ୟତେ ।**
**ଏବଂ ଧର୍ମଂ ବିଜାନୀମଃ ପ୍ରାକ୍ ପ୍ରଜାପତିନିର୍ମିତମ୍ ।୪୬।**

ବିକିଲେ ବା ଛାଡ଼ିଦେଲେ ଭାର୍ଯ୍ୟାର ଭାର୍ଯ୍ୟାତ୍ୱ ଯାଏ ନାହିଁ ବୋଲି ପୂର୍ବରୁ ପ୍ରଜାପତିନିର୍ମିତ ଏରୂପ ଧର୍ମ ଆମ୍ଭେମାନେ ଅବଗତ ଅଛୁ ।

**ସକୃଦଂଶୋ ନିପତତି ସକୃତ୍‌କନ୍ୟା ପ୍ରଦୀୟତେ ।**
**ସକୃଦାହ ଦଦାନୀତି ତ୍ରୀଣ୍ୟେତାନି ସତାଂସକୃତ୍ ।୪୭।**

---

* — ୪୨ ଠାରୁ ୪୪ ଶ୍ଳୋକ ପ୍ରକ୍ଷିପ୍ତ ।

ଭାଗ ଏକଥର ହୁଏ, କନ୍ୟାଦାନ ଥରେ ହୁଏ ଏବଂ ଦାନବାକ୍ୟ ଥରେ ହୁଏ ସଜ୍ଜନମାନଙ୍କର ଏ ତିନି କଥା ଏକଥର ମାତ୍ର ହୁଏ ।

**ଯଥା ଗୋଽଶ୍ୱୋଷ୍ଟ୍ରାଦାସୀଷୂ ମହିଷ୍ୟଜାବିକାସୁ ଚ ।**
**ନୋତ୍ପାଦକଃ ପ୍ରଜାଭାଗୀ ତଦୈବାନ୍ୟାଙ୍ଗନାସ୍ୱପି ।୪୮।**

ଯେପରି ଗାଈ, ଘୋଡ଼ା, ଓଟ, ଦାସୀ, ମଇଁଷି ଓ ମେଣ୍ଢାରେ ସନ୍ତାନ ଉତ୍ପାଦନକାରୀ ଭାଗୀ ନ ହୁଏ ସେହିପରି ପରସ୍ତ୍ରୀରେ ସୁଦ୍ଧା ଜାଣିବ ।

**ଯେଽକ୍ଷେତ୍ରିଣୋ ବୀଜବନ୍ତଃ ପରକ୍ଷେତ୍ର ପ୍ରବାପିଣଃ ।**
**ତେ ବୈଶସ୍ୟ ଜାତସ୍ୟ ନ ଲଭନ୍ତେ ଫଳ କ୍ୱଚିତ୍ ।୪୯।**

ଯେ କ୍ଷେତ୍ରସ୍ୱାମୀ ନୁହେ ସେ ପରକ୍ଷେତ୍ରରେ ବୀଜ ବୁଣିଲେ ଜାତଶସ୍ୟର ଫଳ କେବେହେଁ ଲାଭ କରେ ନାହିଁ ।

**ଯଦନ୍ୟ ଗୋଷୁ ବୃଷଭୋ ବତ୍ସାନାଂ ଜନୟେଚ୍ଛତମ୍ ।**
**ଗୋମିନାମେବ ତେ ବତ୍ସା ମୋଘଂ ସ୍କହିତମାଷଭମ୍ ।୫୦।**

ଅନ୍ୟର ଗାଭୀରେ ବୃଷଭ ଶତବତ୍ସା ଜନ୍ମାଇଲେ ସୁଦ୍ଧା ବାଛୁରୀମାନେ ଗାଭୀ ସ୍ୱାମିର ହୁଏ, ବୃଷଭର ବୀଜସେଚନ ନିଷ୍ଫଳ (ଅର୍ଥାତ୍ ସ୍ୱାମୀ ଦିଏ ନାହିଁ) ।

**ତଥୈବକ୍ଷେତ୍ରିଣୋ ବୀଜଂ ପରକ୍ଷେତ୍ରପ୍ରବାପିଣଃ ।**
**କୁର୍ବନ୍ତି କ୍ଷେତ୍ରିଣାମର୍ଥଂ ନ ବୀଜୀ ଲଭତେ ଫଳମ୍ ।୫୧।**

ସେହିପରି କ୍ଷେତ୍ରଶୂନ୍ୟ ବ୍ୟକ୍ତି ପରକ୍ଷେତ୍ରରେ ବୀଜ ବୁଣିଲେ କ୍ଷେତ୍ରସ୍ୱାମୀ ତହିଁର ଫଳ ଭୋଗ କରେ, ବୀଜର ଅଧିକାରୀ ଫଳ ପାଏ ନାହିଁ ।

**ଫଳନ୍ତ୍ୱନଭିସନ୍ଧାୟ କ୍ଷେତ୍ରଣାଂ ବୀଜିନା ତଥା ।**
**ପ୍ରତ୍ୟକ୍ଷଂ କ୍ଷେତ୍ରଣାମର୍ଥୋ ବୀଜାଦ୍ ଯୋନିର୍ଗରୀୟସୀ ।୫୨।**

ଯେଉଁଠାରେ କ୍ଷେତ୍ରସ୍ୱାମୀ ଓ ବୀଜବପନକର୍ତ୍ତା ମଧ୍ୟରେ କୌଣସି ଅଭିସନ୍ଧ ନ ଥାଏ ସେଠାରେ ପ୍ରତ୍ୟହ ଫଳ କ୍ଷେତ୍ରସ୍ୱାମୀର ହୁଏ, ବୀଜ ଅପେକ୍ଷା ଯୋନିଶ୍ରେଷ୍ଠ ।

**କ୍ରିୟାଭ୍ୟୁପଗମାତ୍ତ୍ୱେତଦ୍ ବୀଜାର୍ଥ ଯତ୍ ପ୍ରଦୀୟତେ ।**
**ତସ୍ୟେହ ଭାଗିନୌ ଦୃଷ୍ଟୌ ବୀଜୀ କ୍ଷେତ୍ରକ ଏବ ଚ ।୫୩।**

ମାତ୍ର କାର୍ଯ୍ୟଦ୍ୱାରା ଉତ୍ପନ୍ନ ହେବା ଫଳ ଉଭୟର ହେବା ଲାଗି ଯଦି ବୀଜକର୍ତ୍ତାଙ୍କୁ ଭୂମି ଦିଆଯାଏ ସେ ସ୍ଥଳେ କ୍ଷେତ୍ରସ୍ୱାମୀ ଓ ବୀଜସ୍ୱାମୀଉଭୟେ ଭାଗ ପାଇବାର ଦେଖାଯାଏ ।

**ଓଘବାତାହୃତଂ ବୀଜଂ ଯସ୍ୟ କ୍ଷେତ୍ରେ ପ୍ରରୋହତି ।**
**କ୍ଷେତ୍ରକସ୍ୟୈବ ତଦାବୀଜଂ ନ ବପ୍ତା ଲଭତେ ଫଳମ୍ ।୫୪।**

ଯେବେ ଜଳସ୍ରୋତ ବା ବାୟୁବେଗରେ ବୀଜ ଯାଇ ଅପରର କ୍ଷେତ୍ରରେ ଅଙ୍କୁରିତ ହୁଏ, ତେବେ କ୍ଷେତ୍ରସ୍ୱାମୀ ତହିଁର ଫଳ ଭୋଗ କରେ-ବପନକର୍ତ୍ତା ଫଳ ପାଏ ନାହିଁ ।

**ଏଷୁ ଧର୍ମୋ ଗବାଶ୍ୱସ୍ୟ ଦାସ୍ୟୁଷ୍ଟ୍ରାଜାବିକସ୍ୟ ଚ ।**
**ବିହଙ୍ଗ ମହିଷୀଣାଞ୍ଚ ବିଜ୍ଞେୟଃ ପ୍ରସବଂ ପ୍ରତି ।୫୫।**

ଏହି ବ୍ୟବସ୍ଥା ଗୋରୁ, ଘୋଡ଼ା, ଓଟ, ଛେଳି, ମେଣ୍ଢା, ଚଢ଼େଇ ଓ ମଇଁଷି ପ୍ରସବ ପକ୍ଷେ ଜାଣିବ ।

**ଏତଦ୍ ବଃସାରଫଲ୍‌ଗୁତ୍ଵଂ ବୀଜଯୋନ୍ୟୋଃ ପ୍ରକୀର୍ତ୍ତିତମ୍ ।**
**ଅତଃପରଃ ପ୍ରବକ୍ଷ୍ୟାମି ଯୋଷିତାଂ ଧର୍ମମାପଦି ।୫୬।**

ବୀଜ ଓ ଯୋନିର ଏହି ସାରାସାର ବିଷୟ ତୁମ୍ଭମାନଙ୍କୁ କହିଲୁଁ, ଏବେ ସ୍ତ୍ରୀମାନଙ୍କର ଆପତ୍କାଳ (ସନ୍ତାନ ନ ହେବା ଅବସ୍ଥା)ର ଧର୍ମ ବୋଲୁଅଛୁଁ ।

**ଭ୍ରାତୃର୍ଜ୍ୟେଷ୍ଠସ୍ୟ ଭାର୍ଯ୍ୟା ଯା ଗୁରୁପତ୍ନ୍ୟନୁଜସ୍ୟ ସା ।**
**ଯବୀୟସସ୍ତୁ ଯା ଭାର୍ଯ୍ୟା ସ୍ନୁଷା ଜ୍ୟେଷ୍ଠସ୍ୟ ସାସ୍ମୃତା ।୫୭।**

ଜ୍ୟେଷ୍ଠ ଭାଇର ସ୍ତ୍ରୀ କନିଷ୍ଠରୁ ଗୁରୁପତ୍ନୀ ଏବଂ କନିଷ୍ଠ ଭାଇର ସ୍ତ୍ରୀ ଜ୍ୟେଷ୍ଠ ଭାଇର ପୁତ୍ରବଧୂ ସମାନ ହୁଏ ।

**ଜ୍ୟେଷ୍ଠେ ଯବୀଷ୍ଠସୋ ଭାର୍ଯ୍ୟାଂ ଯବୀୟାନ୍ ବାଗ୍ରଜସ୍ତ୍ରିୟମ୍ ।**
**ପତିତୌ ଭବତୋ ଗତ୍ୱା ନିୟୁକ୍ତାବପ୍ୟନାପଦି ।୫୮।**

ଆପତ୍କାଳ ବିନା (ସନ୍ତାନ ଥିବା ଅବସ୍ଥାରେ) ନିୟୋବିଧିରେ ସୁଦ୍ଧା ଜ୍ୟେଷ୍ଠ ଭାଇ କନିଷ୍ଠ ଭାଇର ସ୍ତ୍ରୀ ସଙ୍ଗେ ଅଥବା କନିଷ୍ଠ ଭାଇ ଜ୍ୟେଷ୍ଠ ଭାଇର ସ୍ତ୍ରୀ ସଙ୍ଗେ ସହବାସ କଲେ ଉଭୟେ ପତିତ ହେବେ ।

**ଦେବରାଦ୍ ବା ସପିଣ୍ଡାଦ୍ ବା ସ୍ତ୍ରୀୟା ସମ୍ୟଙ୍ ନିୟୁକ୍ତୟା ।**
**ପ୍ରଜେପ୍ସିତାଧିଗନ୍ତବ୍ୟା ସନ୍ତାନସ୍ୟ ପରିକ୍ଷୟେ ।୫୯।**

ସନ୍ତାନ ନଥିଲେ ଅପତ୍ୟକାମା ସ୍ତ୍ରୀ ସମ୍ୟକ୍ ନିୟୋଗବିଧିରେ ଦେବର ଅଥବା ସପିଣ୍ଡ ବ୍ୟକ୍ତି ସଙ୍ଗେ ଅଧିଗତ (ପ୍ରଚଳିତ ଭାଷାରେ ଦ୍ୱିତୀୟ) ହେବା କର୍ତ୍ତବ୍ୟ ।

**ବିଧବାୟାଂ ନିୟୁକ୍ତସ୍ତୁ ଘୃତାକ୍ତୋ ବାଗ୍ ଯତୋ ନିଶି ।**
**ଏକମୁତ୍ପାଦୟେତ୍ ପୁତ୍ରଂ ନ ଦ୍ୱିତୀୟଂ କଥଞ୍ଚନ ।୬୦।**

ମାତ୍ର ବିଧବା ସହିତ ଯେ ନିୟୋଗ କରିବ ସେ ଦେହରେ ଘିଅ ଲଗାଇ ମୌନାବଲମ୍ବନ ପୂର୍ବକ ରାତ୍ରରେ ଭୋଗକରି ଗୋଟିଏ ମାତ୍ର ପୁତ୍ର ଜନ୍ମାଇବ, କେବେ ହେଁ ଦ୍ୱିତୀୟ ପୁତ୍ର ଜନ୍ମାଇବ ନାହିଁ (ତାହାର ନିୟୋଗକାଳ ଗୋଟିଏ ପୁତ୍ର ଜନ୍ମହେବା ପରେ ଶେଷ ହେବା ଉଚିତ ।)

**ଦ୍ୱିତୀୟମେକେ ପ୍ରଜନଂ ମନ୍ୟନ୍ତେ ସ୍ତ୍ରୀଷ ତଦ୍‌ବିଦଃ ।**
**ଅନିର୍ବୃତ୍ତଂ ନିୟୋଗାର୍ଥଂ ପଶ୍ୟନ୍ତେ ଧର୍ମତସ୍ତୟୋଃ ।୬୧।**

କୌଣସି କୌଣସି ସ୍ତ୍ରୀ ତତ୍ତ୍ୱବିତ୍ ଆଚାର୍ଯ୍ୟମାନେ ନିୟୋଗର ଉଦ୍ଦେଶ୍ୟ ଗୋଟିଏ ସନ୍ତାନଦ୍ୱାରା ସାଧିତ ନ ହେବା ଧର୍ମତତ୍ତ୍ୱରୁ ଦେଖି ଏକ ନିୟୋଜିତା ସ୍ତ୍ରୀରେ ସେହି ନିୟୋଜକ ଦ୍ୱିତୀୟ ସନ୍ତାନ ପ୍ରସବ କରାଇବା ମାନନ୍ତି ।

**ବିଧବାୟାଂ ନିୟୋଗାର୍ଥେ ନିର୍ବୃତ୍ତେ ତୁ ଯଥାବିଧି ।**
**ଗୁରୁବଚ୍ଚ ସ୍ନୁଷାବଚ୍ଚ ବର୍ତ୍ତେୟାତାଂ ପରସ୍ପରମ୍ ।୬୨।**

ବିଧବାରେ ନିୟୋଗ ହୋଇ ଯଥାବିଧି କାର୍ଯ୍ୟସାଧନ (ପୁତ୍ରୋତ୍ପାଦନ) ହେଲା ପରେ ବଡ଼ ଓ ସାନଭାଇର ସ୍ତ୍ରୀ ସହିତ ପୂର୍ବପରି ପରସ୍ପର ଗୁରୁପତ୍ନୀ ଓ ପୁତ୍ର-ବଧୂ ପରି ବ୍ୟବହାର କରିବେ ।

**ନିୟୁକ୍ତୌ ଯୌ ବିଧିଂ ହିତ୍ୱା ବର୍ତ୍ତୋୟାତାନ୍ତୁ କାମତଃ ।**
**ତବୁଭୌ ପତିତୌ ସ୍ୟାତାଂ ସ୍ନୁଷାଗରୁତଳ୍ପଗୌ ।୬୩।**

ସ୍ନାନ ଓ ବଡ଼ଭାଇ ନିୟୋଗବିଧି ଛାଡ଼ି ଆପଣା ଭ୍ରାତୃଜାୟା ସହିତ କାମବଶରେ ସହବାସ କଲେ ସେ ଉଭୟେ ଗୁରୁପତ୍ନୀ ଓ ପୁତ୍ରବଧୂଗାମୀ ବୋଲି ପତିତ ହେବେ ।

**ନାନ୍ୟସ୍ମିନ୍ ବିଧବାନାରୀ ନିୟୋକ୍ତବ୍ୟା ଦ୍ୱିଜାତିଭିଃ ।**
**ଅନ୍ୟସ୍ମିନ୍ ହି ନିଯୁଞ୍ଜାନା ଧର୍ମଂ ହନ୍ୟୁଃ ସନାତନମ୍ ।୬୪।**

ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟର ବିଧବା ସ୍ତ୍ରୀ ଅନ୍ୟ (ବର୍ଣ୍ଣର) ପୁରୁଷ ସହିତ ନିୟୋଗବିଧିରେ ଆବଦ୍ଧ ହେବେ ନାହିଁ, ଅନ୍ୟ ବର୍ଣ୍ଣର ପୁରୁଷ ସହିତ ନିୟୋଗବଦ୍ଧ ହେଲେ ସନାତନ ଧର୍ମ ନାଶକରେ ।

**ନୋଦ୍ୱାହିକେଷୁ ମନ୍ତ୍ରେଷୁନିୟୋଗଃ କୀର୍ତ୍ତ୍ୟତେ କ୍ୱଚିତ୍ ।**
**ନବିବାହବିଧାବୁକ୍ତଂ ବିଧବାବେଦନଂ ପୁନଃ ।୬୫।**

ବିବାହମନ୍ତ୍ରମାନଙ୍କ ଦ୍ୱାରା କାହିଁ ନିୟୋଗ ହେବ ବୋଲାଯାଇ ନାହିଁ କିମ୍ବା ବିଧବାର ପୁନର୍ବିବାହ ବିବାହ ବିଧିଦ୍ୱାରା ହେବା କଥିତ ହୋଇନାହିଁ ।

**ଅୟଂ ଦ୍ୱିଜୈର୍ହି ବିଦ୍ୱଦ୍ଭିଃ ପଶୁଧର୍ମୋ ବିଗର୍ହିତଃ ।**
**ମନୁଷ୍ୟାଣାମପି ପ୍ରୋକ୍ତୋ ବେନେ ରାଜ୍ୟଂ ପ୍ରଶାସତି ।୬୬।**

ମନୁଷ୍ୟାମାନଙ୍କ ଏଭଳି ନିୟୋଗ ବିଦ୍ୱାନ୍ ଦ୍ୱିଜମାନଙ୍କ କର୍ତ୍ତୃକ ପଶୁଧର୍ମବୋଲି ନିନ୍ଦିତ ଏବଂ ବେନରାଜାଙ୍କ ସମୟରୁ ପ୍ରବର୍ତ୍ତିତ ହୋଇଥିଲା ।

**ସ ମହୀମଖିଳାଂ ଭୁଞ୍ଜନ୍ ରାଜର୍ଷିପ୍ରବରଃ ପୁରା ।**
**ବର୍ଣ୍ଣାନଂ ଶଙ୍କରଂ ଚକ୍ରେ କାମୋପହତଚେତନଃ ।୬୭।**

ସେହି ରାଜର୍ଷିଶ୍ରେଷ୍ଠ ପୂର୍ବକାଳରେ ଅଖିଳ ପୃଥିବୀ ଭୋଗ କରି କାମରେ ହତବୁଦ୍ଧି ହୋଇ ବର୍ଣ୍ଣସଙ୍କର ଗଢ଼ିଥିଲେ ।

**ତତଃ ପ୍ରଭୃତି ଯୋ ମୋହତ୍ ପ୍ରମୀତପତିକାଂସ୍ତ୍ରିୟମ୍ ।**
**ନିୟୋଜୟ ତ୍ୟପତ୍ୟାର୍ଥଂ ତଂ ବିର୍ଗହନ୍ତି ସାଧବଃ ।୬୮। ✲**

ସେହି ସମୟରୁ ଯେ ବିଧବାସ୍ତ୍ରୀର ସନ୍ତାନାର୍ଥ ନିୟୋଗକରେ ତାହାକୁ ସାଧୁମାନେ ନିନ୍ଦା କରନ୍ତି ।

**ଯସ୍ୟ ମ୍ରିୟେତ କନ୍ୟାୟା ବାଚା ସତ୍ୟେ କୃତେ ପତିଃ ।**
**ତାମନେନ ବିଧାନେନ ନିଜୋ ବିନ୍ଦେତ ଦେବରଃ ।୬୯।**

ଯେଉଁ ବାଗ୍‌ଦତ୍ତା କନ୍ୟାର ବିବାହ ପୂର୍ବରେ (ସ୍ଥିରୀକୃତ) ପତି ମରିଯାଏ ତାହାକୁ ଏହି (ନିମ୍ନୋକ୍ତ)ବିଧିରେ ନିଜ ଦେବର ପାଇବ ।

**ଯଥାବିଧ୍ୟଧିଗମ୍ୟୈନାଂ ଶୁକ୍ଳବସ୍ତ୍ରାଂ ଶୁଚିବ୍ରତାମ୍ ।**
**ମିଥୋ ଭଜେତାପ୍ରସବାତ୍ସକୃତ୍ସକୃଦୃତାବୃତୌ ।୭୦।**

(ସେହି ଦେବର ଶୁକ୍ଳ ବସ୍ତ୍ରପରିହିତାଶୁଚିବ୍ରତା ଏହା ନିକଟକୁ ନିୟୋଗବିଧି ଅନୁଯାୟୀ ସନ୍ତାନୋତ୍ପତ୍ତି ପର୍ଯ୍ୟନ୍ତ ଋତୁକାଳରେ ଥରେ ଥରେ ଯାଇ ପରସ୍ପର ସହବାସ କରିବ ।

**ନ ଦତ୍ତ୍ୱା କସ୍ୟଚିତ୍କନ୍ୟାଂ ପୁନର୍ଦଦ୍ୟାଦ୍ ବିଚକ୍ଷଣଃ ।**
**ଦତ୍ତ୍ୱା ପୁନଃ ପ୍ରଯଚ୍ଛନ୍ ହି ପ୍ରାପ୍ନୋତି ପୁରୁଷାନୃତମ୍ ।୭୧।**

---

✲ – ୬୫ ଠାରୁ ୬୮ ଶ୍ଳୋକ ପ୍ରକ୍ଷିପ୍ତ ।

ଜ୍ଞାନୀ ପୁରୁଷ କାହାରି କନ୍ୟାକୁ ଦାନ କରି ପୁନର୍ବାର (ଅନ୍ୟକୁ)ଦେବନାହିଁ କାରଣ ସେ ଜଣକୁ ଦେଇ ପୁଣି ଅନ୍ୟକୁ ଦେଲେ ଅସତ୍ୟ ପାପ ଲାଭକରେ ।

**ବିଧିବତ୍ପ୍ରତିଗୃହ୍ୟାପି ତ୍ୟଜେତ୍କନ୍ୟାଂ ବିଗର୍ହିତାମ୍ ।**
**ବ୍ୟାଧିତାଂ ବିପ୍ରଦୁଷ୍ଟାଂ ବା ଛଦ୍ମନା ଚୋପପାଦିତାମ୍ ।୭୨।**

ବିଧିପୂର୍ବକ ପାଣିଗ୍ରହଣ ହୋଇଥିଲେ ସୁଦ୍ଧା ନିନ୍ଦିତା, ବ୍ୟାଧିଗ୍ରସ୍ତା, କ୍ଷତଯୋନିଯୁକ୍ତା ପ୍ରତାରଣାଭାବେ ଦାନ କରାଯାଇଥିବା କନ୍ୟାକୁ ତ୍ୟାଗକରାଯାଇପାରେ ।

**ଯସ୍ତୁ ଦୋଷବତୀଂ କନ୍ୟାମନାଖ୍ୟାୟୋପପାଦୟେତ୍ ।**
**ତସ୍ୟ ତଦ୍‌ବିତଥଂ କୁର୍ଯ୍ୟାତ୍କନ୍ୟାଦାତୁର୍ଦୁରାତ୍ମନଃ ।୭୩।**

ଯେ ଦୋଷଯୁକ୍ତା କନ୍ୟାର ଦୋଷ ପ୍ରକାଶ ନ କରି ବିବାହ କରିଦିଏ ସେହି ଦୁରାତ୍ମା କନ୍ୟାଦାତାର ସେହି କନ୍ୟାଦାନ ନିଷ୍ଫଳ କରିଦେବା କର୍ତ୍ତବ୍ୟ (ଅର୍ଥାତ୍ ସେ କନ୍ୟା ତ୍ୟାଗ କରିବ) ।

**ବିଧାୟ ବୃତ୍ତିଂ ଭାର୍ଯ୍ୟାୟାଃ ପ୍ରବସେତ୍କାର୍ଯ୍ୟବାନ୍ନରଃ ।**
**ଅବୃତ୍ତିକର୍ଷିତା ହି ସ୍ତ୍ରୀ ପ୍ରଦୁଷ୍ୟେତ୍ ସ୍ଥିତିମତ୍ୟପି ।୭୪।**

କାର୍ଯ୍ୟଗ୍ରାହୀ ଲୋକ ଭାର୍ଯ୍ୟାର-ଭରଣପୋଷଣର ବିଧାନ କରି ବିଦେଶ ଯିବ; କାରଣ ଜୀବିକାନିର୍ବାହହେତୁ ଅନନ୍ୟୋପାୟହୋଇ ସଚ୍ଚରିତ୍ରା ସ୍ତ୍ରୀ ସୁଦ୍ଧା କୁମାର୍ଗରେ ଯାଇପାରେ ।

**ବିଧାୟପ୍ରୋଷିତେ ବୃତ୍ତିଂ ଜୀବେନ୍ନିୟମମାସ୍ଥିତା ।**
**ପ୍ରୋଷିତେ ତ୍ୱବିଧାୟୈବ ଜୀବେଚ୍ଛିଳ୍ପୈରଗର୍ହିତୈଃ ।୭୫।**

ଭରଣପୋଷଣର ବ୍ୟବସ୍ଥା କରି ସ୍ୱାମୀ ବିଦେଶ, ସ୍ତ୍ରୀ ଧର୍ମନିୟମରେ ରହି କାଳଯାପନ କରିବ; ମାତ୍ର ଭରଣପୋଷଣର ବ୍ୟବସ୍ଥା ହୋଇ ନଥିଲେ ସୂତାକାଟା ପ୍ରଭୃତି ଅନିନ୍ଦିତ ଶିଳ୍ପକାର୍ଯ୍ୟ ଦ୍ୱାରା ଜୀବନଯାତ୍ରା ନିର୍ବାହ କରିବ ।

**ପ୍ରୋଷିତୋ ଧର୍ମ କାର୍ଯ୍ୟାର୍ଥଂ ପ୍ରତୀକ୍ଷ୍ୟୋଽଷ୍ଟୌ ନରଃ ସମାଃ ।**
**ବିଦ୍ୟାର୍ଥଂଷଡ୍ ଯଶୋଽର୍ଥଂ ବା କାମାର୍ଥଂ ତ୍ରୀଂସ୍ତୁ ବତ୍ସରାନ୍ ।୭୬।**

ଧର୍ମକାର୍ଯ୍ୟ ସକାଶେ ପୁରୁଷ ବିଦେଶ ଯାଇଥିଲେ ସ୍ତ୍ରୀ ଆଠବର୍ଷ ପର୍ଯ୍ୟନ୍ତ, ବିଦ୍ୟା ବା ଯଶ ସକାଶେ ଯାଇଥିଲେ ଛଅବର୍ଷ କିମ୍ବା କାମୋପଭୋଗ ସକାଶେ ଯାଇଥିଲେ ତିନିବର୍ଷ ପର୍ଯ୍ୟନ୍ତ ପ୍ରତୀକ୍ଷା କରିବ ।

**ସମ୍ବତ୍ସରଂ ପ୍ରତୀକ୍ଷେତ ଦ୍ୱିଷନ୍ତୀଂ ଯୋଷିତଂ ପତିଃ ।**
**ଊର୍ଦ୍ଧ୍ୱଂ ସମ୍ବତ୍ସରାତ୍ତ୍ୱେନାଂ ଦାୟଂ ହୃତ୍ୱା ନ ସଂବସେତ୍ ।୭୭।**

ସ୍ତ୍ରୀ ସ୍ୱାମୀପ୍ରତି ଦ୍ୱେଷଯୁକ୍ତା ହେଲେ ସ୍ୱାମୀ ବର୍ଷେକାଳ ଅପେକ୍ଷା କରିବ; ମାତ୍ର ବର୍ଷକ ପରେ ଦ୍ୱେଷଭାବ ଦୂର ନ ହେଲେ ଅଳଙ୍କାରାଦି ଛଡ଼ାଇ ନେବ, ତାହାସଙ୍ଗେ ରହିବ ନାହିଁ ।

**ଅତିକ୍ରାମେତ୍ ପ୍ରମତ୍ତଂ ଯା ମତ୍ତଂ ରୋଗାର୍ତ୍ତମେବ ବା ।**
**ସା ତ୍ରୀନ୍ ମାସାନ୍ ପରିତ୍ୟାଜ୍ୟା ବିଭୂଷଣପରିଚ୍ଛଦା ।୭୮।**

ଯେ ସ୍ତ୍ରୀ ଦ୍ୟୁତକ୍ରୀଡ଼ାଦିପ୍ରମତ୍ତ, ମଦ୍ୟପାନାଦିମତ୍ତ ଅଥବା ରୋଗାକ୍ରାନ୍ତ ପତିର ଶୁଶ୍ରୂଷା ନକରି ଅତିକ୍ରମରେ ସେ ସ୍ତ୍ରୀକୁ ବସ୍ତ୍ରାଳଙ୍କାରରୁ ବଞ୍ଚିତକରି ତିନିମାସ ତ୍ୟାଗ କରିବ ।

**ଉନ୍ମତ୍ତଂ ପତିତଂ କ୍ଳୀବମବୀଜଂ ପାପରୋଗଣମ୍ ।**
**ନ ତ୍ୟାଗୋଽସ୍ତି ଦ୍ୱିଷନ୍ତ୍ୟାଶ୍ଚ ନ ଚଦାୟାପବର୍ତ୍ତନମ୍ ।୭୯।**

ଉନ୍ମତ୍ତ, ପତିତ, ନପୁଂସକ, ଅବୀଜ ଓ କୁଷ୍ଠାଦି ପାପରୋଗଗ୍ରସ୍ତ ପତିର ଦ୍ୱେଷ କାରିଣୀ ସ୍ତ୍ରୀ ପରିତ୍ୟାଜ୍ୟା ନୁହେଁ କିମ୍ବା ତାହାର ଧନ ଛଡ଼ାଇ ନେବା ଉଚିତ ନୁହେଁ ।

**ମଦ୍ୟପେଽସାଧୁବୃତ୍ତା ଗ ପ୍ରତିକୂଳା ଚ ଭବେତ ।**
**ବ୍ୟାଧିବେତ୍ତବ୍ୟା ହିଂସ୍ରାବ୍ୟାଧି ତାଽର୍ଥଘ୍ନୀ ଚ ସର୍ବଦା ।୮୦।**

ଯଦ୍ୟପି ସ୍ତ୍ରୀ ମଦ୍ୟପାନାସକ୍ତା, ଅସଚ୍ଚରିତ୍ରା, ପ୍ରତିକୁଳାଚାରିଣୀ, ଚିରରୋଗିଣୀ, ଭୃତ୍ୟାଦି ତାଡ଼ନଶୀଳା ଏବଂ ସତତ ଅତିବ୍ୟୟଶୀଳା ହୁଏ ତେବେ ଅନ୍ୟ ବିବାହ କରିବ ।

**ବନ୍ଧ୍ୟାଷ୍ଟମେଽଧିବେଦ୍ୟାବ୍ଦେ ଦଶମେ ତୁ ମୃତପ୍ରଜା ।**
**ଏକାଦଶେ ସ୍ତ୍ରୀ ଜନନୀ ସଦସ୍ତ୍ୱ ପ୍ରିୟବାଦିନୀ ।୮୧।**

ଆଠବର୍ଷ ପର୍ଯ୍ୟନ୍ତ ସନ୍ତାନ ନ ହେଲେ କିମ୍ବା ସନ୍ତାନହୋଇ ମରିଯାଉଥିଲେ ଦଶବର୍ଷରେ, କେବଳ କନ୍ୟାଜାତ ହେଉଥିଲେ ଏଗାରବର୍ଷରେ ମାତ୍ର ଅପ୍ରିୟ ବାଦିନୀ ହେଲେ ତତ୍‌କ୍ଷଣାତ୍ ଅନ୍ୟ ବିବାହ କରିବ ।

**ଯା ରୋଗିଣୀ ସ୍ୟାତ୍ତୁହିତା ସମ୍ପନ୍ନା ଚୈବ ଶୀଳତଃ ।**
**ସ୍ୟାନୁଜ୍ଞାପ୍ୟାଧିବେତ୍ତବ୍ୟ ନାବମାନ୍ୟ ଚ କର୍ହିଚିତ୍ ।୮୨।**

ଚିରରୋରିଣୀ ହେଲେ ସୁଦ୍ଧା ଯେ ପତିର ଅନୁକୂଳ ଏବଂ ସୁ-ଭାବସମ୍ପନ୍ନା ତାହାର ଅନୁମତି ଘେନି ଅନ୍ୟ ବିବାହ କରିବ- କଦାପି ତାହାକୁ ଅପମାନ କରିବ ନାହିଁ ।

**ଅଧିବିନ୍ନା ତୁ ଯା ନାରୀ ନିର୍ଗଚ୍ଛେଦ୍ରୁଷିତା ଗୃହାତ୍ ।**
**ସ୍ୟା ସଦ୍ୟଃ ସନ୍ନିରୋଦ୍ଧବ୍ୟା ତ୍ୟାଜ୍ୟା ବା କୁଳସନ୍ନିଧୌ ।୮୩।**

ଦ୍ୱିତୀୟ ବିବାହ ହେଲାରୁ ପ୍ରଥମ ବିବାହିତା ସ୍ତ୍ରୀ ଯଦି ରୁଷି ଘରୁ ବାହାରି ଯିବାକୁ ବସେ ତେବେ ତାହାକୁ ସେହିକ୍ଷଣି ଆବଦ୍ଧକରି ରଖିବା ଅଥବା ତ୍ୟାରକରି ତା'ର ବାପଘରକୁ ପଠାଇଦେବ ।

**ପ୍ରତିଷିଦ୍ଧାପି ଚେଦ୍‌ଯା ତୁ ମଦ୍ୟମଭ୍ୟୁଦୟେଷ୍ୱ ପି ।**
**ପ୍ରେକ୍ଷାସମାଜଂ ଗଚ୍ଛେଦ୍ ବା ସା ଦଣ୍ଡ୍ୟା କୃଷ୍ଣଳାନି ଷଟ୍ ।୮୪।**

ଯେଉଁ ସ୍ତ୍ରୀ ବାରଣ ନମାନି ବିବାହାଦି ଉତ୍ସବ ସମୟରେ ମଦ୍ୟପାନ କରେ ଅଥବା ନୃତ୍ୟାଦିଜନସମୂହସ୍ଥାନକୁ ଯାଏ ତେବେ ସେ ଛଅକୃଷ୍ଣଳ ଦଣ୍ଡ ପାଇବ ।

**ଯଦି ସ୍ୱାଷ୍ଟାପରାଶ୍ଚୈବ ବିନ୍ଦେରନ୍ ଯୋଷିତୋ ଦ୍ୱିଜାଃ ।**
**ତାସାଂ ବର୍ଣ୍ଣକ୍ରମେଣ ସ୍ୟାଦ୍ ଜ୍ୟେଷ୍ଠଂ ପୂଜା ଚ ବେଶ ଚ ।୮୫।**

ଯଦି ଦ୍ୱିଜ (ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ) ମାନେ ଆପଣା ଜାତିର ବା ଅପରଜାତିର ସ୍ତ୍ରୀ ବିବାହ କରନ୍ତି ତେବେ ବର୍ଣ୍ଣକ୍ରମରେ ସେମାନଙ୍କର ଜ୍ୟେଷ୍ଠତା ସମ୍ମାନ ଓ ଗୃହ ନିରୁପିତ ହେବ ।

**ଭର୍ତ୍ତୁଃ ଶରୀରଶୁଶ୍ରୂଷାଂ ଧର୍ମକାର୍ଯ୍ୟାଞ୍ଚ ନୈତ୍ୟକମ୍ ।**
**ସ୍ୱା ଚୈବ କୁର୍ଯ୍ୟାତ୍ ସର୍ବେଷାଂ ନାସ୍ୱଜାତିଃ କଥଞ୍ଚନ୍ ।୮୬।**

* – ଦୁଇ ପୁସ୍ତକରେ 'ବେଶ୍ମନଃ' ପାଠଅଛି ।

ପତିର ଶରୀରସେବା ଓ ନୈତିକ ଧର୍ମକାର୍ଯ୍ୟ ସମସ୍ତଙ୍କର ସ୍ୱଜାତୀୟ ସ୍ତ୍ରୀ କରିବ- କଦାପି ଅନ୍ୟଜାତୀୟ ସ୍ତ୍ରୀ କରିବ ନାହିଁ ।

**ଯସ୍ତୁ ତତ୍କାରୀୟେନ୍ମୋହାସ୍ୱଜାତ୍ୟା ସ୍ଥିତୟାନ୍ୟୟା ।**
**ଯଥା ବ୍ରାହ୍ମଣଚାଣ୍ଡାଲଃ ପୂର୍ବହସ୍ତଷ୍ଟଥୈବ ସଃ ।୮୭।***

ମାତ୍ର ମୋହବଶରୁ ଯେ ସଜାତିୟା ସ୍ତ୍ରୀ ବିଦ୍ୟମାନ ଥାଉଁ ଅନ୍ୟଜାତୀୟା ସ୍ତ୍ରୀ କର୍ତ୍ତୃକ ସେହି କାର୍ଯ୍ୟମାନ କରାଏ ସେ ଯେପରି ପୁରାତନ ମୁନିମାନେ ବ୍ରାହ୍ମଣ ଚଣ୍ଡାଳ କଥା କହିଅଛନ୍ତି, ସେହିପରି ହୁଏ ।

**ଉତ୍କୃଷ୍ଟାୟାଭିରୂପାୟ ବରାୟ ସଦୃଶାୟ ଚ ।**
**ଅପ୍ରାପ୍ତାମପି ତାଂ ତସ୍ମୈ କନ୍ୟାଂ ଦଦ୍ୟାଦ୍ୟଥାବିଧି ।୮୮।** * *

କୁଳାଚାରରେ ଉଚ୍ଚ, ସୁନ୍ଦର ଏବଂ ଗୁଣରେ ସମାନ ବରକୁ କନ୍ୟା କିଛି ଊଣା ବୟସର ହେଲେ ସୁଦ୍ଧା ଯଥାବିଧି ଦାନ କରିବ ।

**କାମାମାମରଣାତ୍ତିଷ୍ଠେଦ୍ ଗୃହେ କନ୍ୟର୍ତ୍ତୁମତ୍ୟପି ।**
**ନ ଚୈବୈନାଂ ପ୍ରଯଚ୍ଛେତ୍ତୁ ଗୁଣହୀନାୟ କର୍ହିଚିତ୍ ।୮୯।**

ବରଂ କନ୍ୟା ଋତୁମତି ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଘରେ ବସି ରହିବ ତଥାପି କେବେ ହେଁ ଗୁଣହୀନ ଲୋକକୁ କନ୍ୟା ଦେବନାହିଁ ।

**ତ୍ରୀଣି ବର୍ଷାଣ୍ୟୁଦୀକ୍ଷେତ କୁମାର୍ଯ୍ୟୃତୁମତୀ ସତୀ ।**
**ଊର୍ଦ୍ଧ୍ୱନ୍ତୁ କାଳାଦେତସ୍ମାଦ୍ ବିନ୍ଦେତ ସଦୃଶଂ ପତିମ୍ ।୯୦।**

କୁମାରୀ ଋତୁମତି ହୋଇ ତିନିବର୍ଷ ପର୍ଯ୍ୟନ୍ତ ପ୍ରତୀକ୍ଷା କରିବ ଏବଂ ତିନିବର୍ଷ ପରେ ତାହାଙ୍କୁ ସମାନ ଗୁଣବାନ୍ ପତି ବିବାହ ବେବ ।

**ଅଦୀୟମାନା ଭର୍ତ୍ତାରମଧିଗଚ୍ଛେଦ୍ୟଦି ସ୍ୱୟମ୍ ।**
**ନୈନଃ କିଞ୍ଚିଦବାପ୍ନୋତି ନ ଚ ଯଂ ସାଧିଗଚ୍ଛତି ।୯୨।**

ଯଦି (ପିତା ଆଦି) କେହି ଦାନ କରିନାହିଁ ଅଥଚ କନ୍ୟା ନିଜେ ପତି ବରଣ କରେ ତେବେ ତହିଁରେ କନ୍ୟାର କିଛି ଦୋଷ ହୁଏ ନାହିଁ କିମ୍ବା ଯେ ବିବାହ କରେ ତାହାର ଦୋଷ ହୁଏ ନାହିଁ ।

**ଅଲଙ୍କାରଂ ନାଦଦୀତଂ ପିତ୍ର୍ୟଂ କନ୍ୟା ସ୍ୱୟମ୍ବରା ।**
**ମାତୃକଂ ଭ୍ରାତୃଦତ୍ତଂ ବା ସ୍ତେନା ସ୍ୟାଦଯଦି ତଂ ହରେତ୍ ।୯୨।**

ସ୍ୱୟମ୍ବରା କନ୍ୟା ପିତା ମାତା ବା ଭ୍ରାତାକର୍ତ୍ତୃକ ପ୍ରଦତ୍ତ ଅଳଙ୍କାର ନେବ ନାହିଁ, ଯଦି ନେବ ତେବେ ଚୋର ହେବ ।

**ପିତ୍ରେ ନ ଦଦ୍ୟାଚ୍ଛୁଲ୍କଂ କନ୍ତୁ କନ୍ୟାମୃତୁମତୀଂ ହରନ୍ ।**
**ସ ହି ସ୍ୱାମ୍ୟାଦତିକ୍ରାମେଦୃତୂନାଂ ପ୍ରତିରୋଧନାତ୍ ।୯୩।**

---

* — ୮୫ ଠାରୁ ୮୬ ଶ୍ଳୋକ ପ୍ରକ୍ଷିପ୍ତ ।

* * — ଏଥିପରେ ୪ ପୁସ୍ତକରେ ଅଧିକା ପ୍ରକ୍ଷିପ୍ତ ମିଳେ-

ପ୍ରଯଚ୍ଛେନ୍ନଗ୍ନିକାଂ କନ୍ୟାମୃତ୍ୟୁକାଳଭୟାନ୍ୱିତଃ ।
ଋତୁମତ୍ୟା ହି ତିଷ୍ଠନ୍ତ୍ୟାମେନୋ ଦାତାରମୃଚ୍ଛତି ।

ଋତୁକାଳ ଭୟରେ ଅନୃତୁମତୀ କନ୍ୟାଦାନ କରିବା କର୍ତ୍ତବ୍ୟ, କାରଣ ଋତୁମତୀ କନ୍ୟା ବସି ରହିଲେ ଦାତାକୁ ପାପ ଲାଗେ ।

ଋତୁମତୀ କନ୍ୟା ବିବାହ କଲେ କନ୍ୟାର ପିତାକୁ ଶୁଳ୍କ ଦେବାକୁ ହେବ ନାହିଁ; କାରଣ ସେ ଋତୁମତୀ କନ୍ୟାକୁ ଅଟକାଇ ଥିବାରୁ ତାହାର ସ୍ୱାମିତ୍ୱ (ଅଧିକାର)ରୁ ବଞ୍ଚିତ ହୁଏ ।

**ତ୍ରିଂଶଦ୍ ବର୍ଷୋ ବହେତ୍ କନ୍ୟାଂ ହୃଦ୍ୟାଂ ଦ୍ୱାଦଶବାର୍ଷିକୀମ୍ ।**
**ତ୍ର୍ୟଷ୍ଟବର୍ଷୋଽଷ୍ଟବର୍ଷାଂ ବା ଧର୍ମେ ସୀଦତି ସତ୍ୱରଃ ।୯୪।***

ତିରିଶବରଷର ପୁରୁଷ ବାରବର୍ଷୀୟା ମନୋହାରିଣୀ କନ୍ୟାକୁ ବିବାହ କରିବ କିମ୍ୱା ଚବିଶବର୍ଷର ପୁରୁଷ ଆଠବର୍ଷର କନ୍ୟାକୁ ବିବାହ କରିବ, ଏଥିରେ ଶୀଘ୍ର ଧର୍ମ ସାଧନ ହୁଏ ।

**ଦେବଦତ୍ତାଂ ପତିର୍ଭାର୍ଯ୍ୟାଂ ବିନ୍ଦତେ ନେଚ୍ଛୟାତ୍ମନଃ ।**
**ତାଂ ସାଧ୍ୱୀଂ ବିଭୃୟାନ୍ନିତ୍ୟଂ ଦେବାନାଂ ପ୍ରିୟମାଚରନ୍ ।୯୫।**

ପତି ଭାର୍ଯ୍ୟାକୁ (ଭଗୋ ଅର୍ଯ୍ୟମା ସବିତା ଇତ୍ୟାଦି ମନ୍ତ୍ରାନୁସାରେ) ଦେବଦତ୍ତା ବୋଲି ଜାଣିବ, କଦାପି ଆପଣାଇଚ୍ଛାରେ ବିବାହ ହୋଇଥିବା ମଣିବ ନାହିଁ ଏବଂ ଦେବତାମାନଙ୍କର ପ୍ରିୟ ଆଚରଣ (ଗାର୍ହସ୍ଥ୍ୟଧର୍ମୋଚିତ ହୋମକର୍ମାଦି) କରି ସେହି ସାଧ୍ୱୀ ସ୍ତ୍ରୀକୁ ପ୍ରତିପାଳନ କରିବ ।

**ପ୍ରଜନାର୍ଥଂ ସ୍ତ୍ରିୟଃ ସୃଷ୍ଟାଃ ସନ୍ତାନାର୍ଥଞ୍ଚ ମାନବାଃ ।**
**ତସ୍ମାତ୍ସାଧାରଣୋ ଧର୍ମଃ ଶ୍ରୁତୌ ପତ୍ନ୍ୟା ସହୋଦିତଃ ।୯୬।**

ଈଶ୍ୱର ଗର୍ଭଧାରଣ କରିବା ସକାଶେ ସ୍ତ୍ରୀ ଓ ସନ୍ତାନ ସକାଶେ ମାନବଗଣ ସୃଷ୍ଟି କରିଅଛନ୍ତି । ସେହି ହେତୁରୁ ବେଦରେ ସ୍ତ୍ରୀ ସହିତ ପୁରୁଷର ସମାନ ଧର୍ମ ବୋଲା ଯାଇଅଛି ।

**କନ୍ୟାୟାଂ ଦତ୍ତଶୁଲ୍କାୟାଂ ମ୍ରିୟେତ ଯଦି ଶୁଲ୍କଦଃ ।**
**ଦେବରାୟ ପ୍ରଦାତବ୍ୟା ଯଦି କନ୍ୟାନୁମନ୍ୟତେ ।୯୭।***

ଯଦି ଶୁଲ୍କ ଦେଇ (ବିବାହାର୍ଥୀ ପୁରୁଷ) ମରିଯାଏ ତେବେ ଦତ୍ତଶୁଲ୍କା କନ୍ୟାକୁ କନ୍ୟାର ଅନୁମତି ହେଲେ ଦେବରକୁ ପ୍ରଦାନ କରିବ ।

**ଆଦଦୀତ ନ ଶୂଦ୍ରୋପି ଶୁଲ୍କଂ ଦୁହିତରଂ ଦଦନ୍ ।**
**ଶୁଲ୍କଂ ତୁ ଗୃହଣନ୍ କୁରୁତେ ଛନ୍ନଂ ଦୁହିତୃବିକ୍ରୟମ୍ ।୯୮।**

ଶୁଦ୍ର ସୁଦ୍ଧା କନ୍ୟା ଦେଇ ଶୁଲ୍କ ଗ୍ରହଣ କରିବ ନାହିଁ; କାରଣ ଶୁଲ୍କ ଗ୍ରହଣ କଲେ ଗୋପନରେ କନ୍ୟା ବିକିବା ହେଲା ।

**ଏତତ୍ତୁ ନ ପରେ ଚକ୍ରୁର୍ନାପରେ ଜାତୁ ସାଧବଃ ।**
**ଯଦନ୍ୟସ୍ୟ ପ୍ରତିଜ୍ଞାୟ ପୁନରନ୍ୟସ୍ୟ ଦୀୟତେ ।୯୯।**

କେବେହେଁ ଶିଷ୍ଟଲୋକମାନେ ଏପରି ପୂର୍ବେ କରିନାହାନ୍ତି କି ଏବେ କରୁନାହାନ୍ତି । ଯେ ଜଣକୁ କନ୍ୟାଦାନ କରିବା ସକାଶେ ପ୍ରତିଜ୍ଞା କରି ଅନ୍ୟ ଜଣକୁ ଦେଦେ ।

**ନାନୁଶୁଶ୍ରୁମ ଜାତ୍ୱେତତ୍ପୂର୍ବେଷ୍ୱପି ହି ଜନ୍ମସୁ ।**
**ଶୁଲ୍କସଂଜ୍ଞେନ ମୂଲ୍ୟେନ ଛନ୍ନଂ ଦୁହିତୃବିକ୍ରୟମ୍ ।୧୦୦।**

---

* — ୯୩ ଓ ୯୪ ଶ୍ଲୋକ ପ୍ରକ୍ଷିପ୍ତ ।

** — ଏ ଶ୍ଲୋକ ପ୍ରକ୍ଷିପ୍ତ ।

କେବେହେଁ ଆମ୍ଭେ ପୂର୍ବଜନ୍ମମାନଙ୍କରେ ସୁଦ୍ଧା ଶୁଲ୍କନାମକ ମୂଲ୍ୟ ଘେନି କନ୍ୟାବିକ୍ରୟ କଥା ଶୁଣିନାହୁଁ ।

**ଅନ୍ୟୋଽନ୍ୟସ୍ୟାବ୍ୟଭୀଚାରେ ଭବେଦାମରଣାନ୍ତିକଃ ।**
**ଏଷ ଧର୍ମଃ ସମାସେନ ଜ୍ଞେୟଃ ସ୍ତ୍ରୀ ପୁଂସୟୋଃ ପରଃ ।୧୦୧।**

ପରସ୍ପର ମରଣ ପର୍ଯ୍ୟନ୍ତ ଅବ୍ୟଭିଚାରୀ ହେବା ସଂକ୍ଷେପରେ ଭାର୍ଯ୍ୟା ଓ ପତିର ଶ୍ରେଷ୍ଠଧର୍ମ ବୋଲି ଜାଣିବା ଉଚିତ ।

**ତଥା ନିତ୍ୟଂ ଯତେୟାତାଂ ସ୍ତ୍ରୀପୁଂସୌ ତୁକୃତକ୍ରିୟୌ ।**
**ଯଥା ନାଭିଚରେତାଂ ତୌ ବିୟୁକ୍ତାବିତରେତରମ୍ ।୧୦୨।**

ବିବାହିତା ସ୍ତ୍ରୀ ପୁରୁଷ ଉଭୟ ସତତ ଏପରି ଯତ୍ନ କରିବେ ଯେପରି କି ବ୍ୟଭିଚାର ଯୋଗେ ପରସ୍ପର ମଧ୍ୟରେ ବିଚ୍ଛେଦ ଉପସ୍ଥିତ ନ ହୁଏ ।

**ଏଷ ସ୍ତ୍ରୀ ପୁଂସୟୋରୁକ୍ତୋ ଧର୍ମୋ ବୋ ରତିସଂହିତଃ ।**
**ଆପଦ ପତ୍ୟପ୍ରାପ୍ତିଶ୍ଚ ଦାୟଭାଗଂ ନିବୋଧତ ।୧୦୩।**

ସ୍ତ୍ରୀ ପୁରୁଷର ଏହି ପ୍ରୀତିଯୁକ୍ତ ଧର୍ମ ଏବଂ ସନ୍ତାନ ନ ହେଲେ ଅପତ୍ୟପ୍ରାପ୍ତି ବିଷୟ ତୁମ୍ଭମାନଙ୍କୁ କହିଲୁ, ଏବେ ଦୟାଭାଗ ଶୁଣ ।

**ଊର୍ଦ୍ଧ୍ୱଂପିତୁଶ୍ଚ ମାତୁଶ୍ଚ ସମେତ୍ୟ ଭ୍ରାତରଃ ସମମ୍ ।**
**ଭଜେରନ୍ ପୈତୃକଂ ରିକ୍ଥମନୀଶାସ୍ତେ ହି ଜୀବିତୋଃ ।୧୦୪।**

ପିତାମାତା ମରିଗଲା ଉତ୍ତାରୁ ଭାଇମାନେ ମିଳି ପୈତୃକ ଧନ ସମାନଭାଗରେ ଭୋଗ କରିବେ; ମାତ୍ର ପିତାମାତା ରହିଥିଲେ ସେମାନଙ୍କର ଅଧିକାର ନାହିଁ ।

**ଜ୍ୟେଷ୍ଠ ଏବ ତୁ ଗୃହ୍ଣୀୟାତ୍ପିତ୍ର୍ୟଂ ଧନମଶେଷତଃ ।**
**ଶେଷାସ୍ତମୁପଜୀବେୟୁର୍ଯ୍ୟଥୈବ ପିତରଂ ତଥା ।୧୦୫।**

ଅଥବା ପିତାର ସକଳ ଧନ ଜ୍ୟେଷ୍ଠ ପୁତ୍ର ଗ୍ରହଣ କରି ପିତା ବଞ୍ଚିଥିବା ସମୟ ପରି ସାନ ଭାଇମାନଙ୍କ ଭରଣପୋଷଣ କରିବ ।

**ଜ୍ୟେଷ୍ଠେ ଦ ଜାତମାତ୍ରେଣ ପୁତ୍ରୀ ଭବତି ମାନବଃ ।**
**ପିତୃଣାମନୃଣର୍ଶ୍ଚୈବ ସ ତସ୍ମାତ୍ସର୍ବମର୍ହତି ।୧୦୬।**

ଜ୍ୟେଷ୍ଠପୁତ୍ର ଜାତ ହେବା ମାତ୍ରକେ ମନୁଷ୍ୟ ପୁତ୍ରଯୁକ୍ତ ହୁଏ ଏବଂ ପିତୃଋଣରୁ ମୁକ୍ତହୁଏ; ତେଣୁ ସମୁଦାୟ ଧନ ନେବାର ଯୋଗ୍ୟ ।

**ଯସ୍ମିନ୍ନୃଣଂ ସନ୍ନୟତି ଯେନ ଚାନନ୍ତ୍ୟମଶ୍ନୁତେ ।**
**ସ ଏବ ଧର୍ମଜଃ ପୁତ୍ରଃ କାମଜାନିତରାନ୍ ବିଦୁଃ ।୧୦୭।**

ଯେ ଉତ୍ପନ୍ନ ହେଲାରୁ ପିତୃଋଣରୁ ମୁକ୍ତି ଓ ମୋକ୍ଷଲାଭ ହୁଏ ସେହି ଏକା ଧର୍ମଜଃ ପୁତ୍ର- ଅନ୍ୟପୁତ୍ରମାନଙ୍କୁ କାମଜ ବୋଲାଯାଏ ।

**ପିତେବ ପାଳୟେତ୍ପୁତ୍ରାନ୍ ଜ୍ୟେଷ୍ଠଭ୍ରାତୃନ୍ ଯବୀୟସଃ ।**
**ପୁତ୍ରବଚ୍ଚାପି ବର୍ତ୍ତେରନ୍ ଜ୍ୟେଷ୍ଠେ ଭ୍ରାତରି ଧର୍ମତଃ ।୧୦୮।**

ପିତାସମାନ ଜ୍ୟେଷ୍ଠଭ୍ରାତା କନିଷ୍ଠ ଭ୍ରାତାମାନଙ୍କୁ ପୁତ୍ରବତ୍ ପାଳନ କରିବ ଏବଂ କନିଷ୍ଠ ଭାଇମାନେ ଜ୍ୟେଷ୍ଠ ଭ୍ରାତାଠାରେ ଧର୍ମତଃ ପୁତ୍ରପରି ରହିବେ ।

**ଜ୍ୟେଷ୍ଠଃ କୁଳଂ ବର୍ଦ୍ଧୟତି ବିନାଶୟ ତି ବା ପୁନଃ ।**
**ଜ୍ୟେଷ୍ଠ ପୂଜ୍ୟତମୋ ଲୋକେ ଜ୍ୟେଷ୍ଠଃ ସଭିରଗର୍ହିତଃ ।୧୦୯।**

ଜ୍ୟେଷ୍ଠ କୁଳକୁ ବଢ଼ାଏ ଅବା ଜ୍ୟେଷ୍ଠ ପୁଣି କୁଳ ନାଶକରେ, ଜ୍ୟେଷ୍ଠ ଲୋକରେ ପୂଜ୍ୟତମ ଏବଂ ସଜ୍ଜନସମାଜରେ ଅନିନ୍ଦନୀୟ ।

**ଯୋ ଜ୍ୟେଷ୍ଠୋ ଜ୍ୟେଷ୍ଠ ବୃତ୍ତିଃ ସ୍ୟାନ୍ମାତେବ ସ ପିତେବ ସଃ ।**
**ଅଜ୍ୟେଷ୍ଠ ବୃତ୍ତିର୍ଯ୍ୟସ୍ତୁ ସ୍ୟାତ୍ସ ସମ୍ପୂଜ୍ୟସ୍ତୁ ବନ୍ଧୁବତ୍ ।୧୧୦।**

ଯେ ଜ୍ୟେଷ୍ଠଭାଇ ଜ୍ୟେଷ୍ଠବୃତ୍ତି (ପିତୃବତ୍ ପୋଷଣାଦି) କରିବ ସେ ମାତାପରି ଏବଂ ସେ ପିତାପରି ପୂଜ୍ୟ, ମାତ୍ର ଜ୍ୟେଷ୍ଠବୃତ୍ତି ନ କଲେ ସେ ବନ୍ଧୁପରି ପୂଜନୀୟ ଅଟେ ।

**ଏବଂ ସହବାସେୟୁର୍ବା ପୃଥଗ୍‌ବା ଧର୍ମକାମ୍ୟୟା ।**
**ପୃଥଗ୍‌ବିବର୍ଦ୍ଧତେ ଧର୍ମସ୍ତସ୍ମାଦ୍ଧର୍ମ୍ୟା ପୃଥକ୍‌କ୍ରିୟା ।୧୧୧।**

ଏହିପରିଭାବରେ ଏକତ୍ର ବାସ କରିବ ଅଥବା ଧର୍ମକାମରେ ଭିନ୍ନ ହୋଇ ରହିବ, ଭିନ୍ନ ହେଲେ ଧର୍ମ ବଢ଼େ ଏବଂ ସେହେତୁ ଭିନ୍ନ ହେବା ଧର୍ମାନୁକୂଳ ।

**ଜ୍ୟେଷ୍ଠସ୍ୟ ବଂଶ ଉଦ୍ଧାରଃ ସର୍ବଦ୍ରବ୍ୟାଚ୍ଚ ଯଦ୍ ବରମ୍ ।**
**ତତୋଽର୍ଦ୍ଧଂ ମଧ୍ୟମସ୍ୟ ସ୍ୟାତ୍ତୁ ରୀୟନ୍ତୁ ଯବୀୟସଃ ।୧୧୨।**

ସକଳ ଦ୍ରବ୍ୟ ମଧ୍ୟରୁ ଯାହା ଶ୍ରେଷ୍ଠ ତାହାକୁ ବାହାର କରି ନେଇ ତହିଁରୁ କୋଡ଼ିଏ ଭାଗରୁ ଭାଗେ ଜ୍ୟେଷ୍ଠ, ତହିଁର ଅଧେ (ଅର୍ଥାତ୍ ଚାଳିଶ ଭାଗରୁ ଭାଗେ) ମଧ୍ୟମ ଏବଂ ଚତୁର୍ଥ ଭାଗ (ଅର୍ଥାତ୍ ଅଶୀ ଭାଗରୁ ଭାଗେ) କନିଷ୍ଠ ପାଇବ ।

**ଜ୍ୟେଷ୍ଠଶ୍ଚୈବ କନିଷ୍ଠଶ୍ଚ ସଂହରେତାଂ ଯଥୋଦିତମ୍ ।**
**ଯେଽନ୍ୟେ ଜ୍ୟେଷ୍ଠକନିଷ୍ଠାଭ୍ୟଂ ତେଷାଂ ସ୍ୟନ୍ମଧ୍ୟମଂ ଧନମ୍ ।୧୧୩।**

ପୂର୍ବୋକ୍ତମତେ ଜ୍ୟେଷ୍ଠ ଓ କନିଷ୍ଠ ଉଦ୍ଧାର ଗ୍ରହଣ କରିବେ ଏବଂ ଜ୍ୟେଷ୍ଠ ଓ କନିଷ୍ଠ ମଧ୍ୟରେ ଯେତେ ପୁତ୍ର ଥିବେ ସେମାନେ ମଧ୍ୟମ (୪୦ ଭାଗରେ ଭାଗେ) ବାଣ୍ଟିଟି ବାଣ୍ଟିନେବେ ।

**ସର୍ବେଷାଂ ଧନଜାତାନା ମାଦଦୀତାଗ୍ରମଗ୍ରଜଃ ।**
**ଯଚ୍ଚ ସାତିଶୟଂ କିଞ୍ଚିଦ୍ଦଶତଶ୍ଚାପ୍ନୁୟାଦ୍‌ବରମ୍ ।୧୧୪।**

ସବୁ ଧନମଧ୍ୟରେ ଯେଉଁଟି ଶ୍ରେଷ୍ଠ ତାହା ଜ୍ୟେଷ୍ଠ ଗ୍ରହଣ କରିବ ଏବଂ ଯାହା କିଛି ଅଧିକ ହେବ ଓ ଦଶଗୋଟି (ଗୋରୁ ପ୍ରଭୃତି) ମଧ୍ୟରେ ଶ୍ରେଷ୍ଠଗୋଟିକ ଜ୍ୟେଷ୍ଠ ପାଇବ ।

**ଉଦ୍ଧାରୋ ନ ଦଶସ୍ୱସ୍ତି ସମ୍ପନ୍ନାନାଂ ସ୍ୱକର୍ମସୁ ।**
**ଯକ୍ରିଞ୍ଚିଦେବ ଦେୟନ୍ତୁ ଜ୍ୟାୟସେ ମାନବର୍ଦ୍ଧନମ୍ ।୧୧୫।**

ଦଶରୁ ଗୋଟିଏ ଶ୍ରେଷ୍ଠ ବସ୍ତୁ ବଳକା ପାଇବାର ଯାହା ବୋଲାଗଲା ସ୍ୱକର୍ମରେ ସମୃଦ୍ଧ ଭ୍ରାତାମାନଙ୍କ ମଧ୍ୟରେ ନାହିଁ; ମାତ୍ର ଜ୍ୟେଷ୍ଠଭାଇର ସମ୍ମାନ ବଢ଼ାଇବା ସକାଶେ ଯକ୍ରିଞ୍ଚିତ୍ ଅଧିକା ଦେବା କର୍ତ୍ତବ୍ୟ ।

**ଏବଂ ସମୁଦ୍ଧୃତୋଦ୍ଧାରେ ସମାନଂଶାନ୍ ପ୍ରକଳ୍ପୟେତ୍ ।**
**ଉଦ୍ଧାରେଽନୁଦ୍ଧୃତେ ତ୍ୱେଷାମିୟଂ ସ୍ୟାଦଂଶକଳ୍ପନା ।୧୧୬।**

ଏହିପରି ବଳକା ବାହାର କରି ନେଇ ଅବଶିଷ୍ଟ ଯାହା ରହିବ ସମାନ ଭାଗରେ ବାଣ୍ଟି ବା ମାତ୍ର ବଳକା ବାହାର ନକରି ନ ନେଲେ ଏହି (ବକ୍ଷ୍ୟାମାଣ) ନିୟମାନୁସାରେ ବାଣ୍ଟିନେବ ।

**ଏକାଧିକଂ ହରେଦ୍‌ଜ୍ୟେଷ୍ଠଃ ପୁତ୍ରୋଽଧ୍ୟର୍ଦ୍ଧଂ ତତୋଽନୁଜଂ ।**
**ଅଂଶମଂଶ ଯବୀୟାଃସ ଇତି ଧର୍ମୋ ବ୍ୟବସ୍ଥିତଃ ।୧୧୭।**

ଜ୍ୟେଷ୍ଠପୁତ୍ର ଏକଭାଗ ଅଧିକ (ଅର୍ଥାତ୍ ଦୁଇଭାଗ) ତାହାର ସାନ ଦେଢ଼ଭାଗ ଏବଂ ଅବଶିଷ୍ଟ ସାନଭାଇମାନେ ଭାଗେ ଭାଗେ ନେବେ, ତାହାହିଁ ଧର୍ମବ୍ୟବସ୍ଥା ।

**ସ୍ୱେଭ୍ୟୋଽଂଶେଭ୍ୟସ୍ତୁ କନ୍ୟାଭ୍ୟଃ ପ୍ରଦଦ୍ୟୁର୍ଭ୍ରାତରଃ ପୃଥକ୍ ।**
**ସ୍ୱାସ୍ୱଦଂଶାଚ୍ଚତୁର୍ଭାଗଂ ପତିତାଃ ସ୍ୟୁରଦିତ୍ସବଃ ।୧୧୮।**

ଭାଇମାନେ ଆପଣା ଆପଣା ଭାଗରୁ ଚତୁର୍ଥାଂଶ ଭଉଣୀମାନଙ୍କୁ ଦେବେ, ନ ଦେବାକୁ ଇଚ୍ଛା କଲେ ପତିତ ହେବେ ।

**ଅଜାବିକଂ ସୈକଶଫଂ ନ ଜାତୁ ବିଷମଂ ଭଜେତ୍ ।**
**ଅଜାବିକନ୍ତୁ ବିଷମଂ ଜ୍ୟେଷ୍ଠ ସ୍ୟୈବ ବିଧୀୟତେ ।୧୧୯।**

ଛେଳି, ମେଣ୍ଢା, (ଘୋଡ଼ା ଇତ୍ୟାଦି) ଏକ ଖୁରା ବିଶିଷ୍ଟ ପଶୁମାନେ ବିଷମ ସଂଖ୍ୟା ହେଲେ କେବେହେଁ ବାଣ୍ଟିବ ନାହିଁ; ସମାନ ବାଣ୍ଟରୁ ଯାହା ବିଷମ (ଅର୍ଥାତ୍ ଅଧିକା) ତେବେ ତାହା ବିଧିତେ ବଡ଼ ଭାଇର ।

**ଯବୀୟାନ୍ ଜ୍ୟେଷ୍ଠଭାର୍ଯ୍ୟାୟାଂ ପୁତ୍ରମୁତ୍ପାଦୟେଦ୍ ଯଦି ।**
**ସମସ୍ତତ୍ର ବିଭାଗଃ ସ୍ୟାଦିତି ଧର୍ମୋ ବ୍ୟବସ୍ଥିତଃ ।୧୨୦।**

ଯଦି କନିଷ୍ଠ ଭାଇ ଜ୍ୟେଷ୍ଠ ଭାଇର ଭାର୍ଯ୍ୟାଗର୍ଭରୁ (ନିୟୋଗ ବିଧି ଅନୁସାରେ) ପୁତ୍ର ଉତ୍ପାଦନ କରେ ତେବେ ସେଠାରେ ସମାନ ବାଣ୍ଟ ହେବା କର୍ତ୍ତବ୍ୟ, ଏହାହିଁ ଧର୍ମବ୍ୟବସ୍ଥା ।

**ଉପସର୍ଜନା ପ୍ରଧାନସ୍ୟ ଧର୍ମେତୋ ନୋପପଦ୍ୟତେ ।**
**ପିତା ପ୍ରଧାନଂ ପ୍ରଜନେ ତସ୍ମାଦ୍ଧର୍ମେଣ ତଂ ଭଜେତ୍ ।୧୨୧।**

ପ୍ରଧାନର ଉପସୃଷ୍ଟି ଧର୍ମାନୁକୂଳ ନୁହେଁ (ଅର୍ଥାତ୍ ଜ୍ୟେଷ୍ଠ ଭାଇର ଭାର୍ଯ୍ୟାରେ ଉତ୍ପନ୍ନ କ୍ଷେତ୍ରଜ ପୁତ୍ର ବଡ଼ଭାଇପରି ଉଦ୍ଧାରର ଦାବୀ କରି ନପାରେ), ଉତ୍ପାଦନର ଜନକହିଁ ପ୍ରଧାନ, ତେଣୁ ସମାନ ବାଣ୍ଟ ଧର୍ମାନୁକୂଳ ।

**ପୁତ୍ରଃ କନିଷ୍ଠୋ ଜ୍ୟେଷ୍ଠାୟାଂ କନିଷ୍ଠାୟାଞ୍ଚ ପୂର୍ବଜଃ ।**
**କଥଂ ତତ୍ର ବିଭାଗଃ ସ୍ୟାତି ଚେତ୍ସଂଶୟା ଭବେତ୍ ।୧୨୨।**

ପ୍ରଥମ ବିବାହିତା ସ୍ତ୍ରୀ କନିଷ୍ଠ ପୁତ୍ର ଏବଂ ଦ୍ୱିତୀୟ ବିବାହିତା ସ୍ତ୍ରୀର ଜ୍ୟେଷ୍ଠପୁତ୍ର ହେଲେ କିରୂପେ ବିଭାଗ ହେବ- ଏଥିରେ ସଂଶୟ ହେଲେ ।

**ଏକଂ ବୃଷର୍ଭମୁଦ୍ଧାରଂ ସଂହରେତ ସପୂର୍ବଜଃ ।**
**ତତୋଽପରେଽଜ୍ୟେଷ୍ଠ ବୃଷସ୍ତଦନାନାଂ ସମାତତଃ ।୧୨୩।**

ପ୍ରଥମ ବିବାହିତା ସ୍ତ୍ରୀରେ ଉତ୍ପନ୍ନ ପୁତ୍ରକନିଷ୍ଠ ହେଲେ ସୁଦ୍ଧା ଗୋଟିଏ ବୃଷଭ ଉଦ୍ଧାର ସ୍ୱରୂପ ପାଇବ, ତହିଁ ଉତ୍ତାରୁ ଅନ୍ୟପୁତ୍ରମାନେ ପଶ୍ଚାଦ୍‌ବିବାହିତା ଆପଣା ଆପଣା ମାତାଠାରୁ ଅପକୃଷ୍ଟ ବୃଷମାନ ପାଇବେ ।

**ଜ୍ୟେଷ୍ଠସ୍ତୁଜାତୋ ଜ୍ୟେଷ୍ଠାୟାଂ ହରେଦ୍ ବୃଷଭଷୋଡ଼ଶଃ ।**
**ତତଃ ସ୍ୱମାତୃତଃ ଶେଷା ଭଜେରନ୍ନିତିଧାରଣା ।୧୨୪।**

ମାତ୍ର ଜ୍ୟେଷ୍ଠପୁତ୍ର ଜ୍ୟେଷ୍ଠା ଭାର୍ଯ୍ୟାରେ ଜାତ ହେଲେ ଷୋଳ ବୃଷଭପାଇବ, ତହିଁ ଉତ୍ତାରୁ ଅବଶିଷ୍ଟାଂଶ ପୁତ୍ରମାନେ ଆପଣା ଆପଣା ମାତାର ବିବାହାନୁସାରେ ବାଣ୍ଟିନେବେ ଏହା ନିଶ୍ଚୟ ।

**ସଦୃଶସ୍ତ୍ରୀଷୁ ଜାତନାଂ ପୁତ୍ରାଣାମବିଶେଷତଃ ।**
**ନ ମାତୃତୋ ଜୈଷ୍ଠମସ୍ତି ଜନ୍ମତୋ ଜୈଷ୍ଠମୁଚ୍ୟତେ ।୧୨୫। ✲**

ସମାନଜାତୀୟ ସ୍ତ୍ରୀମାନଙ୍କଠାରୁ ଜାତ ପୁତ୍ରମାନଙ୍କ ମଧ୍ୟରେ ମାତାର ଜ୍ୟେଷ୍ଠତା ଅନୁସାରେ ବିଶେଷତ୍ୱ ନାହିଁ, ଯେ ପୁତ୍ର ଆଗେ ଜନ୍ମ ହେଲା ସେହି ଜ୍ୟେଷ୍ଠପୁତ୍ର ।

**ଜନ୍ମ ଜ୍ୟେଷ୍ଠେନ ଚାହ୍ୱାନଂ ସୁବ୍ରହ୍ମଣ୍ୟାସ୍ୱପି ସ୍ମୃତମ୍ ।**
**ଯମୟୋର୍ଶ୍ଚୈବ ଗର୍ଭେଷୁ ଜନ୍ମତୋ ଜ୍ୟେଷ୍ଠତାସ୍ମୃତା ।୧୨୬।**

ସୁବ୍ରହ୍ମଣ୍ୟାଖ୍ୟ ମନ୍ତ୍ରରେ ଜନ୍ମତଃ ଜ୍ୟେଷ୍ଠପୁତ୍ର ନାମୋଚ୍ଚାରଣ ପୂର୍ବକ (ଜ୍ୟୋତିଷ୍ଟୋମରେ ଇନ୍ଦ୍ରଙ୍କୁ) ଡ଼ାକିବାର ବୋଲାଯାଇଅଛି ଏବଂ ଯମଜ ପୁତ୍ର ମଧ୍ୟରେ ଗର୍ଭରୁ ଆଗେ ଯେ ଜନ୍ମ ହେଲା ସେ ଜ୍ୟେଷ୍ଠ ବୋଲାଯାଏ ।

**ଅପୁତ୍ରୋଽନେନ ବିଧିନା ସୁତାଂ କୁର୍ବୀତ ପୁତ୍ରକାମ୍ ।**
**ଯଦପତ୍ୟଂ ଭବେଦସ୍ୟାଂ ତନ୍ମମସ୍ୟାସ୍ୱ ଧାକରମ୍ ।୧୨୭। ✲ ✲**

ଅପୁତ୍ରିକ ଏହି ବିଧିରେ କନ୍ୟାକୁ 'ପୁତ୍ରିକା' କରିବ କି କନ୍ୟାଦାନ ସମୟରେ (ଜାମାତାକୁ) ପ୍ରତିଜ୍ଞାବଦ୍ଧ କରିବ ଯେ ଏ କନ୍ୟାରେ ଯେ ପୁତ୍ର ହେବ ସେ ଆମ୍ଭର ଔର୍ଦ୍ଧ୍ୱ ଦେହିକ କାର୍ଯ୍ୟରେ ଅଧିକାରୀ ହେବ ।

**ଅନେକ ତୁ ବିଧାନେନ ପୁରା ଚକ୍ରେଽଥା ପୁତ୍ରିକାଃ ।**
**ବିବୃଦ୍ଧ୍ୟର୍ଥଂ ସ୍ୱବଂଶସ୍ୟ ସ୍ୱୟଂ ଦକ୍ଷଃ ପ୍ରଜାପତି ।୧୨୮।**

ପୁରାକାଳରେ ଆପଣା ବଂଶବୃଦ୍ଧି ସକାଶେ ସ୍ୱୟଂ ଦକ୍ଷ ପ୍ରଜାପତି ଏହି ବିଧିରେ ପୁତ୍ରିକା କରିଥିଲେ ।

**ଦଦୌ ସ ଦଶ ଧର୍ମାୟ କଶ୍ୟପାୟ ତ୍ରୟୋଦଶ ।**
**ସୋମାୟ ରାଜ୍ଞେ ସତ୍କୃତ୍ୟ ପ୍ରୀତାତ୍ମା ସପ୍ତବିଂଶତିଯା ।୧୨୯।**

ସେହି ଦକ୍ଷ ପ୍ରଜାପତି ପ୍ରୀତ ମନରେ ସତ୍କାର କରି ଧର୍ମକୁ ଦଶ, କଶ୍ୟପକୁ ତେର ଏବଂ ଚନ୍ଦ୍ରକୁ ସତାଇଶ କନ୍ୟା (ପୁତ୍ରିକାଧର୍ମରେ) ଦେଇଥିଲେ ।

**ଯଥୈବାତ୍ମା ତଥା ପୁତ୍ରଃ ପୁତ୍ରେଣ ଦୁହିତା ସମା ।**
**ତସ୍ୟାମାତ୍ମନି ତିଷ୍ଠନ୍ତ୍ୟାଂ କଥମନ୍ୟୋଂ ଧନଂ ହରେତ୍ ।୧୩୦।**

ଯେପରି ଆପେ ଆପେ ସେହିପରି ପୁତ୍ର ଏବଂ ସଙ୍ଗେ କନ୍ୟା ସମାନ, ସେମାନେ ଥାଉଁ ଥାଉଁ ଆପଣାର ଧନ ଅନ୍ୟ କିଏ ନେବ ।

**ମାତୃସ୍ତୁ ଯୌତୁକଂ ଯତ୍ସ୍ୟାତ୍ କୁମାରୀଭାଗ ଏବ ସଃ ।**
**ଦୌହିତ୍ର ଏବ ଚ ହରେଦପୁତ୍ର ସ୍ୟାଖିଳଂ ଧନମ୍ ।୧୩୧।**

ପରନ୍ତୁ ମାତାର ଯେ ଯୌତୁକ ଧନ ତାହା କୁମାରୀର ଭାଗ ଅଟେ ଏବଂ ଅପୁତ୍ରିକର ସମସ୍ତ ଧନ ଦୌହିତ୍ର ପାଇବ ।

---

✲ – ୧୨୨ ଠାରୁ ୧୨୫ ଶ୍ଳୋକ ପ୍ରକ୍ଷିପ୍ତ ।

✲ ✲ – ଏହାପରେ ତିନିଖଣ୍ଡି ପୁସ୍ତକରେ ଅଛି :

ଅଭ୍ରାତୃକାଂ ପ୍ରଦାସ୍ୟାମି ତୁଭ୍ୟଂ କନ୍ୟାମଳଙ୍କୃତାମ୍ ।
ଅସ୍ୟାଂ ଯୋ ଜାୟତେ ପୁତ୍ରଃ ସମେ ପୁତ୍ରୋ ଭବେଦିତ ।

ଭ୍ରାତା ରହିତ କନ୍ୟାକୁ ଅଳଙ୍କୃତା କରି ତୁମ୍ଭଙ୍କୁ ଦେବୁଁ ଯେ, ଏହା ଗର୍ଭରୁ ଯେ ପୁତ୍ରଜାତ ହେବ ସେ ମୋର ପୁତ୍ର ହେବ ।

**ଦୌହିତ୍ରୋ ହ୍ୟଖିଳଂ ରିକ୍ଥମପୁତ୍ରସ୍ୟ ପିତୁର୍ହରେତ୍ ।**
**ସ ଏବ ଦଦ୍ୟାଦ୍ଦ୍ୱୌ ପିଣ୍ଡୌ ପିତ୍ରେ ମାତାମହାୟଚ ।୧୩୨।**

ଦୌହିତ୍ର ହିଁ ଅପୁତ୍ରିକ ପିତାର ସମସ୍ତ ଧନ ନେବ । ପିତା ଓ ସେ ମାତାମହ ଏ ଦୁହିଁଙ୍କ ପିଣ୍ଡ ଦେବ (ବୃଦ୍ଧାବସ୍ଥାରେ ସେବାର୍ଥ ଗ୍ରାସାଚ୍ଛଦନ ଦେବାହିଁ ପିଣ୍ଡଦାନ) ।

**ପୌତ୍ରଦୌହିତ୍ରୟୋର୍ଲୋକେ ନ ବିଶେଷୋଽସ୍ତି ଧର୍ମତଃ ।**
**ତୟୋର୍ହି ମାତାପିତରୌ ସମ୍ଭୂତୌ ତସ୍ୟ ଦେହତଃ ।୧୩୩।**

ଲୋକରେ ପୌତ୍ର ଓ ଦୌହିତ୍ରର ଧର୍ମରେ କିଛି ପାର୍ଥକ୍ୟ ନାହିଁ, ସେ ଦୁହିଁଙ୍କର ମାତାପିତା ତାହାରି ଦେହରୁ ଉତ୍ପନ୍ନ ହୋଇଅଛନ୍ତି ।

**ପୁତ୍ରିକାୟାଂ କୃତାୟାନ୍ତୁ ଯଦିପୁତ୍ରୋଽନୁଜାୟତେ ।**
**ସମସ୍ତତ୍ର ବିଭାଗଃ ସ୍ୟାଜ୍ଜ୍ୟେଷ୍ଠତା ନାସ୍ତି ହି ସ୍ତ୍ରୀୟାଃ ।୧୩୪।**

ଯଦି ପୁତ୍ରିକା କଲା ଉତ୍ତାରୁ (ନିଜର) ପୁତ୍ର ଜାତ ହୁଏ ତେବେ (ପୁତ୍ର ଓ ଦୌହିତ୍ର ସମାନ ବାଣ୍ଟି ନେବେ, କାରଣ ସ୍ତ୍ରୀ ଲୋକର ଜ୍ୟେଷ୍ଠତା ନାହିଁ ।

**ଅପୁତ୍ରାୟାଂ ମୃତୟାନ୍ତୁ ପୁତ୍ର କାୟାଂ କଥଞ୍ଚନ ।**
**ଧନଂ ତତ୍ପୁତ୍ରିକାଭର୍ତ୍ତା ହରେତୈବାବିଚାରୟନ୍ ।୧୩୫।**

ମାତ୍ର ଯଦି ପୁତ୍ରିକା ପୁତ୍ରରହିତା ହୋଇ ମରିଯାଏ ତେବେ ତାହାର ଧନ କୌଣସି ବିଚାର ନକରି ପୁତ୍ରିକାର ପତି ନେବ ।

**ଅକୃତା ବା କୃତା ବାପିଂ ଯଂ ବିନ୍ଦେସ୍ୱଦୃଶାତ୍ସ୍ୱଦୃଶାସ୍ସୁତମ୍ ।**
**ପୌତ୍ରୀ ମାତାମହସ୍ତେନ ଦହ୍ୟାତ୍ପିଣ୍ଡଂ ହରେଦ୍ଧନମ୍ ।୧୩୬।**

ପୁତ୍ରିକା ବିଧାନରେ ହେଉ ବା ନ ହେଉ ସମାନ ଜାତୀୟ ଜାମାତାଦ୍ୱାରା ଯେଉଁ ପୁତ୍ର ଲାଭ ହୁଏ ତଦ୍ଦ୍ୱାରା ମାତାସହ ପୌତ୍ରବାନ୍ ହୁଏ ଏବଂ ସେ ପିଣ୍ଡ ଦେଇ ଧନ ନେବ ।

**ପୁତ୍ରେଣ ଲୋକନ୍ ଜୟତି ପୌତ୍ରେଣାନନ୍ତମଶ୍ନୁତେ ।**
**ଅଥ ପୁତ୍ରସ୍ୟ ପୌତ୍ରେଣ ବ୍ରଧ୍ନସ୍ୟପ୍ନୋତି ବିଷ୍ଟପମ୍ ।୧୩୭।**

ପୁତ୍ରଦ୍ୱାରା ସର୍ବଲୋକ ଜୟ କରିଯାଏ, ପୌତ୍ରଦ୍ୱାଚା ଚିରକାଳ ସୁଖ ଲାଭ ହୁଏ ଏବଂ ପୌତ୍ରର ପୁତ୍ର (ପ୍ରପୌତ୍ର) ଦ୍ୱାରା ଆଦିତ୍ୟ ଲୋକ ମିଳେ ।

**ପୁନ୍ନାମ୍ନୋ ନରକାଦ୍ ଯସ୍ମାତ୍ତ୍ରୟତେ ପିତରଂ ସୁତଃ ।**
**ତସ୍ମାତ୍ପୁତ୍ର ଇତି ପ୍ରୋକ୍ତଃ ସ୍ୱୟମେବ ସ୍ୱୟମ୍ଭୁବା ।୧୩୮।**

ଯେହେତୁ ପୁତ୍ର ଆପଣା ପିତାକୁ ପୁନ୍ନାମ ନରକରୁ ଉଦ୍ଧାର କରେ ସେହି ହେତୁରୁ ନିଜେ ସ୍ୱୟମ୍ଭୁ ତାହାକୁ ପୁତ୍ର ବୋଲି କହିଅଛନ୍ତି ।

**ପୌତ୍ର ଦୌହିତ୍ରୟୋର୍ଲୋକେ ବିଶେଷୋ ନୋପପଦ୍ୟତେ ।**
**ଦୌହିତ୍ରୋଽପି ହ୍ୟମୁତ୍ରେନଂ ସମନ୍ତାରୟତି ପୌତ୍ରବତ୍ ।୧୩୯।**

ଲୋକରେ ପୌତ୍ର ଓ ଦୌହିତ୍ର ମଧ୍ୟରେ କିଛିମାତ୍ର ପାର୍ଥକ୍ୟ ବୁଝା ନଯାଏ, କାରଣ ଦୌହିତ୍ର ସୁଦ୍ଧା ଏହାକୁ (ମାତାମହକୁ) ପୌତ୍ରପରି ପରଲୋକରେ ପରିତ୍ରାଣ କରେ ।

**ମାତୁଃ ପ୍ରଥମତଃ ପିଣ୍ଡଂ ନିର୍ବପେଦ୍ ପୁତ୍ରିକାସୁତଃ ।**
**ଦ୍ୱିତୀୟନ୍ତୁ ପିତୁସ୍ତସ୍ୟାସ୍ତୃତୀୟଂ ତତ୍ପିତୁଃ ପିତୁଃ ।୧୪୦।**

ପୁତ୍ରିକାର ପୁତ୍ର ପ୍ରଥମେ ମାତାକୁ ପିଣ୍ଡଦେବ, ଦ୍ୱିତୀୟ ପିଣ୍ଡ ମାତାର ପିତା ଏବଂ ତୃତୀୟ ପିଣ୍ଡ ମାତାମହର ପିତାକୁ ଦେବ ।

**ଉପପନ୍ନୋ ଗୁଣୈଃ ସର୍ବୈଃ ପୁତ୍ରୋ ଯସ୍ୟ ତୁ ଦତ୍ତ୍ରିମଃ ।**
**ସ ହରେତୈବ ତଦ୍ରିକ୍ଥଂ ସଂପ୍ରାପ୍ତୋଽପ୍ୟନ୍ୟଗୋତ୍ରତଃ ।୧୪୧।**

ଯାହାର ଦତ୍ତକପୁତ୍ର (ଅଧ୍ୟୟନାଦି) ସକଳଗୁଣଯୁକ୍ତ ହେବ ସେ ଅନ୍ୟଗୋତ୍ରରୁ ଆସିଥିଲେ ସୁଦ୍ଧା ତାହାର ଧନ ନେବ ।

**ଗୋତ୍ରରିକ୍ଥେ ଜନୟିତୁର୍ନ ହରେଦ୍ଦତ୍ତ୍ରିମଃ କ୍ୱଚିତ୍ ।**
**ଗୋତ୍ରରିକ୍ଥାନୁଗଃ ପିଣ୍ଡୋ ବ୍ୟପୈତି ଦଦତଃ ସ୍ୱଧା ।୧୪୨।**

ଦତ୍ତକ ପୁତ୍ର ଆପଣା ଉତ୍ପାଦକ ପିତାର ଗୋତ୍ର ଓ ଧନ ପାଏ ନାହିଁ; କାରଣ ଗୋତ୍ର ଓ ଧନ ପିଣ୍ଡର ଅନୁଗାମୀ ହୁଏ ଏବଂ ଦତ୍ତପୁତ୍ରର ପିଣ୍ଡାଦି ଉତ୍ପାଦକ ପିତାରୁ କଟିଯାଏ ।

**ଅନିୟୁକ୍ତାସୁତଶ୍ଚୈବ ପୁତ୍ରିଣ୍ୟାପ୍ତଶ୍ଚ ଦେବରାତ୍ ।**
**ଉଭୌ ତୌ ନାର୍ହତୋ ଭାଗଂ ଜାରଜାତକକାମଜୌ ।୧୪୨।**

ନିୟୋଗବିଧି ବିନା ଜାତ ପୁତ୍ର ଓ ପୁତ୍ରସମ୍ପନ୍ନା ସ୍ତ୍ରୀ ଦେବରଦ୍ୱାରା ଜାତକରି ଥିବା ପୁତ୍ର ଏ ଦୁହେଁ ଜାରଜ ଓ କାମଜ ହେବା ହେତୁ ଭାଗ ପାଇବାର ଯୋଗ୍ୟ ନୁହନ୍ତି ।

**ନିୟୁକ୍ତୟାମପି ପୁମାନ୍ନାର୍ଯ୍ୟାଂ ଜାତୋଽବିଧାନତଃ ।**
**ନୈବାର୍ହଃ ପୈତୃକଂ ରିକ୍ଥଂ ପତିତୋତ୍ପାଦିତୋ ହି ସଃ ।୧୪୪।**

ନିୟୁକ୍ତା ସ୍ତ୍ରୀ ଠାରୁ ବିଧାନ (ଘୃତାଦି ଲଗାଇବା ଇତ୍ୟାଦି ନିୟମ) ବିନା ଉତ୍ପନ୍ନ ପୁତ୍ର ସୁଦ୍ଧା ପୈତୃକ ଧନ ପାଇବାର ଯୋଗ୍ୟ ନୁହେ, କାରଣ ସେ ପତିତ କର୍ତ୍ତୃକ ଜାତ ।

**ହରେତ୍ତତ୍ର ନିୟୁକ୍ତାୟାଂ ଜାତଃ ପୁତ୍ରୋ ଯଥୌରସଃ ।**
**କ୍ଷେତ୍ରିକସ୍ୟ ତୁ ତଦ୍ବୀଜଂ ଧର୍ମତଃ ପ୍ରସବଶ୍ଚ ସଃ ।୧୪୫।**

ନିୟୁକ୍ତାର ଜାତପୁତ୍ର ଔରସ ପୁତ୍ର ପରି ଧନ ପାଇବ କାରଣ ସେ ବୀଜ କ୍ଷେତ୍ରସ୍ୱାମୀର ଏବଂ ଧର୍ମ (ପ୍ରତିଜ୍ଞାପାଶ)ରୁ ତାହାର ଉତ୍ପନ୍ନ ।

**ଧନଂ ଯୋ ବିଭୃୟାଦ୍ଭ୍ରାତୁର୍ମୃତସ୍ୟ ସ୍ତ୍ରିୟମେବ ଚ ।**
**ସୋଽପତ୍ୟଂ ଭ୍ରାତୁରୁତ୍ପାଦ୍ୟ ଦଦ୍ୟାତ୍ତସ୍ୟୈବ ତଦ୍ଧନମ୍ ।୧୪୬।**

ଯେ ମୃତଭ୍ରାତାର ସ୍ତ୍ରୀ ଧନ ଧାରଣ କରିବ ସେ (ନିୟୋଗ ବିଧିରେ) ଭାଇର ସନ୍ତାନ ଉତ୍ପାଦନ କରି ସେ ଧନ ତାହାକୁ ଦେବ ।

**ଯାନିୟୁକ୍ତାନ୍ୟତଃ ପୁତ୍ରଂ ଦେବରାଦ୍ୱାପ୍ୟବାପ୍ନୁୟାତ୍ ।**
**ତଂ କାମଜମରିକ୍ଥୀୟଂ ବୃଥୋତ୍ପନ୍ନଂ ପ୍ରଚକ୍ଷତେ ।୧୪୭।**

ଯେ ସ୍ତ୍ରୀ ନିୟୋଗବିନା ଦେବର ବା ଅନ୍ୟଦ୍ୱାରା ପୁତ୍ର ଉତ୍ପାଦନ କରାଏ ସେ କାମଜ ଓ ବୃଥାଜାତ ହେତୁ ଧନାଧିକାରୀ ନ ହେବା ବୋଲାଏ ।

**ଏତଦ୍ବିଧାନଂ ବିଜ୍ଞେୟଂ ବିଭାଗସ୍ୟୈକଯୋନିଷୁ ।**
**ବହ୍ୱୀଷୁ ଚୈକଜାତାନାଂ ନାନାସ୍ତ୍ରୀଷୁ ନିବୋଧତ ।୧୪୮।**

ସମାନଜାତୀୟା ଭାର୍ଯ୍ୟାରୁ ଏକପତିଦ୍ୱାରା ଉତ୍ପନ୍ନ ପୁତ୍ରମାନଙ୍କ ମଧ୍ୟରେ ଏହି ବିଧିରେ ଧନ ବିଭାଗ ହେବ, ଏବେ ନାନାଜାତିର ବହୁସ୍ତ୍ରୀରେ ଏକପତିଦ୍ୱାରା ଉତ୍ପନ୍ନ ପୁତ୍ରମାନଙ୍କର ବିଭାଗ ବିଧି ଶୁଣ ।

**ବ୍ରାହ୍ମଣସ୍ୟାନୁପୂର୍ବେଣ ଚତସ୍ରସ୍ତୁ ଯଦି ସ୍ତ୍ରିୟଃ ।**
**ତାସାଂ ପୁତ୍ରେଷୁ ଜାତେଷୁ ବିଭାଗେଽୟଂ ବିଧିଃ ସ୍ମୃତଃ ।୧୪୯।**

ବ୍ରାହ୍ମଣର ବ୍ରାହ୍ମଣୀଆଦି କ୍ରମରେ ଯଦି ଚାରିଭାର୍ଯ୍ୟା ହୁଏ ତେବେ ସେମାନଙ୍କଠାରୁ ଜାତ ପୁତ୍ରମାନଙ୍କ ମଧ୍ୟରେ ଧନ ବିଭାଗ ଏହି ବିଧିରେ ହେବ କି-

**କୀନାଶୋ ଗୋବୃଷୋ ଯାନମଲଙ୍କାରଶ୍ଚ ବେଶ୍ମ ଚ ।**
**ବିପ୍ରସ୍ୟୌଦ୍ଧାରିକଂ ଦେୟମେକାଂଶଶ୍ଚ ପ୍ରଧାନତଃ ।୧୫୦।**

ବ୍ରାହ୍ମଣୀ ଗର୍ଭଜାତ ପୁତ୍ର କର୍ଷଣୋପଯୋଗୀ ବଳଦ, ଯାନ, ଅଳଙ୍କାର, ଘର ଏବଂ ଅନ୍ୟରୁ ଏକ ପ୍ରଧାନ ଅଂଶ ଉଦ୍ଧାର ସ୍ୱରୂପ ପାଇବ ।

**ତ୍ର୍ୟଂଶଂ ଦାୟାଦ୍ଧରେଦ୍‌ବିପ୍ରୋ ଦ୍ୱାବଂଶୌ କ୍ଷତ୍ରିୟାସୁତଃ ।**
**ବୈଶ୍ୟାଜଃ ସାର୍ଦ୍ଧମେବାଂଶମଂଶଂ ଶୂଦ୍ରାସୁତୋ ହରେତ୍ ।୧୫୧।**

ଅବଶିଷ୍ଟ ପିତାର ଧନରୁ ବ୍ରାହ୍ମଣୀପୁତ୍ର ତିନି ଅଂଶ, କ୍ଷତ୍ରିୟ ସୁତ ଦୁଇଅଂଶ, ବୈଶ୍ୟାପୁତ୍ର ଦେଢ଼ ଅଂଶ ଏବଂ ଶୂଦ୍ରାସୁତ ଏକ ଅଂଶ ନେବ ।

**ସର୍ବଂ ବା ରିକ୍ଥଜାତଂ ତଦ୍ଦଶଧା ପରିକଳ୍ପ୍ୟ ଚ ।**
**ଧର୍ମ୍ୟଂ ବିଭାଗଂ କୁର୍ବୀତ ବିଧିନାନେନ ଧର୍ମବିତ୍ ।୧୫୨।**

ଅଥବା (ଉଦ୍ଧାର କାଢ଼ି ନ ଦେଇ) ସମୁଦାୟ ଧନକୁ ଦଶଭାଗ କରି ଧର୍ମଜ୍ଞ-ଲୋକ ଏହି ବିଧିରେ ଧର୍ମଯୁକ୍ତ ବିଭାଗ କରିବ କି-

**ଚତୁରୋଽଂଶାନ୍ ହରେଦବିପ୍ରସ୍ତ୍ରୀନଂଶାନ୍ କ୍ଷତ୍ରିୟାସୁତଃ ।**
**ବୈଶ୍ୟାପୁତ୍ରୋ ହରେଦ୍‌ଦ୍ୱ୍ୟଂଶମଂଶଂ ଶୂଦ୍ରାସୁତୋ ହରେତ୍ ।୧୫୩।**

(ଦଶଭାଗରୁ) ଚାରିଭାଗ ବ୍ରାହ୍ମଣୀ ପୁତ୍ର, ତିନିଭାଗ କ୍ଷତ୍ରିୟାପୁତ୍ର, ଦୁଇଭାଗ ବୈଶ୍ୟାପୁତ୍ର ଏବଂ ଭାଗେ ଶୂଦ୍ରାସୁତ ନେବ ।

**ଯଦ୍ୟପି ସ୍ୟାତ୍ତୁ ସତ୍ପୁତ୍ରୋଽପ୍ୟସତ୍ପୁତ୍ରୋଽପି ବା ଭବେତ୍ ।**
**ନାଧିକଂ ଦଶମାଦ୍ଦଦ୍ୟାଚ୍ଛୂଦ୍ରାପୁତ୍ରାୟ ଧର୍ମତଃ ।୧୫୪।**

ଯଦ୍ୟପି ସତ୍‌ପୁତ୍ର ହେଉ ଅଥବା ଅସତ୍‌ପୁତ୍ର ହେଉ ଶୂଦ୍ରାପୁତ୍ର ଧର୍ମତଃ ଦଶଭାଗରୁ ଅଧିକ ପାଇବ ନାହିଁ ।

**ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାପୁତ୍ରୋ ନ ରିକ୍ଥଭାକ୍ ।**
**ଯଦେବାସ୍ୟ ପିତା ଦଦ୍ୟାତ୍ତଦେବାସ୍ୟ ଧନଂ ଭବେତ୍ ।୧୫୫।**

ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନଙ୍କ (ଅବିବାହିତା) ଶୂଦ୍ରାରେ ଉତ୍ପନ୍ନ ପୁତ୍ର ଧନଭାଗ ପାଏ ନାହିଁ । ଏହାର ପିତା ଯାହାକିଛି ଦେଇଥିବ ତାହାହିଁ ତାହାର ଧନ ।

**ସମବର୍ଣ୍ଣାସୁ ଯେ ଜାତାଃ ସର୍ବେ ପୁତ୍ରା ଦ୍ୱିଜନ୍ମନାମ୍ ।**
**ଉଦ୍ଧାରଂ ଜ୍ୟାୟସେ ଦତ୍ତ୍ୱା ଭଜେରନ୍ନିତରେ ସମମ୍ ।୧୫୬।**

ସମାନ ଜାତୀୟ ଭାର୍ଯ୍ୟାରୁ ଦ୍ୱିଜାତିମାନଙ୍କର ଉତ୍ପନ୍ନ ସମସ୍ତ ପୁତ୍ରମାନେ ଜ୍ୟେଷ୍ଠକୁ ଉଦ୍ଧାର ଦେଇ ଅବଶିଷ୍ଟ ସମାନଭାଗରେ ବାଣ୍ଟିନେବେ ।

**ଶୂଦ୍ରସ୍ୟ ହି ସବର୍ଣ୍ଣୈବ ନାନ୍ୟା ଭାର୍ଯ୍ୟା ବିଧୀୟତେ ।**
**ତସ୍ୟା ଜାତାଃ ସମାଂଶାଃ ସ୍ୟୁର୍ଯଦି ପୁତ୍ର ଶତଂ ଭବେତ୍ ।୧୫୭।**

ମାତ୍ର ଶୂଦ୍ରର ସବର୍ଣ୍ଣ (ଶୂଦ୍ର) ଭାର୍ଯ୍ୟାବିଧି, ଅନ୍ୟ ଭାର୍ଯ୍ୟା ବିଧିନୁହେଁ, ସେହି ଭାର୍ଯ୍ୟାରୁ ଶହେ ପୁତ୍ର ହେଲେ ସୁଦ୍ଧା ସମାନ ଭାଗରେ ବାଣ୍ଟିନେବେ ।

**ପୁତ୍ରାନ୍ ଦ୍ୱାଦଶ ଯାନାହ ନୃଣାଂ ସ୍ୱାୟମ୍ଭୁବୋ ମନୁଃ ।**
**ତେଷାଂ ଷଡ଼ବନ୍ଧୁ ଦାୟଦାଃ ଷଡ଼ଦାୟାଦଃବାନ୍ଧବାଃ ।୧୫୮।***

ସ୍ୱାୟମ୍ଭୁବ ମନୁ ଯେ ମନୁଷ୍ୟମାନଙ୍କର ଦ୍ୱାଦଶ ପୁତ୍ର ବୋଲି କହିଅଛନ୍ତି ସେମାନଙ୍କ ମଧ୍ୟରୁ ଛ'ଗୋଟି ଦାୟ ବା ଧନ ଗ୍ରହଣକାରୀ ବାନ୍ଧବ ଏବଂ ଛଗୋଟି ଅଦାୟାଦ ବାନ୍ଧବ ଅଟନ୍ତି ।

**ଔରସଃ କ୍ଷେତ୍ରଜଶ୍ଚୈବ ଦତ୍ତଃ କୃତ୍ରିମ ଏବ ଚ ।**
**ଗୁଢ଼ୋତ୍ପନ୍ନୋଽପବିଦ୍ଧଶ୍ଚ ଦାୟାଦା ବାନ୍ଧବାଶ୍ଚ ଷଟ୍ ।୧୫୯।**

ଔରସ, କ୍ଷେତ୍ରଜ, ଦତ୍ତକ, କୃତ୍ରିମ, ଗୁଢ଼ୋତ୍ପନ୍ନ ଓ ଅପବିଦ୍ଧ ଏରୂପ ଛ'ଦାୟାଦ ବାନ୍ଧବ ।

**କାନୀନଶ୍ଚ ସହୋଢ଼ଶ୍ଚ କ୍ରୀତଃ ପୌନର୍ଭବସ୍ତଥା ।**
**ସ୍ୱୟଂଦତ୍ତଶ୍ଚ ଶୌଦ୍ରଶ୍ଚ ଷଡ଼ଦାୟାଦବାନ୍ଧବାଃ ।୧୬୦।**

କାନୀନ, ସହୋଢ଼, କ୍ରୀତ ପୌନର୍ଭବ ସ୍ୱୟଂଦତ୍ତ ଓ ଶୌଦ୍ର ଏହି ଅଛ ଅଦାୟାଦ ବାନ୍ଧବ ଅଟନ୍ତି ।

**ଯାଦୃଶଂ ଫଳମାପ୍ନୋତି କୁପ୍ଳବୈଂ ସନ୍ତରନ୍ ଜଳମ୍ ।**
**ତାଦୃଶଂ ଫଳମାପ୍ନୋତି କୁପୁତ୍ରୈଃ ସନ୍ତରଂସମଃ ।୧୬୧।**

ମନ୍ଦ (ଭଙ୍ଗାତୁଟା) ନାବଦ୍ୱାରା ଜଳ ପାରି ହେବାକୁ ଯାଇ ଯେଉଁପରି ଫଳ ମିଳେ କୁପୁତ୍ରମାନଙ୍କ ଦ୍ୱାରା ପାରି ହେବାକୁ ଚେଷ୍ଟା କଲେ ସେହିଫଳ ଲାଭହୁଏ ।

**ଯଦ୍ୟେକରିକ୍ ଥିନୌସ୍ୟାତାମୌରସକ୍ଷେତ୍ରଜୌ ସୁତୌ ।**
**ଯସ୍ୟ ଯତ୍ପୈତୃକଂ ରିକ୍ଥଂ ସ ତଦ୍‌ଗୃହ୍ଣୀତ ନେତରଃ ।୧୬୨।**

ଅପୁତ୍ରିକ ଜଣକର ଯଦି କ୍ଷେତ୍ରଜ ପୁତ୍ରହୋଇ ପରେ ଔରସଜାତ ପୁତ୍ର ହୁଏ ତାହାହେଲେ ସେହି ପୁତ୍ର ଦ୍ୱୟ ଆପଣାର ଜନ୍ମଦାତା ପିତାର ଧନ ଗ୍ରହଣ କରିବେ- ଅପରର ନେବେ ନାହିଁ ।

**ଏକ ଏବୌରସଃ ପୁତ୍ରଃ ପିତ୍ରସ୍ୟ ବସୁନଃ ପ୍ରଭୁଃ ।**
**ଶେଷାଣାମାନୃଂଶସ୍ୟାର୍ଥଂ ପ୍ରଦଦ୍ୟାତ୍ତପ୍ରଜୀବନମ୍ ।୧୬୩।**

ଏକ ଔରସ ପୁତ୍ର ହିଁ ପୈତୃକ ଧନର ଅଧିକାରୀ ଅଟେ; ଅବଶିଷ୍ଟ ପୁତ୍ରମାନଙ୍କୁ ଦୟାକରି ସେ ଗ୍ରାସାଚ୍ଛାଦନ ଦେବ ।

**ଷଷ୍ଠନ୍ତୁ କ୍ଷେତ୍ରଜସ୍ୟାଂଶଂ ପ୍ରଦଦ୍ୟାତ୍ପୈତୃକାଦ୍ଧନାତ୍ ।**
**ଔରସୋ ବିଭଜନ୍ ଦାୟଂ ପିତ୍ର୍ୟ ପଞ୍ଚମମେବ ବା ।୧୬୪।**

ଔରସପୁତ୍ର ଦାୟ ବାଣ୍ଟ କଲାବେଳେ ପୈତୃକ ଧନରୁ କ୍ଷେତ୍ରଜ ପୁତ୍ରକୁ ଷଷ୍ଠ ବା ପଞ୍ଚମ ଭାଗ ଦେବ ।

**ଔରସକ୍ଷେତ୍ରଜୌ ପିତୃରିକ୍ଥସ୍ୟ ଭାଗିନୌ ।**
**ଦଶାପରେ ତୁ କ୍ରମଶୋ ଗୋତ୍ରରୁକ୍ ଥାଂଶଭାଗିନଃ ।୧୬୫।**

ଔରସ ଓ କ୍ଷେତ୍ରଜ ପୁତ୍ରଉଭୟେ ପିତାର୍ଜିତ ଧନର ଭାଗୀ, ଅପର (ଦତ୍ତକାଦି) ଦଶପୁତ୍ର ପୂର୍ବ, ଅଭାବରେ ପିତାମହାଦି ଗୋତ୍ରାର୍ଜିତ ଧନର ଅଧିକାରୀ ।

---

* – ୧୪୮ ଠାରୁ ୧୫୮ ଶ୍ଳୋକ ପ୍ରକ୍ଷିପ୍ତ ।

**ସ୍ୱକ୍ଷେତ୍ରେ ସଂସ୍କୃତାୟାନ୍ତୁ ସ୍ୱୟମୁତ୍ପାଦୟେଦ୍ଧିଯମ୍ ।**
**ତମୌରସଂ ବିଜାନୀୟାତ୍ ପୁତ୍ରଂ ପ୍ରଥମକଳ୍ପିତମ୍ ।୧୬୬। ❊**

ବିବାହ ସଂସ୍କାରଦ୍ୱାରା ସଂସ୍କୃତା ସବର୍ଣ୍ଣା ପତ୍ନୀଗର୍ଭରୁ ଆପେ ଯେଉଁ ପୁତ୍ର ଉତ୍ପାଦନ ହୁଏ ସେହି ପୁତ୍ରକୁ ପ୍ରଥମ ଔରସପୁତ୍ର ବୋଲି ଜାଣିବ ।

**ଯସ୍ତଳ୍ପଜଃ ପ୍ରମୀତସ୍ୟ କ୍ଳୀବସ୍ୟ ବ୍ୟାଧିତସ୍ୟ ବା ।**
**ସ୍ୱଧର୍ମେଣ ନିଯୁକ୍ତାୟାଂ ସ ପୁତ୍ର କ୍ଷେତ୍ରଜଃ ସ୍ମୃତଃ ।୧୬୭।**

ମୃତ ନପୁଂସକ ବା ପ୍ରସବବିରୋଧୀ ବ୍ୟାଧିଗ୍ରସ୍ତ ବ୍ୟକ୍ତିର ସ୍ତ୍ରୀ ଗର୍ଭରୁନିୟୋଗ ବିଧିଦ୍ୱାରା ଉତ୍ପାଦିତ ପୁତ୍ରକୁ କ୍ଷେତ୍ରଜ ବୋଲି ଜାଣିବ ।

**ମାତା ପିତା ବା ଦଦ୍ୟାତାଂ ଯମଦ୍ଭିଃ ପୁତ୍ରମାପଦି ।**
**ସଦୃଶଂ ପ୍ରୀତିସଂଯୁକ୍ତଂ ସ ଜ୍ଞେୟୋ ଦତ୍ତ୍ରିମଃ ସୁତଃ ।୧୬୮।**

ମାତା ପିତା ଆପଦକାଳରେ ପ୍ରୀତିପୂର୍ବକ ସମାନ ଜାତି ବିଶିଷ୍ଟ ଯେଉଁପୁତ୍ରକୁ ସଂକଳ୍ପ କରିଦିଏ ତାହାକୁ ଦତ୍ତ୍ରିମ (ଦତ୍ତକ) ପୁତ୍ର ବୋଲାଯାଏ ।

**ସଦୃଶଂ ତୁ ପ୍ରକୁର୍ଯ୍ୟାଦ୍ ସଂ ଗୁଣଦୋଷବିଚକ୍ଷଣମ୍ ।**
**ପୁତ୍ରଂ ପୁତ୍ର ଗୁଣୈର୍ଯୁକ୍ତଂ ସ ବିଜ୍ଞେୟଶ୍ଚ କୃତ୍ରିମଃ ।୧୬୯।**

ସଜାତିୟ ଗୁଣଦୋଷବିଚାରକ୍ଷମ ଏବଂ ପୁତ୍ର ଗୁଣଯୁକ୍ତ ଯାହାକୁ ପୁଅ କରାଯାଏ ତାହାକୁ କୃତ୍ରିମ ପୁଅ ବୋଲି ଜାଣ ।

**ଉତ୍ପାଦ୍ୟତେ ଗୃହେ ଯସ୍ୟ ନ ଚ ଜ୍ଞାୟେତ କସ୍ୟ ସଃ ।**
**ସ ଗୃହେ ଗୂଢ଼ ଉତ୍ପନ୍ନସ୍ତସ୍ୟ ସ୍ୟାଦ୍ ଯସ୍ୟ ତଳ୍ପଜଃ ।୧୭୦।**

ଯାହାର ଘରେ ଯାହାର ଭାର୍ଯ୍ୟାଠାରୁ ପୁତ୍ର ଜାତ ହେଲା ଅଥଚ ସେ କାହାର ଔରସରୁ ଜାତ ଜଣା ନ ଯାଏ ତେବେ ଯାହାର ଭାର୍ଯ୍ୟାଗର୍ଭରୁ ଜାତ ହେଲା ତାହାର ସେ ଗୁଢ଼ୋତ୍ପନ୍ନ ପୁତ୍ର ହେବ ।

**ମାତାପିତୃଭ୍ୟାମୁତ୍ସୃଷ୍ଟଂ ତୟୋରନ୍ୟ ତରେଣ ବା ।**
**ଯଂ ପୁତ୍ରପରିଗୃହ୍ଣୀୟାଦପବିଦ୍ଧଃ ସ ଉଚ୍ୟତେ ।୧୭୧।**

ମାତା ପିତା ଉଭୟ ଅଥବା ତାଙ୍କ ମଧ୍ୟରୁ ଜଣକ କର୍ତ୍ତୃକ ପରିତ୍ୟକ୍ତ ପୁତ୍ରକୁ ଯେ ଗ୍ରହଣ କରେ ତାହାର ସେ ଅପବିଦ୍ଧ ପୁତ୍ର ବୋଲାଯାଏ ।

**ପିତୃବେଶ୍ମନି କନ୍ୟା ତୁ ଯଂ ପୁତ୍ରଂ ଜନୟେଦ୍ରହଃ ।**
**ତଂ କାନୀନଂ ବଦେନ୍ନାମ୍ନା ବୋଢ଼ୁଃ କନ୍ୟାସମୁଦ୍ଭବମ୍ ।୧୭୨।**

ପରନ୍ତୁ ପିତା ଗୃହରେ କନ୍ୟା ଯେଉଁ ପୁତ୍ର ଗୋପନରେ ଜାତକରେ କନ୍ୟା ସମୁଦ୍ଭବ ସେହି ପୁତ୍ରକୁ କନ୍ୟାବିବାହକାରୀର କାନୀନ ପୁତ୍ର ବୋଲାଯାଏ ।

**ଯା ଗର୍ଭିଣି ସଂସ୍କ୍ରିୟତେ ଜ୍ଞାତ ଜ୍ଞାତାପ ବା ସତୀ ।**
**ବୋଢ଼ୁଃ ସ ଗର୍ଭୋ ଭବତି ସହୋଢ଼ ଇତି ଚୋଚ୍ୟତେ ।୧୭୩।**

ଜାଣି ବା ନ ଜାଣି କରି ଯେଉଁ ଗର୍ଭିଣୀ ସ୍ତ୍ରୀକୁ ବିବାହ କରାଯାଏ ସେ ଗର୍ଭ ବିବାହକାରୀର ହୁଏ ଏବଂ ସେ ପୁତ୍ରକୁ ସହୋଢ଼ ବୋଲିବ ।

**କ୍ରୀଣୀୟାଦ୍ ଯସ୍ତ୍ୱପତ୍ୟାର୍ଥାଂ ମାତାପିତ୍ରୋର୍ଯମନ୍ତିକାତ୍ ।**
**ସ କ୍ରୀତକଃ ସୁତସ୍ତସ୍ୟ ଦୁଶୋଽପି ବା ।୧୭୪।**

---

❊ – କୌଣସି କୌଣସି ପାଠରେ ସ୍ୱେ କ୍ଷେତେ ଅଛି ।

ପୁତ୍ର କରିବା ସକାଶେ ଯେ ମାତା ପିତା ନିକଟରୁ ମୂଲ୍ୟ ଦେଇ ପୁତ୍ର କିଣେ ସେ କିଣା ପୁଅ ସବର୍ଣ୍ଣ ହେଉ ବା ଅସବର୍ଣ୍ଣ ହେଉ ତାହାର କ୍ରୀତକ ପୁତ୍ର ।

**ଯା ପତ୍ୟା ବା ପରିତ୍ୟକ୍ତା ବିଧବା ବା ସ୍ୱୟେଚ୍ଛୟା ।**
**ଉତ୍ପାଦୟେତ୍ ପୁନର୍ଭୂତ୍ୱା ସ ପୌନର୍ଭବ ଉଚ୍ୟତେ ।୧୭୫।**

ଯେ ସ୍ତ୍ରୀ ପତିକୁ ପରିତ୍ୟାଗ କରି ଅଥବା ବିଧବା ହୋଇ ଆପଣା ଇଚ୍ଛାରେ ଅପରର ଭାର୍ଯ୍ୟା ହୋଇ ପୁତ୍ର ଉତ୍ପାଦନ କରେ ସେ ପୁତ୍ର ପୌନର୍ଭବ ବୋଲାଏ ।

**ସା ଚେଦକ୍ଷତଯୋନିଃ ସ୍ୟାଦ୍‌ଗତପ୍ରତ୍ୟାଗତାପି ବା ।**
**ପୌନର୍ଭବେଣ ଭର୍ତ୍ରା ସା ପୁନଃ ସଂସ୍କାରମର୍ହତି ।୧୭୬।**

ସେହି ସ୍ତ୍ରୀ ଯଦି ଅକ୍ଷତଯୋନି ଥାଇ ପରପୁରୁଷଗତ ଅଥବା ପୂର୍ବ ପତି ନିକଟକୁ ପୁନରାଗତ ହୁଏ ତେବେ ପୌନର୍ଭବ ଭର୍ତ୍ତା ତାହାକୁ ପୁଣି ବିବାହ ସଂସ୍କାର କରିନେବ ।

**ମାତାପିତୃବିହୀନୋ ଯସ୍ତ୍ୟକ୍ତୋ ବା ସ୍ୟାଦକାରଣାତ୍ ।**
**ଆତ୍ମାନଂ ସ୍ପର୍ଶୟେଦ୍‌ଯସ୍ମୈ ସ୍ୱୟଂଦତ୍ତସ୍ତୁ ସ ସ୍ମୃତଃ ।୧୭୭।**

ଯେ ମାତାପିତାବିହୀନ ବା ଅକାରଣ ପରିତ୍ୟକ୍ତ ହୋଇ ଆପଣାକୁ ଯାହାକୁ ଦେଇଦେବ ତାହାର ସେ ସ୍ୱୟଂଦତ୍ତ ପୁତ୍ର ବୋଲାଯାଏ ।

**ଯଂ ବ୍ରାହ୍ମଣସ୍ତୁ ଶୂଦ୍ରାୟାଂ କାମାଦୁତ୍ପାଦୟେତ୍ସୁତଂ ।**
**ସ ପାରୟନ୍ନେବ ଶବସ୍ତସ୍ମାତ୍ ପାରଶବଃ ସ୍ମୃତଃ ।୧୭୮।**

କାମବଶ ହୋଇ ବ୍ରାହ୍ମଣ ଶୂଦ୍ରାଗର୍ଭରୁ ଯେଉଁ ପୁତ୍ର ଉତ୍ପାଦନ କରେ (ଶୁଶ୍ରୂଷାଦିରେ) ପାର କଲେ ମଧ୍ୟ ଶବପରି ଅଟେ, ସେହି ହେତୁରୁ ତାହାକୁ ପାରଶବ (ଶୌଦ୍ର) ପୁତ୍ର ବୋଲାଯାଏ ।

**ଦାସ୍ୟାଂ ବା ଦାସଦାସ୍ୟାଂ ବା ଯଃ ଶୂଦ୍ରସ୍ୟ ସୁତୋ ଭବେତ୍ ।**
**ସୋଽନୁଜ୍ଞାତୋ ହରେଦଂଶମିତି ଧର୍ମୋ ବ୍ୟବସ୍ଥିତଃ ।୧୭୯।**

ପରନ୍ତୁ ଦାସୀ ଗର୍ଭରୁ ବା ଦାସପତ୍ନୀ ଗର୍ଭରୁ ଶୂଦ୍ରରୁ ଯେଉଁ ପୁତ୍ର ହେବ ସେ ପିତାର ଅନୁଜ୍ଞା ଘେନି ଭାଗନେବ ଏହା ଧର୍ମ ବ୍ୟବସ୍ଥା ।

**କ୍ଷେତ୍ରଜାଦୀନ୍ ସୁତାନେତାନେକାଦଶ ଯଥୋଦିତାନ୍ ।**
**ପୁତ୍ରପ୍ରତିନିଧୀନାହୁଃ କ୍ରିୟାଲୋପାନ୍ମନୀଷିଣଃ ।୧୮୦।**

କ୍ଷେତ୍ରଜ ଆଦି ଏକାଦଶ ପୁତ୍ର ଯେରୂପ ବୋଲାଗଲା ସେମାନଙ୍କୁ କ୍ରିୟାଲୋପ ନ ହେବାର କାରଣ ଋଷିମାନେ ପୁତ୍ରର ପ୍ରତିନିଧି ବୋଲି କହିଅଛନ୍ତି ।

**ଯ ଏତେଽଭିହିତାଃ ପୁତ୍ରାଃ ପ୍ରସଙ୍ଗାଦନ୍ୟବୀଜଜାଃ ।**
**ଯସ୍ୟ ତେ ବୀଜତୋ ଜାତାସ୍ତସ୍ୟ ତେ ନେତରସ୍ୟ ତୁ ।୧୮୧।**

ପ୍ରସଙ୍ଗକ୍ରମେ ପରବୀଜଜାତ ଯେ ସବୁ ପୁତ୍ରମାନଙ୍କ କଥା ବୋଲାଗଲା ସେମାନେ ଯାହାର ବୀଜରୁ ଜାତ ବସ୍ତୁତଃ ତାହାରି ପୁତ୍ର ଅନ୍ୟର ନୁହନ୍ତି (ସୁତରାଂ ଔରସ ପୁତ୍ର ଥାଉଁ ଅନ୍ୟ ପୁତ୍ର ଗ୍ରହଣ କରିବ ନାହିଁ ।)

**ଭ୍ରାତୃଣାମେକଜାତାନାମେକଶ୍ଚେତ୍ ପୁତ୍ରବାନ୍ ଭବେତ୍ ।**
**ସର୍ବାଂସ୍ତାନ ପୁତ୍ରିଣ ପୁତ୍ରେଣୋ ମନୁରବ୍ରବୀତ୍ ।୧୮୨।**

---

*— ଏ ଶ୍ଳୋକ ପ୍ରକ୍ଷିପ୍ତ ।

ସହୋଦର ଭାଇମାନଙ୍କ ମଧ୍ୟରେ ଯଦି ଜଣେ ପୁତ୍ରବାନ୍ ହୁଏ ତେବେ ସେହି ପୁତ୍ରଦ୍ୱାରା ସମସ୍ତ ଭାଇମାନେ ପୁତ୍ରବାନ୍ ହେବା ମନୁ କହିଅଛନ୍ତି (ଅର୍ଥାତ୍ ଅନ୍ୟ ଭାଇମାନେ ନିୟୋଗାଦି କରିବେ ନାହିଁ)

**ସର୍ବାସାମେକପତ୍ନୀନାମେକା ଚେତ୍ ପୁତ୍ରିଣୀ ଭବେତ୍ ।**
**ସର୍ବାସ୍ତାନ୍ତେନ ପୁତ୍ରେଣ ପ୍ରାହ ପୁତ୍ରବତୀର୍ମନୁଃ ।୧୮୩।**

ଏକ ପୁରୁଷର ସକଳ ସ୍ତ୍ରୀମାନଙ୍କ ମଧ୍ୟରୁ ଏକ ସ୍ତ୍ରୀ ପୁତ୍ରବତୀ ହେଲେ ସକଳ ସ୍ତ୍ରୀମାନେ ସେହି ପୁତ୍ରଦ୍ୱାରା ପୁତ୍ରବତୀ ହେବା ମନୁ କହିଅଛନ୍ତି ।

**ଶ୍ରେୟସଃ ଶ୍ରେୟସୋଽଭାବେ ପାପୀୟାନ୍ ରିକ୍ଥମର୍ହତି ।**
**ବହବଷ୍ଚେତ୍ତୁ ସଦୃଶାଃ ସର୍ବେ ରିକ୍ଥସ୍ୟ ଭାଗିନଃ ।୧୮୪।**

ଔରସାଦି ପୁତ୍ରମାନଙ୍କ ମଧ୍ୟରେ ପୂର୍ବ ପୂର୍ବ ଶ୍ରେଷ୍ଠର ଅଭାବରୁ ପରପରନିକୃଷ୍ଟ ପୁତ୍ରମାନେ ଧନଭାଗୀ ହୁଅନ୍ତି, ସମାନ ଶ୍ରେଣୀର ବହୁପୁତ୍ର ଥିଲେ ସମସ୍ତେ ଧନଭାଗୀ ହେବେ ।

**ନ ଭ୍ରାତରୋ ନ ପିତରଃ ପୁତ୍ରା ରିକ୍ଥହରାଃ ପିତୁଃ ।**
**ପିତା ହରେଦପୁତ୍ରସ୍ୟ ରିକ୍ଥଂ ଭ୍ରାତର ଏବ ଚ ।୧୮୫।**

ସୋଦର ଭ୍ରାତାମାନେ ବା ପିତାମାନେ (ପିତୃପିତୃମହ) କେହି ଧନଭାଗୀ ହୁଅନ୍ତି ନାହିଁ ମାତ୍ର ପୁତ୍ରହିଁ ପିତାର ଧନ ନିଏ; ମାତ୍ର ଅପୁତ୍ରର ପିତା ଓ ତଦଭାବେ ଭ୍ରାତାମାନେ ଧନ ନିଅନ୍ତି ।

**ତ୍ରୟାଣାମୁଦକଂ କାର୍ଯ୍ୟ ତ୍ରିଷୁ ପିଣ୍ଡଃ ପ୍ରବର୍ତ୍ତତେ ।**
**ଚତୁର୍ଥଃ ସମ୍ପ୍ରଦାତୈଷାଂ ପଞ୍ଚମୋ ନୋପପଦ୍ୟତେ ।୧୮୬।**

ପିତା, ପିତାମହ ଓ ପ୍ରପିତାମହ ଏହି ତିନିଙ୍କୁ ଜଳ ଓ ପିଣ୍ଡ ଦିଆଯାଏ ଏବଂ ଚତୁର୍ଥ (ପ୍ରପିତାମହଠାରୁ ଗଣି ଆସିଲେ ଚତୁର୍ଥ ହେବ ପୁତ୍ର) ଏମାନଙ୍କର (ଜଳ ଓ ପିଣ୍ଡର) ସମ୍ପ୍ରଦାୟ କର୍ତ୍ତା ଅର୍ଥାତ୍ ପୁତ୍ର ଉପରେ ତିନି ପୁରୁଷର ଜଳ ଓ ଭୋଜନ ଦ୍ୱାରା ସେବା କରିପାରେ ପଞ୍ଚମ (ପୁତ୍ରର ପୁତ୍ର)ର ସେଥି ସଙ୍ଗେ ସମ୍ବନ୍ଧ ପହୁଞ୍ଚେ ନାହିଁ (କଦାଚିତ୍ ଦେଖା ନଯାଏ)

**ଅନନ୍ତରଃ ସପିଣ୍ଡାଦ୍ ଯସ୍ତସ୍ୟ ତସ୍ୟ ଧନଂ ଭବେତ୍ ।**
**ଅତ ଊର୍ଦ୍ଧ୍ୱଂ ସକୁଲ୍ୟାଃ ସ୍ୟାଦାଚାର୍ଯ୍ୟଃ ଶିଷ୍ୟ ଏବ ବା ।୧୮୭।**

ସପିଣ୍ଡମାନଙ୍କର ମଧ୍ୟରେ ଯେ ଯେ ଅଧିକ ନିକଟବର୍ତ୍ତୀ ଧନ ତାହାର ହେବ, ତହିଁ ଉତ୍ତାରୁ (ତଦଭାବେ) ସକୁଲ୍ୟ ଅଥବା ଆଚାର୍ଯ୍ୟ ବା ଶିଷ୍ୟ ଧନାଧିକାରୀ ହେବ ।

**ସର୍ବେଷୁ ମପ୍ୟଭାବେ ତୁ ବ୍ରାହ୍ମଣାରିକ୍ଥଭାଗିନଃ ।**
**ତ୍ରୈବିଦ୍ୟାଃ ଶୁଚୟୋ ଦାନ୍ତାସ୍ତଥା ଧର୍ମୋ ନ ହୀୟତେ ।୧୮୮।**

---

* — ଏ ଶ୍ଳୋକ ପ୍ରକ୍ଷିପ୍ତ ।

* — ଏଥିପରେ ଏକ ପୁସ୍ତକରେ ମିଳେ —

ଅପୁତ୍ରାସ୍ତୁ ପିତୁଃ ପତ୍ନ୍ୟଃ ସମାନାଂଶାଃ ପ୍ରକୀର୍ତ୍ତିତଃ ।
ପିତାମହ୍ୟଶ୍ଚ ତାଃ ସର୍ବା ମାତୃକଳ୍ପାଃ ପ୍ରକୀର୍ତ୍ତିତାଃ ।

ପିତାର ଅନ୍ୟ ଅପୁତ୍ରି ପତ୍ନୀମାନେ ସମାନାଂଶ ଭାଗିନୀ ହେବେ ଓ ପିତାମହୀ ସୁଦ୍ଧା ସମସ୍ତ ମାତାଙ୍କ ସମାନ ବୋଲାଯାଏ ।

ଏ ସମସ୍ତଙ୍କର ଅଭାବ ହେଲେ ବ୍ରାହ୍ମଣମାନେ ଧନଭାଗୀ ହେବେ ଏବଂ ସେହି ବ୍ରାହ୍ମଣମାନେ ତ୍ରିବେଦଜ୍ଞ ପବିତ୍ର ଜିତେନ୍ଦ୍ରିୟ ହେଲେ ଧର୍ମହାନି ହୁଏ ନାହିଁ ।

**ଅହାର୍ଯ୍ୟଂ ବ୍ରାହ୍ମଣଦ୍ରବ୍ୟ ରାଜ୍ଞା ନିତ୍ୟମିତି ସ୍ଥିତିଃ ।**
**ଇତରେଷାନ୍ତୁ ବର୍ଣ୍ଣାନାଂ ସର୍ବାଭାବେ ହରେନ୍ନୃପଃ ।୧୮୯।**

ବ୍ରାହ୍ମଣର ଧନ ରାଜା କେବେ ନେବ ନାହିଁ ଏହା ସନାତନ ଶାସ୍ତ୍ର ବ୍ୟବସ୍ଥା । ଅନ୍ୟ ସମସ୍ତ ବର୍ଣ୍ଣମାନଙ୍କରେ ସକଳ ଧନଭାଗିମାନଙ୍କର ଅଭାବ ହେଲେ ରାଜାନେବ ।

**ତସ୍ୟାନପତ୍ୟସ୍ୟ ସଗୋତ୍ରାତ୍ ପୁତ୍ରମୋହରେତ୍ ।**
**ତତ୍ ଯଦ୍ରିକ୍ଥଜାତଂ ସ୍ୟାତ୍ତସ୍ମିନ୍ ପ୍ରତିପାଦୟେତ୍ ।୧୯୦।**

ଅପୁତ୍ରିକା ମରିରଲେ (ତାହାର ଭାର୍ଯ୍ୟା) ସଗୋତ୍ରରୁ (ସ୍ୱାମୀକର୍ତ୍ତୃକ ନିୟୋଜିତ) ପୁତ୍ର ଆହାରପୂର୍ବକ ଯାହା କିଛି ଧନସମ୍ପତ୍ତି ଥିବ ତାହାକୁ ଦେବ ।

**ଦ୍ୱୌ ତୁଯୌ ବିବଦେୟାତାଂ ଦ୍ୱାଭ୍ୟାଂ ଜାତୌ ସ୍ତ୍ରିୟାଧନେ ।**
**ତୟୋର୍ଯଦ୍ୟସ୍ୟ ପିତ୍ୟଂସ୍ୟାତ୍ତସ୍ର ଗୃହ୍ଣୀତ ନେତରଃ ।୧୯୧।**

ଦୁଇପିତାର ଔରସରୁ ଏକମାତା ଗର୍ଭରୁ ଜାତ ଦୁଇପୁତ୍ର ଯଦି ପିତୃଧନ ସକାଶେ ବିବାଦ କଲେ, ଯେଉଁ ପିତାର ପୁତ୍ର ସେ ସେହି ପିତାର ଧନ ନେବ ଅପର ନେବ ନାହିଁ ।

**ଜନନ୍ୟାଂ ସଂସ୍ଥିତାୟାଂ ତୁ ସମଂ ସର୍ବେ ସହୋଦରାଃ ।**
**ଭଜେରନ୍ମାତୃକଂ ରିକ୍ ଥଂ ଭଗିନ୍ୟଶ୍ଚ ସନାଭୟଃ ।୧୯୨।**

ମାତା ମରିରଲେ ସକଳ ଭାଇ ଓ ସହୋଦର ଭଗିନୀମାନେ ସମାନାଂଶରେ ମାତୃଧନ ବାଣ୍ଟିନେବେ ।

**ଯାସ୍ତାସାଂ ସ୍ୟୁର୍ଦୁହିତରସ୍ତାସାମପି ଯଥାର୍ହତଃ ।**
**ମାତାମହ୍ୟା ଧନାତ୍କିଞ୍ଚିତ୍ ପ୍ରଦେୟଂ ପ୍ରୀତିପୂର୍ବକମ୍ ।୧୯୩।**

ସେହି କନ୍ୟାମାନଙ୍କର ଯେ (ଅବିବାହିତା) କନ୍ୟା ଥିବ ତାହାକୁ ସୁଦ୍ଧା ମାତାମହୀର ଧନରୁ କିଛି ପ୍ରୀତିପୂର୍ବକ ଦେବ ।

**ଅଧ୍ୟଗ୍ନ୍ୟଧ୍ୟାବାହନିକଂ ଦତ୍ତଞ୍ଚ ପ୍ରୀତିକର୍ମଣି ।**
**ଭ୍ରାତୃମାତୃପିତୃପ୍ରାପ୍ତଂ ଷଡ଼ବିଧଂ ସ୍ତ୍ରୀଧନଂ ସ୍ମୃତମ୍ ।୧୯୪।**

୧ ବିବାହ କାଳରେ ଅଗ୍ନି ସନ୍ନିଧିରେ ପିତା ଇତ୍ୟାଦିଙ୍କର ପ୍ରଦତ୍ତ ଧନ, ୨ ପିତାଗୃହରୁ ପତିଗୃହକୁ ଯିବା ସମୟରେ ପ୍ରଦତ୍ତ ଧନ, ୩ ପ୍ରୀତିକର୍ମ ସମୟରେ ପତି ଇତ୍ୟାଦିଙ୍କ ପ୍ରଦତ୍ତଧନ ଏବଂ ୪ ଭ୍ରାତା, ୫ ମାତା ଓ ୬ ପିତାଠାରୁ ସମୟାନ୍ତରେ ପ୍ରାପ୍ତ ଧନ ଛଅ ପ୍ରକାର ସ୍ତ୍ରୀଧନ ବୋଲାଯାଏ ।

**ଅନ୍ୱାଧେୟଞ୍ଚ ଯଦ୍ଦତ୍ତଂ ପତ୍ୟା ପ୍ରୀତେନ ଚୈବ ଯତ୍ ।**
**ପତୌ ଜୀବତି ବୃତ୍ତାୟାଃ ପ୍ରଜାୟାଃ ପ୍ରଜାୟାସ୍ତଦ୍ଧନଂ ଭବେତ୍ ।୧୯୫।**

ଅନ୍ୱାଧେୟ (ବିବାହ-ପରେ ପତିକୁଳରେ ସ୍ତ୍ରୀ ଯେ ଧନ ପାଏ ସେ) ଧନ ଓ ପତି ପ୍ରୀତିହୋଇ ଯେ ଧନ ସେ ଧନ ପତି ବଞ୍ଚି ଥାଉ ସ୍ତ୍ରୀ ମରିରଲେ ତାହାର ସନ୍ତାନମାନେ ପାଇବେ ।

**ବ୍ରାହ୍ମଦୈବାର୍ଷ ଗାନ୍ଧର୍ବପ୍ରଜାପତ୍ୟେଷୁ ଯଦ୍ୱସୁ ।**
**ଅପ୍ରଜାୟାମତୀତାୟାଂ ଭର୍ତ୍ତୁରେବ ତଦିଷ୍ୟତେ ।୧୯୬।**

ବ୍ରାହ୍ମ, ଦୈବ, ଆର୍ଯ୍ୟ, ଗାନ୍ଧର୍ବ ଓ ପ୍ରାଜାପତ୍ୟ ବିଧିରେ ବିବାହିତା ସ୍ତ୍ରୀ ଅନପତ୍ୟା ହୋଇ ମରିଗଲେ ତାହାର ସ୍ତ୍ରୀଧନ ତାହାର ପତି ପାଇବ ।

**ଯତ୍ତ୍ୱସ୍ୟାଃ ସ୍ୟାଦ୍ଧନଂ ଦତ୍ତଂ ବିବାହେଷ୍ୱାସୁରାଦିଷୁ ।**
**ଅପ୍ରଜାତୀୟାମତୀତାୟାଂ ମାତାପିତ୍ରୋସ୍ତଦିଷ୍ୟତେ ।୧୯୭।**

ପରନ୍ତୁ ଆସୁରାଦି ବିଧିରେ ବିବାହିତା ସ୍ତ୍ରୀକୁ ଯେଉଁ ଧନ ଦିଆଯାଇଥିବ ସେ ସ୍ତ୍ରୀ ଅନପତ୍ୟା ହୋଇ ମରିଗଲେ ସେ ଧନ ତାହାର ମାତା ପିତା ପାଇବେ ।

**ସ୍ତ୍ରୀୟାନ୍ତୁ ଯଦ୍ଭବେଦ୍‌ବିତ୍ତଂ ପିତ୍ରା ଦତ୍ତଂ କଥଞ୍ଚନ ।**
**ବ୍ରାହ୍ମଣୀ ତଦ୍ଧରେତ୍‌କନ୍ୟା ତଦପତ୍ୟସ୍ୟ ବା ଭବେତ୍ ।୧୯୮।**

ସ୍ତ୍ରୀମାନଙ୍କ ମଧ୍ୟରେ ପିତୃଦତ୍ତ ଯାହାକିଛି ଧନ ଥିବ ତାହା ବ୍ରାହ୍ମଣୀ କନ୍ୟା ପାଇବ ଅଥବା ତାହାର ସନ୍ତାନଙ୍କର ହେବ ।

**ନ ନିର୍ହାରଂ ସ୍ତ୍ରୀୟଃ କୁର୍ଯ୍ୟୁଃ କୁଟୁମ୍ବାଦ୍ ବହୁମଧ୍ୟଗାତ୍ ।**
**ସ୍ୱକଦାପି ଚ ବିତ୍ତାଦ୍ଧି ସ୍ୱସ୍ୟ ଭର୍ତ୍ତୁରନାଜ୍ଞୟା ।୧୯୯।**

ବହୁ ପରିବାରର ମଧ୍ୟରେ ଥାଇ ସ୍ତ୍ରୀମାନେ ସେମାନଙ୍କ ଠାରୁ ରତ୍ନାଳଙ୍କାର ସକାଶେ ଧନ ସଞ୍ଚୟ କରିବେ ନାହିଁ କିମ୍ବା ପତିର ଆଜ୍ଞା ବିନା ନିଜ ଧନରୁ ସୁଦ୍ଧା ଅଳଙ୍କାରାଦି ଗ୍ରହଣ କରିବେ ନାହିଁ ।

**ପତ୍ୟୌ ଜୀବତି ଯଃ ସ୍ତ୍ରୀଭିରଳଙ୍କାରୋ ଧୃତୋ ଭବେତ୍ ।**
**ନ ତଂ ଭଜେରମ୍ ଦାୟାଦା ଭଜମାନା ପତନ୍ତି ତେ ।୨୦୦।**

ପତି ବଞ୍ଚିଥିବା ସମୟରେ ସ୍ତ୍ରୀମାନେ ଯେଉଁ ଅଳଙ୍କାର ଧାରଣ କରିଥିବେ ପତି ମରିଗଲେ ତାହାର ଉତ୍ତରାଧିକାରୀମାନେ ସେ ଅଳଙ୍କାର ବାଣ୍ଟିବେ ନାହିଁ, ବାଣ୍ଟିନେଲେ ପତିତ ହେବେ ।

**ଅନଂଶୌ କ୍ଳୀବପତିତୌ ଜାତ୍ୟନ୍ଧବଧିରୌ ତଥା ।**
**ଉନ୍ମତ୍ତଜଡ଼ମୂକାଶ୍ଚ ଯେ ଚ କେଚିନ୍ନିରିନ୍ଦ୍ରିୟାଃ ।୨୦୧।**

କ୍ଳୀବ, ପତିତ, ଜନ୍ମାନ୍ଧ, ବଧିର, ଉନ୍ମତ୍ତ, ଜଡ଼ ଏବଂ ଯେଉଁମାନେ ବିକଳାଙ୍ଗ ସେମାନେ ପିତାର ଧନଭାଗୀ ହେବେ ନାହିଁ ।

**ସର୍ବେଷାମପି ତୁ ନ୍ୟାଯ୍ୟଂ ଦାତୁଂ ଶକ୍ତ୍ୟା ମନୀଷିଣା ।**
**ଗ୍ରାସାଚ୍ଛାଦନମତ୍ୟନ୍ତଂ ପତିତୋ ହ୍ୟଦଦଦ୍ଭବେତ୍ ।୨୦୨।**

ମାତ୍ର ଶାସ୍ତ୍ରଜ୍ଞ ଧନହାରୀମାନେ ଶକ୍ତ୍ୟାନୁସାରେ ଏ ସମସ୍ତଙ୍କୁ ମୃତ୍ୟୁ ପର୍ଯ୍ୟନ୍ତ ଗ୍ରାସଚ୍ଛାଦନ ଦେବେ- ନ ଦେଲେ ପତିତ ହେବେ ।

**ଯଦ୍ୟର୍ଥିତା ତୁ ଦାରୈଃ ସ୍ୟାତ୍ କ୍ଳୀବାଦୀନାଂ କଥଞ୍ଚନ୍ ।**
**ତେଷାମୁତ୍ପନ୍ନତନ୍ତୁ ନାମପତ୍ୟଂ ଦାୟମର୍ହତି ।୨୦୩।**

ଯଦି କେବେ ନପୁଂସକ ଛଡ଼ା ଅନ୍ୟ ପତିତ ପ୍ରଭୃତି ବିବାହ କରିବାକୁ ଇଚ୍ଛାକରେ ତେବେ ତାହାର ସନ୍ତାନ ଧନଭାଗୀ ହେବାର ଯୋଗ୍ୟ ହୁଏ ।

**ଯତ୍କିଞ୍ଚିତ୍ପିତରି ପ୍ରେତେ ଧନଂ ଜ୍ୟେଷ୍ଠୋଽଧିଗଚ୍ଛତି ।**
**ଭାଗୋ ଯବୀୟସାଂ ତତ୍ର ଯଦି ବିଦ୍ୟାନୁପାଳିନଃ ।୨୦୪।**

ପିତା ମରିଗଲା ଉତ୍ତାରୁ ଯଦି ଜ୍ୟେଷ୍ଠପୁତ୍ର କିଛି ଧନ ଅର୍ଜନ କରେ ତେବେ ତହିଁରେ ବିଦ୍ୱାନ କନିଷ୍ଠ ଭାଇର ଭାଗ ହେବ ।

**ଅବିଦ୍ୟାନାନ୍ତୁ ସର୍ବେଷାମୀହାତଶ୍ଚେନ୍ନଂ ଭବେତ୍ ।**
**ସମସ୍ତତ୍ର ବିଭାଗଃ ସ୍ୟଦପିତ୍ର୍ୟ ଇତି ଧାରଣା ।୨୦୫।**

ସବୁ ଅବିଦ୍ୱାନ ଭାଇମାନଙ୍କର କୃଷିବାଣିଜ୍ୟାଦି ଯତ୍ନ ଦ୍ୱାରା ଯଦି ଧନାର୍ଜନ ହୁଏ ତେବେ ତହିଁରେ ପିତାର୍ଜିତ ଧନ ଛଡ଼ା ସମସ୍ତଙ୍କର ସମାନ ଭାଗ ହେବ। ଏହା ନିଶ୍ଚୟ (ଅର୍ଥାତ୍ ତହିଁରେ ଜ୍ୟେଷ୍ଠର ଉଦ୍ଧାର ବା ଜ୍ୟେଷ୍ଠାଂଶ ନାହିଁ ।)

**ବିଦ୍ୟାଧନଂ ତୁ ଯଦ୍ଯସ୍ୟ ତତ୍ତସ୍ୟୈବ ଧନଂ ଭବେତ୍ ।**
**ମୈତ୍ର୍ୟମୌଦ୍ବାହିକଂ ଚୈବ ମାଧୁପର୍କିକମେବ ଚ ।୨୦୬।**

ବିଦ୍ୟା (ଜ୍ଞାନଶିକ୍ଷା ଇତ୍ୟାଦି) ଦ୍ୱାରା ଯେ ଧନ ଉପାର୍ଜନ କରେ ସେ ଧନ ତାହାର ଏବଂ ସେହିପରି ମୈତ୍ରୀ ଓ ବିବାହଦ୍ୱାରା ଲବ୍ଧ ଧନ ଏବଂ ମଧୁପର୍କଦାନ କାଳର ପ୍ରାପ୍ତ ଧନ ଯେ ପାଏ ତାହାରି ।

**ଭ୍ରାତୃଣାଂ ଯସ୍ତୁନେହେତ ଧନଂ ଶକ୍ତଃ ସ୍ୱକର୍ମଣା ।**
**ସ ନିର୍ଭାଜ୍ୟଃ ସ୍ୱକାଦଂଶାତ୍କିଞ୍ଚିଦ୍ଦତ୍ତ୍ୱୋପଜୀବନମ୍ ।୨୦୭।**

ମାତ୍ର ଭାଇମାନଙ୍କ ମଧ୍ୟରୁ ଯଦି କେହି ସ୍ୱୟଂ କାର୍ଯ୍ୟଦକ୍ଷତା ହେତୁ ସାଧାରଣ ଧନର ଭାଗୀ ହେବାକୁ ଚେଷ୍ଟା ନ ରଖେ ତାହାକୁ ପିତୃଧନର ଅଂଶର ଉପଜୀବନ ସ୍ୱରୂପ କିଛି ଦେଇ ପୃଥକ୍ କରିଦେବ ।

**ଅନୁପଘ୍ନନ୍ ପିତୃଦ୍ରବ୍ୟଂ ଶ୍ରମେଣ ଯଦୁପାର୍ଜିତମ୍ ।**
**ସ୍ୱୟମୀହିତଲବ୍ଧଂ ତନ୍ନାକାମୋ ଦାତୁମର୍ହତି ।୨୦୮।**

ପିତୃଧନ ବ୍ୟୟ ନ କରି ଆପଣା ପରିଶ୍ରମରେ ଯେଉଁଧନ ନିଜେ ଉପାର୍ଜନ କରିବ ଇଚ୍ଛା ନ ହେଲେ ତହିଁରୁ ଭାଇମାନଙ୍କୁ ଭାଗ ନ ଦେବ ।

**ପୈତୃକଂ ତୁ ପିତାଦ୍ରବ୍ୟମାନବାପ୍ତଂ ଯଦାପ୍ନୁୟାତ୍ ।**
**ନ ତତ୍ପୁତ୍ରୈର୍ଭଜେତ୍ ସାର୍ଦ୍ଧମକାମଃ ସ୍ୱୟମର୍ଜିତମ୍ ।୨୦୯।**

ପିତା ଯଦି ପୈତୃକ ଧନ ନ ଖଟାଇ ଆପଣା ପରିଶ୍ରମଦ୍ୱାରା ସ୍ୱୟଂ ଧନ ଉପାର୍ଜନ କରେ ସେହି ସ୍ୱପାର୍ଜିତ ଧନରୁ ଇଚ୍ଛା ନ ହେଲେ ପୁତ୍ରମାନଙ୍କୁ ଭାଗ ନ ଦେବ ।

**ବିଭକ୍ତାଃ ସହ ଜୀବନ୍ତୋ ବିଭଜେରନ୍ ପୁନର୍ଯଦି ।**
**ସମସ୍ତତ୍ର ବିଭାଗଃସ୍ୟାଜ୍ଜୈଷ୍ଠ୍ୟ ତତ୍ର ନ ବିଦ୍ୟତେ ।୨୧୦।**

ବିଭକ୍ତ ହୋଇ (ଭାଇମାନେ) ଯଦି ପୁନର୍ବାର ଏକସଙ୍ଗରେ ବାସକରନ୍ତି ତେବେ ପୁନର୍ବିଭାଗ ହେଲେ ସମସ୍ତଙ୍କର ଭାଗ ସମାନ ହେବ- ସେଠାରେ ଜ୍ୟେଷ୍ଠାଂଶ ନାହିଁ ।

**ଯେଷାଂ ଜ୍ୟେଷ୍ଠଃ କନିଷ୍ଠୋ ବା ହୀୟେତାଂଶ ପ୍ରଦାନତଃ ।**
**ମ୍ରିୟେତାନ୍ୟତରୋ ବାପ ତସ୍ୟ ଭାଗୋ ନ ଲୁପ୍ୟତେ ।୨୧୧।**

ଯେଉଁ ଭାଇମାନଙ୍କ ମଧ୍ୟରୁ ଜ୍ୟେଷ୍ଠ ବା କନିଷ୍ଠ ବାଣ୍ଟ ହେବା ସମୟରେ ମରିଯାଇଥାଏ ବା (ପ୍ରବ୍ରଜ୍ୟାଦିହେତୁ) ଅନୁପସ୍ଥିତ ଥାଏ ତାହାର ଭାଗ ଲୁପ୍ତ ହୁଏ ନାହିଁ ।

**ସୋଦର୍ଯ୍ୟା ବିଭଜେରଂସ୍ତଂ ସମେତ୍ୟ ସହିତାଃ ସମମ୍ ।**
**ଭ୍ରାତରୋ ଯେ ଚ ସଂସୃଷ୍ଟା ଭଗିନଶ୍ଚ ସନାଭିୟଃ ।୨୧୨।**

ମାତ୍ର ସେହି ଭାଗକୁ ସହୋଦର ଓ ଅନ୍ୟ ଏକତ୍ରାବସ୍ଥିତ (ବୈମାତୃକ) ଭାଇ ଓ ସହୋଦରା ଭଗିନୀମାନେ ମିଳିକରି ସମାନ ଭାଗରେ ବାଣ୍ଟିନେବେ ।

**ଯୋ ଜ୍ୟେଷ୍ଠୋ ବିନିକୁର୍ବୀତ ଲୋଭାଭ୍ରାତୃନ୍ ଯବୀୟସଃ ।**
**ସୋଽଜ୍ୟେଷ୍ଠଃ ସ୍ୟାଦଭାଗଶ୍ଚ ନିୟନ୍ତବ୍ୟଶ୍ଚ ରାଜଭିଃ ।୨୧୩।**

ଯେଉଁ ଜ୍ୟେଷ୍ଠ ଭାଇ ଲୋଭବଶରୁ କନିଷ୍ଠ ଭାଇମାନଙ୍କୁ ଠକାଇବ ସେ ଜ୍ୟେଷ୍ଠତ୍ୱ ସମ୍ମାନ ଓ ଜ୍ୟେଷ୍ଠାଂଶ ହରାଇବ ଏବଂ ରାଜକର୍ତ୍ତୃକ ଦଣ୍ଡନୀୟ ହେବ ।

**ସର୍ବେ ଏବ ବିକର୍ମସ୍ଥା ନାର୍ହନ୍ତି ଭ୍ରାତରୋ ଧନମ୍ ।**
**ନ ଚାଦତ୍ତ୍ୱା କନିଷ୍ଠେଭ୍ୟୋ ଜ୍ୟେଷ୍ଠଃ କୁର୍ବୀତ ଯୌତକମ୍ ।୨୧୪।**

(ଦ୍ୟୁତ ବେଶ୍ୟାସକ୍ତ୍ୟାଦି) କୁକର୍ମକାରୀ ଭାଇମାନେ ଧନ ପାଇବାର ଯୋଗ୍ୟ ନୁହଁନ୍ତି; ମଧ୍ୟ (ଯୋଗ୍ୟ) କନିଷ୍ଠ ଭାଇମାନଙ୍କୁ ନ ଦେଇ ଜ୍ୟେଷ୍ଠ ଅସାଧାରଣ ଧନ ଭୋଗ କରିବ ନାହିଁ ।

**ଭ୍ରାତୃଣାମବିଭକ୍ତାନାଂ ଯଦ୍ୟୁତ୍ଥାନଂ ଭବେତ୍ସହ ।**
**ନ ପୁତ୍ରଭାଗଂ ବିଷମଂ ପିତା ଦଦ୍ୟାତ୍କଥଞ୍ଚନ ।୨୧୫।**

ପିତା ସହିତ ଅବିଭକ୍ତ ଥାଇ ଯଦି ଭାଇମାନେ ଉପାର୍ଜନ ଦ୍ୱାରା ଧନ ବୃଦ୍ଧି କରନ୍ତି ତେବେ ପିତା ବାଣ୍ଟ କରିବା ସମୟରେ କୌଣସି ପୁତ୍ରକୁ କିଛି ବିଷମ ଭାଗ ଦେବ ନାହିଁ ।

**ଊର୍ଦ୍ଧ୍ୱଂ ବିଭାଗାଜ୍ଜାତସ୍ତୁ ପିତ୍ର୍ୟମେବ ହରେଦ୍ଧନମ୍ ।**
**ସଂସୃଷ୍ଟାସ୍ତେନ ବା ଯେ ସ୍ୟୁର୍ବିଭଜେତ ସ ତୈଃ ସହ ।୨୧୬।**

(ପିତା ଜୀବିତ ଥାଇଁ) ବିଭାଗ ହେଲାପରେ ଯଦି ପିତାର ପୁତ୍ର ଜାତ ହୁଏ ତେବେ ସେ ପିତୃଧନ ପାଇବ ଅଥବା ପିତା ସହିତ ଯେଉଁଭାଇମାନେ ଏକତ୍ରାବସ୍ଥିତ ଥିବେ ସେମାନଙ୍କ ସହିତ ଭାଗ ପାଇବ ।

**ଅନପତ୍ୟସ୍ୟ ପୁତ୍ରସ୍ୟ ମାତା ଦାୟମବାପ୍ନୁୟାତ୍ ।**
**ମାତର୍ୟପି ଚ ବୃତ୍ତାୟାଂ ପିତୁର୍ମାତା ହରେଦ୍ଧନମ୍ ।୨୧୭।**

ସନ୍ତାନ ରହିତ ପୁତ୍ରର ଦାୟ (ଉତ୍ତରାଧିକାରୀତ୍ୱ ଧନ) ମାତା ପାଇବ ଏବଂ ମାତା ମରିଯାଇ ଥିଲେ ପିତାମହୀ ପାଇବ ।

**ଋଣେ ଧନେ ଚ ସର୍ବସ୍ମିନ୍ ପ୍ରବିଭକ୍ତେ ଯଥାବିଧି ।**
**ପଶ୍ଚାଦ୍ଦୃଶ୍ୟେତ ଯତ୍କିଞ୍ଚିତ୍ତତ୍ସର୍ବଂ ସମତାଂ ନୟେତ୍ ।୨୧୮।**

ଯଥାବିଧି ସମସ୍ତ ଋଣ ଏବଂ ଧନ ବାଣ୍ଟ ହେଲା ଉତ୍ତାରୁ ଯଦି ପଛକୁ କିଛି ଅଜ୍ଞାତ ଧନ ବା ଋଣ ଦେଖାଯାଏ ତେବେ ତାହା ସମସ୍ତେ ସମାନ ଭାଗରେ ନେବେ ।

**ବସ୍ତ୍ରଂ ପତ୍ରମଲଙ୍କାରଂ କୃତାନ୍ନମୁଦକଂ ସ୍ତ୍ରିୟଃ ।**
**ଯୋଗକ୍ଷେମଂ ପ୍ରଚାରଞ୍ଚ ନ ବିଭାଜ୍ୟଂ ପ୍ରଚକ୍ଷତେ ।୨୧୯।**

ବସ୍ତ୍ର, ବାହନ, ଅଳଙ୍କାର, ରନ୍ଧାଭାତ, ଜଳ, ସ୍ତ୍ରୀ ନିର୍ବାହର ଅତ୍ୟନ୍ତ ଉପଯୋଗୀ ବସ୍ତୁ ଏବଂ ବାଣ୍ଟ ବିଭାଗ ହେବାର ଯୋଗ୍ୟ ନୁହେଁ ।

**ଅୟମୁକ୍ତୋ ବିଭାଗୋ ବଃ ପୁତ୍ରାଣାଂ ଚ କ୍ରିୟାବିଧିଃ ।**
**କ୍ରମଶଃ କ୍ଷେତ୍ରଜାଦୀନାଂ ଦ୍ୟୁତଧର୍ମଂ ନିବୋଧତ ।୨୨୦।**

ଏହି କ୍ଷେତ୍ରଜାଦି ପୁତ୍ରମାନଙ୍କର କ୍ରମଶଃ ବିଭାଗ ଓ କ୍ରିୟାବିଧି ତୁମ୍ଭମାନଙ୍କୁ କହିଲୁଁ; ଏବେ ଦ୍ୟୂତଧର୍ମ ଶୁଣ ।

**ଦ୍ୟୂତଂ ସମାହ୍ୱୟଂ ଚୈବ ରାଜା ରାଷ୍ଟ୍ରାନ୍ନ ବାରୟେତ୍ ।**
**ରାଜ୍ୟାନ୍ତକରଣାବେତୌ ଦ୍ୱୌ ଦୋଷୌ ପୃଥିବୀକ୍ଷିତାମ୍ ।୨୨୧।**

ରାଜା ରାଜ୍ୟରୁ ଦ୍ୟୂତ ଏବଂ ସମାହ୍ୱୟ ନିବାରଣ କରିବ; ଏ ଦୁଇଦୋଷ ରାଜାମାନଙ୍କର ରାଜ୍ୟାନ୍ତକାରୀ ଅଟେ ।

**ପ୍ରକାଶମେତତ୍ ତାସ୍କର୍ଯଂ ଯଦ୍ଦେବନସମାହ୍ୱୟୌ ।**
**ତୟୋର୍ନିତ୍ୟଂ ପ୍ରତୀଘାତେ ନୃପତିର୍ଯତ୍ନବାନ୍ ଭବେତ୍ ।୨୨୨।**

ଦ୍ୟୂତ୍ ଏବଂ ସମାହ୍ୱୟ ପ୍ରକାଶ୍ୟ ଚୌର୍ଯ୍ୟ ଅଟେ, ଏ ଦୁଇ ନିବାରଣ କରିବା ସକାଶେ ରାଜା ନିତ୍ୟ ଯତ୍ନବାନ ହେବ ।

**ଅପ୍ରାଣିଭିର୍ଯତ୍ କ୍ରିୟତେ ତଲ୍ଲୋକେ ଦ୍ୟୂତମୁଚ୍ୟତେ ।**
**ପ୍ରାଣିଭିଃ କ୍ରିୟତେ ଯସ୍ତୁ ସ ବିଜ୍ଞେୟଃ ସମାହ୍ୱୟଃ ।୨୨୩।**

ବାଜିରଖି ପଶାକାଠି କଉଡ଼ି ଇତ୍ୟାଦି ଅପ୍ରାଣି ବସ୍ତୁଦ୍ୱାରା ଯେଉଁ ଖେଳ ହୁଏ ତାହାକୁ ଲୋକେ ଦ୍ୟୂତ ବୋଲନ୍ତି, ମାତ୍ର ମେଣ୍ଢା କୁକୁଡ଼ା ଇତ୍ୟାଦି ଜନ୍ତୁଦ୍ୱାରା ଯେଉଁ ଖେଳ ହୁଏ ତାହା ସମାହ୍ୱୟ ଜାଣ ।

**ଦ୍ୟୂତଂ ସମାହ୍ୱୟଂ ଚୈବ ଯଃ କୁର୍ଯ୍ୟାତ୍କାରୟେଦ୍ ବା ।**
**ତାନ୍ ସର୍ବାନ୍ ଘାତୟେଦ୍ରାଜା ଶୂଦ୍ରାଂଶ୍ଚ ଦ୍ୱିଜଲିଙ୍ଗିନଃ ।୨୨୪।**

ଦ୍ୟୂତ ଏବଂ ସମାହ୍ୱୟ ଯେ କରିବ ବା କରାଇବ ସେ ସମସ୍ତଙ୍କୁ ରାଜା ଶାରୀରିକ ଦଣ୍ଡ ଦେବ, ଦ୍ୱିଜ ଚିହ୍ନଧାରୀ ଶୂଦ୍ରସୁଦ୍ଧା ସେହି ଦଣ୍ଡ ପାଇବ (ଅର୍ଥାତ୍ ଦ୍ୟୂତେ ସମାହ୍ୱୟକାରୀ ଦ୍ୱିଜ ନ ଥାଇ ଶୂଦ୍ର ଅଟେ ।)

**କିତବାନ୍ କୁଶୀଲବାନ୍ କ୍ରୂରାନ୍ ପାଷଣ୍ଡସ୍ଥାଂଶ୍ଚ ମାନବାନ୍ ।**
**ବିକର୍ମସ୍ଥାନ୍ ଶୌଣ୍ଡିକାଂଶ୍ଚ କ୍ଷିପ୍ରଂ ନିର୍ବାସୟେଦ୍ ପୁରାତ୍ ।୨୨୫।**

କିତବ (ଦ୍ୟୂତ ସମାହ୍ୱୟାଧିକାରୀ), କୁଶୀଲବ (ନୃତ୍ୟଗୀତଜୀବୀ), କ୍ରୂର (ଗୁଣ୍ଡା), ପାଷାଣ୍ଡୀ (ବେଦ ବିରୁଦ୍ଧକାରୀ,) ଶ୍ରୁତିସ୍ମୃତିବାହ୍ୟ ବ୍ରତଧାରୀ (ଭଣ୍ଡ), ଅପକର୍ମକାରୀ, ଶୁଣ୍ଢିମାନଙ୍କୁ ରାଜା ଶୀଘ୍ର ନଗରରୁ ବାହାର କରିଦେବ ।

**ଏତେ ରାଷ୍ଟ୍ରେ ବର୍ତ୍ତମାନାଂ ରାଜ୍ଞଃ ପ୍ରଚ୍ଛନ୍ନତସ୍କରାଃ ।**
**ବିକର୍ମକ୍ରିୟୟା ନିତ୍ୟଂ ବାଧନ୍ତେ ଭଦ୍ରିକା ପ୍ରଜାଃ ।୨୨୬।**

ଏହି ପ୍ରଚ୍ଛନ୍ନତସ୍କରମାନେ ରାଜାର ରାଜ୍ୟରେ ଥାଇ ଦୁଷ୍କର୍ମଦ୍ୱାରା ଭଦ୍ରପ୍ରଜାମାନଙ୍କୁ ନିତ୍ୟ ପୀଡ଼ା ଦିଅନ୍ତି ।

**ଦ୍ୟୂତମେତତ୍ ପୁରାକଳ୍ପେ ଦୃଷ୍ଟଂ ବୈରକରଂ ମହତ୍ ।**
**ତସ୍ମାଦ୍ଦ୍ୟୂତଂ ନ ସେବେତ ହାସ୍ୟାର୍ଥମପି ବୁଦ୍ଧିମାନ୍ ।୨୨୭।**

ପୁରା କାଳରେ ଏହି ଦ୍ୟୂତକ୍ରୀଡ଼ା ବିଶେଷ ଶତ୍ରୁତାଜନକଥିବା ଦେଖାଯାଇଥିଲା, ସେହି ହେତୁରୁ ବୁଦ୍ଧିମାନ୍ ଲୋକ ହାସ୍ୟ ଉପୁଜାଇବା ସକାଶେ ସୁଦ୍ଧା ଦ୍ୟୂତକ୍ରୀଡ଼ା କରିବ ନାହିଁ ।

**ପ୍ରଚ୍ଛନ୍ନଂ ବା ପ୍ରକାଶଂ ବା ତନ୍ନ ଷେବେତ ଯୋ ନରଃ ।**
**ତସ୍ୟ ଦଣ୍ଡବିକଳ୍ପଃ ସ୍ୟାଦ୍ୟଥେଷ୍ଟଂ ନୃପତେସ୍ତଥା ।୨୨୮।**

ଗୁପ୍ତଭାବରେ ବା ପ୍ରକାଶ୍ୟରୂପେ ଯେଉଁ ଲୋକ ସେହି ଦ୍ୟୂତକ୍ରୀଡ଼ା କରିବ ରାଜା ତାହାକୁ ଯଥେଷ୍ଟ ରୂପେ ନାନା ପ୍ରକାର ଦଣ୍ଡଦେବ ।

**କ୍ଷତ୍ରବିଟ୍‌ଶୂଦ୍ରଯୋନିସ୍ତୁ ଦଣ୍ଡଂ ଦାତୁମଶକ୍ନୁବନ ।**
**ଆନୃଣ୍ୟଂ କର୍ମଣା ଗଚ୍ଛେଦ୍ ବିପ୍ରୋ ଦଦ୍ୟାଚ୍ଛନୈଃ ଶନୈଃ ।୨୨୯।**

କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର (ନିର୍ଦ୍ଧନ ହେତୁ) ଦଣ୍ଡ ଦେବାକୁ ଅକ୍ଷମ ହେଲେ କର୍ମ କରିବା ଦ୍ୱାରା ଦଣ୍ଡ ଋଣଦାୟରୁ ମୁକ୍ତ ହେବ ଏବଂ ବ୍ରାହ୍ମଣ ଧୀରେ ଧୀରେ ଅର୍ଥ ଦଣ୍ଡ କରାଇଦେବ (ଅର୍ଥାତ୍ ବ୍ରାହ୍ମଣକୁ କର୍ମ ନ କରାଇ ରାଜା ଧୀରେ ଧୀରେ ଅର୍ଥଦଣ୍ଡ ଆଦାୟ କରିବ) ।

**ସ୍ତ୍ରୀ ବାଲୋନ୍ମତ୍ତବୃଦ୍ଧାନାଂ ଦରିଦ୍ରାଣାଂ ଚ ରୋଗିଣାମ୍ ।**
**ଶିଫାବିଦଳରଜ୍ଜ୍ୱା ଦ୍ୟୈର୍ବିଦଧ୍ୟାନ୍ନ ପତିର୍ଦମମ୍ ।୨୩୦।**

ସ୍ତ୍ରୀ, ପିଲା, ଉନ୍ମତ୍ତ; ବୃଦ୍ଧ, ଦରିଦ୍ର ଓ ରୋଗୀମାନଙ୍କୁ କର୍ମଚୀ, ବେତ, ଦଉଡ଼ି ଇତ୍ୟାଦିଦ୍ୱାରା ରାଜା ଦଣ୍ଡ ବିଧାନ କରିବ ।

**ଯେ ନିଯୁକ୍ତାସ୍ତୁ କାର୍ଯ୍ୟେଷୁ ହନ୍ୟୁଃ କାର୍ଯ୍ୟାଣି କାର୍ଯ୍ୟିଣାମ୍ ।**
**ଧନୋଷ୍ମଣା ପଚ୍ୟମାନାସ୍ତାନ୍ନିଃସ୍ୱାନ୍ କାରୟେନ୍ନୃପଃ ।୨୩୧।**

ପ୍ରାଡ୍‌ବିବାକାଦି ରାଜନିଯୁକ୍ତ ଯେଉଁ ବ୍ୟକ୍ତିମାନେ ଉତ୍କୋଚଧନ ତେଜରେ ବିକୃତ ହୋଇ ଅର୍ଥୀ ପ୍ରତ୍ୟର୍ଥୀମାନଙ୍କର ମୋକଦ୍ଦମା ନଷ୍ଟ କରନ୍ତି ସେମାନଙ୍କୁ ରାଜା ସର୍ବସ୍ୱାନ୍ତ କରିବେ ।

**କୂଟଶାସନକର୍ତ୍ତୃଂଶ୍ଚ ପ୍ରକୃତୀନାଞ୍ଚ ଦୂଷକାନ୍ ।**
**ସ୍ତ୍ରୀ ବାଳବ୍ରାହ୍ମଣଘ୍ନାଂଶ୍ଚ ହନ୍ୟାଦ୍ଵିଟ୍‌ସେବିନସ୍ତଥା ।୨୩୨।**

ମିଥ୍ୟା ରାଜାଜ୍ଞାପତ୍ର ଲେଖକ (ଜାଲକାରୀ), ପ୍ରକୃତି ବର୍ଗରେ ଭେଦୋତ୍ପାଦକ ଏବଂ ସ୍ତ୍ରୀ, ପିଲା ଓ ବ୍ରାହ୍ମଣଘାତୀ ତଥା ଶତ୍ରୁ ସେବିକାମାନଙ୍କୁ ରାଜା ବହନ କରିବେ ।

**ତୀରିତଞ୍ଚାନୁଶିଷ୍ଟଞ୍ଚ ଯତ୍ର କ୍ୱଚନ ଯଭବେତ୍ ।**
**କୃତଂ ତଦ୍ଧର୍ମତୋ ବିଦ୍ୟାନ୍ନ ତଦ୍ଭୂୟୋ ନିବର୍ତ୍ତୟେତ୍ ।୨୩୩।**✲

ଯେଉଁଠାରେ ଋଣଦାନାଦି ମୋକଦ୍ଦମାରେ ନ୍ୟାୟ ବିଚାର ହୋଇଯାଏ ଓ ଦଣ୍ଡ ପର୍ଯ୍ୟନ୍ତ ପହୁଞ୍ଚିଯାଏ ସେ ସ୍ଥଳରେ ରାଜା ଧର୍ମତଃ ସେହି କୃତକାର୍ଯ୍ୟକୁ ପୁଣି ଲେଉଟାଇବେ ନାହିଁ ।

**ଅମାତ୍ୟାଃ ପ୍ରାଡ଼ବିବାକୋ ବା ଯତ୍କୁର୍ଯ୍ୟୁ କାର୍ଯ୍ୟମନ୍ୟଥା ।**
**ତତ୍ ସ୍ୱୟଂ ନୃପତିଃ କୁର୍ଯ୍ୟାତ୍ତାନ୍ ସହସ୍ରଞ୍ଚ ଦଣ୍ଡୟେତ୍ ।୨୩୪।**

ମନ୍ତ୍ରୀ ଏବଂ ବିଚାରକର୍ତ୍ତା ଯେଉଁ ମୋକଦ୍ଦମାକୁ ଅନ୍ୟଥା କରିବ ରାଜା ସ୍ୱୟଂ ତାହା ବିଚାର କରି ସେମାନଙ୍କୁ ସହସ୍ରପଣ ଦଣ୍ଡ ଦେବ ।

---

✲ ଏଥିପରେ ଦୁଇ ପୁସ୍ତକରେ ମିଳେ —

ତିରିତଂ ଚାନୁଶିଷ୍ଟଞ୍ଚ ଯୋ ମନ୍ୟେତ ବିକର୍ମଣା ।
ଦ୍ୱିଗୁଣଂ ଦଣ୍ଡମାସ୍ଥାୟ ତତ୍କାର୍ଯ୍ୟଂ ପୁନରୁଦ୍ଧରେତ୍ ।

ମୋକଦ୍ଦମା ନିଷ୍ପତ୍ତି ହେବା ପରେ ଏବଂ ଦଣ୍ଡ ପହୁଞ୍ଚିବା ପରେ ରାଜା ଯଦି ଅନ୍ୟାୟ ହୋଇଥିବା ବୁଝନ୍ତି ତେବେ ବିଚାରକର୍ତ୍ତା ଉପରେ ଦ୍ୱିଗୁଣ ଦଣ୍ଡବିଧାନ କରି ତାର ପୁନର୍ବିଚାର କରିବେ ।

**ବ୍ରହ୍ମହା ଚ ସୁରାପଶ୍ଚ ସ୍ତେୟୀ ଚ ଗୁରୁତଳ୍ପଗଃ ।**
**ଏତେ ସର୍ବେ ପୃଥକ୍ ଜ୍ଞେୟା ମହାପାତକିନୋ ନରାଃ ।୨୩୫।**

ବ୍ରାହ୍ମଣଘାତୀ, ସୁରାପାୟୀ, ଚୋର ଓ ଗୁରୁଦ୍ୱାରଗାମୀ ଏମାନଙ୍କର ପ୍ରତ୍ୟେକଙ୍କୁ ମହାପାତକୀଲୋକ ବୋଲି ଜାଣିବ ।

**ଚତୁର୍ଣ୍ଣାମପି ଚୈତେଷାଂ ପ୍ରାୟଶ୍ଚିତ୍ତମକୁର୍ବତାମ୍ ।**
**ଶରୀରଂ ଧନସଂଯୁକ୍ତଂ ଦଣ୍ଡଂ ଧର୍ମ୍ୟଂ ପ୍ରକଳ୍ପୟେତ୍ ।୨୩୬।**

ଏହି ଚାରି ମହାପାତକୀ ଲୋକମାନେ ଯଦି ପ୍ରାୟଶ୍ଚିତ୍ତ ନ କରିବେ ତେବେ ରାଜା ସେମାନଙ୍କୁ ଧନ ସଂଯୁକ୍ତ ଶାରୀରିକ ଦଣ୍ଡ ଦେବେ ।

**ଗୁରୁତଳ୍ପେ ଭଗଃ କାର୍ଯ୍ୟଃ ସୁରାପାନେ ସୁରାଧ୍ୱଜଃ ।**
**ସ୍ତେୟେ ଚ ଶ୍ୱପଦଂ କାର୍ଯ୍ୟଂ ବ୍ରହ୍ମହଣ୍ୟଶିରାଃ ପୁମାନ୍ ।୨୩୭।**

(ତପ୍ତଲୌହ ଦ୍ୱାରା ଗୁରୁଦ୍ୱାରଗାମୀର କପାଳରେ ଭଗାକାର ଚିହ୍ନଦେବ ଏବଂ ସୁରାପାୟିର ଲଲାଟରେ ସୁରାପାତ୍ରର ଚିହ୍ନ କରିବ, ଚୋରର କପାଳରେ କୁକୁରର ପାଦଚିହ୍ନ ଦେବ ଏବଂ ବ୍ରାହ୍ମଣଜାତିର ଲଲାଟରେ ମସ୍ତକବିହୀନ ପୁରୁଷର ଚିହ୍ନ ଅଙ୍କିତ କରିବ ।

**ଅସମ୍ଭୋଜ୍ୟା ହ୍ୟସଂଯାଜ୍ୟା ଅସମ୍ପାଠ୍ୟ ବିବାହିନଃ ।**
**ଚରେୟଃ ପୃଥିବୀଂ ଦୀନାଃ ସର୍ବଧର୍ମବହିଷ୍କୃତାଃ ।୨୩୮।**

ଏ ଭଳି ଲୋକ ସହିତ ଆହାର କରିବ ନାହିଁ, ଏମାନଙ୍କୁ ଯଜ୍ଞ କରାଇବ ନାହିଁ କି ପାଠ ପଢ଼ାଇବ ନାହିଁ କିମ୍ବା ଏମାନଙ୍କ ସଙ୍ଗେ ବିବାହସମ୍ବନ୍ଧ କରିବନାହିଁ, ଏମାନେ ସକଳ ଧର୍ମର ବହିଷ୍କୃତ ହୋଇ ପୃଥିବୀରେ ଦୀନ ଭାବରେ ବିଚରଣ କରିବେ ।

**ଜ୍ଞାତିସମ୍ବନ୍ଧିଭିସ୍ତ୍ୱେତେ ତ୍ୟକ୍ତବ୍ୟଃ କୃତଲକ୍ଷଣାଃ ।**
**ନିର୍ଦ୍ଦୟାନିନମସ୍କାରାସ୍ତନ୍ମନୋରନୁଶାସନମ୍ ।୨୩୯।***

ଏପରି ଚିହ୍ନ ବିଶିଷ୍ଟ ଲୋକମାନଙ୍କୁ ଜ୍ଞାତିକୁଟୁମ୍ବମାନେ ତ୍ୟାଗ କରିବେ ଓ ତାଙ୍କୁ କେହି ଦୟା ବା ନମସ୍କାର କରିବେ ନାହିଁ ଏହା ମନୁଙ୍କ ଆଜ୍ଞା ଅଟେ ।

**ପ୍ରାୟଶ୍ଚିତ୍ତନ୍ତୁ କୁର୍ବାଣାଃ ସର୍ବେ ବର୍ଣ୍ଣା ଯଥୋଦିତମ୍ ।**
**ନାଙ୍କ୍ୟା ରାଜ୍ଞା ଲଲାଟେ ସ୍ୟୁର୍ଦ୍ଦାପ୍ୟାସ୍ତୂତ୍ତମସାହସମ୍ ।୨୪୦।**

ମାତ୍ର ଯଥାଶାସ୍ତ୍ର ପ୍ରାୟଶ୍ଚିତ୍ତକଲେ ସକଳ ବର୍ଣ୍ଣର ଏହି ମହାପାତକୀ ଲୋକମାନଙ୍କ ଲଲାଟରେ ରାଜା ଚିହ୍ନଦେବ ନାହିଁ ପରନ୍ତୁ ଉତ୍ତମସାହସ ଦଣ୍ଡବିଧାନକରିବ ।

**ଆଗଃସୁ ବ୍ରାହ୍ମଣସ୍ୟୈବ କାର୍ଯ୍ୟୋ ମଧ୍ୟମସାହସଃ ।**
**ବିବାସ୍ୟୋ ବା ଭବେଦ୍ରାଷ୍ଟ୍ରାତ୍ସଦ୍ରବ୍ୟଃ ସପରିଚ୍ଛଦଃ ।୨୪୧।**

ଏହି ଅପରାଧମାନଙ୍କରେ ବ୍ରାହ୍ମଣର ମଧ୍ୟମସାହସ ଦଣ୍ଡହେବ ଅଥବା ତାହାକୁ ଦ୍ରବ୍ୟପରିଚ୍ଛଦ ସହିତ ରାଜ୍ୟରୁ ବାହାର କରିଦେବ ।

**ଇତରେ କୃତବନ୍ତସ୍ତୁ ପାପାନ୍ୟେତାନ୍ୟକାମତଃ ।**
**ସର୍ବସ୍ୱହାରମର୍ହନ୍ତି କାମତସ୍ତୁ ପ୍ରବାସନମ୍ ।୨୪୨।**

ବ୍ରାହ୍ମଣ ଛଡ଼ା ଅନ୍ୟ ବର୍ଣ୍ଣର ଲୋକ ଏହି ପାପ ଅନିଚ୍ଛାରେ କଲେ ତାହାର ସର୍ବସ୍ୱ ହରଣ ଦଣ୍ଡ ହେବ ଅଥବା ବାଞ୍ଛା ହେଲେ ତାହାକୁ ନିର୍ବାସନ ଦଣ୍ଡଦେବ ।

---

* ଏ ଶ୍ଳୋକ ପ୍ରକ୍ଷିପ୍ତ ।

**ନଦଦୀତ ନୃପଃ ସାଧୁର୍ମହାପାତକିନୋ ଧନମ୍ ।**
**ଆଦଦାନସ୍ତୁ ତଲ୍ଲୋଭାତ୍ତେନ ଦୋଷେଣ ଲିପ୍ୟତେ ।୨୪୩।**

ଧାର୍ମିକ ରାଜା ମହାପାତକୀମାନଙ୍କର ଧନ ଗ୍ରହଣ କରିବ ନାହିଁ-ଲୋଭରେ ନେଲେ ସେହି ପାତକରେ ଲିପ୍ତ ହେବ ।

**ଅପ୍‌ସୁ ପ୍ରବେଶ୍ୟ ତଂ ଦଣ୍ଡଂ ବରୁଣାୟୋପପାଦୟେତ୍ ।**
**ଶ୍ରୁତ ବୃତ୍ତୋପପନ୍ନେ ବା ବ୍ରାହ୍ମଣେ ପ୍ରତିପାଦୟେତ୍ ।୨୪୪।**

ଯେହି ଦଣ୍ଡଲବ୍ଧ ଧନକୁ ପାଣିରେ ଧୋଇ ବରୁଣଯଜ୍ଞରେ ଲଗାଇବ ଅଥବା ବେଦପାରଗ ବ୍ରାହ୍ମଣଙ୍କୁ ଦେବ ।

**ଈଶୋ ଦଣ୍ଡସ୍ୟ ବରୁଣୋ ରାଜ୍ଞାଃ ଦଣ୍ଡଧରୋ ହି ସଃ ।**
**ଈଶ ସର୍ବସ୍ୟ ଜଗତୋ ବ୍ରାହ୍ମଣୋ ବେଦପାରଗଃ ।୨୪୫।**

ଦଣ୍ଡର ସ୍ୱାମୀ ବରୁଣ; କାରଣ ସେ ରାଜାମାନଙ୍କର ସୁଦ୍ଧା ଦଣ୍ଡଧାରୀ (ପ୍ରଭୁ), ବେଦପାରଗ ବ୍ରାହ୍ମଣ ସମସ୍ତ ଜଗତର ପ୍ରଭୁ ।

**ଯତ୍ର ବର୍ଜ୍ଜୟତେ ରାଜା ପାପକୃଦ୍ଭ୍ୟୋ ଧନାଗମମ୍ ।**
**ତତ୍ର କାଳେନ ଜାୟନ୍ତେ ନ ମାନବା ଦୀର୍ଘଜୀବୀତଃ ।୨୪୬।**

ଯେଉଁଦେଶରେ ରାଜା ମହାପାତକୀମାନଙ୍କଠାରୁ ଧନ ନେବା ପରିତ୍ୟାଗ କରେ ସେ ଦେଶରେ କାଳକ୍ରମେ ଦୀର୍ଘଜୀବୀ ଜାତ ହୁଅନ୍ତି ।

**ନିଷ୍ପଦ୍ୟନ୍ତେ ଚ ଶସ୍ୟାନି ଯଥୋକ୍ତାନିଶାଂ ପୃଥକ୍ ।**
**ବାଲାଶ୍ଚ ନ ପ୍ରମୀୟନ୍ତେ ବିକୃତଂ ଚ ଜାୟତେ ।୨୪୭।**

ଏବଂ ସେଠାରେ ବୈଶ୍ୟମାନେ ଯେ ରୂପ ଶସ୍ୟ ବୁଣନ୍ତି ସେହିରୂପ ପୃଥକ୍ ପୃଥକ୍ ଉତ୍ପନ୍ନ ହୁଏ ଓ ପିଲାମାନେ ମରନ୍ତି ନାହିଁ ଆଉ ବିକୃତସନ୍ତାନ ଜାତ ହୁଏନାହିଁ ।

**ବ୍ରାହ୍ମଣାନ୍ ବାଧମାନନ୍ତୁ କାମାଦବରବର୍ଣ୍ଣଜମ୍ ।**
**ହନ୍ୟାଚ୍ଚି ତ୍ରୈର୍ବଧୋପାୟୈରୁଦ ବେଜନକରୈର୍ନୃପଃ ।୨୪୮।**

ଶୂଦ୍ର ଇଚ୍ଛାପୂର୍ବକ ବ୍ରାହ୍ମଣମାନଙ୍କୁ ପୀଡ଼ା ଦେଲେ ରାଜା ନାନାବିଧ ଭୟଜନକ ନାସାକର୍ଣ୍ଣଛେଦାଦି ନାନା ପ୍ରକାର ଉପାୟରେ ତାକୁ ଦମନ କରିବ ।

**ଯାବାନବଧ୍ୟସ୍ୟ ବଧେ ତାବାନ୍ ବଧ୍ୟସ୍ୟ ମୋକ୍ଷଣେ ।**
**ଅଧର୍ମୋ ନୃପତେର୍ଦୃଷ୍ଟୋ ଧର୍ମସ୍ତୁ ବିନିୟଚ୍ଛତଃ ।୨୪୯।**

ଅବଧ୍ୟର ବଧରେ ଯେତେ ବଧ୍ୟର ମୋଚନରେ ତେତେ ରାଜାର ଅଧର୍ମ ଦେଖାଯାଏ, ପରନ୍ତୁ ଯଥାଶାସ୍ତ୍ର ଦଣ୍ଡ ଦେବା ହିଁ ରାଜାର ଧର୍ମ ।

**ଉଦିତୋଽୟଂବିସ୍ତରଶୋ ମିଥୋ ବିବଦମାନୟୋଃ ।**
**ଅଷ୍ଟାଦଶସୁ ମାର୍ଗେଷୁ ବ୍ୟବହାରସ୍ୟ ନିର୍ଣ୍ଣୟଃ ।୨୫୦।**

ପରସ୍ପର ବିବାଦମାନ ବାଦୀ ପ୍ରତିବାଦୀମାନଙ୍କର ଏହି ଅଠର ପ୍ରକାର ମୋକଦ୍ଦମାର ନିର୍ଣ୍ଣୟ ବିସ୍ତାରିତ ଭାବରେ ବୋଲାଗଲା ।

**ଏବଂ ଧର୍ମାଣ କାର୍ଯ୍ୟଣ ସମ୍ୟକକ୍‌କୁର୍ବନ ମହୀପତିଃ ।**
**ଦେଶାନଲବ୍ଧନ୍ ଲିପ୍‌ସେତ ଲବ୍ଧାଂଶ୍ଚ ପରିପାଳୟେତ୍ ।୨୫୧।**

ରାଜା ଏହିପରି ଧର୍ମଯୁକ୍ତକାର୍ଯ୍ୟମାନ ସମ୍ୟକ୍ ଭାବରେ କରି ଅଲବଧ ଦେଶମାନ ପାଇବା ସକାଶେ ଇଚ୍ଛା କରିବ ଓ ଲବ୍ଧ ଦେଶାମାନପରିପାଳନ କରିବ ।

**ସମ୍ୟଙ୍ ନିବିଷ୍ଟଦେଶସ୍ତୁ କୃତ ଦୁର୍ଗଶ୍ଚ ଶାସ୍ତ୍ରତଃ ।**
**କଣ୍ଟକୋଦ୍ଧାରଣେ ନିତ୍ୟମାତିଷ୍ଠେଦ୍ୟତ୍ନମୁତ୍ତମମ୍ ।୨୫୨।**

ସମ୍ୟକ୍‌ରୂପେ ବସିଥିବା ଦେଶର ଶାସ୍ତ୍ରାନୁଯାୟୀ ଦୁର୍ଗ ନିର୍ମାଣ କରି (ଚୋର ଡ଼କାଇତ ଇତ୍ୟାଦି ରୂପ) କଣ୍ଟକ ଉଦ୍ଧାର କରିବାରେ ସତତ ଉତ୍ତମ ଯତ୍ନ କରିବ ।

**ରକ୍ଷଣାଦାର୍ଯ୍ୟବୃତ୍ତାନାଂ କଣ୍ଟକାନାଞ୍ଚ ଶୋଧନାତ୍ ।**
**ନରେନ୍ଦ୍ରାସ୍ତ୍ରିଦିବଂ ଯାନ୍ତି ପ୍ରଜାପାଳନତତ୍ପରାଃ ।୨୫୩।**

ସଦାଚାରଶୀଳ ଲୋକମାନଙ୍କର ଓ ଚୌରାଦି କଣ୍ଟକମାନଙ୍କର ଶୋଧନ ହେତୁ ପ୍ରଜାପାଳନତତ୍ପର ରାଜାମାନେ ସ୍ୱର୍ଗ (ସୁଖ) ପ୍ରାପ୍ତ ହୁଅନ୍ତି ।

**ଅଶାସଂସ୍ତସ୍କରାନ୍ ଯସ୍ତୁ ବଳିଂ ଗୃହ୍ଣାତି ପାର୍ଥିବଃ ।**
**ତସ୍ୟ ପ୍ରକ୍ଷୁଭ୍ୟତେ ରାଷ୍ଟ୍ରଂ ସ୍ୱର୍ଗାଚ୍ଚ ପରିହୀୟତେ ।୨୫୪।**

ଯେଉଁ ରାଜା ତସ୍କରମାନଙ୍କୁ ଶାସନ ନ କରି ପ୍ରଜାଙ୍କଠାରୁ କର ଗ୍ରହଣକରେ ତାହାର ରାଜ୍ୟ (ବା ପ୍ରଜା) କ୍ଷୁବ୍ଧ ହୁଏ ଏବଂ ସେ ସୁଖରୁ ବଞ୍ଚିତ ହୁଏ ।

**ନିର୍ଭୟନ୍ତୁ ଭବେଦ୍ୟସ୍ୟ ରାଷ୍ଟ୍ରଂ ବାହୁବଳାଶ୍ରିତମ୍ ।**
**ତସ୍ୟ ତଦ୍ ବର୍ଦ୍ଧତେ ନିତ୍ୟଂ ସିଚ୍ୟମାନ ଇବ ଦ୍ରୁମ୍ ।୨୫୫।**

ଯେଉଁ ରାଜାର ବହୁବଳ ଆଶ୍ରୟପୂର୍ବକ ରାଜ୍ୟର ଲୋକେ (ଚୌରାଦିରୁ) ନିର୍ଭୟରେ ବାସ କରନ୍ତି ତାହାର ରାଜ୍ୟ ନିତ୍ୟ ଜଳସିଞ୍ଚିତ ବୃକ୍ଷପରି ବଢ଼େ ।

**ଦ୍ୱିବିଧାଂସ୍ତସ୍କରାନ୍ ବିଦ୍ୟାତ୍ ପରଦ୍ରବ୍ୟାପହାରକାନ୍ ।**
**ପ୍ରକାଶାଶ୍ଚ ପ୍ରକାଶଂଶ୍ଚ ଚାରଚକ୍ଷୁ ମହୀପତିଃ ।୨୫୬।**

ଚାର (ଦୂତ ବା ସନ୍ଧାନୀ) ରୂପ ଚକ୍ଷୁ ବିଶିଷ୍ଟ ରାଜା ପ୍ରକାଶ ଓ ଗୁପ୍ତ ଦୁଇପ୍ରକାର ପରଦ୍ରବ୍ୟାପହାରୀ ଚୋରମାନଙ୍କୁ ଜାଣିବ ।

**ପ୍ରକାଶବଞ୍ଚକସ୍ତେଷାଂ ନାନାପଣ୍ୟୋପଜୀବିନଃ ।**
**ପ୍ରଚ୍ଛନ୍ନବଞ୍ଚକାସ୍ତ୍ୱେତେ ଯେ ସ୍ତେନାଟବିକାଦୟଃ ।୨୫୭।**

ସେମାନଙ୍କ ମଧ୍ୟରୁ ନାନା ପ୍ରକାର ପଣ୍ୟୋପଜୀବୀ ଦୋକାନୀ ମୂଲ୍ୟ ଓ ଓଜନରେ ଠକାଉଥିବାରୁ ପ୍ରକାଶ ବଞ୍ଚକ ମାତ୍ର ଚୋର ଏବଂ ଅରଣ୍ୟରେ ଲୁଚି ଯେଉଁମାନେ ଅପହରଣ କରନ୍ତି ସେମାନେ ଗୁପ୍ତ ବଞ୍ଚକ ।

**ଉତ୍କୋଚକାଶ୍ଚୌପଧିକାଃ ବଞ୍ଚକାଃ କିତବାସ୍ତଥା ।**
**ମଙ୍ଗଳାଦେଶବୃତ୍ତାଶ୍ଚ ଭଦ୍ରାଶ୍ଚେକ୍ଷଣିକୈଃ ସହ ।୨୫୮।**

ଉତ୍କୋଚଗ୍ରହଣକାରୀ, ମିଥ୍ୟାଭୟ ଦେଖାଇ ପରଧନହାରୀ, ବଞ୍ଚନାକାରୀ, ଦ୍ୟୂତକ୍ରୀଡ଼କାରୀ ତୁମ୍ଭର ଧନ ପୁତ୍ର ସମ୍ପତ୍ତି ଲାଭ ହେବ ଇତ୍ୟାଦି ମିଥ୍ୟାମଙ୍ଗଳ ବାକ୍ୟ କହି ଜୀବିକାଧାରୀ, ଭିତରେ ପାପୀ ମାତ୍ର ବାହାରେ ଭଦ୍ରବେଶଧାରୀ ଠକ ଏବଂ ହାତ ରେଖା ଦେଖି ବିତ୍ତାର୍ଜନକାରୀ ।

**ଅସମ୍ୟକ୍‌କାରିଣଶ୍ଚୈବ ମହାମାତ୍ରାଶ୍ଚ କିତ୍ସକାଃ ।**
**ଶିଳ୍ପୋପଚାରଯୁକ୍ତାଶ୍ଚ ନିପୁଣାଃ ପଣ୍ୟଯୋଷିତଃ ।୨୫୯।**

ଉପଯୁକ୍ତ ଲାଭ କରି ନ ଥିବା ମାହୁନ୍ତ ଓ ବୈଦ୍ୟ, ଚିତ୍ରଲେଖାଦିଜୀବୀ ଏବଂ ସ୍ତ୍ରୀ ବ୍ୟବସାୟୀ ବେଶ୍ୟା,

**ଏବମାଦୀନ୍ ବିଜାନୀୟାତ୍ ପ୍ରକାଶାଂଲ୍ଲୋକକଣ୍ଟକାନ୍**
**ନିଗୁଢ଼ଚାରିଣଶ୍ଚାନ୍ୟାନନାର୍ଯ୍ୟାଲିଙ୍ଗିନଃ ।୨୬୦।**

ଏହି ସମସ୍ତଙ୍କୁ ପ୍ରକାଶ୍ୟ ଲୋକ କଣ୍ଟକ ବୋଲି ଜାଣିବ ଏବଂ ଆର୍ଯ୍ୟବେଶଧାରୀ ଅନାର୍ଯ୍ୟ ଗୁପ୍ତାଚାରୀ ଠକମାନଙ୍କୁ ସୁଦ୍ଧା ଚିହ୍ନିବ ।

**ତାନ୍ ବିଦିତ୍ୱା ସୁଚରିତୈର୍ଗୁଢ଼ୈସ୍ତତ୍କର୍ମକାରିଭିଃ ।**
**ଚାରୈଶ୍ଚାନେକସଂସ୍ଥାନୈଃ ପ୍ରୋତ୍ସାଦ୍ୟ ବଶମାନୟେତ୍ ।୨୬୧।**

ରାଜା ସେମାନଙ୍କୁ ଜାଣି ସୁଚରିତ ଗୁପ୍ତଚରମାନଙ୍କଦ୍ୱାରା ପ୍ରକାଶ୍ୟରେ ସେହି କର୍ମ କରିବାଦ୍ୱାରା ଏବଂ ନାନାପ୍ରକାର ଉପାୟରେ ହରବର କରି ବଶରେ ଆଣିବ ।

**ତେଷାଂ ଦୋଷାନଭିଖ୍ୟାପ୍ୟ ସ୍ୱେ ସ୍ୱେ କର୍ମଣି ତତ୍ତ୍ୱତଃ ।**
**କୁର୍ବୀତ ଶାସନଂ ରାଜା ସମ୍ୟକ୍ ସାରାପରାଧତଃ ।୨୬୨।**

ସେମାନଙ୍କର ଚୌର୍ଯ୍ୟାଦି ଦୋଷ ଯଥାର୍ଥ ରୂପେ ଘୋଷଣାକରି ସେମାନଙ୍କର ନିଜ ନିଜ ଦୁଷ୍କର୍ମରେ ଅପରାଧର ସାର ସମ୍ୟକ୍‌ରୂପେ ଦେଖି ରାଜା ଦଣ୍ଡ ବିଧାନ କରିବ ।

**ନ ହି ଦଣ୍ଡାଦୃତେ ଶକ୍ୟଃ କର୍ତ୍ତୁଂ ପାପବିନିଗ୍ରହଃ ।**
**ସ୍ତେନାନାଂ ପାପବୁଦ୍ଧିନାଂ ନିଭୃତଞ୍ଚରତାଂକ୍ଷିତୌ ।୨୬୩।**

ପୃଥିବୀରେ ଯେଉଁ ପାପବୁଦ୍ଧି ଚୋରମାନେ ଗୋପନରେ ବିଚରଣ କରନ୍ତି ସେମାନଙ୍କୁ ଦଣ୍ଡ ହେବା ଛଡ଼ା ପାପରୁ ନିଗ୍ରହ କରାଯାଇ ନପାରେ ।

**ସଭା ପ୍ରପା ପୂପଶାଳା ବେଶମଦ୍ୟାନ୍ନବିକ୍ରୟାଃ ।**
**ଚତୁଷ୍ପଥାଶ୍ଚୈତ୍ୟବୃକ୍ଷାଃ ସମାଜାଃ ପ୍ରେକ୍ଷଣାନି ଚ ।୨୬୪।**

ସଭା, ଜଳଦାନଘର, ପିଷ୍ଟକାଦି ବିକ୍ରୟ ଦୋକାନ, ବେଶ୍ୟାଗୃହ; ମଦ୍ୟାନ୍ନ ବିକ୍ରୟ ସ୍ଥାନ, ଛକସ୍ଥଳ, ପ୍ରଧାନ ବୃକ୍ଷ, ସମାଜ ଗୃହ ରଙ୍ଗାଳୟ ।

**ଜୀର୍ଣ୍ଣୋଦ୍ୟାନାନ୍ୟରଣ୍ୟାନି କାରୁକାବେଶନାନି ଚ ।**
**ଶୂନ୍ୟନି ଚାପ୍ୟାଗାରାଣି ବନାନ୍ୟୁପବନାନି ଚ ।୨୬୫।**
**ଜୀର୍ଣ୍ଣୋଦ୍ୟାନ, ଅରଣ୍ୟ, ଶିଳ୍ପଗୃହ, ବାଗ ଓ ବଗିଚା,**
**ଏବଂ ବିଧାନ୍ତ ପୋ ଦେଶାନ୍ ଗୁଲ୍ମୈଃ ସ୍ଥାବରଜଙ୍ଗମୈଃ ।**
**ତସ୍କରପ୍ରତିଷେଧାର୍ଥଂ ଚାରୈଶ୍ଚାପ୍ୟନୁଚାରୟେତ୍ ।୨୬୬।**

ଏହିପରି ସକଳ ସ୍ଥାନରେ ତସ୍କର ନିବାରଣ ସକାଶେ ରାଜା ଏକସ୍ଥାନରେ ଠିଆ ହୋଇ ଥିବା ଅଥବା ବୁଲି ଚୌକିଦେବା ପଦାତିକ ପ୍ରହରୀ ମଧ୍ୟ ଚାର ନିଯୁକ୍ତ କରିବ ।

**ତତ୍ସାହାଯ୍ୟୈରନୁଗତୈର୍ନାନା କର୍ମପ୍ରବେଦିଭିଃ ।**
**ବିଦ୍ୟାଦୁତ୍ସାଦୟେଚ୍ଚୈବ ନିପୁଣୈଃ ପୂର୍ବତସ୍କରୈଃ ।୨୬୭।**

ଯେଉଁମାନେ ଚୋରର ସହାୟ, ଅନୁଗତ ବା ଚୋରଙ୍କ ପରି ନାନା ପ୍ରକାର ସିନ୍ଧି କରିବାରେ ନିପୁଣ ଅଥବା ପୂର୍ବେ ଚୋର ଥିଲା ଏଭଳି ନିପୁଣ ଗୁପ୍ତଚର ଦ୍ୱାରା ରାଜା ସେମାନଙ୍କୁ ଜାଣି ନିର୍ମୂଳ କରିବ ।

**ଭକ୍ଷ୍ୟଭୋଜ୍ୟାପଦେଶୈଶ୍ଚ ବ୍ରାହ୍ମଣାନାଞ୍ଚ ଦର୍ଶନୈଃ ।**
**ଶୌର୍ଯ୍ୟକର୍ମାପଦେଶୈଶ୍ଚ କୁର୍ଯ୍ୟୁସ୍ତେଷଂ ସମାଗମମ୍ ।୨୬୮।**

ଭକ୍ଷ୍ୟଭୋଜ୍ୟର ଲୋଭ ଅଥବା ଅଭିଳାଷ ପୂରଣକାରକ ବ୍ରାହ୍ମଣମାନଙ୍କୁ ଦେଖିବା ଛଳରେ କିମ୍ବା ଶୌର୍ଯ୍ୟବୀର୍ଯ୍ୟ କର୍ମ ଦେଖାଇବା ଛଳରେ ରାଜା ଚାରଦ୍ୱାରା ସେମାନଙ୍କୁ ଅଣାଇବ ।

**ଯେ ତତ୍ର ନୋପସର୍ପେୟୁର୍ମୂଳ ପ୍ରଣିହିତାଶ୍ଚ ଯେ ।**
**ତାନ୍ ପ୍ରସହ୍ୟ ନୃପୋ ହନ୍ୟାତ୍ସମିତ୍ରଜ୍ଞାତିବାନ୍ଧବାନ୍ ।୨୬୯।**

ଯେଉଁମାନେ ଏରୂପେ ଧରା ପଡ଼ିବା ଭୟରେ ନ ଯିବେ ଏବଂ ଗୁପ୍ତ ରାଜଦୂତମାନଙ୍କ ସଙ୍ଗେ ସାବଧାନରେ ରହି ଆପଣାକୁ ବଞ୍ଚାଇବେ ସେମାନଙ୍କୁ ରାଜା ବଳ ପୂର୍ବକ ଧରି ମିତ୍ର ଜ୍ଞାତି ଓ ବାନ୍ଧବମାନଙ୍କ ସହିତ ବଧ କରିବ ।

**ନ ହୋଢ଼େନ ବିନା ଚୌରଂ ଘାତୟେଦ୍ଧାର୍ମିକୋ ନୃପଃ ।**
**ସହୋଢ଼ଂ ସୋପକରଣଂ ଘାତୟେଦବିଚାରୟନ୍ ।୨୭୦।**

ଧାର୍ମିକରାଜା ଚୋରାମାଲ ଅଥବା ସିନ୍ଧିଆଦିର ଉପକରଣାଦିର ପ୍ରମାଣ ବିନା ଚୋରକୁ ଦଣ୍ଡ ଦେବ ଏବଂ ଚୋରାମାଲ ଓ ଉପକରଣାଦି ମିଳିଲେ ବିନା ବିଚାରରେ ଦଣ୍ଡ ଦେବ ।

**ଗ୍ରାମେଷ୍ୱପିଚ ଯେ କେଚିଚ୍ଚୌରାଣାଂ ଭକ୍ତଦାୟକାଃ ।**
**ଭାଣ୍ଡାବକାଶଦାଶ୍ଚୈବ ସର୍ବାଂସ୍ତାନାପି ଘାତୟେତ୍ ।୨୭୧।**

ଗ୍ରାମମାନଙ୍କରେ ସୁଦ୍ଧା ଯେଉଁମାନେ ଚୋରମାନଙ୍କୁ ଭୋଜନାଦି ସାହାଯ୍ୟ ଦେବେ ଅଥବା ଭଣ୍ଡ (ଭୋଜନପାତ୍ର) ବା ରହିବାକୁ ସ୍ଥାନ ଦେବେ ସେ ସମସ୍ତଙ୍କୁ ସୁଦ୍ଧା ରାଜା ଦଣ୍ଡଦେବ ।

**ରାଷ୍ଟ୍ରେଷୁ ରକ୍ଷାଧିକୃତାନ୍ ସାମନ୍ତାଂଶ୍ଚୈବ ଚୋଦିତାନ୍ ।**
**ଅଭ୍ୟାଘାତେଷୁ ମଧ୍ୟସ୍ଥାନ୍ ଶିଷ୍ୟାଚ୍ଚୌରାନିବ ଦ୍ରୁତମ୍ ।୨୭୨।**

ରାଜ୍ୟମାନଙ୍କରେ ରକ୍ଷା କାର୍ଯ୍ୟରେ ନିଯୁକ୍ତ (ପୁଲିସ) ଓ ସୀମାରେ ସ୍ଥାପିତ ସିପାହିମାନଙ୍କୁ ଚୌର୍ଯ୍ୟକାର୍ଯ୍ୟର ଉପଦେଶରେ ମଧ୍ୟସ୍ଥ ହେବାର ଦେଖାଗଲେ ରାଜା ସେମାନଙ୍କୁ ଶୀଘ୍ର ଚୋରପରି ଶାସନ କରିବ ।

**ଯଶ୍ଚାପି ଧର୍ମସମୟାତ୍ ପ୍ରଚ୍ୟୁତୋ ଧର୍ମଜୀବନଃ ।**
**ଦଣ୍ଡେନୈବ ତମପ୍ୟେଷେତ୍ସ୍ୱକାଦ୍ଧର୍ମାଦ୍ଧିବିଚ୍ୟୁତମ୍ ।୨୭୩।**

ଯେ କେହି (ହାକିମ ଇତ୍ୟାଦି) ଧର୍ମାଧିକରଣରେ ଥାଇ ଧର୍ମବିଚାରରୁ ଭ୍ରଷ୍ଟ ହେବ ସେହି ସ୍ୱକର୍ମଭ୍ରଷ୍ଟ ବିଚାରକ ଇତ୍ୟାଦିଙ୍କୁ ରାଜା ଦଣ୍ଡଦ୍ୱାରା ପୀଡ଼ା ଦେବ ।

**ଗ୍ରାମଘାତେ ହିତାଭଙ୍ଗେ ପଥି ମୋଷାଭିଦର୍ଶନେ ।**
**ଶକ୍ତିତୋ ନାଭିଧାବନ୍ତେ ନିର୍ବାସ୍ୟାଃ ସପରିଚ୍ଛଦାଃ ।୨୭୪।**

ଗ୍ରାମରେ ଲୁଟତରାଜ ହେବା; ସେତୁ ଭଙ୍ଗାଯିବା ଓ ବାଟଘାଟରେ ଚୋରିହେବା ଦେଖି ଯେଉଁମାନେ ଅପରାଧିମାନଙ୍କୁ ଧରିବା ସକାଶେ ଶକ୍ତ୍ୟାନୁସାରେ ଧାବିତ ନ ହେବେ ରାଜା ସେମାନଙ୍କୁ ତାଙ୍କ ମାଲମତା ସହିତ ଦେଶରୁ ବାହାର କରିବେ ।

**ରାଜ୍ଞଃ କୋଷାପହର୍ତ୍ତୃଂଶ୍ଚ ପତିକୂଳେଷୁଚ ସ୍ଥିତାନ୍ ।**
**ଘାତୟେଦ୍ ବିବିଧୈର୍ଦ୍ଦଣ୍ଡୈଚରୀଣାଞ୍ଚୋପଜାପକାନ୍ ।୨୭୫।**

ରାଜକୋଷର ଅପହର୍ତ୍ତା ରାଜାଜ୍ଞାର ପତିକୂଳାଚାରୀ ଏବଂ ଶତ୍ରୁମାନଙ୍କୁ ଭେଦ କରିଦେବା ଲୋକଙ୍କୁ ରାଜା ନାନାପ୍ରକାର ଦଣ୍ଡଦେଇ ଶାସିତ କରିବ ।

**ସନ୍ଧିଂଛିତ୍ୱା ତୁ ଯେ ଚୌର୍ଯ୍ୟଂ ରାତ୍ରୌ କୁର୍ବନ୍ତି ତସ୍କରାଃ ।**
**ତେଷାଂ ଛିତ୍ୱା ନୃପୋ ହସ୍ତୌ ତୀକ୍ଷଣଶୂଳେ ନିବେଶୟେତ୍ ।୨୭୬।**

ଯେ ଚୋରମାନେ ରାତ୍ରି କାଳରେ ସିନ୍ଧିକରି ଚୋରି କରନ୍ତି ରାଜା ସେମାନଙ୍କର ଦୁଇହାତ କାଟି ତାଙ୍କୁ ତୀକ୍ଷ୍ଣ ଶୂଳିରେ ଚଢ଼ାଇବେ ।

**ଅଙ୍ଗୁଳୀ ଗ୍ରନ୍ଥିଭେଦସ୍ୟ ଛେଦୟତ୍ ପ୍ରଥମ ଗ୍ରହେ ।**
**ଦ୍ୱିତୀୟେ ହସ୍ତଚରଣୌ ତୃତୀୟେ ବଧମର୍ହତି ।୨୭୭।**

ଗଣ୍ଠିକଟାମାନଙ୍କର ପ୍ରଥମ ଅପରାଧରେ ଅଙ୍ଗୁଳୀ କର୍ତ୍ତନ, ଦ୍ୱିତୀୟ ଅପରାଧରେ ହାତଗୋଡ଼ କଟା ଏବଂ ତୃତୀୟ ଅପରାଧରେ ପ୍ରାଣଦଣ୍ଡ ହେବ ।

**ଅଗ୍ନିଦାନ୍ ଭକ୍ତଦାଂଶ୍ଚୈ ଚ ତଥା ଶସ୍ତ୍ରାବକାଶଦାନ୍ ।**
**ସନ୍ନିଧାତୃଶ୍ଚ ମୋଷସ୍ୟ ହନ୍ୟାଚ୍ଚୌରମିବେଶ୍ୱରଃ ।୨୭୮।**

ଜାଣି ଶୁଣି ଗଣ୍ଠିକଟାମାନଙ୍କୁ ଯେଉଁମାନେ ଅଗ୍ନି, ଅନ୍ନ, ଶସ୍ତ୍ର ଓ ସ୍ଥାନ ଦେବେ ଓ ଚୋରାମାଲ ଆପଣାନିକଟ ରଖିବେ ସେମାନଙ୍କୁ ଗଣ୍ଠିକଟା ସ୍ୱରୂପ ରାଜାଦଣ୍ଡଦେବେ ।

**ତଡ଼ାଗଭେଦକଂ ହନ୍ୟାଦପ୍ସୁ ଶୁଦ୍ଧବଧେନ ବା ।**
**ତଦ୍‌ବାପି ପ୍ରତିସଂସ୍କୁର୍ଯ୍ୟାଦ୍ଦାପ୍ୟସ୍ତୁତ୍ତମ ସାହସମ୍ ।୨୭୯।**

ତଡ଼ାଗ ଭେଦକାରୀକୁ ଜଳରେ ବୁଡ଼ାଇ ବା ସିଧା ମାରି ପକାଇବ; ମାତ୍ର ଯଦି ସେ ତାହାକୁ ମରାମତ କରିଦିଏ ତେବେ ଉତ୍ତମ ସାହସ ଦଣ୍ଡ ପାଇବ ।

**କୋଷ୍ଠାଗାରାୟୁଧାଗାରବେତାଗାରଭେଦକାନ୍ ।**
**ହସ୍ତ୍ୟଶ୍ୱରଥହର୍ତ୍ତୃଂଶ୍ଚ ହନ୍ୟଦେବାବିଚାରୟନ୍ ।୨୮୦।**

ଯେଉଁମାନେ ଅମାର, ଅସ୍ତ୍ରାଗାର ଓ ଯଜ୍ଞ ମନ୍ଦିର ଭେଦ କରିବେ ଅଥବା ହାତୀ ଘୋଡ଼ା ରଥ ହରଣ କରିବେ ସେମାନଙ୍କୁ କିଛି ନ ବିଚାରି ବଧ କରିବା କର୍ତ୍ତବ୍ୟ ।

**ଯସ୍ତୁ ପୂର୍ବନିବିଷ୍ଟସ୍ୟ ତଡ଼ାଗସ୍ୟୋଦକଂ ହରେତ୍ ।**
**ଆଗମଂ ବାପ୍ୟଭିନ୍ଦାସ୍ନ ଦାପ୍ୟଃ ପୂର୍ବେସାହସମ୍ ।୨୮୧।**

ଯେ କେହି ସାଧାରଣଙ୍କ ଉପକାରାର୍ଥେ ବହୁକାଳରୁ ନିର୍ମିତ ହୋଇଥିବା ତଡ଼ାଗର ଜଳକୁ ଏକାବେଳକେ ହରଣ କରେ ଅଥବା ଜଳାଗମର ବାଟ ବନ୍ଦ କରିଦିଏ ସେ ପ୍ରଥମ ସାହସ ଦଣ୍ଡ ପାଇବ ।

**ସମୁତ୍ସୃଜେଦ୍ରାଜମାର୍ଗେ ଯସ୍ତ୍ୱମେଧମନାପଦି ।**
**ସଦ୍ୱୌ କାର୍ଷାପଣୌ ଦଦ୍ୟାଦ୍ ମେଧଞ୍ଚାଶୁ ଶୋଧୟେତ୍ ।୨୮୨।**

ଯେଉଁ ବ୍ୟକ୍ତି ରୋଗରହିତାଦି କାଳରେ ରାଜମାର୍ଗରେ ମଇଳା ପକାଇବ ତାହାକୁ ଦୁଇ କାର୍ଷାପଣ ଦଣ୍ଡ ଦେଇ ତାହାରି ଦ୍ୱାରା ଶୀଘ୍ର ମଇଳା କଢ଼ାଇବ ।

**ଆପଦ୍‌ଗତୋଽଥବା ବୃଦ୍ଧୋ ଗର୍ଭିଣୀ ବାଳ ଏବ ବା ।**
**ପରିଭାଷଣମର୍ହନ୍ତି ତଚ୍ଚ ଶୋଧ୍ୟମିତି ସ୍ଥିତି ।୨୮୩।**

ପରନ୍ତୁ ବ୍ୟାଧିଗ୍ରସ୍ତ, ବୃଦ୍ଧ, ଗର୍ଭିଣୀ ବା ପିଲାହେଲେ ତାଙ୍କୁ ଧମକାଇ ମଇଳା ପରିଷ୍କାର କରାଇବା କର୍ତ୍ତବ୍ୟ- ଏହାହିଁ ବ୍ୟବସ୍ଥା ।

**ଚିକିତ୍ସକାନାଂ ସର୍ବେଷାଂ ମିଥ୍ୟାପ୍ରଚରତାଂ ଦମଃ ।**
**ଅମାନୁଷେଷୁ ପ୍ରଥମୋ ମାନୁଷେଷୁ ତୁ ମଧ୍ୟମଂ ।୨୮୪।**

---

* – କୌଣସି କୌଣସି ପାଠରେ 'ଯଦ୍‌ବାପି' ଅଛି ।

ପାଠ ନ ପଢ଼ି ଚିକିତ୍ସକ ବନି ଯେଉଁମାନେ ବିପରୀତ ଚିକିତ୍ସା କରନ୍ତି ସେ ସମସ୍ତଙ୍କୁ ଦଣ୍ଡ ଦେବ, ଗୋରୁ ଘୋଡ଼ା ଆଦିର ବିପରୀତ ଚିକିତ୍ସାକାରୀଙ୍କୁ ପ୍ରଥମ ସାହସ ଏବଂ ମନୁଷ୍ୟର ବିପରୀତ ଚିକିତ୍ସାକାରୀଙ୍କୁ ମଧ୍ୟମ ସାହସ ଦଣ୍ଡ ଦେବ ।

**ସଂକ୍ରମଧ୍ୱଜଜଷ୍ଟୀନାଂ ପ୍ରତିମାନାଞ୍ଚ ଭେଦକଃ ।**
**ପ୍ରତିକୁର୍ଯ୍ୟାଚ୍ଚ ତତ୍ସର୍ବଂ ପଞ୍ଚଦଦ୍ୟଚ୍ଛାତାନି ଚ ।୨୮୫।**

କାଷ୍ଠପ୍ରସ୍ତରାଦିର ପୋଲ, ପତାକାର ବାଉଁଶ ବା କାଠ ଏବଂ ପ୍ରତିମା ସବୁ ଯେଉଁ ବ୍ୟକ୍ତି ଭାଙ୍ଗିଦେବ ତାହାକୁ ପୁଣି ବନାଇ ଦେବ ଏବଂ ପାଞ୍ଚଶ ପଣ ଦଣ୍ଡ ଦେବ ।

**ଅଦୂଷିତାନାଂ ଦ୍ରବ୍ୟାଣାଂ ଦୂଷଣେ ଭେଦନେ ତଥା ।**
**ମଣୀନାମପବେଧେ ଚ ଦଣ୍ଡଃ ପ୍ରଥମସାହସଃ ।୨୮୬।**

ଅଦୂଷିତା ଦ୍ରବ୍ୟମାନଙ୍କୁ ଦୂଷିତା ବା ଭଗ୍ନ କଲେ ଏବଂ ମଣି ପ୍ରଭୃତିର ଆସ୍ଥାନ ଫୋଡ଼ିଲେ ପ୍ରଥମ ସାହସ ଦଣ୍ଡ ଦେବ ।

**ସମୈର୍ହିବିଷମାଂ ଯସ୍ତୁ ଚରେଦ୍‌ବୈ ମୂଲ୍ୟତୋଽପି ବା**
**ଅମପ୍ନୁୟାଦ୍ଦାମାଂ ପୂର୍ବଂ ନରୋ ମଧମେବ ବା ।୨୮୭।**

ଯେ ବ୍ୟକ୍ତି ସମାନବସ୍ତୁ ବା ସମାନ ମୂଲ୍ୟର ବସ୍ତୁ ସହିତ ଅସମାନ ବସ୍ତୁ ବା ଅସମାନ ମୂଲ୍ୟର ବସ୍ତୁ ଚଳାଏ ସେ ପ୍ରଥମ ସାହସ ଅଥବା ମଧ୍ୟମ ସାହସ ଦଣ୍ଡ ପାଇବ ।

**ବନ୍ଧନାନି ଚ ସର୍ବାଣି ରାଜମାର୍ଗେ ନିବେଶୟେତ୍ ।**
**ଦୁଃଖିତା ଯତ୍ର ଦୃଶ୍ୟେରନ୍ ବିକୃତାଃ ପାପକାରିଣଃ ।୨୮୮।**

କାରାଗାରାଦି ସକଳ ରନ୍ଧନଗୃହମାନ (ଜେଲଖାନା, ପାଗଲଖାନା ଇତ୍ୟାଦି) ରାଜମାର୍ଗରେ ନିର୍ମାଣ କରିବ ଯେପରି କି ସମସ୍ତେ ଦୁଃଖିତ, ବିକୃତ ଓ ପାପକାରୀମାନଙ୍କୁ ଦେଖିବାକୁ ପାଆନ୍ତି ।

**ପ୍ରାକାରସ୍ୟ ଚ ଭେତ୍ତାରଂ ପରିଖାଣାଞ୍ଚ ପୂରକମ୍ ।**
**ଦ୍ୱାରାଣାଞ୍ଚୈବ ଭଙ୍‌କ୍ତାରଂ କ୍ଷିପ୍ରମେବ ପ୍ରବାସୟେତ୍ ।୨୮୯।**

ପ୍ରକାର ଭେଦକ, ପରିଖାପୂରକ ଓ ଦ୍ୱାର ଭଗ୍ନକାରୀ ବ୍ୟକ୍ତିମାନଙ୍କୁ ଶୀଘ୍ର ନିର୍ବାସିତ କରିବ ।

**ଅଭିଚାରେଷୁ ସର୍ବେଷୁ କର୍ତ୍ତବ୍ୟୋ ଦ୍ୱିଶତୋ ଦମଃ ।**
**ମୂଳ କର୍ମଣି ଚାନାପ୍ତେଃ କୃତ୍ୟାସୁ ବିବିଧାସୁ ଚ ।୨୯୦।**

(ମାରଣ, ଉଚ୍ଚାଟନ, ବଶୀକରଣାଦି) ଅଭିଚାର ଯେ ବ୍ୟକ୍ତି ବିବିଧରୂପେ ଚଳାଏ ତହିଁରେ ଯାହା ପ୍ରତି ତାହା ଚାଳିତ ହୁଏ ସେ ମରି ନ ଗଲେ ଦୁଇଶତ ପଣ ଦଣ୍ଡ ହେବ । (ମରିଗଲେ ମନୁଷ୍ୟ ମାରିବା ଦଣ୍ଡ) ।

**ଆବୀଜବିକ୍ରୟୀ ଚୈବ ବୀଜୋତ୍କୃଷ୍ଟ ତଥୈବ ଚ ।**
**ମର୍ଯ୍ୟାଦାଭେଦକର୍ଶ୍ଚୈବ ବିକୃତଂ ପ୍ରାପ୍ନୁୟାଦ୍‌ବଧମ୍ ।୨୯୧।**

ଅବୀଜକୁ ଯେ ବୀଜବୋଲି ବିକ୍ରୟ କରେ ତଥା ଉତ୍କୃଷ୍ଟ ବୀଜକୁ ଅପକୃଷ୍ଟ ବୀଜସଙ୍ଗେ ମିଶାଇ ବିକେ ଏବଂ ଗ୍ରାମନଗରର ସୀମା ନଷ୍ଟ କରେ ସେ ନାସା ଛେଦନାଦି ବିକୃତିର ଦଣ୍ଡ ପାଇବ ।

**ସର୍ବକଣ୍ଟକପାପିଷ୍ଠଂ ହେମକାରନ୍ତୁ ପାର୍ଥିବଃ ।**
**ପ୍ରବର୍ତ୍ତମାନମନ୍ୟାୟେ ଛେଦୟେଲ୍ଲବଶଃ କ୍ଷୁରେ ।୨୯୨।**

ଯେତେ କଣ୍ଟକ ପାପୀ ଅଛନ୍ତି ତହିଁ ମଧ୍ୟରେ ଅତିଶୟ ପାପିଷ୍ଠ ସ୍ୱର୍ଣ୍ଣକାରକୁ ଅନ୍ୟାୟ କାର୍ଯ୍ୟ (ସୁନାଚୋରି)ରେ ପ୍ରବୃତ୍ତ ଦେଖିଲେ ରାଜା କ୍ଷୁରଦ୍ୱାରା ଖଣ୍ଡ ଖଣ୍ଡ କାଟିବ ।

**ସୀତାଦ୍ରବ୍ୟାପହରଣେ ଶସ୍ତ୍ରାଣାମୋଷଧସ୍ୟ ଚ ।**
**କାଲମାସାଦ୍ୟ କାର୍ଯ୍ୟଂ ଚ ରାଜା ପ୍ରକଳ୍ପୟେତ୍ ।୨୯୩।**

ହଳ ଇତ୍ୟାଦି ଚାଷଦ୍ରବ୍ୟ, ଶସ୍ତ୍ର ଏବଂ ଔଷଧ ଚୋରି କଲେ ସମୟ ଓ ଅପରାଧ ବିଚାର କରି ରାଜା ଦଣ୍ଡ ବିଧାନ କରିବ ।

**ସ୍ୱାମ୍ୟମାତ୍ୟୌ ପୁରଂ ରାଷ୍ଟ୍ରଂ କୋଶଦଣ୍ଡୌ ସୁହୃତ୍ତଥା ।**
**ସପ୍ତପ୍ରକୃତୟୋ ହ୍ୟେତାଃ ସପ୍ତାଙ୍ଗଂ ରାଜ୍ୟମୁଚ୍ୟତେ ।୨୯୪।**

ରାଜା, ମନ୍ତ୍ରୀ ନଗର, ରାଜ୍ୟ, କୋଷ, ଦଣ୍ଡ ଓ ମିତ୍ର ଏହି ସାତପ୍ରକୃତି ବିଶିଷ୍ଟ ଥିବାରୁ ସପ୍ତାଙ୍ଗ ବୋଲାଯାଏ ।

**ସପ୍ତାନାଂ ପ୍ରକୃତୀନାଂ ତୁ ରାଜ୍ୟସ୍ୟାସାଂ ଯଥାକ୍ରମମ୍ ।**
**ପୂର୍ବଂ ପୂର୍ବଂ ଗୁରୁତରଂ ଜାନୀୟାଦ ବ୍ୟସନଂ ମହତ୍ ।୨୯୫।**

ପ୍ରକୃତିପଦବାଚ୍ୟ ରାଜ୍ୟର ଏହି ସପ୍ତାଙ୍ଗ ମଧ୍ୟରୁ ଯଥାକ୍ରମେ ପୂର୍ବ ପୂର୍ବ ଅଙ୍ଗର ବିନାଶ ଗୁରୁତର ମହତ୍ ବ୍ୟସନ ଜାଣିବ ।

**ସପ୍ତାଙ୍ଗସ୍ୟେହ ରାଜ୍ୟସ୍ୟ ବିଷ୍ଟବ୍ଧସ୍ୟ ତ୍ରିଦଣ୍ଡବତ୍ ।**
**ଅନ୍ୟୋଽନ୍ୟ ଗୁଣବୈଶେଷ୍ୟାନ୍ନ କିଞ୍ଚିଦତିରିଚ୍ୟତେ ।୨୯୬।**

ଯତିର ତିନିଦଣ୍ଡ ପରି ଏହି ପୃଥିବୀ ରାଜ୍ୟରେ ସପ୍ତାଙ୍ଗର ଗୁଣ ବିଶେଷ ଜନିତ କୌଣସି ପାର୍ଥକ୍ୟ ପରସ୍ପରରେ ନାହିଁ (ଅର୍ଥାତ୍ ଏକ ଅନ୍ୟର ସମଭାବରେ ସହାୟ ନଥିଲେ ଚଳିବ ନାହିଁ) ।

**ତେଷୁ ତେଷୁ ତୁ କୃତ୍ୟେଷୁ ତିତ୍ତଦଙ୍ଗଂ ବିଶିଷ୍ୟତେ ।**
**ଯେନ ଯଚ୍ଛାଧ୍ୟତେ କାର୍ଯ୍ୟଂ ତତ୍ତସ୍ମିନ୍ ଶ୍ରେଷ୍ଠମୁଚ୍ୟତେ ।୨୯୭।**

ସେଥିମଧ୍ୟରୁ ଯେଉଁ ଅଙ୍ଗଦ୍ୱାରା ଯେଉଁ କାର୍ଯ୍ୟ ସମ୍ପନ୍ନ ହୁଏ ସେହି କାର୍ଯ୍ୟରେ ସେହି ଅଙ୍ଗକୁ ଶ୍ରେଷ୍ଠ ବୋଲାଯିବ ।

**ଚାରେଣୋତ୍ସାହଯୋଗେନ କ୍ରିୟୟୈବ ଚ କର୍ମଣାମ୍ ।**
**ସ୍ୱଶକ୍ତିଂ ପରଶକ୍ତିଞ୍ଚ ନିତ୍ୟ ବିଦ୍ୟାନ୍ମହୀପତିଃ ।୨୯୮।**

ଚାରମାନଙ୍କୁ ଉତ୍ସାହ ଦେବା ଏବଂ କାର୍ଯ୍ୟ ପରିଚାଳନାଦ୍ୱାରା ରାଜା ସର୍ବଦା ସ୍ୱଶକ୍ତି ଏବଂ ଶତ୍ରୁର ସାମର୍ଥ୍ୟ ଅବଗତ ହେବ ।

**ପୀଡ଼ନାନୀ ଚ ସର୍ବାଣି ବ୍ୟସନାନି ତଥୈବ ଚ ।**
**ଆରଭେତ ତତଃ କାର୍ଯ୍ୟ ସଞ୍ଚିନ୍ତ୍ୟ ଗୁରୁଲାଘବମ୍ ।୨୯୯।**

ଦୁର୍ଭିକ୍ଷ ମଡ଼କାଦି ପୀଡ଼ା ଓ କାମକ୍ରୋଧଜନିତ ଦୁଃଖମାନ ଦେଖି ତେବେ ଶତ୍ରୁସଙ୍ଗେ ସନ୍ଧିଗ୍ରହାଦି କାର୍ଯ୍ୟ ଗୁରୁ ଲଘୁ ବିବେଚନା ପୂର୍ବକ ଆରମ୍ଭ କରିବ ।

**ଆରଭେତୈବ କର୍ମାଣି ଶ୍ରାନ୍ତଃ ଶ୍ରାନ୍ତଃ ପୁନଃ ପୁନଃ ।**
**କର୍ମାଣ୍ୟାରଭମାଣଂ ହି ପୁରୁଷଂ ଶ୍ରୀର୍ନିଷେବତେ ।୩୦୦।**

ରାଜ୍ୟରକ୍ଷାଦି କାର୍ଯ୍ୟରେ ବାରମ୍ବାର ଶ୍ରାନ୍ତ ହେଲେ ସୁଦ୍ଧା କ୍ଷାନ୍ତ ନ ହୋଇ ପୁନଃ ପୁନଃ କାର୍ଯ୍ୟାରମ୍ଭ କରିବ, କାରଣ କାର୍ଯ୍ୟାରମ୍ଭଶାଳୀ ପୁରୁଷକୁ ଲକ୍ଷ୍ମୀମିଳେ ।

**କୃତଂ ତ୍ରେତା ଯୁଗଞ୍ଚୈବ ଦ୍ୱାପରଂ କଲିରେବ ଚ ।**
**ରାଜ୍ଞୋ ବୃତ୍ତାନି ସର୍ବାଣି ରାଜା ହି ଯୁଗମୁଚ୍ୟତେ ।୩୦୧।**

ସତ୍ୟ,ତ୍ରେତା, ଦ୍ୱାପର ଓ କଳିଯୁଗ ଏସବୁ ରାଜାମାନଙ୍କର ଚେଷ୍ଟା ଏବଂ ରାଜାକୁ ଯୁଗ ବୋଲାଯାଏ ଅର୍ଥାତ୍ ରାଜାର କାର୍ଯ୍ୟଦ୍ୱାରା ରାଜ୍ୟରେ ସତ୍ୟ; ତ୍ରେତା, ଦ୍ୱାପର ଓ କଳିଯୁଗ ପ୍ରବର୍ତ୍ତିତ ହୋଇ ସୁଖ ଦୁଃଖ ଭୋଗ କରାଏ ।

**କଲିଃ ପ୍ରସୁପ୍ତୋ ଭବତି ସ ଜାଗ୍ରଦ୍ଦ୍ୱାପରଂ ଯୁଗମ୍ ।**
**କର୍ମସ୍ୱଭ୍ୟୁଦ୍ୟତସ୍ତ୍ରେତା ବିଚରଂସ୍ତୁ କୃତଂ ଯୁଗମ୍ ।୩୦୨।**

ଯେତେବେଳେ ରାଜା ପ୍ରକୃତି ପୁଞ୍ଜର ଶ୍ରୀବୃଦ୍ଧି ପ୍ରତି ଆଖିବୁଜି ଶୋଇ ରହେ ତେତେବେଳେ କଳିଯୁଗ, ଯେତେବେଳେ ରାଜ୍ୟପ୍ରତି ଜାଗ୍ରତ ତେତେବେଳେ ଦ୍ୱାପର, ଯେତେବେଳେ ରାଜକର୍ମାନୁଷ୍ଠାନରେ ଅବସ୍ଥିତତେତେବେଳେ ତ୍ରେତା ଏବଂ ଯଥାଶାସ୍ତ୍ର କର୍ମାନୁଷ୍ଠାନ ପୂର୍ବକ ବିଚରଣ କଲେ ସତ୍ୟଯୁଗ ପ୍ରବର୍ତ୍ତିତ ହୁଏ ।

**ଇନ୍ଦ୍ରସ୍ୟାର୍କସ୍ୟ ବାୟୋଶ୍ଚ ଯମସ୍ୟ ବରୁଣସ୍ୟ ଚ ।**
**ଚନ୍ଦ୍ରସ୍ୟାଗ୍ନେଃ ପୃଥିବ୍ୟାଶ୍ଚ ତେଜୋବୃତ୍ତଂ ନୃପଶ୍ଚରେତ୍ ।୩୦୩।**

ଇନ୍ଦ୍ର, ସୂର୍ଯ୍ୟ, ବାୟୁ, ଯମ, ବରୁଣ, ଚନ୍ଦ୍ର, ଅଗ୍ନି ଓ ପୃଥିବୀର ସାମର୍ଥ୍ୟ ରୂପ କର୍ମାଚରଣ ରାଜା କରିବ ।

**ବାର୍ଷିକ୍ୟାଂଶ୍ଚତୁରୋ ମାସାନ୍ ଯଥେନ୍ଦ୍ରୋଽଭିପ୍ରବର୍ଷତି ।**
**ତଥାଭିବର୍ଷେତ୍ ସ୍ୱଂ ରାଷ୍ଟ୍ରଂ କାମୈରିନ୍ଦ୍ରବ୍ରତଂ ଚରନ୍ ।୩୦୪।**

ଇନ୍ଦ୍ର ଯେପରି ପ୍ରତିବର୍ଷ ଚାରିମାସ ବର୍ଷାକରେ ସେହିପରି ଇନ୍ଦ୍ରବ୍ରତାଚାରୀ ରାଜା ସ୍ୱରାଜ୍ୟରେ ବାଞ୍ଛିତ ପଦାର୍ଥମାନ ବର୍ଷା କରିବ ।

**ଅଷ୍ଟୌମାସାନ୍ ଯଥାଦିତ୍ୟସ୍ତୋୟଂ ହରତ ରଶ୍ମିଭିଃ ।**
**ତଥା ହରେତ୍କରଂ ରାଷ୍ଟ୍ରାନ୍ନିତ୍ୟ ମର୍କବ୍ରତଂ ହି ତତ୍ ।୩୦୫।**

ସୂର୍ଯ୍ୟ ଆଠମାସ କିରଣଦ୍ୱାରା ଜଳଆକର୍ଷଣ କଲାପରି ରାଜା ରାଜ୍ୟରୁ କର ନେବ ଏବଂ ତାହାହିଁ ନିତ୍ୟ ଅର୍କବ୍ରତ ।

**ପ୍ରବିଶ୍ୟ ସର୍ବଭୂତାନି ଯଥା ଚରତି ମାରୁତିଃ ।**
**ତଥା ଚାରୈଃ ପ୍ରବେଷ୍ଟବ୍ୟଂ ବ୍ରତମେତଦ୍ଧି ମାରୁତମ୍ ।୩୦୬।**

ବାୟୁ ଯେପରି ମନୁଷ୍ୟାଦି ସର୍ବଭୂତରେ ପ୍ରବିଷ୍ଟ ହୋଇ ବିଚରଣ କରେ ସେହିପରି ରାଜା ଦୂତଦ୍ୱାରା ସର୍ବତ୍ର ନଷ୍ଟ ହୋଇ ସମସ୍ତଙ୍କର ଚିତ୍ତବୃତ୍ତାନ୍ତ ଅବଗତି ହେବ, ଏହାହିଁ ମାରୁତ ବ୍ରତ ।

**ଯଥା ଯମଃ ପ୍ରିୟଦ୍ୱେଷ୍ୟୌ ପ୍ରାପ୍ତେ କାଳ ନିଯଚ୍ଛତି ।**
**ତଥା ରାଜ୍ଞା ନିୟନ୍ତବ୍ୟାଃ ପ୍ରଜାସ୍ତଦ୍ଧି ଯମ ବ୍ରତମ୍ ।୩୦୭।**

ଯମ (ମୃତ୍ୟୁ ବା ପରମାତ୍ମା) ଯେପରି ପ୍ରାପ୍ତକାଳରେ ମିତ୍ର ଶତ୍ରୁ ସମସ୍ତଙ୍କର ମୃତ୍ୟୁ ଘଟାଏ ସେହିପରି ରାଜା ଶତ୍ରୁମିତ୍ର ବିବେଚନା ନକରି ଅପରାଧୀ ପ୍ରଜାଙ୍କୁ ଦଣ୍ଡ ପହଞ୍ଚାଇବ ଏହାହିଁ ଯମବ୍ରତ ।

**ବରୁଣେନ ଯଥା ପାଶୈର୍ବଦ୍ଧ ଏବାଭିଦୃଶ୍ୟତେ ।**
**ତଥା ପାପାନ୍ନିଗୃହ୍ଣୀୟାଦ୍ ବ୍ରତମେତଦ୍ଧି ବାରୁଣମ୍ ।୩୦୮।**

ଯେପରି ବରୁଣ (ଜଳ) ପ୍ରାଣୀମାନଙ୍କୁ ପାଶଦ୍ୱାରା ଦୃଢ଼ରୂପେ ଆବଦ୍ଧ କରିଥିବା ଦେଖାଯାଏ,ସେହିପରି ପାପୀମାନଙ୍କୁ ନିଗ୍ରହ କରିବ, ଏହାହିଁ ବରୁଣବ୍ରତ ।

**ପରିପୂର୍ଣ୍ଣଂ ଯଥାଚନ୍ଦ୍ରଂ ଦୃଷ୍ଟ୍ୱାହୃଷ୍ୟନ୍ତି ମାନବାଃ ।**
**ତଥା ପ୍ରକୃତୟୋ ଯସ୍ମିନ୍ ସ ଚାନ୍ଦ୍ର ବ୍ରତିକୋ ନୃପଃ ।୩୦୯।**

ଯେପରି ପୂର୍ଣ୍ଣଚନ୍ଦ୍ର ଦେଖି ଲୋକେ ହୃଷ୍ଟ ହୁଅନ୍ତି ସେହି ପ୍ରକୃତି ପୁଞ୍ଜ ଯେଉଁ ରାଜାଠାରେ ହର୍ଷାନ୍ୱିତ ସେହି ରାଜା ଚନ୍ଦ୍ର ପ୍ରକୃତି ବିଶିଷ୍ଟ ଅଟନ୍ତି ।

**ପ୍ରତାପଯୁକ୍ତସ୍ତେଜସ୍ୱୀ ନିତ୍ୟ ସ୍ୟାତ୍ପାପକର୍ମସୁ ।**
**ଦୃଷ୍ଟସାମନ୍ତହିଂସ୍ରଶ୍ଚ ତଦାଗ୍ନେୟଂ ବ୍ରତଂ ସ୍ମୃତମ୍ ।୩୧୦।**

ରାଜା ପାପାକାରୀ ପକ୍ଷରେ ପ୍ରତାପଯୁକ୍ତ ଏବଂ ନିତ୍ୟ ତେଜସ୍ୱୀ ଏବଂ ଦୃଷ୍ଟସାମନ୍ତମାନଙ୍କ ପ୍ରତି ହିଂସାଶାଳୀ ହେଲେ ତେତେବେଳେ ରାଜାକୁ ଆଗ୍ନେୟବ୍ରତାଚାରୀ ବୋଲି ।

**ଯଥା ସର୍ବାଣି ଭୂତାନି ଧରାଧାରୟେତ ସମମ୍ ।**
**ତଥା ସର୍ବାଣି ଭୂତାନି ବିଭ୍ରତଃ ପାର୍ଥିବଂ ବ୍ରତିମ୍ ।୩୧୧।**

ପୃଥିବୀ ଯେପରି ସକଳ ଭୂତକୁ ସମାନଭାବରେ ଧାରଣ କରିଅଛି ପାର୍ଥିବବ୍ରତଧାରୀ ରାଜା ସେହିପରି ସକଳ ପ୍ରାଣୀକୁ ପାଳନ ପୋଷଣ କରେ ।

**ଏତୈରୁପାୟୈରନ୍ୟୈଶ୍ଚ ଯୁକ୍ତୋ ନିତ୍ୟମତନ୍ଦ୍ରିତଃ ।**
**ସ୍ତେନାନ୍ ରାଜା ନିଗୃହ୍ଣୀୟାତ୍ ସ୍ୱରାଷ୍ଟ୍ରେ ପର ଏବ ଚ ।୩୧୨।**

ଏହି ସବୁ ଏବଂ ଅନ୍ୟ ଉପାୟମାନ ଦ୍ୱାରା ସର୍ବଦା ଆଳସ୍ୟ ରହିତ ରାଜା ନିଜ ରାଜ୍ୟରେ ଥିବା ଏବଂ (ପଳାଇଯାଇ) ପରରାଜ୍ୟରେ ଥିବା ଚୋରମାନଙ୍କୁ ନିଗ୍ରହ କରିବ ।

**ପରାମପ୍ୟାପଦଂ ପ୍ରାପ୍ତୋ ବ୍ରାହ୍ମଣାନ୍ ନ ପ୍ରକୋପୟେତ୍ ।**
**ତେହ୍ୟେନଂ କୁପିତା ହନ୍ୟୁଃ ସଦ୍ୟଃ ସବଳବାହନମ୍ ।୩୧୩।**

(କୋଶକ୍ଷୟାଦି) ଅତିଶୟ ଆପଦ ପାଇଲେ ସୁଦ୍ଧା ରାଜା ବ୍ରାହ୍ମଣମାନଙ୍କୁ ପ୍ରକୋପିତ କରିବ ନାହିଁ; କାରଣ ସେମାନେ ରୁଷ୍ଟ ହେଲେ ରାଜା ଶୀଘ୍ର ବଳବାହନ ସହିତ ନଷ୍ଟ ହୁଏ । ଦୀର୍ଘଦୃଷ୍ଟିରେ ଦେଖିଲେ ବିଦ୍ୟା ଓ ବିଦ୍ୱାନ ବିରୋଧୀ ରାଜା ବହୁକାଳ ରାଜ୍ୟ କରିପାରେ ନାହିଁ ।

**ଯୈଃ କୃତଃ ସର୍ବଭକ୍ଷ୍ୟୋଽଗ୍ନିରପେୟଶ୍ଚ ମହୋଦଧିଃ ।**
**କ୍ଷୟୀ ଚାପ୍ୟାୟିତଃ ସୋମଃ କୋ ନ ନଶ୍ୟେତ୍ ପ୍ରକୋପ୍ୟତାନ୍ ।୩୧୪।**

ଯେଉଁମାନେ ଅଗ୍ନିକୁ ସର୍ବଭକ୍ଷ ଓ ସମୁଦ୍ରକୁ (ଲୁଣିଆ) ଅପେୟଜଳଶାଳୀ ଏବଂ ଚନ୍ଦ୍ରକୁ କ୍ଷୟକରି ପୁଣି ପୂର୍ଣ୍ଣ କରନ୍ତି ସେମାନଙ୍କୁ ରୁଷ୍ଟ କଲେ କିଏ ନଷ୍ଟ ନ ହୁଏ ।

**ଲୋକାନନ୍ୟାନ୍ ସ ଜେୟୁର୍ଯେ ଲୋକପାଳାଂଶ୍ଚ କୋପିତାଃ ।**
**ଦେବାନ୍ କୁର୍ଯ୍ୟୁରଦେବାଂଶ୍ଚ କଃ କ୍ଷିଣ୍ୱଂସ୍ତାର୍ନ ସଂଧ୍ନୁୟାତ୍ ।୩୧୫।**

ଯେଉଁମାନେ କୋପିତ ହୋଇ ଅନ୍ୟ ଲୋକସବୁ ଓ ଲୋକପାଳମାନଙ୍କୁ ଉତ୍ପନ୍ନ କରିପାରନ୍ତି ଏବଂ ଦେବତାମାନଙ୍କୁ ଅଦେବ କରିପାରନ୍ତି ସେମାନଙ୍କୁ ପୀଡ଼ନ କରି କିଏ ଉନ୍ନତି ଲାଭ କରିପାରେ ।

**ଯାନୁପାଶ୍ରିତ୍ୟ ତିଷ୍ଠନ୍ତି ଲୋକା ଦେବାଂଶ୍ଚ ସର୍ବଦା ।**
**ବ୍ରହ୍ମଚୈବ ଧନଂ ଯେଷାଂ ହିଂସ୍ୟାତ୍ତାନ୍ନୁ ଜିଜୀବୀଷୁ ।୩୧୬।**

ଲୋକମାନେ ଓ ଦେବତାମାନେ ଯେଉଁମାନଙ୍କୁ ଆଶ୍ରୟ କରି ସ୍ଥିତ ଅଛନ୍ତି ଏବଂ ବେଦ ଯେଉଁମାନଙ୍କର ଧନ ବଞ୍ଚିବାକୁ ଇଚ୍ଛାକରି କେଉଁ ଲୋକ ସେମାନଙ୍କ ହିଂସା କରିବ ?

**ଅବିଦ୍ୟାଂଶ୍ଚୈ ବା ବିଦ୍ୱାଂଶ୍ଚ ବ୍ରାହ୍ମଣୋ ଦୈବତଂ ମହତ୍ ।**
**ପ୍ରଣୀତଶ୍ଚା ପ୍ରତୀତିଶ୍ଚ ଯଥାଗ୍ନି ଦୈବତଂ ମହତ୍ ।୩୧୭।**

ସଂସ୍କୃତ ଓ ଅସଂସ୍କୃତ ଉଭୟ ଅଗ୍ନି ଯେପରି ମହତୀ ଦେବତା ସେହିପରି ମୂର୍ଖ ଓ ବିଦ୍ୱାନ ବ୍ରାହ୍ମଣ ମହତୀ ଦେବତା ।

**ଶ୍ମଶାନେଷ୍ୱପି ତେଜସ୍ୱୀ ପାବକୋ ନୈବ ଦୁଷ୍ୟତି ।**
**ହୂୟମାନଶ୍ଚ ଯଜ୍ଞେଷୁଭୂୟ ଏବାଭିବର୍ଦ୍ଧତେ ।୩୧୮।**

ମହାତେଜା ଅଗ୍ନି ଶ୍ମଶାନମାନଙ୍କରେ (ଶବ ପୋଡ଼ାଇ) ଥାଇ ସୁଦ୍ଧା ଅପବିତ୍ର ହୁଏ ନାହିଁ ବରଂ ଯଜ୍ଞସ୍ଥଳମାନଙ୍କରେ ଆହୁତ ହୋଇ ପୁଣି ବୃଦ୍ଧିପ୍ରାପ୍ତ ହୁଏ ।

**ଏବଂ ଯଦ୍ୟପ୍ୟନିଷ୍ଟେଷୁ ବର୍ତ୍ତନ୍ତେ ସର୍ବକର୍ମଷୁ ।**
**ସର୍ବଥା ବ୍ରହ୍ମଣାଃ ପୂଜ୍ୟା ପରମଂ ଦୈବତଂ ହି ତତ୍ ।୩୧୯। ***

ଏହିପରି ବ୍ରାହ୍ମଣମାନେ ନିନ୍ଦିତ କାର୍ଯ୍ୟମାନଙ୍କରେ ପ୍ରବୃତ୍ତ ଥିଲେ ସୁଦ୍ଧା ସମସ୍ତଙ୍କର ପୂଜ୍ୟ ଅଟନ୍ତି; କାରଣ ସେ ମହତୀ ଦେବତା ।

**କ୍ଷତ୍ରସ୍ୟାତିପ୍ରବୃଦ୍ଧସ୍ୟ ବ୍ରାହ୍ମଣାନ୍ ପ୍ରତି ସର୍ବଶଃ ।**
**ବ୍ରହ୍ମୈବ ସନ୍ନିୟନ୍ତୁ ସ୍ୟାକ୍ଷିତ୍ରଂ ହି ବ୍ରହ୍ମସମ୍ଭବମ୍ ।୩୨୦।**

କ୍ଷତ୍ରିୟ ଅତିବୃଦ୍ଧି ପ୍ରାପ୍ତ ହୋଇ ବ୍ରାହ୍ମଣମାନଙ୍କୁ ସର୍ବଦା ପୀଡ଼ା ଦେବାକୁ ପ୍ରବୃତ୍ତ ହେଲେ ବ୍ରାହ୍ମଣ ତାକୁ ଶାସନ କରିବ; କାରଣ ବ୍ରାହ୍ମଣ କର୍ତ୍ତୃକ (ସଂସ୍କାରଦ୍ୱାରା) କ୍ଷତ୍ରିୟର ଜନ୍ମ ।

**ଅଦ୍ଭ୍ୟୋଽଗ୍ନିର୍ବ୍ରହ୍ମତଃ କ୍ଷତ୍ରମଶ୍ମନୋ ଲୋହଭଉତ୍ଥିତମ ।**
**ତେଷାଂ ସର୍ବତ୍ରଗଂ ତେଜଃ ସ୍ୱାସୁ ଯୋନିଷୁ ଶାମ୍ୟତି ।୩୨୧।**

ଜଳରୁ ଅଗ୍ନି, ବ୍ରାହ୍ମଣରୁ କ୍ଷତ୍ରିୟ ଏବଂ ପଥରରୁ ଶସ୍ତ୍ରର ଉତ୍ପତ୍ତି ଏବଂ ସେମାନଙ୍କର ସର୍ବତ୍ରଗାମୀ ତେଜ ନିଜ ଯୋନି (ଅର୍ଥାତ୍ ଜଳ, ବ୍ରାହ୍ମଣ ଓ ପଥର)ରେ ଶାନ୍ତ ହୁଏ ।

**ନ ବ୍ରହ୍ମ କ୍ଷତ୍ରମୃଧ୍ନୋତି ନାକ୍ଷତ୍ରଂ ବ୍ରହ୍ମ ବର୍ଦ୍ଧତେ ।**
**ବ୍ରହ୍ମକ୍ଷତ୍ରଞ୍ଚ ସଂଯୁକ୍ତ ମିହ ଚାମୁତ୍ର ବର୍ଦ୍ଧତେ ।୩୨୨।**

ବ୍ରାହ୍ମଣ ରହିତ କ୍ଷତ୍ରିୟ ବୃଦ୍ଧି ପାଇ ନ ପାରେ ଏବଂ କ୍ଷତ୍ରିୟରହିତ ବ୍ରାହ୍ମଣ ସୁଦ୍ଧା ବଢ଼ି ନ ପାରେ ବ୍ରାହ୍ମଣ କ୍ଷତ୍ରିୟ ମିଳି ରହିଥିଲେ ଇହକାଳ ଓ ପରକାଳର ଉନ୍ନତି ସାଧିତ ହୁଏ ।

**ଦତ୍ତ୍ୱା ଧନନ୍ତୁ ବିପ୍ରେ ଭ୍ୟଃ ସର୍ବ ଦଣ୍ଡସମୁତ୍ଥିତମ୍ ।**
**ପୁତ୍ରେ ରାଜ୍ୟ ସମାସୃଜ୍ୟ କୁର୍ବୀତ ପ୍ରାୟଣଂ ରଣେ ।୩୨୩।**

ମୃତ୍ୟୁକାଳ ଆସନ୍ନ ହେଲେ ରାଜା ଦଣ୍ଡଲବ୍ଧ ସମୁଦାୟ ଧନ ବ୍ରାହ୍ମଣମାନଙ୍କୁ ଦାନ କରି ପୁତ୍ରକୁ ରାଜ୍ୟ ସମର୍ପଣ ପୂର୍ବକ ଆତ୍ମତ୍ୟାଗରେ ସଂଗ୍ରାମ କରିବ (ଅର୍ଥାତ୍ ଯୋଗନିବିଷ୍ଟ ହୋଇ ଦେହତ୍ୟାଗ କରିବ) ।

* – ୩୧୪ ଠାରୁ ୩୧୯ ଶ୍ଳୋକ ପ୍ରକ୍ଷିପ୍ତ ।

**ଏବଂ ଚରନ୍ ସଦା ଯୁକ୍ତୋ ରାଜଧର୍ମେଷୁ ପାର୍ଥିବଃ ।**
**ହିତେଷୁ ଚୈବ ଲୋକସ୍ୟ ସର୍ବାନ୍ ଭୃତ୍ୟାନ୍ନ ଯୋଜୟେତ୍ ।୩୨୪।**

ରାଜାଧର୍ମରେ ସର୍ବଦା ବ୍ୟାପୃତ ରହି ଏହିପରି ଆଚରଣ କରି ଲୋକହିତରେ ସମସ୍ତ ଭୃତ୍ୟମାନଙ୍କୁ ନିଯୁକ୍ତ କରିବ ।

**ଏଷୋଽଖିଲଃ କର୍ମବିଧିରୁକ୍ତୋରାଜ୍ଞଃ ସନାତନଃ ।**
**ଇମଂ କର୍ମବିଧିଂବିଦ୍ୟାତ୍ କ୍ରମଶୋ ବୈଶ୍ୟଶୂଦ୍ରୟୋ ।୩୨୫।**

ରାଜାର ସମଗ୍ର ସନାତନ ଏହି କର୍ମବିଧି ବୋଲା ଗଲା, ଏବେ ବୈଶ୍ୟ ଓ ଶୂଦ୍ରମାନଙ୍କର କର୍ମବିଧି ଏହା କ୍ରମଶଃ ଅବଗତ ହୁଅ ।

**ବୈଶ୍ୟସ୍ତୁ କୃତସଂସ୍କାରଃ କୃତ୍ୱା ଦାରପରିଗ୍ରହମ୍ ।**
**ବାର୍ତ୍ତାୟାଂ ନିତ୍ୟଯୁକ୍ତଃ ସ୍ୟାତ୍ପଶୂନାଂ ଚୈବ ରକ୍ଷଣେ ।୩୨୬।**

ଉପନୟନାଦି ସଂସ୍କାର ହେଲାପରେ ବୈଶ୍ୟବିବାହ ହୋଇ ବାଣିଜ୍ୟବ୍ୟାପାର ଓ ପଶୁପାଳନରେ ସର୍ବଦା ନିଯୁକ୍ତ ରହିବ ।

**ପ୍ରଜାପତିର୍ହି ବୈଶ୍ୟାୟ ସୃଷ୍ଟ୍ୱା ପରିଦଦେ ପଶୂନ୍ ।**
**ବ୍ରାହ୍ମଣାୟ ଚ ରାଜ୍ଞେ ସର୍ବାଃ ପରିଦଦେ ପ୍ରଜାଃ ।୩୨୭।**

ପ୍ରଜାପତି ପଶୁମାନ ସୃଷ୍ଟି କରି (ରକ୍ଷା କରିବା ସକାଶେ) ବୈଶ୍ୟକୁ ଦେଇ ଥିଲେ ଏବଂ ବ୍ରାହ୍ମଣ ଓ ରାଜାକୁ ରକ୍ଷାର୍ଥ ପ୍ରଜାସମୂହ ଦେଇଥିଲେ ।

**ନ ଚ ବୈଶସ୍ୟ କାମଃ ସ୍ୟାନ୍ନ ରକ୍ଷେୟଂ ପଶୂନିତି ।**
**ବୈଶ୍ୟେ ଚେଚ୍ଛତି ନାନ୍ୟେନ ରକ୍ଷ ତବ୍ୟାଃ କଥଞ୍ଚନ ।୩୨୮।**

ପଶୁ ରକ୍ଷା ନ କରିବା ବୈଶ୍ୟର ଇଚ୍ଛାହେବା ଉଚିତ ନୁହେଁ ଏବଂ ବୈଶ୍ୟ ଇଚ୍ଛୁକ ଥିଲେ ଅନ୍ୟ କାହାରି ଦ୍ୱାରା ପଶୁରକ୍ଷା କରାଇବା ଉଚିତ ନୁହେଁ ।

**ମଣିମୁକ୍ତାପ୍ରବାଳାନାଂ ଲୌହାନଂ ତାନ୍ତବସ୍ୟ ଚ ।**
**ଗନ୍ଧନାଞ୍ଚ ରସାନାଞ୍ଚ ବିଦ୍ୟଦର୍ଘବଳାବଳମ୍ ।୩୨୯।**

ମଣି, ମୁକ୍ତା, ପ୍ରବାଳ, ଲୌହ, ବସ୍ତ୍ର, ଗନ୍ଧ ଓ ଲବଣାଦିର ମୂଲ୍ୟ ଏବଂ ଭଲ ମନ୍ଦ ବୈଶ୍ୟ ଅବଗତ ହେବ ।

**ବୀଜାନାମୁକ୍ତିବିଚ୍ଚ ସ୍ୟାତ୍ କ୍ଷେତ୍ରଦୋଷଗୁଣସ୍ୟ ଚ ।**
**ମାନଯୋଗାଞ୍ଚ ଜାନୀୟାତ୍ତୂଳାଯୋଗାଂଶ୍ଚ ସର୍ବଶଃ ।୩୩୦।**

ବୀଜ ବୁଣିବାର ବିଧି ଜାଣିବା, କ୍ଷେତ୍ରର ଦୋଷଗୁଣର ଅଭିଜ୍ଞତା ଥିବା ଏବଂ ସକଳ ପ୍ରକାର ମାପ କରିବା ଓ ଓଜନ କରିବାର ଜ୍ଞାନ ବୈଶ୍ୟର ଥିବା ଉଚିତ ।

**ସାରାସାରଞ୍ଚ ଭାଣ୍ଡାନାଂ ଦେଶାନାଞ୍ଚ ଗୁଣଗୁଣାନ୍ ।**
**ଲାଭଲାଭଞ୍ଚ ପଣ୍ୟାନାଂ ପଶୂନାଂ ପରିବର୍ଦ୍ଧନମ୍ ।୩୩୧।**

ବିକ୍ରେୟ ବସ୍ତ୍ରାଜିନ ଇତ୍ୟାଦିର ସାରାସାରତ୍ୱ, ଦେଶମାନଙ୍କର ଗୁଣାଗୁଣ (କେଉଁଦେଶରେ କେଉଁଦ୍ରବ୍ୟ କି ଭାଉରେ ମିଳେ ଇତ୍ୟାଦି), ପଣ୍ୟଦ୍ରବ୍ୟର ଲାଭା ଲାଭ ଏବଂ ପଶୁବୃଦ୍ଧିର ଉପାୟ ଜାଣି ରଖିବା ବୈଶ୍ୟର କର୍ତ୍ତବ୍ୟ ।

**ଭୃତ୍ୟାନାଞ୍ଚ ଭୃତିଂ ବିଦ୍ୟାଭାଷାଶ୍ଚ ବିବିଧା ନୃଣାମ୍ ।**
**ଦ୍ରବ୍ୟଣାଂ ସ୍ଥାନଯୋଗାଂଶ୍ଚ କ୍ରୟବିକ୍ରୟମେବ ଚ ।୩୩୨।**

ଭୃତ୍ୟମାନଙ୍କର ବେତନ, ମନୁଷ୍ୟମାନଙ୍କର ବିଭିନ୍ନ ଭାଷା, ମାଲ ରଖିବାର ବିଧି ଓ କ୍ରୟବିକ୍ରୟର ଢ଼ଙ୍ଗ ବୈଶ୍ୟର ଜାଣିବା ଉଚିତ ।

**ଧର୍ମେଣ ଚ ଦ୍ରବ୍ୟବୃଦ୍ଧୌ ବାତିଷ୍ଠେଦ୍ ଯତ୍ନମୁତ୍ତମମ୍ ।**
**ଦଦ୍ୟାଚ୍ଚ ସର୍ବଭୂତାନାମନ୍ନମେବ ପ୍ରଯତ୍ନତଃ ।୩୩୩।**

(ବୈଶ୍ୟ) ଧର୍ମରେ ଧର୍ମବୃଦ୍ଧି କରିବା ସକାଶେ ଉତ୍ତମ ଯତ୍ନ କରିବ ଏବଂ ଯତ୍ନପୂର୍ବକ ସକଳ ପ୍ରାଣୀମାନଙ୍କୁ ଅନ୍ନ ଦେବ ।

**ବିପ୍ରାଣାଂ ବେଦବିଦୁଷାଂ ଗୃହସ୍ଥାନାଂ ଯଶସ୍ୱିନାମ୍ ।**
**ଶୁଶ୍ରୂଷୈବ ତୁ ଶୂଦ୍ରସ୍ୟ ଧର୍ମୋ ନୈଃଶ୍ରେୟସଃ ପରଃ ।୩୩୪।**

ବେଦଜ୍ଞ ବିଦ୍ୱାନ୍ ଗୃହସ୍ଥ ଯଶସ୍ୱୀ ବିପ୍ରମାନଙ୍କର ସେବାହିଁ ଶୂଦ୍ରର ପରମ ସୁଖ ଦାୟକ ଅଟେ ।

**ଶୁଚିରୁତ୍କୃଷ୍ଟଶୁଶ୍ରୂଷୁର୍ମୃଦୁବାଗନହଙ୍କୃତଃ ।**
**ବ୍ରାହ୍ମଣ୍ୟାଦ୍ୟାଶ୍ରୟୋ ନିତ୍ୟ ମୁତ୍କୃଷ୍ଟାଂ ଜାତିମଶ୍ନୁତେ ।୩୩୫।**

ବାହ୍ୟାଭ୍ୟନ୍ତର ଶୁଚିସମ୍ପନ୍ନ ଉତ୍କୃଷ୍ଟ ଜାତିର ସେବାକାରୀ, ମିଷ୍ଟଭାଷୀ, ନିରହଙ୍କାର ଓ ବ୍ରାହ୍ମଣାଦିର ନିତ୍ୟ ଆଶ୍ରିତ ଶୂଦ୍ର ଉତ୍କୃଷ୍ଟ ଜାତିଭାବାପନ୍ନ ହୁଏ ।

**ଏଷୋଽନାପଦି ବର୍ଣ୍ଣାନାମୁକ୍ତଃ କର୍ମବିଧିଃ ଶୁଭଃ ।**
**ଆପଦ୍ୟପି ହି ଯସ୍ତେଷାଂ କ୍ରମଶସ୍ତନ୍ନ ବୋଧତ ।୩୩୬।**

ବ୍ରାହ୍ମଣାଦି ବର୍ଣ୍ଣଚତୁଷ୍ଟୟର ନିରାପଦ କାଳର ଏହି କର୍ମବିଧି ଉକ୍ତହେଲା ଏବେ । ଆପଦ କାଳରେ ସେମାନଙ୍କର ଯେ କର୍ମ ସେ ସବୁ କ୍ରମଶଃ ଶୁଣ ।

**ନବମ ଅଧ୍ୟାୟ ସମାପ୍ତ**

—※—

# ଦଶମୋଽଧ୍ୟାୟଃ

**ଅଧୀୟୀରଂସ୍ତ୍ରୟୋବର୍ଣ୍ଣାଃ ସ୍ୱକର୍ମସ୍ଥା ଦ୍ୱିଜାତୟଃ ।**
**ପ୍ରବ୍ରୂୟାଦ୍ବ୍ରାହ୍ମଣସ୍ତେଷାଂ ନେତରାବିତି ନିଶ୍ଚୟଃ ।୧।**

ସ୍ୱକର୍ମରେ ସ୍ଥିତ ଦ୍ୱିଜାତି (ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ) ତିନିବର୍ଣ୍ଣ (ବେଦ) ପଢ଼ିବେ ଏବଂ ବ୍ରାହ୍ମଣ ଏମାନଙ୍କୁ ପଢ଼ାଇବେ, ଇତର (କ୍ଷତ୍ରିୟ ଓ ବୈଶ୍ୟ) ପଢ଼ାଇବ ନାହିଁ ଏହା ନିଶ୍ଚିତ ।

**ସର୍ବେଷାଂ ବ୍ରାହ୍ମଣୋ ବିଦ୍ୟାଦ୍ବୃତ୍ତ୍ୟୁପାୟାନ୍ ଯଥାବିଧି ।**
**ପ୍ରବ୍ରୂୟାଦିତରେଭ୍ୟଶ୍ଚ ସ୍ୱୟଞ୍ଚୈବ ତଥା ଭବେତ୍ ।୨।**

ବ୍ରାହ୍ମଣ ସକଳ ବର୍ଣ୍ଣର ଜୀବନୋପାୟମାନ ଯଥାବିଧି ଅବଗତ ହେବ ଏବଂ ସେମାନଙ୍କୁ ଉପଦେଶ ଦେବ, ଆପେ ସେହି ରୂପ ଆଚରଣ କରିବ ।

**ବୈଶେଷ୍ୟାତ୍ ପ୍ରକୃତିଶ୍ରୈଷ୍ଠ୍ୟାନ୍ନିୟମସ୍ୟ ଚ ଧାରଣାତ୍ ।**
**ସଂସ୍କାରସ୍ୟ ବିଶେଷାଚ୍ଚ ବର୍ଣ୍ଣାନାଂ ବ୍ରାହ୍ମଣଃ ପ୍ରଭୁଃ ।୩।**

(ବେଦାଧ୍ୟୟନାଧ୍ୟାପନାଦିରେ) ବିଶେଷତା, ପ୍ରକୃତିଗତଶ୍ରେଷ୍ଠତା, ନିୟମଧାରଣ ଓ ଉପନୟାନାଦି ସଂସ୍କାରର ଆଧିକ୍ୟରୁ ବ୍ରାହ୍ମଣ ସକଳ ବର୍ଣ୍ଣମାନଙ୍କର ଶ୍ରେଷ୍ଠ ।

**ବ୍ରାହ୍ମଣଃ କ୍ଷତ୍ରିୟ ବୈଶ୍ୟସ୍ତ୍ରୟୋ ବର୍ଣ୍ଣା ଦ୍ୱିଜାତୟଃ ।**
**ଚତୁର୍ଥ ଏକଜାତିସ୍ତୁ ଶୂଦ୍ରେ ନାସ୍ତି ତୁ ପଞ୍ଚମଃ ।୪।**

ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଏ ତିନିବର୍ଣ୍ଣ ଦ୍ୱିଜାତି ମାତ୍ର ଚତୁର୍ଥ ଶୂଦ୍ର ଏକ ଜାତି-ତଭିନ୍ନ ପଞ୍ଚମ ବର୍ଣ୍ଣ ନାହିଁ ।

**ସର୍ବବର୍ଣ୍ଣେଷୁ ତୁଲ୍ୟସୁ ପତ୍ନୀଷ୍ୱକ୍ଷତଯୋନିଷୁ ।**
**ଆନୁଲୋମ୍ୟେନ ସମ୍ଭୁତା ଜାତ୍ୟା ଜ୍ଞେୟାସ୍ତ ଏବ ତେ ।୫।**

ସକଳ ବର୍ଣ୍ଣମାନଙ୍କରେ ସମାନବର୍ଣ୍ଣର ଅକ୍ଷତଯୋନି ପତ୍ନୀର ଗର୍ଭରୁ ଅର୍ଥାତ୍ ବ୍ରାହ୍ମଣର ବ୍ରାହ୍ମଣୀ ପତ୍ନୀ କ୍ଷତ୍ରିୟାପତ୍ନୀ ଇତ୍ୟାଦି କ୍ରମରେ ଜାତ ସନ୍ତାନ ସେହି ଜାତିର ବୋଲି ଜାଣିବ ।

**ସ୍ତ୍ରୀଷ୍ୱନନ୍ତରଜାତାସୁ ଦ୍ୱିଜୈରୁତ୍ପାଦିନାନ୍ ସୁତାନ୍ ।**
**ସଦୃଶାନେବ ତାତାହୁର୍ମାତୃଦୋଷବିଗର୍ହିତାନ୍ ।୬।**

ଦ୍ୱିଜଗଣକର୍ତ୍ତୃକ ଅନନ୍ତର (ନିଜଠାରୁ ଏକବର୍ଣ୍ଣହୀନ ବର୍ଣ୍ଣର ସ୍ତ୍ରୀଗର୍ଭରୁ) ବ୍ରାହ୍ମଣ କର୍ତ୍ତୃକ କ୍ଷତ୍ରିୟାଗର୍ଭୋତ୍ପାଦିତ, କ୍ଷତ୍ରିୟ କର୍ତ୍ତୃକ ବୈଶ୍ୟଗର୍ଭୋତ୍ପାଦିତ ଇତ୍ୟାଦି ସନ୍ତାନମାନେ ସଦୃଶ ହେଲେ ସୁଦ୍ଧା ମାତୃଦୋଷରୁ ସେମାନଙ୍କୁ ନିନ୍ଦିତ (ପତିତ) ବୋଲନ୍ତି ।

**ଅନନ୍ତରାସୁ ଜାତାନାଂ ବିଧିରେଷୁ ସନାତନଃ ।**
**ଦ୍ୟେକାନ୍ତରାସୁ ଜାତାନାଂ ଧର୍ମ୍ୟ ବିଦ୍ୟାଦିମଂ ବିଧିମ୍ ।୭।**

ଅନନ୍ତର ବର୍ଣ୍ଣର ସ୍ତ୍ରୀମାନଙ୍କରୁ ଜାତ ସନ୍ତାନମାନଙ୍କର ଏହା ସନାତନ ବିଧି, ଏବେ ଦୁଇବର୍ଣ୍ଣହୀନ (ଯେମନ୍ତ ବ୍ରାହ୍ମଣ କର୍ତ୍ତୃକ ବେଶ୍ୟାରେ) ସ୍ତ୍ରୀଗର୍ଭରୁ ଜାତସନ୍ତାନମାନଙ୍କର ଧର୍ମବିଧି ଅବଗତ ହୁଅ ।

**ବ୍ରାହ୍ମଣାଦ୍ ବୈଶ୍ୟକନ୍ୟାୟାମମ୍ବୋଷ୍ଠନାମ ଜାୟତେ ।**
**ନିଷାଦ ଶୂଦ୍ରକନ୍ୟାୟାଂ ଯଃ ପାରଶବ ଉଚ୍ୟତେ ।୮।**

ବ୍ରାହ୍ମଣରୁ ବୈଶ୍ୟ କନ୍ୟାରେ ହେଲେ ଅମ୍ବୋଷ୍ଠ ନାମ ହୁଏ ଏବଂ ଶୂଦ୍ରକନ୍ୟାରେ ହେଲେ ନିଷାଦ ହୁଏ ଯାହାକୁ କି ପାରଷବ ମଧ ବୋଲନ୍ତି ।

**କ୍ଷତ୍ରିୟାଚ୍ଛୁଦ୍ରକନ୍ୟାୟାଂ କ୍ରୁରାଚାରବିହାରବାନ୍ ।**
**କ୍ଷତ୍ରିଶୂଦ୍ରବପୂର୍ଜନ୍ତୁରୁ ଗ୍ରୋନାମ ପ୍ରଜାୟତେ ।୯।**

କ୍ଷତ୍ରିୟ କର୍ତ୍ତୃକ ଶୂଦ୍ରକନ୍ୟା ଗର୍ଭରୁ ଜାତ ସନ୍ତାନ ଉଗ୍ରପାଧି ପାଏ ଏବଂ ଜନକ ଜନନୀର ସ୍ୱଭାବ ଅନୁସାରେ କ୍ରୁର ଆଚାରବିଶିଷ୍ଟ ଓ କୂରକର୍ମା ହୁଏ ।

**ବିପ୍ରସ୍ୟ ତ୍ରିଷୁ ବର୍ଣ୍ଣେଷୁ ନୃପତ୍ୟୋର୍ବର୍ଣ୍ଣୟୋ ଦ୍ୱୟୋଃ ।**
**ବୈଶ୍ୟସ୍ୟ ବର୍ଣ୍ଣେ ଚୈକସ୍ମିନ୍ ଷଡ଼େତେଽପସଦାଃ ସ୍ମୃତାଃ ।୧୦।**

ବ୍ରାହ୍ମଣର ତଳ ତିନିବର୍ଣ୍ଣର ସ୍ତ୍ରୀରୁ, କ୍ଷତ୍ରିୟର ତଳ ଦୁଇବର୍ଣ୍ଣର ସ୍ତ୍ରୀରୁ ଏବଂ ବୈଶ୍ୟର ତଳ ଏକବର୍ଣ୍ଣର ସ୍ତ୍ରୀରୁ ଏହି ଛପ୍ରକାର ସନ୍ତାନ ଅପସବ (ନିକୃଷ୍ଟ) ବୋଲି ଜାଣିବ ।

**କ୍ଷତ୍ରିୟାଦ୍ୱିପ୍ରକନ୍ୟାୟ ସୂତୋ ଭବତି ଜାତିତଃ ।**
**ବୈଶ୍ୟାନ୍ମାଗଧବୈଦେହୌ ରାଜବିପ୍ରାଙ୍ଗନାସୁତୌ ।୧୧।**

କ୍ଷତ୍ରିୟରୁ ବିପ୍ରକନ୍ୟାର ଜାତ ସନ୍ତାନ ଜାତିରେ ସୂତହୁଏ, ବୈଶ୍ୟରୁ କ୍ଷତ୍ରିୟ କନ୍ୟାରେ ଜାତ ସନ୍ତାନ ମାଗଧ ଓ ବୈଶ୍ୟରୁ ବିପ୍ରକନ୍ୟାର ଜାତସନ୍ତାନ ବୈଦେହ ହୁଏ ।

**ଶୂଦ୍ରାଦାୟୋଗବଃ କ୍ଷତ୍ତା ଚାଣ୍ଡାଳଶ୍ଚାଧମୋ ନୃଣାମ୍ ।**
**ବୈଶ୍ୟରାଜନ୍ୟବିପ୍ରାସୁ ଜାୟନ୍ତେ ବର୍ଣ୍ଣସଙ୍କରାଃ ।୧୨।**

ଶୂଦ୍ର କର୍ତ୍ତୃକ ବୈଶ୍ୟାଗର୍ଭରୁ ଜାତ ସନ୍ତାନ ଅୟୋଗବ, କ୍ଷତ୍ରିୟାଗର୍ଭରୁ ଜାତ ସନ୍ତାନ କ୍ଷତ୍ତା ଏବଂ ବ୍ରାହ୍ମଣୀଗର୍ଭରୁ ଜାତ ସନ୍ତାନ ଚଣ୍ଡାଳ ହୁଏ, ଏମାନଙ୍କୁ ବର୍ଣ୍ଣସଙ୍କର ବୋଲାଯାଏ ।

**ଏକାନ୍ତରେ ତ୍ୱାନୁଲୋମ୍ୟାଦମ୍ବଷ୍ଠୋଗ୍ରୌ ଯଥାସ୍ମୃତୌ ।**
**କ୍ଷତ୍ତୃବୈଦେହକୌ ତଦବତ୍ ପ୍ରାତିଲୋମ୍ୟେଽପି ଜନ୍ମନି ।୧୩।**

ଏକାନ୍ତର ବର୍ଣ୍ଣର ଅନୁଲୋମରେ ଯେପରି ଅମ୍ବଷ୍ଠ ଓ ଉଗ୍ର ବୋଲାଯାଏ, ସେହିପରି ପ୍ରତିଲୋମଦ୍ୱାରା ଜାତ ହେଲେ କ୍ଷତ୍ତା ଓ ବେଦେହ ବୋଲନ୍ତି ।

**ପୁତ୍ରା ଯେଽନନ୍ତର ସ୍ତ୍ରୀଜାଃ କ୍ରମେଣୋ ଦ୍ୱିଜନ୍ମନାମ୍ ।**
**ତାନନନ୍ତନାମ୍ନସ୍ତୁ ମାତୃଦୋଷାତ୍ ପ୍ରଚକ୍ଷିତେ ।୧୪।**

ଦ୍ୱିଜାତିମାନଙ୍କ କର୍ତ୍ତୃକ କ୍ରମାଗତ ଅନନ୍ତର (ପର) ବର୍ଣ୍ଣର ସ୍ତ୍ରୀ ଗର୍ଭରୁ ଜାତ ପୁତ୍ରମାନେ ମାତାର ଦୋଷରୁ ଅନନ୍ତର ନାମରେ ଅଭିହିତ ହୁଅନ୍ତି (ପ୍ରଚଳିତଭାଷାର ଅନ୍ତରପୁତ୍ର ବୋଲାଯାଏ)।

**ବ୍ରାହ୍ମଣାଦୁଗ୍ରକନ୍ୟାୟା ମାବୃତୋ ନାମ ଜାୟତେ ।**
**ଆଭୀରୋଽମ୍ବଷ୍ଠକନ୍ୟାୟାମାୟୋଗବ୍ୟାନ୍ତୁ ଧିଗ୍‌ବଣଃ ।୧୫।**

ବ୍ରାହ୍ମଣର ଉଗ୍ରକନ୍ୟାରେ ଜାତ ସନ୍ତାନ ଆବୃତ ବୋଲାଏ ଏବଂ ଅମ୍ବୋଷ୍ଠ କନ୍ୟାରୁ ଆଭୀର ହୁଏ ମଧ୍ୟ ଅୟୋଗବ କନ୍ୟାରୁ ଧିଗ୍ୱଣ ହୁଏ ।

**ଅୟୋଗବଶ୍ଚ କ୍ଷତ୍ତା ଚ ଚଣ୍ଡାଳଶ୍ଚାଧମୋ ନୃଣାମ୍ ।**
**ପ୍ରାତିଲୋମ୍ୟେନ ଜାୟନ୍ତେ ଶୂଦ୍ରାଦପସଦାସ୍ତ୍ରୟଃ ।୧୬।**

ପ୍ରତିଲୋମରୁ ଜାତ ନରାଧମ ଆୟୋଗବ, କ୍ଷତ୍ତା ଓ ଚଣ୍ଡାଳ ଏତିନି ଶୂଦ୍ରଠାରୁ ସୁଦ୍ଧା ନିକୃଷ୍ଟ ଅଟନ୍ତି ।

**ବୈଶ୍ୟାନ୍ମାଗଧବୈଦେହୌ କ୍ଷତ୍ରିୟାସ୍ସୁତ ଏବ ତୁ ।**
**ପ୍ରତୀପମେତେ ଜାୟନ୍ତେଽପରେ ଽପ୍ୟପସଦାସ୍ତ୍ରୟଃ ।୧୭।**

ପୂର୍ବୋକ୍ତ ପ୍ରକାର ବୈଶ୍ୟରୁ ମାଗଧ ଓ ବୈଦେହ ତଥା କ୍ଷତ୍ରିୟରୁ ସୁତ ଅପର ଅପର ଏହି ତିନି ସୁଦ୍ଧା ନିକୃଷ୍ଟ ଅଟନ୍ତି ।

**ଜାତୋ ନିଷାଦାଚ୍ଛୂଦ୍ରାୟାଂ ଜାତ୍ୟା ଭବତି ପୁକ୍‌କସଃ ।**
**ଶୂଦ୍ରାଜ୍ଜାତୋ ନିଷାଦ୍ୟାନ୍ତୁ ସ ବୈ କୁକ୍‌କୁଟକଃ ସ୍ମୃତଃ ।୧୮।**

ନିଷାଦକର୍ତ୍ତୃକ ଶୂଦ୍ରାରେ ଉତ୍ପନ୍ନ ହେଲେ ପୁକ୍‌କସ ଜାତି ହୁଏ ଆଉ ଶୂଦ୍ର କର୍ତ୍ତୃକ ନିଷଦ କନ୍ୟାରେ ଉତ୍ପନ୍ନ ହେଲେ କୁକ୍‌କୁଟକ ବୋଲାଯାଏ ।

**କ୍ଷତ୍ତା ଜାତସ୍ତଥୋଗ୍ରାୟାଂ ଶ୍ୱପାକ ଇତି କୀର୍ତ୍ତ୍ୟତେ ।**
**ବୈଦେହକେନ ତ୍ୱମ୍ବଷ୍ଠ୍ୟାମୁତ୍ପନ୍ନୋ ବେଣ ଉଚ୍ୟତେ ।୧୯।**

ସେହିପରି କ୍ଷତ୍ତାକର୍ତ୍ତୃକ ଉଗ୍ର କନ୍ୟାରେ ଉତ୍ପନ୍ନ ଶ୍ୱପାକ ବୋଲାଏ ଏବଂ ବୈଦେହକର୍ତ୍ତୃକ ଅମ୍ବୋଷ୍ଠୀରେ ଉତ୍ପନ୍ନ ବେଣ ବୋଲାଏ ।

**ଦ୍ୱିଜାତୟଃ ସୁବର୍ଣ୍ଣାସୁ ଜନୟନ୍ତ୍ୟବ୍ରତାଂସ୍ତୁ ଯାନ୍ ।**
**ତାନ ସାବିତ୍ରୀ ପରିଭ୍ରାଷ୍ଟାନ୍ ବ୍ରାତ୍ୟାନିତି ବିନିର୍ଦ୍ଦିଶେତ୍ ।୨୦।**

ଦ୍ୱିଜାତିଗଣ ସବର୍ଣ୍ଣା ସ୍ତ୍ରୀରେ ସଂସ୍କାରରହିତ ଯେଉଁ ପୁତ୍ରମାନଙ୍କୁ ଉତ୍ପାଦନ କରନ୍ତି ସେମାନଙ୍କୁ ସାବିତ୍ରୀପରିଭ୍ରଷ୍ଟ ବ୍ରାତ୍ୟ ନିର୍ଦ୍ଦେଶ କରାଯାଏ ।

**ବ୍ରାତ୍ୟାତ୍ତୁ ଜାୟତେ ବିପ୍ରାପାପାତ୍ମାଭୂର୍ଜକଣ୍ଟକଃ ।**
**ଅବନ୍ତ୍ୟାବାଟଧାନୌ ଚ ପୁଷ୍ପଧଃ ଶୈଖ ଏବ ଚ ।୨୧।**

ବ୍ରାତ୍ୟ ବ୍ରାହ୍ମଣରୁ ପାପାତ୍ମା ଭୂର୍ଜକଣ୍ଟକ ଜାତ ହୁଏ ଏବଂ (ଦେଶ ଭେଦରେ) ତାହାକୁ ଅବନ୍ତ୍ୟ, ବାଟଧାନ, ପୁଷ୍ପଧ ଓ ଶୈଖ ବୋଲନ୍ତି ।

**ଝଲ୍ଲୋ ମଲ୍ଲଶ୍ଚ ରାଜନ୍ୟାଦ୍ ବ୍ରାତ୍ୟାନ୍ନିଚ୍ଛିବିରେବ ଚ ।**
**ନଟଶ୍ଚ କରଣଶ୍ଚୈବ ଖସୋ ଦ୍ରବିଡ଼ ଏବ ଚ ।୨୨।**

ବ୍ରାତ୍ୟ କ୍ଷତ୍ରିୟରୁ ଝଲ୍ଲ, ମଲ୍ଲ, ନିଚ୍ଛବି, ନଟ, କରଣ, ଖସ ଓ ଦ୍ରବିଡ଼ ଜାତ ହୁଅନ୍ତି ।

**ବୈଶ୍ୟାତ୍ତୁ ଜାୟତେ ବ୍ରାତ୍ୟାତ୍ସୁଧନ୍ୱାଚାର୍ଯ୍ୟ ଏବ ଚ ।**
**କାରୁଷଶ୍ଚ ବିଜନ୍ମା ଚ ମୈତ୍ରଃ ସାତ୍ୱତ ଏବ ଚ ।୨୩।**

ବ୍ରାତ୍ୟ ବୈଶ୍ୟରୁ ସୁଧନ୍ୱା, ଚାର୍ଯ୍ୟ, କାରୁଷ ବିଜନ୍ମା, ମୈତ୍ର ଓ ସାତ୍ୱତ (ଦେଶ ଭେଦରେ) ନାମ ।

**ବ୍ୟଭିଚାରେଣ ବର୍ଣ୍ଣାନାମବେଦ୍ୟାବେଦନେନ ଚ ।**
**ସ୍ୱକର୍ମଣାଞ୍ଚ ତ୍ୟାଗେନ ଜାୟନ୍ତେ ବର୍ଣ୍ଣସଙ୍କରାଃ ।୨୪।**

ବ୍ରାହ୍ମଣାଦି ବର୍ଣ୍ଣମାନଙ୍କର ବ୍ୟଭିଚାର ଦୋଷ, ସଗୋତ୍ରବିବାହ ଏବଂ ସ୍ୱକର୍ମ ତ୍ୟାଗ ଦ୍ୱାରା ବର୍ଣ୍ଣସଙ୍କର ଜାତ ହୁଏ ।

**ସଙ୍କୀର୍ଣ୍ଣଯୋନୟୋ ଯେ ତୁ ପ୍ରତିଲୋମାନୁଲୋମଜାଃ ।**
**ଅନ୍ୟୋଽନ୍ୟବ୍ୟତିଷକ୍ତାଶ୍ଚ ତାନ୍ ପ୍ରବକ୍ଷ୍ୟାମ୍ୟଶେଷତଃ ।୨୫।**

ପରସ୍ପର ଆସକ୍ତିର ଆତିଶଯ୍ୟ ହେତୁ ପ୍ରତିଲୋମ ଓ ଅନୁଲୋମ ଦ୍ୱାରା ଯେ ସମସ୍ତ ସଙ୍କର ଜାତି ଜଟାଗ୍ରହଣ କରନ୍ତି ତାହା ବିଶେଷରୂପେ ବୋଲୁଅଛୁ ।

**ସୂତୋ ବୈଦେହକଶ୍ଚୈବ ଚଣ୍ଡାଳଶ୍ଚ ନରାଧମଃ ।**
**ମାଗଧଃ କ୍ଷତ୍ତୃଜାତିଶ୍ଚ ତଥାୟୋଗବ ଏବ ଚ ।୨୬।**

ସୂତ, ବୈଦେହ, ନରାଧମ, ଚଣ୍ଡାଳ, ମାଗଧ, କ୍ଷତ୍ତା ତଥା ଅୟୋଗବ,

**ଏତେଷଟ୍ ସଦୃଶାନ୍ ବର୍ଣ୍ଣାନ୍ ଜନୟନ୍ତି ସ୍ୱଯୋନିଷୁ ।**
**ମାତୃଜାତ୍ୟାଂ ପ୍ରସୟନ୍ତେ ପ୍ରବରାସୁ ଚ ଯୋନିଷୁ ।୨୭।**

ଏହି ଛଅ ଜାତିରେ ସବର୍ଣ୍ଣା ସ୍ତ୍ରୀରେ ସନ୍ତାନ ଜାତ ହେଲେ ତାଙ୍କରି ଜାତି ହୁଅନ୍ତି; ମାତ୍ର ଶ୍ରେଷ୍ଠବର୍ଣ୍ଣା ସ୍ତ୍ରୀରେ ଜାତ ହେଲେ ମାତାର ଜାତି ହୁଏ ।

**ଯଥା ତ୍ରୟାଣଂ ବର୍ଣ୍ଣାନାଂ ଦ୍ୱୟୋରାତ୍ମାସ୍ୟ ଜାୟତେ ।**
**ଆନନ୍ତର୍ଯ୍ୟାତ୍ ସ୍ୱଯୋନ୍ୟାନ୍ତୁ ତଥାହ୍ୟେବଷ୍ୱପି କ୍ରମାତ୍ ।୨୮।**

ଯେପରି ଦ୍ୱିଜାତି ତିନିବର୍ଣ୍ଣମାନଙ୍କର ଦୁଇରେ ସମାନ ଜାତୀୟ ସନ୍ତାନ ଜାତ ହୁଏ, ସେହିପରି ଅନନ୍ତର ଜାତିମାନଙ୍କର ଆପଣା ଆପଣା ଜାତୀୟ ସ୍ତ୍ରୀରେ ସୁଦ୍ଧା କ୍ରମାଗତ ବ୍ରାହ୍ମ୍ୟବର୍ଣ୍ଣ ସଙ୍କର ହୁଏ ।

**ତେ ଚାପିବାହ୍ୟାନ୍ ସୁବହୂଂସ୍ତତୋଽପ୍ୟଧିକ ଦୁଷିତାନ୍ ।**
**ପରସ୍ପରସ୍ୟ ଦାରେଷୁ ଜନୟନ୍ତି ବିଗର୍ହିତାନ୍ ।୨୯।**

ସେମାନେ ପରସ୍ପରର ସ୍ତ୍ରୀମାନଙ୍କ ଗର୍ଭରୁ ବାହ୍ୟ ଦୃଷ୍ଟିରେ ତହୁଁ ଅଧିକ ଅନେକ ଦୁଷ୍କର୍ମକାରୀ ନିନ୍ଦିତ ସନ୍ତାନ ଜାତ କରନ୍ତି ।

**ଯଥୈବ ଶୂଦ୍ରୋ ବ୍ରାହ୍ମଣ୍ୟାଂ ବାହ୍ୟଂ ଜନ୍ତୁଂ ପ୍ରସୂୟତେ ।**
**ତଥା ବାହ୍ୟତରଂ ବାହ୍ୟଶ୍ଚାତୁର୍ବର୍ଣ୍ୟେ ପ୍ରସୂୟତେ ।୩୦।**

ଶୂଦ୍ର ଯେପରି ବ୍ରାହ୍ମଣୀ ଗର୍ଭରୁ ଅଧମ ଜୀବଟିଏ ଉତ୍ପନ୍ନ କରେ ସେହିପରି ଚାରି ବର୍ଣ୍ଣରେ ଅଧମ ତହୁଁ ବଳି ଅଧମ ଜୀବ ଉତ୍ପନ୍ନ କରେ ।

**ପ୍ରତିକୂଳଂ ବର୍ତ୍ତମାନା ବାହ୍ୟା ବାହ୍ୟାତରାନ୍ ପୁନଃ ।**
**ହୀନା ହୀନାନ୍ ପ୍ରସୂୟନ୍ତେ ବର୍ଣ୍ଣାନ୍ ପଞ୍ଚଦଶୈବ ତୁ ।୩୧।**

ପ୍ରତିକୂଳାଚାରୀ ନରାଧମ ଚଣ୍ଡାଳାଦି ତିନି ଆପଣାଠାରୁ ଅଧିକ ଅଧମ ସନ୍ତାନ ଚାରିବର୍ଣ୍ଣର ସ୍ତ୍ରୀ ଉତ୍ପନ୍ନ କରନ୍ତି- ଏରୂପ ପନ୍ଦର ବର୍ଣ୍ଣ ଉତ୍ପନ୍ନ ହେଲା । (ଅର୍ଥାତ୍ ଚାରିବର୍ଣ୍ଣର ସ୍ତ୍ରୀରେ ତିନି ଅଧମ ତିନିପୁତ୍ର ଏ ରୂପ ବାର ଏବଂ ସେ ତିନି ମିଶି ପନ୍ଦର ।

**ପ୍ରସାଧନୋପଚାଜ୍ଞମଦାସଂ ଦାସଜୀବନମ୍ ।**
**ସୈରିନ୍ଧ୍ରଂ ବାଚାବୃତ୍ତିଭିଂ ସୂତେଦସ୍ୟୁ ରୟୋଗବେ ।୩୨।**

ଦସ୍ୟୁଜାତି କର୍ତ୍ତୃକ ଆୟୋରବ ସ୍ତ୍ରୀ ଗର୍ଭରୁ ଯେ ସନ୍ତାନ ହୁଏ ତାହାର ନାମ ସୈରନ୍ଧ୍ରି, ଏମାନେ କେଶରଚନାଚତୁର, ପ୍ରକୃତ ଦାସ ନ ହେଲେ ସୁଦ୍ଧା ଦାସ କାର୍ଯ୍ୟୋପଜୀବୀ ଏବଂ ପାଶଦ୍ୱାରା ମୃଗାଦିବଧବୃତ୍ତିଧାରୀ ।

**ମୈତ୍ରେୟକନ୍ତୁ ବୈଦେହୋ ମାଧୁକଂ ସମ୍ପ୍ରସୂୟତେ ।**
**ନୃନ୍ ପ୍ରଶଂସତ୍ୟଲସଂ ଯୋ ଘଣ୍ଟାତାଡ଼ୋଽରୁଣୋଦୟେ ।୩୩।**

ବୈଦେହ ଜାତି ଅୟୋରବୀ ସ୍ତ୍ରୀ ଗର୍ଭରୁ ମଧୁରଭାଷୀ ମୈତ୍ରେୟକଜାତି ଜନ୍ମାନ୍ତି କି ଯେଉଁମାନେ ଅରୁଣୋଦୟ କାଳରେ ଘଣ୍ଟା ବଜାଇ ରାଜାଦିଙ୍କୁ ଅଜସ୍ର ପ୍ରଶଂସା କରନ୍ତି ।

**ନିଷାଦୋ ମାର୍ଗବଂ ସୂତେ ଦାସଂ ନୌକର୍ମ ଜୀବିନମ୍ ।**
**କୈବର୍ତ୍ତମିତି ଯଂ ପ୍ରାହୁରାର୍ଯ୍ୟାବର୍ତ୍ତନିବାସିନଃ ।୩୪।**

ନିଷାଦକର୍ତ୍ତୃକ ଅୟୋଗବୀ ସ୍ତ୍ରୀ ଗର୍ଭରୁ ନୌକର୍ମଜୀବୀ (ନାବିକ)ମାର୍ଗବ ବା ଦାସଜାତି ଉତ୍ପନ୍ନ ହୁଏ କି ଯାହାକୁ ଆର୍ଯ୍ୟାବର୍ତ୍ତବାସିମାନେ କୈବର୍ତ୍ତ ବୋଲନ୍ତି ।

**ମୃତବସ୍ତ୍ରଭୃତ୍ସୁନାରୀଷୁ ଗର୍ହିତାନ୍ନଶନାସୁ ଚ ।**
**ଭବନ୍ତ୍ୟାୟେଗବୀଷ୍ୱେତେ ଜାତିହୀନାଃ ପୃଥକ୍ତ୍ରୟଃ ।୩୫।**

ମୃତବସ୍ତ୍ରପରିହିତା ଗର୍ହିତାନ୍ନଭୋଜନଶୀଳା ଆୟୋଗବୀ ସ୍ତ୍ରୀଠାରୁ (ପିତୃଭେଦରେ) ଏହି ପୃଥକ୍ ତିନି ହୀନଜାତି ଉତ୍ପନ୍ନ ହୁଏ ।

**କାରାବରୋ ନିଷାଦତ୍ତୁ ଚର୍ମକାରଃ ପ୍ରସୂୟତେ ।**
**ବୈଦେହିକା ଦନ୍ଧ୍ରମେଦୌ ବହିର୍ଗ୍ରାମପ୍ରତିଶ୍ରୟୌ ।୩୬।**

(ବୈଦେହୀ ଗର୍ଭରୁ) ନିଷାଦକର୍ତ୍ତୃକ କାରାବର ନାମକ ଚର୍ମକାର ଜାତ ହୁଏ ଏବଂ ବୈଦେହ କର୍ତ୍ତୃକ (କାରାବରସ୍ତ୍ରୀରୁ) ଅନ୍ଧ୍ର ଓ (ନିଷାଦସ୍ତ୍ରୀରୁ) ମେଦଜାତି ଜନ୍ମ ହୁଅନ୍ତି ଏବଂ ଏମାନେ ଗ୍ରାମବାହାରେ ରହନ୍ତି ।

**ଚଣ୍ଡାଳାତ୍ପାଣ୍ଡୁ ସୋପାକସ୍ତ୍ୱକ୍ ସାରବ୍ୟବହାରବାନ୍ ।**
**ଅହିଣ୍ଡିକୋ ନିଷାଦେନ ବୈଦେହ୍ୟାମେବ ଜାୟତେ ।୩୭।**

ଚଣ୍ଡାଳକର୍ତ୍ତୃକ (ବେଦେହୀସ୍ତ୍ରୀରୁ) ବାଉଁଶପାଡିଆ ଓ ବେତପାଚିଆ ଆଦି ଦ୍ୱାରା ଜୀବିକା ଅର୍ଜନକାରୀ ପାଣ୍ଡୁସୋପାକ ଜାତି ଜନ୍ମ ହୁଏ ଏବଂ ନିଷାଦକର୍ତ୍ତୃକ ବେଦେହୀସ୍ତ୍ରୀରୁ ଆହିଣ୍ଡିକ ଜାତ ହୁଏ ।

**ଚଣ୍ଡାଳେନ ତୁ ସୋପାକୋ ମୂଳବ୍ୟସନବୃତ୍ତିମାନ୍ ।**
**ପୁକ୍‌କସ୍ୟାଂ ଜାୟତେ ପାପଃ ସଦା ସଜ୍ଜନଗର୍ହିତଃ ।୩୮।**

ଚଣ୍ଡାଳକର୍ତ୍ତୃକ ପୁକ୍‌କସୀଗର୍ଭରୁ ପାପିଷ୍ଠ ସଦା ସଜ୍ଜନନିନ୍ଦିତ ମୂଳ ବ୍ୟସନବୃତ୍ତି ବିଶିଷ୍ଟ (ରାଜାଦେଶରେ ପ୍ରାଣଦଣ୍ଡାର୍ହ ବ୍ୟକ୍ତିମାନଙ୍କୁ ମାରିବା ଅଥବା କଂସାଇ ବା ଶବଭୋଜନ ଅବା ବୃକ୍ଷମୂଳ ତାଡ଼ିତଲବ୍ଧ ଧଦ୍ରବ୍ୟାଦି ବିକ୍ରୟ ଦ୍ୱାରା ଜୀବିକାନିର୍ବାହକାରୀ ସୋପାକ ନାମକ ଜାତି ଉତ୍ପନ୍ନ ହୁଏ ।

**ନିଷାଦ୍ ସ୍ତ୍ରୀଷୁ ଚଣ୍ଡାଳତ୍ ପୁତ୍ରମନ୍ତ୍ୟାବସାୟିନମ୍ ।**
**ଶ୍ମଶାନଗୋଚରଂ ସୂତେ-ବାହ୍ୟାନନ୍ମପି ଗର୍ହିତମ୍ ।୩୯।**

ଚଣ୍ଡାଳକର୍ତ୍ତୃକ ନିଷାଦସ୍ତ୍ରୀରେ ଯେ ପୁତ୍ର ଜନ୍ମହୁଏ ସେ ମୃଦାରକାନ୍ଧିଆ ଜାତି, ଶ୍ମଶାନବାସୀ ଓ ଚଣ୍ଡାଳ ଅପେକ୍ଷା ଅଧିକ ନିନ୍ଦିତ ।

**ସଙ୍କରେ ଜାତୟସ୍ତ୍ୱେତାଃ ପିତୃମାତୃପ୍ରଦର୍ଶିତାଃ ।**
**ପ୍ରଚ୍ଛନ୍ନା ବା ପ୍ରକାଶା ବା ବେଦିତବ୍ୟାଃ ସ୍ୱକର୍ମଭିଃ ।୪୦।**

ପିତାମାତା ଭେଦରେ ଏହିସବୁ ବର୍ଣ୍ଣସଙ୍କର ଜାତ ଦେଖାଇ ଦିଆଗଲା-ସେ ଜାତିଗୋପନ ଥାଉ ବା ପ୍ରକାଶିତ ହେଉ ଆପଣା ଆପଣା କର୍ମମାନଙ୍କ ଦ୍ୱାରା ଜଣା ପଡ଼ିବ ।

**ସଜାତିଜାନନ୍ତରାଜାଃ ଷଟ୍‌ସୁତାଦ୍ୱିଜଧର୍ମିଣଃ ।**
**ଶୂଦ୍ରାଣାନ୍ତୁ ସାଧର୍ମାଣଃ ସର୍ବେଽପଧ୍ୱଂସଜାଃସ୍ମୃତାଃ ।୪୧।**

ସଜାତୀୟା ବା ଅନ୍ତରଜା ସ୍ତ୍ରୀରେ ଜାତ ଛଅପୁଅ (୧ ବ୍ରାହ୍ମଣ ବ୍ରାହ୍ମଣୀ, ୨ କ୍ଷତ୍ରିୟ କ୍ଷତ୍ରିୟା, ୩ ବୈଶ୍ୟ ବୈଶ୍ୟା ଏବଂ ଅନନ୍ତର ୪ ବ୍ରାହ୍ମଣ କ୍ଷତ୍ରିୟା, ୫ ବ୍ରାହ୍ମଣ ବୈଶ୍ୟ ଓ କ୍ଷତ୍ରିୟ ବୈଶ୍ୟାରେ ଉତ୍ପନ୍ନ) ଦ୍ୱିଜଧର୍ମାବଲମ୍ବୀ (ଉପନୟ ସଂସ୍କାରଯୋଗ୍ୟ) ଅଟନ୍ତି; ଅନ୍ୟପ୍ରକାର ପ୍ରତିଲୋମଜାତ) ସକଳ ପୁତ୍ରମାନେ ଶୂଦ୍ରମାନଙ୍କ ସମଧର୍ମାବଲମ୍ବୀ) (ଅର୍ଥାତ୍ ସେମାନଙ୍କର ଉପନୟନ ସଂସ୍କାର ନାହିଁ) ।

**ତପୋବୀଜପ୍ରଭାବୈସ୍ତୁ ତେ ଗଚ୍ଛନ୍ତୁ ଯୁଗେ ଯୁଗେ ।**
**ଉତ୍କର୍ଷଞ୍ଚାପକର୍ଷଞ୍ଚ ମନୁଷ୍ୟେଷ୍ୱିହ ଜନ୍ମତଃ ।୪୨।**

ତପସ୍ୟା ପ୍ରଭାବରୁ (ବିଶ୍ୱାମିତ୍ର ପରି ଓ ବୀଜପ୍ରଭାବରୁ) (ଋଷ୍ୟଶୃଙ୍ଗାଦି ପରି) ସେମାନେ ମନୁଷ୍ୟମାନଙ୍କ ମଧ୍ୟରେ ଇହଜନମରେ ଉଚ୍ଚତା ଓ ନୀଚତା ଲାଭ କରନ୍ତି ।

**ଶନକୈସ୍ତୁ କ୍ରିୟାଲୋପାଦିମାଃ କ୍ଷତ୍ରିୟଜାତୟଃ ।**
**ବୃଷଳତ୍ୱଂ ଗତା ଲୋକେ ବ୍ରାହ୍ମଣାଦର୍ଶନେନ ଚ ।୪୩।**

ଏହି କ୍ଷତ୍ରିୟଜାତିର ଲୋକେ (ଯାଜନ ଅଧ୍ୟାପନ ପ୍ରାୟଶ୍ଚିତ୍ତାଦି କ୍ରିୟାଲୋକ ପ୍ରଯୁକ୍ତ ବ୍ରାହ୍ମଣ ନ ପାଇ ଧୀରେ ଧୀରେ ଲୋକରେ ଶୂଦ୍ରତା ଲାଭ କରନ୍ତି । ଯଥା-

**ପୌଣ୍ଡ୍ର କାଶ୍ଚୌଡ୍ରଦ୍ରବିଡ଼ାଃ କାମ୍ବୋଜା ଯବନାଃ ଶକାଃ ।**
**ପାରଦାପହ୍ଳବାଶ୍ଚୀନାଃ କିରାତା ଦରଦାଃ ଶଶାଃ ।୪୪।**

ପୌଣ୍ଡ୍ରକ, ଔଡ୍ର ଦ୍ରବିଡ଼, କାମ୍ବୋଜ, ଯବନ, ଶକ, ପାରଦ, ଅପହ୍ଳବ*, ଚୀନ କିରାତ, ଦରଦ ଓ ଖଶ ।

**ମୁଖବାହୁରୁପଜ୍ଜାନାଂ ଯା ଲୋକେ ଜାତୟୋ ବହିଃ ।**
**ମ୍ଳେଚ୍ଛବାଚଶ୍ଚୋର୍ଯ୍ୟବାଚଃ ସର୍ବେତେ ଦସ୍ୟବଃ ସ୍ମୃତାଃ ।୪୫।**

ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରମାନଙ୍କ ମଧ୍ୟରୁ ଯେଉଁମାନେ ଜାତିରୁ ବାହାରିଯାଇ ଅଛନ୍ତି ସେମାନେ ମ୍ଳେଚ୍ଛଭାଷା ବୋଲନ୍ତୁ ବା ଆର୍ଯ୍ୟଭାଷା ବୋଲନ୍ତୁ ସମସ୍ତେ ଦସ୍ୟୁ ନାମରେ ଅଭିହିତ ।

**ଯେ ଦ୍ୱିଜାତାନାମପସଦା ଯେ ଚାପଧ୍ୱଂସଜାଃ ସ୍ମୃତାଃ ।**
**ତେନିନ୍ଦିତୈର୍ବର୍ତ୍ତୟେୟୁର୍ଦ୍ୱିଜାନାମେବ କର୍ମଭିଃ ।୪୬।**

ଯେ ଦ୍ୱିଜମାନଙ୍କର (ଅନୁଲୋମଜ) ଅପସଦ ଓ (ପ୍ରତିଲୋମଜ) ଅପଧ୍ୱଂସଜ ବୋଲାଗଲେ ସେମାନେ ଦ୍ୱିଜମାନଙ୍କର ହିଁ ନିନ୍ଦିତ କର୍ମକରି ଜୀବନଯାତ୍ରା ନିର୍ବାହ କରିବେ ।

**ସୁତାନାମଶ୍ୱସାରଥ୍ୟ ମମ୍ବଷ୍ଠାନାଞ୍ଚିକିତ୍ସିତମ୍ ।**
**ବୈଦେହକାନା ସ୍ତ୍ରୀକାର୍ଯ୍ୟଂ ମାଗଧତାଂ ବଣିକ୍‌ପଥଃ ।୪୭।**

ସୂତାମାନଙ୍କର କର୍ମ ଅଶ୍ୱସାରଥ୍ୟ (ଘୋଡ଼ା ଚଳାଇବା) ଅମ୍ବୋଷ୍ଠର ଚିକିତ୍ସା (ବୈଦ୍ୟବୃତ୍ତି) ବୈଦେହମାନଙ୍କର ଅନ୍ତଃପୁରର କାର୍ଯ୍ୟ ଓ ମାଗଧମାନଙ୍କର କର୍ମ ବାଣିଜ୍ୟ ।

**ମତ୍ସ୍ୟଘାତେ ନିଷାଦାନାଂ ତ୍ୱଷ୍ଟସ୍ତ୍ୱାୟୋଗବସ୍ୟ ଚ ।**
**ମେଦାନ୍ଧ୍ରଚୁଞ୍ଚୁ ମଦ ଗୂନାମାରଣ୍ୟପଶୁହିଂସନମ୍ ।୪୮।**

ନିଷାଦର କାର୍ଯ୍ୟ ମାଛମାରିବା, ଆୟୋଗବର କାଠହାଣିବା ଚାଞ୍ଛିବା (ବଢ଼ାଇକାର୍ଯ୍ୟ) ମେଦ, ଅନ୍ଧ୍ର, ଚୁଞ୍ଚୁ ଓ ମୁଦ୍‌ଗୁମାଙ୍କର କାର୍ଯ୍ୟ ବଣୁଆ ପଶୁ ଶିକାର କରିବା ।

**କ୍ଷତ୍ତ ଗ୍ରୁପୁକ୍‌କସ ନାନ୍ତୁ ବିଲୌକୋ ବଧବନ୍ଧନମ୍ ।**
**ଧିଗ୍‌ବଣାନାଂ ଚର୍ମକାର୍ଯ୍ୟଂ ବେଣାନାଂ ଭାଣ୍ଡବାଦନମ୍ ।୪୯।**

କ୍ଷତ୍ତା,ଉଗ୍ର ଓ ପୁକ୍କସମାନଙ୍କର କାର୍ଯ୍ୟ ଗର୍ତ୍ତରେ ରହିବା (ଗୋଧିଆଦି) ଜନ୍ତୁମାନଙ୍କୁ ମାରିବା ବା ବାନ୍ଧିବା ଧିଗ୍‌ଗଣମାନଙ୍କର ଚର୍ମକାର୍ଯ୍ୟ ଏବଂ ବେଣ ମାନଙ୍କର (ଢୋଲଆଦି) ବାଜା ବଜାଇବା କାର୍ଯ୍ୟ ।

**ଚୈତ୍ୟଦ୍ରୁମଶ୍ମଶାନେଷୁ ଶୈଳେଷୁପବନେଷୁ ଚ ।**
**ବସେୟୁରେତେ ବିଜ୍ଞାତା ବର୍ତ୍ତୟନ୍ତଃ ସ୍ୱକର୍ମଭିଃ ।୫୦।**

ଗ୍ରାମସମୀପ ବଡ଼ ବଡ଼ ଗଛତଳେ, ଶ୍ମଶାନରେ; ପର୍ବତରେ ଓ ଉପବନରେ ଏମାନେ ବାସ କରି ନିଜ ନିଜ କାର୍ଯ୍ୟଦ୍ୱାରା ଜଣାପଡ଼ନ୍ତି ।

**ଚଣ୍ଡାଳଶ୍ୱପଚାନାନ୍ତୁ ବହିର୍ଗ୍ରାମାତ୍ ପ୍ରତିଶ୍ରୟଃ ।**
**ଅପପାତ୍ରାଶ୍ଚ କର୍ତ୍ତବ୍ୟା ଧନମେଷାଂ ଶ୍ୱଗର୍ଦ୍ଦଭମ୍ ।୫୧।**

* - କୌଣସି କୌଣସି ପାଠରେ 'ଅପହ୍ଳବ' ଅଛି ।

ଚଣ୍ଡାଳ ଓ ଶ୍ୱପଚର ନିବାସ ଗ୍ରାମର ବାହାରେ , ଏମାନଙ୍କୁ ପାତ୍ର ନିଷେଧ (କଂସାଲୋଟା ନ ଦେବା) କରିବା କର୍ତ୍ତବ୍ୟ ଏବଂ ଏମାନଙ୍କର ଧନ କୁକୁର ଓ ଗଧ ।

**ବାସାଂସି ମୃତଚେଲାନି ଭିନ୍ନଭାଣ୍ଡେଷୁ ଭୋଜନମ୍ ।**
**କାର୍ଷ୍ଣାୟସମଲଙ୍କାରଃ ପରିବ୍ରଜ୍ୟା ଚ ନିତ୍ୟଶଃ ।୫୨।**

ଏମାନଙ୍କ ପରିଧେୟ ମୃଦାରଲୁଗା, ଭୋଜନ ଭଗ୍ନପାତ୍ରରେ, ଅଳଙ୍କାର ଲୌହ ନିର୍ମିତ ଓ ବୁଲି ବୁଲିବା ନିତ୍ୟସ୍ୱଭାବ ।

**ନ ତୈଃ ସମୟମନ୍ୱିଚ୍ଛେଦ୍ ପୁରୁଷୋ ଧର୍ମମାଚରନ୍ ।**
**ବ୍ୟାବହାରୋ ମିଥସ୍ତେଷାଂ ବିବାହଃ ସଦୃଶୈ ସହ ।୫୩।**

ସେମାନଙ୍କ (ଚଣ୍ଡାଳସ୍ୱପାକ ଇତ୍ୟାଦିଂକ) ସଙ୍ଗେ ଲୋକ ଧର୍ମାନୁଷ୍ଠାନ ସମୟରେ ଦର୍ଶନାଦି ବ୍ୟବହାର କରିବ ନାହିଁ, ସେମାନଙ୍କ ବ୍ୟବହାର ଓ ବିବାହ ସମାନ ଜାତିରେ ।

**ଅନ୍ନମେଷାଂ ପରାଧୀନଂ ଦେୟଂ ସ୍ୟାଭିନ୍ନଭାଜନେ ।**
**ରାତ୍ରୌ ନ ବିଚରେୟୁସ୍ତେ ଗ୍ରାମେଷୁ ନଗରେଷୁ ଚ ।୫୪।**

ଏମାନଙ୍କୁ ଅଧିନସ୍ଥ ଲୋକଦ୍ୱାରା ଭଙ୍ଗା ଖପରା ଆଦିରେ ଦେବା ଉଚିତ ଏବଂ ରାତ୍ରକାଳରେ ଏମାନେ ଗ୍ରାମ କିମ୍ବା ନଗରମାନଙ୍କରେ ବୁଲିବେ ନାହିଁ ।

**ଦିବାଚରେୟୁଃ କାର୍ଯ୍ୟାର୍ଥଂ ଚିହ୍ନିତା ରାଜଶାସନୈଃ ।**
**ଅବାନ୍ଧବଂ ଶବଞ୍ଚୈବ ନିର୍ହରେୟୁରିତିସ୍ଥିତିଃ ।୫୫।**

ଏମାନେ ରାଜଶାସନ (ଚପରାସୀ) ଧାରଣ କରି ଦିନରେ କାର୍ଯ୍ୟ କରିବା ସକାଶେ ଇତସ୍ତତଃ ବିଚରଣ କରିବେ ଓ ଅବାନ୍ଧବ (ଅନାଥ ବା ଲାବାରିସ) ମୃଦାର ଉଠାଇବେ- ଏହାହିଁ ବ୍ୟବସ୍ଥା ।

**ବାଧ୍ୟାଂଶ୍ଚ ହନ୍ୟୁଃ ସତତଂ ଯଥାଶାସ୍ତ୍ରଂ ନୃପାଜ୍ଞୟା ।**
**ବଧବାସାଂସି ଗୃହ୍ଣୀୟୁଃ ଶର୍ଯ୍ୟାଶ୍ଚାଭରଣାନି ଚ ।୫୬।**

ରାଜାଜ୍ଞାକ୍ରମେ ପ୍ରାଣଦଣ୍ଡ ପାଇଥିବା ଲୋକମାନଙ୍କୁ ଏମାନେ ଯଥାବିଧି ବଧ କରିବେ ଓ ବଧ୍ୟର ଲୁଗାପଟା, ଶଯ୍ୟା ଓ ଅଳଙ୍କାରାଦି ନେବେ ।

**ବର୍ଣ୍ଣାପେତମବିଜ୍ଞାତଂ ନରଂ କଲୁଷଯୋନିଜମ୍ ।**
**ଆର୍ଯ୍ୟରୂପମିବାନାର୍ଯ୍ୟଂ କର୍ମଭିଃ ସ୍ୱୈର୍ବିଭାବୟେତ୍ ।୫୭।**

ବର୍ଣ୍ଣବହିର୍ଭୂତ ସବିଶେଷ ଅବିଦିତ ସଂକରଜାତିସମ୍ଭୂତ ଅନାର୍ଯ୍ୟ ଲୋକକୁ ଆର୍ଯ୍ୟପରି (ସଭ୍ୟବେଶଧାରୀ) ଦେଖାଗଲେ ସୁଦ୍ଧା ତାହାର ନିଜ ନିଜ କାର୍ଯ୍ୟମାନଙ୍କରୁ ଜାତିନିର୍ଣ୍ଣୟ କରିହେବ ।

**ଅନାର୍ଯ୍ୟତା ନିଷ୍ଠୁରତା କ୍ରୂରତା ନିଷ୍କ୍ରିୟାତ୍ମତା ।**
**ପୁରୁଷଂ ବ୍ୟଞ୍ଜୟନ୍ତୀହ ଲୋକେ କଲୁଷଯୋନିଜମ୍ ।୫୮।**

ଅସଭ୍ୟତା, ନିଷ୍ଠୁରତା, କ୍ରୂରତା, ବିହିତକ୍ରିୟାହୀନତା ଏହି ଲକ୍ଷଣମାନ ଲୋକରେ ସଙ୍କର ବର୍ଣ୍ଣର ଲୋକ ଚିହ୍ନାଇ ଦିଏ ।

**ପିତ୍ର୍ୟଂ ବା ଭଜତେ ଶୀଳଂ ମାତୁର୍ବୋଭୟମେବ ବା ।**
**ନ କଥଞ୍ଚନ ଦୁର୍ଯୋନିଃ ପ୍ରକୃତିଂ ସ୍ୱାଂ ନିୟଚ୍ଛତି ।୫୯।**

ଏହି ଶଙ୍କର ବର୍ଣ୍ଣର ବ୍ୟକ୍ତି ପିତା ବା ମାତା ଉଭୟ ପିତାମାତର ସ୍ୱଭାବ ଧାରଣ କରେ ଏବଂ କୌଣସି ପ୍ରକାରେ ଆପଣାର ଦୁଷ୍କୁଳତ୍ୱ ଲୁଚାଇ ନପାରେ ।

**କୁଳେ ମୁଖ୍ୟେଽପି ଜାତସ୍ୟ ଯସ୍ୟ ସ୍ୟାଦ୍‌ଯୋନିଶଙ୍କରାଃ ।**
**ସଂଶ୍ରୟତ୍ୟେବ ତଚ୍ଛୀଳଂ ନରୋଽଳ୍ପମପି ବା ବହୁ ।୬୦।**

ପ୍ରଧାନ କୁଳରେ ଜାତହୋଇ ସୁଦ୍ଧା (ଯେ ବ୍ୟଭିଚାରଜନିତ) ସଙ୍କର କ୍ରମେ ଜନ୍ମ ଗ୍ରହଣ କରେ ଅଳ୍ପାଧିକରେ ଜନ୍ମର ସ୍ୱଭାବ ଧାରଣ କରେ ।

**ଯତ୍ର ତ୍ୱେତେ ପରିଧ୍ୱଂସା ଜାୟନ୍ତେ ବର୍ଣ୍ଣଦୁଷକାଃ ।**
**ରାଷ୍ଟ୍ରିକୈ ସହ ତଦ୍ରାଷ୍ଟ୍ରଂ କ୍ଷିପ୍ରମେବ ବିନଶ୍ୟତି ।୬୧।**

ଯେଉଁ ରାଜ୍ୟରେ ଅନେକ ବର୍ଣ୍ଣସଙ୍କରଲୋକେ ଜାତ ହୁଅନ୍ତି ସେ ରାଜ୍ୟ ତଦଧିବାସୀ ଲୋକମାନଙ୍କ ସହିତ ଶୀଘ୍ର ନଷ୍ଟ ହୁଏ ।

**ବ୍ରାହ୍ମଣାର୍ଥେ ଗବାର୍ଥେ ବା ଦେହତ୍ୟାଗୋଽନୁପସ୍କୃତଃ ।**
**ସ୍ତ୍ରୀବାଳାଭ୍ୟୁପପତ୍ତୌ ଚ ବାହ୍ୟାନାଂ ସିଦ୍ଧକାରଣମ୍ ।୬୨।**

ପୁରସ୍କାର ପ୍ରତ୍ୟାଶା ନ କରି ବ୍ରାହ୍ମଣ, ଗୋ, ସ୍ତ୍ରୀ ଓ ପିଲାଙ୍କ ରକ୍ଷା ସକାଶେ ପ୍ରାଣତ୍ୟାଗ କରିବା ପ୍ରତିଲୋମଜ ଜାତିର ସୁଖପ୍ରାପ୍ତିରୂପ ସିଦ୍ଧିର କାରଣ ଅଟେ ।

**ଅହିଂସା ସତ୍ୟମସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ ।**
**ଏତଂ ସାମାସିକଂ ଧର୍ମଂ ଚାତୁର୍ବର୍ଣ୍ୟେଽବ୍ରବୀନ୍ମନୁଃ ।୬୩।**

ଅହିଂସା, ସତ୍ୟଭାଷଣ, ଅନ୍ୟର ଧନ ଅନ୍ୟାୟରେ ନ ନେବା ପବିତ୍ରତା ଓ ଇନ୍ଦ୍ରିୟସଂଯମ ସଂକ୍ଷେପରେ ଏହାହିଁ ଚାରିବର୍ଣ୍ଣର ଧର୍ମ ବୋଲି ମନୁ କହିଅଛନ୍ତି ।

**ଶୂଦ୍ରାୟାଂ ବ୍ରାହ୍ମଣାଜ୍ଜାତଃ ଶ୍ରେୟସା ଚେଦ୍ ପ୍ରଜାୟତେ ।**
**ଅଶ୍ରେୟାନ୍ ଶ୍ରେୟସୀଂ ଜାତିଂ ଗଚ୍ଛତ୍ୟାସପ୍ତମାଦ୍‌ଯୁଗାତ୍ ।୬୪।**

(ବିବାହିତା) ଶୂଦ୍ରାଗର୍ଭରୁ ବ୍ରାହ୍ମଣ କର୍ତ୍ତୃକ ଜାତ ପାରାଶବାଖ୍ୟ ବର୍ଣ୍ଣରକନ୍ୟା ଯଦି ଅନ୍ୟ ବ୍ରାହ୍ମଣକୁ ବିବାହ ହୁଏ ଏବଂ ତାହା ଗର୍ଭରୁ ଜାତ କନ୍ୟା ବ୍ରାହ୍ମଣକୁ ବିବାହ କରେ ଏହିପରି ସାତପୁରୁଷ ହେଲେ ପାରିଶବ ବ୍ରାହ୍ମଣ ହୋଇଯାଏ ।

**ଶୂଦ୍ରୋ ବ୍ରାହ୍ମଣତାମେତି ବ୍ରାହ୍ମଣଶ୍ଚୈତି ଶୂଦ୍ରତାମ୍ ।**
**କ୍ଷତ୍ରିୟାଜ୍ଜାତମେବନ୍ତୁ ବିଦ୍ୟାଦ୍‌ବୈଶ୍ୟାତ୍ତଥୈବ ଚ ।୬୫।**

ଶୂଦ୍ର ବ୍ରାହ୍ମଣତ୍ୱ ପ୍ରାପ୍ତି ହୁଏ ଏବଂ ବ୍ରାହ୍ମଣ ସୁଦ୍ଧା ଶୂଦ୍ରତା ଲାଭ କରେ ପୁଣି କ୍ଷତ୍ରିୟ ଓ ବୈଶ୍ୟରୁ ଜାତ ସନ୍ତାନମାନଙ୍କର ଏହିପରି ଉଚ୍ଚତା ଓ ନୀଚତା ପ୍ରାପ୍ତି ଜାଣିବ ।

**ଅନାର୍ଯ୍ୟାୟାଂ ସମୁତ୍ପନ୍ନୋ ବ୍ରାହ୍ମଣାତ୍ତୁ ଯଦୃଚ୍ଛୟା ।**
**ବ୍ରାହ୍ମଣ୍ୟାମପ୍ୟନାର୍ଯ୍ୟତ୍ତୁ ଶ୍ରେୟସ୍ତ୍ୱଂ କ୍ୱେତିଚେଭବେତ୍ ।୬୬।**

ଯଦୃଚ୍ଛାକ୍ରମେ ବ୍ରାହ୍ମଣକର୍ତ୍ତୃକ ଅନାର୍ଯ୍ୟ ଗର୍ଭରୁ ଜାତ ସନ୍ତାନ ଏବଂ ଅନାର୍ଯ୍ୟ କର୍ତ୍ତୃକ ବ୍ରାହ୍ମଣୀଗର୍ଭରୁ ସନ୍ତାନ ଶ୍ରେଷ୍ଠତ୍ୱ କାହାର ହେବ ?

**ଜାତୋନାର୍ଯ୍ୟାମନାର୍ଯ୍ୟାୟାମାର୍ଯ୍ୟାଦାର୍ଯ୍ୟୋ ଭବେଦ୍ ଗୁଣୈଃ ।**
**ଜାତୋଽପ୍ୟନାର୍ଯ୍ୟାଦାର୍ଯ୍ୟାୟାମନାର୍ଯ୍ୟ ଇତି ନିଶ୍ଚୟ ।୬୭।**

---

* - ୬୩ ଓ ୬୪ ଶ୍ଳୋକ ପ୍ରକ୍ଷିପ୍ତ ।

ଅନାର୍ଯ୍ୟା ସ୍ତ୍ରୀ ଗର୍ଭରୁ ଆର୍ଯ୍ୟକର୍ତ୍ତୃକ ଜାତସନ୍ତାନ ଗୁଣଦ୍ୱାରା ଆର୍ଯ୍ୟହୋଇପାରେ ମାତ୍ର ଅନାର୍ଯ୍ୟ କର୍ତ୍ତୃକ ଆର୍ଯ୍ୟ ସ୍ତ୍ରୀଗର୍ଭରୁ ଜାତ ସନ୍ତାନ ଅନାର୍ଯ୍ୟ ହେବ ନିଶ୍ଚୟ ।

**ତାବୁଭାକପ୍ୟସଂସ୍କାର୍ଯ୍ୟବିତି ଧର୍ମୋ ବ୍ୟବସ୍ଥିତଃ ।**
**ବୈଗୁଣ୍ୟାଜ୍ଜନ୍ମନଃ ପୂର୍ବୁ ଉତ୍ତରଃ ପ୍ରତିଲୋମତଃ ।୬୮।**

ଧର୍ମର ବ୍ୟବସ୍ଥା ଏହିକି ପ୍ରଥମଟି ଜନ୍ମ ବୈଗୁଣ୍ୟ ଏବଂ ଦ୍ୱିତୀୟଟି ପ୍ରତିଲୋମ ଜାତ ହେତୁ ସେ ଉଭୟେ ଉପନୟନାଦି ସଂସ୍କାରର ଯୋଗ୍ୟ ।

**ସୁବୀଜଞ୍ଚୈବ ସୁକ୍ଷେତ୍ରେ ଜାତଂ ସମ୍ପଦ୍ୟତେ ଯଥା ।**
**ତଥାର୍ଯ୍ୟାଜ୍ଜାତ ଆର୍ଯାୟାଂ ସର୍ବସଂସ୍କାରମର୍ହତି ।୬୯।**

ଯେପରି ଉତ୍ତମ ବୀଜ ଉତ୍ତମ କ୍ଷେତ୍ରରେ ବୁଣାହେଲେ ସମୃଦ୍ଧି ହୁଏ, ସେହିପରି ଆର୍ଯ୍ୟକର୍ତ୍ତୃକ ଆର୍ଯ୍ୟାଗର୍ଭରୁ ଜାତ ଉପନୟନାଦି ସକଳ ସଂସ୍କାରର ଯୋଗ୍ୟ ହୁଏ ।

**ବୀଜମେକେ ପ୍ରଶଂସନ୍ତି କ୍ଷେତ୍ରମନ୍ୟେ ମନୀଷିଣଃ ।**
**ବୀଜକ୍ଷେତ୍ରେ ତଥେବାନ୍ୟେ ତତ୍ରେୟନ୍ତୁ ବ୍ୟବସ୍ଥିତ ।୭୦।**

କେହି ବିଦ୍ୱାନ୍ ବୀଜ, କେହି କ୍ଷେତ୍ର ତଥା ଅନ୍ୟ କେହି ବୀଜ ଓ କ୍ଷେତ୍ର ଉଭୟକୁ ପ୍ରଶଂସା (ପ୍ରଧାନ ବୋଲି) କରନ୍ତି, ତହିଁରେ ଏହାହିଁ ବ୍ୟବସ୍ଥା ଅଟେ ।

**ଅକ୍ଷେତ୍ରେ ବୀଜମୁତ୍ସୃଷ୍ଟ ମନ୍ତରୈବ ବିନଶ୍ୟତି ।**
**ଅବୀଜକୟପି କ୍ଷେତ୍ରଂ କେବଳଂ ସ୍ଥଣ୍ଡିଳଂ ଭବେତ୍ ।୭୧।**

ଅଯୋଗ୍ୟ କ୍ଷେତ୍ରରେ ବୀଜ ବୁଣା ହେଲେ ଅଙ୍କୁରିତ ନ ହୋଇ ଭିତରରେ ନଷ୍ଟ ହୋଇଯାଏ; ମାତ୍ର ଯୋଗ୍ୟ କ୍ଷେତ୍ରରେ ବୀଜ ନ ବୁଣିଲେ କେବଳ ନିଷ୍ଫଳ (ପଡ଼ିଆପଡ଼ି) ରହେ । ଏତଦ୍ୱାରା ବୀଜ ଓ କ୍ଷେତ୍ର ଉଭୟ ଆପଣା ଆପଣା ଗୁଣରେ ଶ୍ରେଷ୍ଠ ବୋଲି ବୋଲାଗଲା ।

**ଯସ୍ମାଦ୍ ବୀଜପ୍ରଭାବେଣ ତିର୍ଯ୍ୟଗ୍‌ଜା ଋଷୟୋଽଭବନ୍ ।**
**ପଜିତାଶ୍ଚ ପ୍ରଶସ୍ତାଶ୍ଚ ତସ୍ମାଦ୍ ବୀଜ ପ୍ରଶଂସ୍ୟତେ ।୭୨।***

ଯେ ସ୍ଥଳେ ବୀଜମହାତ୍ମ୍ୟରୁ ତିର୍ଯ୍ୟକ୍‌ଜାତିସମ୍ଭୁତ (ଋଷ୍ୟଶୃଙ୍ଗାଦି) ଋଷିହୋଇ ପୂଜିତ ଓ ପ୍ରଶଂସନୀୟ ହୋଇଥିଲେ ସେ ସ୍ଥଳେ ବୀଜ ପ୍ରଧାନ ବୋଲି ପ୍ରଶଂସ୍ୟ ।

**ଅନାର୍ଯ୍ୟାମାର୍ଯ୍ୟକର୍ମାଣମାର୍ଯ୍ୟଂ ଚାନାର୍ଯ୍ୟକର୍ମିଣମ୍ ।**
**ସମ୍ପ୍ରଧାର୍ଯ୍ୟା ବ୍ରବୀଦ୍ଧାତା ନ ସମୌନାସମାବିତି ।୭୩।**

ଆର୍ଯ୍ୟକର୍ମାନୁଷ୍ଠାନକାରୀ ଅନାର୍ଯ୍ୟ ଓ ଅନାର୍ଯ୍ୟକର୍ମାନୁଷ୍ଠାନକାରୀ ଆର୍ଯ୍ୟ ଏ ଦୁହେଁ ଧାତା ବିଚାର କରି କହିଅଛନ୍ତି ସମାନ ନୁହନ୍ତି; କିମ୍ବା ଅସମାନ ନୁହନ୍ତି (ଅର୍ଥାତ୍ ଗୁଣ ଓ ସ୍ୱଭାବ ବିନା କେବଳ କର୍ମଦ୍ୱାରା ସମତା ଜାତ ହୁଏ ନାହିଁ; ଗୁଣ, କର୍ମ ଓ ସ୍ୱଭାବ ଦେଖି ଆର୍ଯ୍ୟ ବା ଅନାର୍ଯ୍ୟ, ଶୂଦ୍ର ବା ଦ୍ୱିଜ କିମ୍ବା ସଭ୍ୟ ବା ଅସଭ୍ୟ ସ୍ଥିରୀକୃତ ହେବ) ।

**ବ୍ରାହ୍ମଣା ବ୍ରାହ୍ମଯୋନିସ୍ଥା ଯେ ସ୍ୱକର୍ମଣବସ୍ଥିତାଃ ।**
**ତେ ସମ୍ୟଗୁପଜୀବେୟୁଃ ଷଟ୍‌କର୍ମାଣି ଯଥାକ୍ରମମ୍ ।୭୪।**

* - ଏ ଶ୍ଳୋକ ପ୍ରକ୍ଷିପ୍ତ ।

ବ୍ରହ୍ମଯୋନିସ୍ଥ ଯେ ସମସ୍ତ ବ୍ରାହ୍ମଣ ସ୍ୱକର୍ମରେ ଅବସ୍ଥିତ ସେମାନେ ଯଥାକ୍ରମରେ ଛଅକର୍ମ ସମ୍ୟକ୍ ପ୍ରକାରରେ ଅନୁଷ୍ଠାନ କରିବେ ।

**ଅଧ୍ୟାପନମଧ୍ୟୟନଂ ଯଜନଂ ଯାଜନଂ ତଥା ।**
**ଦାନଂ ପ୍ରତିଗ୍ରହଶ୍ଚୈବ ଷଟ୍‌କର୍ମାଣ୍ୟଗ୍ରଜନ୍ମନଃ ।୭୫।**

ପଢ଼ାଇବା, ପଢ଼ିବା, ଯଜ୍ଞ କରାଇବା, ଦାନ ଦେବା ଓ ଦାନ ନେବା ବ୍ରାହ୍ମଣର ଏହି ଛଅକର୍ମ ।

**ଷଣ୍ଣାନ୍ତୁ କର୍ମଣାମସ୍ୟ ତ୍ରୀଣି କର୍ମାଣି ଜୀବିକା ।**
**ଯାଜନାଧ୍ୟାପନେ ଚୈବ ବିଶୁଦ୍ଧାଚ୍ଚ ପ୍ରତିଗ୍ରହଃ ।୭୬।**

ପରନ୍ତୁ ଏହି ଛଅକର୍ମ ମଧ୍ୟରେ ଯଜ୍ଞ କରାଇବା, ପଢ଼ାଇବା ଓ ବିଶୁଦ୍ଧବ୍ୟକ୍ତିଠାରୁ ଦାନ ନେବା ଏ ତିନିକର୍ମ ବ୍ରାହ୍ମଣର ଜୀବିକା ଅଟେ ।

**ତ୍ରୟୋ ଧର୍ମା ନିବର୍ତ୍ତନ୍ତେ ବ୍ରାହ୍ମଣାତ୍ କ୍ଷତ୍ରିୟଂ ପ୍ରତି ।**
**ଅଧ୍ୟାପନାଂ ଯାଜନଞ୍ଚ ତୃତୀୟଶ୍ଚ ପ୍ରତିଗ୍ରହଃ ।୭୭।**

ବ୍ରାହ୍ମଣର ଧର୍ମ କର୍ମରୁ ପଢ଼ାଇବା, ଯଜ୍ଞ କରାଇବା ଓ ତୃତୀୟ ଦାନ ନେବା ଏ ତିନି କ୍ଷତ୍ରିୟ ପ୍ରତି ପ୍ରବର୍ତ୍ତେ ନାହିଁ ।

**ବୈଶ୍ୟଂ ପ୍ରତି ତଥୈବୈତେ ନିବର୍ତ୍ତେରନ୍ନିତି ସ୍ଥିତିଃ ।**
**ନ ତୌ ପ୍ରତିହିତାନ୍ ଧର୍ମାନ୍ ମନୁରାହ ପ୍ରଜାପତିଃ ।୭୮।***

ସେହିପରି ବୈଶ୍ୟ ପ୍ରତି ସୁଦ୍ଧା ସେହି ତିନିକର୍ମ ପ୍ରବର୍ତ୍ତେ ନାହିଁ ଏହାହିଁ ବ୍ୟବସ୍ଥା; କ୍ଷତ୍ରିୟ ଓ ବୈଶ୍ୟର ସେ ତିନି ଜୀବିକା ବୋଲି ପ୍ରଜାପତି ମନୁ କହି ନାହାନ୍ତି ।

**ଶାସ୍ତ୍ରାସ୍ତ୍ରଭୃତ୍ତ୍ୱଂ କ୍ଷତ୍ରିସ୍ୟ ବଣିକ୍ ପଶୁକୃଷିର୍ବିଶଃ ।**
**ଆଜୀବନାର୍ଥଂ ଧର୍ମସ୍ତୁ ଦାନମଧ୍ୟୟନଂ ଯଜଃ ।୭୮।**

ଜୀବନଯାତ୍ରା ନିର୍ବାହକରଣାର୍ଥ କ୍ଷତ୍ରିୟର ଧର୍ମ ଅସ୍ତ୍ର ଶସ୍ତ୍ର ଧାରଣ କରିବା ଏବଂ ବୈଶ୍ୟର ଧର୍ମ ବାଣିଜ୍ୟ, ପଶୁପାଳନ ଓ କୃଷିକର୍ମ, ଦାନ ଅଧ୍ୟୟନ ଓ ଯଜନ ମଧ୍ୟ ଏ ଦୁହିଁଙ୍କର କର୍ମ ।

**ବେଦାଭ୍ୟାସୋ ବ୍ରାହ୍ମଣସ୍ୟ କ୍ଷତ୍ରିୟସ୍ୟ ଚ ରକ୍ଷଣମ୍ ।**
**ବାର୍ତ୍ତାକର୍ମୈବ ବୈଶ୍ୟସ୍ୟ ବିଶିଷ୍ଟାନି ସ୍ୱକର୍ମସୁ ।୮୦।**

ବ୍ରାହ୍ମଣ ବେଦାଭ୍ୟାସ କରିବା, କ୍ଷତ୍ରିୟର ରକ୍ଷା କରିବା ଏବଂ ବୈଶ୍ୟର ବାଣିଜ୍ୟ କରିବା ସ୍ୱକର୍ମମାନଙ୍କରେ ପ୍ରଧାନ ।

**ଆଜୀବଂସ୍ତୁ ଯଥୋକ୍ତେନ ବ୍ରାହ୍ମଣଃ ସ୍ୱେନଃ କର୍ମଣା ।**
**ଜୀବେତ୍ କ୍ଷତ୍ରିୟ ଧର୍ମେଣ ସ ହ୍ୟସ୍ୟ ପ୍ରତ୍ୟନନ୍ତରଃ ।୮୧।**

ଉପରୋକ୍ତ ମତେ ବ୍ରାହ୍ମଣ ନିଜକାମଦ୍ୱାରା ଆଜୀବନ ବଞ୍ଚିବ ମଧ୍ୟ ଆପତ୍କାଳରେ କ୍ଷତ୍ରିୟ ଧର୍ମରେ ଜୀବିକା ନିର୍ବାହ କରିବ, କାରଣ ବ୍ରାହ୍ମଣକୁ କ୍ଷତ୍ରିୟ କର୍ମ ନିକଟ ।

**ଉଭାଭ୍ୟାମପ୍ୟଜୀବଂସ୍ତୁ ସ୍ୟାଦିତି ଚେଦ୍ଭବେତ୍ ।**
**କୃଷିଗୋରକ୍ଷମାସ୍ଥାୟ ଜୀବେଦ୍ ବୈଶ୍ୟସ୍ୟ ଜୀବିକାମ୍ ।୮୨।**

(ବ୍ରାହ୍ମଣ ଓ କ୍ଷତ୍ରିୟ) ଉଭୟର ଜୀବିକା ଦ୍ୱାରା ଯଦି ବ୍ରାହ୍ମଣ ଜୀବିକାଉପାର୍ଜନ କରି ନ ପାରେ ଏପରି ଘଟଣା ହେଲେ ବ୍ରାହ୍ମଣ ବୈଶ୍ୟର ଜୀବିକା କୃଷି ଓ ଗୋରକ୍ଷା ଦ୍ୱାର ଜୀବନଯାତ୍ରା ନିର୍ବାହ କରିବ ।

---

* ଏ ଶ୍ଳୋକ ପ୍ରକ୍ଷିପ୍ତ ।

**ବୈଶ୍ୟବୃତ୍ତ୍ୟାପି ଜୀବଂସ୍ତୁ ବ୍ରାହ୍ମଣଃ କ୍ଷତ୍ରିୟୋଽପିବା ।**
**ହିଂସାପ୍ରାୟାଂ ପରାଧୀନାଂ କୃଷିଂ ଯତ୍ନେନ ବର୍ଜୟେତ୍ ।୮୩।**

ବ୍ରାହ୍ମଣ ବା କ୍ଷତ୍ରିୟଙ୍କୁ ବୈଶ୍ୟବୃତ୍ତି ଦ୍ୱାରା ଜୀବିକାନିର୍ବାହ କରିବାକୁ ପଡ଼ିଲେ ସୁଦ୍ଧା ସେମାନେ ହିଂସାବହୁଳ ବଳଦାଦି ପଶ୍ୱାଧୀନ କୃଷିକାର୍ଯ୍ୟ ଯତ୍ନପୂର୍ବକ ପରିତ୍ୟାଗ କରିବେ ।

**କୃଷିଂ ସାଧ୍ୱିତି ମନ୍ୟନ୍ତେ ସା ବୃତ୍ତିଃ ସଦ୍‌ବିଗର୍ହିତା ।**
**ଭୂମିଂ ଭୂମିଶୟାଂଶ୍ଚୈବ ହନ୍ତି କାଷ୍ଠମୟୋମୁଖମ୍ ।୮୪।**

କେହି କେହି କୃଷି ଜୀବିକାକୁ ଭଲ ବୋଲି କହିଲେ ସୁଦ୍ଧା ସେ ବୃତ୍ତି ସଜ୍ଜନନିନ୍ଦିତ ଅଟେ; ଲୁହା ଲଗାଇ କାଠର ହଳ ଇତ୍ୟାଦି ଭୂମିରେ ଚାଳନା କରିବାଦ୍ୱାରା ଭୂମି ଓ ଭୂମିସ୍ଥିତ ପୀଡ଼ା ଦିଆଯାଏ ।

**ଇଦନ୍ତୁ ବୃତ୍ତିବୈକଲ୍ୟାତ୍ତ୍ୟଜତୋ ଧର୍ମନୈପୁଣମ୍ ।**
**ବିଟ୍‌ପଣ୍ୟମୁଦ୍ଧୃ ତୋଦ୍ଧାରଂ ବିକ୍ରେୟଂ ବିତ୍ତବର୍ଦ୍ଧନମ୍ ।୮୫।**

ବୃତ୍ତି ଅଭାବରେ ଧର୍ମନିଷ୍ଠା (ବୈଶ୍ୟକର୍ମ କରିବ ନାହିଁ ଏରୂପ ନିଷ୍ଠା) ତ୍ୟାଗ କଲେ ବ୍ରାହ୍ମଣ ଓ କ୍ଷତ୍ରିୟ ବୈଶ୍ୟର ବିକ୍ରୟ ଯୋଗ୍ୟ ନିମ୍ନକଥିତ ନିଷିଦ୍ଧବସ୍ତୁ ଛଡ଼ା ଅନ୍ୟଦ୍ରବ୍ୟ ବିକ୍ରୟଦ୍ୱାରା ଧନ ବର୍ଦ୍ଧିତ କରିବେ ।

**ସର୍ବାନ୍ ରସାନପୋହେତ କୃତାନ୍ନଞ୍ଚ ତିଲୈଃ ସହ ।**
**ଅଶ୍ମନୋ ଲବଣଞ୍ଚୈବ ପଶବୋ ଯ ଚ ମାନୁଷାଃ ।୮୬।**

ସର୍ବ ପ୍ରକାର ରସ, ତିଳ ସହିତ ସିଦ୍ଧ ହୋଇଥିବା ଅନ୍ନ; ପଥର, ଲୁଣ ଏବଂ ମନୁଷ୍ୟମାନଙ୍କର ପାଳନୀୟ ପଶୁ ବର୍ଜନ କରିବ ।

**ସର୍ବଞ୍ଚ ତାନ୍ତବଂ ରକ୍ତଂ ଶାଣକ୍ଷୌମାବିକାନି ଚ ।**
**ଅପି ଚେତ ସ୍ୟୁରରକ୍ତାନି ମୂଳେ ତଥୌଷଧୀଃ ।୮୭।**

ସକଳ ପ୍ରକାର ରଙ୍ଗର ସୂତାର ଲୁଗା ଏବଂ ରଙ୍ଗ ନ ହେଲେ ସୁଦ୍ଧା ଶଣର ଲୁଗା, ରେଶମୀ ବସ୍ତ୍ର ଓ ମେଷଲୋମର (କମ୍ବଳାଦି) ବସ୍ତ୍ର ଏବଂ ଫଳ, ମୂଳ ତଥା ଔଷଧିମାନ ବିକିବ ନାହିଁ ।

**ଅପଃ ଶସ୍ତ୍ରଂ ବିଷଂ ମାଂସଂ ସୋମଂ ଗନ୍ଧାଂଶ୍ଚ ସର୍ବଶଃ ।**
**କ୍ଷୀରଂ କ୍ଷୌଦ୍ରଂ ଦଧି ଘୃତଂ ତୈଳଂ ମଧୁଗୁଡ଼ଂ କୁଶାନ୍ ।୮୮।**

ଜଳ, ଶସ୍ତ୍ର, ବିଷ, ମାଂସ, ସୋମବଲ୍ଲୀ, ସକଳପ୍ରକାର ଗନ୍ଧଦ୍ରବ୍ୟ, ଦୁଧ, ମହଣ, ଦହି, ଘିଅ, ତେଲ, ମହୁ, ଗୁଡ଼ ଓ କୁଶ ବିକିବ ନାହିଁ ।

**ଆରଣ୍ୟାଂଶ୍ଚ ପଶୂନ୍ ସର୍ବାନ୍ ଦଂଷ୍ଟ୍ରିଣଶ୍ଚ ବୟଂସି ଚ ।**
**ମଦ୍ୟଂ ନୀଳିଞ୍ଚ ଲାକ୍ଷାଞ୍ଚ ସର୍ବାଂଶ୍ଚୈକଶଫାଂସ୍ତଥା ।୮୯।** *

---

* ଏହାପରେ ଗୋଟିଏ ପୁସ୍ତକରେ ନିମ୍ନ ଲିଖିତ ଅଧିକା ଶ୍ଳୋକ ମିଳେ ଓ ତହିଁ ଉପରେ ନନ୍ଦନର ଭାଷ୍ୟ ଅଛି ।

ତ୍ରପୁ ସୀସଂ ତଥା ଲୌହଂ ତୈଜସାନି ଚ ସର୍ବଶଃ ।
ବାଲାଂଶ୍ଚର୍ମ ତଥାସ୍ଥୀନି ସ୍ନାୟୁନି ଚ ବର୍ଜୟେତ୍ ।

ରଙ୍ଗ, ସୀସା, ଲୁହା, ପିତଳ ଇତ୍ୟାଦି ସକଳପ୍ରକାର ଚକଚକିଆ ଧାତୁ, ବାଳ, ଚମ ଓ ସ୍ନାୟୁମିଶ୍ରିତ ହାଡ଼ ଛାଡ଼ିଦେବ (ବିକିବ ନାହିଁ) ।

ସକଳ ପ୍ରକାର ଜଙ୍ଗଲି ଦନ୍ତବିଶିଷ୍ଟ ପଶୁ, ପକ୍ଷୀ, ମଦ, ନୀଳ ଲାଖ ଏବଂ ଏକ ଖୁରା ବିଶିଷ୍ଟ ଘୋଡ଼ା ଇତ୍ୟାଦି ସକଳ ପ୍ରକାର ପଶୁ ବିକିବ ନାହିଁ ।

**କାମମୁତ୍ପାଦ୍ୟ କୃଷ୍ୟାନ୍ତୁ ସ୍ୱୟମେବ କୃଷୀବଳଃ ।**
**ବିକ୍ରୀଣିତ ତିଳାନ୍ ଶୁଦ୍ଧାନ୍ ଧର୍ମାର୍ଥମଚିରସ୍ଥିତାନ୍ ।୯୦।**

ଇଚ୍ଛା ହେଲେ ନିଜେ କୃଷକ ହୋଇ ଚାଷଦ୍ୱାରା ତିଳ ଉତ୍ପାଦନ କରି ବିଶୁଦ୍ଧ ତିଳ ବହୁକାଳ ନ ରଖି ଧର୍ମକାର୍ଯ୍ୟରେ ଲଗାଇବା ସକାଶେ ବିକିବ ।

**ଭୋଜନାଭ୍ୟଞ୍ଜନାଦ୍ଦାନାଦ୍ ଦନ୍ୟତ୍ କୁରୁତେ ତିଳୈଃ ।**
**କୃମିଭୂତଃ ଶ୍ୱବିଷ୍ଠାୟାଂ ପିତୃଭିଃ ସହ ମଜ୍ଜତି ।୯୧।**

ଭୋଜନ, ମର୍ଦ୍ଦନ ଓ ଦାନ ଛଡ଼ା ଯେ ଅନ୍ୟ କିଛି ତିଳରେ କରେ ସେ ପିତୃପୁରୁଷମାନଙ୍କ ସହିତ କୃମି ହୋଇ କୁକ୍କୁର ବିଷ୍ଠାରେ ନିମଗ୍ନ ହୁଏ ।

**ସଦ୍ୟ ପତିତ ମାଂସେନ ଲାକ୍ଷୟାଂ ଲବଣେନ ଚ ।**
**ତ୍ର୍ୟହେଣେ ଶୂଦ୍ରୀଭବତି ବ୍ରାହ୍ମଣଃ କ୍ଷୀର ବିକ୍ରୟାତ୍ ।୯୨।**

ବ୍ରାହ୍ମଣ ମାଂସ, ଲାଖ ଓ ଲବଣ ବିକିଲେ ତତ୍‌କ୍ଷଣାତ୍ ପତିତ ହୁଏ ଏବଂ ଦୁଧ ବିକିଲେ ତିନିଦିନରେ ଶୂଦ୍ରତ୍ୱ ପ୍ରାପ୍ତ ହୁଏ ।

**ଇତରେଷାନ୍ତୁ ପଣ୍ୟାନାଂ ବିକ୍ରୟାଦିହ କାମତଃ ।**
**ବ୍ରାହ୍ମଣଃ ସପ୍ତରାତ୍ରେଣ ବୈଶ୍ୟଭାବଂ ନିଯଚ୍ଛତି ।୯୩।**

ତାହା ଛଡ଼ା ଅନ୍ୟ ପଣ୍ୟଦ୍ରବ୍ୟ ଇଚ୍ଛାପୂର୍ବକ ସଂସାରରେ ବିକ୍ରୟ କଲେ ବ୍ରାହ୍ମଣ ସାତ ରାତ୍ରରେ ବୈଶ୍ୟଭାବ ପ୍ରାପ୍ତ ହୁଏ ।

**ରସା ରସୈର୍ନିମାତବ୍ୟା ନତ୍ୱେବ ଲବଣଂ ରସୈଃ ।**
**କୃତାନ୍ନଞ୍ଚାକୃତାନ୍ନେନ ତିଳାଧାନ୍ୟେନ ତତ୍ସମା ।୯୪।** ✻

ଏକରୂପ ରସ (ଗୁଡ଼ାଦି) ବିନିମୟରେ ଅନ୍ୟରୂପ (ଘୃତାଦି) ରସ ନିଆ ଯାଇପାରେ ; ମାତ୍ର ଲୁଣ ରସଦ୍ରବ୍ୟ ସହିତ ବଦଳ ହୁଏ ନାହିଁ, ସିଦ୍ଧାନ୍ନ ଆମାନ୍ନ ବିନିମୟରେ ଏବଂ ତିଳଧାନ ବଦଳରେ ନିଆ ଯାଇପାରେ ମାତ୍ର ପରିମାଣ ସମାନ ହେବ ।

**ଜୀବେଦେତେନ ରାଜନ୍ୟଃ ସର୍ବେଣାପ୍ୟନୟଂ ଗତଃ ।**
**ନତ୍ୱେବ ଜ୍ୟାୟସୀଂ ବୃତ୍ତି ମଭିମନ୍ୟେତ କର୍ହିଚିତ୍ ।୯୫।**

ଆପଦଗ୍ରସ୍ତ କ୍ଷତ୍ରିୟ ସୁଦ୍ଧା ଏହି ସବୁ ବିଧିରେ (ବୈଶ୍ୟପରି) ଜୀବିକା ଅର୍ଜନ କରିବ ମାତ୍ର କଦାପି ବ୍ରାହ୍ମଣବୃତ୍ତି ଅବଲମ୍ବନ କରିବ ନାହିଁ ।

**ଯୋ ଲୋଭାଦଧମୋ ଜାତ୍ୟା ଜୀବେଦୁତ୍କୃଷ୍ଟକର୍ମଭିଃ ।**
**ତଂ ରାଜା ନିର୍ଧନଂ କୃତ୍ୱା କ୍ଷିପ୍ରମେବ ପ୍ରବାସୟେତ୍ ।୯୬।**

ଯେ ଅଧମଜାତୀୟ ବ୍ୟକ୍ତି ଲୋଭରେ ଉତ୍କୃଷ୍ଟଜାତିର କର୍ମଦ୍ୱାରା ଜୀବିକା ଅର୍ଜନ କରେ ରାଜା ତାହାର ଧନ କାଢ଼ିନେଇ ଶୀଘ୍ର ତାହାକୁ ଦେଶରୁ ବାହାର କରିଦେବ ।

**ବରଂ ସ୍ୱଧର୍ମୋ ବିଗୁଣଃ ନ ପାରକ୍ୟଃ ସ୍ୱନୁଷ୍ଠିତଃ ।**
**ପରଧର୍ମେଣ ଜୀବନ ହି ସଦ୍ୟଃ ପତିତ ଜାତିତଃ ।୯୭।**

---

✻ ୮୫ ଠାରୁ ୯୪ ଶ୍ଳୋକ ପ୍ରକ୍ଷିପ୍ତ ।

ବିକୃଷ୍ଟ ହେଲେ ସୁଦ୍ଧା ସ୍ୱଧର୍ମ ଅନୁଷ୍ଠେୟ ଏବଂ ପରକୀୟ ଧର୍ମ ଉତ୍କୃଷ୍ଟ ହେଲେ ସୁଦ୍ଧା ଲୋକର ଅନୁଷ୍ଠେୟ ନୁହେଁ, କାରଣ ପରଧର୍ମରେ ଜୀବିକା ଅର୍ଜିଲେ ଲୋକ ତତ୍‌କ୍ଷଣାତ୍ ଜାତିରୁ ପତିତ ହୁଏ ।

**ବୈଶ୍ୟୋଽଜୀବନ୍ ସ୍ୱଧର୍ମେଣ ଶୂଦ୍ରବୃତ୍ତ୍ୟାପି ବର୍ତ୍ତୟେତ୍ ।**
**ଅନାଚରନ୍ନକାର୍ଯ୍ୟାଣି ନିବର୍ତ୍ତେତ ଚ ଶକ୍ତିମାନ୍ ।୯୮।**

ବୈଶ୍ୟ ସ୍ୱକର୍ମଦ୍ୱାରା ଜୀବିକା ଅର୍ଜନକରି ନ ପାରିଲେ (ସେବାଦି) ଶୂଦ୍ରବୃତ୍ତି ସୁଦ୍ଧା ଅବଲମ୍ବନ କରି ପାରେ ମାତ୍ର (ଉଚ୍ଛିଷ୍ଟ ଭୋଜନାଦି) ଅକାର୍ଯ୍ୟ କରିବ ନାହିଁ ଏବଂ ଶକ୍ତି (ଆପଦମୁକ୍ତ) ହେଲେ ଶୂଦ୍ରବୃତ୍ତିରୁ ନିବୃତ୍ତ ହେବ ।

**ଅଶକ୍ନୁବଂସ୍ତୁ ଶୁଶ୍ରୂଷାଂ ଶୂଦ୍ରଃ କର୍ତ୍ତୁଂ ଦ୍ୱିଜନ୍ମନାମ୍ ।**
**ପୁତ୍ରଦାରାତ୍ୟୟଂ ପ୍ରାପ୍ତୋ ଜୀବେତ୍ କାରୁକକର୍ମଭିଃ ।୯୯।**

ଶୂଦ୍ର ଦ୍ୱିଜାତିମାନଙ୍କର ସେବା କରିବାକୁ ଅସମର୍ଥ ହେଲେ ସ୍ତ୍ରୀପୁତ୍ର କ୍ଷୁଧାପୀଡ଼ିତ ହେବାକାଳରେ ସୁପକାରାଦି କର୍ମଦ୍ୱାରା ଜୀବିକା ଅର୍ଜନ କରିବ ।

**ଯୈଃ କର୍ମଭିଃ ପ୍ରଚରିତୈଃ ଶୁଶ୍ରୂଷ୍ୟନ୍ତେ ଦ୍ୱିଜାତୟଃ ।**
**ତାନି କାରୁକକର୍ମାଣି ଶିଳ୍ପାନି ବିବିଧାନି ଚ ।୧୦୦।**

ଯେଉଁ କର୍ମାଚରଣମାନଙ୍କ ଦ୍ୱାରା ଦ୍ୱିଜାତିମାନଙ୍କର ଶୁଶ୍ରୂଷା ସାଧିତ ହୁଏ, ସେହି ସବୁ ନାନା ପ୍ରକାର ଶିଳ୍ପ କାରୁକକର୍ମ ଅଟେ ।

**ବୈଶ୍ୟବୃତ୍ତିମନାତିଷ୍ଠନ୍ ବ୍ରାହ୍ମଣଃ ସ୍ୱେ ପଥି ସ୍ଥିତଃ ।**
**ଆବୃତ୍ତିକର୍ଷିତଃ ସୀଦନ୍ନିମଂ ଧର୍ମଂ ସମାଚରେତ୍ ।୧୦୧।**

ଆପଣା ମାର୍ଗରେ ଥାଇ ବ୍ରାହ୍ମଣ କୌଣସି ବୃତ୍ତି ନ ପାଇଲେ ଓ ବୈଶ୍ୟବୃତ୍ତି କରି ନ ପାରିଲେ ଏହି (ବକ୍ଷ୍ୟମାଣ) ଧର୍ମ ଆଚରଣ କରିବ-

**ସର୍ବତଃ ପ୍ରତିଗୃହ୍ଣୀୟାଦ୍ ବ୍ରାହ୍ମଣସ୍ତ୍ୱନୟଂ ଗତଃ ।**
**ପବିତ୍ରଂ ଦୂଷ୍ୟତୀତ୍ୟେତଦ୍ ଧର୍ମତୋ ନୋପପଦ୍ୟତେ ।୧୦୨।**

ବିପଦାପନ୍ନ ବ୍ରାହ୍ମଣ ସମସ୍ତଙ୍କଠାରୁ ଦାନ ନେଇ ପାରେ କାରଣ ସେ (ସ୍ୱୟଂ) ପବିତ୍ର ସେ ଦୂଷିତ ହେବା ଧର୍ମତଃ ପ୍ରତିପନ୍ନ ହୋଇ ନପାରେ ।

**ନାଧ୍ୟାପନାଦ୍ ଯାଜନାଦ୍ ବା ଗର୍ହିତାଦ୍ ବା ପ୍ରତିଗ୍ରହାତ୍ ।**
**ଦୋଷୋ ଭବତି ବିପ୍ରାଣାଂ ଜ୍ୱଳନାମ୍ବୁସମାହିତେ ।୧୦୩।**

ନିନ୍ଦିତକୁ ପଢ଼ାଇବା ବା ଯଜ୍ଞକରାଇବା ଅଥବା ତାହାଠାରୁ ଦାନନେବା ଦ୍ୱାରା ବିପ୍ରମାନଙ୍କର ଦୋଷ ହୁଏ ନାହିଁ; କାରଣ ସେମାନେ ଅଗ୍ନି ଓ ଜଳପରି ସଦା ପବିତ୍ର ।

**ଜୀବିତାତ୍ୟୟମାପନ୍ନୋ ଯୋଽନ୍ନମତ୍ତି ଯତସ୍ତତଃ ।**
**ଆକାଶମିବ ପଙ୍କେନ ନ ସ ପାପେନ ଲିପ୍ୟତେ ।୧୦୪।**

ପ୍ରାଣ ହାରିଯିବା ଆଶଙ୍କାରେ ବ୍ରାହ୍ମଣ ଯେ କୌଣସି ଠାରୁ ଅନ୍ନ ଖାଇଲେ ସୁଦ୍ଧା ଆକାଶରେ ପଙ୍କ ନ ଲାଗିଲା ପରି ତାହାର ପାପ ଲାଗେ ନାହିଁ ।

**ଅଜୀଗର୍ତ୍ତଃ ସୁତଂ ହନ୍ତୁ ମୁପାସର୍ପଦ୍ ବୁଭୁକ୍ଷିତଃ ।**
**ନ ଚାଲିପ୍ୟତ ପାପେନ କ୍ଷୁତପ୍ରତୀକାରମାଚରନ୍ ।୧୦୫।**

---

*- ଦୁଇ ପୁସ୍ତକରେ ଜ୍ୱଳନାର୍କ, ପାଠଭେଦ ଅଛି ।

କ୍ଷୁଧାପୀଡ଼ିତ ହୋଇ ଅଜୀଗର୍ତ୍ତ ଋଷି ପୁତ୍ରକୁ ମାରି ପକାଇବାକୁ ଉଦ୍ୟମ ହୋଇ ଥିଲେ, କ୍ଷୁଧାରୁ ପ୍ରତିକାର ସକାଶେ ଏରୂପ ଆଚରଣ କଲେ ପାପ ଦ୍ୱାରା ଲିପ୍ତ ହେବାକୁ ହୁଏ ନାହିଁ ।

**ଶ୍ୱମାଂ ସମିଚ୍ଛନ୍ନାର୍ତ୍ତୋଽତ୍ତୁଂ ଧର୍ମାଧର୍ମବିଚକ୍ଷଣଃ ।**
**ପ୍ରାଣାନାଂ ପରିରକ୍ଷାର୍ଥଂ ବାମଦେବୋ ନ ଲିପ୍ତବାନ୍ ।୧୦୬।**

ଧର୍ମାଧର୍ମ ବିଚକ୍ଷଣ ବାମଦେବ ଋଷି କ୍ଷୁଧାର୍ତ୍ତ ହୋଇ ପ୍ରାଣ ରକ୍ଷାର୍ଥ କୁକ୍କୁର ମାସଂ ଭୋଜନ କରିବାକୁ ଇଚ୍ଛାକରି ପାପରେ ଲିପ୍ତ ହୋଇ ନ ଥିଲେ ।

**ଭରଦ୍ୱାଜଃ କ୍ଷୁଧା ସ୍ତୁ ସପୁତ୍ରୋ ବିଜନେ ବନେ ।**
**ବହ୍ୱୀର୍ଗାଃ ପ୍ରତିଜଗ୍ରାହ ବୃଧୋସ୍ତକ୍ଷ୍ଣୋ ମହାତପାଃ ।୧୦୭।**

ମହାତପା ଭରଦ୍ୱାଜ ଋଷି ସପୁତ୍ର ବିଜନ ବନରେ ଥାଇ କ୍ଷୁଧାପୀଡ଼ିତ ହୋଇ ବୃଧନାମକ ବଢ଼ାଇ ଠାରୁ ଅନେକ ଗାଈ ଗ୍ରହଣ କରିଥିଲେ ।

**କ୍ଷୁଧାର୍ତ୍ତଶ୍ଚାତ୍ତୁ ମଭ୍ୟାଗାଦ୍‌ବିଶ୍ୱାମିତ୍ରଃ ଶ୍ୱଜାଘନୀମ୍ ।**
**ଚଣ୍ଡାଳହସ୍ତାଦାଦାୟ ଧର୍ମାଧର୍ମବିଚକ୍ଷଣଃ ।୧୦୮।**

ମଧ୍ୟ ଧର୍ମାଧର୍ମ ବିଚକ୍ଷଣ ବିଶ୍ୱାମିତ୍ର ଋଷି କ୍ଷୁଧାର୍ତ୍ତ ହୋଇ ଚଣ୍ଡାଳର ହାତରୁ କୁକୁର ଜଘନ ମାଂସ ଭୋଜନ କରିବା ସକାଶେ ନେଇଥିଲେ ।

**ପ୍ରତିଗ୍ରହାଦ୍ ଯାଜନାଦ୍ ବା ତଥୈବାଧ୍ୟାପନାଦପି ।**
**ପ୍ରତିଗ୍ରହଃ ପ୍ରତ୍ୟବରଃ ପ୍ରେତ୍ୟ ବିପ୍ରସ୍ୟ ଗର୍ହିତଃ ।୧୦୯।**

ଦାନ ଗ୍ରହଣ, ଯଜ୍ଞ କରାଇବା ଓ ପଢ଼ାଇବା ଏ ତିନି ମଧ୍ୟରୁ ବିପ୍ରପକ୍ଷରେ ପ୍ରତିଗ୍ରହ ପରଲୋକରେ ଅତ୍ୟନ୍ତ ଗର୍ହିତ ( ଏ ହେତୁ ଯଥାଶକ୍ତି ଯାଜନ ଅଧ୍ୟାପନ ଦ୍ୱାରା ଜୀବିକା କରିବ, ପ୍ରତିଗ୍ରହ ଦ୍ୱାରା କରିବ ନାହିଁ) ।

**ଯାଜନାଧ୍ୟାପେନ ନିତ୍ୟଂ କ୍ରିୟତେ ସଂସ୍କୃତାତ୍ମନାମ୍ ।**
**ପ୍ରତିଗ୍ରହସ୍ତୁ କ୍ରିୟତେ ଶୂଦ୍ରାଦପ୍ୟନ୍ତ୍ୟଜନ୍ମନଃ ।୧୧୦।**

କାରଣ ଯେଉଁ(ଦ୍ୱିଜ)ମାନଙ୍କର ଉପନୟନାଦି ସଂସ୍କାର କାର୍ଯ୍ୟ ହୁଏ ସେହିମାନଙ୍କର ସର୍ବଦା ଯାଜନ ଓ ଅଧ୍ୟାପନା କରିବାକୁ ପଡ଼େ ପରନ୍ତୁ ଅନ୍ତ୍ୟଜନ୍ମା ଶୂଦ୍ରଠାରୁ ସୁଦ୍ଧା ଦାନ ନିଆଯାଇପାରେ (ଏ ହେତୁ ପ୍ରତିଗ୍ରହ ନିନ୍ଦନୀୟ) ।

**ଜପହୋମୈରପୈ୍ୟତ୍ୟେନୋ ଯାଜନାଧ୍ୟାପନୈଃ କୃତମ ।**
**ପ୍ରତିଗ୍ରହନିମିତ୍ତନ୍ତୁ ତ୍ୟାଗେନ ତପସୈବ ଚ ।୧୧୧।**

ଶୂଦ୍ରାଦି ନିକୃଷ୍ଟ ଜାତିର ଯାଜନ ଓ ଅଧ୍ୟାପନ ଦ୍ୱାରା ସଞ୍ଜାତ ପାପ ଜପ ଓ ହୋମ ଦ୍ୱାରା ଦୂର ହୁଏ ମାତ୍ର ପ୍ରତିଗ୍ରହ ଜନିତ ପାପ ତ୍ୟାଗ ଓ ତପସ୍ୟା ଦ୍ୱାରାହିଁ ଅପନୋଦିତ ହୁଏ ।

**ଶିଳୋଞ୍ଛମପ୍ୟାଦଦୀତ ବିପ୍ରୋଽଜୀବନ୍ ଯତସ୍ତତଃ ।**
**ପତିଗ୍ରହାଚ୍ଛିଳଃ ଶ୍ରେୟାଂସ୍ତତୋଽପ୍ୟୁଞ୍ଛଃ ପ୍ରଶସ୍ୟତେ ।୧୧୨।**

ଆପଣା ବୃତ୍ତିରେ ଜୀବିକା ନିର୍ବାହ କରି ନ ପାରି ବ୍ରାହ୍ମଣ ଯେଉଁଠାରେ ଇଚ୍ଛା ସେଠାରେ ଶିଳୋଞ୍ଛ ଗ୍ରହଣ କରି ପାରିବ, ପ୍ରତିଗ୍ରହଠାରୁ ଶିଳ ଶ୍ରେୟସ୍କର ଏବଂ ଶିଳ୍ପରୁ ଉଞ୍ଛ ପ୍ରଶଂସନୀୟ ।

---

* ୧୦୧ ଠାରୁ ୧୦୮ ଶ୍ଳୋକ ପ୍ରକ୍ଷିପ୍ତ ।

**ସୀଦଭିଃ କୁପ୍ୟମିଚ୍ଛଭିର୍ଧନଂ ବା ପୃଥିବୀପତିଃ ।**
**ଯାଚ୍ୟଃ ସ୍ୟାତ୍ ସ୍ନାତକୈର୍ବିପ୍ରୈରଦିତ୍ସଂସ୍ତ୍ୟାଗମର୍ହତି ।୧୧୩।**

ଧନାଭାବରେ ଅବସନ୍ନ ସ୍ନାତକ ବ୍ରାହ୍ମଣ ସୁନାରୁପା ଛଡ଼ା ତମ୍ବା କଂସାଦି ଧାତୁନିର୍ମିତ ଦ୍ରବ୍ୟ ଓ ଧନ ଇଚ୍ଛାକଲେ ରାଜା ନିକଟରେ ପ୍ରାର୍ଥନା କରି ପାରିବ ଏବଂ ସେ ଦାନ ଦେବାକୁ ଇଚ୍ଛା ନ କଲେ ଛାଡ଼ିଯିବ ।

**ଅକୃତଞ୍ଚକୃତାତ୍ କ୍ଷେତ୍ରାଦ୍ ଗୌରଜାବିକମେବ ଚ ।**
**ହରିଣ୍ୟଂ ଧାନ୍ୟମନ୍ନଞ୍ଚ ପୂର୍ବଂ ପୂର୍ବାମଦୋଷବତ୍ ।୧୧୪।**

ଚାଷ ହୋଇଥିବା ଭୂମି ଅପେକ୍ଷା ଚାଷ ନୋହିଥିବା ଭୂମିର ଶସ୍ୟ (ପ୍ରତିଗ୍ରହ) ନେବାରେ ଦୋଷ ନାହିଁ ଏବଂ ଗୋ, ଛାଗ, ମେଷ, ହରିଣ୍ୟ ଧାନ୍ୟ ଓ ଅନ୍ନ ଯଥାକ୍ରମେ ପଶ୍ଚାଲ୍ଲିଖିତ ଦ୍ରବ୍ୟଠାରୁ ପୂର୍ବକଥିତ ଦ୍ରବ୍ୟ (ପ୍ରତିଗ୍ରହ ନେବା)ରେ ଦୋଷ ଊଣା ।

**ସପ୍ତବିତ୍ତାଗମା ଧର୍ମ୍ୟା ଦାୟୋ ଲାଭଃ କ୍ରୟୋ ଜୟଃ ।**
**ପ୍ରୟୋଗଃ କର୍ମଯୋଗଶ୍ଚ ସତ୍ପ୍ରତିଗ୍ରହ ଏବ ଚ ।୧୧୫।**

୧ - ଉତ୍ତରାଧିକାରୀତ୍ୱ ସୂତ୍ରେ ପ୍ରାପ୍ତ ଧନ, ୨ ଶ୍ୱଶୁର ବା ମିତ୍ରାଦିଠାରୁ ଅଥବା ନିଧିଲବ୍ଧ ଧନ, ୩ କିଣା ଯାଇଥିବା ଧନ, ୪ ଜୟଦ୍ୱାରା ଲବ୍ଧ ଧନ, ୫ ଧନ ବା ଧାନ୍ୟ ସୁଧରେ ଲଗାଇ ତଦ୍ୱାରା ଅର୍ଜିତ ଧନ, ୬ କୃଷିବାଣିଜ୍ୟାଦିରୁ ଲବ୍ଧ ଧନ, ୭ ସଜ୍ଜନଠାରୁ ପ୍ରତିଗ୍ରହ ନେବା ଧନ ଏହି ସାତ ପ୍ରକାର ଅର୍ଜିତ ଧନ ଧର୍ମ ସଙ୍ଗତ ।

**ବିଦ୍ୟା ଶିଳ୍ପଂ ଭୃତିଃ ସେବା ଗୋରକ୍ଷଂ ବିପଣିଂ କୃଷଃ ।**
**ଧୃତିର୍ଭୈକ୍ଷ୍ୟଂ କୁସୀଦଞ୍ଚ ଦଶ ଜୀବନହେତବଃ ।୧୧୬।**

ବିଦ୍ୟା ଶିଳ୍ପକାର୍ଯ୍ୟ, ଚାକିରୀ,ସେବା, ପଶୁରକ୍ଷା, ଦୋକାନଦାରୀ, କୃଷି, ଅଳ୍ପପ୍ରାପ୍ତିରେ ସନ୍ତୋଷ, ଭିକ୍ଷାବୃତ୍ତି ଓ ଧନ ସୁଧରେ ଖଟାଇବା ଏହି ଦଶ ଜୀବନୋପାୟ ଅଟେ ।

**ବ୍ରାହ୍ମଣଃ କ୍ଷତ୍ରିୟୋ ବାପି ବୃଦ୍ଧିଂ ନୈବ ପ୍ରୟୋଜୟେତ୍ ।**
**କାମନ୍ତୁ ଖଲୁ ଧର୍ମାର୍ଥଂ ଦଦ୍ୟାତ୍ ପାପୀୟସେଽଳ୍ପିକାମ୍ ।୧୧୭।**

ବ୍ରାହ୍ମଣ ବା କ୍ଷତ୍ରିୟ ସୁଧରେ ଖଟାଇ ଧନବୃଦ୍ଧି କରିବ ନାହିଁ ମାତ୍ର ଇଚ୍ଛାହେଲେ କେବଳ ଧର୍ମକର୍ମନିର୍ବାହାର୍ଥ ନୀଚଲୋକଙ୍କୁ ଅଳ୍ପ ଧନ ଦେବ ।

**ଚତୁର୍ଥମାଦଦାନୋଽପି କ୍ଷତ୍ରିୟୋ ଭାଗମାପଦି ।**
**ପ୍ରଜାରକ୍ଷନ୍ ପରଂଶକ୍ତ୍ୟା କିଲ୍ବିଷାତ୍ ପ୍ରତିମୁଚ୍ୟତେ ।୧୧୮।**

ସାଧ୍ୟାନୁସାରେ ପ୍ରଜା ରକ୍ଷାକରି ରାଜା ଆପଦକାଳରେ (ଶସ୍ୟର) ଚତୁର୍ଥଭାଗ (କରସ୍ୱରୁପ) ନେଲେ ପାପରୁ ମୁକ୍ତ ହୁଏ ।

**ସ୍ୱଧର୍ମୋ ବିଜୟସ୍ତସ୍ୟ ନାହବେ ସ୍ୟାତ୍ପରାଙ୍ ମୁଖଃ ।**
**ଶସ୍ତ୍ରେଣ ବୈଶ୍ୟାନ୍ ରକ୍ଷିତ୍ୱା ଧର୍ମ୍ୟାମାହାରୟେଦ୍ ବଳିମ୍ ।୧୧୯।**

(ସଂଗ୍ରାମରେ ) ବିଜୟ ଲାଭ ରାଜାର ସ୍ୱଧର୍ମ ଏବଂ ଯୁଦ୍ଧରେ ରାଜା କଦାପି ପରାଙ୍ ମୁଖ ହେବ ନାହିଁ, ଶସ୍ତ୍ରଦ୍ୱାରା ବୈଶ୍ୟମାନଙ୍କୁ ରକ୍ଷା କରି ରାଜା ଧର୍ମସଙ୍ଗତ ବଳି (କର) ଗ୍ରହଣ କରିବ ।

**ଧାନ୍ୟେଽଷ୍ଟମଂ ବିଶାଂ ଶୁଲ୍କଂ ବିଂଶଂ କାର୍ଷାପଣାବରମ୍ ।**
**କର୍ମୋପକରଣାଃ ଶୂଦ୍ରାଃ କାରବଃ ଶିଳ୍ପିନସ୍ତଥା ।୧୨୦।**

ସେହି ବଳି ଏହି ଯେ ବୈଶ୍ୟମାନେ ବ୍ୟାପାରଦ୍ୱାରା ଧନ ବଢ଼ାଇଲେ ଲବ୍ଧ ଧନର ଅଷ୍ଟମ ଭାଗ ଏବଂ ସୁବର୍ଣ୍ଣାଦିର ବ୍ୟବହାରଦ୍ୱାରା ବର୍ଦ୍ଧିତ ଧନର ବିଂଶଭାଗ ରାଜା ଶୁଳ୍କସ୍ୱରୂପ ନେବ; ମାତ୍ର ଶୂଦ୍ର, କାରିଗର ଓ ବଢ଼େଇ ଇତ୍ୟାଦି କାର୍ଯ୍ୟକରିବା ଦ୍ୱାରା କର ଦିଅନ୍ତି (ଅର୍ଥାତ୍ ତାଙ୍କଠାରୁ କାମ ନେବ କରନେବ ନାହିଁ) ।

**ଶୂଦ୍ରସ୍ତୁ ବୃତ୍ତିମାକାଙ୍କ୍ଷନ୍ କ୍ଷତ୍ରମାରାଧୟେଦ୍ ଯଦି ।**
**ଧନିନଂ ବାପ୍ୟୁପାରାଧ୍ୟ ବୈଶ୍ୟଂ ଶୂଦ୍ରୋ ଜିଜୀବିଷେତ୍ ।୧୨୧।**

ଶୂଦ୍ର ଯଦି ଜୀବିକା ଆକାଙ୍କ୍ଷାକରେ ତେବେ କ୍ଷତ୍ରିୟର ସେବା କରିବ ଅଥବା ଧନୀ ବୈଶ୍ୟର ସେବାକରି ଜୀବନଯାତ୍ରା ନିର୍ବାହ କରିବ ।

**ସ୍ୱର୍ଗାର୍ଥମୁଭୟାର୍ଥଂ ବା ବିପ୍ରାନାରାଧୟେତ୍ତୁ ସଃ ।**
**ଜାତବ୍ରାହ୍ମଣଶବ୍ଦସ୍ୟ ସାହ୍ୟସ୍ୟ କୃତକୃତ୍ୟତା ।୧୨୨।**

ମାତ୍ର ସେ ସ୍ୱର୍ଗ (ଧର୍ମଜନିତ ସୁଖ) ଏବଂ ଅର୍ଥ ଅଥବା ସ୍ୱର୍ଗ ଓ ଅର୍ଥ ଉଭୟ ବାଞ୍ଛା କଲେ ବ୍ରାହ୍ମଣର ସେବା କରିବ, ବ୍ରାହ୍ମଣର ସେବକ ଏହି ଶବ୍ଦଦ୍ୱାରାହିଁ ତାହାର କୃତକୃତ୍ୟତା ଲାଭ ହୁଏ ।

**ବିପ୍ରସେବୈବ ଶୂଦ୍ରସ୍ୟ ବିଶିଷ୍ଟଂ କର୍ମ କୀର୍ତ୍ତ୍ୟତେ ।**
**ଯଦତୋଽନ୍ୟଦ୍ଧି କୁରୁତେ ତଦ୍ଭବତ୍ୟସ୍ୟ ନିଷ୍ଫଳମ୍ ।୧୨୩।**

ବିପ୍ର ସେବାହିଁ ଶୂଦ୍ରର ବିଶିଷ୍ଟ କର୍ମବୋଲି ବର୍ଣ୍ଣିତ ହୋଇଅଛି, ଏତଭିନ୍ନ ସେ ଆଉ ଯାହା କରେ ନିଷ୍ଫଳ ।

**ପ୍ରକଳ୍ପ୍ୟା ତସ୍ୟତୈର୍ବୃତ୍ତିଃ ସ୍ୱକୁଟୁମ୍ବାଦ୍ ଯଥାର୍ହତଃ ।**
**ଶକ୍ତିଞ୍ଚାବେକ୍ଷ୍ୟ ଦାକ୍ଷ୍ୟଞ୍ଚ ଭୃତ୍ୟାନାଞ୍ଚ ପରିଗ୍ରହମ୍ ।୧୨୪।**

ସେହି ଶୂଦ୍ରଭୃତ୍ୟର ପରିଚର୍ଯ୍ୟା ସାମର୍ଥ୍ୟ, କାର୍ଯ୍ୟେନୈପୁଣ୍ୟ ଏବଂ ଭୃତ୍ୟମାନଙ୍କର ପୋଷ୍ୟବର୍ଗ ବିବେଚନା କରି ବ୍ରାହ୍ମଣମାନେ ଆପଣା କୁଟୁମ୍ବର ଯଥାଯୋଗ୍ୟ ବୃତ୍ତି (ବେତନ ଅବଧାରଣ କରିବେ ।

**ଉଚ୍ଛିଷ୍ଟମନ୍ନଂ ଦାତବ୍ୟଂ ଜୀର୍ଣ୍ଣାନି ବସନାନି ଚ ।**
**ପୁଲାକାଶ୍ଚୈବ ଧାନ୍ୟାନାଂ ଜୀର୍ଣ୍ଣାଶ୍ଚୈବ ପରିଚ୍ଛଦାଃ ।୧୨୫।**

ଉଚ୍ଛିଷ୍ଟ ଅନ୍ନ, ପୁରୁଣାଲୁଗା, ଅସାର ଧାନ ଏବଂ ପୁରୁଣା ଶଯ୍ୟାଦି ପରିଚ୍ଛଦ ଏମାନଙ୍କୁ (ଶୂଦ୍ରଭୃତ୍ୟଙ୍କୁ) ଦେବା ଉଚିତ ।

**ନ ଶୂଦ୍ରେ ପାତକଂ କିଞ୍ଚିନ୍ନ ଚ ସଂସ୍କାରମର୍ହତି ।**
**ନାସ୍ୟାଧିକାରୋ ଧର୍ମେଽସ୍ତିନ ଧର୍ମାତ୍ ପ୍ରତିଷେଧନମ୍ ।୧୨୬।**

(ଲଶୁନାଦି ଭୋଜନରେ) ଶୂଦ୍ରର କିଛି ପାପ ନାହିଁ, ସେ ଉପନୟବାଦି ସଂସ୍କାରର ଯୋଗ୍ୟ ନୁହେଁ, ଅଗ୍ନିହୋତ୍ରାଦି ଯଜ୍ଞରେ ତାହାର ଅଧିକାର ନାହିଁ ଏବଂ ପାପଯଜ୍ଞାଦି କାର୍ଯ୍ୟରେ ନିଷେଧ ନାହିଁ ।

**ଧର୍ମେପ୍ସବସ୍ତୁ ଧର୍ମଜ୍ଞାଃ ସତାଂ ବୃତ୍ତି ମନୁଷ୍ଠିତାଃ ।**
**ମନ୍ତ୍ରବର୍ଜଂ ନ ଦୁଷ୍ୟନ୍ତି ପ୍ରଶଂସା ପାପ୍ନୁବନ୍ତି ଚ ୧୨୭।**

ଧର୍ମଜ୍ଞ ସଦ୍ ବୃତ୍ତିଶାଳୀ ଶୂଦ୍ରମାନେ ଧର୍ମେଚ୍ଛୁ ହୋଇ ବ୍ରାହ୍ମଣାଦିଙ୍କ ଅନୁଷ୍ଠେୟ ପଞ୍ଚ ମହାଯଜ୍ଞାଦି ମନ୍ତ୍ର ବର୍ଜନ ପୂର୍ବକ କଲେ ଲୋକସମାଜରେ ନିନ୍ଦିତ ହୋଇ ପ୍ରଶଂସାଭାଜନ ହୁଅନ୍ତି ।

**ଯଥା ଯଥା ହି ସଦ୍‌ବୃତ୍ତମାତିଷ୍ଠତ୍ୟନସୂୟକଃ ।**
**ତଥା ତଥେମଞ୍ଚାମୁଞ୍ଚ ଲୋକଂ ପ୍ରାପ୍ନୋତ୍ୟନିନ୍ଦିତଃ ।୧୨୮।**

ଅସୂୟା ରହିତ ଶୂଦ୍ର ଯେଉଁ ଯେଉଁ ରୂପେ ସଦ୍‌ବୃତ୍ତିର ଅନୁଷ୍ଠାନରେ ପ୍ରବୃତ୍ତ ହୁଏ ସେହି ସେହି ରୂପ ଇହଲୋକ ଓ ପରଲୋକରେ ନିନ୍ଦାଶୂନ୍ୟତା ଲାଭକରେ ।

**ଶକ୍ତେନାପି ହ ଶୂଦ୍ରେଣ ନ କାର୍ଯ୍ୟୋ ଧନସଞ୍ଚୟଃ ।**
**ଶୂଦ୍ରୋ ହି ଧନମାସାଦ୍ୟ ବ୍ରାହ୍ମଣାନେବ ବାଧତେ ।୧୨୯।**

ଶୂଦ୍ର ସମର୍ଥ ହେଲେ ସୁଦ୍ଧା କଦାପି ଧନ ସଞ୍ଚୟ କରିବ ନାହିଁ; କାରଣ (ଶାସ୍ତ୍ରଜ୍ଞାନହୀନ) ଶୂଦ୍ର ଧନ ଲାଭ କରି (ମତ୍ତହୋଇ) ବ୍ରାହ୍ମଣମାନଙ୍କୁ ଉତ୍ପୀଡ଼ନ କରିପାରନ୍ତି ।

**ଏତେ ଚତୁର୍ଣାଂ ବର୍ଣ୍ଣାନାମାପଦ୍ଧର୍ମାଃ ପ୍ରକୀର୍ତ୍ତିତାଃ ।**
**ଯାନ୍ ସମ୍ୟଗନୁତିଷ୍ଠନ୍ତୋ ବ୍ରଜନ୍ତି ପରମାଂ ଗତିମ୍ ।୧୩୦।**

ଏହି ସବୁ ଚାରିବର୍ଣ୍ଣର ଆପଦକାଳରେ ଧର୍ମ ବୋଲାଗଲା- ଯାହା ସମ୍ୟକ୍‌ରୂପେ ଅନୁଷ୍ଠାନ କରି ଲୋକେ ମୋକ୍ଷ ପ୍ରାପ୍ତ ହୁଅନ୍ତି ।

**ଏଷ ଧର୍ମବିଧିଃ କୃତ୍ସ୍ନାଶ୍ଚାତୁର୍ବର୍ଣ୍ୟସ୍ୟ କୀର୍ତ୍ତିତଃ ।**
**ଅତଃପରଂ ପ୍ରବକ୍ଷ୍ୟାମି ପ୍ରାୟଶ୍ଚିତ୍ତବିଧିଂ ଶୁଭମ୍ ।୧୩୧।**

ଚାରିବର୍ଣ୍ଣର ଏହି ଧର୍ମବିଧ ସମଗ୍ର ରୂପେ ବର୍ଣ୍ଣିତ ହେଲା, ଏଥି ଉତ୍ତାରୁ କଲ୍ୟାଣ ପ୍ରାୟଶ୍ଚିତବିଧି ବୋଲୁଅଛୁଁ ।

ଦଶମ ଅଧ୍ୟାୟ ସମାପ୍ତ ।

# ଏକାଦଶୋଽଧ୍ୟାୟଃ

**ସନ୍ତାନିକଂ ଯକ୍ଷ୍ୟମାଣମଧ୍ୱଗଂସର୍ବବେଦନମ୍ ।**
**ଗୁର୍ବର୍ଥଂ ପିତୃମାତ୍ରର୍ଥଂ ସ୍ୱାଧ୍ୟାୟାର୍ଥ୍ୟୁପତାପିନୈ ।୧।**

ସନ୍ତାନ ସକାଶେ ବିବାହାର୍ଥୀ, (ଜ୍ୟୋତିଷ୍ଟୋମାଦି) ଯାଗେଚ୍ଛୁ, କ୍ଷୀଣପଥ୍ୟୋଦନ ପାନ୍ଥ, ସର୍ବସ୍ୱ ଦକ୍ଷିଣାଦାତା, ଗୁରୁ ଓ ପିତା ମାତାର ଗ୍ରାସାଚ୍ଛାଦନ ସକାଶେ ଧନାର୍ଥୀ, ବିଦ୍ୟାର୍ଥୀ ଓ ରୋଗୀ ।

**ନବୈତାନ୍‌ସ୍ନାତକାନ୍ ବିଦ୍ୟାଦ୍ ବ୍ରାହ୍ମଣାନ୍ ଧର୍ମଭିକ୍ଷୁକାନ୍ ।**
**ନିଃସ୍ୱେଭ୍ୟୋ ଦେୟମେତେଭ୍ୟୋ ଦାନଂ ବିଦ୍ୟା ବିଶେଷତଃ ।୨।**

ଏହି ନଅ ପ୍ରକାର ବ୍ରାହ୍ମଣଙ୍କୁ ଧର୍ମଭିକ୍ଷୁକ ସ୍ନାତକ ବୋଲି ଜାଣିବ ଏବଂ ନିଃସ୍ୱବ୍ରାହ୍ମଣମାନଙ୍କୁ ବିଦ୍ୟାବତ୍ତା ଅନୁସାରେ ଦାନ ଦେବ ।

**ଏତେଭ୍ୟୋ ହି ଦ୍ୱିଜାଗ୍ରେଭ୍ୟୋ ଦେୟମନ୍ନଂ ସଦକ୍ଷିଣମ୍ ।**
**ଇତରେଭ୍ୟୋ ବହିର୍ବେଦି କୃତାନ୍ନଂ ଦେୟମୁଚ୍ୟତେ ।୩।**

ଏହି ଦ୍ୱିଜଶ୍ରେଷ୍ଠମାନଙ୍କୁ ହିଁ ଦକ୍ଷିଣା ସହିତ ଅନ୍ନଦେବା କର୍ତ୍ତବ୍ୟ, ଏତଦ୍ ବ୍ୟତିରିକ୍ତ ଅନ୍ୟମାନଙ୍କୁ ଯଜ୍ଞବେଦୀର ବାହାରେ ରନ୍ଧା ହୋଇଥିବା ଅନ୍ନଦେୟ ବୋଲି କଥିତ ହୁଏ ।

**ସର୍ବରତ୍ନାନି ରାଜା ତୁ ଯଥାର୍ହଂ ପ୍ରତିପାଦୟେତ୍ ।**
**ବ୍ରାହ୍ମଣାନ୍ ବେଦବିଦୁଷୋ ଯଜ୍ଞାର୍ଥଞ୍ଚୈବ ଦକ୍ଷିଣାମ୍ ।୪।**

ମାତ୍ର ରାଜା ବେଦଜ୍ଞ ବ୍ରାହ୍ମଣମାନଙ୍କୁ ସମସ୍ତ ରତ୍ନ ଯଜ୍ଞ ସକାଶେ ଦକ୍ଷିଣା ସ୍ୱରୂପ ଯଥାଯୋଗ୍ୟରୂପ ଦାନ କରିବ ।

**କୃତାଦାରୋଽପରାନ୍ ଦାରାନ୍ ଭିକ୍ଷିତ୍ୱା ଯୋଽଧିଗଚ୍ଛତି ।**
**ରତିମାତ୍ରାଂ ଫଳଂ ତସ୍ୟ ଦ୍ରବ୍ୟଦାତୁସ୍ତୁ ସନ୍ତତିଃ ।୫।**

ବିବାହିତ ବ୍ୟକ୍ତି ଯଦି ଭିକ୍ଷା ମାରି ଅନ୍ୟ ସ୍ତ୍ରୀ ବିବାହ କରେ ତେବେ ତହିଁର ଫଳ ରତିଏ ମାତ୍ର ଏବଂ ସେ ବିବାହରେ ଜାତ ସନ୍ତାନସନ୍ତତି ଦ୍ରବ୍ୟ ଦାତାର ଅଟନ୍ତି ।

**ଧନାନି ତୁ ଯଥାଶକ୍ତି ବିପ୍ରେଷୁ ପ୍ରତିପାଦୟେତ୍ ।**
**ବେଦବିତ୍ସୁ ବିବିକ୍ତେଷୁ ପ୍ରେତ୍ୟ ସ୍ୱର୍ଗଂ ସମଶ୍ନୁତେ ।୬।**

ବେଦଜ୍ଞ ଓ ଆସକ୍ତିଶୂନ୍ୟ ବିପ୍ରମାନଙ୍କୁ ଯଥାଶକ୍ତି ଧନ ଦାନ କଲେ ତଦ୍ୱାରା ପରଲୋକରେ ସୁଖଭୋଗ ହୁଏ ।

**ଯସ୍ୟ ତ୍ରୈବାର୍ଷିକଂ ଭକ୍ତଂ ପର୍ଯ୍ୟାପ୍ତଂ ଭୃତ୍ୟବୃତ୍ତୟେ ।**
**ଅଧିକଂ ବାପି ବିଦ୍ୟେତ ସ ସୋମଂ ପାତୁମର୍ହତି ।୭।**

ଯାହାର ସଞ୍ଚିତ ଧନ ଦ୍ୱାରା ତିନିବର୍ଷ ପର୍ଯ୍ୟନ୍ତ ବା ତହୁଁ ଅଧିକ କାଳ କୁଟୁମ୍ବାଦିମାନଙ୍କର ଭରଣପୋଷଣ ଚଳିପାରେ ସେ ସୋମଯଜ୍ଞ କରିବାର ଅଧିକାରୀ ଅଟେ ।

**ଅତଃ ସ୍ୱଳ୍ପୀୟସି ଦ୍ରବ୍ୟେ ଯଃ ସୋମଃ ପିବତି ଦ୍ୱିଜଃ ।**
**ସ ପୀତସୋମପୂର୍ବୋଽପି ନ ତସ୍ୟାପ୍ନୋତି ତତ୍ଫଳଂ ।୮।**

ଏଥିରେ ଊଣା ଧନର ଅଧିକାର ଥାଇ ସେ ଦ୍ୱିଜ ସୋମଯଜ୍ଞ କଲେ ସେ ପୂର୍ବେ ସୋମଯଜ୍ଞ କରିଥିଲେ ସୁଦ୍ଧା ତହିଁର ଫଳ ପାଏ ନାହିଁ ।

**ଶକ୍ତଃ ପରଜନେ ଦାତା ସ୍ୱଜନେ ଦୁଃଖଜୀବିନି ।**
**ମଧାପାତୋ ଦଷାସ୍ୱାଦଃ ସଧର୍ମପ୍ରତି ରୂପକଃ ।୯।**

ଯେ ସକ୍ଷମ ଲୋକ କୁଟୁମ୍ବାଦି ସ୍ୱଜନମାନଙ୍କୁ ଦୁଃଖରେ ପକାଇ ଅପର ଲୋକକୁ ଦାସ କରେ ତାହା ଅପାତତଃ ମଧୁର ହେଲେ ସୁଦ୍ଧା ପରିଣାମରେ ବିଷମୟ ଏବଂ ଧର୍ମବିରୁଦ୍ଧ ଅଟେ ।

**ଭୃତ୍ୟାନାମୁପରୋଧେନ ଯତ୍କରୋତ୍ୟୌର୍ଦ୍ଧ୍ୱଦୈହିକମ୍ ।**
**ତଦ୍ ଭବତ୍ୟସୁଖୋଦର୍କଂ ଜୀବତଶ୍ଚ ମୃତସ୍ୟ ଚ ।୧୦।***

ସ୍ତ୍ରୀ ପୁତ୍ରାଦି ପୋଷ୍ୟବର୍ଗକୁ କ୍ଳେଶଦେଇ ଯେ ପରଲୋକ ସକାଶେ ଦାନାଦି କରେ ସେ ଦାନ ଇହଲୋକ ଏବଂ ପରଲୋକରେ ଉତ୍ତରୋତ୍ତର ଦୁଃଖ ଦିଏ ।

**ଯଜ୍ଞଶ୍ଚେତ୍ ପ୍ରତିରୁଦ୍ଧଃ ସ୍ୟାଦେକେନାଙ୍ଗେନ ଯଜ୍ୱନଃ ।**
**ବ୍ରାହ୍ମଣସ୍ୟ ବିଶେଷେଣ ଧାର୍ମିକ ସତି ରାଜନି ।୧୧।**

ଧାର୍ମିକ ରାଜା ଥାଉଁ (କ୍ଷତ୍ରିୟାଦି) ଯଜମାନଙ୍କର ବିଶେଷତଃ ବ୍ରାହ୍ମଣର ଯଜ୍ଞ ଏକାଙ୍ଗରେ ସୁଦ୍ଧା ଅଟକି ରହିଲେ ।

---

* - ଏଥିପରେ ୫ ଗୋଟି ପୁସ୍ତକରେ ସ୍ପଷ୍ଟ ପ୍ରକ୍ଷିପ୍ତ ନିମ୍ନଲିଖିତ ଶ୍ଳୋକ ମିଳେ-

ବୃଦ୍ଧୌ ଚ ମାତା ପିତରୌ ସାଧ୍ୱୀଭାର୍ଯ୍ୟା ଶିଶୁଃ ସୁତଃ ।
ଅପ୍ୟକାର୍ଯ୍ୟଶତଂ କୃତ୍ୱା ଭର୍ତ୍ତବ୍ୟା ମନୁରବ୍ରବୀତ୍ ।

ବୃଦ୍ଧମାତାପିତା, ସାଧ୍ୱୀ, ସ୍ତ୍ରୀ ଓ ଶିଶୁପୁତ୍ର ଏମାନଙ୍କର ଭରଣ ପୋଷଣ ଏକଶତ ଅକାର୍ଯ୍ୟ କଲେ ସୁଦ୍ଧା କରିବାକୁ ହେବ ବୋଲି ମନୁ କହିଅଛନ୍ତି ।

**ଯୋ ବୈଶ୍ୟଃ ସ୍ୟାଦ୍‌ବହୁପଶୁର୍ହୀ ନକ୍ରତୁର ସୋପମଃ ।**
**କୁଟୁମ୍ବାତ୍ତସ୍ୟ ତଦ୍ଦ୍ରବ୍ୟମାହରେଦ୍ ଯଜ୍ଞସିଦ୍ଧୟେ ।୧୨।**

ଯେ ବୈଶ୍ୟ ଅନେକ ପଶୁସମ୍ପନ୍ନ ଥିବ ଓ ଯଜ୍ଞ କରି ନ ଥିବ ଓ ସୋମଯଜ୍ଞରହିତ ହୋଇଥିବ ତାହା ଘରୁ ଯଜ୍ଞସିଦ୍ଧି ସକାଶେ ସେହି ଦ୍ରବ୍ୟ ଆଣିବ ।

**ଆହରେତ୍ ତ୍ରିଣି ବା ଦ୍ୱେ ବା କାମଂ ଶୂଦ୍ରସ୍ୟ ବେଶ୍ମନଃ ।**
**ନ ହି ଶୂଦ୍ରସ୍ୟ ଯଜ୍ଞେଷୁ କଶ୍ଚିଦସ୍ତି ପରିଗ୍ରହଃ ।୧୩।**

ଯଜ୍ଞର ତିନି ବା ଦୁଇ ଅଙ୍ଗ ଊଣା ଥିଲେ ଇଚ୍ଛା ହେଲେ ଶୂଦ୍ରରୁ ଆପଣା ଯଜ୍ଞସିଦ୍ଧି ସକାଶେ ସେହି ତିନି ବା ଦୁଇ ଦ୍ରବ୍ୟ ଆଣିପାରିବ କାରଣ ଶୂଦ୍ରର ଯଜ୍ଞମାନଙ୍କରେ କିଛି ମାତ୍ର ଖର୍ଚ୍ଚ ନାହିଁ ।

**ଯୋଽନାହିତାଗ୍ନି ଶତଗୁରଯଜ୍ୱା ଚ ସହସ୍ରଗୁଃ ।**
**ତୟୋରପି କୁଟୁମ୍ବାଭ୍ୟାମହରେ ଦବିଚାରୟନ୍ ।୧୪।**

ଯେ ଅଗ୍ନିହୋତ୍ରୀ ନୁହେଁ ଅଥଚ ଶତଗୋଧନଶାଳୀ ମଧ୍ୟ ଯେ ଯଜ୍ଞ କରିନାହିଁ ଅଥଚ ସହସ୍ରଗୋଧନଶାଳୀ ଅଟେ ଏ ଦୁହିଁଙ୍କ ଘରୁକିଛି ନ ବିଚାର ଘେନି ଆସିବ ।

**ଆଦାନନିତ୍ୟାଚ୍ଚାଦାତୁରାହରେଦପ୍ରଯଚ୍ଛତଃ ।**
**ତଥା ଯଶୋଽସ୍ୟ ପ୍ରଥତେ ଧର୍ମଶ୍ଚୈବ ପ୍ରବର୍ଦ୍ଧତେ ।୧୫।**

ଯେ ନିତ୍ୟ (ପ୍ରତିଗ୍ରହାଦି ଦ୍ୱାରା) ନିତ୍ୟ ଦାନ ନିଏ ଅଥଚ ଦାନ ଦିଏ ନାହିଁ ସେ ନ ଦେଲେ ସୁଦ୍ଧା (ଅସମ୍ପନ୍ନ ଯଜ୍ଞର ଦ୍ରବ୍ୟମାନ) ତାହାଠାରୁ ଘେନି ଆସିବ, ଏପରି କଲେ ଏହାର ଯଶ ବିସ୍ତୃତ ହୁଏ ଓ ଧର୍ମ ବଢ଼େ ।

**ତଥୈବ ସପ୍ତମେ ଭକ୍ତେ ଭକ୍ତାନି ଷଡ଼ନଶ୍ୱତା ।**
**ଅଶ୍ୱସ୍ତନବିଧାନେନ ହର୍ତ୍ତବ୍ୟ ହୀନକର୍ମଣଃ ।୧୬।**

ସକାଳ ସନ୍ଧ୍ୟା ଛଅଥର (ଅର୍ଥାତ୍ ତିନିଦିନ) ନ ଖାଇ କ୍ଷୁଧାର୍ତ୍ତଲୋକ ସେହିପରି ସପ୍ତମ ଥରର ଭୋଜନ ସକାଶେ ହୀନକର୍ମା ଲୋକମାନଙ୍କଠାରୁ ଅପହରଣ କରି ନେଇପାରେ ।

**ଖଳାଦ୍‌କ୍ଷେତ୍ରାଦଗାରାଦ୍‌ବା ଯତୋ ବାପ୍ୟୁପଲଭ୍ୟତେ ।**
**ଆଖ୍ୟାତବ୍ୟଂ ତୁ ତତ୍ତସ୍ମୈପୃଚ୍ଛତେ ଯଦି ପୃଚ୍ଛତି ।୧୭।**

ଖଳା କ୍ଷେତ ବା ଘରୁ ଯେଉଁଠାରୁ ପାଇବ ଉପରୋକ୍ତ ଅବସ୍ଥାର ଲୋକ (ଧାନ୍ୟାଦି) ନେଇପାରେ ଏବଂ ଯଦି ଶସ୍ୟସ୍ୱାମୀ ପଚାରିବ ତେବେ ତାକୁ ତିନିଦିନ ଅଖିଆ ଥିବ କହିଦେବ ।

**ବ୍ରାହ୍ମଣସ୍ୱଂ ନ ହର୍ତ୍ତବ୍ୟ କ୍ଷତ୍ରିୟେଣ କଦାଚନ ।**
**ଦସ୍ୟୁନିଷ୍କ୍ରୟୟୋସ୍ତୁ ସ୍ୱମହୀବନ୍ କର୍ତ୍ତୁମର୍ହତି ।୧୮।**

(ତିନିଦିନ ଅଖିଆ ଥାଇ ସୁଦ୍ଧା) କ୍ଷତ୍ରିୟ କଦାପି ବ୍ରାହ୍ମଣର ଦ୍ରବ୍ୟ ନେବ ନାହିଁ , କ୍ଷୁଧିତ ଦସ୍ୟୁ ଓ ନିଷ୍କ୍ରିୟର ଧନଦ୍ରବ୍ୟ ହରଣ କରିପାରେ ।

**ଯୋଽସାଧୁଭ୍ୟୋଽର୍ଥମାଦାୟ ସାଧୁଭ୍ୟଃ ସଂପ୍ରଯଚ୍ଛତି ।**
**ସ କୃତ୍ୱା ପ୍ଲବମାତ୍ମାନଂ ସନ୍ତାରୟତି ତାବୁଭୌ ।୧୯।**

ଯେ ଅସାଧୁମାନଙ୍କଠାରୁ ଅର୍ଥ ନେଇ ସାଧୁମାନଙ୍କୁ ଦିଏ ସେ ଏକନାବରେ ଆପଣାକୁ ଓ ସେହି ସାଧୁ ଅସାଧୁ ଉଭୟ ଦୁଃଖନଦୀରୁ ପାର କରେ ।

**ଯଦ୍ଧନଂ ଯଜ୍ଞଶୀଳାନା ଦେବସ୍ୱଂ ତଦ୍‌ବିଦୁର୍ବୁଧାଃ ।**
**ଅଯଜ୍ୱନାନ୍ତୁ ଯଦ୍‌ବିତ୍ତମାସୁରସ୍ୱଂ ତଦୁଚ୍ୟତେ ।୨୦।**

ଯଜ୍ଞଶୀଳ ଲୋକମାନଙ୍କର ଧନକୁ ପଣ୍ଡିତମାନେ ଦେବସ୍ୱ ବୋଲି ଜାଣନ୍ତି ମାତ୍ର ଯଜ୍ଞହୀନ ଲୋକମାନଙ୍କର ଧନକୁ ଅସୁରସ୍ୱ ବୋଲି ।

**ନ ତସ୍ମିନ୍‌ଧାରୟେଦ୍ଦଣ୍ଡଂ ଧାର୍ମିକଃ ପୃଥିବୀପତିଃ ।**
**କ୍ଷତ୍ରିୟସ୍ୟ ହି ବାଲିଶ୍ୟାଦ୍ ବ୍ରାହ୍ମଣଃ ସୀଦତି କ୍ଷୁଧା ।୨୧।**

ତାହାକୁ (ତିନିଦିନ ଅଖିଆ ଥାଇ ପରଦ୍ରବ୍ୟ ନେବା ବ୍ୟକ୍ତିକୁ) ଧାର୍ମିକ ରାଜା ଦଣ୍ଡ ଦେବ ନାହିଁ, କାରଣ ରାଜାର ଅଜ୍ଞାନତା ପ୍ରଯୁକ୍ତ ବ୍ରାହ୍ମଣ କ୍ଷୁଧାରେ ପୀଡ଼ିତ ହୁଏ ।

**ତସ୍ୟ ଭୃତ୍ୟଜନଂ ଜ୍ଞାତ୍ୱା ସ୍ୱକୁଟୁମ୍ବାନ୍ ମହୀପତିଃ ।**
**ଶ୍ରୁତଶୀଳେ ଚ ବିଜ୍ଞାୟ ବୃତ୍ତିଂ ଧର୍ମ୍ୟାଂ ପ୍ରକଳ୍ପୟେତ୍ ।୨୨।**

ବରଂ ରାଜା ତାହାର ପୁତ୍ରାଦି ପୋଷ୍ୟବର୍ଗ ଏବଂ ବିଦ୍ୟା ତଥା ସ୍ୱଭାବ ଅବଗତ ତାହାର ଧର୍ମାନୁକୂଳ ବୃତ୍ତି ନିର୍ଦ୍ଧାରଣ କରିଦେବ ।

**କଳ୍ପୟିତ୍ୱାସ୍ୟ ବୃତ୍ତିଞ୍ଚ ରକ୍ଷେଦେନଂ ସମନ୍ତତଃ ।**
**ରାଜା ହି ଧର୍ମଷଡ୍ ଭାଗଂ ତସ୍ମାତ୍ ପ୍ରାପ୍ନୋତି ରକ୍ଷିତାତ୍ ।୨୩।**

ଏହା ବୃତ୍ତି ନିର୍ଦ୍ଧାରଣ କରି ଏହାକୁ ସର୍ବତୋଭାବରେ ରକ୍ଷା କରିବ କାରଣ ସେହି ରକ୍ଷିତକୁ ରକ୍ଷାକରି ରାଜା ଧର୍ମର ଛଅଭାଗର ଭାଗେ ପାଏ ।

**ନ ଯଜ୍ଞାର୍ଥଂ ଧନଂ ଶୂଦ୍ରବିପ୍ରୋ ଭିକ୍ଷେତ କର୍ହିଚିତ୍ ।**
**ଯଜମାନୋ ହି ଭିକ୍ଷିତ୍ୱା ଚାଣ୍ଡାଳଃ ପ୍ରେତ ଜାୟତେ ।୨୪।**

ଯଜ୍ଞ ସକାଶେ ବ୍ରାହ୍ମଣ ଶୂଦ୍ରଠାରୁ ଧନଭିକ୍ଷା କରିବ ନାହିଁ, କାରଣ ସେ ଭିକ୍ଷାଦ୍ୱାରା ଯଜ୍ଞ କଲେ ପରକାଳରେ ଚଣ୍ଡାଳ ହୋଇ ଜନ୍ମଗ୍ରହଣ କରେ ।

**ଯଜ୍ଞାର୍ଥମର୍ଥଂ ଭିକ୍ଷିତ୍ୱା ଯୋ ନ ସର୍ବଂ ପ୍ରୟଚ୍ଛତି ।**
**ସ ଯାତି ଭାସତଂ ବିପ୍ରଃ କାକତାଂ ବା ଶତଂ ସମାଃ ।୨୫।**

ଯଜ୍ଞ ସକାଶେ ଅର୍ଥଭିକ୍ଷା କରି ଯେ ସମୁଦାୟ ଅର୍ଥ ଯଜ୍ଞରେ ନ ଲଗାଏ ସେ ବିପ୍ର ଶତବର୍ଷ ପର୍ଯ୍ୟନ୍ତ ଭାସ ପକ୍ଷୀବିଶେଷ) ବା କାକ ହୁଏ ।

**ଦେବସ୍ୱଂ ବ୍ରାହ୍ମଣସ୍ୱଂ ବା ଲୋଭେନୋପହିନସ୍ତି ଯଃ ।**
**ସପାପାତ୍ମା ପରେ ଲୋକେ ଗୃଧ୍ରୋଚ୍ଛିଷ୍ଟେନ ଜୀବତି ।୨୬।**

ଯେ ବ୍ୟକ୍ତି ଲୋଭବଶରୁ ଦେବସ୍ୱ ଓ ବ୍ରାହ୍ମଣସ୍ୱ ଅପହରଣ କରେ ସେ ପାପାତ୍ମା ପରଲୋକରେ ଗୃଧ୍ରର ଉଚ୍ଛିଷ୍ଟଦ୍ୱାରା ଜୀବନ ଧାରଣ କରେ ।

**ଇଷ୍ଟିଂ ବୈଶ୍ୱାନରୀ ନିତ୍ୟଂ ନିର୍ବପେଦବ୍ଦପର୍ଯ୍ୟୟେ ।**
**କୃପ୍ତାନାଂ ପଶୁସୋମନା ନିଷ୍କୃତ୍ୟଥମସମ୍ଭବେ ।୨୭।**

ବର୍ଷ ଶେଷ ହୋଇ ଅପର ବର୍ଷାରମ୍ଭରେ ଯଦି ନିୟମିତ ପଶୁ ଓ ସୋମ ଯଜ୍ଞାଦି ହୋଇ ନ ପାରେ ତେବେ ସର୍ବଦା ଶୂଦ୍ରାଦିରୁ ଧନ ହରଣ କରି ବୈଶ୍ୱାନରୀ ଇଷ୍ଟ କରିବ ।

**ଆପତ୍କଳ୍ପେନ ଯୋ ଧର୍ମ କୁରୁତେ ନାପଦି ଦ୍ୱିଜଃ ।**
**ସ ନାପ୍ନୋତି ଫଳଂ ନସ୍ୟ ପରତ୍ରେତି ବିଚାରିତମ୍ ।୨୮।**

---

* - ଏ ଶ୍ଳୋକ ପ୍ରକ୍ଷିପ୍ତ ।

ଯେ ଦ୍ୱିଜ ଆପଦକାଳର ଧର୍ମ ନିରାପଦକାଳରେ କରେ ସେ ତାହାର ଫଳ ପରକାଳରେ ପାଏ ନାହିଁ- ଏହା ସ୍ଥିର ବିଚାର ।

**ବିଶ୍ୱୈଶ୍ଚ ଦେବୈଃ ସାଧ୍ୟୈଶ୍ଚ ବ୍ରାହ୍ମଣୈଶ୍ଚ ମହର୍ଷିଭିଃ ।**
**ଆପତ୍ସୁ ମରଣାଭୀତୈର୍ବିଧେଃ ପ୍ରତିନିଧିଃ କୃତଃ ।୨୯।**

ସକଳ ଦେବଗଣ, ସାଧଗଣ, ବ୍ରାହ୍ମଣଗଣ ଓ ମହର୍ଷିମାନେ ମରଣକୁ ଡ଼ରି ଆପଦକାଳମାନଙ୍କରେ ବିଧିରେ ପ୍ରତିନିଧି (ଅନୁକଳ୍ପ) ନିର୍ଦ୍ଧାରିତ କରିଅଛନ୍ତି ।

**ପ୍ରଭୁଃ ପ୍ରଥମକଳ୍ପସ୍ୟ ଯୋଽନୁକଳ୍ପେନ ବର୍ତ୍ତତେ ।**
**ନ ସାମ୍ପରାୟିକଂ ତସ୍ୟ ଦୁର୍ମତେର୍ବିଦ୍ୟତେ ଫଳମ୍ ।୩୦।**

ଯେ ମୁଖ୍ୟାନୁଷ୍ଠାନ କରିବାର ସକ୍ଷମ ବ୍ୟକ୍ତି ଅନୁକଳ୍ପର ଅନୁଷ୍ଠାନ କରେ ସେ ଦୁର୍ମତିର ପାରଲୌକିକ ଫଳଲାଭ ହୁଏ ନାହିଁ ।

**ନ ବ୍ରାହ୍ମଣୋ ବେଦୟେତ କିଞ୍ଚିଦ୍ରାଜନି ଧର୍ମବିତ୍ ।**
**ସ୍ୱବୀର୍ଯ୍ୟେଣୈବ ତାନ୍ ଶିଷ୍ୟାନ୍ମାନବାନପକାରିଣଃ ।୩୧।**

ଧର୍ମଜ୍ଞ ବ୍ରାହ୍ମଣ ସାମାନ୍ୟ ଅପକାର ସକାଶେ ରାଜା ନିକଟରେ ଗୁହାରି କରିବ ନାହିଁ ମାତ୍ର ନିଜର ପୁରୁଷାର୍ଥ ଦ୍ୱାରା ସେହି ଅପକାରୀମାନଙ୍କୁ ଶାସନ କରିବ ।

**ସ୍ୱବୀର୍ଯ୍ୟାଦ୍ରାଜବୀର୍ଯ୍ୟାଚ୍ଚ ସ୍ୱବୀର୍ଯ୍ୟଂ ବଳବତରମ୍ ।**
**ତସ୍ମାତ୍ ସ୍ୱେନୈବ ବୀର୍ଯ୍ୟେଣ ନିଗୃହ୍ଣୀୟାଦରୀନ ଦ୍ୱିଜଃ ।୩୨।**

ନିଜସାମର୍ଥ୍ୟ ଓ ରାଜସାମର୍ଥ୍ୟ ମଧ୍ୟରେ ନିଜ ସାମର୍ଥ୍ୟ ଅଧିକ ବଳକର ଅଟେ; ସେହି ହେତୁରୁ ବ୍ରାହ୍ମଣ ନିଜସାମର୍ଥ୍ୟ ଦ୍ୱାରା ଶତ୍ରୁମାନଙ୍କର ନିଗ୍ରହ କରିବ ।

**ଶ୍ରୁତିରଥର୍ବାଙ୍ଗିରସୀଃ କୁର୍ଯ୍ୟାଦିତ୍ୟବିଚାରୟନ ।**
**ବାକ୍‌ଶସ୍ତ୍ରଂ ବୈ ବ୍ରାହ୍ମଣସ୍ୟ ତେନ ହନ୍ୟାଦରୀନ୍ ଦ୍ୱିଜଃ ।୩୩।**

ଅବିଚାରିତ ଚିତ୍ତରେ ଅଥର୍ବବେଦୋକ୍ତ ଆଙ୍ଗରସୀ ଶ୍ରୁତି ଅର୍ଥାତ୍ ଅଭିଚାରମନ୍ତ୍ର ପ୍ରୟୋଗ କରିବ; ବାକ୍ୟହିଁ ବ୍ରାହ୍ମଣର ଶସ୍ତ୍ର ଏବଂ ବ୍ରାହ୍ମଣ ତଦ୍ଦ୍ୱାରା ଶତ୍ରୁ ବିନାଶ କରିବ ।

**କ୍ଷତ୍ରିୟୋ ବାହୁବୀର୍ଯ୍ୟେଣ ତରେଦାପାଦକାତ୍ମନଃ ।**
**ଧନେନ ବୈଶ୍ୟଶୂଦ୍ରୋ ତୁ ଜପହୋମୈର୍ଦ୍ୱିଜୋତ୍ତମଃ ।୩୪। ❋**

କ୍ଷତ୍ରିୟ ବାହୁବଳଦ୍ୱାରା, ବୈଶ୍ୟ, ଶୂଦ୍ର ଉଭୟେ ଧନଦ୍ୱାରା ଏବଂ ବ୍ରାହ୍ମଣ ଜପ ହୋମଦ୍ୱାରା ଆପଣାର ଆପଦରୁ ପାରହେବ ।

**ବିଧାତା ଶାସିତ ବକ୍ତା ମୈତ୍ରୀ ବ୍ରାହ୍ମଣ ଉଚ୍ୟତେ ।**
**ତସ୍ମୈ ନକୁଶଳଂ ବ୍ରୁୟାନ୍ନଶୁଷ୍କାଂ ଗିରମୀରୟେତ ।୩୫।**

ବ୍ରାହ୍ମଣ ସହିତ କର୍ମାନୁଷ୍ଠାନ, ପୁତ୍ରଶିଷ୍ୟାଦିର ଶାସନକାରୀ, ପ୍ରାୟଶ୍ଚିତ୍ତାଦି ଧର୍ମର ବକ୍ତା ଏବଂ ସମସ୍ତଙ୍କର ମିତ୍ର ବୋଲି କଥିତ ହୁଏ, ବ୍ରାହ୍ମଣ ପ୍ରତି କେହି ଅନିଷ୍ଟ ବା ରୁକ୍ଷବାକ୍ୟ ପ୍ରୟୋଗ କରିବ ନାହିଁ ।

---

❋ - ଏଥିପରେ ଗୋଟିଏ ପୁସ୍ତକରେ ଅଛି;-

ତଦସ୍ତ୍ରଂ ସର୍ବବର୍ଣ୍ଣାନାମନିବାର୍ଯ୍ୟଞ୍ଚ ଶକ୍ତିତଃ ।
ତପୋବୀର୍ଯ୍ୟପ୍ରଭାବେଣ ଅବଧ୍ୟାନପି ବାଧତେ ।
ତଦ୍ଧିକୁର୍ବନ୍ ଯଥାଶକ୍ତି ପ୍ରାପ୍ନୋତି ପରମାଂ ଗତିମ୍ ।

ତପସ୍ୱାର୍ଜିତ ବୀର୍ଯ୍ୟପ୍ରଭାବରେ ଅବଧ ମଧ ବଧ ହୁଏ; ସେ ଅସ୍ତ୍ରକୁ ସକଳବର୍ଣ୍ଣରେ ଶକ୍ତିଦ୍ୱାରା ନିବାରଣ କରିପାରେ ନାହିଁ, ଯଥାଶକ୍ତି ତାହା କଲେ ମୋକ୍ଷ ମିଳେ ।

**ନ ବୈ କନ୍ୟା ନ ଯୁବତିର୍ନାଳ୍ପବିଦ୍ୟୋ ନ ବାଳିଶଃ ।**
**ହୋତା ସ୍ୟଦଗ୍ନିହୋତ୍ରସ୍ୟ ନାର୍ତ୍ତୋ ନାସଂସ୍କୃତ ସ୍ତଥା ।୩୬।**

କନ୍ୟା, ଯୁବତୀ, ଅଳ୍ପବିଦ୍ୟା, ମୂର୍ଖ, ପୀଡ଼ିତ ଓ ସଂସ୍କାରରହିତ ବ୍ୟକ୍ତି ଅଗ୍ନିହୋତ୍ରର ହୋତା ହେବ ନାହିଁ ।

**ନରକେ ହି ପତନ୍ତ୍ୟେତେ ଜୁହ୍ୱତଃ ସ ଚ ଯସ୍ୟ ତତ୍ ।**
**ତସ୍ମାଦ୍‌ବୈ ତାନକୁଶଳୋ ହୋତା ସ୍ୟାଦ୍‌ବେଦପାରଗଃ ।୩୭।**

ଏମାନେ (କନ୍ୟାଦି) ନିଜେ ଓ ଯାହାର ହୋତା ହୁଅନ୍ତି ସେ ନରକ ପ୍ରାପ୍ତ ହୁଅନ୍ତି; ସେହି ହେତୁରୁ ଶ୍ରୌତକର୍ମପ୍ରବୀଣ ବେଦପାରଗ ବ୍ୟକ୍ତି ହୋତା ହେବାର ଉପଯୁକ୍ତ ।

**ପ୍ରାଜାପତ୍ୟମଦତ୍ତ୍ୱାଶ୍ୱମଗ୍ନ୍ୟାଧେୟସ୍ୟ ଦକ୍ଷିଣାମ୍ ।**
**ଅନାହିତାଗ୍ନିର୍ଭବତି ବ୍ରାହ୍ମଣୋ ବିଭବେ ସତି ।୩୮।**

ଧନସମ୍ପତ୍ତି ଥାଇଁ ଯେ ବ୍ରାହ୍ମଣ ପ୍ରଜାପତିକ ଅଶ୍ୱ ଅଗ୍ନ୍ୟାଧାନ କାର୍ଯ୍ୟରେ ଋତ୍ୱିକଙ୍କୁ ଦକ୍ଷିଣା ସ୍ୱରୂପ ନ ଦିଏ ସେ ଅଗ୍ନ୍ୟାଧାନ ଫଳ ନ ପାଇ ନିରଗ୍ନିକ ରହେ ।

**ପୁଣ୍ୟାନ୍ୟନ୍ୟାନି କୁର୍ବୀତ ଶ୍ରଦ୍ଧଧାନୋ ଜିତେନ୍ଦ୍ରିୟଃ ।**
**ନ ତ୍ୱଳ୍ପଦକ୍ଷିଣୈର୍ଯଜ୍ଞୈର୍ଯଜେତେହ କଥଞ୍ଚନ ।୩୯।**

ଶ୍ରଦ୍ଧାବାନ ଓ ଜିତେନ୍ଦ୍ରିୟ ହୋଇ ବରଂ ଅନ୍ୟାନ୍ୟ ପୁଣ୍ୟକାର୍ଯ୍ୟମାନ କରିବ ମାତ୍ର ଅଳ୍ପଦକ୍ଷିଣାଯୁକ୍ତ ଯଜ୍ଞକାର୍ଯ୍ୟ କଦାପି କରିବ ନାହିଁ ।

**ଇନ୍ଦ୍ରିୟାଣି ଯଶଃ ସ୍ୱର୍ଗମାୟୁଃ କୀର୍ତ୍ତିଂ ପ୍ରଜାଃ ପଶୂନ୍ ।**
**ହନ୍ତ୍ୟଳ୍ପଦକ୍ଷିଣୋ ଯଜ୍ଞ ତସ୍ମାନ୍ନାଳ୍ପଧନୋ ଯଜେତ୍ ।୪୦।***

ଅଳ୍ପଦକ୍ଷିଣାଯୁକ୍ତ ଯଜ୍ଞ ଚକ୍ଷୁରାଦି ଇନ୍ଦ୍ରିୟ, ଯଶ, ସୁଖ, ଆୟୁ, କୀର୍ତ୍ତି, ପ୍ରଜା ଓ ଗବାଦି ପଶୁମାନ ନଷ୍ଟକରେ, ସେହେତୁ ଅଳ୍ପଧନଯୁକ୍ତ ଯଜ୍ଞ କରିବ ନାହିଁ ।

**ଅଗ୍ନିହୋତ୍ର୍ୟପବିଦ୍ଧାଗ୍ନୀନ୍ ବ୍ରାହ୍ମଣଃ କାମ କାରତଃ ।**
**ଚାନ୍ଦ୍ରାୟଣଂ ଚରେନ୍ମାସଂ ବୀରହତ୍ୟାସମଂ ହି ତତ୍ ।୪୧।**

ଅଗ୍ନିହୋତ୍ରୀ ବ୍ରାହ୍ମଣ ସ୍ୱେଚ୍ଛାଚାରୀ ହୋଇ ଅଗ୍ନିରେ ସାୟଂପ୍ରାତଃ ହୋମ ନ କଲେ ଏକମାସ ପର୍ଯ୍ୟନ୍ତ ଚାନ୍ଦ୍ରାୟଣ ବ୍ରତ କରିବ କାରଣ ତଦ୍ଦ୍ୱାରା ପୁତ୍ରହତ୍ୟା ସମାନ ପାପହୁଏ ।

**ଯେ ଶୂଦ୍ରା ଦଧିଗମ୍ୟାର୍ଥମଗ୍ନିହୋତ୍ରମୁପାସତେ ।**
**ଋତ୍ୱିଜସ୍ତେ ହି ଶୂଦ୍ରାଣାଂ ବ୍ରହ୍ମବାଦିଷୁ ଗର୍ହିତାଃ ।**

ଯେଉଁମାନେ ଶୂଦ୍ରଠାରୁ ଧନ ନେଇ ଅଗ୍ନିହୋତ୍ର କରନ୍ତି ସେମାନେ ନିଶ୍ଚୟ ଶୂଦ୍ରଜାତି ଏବଂ ବ୍ରାହ୍ମବାଦୀଙ୍କ ମଧ୍ୟରେ ନିନ୍ଦିତ ଅଟନ୍ତି ।

---

* - ଏଥିପରେ ୬ ଗୋଟି ପୁସ୍ତକରେ ମିଳେ :-

ଅନ୍ନହୀନୋ ଦହେଦ୍ରାଷ୍ଟ୍ରଂ ମନ୍ତ୍ରହୀନସ୍ତୁ ଋତ୍ୱିଜଃ ।
ଦୀକ୍ଷିତଂ ଦକ୍ଷିଣାହୀନୋ ନାସ୍ତି ଯଜ୍ଞସମୋ ରିପୁଃ ।

ଅନ୍ନହୀନ ଯଜ୍ଞ ରାଜ୍ୟକୁ ଫୁଙ୍କଦିଏ, ମନ୍ତ୍ରହୀନ ଋତ୍ୱିକମାନଙ୍କୁ ନଷ୍ଟକରେ ଏବଂ ଦକ୍ଷିଣାହୀନ ଦୀକ୍ଷିତକୁ ନଷ୍ଟକରେ-ଯଜ୍ଞସମାନ ଶତ୍ରୁ ନାହିଁ ।

**ତେଷାଂ ସତତମଜ୍ଞାନାଂ ବୃଷଳାଗ୍ନୁପସେବିନାମ୍ ।**
**ପଦା ମସ୍ତକମାକ୍ରମ୍ୟ ଦାତା ଦୁର୍ଗାଣି ସନ୍ତରେତ୍ ।୪୩।**

ଶୂଦ୍ରମାନଙ୍କ ଧନରେ ସଦା ଯଜ୍ଞକାରୀ ସେହି ମୂର୍ଖ ବ୍ରାହ୍ମଣମାନଙ୍କ ମୁଣ୍ଡରେ ଗୋଡ଼ରଖି ସେହି ଦାତା (ଶୂଦ୍ର) ସତତ ଦୁଃଖସାଗର ପାରି ହୋଇଯାଏ ।

**ଅକୁର୍ବନ୍ ବିହିତଂ କର୍ମ ନିନ୍ଦିତଞ୍ଚ ସମାଚରନ୍ ।**
**ପ୍ରସକ୍ତଶ୍ଚେନ୍ଦ୍ରିୟାର୍ଥେଷୁ ପ୍ରାୟଶ୍ଚିତ୍ତୀୟତେ ନରଃ ।୪୪।**

ଶାସ୍ତ୍ରବିହିତ କର୍ମ ନ କଲେ ଏବଂ ନିନ୍ଦିତକର୍ମ କଲେ ତଥା ଇନ୍ଦ୍ରିୟବିଷୟରେ ଆସକ୍ତ ହେଲେ ମନୁଷ୍ୟ ପ୍ରାୟଶ୍ଚିତ୍ତର ଯୋଗ୍ୟ ହୁଏ ।

**ଅକାମତଃ କୃତେ ପାପେ ପ୍ରାୟଶ୍ଚିତ୍ତଂ ବିଦୁର୍ବୁଧାଃ ।**
**କାମକାରକୃତେଽପ୍ୟାହୁରେକେ ଶ୍ରୁତିନିଦର୍ଶନାତ୍ ।୪୫।**

କୌଣସି କୌଣସି ପଣ୍ଡିତ ଅନିଚ୍ଛାକୃତ ପାପରେ ପ୍ରାୟଶ୍ଚିତ୍ତ ଥିବା ଜାଣନ୍ତି; ମାତ୍ର ଅପର କେହି ଇଚ୍ଛାକୃତ ପାପରେ ବେଦର ନିଦର୍ଶନାନୁସାରେ ପ୍ରାୟଶ୍ଚିତ୍ତ ଅଛି ବୋଲି ବୋଲନ୍ତି ।

**ଅକାମତଃ କୃତଂ ପାପଂ ବେଦାଭ୍ୟାସେନ ଶୁଦ୍ଧ୍ୟତି ।**
**କାମତସ୍ତୁ କୃତଂ ମୋହାତ୍ ପ୍ରାୟଶ୍ଚିତ୍ତୈଃ ପୃଥଗ୍‌ବିଧୈଃ ।୪୬।**

ଅନିଚ୍ଛାକୃତ ପାପ ବେଦାଭ୍ୟାସରେ ଶୁଦ୍ଧହୁଏ; ମାତ୍ର ମୋହବଶରୁ ଇଚ୍ଛାପୂର୍ବକ କୃତପାପ ନାନାପ୍ରକାର ପ୍ରାୟଶ୍ଚିତ୍ତଦ୍ୱାରା ବିଶୁଦ୍ଧ ହୁଏ ।

**ପ୍ରାୟଶ୍ଚିତ୍ତୀୟତାଂ ପ୍ରାପ୍ୟ ଦୈବାତ୍ ପୂର୍ବକୃତେନ ବା ।**
**ନ ସଂସର୍ଗଂ ବ୍ରଜେତ୍ସଦ୍ଭିଃ ପ୍ରାୟଶ୍ଚିତ୍ତେଽକୃତେ ଦ୍ୱିଜଃ ।୪୭।**

ଦୈବବଶରୁ ବା ପୂର୍ବଜନ୍ମର ପାପରୁ ଦ୍ୱିଜ ପ୍ରାୟଶ୍ଚିତ୍ତର ଯୋଗ୍ୟ ହୋଇ ପ୍ରାୟଶ୍ଚିତ୍ତ ନ କରି ସଜ୍ଜନସଙ୍ଗରେ ସଂସର୍ଗ କରିବ ନାହିଁ ।

**ଇହ ଦୁଶ୍ଚରିତୈଃ କେଚିତ୍କେଚିପୂର୍ବକୃତୈସ୍ତଥା ।**
**ପ୍ରାପ୍ନୁବନ୍ତି ଦୁରାତ୍ମାନୋ ନରା ରୂପବିପର୍ଯ୍ୟୟମ୍ ।୪୮।**

କେହି ଇହଜନ୍ମର ତଥା କେହି ପୂର୍ବଜନ୍ମର ଦୁଶ୍ଚରିତ୍ରତାବଶରୁ ଦୁରାତ୍ମା ଲୋକମାନେ ବିକୃତାକାର ପ୍ରାପ୍ତ ହୁଅନ୍ତି ।

**ସୁବର୍ଣ୍ଣଚୌରଃ କୌନଖ୍ୟଂ ସୁରାପଃ ଶ୍ୟାବଦନ୍ତତାମ୍ ।**
**ବ୍ରହ୍ମହା କ୍ଷୟରୋଗତ୍ୱଂ ଦୌଶ୍ଚର୍ମ୍ୟ ଗୁରୁତଳ୍ପଗଃ ।୪୯।**

ସୁନା ଚୋରାଇଲେ କୁତ୍ସିତନଖବିଶିଷ୍ଟ ହୁଏ, ମଦ୍ୟପାନ କଲେ ଦାନ୍ତ କଳା ହୁଏ , ବ୍ରହ୍ମହତ୍ୟା କଲେ କ୍ଷୟରୋଗଗ୍ରସ୍ତ ହୁଏ ଏବଂ ଗୁରୁଦାରା ହରଣ କଲେ ଦୁଷ୍ଚର୍ମା ହୁଏ ।

**ପିଶୁନଃ ପୌତିନାଶିକ୍ୟଂ ସୂଚକଃ ପୂତିବକ୍ତ୍ରତାମ୍ ।**
**ଧାନ୍ୟଚୌରୋଽଙ୍ଗହୀନତ୍ୱମାତିରୈକ୍ୟନ୍ତୁ ମିଶ୍ରକଃ ।୫୦।**

ଚୁଗୁଲିଆ ଦୁର୍ଗନ୍ଧନାସାଯୁକ୍ତ (ପିନସାଦି ରୋଗଗ୍ରସ୍ତ) ହୁଏ, ଅଯଥାନିନ୍ଦାକାରୀ ଦୁର୍ଗନ୍ଧମୁଖଯୁକ୍ତ ହୁଏ, ଧାନ ଚୋରିକଲେ ଅଙ୍ଗହୀନତା ଓ ଏକଦ୍ରବ୍ୟରେ ଅନ୍ୟଦ୍ରବ୍ୟ ମିଶାଇଲେ ଅଧିକାଙ୍ଗତା ହୁଏ ।

**ଅନ୍ନହର୍ତ୍ତା ମହାବିତ୍ତ୍ୱଂ ମୌକ୍ୟଂ ବାଗପହାରକଃ ।**
**ବସ୍ତ୍ରାପହାରକଃ ଶ୍ୱୈତ୍ର୍ୟଂ ପଙ୍ଗୁ ବାମଶ୍ୱହାରକଃ ।୫୧।**

ଅନ୍ନ ଚୋରିକଲେ ମନ୍ଦାଗ୍ନିତା, ବାକ୍ୟ(ଶାସ୍ତ୍ର) ଚୋରାଇଲେ ମୂକ, ବସ୍ତ୍ର, ଚୋରାଇଲେ ଧବଳକୁଷ୍ଠ ଏବଂ ଘୋଡ଼ା ଚୋରାଇଲେ ପଙ୍ଗୁ ହୁଏ ।

**ଦୀପହର୍ତ୍ତା ଭବେଦନ୍ଧଃ କାଣୋ ନିର୍ବାପକୋ ଭବେତ୍ ।**
**ହିଂସୟା ବ୍ୟାଧିଭୂୟସ୍ତ୍ୱଂ ସ୍ତ୍ରୀତୋଽନ୍ୟସ୍ତ୍ର୍ୟକିର୍ଷକଃ ।୫୨।**

ଦୀପ ଚୋରି କଲେ ଅନ୍ଧ ହୁଏ, ଦୀପ ନିର୍ବାଣ କଲେ କଣା ହୁଏ, ହିଂସା କଲେ ବହୁବ୍ୟାଧିଯୁକ୍ତ ଏବଂ ପରସ୍ତ୍ରୀଗାମୀ (ଶୁକ୍ରର ଅପବ୍ୟବହାର ଜନିତ ବାତଜ୍ୱର ଓ ଶୋଥାଦି ରୋଗରେ) ଫୁଲିଯାଏ ।

**ଏବଂ କର୍ମ ବିଶେଷଣ ଜାୟନ୍ତେ ସଦ୍‌ବିଗର୍ହିତାଃ ।**
**ଜଡ଼ମୂକାନ୍ଧବଧିରା ବିକୃତାକୃତୟସ୍ତଥା ।୫୩।**

ଏହି ରୂପରେ କର୍ମବିଶେଷଦ୍ୱାରା ସଜ୍ଜନନ୍ଦିତ ଜଡ଼, ମୂକ, ଅନ୍ଧ, ବଧିର ଏବଂ ବିକୃତାକୃତିଯୁକ୍ତ ଲୋକେ ଜାତ ହୁଅନ୍ତି ।

**ଚରିତବ୍ୟମତୋ ନିତ୍ୟଂ ପ୍ରାୟଶ୍ଚିତ୍ତଂ ବିଶୁଦ୍ଧୟେ ।**
**ନିନ୍ଦ୍ୟୈର୍ହିଲକ୍ଷଣୈର୍ଯୁକ୍ତା ଜାୟନ୍ତେଽନିଷ୍କୃତୈନସଃ ।୫୪।**

ଏହି ହେତୁରୁ ବିଶୁଦ୍ଧି (ପାପକ୍ଷାଳନ) ସକାଶେ ନିତ୍ୟ ପ୍ରାୟଶ୍ଚିତ କରିବା କର୍ତ୍ତବ । କାରଣ ପାପରୁ ମୁକ୍ତ ନୋହିଥିବା ଲୋକ ନିନ୍ଦିତଲକ୍ଷଣଯୁକ୍ତ ହୋଇ ଜନ୍ମ-ଗ୍ରହଣ କରେ;

**ବ୍ରହ୍ମହତ୍ୟା ସୁରାପାନଂ ସ୍ତେୟଂ ଗୁର୍ବଙ୍ଗନାଗମଃ ।**
**ମହାନ୍ତି ପାତକାନ୍ୟାହୁଃ ସଂସର୍ଗଶ୍ଚାପିତୈଃ ସହ ।୫୫।**

ବ୍ରହ୍ମହତ୍ୟା, ସୁରାପାନ, ଚୋରୀ ଓ ଗୁରୁଦାରଗମନ ଏବଂ ସେହି ଅପରାଧିମାନଙ୍କ ସଂସର୍ଗ ଏସବୁ ମହାପାତକ ବୋଲି କଥିତ ।

**ଅନୃତଞ୍ଚ ସମୁତ୍କର୍ଷେ ରାଜଗାମି ଚ ପୈଶୁନମ୍ ।**
**ଗୁରୋଶ୍ଚାଲୀକନିର୍ବନ୍ଧଃ ସମାନି ବ୍ରହ୍ମହତ୍ୟୟା ।୫୬।**

କାତ୍ୟୁକ୍ରର୍ଷ ଜଣାଇବା ସକାଶେ ମିଥ୍ୟାଭାଷଣ, ରାଜସମୀପରେ ଚୁଗୁଲି କହିବା ତଥା ଗୁରୁସମ୍ବନ୍ଧରେ ଅଳୀକ ଦୋଷାରୋପ ବ୍ରହ୍ମହତ୍ୟାର ସମାନ ଅଟେ ।

**ବ୍ରହ୍ମୋଜ୍‌ଝତା ବେଦନିନ୍ଦା କୌଟସାକ୍ଷ୍ୟଂ ସୁହୃଦ୍‌ବଧଃ ।**
**ଗର୍ହିତାନାଦ୍ୟୟୋର୍ଜଗ୍ଧିଃ ସୁରାପାନସମାନିଷଟ୍ ।୫୭।**

ବେଦତ୍ୟାଗ, ବେଦନିନ୍ଦା, ମିଥ୍ୟାସାକ୍ଷ୍ୟ, ମିତ୍ରବଧ ଓ ଗର୍ହିତ (ଲଶୁନାଦି) ଭୋଜନ ଓ ଅଭକ୍ଷ୍ୟ (ପୁରୀଷାଦି) ଭୋଜନ ଏହି ଛଅ ସୁରାପାନ ସମାନ ଅଟେ ।

**ନିକ୍ଷେପସ୍ୟାପହରଣ ନରାଶ୍ୱରଜତସ୍ୟ ଚ ।**
**ଭୂମିବଜ୍ର ମଣୀନାଞ୍ଚ ରୁକ୍ମସ୍ତେୟସମଂ ସ୍ମୃତମ୍ ।୫୮।**

ଗଚ୍ଛିତଦ୍ରବ୍ୟ, ମନୁଷ୍ୟ, ଅଶ୍ୱ, ରଜତ, ଭୂମି, ହୀରା ଓ ମଣିର ଅପହରଣ ସୁନାଚୋରୀ ସଙ୍ଗେ ସମାନ ।

**ରେତଃସେକଃ ସ୍ୱଯୋନିଷୁ କୁମାରୀଷ୍ୱନ୍ତ୍ୟଜାସୁ ଚ ।**
**ସଖ୍ୟୁଃ ପୁତ୍ରସ୍ୟ ଚ ସ୍ତ୍ରୀଷୁ ଗୁରୁତଳ୍ପସମଂ ବିଦୁଃ ।୫୯।**

ସହୋଦରା ଭଗିନୀ, ଅନ୍ତ୍ୟଜା, ମିତ୍ର ଓ ପୁତ୍ରର ସ୍ତ୍ରୀ ସଙ୍ଗେ ବ୍ୟଭିଚାର କରିବା ଗୁରୁଭାର୍ଯ୍ୟା ଗମନ ସମାନ ଜାଣିବ ।

**ଗୋବଧୋଽଯାଜ୍ୟସଂଯାଜ୍ୟ ପରଦାର୍ଯ୍ୟାତ୍ମବିକ୍ରୟାଃ ।**
**ଗୁରୁମାତୃପିତୃତ୍ୟାଗଃ ସ୍ୱାଧ୍ୟାୟଗ୍ନ୍ୟାଃ ସୁତସ୍ୟ ଚ ।୬୦।**

ଗୋବଧ, ଅଯାଜ୍ୟଯାଜନ, ପରସ୍ତ୍ରୀଗମନ, ଆତ୍ମବିକ୍ରୟ, ଗୁରୁତ୍ୟାଗ, ମାତୃତ୍ୟାଗ, ପିତୃତ୍ୟାଗ, ସ୍ୱାଧ୍ୟାୟତ୍ୟାଗ, ସ୍ମାର୍ତ୍ତାଗ୍ନିତ୍ୟାଗ ଓ ପୁତ୍ରତ୍ୟାଗ ।

**ପରିବିତ୍ତିତାନୁଜେଽନୂଢ଼େ ପରିବେଦନମେବ ଚ ।**
**ତୟୋର୍ଦାନାଞ୍ଚ କନ୍ୟାୟା ସ୍ତୟୋରେବ ଚ ଯାଜନମ୍ ।୬୧।**

ବିବାହିତ କନିଷ୍ଠର ଅବିବାହିତ ବଡ଼ଭାଇ ଏବଂ ବଡ଼ଭାଇ ଅବିବାହିତ ଥାଉଁ କନିଷ୍ଠଭାଇ ଏ ଉଭୟଙ୍କୁ କନ୍ୟାଦେବା ଏବଂ ଉଭୟଙ୍କୁ ଯଜ୍ଞାଦି କରାଇବା ।

**କନ୍ୟାୟା ଦୂଷଣଞ୍ଚୈବ ବାର୍ଦ୍ଧୁଷ୍ୟଂ ବ୍ରତଲୋପନମ୍ ।**
**ତଡ଼ାଗାରାମଦାରାଣାମପତ୍ୟସ୍ୟ ଚ ବିକ୍ରୟଃ ।୬୨।**

କନ୍ୟା (ଅରଜସ୍କା ସ୍ତ୍ରୀ) ଦୂଷଣ, ସୁଧରେ ଟଙ୍କା ଲଗାଇବା, ବ୍ରତଲୋପ ଏବଂ ତଡ଼ାଗ ଉଦ୍ୟାନ, ସ୍ତ୍ରୀ ଓ ସନ୍ତାନ ବିକ୍ରୟ ।

**ବ୍ରାତ୍ୟତା ବାନ୍ଧବତ୍ୟାଗୋ ଭୃତ୍ୟାଧ୍ୟାପମେବ ଚ ।**
**ଭୃତାଚ୍ଚାଧ୍ୟୟନାଦାନମପଣ୍ୟାନାଞ୍ଚ ବିକ୍ରୟ ।୬୩।**

ଯଥାକାଳରେ ଉପନୟନ ନ କରିବ, ବାନ୍ଧବତ୍ୟାଗ, ବେତନ ନେଇପଢ଼ାଇବା ବେତନଗ୍ରାହୀ ଅଧ୍ୟାପକ ନିକଟରୁ ପଢ଼ିବା, ବିକିବାର ଅଯୋଗ୍ୟ ବସ୍ତୁର ବିକ୍ରୟ ।

**ସର୍ବାକରେଷ୍ୱଧୀକାରୋ ମହାଯନ୍ତ୍ରପ୍ରବର୍ତ୍ତନମ୍ ।**
**ହିଂସସୌଷଧୀନାଂ ସ୍ତ୍ର୍ୟାଜୀବୀବୋଽଭିଚାରୋ ମୂଳକର୍ମ ଚ ।୬୪।**

ସୁବର୍ଣ୍ଣାଦି ଖଣି ସମସ୍ତରେ ଅଧିକାର, ମହାଯନ୍ତ୍ର ଚଳାଇବା, ଔଷଧ ନଷ୍ଟକରିବା ଭାର୍ଯ୍ୟାଦି ସ୍ତ୍ରୀମାନଙ୍କୁ ବେଶ୍ୟା କରାଇ ଜୀବିକାର୍ଜନ କରିବା, ମାରଣ ବଶୀକରଣାଦି ଅଭିଚାରମୂଳକ କର୍ମ କରିବା ।

**ଇନ୍ଧନାର୍ଥମଶୁଷ୍କାଣାଂ ଦ୍ରୁମାପ୍ରାମବପାତନମ୍ ।**
**ଆତ୍ମାର୍ଥଞ୍ଚ କ୍ରିୟାରମ୍ଭୋ ନିନ୍ଦିତାନ୍ନାଦନଂ ତଥା ।୬୫।**

ଜଳ ସକାଶେ ଶୁଖିଯାଇ ନ ଥିବା ଗଛକାଟିବା, ଦେବ ଓ ପିତୃଲୋକାଦିର ଉଦ୍ଦେଶ୍ୟ ନ ଥାଇ କେବଳ ଆପଣା ସକାଶେ ପାପାଦି କ୍ରିୟାରମ୍ଭ ଏବଂ ନିନ୍ଦିତର ଅନ୍ନଭୋଜନ ।

**ଅନାହିତାଗ୍ନିତା ସ୍ତେୟମୃଣା ନାମନପକ୍ରିୟା ।**
**ଅସଚ୍ଛାସ୍ତ୍ରାଧିଗମନ କୌଶାଲବ୍ୟସ୍ୟ ଚ କ୍ରିୟା ।୬୬ ।**

ଅଗ୍ନିହୋତ୍ର ନ କରିବା, ଚୋରି କରିବା, ଋଣପରିଶୋଧ ନ କରିବା ଅସତ୍‌ଶାସ୍ତ୍ର ପଢ଼ିବା, ନୃତ୍ୟ ଗୀତ ବାଦ୍ୟାଦିରେ ଜୀବିକାର୍ଜନ କରିବା ।

**ଧାନ୍ୟକୁପ୍ୟପଶୁସ୍ତେୟଂ ମଦ୍ୟପସ୍ତ୍ରୀନିଷେବଣମ୍ ।**
**ସ୍ତ୍ରୀଶୂଦ୍ରବିଟକ୍ଷତ୍ରବଧୋ ନାସ୍ତିକ୍ୟଞ୍ଚୋପପାତକମ୍ ।୬୭।**

ଧାନଚୋରୀ, ସୁନାରୁପା ଛଡ଼ା ଅନ୍ୟଧାତୁ ଚୋରି , ପଶୁଚୋରି ,ସୁରାପାୟିନୀ, ସ୍ତ୍ରୀ ସଂସର୍ଗ ସ୍ତ୍ରୀ ଶୂଦ୍ର ବୈଶ୍ୟ ଓ କ୍ଷତ୍ରିୟର ବଧ ଏବଂ ନାସ୍ତିକତା ଏ ସବୁ ଉପପାତକ ଅଟେ ।

**ବ୍ରାହ୍ମଣସ୍ୟ ରୁଜଃ କୃତ୍ୟାଃ ଘାତିର ଘ୍ରେୟମଦ୍ୟୟୋ ।**
**ଜୈହ୍ମ୍ୟଞ୍ଚ ମୈଥୁନଂ ପୁସିଂ ଜାତିଭ୍ରଂଶକରଂ ସ୍ମୃତମ୍ ।୬୮।**

ବ୍ରାହ୍ମଣର (ଯଷ୍ଟ୍ୟାଦିଦ୍ୱାରା) ପୀଡ଼ା ଉତ୍ପାଦକ କାର୍ଯ୍ୟକରିବା, ଦୁର୍ଗନ୍ଧଦ୍ରବ୍ୟ ଓ ମଦ୍ୟ ସୁଙ୍ଘିବା, କୁଟିଳତା ଓ ପୁରୁଷମୈଥୁନ ଏ ସବୁ ଜାତିଭ୍ରଂଶକର ପାତକ ବୋଲି କଥିତ ।

**ଖରାଶ୍ୱୋଷ୍ଟ୍ରମୃଗେଭାନାମଜାବିକବଧସ୍ତଥା ।**
**ସଙ୍କରୀକରଣଂ ଜ୍ଞେୟଂ ମୀନାହିମହିଷସ୍ୟ ଚ ।୬୯।**

ଗର୍ଦ୍ଦଭ, ଅଶ୍ୱ, ଉଷ୍ଟ୍ର, ମୃଗ, ହସ୍ତୀ, ଛେଳି, ମେଣ୍ଢା, ମାଛ,ସାପ, ମହିଷ ଏମାନ ବଧ କଲେ ସଙ୍କରୀକରଣ ପାପହୁଏ ବୋଲି ଜାଣିବ ।

**ନିନ୍ଦିତେଭ୍ୟୋ ଧନାଦାନଂ ବାଣିଜ୍ୟଂ ଶୂଦ୍ରସେବନମ୍ ।**
**ଅପାତ୍ରୀକରଣଂ ଜ୍ଞେୟମସତ୍ୟସ୍ୟ ଚ ଭାଷଣମ୍ ।୭୦।**

ନିନ୍ଦିତ ଲୋକମାନଙ୍କଠାରୁ ଧନ ନେବା, ବାଣିଜ୍ୟକରିବା, ଶୂଦ୍ରର ସେବା କରିବା ଏବଂ ମିଛ କହିବାରେ ଅପାତ୍ରୀକରଣ ପାପବୋଲି ଜାଣିବ ।

**କୃମିକୀଟବୟୋହତ୍ୟା ମଦ୍ୟାନୁଗତଭୋଜନମ୍ ।**
**ଫଳୈଧଃକୁସୁମସ୍ତେୟମଧୈର୍ଯ୍ୟଞ୍ଚ ମଳାବହମ୍ ।୭୧।**

କୃମି କୀଟ ଓ ପକ୍ଷୀହତ୍ୟା, ମଦ୍ୟମିଶ୍ରିତଦ୍ରବ୍ୟଭୋଜନ, ଫଳ, କାଠ ଓ ଫୁଲ ଚୋରି ଏବଂ ଅଧୈର୍ଯ୍ୟ ଏ ସବୁ ମଳାବହ ପାପ ।

**ଏତାନ୍ୟେନାଂସି ସର୍ବାଣି ଯଥୋକ୍ତାନି ପୃଥକ୍ ପୃଥକ୍ ।**
**ଯୈର୍ଯୈର୍ବ୍ରତୈରପୋହନ୍ତେ ତାନି ସମ୍ୟଙ୍ ନିବୋଧତ ।୭୨।**

ଏ ସମସ୍ତ ପାପ ଯେ ରୂପ ପୃଥକ୍ ଭାବରେ ବୋଲା ଯାଇଅଛି ସେ ସବୁ ଯେଉଁ ଯେଉଁ ବ୍ରତଦ୍ୱାରା ନଷ୍ଟହୁଏ ସେସବୁ ସମ୍ୟକ୍ ଭାବରେ ଶୁଣ ।

**ବ୍ରହ୍ମହା ଦ୍ୱାଦଶସମାଃ କୁଟୀଂ କୃତ୍ୱା ବନେ ବସେତ୍ ।**
**ଭୈକ୍ଷ୍ୟାଶ୍ୟାତ୍ମବିଶୁଦ୍ଧ୍ୟର୍ଥଂ କୃତ୍ୱା ଶବଶିରୋଧ୍ୱଜମ୍ ।୭୩।**

ବ୍ରହ୍ମହତ୍ୟାକାରୀ ଆତ୍ମବିଶୁଦ୍ଧି ସକାଶେ କପାଳରେ ଶବଚିହ୍ନ ଘେନି ବନରେ କୁଡ଼ିଆ କରି ଭିକ ମାଗି ଖାଇ ବାରବର୍ଷ ବାସ କରିବ ।

**ଲକ୍ଷ୍ୟଂ ଶସ୍ତ୍ରଭୃତାଂ ବା ସ୍ୟାଦ୍‌ବିଦୁଷାମିଚ୍ଛୟାତ୍ମନଃ ।**
**ପ୍ରାସ୍ୟେଦାତ୍ମାନମଗ୍ନୌ ବା ସମିଦ୍ଧେ ତ୍ରିରବାକ୍‌ଶିରଃ ।୭୪।**

ଅଥବା ସ୍ୱେଚ୍ଛାକ୍ରମେ ବିଦ୍ୱାନ ଶସ୍ତ୍ରଧାରୀମାନଙ୍କର ଲକ୍ଷ୍ୟସ୍ଥାନ କରିବ ଅଥବା ଅଧଃଶିର ହୋଇ ତିନିଥର ଆପଣାକୁ ପ୍ରଜ୍ୱଳିତ ଅଗ୍ନିରେ ନିକ୍ଷେପ କରିବ ।

**ଯଜେତ ବାଶ୍ୱମେଧେନ ସ୍ୱର୍ଜିତା ଗୋସବେନ ବା ।**
**ଅଭିଜିଦ୍‌ବିଶ୍ୱଜିଦ୍‌ଭ୍ୟାଂ ବା ତ୍ରିବୃତାଗ୍ନିଷ୍ଟୁତାପି ବା ।୭୫।**

ଅଥବା ଅଶ୍ୱମେଧ, ସ୍ୱର୍ଜିତ, ଗୋସବନ, ଅଭିଜିତ, ବିଶ୍ୱଜିତ ତ୍ରିବୃତ ବା ଅଗ୍ନିଷ୍ଟୁତ ଯଜ୍ଞ କରିବ ।

**ଜପନ୍ ବାନ୍ୟତମଂ ବେଦଂ ଯୋଜନନାଂଶତଂ ବ୍ରଜେତ୍ ।**
**ବ୍ରହ୍ମହତ୍ୟାପନୋଦାୟ ମିତଭୁଙ୍ ନିୟତେନ୍ଦ୍ରିୟଃ ।୭୬।**

ଅଥବା ବ୍ରହ୍ମହତ୍ୟାପାପ ଦୂର କରିବା ସକାଶେ ମିତଭୋଜୀ ଓ ଜିତେନ୍ଦ୍ରିୟ ହୋଇ କୌଣସି ଏକ ବେଦ ଜପ କରୁ କରୁ ଶତଯୋଜନ ବାଟ ଚାଲିଯିବ ।

**ସର୍ବସ୍ୱଂ ବେଦବିଦୂଷେ ବ୍ରାହ୍ମଣାୟୋପପାଦୟେତ୍ ।**
**ଧନଂ ବା ଜୀବନାୟାଲଂ ଗୃହଂ ବା ସପରିଚ୍ଛଦମ୍ ।୭୭।**

ଅଥବା ଆପଣାର ଯଥାସର୍ବସ୍ୱ ଅଥବା ଜୀବିକାର୍ଥ ଅର୍ଜିତ ସମସ୍ତ ଧନ ବା ଉପକରଣାଦି ସହିତ ଘର ବେଦଜ୍ଞ ବ୍ରାହ୍ମଣକୁ ଦାନ କରିବ ।

**ହବିଷ୍ୟଭୁଗବାନୁସରେତ୍ ପ୍ରତିସ୍ରୋତଃ ସରସ୍ୱତୀମ୍ ।**
**ଜପେଦ୍‌ବା ନିୟତାହାରସ୍ତ୍ରିର୍ବୈବେଦସ୍ୟ ସଂହିତାମ୍ ।୭୮।**

ଅଥବା ନିୟମିତ ଆହାର କରି ତିନିଥର ବେଦସଂହିତା ପାଠ କରିବ ।

**କୃତ ବାପନୋ ନିବସେଦ୍‌ଗ୍ରାମାନ୍ତେ ଗୋବ୍ରଜେଽପିବା ।**
**ଆଶ୍ରମେ ବୃକ୍ଷମୂଳେ ବା ଗୋବ୍ରାହ୍ମଣହିତେ ରତଃ ।୭୯।**

ଅଥବା ମସ୍ତକ ମୁଣ୍ଡନ କରି ଗୋବ୍ରାହ୍ମଣହିତରେ ରତ ହୋଇ ଗ୍ରାମବାହାରେ, ଗୋ-ଗୋଷ୍ଠରେ, ଆଶ୍ରମରେ ଅଥବା ବୃକ୍ଷମୂଳରେ ବାସ କରିବ ।

**ବ୍ରାହ୍ମଣାର୍ଥେ ଗବାର୍ଥେ ବା ସଦ୍ୟଃ ପ୍ରାଣାନ୍ ପରିତ୍ୟଜେତ୍ ।**
**ମୁଚ୍ୟତେ ବ୍ରହ୍ମହତ୍ୟାୟେ ଗୋପ୍ତା ଗୋବ୍ରାହ୍ମଣସ୍ୟ ଚ ।୮୦।**

ଅଥବା ଗୋବ୍ରାହ୍ମଣରକ୍ଷାକାରୀ ବ୍ରାହ୍ମଣ ସକାଶେ କିମ୍ବା ଗୋ ସକାଶେ ତତ୍‌କ୍ଷଣାତ୍ ପ୍ରାଣ ପରିତ୍ୟାଗ କଲେ ବ୍ରହ୍ମହତ୍ୟାରୁ ମୁକ୍ତ ହୁଏ ।

**ତ୍ରିବାରଂ ପ୍ରତିରୋଦ୍ଧା ବା ସର୍ବସ୍ୱମବଜିତ୍ୟ ବା ।**
**ବିପ୍ରସ୍ୟ ତନ୍ନିମତ୍ତେ ବା ପ୍ରାଣଲାଭେଽପିମୁଚ୍ୟତେ ।୮୧।***

ଯଦି ବ୍ରାହ୍ମଣର ସର୍ବସ୍ୱ ଚୋର ଘେନିଯାଏ ତେବେ ତିନିଥର ତାହାକୁ ପ୍ରତିରୋଧ କରିବ ଅଥବା ଧନରକ୍ଷା କରି ନପାରିଲେ ତନ୍ନିମିତ୍ତ ବିପ୍ରର ପ୍ରାଣଲାଭର ଉପାୟ କଲେ ପାପରୁ ମୁକ୍ତ ହେବ ।

**ଏବଂ ଦୃଢ଼ବ୍ରତୋ ନିତ୍ୟଂ ବ୍ରହ୍ମଚାରୀ ସମାହିତଃ ।**
**ସମାପ୍ତେ ଦ୍ୱାଦଶେ ବର୍ଷେ ବ୍ରହ୍ମହତ୍ୟା ବ୍ୟପୋହତି ।୮୨।**

ଏହିପରି ନିତ୍ୟ ସମାହିତଚିତ୍ତ ହୋଇ ଦୃଢ଼ବ୍ରତଧାରୀ ବ୍ରହ୍ମଚାରୀ ବ୍ରହ୍ମହତ୍ୟାପାପ ଦୂର କରିପାରେ ।

**ଶିଷ୍ଟା ବା ଭୂମିଦେବାନାଂ ନରଦେବସମାଗମେ ।**
**ସ୍ୱମେନୋଽବଭୃଥସ୍ନାତୋ ହୟମେଧେ ବିମୁଚ୍ୟତେ ।୮୩।**

ଅଥବା ଅଶ୍ୱମେଧଯଜ୍ଞରେ ସମାଗତ ରାଜା ଓ ବ୍ରାହ୍ମଣମାନଙ୍କ ସମକ୍ଷରେ ପାପ ନିବେଦନ ପୂର୍ବକ ଯଜ୍ଞାନ୍ତେ ଅବଭୃଥ ସ୍ନାନକଲେ ପାପ ମୋଚନ ହୁଏ ।

---

* - କୌଣସି କୌଣସି ପାଠରେ ପ୍ରଥମ ଚରଣରେ 'ତ୍ର୍ୟବରଂ ପ୍ରତିଯୋଦ୍ଧା' ଓ ଦ୍ୱିତୀୟଚରଣରେ 'ପ୍ରାଣଲୋଭେବିମୁଚ୍ୟତେ' ଅଛି ।

**ଧର୍ମସ୍ୟ ବ୍ରାହ୍ମଣୋ ମୂଳମଗ୍ରଂ ରାଜନ୍ୟ ଉଚ୍ୟତେ ।**
**ତସ୍ମାତ୍ସମାଗମେ ତେଷାମେନୋ ବିଖ୍ୟାପ୍ୟ ଶୁଦ୍ଧତି ।୮୪।**

ବ୍ରାହ୍ମଣ ଧର୍ମର ମୂଳ ଏବଂ ରାଜା ଆଗ ଅଟେ, ଏ ହେତୁ ସେମାନଙ୍କ ସମାଗମରେ ପାପ ନିବେଦନ କଲେ ଶୁଦ୍ଧି ହୁଏ ।

**ବ୍ରାହ୍ମଣ ସମ୍ଭବେ ନୈବ ଦେବାନାମପି ଦୈବତମ୍ ।**
**ପ୍ରମାଣଞ୍ଚୈବ ଲୋକସ୍ୟ ବ୍ରାହ୍ମତ୍ରୈବହି କାରଣମ୍ ।୮୫।**

ବ୍ରାହ୍ମଣ (ସାବିତ୍ରୀର) ଜନ୍ମରୁହିଁ ଦେବତାମାନଙ୍କର ଦେବତା ଏବଂ ଲୋକର (ଉପଦେଶ ଯୋଗେ ପ୍ରତ୍ୟକ୍ଷ) ପ୍ରମାଣ, ଏଠାରେ ବେଦ ହିଁ କାରଣ ଅଟେ ।

**ତେଷାଂ ଦେବବିଦୋ ବ୍ରୂୟୁସ୍ତ୍ରୟୋଽପ୍ୟେନଃ ସୁନିଷ୍କୃତିମ୍ ।**
**ସା ତେଷାଂ ପାଦନାୟ ସ୍ୟାତ୍ପବିତ୍ରଂ ବିଦୁଷାଂ ହି ବାକ୍ ।୮୬।**

ସେହି ପାପିମାନଙ୍କର ତିନିଜଣ ବେଦଜ୍ଞ ବ୍ରାହ୍ମଣ ଯେଉଁ ପ୍ରାୟଶ୍ଚିତ୍ତ ବିଧାନ କରିବେ ତାହାହିଁ ସେମାନଙ୍କୁ ଶୁଦ୍ଧ କରିବ, ବିଦ୍ୱାନମାନଙ୍କର ବାଣୀ ପବିତ୍ର ଅଟେ ।

**ଅତୋଽନ୍ୟତମମାସ୍ଥାୟ ବିଧିଂ ବିପ୍ରଃ ସମାହିତଃ ।**
**ବ୍ରହ୍ମହତ୍ୟାକୃତଂ ପାପଂ ବ୍ୟପୋହତ୍ୟାତ୍ମବତ୍ତୟା ।୮୭।**

ଏହି ପ୍ରାୟଶ୍ଚିତ୍ତବିଧିମାନଙ୍କରୁ କୌଣସି ଗୋଟିଏ ପ୍ରାୟଶ୍ଚିତ୍ତ ବିପ୍ର ସମାହିତଚିତ୍ତରେ କରି ଆତ୍ମବାନ୍ (ମନସ୍ୱୀ) ହେଲେ ବ୍ରହ୍ମହତ୍ୟା ପାପ ଦୂର କରେ ।

**ହତ୍ୱା ଗର୍ଭମବିଜ୍ଞାତମେତଦେବ ବ୍ରତଂ ଚରେତ୍ ।**
**ରାଜନ୍ୟବୈଶ୍ୟୌ ଚେଜାନାବାତ୍ରେୟୀମେବ ଚ ସ୍ତ୍ରୀୟମ୍ ।୮୮।**

ଗର୍ଭସ୍ଥ ଅଜ୍ଞାତଲିଙ୍ଗଶିଶୁ (ଭ୍ରୂଣ) ହତ୍ୟାକଲେ ଅଥବା ଯଜ୍ଞକାରୀ କ୍ଷତ୍ରିୟ ଓ ବୈଶ୍ୟ କିମ୍ବା ଋତୁମତୀ ବା ଗର୍ଭବତୀ ସ୍ତ୍ରୀ ହତ୍ୟାକଲେ ଏହି ବ୍ରହ୍ମହତ୍ୟାର ପ୍ରାୟଶ୍ଚିତ୍ତ କରିବ ।

**ଉକ୍ତ୍ୱା ଚୈବାନୃତଂ ସାକ୍ଷ୍ୟେ ପ୍ରତିରୁଦ୍ଧ୍ୟ ଗୁରୁଂ ତଥା ।**
**ଅପହୃତ୍ୟ ଚ ନିକ୍ଷେପଂ କୃତ୍ୱା ଚ ସ୍ତ୍ରୀସୁହୃଦବଧମ୍ ।୮୯।**

ମିଥ୍ୟାସାକ୍ଷ୍ୟ ଦେଲେ, ଗୁରୁଙ୍କୁ ମିଥ୍ୟାପବାଦ ଦେଲେ, ଗଚ୍ଛିତଦ୍ରବ୍ୟ ଅପହରଣ କଲେ ଏବଂ ସ୍ତ୍ରୀ ଓ ମିତ୍ର ବଧ କଲେ (ଏହି ପ୍ରାୟଶ୍ଚିତ୍ତ କରିବ) ।

**ଇୟଂ ବିଶୁଦ୍ଧିରୁଦିତା ପ୍ରମାପ୍ୟକାମତୋ ଦ୍ୱିଜମ୍ ।**
**କାମତୋ ବ୍ରହ୍ମଣବଧେ ନିଷ୍କୃତିର୍ନ ବିଧୀୟତେ ।୯୦।**

ଇଚ୍ଛା ନକରି ଦ୍ୱିଜବଧ କରିବା ସମ୍ବନ୍ଧେ ଏହି ବିଶୁଦ୍ଧି ସ୍ୱରୂପ ପ୍ରାୟଶ୍ଚିତ୍ତ ବିଧି ଉକ୍ତହେଲା; ମାତ୍ର ଇଚ୍ଛାପୂର୍ବକ ବ୍ରାହ୍ମଣ ବଧକଲେ ଉଦ୍ଧାର ପାଇବାର ଏ ବିଧି ନୁହେଁ ।

---

* ଏଥିପରେ ଗୋଟିଏ ପୁସ୍ତକରେ ମିଳେ :-

ଜନ୍ମପ୍ରଭୃତି ସଂସ୍କାରୈଃ ସଂସ୍କୃତା ମନ୍ତ୍ରବାଚୟା ।
ଗର୍ଭିଣୀ ତ୍ୱଥ ବା ସ୍ୟାତ୍ତାମାତ୍ରେୟୀଞ୍ଚ ବିଦୁର୍ବୁଧାଃ ।

ଜନ୍ମ ସମୟରୁ ସଂସ୍କାରମନ୍ତ୍ରଦ୍ୱାରା କୃତସଂସ୍କାର ଅଥବା ସ୍ତ୍ରୀ ଗର୍ଭବତୀ ଥିଲେ ବିଦ୍ୱାନ୍‌ମାନେ ତାଙ୍କୁ 'ଆତ୍ରେୟୀ' ଜାଣନ୍ତି ।

ବଶିଷ୍ଟ ମତରେ 'ରଜସ୍ୱଳା' ଋତୁସ୍ନାତାମାତ୍ରେୟୀମିତି' ।

**ସୁରାଂ ପୀତ୍ୱା ଦ୍ୱିଜୋ ମୋହାଦଗ୍ନି ବର୍ଣ୍ଣାଂ ସୁରାଂ ପିବେତ୍ ।**
**ତୟା ସ୍ୱକାୟେ ନିର୍ଦଗ୍‌ଧେ ମୃଚ୍ୟତେ କିଲ୍ବିଷାତ୍ତତଃ ।୯୧।**

ଦ୍ୱିଜ ଅଜ୍ଞାନରେ ମଦିରାପାନ କଲେ ଜ୍ୱଳନ୍ତ ମଦିରାପାନ କରିବ ଏବଂ ସେହି ଜ୍ୱଳନ୍ତ ସୁରାରେ ଦେହ ଏକାବେଳକେ ପୋଡ଼ିରଲେ ତେବେ ଯାଇ ପାପମୋଚନ ହୁଏ ।

**ଗୋମୂତ୍ରମଗ୍ନିବର୍ଣ୍ଣଂ ବା ପିବେଦୁଦକମେବ ବା ।**
**ପୟୋଘୃତଂ ବା ମରଣାଦଗୋଶକୃଦ୍ରସମେବ ବା ।୯୨।**

ଅଥବା ରୋମୂତ୍ର ବା ଜଳ ରୋକ୍ଷୀର ବା ଗୁଆଘିଅ କିମ୍ବା ଗୋବରପାଣି ନିଆଁ ପରି ଫୁଟାଇ ମୃତ୍ୟୁହେବା ପର୍ଯ୍ୟନ୍ତ ପାନ କରି (ତେବେଯାଇ ମଦ୍ୟପାନ ପାପ ଯିବ)

**କଣାନ୍ ବା ଭକ୍ଷୟେଦବ୍ଦଂ ପିଣ୍ୟାକଂ ବା ସକୃନ୍ନିଶି ।**
**ସୁରାପାନପସ୍ତୁତ୍ତ୍ୟର୍ଥଂ ବାଲବାସା ଜଟୀ ଧ୍ୱଜୀ ।୯୩।**

ଅଥବା ସୁରାପାନର ପାପ ଦୂର କରିବା ସକାଶେ ଏକବର୍ଷ ରାତ୍ରରେ ଥରେ ମାତ୍ର ଖୁଦ ବା ଖସାର କାଣ୍ଡିଖାଇ କମ୍ବଳ ପିନ୍ଧି ମୁଣ୍ଡରେ ଜଟାରଖି ଓ ସୁରାପାତ୍ରରେ ଚିହ୍ନ କାଟି ରହିବ ।

**ସୁରା ବୈମଲମନ୍ନାନାଂ ପାପ୍ମା ଚ ମଲମୁଚ୍ୟତେ ।**
**ତସ୍ମାଦ୍ ବ୍ରାହ୍ମଣରାଜନ୍ୟୌ ବୈଶ୍ୟଶ୍ଚ ନ ସୁରାଂ ପିବେତ୍ ।୯୪।**

ସୁରା ଅନ୍ନର ମଳ ଏବଂ ମଳକୁ ପାପ ବୋଲି, ଏ ହେତୁ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ କେବେ ସୁରାପାନ କରିବେ ନାହିଁ ।

**ଗୌଡ଼ୀ ପୈଷ୍ଟୀ ଚ ମାଧ୍ୱୀ ଚ ବିଜ୍ଞେୟା ତ୍ରିବିଧା ସୁରା ।**
**ଯଥୈବୈକା ତଥା ସର୍ବା ନ ପାତବ୍ୟା ଦ୍ୱିଜୋତ୍ତମୈଃ ।୯୫।**

ଗୁଡ଼, ପିଠା ଓ ମଧୁ (ପୁଷ୍ପରସ)ରୁ ପ୍ରସ୍ତୁତ ତିନିପ୍ରକାର ମଦ ଜାଣିବ, ଏଥିର ରୋଟିଏ ଯେପରି ଅନ୍ୟ ସବୁ ସେହିପରି, ଦ୍ୱିଜୋତ୍ତମାନେ କଦାପି ଏହା ପାନ କରିବେ ନାହିଁ ।

**ଯକ୍ଷରକ୍ଷଃପିଶାଚାନ୍ନଂ ମଦ୍ୟଂ ମାଂସଂ ସୁରାସବମ୍ ।**
**ତଦ୍‌ବ୍ରାହ୍ମଣେନ ନାତ୍ତବ୍ୟଂ ଦେବାନାମଶ୍ନତା ହବିଃ ।୯୬।**

ନାନାବିଧ ମଦ୍ୟ, ମାଂସ ତ୍ରିବିଧ ସୁରା ଓ ଆସବ (ସଦ୍ୟୋଜାତ ମଦ୍ୟ) ଏସବୁ ଯକ୍ଷ, ରାକ୍ଷସ ଓ ପିଶାଚମାନଙ୍କର ଖାଦ୍ୟ ତାହା ଦେବାନ୍ନଭୋଜୀବ୍ରାହ୍ମଣମାନେ ଖାଇବା ଉଚିତ୍ ନୁହେଁ ।

**ଅମେଧ୍ୟେ ବା ପତେନ୍ମତ୍ତୋ ବୈଦିକଂ ବାପ୍ୟୁଦାହରେତ୍ ।**
**ଅକାର୍ଯ୍ୟମନ୍ୟତ୍କୁର୍ଯ୍ୟାଦ୍‌ବା ବ୍ରାହ୍ମଣୋ ମଦମୋହିତଃ ।୯୭।**

ମଦ୍ୟପାନରେ ମତ୍ତ ହୋଇ ବ୍ରାହ୍ମଣ (ନର୍ଦ୍ଦମା ଆଦି) ଅଶୁଚିସ୍ଥାନରେ ପଡ଼ିପାରେ, ବେଦମନ୍ତ୍ର ବକାଚକା ଅଥବା ଅନ୍ୟ ନିଷିଦ୍ଧ କାର୍ଯ୍ୟକରିପାରେ (ଏହେତୁ ମଦ୍ୟପାନ କରିବ ନାହିଁ) ।

**ଯସ୍ୟ କାୟଗତଂ ବ୍ରହ୍ମ ମଦ୍ୟେନାପ୍ଲାବ୍ୟତେ ସକୃତ୍ ।**
**ତସ୍ୟ ବ୍ୟପୈତି ବ୍ରାହ୍ମଣ୍ୟଂ ଶୂଦ୍ରତ୍ୱଞ୍ଚ ସ ଗଚ୍ଛତି ।୯୮।**

ଯାହାର ଶରୀରଗତ ବ୍ରହ୍ମ ଥରେ ହେଲେ ମଦଦ୍ୱାରା ସିକ୍ତହୁଏ ତାହାର ବ୍ରାହ୍ମଣତା ତତ୍‌କ୍ଷଣାତ୍ ଚାଲିଯାଏ ଓ ସେ ଶୂଦ୍ର ହୋଇଯାଏ ।

**ଏଷା ବିଚିତ୍ରାଭିହିତା ସୁରାପାନସ୍ୟ ନିଷ୍କୃତଃ ।**
**ଅତଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ସୁବର୍ଣ୍ଣସ୍ତେୟନିଷ୍କୃତମ୍ ।୯୯।**

ସୁରାପାନର ଏହି ନାନାପ୍ରକାର ପ୍ରାୟଶ୍ଚିତ୍ତବିଧି ବୋଲାହେଲା, ଏବେ ସୁନା ଚୋରୀର ପ୍ରାୟଶ୍ଚିତ୍ତ କଥା ବୋଲୁଅଛୁଁ ।

**ସୁବର୍ଣ୍ଣସ୍ତେୟକୃଦବିପ୍ରୋ ରାଜାନମଭିଗମ୍ୟ ତୁ ।**
**ସ୍ୱକର୍ମଖ୍ୟାପୟନ୍ ବ୍ରୂୟାନ୍ ମାଂ ଭବାନନୁଶାସ୍ତ୍ୱୀତି ।୧୦୦।**

ସୁନାଚୋରୀ କଲେ ବ୍ରାହ୍ମଣ ରାଜସମୀପରେ ଉପସ୍ଥିତ ହୋଇ ନିଜର କୃତକର୍ମ ଜଣାଇ କହିବ ଯେ ମୋତେ ଆପଣ ଶାସନ କରନ୍ତୁ ।

**ଗୃହୀତ୍ୱା ମୂଷଳଂ ରାଜା ସକୃଦ୍ଧନ୍ୟାର୍ତ୍ତ ତଂ ସ୍ୱୟମ୍ ।**
**ବଧେନ ଶୁଦ୍ଧ୍ୟତିସ୍ତେନୋ ବ୍ରାହ୍ମଣସ୍ତପସୈବ ତୁ ।୧୦୧।**

ସ୍ୱୟଂ ରାଜା ମୂଷଳ ଉଠାଇ ତତ୍‌କ୍ଷଣାତ ତାହାକୁ ମାରିବ, ମାତ୍ରଦ୍ୱାରା ଚୋର ଶୁଦ୍ଧହୁଏ, ମାତ୍ର ବ୍ରାହ୍ମଣ ତପସ୍ୟାଦ୍ୱାରା ଶୁଦ୍ଧ ହୁଏ ।

**ତପସାପନୁନୁତ୍ସୁସ୍ତୁ ସୁବର୍ଣ୍ଣସ୍ତେୟଜଂ ମଳମ୍ ।**
**ଚୀରବାସା ଦ୍ୱିଜୋଽରଣ୍ୟେ ଚରେଦ୍‌ବ୍ରହ୍ମହଣୋ ବ୍ରତମ୍ ।୧୦୨।**

ସୁନାଚୋରୀର ପାପ ବ୍ରାହ୍ମଣ ତପସ୍ୟାଦ୍ୱାରା ଦୂର କରିବାକୁ ଇଚ୍ଛାକଲେ ଦ୍ୱିଜ କୌପୀନ ପିନ୍ଧି ବନରେ ବ୍ରହ୍ମହତ୍ୟାର ବ୍ରତ ଆଚରଣ କରିବ ।

**ଏତୈବର୍ତୈରପୋହତ ପାପସ୍ତେୟକୃତଂ ଦ୍ୱିଜଃ ।**
**ଗୁରୁସ୍ତ୍ରୀଗମନୀୟନ୍ତୁ ବ୍ରତୈରଭିରପାନୁଦେତ୍ ।୧୦୩।**

ଦ୍ୱିଜ ଏହି ବ୍ରତମାନଙ୍କଦ୍ୱାରା ଚୋରୀର ପାପ ଦୂର କରିବ; ମାତ୍ର ଗୁରୁସ୍ତ୍ରୀରମନ ପାପ ଆଗ ବୋଲାଯିବା ବ୍ରତମାନଙ୍କ ଦ୍ୱାରା ଦୂର ଦେବ ।

**ଗୁରୁକଳ୍ପ୍ୟଭିଭାଷୈନସ୍ତପ୍ତେ ସ୍ୱପ୍ୟାଦୟୋମୟେ ।**
**ସୁର୍ମୀଂ ଜ୍ୱଳନ୍ତୀଂ ସ୍ୱାଶ୍ଲିଷ୍ୟ ମୃତ୍ୟୁନା ସ ବିଶୁଦ୍ଧ୍ୟତି ।୧୦୪।**

ଗୁରୁଭାର୍ଯ୍ୟାରାମୀ ପାପକୁ ପ୍ରସିଦ୍ଧ କରି ଉତ୍ତପ୍ତ ଲୌହଶଯ୍ୟାରେ ଶୋଇ ଜ୍ୱଳନ୍ତ ଲୌହମୟୀ ସ୍ତ୍ରୀ ଆଲିଙ୍ଗନ କରି ମଲେ ବିଶୁଦ୍ଧ ହେବ ।

**ସ୍ୱୟଂ ବା ଶିଶ୍ନ ବୃଷଣାବୁତ୍କୃତ୍ୟାଧାୟା ଚାଞ୍ଜଲୌ ।**
**ନୈର୍ଋତୀଂ ଦିଶମାତିଷ୍ଠେଦାନିପାତାଦଜିହ୍ମଗଃ ।୧୦୫।**

ଅଥବା ସ୍ୱୟଂ ଆପଣାର ଲିଙ୍ଗ ଓ ମୁଷ୍କ କାଟି ଅଞ୍ଜଳିରେ ରଖି ଅବକ୍ରଭାବରେ ଶରୀରପାତି (ମୃତ୍ୟୁ) ପର୍ଯ୍ୟନ୍ତ ନୈରତ ଦିଗକୁ ଗମନ କରିବ ।

**ଖଟ୍ୱାଙ୍ଗୀଚୀରବାସା ବା ଶ୍ମଶ୍ରୁଳୋ ବିଜେନେ ବନେ ।**
**ପ୍ରାଜାପତ୍ୟଞ୍ଚରେତ୍ କୃଚ୍ଛ୍ରମଦ୍‌ବମେକଂ ସମାହିତଃ ।୧୦୬।**

ଅଥବା ଖଟ୍ୱାଙ୍ଗ ଚିହ୍ନଧରି କୌପୀନ ପିନ୍ଧି ଦାଢ଼ିରଖି ନିର୍ଜନ ବନରେ ସମାହିତ ହୋଇ ଏକବର୍ଷ ପ୍ରାଜାପାତ୍ୟ ବ୍ରତ ଆଚରଣ କରିବ ।

**ଚାନ୍ଦ୍ରାୟଣଂ ବା ତ୍ରିନ୍ମାସାନଭ୍ୟସେନ୍ନିୟତେନ୍ଦ୍ରିୟଃ ।**
**ହବିଷ୍ୟେଣ ଯବାଗବା ଗୁରୁତିଳ୍ପାପନୁତ୍ତୟେ ।୧୦୭।**

ଅଥବା ଜିତେନ୍ଦ୍ରିୟ ହୋଇ ତିନିମାସ ହବିଷ୍ୟ ବା ଜାଉ ଖାଇ ଗୁରୁଭାର୍ଯ୍ୟାଗମନ ସମ୍ବନ୍ଧୀୟ ପାପ ଦୂର କରଣାର୍ଥ ଚାନ୍ଦ୍ରାୟଣ ବ୍ରତ କରିବ ।

**ଏତୈର୍ବ୍ରତୈରପୋହେୟୁର୍ମହାପାତକିନୋ ମଳମ୍ ।**
**ଉପପାତକିନସ୍ତ୍ୱେବମେଭିର୍ନାନାବିଧୈର୍ବ୍ରତୈଃ ।୧୦୮।**

ମହାପାତକିମାନଙ୍କର ପାପ ଏହିସବୁ ବ୍ରତଦ୍ୱାରା ବିନଷ୍ଟ ହୁଏ; ମାତ୍ର ଉପପାତିକିମାନଙ୍କର ଏହି (ଅଗ୍ରେ କଥିତ) ନାନା ପ୍ରକାର ବ୍ରତଦ୍ୱାରା ଦୂର ହୁଏ ।

**ଉପପାତକ ସଂଯୁକ୍ତୋ ଗୋଘ୍ନୋ ମାସଂ ଯବାନ୍ ପିବେତ୍ ।**
**କୃତବାପୋ ବସେଦ୍ ଗୋଷ୍ଠେ ଚର୍ମଣା ତେନ ସଂବୃତଃ ।୧୦୯।**

ଉପପାତକ ସଂଯୁକ୍ତ ଗୋହତ୍ୟାକାରୀ ଏକମାସ ଜାଉ ପିଇ ମୁଣ୍ଡିତକେଶ ହୋଇ ଗୋଚର୍ମରେ ବେଷ୍ଟିତ ହୋଇ ଗୋଷ୍ଠରେ ବାସ କରିବ ।

**ଚତୁର୍ଥକାଳମଶ୍ନୀୟାଦାହାରଲବଣଂ ମିତମ୍ ।**
**ଗୋମୂତ୍ରେଣାଚରେତ୍ସ୍ନାନଂ ଦ୍ୱୌ ମାସୌ ନିୟତେନ୍ଦ୍ରିୟଃ ।୧୧୦।**

ଏବଂ ଜିତେନ୍ଦ୍ରିୟ ହୋଇ ଦୁଇମାସକାଳ ଗୋମୂତ୍ରରେ ସ୍ନାନ କରି କୃତ୍ରିମଲବଣ ବର୍ଜନପୂର୍ବକ ଅଳ୍ପ ଆହାର ତିନିବେଳାପରେ ଚତୁର୍ଥ ବେଳାରେ କରିବ ।

**ଦିବାନୁଗଚ୍ଛେଦ୍ ଗାସ୍ତା ତିଷ୍ଠଂନ୍ନୂର୍ଦ୍ଧ୍ୱଂ ରଜଃପିବେତ୍ ।**
**ଶୁଶ୍ରୂଷିତ୍ୱା ନମସ୍କୃତ୍ୟ ରାତ୍ରୌ ବୀରାସନଂ ବସେତ୍ ।୧୧୧।**

ଦିନମାନଙ୍କରେ ଗାଈଙ୍କ ପଛରେ ତାଙ୍କ ଖୁରାରୁ ଉଡ଼ିବା ଧୂଳି ଛିଡ଼ାହୋଇ ପାନ କରି ଗୋପରିଚର୍ଯ୍ୟା ଓ ଗୋରୁଙ୍କୁ ନମସ୍କାର କରି ରାତ୍ର କାଳରେ ବୀରାସନରେ ପହରା ଦେବ ।

**ତିଷ୍ଠନ୍ତୀଷ୍ୱନୁତିଷ୍ଠେତ୍ତୁ ବ୍ରଜନ୍ତୀଷ୍ୱପ୍ୟନୁବ୍ରଜେତ୍ ।**
**ଆସୀନାସୁ ତଥାସୀନୋ ନିୟତୋ ବୀତମତ୍ସରଃ ।୧୧୨।**

ନିୟତ ମାତ୍ସର୍ଯ୍ୟହୀନ ହୋଇ ଗୋରୁ ଛିଡ଼ା ହୋଇଥିଲେ ପଛରେ ଠିଆ ହେବ, ଚାଲୁଥିଲେ ପଛେ ପଛେ ଚାଲିବ ଏବଂ ଭୂମିଷ୍ଠ ଥିଲେ ସେହିପରି ବସିବ ।

**ଆତୁରାମଭିଶସ୍ତାଂ ବା ଚୌରବ୍ୟାଘ୍ରାଦିଭିର୍ଭୟୈଃ ।**
**ପତିତାଂ ପଙ୍କଲଗ୍ନାଂ ବା ସର୍ବୋପାୟୈର୍ବିମୋଚୟେତ୍ ।୧୧୩।**

(ଗୋରୁ) ବ୍ୟାଧିଯୁକ୍ତ ହେଲେ ବା ଚୋର ବାଘ ଇତ୍ୟାଦିର ଭୟରେ ଆକ୍ରାନ୍ତ ହେଲେ; ଗଡ଼ିଗଲେ ବା ପଙ୍କଲଗ୍ନ ହେଲେ ସକଳ ପ୍ରକାର ଉପାୟଦ୍ୱାରା ମୁକ୍ତ କରାଇବ ।

**ଉଷ୍ଣେ ବର୍ଷତି ଶୀତେ ବା ମାରୁତେ ବାତି ବା ଭୃଶମ୍ ।**
**ନ କୁର୍ବୀତାତ୍ମନସ୍ତ୍ରାଣଂ ଗୋରକୃତ୍ୱାତୁ ଶକ୍ତିତଃ ।୧୧୪।**

ଗ୍ରୀଷ୍ମ, ବର୍ଷା, ଶୀତ ବା ପ୍ରବଳବାୟୁ ବହୁଥିବା କାଳରେ ଯଥାଶକ୍ତି ଗୋରୁଙ୍କୁ ରକ୍ଷା ନ କରି ଆତ୍ମରକ୍ଷା କରିବ ନାହିଁ ।

**ଆତ୍ମନୋ ଯଦି ବାନ୍ୟେଷାଂ ଗୃହେ କ୍ଷେତ୍ରେଽଥବା ଖଳେ ।**
**ଭକ୍ଷୟନ୍ତୀଂ ନ କଥୟେତ୍ପିବନ୍ତଞ୍ଚୈବ ବତ୍ସକମ୍ ।୧୧୫।**

ଯଦ୍ୟପି ଗୋରୁ ଆପଣାର ବା ଅନ୍ୟର ଘରେ, କ୍ଷେତ୍ରରେ ଅଥବା ଖଳାରେ ଖାଇଥାଏ କିମ୍ବା ବାଛୁରୀ ପିଆଇ ଦିଏ ତେବେ କିଛି କହିବ ନାହିଁ ।

**ଅନେନ ବିଧିନା ଯସ୍ତୁ ଗୋଘ୍ନୋ ଗାମନୁଗଚ୍ଛତି ।**
**ସ ଗୋହତ୍ୟାକୃତଂ ପାପଂ ତ୍ରିଭିର୍ମାସୈର୍ବ୍ୟପୋହତି ।୧୧୬।**

ଏହି ବିଧିରେ ଯେ ଗୋହତ୍ୟାକାରୀ ଗୋରୁର ଅନୁଗମନ କରେ ସେ ଗୋହତ୍ୟାକୃତ ପାପ ତିନିମାସରେ ଦୂର କରିପାରେ ।

**ବୃଷଭୈକାଦଶା ଗାଶ୍ଚ ଦଦ୍ୟାତ୍ସୁଚରିତବ୍ରତଃ ।**
**ଅବିଦ୍ୟମାନେ ସର୍ବସ୍ୱଂ ବେଦ୍ ଭେ୍ୟା ନିବେଦୟେତ୍ ।୧୧୭।**

ଏହିପରି ପ୍ରାୟଶ୍ଚିତ୍ତବ୍ରତ ସମ୍ୟକ୍‌ରୂପେ ଆଚରିତ ହେଲାରୁ ଗୋଟିଏ ବୃଷଭ ଓ ଦଶଗୋଟି ଗାଈ ଏବଂ ତହିଁକି ଶକ୍ତି ନଥିଲେ ଆପଣା ସର୍ବସ୍ୱ ଧନ ବେଦଜ୍ଞ ବ୍ରାହ୍ମଣମାନଙ୍କୁ ଦାନ କରିବ ।

**ଏତଦେବ ବ୍ରତଂ କୁର୍ଯ୍ୟୁରୁପପାତକିନୋ ଦ୍ୱିଜାଃ ।**
**ଅବକୀର୍ଣ୍ଣିବର୍ଜ୍ଜଂ ଶୁଦ୍ଧ୍ୟର୍ଥଞ୍ଚାନ୍ଦ୍ରାୟଣମଥାପି ବା ।୧୧୮।**

ଅବକୀର୍ଣ୍ଣି ବ୍ୟତୀତ ଅନ୍ୟ ଉପପାତକୀ ଦ୍ୱିଜସନେ ସୁଦ୍ଧା ଏହି ବ୍ରତ ଅଥବା ଚାନ୍ଦ୍ରାୟଣ କରିବେ ।

**ଅବକୀର୍ଣ୍ଣି ତୁ କାଣେନ ଗର୍ଦ୍ଦଭେନ ଚତୁଷ୍ପଥେ ।**
**ପାକଯଜ୍ଞୟବିଧାନେନ ଯଜେତ ନିର୍ଋତଂ ନିଶି ।୧୧୯।**

ଅବକୀର୍ଣ୍ଣ ପାପୀ ରାତ୍ରି କାଳରେ କଣା ଗଧରେ ଚଢ଼ି ଚତୁଷ୍ପଥରେ ପାକଯଜ୍ଞ ବିଧାନାନୁଯାୟୀ ନିର୍ଋତି ଦେବତା ଉଦ୍ଦେଶ୍ୟରେ ଯଜ୍ଞ କରିବେ ।

**ହୁତ୍ୱାଗ୍ନୌ ବିଧିବଦ୍ଧୋମାନନ୍ତତଶ୍ଚ ସମେତ୍ୟୃଚା ।**
**ବାତେନ୍ଦ୍ର ଗୁରୁବହ୍ନୀନାଂ ଜୁହୁୟାତ୍ସର୍ପିଷାହୁତୀଃ ।୧୨୦।**

ବିଧିବତ୍ ଅଗ୍ନିରେ ହୋମକରି ତଦନ୍ତର ''ସଂ ମା ସିଞ୍ଚନ୍ତୁ ମରୁତଃ ସଂପୂଷା ସଂବୃହସ୍ପତି । ସଂ ମାୟାମଗ୍ନିଃ ସିଞ୍ଚତୁ ପ୍ରଜୟା ଚ ଧନେନ ଚ ଦୀର୍ଘମାୟୁଃ କୃଣୋତୁ ମେ'' ଅଥର୍ବ ୭-୩୩-୧ ମନ୍ତ୍ର ସହିତ ମରୁତ, ଇନ୍ଦ୍ର, ବୃହସ୍ପତି ଓ ଅଗ୍ନିକୁ ଘୃତରେ ଆହୁତି ଦେବ ।

**କାମତୋ ରେତସଃ ସେକଂ ବ୍ରତସ୍ଥସ୍ୟ ଦ୍ୱିଜନ୍ମନଃ ।**
**ଅତିକ୍ରମଂ ବ୍ରତସ୍ୟାହୁ ଧର୍ମଜ୍ଞା ବ୍ରହ୍ମବାଦିନଃ ।୧୨୧।**

ବ୍ରହ୍ମଚର୍ଯ୍ୟବ୍ରତଧାରୀଦ୍ୱିଜ ଇଚ୍ଛାପୂର୍ବକ ବୀର୍ଯ୍ୟସ୍ଖଳନାକଲେ ତାହାକୁ ବେଦବିତ୍ ଧର୍ମଜ୍ଞ ଲୋକମାନେ ବ୍ରତର-ଅତିକ୍ରମଣ (ଅବକୀର୍ଣ୍ଣିତ୍ୱ)ବୋଲନ୍ତି ।

**ମାରୁତଂ ପୁରୁ ହୁତଞ୍ଚ ଗୁରୁଂ ପାବକମେବଚ ।**
**ଚତୁରୋ ବ୍ରତିନୋଽଭ୍ୟେତି ବ୍ରାହ୍ମ୍ୟନ୍ତେଜୋଽବକୀର୍ଣ୍ଣିନଃ ।୧୨୨।**

ଅବକୀର୍ଣ୍ଣିର ବ୍ରହ୍ମସମ୍ବନ୍ଧୀୟ ତେଜ ମରୁତ, ଇନ୍ଦ୍ର, ବୃହସ୍ପତି ଓ ଅଗ୍ନିକୁ ଚାଲି ଯାଏ (ଏ ହେତୁ ଏ ଚାରିକୁ ଆହୁତି ଦେଇ ପୁନଃ ପ୍ରାପ୍ତ ହେବା ଉଚିତ ଅର୍ଥାତ୍ ହୋମଦ୍ୱାରା ତାହା ପୁଣି ମିଳିପାରେ) ।

**ଏତସ୍ମିନ୍ନେନସି ପ୍ରାପ୍ତେ ବସିତ୍ୱା ଗର୍ଦ୍ଦଭାଜିନମ୍ ।**
**ସପ୍ତାଗାରାଂଶ୍ଚରେଦ୍ଭୈକ୍ଷ୍ୟଂ ସ୍ୱକର୍ମ ପରିକୀର୍ତ୍ତୟନ୍ ।୧୨୩।**

ଏହି ପାପ ପ୍ରାପ୍ତ ହେଲେ ଗର୍ଦ୍ଦଭଚର୍ମ ପିନ୍ଧି ଆପଣାର ପାପ ପ୍ରକାଶ କରି ସାତ ଘରୁ ଭିକ୍ଷା କରିବ ।

**ତେଭ୍ୟୋ ଲବ୍‌ଧେନ ଭୈକ୍ଷ୍ୟେଣ ବର୍ତ୍ତୟନ୍ନେକକାଳିକମ୍ ।**
**ଉପସ୍ପୃଶଂସ୍ତ୍ରିଷବଣଂ ତ୍ବବ୍ଦେନ ସ ବିଶୁଦ୍ଧ୍ୟତି ।୧୨୪।**

ସେହି ସାତ ଘରୁ ପ୍ରାପ୍ତ ହୋଇଥିବା ଭିକ୍ଷାଦ୍ୱାରା ଦିନମାନରେ ଥରେ ଖାଇ ତିନିଥର (ପ୍ରାତଃ, ମଧ୍ୟାହ୍ନ ଓ ସାୟଂ କାଳରେ) ସ୍ନାନ କରି ଏକ ବର୍ଷରେ ବିଶୁଦ୍ଧ ହୁଏ ।

**ଜାତିଭ୍ରଂଶକରଂ କର୍ମ କୃତ୍ୱାନ୍ୟତମମିଚ୍ଛୟା ।**
**ଚରେତ୍ସାନ୍ତପନଂ କୃଚ୍ଛ୍ରଂପ୍ରାଜାପତ୍ୟମନିଚ୍ଛୟା ।୧୨୫।**

ଇଚ୍ଛାପୂର୍ବକ ଜାତିଭ୍ରଂଶକର କର୍ମ କଲେ ସାନ୍ତପନ ବ୍ରତ ଓ ଅନିଚ୍ଛାରେ କରିଥିଲେ ପ୍ରାଜାପତ୍ୟ ବ୍ରତ କରିବ ।

**ସଙ୍କରାପାତ୍ରକୃତ୍ୟାସୁ ମାସଂ ଶୋଧନମୈନ୍ଦବମ୍ ।**
**ମଳିନୀକରଣୀୟେଷୁ ତପ୍ତଃ ସ୍ୟାଦ୍‌ଯାବକୈସ୍ତ୍ର୍ୟହମ୍ ।୧୨୬।**

ପୂର୍ବୋକ୍ତ ସଙ୍କରୀକରଣ ଓ ଅପାତ୍ରୀକରଣ ପାପ କଲେ ଶୁଦ୍ଧି ସକାଶେ ଏକ ମାସ ଚାନ୍ଦ୍ରାୟଣ ବ୍ରତ କରିବ ଏବଂ ମଳିନୀକରଣ ପାପ ସକାଶେ ତିନିଦିନ ଗରମ ଜାଉ ଖାଇବ ।

**ତୁରୀୟୋ ବ୍ରହ୍ମହତ୍ୟାୟାଃ କ୍ଷତ୍ରିୟସ୍ୟ ବଧେ ସ୍ମୃତଃ ।**
**ବୈଶ୍ୟେଽଷ୍ଟମାଂଶୋ ବୃତ୍ତସ୍ଥେ ଶୂଦ୍ରେ ଜ୍ଞେୟସ୍ତୁ ଷୋଡ଼ଶଃ ।୧୨୭।**

ସଦାଚାରଯୁକ୍ତ କ୍ଷତ୍ରିୟର ବଧରେ ବ୍ରହ୍ମହତ୍ୟାର ଚତୁର୍ଥଭାଗ, ସଦାଚାରସମ୍ପନ୍ନ ବୈଶ୍ୟବଧରେ ଅଷ୍ଟମ ଭାଗ ଓ ସଦାଚାର ଯୁକ୍ତ ଶୂଦ୍ରର ବଧରେ ଷୋଳ ଭାଗରୁ ଭାଗେ ପ୍ରାୟଶ୍ଚିତ ହେବ ।

**ଅକାମତସ୍ତୁ ରାଜନ୍ୟଂ ବିନିପାତ୍ୟ ଦ୍ୱିଜୋତ୍ତମଃ ।**
**ବୃଷଭୈକସହସ୍ରା ଗା ଦଦ୍ୟାତ୍ସୁଚରିତବ୍ରତଃ ।୧୨୮।**

ବ୍ରାହ୍ମଣ ଅନିଚ୍ଛାକ୍ରମେ କ୍ଷତ୍ରିୟବଧ କରି ଉତ୍ତମ ବ୍ରତାଚରଣପୂର୍ବକ ଗୋଟିଏ ବୃଷଭ ଓ ଏକ ସହସ୍ର ଗାଈ ଦାନ କରିବ ।

**ତ୍ର୍ୟବ୍ଦଂ ଚରେଦ୍‌ବା ନିୟତୋ ଜଟୀବ୍ରହ୍ମଣୋ ବ୍ରତମ୍ ।**
**ବସନ୍‌ଦୂରତରେ ଗ୍ରାମାଦ୍ ବୃକ୍ଷମୂଳନିକେତନଃ ।୧୨୯।**

ଅଥବା ସଂଯତ ହୋଇ ଜଟାଧାରଣପୂର୍ବକ ତିନିବର୍ଷ ଗ୍ରାମର ବହୁଦୂରରେ ବୃକ୍ଷମୂଳରେ ବାସ କରି ବ୍ରହ୍ମହତ୍ୟାର ପ୍ରାୟଶ୍ଚିତ କରିବ ।

**ଏତଦେବ ଚରେଦବ୍ଦଂ ପ୍ରାୟଶ୍ଚିତ୍ତଂ ଦ୍ୱିଜୋତ୍ତମଃ ।**
**ପ୍ରମାପ୍ୟ ବୈଶ୍ୟଂ ବୃତ୍ତସ୍ଥଂଦଦ୍ୟାଚ୍ଚୈକଶତଂ ଗବାମ୍ ।୧୩୦।**

ସ୍ୱବୃତ୍ତିସ୍ଥିତ ବୈଶ୍ୟକୁ ବ୍ରାହ୍ମଣ ଅନିଚ୍ଛାକ୍ରମେ ହନନ କଲେ ଏକବର୍ଷ ପ୍ରାୟଶ୍ଚିତ କରି ଏକଶ ଗୋରୁ ଦାନ କରିବ ।

**ଏତଦେବ ବ୍ରତଂ କୃତ୍ସ୍ନଂ ଷଣ୍ମାସାନ୍ ଶୂଦ୍ରହାଚରେତ୍ ।**
**ବୃଷଭୈକାଦଶାବାପି ଦଦ୍ୟାଦ୍‌ବିପ୍ରାୟ ଗାଃ ସିତାଃ ।୧୩୧।**

ଅନିଚ୍ଛାରେ ସ୍ୱବୃତ୍ତିସମ୍ପନ୍ନ ଶୂଦ୍ରକୁ ହତ୍ୟା କଲେ ଏହି ସମୁଦାୟ ବ୍ରତ ଛଅ ମାସ ଆଚରଣ ପୂର୍ବକ ଏକ ବୃଷଭ ଓ ଦଶ ଶୁକ୍ଳବର୍ଣ୍ଣ ଗାଭୀ ବ୍ରାହ୍ମଣକୁ ଦାନ କରିବ ।

**ମାର୍ଜାରନକୁଲୌ ହତ୍ୱା ଚାଷଂ ମଣ୍ଡୁକ ମେବଂ ଚ ।**
**ଶ୍ୱଗୋଧୋଲୁକକାକାଂଶ୍ଚ ଶୂଦ୍ରହତ୍ୟାବ୍ରତ୍ୟ ଚରେତ୍ ।୧୩୨।**

ବିରାଡ଼ି, ନେଉଳ, ଚାଷ (ସ୍ୱର୍ଣ୍ଣଚାତକ ବା ନୀଳକଣ୍ଠ) ପକ୍ଷୀ, ଭେକ, କୁକୁର, ଗୋଧି, ପେଚା ଓ କାଉମାରି ପକାଇଲେ ଶୂଦ୍ରହତ୍ୟାର ପ୍ରାୟଶ୍ଚିତ କରିବ ।

**ପୟଃ ପିବେତ୍ତ୍ରି ରାତ୍ରଂ ବା ଯୋଜନଂ ବାଧ୍ୱନୋ ବ୍ରଜେତ୍ ।**
**ଉପସ୍ପୃଶେତ୍ ସ୍ରବନ୍ତ୍ୟାଂ ବା ସୂକ୍ତଂ ବାବ୍‌ଦୈବତଂ ଜପେତ୍ ।୧୩୩।**

ଅଥବା ତିନି ରାତି ଦୁଧ ପିଇ ରହିବା ଅଥବା ଯୋଜନେ ବାଟ ଚାଲିବ ଅବା ନଦୀସ୍ନାନ କରିବ କିମ୍ବା ଜଳଦେବତା (ଆପୋହିଷ୍ଠା ଇତ୍ୟାଦି) ସୁକ୍ତ ଜପ କରିବ ।

**ଅଭ୍ରିଂକାର୍ଷ୍ଣାୟସୀଂ ଦଦ୍ୟାସର୍ପଂ ହତ୍ୱା ଦ୍ୱିଜୋତମଃ ।**
**ପଲାଲଭାରକଂ ଷଣ୍ଢେ ସୈସକଞ୍ଚୈ କ ମାଷକମ୍ ।୧୩୪।**

ବ୍ରାହ୍ମଣ ସର୍ପବଧ କଲେ ଏକ ଲୁହାର କରଚୁଲି ଦାନ କରିବ ଏବଂ ନପୁଂସକ ବଧ କଲେ ଭାରେ ପଲାଲ (ନଡ଼ା ବା ପାଲ) ଓ ମଷାଏ ସୀସା ଦାନ କରିବ ।

**ଘୃତକୁମ୍ଭଂ ବରାହେ ତୁ ତିଳେଦ୍ରୋଣନ୍ତୁ ତିତ୍ତିରୌ ।**
**ଶୁକେ ଦ୍ୱିହାୟନଂ ବତ୍ସଂ କ୍ରୌଞ୍ଚଂ ହତ୍ୱା ତ୍ରିହାୟଣମ୍ ।୧୩୫।**

ବରାହ ହତ୍ୟା କଲେ ମାଠିଆଏ ଘିଅ, ତିତ୍ତିରି ପକ୍ଷୀ ବଧ କଲେ ଏକ ଦ୍ରୋଣ ତିଲ, ଶୁକପକ୍ଷୀ ମାଇଲେ ଦୁଇବର୍ଷର ବାଛୁରୀ ଓ କ୍ରୌଞ୍ଚପକ୍ଷୀ ବଧରେ ତିନିବର୍ଷର ବାଛୁରୀ ଦାନ କରିବ ।

**ହତ୍ୱାଂ ହଂସଂ ବଲାକାଞ୍ଚ ବକଂ ବହଣମେବ ଚ ।**
**ବାନରଂ ଶ୍ୟେନଭାସୋ ଚ ସ୍ପର୍ଶ ୟେଦ୍ ବ୍ରାହ୍ମଣାୟ ଗାମ୍ ।୧୩୬।**

ହଂସ, ବଳାକା, ବକ, ମୟୁର, ବାନର, ଶ୍ୟେନ ଓ ଭାସ ବଧକଲେ ବ୍ରାହ୍ମଣକୁ ଗୋଟିଏ ଗାଈ ଦାନ କରିବ ।

**ବାସୋ ଦଦ୍ୟାଦ୍ଧୟଂ ହତ୍ୱା ପଞ୍ଚନୀକାନ୍ ବୃଷାନ୍ ଗଜମ୍ ।**
**ଅଜମେଷାବନଡ୍ୱାହଂ ଖରଂ ହତ୍ୱେ କହାୟନମ୍ ।୧୩୭।**

ଘୋଡ଼ା ମାରି ବସ୍ତ୍ର ଦାନ କରିବ, ହାତୀ ମାରି ପାଞ୍ଚୋଟି ନୀଳ ବୃକ୍ଷ, ଛେଳି ଓ ମେଣ୍ଢା ମାରି ଗୋଟିଏ ବୃକ୍ଷ ଓ ରଧ ମାରି ପକାଇଲେ ବର୍ଷକର ବାଛୁରୀ ଦାନ କରିବ ।

**ତ୍ରବ୍ୟାଦାଂସ୍ତୁ ମୃଗାନ୍‌ହତ୍ୱା ଧେନୁଂ ଦଦ୍ୟାତ୍ପୟସ୍ୱିନୀମ୍ ।**
**ଅକ୍ରବ୍ୟାଦାନ୍ ବତ୍ସତରୀମୁଷ୍ଟ୍ରଂହତ୍ୱା ତୁ କୁଷ୍ଣଲମ୍ ।୧୩୮।**

ମାଂସାସୀ ବ୍ୟାଘ୍ରାଦି ପଶୁବଧ କଲେ ଦୁଗ୍‌ଧବତୀ ଗାଭୀ ଦାନ କରିବ, ଅମାଂସାଶୀ ହରିଣ ଇତ୍ୟାଦି ବଧକଲେ ବାଛୁରୀ ଓ ଉଷ୍ଟ୍ର ହନନ କଲେ ୧ କୃଷ୍ଣଳ ସୁନା ଦାନ କରିବ ।

**ଜୀନକାର୍ମୁ କବସ୍ତାବୀନ୍ ପୃଥକ୍ ଦଦ୍ୟାଦ ବିଶୁଦ୍ଧୟେ ।**
**ଚତୁର୍ଣ୍ଣାମପି ବର୍ଣ୍ଣାନାଂ ନାରୀହତ୍ୱାନବସ୍ଥିତା ।୧୩୯।** ✻

---

✻ ଏଥିପରେ ୫ ଖଣ୍ଡି ପୁସ୍ତକରେ ମିଳେ ।

ବର୍ଣ୍ଣୋନାମାନୁପୂର୍ବେଣ ତ୍ରୟାଣାମବିଶେଷତଃ ।
ଅମତ୍ୟାଚପ୍ରମାପ୍ୟସ୍ତ୍ରୀଂ ଶୂଦ୍ରହତ୍ୟାବ୍ରତଂ ଚରେତ୍ ।।

ଚାରିବର୍ଣ୍ଣର ଯଥାକ୍ରମେ ବିଶେଷତଃ ତିନିବର୍ଷର ସ୍ତ୍ରୀ ଲୋକକୁ ଅନିଚ୍ଛାକ୍ରମେ ମାରି ପକାଇଲେ ଶୂଦ୍ରହତ୍ୟା ପ୍ରାୟଶ୍ଚିତ୍ତ କରିବ ।

ଚାରି ବର୍ଣ୍ଣର ବ୍ୟଭିଚାରିଣୀ ସ୍ତ୍ରୀ ବଧ କଲେ ପୃଥକ ଭାବେ ବ୍ରାହ୍ମଣ ଚର୍ମପୁଟ, କ୍ଷତ୍ରିୟ ଧନୁ, ବୈଶ୍ୟ ଛାଗ ଓ ଶୂଦ୍ର ମେଣ୍ଢା ଦାନ କରିବ ।

**ଦାନେନ ବଧନିର୍ଣ୍ଣେକଂ ସର୍ପାଦୀନାମଶକ୍ନୁବନ୍ ।**
**ଏକୈକଶଶ୍ଚରେତ୍କୃଚ୍ଛ୍ରଂ ଦ୍ୱିଜଃପାପା ପନୁତ୍ତୟେ ।୧୪୦।**

ସର୍ପାଦି ବଧର ପ୍ରାୟଶ୍ଚିତ୍ତାର୍ଥ ଦାନ କରିବାକୁ ଅସମର୍ଥ ଦ୍ୱିଜ ପାପବିମୋଚନାର୍ଥ ଏକ ଏକ କୃଚ୍ଛ୍ରବ୍ରତ କରିବ ।

**ଅସ୍ଥିମତାନ୍ତୁ ସତ୍ତ୍ୱାନାଂ ସହସ୍ରସ୍ୟ ପ୍ରମାପଣେ ।**
**ପୂର୍ଣ୍ଣେ ଚାନସ୍ୟନସ୍ଥାନ୍ତୁ ଶୂଦ୍ରହତ୍ୟାବ୍ରତଂ ଚରେତ୍ ।୧୪୧।**

ଅସ୍ଥିମାନ୍ (ଏଣ୍ଡୁଅ ପ୍ରଭୃତି) ସହସ୍ର ଜୀବ ମାରି ପକାଇଲେ ଏବଂ ଅନସ୍ଥିମାନ୍ (ମତ୍କୁଣ ପ୍ରଭୃତି) ଶଗଡ଼େ ଜୀବ ମାଇଲେ ଶୂଦ୍ରହତ୍ୟା ବ୍ରତାଚରଣ କରିବ ।

**କିଞ୍ଚିଦେବ ତୁ ବିପ୍ରାୟା ଦଦ୍ୟାଦସ୍ଥିମତାଂ ବଧେ ।**
**ଅନସ୍ଥ୍ୟାଞ୍ଚେ ବ ହିଂସାୟାଂ ପ୍ରାଣାୟାମେନ ଶୁଦ୍ଧ୍ୟତି ।୧୪୨।**

ଅସ୍ଥିମାନ୍ କ୍ଷୁଦ୍ର ଜନ୍ତୁମାନ ବଧକଲେ ବ୍ରାହ୍ମଣକୁ କିଛି ଦେବ ଏବଂ ଅସ୍ଥିରହିତ କ୍ଷୁଦ୍ରଜୀବ ବଧକଲେ ପ୍ରାଣାୟମ ଦ୍ୱାରା ଶୁଦ୍ଧହେବ ।

**ଫଳଦାନାନ୍ତୁ ବୃକ୍ଷାଣାଂ ଛେଦନେ ଜପ୍ୟମୃକ୍ ଶତମ୍ ।**
**ଗୁଳ୍ମବଲ୍ଲୀତାନାଞ୍ଚ ପୁଷ୍ପିତାନାଞ୍ଚ ବୀରୁଧାମ୍ ।୧୪୩।**

ଫଳଦ ବୃକ୍ଷ, ଗୁଳ୍ମ, ବଲ୍ଲୀ ଓ ଲତାମାନ ଏବଂ ପୁଷ୍ପିତ କୁଷ୍ମାଣ୍ଡାଦି ବୃକ୍ଷଲତା ଛେଦନ କଲେ ଏକଶତ (ସାବିତ୍ର୍ୟାଦି) ମନ୍ତ୍ର ଜପ କରିବ ।

**ଅନାଦ୍ୟଜାନାଂ ସତ୍ତ୍ୱାନାଂ ରସଜାନାଞ୍ଚ ସର୍ବଶଃ ।**
**ଫଳପୁଷ୍ପୋଦ୍ଭବାନାଞ୍ଚ ଘୃତପ୍ରାଶୋ ବିଶୋଧନମ୍ ।୧୪୪।**

ଯେ ସବୁ ପ୍ରାଣୀ ଅନ୍ନାଦିରେ ଓ ଗୁଡ଼ାଦି ରସରେ ଏବଂ ଫଳପୁଷ୍ପରେ ଜାତ ହୁଏ ସେ ସବୁ ବଧ କଲେ ଘୃତ ଭୋଜନରେ ପାପଶୋଧନ ହୁଏ ।

**କୃଷ୍ଟଜ ନାମୋଷଧୀନାଂ ଜାତାନାଞ୍ଚ ସ୍ୱୟଂ ବନେ ।**
**ବୃଥାଲମ୍ଭେଽନୁଗଚ୍ଛେଦ୍‌ଗାଂ ଦିନମେକଂ ପୟୋବ୍ରତଃ ।୧୪୫।**

କ୍ଷେତ୍ରରେ ଉତ୍ପନ୍ନ ହେବା ଓ ବନରେ ସ୍ୱୟଂ ଜାତ ହେବା ଧାନ୍ୟାଦି ବୃଥା ଛେଦନ କଲେ ଗୋଟିଏ ଦିନ ଦୁଧ ପିଇ ଗାଈର ଅନୁଗମନ କରିବା ବ୍ରତ କରିବ ।

**ଏତୈର୍ବ୍ରତୈରପୋହ୍ୟ ସ୍ୟାଦେନୋ ହିଂସାସମୁଦ୍ଭବମ୍ ।**
**ଜ୍ଞାନାଜ୍ଞାନକୃତଂ କୃତ୍ସ୍ନଂ ଶୃଣୁତାନାଦ୍ୟଭକ୍ଷଣେ ।୧୪୬।**

ଜ୍ଞାନ ବା ଅଜ୍ଞାନ କୃତ ହିଂସାଜନିତ ପାପ ଏହି ପ୍ରାୟଶ୍ଚିତମାନଙ୍କ ଦ୍ୱାରା ଦୂର କରିବ, ଏବେ ଅଭକ୍ଷ୍ୟଭକ୍ଷଣର ପ୍ରାୟଶ୍ଚିତ୍ତ ଶୁଣ ।

**ଅଜ୍ଞାନାଦ୍ ବାରୁଣୀଂ ପୀତ୍ୱା ସଂସ୍କାରେଣୈ ବ ଶୁଦ୍ଧ୍ୟତି ।**
**ମତିପୂର୍ବମନିର୍ଦ୍ଦେଶ୍ୟଂ ପ୍ରାଣାନ୍ତିକମିତି ସ୍ଥିତିଃ ।୧୪୭।**

ଅଜ୍ଞାତରେ ବାରୁଣୀ ମଦିରା ପାନକଲେ ଉପନୟନସଂସ୍କାର ଦ୍ୱାରା ଶୁଦ୍ଧି ହୁଏ; ମାତ୍ରଜାଣିକରି ପାନକଲେ ଯେପରି ପାର ମରିଗଲେ ଶୁଦ୍ଧି ହୁଏ, ଏହାହିଁ ଶାସ୍ତ୍ର ବ୍ୟବସ୍ଥା ।

**ଅପଃ ସୁରାଭାଜନସ୍ଥା ମଦ୍ୟଭାଣ୍ଡସ୍ଥିତାସ୍ତଥା ।**
**ପଞ୍ଚରାତ୍ରଂ ପିବେଦ୍ ପୀତ୍ୱା ଶଙ୍ଖପୁଷ୍ପୀଶ୍ରିତଂ ପୟଃ ।୧୪୮।**

ମଦବୋତଲରେ ଥିବା ତଥା ମଦ୍ୟଭାଣ୍ଡରେ ଥିବା ଜଳ ପାନକଲେ ପାଞ୍ଚରାତି ଶଙ୍ଖପୁଷ୍ପୀ ଓଷଧି ଆଉଟି ପାନ କରିବ ।

**ସ୍ପୃଷ୍ଟ୍ୱା ଦତ୍ତ୍ୱା ଚ ମଦିରାଂ ବିଧିବତ୍ ପ୍ରତିଗୃହ୍ୟ ଚ ।**
**ଶୂଦ୍ରୋଚ୍ଛିଷ୍ଟାଶ୍ଚ ପୀତ୍ୱାପଃ କୁଶବାରି ପିବେତ୍ତ୍ର୍ୟହମ୍ ।୧୪୯।**

ମଦ ଛୁଇଁଲେ, ଦେଲେ ବା ବିଧିପୂର୍ବକ ନେଲେ ଶୂଦ୍ରୋଚ୍ଛିଷ୍ଟ ଜଳ ପାନକରି ତିନି ଦିନ କୁଶସିଦ୍ଧ ଜଳ ପାନ କରିବ ।

**ବ୍ରାହ୍ମଣସ୍ତୁ ସୁରାପସ୍ୟ ଗନ୍ଧମାଘ୍ରାୟ ସୋମପଃ ।**
**ପ୍ରାଣାନପ୍‌ସୁ ତ୍ରିରାୟମ୍ୟ ଘୃତଂ ପ୍ରାଶ୍ୟ ବିଶୁଦ୍ଧ୍ୟତି ।୧୫୦।***

ସୋମଯାଜୀ ବ୍ରାହ୍ମଣ ସୁରାପାୟର ଗନ୍ଧ ଆଘ୍ରାଣ କଲେ ତିନିଥର ପ୍ରାଣାୟମ କରି ଘୃତପ୍ରାଶନ କଲେ ବିଶୁଦ୍ଧ ହୁଏ ।

**ଅଜ୍ଞାନାତ୍ ପ୍ରାଶ୍ୟ ବିଣ୍ମୂତ୍ରଂ ସୁରାସଂସ୍ପୃଷ୍ଟମେବ ଚ ।**
**ପୁନଃ ସଂସ୍କାର ମର୍ହନ୍ତି ତ୍ରୟୋ ବର୍ଣ୍ଣା ଦ୍ୱିଜାତୟଃ ।୧୫୧।**

ଅଜ୍ଞାନବଶରୁ ବିଷ୍ଠା, ମୂତ୍ର ଓ ସୁରା ସଂସ୍ପୃଷ୍ଟଦ୍ରବ୍ୟ ଭୋଜନ କଲେ ବ୍ରାହ୍ମଣାଦି ତିନିବର୍ଣ୍ଣର ଦ୍ୱିଜମାନେ ପୁନର୍ବାର ଉପନୟନସଂସ୍କାର ଯୋଗ୍ୟ ହେବେ ।

**ବପନଂ ମେଖଳାଦଣ୍ଡୌ ଭୈକ୍ଷ୍ୟଚର୍ଯ୍ୟା ବ୍ରତାନି ଚ ।**
**ନିବର୍ତ୍ତନ୍ତେ ଦ୍ୱିଜାତିନାଂ ପୁନଃ ସଂସ୍କାରକର୍ମଣି ।୧୫୨।**

ଦ୍ୱିଜମାନଙ୍କର ପୁନର୍ବାର ଉପନୟନ ହେଲେ ମୁଣ୍ଡନ, ମେଖଳା, ଦଣ୍ଡଧାରଣ ଓ ବ୍ରତର ପ୍ରୟୋଜନ ନାହିଁ ।

**ଅଭୋଜ୍ୟାନାନ୍ତୁ ଭୁକ୍ତ୍ୱାନ୍ନଂ ସ୍ତ୍ରୀଶୂଦ୍ରୋଚ୍ଛିଷ୍ଟମେବ ଚ ।**
**ଜଗ୍‌ଧ୍ୱା ମାଂସମଭକ୍ଷ୍ୟଞ୍ଚ ସପ୍ତରାତ୍ରିଂ ଯବାନ୍ ପିବେତ୍ ।୧୫୩।**

ଅଭୋଜ୍ୟମାନଙ୍କର ଅନ୍ନଭୋଜନ କଲେ ଏବଂ ସ୍ତ୍ରୀ ଓ ଶୂଦ୍ରର ଉଚ୍ଛିଷ୍ଟ ଖାଇଲେ ଆଉ ଅଭକ୍ଷ୍ୟ ଓ ମାଂସ ଆହର କଲେ ସାତରାତି ଯବଜାଉ ପିଇ ରହିବ ।

**ଶୁକ୍ତାନି ଚ କଷାୟାଂଶ୍ଚ ପୀତ୍ୱାମେଧ୍ୟାନ୍ୟପି ଦ୍ୱିଜଃ ।**
**ତାବଭବତ୍ୟପ୍ରୟତୋ ଯାବତ୍ତନ୍ନ ବ୍ରଜତ୍ୟଧଃ ।୧୫୪।**

ଗ୍ରାହ୍ୟ ହେଲେ ସୁଦ୍ଧା ସିର୍କା ଇତ୍ୟାଦି ସଡ଼ାଦ୍ରବ୍ୟ ଓ କ୍ୱାଥମାନ ଦ୍ୱିଜ ପାନ କରି ଯେ ପର୍ଯ୍ୟନ୍ତ ସେ ସବୁ ପେଟକୁ ଯାଇ ପରିପାକ ନ ହୁଏ ସେ ପର୍ଯ୍ୟନ୍ତ ଅପବିତ୍ର ରହେ ।

**ବିଡ୍‌ବରାହଖରୋଷ୍ଟ୍ରାଣାଂ ଗୋମାୟୋଃ କପିକାକୟୋଃ ।**
**ପ୍ରାଶ୍ୟ ମୂତ୍ରପୁରୀଷାଣି ଦ୍ୱିଜଶ୍ଚାନ୍ଦ୍ରାୟଣଞ୍ଚରେତ୍ ।୧୫୫।**

ଗ୍ରାମ୍ୟଶୂକର, ଗର୍ଦ୍ଦଭ, ଉଷ୍ଟ୍ର, ଶୃଗାଳ, ବାନର ଓ କାକର ମୂତ୍ର ଓ ବିଷ୍ଠା ଖାଇଲେ ଦ୍ୱିଜ ଚାନ୍ଦ୍ରାୟଣ ବ୍ରତ କରିବ ।

**ଶୁଷ୍କାଣି ଭୁକ୍ତ୍ୱାମାଂସାନି ଭୌମାନି କବଚାନି ଚ ।**
**ଅଜ୍ଞାତଞ୍ଚୈବ ସୂନାସ୍ଥମେତଦେବ ବ୍ରତଞ୍ଚରେତ୍ ।୧୫୬।**

ଶୁଷ୍କମାଂସ, ଭୂମିଜାତ ଛତୁ, ଅଜ୍ଞାତ ମାଂସ (ହରିଣ ଓ ଗଧର ଏପରି ସନ୍ଦେହ ସ୍ଥଳ ମାଂସ) ଓ ପଶୁବଧସ୍ଥାନ (କଂସାଇଖାନା)ରୁ ଆନିତ ମାଂସ ଖାଇଲେ ଏହି (ଚାନ୍ଦ୍ରାୟଣ) ବ୍ରତ କରିବ ।

---

* କୌଣସି କୌଣସି ପୁସ୍ତକରେ 'ତ୍ରିଚରାମ୍ୟ' ଆଚ୍ଛମନ କରିବା ପାଠଭେଦ ଅଛି ।

**କ୍ରବ୍ୟାଦସୂକରୋଷ୍ଟ୍ରାଣାଂ କୁକ୍କୁଟାନାଞ୍ଚ ଭକ୍ଷଣେ ।**
**ନରକାକଖରାଣାଞ୍ଚ ତପ୍ତକୃଚ୍ଛ୍ରଂ ବିଶୋଧନମ୍ ।୧୫୭।**

ମାଂସାଶୀ ଜନ୍ତୁ, ଶୂକର, ଉଷ୍ଟ୍ର, କୁକୁଡ଼ା, ମନୁଷ୍ୟ, କାଉ ଓ ଗଧର ମାଂସ ଖାଇଲେ ତପ୍ତକୃଚ୍ଛ୍ର ବ୍ରତାଚରଣ କରି ଶୁଦ୍ଧ ହେବ ।

**ମାସିକାନ୍ନନ୍ତୁ ଯୋଽଶ୍ନୀୟାଦସମାବର୍ତ୍ତକୋଃ ଦ୍ୱିଜଃ ।**
**ସତ୍ରିଣ୍ୟହାନ୍ୟୁପବସେଦେକାହଞ୍ଚୋ ଦକେ ବସେତ୍ ।୧୫୮।**

ଯେ ଦ୍ୱିଜ ବ୍ରହ୍ମଚାରୀ ମାସିକଶ୍ରାଦ୍ଧର ଅନ୍ନଭୋଜନ କରେ ସେ ତିନିଦିନ ଉପବାସ କରିବ ଓ ଦିନେ ପାଣିରେ ରହିବ ।

**ବ୍ରହ୍ମଚାରୀ ତୁ ଯୋଽଶ୍ନୀୟାନ୍ମଧୁମାଂସଂ କଥଞ୍ଚନ ।**
**ସ କୃତ୍ୱା ପ୍ରାକୃତଂ କୃଚ୍ଛ୍ରଂ ବ୍ରତଶେଷଂ ସମାପୟେତ୍ ।୧୫୯।**

ଯେବେ ବ୍ରହ୍ମଚାରୀ କୌଣସି ସମୟରେ ମଧୁ ବା ମାଂସ ଖାଏ ତେବେ ସେ ପ୍ରାଜାପତ୍ୟବ୍ରତ କରି, ପରେ (ବ୍ରହ୍ମଚର୍ଯ୍ୟ) ବ୍ରତ କରିବ ।

**ବିଡ଼ାଳକାକାଖୂଚ୍ଛିଷ୍ଟଂ ଜଗଧ୍ୱାଶ୍ୱାନକୁଳସ୍ୟ ଚ ।**
**କେଶକୀଟାବପନ୍ନଞ୍ଚ ପିବେଦ୍ ବ୍ରହ୍ମସୁବର୍ଚ୍ଚଳାମ୍ ।୧୬୦।**

ବିଲେଇ, କାଉ, ମୂଷା, କୁକୁର ଓ ନେଉଳର ଅଇଣ୍ଠା ଏବଂ ବାଳ ଓ ପୋକ ଲାଗିଥିବା ଅନ୍ନ ଭୋଜନ କଲେ ବ୍ରହ୍ମସୁବର୍ଚ୍ଚଳା ଓଷଧିର କ୍ୱାଥ ପାନ କରିବ ।

**ଅଭୋଜ୍ୟମନ୍ନଂ ନାତ୍ତବ୍ୟମାତ୍ମନଃ ଶୁଦ୍ଧିମିଚ୍ଛତା ।**
**ଅଜ୍ଞାନଭୁକ୍ତନ୍ତୁତ୍ତାର୍ଯ୍ୟଂ ଶୋଧ୍ୟଂ ବାପ୍ୟାଶୁଶୋଧନୈଃ ।୧୬୧।**

ଆତ୍ମାଶୁଦ୍ଧିକାମୀ ବ୍ୟକ୍ତି ଅଭୋଜ୍ୟ ଅନ୍ନ ଖାଇବ ନାହିଁ ଏବଂ ଅଜ୍ଞାନବଶରୁ ଖାଇଗଲେ ଓକାଳି ପକାଇବ ଅଥବା ଶୀଘ୍ର ଶୋଧନ ଦ୍ରବ୍ୟ ଖାଇ ଶୁଦ୍ଧ ହେବ ।

**ଏଷୋଽନାଦ୍ୟାଦନସ୍ୟୋକ୍ତୋ ବ୍ରତାନାଂ ବିବିଧୋ ବିଧିଃ ।**
**ସ୍ତେୟଦୋଷୋହର୍ତ୍ତୃଣାଂ ବ୍ରତାନାଂ ଶ୍ରୂୟତାଂ ବିଧିଃ ।୧୬୨।**

ଅଭକ୍ଷ୍ୟଭକ୍ଷଣର ନାନାପ୍ରକାର ପ୍ରାୟଶ୍ଚିତ ବିଧି କହିଲୁ, ଏବେ ଚୋରିଦୋଷ ଦୂର କରିବାକୁ ଇଚ୍ଛାକରି ଲୋକମାନେ ଯେଉଁ ବ୍ରତମାନ କରିବେ ତହିଁର ବିଧି ଶୁଣ ।

**ଧାନ୍ୟାନ୍ନଧନଚୌର୍ଯ୍ୟାଣି କୃତ୍ୱା କାମାଦ୍ଦ୍ୱିଜୋତ୍ତମଃ ।**
**ସ୍ୱଜାତୀୟଗୃହାଦେବ କୃଚ୍ଛ୍ରାବ୍ଦେନ ବିଶୁଦ୍ଧ୍ୟତି ।୧୬୩।**

ବ୍ରାହ୍ମଣ ସ୍ୱଜାତୀୟ ଲୋକଘରୁ ଧାନ, ଅନ୍ନ ଓ ଧନ ଇଚ୍ଛାପୂର୍ବକ ଚୋରୀକଲେ ଏକବର୍ଷ କୃଚ୍ଛ୍ରବ୍ରତ କରି ଶୁଦ୍ଧ ହେବ ।

**ମନୁଷ୍ୟାଣାନ୍ତୁ ହରଣେ ସ୍ତ୍ରୀଣାଂ କ୍ଷେତ୍ରଗୃହସ୍ୟ ଚ ।**
**କୂପବାପୀଜଳାନାଞ୍ଚ ଶୁଦ୍ଧିଶ୍ଚାନ୍ଦ୍ରାୟଣଂ ସ୍ମୃତମ୍ ।୧୬୪।**

(ଦାସାଦି) ମନୁଷ୍ୟ, (ଦାସୀ ଇତ୍ୟାଦି) ସ୍ତ୍ରୀ, କ୍ଷେତ, ଘର ଏବଂ କୂଅ ବା ବାମ୍ପୀର ଜଳ ହରଣ କଲେ ଚାନ୍ଦ୍ରାୟଣବ୍ରତରେ ଶୁଦ୍ଧିହେବା କଥିତ ଅଛି ।

**ଦ୍ରବ୍ୟାଣାମଳ୍ପସାରାଣାଂ ସ୍ତେୟଂ କୃତ୍ୱାନ୍ୟବେଶ୍ମତଃ ।**
**ଚରେତ୍ସାନ୍ତପନଂ କୃଚ୍ଛ୍ରଂ ତନ୍ନିର୍ଯ୍ୟାତ୍ୟାତ୍ମଶୁଦ୍ଧୟେ ।୧୬୫।**

--------

* - ୧୫୭ ଠାରୁ ୧୫୯ ଶ୍ଳୋକ ପ୍ରକ୍ଷିପ୍ତ ।

* - ଦୁଇ ପୁସ୍ତକରେ ''ବ୍ରାହ୍ମୀ ୨୦ ସୁବର୍ଚ୍ଚଳାମ୍'' ପାଠ ଅଛି ।

ଅନ୍ୟଲୋକର ଘରୁ (ମାଠିଆ କାଠଗଡ଼ା ଇତ୍ୟାଦି) ଅଳ୍ପମୂଲ୍ୟର ଦ୍ରବ୍ୟମାନ ଚୋରି କଲେ ସେ ସବୁ ଫେରାଇଦେଲେ ଆତ୍ମାଶୁଦ୍ଧି ସକାଶେ ସନ୍ତାପନକୃଚ୍ଛ୍ରବ୍ରତକରିବ ।

**ଭକ୍ଷ୍ୟଭୋଜ୍ୟାପହରଣେ ଯାନଶଯ୍ୟାସନସ୍ୟ ଚ ।**
**ପୁଷ୍ପମୂଳଫଳାନାଞ୍ଚ ପଞ୍ଚଗବ୍ୟଂ ବିଶୋଧନମ୍ ।୧୬୬।**

ମୋଦାକାଦି ଭକ୍ଷ୍ୟଦ୍ରବ୍ୟ,ପାୟସାଦି ଭୋଜ୍ୟଦ୍ରବ୍ୟ, ଯାନ, ଶଯ୍ୟା, ଆସନ ତଥା ଫୁଲ ଫଳ ଓ ଫଳମାନ ଚୋରାଇଲେ ପଞ୍ଚଗବ୍ୟ ପାନ ଦ୍ୱାରା ବିଶୁଦ୍ଧ ହେବ ।

**ତୃଣକାଷ୍ଠଦ୍ରୁମାଣାଞ୍ଚ ଶୁଷ୍କାନ୍ନସ୍ୟ ଗୁଡ଼ସ୍ୟ ଚ ।**
**ଚେଲଚର୍ମାମିଷାଣାଞ୍ଚ ତ୍ରିରାତ୍ରଂ ସ୍ୟାଦଭୋଜନମ୍ ।୧୬୭।**

ତୃଣ, କାଷ୍ଠ, ବୃକ୍ଷ, ଶୁଷ୍କାନ୍ନ (ଚାଉଳଭଜା ଇତ୍ୟାଦି), ଗୁଡ଼, ଲୁଗା, ଚମ ଓ ଆମିଷ ଦ୍ରବ୍ୟ ଅପହରଣ କଲେ ତିନିରାତି ଅହୋରାତ୍ର (ଉପବାସ କରିବ) ।

**ମଣିମୁକ୍ତାପ୍ରବାଳାନାଂ ତାମ୍ରସ୍ୟ ରଜତସ୍ୟ ଚ ।**
**ଅୟଃକାଂସ୍ୟୋପଳାନାଞ୍ଚ ଦ୍ୱାଦଶାହଂ କଣାନ୍ନତା ।୧୬୮।**

ମଣି,ମୁକ୍ତା, ପ୍ରବାଳ, ତମ୍ବା, ରୁପା, କଂସା ଓ ପଥର ଚୋରିକଲେ ବାରଦିନ ଖୁଦ ଖାଇ ରହିବ ।

**କାର୍ପାସକୀଟକୀର୍ଣ୍ଣାନାଂ ଦ୍ୱିଶଫୈକଶଫସ୍ୟ ଚ ।**
**ପକ୍ଷିଗନ୍ଧୌଷଧୀନାଞ୍ଚ ରଜ୍ଜ୍ୱାଶ୍ଚୈବ ତ୍ର୍ୟହଂ ପୟଃ ।୧୬୯।**

କପା, ରେଶମ ବା ଟସର ବସ୍ତ୍ର ପଶମ ଲୁଗା, ଗୋରୁ ଇତ୍ୟାଦି ଦୁଇ ଖୁରାବିଶିଷ୍ଟ ପଶୁ, ଘୋଡ଼ା ଇତ୍ୟାଦି ଏକ ଖୁରା ବିଶିଷ୍ଟ ପଶୁ, ପକ୍ଷୀ ଚନ୍ଦନାଦି ଗନ୍ଧ, ଔଷଧ ଓ ଦଉଡ଼ି ଚୋରିକଲେ ତିନିଦିନ ଦୁଧ ପିଇ ରହିବ ।

**ଏତୈର୍ବ୍ରତୈରପୋହେତ ପାପଂ ସ୍ତେୟକୃତଂ ଦ୍ୱିଜଃ ।**
**ଅଗମ୍ୟାଗମନୀୟନ୍ତୁ ବ୍ରତୈରେଭିରପାନୁଦେତ୍ ।୧୭୦।**

ଦ୍ୱିଜ ଏହିସବୁ ବ୍ରତାଚରଣ କରି ଚୋରିପାପରୁ ମୁକ୍ତହେବ ଏବଂ ଅଗମ୍ୟାଗମନ ପାପରେ ଏହି (ନିମ୍ନୋକ୍ତ) ବ୍ରତମାନ ଆଚରଣ କରିବ ।

**ଗୁରୁତଳ୍ପବ୍ରତଂ କୁର୍ଯ୍ୟାଦ୍ରେତଃ ସିକ୍ତ୍ୱା ସ୍ୱୟୋନିଷୁ ।**
**ସଖ୍ୟୁଃ ପୁତ୍ରସ୍ୟ ଚ ସ୍ତ୍ରୀଷୁ କୁମାରୀଷ୍ୱନ୍ତ୍ୟଜାସୁ ଚ ।୧୭୧।**

ସହୋଦରା ଭଗିନୀ, ମିତ୍ରପତ୍ନୀ, ପୁତ୍ରବଧୂ, କୁମାରୀ ଓ ଅନ୍ତ୍ୟଜା ସ୍ତ୍ରୀଠାରେ ରେତଃପାତ କଲେ ଗୁରୁପତ୍ନୀଗମନର,ପ୍ରାୟଶ୍ଚିତ କରିବ ।

**ପୈତୃଷ୍ୱସ୍ରେୟୀଂ ଭଗିନୀଂ ସ୍ୱସ୍ରୀୟାଂ ମାତୁରେବ ଚ ।**
**ମାତୁଶ୍ଚ ଭ୍ରାତୁସ୍ତନୟାଂ ଗତ୍ୱା ଚାନ୍ଦ୍ରାୟଣଂ ଚରେତ୍ ।୧୭୨।**

ପିଉସୀଝିଅ, ମାଉସୀଝିଅ ଓ ମାମୁଝିଅ ଭଉଣୀ ଗମନକଲେ ଚାନ୍ଦ୍ରାୟଣକରିବ ।

**ଏତାସ୍ତିସ୍ରସ୍ତୁ ଭାର୍ଯ୍ୟାର୍ଥେ ନୋପୟଚ୍ଛତ୍ତୁ ବୁଦ୍ଧିମାନ୍ ।**
**ଜ୍ଞାତତ୍ୱେନାନୁପେୟାସ୍ତାଃ ପତତି ହ୍ୟୁପୟନ୍ନଧଃ ।୧୭୩।**

ଏ ତିନି ଭଗିନୀଙ୍କୁ ବୁଦ୍ଧିମାନ ଭାର୍ଯ୍ୟା କରିବା ସକାଶେ ବିବାହ ହେବ ନାହିଁ, ଜ୍ଞାତିତ୍ୱ ହେତୁ ଏମାନେ ବିବାହର ଅନୁପଯୁକ୍ତା, ଏମାନଙ୍କୁ ବିବାହକଲେ ହିଁ ଅଧଃପତନ ହୁଏ ।

**ଅମାନୁଷୀଷୁପୁରୁଷ ଉଦକ୍ୟାୟାମଯୋନିଷୁ ।**
**ରେତଃସିକ୍ତ୍ୱାଜଳେ ଚୈବ କୃଚ୍ଛ୍ରଂ ସାନ୍ତପନଂ ଚରେତ୍ ।୧୭୪।**

ପୁରୁଷ ମନୁଷ୍ୟଛଡ଼ା ଅନ୍ୟ ସ୍ତ୍ରୀ ଜନ୍ତୁଠାରେ, ରଜସ୍ୱଳା ସ୍ତ୍ରୀଠାରେ ଯୋନିଭିନ୍ନ ଅନ୍ୟସ୍ଥାନରେ ଏବଂ ଜଳରେ ରେତଃପାତକଲେ ସାନ୍ତପନ କୃଚ୍ଛ୍ରବ୍ରତ କରିବ ।

**ମୈଥୁନନ୍ତୁ ସମାସେବ୍ୟ ପୁଂସିଂ ଯୋଷିତି ବା ଦ୍ୱିଜଃ ।**
**ଗୋଯାନେଽପ୍ସୁ ଦିବା ଚୈବା ସବାସାଃ ସ୍ନାନମାଚରେତ୍ ।୧୭୫।** ✻

ପୁରୁଷ ବା ସ୍ତ୍ରୀ ସଙ୍ଗରେ ଗୋପନରେ, ଜଳରେ ବା ଦିନମାନରେ ମୈଥୁନ କଲେ ପରିଧେୟ ବସ୍ତ୍ର ସହିତ ସ୍ନାନ କରିବ ।

**ଚଣ୍ଡାଳାନ୍ତ୍ୟସ୍ତ୍ରିୟୋ ଗତ୍ୱା ଭୁକ୍ତ୍ୱା ଚ ପ୍ରତିଗୃହ୍ୟ ଚ ।**
**ପତତ୍ୟଜ୍ଞାନତ୍ୟୋ ବିପ୍ରୋ ଜ୍ଞାନାତ୍ସାମ୍ୟନ୍ତୁ ଗଚ୍ଛତି ।୧୭୬।**

ଅଜ୍ଞାନବଶରୁ ଚଣ୍ଡାଳ ଓ ଅନ୍ତ୍ୟଜା ସ୍ତ୍ରୀ ଗମନକଲେ ଓ ସେମାନଙ୍କର ଅନ୍ନ ଭୋଜନ କଲେ ଏବଂ ତାଙ୍କଠାରୁ ଦାନ ନେଲେ ବିପ୍ର ପତିତ ହୁଏ ଏବଂ ଏ ସବୁ ଜାଣିକରି ତଜ୍ଜାତୀୟତା ପ୍ରାପ୍ତ ହୁଏ ।

**ବିପ୍ରଦୁଷ୍ଟାଂ ସ୍ତ୍ରୀୟଂ ଭର୍ତ୍ତା ନିରୁନ୍ଧ୍ୟାଦେକବେଶ୍ମନି ।**
**ଯତ୍ପୁଂସଃ ରପଦାରେଷୁ ତଚ୍ଚୈନାଞ୍ଚରୟେଦ୍ ବତମ୍ ।୧୭୭।**

ବ୍ୟଭିଚାରିଣୀ ସ୍ତ୍ରୀକୁ ସ୍ୱାମୀ ଗୋଟାଏ ଘରେ ପତ୍ନୀକାର୍ଯ୍ୟ ନିବୃତ୍ତକରି ବନ୍ଦ କରି ରଖିବ ଏବଂ ପରଦାରଗମନ କଲେ ପୁରୁଷର ଯେ ପ୍ରାୟଶ୍ଚିତ୍ତ ସେହି ପ୍ରାୟଶ୍ଚିତ୍ତ ଆଚରଣ କରାଇବ ।

**ସା ଚେତ୍ପୁନଃ ପ୍ରଦୁଷ୍ୟେତ୍ତୁ ସଦୃଶେନୋପଯନ୍ତ୍ରିତା ।**
**କୃଚ୍ଛ୍ରଞ୍ଚାନ୍ଦ୍ରାୟଣଞ୍ଚୈବ ତଦସ୍ୟାଃ ପାବନଂ ସ୍ମୃତମ୍ ।୧୭୮।** ✻

ସେହି ସ୍ତ୍ରୀ ଯଦି ସଜାତୀୟ ପୁରୁଷର ପ୍ରାର୍ଥନାରେ ତାହା ସଙ୍ଗେ ବ୍ୟଭିଚାର କରେ ତାହାର ବିଶୁଦ୍ଧି ସକାଶେ କୃଚ୍ଛ୍ରଚାନ୍ଦ୍ରାୟଣ ବ୍ରତାଚରଣ କଥିତ ହୁଏ ।

**ଯତ୍କରୋତ୍ୟେକରାତ୍ରେଣ ବୃଷଳୀସେବନା ଦ୍ୱିଜଃ ।**
**ତଦ୍ଭୈକ୍ଷ୍ୟଭୁ ଗ୍ଜପନ୍ନିତ୍ୟଂ ତ୍ରିଭିର୍ବର୍ଷୈ ର୍ବ୍ୟପୋହତି ।୧୭୯।**

ଏକରାତ୍ରି ଶୂଦ୍ରା ବା ବେଶ୍ୟାଗମନରେ ବ୍ରାହ୍ମଣର ଯେଉଁ ପାପ ହୁଏ ସେ ପାପ ତିନିବର୍ଷ ଭିକ୍ଷାନ୍ନ ଖାଇଲେ ଓ ଗାୟତ୍ରୀ ଜପ କଲେ ଯାଇଁ ଅବଗତ ହୁଏ ।

**ଏଷାପାପକୃତାମୁକ୍ତା ଚତୁର୍ଣ୍ଣ ମପି ନିଷ୍କୃତିଃ ।**
**ପତିତୈଃ ସଂପ୍ରଯୁକ୍ତା ନାମିମାଃ ଶୃଣୁତ ନିଷ୍କୃତୀଃ ।୧୮୦।**

---

✻ - ଏ ଶ୍ଳୋକ ପ୍ରକ୍ଷିପ୍ତ ।

✻ - ତିନିପୁସ୍ତକରେ ଏଥିପରେ ନିମ୍ନଲିଖିତ ଅଧିକା ଶ୍ଳୋକ ମିଳେ-

ବ୍ରାହ୍ମଣ କ୍ଷତ୍ରିୟବିଶାଂ ସ୍ତ୍ରିୟଃ ଶୂଦ୍ରେଽପସଂଗତା ।
ଅପ୍ରଜାତାବିଶୁଦ୍ଧ୍ୟେୟଃ ପ୍ରାୟଶ୍ଚ ତ୍ତେନ ନେତ୍ତରାଃ ।।

ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟସ୍ତ୍ରୀମାନେ ଶୂଦ୍ରସହିତ ସଂଗକଲେ ସନ୍ତାନ ଜାତ ହୋଇ ନ ଥିଲେ ପ୍ରାୟଶ୍ଚିତ୍ତ କରି ବିଶୁଦ୍ଧହେବେ; ମାତ୍ର ସନ୍ତାନ ଜାତହେଲେ ବିଶୁଦ୍ଧ ହୋଇ ପାରିବେ ନାହିଁ ।

ଚାରିବର୍ଣ୍ଣର ପାପକାରିର ଏହି ପ୍ରାୟଶ୍ଚିତ୍ତ ବୋଲାଗଲା, ଏବେ ପତିତ ସଂସର୍ଗକାରୀର ପ୍ରାୟଶ୍ଚିତ୍ତମାନ ଶୁଣ ।

**ସମ୍ବତ୍ସରେଣ ପତତି ପତିତେନ ସହାଚରନ୍ ।**
**ଯାଜନାଧ୍ୟାପନାଦ୍ ଯୌନାନ୍ନତୁ ଯାନାସନାଶନାତ୍ ।୧୮୧।**

ଏକବର୍ଷକାଳ ପତିତସଙ୍ଗରେ ଯାଜନ, ଅଧ୍ୟାପନ ଓ ଯୌନସମ୍ବନ୍ଧ ରଖିଲେ ପତିତ ହେବାକୁ ହୁଏ; ମାତ୍ର ଯାନ, ଆସନ ଓ ଭୋଜନରେ ଏକବର୍ଷର ଅପେକ୍ଷା ନାହିଁ ଅର୍ଥାତ୍ ପତିତ ସଙ୍ଗେ ଏକଯାନରେ ଗଲେ, ଏକାସନରେ ବସିଲେ ଓ ଏକତ୍ରଭୋଜନ କଲେ ସେହିକ୍ଷଣି ପତିତ ହେବାକୁ ହୁଏ ।

**ଯୋ ଯେନ ପତିତେନୈଷାଂ ସଂସର୍ଗଂ ଯାତି ମାନବଃ ।**
**ସ ତସ୍ୟୈବ ବ୍ରତଂ କୁର୍ଯ୍ୟାତ୍ତତ୍ସଂସର୍ଗବିଶୁଦ୍ଧୟେ ।୧୮୨।**

ମନୁଷ୍ୟ ଯେରୂପ ପାପୀସଙ୍ଗରେ ସଂସର୍ଗ କରେ ସେହି ପାପୀର ପାପମୋଚନାର୍ଥେ ଯେଉଁ ପ୍ରାୟଶ୍ଚିତ୍ତସଂସର୍ଗକାରୀରସଂସର୍ଗଗତବିଶୁଦ୍ଧି ସକାଶେ ସେହିପ୍ରାୟଶ୍ଚିତ୍ତକରିବ ।

**ପତିତସ୍ୟୋଦକଂ କାର୍ଯ୍ୟଂ ସପିଣ୍ଡୈର୍ବାନ୍ଧବୈର୍ବହିଃ ।**
**ନିନ୍ଦିତେଽହନି ସାୟାହ୍ନେ ଜ୍ଞାତ୍ୟୃତ୍ୱିଗ୍ ଗୁରୁସନ୍ନିଧୌ ।୧୮୩।**

(ପ୍ରାୟଶ୍ଚିତ୍ତ ନକଲେ) ପତିତର ଉଦକକ୍ରିୟା ସପିଣ୍ଡ ଓ ବାନ୍ଧବମାନେ ଗ୍ରାମବାହାରେ ନିନ୍ଦିତ (ନବମୀତିଥି) ଦିନ ସାୟାହ୍ନରେ ଜ୍ଞାତି, ପୁରୋହିତ ଓ ଗୁରୁ ସନ୍ନିଧାନରେ କରିବେ ।

**ଦାସୀ ଘଟମପାଂପୂର୍ଣ୍ଣଂ ପର୍ଯ୍ୟସ୍ୟେତ୍ ପ୍ରେତବତ୍ପଦା ।**
**ଅହୋରାତ୍ରମୁପାସୀରନ୍ନଶୌଚଂ ବାନ୍ଧବୈଃ ସହ ।୧୮୪।**

ସେମାନଙ୍କର ଦାସୀ ପ୍ରେତକୃତ୍ୟ ପର ଗୋଟିଏ ଜଳପୂର୍ଣ୍ଣଘଟ ଗୋଇଠାମାରି ପକାଇ ଦେବ ଏବଂ ବାନ୍ଧବମାନଙ୍କର ସହିତ ଏକ ଅହୋରାତ୍ର ଅଶୌଚ ପାଳିବେ ।

**ନିବର୍ତ୍ତେରଂଶ୍ଚ ତସ୍ମାତ୍ତୁ ସମ୍ଭାଷଣ ସହାସନେ ।**
**ଦାୟାଦ୍ୟସ୍ୟ ପ୍ରଦାନଞ୍ଚ ଯାତ୍ରା ଚୈବ ହି ଲୌକିକୀ ।୧୮୫।**

ଆଉ ସେହିଦିନଠାରୁ ପତିତସଙ୍ଗେ କଥାବାର୍ତ୍ତା, ଏକତ୍ର ବସିବା, ଦାୟାଦି ପ୍ରଦାନ ଏବଂ ସକଳ ପ୍ରକାର ଲୌକିକ ବ୍ୟବହାର ଛାଡ଼ି ଦେବ ।

**ଜ୍ୟେଷ୍ଠତା ଚ ନିବର୍ତ୍ତେତ ଜ୍ୟେଷ୍ଠାବାପ୍ୟଞ୍ଚ ଯଦ୍ଧନମ୍ ।**
**ଜ୍ୟେଷ୍ଠାଂଶଂ ପ୍ରାପ୍ନୁୟାଚ୍ଚାସ୍ୟ ଯବୀୟାନ୍ ଗୁଣତୋଽଧିକଃ ।୧୮୬।**

ସେହିଦିନଠାରୁ ଜ୍ୟେଷ୍ଠର ଗୌରବ ଓ ଜ୍ୟେଷ୍ଠଲଭ୍ୟଧନର ସୁଦ୍ଧା ନିବୃତ୍ତି ହେବ, ମଧ୍ୟ ଅଧିକ ଗୁଣବାନ୍ କନିଷ୍ଠ ଏହାର ଜ୍ୟେଷ୍ଠାଂଶ ପାଇବ ।

**ପ୍ରାୟଶ୍ଚିତ୍ତେ ତୁ ଚରିତେ ପୂର୍ଣ୍ଣଂ କୁମ୍ଭମପାଂ ନବମ୍ ।**
**ତେନୈବ ସାର୍ଦ୍ଧଂ ପ୍ରାସ୍ୟେୟୁଃ ସ୍ନାତ୍ୱା ପୁଣ୍ୟେ ଜଳାଶୟେ ।୧୮୭।**

ମାତ୍ର ପତିତ ପ୍ରାୟଶ୍ଚିତ୍ତ କଲେ ତାହା ସଙ୍ଗେ ବାନ୍ଧବମାନେ ପବିତ୍ର ଜଳାଶୟରେ ସ୍ନାନ କରି ଜଳପୂର୍ଣ୍ଣ ଘଟ ନିକ୍ଷେପ କରିବେ ।

**ସ ତ୍ୱପ୍ସୁତଂ ଘଟଂ ପ୍ରାସ୍ୟ ପ୍ରବିଶ୍ୟ ଭବନଂ ସ୍ୱକମ୍ ।**
**ସର୍ବାଣି ଜ୍ଞାତିକାର୍ଯ୍ୟାଣି ଯଥାପୂର୍ବଂ ସମାଚରେତ୍ ।୧୮୮।**

ପତିତ ପ୍ରାୟଶ୍ଚିତ୍ତକାରୀ ସେହି ଘଟକୁ ଜଳରେ ନିକ୍ଷେପ କରି ଆପଣା ଘରକୁ ଆସି ପୂର୍ବପରି ସମସ୍ତ ଜ୍ଞାତିକାର୍ଯ୍ୟ କରିବ ।

**ଏତଦେବ ବିଧିଂ କୁର୍ଯ୍ୟାଦ୍‌ଯୋଷସ୍ସୁ ପତିତାସ୍ୱପି ।**
**ବସ୍ତ୍ରାନ୍ନପାନଂ ଦେୟନ୍ତୁ ବସେୟଶ୍ଚ ଗୃହାନ୍ତକେ ।୧୮୯।**

ପତିତା ସ୍ତ୍ରୀମାନଙ୍କ ପକ୍ଷରେ ସୁଦ୍ଧା ଏହିପରି ବିଧିରେ ପ୍ରାୟଶ୍ଚିତ ହେବ, ମାତ୍ର ସେମାନଙ୍କୁ ବସ୍ତ୍ର, ଅନ୍ନ ଓ ଘର ନିକଟରେ ବାସସ୍ଥାନ ଦେବାକୁ ହେବ ।

**ଏନସ୍ୱିଭିରନିର୍ଣ୍ଣିକ୍ତୈର୍ନାର୍ଥଂ କିଞ୍ଚିତ୍ସହାଚରେତ୍ ।**
**କୃତନିର୍ଣ୍ଣେଜନାଂଶ୍ଚୈବ ନ ଜୁଗୁପ୍‌ସେତ କର୍ହିଚିତ୍ ।୧୯୦।**

ଅକୃତପ୍ରାୟଶ୍ଚିତ୍ତ ପାପୀସଙ୍ଗେ କୌଣସି ସଂସ୍ରବ ରଖିବ ନାହିଁ; ମାତ୍ର ପ୍ରାୟଶ୍ଚିତ୍ତ କଲାପରେ ଆଉ ତାହାକୁ ନିନ୍ଦା କରିବ ନାହିଁ ।

**ବାଲଘ୍ନାଂଶ୍ଚ କୃତଘ୍ନାଂଶ ବିଶୁଦ୍ଧାନପି ଧର୍ମତଃ ।**
**ଶରଣାଗତହନ୍ତୃଂଶ୍ଚ ସ୍ତ୍ରୀହନ୍ତୁଶ୍ଚ ନ ସଂବସେତ୍ ।୧୯୧।**

ମାତ୍ର ବାଳହନ୍ତା, ଘୃତଘ୍ନ, ଶରଣାଗତହନ୍ତା ଏମାନେ ଧର୍ମତଃ ପ୍ରାୟଶ୍ଚିତ୍ତ କରି ବିଶୁଦ୍ଧ ହେଲେ ସୁଦ୍ଧା ତାଙ୍କ ସହିତ ଏକତ୍ର ବାସ କରିବ ନାହିଁ ।

**ଯେଷାଂ ଦ୍ୱିଜାନାଂ ସାବିତ୍ରୀ ନାନୁଚ୍ୟେତ ଯଥାବିଧି ।**
**ତାଂଶ୍ଚାରୟିତ୍ୱା ତ୍ରୀନ୍ କୃଚ୍ଛ୍ରାନ୍ ଯଥାବିଧ୍ୟୁପନାୟୟେତ୍ ।୧୯୨।**

ଯେଉଁ ଦ୍ୱିଜମାନଙ୍କର ଯଥାକାଳରେ ଯଥାଶାସ୍ତ୍ର ଗାୟତ୍ରୀ ଉପଦେଶ ଓ ଉପନୟନ ହୋଇ ନାହିଁ ସେମାନଙ୍କୁ ତିନିକୃଚ୍ଛ୍ର କରାଇ ଯଥାବିଧି ଉପନୟନ ଦେବ ।

**ପ୍ରାୟଶ୍ଚିତ୍ତଂ ଚିକୀର୍ଷନ୍ତି ବିକର୍ମସ୍ଥାସ୍ତୁ ଯେ ଦ୍ୱିଜାଃ ।**
**ବ୍ରାହ୍ମଣା ଚ ପରିତ୍ୟକ୍ତା ସ୍ତେଷାମପ୍ୟେତାଦାଦିଶେତ୍ ।୧୯୩।**

ବିରୁଦ୍ଧକର୍ମକାରୀ ଓ ବେଦ ପରିତ୍ୟାଗ କରିଥିବା ବ୍ରାହ୍ମଣମାନେ ପ୍ରାୟଶ୍ଚିତ୍ତ କରିବାକୁ ଇଚ୍ଛା କଲେ ସେମାନଙ୍କୁ ସୁଦ୍ଧା ସେହିପରି ତିନିକୃଚ୍ଛ୍ର ପ୍ରାୟଶ୍ଚିତ୍ତ ଆଦେଶ କରିବ ।

**ଯଦ୍‌ଗର୍ହିତେନାର୍ଜ୍ଜୟନ୍ତି କର୍ମଣା ବ୍ରାହ୍ମଣା ଧନମ୍ ।**
**ତସ୍ୟୋତ୍ସର୍ଗେଣ ଶୁଦ୍ଧ୍ୟନ୍ତି ଜପେନ ତପସୈବ ଚ ।୧୯୪।**

ବ୍ରାହ୍ମଣମାନେ ନିନ୍ଦିତ କର୍ମଦ୍ୱାରା ଯେଉଁ ଧନ ଅର୍ଜ୍ଜନ କରନ୍ତି ସେ ସମସ୍ତ ଧନ, ଦାନ, ଜପ ଓ ତପସ୍ୟା ଦ୍ୱାରା ସେମାନେ ଶୁଦ୍ଧ ହୁଅନ୍ତି ।

**ଜପିତ୍ୱା ତ୍ରୀଣି ସାବିତ୍ର୍ୟା ସହସ୍ରାଣି ସମାହିତଃ ।**
**ମାସଂ ଗୋଷ୍ଠେ ପୟଃ ପୀତ୍ୱା ମୁଚ୍ୟତେଽସତ୍‌ପ୍ରତିଗ୍ରହାତ୍ ।୧୯୫।**

ଏକାଗ୍ରଚିତ୍ତରେ ତିନିହଜାର ଗାୟତ୍ରୀ ଜପକରି ଗୋଷ୍ଠରେ ଦୁଧପିଇ ମାସେ କାଳ ରହିଲେ ଅସତ୍ ଲୋକଠାରୁ ଦାନ ନେବା ପାପରୁ ବ୍ରାହ୍ମଣ ମୁକ୍ତ ହୁଏ ।

**ଉପବାସକୃଶଂ ତନ୍ତୁ ଗୋବ୍ରଜାତ୍ ପୁନରାଗତମ୍ ।**
**ପ୍ରଣତଂ ପରିପୃଚ୍ଛେୟୁଃ ସାମ୍ୟଂ ସୌମ୍ୟେଚ୍ଛସୀତି କିମ୍ ।୧୯୬।**

* ୧୮୩ ଠାରୁ ୧୮୯ ଶ୍ଳୋକ ପ୍ରକ୍ଷିପ୍ତ ।

ସେ ଉପବାସରେ କୃଶହୋଇ ଗୋଷ୍ଠରୁ ଫେରିଆସି ପ୍ରଣତ ହେଲେ ତାହାଙ୍କୁ ବ୍ରାହ୍ମଣମାନେ ପଚାରିବେ ହେ ସୌମ୍ୟ ! ତୁମ୍ଭେ କି ଆମ୍ଭମାନଙ୍କପରି ବ୍ୟବହାର କରିବା ଇଚ୍ଛାକର?

**ସତ୍ୟମୁକ୍ତ୍ୱାତୁ ବିପ୍ରେଷୁ ବିକିରେଦ୍ ଯବସଂ ଗବାମ୍ ।**
**ଗୋଭିଃ ପ୍ରବର୍ତ୍ତିତେ ତୀର୍ଥେ କୁର୍ୟ୍ୟାସ୍ତସ୍ୟ ପରିଗ୍ରହମ୍ ।୧୯୭।**

ବ୍ରାହ୍ମଣମାନଙ୍କ ସମୀପରେ ସତ ବୋଲି କହି ଗାଈଙ୍କ ଆଗରେ ଘାସ ପକାଇବ ଏବଂ ଗୋରୁ ଘାସ ଖାଇ ପବିତ୍ର କରିଥିବା ସ୍ଥାନରେ ବ୍ରାହ୍ମଣମାନେ ତାହା ସଙ୍ଗେ ବ୍ୟବହାର କରିବା ଆରମ୍ଭ କରିବେ ।

**ବ୍ରାତ୍ୟାନାଂ ଯାଜନଂ କୃତ୍ୱା ପରେଷାମନ୍ତ୍ୟକର୍ମ ଚ ।**
**ଅଭିଚାରମହୀନଞ୍ଚ ତ୍ରିଭିଃ କୃଚ୍ଛ୍ରୈର୍ବ୍ୟପୋହତି ।୧୯୮।**

ବ୍ରାତ୍ୟମାନଙ୍କ ଯାଜନ କଲେ, ଆତ୍ମୀୟଭିନ୍ନ ଅପରର ଅନ୍ତ୍ୟେଷ୍ଟିକ୍ରିୟା କଲେ, ମାରଣ ଉଚ୍ଚାଟନ ପ୍ରଭୃତି ଅଭିଚାର କଲେ ଓ ଅହୀନ ଯାଗକଲେ ତିନିକୃଚ୍ଛ୍ରରେ ଶୁଦ୍ଧି ହୁଏ ।

**ଶରଣାଗତଂ ପରିତ୍ୟଜ୍ୟ ବେଦଂ ବିପ୍ଲାବ୍ୟ ଚ ଦ୍ୱିଜଃ ।**
**ସମ୍ବତ୍ସରଂ ଯବାହାରସ୍ତତ୍ପାପମପସେଧତି ।୧୯୯।**

ଶରଣାଗତକୁ ପରିତ୍ୟାଗ ଏବଂ ପଢ଼ାଇବାର ଅଯୋଗ୍ୟ ଲୋକକୁ ବେଦ ପଢ଼ାଇବା ଦ୍ୱାରା ବ୍ରାହ୍ମଣର ଯେଉଁ ପାପ ହୁଏ ତାହା ଏକବର୍ଷ ଯବାହାରଦ୍ୱାରା ଦୂର ହୁଏ ।

**ଶ୍ୱଶୃଗାଲଖରୈର୍ଦ୍ଦଷ୍ଟୋ ଗ୍ରାମ୍ୟୈଃ କ୍ରବ୍ୟାଦ୍ଭିରେବ ଚ ।**
**ନରାଶ୍ୱୋଷ୍ଟ୍ରବରାହୈଶ୍ଚ ପ୍ରାଣାୟାମେନ ଶୁଦ୍ଧ୍ୟତି ।୨୦୦।***

କୁକ୍କୁର, ଶୃଗାଳ, ଗର୍ଦ୍ଦଭ, ଗ୍ରାମ୍ୟ ମାଂସହାରୀ ଜନ୍ତୁ, ମନୁଷ୍ୟ, ଅଶ୍ୱ, ଉଷ୍ଟ୍ର ଓ ବରାହ ଦଂଶନ କଲେ ପ୍ରାଣାୟାମଦ୍ୱାରା ଶୁଦ୍ଧି ହୁଏ ।

**ଷଷ୍ଠାନ୍ନକାଲତା ମାସଂ ସଂହିତାଜପ ଏବ ବା ।**
**ହୋମାଶ୍ଚ ସାକଳା ନିତ୍ୟମପାଙ୍କ୍ତ୍ୟାନାଂ ବିଶୋଧନମ୍ ।୨୦୧।***

ଆପାଙ୍କ୍ତେୟ ପାପ ଏକମାସ କାଳ, ଷଷ୍ଠାନ୍ନକାଳ (ଦୁଇଦିନ ଉପବାସରେ, ତୃତୀୟଦିନ ସାୟାହ୍ନ)ରେ ଭୋଜନ ଏବଂ ବେଦସଂହିତା ପାଠ ଓ ସମ୍ପୂର୍ଣ୍ଣ ହୋମଦ୍ୱାରା ଶୁଦ୍ଧ ହୁଏ ।

**ଉଷ୍ଟ୍ରାଯାନଂ ସମାରୁହ୍ୟ ଖରଯାନନ୍ତୁ କାମତଃ ।**
**ସ୍ନାତ୍ୱା ତୁ ବିପ୍ରୋ ଦିଗ୍ୱାସାଃ ପ୍ରାଣାୟମେନ ଶୁଦ୍ଧ୍ୟତି ।୨୦୨।**

ଇଚ୍ଛାପୂର୍ବକ ଉଷ୍ଟ୍ରଯାନ ବା ଗର୍ଦ୍ଦଭଯାନରେ ଚଢ଼ିଲେ ଅବା ବ୍ରାହ୍ମଣ ନଗ୍ନ ହୋଇ ସ୍ନାନକଲେ ପ୍ରାଣାୟାମଦ୍ୱାରା ଶୁଦ୍ଧ ହୁଏ ।

---

* ଏଥିପରେ ଏକ ପୁସ୍ତକରେ ଅଛି-

ଶୁନାଘ୍ରାତୋପଲୀଢ଼ସ୍ୟ ଦନ୍ତୈର୍ବିଦାଳିତସ୍ୟ ଚ ।
ଅଭିଃପ୍ରକ୍ଷାଳନଂ ପ୍ରୋକ୍ତମଗ୍ନି ନା ଚୋପଚୂଳନମ୍ ।

କୁକୁର ଶୁଙ୍ଘିଥିବା, ଚାଟିଥିବା ବା ଦାନ୍ତରେ ଚାପିଥିବା ବସ୍ତୁ ପାଣିରେ ଧୋଇଲେ ବା ଗରମ କଲେ ଶୁଦ୍ଧ ହୁଏ ।

* ଆଠ ପୁସ୍ତକେର 'ସାକଳା' ସ୍ଥାନରେ 'ଶାକଳା' ପାଠଭେଦ ଅଛି :-

**ବିନାଭିରପ୍‌ସୁ ବ୍ୟାପ୍ୟାର୍ତ୍ତଃ ଶାରୀରଃ ସନ୍ନିବେଶ୍ୟ ଚ ।**
**ସଚଲୋ ବହିରାପ୍ଲୁତ୍ୟ ଗାମାଲଭ୍ୟ ବିଶୁଦ୍ଧ୍ୟତି ।୨୦୩।**

ଜଳସନ୍ନିଧାନରେ ନଥାଇ ଅଥବା ଜଳ ମଧ୍ୟରେ ବେଗାର୍ତ୍ତ ହୋଇ ମୂତ୍ରପୁରୀଷ ତ୍ୟାଗ କଲେ ପିନ୍ଧିବା ଲୁଗା ସହିତ ଗ୍ରାମବାହାରେ ସ୍ନାନ କରି ଗୋସ୍ପର୍ଶ କଲେ ବିଶୁଦ୍ଧ ହେବ ।

**ବେଦୋଦିତାନାଂ ନିତ୍ୟାନାଂ କର୍ମଣାଂ ସମତିକ୍ରମେ ।**
**ସ୍ନାତକବ୍ରତଲୋପେ ଚ ପ୍ରାୟଶ୍ଚିତ୍ତମଭୋଜନମ୍ ।୨୦୪।**

ବେଦୋକ୍ତ ନିତ୍ୟକର୍ମ ନ କଲେ ଏବଂ ସ୍ନାତକ ବ୍ରହ୍ମଚାରୀରେ ବ୍ରତଲୋପ ହେଲେ ଅହୋରାତ୍ର ଉପବାସ ପ୍ରାୟଶ୍ଚିତ୍ତ ଅଟେ ।

**ହୁଙ୍କାରଂ ବ୍ରାହ୍ମଣସ୍ୟୋକ୍ତ୍ୱା ତ୍ୱଂକାରଞ୍ଚ ଗରୀୟସଃ ।**
**ସ୍ନାତ୍ୱାନଶ୍ନନ୍ନହଃ ଶେଷମଭିବାଦ୍ୟ ପ୍ରସାଦୟେତ୍ ।୨୦୫।**

ଅବଜ୍ଞାରେ ବ୍ରାହ୍ମଣକୁ ହୁଁ କହିଲେ ଓ ଗୁରୁଜନକୁ ତୁତୁକାର କଲେ ସ୍ନାନ ପୂର୍ବକ ଅଖିଆ ରହି ଦିନ ଶେଷ ପର୍ଯ୍ୟନ୍ତ ଅଭିବାଦନପୂର୍ବକ ପ୍ରସନ୍ନ କରିବ ।

**ତାଡ଼ୟିତ୍ୱା ତୃଣେନାପି କଣ୍ଠେ ବା ବଧ୍ୱ ବାସସା ।**
**ବିବାଦେ ବା ବିନିର୍ଜିତ୍ୟ ପ୍ରଣିପତ୍ୟ ପ୍ରସାଦୟେତ୍ ।୨୦୬।**

(ବ୍ରାହ୍ମଣ ବା ଗୁରୁଜନକୁ) ତୃଣଦ୍ୱାରାତାଡ଼ନା କଲେ, ବେକରେ ଲୁଗା ବାନ୍ଧି ଧଇଲେ ଅଥବା ବିବାଦରେ ପରାଜିତ କଲେ ପ୍ରଣିପାତପୂର୍ବକ ପ୍ରସନ୍ନ କରିବ ।

**ଅବଗୂର୍ଯ୍ୟ ତ୍ୱବ୍ଦଶତଂ ସହସ୍ରମଭିହତ୍ୟ ଚ ।**
**ଜିଘାଂସୟା ବ୍ରାହ୍ମଣସ୍ୟ ନରକଂ ପ୍ରତିପାଦ୍ୟତେ ।୨୦୭।**

ବ୍ରାହ୍ମଣକୁ ମାରିବାକୁ ଇଚ୍ଛାକରି ଦଣ୍ଡ ଉଠାଇଲେ ଏକଶତବର୍ଷ ଏବଂ ଦଣ୍ଡ ଦ୍ୱାରା ପ୍ରହାର କଲେ ଏକସହସ୍ର ବର୍ଷ ନରକଗାମୀ (ଦୁଃଖଭୋଗୀ) ହେବାକୁ ହୁଏ ।

**ଶୋଣିତଂ ଯାବତଃ ପାଂଶୂନ୍ ସଂଗୃହ୍ଣାତି ମହୀତଳେ ।**
**ତାବନ୍ତ୍ୟବ୍ଦସହସ୍ରାଣି ତତ୍କର୍ତ୍ତା ନରକେ ବସେତ୍ ।୨୦୮।✽**

ଆଘାତପ୍ରାପ୍ତ ବ୍ରାହ୍ମଣର ରକ୍ତ ଭୂମିରେ ପଡ଼ି ଯେତେ ଧୂଳିକଣାକୁ ସିକ୍ତ କରେ ତେତେ ହଜାର ବର୍ଷ ଆଘାତକର୍ତ୍ତା ନରକ (ଦୁଃଖ)ରେ ବାସକରେ ।

**ଅବଗୂର୍ଯ୍ୟଚରେତ୍କୃଚ୍ଛ୍ର ମତିକୃଚ୍ଛ୍ରଂ ନିପାତନେ ।**
**କୃଚ୍ଛ୍ରାତିକୃଚ୍ଛ୍ରୌ କୁର୍ବୀତି ବିପ୍ରସ୍ୟୋତ୍ପାଦ୍ୟ ଶୋଣିତମ୍ ।୨୦୯।**

ବ୍ରାହ୍ମଣକୁ ମାରିବାକୁ ଦଣ୍ଡ ଉଠାଇଲେ କୃଚ୍ଛ୍ର ଓ ମାଇଲେ ଅତିକୃଚ୍ଛ୍ର ଓ ବ୍ରାହ୍ମଣର ରକ୍ତପାତ କଲେ କୃଚ୍ଛ୍ର ଓ ଅତିକୃଚ୍ଛ୍ର ଉଭୟ ପ୍ରାୟଶ୍ଚିତ କରିବ ।

**ଅନୁକ୍ତନିଷ୍କୃତୀନାନ୍ତୁ ପାପାନାମପନୁତ୍ତୟେ ।**
**ଶକ୍ତିଞ୍ଚାବେକ୍ଷ୍ୟ ପାପଞ୍ଚ ପ୍ରାୟଶ୍ଚିତ୍ତଂ ପ୍ରକଳ୍ପୟେତ୍ ।୨୧୦।**

ଯେଉଁ ପାପଖଣ୍ଡନାର୍ଥ ପ୍ରାୟଶ୍ଚିତ୍ତ ବାଲା ନ ଗଲା ସେଠାରେ ଶକ୍ତି ପାପ ଦେଖି ପାପ ଦୂର କରିବା କାରଣ ପ୍ରାୟଶ୍ଚିତ୍ତ କଳ୍ପନା କରିବ ।

**ଯୈରଭ୍ୟୁପାୟୈରେନାଂସି ମାନବେ ବ୍ୟପକର୍ଷତି ।**
**ତାନ୍ ବୋଽଭ୍ୟୁପୟାନ୍ ବକ୍ଷାମି ଦେବର୍ଷପିତୃସେବିତାନ୍ ।୨୧୧।**

✽ ୨୦୬ ଓ ୨୦୮ ଶ୍ଳୋକ ପ୍ରକ୍ଷିପ୍ତ ।

ମନୁଷ୍ୟ ଯେଉଁ ସବୁ ଉପାୟଦ୍ୱାରା ପାପରୁ ମୁକ୍ତହୁଏ ସେହିସବୁ ଦେବ, ଋଷି ଓ ପିତୃସେବିତ ଉପାୟମାନ ତୁମ୍ଭମାନଙ୍କୁ କହୁଅଛୁ ।

**ତ୍ର୍ୟହଂ ପ୍ରାତସ୍ତ୍ର୍ୟହଂ ସାୟଂତ୍ର୍ୟହ ମଦ୍ୟାଦଯାଚିତମ୍ ।**
**ତ୍ର୍ୟହଂ ପରଞ୍ଚ ନାଶ୍ନୀୟାତ୍ ପ୍ରାଜାପତ୍ୟଂ ଚରନ୍ ଦ୍ୱିଜ ।୨୧୨।**

ଦ୍ୱିଜ ପ୍ରାଜାପତ୍ୟ ନାମକ କୃଚ୍ଛ୍ର ଆଚରଣ କଲେ ତିନିଦିନ ସକାଳେ ଓ ତିନିଦିନ ସନ୍ଧ୍ୟାକାଳରେ ଏବଂ ତିନିଦିନ ଅଯାଚିତ ଅନ୍ନ ଖାଇବ ଆଉ ତହିଁ ଉତ୍ତାରୁ ତିନିଦିନ ଉପବାସ କରିବ (ଏରୁପ ୧୨ ଦିନରେ ଏକ ପ୍ରାଜାପତ୍ୟ ବ୍ରତ ହୁଏ) ।

**ଗୋମୂତ୍ରଂ ଗୋମୟଂ କ୍ଷୀରଂ ଦଧିସର୍ପିଃ କୁଶୋଦକମ୍ ।**
**ଏକରାତ୍ରୋପବାସଶ୍ଚ କୃଚ୍ଛ୍ରଂ ସାନ୍ତପନଂ ସ୍ମୃତମ୍ ।୨୧୩।**

ଗୋମୂତ୍ର, ଗୋବର, ଦୁଗ୍ଧ, ଘୃତ ଓ କୁଶପାଣି ଦିନେ ଖାଇ ଅନ୍ୟ ଦିନ (ଅହୋରାତ୍ର) ଉପବାସ କରିବାକୁ ସନ୍ତାପନ ବ୍ରତ ବୋଲି ।

**ଏକୈକଂ ଗ୍ରାମମଶ୍ନୀୟାଦ୍ ତ୍ର୍ୟହାଣି ତ୍ରୀଣି ପୂର୍ବବତ୍ ।**
**ତ୍ର୍ୟହଞ୍ଚୋପବସେଦନ୍ତ୍ୟମତିକୃଚ୍ଛ୍ରଂ ଚରନ୍ ଦ୍ୱିଜଃ ।୨୧୪।**

ଦ୍ୱିଜ ଅତିକୃଚ୍ଛ୍ର ଆଚରଣ କଲେ ତିନି ସନ୍ଧ୍ୟା, ତିନି ସକାଳ, ତିନି ଅଯାଚିତ ଏରୁପ ୯ ଦିନ ଏକ ୨ ଗ୍ରାସ ଭୋଜନ କରିବ ଏବଂ ଶେଷ ତିନିଦିନ ଉପବାସ କରିବ ।

**ତପ୍ତକୃଚ୍ଛ୍ରଂଚରନ୍ ବିପ୍ରୋ ଜଳକ୍ଷୀରଘୃତାନିଳାନ୍ ।**
**ପ୍ରତିତ୍ର୍ୟହଂ ପିବେଦୁଷ୍ଣାନ୍ ନକୃସ୍ନାୟୀ ସମାହିତଃ ।୨୧୫।**

ତପ୍ତକୃଚ୍ଛ୍ର ଆଚରଣକାରୀ ଦ୍ୱିଜ ସମାହିତ ଭାବରେ ଥରେ ସ୍ନାନ କରି ତିନିଦିନ ଉଷ୍ଣଜଳ, ତିନିଦିନ ଉଷ୍ଣଦୁଗ୍ଧ, ତିନିଦିନ ଉଷ୍ଣଘୃତ ପାନ କରି ତିନିଦିନ ଉଷ୍ଣବାୟୁ ସେବନ କରିବ ।

**ଯତାତ୍ମନୋଽପ୍ରମାସ୍ୟ ଦ୍ୱାଦଶାମଭୋଜନମ୍ ।**
**ପରାକୋ ନାମ କୃଚ୍ଛ୍ରୋଽୟଂ ସର୍ବପାପାପନୋଦନଃ ।୨୧୬।**

ସଂଯତେନ୍ଦ୍ରିୟ ଓ ଅପ୍ରମିତ୍ତ ହୋଇ ୧୨ ଦିନ ଭୋଜନ ନ କରିବାର ନାମ ପରାକକୃଚ୍ଛ୍ର - ଏହା ସକଳ ପାପ ଦୂର କରେ ।

**ଏକୈକଂହ୍ରାସୟେତ୍ପିଣ୍ଡଂ କୃଷ୍ଣେ ଶୁକ୍ଳେଚ ବର୍ଦ୍ଧୟେତ୍ ।**
**ଉପସ୍ପୃଶଂସ୍ତ୍ରୀଷବଣମେତଚ୍ଚାନ୍ଦ୍ରାୟଣଂ ସ୍ମୃତମ୍ ।୨୧୭।**

ପ୍ରତିଦିନ ତିନି ସନ୍ଧ୍ୟା ସ୍ନାନକରି କୃଷ୍ଣପକ୍ଷରେ ଏକ ଗ୍ରାସ ଊଣା କରି ଓ ଶୁକ୍ଳପକ୍ଷରେ ଏକ ଏକ ଗ୍ରାସ ବଢ଼ାଇ ଭୋଜନ କରିବାକୁ ଚାନ୍ଦ୍ରାୟଣ ବୋଲାଯାଏ ।

**ଏତମେବ ବିଧିଂ କୃସ୍ନା ମାଚରେଦ୍ୟବମଧ୍ୟମେ ।**
**ଶୁକ୍ଳପକ୍ଷାଦିନିୟତଶ୍ଚଂଶ୍ଚାନ୍ଦ୍ରାୟଣଂ ବ୍ରତମ୍ ।୨୧୮।**

ଏହି ସମସ୍ତ (ତ୍ରିସନ୍ଧ୍ୟା ସ୍ନାନ ଓ ଗ୍ରାମର ହ୍ରାସବୃଦ୍ଧି) ବିଧି ଯବମଧ୍ୟାଖ୍ୟ ଚାନ୍ଦ୍ରାୟଣରେ ଶୁକ୍ଳପକ୍ଷରୁ ଆରମ୍ଭ କରି ଜିତେନ୍ଦ୍ରିୟ ହୋଇ କରିବାକୁ ହେବ ।

**ଅଷ୍ଟାବଷ୍ଟୌ ସମଶ୍ନୀୟାତ୍ପିଣ୍ଡାନ୍ନମଧ୍ୟଦିନେ ସ୍ଥିତେ ।**
**ନିୟତାତ୍ମା ହବିଷ୍ୟାଶୀ ଯତିଚାନ୍ଦ୍ରାୟଣଞ୍ଚରନ୍ ।୨୧୯।**

ଯତିଚାନ୍ଦ୍ରାୟଣ ଆଚରଣ କଲେ ମାସେ କାଳ ଜିତେନ୍ଦ୍ରିୟ ଓ ହବିଷ୍ୟାନ୍ନଭୋଜୀ ହୋଇ ପ୍ରତିଦିନ ମଧ୍ୟାହ୍ନରେ ଆଠ ଆଠ ଗ୍ରାସ ଭୋଜନ କରିବ ।

**ଚତୁରଃ ପ୍ରାତରଶ୍ନୀୟାତ୍ପିଣ୍ଡାନ୍ ବିପ୍ରଃ ସମାହିତଃ ।**
**ଚତୁରୋଽସ୍ତମିତେ ସୂର୍ଯ୍ୟେ ଶିଶୁଚାନ୍ଦ୍ରାୟଣଂ ସ୍ମୃତମ୍ ।୨୨୦।**

ସମାହିତ ହୋଇ ବିପ୍ର ସକାଳେ ଚାରିଗ୍ରାସ ଓ ସାୟଂକାଳରେ ଚାରିଗ୍ରାସ ଓ ଏକ ଚାନ୍ଦ୍ରମାସ ଭୋଜନ କରିବାର ନାମ ଶିଶୁଚାନ୍ଦ୍ରାୟଣ ।

**ଯଥାକଥଞ୍ଚିତ୍ପିଣ୍ଡାନାଂ ତିସ୍ରୋଽଶୀତୀଃ ସମାହିତଃ ।**
**ମାସେନାଶ୍ନନ୍ ହବିଷ୍ୟସ୍ୟ ଚନ୍ଦ୍ର ସ୍ୟୈତି ସଲୋକତାମ୍ ।୨୨୧।**

ଏକାଗ୍ରଚିତ୍ତରେ ମାସକ ମଧ୍ୟରେ ୨୪୦ (ଗୁଣନ ୮୦) ଗ୍ରାସ ଅର୍ଥାତ୍ ଦିନକରେ ୮ ଗ୍ରାସ ହବିଷ୍ୟାନ୍ନ ଭୋଜନ କଲେ ଚନ୍ଦ୍ରପରି ନିର୍ମଳ ଲୋକ (ଦେହ) ପ୍ରାପ୍ତି ହୁଏ ।

**ଏତଦ୍ରୁଦ୍ରାସ୍ତଥାଦିତ୍ୟା ବସବଶ୍ଚାଚ଼ରନ୍ ବ୍ରତମ୍ ।**
**ସର୍ବାକୁଶଲମୋକ୍ଷାୟ ମରୁତଶ୍ଚ ମହର୍ଷିଭିଃ ।୨୨୨।***

ସମସ୍ତ ଅମଙ୍ଗଳରୁ ମୁକ୍ତହେବା କାରଣ ଏହି ଚାନ୍ଦ୍ରାୟଣ ବ୍ରତ ରୁଦ୍ର, ଆଦିତ୍ୟ, ବସୁ ଓ ମରୁତ୍ ଆଖ୍ୟାଧାରୀ ବିଦ୍ୱାନ ମହର୍ଷିମାନେ ଆଦରି ଥିଲେ ।

**ମହା ବ୍ୟାହୃତିଭିର୍ହୋମଃ କର୍ତ୍ତବ୍ୟଃ ସ୍ୱୟମନ୍ୱହମ୍ ।**
**ଅହିଂସା ସତ୍ୟମକ୍ରୋଧମାର୍ଜବଞ୍ଚ ସମାଚରେତ୍ ।୨୨୩।**

ନିଜେ ପ୍ରତିଦିନ ମହାବ୍ୟାହୃତି ସହିତ ହୋମ କରିବ ଏବଂ ଅହିଂସା, ସତ୍ୟ, କ୍ରୋଧହୀନତା ଓ ସରଳତା ଆଚରଣ କରିବ ।

**ତ୍ରିରହସ୍ତ୍ରିର୍ନିଶାୟାଞ୍ଚ ସବାସା ଜଲମାବିଶେତ୍ ।**
**ସ୍ତ୍ରୀଶୂଦ୍ରପତତାଂ ଶ୍ଚୈବ ନାଭିଭାଷେତ କର୍ହିଚିତ୍ ।୨୨୪।**

ଦିନରେ ତିନିଥର ଓ ରାତ୍ରିରେ ତିନିଥର ଲୁଗା ସହିତ ଜଳରେ ପଶି ସ୍ନାନ କରିବ ଏବଂ ସ୍ତ୍ରୀ, ଶୂଦ୍ର ଓ ପତିତମାନଙ୍କ ସଙ୍ଗେ କିଛି କଥାଭାଷା ହେବ ନାହିଁ ।

**ସ୍ଥାନାସନାଭ୍ୟାଂ ବିହରେଦଶକ୍ତୋଽଧଃ ଶୟୀତ ବା ।**
**ବ୍ରହ୍ମଚାରୀ ବ୍ରତୀ ଚ ସ୍ୟାଦ୍ଗୁରୁଦେହବଦ୍ୱିଜାର୍ଚ୍ଚକଃ ।୨୨୫।**

ଦିବାରାତ୍ର ଉଠାବସା ବ୍ୟବହାର କରିବ (ଅର୍ଥାତ୍ ଶୋଇ ରହିବ ନାହିଁ) ଏବଂ ଅକ୍ଷମ ହେଲେ ଭୂମିରେ ଶୋଇବ, ବ୍ରହ୍ମଚାରୀ (ସ୍ତ୍ରୀ ସଂସର୍ଗ ରହିତ) ଓ ବ୍ରତୀ (ନିୟମଧାରୀ) ହେବ ଏବଂ ଗୁରୁ, ଦେବ ଓ ଦ୍ୱିଜମାନଙ୍କର ଅର୍ଚ୍ଚନା କରିବ ।

**ସାବିତ୍ରୀଞ୍ଚ ଜପେନ୍ନିତ୍ୟଂ ପବିତ୍ରାଣି ଚ ଶକ୍ତିତଃ ।**
**ସର୍ବେଷ୍ୱେବଂ ବ୍ରତେଷ୍ୱେବଂ ପ୍ରାୟଶ୍ଚିତ୍ତାର୍ଥ ମାଦୃତଃ ।୨୨୬।**

ଶକ୍ତ୍ୟାନୁସାରେ ନିତ୍ୟ ଗାୟତ୍ରୀ (ଅନ୍ୟ ପୁରୁଷସୂକ୍ତାଦି) ପବିତ୍ର ମନ୍ତ୍ର ଜପ କରିବ, ପ୍ରାୟଶ୍ଚିତ୍ତ ସକାଶେ ସକଳ ବ୍ରତର ଏହି ଜପ ଶ୍ରଦ୍ଧା ସହିତ ଅନୁଷ୍ଠାନ କରିବା ଉଚିତ ।

**ଏତୈର୍ଦ୍ୱିଯାତୟଃ ଶୋଧ୍ୟା ବ୍ରତୈରାବିଷ୍କୃତୈନସଃ ।**
**ଅନାବିଷ୍କୃତପଂପାସ୍ତୁ ମନ୍ତ୍ରୈର୍ହୋମୈଶ୍ଚ ଶୋଧୟେପି ।୨୨୭।**

ଲୋକବିଦିତ ପାପ ସକଳରୁ ଦ୍ୱିଜାତିମାନେ ଏହି ସମସ୍ତ ବ୍ରତ ଦ୍ୱାରା ଶୁଦ୍ଧ ହେବେ; ମାତ୍ର ଅନାବିଷ୍କୃତ (ଗୁପ୍ତ) ପାପ ସକଳ ମନ୍ତ୍ର ଓ ହୋମଦ୍ୱାରା ଶୋଧିତ ହୁଏ ।

---

* ୨୨୧ ଓ ୨୨୨ ଶ୍ଳୋକ ପ୍ରକ୍ଷିପ୍ତ ।

**ଖ୍ୟାପନେନାନୁତାପେନ ତପସାଧ୍ୟୟନେନ ଚ ।**
**ପାପକୃନ୍ମୁଚ୍ୟତେ ପାପାତ୍ତଥା ଦାନେନ ଚାପଦି ।୨୨୮।**

ପାପକାରୀ ପାପ ପ୍ରକାଶ କରି ଅନୁତାପ କରିବା ଦ୍ୱାରା, ତପସ୍ୟା ଓ ବେଧାଧ୍ୟୟନ ଦ୍ୱାରା ଏବଂ ଅସମର୍ଥପକ୍ଷେ ଦାନ ଦେବା ଦ୍ୱାରା ପାପରୁ ମୁକ୍ତ ହୁଏ ।

**ଯଥା ଯଥା ନରୋଽଧର୍ମଂ ସ୍ୱୟଂ କୃତ୍ୱାନୁଭାଷତେ ।**
**ତଥା ତଥା ତ୍ୱଚେବାହିସ୍ତେନାଧର୍ମେଣ ମୂଚ୍ୟତେ ।୨୨୯।**

ମନୁଷ୍ୟ ସ୍ୱୟଂ ଯେ ଯେ ରୂପେ ଅଧର୍ମ କରି ଲୋକସମ୍ମୁଖରେ ପ୍ରକାଶକଲେ ସେହିରୂପେ ସେ ଅଧର୍ମରୁ, କାତିରୁ ସାପ ବାହାରିଲା ପ୍ରାୟ ମୁକ୍ତ ହୁଏ ।

**ଯଥା ଯଥା ମନସ୍ତସ୍ୟ ଦୁଷ୍କୃତଂ କର୍ମ ଗର୍ହତି ।**
**ତଥା ତଥା ଶରୀରଂ ତତ୍ ତେନାଧର୍ମେଣ ମୁଚ୍ୟତେ ।୨୩୦।**

ପାପକାରୀର ମନ ଯେ ଯେ ଭାବରେ ଦୁଷ୍କୃତକର୍ମରେ ନିନ୍ଦାକରେ ସେହି ସେହି ଭାବରେ ସେହି ଶରୀର ସେହି ଅଧର୍ମରୁ ମୁକୁଳି ଯାଏ ।

**କୃତ୍ୱା ପାପଂ ହି ସନ୍ତପ୍ୟ ତସ୍ମାତ୍ପାପାତ୍ ପ୍ରମୁଚ୍ୟତେ ।**
**ନୈବଂ କୁର୍ଯ୍ୟାଂ ପୁନରିତ ନିବୃତ୍ତ୍ୟା ପୂୟତେ ତୁ ସଃ ।୨୩୧।**

ପାପ କରି ସନ୍ତାପ କଲେହିଁ ସେହି ପାପରୁ ମୁକ୍ତିଲାଭ ହୁଏ ଏବଂ ପୁଣି କଦାପି ଏପରି କରିବି ନାହିଁ ବୋଲି ନିବୃତ୍ତ ହେଲେ ସେ ପବିତ୍ର ହୁଏ ।

**ଏବଂ ସଞ୍ଚିନ୍ତ୍ୟ ମନସା ପ୍ରେତ୍ୟକର୍ମଫଲୋଦୟମ୍ ।**
**ମନୋବାଙ୍ମୂର୍ତ୍ତିଭର୍ନିତ୍ୟ ଶୁଭଂ କର୍ମ ସମାଚରେତ୍ ।୨୩୨।**

ଏହିପରି ପରଲୋକରେ କର୍ମର ଫଳଭୋଗ ମନରେ ଉତ୍ତମ ରୂପେ ଚିନ୍ତାକରି କାୟମନୋବାକ୍ୟରେ ନିତ୍ୟ ଶୁଭକର୍ମ ଆଚରଣ କରିବ ।

**ଅଜ୍ଞାନାଦ୍ ଯଦି ବା ଜ୍ଞାନାକୃତା କର୍ମ ବିଗର୍ହିତମ୍ ।**
**ତସ୍ମାଦ୍ବିମୁକ୍ତିମନ୍ୱିଚ୍ଛନ୍ ଦ୍ୱିତୀୟଂ ନ ସମାଚରେତ୍ ।୨୩୩।**

ଅଜ୍ଞାନରେ ହେଉ ବା ଜ୍ଞାନକୃତ ହେଉ ମନ୍ଦକାର୍ଯ୍ୟ କରି ତହିଁରୁ ମୁକ୍ତ ହେବାକୁ ଇଚ୍ଛା କରିବା ଲୋକ ଦ୍ୱିତୀୟଥର ସେପରି କରିବ ନାହିଁ ।

**ଯସ୍ମିନ୍ କର୍ମଣ୍ୟସ୍ୟ କୃତେ ମନସଃ ସ୍ୟାଦଲାଘବମ୍ ।**
**ତସ୍ମିଂସ୍ତାବତ୍ତପଃ କୁର୍ଯ୍ୟାଦ୍ୟାବତ୍ତୁଷ୍ଟିକରଂ ଭବେତ୍ ।୨୩୪।**

ଯେଉଁ କାର୍ଯ୍ୟକଲେ ପାପକାରୀର ମନ ଭାରୀ ହୁଏ ତହିଁରେ ଯେ ପର୍ଯ୍ୟନ୍ତ ତୃଷ୍ଟି ଲାଭ ନ ହୁଏ ସେ ପର୍ଯ୍ୟନ୍ତ ତପସ୍ୟା (ବେଦପାଠାଦି ପ୍ରାୟଶ୍ଚିତ୍ତ) କରିବାକୁ ହେବ ।

**ତପୋମୂଳମିଦଂ ସର୍ବଂ ଦୈବମାନଷକଂ ସୁଖମ୍ ।**
**ତପୋମଧ୍ୟଂ ବୁଧୈଃ ପ୍ରୋକ୍ତଂ ତପୋଽନ୍ତଂ ବେଦଦର୍ଶିଭିଃ ।୨୩୫।**

ବେଦାର୍ଥଜ୍ଞ ପଣ୍ଡିତମାନେ କହିଅଛନ୍ତି ଦେବ (ବିଦ୍ୱାନ) ଓ (ସାଧାରଣ) ମନୁଷ୍ୟମାନଙ୍କର ଏ ସମସ୍ତ ସୁଖର ମୂଳ ତପସ୍ୟା, ମଧ ତପସ୍ୟା ଓ ଅନ୍ତ ତପସ୍ୟା (ଅର୍ଥାତ୍, ତପସ୍ୟାଦ୍ୱାରା ସୁଖ ଜାତ ଓ ସଂରକ୍ଷିତ ହୋଇ ଅନ୍ତ ପର୍ଯ୍ୟନ୍ତ ବର୍ତ୍ତମାନ ଥାଏ) ।

**ବ୍ରାହ୍ମଣସ୍ୟ ତପୋଜ୍ଞାନଂ ତପଃ କ୍ଷେତ୍ରସ୍ୟ ରକ୍ଷଣମ୍ ।**
**ବୈଶ୍ୟସ୍ୟ ତୁ ତପୋ ବାର୍ତ୍ତା ତପଃ ଶୂଦ୍ରସ୍ୟ ସେବନମ୍ ।୨୩୬।**

ବ୍ରାହ୍ମଣର ତପସ୍ୟା ଜ୍ଞାନ (ବେଦାର୍ଥାବବୋଧ), କ୍ଷତ୍ରିୟର ତପସ୍ୟା (ସୁଶାସନାଦି ଦ୍ୱାରା) ରକ୍ଷାକାର୍ଯ୍ୟ ବୈଶ୍ୟର ତପସ୍ୟା ବାଣିଜ୍ୟବ୍ୟାପାରରେ ଲାଗିବା ଏବଂ ଶୂଦ୍ରର ତପସ୍ୟା ସେବା ଧର୍ମସାଧନ ।

**ଋଷୟଃ ସଂଯତାତ୍ମାନଃ ଫଳମୂଳାନିଲାଶନାଃ ।**
**ତପସେବ ପ୍ରପଶ୍ୟନ୍ତି ତ୍ରୈଲୋକ୍ୟଂ ସଚରାଚରମ୍ ।୨୩୭।**

ଫଳମୂଳ ଓ ବାୟୁ ଆହାରୀ ଜିତେନ୍ଦ୍ରିୟ ଋଷିମାନେ ତପସ୍ୟାଦ୍ୱାରା ହିଁ ସ୍ଥାବର ଜଙ୍ଗମ ସହିତ ପୃଥିବୀ, ଅଧ ଊର୍ଦ୍ଧ୍ୱ ଏରୂପ ତିନିଲୋକ ପ୍ରତ୍ୟକ୍ଷ ଦେଖିବାକୁ ସମର୍ଥ ହୁଅନ୍ତି ।

**ଔଷଧାନ୍ୟଗଦୋ ବିଦ୍ୟା ଦୈବୀ ଚ ବିବିଧା ସ୍ଥିତିଃ ।**
**ତପସୈବ ପ୍ରସିଦ୍ଧ୍ୟନ୍ତି ତପସ୍ତେଷାଂ ହି ସାଧନମ୍ ।୨୩୮।**

ଔଷଧ, ନିରୋଗିତା, ବିଦ୍ୟା ଓ ଅଣିମାଦି ଯୋଗର୍ଜିତ ଶକ୍ତି ଏ ସବୁ ତପସ୍ୟାଦ୍ୱାରାହିଁ ମିଳେ ଏବଂ ତପସ୍ୟାହିଁ ସେ ସକଳର ସାଧନ (ପ୍ରାପ୍ତ ନିମିତ୍ତ) ।

**ଯଦ୍ଦୁସ୍ତରଂ ଯଦ୍ଦୁରାପଂ ଯଦ୍ଦୁର୍ଗଂ ଯଚ୍ଚ ଦୁଷ୍କରମ୍ ।**
**ସର୍ବନ୍ତୁ ତପସା ସାଧ୍ୟଂ ତପୋହି ଦୂରତିକ୍ରମମ୍ ।୨୩୯।**

ଯାହା କିଛି ଦୁସ୍ତର, ଯାହାକିଛି ଦୁଷ୍ପ୍ରାପ୍ୟ, ଯାହାକିଛି ଦୁର୍ଗମ ଓ ଯାହାକିଛି ଦୁଷ୍କର ସେସବୁ ତପସ୍ୟାଦ୍ୱାରା ଆୟତ୍ତ ହୁଏ କାରଣ ତପସ୍ୟାର ଶକ୍ତି ଦୁର୍ଲ୍ଲଙ୍ଘେୟ (ଅର୍ଥାତ୍ ତପସ୍ୟାକୁ କେହି ଲଙ୍ଘି ପାରିବ ନାହିଁ; ମାତ୍ର ତାହା ସମସ୍ତଙ୍କୁ ଲଙ୍ଘିପାରେ) ।

**ମହାପାତକିନଶ୍ଚୈବ ଶେଷାଶ୍ଚାକାର୍ଯ୍ୟକାରିଣଃ ।**
**ତପସୈବ ସୁତପ୍ତେନ ମୁଚ୍ୟନ୍ତେ କିଲ୍ବିଷାତ୍ତତଃ ।୨୪୦।**

ମହାପାତକୀ ଓ ଅପରାପର କାର୍ଯ୍ୟକାରୀମାନେ ଉକ୍ତରୂପେ ସମ୍ୟକ ଅନୁଷ୍ଠିତ ତପସ୍ୟାଦ୍ୱାରା ସେହି ପାପରୁ ମୁକ୍ତ ହୁଅନ୍ତି ।

**କୀଟାଶ୍ଚା ହି ପତଙ୍ଗାଶ୍ଚ ପଶବଶ୍ଚ ବୟାଂସି ଚ ।**
**ସ୍ଥାବରାଣି ଚ ଭୂତାନି ଦିବଂ ଯାନ୍ତି ତପୋବଳାତ୍ ।୨୪୧।***

କୀଟ, ସର୍ପ, ପତଙ୍ଗ, ପଶୁ, ପକ୍ଷୀ ଏବଂ ସ୍ଥାବରାଦି ଭୂତସକଳ ତପସ୍ୟା ପ୍ରଭାବରୁ ସ୍ୱର୍ଗଲାଭ କରନ୍ତି ।

**ଯତ୍କିଞ୍ଚିଦେନଃ କୁର୍ବନ୍ତି ମନୋବାଙ୍ମୂର୍ତ୍ତିଭିର୍ଜନାଃ ।**
**ତତ୍ସର୍ବଂ ନିର୍ଦହନ୍ତ୍ୟାଶୁ ତପସୈବ ତପୋଧନାଃ ।୨୪୨।**

ମନୁଷ୍ୟମାନେ ମନ, ବାକ୍ୟ ଏବଂ ଶରୀରଚାଳନଦ୍ୱାରା ଯେ କିଛି ପାପକାର୍ଯ୍ୟ କରନ୍ତି । ତପୋଧନ (ତପସ୍ୟାସାଧକ) ମାନେ ତପସ୍ୟାଦ୍ୱାରାହିଁ ତହିଁର ମନ୍ଦଭଲସବୁ ଶୀଘ୍ର ପୋଡ଼ିପକାନ୍ତି ।

**ତପସୈବ ବିଶୁଦ୍ଧସ୍ୟ ବ୍ରାହ୍ମଣସ୍ୟ ଦିବୌକସଃ ।**
**ଇଜ୍ୟାଶ୍ଚ ପ୍ରତିଗୃହ୍ଣନ୍ତି କାମାନ୍ ସମ୍ବର୍ଦ୍ଧୟନ୍ତି ଚ ।୨୪୩।**

ତପସ୍ୟାଦ୍ୱାରା ଏକା ବିଶୁଦ୍ଧବ୍ରାହ୍ମଣର ଯଜ୍ଞରେ ଦେବତାମାନେ ଆହୁତି ଗ୍ରହଣ କରନ୍ତି ଏବଂ ମନୋବାଞ୍ଛିତଫଳ ବୃଦ୍ଧି କରନ୍ତି (ଅର୍ଥାତ୍ ନିଷ୍ପାପ ଓ ନିର୍ମଳ ଚିତ୍ତରେ ଯଜ୍ଞହିଁ ସିଦ୍ଧହୁଏ ଓ ବାଞ୍ଛିତ ଫଳ ଅଧିକରୁ ଅଧିକ ମିଳେ, ପାପିମାନଙ୍କର ବାଧା ବିଶେଷ ଯଜ୍ଞରେ ଆହୁତି ହେବା ମାତ୍ରକେ ଇନ୍ଦ୍ରବାୟୁ ଇତ୍ୟାଦିରେ ତାହା ପହଞ୍ଚିଯାଏ ମାତ୍ର ନିଷ୍ପାପୀ ଲୋକେ ଏହା ଦେଇପାରନ୍ତି ।

* - ଏ ଶ୍ଳୋକ ପ୍ରକ୍ଷିପ୍ତ ।

**ପ୍ରାଜାପତିରିଦଂ ଶାସ୍ତ୍ରଂ ତପସୈବାସଜତ୍‌ପ୍ରଭୁଃ ।**
**ତଥୈବ ବେଦାନୃଶୟସ୍ତପସା ପ୍ରତିପେଦିରେ ।୨୪୪। ✻**

ପ୍ରଭୁ ପ୍ରଜାପତି ଏହି ଶାସ୍ତ୍ର ତପସ୍ୟା ଦ୍ୱାରାହିଁ ସର୍ଜନ କରିଥିଲେ, ସେହିପରି ଋଷିମାନେ ତପସ୍ୟାଦ୍ୱାରା ବେଦ ପାଇଥିଲେ ।

**ଇତ୍ୟେତତ୍ତପସୋ ଦେବା ମହା ଭାଗ୍ୟଂ ପ୍ରଚକ୍ଷତେ ।**
**ସର୍ବସ୍ୟାସ୍ୟ ପ୍ରପଶ୍ୟନ୍ତସ୍ତପସଃ ପୁଣ୍ୟମୁତ୍ତମମ୍ ।୨୪୫। ✻**

ଏଥି ତପସ୍ୟାର ମହାଭାଗ୍ୟ ଦେବଗଣ ଦେଖି ଏହିସବୁ ତପସ୍ୟାର ପୁଣ୍ୟ ଫଳକୁ ଉତ୍ତମ ବୋଲି ପ୍ରଦର୍ଶନ କରିଅଛନ୍ତି ।

**ବେଦାଭ୍ୟାସୋଽନ୍ୱହଂ ଶକ୍ତ୍ୟା ମହାଯଜ୍ଞକ୍ରିୟା କ୍ଷମା ।**
**ନାଶୟନ୍ତ୍ୟାଶୁ ପାପାନି ମହାପାତକଜାନ୍ୟପି ।୨୪୬।**

ପ୍ରତିଦିନ ଯଥାଶକ୍ତି ବେଦାଧ୍ୟୟନ ଓ ପଞ୍ଚମହାଯଜ୍ଞର ଅନୁଷ୍ଠାନ କରିବା ଓ ଅପରାଧ ସହିଷ୍ଣୁତା ମହାପାତକଜନିତ ପାପକୁ ସୁଦ୍ଧା ଶୀଘ୍ର ନଷ୍ଟକରେ(ଅପରାଧ) କାଳାମାତ୍ରକେ ପ୍ରତିଫଳ ଭୋଗ ହୁଏ ଏବଂ ତାହା ସହିଯାଇ ସଦନୁଷ୍ଠାନରେ ପ୍ରବୃତ୍ତ ହେଲେ ସୁଫଳ ମିଳେ) ।

**ଯଥୈଧସ୍ତେଜସା ବହ୍ନିଃପ୍ରାପ୍ତଂ ନିର୍ଦ୍ଦହତି କ୍ଷଣାତ୍ ।**
**ତଥାଜ୍ଞାନାଗ୍ନି ନା ପାପଂ ସର୍ବଂ ଦହତି ବେଦବିତ୍ ।୨୪୭।**

ଅଗ୍ନି ଯେପରି ତେଜଦ୍ୱାରା ଇନ୍ଧନକୁ କ୍ଷଣକାଳ ମଧ୍ୟରେ ପୋଡ଼ିପକାଏ ସେହିପରି ବେଦଜ୍ଞ ଜ୍ଞାନରୂପ ଅଗ୍ନିଦ୍ୱାରା ପାପସବୁ ପୋଡ଼ିପକାଏ ।

**ଇତ୍ୟେତଦେନସା ମୁକ୍ତଂ ପ୍ରାୟଶ୍ଚିତ୍ତଂ ଯଥାବିଧି ।**
**ଅତଊର୍ଦ୍ଧ୍ୱଂ ରହସ୍ୟାନାଂ ପ୍ରାୟଶ୍ଚିତ୍ତଂ ନିବୋଧତ ।୨୪୮।**

ଏହି ପର୍ଯ୍ୟନ୍ତ ପ୍ରକାଶ୍ୟ ପାପରୁ ମୁକ୍ତହେବାର ପ୍ରାୟଶ୍ଚିତ୍ତ ବିଧି ବୋଲାଗଲା, ଏବେ ଗୋପନୀୟ ପାପର ପ୍ରାୟଶ୍ଚିତ୍ତ ଶୁଣ ।

**ସବ୍ୟାହୃତପ୍ରଣବକାଃ ପ୍ରାଣାୟାମସ୍ତୁ ଷୋଡ଼ଶ ।**
**ଅପିଭ୍ରୂଣହନଂ ମସାପୁନନ୍ତ୍ୟହରହଃ କୃତାଃ ।୨୪୯।**

ବ୍ୟାହୃତି ଓ ପ୍ରଣବ ସହିତ ୧୬ ପ୍ରାଣାୟାମ ପ୍ରତିଦିନ ଏକମାସ କଲେ ଭ୍ରୂଣହନ୍ତାକୁ ସୁଦ୍ଧା ବିଶୁଦ୍ଧ କରିଦିଏ ।

**କୌସଂ ଜପ୍ତ୍ୱାପ ଇତ୍ୟେତଦ୍‌ବାସିଷ୍ଠଞ୍ଚ ପ୍ରତିତ୍ର୍ୟୁଚମ୍ ।**
**ମାହିତ୍ରଂ ଶୁଦ୍ଧବତ୍ୟଶ୍ଚ ସୁରାପୋଽପି ବିଶୁଦ୍ଧ୍ୟତି ।୨୫୦। ✻**

---

✻ ଏ ଶ୍ଳୋକ ପ୍ରକ୍ଷିପ୍ତ, କୌଣସି ପାଠରେ 'ଶାସ୍ତ୍ରଂ' ସ୍ଥଳରେ 'ସର୍ବଂ' ଅଛି ।

✻ ଏହାପରେ ଦୁଇପୁସ୍ତକ ଓ ରାମଚନ୍ଦ୍ରକୃତ ଟୀକାରେ ମିଳେ-

ବ୍ରହ୍ମଚର୍ଯ୍ୟଂ ଜପୋ ହୋମଃ କାଳେ ଶୁଦ୍ଧାନ୍ନଭୋଜନମ୍ ।
ଅରାଗଦ୍ୱେଷଲୋଭାଶ୍ଚ ଉପଭକ୍ତଂ ସ୍ୱୟମ୍ଭୁବା ।

ବ୍ରହ୍ମଚର୍ଯ୍ୟ,ଜପ, ହୋମ, ସମୟାନୁସାରେ ବିଶୁଦ୍ଧ ଓ ଅଳ୍ପଭୋଜନ ଏବଂ ରାଗ ଦ୍ୱେଷ ଓ ଲୋକ ବର୍ଜନକୁ ବ୍ରହ୍ମା ତପବୋଲି କହିଅଛନ୍ତି ।

✻ ଦୁଇ ପୁସ୍ତକରେ ''ମାହିତ୍ରଂ'' ସ୍ଥାନରେ ''ମାହେନ୍ଦ୍ରଂ'' ଅଛି ।

କୌତ୍ସଋଷି ଦୃଷ୍ଟ 'ଅପ ନାଃ ଶୋଶୁଚଦଘମ୍' ଋକ୍‌ବେଦସ୍ଥ ୧।୯୭।୧ ଠାରୁ ୮ ଏବଂ ବିଶିଷ୍ଟ ଋଷି ଦୃଷ୍ଟ ''ପ୍ରତିସ୍ତୋମେଭିରୁଷସଂ ବଶିଷ୍ଠା'' ଇତ୍ୟାଦି ଋକ୍ ୭।୮୦।୧ ''ମହିତ୍ରୀଣାମବୋସ୍ତୁ'' ଇତ୍ୟାଦି ଋକ୍ ୧୦।୧୮୫।୧ ଏବଂ ''ଏତୋନ୍ୱିନ୍ଦ୍ରଂସ୍ତବାନଂ ଶୁଦ୍ଧଂ ଶୁଦ୍ଧେନ'' ଇତ୍ୟାଦି ଋକ୍ ୮।୯୫।୭ ଶୁଦ୍ଧଶାଳୀ ମନ୍ତ୍ରମାନ ଜପକଲେ ସୁରାପାୟୀ ସୁଦ୍ଧା ବିଶୁଦ୍ଧ ହୁଏ ।

**ସକୃଜ୍ଜପ୍ତ୍ୱାସ୍ୟବାମୟଂ ଶିବସଂକଳ୍ପମେବ ଚ ।**
**ଅପହୃତ୍ୟ ସୁବର୍ଣ୍ଣନ୍ତୁ କ୍ଷଣାଭବତି ନିର୍ମଳଃ ।୨୫୧।**

ସୁନା ଚୋରି କରି ''ଅସ୍ୟବାମ'' ଇତ୍ୟାଦି ଋକ୍‌ବେଦର ୧।୧୬୪।୧ ଠାରୁ ୫୧ ଓ ଶିବସଂକଳ୍ପ ଇତ୍ୟାଦି ଶବ୍ଦବିଶିଷ୍ଟ ଯଜୁର୍ବେଦର ୩୪ ଅଧ୍ୟାୟର ୧ ଠାରୁ ୬ ମନ୍ତ୍ରମାନ ଥରେ ଜପକଲେ ତତ୍‌କ୍ଷଣାତ୍ ନିର୍ମଳ ହୁଏ ।

**ହବିଷ୍ୟନ୍ତିୟମଭ୍ୟସ୍ୟ ନତମଂହ ଇତୀତିଚ ।**
**ଜପିତ୍ୱା ପୌରୁଷଂ ସୂକ୍ତ ମୁଚ୍ୟତେ ଗୁରୁତଳ୍ପଗଃ ।୨୫୨।***

''ହବିଷ୍ୟାନ୍ତ ମଜରଂ ସ୍ୱର୍ବଦି'' ଇତ୍ୟାଦି ଋକ୍ ୧୦।୮୮।୧ ଓ 'ନ ତମଂହୋନ ଦୁରିତଂ' ଇତ୍ୟାଦି ଋକ୍ ୨।୨୩।୫ ବା ୧୦।୧୨୬।୧ ଓ 'ଇତି ବା ଇତି ମେ ମନଃ'' ଋକ ୧୦।୧୧୯।୧ ଅଭ୍ୟାସକରି ପୌରୁଷ ସୂକ୍ତ (ସହସ୍ର ଶୀର୍ଷା ପୁରୁଷଃ ଇତ୍ୟାଦି ଋକ୍ ୧୦।୯୦।୧-୧୬ ମନ୍ତ୍ରମାନ ଜପକଲେ ଗୁରୁଦାରଗାମୀ ପାପରୁ ମୁକ୍ତ ହୁଏ ।

**ଏନସାଂ ସ୍ଥୂଳସୂକ୍ଷ୍ମାଣାଂ ଚିକୀର୍ଷନ୍ନପନୋଦନମ୍ ।**
**ଅବେତ୍ୟୃଚଂ ଜପେଦବ୍ଦଂ ଯତ୍କିଞ୍ଚେଦମିତୀତି ବା ।୨୫୩।**

ବଡ଼ ଓ ସାନ ପାପ ଦୂର କରିବାକୁ ଇଚ୍ଛାକରିବା ଲୋକ ''ଅବ ତେଂ ହେଳ୍ୟୋ ବରୁଣ ନମୋଭିରବ'' ଋକ ୧।୨୪।୧୪ ଅଥବା ''ଯତ୍କିଞ୍ଚେଦଂ ବରୁଣ ଦୈବ୍ୟେ । ଜନେଽଭିଦ୍ରୋହଂ'' ଇତ୍ୟାଦି ଋକ୍ ୧୦।୯୦।୧—୧୬ ମନ୍ତ୍ରମାନ ଜପକଲେ ଗୁରୁଦାରଗାମୀ ପାପରୁ ମୁକ୍ତ ହୁଏ ।

**ପ୍ରତିଗୃହ୍ୟାପତିଗ୍ରାହ୍ୟଂ ଭୁକ୍ତ୍ୱାଚାନ୍ନଂ ବିଗର୍ହିତମ୍ ।**
**ଜପଂସ୍ତରତ୍ସମନ୍ଦୀୟଂ ପୂୟତେ ମାନବସ୍ତ୍ର୍ୟହାତ୍ ।୨୫୪।**

ଗ୍ରହଣର ଅଯୋଗ୍ୟ ଦାନ ଗ୍ରହଣ କଲେ ଏବଂ ନିନ୍ଦିତ ଅନ୍ନଭୋଜନ କଲେ ''ତରତ୍ସମନ୍ଦୀ ଧାବତି' ଇତ୍ୟାଦି ଋକ୍ ୯।୫୮।୧-୪ ମନ୍ତ୍ରମାନ ଜପକଲେ ତିନିଦିନରେ ମନୁଷ୍ୟ ପବିତ୍ର ହୁଏ ।

**ସୌମାରୌଦ୍ରନ୍ତୁ ବହ୍ୱେନା ମାସମଭ୍ୟସ୍ୟ ଶୁଦ୍ଧ୍ୟତି ।**
**ସ୍ରବନ୍ତ୍ୟାମାଚରନ୍ ସ୍ନାନମର୍ଯ୍ୟମଣା ମିତ ଚ କୃଚମ୍ ।୨୫୫।**

ସୋମରୁଦ୍ରା ଧାରୟେଥା ଇତ୍ୟାଦି , ଋକ୍ ୬।୭୪।୧-୪ ଏବଂ 'ଅର୍ଯ୍ୟମଣଂ ବରଣ ମିତ୍ରଂ, ଇତ୍ୟାଦି ଋକ୍ ୪।୪।୪୬ ତିନିମନ୍ତ୍ର ନଦୀରେ ସ୍ନାନ ଆଚରି ଏକମାସ ଅଭ୍ୟାସକଲେ ବହୁପାପକାରୀ ଶୁଦ୍ଧହୁଏ ।

**ଅବ୍ଦାର୍ଦ୍ଧ ମିନ୍ଦ୍ର ମିତ୍ୟେତଦେନସ୍ୱୀ ସପ୍ତକଂ ଜପେତ୍ ।**
**ଅପ୍ରଶସ୍ତନ୍ତୁ କୃତ୍ୱାପ୍‌ସୁମାସୀତ ଭୈକ୍ଷ୍ୟଭୂକ୍ ।୨୫୬।**

ପାପୀ ପୁରୁଷ ଛଅମାସ 'ଇନ୍ଦ୍ରଂମନ୍ତଂ ବରୁଣମଗ୍ନିମୂତୟେ' ଇତ୍ୟାଦି ଋକ୍ ୧।୧୦୬।୧-୭ ସାତଗୋଟି ମନ୍ତ୍ର ଜପକରିବ ଏବଂ ଜଳରେ ନ କରିବା କାମକଲେ ମାସେକାଳ ଭିକ୍ଷାଭୋଜୀ ହୋଇ ରହିବ ।

* ୨୪୮ ଠାରୁ ୨୫୨ ଶ୍ଳୋକ ପ୍ରକ୍ଷିପ୍ତ ।

**ମନ୍ତ୍ରୈଃ ଶାକଲହୋମୀୟୈରବ୍ଦଂ ହୁତ୍ୱାଘୃତଂ ଦ୍ୱିଜଃ ।**
**ସୁଗୁର୍ବାପ୍ୟହନ୍ତ୍ୟେନୋ ଜପ୍ତ୍ୱା ବା ନମ ଇତ୍ୟୃଚମ୍ ।୨୫୭।**

ଦ୍ୱିଜ ଶାକଲହୋମୀୟ ମନ୍ତ୍ରମାନ ଉଚ୍ଚାରଣପୂର୍ବକ ଘୃତାହୁତି ଦ୍ୱାରା ହୋମକରି ଅଥବା 'ନମ ଇତ୍ୟାଦି' ଯଜୁ ୧୬।୨୮ ବା ଯଜୁ ୧୬।୩୧। ବା ଋକ୍ ୧୦।୩୭।୧ ମନ୍ତ୍ର ଜପି ଏକବର୍ଷରେ ଗୁରୁତର ପାପ ଦୂରକରେ ।

**ମହାପାତକ ସଂଯୁକ୍ତୋଽନୁଗଚ୍ଛେଦ୍ ଗାଃ ସମାହିତଃ ।**
**ଅଭ୍ୟାସ୍ୟାବ୍ଦଂ ପାବମାନୀ ଭୈକ୍ଷ୍ୟାହାରୋ ବିଶୁଦ୍ଧ୍ୟତି ।୨୫୮।**

ମହାପାତକୀ ସମାହିତ ହୋଇ ଗୋରୁର ଅନୁଗମନ କରିବ ଓ ପାବମାନୀ (ପବମାନ ଦେବତାବିଶିଷ୍ଟ ଋକ୍ ୯।୧।୧ ଠାରୁ ୦।୧୧୪।୪ ପର୍ଯ୍ୟନ୍ତ) ମନ୍ତ୍ରମାନ ଅଭ୍ୟାସ କରି ଏକବର୍ଷ ଭିକ୍ଷାନ୍ନଭୋଜୀ ହୋଇ ରହିଲେ ବିଶୁଦ୍ଧ ହେବ ।

**ଅରଣ୍ୟେ ବା ତ୍ରିରଭ୍ୟସ୍ୟ ପ୍ରୟତୋ ବେଦସଂହିତାମ୍ ।**
**ମୁଚ୍ୟତେ ପାତକୈଃ ସର୍ବୈଃ ପରାକୈଃ ଶୋଧବତସ୍ତ୍ରିଭିଃ ।୨୫୯।**

ଅଥବା ପୂର୍ବକ୍ତୋ ତିନି ପରାକବ୍ରତଦ୍ୱାରା ଶୁଦ୍ଧହୋଇ ଅରଣ୍ୟରେ ଜିତେନ୍ଦ୍ରିୟଭାବରେ ତିନି ବେଦସଂହିତା ଅଭ୍ୟାସ କଲେ ସକଳ ପାପରୁ ମୁକ୍ତିମିଳେ ।

**ସ୍ୟହନ୍ତୁପବସେଦ୍ ଯୁକ୍ତସ୍ତ୍ରିରହ୍ନୋଽଭ୍ୟୁପୟନ୍ନପଃ ।**
**ମୁଚ୍ୟତେ ପାତକୈଃ ସର୍ବୈସ୍ତ୍ରିର୍ଜପିତ୍ୱାଘମର୍ଷଣମ୍ ।୨୬୦।**

ସଂଯତଭାବରେ ତ୍ରିରାତ୍ର ଉପବାସ କରି ପ୍ରତିଦିନ ତ୍ରିସନ୍ଧ୍ୟା ସ୍ନାନକରି ଜଳରେ ଠିଆହୋଇ ଅଘମର୍ଷଣ ମନ୍ତ୍ରମାନ (ଋକ୍ ୧୦।୧୯୦।୧-୩) ତିନିଥର ଜପକଲେ ସକଳ ପାପ ହର ହୁଏ ।

**ଯଥାଶ୍ୱମେଧଃ କ୍ରତୁରାଟ୍ ସର୍ବପାପାପନୋଦନଃ ।**
**ତଥାଘମର୍ଷଣଂ ସୁକ୍ତଂ ସର୍ବପାପାପନୋଦନମ୍ ।୨୬୧।**

ଯଜ୍ଞରାଜ ଅଶ୍ୱମେଧଯଜ୍ଞ ଯେପରି ସକଳ ପାପ ଦୂରକରେ ଅଘମର୍ଷଣ ସୂକ୍ତର ମନ୍ତ୍ରମାନ ସେହିପରି ସକଳ ପାପ ନଷ୍ଟକରେ ।

**ହତ୍ୱା ଲୋକାନପୀମାଂସ୍ତ୍ରୀନଶ୍ନନ୍ନପି ଯତସ୍ତତଃ ।**
**ଋଗ୍‌ବେଦଂ ଧାରୟନ୍ ବିପ୍ରୋ ନୈନଃ ପ୍ରାପ୍ନୋତି କିଞ୍ଚନ ।୨୬୨।**

ଏହି ତିନିଲୋକ ନଷ୍ଟକରି ଯଥାତଥା ଭୋଜନକଲେ ସୁଦ୍ଧା ବିପ୍ରର ଋଗ୍‌ବେଦର ଧାରଣା ଥିଲେ କିଛିମାତ୍ର ପାପ ହୁଏ ନାହିଁ ।

**ଋକ୍ ସଂହିତା ତ୍ରିରଭ୍ୟସ୍ୟ ଯଜୁଷାଂ ବା ସମାହିତଃ ।**
**ସାମ୍ନାଂ ବା ସରହସ୍ୟାନାଂ ସର୍ବପାପୈଃ ପ୍ରମୁଚ୍ୟତେ ।୨୬୩।**

ଋଗ୍‌ବେଦ ସଂହିତା ବା ଯଜୁର୍ବେଦ ସଂହିତା ବା ସାମବେଦ ସଂହିତା ବ୍ରାହ୍ମଣୋପନିଷଦାଦି ସହିତ ସମାହିତଚିତ୍ତରେ ତିନିଥର ଆବୃତ୍ତିକଲେ ସକଳ ପାପରୁ ମୁକ୍ତି ମିଳେ ।

**ଯଥା ମହାହ୍ରଦଂ ପ୍ରାପ୍ୟ କ୍ଷିପ୍ତଂ ଲୋଷ୍ଟଂ ବିନଶ୍ୟତି ।**
**ତଥା ଦୁଶ୍ଚରିତଂ ସର୍ବଂ ବେଦେତ୍ରିବୃତି ମଜ୍ଜତି ।୨୬୪।**

ମହାହ୍ରଦକୁ ଟେକା ଫୋପାଡ଼ିଲେ ଯେପରି ନଷ୍ଟହୁଏ ସେହିପରି ସମସ୍ତ ପାପ ତ୍ରିବୃତ ବେଦରେ ବୁଡ଼ିଯାଏ ।

**ଋଚୋ ଯଜୂଂଷି ଚାନ୍ୟାନି ସମାନି ବିବିଧାନି ଚ ।**
**ଏଷଜ୍ଞେୟ ସ୍ତ୍ରିବୃଦ୍‌ବେଦୋ ଯୋ ବୈଦୈନଂ ସ ବେଦବିତ୍ ।୨୬୫।**

ଋକ୍, ଯଜୁ ଓ ସମାବେଦର ଅନ୍ୟ ନାନାପ୍ରକାର ମନ୍ତ୍ରମାନେ ତ୍ରିବୃଦବେଦ ବୋଲାଏ, ଯେ ଏସବୁ ଜାଣେ ସେହି ବେଦବିତ୍ ।

**ଆଦ୍ୟଂ ଯତ୍ତ୍ର୍ୟକ୍ଷରଂ ବ୍ରହ୍ମତ୍ରୟେ ଯସ୍ମିନ୍‌ପ୍ରତିଷ୍ଠାତାଃ ।**
**ସ ଗୁହ୍ୟୋନ୍ୟସ୍ତ୍ରିବୃଦ ବେଦୋଯସ୍ତଂ ବେଦ ସ ବେଦବିତ୍ ।୨୬୬। ✲**

ସକଳ ବେଦର ଆଦି ଯେଉଁ ତିନି ଅକ୍ଷର (ଅ-ଉ-ମ=ଓ) ଓଙ୍କାର ରୂପ ବେଦ କି ଯହିଁରେ ତିନିବେଦ ପ୍ରତିଷ୍ଠିତ ଅଛି ତାହା ଅନ୍ୟ ତ୍ରିବୃଦ୍‌ବେଦ ଗୁପ୍ତ (ବୀଜରୂପ) ଅଟେ, ଏଥିରେ ସ୍ୱରୂପାର୍ଥ (ପରମାତ୍ମା)କୁ ଯେ ଜାଣେ ସେହି ବେଦବିତ୍ ଅଟେ ।

**ଏକାଦଶଽଧ୍ୟାୟ ସମାପ୍ତ**

—✲—

# ଦ୍ୱାଦଶୋଽଧ୍ୟାୟଃ

**ଚତୁର୍ବର୍ଣ୍ଣସ୍ୟ କୃତ୍ସ୍ନୋଽୟମୁକ୍ତୋ ଧର୍ମସ୍ତ୍ୱୟାନଘ ।**
**କର୍ମଣାଂ ଫଳନିର୍ବୃତ୍ତିଂ ଶଂସନସ୍ତତ୍ତ୍ୱତଃ ପରମ୍ ।୧।**

(ମହର୍ଷିମାନେ ଭୃଗୁଙ୍କୁ ପଚାରିଲେ) ହେ ପାପରହିତ ! ତୁମ୍ଭେ ଚାରିବର୍ଣ୍ଣର ସମଗ୍ରଧର୍ମ ବୋଇଲ, ଏବେ କର୍ମର ଶୁଭାଶୁଭ ପରମାର୍ଥରୂପ ଫଳପ୍ରାପ୍ତିର ତତ୍ତ୍ୱ ଆମ୍ଭମାନଙ୍କୁ ବୋଲ ।

**ସ ତାନୁବାଚ ଧର୍ମାତ୍ମା ମହର୍ଷୀନ୍ ମାନବୋ ଭୃଗୁଃ ।**
**ଅସ୍ୟ ସର୍ବସ୍ୟ ଶୃଣୁତ କର୍ମଯୋଗସ୍ୟ ନିର୍ଣ୍ଣୟମ୍ ।୨। ✲**

ସେ ଧର୍ମାତ୍ମା ମନୁ ପୁତ୍ର ଭୃଗୁ ସେହି ମହର୍ଷିମାନଙ୍କୁ କହିଲେ ଏହିସବୁ କର୍ମଯୋଗମାନଙ୍କର ନିର୍ଣ୍ଣୟ ଶୁଣ ।

---

✲ ଏଥିପରେ ୩ ପ୍ରାଚୀନ ପୁସ୍ତକ ଓ ରାଘବାନନ୍ଦଙ୍କ ଟୀକାରେ ଅଛି :—

ଏଷବୋଽଭିହିତଃ କୃତ୍ସ୍ନଂ ପ୍ରାୟଶ୍ଚିତ୍ତସ୍ୟ ନିର୍ଣ୍ଣୟଃ ।
ନିଶ୍ରେୟସଂ ଧର୍ମବିଧିଂ ବିପ୍ରସ୍ୟେମଂ ନିବୋଧତ ।।

ତୁମ୍ଭମାନଙ୍କୁ ପ୍ରାୟଶ୍ଚିତ୍ତର ଏହି ସକଳ ପ୍ରକାର ନିର୍ଣ୍ଣୟ ବୋଇଲୁ, ଏବେ ବ୍ରାହ୍ମଣର ମୋକ୍ଷଧର୍ମବିଧାନ ଶୁଣ ।

ଦୁଇପୁସ୍ତକରେ ଆହୁରି ମିଳେ :-

ପୃଥଗ୍‌ବ୍ରାହ୍ମଣକଳ୍ପାଭ୍ୟାଂ ସ ହି ବେଦସ୍ତ୍ରୀବତ୍ ସ୍ମୃତଃ ।
ବ୍ରାହ୍ମଣ ଓ କଳ୍ପଗ୍ରନ୍ଥରେ ଏହାକୁ ପୃଥକ୍ ତ୍ରିବୃତ ବେଦ ବୋଲାଯାଏ ।

✲ ୧ ଓ ୨ ଶ୍ଲୋକ ପ୍ରକ୍ଷିପ୍ତ ।

**ଶୁଭାଶୁଭଫଳଂ କର୍ମ ମନୋବାଗ୍ ଦେହସମ୍ଭବମ୍ ।**
**କର୍ମଜା ଗତୟୋ ନୃଣାମୁତ୍ତମାଧମମଧ୍ୟମାଃ ।୩।**

ମନ, ବାକ୍ୟ ଓ ଶରୀର ଜାତ ଶୁଭାଶୁଭ କର୍ମର ଫଳ ଅନୁସାରେ ମନୁଷ୍ୟମାନଙ୍କର ଉତ୍ତମ, ମଧ୍ୟମ ଏବଂ ମଧ୍ୟମ କର୍ମଜା ଗତି (ଜନ୍ମାନ୍ତର ପ୍ରାପ୍ତ) ହୁଏ ।

**ତସ୍ୟେହ ତ୍ରିବିଧସ୍ୟାପି ତ୍ର୍ୟଧିଷ୍ଠାନସ୍ୟ ଦେହିନଃ ।**
**ଦଶଲକ୍ଷଣଯୁକ୍ତସ୍ୟ ମନୋବିଦ୍ୟାତ୍ ପ୍ରବର୍ତ୍ତକମ୍ ।୪।**

ଜାଣି ରଖି ଏହି ଦେହର ମନୋବାକ୍‌କାୟ ଆଶ୍ରିତ ଉତ୍ତମ, ମଧ୍ୟମ ଓ ଅଧମ ଏହି ତିନି ଗତିର ପ୍ରବର୍ତ୍ତକ ଦଶଲକ୍ଷଣଯୁକ୍ତ ମନ ଅଟେ ।

**ପରଦ୍ରବ୍ୟେଷ୍ୱଭିଧ୍ୟାନଂ ମନସାନିଷ୍ଟଚିନ୍ତନମ୍ ।**
**ବିତଥାଭିନିବେଶଶ୍ଚ ତ୍ରିବିଧଂ କର୍ମ ମାନସମ୍ ।୫।**

ପରଦ୍ରବ୍ୟରେ ବିଶେଷ ଧ୍ୟାନ ରଖିବା, ମନରେ ଅନିଷ୍ଟ ଚିନ୍ତା କରିବା ଏବଂ ବିଫଳ ଅଭିନବେଶ (ଅର୍ଥାତ୍ ପରଲୋକ ମିଛ ଇତ୍ୟାଦି ପ୍ରକାର ବିଶ୍ୱାସ) ଏହି ତିନିପ୍ରକାର ମନର କର୍ମ ଅଟେ ।

**ପାରୁଷ୍ୟମନୃତଞ୍ଚୈବ ପୈଶୂନ୍ୟଞ୍ଚାପି ସର୍ବଶଃ ।**
**ଅସମ୍ବଦ୍ଧପ୍ରଲାପଶ୍ଚ ବାଙ୍ମୟଂ ସ୍ୟାଚ୍ଚତୁର୍ବିଧମ୍ ।**

କଠୋର ଭାଷଣ, ମିଥ୍ୟାବାକ୍ୟ, ପରୋକ୍ଷେ ପରର ଦୋଷ କଥନ ଏବଂ ଅସଂଲଗ୍ନ ବାଉଳା ବକିବା ଏହି ଚାରି ବାଚକ ଧର୍ମ ଅଟେ ।

**ଅଦତ୍ତାନାମୁପାଦାନଂ ହିଂସା ଚୈବାବିଧାନତଃ ।**
**ପରଦାରୋପସେବା ଚ ଶାରୀରଂ ତ୍ରିବିଧଂ ସ୍ମୃତମ୍ ।୭।**

ଅଦତ୍ତ ଧନ ଗ୍ରହଣ, ଅବୈଧହିଂସା ଓ ପରଦାରସେବା ଏହି ତିନିପ୍ରକାର ଶାରୀରିକ କର୍ମ ବୋଲାଯାଏ ।

**ମାନସଂ ମନସୈବାୟମୁପଭୁଙ୍କ୍ତେ ଶୁଭାଶୁଭମ୍ ।**
**ବାଚା ବଚା କୃତଂ କର୍ମ କାୟେନୈବ ଚ କାୟକମ୍ ।୮। ⁕**

ମାନସିକ ଶୁଭାଶୁଭ କର୍ମର ଫଳ ମନଦ୍ୱାରା, ବାଚିକ ଶୁଭାଶୁଭ କର୍ମର ଫଳ ବାକ୍ୟରେ ଏବଂ କାୟକ ଶୁଭାଶୁଭ ଫଳ ଦେହରେ ଭୋଗହୁଏ ।

---

⁕ ଏଥିପରେ ଏକ ପୁସ୍ତକରେ ମିଳେ :-

ତ୍ରିବିଧଞ୍ଚ ଶରୀରେଣ ବାଚଚୈବ ଚତୁବଧମ୍ ।
ମାନସା ତ୍ରିବିଧଂ କର୍ମ ଦଶାଧର୍ମପଥାଂସ୍ତ୍ୟଜେତ୍ ।

ତିନିପ୍ରକାର ଶାରୀରିକ, ୪ ପ୍ରକାର ବାଚକ ଓ ତିନିପ୍ରକାର ମାନସିକ ଏରୁପ ଦଶ ଅଧର୍ମ ମାର୍ଗ ତ୍ୟାଗ କରିବ ।

**ଶରୀରଜୈଃ କର୍ମଦୋଷୈର୍ଯାତି ସ୍ଥାବରତାଂ ନରଃ ।**
**ବାଚିକୈଃ ପକ୍ଷି ମୃଗତାଂ ମାନସୈରନ୍ତ୍ୟଜାତିତାମ୍ ।୯। ***

ମନୁଷ୍ୟ ଶରୀରଜାତ କର୍ମଦୋଷରେ ବୃକ୍ଷଯୋନି, ବାଚିକ କର୍ମଦୋଷରୁ ପକ୍ଷୀ ଓ ମୃଗଯୋନି ଏବଂ ମାନସିକ କର୍ମଦୋଷରେ ଚଣ୍ଡାଳାଦି କୁଳରେ ଉତ୍ପତ୍ତି ପ୍ରାପ୍ତ ହୁଏ ।

**ବାଗ୍‌ଦଣ୍ଡୋଽଥ ମନୋଦଣ୍ଡଃ କାୟଦଣ୍ଡସ୍ତଥୈବ ଚ ।**
**ଯସ୍ୟୈତେ ନିହିତା ବୁଦ୍ଧୌ ତ୍ରିଦଣ୍ଡୀତି ସ ଉଚ୍ୟତେ ।୧୦।**

ଯାହାର ବୁଦ୍ଧିରେ ବାଗ୍‌ଦଣ୍ଡ (ବାକ୍ୟକୁ ଅଶୁଭକାର୍ଯ୍ୟରୁ ଦମନ କରିବା ବା ଅଟକାଇବା) ମନୋଦଣ୍ଡ (ଅଶୁଭ କାର୍ଯ୍ୟରୁ ମନ ଅଟକାଇବା) ଏବଂ କାୟଦଣ୍ଡ (ଅଶୁଭ କାର୍ଯ୍ୟରୁ ଶରୀର ଅଙ୍ଗପ୍ରତ୍ୟଙ୍ଗକୁ ଅଟକାଇବା) ନିହତ ଅଛି ଅର୍ଥାତ୍ ଜ୍ଞାନବଳରେ ଯେ କାୟମନୋବାକ୍ୟ ଦମନ କରିପାରେ ତାହାକୁ ତ୍ରିଦଣ୍ଡୀ ବୋଲି ।

**ତ୍ରିଦଣ୍ଡମେତନ୍ନିକ୍ଷପ୍ୟ ସର୍ବଭୂତେଷୁ ମାନବଃ ।**
**କାମକ୍ରୋଧୌ ତୁ ସଂଯମ୍ୟ ତତଃ ସିଦ୍ଧିଂ ନିୟଚ୍ଛତି ।୧୧।**

ମାନବ କାମ ଓ କ୍ରୋଧ ସଂଯମନପୂର୍ବକ ସର୍ବଭୂତସମ୍ବନ୍ଧରେ ଏହି ତ୍ରିଦଣ୍ଡ ବ୍ୟବହାର କରି ପାରିଲେ ତେବେ ଯାଇ ସିଦ୍ଧି ପ୍ରାପ୍ତ ହୁଏ ।

**ଯୋଽସ୍ୟାତ୍ମନଃ କାରୟିତା ତଂ କ୍ଷେତ୍ରଜ୍ଞଂ ପ୍ରଚକ୍ଷତେ ।**
**ଯଃ କରୋତି ତୁ କର୍ମାଣି ସ ଭୂତାତ୍ମୋଚ୍ୟତେ ବୁଧୈଃ ।୧୨।**

ଯେ ଆପଣାର ଶରୀର ଗତ ଆତ୍ମାକୁ କାର୍ଯ୍ୟରେ ପ୍ରବୃତ୍ତ କରାଏ, ତାହାକୁ କ୍ଷେତ୍ରଜ୍ଞ ବୋଲି ଏବଂ ଯେ କର୍ମକରେ ପଣ୍ଡିତମାନେ ତାହାକୁ ଭୂତାତ୍ମା (ଶରୀର ସହ ଆତ୍ମା) ବୋଲନ୍ତି ।

---

* - ଚାରି ପୁସ୍ତକରେ ଏଥିପରେ ମିଳେ-

ଶୁଭୈଃ ପ୍ରୟୋଗୈର୍ଦେବତ୍ୱଂ ବ୍ୟାମିଶ୍ରୈର୍ମାନବୋ ଭବେତ୍ ।
ଅଶୁଭିଃ କେବଳେ ଶ୍ଚୈବ ତିର୍ଯ୍ୟଗ୍‌ଯୋନିଷୁ ଜାୟତେ ।

ଶୁଭ କର୍ମମାନଙ୍କରୁ ଦେବଭାବ, ଶୁଭାଶୁଭ ମିଶ୍ରିତ କର୍ମମାନଙ୍କରୁ ମନୁଷ୍ୟଭାବେ ଏବଂ କେବଳ ଅଶୁଭ କର୍ମମାନଙ୍କରୁ ନୀଚଯୋନିରେ ଜାତ ହୁଏ ।

ସେହି ଚାରିପୁସ୍ତକ ଏବଂ ଅନ୍ୟ ଏକ ପୁସ୍ତକରେ ଏଥିପରେ ମିଳେ-

ବାଗ୍‌ଦଣ୍ଡୋ ହନ୍ତି ବିଜ୍ଞାନଂ ମନୋଦଣ୍ଡଃ ପରାଂ ଗତିମ୍ ।
କର୍ମଦଣ୍ଡସ୍ତୁ ଲୋକାଂସ୍ତ୍ରୀନ୍ ହନ୍ୟାଦପରିରକ୍ଷିତଃ ।।

ଅପରିରକ୍ଷିତ ବାରଦଣ୍ଡ ବିଜ୍ଞାନକୁ, ମନୋଦଣ୍ଡ ମୋହକୁ ଏବଂ କର୍ମଦଣ୍ଡ ତିନି ଲୋକ ନଷ୍ଟକରେ ।

ସେହି ପାଞ୍ଚ ଓ ଅନ୍ୟ ଏକ ଏପରି ୬ ପୁସ୍ତକରେ ଆହୁରି ଏକଶ୍ଳୋକ ମିଳେ ଯଥା-

ବାଗ୍‌ଦଣ୍ଡୋଽଥ ଭବେନ୍ ମୌନଂ ମନୋଦଣ୍ଡସ୍ତ୍ୱନାଶନମ୍ ।
ଶାରୀରସ୍ୟ ହ ଦଣ୍ଡସ୍ୟ ପ୍ରାଣାୟାମୋ ବିଧୀୟତେ ।

ମୌନକୁ ବାକ୍‌ଦଣ୍ଡ, ଅନଶନକୁ ମାନସିକ ଦଣ୍ଡ ଏବଂ ପ୍ରାଣାୟାମକୁ ଶାରୀରିକ ଦଣ୍ଡ ବୋଲାଯାଏ ।

**ଜୀବସଂଜ୍ଞୋଽନ୍ତରାତ୍ମାନ୍ୟଃ ସହଜଃ ସର୍ବଦେହିନାମ୍ ।**
**ଯେନ ବେଦୟତେ ସର୍ବଂ ସୁଖଂ ଦୁଃଖଞ୍ଚ ଜନ୍ମସୁ ।୧୩।**

ସକଳ ଦେହିମାନଙ୍କ ସହିତ ଜାତ ଜୀବସଂଜ୍ଞକ ଅନ୍ୟ ଅନ୍ତରାତ୍ମା ଅଛି ଯେ ଜନ୍ମ ଜନ୍ମାନ୍ତରରେ ସୁଖ ଦୁଃଖ ଅନୁଭବ କରେ ।

**ତାବୁଭୌ ଭୂତସଂପୃକ୍ତୌ ମହାନ୍ କ୍ଷେତ୍ରଜ୍ଞ ଏବ ଚ ।**
**ଉଚ୍ଚାବଚେଷୁ ଭୂତେଷୁ ସ୍ଥିତଂ ତଂ ବ୍ୟାପ୍ୟ ତିଷ୍ଠତଃ ।୧୪।**

ସେହି ପଞ୍ଚଭୂତସଂଯୁକ୍ତ ଉଭୟ ମହାନ୍ ଓ କ୍ଷେତ୍ରଜ୍ଞ ଉଚ୍ଚନୀଚ ସକଳ ଭୂତରେ ଅଭିବ୍ୟାପ୍ତ ପରମାତ୍ମାଙ୍କ ଆଶ୍ରୟରେ ଅବସ୍ଥିତ ।

**ଅସଂଖ୍ୟା ମୂର୍ତ୍ତୟସ୍ତସ୍ୟ ନିଷ୍ପତନ୍ତି ଶରୀରତଃ ।**
**ଉଚ୍ଚାବଚାନି ଭୂତାନି ସତତଂ ଚେଷ୍ଟୟନ୍ତି ଯାଃ ।୧୫।**

ସେହି ପରମାତ୍ମାଙ୍କ ଶରୀର ପ୍ରାୟ ପଞ୍ଚଭୂତମାନଙ୍କରୁ ଅସଂଖ୍ୟ ମୂର୍ତ୍ତିମାନ ବା ହାରି ଉଚ୍ଚନୀଚ ଭୂତରେ ପରିଣତ ହୋଇ ନିରନ୍ତର କର୍ମରେ ପ୍ରବୃତ୍ତ ଅଛନ୍ତି ।

**ପଞ୍ଚଭ୍ୟ ଏବ ମାତ୍ରାଭ୍ୟଃ ପ୍ରେତ୍ୟ ଦୁଷ୍କୃତିନାଂ ନୃଣାମ୍ ।**
**ଶରୀରଂ ଯାତନାର୍ଥୀୟମନ୍ୟଦୁତ୍ପଦ୍ୟତେ ଧ୍ରୁବମ୍ ।୧୬।**

ଦୁଷ୍କର୍ମକାରୀ ଲୋକମାନଙ୍କର ମୃତ୍ୟୁପରେ ପଞ୍ଚତନ୍ମାତ୍ରାରୁ ଯାତନାଭୋଗ ସକାଶେ ନିଶ୍ଚୟ ଅନ୍ୟ ଏକ ଶରୀର ଉତ୍ପନ୍ନ ହୁଏ ।

**ତେନାନୁଭୟ ବା ଯାମୀଃ ଶରୀରେଣେହ ଯାତନାଃ ।**
**ତାସ୍ୱେବ ଭୂତମାତ୍ରାସୁ ପ୍ରଲୀୟନ୍ତେ ବିଭାଗତଃ ।୧୭।**

ସେହି ଶରୀରଦ୍ୱାରା ଯମ (ପରମାତ୍ମା) କର୍ତ୍ତୃକ ବିହିତ ଯାତନାମାନ ଇହଲୋକରେ ଭୋଗ କରି ବିଭାଗମତେ ସେହି ପଞ୍ଚଭୂତରେ ପୁଣି ମିଳିଯାଏ ।

**ସୋଽନୁଭୂୟାସୁଖୋଦର୍କାନ୍ ଦୋଷାନ୍ ବିଷୟ ସଙ୍ଗଜାନ୍ ।**
**ବ୍ୟପେତ କଳ୍ମଷୋଽଭ୍ୟେତି ତାବେବୋଭୌ ମହୌଜସୌ ।୧୮।**

ସେହି ପ୍ରାଣୀ ନିଷିଦ୍ଧବିଷୟଜାତ କର୍ମଫଳସ୍ୱରୂପ ଦୁଃଖମାନ ଉପଭୋଗ କରି ପାପରୁ ମୁକ୍ତ ହୋଇ ମହାପରାକ୍ରମଶାଳୀ ମହାନ୍ ପରମାତ୍ମା ଓ କ୍ଷେତ୍ରଜ୍ଞ ଏହି ଉଭୟ ଭାବକୁ ପ୍ରାପ୍ତ ହୁଏ ।

**ତୌ ଧର୍ମଂ ପଶ୍ୟତସ୍ତସ୍ୟ ପାପଞ୍ଚାତନ୍ଦ୍ରିତୌ ସହ ।**
**ଯାଭ୍ୟାଂ ପାପ୍ନୋତି ସଂପୃକ୍ତଃ ପ୍ରେତ୍ୟେହ ଚ ସୁଖାସୁଖମ୍ ।୧୯।**

ସେହି ନିରଳସ ମହାନ୍ ଓ କ୍ଷେତ୍ରଜ୍ଞ ଦୁହେଁ ସେହି ପ୍ରାଣୀର ଇହଲୋକ ଓ ପରଲୋକରେ ଯେଉଁ ଧର୍ମାଧର୍ମଫଳରୁ ସୁଖଦୁଃଖ ଭୋଗ ହୁଏ ସେହି ଧର୍ମ ଓ ପାପ କାର୍ଯ୍ୟ ସଙ୍ଗେ ସଙ୍ଗେ ଦେଖନ୍ତି ।

---

* ଏଥିପରେ ତିନି ପୁସ୍ତକରେ ମିଳେ —

ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ॥

ପରମାତ୍ମା ବୋଲି ଅନ୍ୟ ଉତ୍ତମ ପୁରୁଷ ଅଛନ୍ତି ସେହି ପରମାତ୍ମା ତିନି ଲୋକରେ ପ୍ରବିଷ୍ଟ ଥାଇ ଅବିନାଶୀ ଏବଂ ଈଶ୍ୱର (ସମର୍ଥ) ଥିବା ହେତୁ ସମସ୍ତ ଧାରଣପୋଷଣ କରନ୍ତି ।

**ଯଦ୍ୟାଚରତି ଧର୍ମଂ ସ ପ୍ରାୟଶୋଽଧର୍ମମଳ୍ପଶଃ ।**
**ତୈରେବ ଚାବୃତୋ ଭୂତୈଃ ସ୍ୱର୍ଗେ ସୁଖମୁପାଶ୍ନୁତେ ।୨୦।**

ସେହି ଜୀବ ଯଦି ଅଧିକାଂଶ ଧର୍ମ ଏବଂ ଅଳ୍ପାଂଶ ଅଧର୍ମାଚରଣ କରେ ତେବେ ସେହି ପଞ୍ଚଭୂତରେ ଆବୃତ ଥାଇ ମୃତ୍ୟୁପରେ ସୁଖ ଭୋଗ କରେ ।

**ଯଦି ତୁ ପ୍ରାୟଶୋଽଧର୍ମ ସେବତେ ଧର୍ମମଳ୍ପଶଃ ।**
**ତୈର୍ଭୂତୈଃସ ପରିତ୍ୟକ୍ତୋ ଯାମୀଃ ପ୍ରାପ୍ନୋତି ଯାତନାଃ ।୨୧।**

ମାତ୍ର ଯଦି ଅଧିକାଂଶ ଅଧର୍ମ ଓ ଅଳ୍ପାଂଶ ଧର୍ମ କାର୍ଯ୍ୟକରେ ତେବେ ଉପରୋକ୍ତ ପ୍ରକାର ଉତ୍ତମ ପଞ୍ଚଭୂତରୁ ବଞ୍ଚିତ ହୋଇ ଏମନ୍ତ ଭାବରେ ତାହାର ଦେହ ରଚିତ ହୁଏ କି ଯଦ୍ଦ୍ୱାରା ସେ ଐଶ୍ୱରୀକ (ଈଶ୍ୱର ପ୍ରଦତ୍ତ କର୍ମଫଳଜନିତ) ଯାତନାମାନ ଭୋଗ କରେ ।

**ଯାମୀସ୍ତା ଯାତନାଃ ପ୍ରାପ୍ୟ ସଜୀବୋ ବୀତକଲ୍ମଷଃ ।**
**ତାନ୍ୟେବ ପଞ୍ଚବୃତାନି ପୁନରପ୍ୟେତି ଭାଗଶଃ ।୨୨।**

ସେହି ଈଶ୍ୱରପ୍ରଦତ୍ତ ଯାତନାମାନ ଭୋଗକରି ସେହି ଜୀବ ପାପରୁ ମୁକ୍ତହୋଇ ପୁନର୍ବାର ଭାଗ୍ୟକ୍ରମେ ସେହି ଉତ୍ତମ ପଞ୍ଚଭୂତ ପ୍ରାପ୍ତ ହୁଏ ।

**ଏତା ଦୃଷ୍ଟ୍ୱାସ୍ୟ ଜୀବସ୍ୟ ଗତୀଃ ସ୍ୱେନୈବ ଚେତସା ।**
**ଧର୍ମତୋଽଧର୍ମତଶ୍ଚୈବ ଧର୍ମେ ଦଧ୍ୟାତ୍ସଦା ମନଃ ।୨୩।**

ଧର୍ମ ଓ ଅଧର୍ମରୁ ଜୀବର ଏହି ଗତିମାନ ଆପଣାମନରେ ଦେଖି ସର୍ବଦା ଧର୍ମରେ ମନ ଲଗାଇବ ।

**ସତ୍ତ୍ୱଂ ରଜସ୍ତମଶ୍ଚୈବ ତ୍ରୀନ୍ ବିଦ୍ୟାଦାତ୍ମନୋ ଗୁଣାନ୍ ।**
**ଯୈର୍ବ୍ୟାପ୍ୟେମାନ୍ ସ୍ଥିତୋ ଭାବାନ୍ ମହାନ୍ ସର୍ବାନଶେଷତଃ ।୨୪।**

ସତ୍ତ୍ୱ, ରଜ ଓ ତମ ଆତ୍ମା (ପ୍ରକୃତି)ର ଏହି ତିନିଗୁଣ ଜାଣିବ ଯେଉଁ ଗୁଣମାନଙ୍କ ଦ୍ୱାରା ବ୍ୟାପ୍ତହୋଇ ଅଶେଷ ରୂପରେ ଏହା (ସ୍ଥାବର ଜଙ୍ଗମ) ସବୁଭାବରେ ସ୍ଥିତ ଅଛି ।

**ଯୋ ଯଦୈଷାଂ ଗୁଣୋ ଦେହେ ସାକଲ୍ୟେନାତିରିଚ୍ୟତେ ।**
**ସ ତଦା ତଦ୍‌ଗୁଣପ୍ରାୟଂ ତଂ କରୋତି ଶରୀରିଣମ୍ ।୨୫।**

ଯେଉଁ ସମୟରେ ଏହି ଗୁଣମାନଙ୍କ ମଧ୍ୟରୁ ଯେଉଁ ଏକ ଗୁଣ ସମଧିକପରିମାଣରେ ଅନ୍ୟ ଗୁଣମାନଙ୍କୁ ଅତିକ୍ରମ କରିଥାଏ ସେହି ସମୟରେ ସେହି ଦେହିକୁ ସେହି ଗୁଣସମ୍ପନ୍ନ କରେ ।

**ସତ୍ତ୍ୱଂ ଜ୍ଞାନଂ ତମୋଽଜ୍ଞାନଂ ରାଗଦ୍ୱେଷୌ ରଜଃ ସ୍ମୃତମ୍ ।**
**ଏତଦ୍‌ବ୍ୟାପ୍ତି ମଦେତେଷାଂ ସର୍ବଭୂତା ଶ୍ରିତଂ ବପୁଃ ।୨୬।**

ସତ୍ତ୍ୱର ଲକ୍ଷଣ ଜ୍ଞାନ, ତମର ଲକ୍ଷଣ ଅଜ୍ଞାନତା ଓ ରଜର ଲକ୍ଷଣ ରାଗ ଓ ଦ୍ୱେଷ ଜାଣିବ, ସର୍ବଭୂତର ଆଶ୍ରିତ ଶରୀର ଏହି ଗୁଣମାନଙ୍କ ଦ୍ୱାରା ବ୍ୟାପ୍ତ ।

**ତତ୍ର ଯତ୍ପ୍ରୀତିସଂଯୁକ୍ତଂ କିଞ୍ଚିଦାତ୍ମନିଲକ୍ଷୟେତ୍ ।**
**ପ୍ରଶାନ୍ତମିବ ଶୁଦ୍ଧାଭଂ ସତ୍ତ୍ୱଂ ତଦୁପଧାରୟେତ୍ ।୨୭।**

ଏହି ତିନିଗୁଣ ମଧ୍ୟରୁ ଯାହା କିଛି ପ୍ରୀତି ସଂଯୁକ୍ତ, ପ୍ରଶାନ୍ତ ଓ ଶୁଦ୍ଧଭାବରେ ଆତ୍ମାରେ ଲକ୍ଷିତ ହୁଏ ତାହାକୁ ସତ୍ତ୍ୱ ବୋଲି ଜାଣିବ ।

**ଯତ୍ତୁ ଦୁଃଖସମାଯୁକ୍ତ ମପ୍ରୀତିକରକମାତ୍ମନଃ ।**
**ତଦ୍ରଜୋଽପ୍ରତିପଂ ବିଦ୍ୟାତ୍ସତତଂହାରି ଦେହିନାମ୍ ।୨୮।**

ମାତ୍ର ଯାହା କିଛି ଆତ୍ମାର ଦୁଃଖସମାଯୁକ୍ତ ଓ ଅପ୍ରୀତିକର ଏବଂ ସର୍ବଦା ଶାରୀରିମାନଙ୍କର ଦୁର୍ନିବାର ବିଷୟସ୍ପୃହା ଜନ୍ମାଇଦିଏ ତାହାକୁ ରଜବୋଲି ଜାଣିବ ।

**ଯତ୍ତୁ ସ୍ୟାନ୍ମୋହସଂଯୁକ୍ତମବ୍ୟକ୍ତଂ ବିଷୟାତ୍ମକମ୍ ।**
**ଅପ୍ରତର୍କ୍ୟମବିଜ୍ଞେୟଂ ତମସ୍ତଦୁପଧାରୟେତ୍ ।୨୯।**

ପରନ୍ତୁ ଯାହାମୋହସଂଯୁକ୍ତ (ସଦସଦ୍‌ବିବେକଶୂନ୍ୟ) ଅସ୍ଫୁଟବିଷୟାକାର ସ୍ୱଭାବ, ଅନନୁଭବନଶୀଳ ଓ ଦୁର୍ଜ୍ଞେୟ ତାହାକୁ ତମ ବୋଲି ଜାଣିବ ।

**ତ୍ରୟାଣାମପିଚୈତେଷାଂ ଗୁଣାନାଂ ଯଃ ଫଳୋଦୟଃ ।**
**ଅଗ୍ର୍ୟୋ ମଧ୍ୟୋ ଜଘନ୍ୟଶ୍ଚ ତଂ ପ୍ରବକ୍ଷ୍ୟାମ୍ୟ ଶେଷତଃ ।୩୦।**

ଏହି ତିନି ଗୁଣମାନଙ୍କର ଯଥାକ୍ରମରେ ଯେଉଁ ଉତ୍ତମ, ମଧ୍ୟମ ଓ ଅଧମ ଫଳୋଦୟ ହୁଏ ତାହା ଅଶେଷରୂପେ ବୋଲୁଅଛୁଁ ।

**ବେଦାଭ୍ୟାସସ୍ତପୋଜ୍ଞାନଂ ଶୌଚମିନ୍ଦ୍ରିୟନିଗ୍ରହଃ ।**
**ଧର୍ମକ୍ରିୟାତ୍ମଚିନ୍ତା ଚ ସାତ୍ତ୍ୱିକଂ ଗୁଣଲକ୍ଷଣମ୍ ।୩୧।**

ବେଦାଭ୍ୟାସ, ତପସ୍ୟା, ଜ୍ଞାନ, ଶୌଚ, ଇନ୍ଦ୍ରିୟନିଗ୍ରହ, ଧର୍ମକ୍ରିୟା ଓ ଆତ୍ମଚିନ୍ତା ଏ ସବୁ ସତ୍ତ୍ୱ ଗୁଣର ଲକ୍ଷଣ ।

**ଆରମ୍ଭରୁଚିତାଧୈର୍ଯ୍ୟ ମସତ୍କାର୍ଯ୍ୟ ପରିଗ୍ରହଃ ।**
**ବିଷୟୋପସେବା ରାଜସ୍ରଂ ରାଜସଂ ଗୁଣଲକ୍ଷଣମ୍ ।୩୨।**

କର୍ମରେ ଆସକ୍ତି, ଅଧୈର୍ଯ୍ୟ ଅସତ୍କର୍ମାଚରଣ, ଅଜସ୍ର ବିଷୟୋପଭୋଗ- ଏସବୁ ରଜୋଗୁଣର ଲକ୍ଷଣ ।

**ଲୋଭଃ ସ୍ୱପ୍ନୋଽଧୃତିଃ କୌର୍ଯ୍ୟ ନାସ୍ତିକ୍ୟ ଭିନ୍ନବୃତ୍ତିତା ।**
**ଯାଚିଷ୍ଣୁତା ପ୍ରମାଦଶ୍ଚ ତାମସଂ ଗୁଣଲକ୍ଷଣମ୍ ।୩୩।**

ଲୋଭ, ନିଦ୍ରାଳୁତା, ଅଧୈର୍ଯ୍ୟ, କ୍ରୂରତା, ନାସ୍ତିକତା, ଅଯଥାବୃତ୍ତି ଅବଲମ୍ବନ, ମାଗିବା, ସ୍ୱଭାବଶୀଳତା ଓ ପ୍ରମାଦ ଏସବୁ ତମୋଗୁଣର ଲକ୍ଷଣ ।

**ତ୍ରୟାଣାମପି ଚୈତେଷାଂ ଗୁଣାନାଂ ତ୍ରିଷୁତିଷ୍ଠତାମ୍ ।**
**ଇଦଂ ସାମାସିକଂ ଜ୍ଞେୟଂ କ୍ରମଶୋ ଗୁଣଲକ୍ଷଣମ୍ ।୩୪।**

ଭୂତ ଭବିଷ୍ୟତ ବର୍ତ୍ତମାନ ତିନି କାଳରେ ବିଦ୍ୟମାନ ଏହି ସତ୍ତ୍ୱାଦି ତିନି ଗୁଣମାନଙ୍କର ଲକ୍ଷଣ ସଂକ୍ଷେପରେ ଏହାହିଁ ଜାଣିବ-

**ଯତ୍କର୍ମ କୃତ୍ୱା କୁର୍ବଂଶ୍ଚ କରିଷ୍ୟଂଶ୍ଚୈବ ଲଜ୍ଜତି ।**
**ତଜ୍ଜ୍ଞେୟଂ ବିଦୁଷା ସର୍ବଂ ତାମସଂ ଗୁଣଲକ୍ଷଣମ୍ ।୩୫।**

ଯେ କର୍ମ କରିସାରି, କରୁଥିବା ଓ ଭବିଷ୍ୟତରେ କରିବାକୁ ଗଲାରୁ ଲଜ୍ଜା ଉପସ୍ଥିତ ହୁଏ, ବିଦ୍ୱାନମାନେ ସେ ସମସ୍ତକୁ ତମୋଗୁଣର ଲକ୍ଷଣ ବୋଲି ଜାଣନ୍ତି ।

**ଯେନାସ୍ମିନ୍ କର୍ମଣା ଲୋକେ ଖ୍ୟାତିମିଚ୍ଛତି ପୁଷ୍କଳାମ୍ ।**
**ନ ଚ ଶୋଚତ୍ୟସମ୍ପତ୍ତୌ ତଦ୍‌ବିଜ୍ଞେୟନ୍ତୁ ରାଜସମ୍ ।୩୬।**

ଯେଉଁ କର୍ମଦ୍ୱାରା ଇହଲୋକରେ ବିସ୍ତାର ଖ୍ୟାତିର ଇଚ୍ଛା ହୁଏ ଏବଂ ଯାହାର ଅସମାପ୍ତିରେ ଶୋକ ହୁଏ ନାହିଁ ତାହାକୁ ରଜସ ବୋଲି ଜାଣିବ ।

**ଯତ୍ସର୍ବେଣେଚ୍ଛତି ଜ୍ଞାତୁଂ ଯନ୍ନ ଲଜ୍ଜତି ଚାଚରନ୍ ।**
**ଯେନ ତୁଷ୍ୟତି ଚାତ୍ମାସ୍ୟ ତତ୍ସତ୍ତ୍ୱଗୁଣଲକ୍ଷଣମ୍ ।୩୭।**

ଯେଉଁ କର୍ମ ସର୍ବଦା ଜାଣିବାକୁ ଇଚ୍ଛା ହୁଏ (ବେଦାର୍ଥପରି), ଯାହା କରି ଲଜ୍ଜା ଉପସ୍ଥିତ ନ ହୁଏ ଏବଂ ଯେଉଁ କର୍ମଦ୍ୱାରା ଏହାର ସନ୍ତୋଷ ଜନ୍ମେ ତାହା ସତ୍ତ୍ୱ ଗୁଣର ଲକ୍ଷଣ ଅଟେ ।

**ତମସୋ ଲକ୍ଷଣଂ କାମୋ ରଜସସ୍ତ୍ୱର୍ଥ ଉଚ୍ୟତେ ।**
**ସତ୍ତ୍ୱସ୍ୟ ଲକ୍ଷଣଂ ଧର୍ମଃ ଶ୍ରୈଷ୍ଠ୍ୟମେଷାଂ ଯଥୋତ୍ତରମ୍ ।୩୮।**

ତମର ପ୍ରଧାନ ଲକ୍ଷଣ କାମ, ରଜର ପ୍ରଧାନ ଲକ୍ଷଣ ଅର୍ଥ ଏବଂ ସତ୍ତ୍ୱର ପ୍ରଧାନ ଲକ୍ଷଣ ଧର୍ମ ଅଟେ, ଏମାନଙ୍କ ଉତ୍ତରୋତ୍ତର ଶ୍ରେଷ୍ଠ ଅର୍ଥାତ୍ ତମରୁ ରଜ ଏବଂ ରଜରୁ ସତ୍ତ୍ୱ ଶ୍ରେଷ୍ଠ ଅଟେ ।

**ଯେନ ଯାଂସ୍ତୁ ଗୁଣେନୈଷାଂ ସଂସାରାନ୍ ପ୍ରତିପଦ୍ୟତେ ।**
**ତାନ୍ ସମାସେନ ବକ୍ଷ୍ୟାମି ସର୍ବସ୍ୟାସ୍ୟ ଯଥାକ୍ରମମ୍ ।୩୯।**

ଏହି ସବୁ ଗୁଣମାନଙ୍କ ମଧ୍ୟରେ ଯେଉଁ ଗୁଣରୁ ଜୀବ ଯେଉଁ ଗତି ପ୍ରାପ୍ତ ହୁଏ ସେ ସବୁ ସଂକ୍ଷେପରେ ଯଥାକ୍ରମେ ବୋଲୁଅଛୁଁ ।

**ଦେବତ୍ୱଂ ସାତ୍ତ୍ୱିକା ଯାନ୍ତି ମନୁଷ୍ୟତ୍ୱଞ୍ଚ ରାଜସାଃ ।**
**ତିର୍ଯ୍ୟକ୍ତ୍ୱନ୍ତାମସା ନିତ୍ୟମିତ୍ୟେଷା ତ୍ରିବିଧା ଗତି ।୪୦।**

ସାତ୍ତ୍ୱିକ ଦେବତ୍ୱ, ରାଜସିକ ମନୁଷ୍ୟତ୍ୱ ଓ ତାମସିକ ତିର୍ଯ୍ୟକ୍ ଯୋନି ପ୍ରାପ୍ତ ହୁଏ- ଏହି ରୂପେ ତିନିପ୍ରକାର ଗତି ।

**ତ୍ରିବିଧା ତ୍ରିବିଧୈଷା ତୁ ବିଜ୍ଞେୟା ଗୌଣିକୀ ଗତିଃ ।**
**ଅଧମା ମଧ୍ୟମାଗ୍ର୍ୟାଚ୍ୟ କର୍ମବିଦ୍ୟାବିଶେଷତଃ ।୪୧।**

ଏହି ଯେ ସତ୍ତ୍ୱାଦି ଗୁଣତ୍ରୟର ତିନିପ୍ରକାର ଗତି ବୋଲାଗଲା ତାହା ପୁଣି ଦେଶକାଳାଦି ଭେଦରେ ସଂସାରହେତୁ ଭୂତ କର୍ମ ଓ ଜ୍ଞାନ ଭେଦରେ ବିଶେଷ ରୂପେ ଉତ୍ତମ, ମଧ୍ୟମ ଓ ଅଧମ ହୁଏ ବୋଲି ଜାଣିବ ।

**ସ୍ଥାବରାଃ କୃମିକୀଟାଶ୍ଚ ମତ୍ସ୍ୟାଃ ସର୍ପାଃ ସକଚ୍ଛପାଃ ।**
**ପଶବଶ୍ଚ ମୃଗାଶ୍ଚୈବ ଜଘନ୍ୟା ତାମସୀ ଗତିଃ ।୪୨।**

ବୃକ୍ଷାଦି ସ୍ଥାବର, କୃମି କୀଟ, ମତ୍ସ୍ୟ, ସର୍ପ, କଚ୍ଛପ, ପଶୁ ଓ ମୃଗ ଏ ସବୁ ତମୋଗୁଣଜନିତ ନିକୃଷ୍ଟଗତି ଅଟେ ।

**ହସ୍ତି ନଶ୍ଚ ତୁରଙ୍ଗାଶ୍ଚ ଶୂଦ୍ରା ମ୍ଳେଚ୍ଛାଶ୍ଚ ଗର୍ହିତାଃ ।**
**ସିଂହା ବ୍ୟାଘ୍ରା ବରାହାଶ୍ଚ ମଧ୍ୟମା ତାମସୀ ଗତିଃ ।୪୩।**

ହାତୀ, ଘୋଡ଼ା, ଶୂଦ୍ର ଗର୍ହିତ ମ୍ଳେଚ୍ଛ, ସିଂହ, ବାଘ ଶୂକର ଏ ସବୁ ତମୋଗୁଣଜନିତ ମଧ୍ୟମଗତି ଅଟେ ।

**ଚାରଣାଶ୍ଚ ସୁପର୍ଣ୍ଣାଶ୍ଚ ପୁରୁଷାଶ୍ଚୈବ ଦାମ୍ଭିକାଃ ।**
**ରକ୍ଷାଂସି ବା ପିଶାଚାଶ୍ଚ ତାମସୀଷୂତ୍ତମା ଗତି ।୪୪।**

ଚାରଣ (ନଟାଦି), ପକ୍ଷୀ, ଦାମ୍ଭିକ ପୁରୁଷ, ରାକ୍ଷସ (ହିଂସ୍ରକ) ଓ ପିଶାଚ (ଅନାଚାରୀ) ଏସବୁ ତମୋ ଗତି ମଧ୍ୟରେ ଉତ୍ତମ ଅଟେ ।

**ଝଲ୍ଲା ମଲ୍ଲା ନଟାଶ୍ଚୈବ ପୁରୁଷାଃ ଶସ୍ତ୍ରବୃତ୍ତୟଃ ।**
**ଦ୍ୟୁତପାନ ପ୍ରସକ୍ତାଶ୍ଚ ଜଘନ୍ୟା ରାଜସୀ ଗତିଃ ।୪୫।**

(ଦଶମ ଅଧ୍ୟାୟୋକ୍ତ) ଝଲ୍ଲ, ମଲ୍ଲ, ନଟ ତଥା ଶସ୍ତ୍ରଜୀବୀ, ଦ୍ୟୁତାସକ୍ତ ଓ ମଦ୍ୟପାନାସକ୍ତ ଲୋକମାନେ ରଜୋଗୁଣର ନିକୃଷ୍ଟଗତି ଅଟନ୍ତି ।

**ରାଜନଃ କ୍ଷତ୍ରିୟାଶ୍ଚୈବ ରାଜ୍ଞାଶ୍ଚୈବ ପୁରୋହିତାଃ ।**
**ବାଦଯୁଦ୍ଧପ୍ରଧାନାଶ୍ଚ ମଧ୍ୟମା ରାଜସୀ ଗତିଃ ।୪୬।***

ରାଜା, କ୍ଷତ୍ରିୟ, ରାଜପୁରୋହିତ ଓ ଶାସ୍ତ୍ରାର୍ଥ କଳହ ପ୍ରିୟ ଓକିଲ ଇତ୍ୟାଦି ବ୍ୟକ୍ତିମାନେ ରାଜସୀ ଗତିବିଶିଷ୍ଟ ଅଟନ୍ତି ।

**ଗନ୍ଧର୍ବା ଗୁହ୍ୟକା ଯକ୍ଷା ବିବୁଧାନୁଚରାଶ୍ଚ ଯେ ।**
**ତଥୈବାପ୍‌ସରସଃ ସର୍ବା ରାଜସୀଷୁତ୍ତମା ଗତିଃ ।୪୭।**

ଗନ୍ଧର୍ବ, ଗୁହ୍ୟକ, ଯକ୍ଷ (ସିଦ୍ଧବିଦ୍ୟାଧରାଦି) ଦେବାନୁଚର, ତଥା ସମସ୍ତ ଅପ୍‌ସରା ଏମାନେ ରାଜସୀ ଗତିରେ ଉତ୍ତମ ଅଟନ୍ତି ।

**ତାପସା ଯତୟୋ ବିପ୍ରା ଯେ ଚ ବୈମାନିକାଗଣାଃ ।**
**ନକ୍ଷତ୍ରାଣି ଚ ଦୈତ୍ୟାଶ୍ଚ ପ୍ରଥମା ସାତ୍ତ୍ୱିକୀ ଗତିଃ ।୪୮।**

ତପସ୍ୱୀ, ଯତି, ବିପ୍ର ପୁଷ୍ପକବିମାନଚାରୀ, ନକ୍ଷତ୍ର ଓ ଦୈତ୍ୟ ଏସବୁ ସତ୍ତ୍ୱଗୁଣର ନିକୃଷ୍ଟ ଗତିବିଶିଷ୍ଟ ଅଟନ୍ତି ।

**ଯଜ୍ୱାନ ଋଷୟୋ ଦେବା ଜ୍ୟୋତୀଂଷି ବତ୍ସରାଃ ।**
**ପିତରଶ୍ଚୈବ ସାଧ୍ୟାଶ୍ଚ ଦ୍ୱିତୀୟା ସାତ୍ତ୍ୱିକୀ ଗତିଃ ।୪୯।**

ଯଜ୍ଞକାରୀ, ଋଷି, ଦେବ, ବେଦାଭ୍ୟାସୀ, ଧ୍ରୁବାଦିତାରକା, କାଳଜ୍ଞ; ପିତୃଗଣ ଏବଂ ସୋମୋତ୍ପାଦନକାରୀ ମଧ୍ୟମସାତ୍ତ୍ୱିକ ଗତିସମ୍ପନ୍ନ ଅଟନ୍ତି ।

**ବ୍ରହ୍ମା, ବିଶ୍ୱସୃଜୋ ଧର୍ମୋ ମହାନବ୍ୟକ୍ତମେବ ଚ ।**
**ଉତ୍ତମାଂ ସାତ୍ତ୍ୱିକୀମେତାଂ ଗତିମାହୁର୍ମନୀଷିଣଃ ।୫୦।**

ବ୍ରହ୍ମା, ବିଶ୍ୱସୃଜନକାରୀ ଧର୍ମ, ମହତତ୍ତ୍ୱ ଓ ଅବ୍ୟକ୍ତ (ମୂଳପ୍ରକୃତି)କୁ ବିଦ୍ୱାନମାନେ ଉତ୍ତମ ସାତ୍ତ୍ୱିକ ଗତି ବୋଲନ୍ତି ।

**ଏଷ ସର୍ବଃ ସମୁଦ୍ଦିଷ୍ଟସ୍ତ୍ରି ପ୍ରକାରସ୍ୟ କର୍ମଣଃ ।**
**ତ୍ରିବିଧସ୍ତ୍ରିବିଧ କୃତ୍ସ୍ନଃ ସଂସାରଃ ସାର୍ବଭୌତିକଃ ।୫୧।**

କାୟମନୋବାକ୍ୟର ସାଧନାଭେଦରେ ତିନିପ୍ରକାର କର୍ମର ସତ୍ତ୍ୱ, ରଜ, ତମ ଗୁଣଭେଦରେ ତ୍ରିବିଧ ଗତି ଏବଂ ତହିଁର ପୁଣି ଉତ୍ତମ, ମଧ୍ୟମ ଅଧମ ଭେଦରେ ସାର୍ବଭୌତିକ ସମଗ୍ର ଗତିବିଶେଷ ସର୍ବତୋଭାବରେ ବୋଲାଗଲା ।

**ଇନ୍ଦ୍ରିୟାଣଂ ପ୍ରସଙ୍ଗେନ ଧର୍ମସ୍ୟାସେବନେନ ଚ ।**
**ପାପାନ୍ ସଂସାରାନବିଦ୍ୱାଂସୋ ନରାଧମାଃ ।୫୨।**

ଇନ୍ଦ୍ରିୟବିଷୟରେ ପ୍ରସକ୍ତ ହୋଇ ଧର୍ମାନୁଷ୍ଠାନ ନକରି ଅବିଦ୍ୱାନ ନରାଧମମାନେ ପାପଗତି ପ୍ରାପ୍ତ ହୁଅନ୍ତି ।

**ଯାଂ ଯାଂ ଯୋନିନ୍ତୁ ଜୀବୋଽୟଂ ଯେନହ କର୍ମଣା ।**
**କ୍ରମଶୋ ଯାତି ଲୋକେଽସିଂସ୍ତତ୍ତତ୍ସର୍ବଂ ନିବୋଧତ ।୫୩।**

---

* କୌଣସି କୌଣସି ପାଠରେ 'ରାଜ୍ଞଶ୍ଚୈବ' ଅଛି ।

ଏହି ଜୀବ ଇହ ଲୋକରେ କର୍ମଦ୍ୱାରା ଯେଉଁ ଯେଉଁ ଯୋନି (ଜନ୍ମାନ୍ତର) କ୍ରମଶଃ ପ୍ରାପ୍ତ ହୁଏ ସେହିସବୁ ଶୁଣ ।

**ବହୂନ୍ ବର୍ଷଗଣାନ୍ ଘୋରାନ୍ନରକାନ୍ ପ୍ରାପ୍ୟ ତକ୍ଷୟାତ୍ ।**
**ସଂସାରାନ୍ ପ୍ରତିମଦ୍ୟନ୍ତେ ମହାପାତକିନସ୍ତ୍ୱିମାନ୍ ।୫୪।**✲

ମହାପାତକୀ ଲୋକମାନେ ବହୁବର୍ଷ ଘୋରନରକସମୂହ ପାଇ ତହିଁର କ୍ଷୟରେ ସଂସାରରେ ଏହି ଜନ୍ମଧାରଣ କରନ୍ତ କି-

**ଶ୍ୱସୂକର ଖରୋଷ୍ଟ୍ରାଣାଂ ଗୋଽଜାବିମୃଗପକ୍ଷଣାମ୍ ।**
**ଚଣ୍ଡାଲପୁକ୍କସାନାଞ୍ଚ ବ୍ରହ୍ମହା ଯୋନିମୃଚ୍ଛତି ।୫୫।**

କୁକ୍କର, ସୂକର, ଗର୍ଦ୍ଦଭ, ଉଷ୍ଟ୍ର, ଗୋ, ଅଜ, ମେଷ, ମୃଗ, ପକ୍ଷୀ, ଚଣ୍ଡାଳ ଓ ପୁକକସ ଯୋନି ବ୍ରହ୍ମହତ୍ୟାକାରୀମାନେ ପ୍ରାପ୍ତ ହୁଅନ୍ତି ।

**କୃମିକୀଟପତଙ୍ଗାନାଂ ବିଡ଼ଭୂଜଞ୍ଚୈବ ପକ୍ଷିଣାମ୍ ।**
**ହିଂସ୍ରାଣାଞ୍ଚୈବ ସତ୍ତ୍ୱାନାଂ ସୁରାପୋ ବ୍ରାହ୍ମଣୋ ବ୍ରଜେତ୍ ।୫୬।**

ସୁରାପାନକାରୀ ବ୍ରାହ୍ମଣ କୃମି, କୀଟ, ପତଙ୍ଗ, ବିଷ୍ଠାଭୋଜୀ ପକ୍ଷୀ ଏବଂ ହିଂସାକାରୀ ଜନ୍ତୁମାନଙ୍କର ଯୋନି ପ୍ରାପ୍ତ ହୁଏ ।

**ଲୁତାହି ସରିଟାନାଞ୍ଚ ତିରଶ୍ଚାଞ୍ଚମ୍ୱୁଚାରିଣାମ୍ ।**
**ହିଂସ୍ରାଣାଞ୍ଚ ପିଶାଚାନାଂ ସ୍ତେନୋ ବିପ୍ରଃ ସହସ୍ରଶଃ ।୫୭।**

ଚୋର ବ୍ରାହ୍ମଣ ସହସ୍ରଥର ମାଙ୍କଡ଼ସା, ସାପ, ଏଣ୍ଡୁଅ, ଜଳଚର କୁମ୍ଭୀରାଦି ଓ ହିଂସ୍ର ପିଶାଚ ଯୋନି ପ୍ରାପ୍ତ ହୁଏ ।

**ତୃଣଗୁଳ୍ମଲତାନାଞ୍ଚ କ୍ରିବ୍ୟାଦାଂ ଦଂଷ୍ଟ୍ରିଣାମପି ।**
**କ୍ରୂରକର୍ମକୃତାଞ୍ଚୈବ ଶତଶୋ ଗୁରୁତଳ୍ପଗଃ ।୫୮।**

ଗୁରୁପତ୍ନୀଗାମୀ ଶତଥର ତୃଣ, ଗୁଳ୍ମ, ଲତା, କଞ୍ଚାମାଂସଭୋଜୀ ଜନ୍ତୁ, ଦନ୍ତୁର ସିଂହାଦି ଓ କ୍ରୂରକର୍ମା ବ୍ୟାଘ୍ରାଦି ଯୋନିରେ ଜନ୍ମ ହୁଏ ।

**ହିଂସ୍ରା ଭବନ୍ତି କ୍ରବ୍ୟାଦାଂ କୃମିୟୋଽଭକ୍ଷ୍ୟଭିକ୍ଷିଣଃ ।**
**ପରସ୍ପରାଦିନସ୍ତେନାଃ ପ୍ରେତ୍ୟନ୍ତ୍ୟସ୍ତ୍ରୀନିଷେବିଣଃ ।୫୯।**

ଯେଉଁ ପ୍ରାଣୀ ବଧଶୀଳ ସେମାନେ ମାର୍ଜାରାଦି କଞ୍ଚାମାଂସଭୋଜୀ, ଅଭକ୍ଷ ଭୋଜୀମାନେ କୃମି, ଚୋରମାନେ ପରସ୍ପରର ମାଂସଭୋଜୀ ଜୀବ ଓ ଅନ୍ତ୍ୟଜା ସ୍ତ୍ରୀଗାମୀ ଲୋକମାନେ ସୁଦ୍ଧା ମୃତ୍ୟୁପରେ ଏହି ଯୋନି ପ୍ରାପ୍ତ ହୁଅନ୍ତି ।

**ସଂଯୋଗଂ ପତିତୈର୍ଗତ୍ୱା ପରସ୍ୟୈବ ଚ ଯୋଷିତଂ ।**
**ଅପହୃତ୍ୟ ଚ ବିପ୍ରସ୍ୱଂ ଭବତି ବ୍ରହ୍ମରାକ୍ଷସଃ।୬୦।**

ପତିତ ସଙ୍ଗେ ସଂସର୍ଗ କଲେ, ପରସ୍ତ୍ରୀଗମନ କଲେ ଏବଂ ବ୍ରାହ୍ମଣର ଧନ ହରଣ କଲେ ବ୍ରହ୍ମରାକ୍ଷସ ଯୋନି ହୁଏ ।

**ମଣିମୁକ୍ତାପ ବାଳାନି ହୃତ୍ୱା ଲୋଭେନ ମାନବଃ ।**
**ବିବିଧାନ ଚ ରତ୍ନାନି ଜାୟତେ ହେମକର୍ତ୍ତୃଷୁ ।୬୧।**

ମଣି, ମୁକ୍ତା, ପ୍ରବାଳ ଓ ନାନାପ୍ରକାର ରତ୍ନ ଲୋଭରେ ଚୋରି କରି ମନୁଷ୍ୟ ହେମକାର ପକ୍ଷଯୋନିରେ ଜନ୍ମହୁଏ । (କେହି କେହି ହେମକାର ଅର୍ଥରେ ସ୍ୱର୍ଣ୍ଣକାର ବଣିଆ ବୋଲନ୍ତି) ।

✲ ଏ ଶ୍ଲୋକ ପ୍ରକ୍ଷିପ୍ତ ।

**ଧାନ୍ୟଂ ହୃତ୍ୱା ଭବତ୍ୟାଖୁଃ କାଂସ୍ୟଂ ହଂସୋ ଜଲଂପ୍ଲବଃ ।**
**ମଧୁଦଂଶଃପୟଃ କାକୋ ରସଂ ଶ୍ୱାନକୁଲୋ ଘୃତମ୍ ।୬୨।**

ଧାନ ଚୋରିକଲେ ମୂଷିକ, କଂସା ଚୋରିକଲେ ହଂସ, ଜଳ ଚୋରିକଲେ ପ୍ଲବ (ଜଳଚର ପକ୍ଷୀ), ମହୁ ଚୋରିକଲେ ଡ଼ାଁଶ, ଦୁଧ ଚୋରିକଲେ କାଉ, ରସ ଚୋରିକଲେ କୁକୁର ଓ ଘିଅ ଚୋରିକଲେ ନେଉଳ ଯୋନି ହୁଏ ।

**ମାଂସ ଗୃଧ୍ରୋବପାଂ ମଦଗୁସ୍ତୈଲଂ ତୈଳପକଃ ଖଗଃ ।**
**ଚୀରୀବାକସ୍ତୁ ଲବଣଂ ବଲାକା ଶକୁନିର୍ଦଧି ।୬୩।**

ମାଂସ ଚୋରିକଲେ ଗୃଧ, ଚର୍ବି ଚୋରିକଲେ ପାଣିକୁଆ, ତେଲ ଚୋରିକଲେ ଅସର୍ପା, ଲୁଣ ଚୋରିକଲେ ଉଚ୍ଚରବକାରୀ ଚୀରୀବାକ୍ କୀଟ ଏବଂ ଦହି ଚୋରିକଲେ ବଳାକା (କ୍ଷୁଦ୍ରବକ) ପକ୍ଷୀ ଯୋନି ହୁଏ ।

**କୌଶେୟ ତିତ୍ତିରିର୍ହୃତ୍ୱା କ୍ଷୌମଂ ହୃତ୍ୱା ତୁ ଦର୍ଦ୍ଦୁରଃ ।**
**କାର୍ପାସତାନ୍ତବଂ କ୍ରୌଞ୍ଚୋ ଗୋଧାଗାଂ ବାଗ୍‌ଗୁଦୋ ଗୁଡ଼ମ୍ ।୬୪।**

କୌଶେୟଂ ବସ୍ତ୍ର ଚୋରିକଲେ ତିତ୍ତିରପକ୍ଷୀ, କ୍ଷୌମବସ୍ତ୍ର ଚୋରିକଲେ ଭେକ, କାର୍ପାସବସ୍ତ୍ର ଚୋରାଇଲେ ସାରସ, ଗାଈ ଚୋରିକଲେ ଗୋଧିସାପ ଏବଂ ଗୁଡ଼ ଚୋରାଇଲେ ବାଦୁଡ଼ିଯୋନି ହୁଏ ।

**ଛୁଚ୍ଛୁନ୍ଦରିଃ ଶୁଭାନ୍ ଗନ୍ଧାନ୍ ପତ୍ରଶାକନ୍ତୁ ବର୍ହିଣଃ ।**
**ଶ୍ୱାବିତ୍ କୃତାନ୍ନଂ ବିବିଧମକୃତାନ୍ନନ୍ତୁ ଶଲ୍ୟକଃ ।୬୫।**

ଉତ୍ତମ ସୁଗନ୍ଧଦ୍ରବ୍ୟ ଚୋରିକଲେ ଛୁଚୁନ୍ଦରା, ଶାକପତ୍ର ଚୋରିକଲେ ମୟୁର, ନାନାପ୍ରକାର (ମୋଦକାଦି) ପକ୍ୱାନ୍ନ ଚୋରିକଲେ ଶଜାରୁ ବା ଶୃଗାଳ ଏବଂ (ବ୍ରୀହିଯବାଦି) ଖାଦ୍ୟଦ୍ରବ୍ୟ ଚୋରିକଲେ ଶଲ୍ୟକ (ଝିଙ୍କ) ହୁଏ ।

**ବକୋ ଭବତି ହୃତାଗ୍ନି ଗୃହକାରୀ ହ୍ୟୁପସ୍କରମ୍ ।**
**ରକ୍ତାନି ହୃତ୍ୱା ବାସାଂସି ଜାୟତେ ଜୀବଜୀବକଃ ।୬୬।**

ଅଗ୍ନି ଚୋରାଇଲେ ବକ, ଉପସ୍କର (ଗୃହୋପଯୋଗୀ ସୂର୍ପ ମୂଷଳାଦି ଉପକରଣ) ଚୋରାଇଲେ ଗୃହକାରୀ (କୁମ୍ଭକାର) କୀଟ ଏବଂ ରକ୍ତବସ୍ତ୍ର ଚୋରିକଲେ ଚକୋର ପକ୍ଷୀ ହୁଏ ।

**ବୃକୋ ମୃଗେଭଂ ବ୍ୟାଘ୍ରୋଽଶ୍ୱଂ ଫଲମୂଲନ୍ତୁ ମର୍କଟଃ ।**
**ସ୍ତ୍ରୀମୃକ୍ଷସ୍ତୋକକୋ ବାରି ଯାନାନ୍ୟୁଷ୍ଟ୍ରଃ ପଶୂନଜଃ ।୬୭।**

ମୃଗ ଓ ହସ୍ତୀ ଚୋରିକଲେ ବୃକ (ହେଟା), ଘୋଡ଼ା ଚୋରିକଲେ ବାଘ, ଫଳମୂଳ ଚୋରିକଲେ ମାଙ୍କଡ଼, ସ୍ତ୍ରୀ ଚୋରିକଲେ ଭାଲୁ,ପାନୀୟ ଜଳ ଚୋରିକଲେ ଚାତକ ପକ୍ଷୀ, ଯାନ ଚୋରିକଲେ ଉଷ୍ଟ୍ର ଏବଂ ପଶୁ ଚୋରିକଲେ ଛେଳି ହୁଏ ।

**ଯଦ୍‌ବା ତଦ୍‌ବା ପରଦ୍ରବ୍ୟପହୃତ୍ୟ ବଲାନ୍ନରଃ ।**
**ଅବଶ୍ୟ ଯାତି ତିର୍ଯ୍ୟକତ୍ୱଂ ଜଗଧ୍ୱା ଚୈବାକୃତଂ ହବି ।୬୮।**

ମନୁଷ୍ୟ ବଳପୂର୍ବକ ଯେ କିଛି ପରଦ୍ରବ୍ୟ ଚୋରିକଲେ ଏବଂ ହୋମ କରାଯାଇ ନ ଥିବା ଭୋଜନ କଲେ ଅବଶ୍ୟ ତିର୍ଯ୍ୟକ୍ ଯୋନି ପ୍ରାପ୍ତ ହୁଏ ।

**ସ୍ତ୍ରିୟୋଽପ୍ୟେତେନ କଳ୍ପେନ ହୃତ୍ୱା ଦୋଷମବାପ୍ନୁୟୁଃ ।**
**ଏତେଷାମେବ ଜନ୍ତୁନାଂ ଭାର୍ଯ୍ୟାତ୍ୱମୁପୟାନ୍ତି ତାଃ ।୬୯।**

ଏହି ପ୍ରକାର ଚୋରିଦୋଷରେ ସ୍ତ୍ରୀ ଲିପ୍ତ ହେଲେ ଏହି ସବୁ ଜନ୍ତୁମାନଙ୍କର ସ୍ତ୍ରୀତ୍ୱ ଲାଭ କରେ ।

**ସ୍ୱେଭ୍ୟଃ ସ୍ୱେଭ୍ୟସ୍ତୁ କର୍ମଭ୍ୟଶ୍ଚ୍ୟୁତା ବର୍ଣ୍ଣା ହ୍ୟନାପଦି ।**
**ପାପାନ୍ ସଂସୃତ୍ୟ ସଂସାରନ୍ ପ୍ରେଷ୍ୟତାଂ ଯାନ୍ତି ଶତ୍ରୁଷୁ ।୭୦।**

ଚାରିବର୍ଣ୍ଣର ଲୋକେ ଅନାପଦ କାଳରେ ଆପଣା ଆପଣା କର୍ମରୁ ଭ୍ରଷ୍ଟ ହେଲେ ବକ୍ଷ୍ୟମାଣ ପାପଯୋନି ପ୍ରାପ୍ତ ହୋଇ ଜନ୍ମାନ୍ତର ଶତୃମାନଙ୍କ ଦାସତ୍ୱ ଲାଭକରେ ।

**ବାନ୍ତାଶୁଲ୍‌କାମୁଖଃ ପ୍ରେତୋ ବିପ୍ରୋ ଧର୍ମାତ୍ସ୍ୱକାଚ୍ଚ୍ୟୁତଃ ।**
**ଅମେଧ୍ୟକୁଣପାଶୀ ଚ କ୍ଷତ୍ରିୟଃ କଟପୁତନଃ ।୭୧।**

ସ୍ୱଧର୍ମଚ୍ୟୁତ ବ୍ରାହ୍ମଣ ମରିଗଲେ ବମନଦ୍ରବ୍ୟଭୋଜୀ ଉଲ୍‌କାମୁଖ (ଶୃଗାଳ ବିଶେଷ ବା କୋକିଶିଆଳୀ) ଓ ସ୍ୱଧର୍ମଭ୍ରଷ୍ଟ କ୍ଷତ୍ରିୟ ପୁରୁଷ ଓ ଶିବଭୋଜୀ କଟପୁତନ ଜନ୍ମ ପାଏ ।

**ମୈତ୍ରାକ୍ଷଜ୍ୟୋତିକଃ ପ୍ରେତୋ ବୈଶ୍ୟୋ ଭବତି ପୂୟଭୁକ୍ ।**
**ଚୈଳାଶକଶ୍ଚ ଭବତି ଶୂଦ୍ରୋ ଧର୍ମାତ୍ସ୍ୱକାଚ୍ଚ୍ୟୁତଃ ।୭୨।**

ସ୍ୱକର୍ମଭ୍ରଷ୍ଟ ବୈଶ୍ୟ ମରିଗଲେ ପୂୟଭୋଜୀ ମୈତ୍ରାକ୍ଷଜ୍ୟୋତି ଏବଂ ସ୍ୱକର୍ମଭ୍ରଷ୍ଟ ଶୂଦ୍ର ଚୈଳାଶକ କୀଟରୂପେ ଜନ୍ମହୁଏ ।

**ଯଥା ଯଥା ନିଷେବନ୍ତେ ବିଷୟାନ ବିଷୟାତ୍ମକାଃ ।**
**ତଥା ତଥା କୁଶଳତା ତେଷାଂ ତେଷୁପଜାୟତେ ।୭୩।**

ବିଷୟାସକ୍ତ ଲୋକମାନେ ଯେ ଯେପରି ଭାବରେ ବିଷୟରେ ଲୁପ୍ତ ହୁଅନ୍ତି ସେ ସେହିପରି ଭାବରେ କୁଶଳତା ପ୍ରାପ୍ତ ହୁଅନ୍ତି ।

**ତେଽଭ୍ୟାସାତ୍କର୍ମଣାଂ ତେଷାଂ ପାପାନାମଳ୍ପବୁଦ୍ଧୟଃ ।**
**ସଂପ୍ରାପ୍ନୁବନ୍ତି ଦୁଃଖାନି ତାସୁ ତାସୁ ହଯୋନିଷୁ ।୭୪।**

ସେହି ନିର୍ବୋଧମାନେ ଅଭ୍ୟାସବଶରୁ ଇହ ସଂସାରରେ ସେହି ପାପକର୍ମମାନଙ୍କର ଫଳସ୍ୱରୁପ ସେହି ସେହି ନିକୃଷ୍ଟ ଯୋନି ପ୍ରାପ୍ତ ହୋଇ ଦୁଃଖ ଭୋଗ କରନ୍ତି ।

**ତାମିସ୍ରାଦିଷୁ ଚୋଗ୍ରେଷୁ ନରକେଷୁ ବିବର୍ତ୍ତନମ୍ ।**
**ଅସିପତ୍ରବନାଦୀନୀ ବନ୍ଧନଚ୍ଛେଦନାନି ଚ ।୭୫।**

ମଧ୍ୟ ତାମିସ୍ରାଦି ଘୋର ନରକ ଏବଂ ଅସିପତ୍ର ବନାଦି ଓ ବନ୍ଧନ ଛେଦନ ରୂପ ନରକ ଭୋଗ କରନ୍ତି ।

**ବିବିଧାଶ୍ଚୈବ ସଂପୀଡ଼ାଃ କାକୋଲୁକୈଶ୍ଚ ଭକ୍ଷଣମ୍ ।**
**କରମ୍ଭବାଲୁକାତାପାନ୍ କୁମ୍ଭୀପାକାଂଶ୍ଚ ଦାରୁଣାନ୍ ।୭୬।**

ଏବଂ ନାନାପ୍ରକାର କଷ୍ଟଜନକ ପୀଡ଼ା, କାକ ଓ ପେଚକ ଦ୍ୱାରା ଭକ୍ଷଣ, ଉତ୍ତପ୍ତକରମ୍ଭ ଓ ବାଲି ଏବଂ ଦାରୁଣ କୁମ୍ଭୀପାକ ତପ୍ତ ତୈଳରେ ପୁନଃ ପୁନଃ ବୁଡ଼ାଇବା ଇତ୍ୟାଦି ନରକ ଭୋଗ କରନ୍ତି ।

**ସମ୍ଭବାଂଶ୍ଚ ବିଯୋନିଷୁ ଦୁଃଖପ୍ରାୟ ସ ନିତ୍ୟଶଃ ।**
**ଶୀତାତପାଭିଘାତାଂଶ୍ଚ ବିବିଧାନି ଭୟାନି ଚ ।୭୭।**

ନିତ୍ୟ ନିତ୍ୟ ଦୁଃଖଜନକ ନିକୃଷ୍ଟ ଯୋନିରେ ଜାତ ହୁଅନ୍ତି ଏବଂ ଶୀତତାପର ପୀଡ଼ା ଓ ନାନାପ୍ରକାର ଭୟ ପ୍ରାପ୍ତ ହୁଅନ୍ତି ।

**ଅସକୃଦଗର୍ଭବାସେଷୁ ବାସଂ ଜନ୍ମ ଚ ଦାରୁଣମ୍ ।**
**ବନ୍ଧନାନି ଚ କଷ୍ଟାନି ପରପ୍ରେକ୍ଷ୍ୟତ୍ୱମେବ ଚ ।୭୮।**

ବାରମ୍ବାର ଗର୍ଭସ୍ଥାନରେ ବାସ ଓ କଠିନ ଜନ୍ମ ଏବଂ ଜନ୍ମପରେ ଶୃଙ୍ଖଳାଦି ଦ୍ୱାରା ବନ୍ଧନ ଓ ପରର ଦାସତ୍ୱ ପ୍ରାପ୍ତ ହୁଅନ୍ତି ।

**ବନ୍ଧୁ ପ୍ରିୟବିୟୋଗାଂଶ୍ଚ ସଂବାସଶ୍ଚୈବ ଦୁର୍ଜନୈଃ ।**
**ଦ୍ରବ୍ୟାର୍ଜନଞ୍ଚ ନାଶଞ୍ଚ ମିତ୍ରାମିତ୍ରସ୍ୟ ଚାର୍ଜନମ୍ ।୭୯।**

ବନ୍ଧୁ ଓ ପ୍ରିୟଲୋକର ବିୟୋଗ, ଦୁର୍ଜନ ସହିତ ସହବାସ, କଷ୍ଟରେ ଧନାର୍ଜନ ଓ ତହିଁର ନାଶ, କ୍ଳେଶରେ ମିତ୍ରଲାଭ ଓ ତାହା ସଙ୍ଗେ ଶତ୍ରୁତା ଏହିପରି ନାନା ପ୍ରକାର ଦୁର୍ଗତି ହୁଏ ।

**ଜରାଞ୍ଚୈ ବା ପ୍ରତିକାରାଂ ବ୍ୟାଧିଭିଶ୍ଚୋପପୀଡ଼ନମ୍ ।**
**କ୍ଳେଶାଂଶ୍ଚ ବିବିଧାଂସ୍ତାଂସ୍ତାନ୍ ମୃତ୍ୟୁମେବ ଚ ଦୁର୍ଜୟମ୍ ।୮୦।**

ନିରୁପାୟ ବୃଦ୍ଧାବସ୍ଥା ଓ ବ୍ୟାଧିମାନଙ୍କର ପୀଡ଼ା ଏବଂ ନାନା ପ୍ରକାର କ୍ଷୁତ୍ପିପାସାଦିର କ୍ଳେଶ ଏବଂ ଦୁର୍ନିବାର ମୃତ୍ୟୁ ଭୋଗ ହୁଏ ।

**ୟାଦୃଶେନ ତୁ ଭାବେନ ୟଦ୍ୟତ୍କର୍ମ ନିଷେବତେ ।**
**ତାଦୃଶେନ ଶରୀରେଣ ତତ୍ତତ୍ଫଳମୁପାଶ୍ନୁତେ ।୮୧।**

ଯେ ରୁପ ସାତ୍ତ୍ୱିକ, ରାଜସିକ ଓ ତାମସିକ ଭାବରେ ମନୁଷ୍ୟ ଯେଉଁ ଯେଉଁ କର୍ମ କରେ ସେହି ରୁପ ଶରୀର ପାଇ ତଦନୁରୁପ ଫଳ ଭୋଗ କରେ ।

**ଏଷ ସର୍ବଃ ସମୁଦ୍ଦିଷ୍ଟଃ କର୍ମଣାଂ ବାଃ ଫଳୋଦୟଃ ।**
**ନିଃଶ୍ରେୟସକରଂ କର୍ମ ବିପ୍ରସ୍ୟେଦଂ ନିବୋଧତ ।୮୨।**

ଏହି ସବୁ କର୍ମର ଫଳୋଦୟ ତୁମ୍ଭମାନଙ୍କୁ କହିଲୁଁ, ଏବେ ବ୍ରାହ୍ମଣର ମୋକ୍ଷଜନକ କର୍ମ ଶୁଣ ।

**ବେଦାଭ୍ୟାସସ୍ତପୋ ଜ୍ଞାନମିନ୍ଦ୍ରିୟାଣାଞ୍ଚ ସଂୟମଃ ।**
**ଅହିଂସାଗୁରୁସେବା ଚ ନିଃଶ୍ରେୟସକରଂ ପରମ୍ ।୮୩।**

ବେଦାଭ୍ୟାସ, ତପସ୍ୟା, ଜ୍ଞାନ, ଇନ୍ଦ୍ରିୟସଂଯମ; ଅହିଂସା ଓ ଗୁରୁସେବା ଏହି କର୍ମମାନ ପରମ ମୋକ୍ଷ ସାଧନ ।

**ସର୍ବଷାମପି ଚୈତେଷାଂ ଶୁଭାନାମିହଂ କର୍ମଣାମ୍ ।**
**କିଞ୍ଚିଚ୍ଛ୍ରେୟସ୍କରତରଂ କର୍ମୋକ୍ତ ପୁରୁଷଂ ପ୍ରତି ।୮୪।**

ଇହଲୋକରେ ଏହିସବୁ କର୍ମମାନଙ୍କ ମଧ୍ୟରୁ ଉକ୍ତ ପୁରୁଷ ପ୍ରତି କେଉଁ କର୍ମ କିଞ୍ଚିତ ଅଧିକ ଶ୍ରେୟସ୍କର ?

**ସର୍ବେଷାମପି ଚୈତେଷାମାତ୍ମଜ୍ଞାନଂ ପରଂ ସ୍ମୃତମ୍ ।**
**ତଦ୍ଧ୍ୟଗ୍ର୍ୟଂ ସର୍ବବିଦ୍ୟାନାଂ ପ୍ରାପ୍ୟତେ ହ୍ୟମୃତଂ ତତଃ ।୮୫।**

ଏସବୁ ମଧ୍ୟରେ ଆତ୍ମଜ୍ଞାନକୁ ଶ୍ରେଷ୍ଠବୋଲି, ତାହା ସକଳ ବିଦ୍ୟା ମଧ୍ୟରେ ପ୍ରଧାନ କାରଣ ତହିଁରୁ ଅମୃତ (ମୁକ୍ତି) ମିଳେ ।

**କ୍ଷଣାମେଷାନ୍ତ ସର୍ବେଷା କର୍ମଣାଂ ପ୍ରେତ୍ୟଚେହ ଚ ।**
**ଶ୍ରେୟସ୍କରତଂ ଜ୍ଞେୟଂ ସର୍ବଦା କର୍ମ ବୈଦିକମ୍ ।୮୬।**

ଉପରୋକ୍ତ ସମସ୍ତ ଛଅକର୍ମ ମଧ୍ୟରେ ବୈଦିକ କର୍ମକୁ ଇହକାଳ ଓ ପରକାଳର ଅଧିକତର ଶ୍ରେୟସ୍କର ବୋଲି ଜାଣିବ ।

**ବୈଦିକେ କର୍ମଯୋଗେ ତୁ ସର୍ବଣ୍ୟେତାନ୍ୟଶେଷତଃ ।**
**ଅନ୍ତର୍ଭବନ୍ତି କ୍ରମଶସ୍ତସ୍ମିସ୍ତନ୍ କ୍ରିୟାବିଧୌ ।୮୭।**

ପରନ୍ତୁ ବୈଦିକ (ପରମାତ୍ମାଙ୍କ ଉପାସନାଦି) କର୍ମଯୋଗରେ ଏ ସବୁ କ୍ରିୟା ବିଧି ଅନ୍ତର୍ଭୁକ୍ତ ଥାଇ କ୍ରମଶଃ ଅନୁଷ୍ଠିତ ହୋଇଯାଏ ।

**ସୁଖାଭ୍ୟୁଦୟିକଞ୍ଚୈ ବ ନୈଃଶ୍ରେୟସିକମେବ ଚ ।**
**ପ୍ରବୃତ୍ତଞ୍ଚ ନିବୃତ୍ତଞ୍ଚ ଦ୍ୱିବିଧଂ କର୍ମ ବେଦିକମ୍ ।୮୮।**

ସଂସାରିକ ସୁଖଭୋଗ ଅର୍ଥାତ୍ ପ୍ରବୃତ୍ତି ଓ ମୋକ୍ଷ ଅର୍ଥାତ୍ ନିବୃତ୍ତି ଏହି ଦୁଇ ପ୍ରକାର ବୈଦିକ କର୍ମ ଅଟେ ।

**ଇହ ଚାମୁତ୍ର ବା କାମ୍ୟଂ ପ୍ରବୃତ୍ତଂ କର୍ମ କୀର୍ତ୍ତ୍ୟତେ ।**
**ନିଷ୍କାମଂ ଜ୍ଞାନପୂର୍ବନ୍ତୁ ନିବୃତ୍ତମୁପଦିଶ୍ୟତେ ।୮୯।***

ଇହଲୋକ ଓ ପରଲୋକର ସୁଖଭୋଗ କାମନାରେ ଯେଉଁ କାର୍ଯ୍ୟ କରାଯାଏ ତାହାକୁ ପ୍ରବୃତ୍ତି ଏବଂ ନିଷ୍କାମଭାବରେ ଜ୍ଞାନପୂର୍ବକ କୃତ କାର୍ଯ୍ୟକୁ ନିବୃତ୍ତି ବୋଲି ।

**ପ୍ରବୃତ୍ତଂ କର୍ମ ସଂସେବ୍ୟ ଦେବାନାମେତି ସାମ୍ୟତାମ୍ ।**
**ନିବୃତ୍ତଂ ସେବମାନସ୍ତୁ ଭୂତାନ୍ୟତ୍ୟେତି ପଞ୍ଚବୈ ।୯୦।**

ପ୍ରବୃତ୍ତକର୍ମାନୁଷ୍ଠାନରେ ଦେବସମାନ ଗତି ଲାଭ ହୁଏ; ମାତ୍ର ନିବୃତ୍ତକର୍ମ କରିବା ଦ୍ୱାରା ପଞ୍ଚଭୂତ ଅତିକ୍ରମ କରାଯାଏ (ଅର୍ଥାତ୍ ମୋକ୍ଷଲାଭ ହୁଏ) ।

**ସର୍ବଭୁତେଷୁ ଚାତ୍ମାନଂ ସର୍ବଭୂତାନି ଚାତ୍ମନି ।**
**ସମଂ ପଶ୍ୟନ୍ନାତ୍ମଯାଜୀ ସ୍ୱରାଜ୍ୟାମଧିଗଚ୍ଛତି ।୯୧।**

ସର୍ବଭୂତରେ ଆତ୍ମାକୁ ଏବଂ ଆତ୍ମାରେ ସର୍ବଭୂତକୁ ସମଭାବେ ଦେଖି ଆତ୍ମଯାଜୀ (ଆତ୍ମଯଜ୍ଞକାରୀ) ସ୍ୱରାଜ୍ୟ (ବ୍ରହ୍ମତ୍ୱ ବା ମୋକ୍ଷ) ଲାଭ କରେ ।

**ଯଥୋକ୍ତାନ୍ୟପି କର୍ମାଣି ପରିହାୟ ଦ୍ୱିଜୋତ୍ତମଃ ।**
**ଆତ୍ମଜ୍ଞାନେ ଶମେ ଚ ସ୍ୟାଦବେଦାଭ୍ୟାସେ ଚ ଯତ୍ନବାନ ।୯୨।**

ଦ୍ୱିଜଶ୍ରେଷ୍ଠ ଶାସ୍ତ୍ରୋକ୍ତ କର୍ମମାନ ଛାଡ଼ିସୁଦ୍ଧା ଆତ୍ମାଜ୍ଞାନ, ଇନ୍ଦ୍ରିୟନିଗ୍ରହ ଓ ବେଦାଭ୍ୟାସରେ ଯତ୍ନବାନ ହେବ ।

**ଏତଦ୍ଧି ଜନ୍ମସାଫଲ୍ୟଂ ବ୍ରାହ୍ମଣସ୍ୟ ବିଶେଷତଃ ।**
**ପ୍ରାପ୍ୟୈତତ୍କୃତକୃତ୍ୟୋ ହି ଦ୍ୱିଜୋ ଭବତି ନାନ୍ୟଥା ।୯୩।**

ଏହାହିଁ ବ୍ରାହ୍ମଣର ବିଶେଷରୂପେ ଜନ୍ମସଫଳକାରୀ, କାରଣ ଏହାପାଇଁ ଦ୍ୱିଜ କୃତାର୍ଥ ହୁଏ ଅନ୍ୟଥାକୃତ କୃତ୍ୟତା ନାହିଁ ।

---

* ଏକ ପୁସ୍ତକରେ ଏଥିପରେ ଅଧିକା ମିଳେ-

ଅକାମୋପହତଂ ନିତ୍ୟଂ ନିବୃତ୍ତଞ୍ଚ ବିଧୀୟତେ ।
କାମତସ୍ତୁକୃତଂ କର୍ମ ପ୍ରବୃତ୍ତମୁପଦିଶ୍ୟତେ ।

କାମନାଶୂନ୍ୟ ହୋଇ ଯେଉଁ କାର୍ଯ୍ୟ କରାଯାଏ, ତାହା ନିବୃତ୍ତି ଏବଂ କାମନା ଯୁକ୍ତ କର୍ମ ପ୍ରବୃତ୍ତି ମଧ୍ୟରେ ଗଣ୍ୟ ହୁଏ ।

**ପିତୃଦେବ ମନୁଷ୍ୟାଣାଂ ବେଦଶ୍ଚକ୍ଷୁଃ ସନାତନମ୍ ।**
**ଅଶକ୍ୟାଞ୍ଚାପ୍ରମେୟଞ୍ଚ ବେଦଶାସ୍ତ୍ର ମିତିସ୍ଥିତିଃ ।୯୪।**

ବେଦ ପିତୃ, ଦେବ ଓ ମନୁଷ୍ୟମାନଙ୍କର ଚକ୍ଷୁ ଏବଂ ସନାତନ ଅଟେ ତଥା ବେଦଶାସ୍ତ୍ର ଅପୌରୁଷେୟ ଓ ଅପ୍ରମେୟ, ଏହା ସ୍ଥିର ।

**ଯା ବେଦବାହ୍ୟା ସ୍ମୃତୟୋ ଯାଶ୍ଚ କାଶ୍ଚ କୁଦୃଷ୍ଟୟଃ ।**
**ସର୍ବାସ୍ତା ନିଷ୍ଫଳା ପ୍ରେତ୍ୟ ତମୋନିଷ୍ଠା ହି ତାଃ ସ୍ମୃତା ।୯୫।**

ଯେଉଁ ସ୍ମୃତିମାନ ବେଦବିପରୀତ ଓ ଯେଉଁ ସବୁ କୁଦୃଷ୍ଟାନ୍ତପୂର୍ଣ୍ଣ ସେ ସମସ୍ତ ଅନ୍ତତଃ ନିଷ୍ଫଳ; କାରଣ ସେ ସବୁ ସ୍ମୃତି ତମଃ ପ୍ରବର୍ତ୍ତକ ।

**ଉତ୍ପଦ୍ୟନ୍ତେ ଚ୍ୟବନ୍ତେ ଚ ଯାନ୍ୟତୋଽନ୍ୟାନି କାନିଚିତ୍ ।**
**ତାନ୍ୟର୍ବାକ୍କାଲିକତାୟା ନିଷ୍ଫଳନ୍ୟନୃତାନି ଚ ।୯୬।**

ଯେଉଁ ଗ୍ରନ୍ଥମାନ ବେଦମୂଳକ ନୁହେ ଓ ପୁରୁଷକଳ୍ପିତ ସେ ସବୁ ଉତ୍ପନ୍ନ ହୁଏ ଓ ନଷ୍ଟ ହୁଏ, ସେ ସବୁ ଆଧୁନିକ ହେବାରୁ ନିଷ୍ଫଳ ଓ ଅସତ୍ୟ ।

**ଚାତୁର୍ବର୍ଣ୍ୟଂ ତ୍ରୟୋ ଲୋକାଶ୍ଚତ୍ୱାରଶ୍ଚାଶ୍ରମାଃ ପୃଥକ୍ ।**
**ଭୂତଂ ଭବ୍ୟଂ ଭବିଷ୍ୟଞ୍ଚ ସର୍ବଂ ବେଦାତ୍ପ୍ରସିଧ୍ୟତି ।୯୭।**

ଚାରିବର୍ଣ୍ଣ, ତିନିଲୋକ ପୃଥକ୍ ପୃଥକ୍ ଚାରି ଆଶ୍ରମ ଏବଂ ଅତୀତ ବର୍ତ୍ତମାନ ଓ ଭବିଷ୍ୟତ କାଳ ଏ ସମସ୍ତ ବେଦରୁ ପ୍ରସିଦ୍ଧ ।

**ଶବ୍ଦଃ ସ୍ପର୍ଶଶ୍ଚ ରୂପଞ୍ଚ ରସୋ ଗନ୍ଧଶ୍ଚ ପଞ୍ଚମଃ ।**
**ବେଦାଦେବ ପ୍ରସୂୟନ୍ତେ ପ୍ରସୂତିର୍ଗୁଣକର୍ମତଃ ।୯୮।**

ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଏ ପାଞ୍ଚ ବେଦରୁ ଉତ୍ପନ୍ନ ହୋଇଅଛି- ଗୁଣକର୍ମାନୁସାରେ ବେଦହିଁ ସମସ୍ତଙ୍କର ପ୍ରସୂତି (ଅର୍ଥାତ୍ ଜ୍ଞାନ ବେଦରୁ ଆରମ୍ଭ ହେବାହେତୁ ନିଜ ନିଜ ଉପାଦାନରୁ ଉତ୍ପନ୍ନ ଶବ୍ଦାଦି ବିଷୟମାନଙ୍କର ଉତ୍ପତ୍ତି ବେଦରୁ ହିଁ ହୋଇଅଛି ।

**ବିଭର୍ତ୍ତି ସର୍ବଭୂତାନି ବେଦଶାସ୍ତ୍ରଂ ସନାତନମ୍ ।**
**ତସ୍ମାଦେତତ୍ପରଂ ମନ୍ୟେ ଯଜ୍ଜନ୍ତୋରସ୍ୟେ ସାଧନମ୍ ।୯୯।**

ସନାତନ ବେଦଶାସ୍ତ୍ର ସର୍ବଭୂତକୁ ଧାରଣ କରିଅଛି; ସେହି ହେତୁରୁ ଜ୍ଞାନିମାନେ ଏହାକୁ ମନୁଷ୍ୟର ପୁରୁଷାର୍ଥସାଧନ ପରମୋପାୟ ବୋଲି ମନେ କରନ୍ତି ।

**ସୈନାପତ୍ୟଞ୍ଚ ରାଜ୍ୟଞ୍ଚ ଦଣ୍ଡନେତୃତ୍ୱମେବ ଚ ।**
**ସର୍ବଲୋକାଧିପତ୍ୟଞ୍ଚ ବେଦଶାସ୍ତ୍ର ବିଦର୍ହତି ।୧୦୦।**

ବେଦଶାସ୍ତ୍ରଜ୍ଞହିଁ ସୈନାପତ୍ୟ, ରାଜ୍ୟ, ଦଣ୍ଡନେତାପଣ୍ୟ ଏବଂ ସର୍ବଲୋକାପତ୍ୟ ପାଇବାର ଉପଯୁକ୍ତ ।

**ଯଥା ଜାତବଳୋ ବହ୍ନିର୍ଦହତ୍ୟାଦ୍ର୍ୟାନପିଦ୍ରୁମାନ୍ ।**
**ତଥା ଦହତି ବେଦଜ୍ଞଃ କର୍ମଜଂ ଦୋଷମାତ୍ମନଃ ।୧୦୧।**

* ତିନିଗୋଟି ପୁସ୍ତକରେ ଏଥିପରେ ମିଳେ-

ନ ବେଦବଳମାଶ୍ରିତ୍ୟ ପାପ କର୍ମରୁଚିର୍ଭବେତ୍ ।
ଅଜ୍ଞାନଚ୍ଚ ପ୍ରମାଦାଚ୍ଚ ଦହତେ କର୍ମ ନେତରତ୍ ।

କେବଳ ବେଦବଳର ଆଶ୍ରୟରେ ପାପକର୍ମରେ ରୁଚି ହେବ ନାହିଁ ଏପରି ହୋଇ ରହିବା ଉଚିତ ନୁହେଁ; କାରଣ ଅଜ୍ଞାନ ଓ ପ୍ରମାଦର ଯେଉଁ ପାପ ହୋଇ ଯାଏ ତହିଁର ଖଣ୍ଡନ ଉକ୍ତ କର୍ମରୁ ହୁଏ- ଅନ୍ୟରୂପେ ହୋଇ ନ ପାରେ ।

ପ୍ରବଳ ଅଗ୍ନି ଯେପରି ଆର୍ଦ୍ର ବୃକ୍ଷସବୁ ପୋଡ଼ି ପକାଏ, ବେଦଜ୍ଞ ସେପରି ଆପଣାର କର୍ମଜନିତ ଦୋଷ ପୋଡ଼ି ପକାଏ ।

**ବେଦଶାସ୍ତ୍ରାର୍ଥତତ୍ତ୍ୱଜ୍ଞୋ ଯତ୍ର ତତ୍ରାଶ୍ରମେ ବସନ୍ ।**
**ଇହୈବ ଲୋକେ ତିଷ୍ଠନ ସ ବ୍ରହ୍ମଭୂୟାୟ କଳ୍ପତେ ।୧୦୨।**

ବେଦଶାସ୍ତ୍ରର ଅର୍ଥ ଓ ତତ୍ତ୍ୱ ଜାଣିବା ଲୋକ ଯେ କୌଣସି ଆଶ୍ରମରେ ଥାଇ ସୁଦ୍ଧା ଇହଲୋକରେ ବ୍ରହ୍ମତ୍ୱ ବା ମୋକ୍ଷ ପ୍ରାପ୍ତ ହୁଏ ।

**ଅଜ୍ଞେଭ୍ୟୋ ଗ୍ରନ୍ଥିନଃ ଶ୍ରେଷ୍ଠ ଗ୍ରନ୍ଥିଭ୍ୟୋ ଧାରିଣୋ ବରାଃ ।**
**ଧାରିଭ୍ୟୋ ଜ୍ଞାନିନଃ ଶ୍ରେଷ୍ଠା ଜ୍ଞାନିଭ୍ୟୋ ବ୍ୟବସାୟନଃ ।୧୦୩।**

ଅପାଠୁଆଠାରୁ ଗ୍ରନ୍ଥପାଠୀ ଶ୍ରେଷ୍ଠ, ଗ୍ରନ୍ଥପାଠୀଠାରୁ ଗ୍ରନ୍ଥୋକ୍ତ ବିଷୟ ଧାରଣା କରିଥିବା ଲୋକ ଶ୍ରେଷ୍ଠ, ଧାରଣାକାରୀଠାରୁ ଜ୍ଞାନ ଲଭିଥିବା ଲୋକ ଶ୍ରେଷ୍ଠ ଏବଂ ଜ୍ଞାନଠାରୁ ଅନୁଷ୍ଠାନକାରୀ ଶ୍ରେଷ୍ଠ ।

**ତପୋ ବିଦ୍ୟା ଚ ବିପ୍ରସ୍ୟ ନିଃଶ୍ରେୟସକରଂ ପରମ୍ ।**
**ତପସା କିଲ୍ବିଷଃ ହନ୍ତି ବିଦ୍ୟୟାଽମୃତମଶ୍ନୁତେ ।୧୦୪।**

ତପସ୍ୟା (ସ୍ୱଧର୍ମବୃତ୍ତିତ୍ୱ) ଓ ବିଦ୍ୟା (ଆତ୍ମଜ୍ଞାନ) ବ୍ରାହ୍ମଣର ପରମ କଲ୍ୟାଣକର ଅଟେ, ତପସ୍ୟାଦ୍ୱାରା ପାପ ଦୂରୀଭୂତ ହୁଏ ଏବଂ ଆତ୍ମାଜ୍ଞାନଦ୍ୱାରା ମୋକ୍ଷ ମିଳେ ।

**ପ୍ରତ୍ୟକ୍ଷଞ୍ଚାନୁମାନଞ୍ଚ ଶାସ୍ତ୍ରଞ୍ଚ ବିବିଧାଗମମ୍ ।**
**ତ୍ରୟଂ ସୁବିଦିତଂ କାର୍ଯ୍ୟ ଧର୍ମଶୁଦ୍ଧି ମଭୀପ୍‌ସତା ।୧୦୫।**

ଧର୍ମ ଓ ଶୁଦ୍ଧିକାମୀ ବ୍ୟକ୍ତି ପକ୍ଷେ ପ୍ରତ୍ୟକ୍ଷ, ଅନୁମାନ ଓ ବିବିଧଶାସ୍ତ୍ର ଏ ତିନି ଉତ୍ତମରୂପେ ଜାଣିବା କର୍ତ୍ତବ୍ୟ ।

**ଆର୍ଷଂ ଧର୍ମୋପଦେଶଞ୍ଚ ବେଦଶାସ୍ତ୍ରାବିରୋଧିନା ।**
**ଯସ୍ତର୍କେଣାନୁସନ୍ଧିତ୍ତେ ସ ଧର୍ମଂ ବେଦ ନେତରଃ ।୧୦୬।**

ଋଷିକଥିତ ଧର୍ମୋପଦେଶ ବେଦଶାସ୍ତ୍ରର ଅବିରୋଧୀ ତର୍କ ଦ୍ୱାରା ଯାହା ସିଦ୍ଧ ହେବ ତାହାହିଁ ଧର୍ମ ବୋଲି ଜାଣିବ- ଏହା ଛଡ଼ା ଅନ୍ୟ ଧର୍ମ ନୁହେ ।

**ନୈଃଶ୍ରେୟସମିଦଂ କର୍ମ ଯଥୋଦିତମଶେଷତଃ ।**
**ମାନବସ୍ୟାସ୍ୟ ଶାସ୍ତ୍ରସ୍ୟ ରହସ୍ୟମୁପଦିଶତେ ।୧୦୭।***

ଏହି ମୋକ୍ଷସାଧନ କର୍ମ ଅଶେଷରୂପରେ ବୋଲାଗଲା, ଏବେ ଏହି ମନୁକୃତ ଶାସ୍ତ୍ରର ରହସ୍ୟ ବୋଲା ଯାଉଅଛି ।

**ବିନାମ୍ନାତେଷୁ ଧର୍ମେଷୁ କଥଂ ସ୍ୟାଦୀତ ଚେଦ୍ଭବେତ୍ ।**
**ଯଂ ଶିଷ୍ଟା ବ୍ରାହ୍ମଣା ବ୍ରୂୟଃ ସ ଧର୍ମଃ ସ୍ୟାଦଶଙ୍କିତଃ ।୧୦୮।**

ସାମାନ୍ୟ ରୂପେ ବୋଲାଯାଇ କୌଣସି ବିଶେଷ ବିଧିର ଉଲ୍ଲେଖ ନ ଥିଲେ କିପରି ହେବା ଉଚିତ ଏଭଳି ଆଶଙ୍କା ଉପସ୍ଥିତ ହେଲେ ଶିଷ୍ଟ ବ୍ରାହ୍ମଣମାନେ ଯାହା କହିବେ ସେହି ଧର୍ମ ଆଶଙ୍କିତ ଭାବରେ ଆଚରିତ ହେବ ।

**ଧର୍ମେଣାଧିଗତୋ ଯୈସ୍ତୁ ବେଦଃ ସପରିବୃଂହଣଃ ।**
**ତେ ଶିଷ୍ଟା ବ୍ରାହ୍ମଣା ଜ୍ଞେୟାଃ ଶ୍ରୁତିପ୍ରତ୍ୟକ୍ଷହେତବଃ ।୧୦୯।**

* - ଏ ଶ୍ଳୋକ ପ୍ରକ୍ଷିପ୍ତ ।

ଯେଉଁମାନେ ବ୍ରହ୍ମଚର୍ଯ୍ୟାଦିଯୁକ୍ତ ଧର୍ମଦ୍ୱାରା ଷଡ଼ଙ୍ଗାଦି ସହିତ ବେଦ ପାଠ କରିଅଛନ୍ତି ଶ୍ରୁତି ପ୍ରତ୍ୟକ୍ଷ କରିବାକୁ ସକ୍ଷମ ସେହିମାନଙ୍କୁ ଶିଷ୍ଟ ବ୍ରାହ୍ମଣ ବୋଲି ଜାଣିବ ।

**ଦଶାବରା ବା ପରିଷଦ୍ ଯଂ ଧର୍ମଂ ନ ପରିକଳ୍ପୟେତ୍ ।**
**ତ୍ର୍ୟବରା ବ୍ୟାପି ବୃତ୍ତସ୍ଥା ତଂ ଧର୍ମଂ ନ ବିଚାଳୟେତ୍ ।୧୧୦।***

ଅଥବା ଦଶ ଶ୍ରେଷ୍ଠବିଦ୍ୱାନ ଯେଉଁ ଧର୍ମ କହିବେ ଅଥବା (ତଦଭାବେ) ସଦାଚାରୀ ତିନିଜଣ ଯାହା କହିବେ ସେ ଧର୍ମ ଲଙ୍ଘନ କରିବ ନାହିଁ ।

**ତ୍ରୈବିଦ୍ୟୋ ହେତୁକସ୍ତର୍କୀ ନୈରୁକ୍ତୋ ଧର୍ମପାଠକଃ ।**
**ତ୍ରୟଶ୍ଚାଶ୍ରମିଣଃ ପୂର୍ବେ ପରିଷତ୍ସ୍ୟାଦ୍ଦଶାବରା ।୧୧୧।**

(୧-୩) ତ୍ରି ବେଦଜ୍ଞ, (୪) ଶ୍ରୁତି ସ୍ମୃତିର ଅବିରୋଧୀ ନ୍ୟାୟଶାସ୍ତ୍ରଜ୍ଞ, (୫) ମୀମାଂସାତ୍ମକତର୍କଶାସ୍ତ୍ରଜ୍ଞ, (୬) ନିରୁକ୍ତଜ୍ଞ, (୭) ଧର୍ମଶାସ୍ତ୍ରଜ୍ଞ ଏବଂ (-୧୦) ବ୍ରହ୍ମଚର୍ଯ୍ୟ ଗୃହସ୍ଥ ଓ ବାନପ୍ରସ୍ଥଆଶ୍ରମୀ ଏରୂପେ ଦଶଜଣ ସଭାପରିଷଦ ହେବେ ।

**ଋଗ୍‌ବେଦବିଦ୍ ଯଜୁର୍ବିଚ୍ଚ ସାମବେଦବିଦେବ ଚ ।**
**ତ୍ର୍ୟବରା ପରିଷଜ୍ଜ୍ଞେୟା ଧର୍ମସଂଶୟନିର୍ଣ୍ଣୟେ ।୧୧୨।**

ଧର୍ମସମ୍ବନ୍ଧୀୟ ସନ୍ଦେହ ନିର୍ଣ୍ଣୟ କରିବା ସକାଶେ ଋକ୍‌ବେଦଜ୍ଞ, ଯଜୁର୍ବେଦଜ୍ଞ ଓ ସାମବେଦଜ୍ଞ ତିନିଜଣ ଅଧିକା ସଭାସଦ୍ ବୋଲି ଜାଣିବ ।

**ଏକୋଽପି ବେଦବିଦ୍ଧର୍ମଂ ଯଂ ବ୍ୟବସ୍ୟେଦ୍ଦ୍ୱିଜୋତ୍ତମଃ ।**
**ସ ବିଜ୍ଞେୟଃ ପରୋଧର୍ମୋ ନାଜ୍ଞାନା ମୁଦିତୋୟୁତୈଃ ।୧୧୩।**

ଦଶସହସ୍ର ଅଜ୍ଞାନୀ ଲୋକଙ୍କ କଥା ଅପେକ୍ଷା ଜଣେ ସୁଦ୍ଧା ବେଦଜ୍ଞ ଦ୍ୱିଜଶ୍ରେଷ୍ଠ ଯେଉଁ ଧର୍ମର ବ୍ୟବସ୍ଥା କରିବେ ତାହାକୁ ଶ୍ରେଷ୍ଠ ଧର୍ମ ବୋଲି ଜାଣିବା ଉଚିତ ।

**ଅବ୍ରତାନାମମନ୍ତ୍ରାଣାଂ ଜାତିମାତ୍ରୋପଜୀବିନାମ୍ ।**
**ସହସ୍ରଶଃ ସମେତାନାଂ ପରିଷତ୍ତ୍ୱଂ ନ ବିଦ୍ୟତେ ।୧୧୪।**

ବ୍ରତ (ଆଚାର) ହୀନ, (ବେଦ) ମନ୍ତ୍ରହୀନ, ଜାତିମାତ୍ରୋପଜୀବୀ ସହସ୍ରଲୋକ ମିଳିତ ହେଲେ ସୁଦ୍ଧା ସେମାନଙ୍କର ପରିଷତ୍ତ୍ୱ (ଧର୍ମନିର୍ଣ୍ଣୟ ସଭାସଦତ୍ୱ) ହୋଇ ନ ପାରେ ।

**ଯଂ ବଦନ୍ତି ତମୋଭୂତା ମୂର୍ଖା ଧର୍ମମତଦ୍ ବିଦଃ ।**
**ତତ୍ପାପଂ ଶତଧା ଭୂତ୍ୱା ତଦ୍ ବକ୍ତୃନନୁଗଚ୍ଛତି ।୧୧୫।**

ତମୋଗୁଣପ୍ରଧାନ, ମୂର୍ଖ, ଧର୍ମପ୍ରମାଣ ବେଦାର୍ଥାନଭିଜ୍ଞ ଲୋକମାନେ ଯେଉଁ (ପ୍ରାୟଶ୍ଚିତ୍ତାଦି) ଧର୍ମ ବତାଇ ଦିଅନ୍ତି ସେହି ପାପ ଶତଧା ହୋଇ ବକ୍ତାକୁ ଗୋଡ଼ାଏ ।

**ଏତଦ୍ ବୋଽଭିହିତଂ ସର୍ବଂ ନିଃଶ୍ରେୟସକରଂ ପରମ୍ ।**
**ଅସ୍ମାଦପ୍ରଚ୍ୟୁତୋ ବିପ୍ରଃ ପ୍ରାପ୍ନୋତି ପରମାଂ ଗତିମ୍ ।୧୧୬।**

---

* - ଏଥିପରେ ଚାରି ପୁସ୍ତକରେ ଅଛି-

ପୁରାଣଂ ମାନବୋ ଧର୍ମୋ ସାଙ୍ଗୋପାଙ୍ଗଚିକିତ୍ସକଃ ।
ଆଜ୍ଞାସିଦ୍ଧାନି ଚତ୍ୱାରି ନ ହନ୍ତବ୍ୟାନି ହେତୁଭିଃ ।।

ପୁରାଣ, ମନୁପ୍ରୋକ୍ତଧର୍ମ ସାଙ୍ଗୋପାଙ୍ଗ ଚିକିତ୍ସାଶାସ୍ତ୍ର ଏବଂ ସାଧୁ ଆଦିଙ୍କ ଆଜ୍ଞା ଏ ଚାରି ଯୁକ୍ତି ଦ୍ୱାରା ଖଣ୍ଡିତ ହୋଇ ନ ପାରେ ।

ଏହି ମୋକ୍ଷସାଧନ ଧର୍ମ ସମୁଦାୟ ତୁମ୍ଭମାନଙ୍କୁ କହିଲୁଁ; ଯେଉଁ ବିପ୍ର ଏଥିରୁ ଭ୍ରଷ୍ଟ ନ ହୁଏ ସେ ମୋକ୍ଷଲାଭ କରେ ।

**ଏବଂ ସ ଭଗବାନ୍ ଦେବୋ ଲୋକାନାଂ ହିତକାମ୍ୟୟା ।**
**ଧର୍ମସ୍ୟ ପରମଂ ଗୃହ୍ୟଂ ମମେଦଂ ସର୍ବମୁକ୍ତବାନ୍ ।୧୧୭।**✲

ସେହି ଭଗବାନ ଦେବ (ମନୁ) ଲୋକମାନଙ୍କର ହିତକାମନାରେ ଏହିସବୁ ଧର୍ମର ପରମଗୁହ୍ୟକଥା ଆମ୍ଭଙ୍କୁ କହିଥିଲେ ।

**ସର୍ବମାତ୍ମନି ସଂପଶେସ୍ତ୍ସଚ୍ଚାସଚ୍ଚ ସମାହିତଃ ।**
**ସର୍ବଂହ୍ୟାତ୍ମନି ସଂପଶ୍ୟନ୍ନାଧର୍ମେ କୁରୁତେ ମନଃ ।୧୧୮।**

ସମାହିତ ଚିତ୍ତରେ ସତ୍ ଓ ଅସତ୍ ଆତ୍ମାରେ ଦେଖିବ; କାରଣ ସେ ସମୁଦାୟ ଆତ୍ମାରେ ଦେଖିଲେ (ପରମାତ୍ମାଙ୍କ ଭୟରୁ) ଅଧର୍ମ କରିବାକୁ ମନ ଯିବନାହିଁ ।

**ଆତ୍ମୈବ ଦେବତାଃ ସର୍ବାଃ ସର୍ବମାତ୍ମନ୍ୟବସ୍ଥିତମ୍ ।**
**ଆତ୍ମ ହିଁ ଜନୟତ୍ୟେଷାଂ କର୍ମଯୋଗଂ ଶରୀରିଣାମ୍ ।୧୧୯।**

ଆତ୍ମାହିଁ ସମସ୍ତ ଦେବତା ଏବଂ ସମସ୍ତ ଆତ୍ମାରେ ଅବସ୍ଥିତ ଅଛି, ଏହି ଶରୀର (ଜୀବାତ୍ମା)ମାନଙ୍କର କର୍ମଯୋଗକୁ ଆତ୍ମାହିଁ ଉତ୍ପନ୍ନ କରନ୍ତି ।

**ଖଂ ସନ୍ନିବେଶୟେତ୍ ଖେଷୁ ଚେଷ୍ଟନସ୍ପର୍ଶନେଽନିଲମ୍ ।**
**ପକ୍ତିଦୃଷ୍ଟ୍ୟୋଃ ପରଂ ତେଜଃ ସ୍ନେହେଽପୋଗାଞ୍ଚ ମୂର୍ତ୍ତିଷୁ ।୧୨୦।**

ଆକାଶରୁ ଆକାଶରେ, ବାୟୁକୁ ଚେଷ୍ଟା ଓ ସ୍ପର୍ଶରେ, ପରମ ତେଜକୁ ଜଠରାଗ୍ନି ଓ ଦୃଷ୍ଟିରେ, ଜଳକୁ ଶାରୀରିକ ସ୍ନେହରେ ଏବଂ ପୃଥିବୀକୁ ଦେହରେ ସନ୍ନିବେଶିତ କରିବ( ଏହିପରି ଧ୍ୟାନାବସ୍ଥିତ ହେବ) ।

**ମନସୀନ୍ଦଂ ଦିଶଃ ଶ୍ରୋତ୍ରେ କ୍ରାନ୍ତେ ବିଷ୍ଣୁଂ ବଲେ ହରମ୍ ।**
**ବାଚାଗ୍ନିଂ ମିତ୍ରମୁତ୍ସର୍ଗେ ପ୍ରଜନେ ଚ ପ୍ରଜାପତିମ୍ ।୧୨୧।**

ମନରେ ଚନ୍ଦ୍ରକୁ, କାନରେ ଦିକମାନ, ଗତିରେ ବିଷ୍ଣୁକୁ, ବଳରେ ହରକୁ, ବାଣୀରେ ଅଗ୍ନିକୁ, ଗୁହ୍ୟଦେଶରେ ମିତ୍ରକୁ, ଲିଙ୍ଗରେ ପ୍ରଜାପତିକୁ (ସନ୍ନିବେଶିତ କରିବ) ।

**ପ୍ରଶାସିତାରଂ ସର୍ବେଷାମଣିୟାଂ ସମଣୋରପି ।**
**ରୁକ୍ମାଭଂ ସ୍ୱପ୍ନଧୀଗମ୍ୟଂ ବିଦ୍ୟାତ୍ତଂ ପୁରୁଷଂ ପରମ୍ ।୧୨୨।**

ସମସ୍ତଙ୍କର ନିୟନ୍ତା, ଅଣୁଠାରୁ ସୁଦ୍ଧା ଅଣୁ, ସୁବର୍ଣ୍ଣକାନ୍ତି, ସ୍ୱପ୍ନଧୀସଦୃଶଜ୍ଞାନ ଗ୍ରାହ୍ୟ (ଅର୍ଥାତ୍ ଇନ୍ଦ୍ରିୟ ଗ୍ରାହ୍ୟ ନ ଥାଇ ଯୋଗଯୁକ୍ତ ଏକାଗ୍ର ମନଦ୍ୱାରା ଗ୍ରାହ୍ୟ) ସେହି ପରମପୁରୁଷକୁ ଜାଣ ।

**ଏତେମେକେ ବଦନ୍ତ୍ୟଗ୍ନିଂ ମନୁମନ୍ୟେ ପ୍ରଜାପତିମ୍ ।**
**ଇନ୍ଦ୍ରମେକେ ପରେ ପ୍ରାଣମପରେ ବ୍ରହ୍ମ ଶାଶ୍ୱତମ୍ ।୧୨୩।**

ଏହାକୁ କେହି ଅଗ୍ନି, କେହି ପ୍ରଜାପତି ମନୁ, କେହି ଇନ୍ଦ୍ର, କେହି ପ୍ରାଣ ଆଉ ଅପରେ ଶାଶ୍ୱତ ବ୍ରହ୍ମ ବୋଲନ୍ତି ।

**ଏଷ ସର୍ବାଣି ଭୂତାନି ପଞ୍ଚଭିର୍ବ୍ୟାପ୍ୟ ମୂର୍ତ୍ତିଭିଃ ।**
**ଜନ୍ମବୃଦ୍ଧିକ୍ଷୟୈର୍ନିତ୍ୟଂ ସଂସାରୟତି ଚକ୍ରବତ୍ ।୧୨୪।**

---

✲ - ଏ ଶ୍ଳୋକ ପ୍ରକ୍ଷିପ୍ତ ।

ଏହି ଆତ୍ମା ସକଳ ଭୂତ (ଜୀବାତ୍ମା)କୁ ପଞ୍ଚ (ମୂର୍ତ୍ତି) ମହାଭୂତରେ ବ୍ୟାପ୍ତକରି ନିତ୍ୟ ଚକ୍ରପରି ଜନ୍ମ, ବୃଦ୍ଧି ଓ କ୍ଷୟଦ୍ୱାରା ସଂସାରରେ ଘୂରାଉଅଛି ।

**ଏବଂ ଯଃ ସର୍ବଭୂତେଷୁ ପଶ୍ୟତ୍ୟାତ୍ମାନମାତ୍ମନା ।**
**ସ ସର୍ବସମତାମେତ୍ୟ ବ୍ରହ୍ମାଭ୍ୟେତି ପରଂ ପଦମ୍ ।୧୨୫।**

ଏହି ରୂପେ ଯେଉଁ ଲୋକ ଆତ୍ମାଦ୍ୱାରା ସକଳ ଭୂତରେ ପରମାତ୍ମାଙ୍କୁ ଦେଖେ ସେ ସର୍ବଭୂତରେ ସମଦୃଷ୍ଟି ପାଇ ପରମପଦ ବ୍ରହ୍ମକୁ ପ୍ରାପ୍ତି ହୁଏ ।

**ଇତ୍ୟେତନ୍ମାନବଂ ଶାସ୍ତ୍ରଂ ଭୃଗୁପ୍ରୋକ୍ତଂ ପଠନ୍ ଦ୍ୱିଜଃ ।**
**ଭବତ୍ୟାଚାରବାନ୍ନିତ୍ୟଂ ଯଥେଷ୍ଟାଂ ପ୍ରାପ୍ନୁୟାଦ୍ ଗତିମ୍ ।୧୨୬।**

ଏହିପରି ଭୃଗୁପ୍ରୋକ୍ତ ମନୁଙ୍କ ଶାସ୍ତ୍ର ଦ୍ୱିଜ ପାଠକଲେ ନିତ୍ୟ ଆଚାରସମ୍ପନ୍ନ ହୋଇ ଅଭିଳଷିତ ଗତି ପ୍ରାପ୍ତ ହୁଏ ।

# ଦ୍ୱାଦଶଅଧ୍ୟାୟ ସମାପ୍ତ

* - ଏ ଶ୍ଳୋକ ପ୍ରକ୍ଷିପ୍ତ ।

# ସମାପ୍ତ


| | | |
|---|---|---|
| ଗର୍ଗସଂହିତା ସଂସ୍କୃତ ଓ ଓଡ଼ିଆ ଭାଷା ଅନୁବାଦ | — | ଟ.୭୦.୦୦ |
| ଶ୍ରୀଧର ସ୍ୱାମୀଙ୍କ ସିଦ୍ଧଚନ୍ଦ୍ରିକା | — | ଟ.୫.୦୦ |
| ପରାଶର ସଂହିତା | — | ଟ.୩୦.୦୦ |
| ଯଜ୍ଞବଲ୍କ ସଂହିତା | — | ଟ.୩୦.୦୦ |
| ଅକଳିତ ସଂହିତା | — | ଟ.୫.୦୦ |
| ଅଣାକାର ସଂହିତା | — | ୮.୦୦ |
| ଚରକ ସଂହିତା (ସୂତ୍ରସ୍ଥାନ ଏବଂ ନିଦାନସ୍ଥାନ) | — | ଟ.୨୭୦.୦୦ |
| ବଡ଼ ଅକ୍ଷରୀ ତୁଳସୀଦାସ ରାମାୟଣ | | |
| ଟୀ ରାମଚରିତ ମାନସ | — | ଟ.୨୦୦.୦୦ |
| ଚିତ୍ରିତ୍ର ଭାରତ | — | ଟ. ୬୫.୦୦ |
| ବିଚିତ୍ର ରାମାୟଣ | — | ଟ. ୪୫.୦୦ |
| ଚିତ୍ରିତ୍ର ହରିବଂଶ | — | ଟ. ୫୫.୦୦ |
| ରଘୁନାଥ ପୁରାଣ | — | ଟ. ୫୦.୦୦ |
| ଯିଏ ଖୋଜେ ସିଏ ପାଏ | — | ଟ. ୨୦.୦୦ |
| ଆତ୍ମାଜ୍ଞାନହିଁ ମୁକ୍ତିର ମାର୍ଗ | — | ଟ. ୩୫.୦୦ |
| ପର୍ଶୁରାମ ପୁରାଣ | — | ଟ. ୮୦.୦୦ |
| ରଘୁନାଥ କିର୍ତ୍ତନ ଟୀ ମାଠ ରାମାୟଣ | — | ଟ.୨୨୫.୦୦ |
| ବୃହଦ୍ ଜ୍ୟୋତିଷ ଶାସ୍ତ୍ର ପାରାଶର ହୋରା | — | ଟ.୧୮୦.୦୦ |
| ଜ୍ୟୋତିଷାର୍ଣ୍ଣବ(ଲେଖକ: ଜଗବନ୍ଧୁ ସିଂହ) | — | ଟ.୧୮୦.୦୦ |


ଅକ୍ଷରସଜ୍ଜା— ଟେକ୍‌ନୋସଫ୍‌ଟ କମ୍ପୁଟର୍ ସର୍ଭିସ୍, କଟକ-୨, ଫୋ:ନଂ.୬୦୩୩୦୨

# ନିର୍ଘଣ୍ଟ

(ବନ୍ଧନୀମଧ୍ୟସ୍ଥ ଅଙ୍କ ଅଧ୍ୟାୟ ସୂଚକ ଓ ତତ୍ପାର୍ଶ୍ୱସ୍ଥ ଅଙ୍କ ସେହି ଅଧ୍ୟାୟର ତତ୍ସଂଖ୍ୟକ ଶ୍ଳୋକ ଅଟେ ।)

## ଅ

ଅକନ୍ୟା (୮) ୨୨୫, ୨୨୬
ଅଗମ୍ୟାଗମନ (୧୧) ୧୭୦-୧୭୯
ଅଗ୍ନି (୧୨) ୧୨୩
ଅଗ୍ନିକାର୍ଯ୍ୟ (୨) ୬୯
ଅଗ୍ନିମାନ୍ (୩) ୧୨୨
ଅଗ୍ନିସଂସ୍କାର (୫) ୬୯
ଅଗ୍ନିହୋତ୍ର (୪) ୨୫, (୧୧) ୩୬,୪୧,୪୨
ଅଗ୍ନ୍ୟାହୁତି (୩) ୭୬, ୮୪-୮୬
ଅଗ୍ରଭୋଜନ (୩) ୧୧୪-୧୧୬
ଅଗ୍ରେଦିଧିଷୁପତି (୩) ୧୬୦
ଅଙ୍ଗ (୧୨) ୧୦୩
ଅଜ୍ଞାନକୃତ ପ୍ରାୟଶ୍ଚିତ୍ତ (୧୧) ୧୪୬
ଅଞ୍ଜନ (୪) ୧୫୨
ଅଣୁ (୧) ୨୭, ଅଣ୍ଡ (୧) ୯,୧୨
ଅଣ୍ଡଜ (୧) ୪୪
ଅତିକୃଚ୍ଛ୍ର (୧୧) ୨୦୯, ୨୧୪
ଅତିଥି (୩) ୧୦୨-୧୧୪
ଅତିଥି ଅର୍ଚ୍ଚନ (୩) ୯୯-୧୧୪, ୧୩୦, (୪)୨୯,୩୦
ଅତିଭୋଜନ (୨) ୫୭
ଅଥର୍ବ (୧୧) ୩୩
ଅଧନଭାଗିର ଅପତ୍ୟ (୯) ୨୦୩
ଅଧମର୍ଣ୍ଣ (୮) ୪୭,୪୮
ଅଧର୍ମଭାଗ (୮) ୧୮,୧୯
ଅଧର୍ମାଚରଣ (୪) ୧୭୦, ୧୭୪, ୧୭୬, ୧୭୯, ୧୮୦
ଅଧିବେଦନ (୯) ୮୧-୮୭
ଅଧ୍ୟକ୍ଷ (୭) ୮୧
ଅଧ୍ୟଗ୍ନି (୯) ୧୯୪
ଅଧ୍ୟୟନ (୧୦)୧, (୧୧) ୨୨୮
ଅଧ୍ୟାପନ (୧୦) ୧,୨
ଅଧ୍ୟାବାହନିକ (୯) ୧୯୪
ଅଧର୍ମ (୧) ୨୬,୨୯
ଅଧ୍ୱର (୪) ୨୬
ଅନଧ୍ୟାୟ (୨) ୧୦୫, (୪) ୧୦୧-୧୨୭
ଅନନ୍ତର (୧୦)୧୪
ଅନପତ୍ୟରିକ୍ଥ (୯) ୧୯୦
ଅନବସ୍ଥିତା ନାରୀହତ୍ୟା (୧୧) ୧୩୯
ଅନାର୍ଯ୍ୟ (୧୦) ୬୭, ୭୩
ଅନିଯୁକ୍ତାପୁତ୍ର (୯) ୧୪୩, ୧୪୪, ୧୪୭
ଅନୀକ (୭) ୧୯୩
ଅନୁକଳ୍ପ (୩) ୧୪୭
ଅନୁତାପ (୧୧) ୨୨୬
ଅନୁଭାଷଣ (୧୧) ୨୨୯
ଅନୁମାନ (୧୨) ୧୦୫
ଅନୁଲୋମ (୧୦) ୧୩,୨୫
ଅନୃତ (୧) ୨୯
ଅନ୍ତରାତ୍ମା (୧୨) ୧୩
ଅନ୍ତରାତ୍ମା ସ୍ମୃତି (୬) ୬୩
ଅନ୍ତଃପୁର (୭) ୧୫୩, ୨୧୬, ୨୨୧,୨୨୪
ଅନ୍ତ୍ୟସ୍ତ୍ରୀନିଷେବୀ ଗତି (୧୨) ୫୯
ଅନ୍ଧ୍ର (୧୦) ୩୬, ୪୮
ଅନ୍ନପ୍ରାଶନ (୨) ୩୪
ଅନ୍ୟଥାକାର୍ଯ୍ୟ (୯) ୨୩୪
ଅନ୍ୱାଧେୟ (୯) ୧୯୫ .
ଅପ (୧) ୮, ୭୮
ଅପଧ୍ୱଂସଜ (୧୦) ୪୬
ଅପବିଦ୍ଧପୁତ୍ର (୯) ୧୫୯, ୧୭୧
ଅପରଦାର (୧୧) ୫
ଅପସଦ (୧୦) ୧୦, ୪୬
ଅପସ୍ଥାନ (୧) ୧୩
ଅପହ୍ନବ (୧୦) ୪୪
ଅପ୍ସରା (୧) ୩୭, (୧୨) ୪୭
ଅପାଙ୍କ୍ତ୍ୟବିଶୋଧନ (୧୧) ୨୦୧
ଅପାତ୍ରୀକରଣ (୧୧) ୭୦,୧୨୬
ଅବକୀର୍ଣ୍ଣୀ (୧୧) ୧୧୭, ୧୧୮; ୧୨୦-୧୨୩
ଅବିଭାଜ୍ୟ (୯) ୨୧୯

ଅବେକ୍ଷଣ (୮) ୪୧୯
ଅବପର୍ଯ୍ୟାୟ (୧୧) ୨୭
ଅବଦୂର୍ଗ (୭) ୭୦
ଅଭକ୍ଷ୍ୟ (୫) ୫-୯, ୧୧-୧୫,୧୭-୨୧
ଅଭକ୍ଷ୍ୟ ଭକ୍ଷଣ (୧୧) ୧୪୬-୧୫୧, ୧୫୩-୧୬୨
ଅଭକ୍ଷ୍ୟ ଭକ୍ଷଣଗତି (୧୨) ୫୯
ଅଭକ୍ଷ୍ୟ ମାଂସ (୫) ୧୧-୧୫, ୧୭-୧୯
ଅଭିବାଦନ (୨) ୧୧୭-୧୨୬, ୧୩୧-୧୩୭, (୧୧) ୨୦୫
ଅଭିଭାଷଣ (୨) ୧୨୭-୧୩୦
ଅଭିଯୋଗ (୮) ୫୦
ଅଭୋଜନ (୧୧) ୧୬୭, ୧୯୬, ୨୦୪
ଅମାତ୍ୟ (୭) ୬୦-୬୨,୬୫
ଅମୃତ (୩) ୨୮୫, (୧୨) ୧୦୪
ଅମୃତଜୀବିକା (୪) ୪,୫
ଅମ୍ବଷ୍ଠ (୧୦) ୮,୧୩-୪୭
ଅର୍ଥ (୨) ୨୨୪
ଅର୍ଥଗ୍ରାସ (୮) ୪୩
ଅର୍ଥସାଧନ (୮) ୪୯, ୫୦, ୧୭୬-୧୭୭
ଅଶନି (୧) ୩୮
ଅଶୌଚ (୫) ୫୮-୯୪
ଅଶ୍ରଦ୍ଧାନ୍ନ (୪) ୨୨୩, ୨୨୫
ଅଶ୍ୱମେଧ (୧୧) ୭୫
ଅସିଦ୍ଧବ୍ୟବହାର (୮) ୧୬୩.
ଅସୁରସ୍ୱ (୧୧) ୨୦
ଅସ୍ଥିସଞ୍ଚୟନ (୫) ୬୮
ଅସ୍ୱାମୀବିକ୍ରୟ (୮) ୪, ୧୯୭-୨୦୨
ଅହଙ୍କାର (୧) ୧୪
ଅହିଂସା (୨) ୧୫୯-୧୬୩ (୫) ୪୩
ଅହିଂସ୍ର (୧) ୨୯
ଅହୋରାତ୍ର (୧) ୬୫


## ଆ


ଆକାଶ (୧) ୭୫
ଆଗମ (୮) ୨୦୦, (୧୨) ୧୦୫
ଆଗ୍ରାୟଣ (୬) ୧୦
ଆଚମନବିଧି (୨) ୫୮-୬୨, (୫) ୧୩୮, ୧୩୯, ୧୪୩-୧୪୫
ଆଚାର (୨) ୬,୯
ଆଚାର୍ଯ୍ୟ (୨) ୧୪୦, ୧୪୫-୧୪୮, ୨୨୫, ୨୨୬, (୯) ୧୮୭
ଆଚାର୍ଯ୍ୟଶୁଶ୍ରୁଷା (୨) ୨୨୬-୨୩୦,୨୩୩
ଆତତାୟୀ (୮) ୩୫୦, ୩୫୧
ଆତ୍ମଜ୍ଞାନ (୧୨) ୮୫,୯୨
ଆତ୍ମଦର୍ଶନ (୧୨) ୧୧୮-୧୨୬
ଆତ୍ମନିବେଦନ (୪) ୨୫୪,୨୫୫
ଆତ୍ମବଶକର୍ମ (୪) ୧୫୯,୧୬୦
ଆତ୍ମବମାନନା (୪) ୧୩୭
ଆଧି (୮) ୧୪୩,୧୪୪
ଆନନ୍ତ୍ୟ (୬) ୮୪
ଆପଦ୍ଧର୍ମ (୯) ୩୩୬
ଆପତ୍‌ଜୀବିକା (୧୦) ୮୧-୧୨୯
ଆବନ୍ତ୍ୟବାଟ (୧୦)୨୧
ଆବୀତୀ ପ୍ରାଚୀନ (୨) ୬୩
ଆବୃତ (୧୦) ୧୫
ଆଭୀର (୧୦) ୧୫
ଆୟତି (୭) ୧୭୮,୧୭୯
ଆୟୋଗବ (୧୦), ୧୨, ୨୬, ୪୮
ଆର୍ଦ୍ରପାଦ (୪) ୪୭
ଆର୍ଯ୍ୟ (୧୦) ୭୩
ଆର୍ଯ୍ୟାବର୍ତ୍ତ (୨) ୨୨
ଆର୍ଷବିବାହ (୩) ୨୯-୫୩
ଆଶ୍ରମ କାର୍ଯ୍ୟ (୮)୩୯୦-୩୯୧
ଆଶ୍ରମ ଚାରି (୧୨) ୯୭
ଆସନ (୭) ୧୬୦, ୧୬୬, ୧୭୨
ଆସବ (୧୧) ୯୫
ଆସୁରବିବାହ (୩) ୩୧
ଆହିଣ୍ଡିକ (୧୦) ୩୭
ଆହ୍ୱୟ (୮) ୭, (୯) ୨୨୧-୨୨୩


## ଇ


ଇନ୍ଦ୍ର (୧୨) ୧୨୩
ଇନ୍ଦ୍ରଧନୁ (୧) ୩୮
ଇନ୍ଦ୍ରିୟ ଏକାଦଶ (୨) ୮୯-୯୨
ଇନ୍ଦ୍ରିୟ ନିବୃତ୍ତି (୬) ୫୯, ୬୦
ଇନ୍ଦ୍ରିୟ ପଞ୍ଚ (୧) ୧୫

ଉ

ଉଗ୍ର (୧୦) ୯, ୧୩, ୪୯, ୫୦
ଉଚ୍ଛିଷ୍ଟ (୨) ୫୬, (୪) ୧୫୧
ଉତ୍କୋଚ (୯) ୨୫୮
ଉତ୍ତମର୍ଣ୍ଣ (୮) ୪୭, ୪୮
ଉତ୍ତମସାହସ (୮) ୧୩୮
ଉତ୍ତରାୟଣ (୬) ୧୦
ଉଦକ (୯) ୧୮୬
ଉଦକକ୍ରିୟା (୫) ୬୯, ୭୦, ୮୮-୯୦
ଉଦଶୟନ (୧) ୬୭
ଉଦାସୀନ (୭) ୧୫୫, ୧୭୭, ୧୮୦, ୨୧୧
ଉଦ୍‌ବାହିକଧନ (୯) ୨୦୬
ଉଦ୍‌ଭିଜ୍ଜ (୧) ୪୬
ଉନ୍ମତ୍ତ (୯) ୨୦୧
ଉପଚାର (୯) ୨୫୯
ଉପଧା (୮) ୧୯୩
ଉପନୟନ (୨) ୩୬, ୩୮, (୧୦) ୬୮, ୬୯
ଉପନିଧି (୮) ୧୪୪, ୧୪୯, ୧୮୫, ୧୯୨
ଉପପାତକ (୧୧) ୫୯-୬୬, ୧୦୭-୧୧୭
ଉପବାସ (୧୧) ୧୬୭, ୧୯୬, ୨୦୪
ଉପବୀତ (୨) ୪୪
ଉପବୀତୀ (୨) ୬୩
ଉପରୋଧ (୭) ୧୯୫
ଉପାଧ୍ୟାୟ (୨)୧୪୧, ୧୪୫
ଉପାୟ (୭) ୧୦୯-୧୧୨, ୧୭୭, ୨୧୫
ଉଲ୍‌କା (୧) ୩୮

ଊ

ଊଷ୍ମଜ (୧) ୪୫

ଋ

ଋକ୍‌ବେଦ (୧) ୨୩
ଋଣଦଣ୍ଡ (୮) ୧୩୯
ଋଣବିଭାଗ (୯) ୨୧୮
ଋଣାଦାନ (୮) ୪
ଋତ (୧) ୨୯
ଋତ ଜୀବିକା (୪) ୪, ୫
ଋତୁକାଳ (୩) ୪୭
ଋତୁନିଷେଧ (୩) ୪୭
ଋତୁଲିଙ୍ଗ (୧) ୩୦
ଋତ୍ୱିକ୍ (୨) ୧୪୩, (୮) ୨୦୬, ୩୮୮
ଋଷି (୧୨) ୪୯
ଋଷିଯଜ୍ଞ (୪) ୨୧
ଋକ୍ଷେଷ୍ଟି (୬) ୧୦

ଓ

ଓଙ୍କାର (୨) ୭୫, ୭୬, ୮୧, ୮୪
ଓଷଧି (୧) ୪୬

ଔ

ଔଡ୍ର (୧୦) ୪୪
ଔରସ ଓ କ୍ଷେତ୍ରଜଭାଗ (୯) ୧୬୨, ୧୬୫
ଔରସପୁତ୍ର (୯) ୧୫୯, ୧୬୩

କ

କନ୍ୟାଦାନ (୩) ୩୫, (୮) ୨୦୪, ୨୦୫, ୨୨୪, (୯) ୭୧-୭୩, ୮୮-୯୦-୯୯
କନ୍ୟାଶୁଳ୍କ(୩)୫୧(୯)୯୩, ୯୭, ୯୮, ୧୦୦
କର (୭) ୧୨୮-୧୩୩, ୧୩୭, (୮) ୩୯୪
କରଣ (୮) ୫୨, ୧୫୪, (୧୦) ୨୨
କର୍ତ୍ତବ୍ୟକର୍ମ (୪) ୧୬୧-୧୬୯
କର୍ମ (୧) ୨୧, (୭) ୨୦୫
କର୍ମକର (୭) ୧୩୮-୧୪୦
କର୍ମ-ଦଶଲକ୍ଷଣ (୧୨) ୪
କର୍ମଗତି (୧୨) ୫୩-୮୨
କର୍ମଯୋଜନା (୧) ୨୮
କର୍ମଯୋଗ (୧୨) ୨
କଳା (୧) ୬୪
କଳି (୧) ୮୫
କଳ୍ପ (୩) ୧୪୭
କାନୀନପୁତ୍ର (୯) ୧୬୦, ୧୭୨
କାମ (୧) ୨୫, (୨) ୨୪
କାମ୍ବୋଜ (୧୦) ୪୪
କାୟଦଣ୍ଡ (୧୨) ୧୦
କାୟିକା ବୃଦ୍ଧି (୮) ୧୫୩
କାରାବର (୧୦) ୩୬
କାରୁଷ (୧୦) ୨୩
କାର୍ଯ୍ୟଦର୍ଶନ (୮) ୯, ୨୩-୨୬
କାର୍ଯ୍ୟନିବୃତ୍ତି (୮) ୧୧୭, (୯) ୨୩୩
କାର୍ଯ୍ୟାରମ୍ଭ (୯) ୨୯୯

କାର୍ଯ୍ୟେକ୍ଷଣ (୭) ୧୪୧, ୧୪୪
କାର୍ଷାପଣ (୮) ୧୩୬
କାର୍ଷିକ (୮) ୧୩୬
କାଳ (୧) ୨୪
କାଳବିଭକ୍ତି (୧) ୨୪
କାଳବୃଦ୍ଧି (୮) ୧୫୩
କାଷ୍ଠା (୧) ୬୪
କିତବ (୯) ୨୨୫, ୨୫୮
କିନ୍ନର (୧) ୩୯
କିରାତ (୧୦) ୪୪
କୀଟ (୧) ୪୦
କୁକ୍କୁଟକ (୧୦) ୧୮
କୁଣ୍ଡ (୩) ୧୫୬, ୧୭୪
କୁପୁତ୍ର (୯) ୧୬୧
କୁବିବାହ (୩) ୬୩-୬୫
କୁମ୍ଭୀପାକ (୧୨) ୭୬
କୁରୁକ୍ଷେତ୍ର (୨) ୧୯
କୁଳଧର୍ମ (୧) ୧୧୮, (୮) ୪୧
କୁଳସମୃଦ୍ଧି (୩) ୬୬
କୁଶୀଳବ (୯) ୨୨୫
କୁସୀଦ (୧୦) ୧୧୬, ୧୧୭
କୃଚ୍ଛ୍ର ଚାନ୍ଦ୍ରାୟଣ (୧୧) ୧୭୮
କୃଚ୍ଛ୍ରବ୍ରତ (୧୧) ୧୪୦, ୧୬୩, ୧୯୨, ୧୯୩, ୧୯୮, ୨୦୯
କୃତଘ୍ନ (୧୧) ୧୯୧
କୃତ୍ରିମପୁତ୍ର (୯) ୧୫୯, ୧୬୯
କୃମି (୧) ୪୦
କୃଷି (୧୦) ୮୪, ୧୧୬
କୃଷିବଳ (୧୦) ୯୦, ୯୧
କୃଷ୍ଣସାର (୨) ୨୩
କୃଷ୍ଣଳ (୮) ୧୩୪
କେତୁ (୧) ୩୮
କେଶାନ୍ତ (୨) ୬୫
କେବର୍ତ୍ତ (୧୦) ୩୪
କୌଟସାକ୍ଷ୍ୟ (୮) ୧୧୭-୧୨୩
କ୍ରନ୍ଦ (୭) ୨୦୭
କ୍ରୟବିକ୍ରୟାନୁଶୟ (୮) ୫, ୨୨୨-୨୨୮, ୩୯୯-୪୦୪, (୯) ୨୮୭-୨୯୧
କ୍ରୀତପୁତ୍ର (୯) ୧୬୦, ୧୭୪
କ୍ରୂର (୧) ୨୯, (୯) ୨୨୫
କ୍ରୋଧ (୧) ୨୫
କ୍ଳୀବ (୯) ୨୦୧

## ଖ

ଖମୂର୍ତ୍ତିମାନ୍ (୨) ୮୨
ଖଶ (୧୦) ୪୪
ଖସ (୧୦) ୨୨
ଖ୍ୟାପନ (୧୧) ୨୨୬

## ଗ

ଗଣଧର୍ମ (୧) ୧୧୮
ଗତି-ଉତ୍ତମ, ମଧ୍ୟମ, ଅଧମ (୧୨) ୩
ଗନ୍ଧ (୧) ୭୮
ଗନ୍ଧର୍ବ (୧) ୩୭, (୧୨) ୪୭
ଗର୍ହିତାର୍ଜନ (୧୧) ୧୯୪-୧୯୭
ଗାନ୍ଧର୍ବ ବିବାହ (୩) ୩୨
ଗିରିଦୁର୍ଗ (୭) ୭୦, ୭୧
ଗୁଚ୍ଛ (୧) ୪୮
ଗୁଣଗତି (୧୨) ୩୯-୫୨
ଗୁଣତ୍ରୟ (୧) ୧୫
ଗୁରୁ (୨) ୧୪୨, ୧୪୯
ଗୁରୁତଳ୍ପଗ (୯) ୨୩୫
ଗୁରୁତଳ୍ପଗ-ଗତି (୧୨) ୫୮
ଗୁରୁଦକ୍ଷିଣା (୨) ୨୪୫
ଗୁରୁବାସ (୨) ୧୬୪, ୧୭୫, ୧୯୨-୨୧୨, ୨୪୨-୨୪୪, ୨୪୭
ଗୁରୁଶୁଶ୍ରୂଷା (୨) ୨୧୮
ଗୁର୍ବଙ୍ଗନାଗମ (୧୧) ୫୫, ୫୯, ୧୦୩-୧୦୭
ଗୁଳ୍ମ (୧) ୪୮
ଗୁହ୍ୟକ (୧୨) ୪୭
ଗୂଢ଼ୋତ୍ପନ୍ନପୁତ୍ର (୯) ୧୫୯, ୧୭୦
ଗୃହବାସ (୪) ୬୧
ଗୃହମେଧୀ (୪) ୭,୮
ଗୃହସ୍ଥଧର୍ମ (୪) ୧୭୯-୧୮୫
ଗୃହସ୍ଥବୃତ୍ତି (୪) ୧-୨୫୯
ଗୃହସ୍ଥଭୋଜନ (୩) ୧୧୭, ୧୧୮
ଗୃହସ୍ଥାଶ୍ରମ (୩) ୨, ୭୭-୮୦

ଗୃହୀ (୩) ୭୮
ଗୋଘ୍ନ (୧୧) ୧୦୯-୧୧୭
ଗୋରକ୍ଷା (୧୦) ୧୧୬
ଗୋଳକ (୩) ୧୫୬, ୧୭୪
ଗୋଡ଼ୀସୁରା (୧୧) ୯୫
ଗୌରବ(୨)୧୪୫,୧୫୪
ଗୌରସର୍ଷପ (୮) ୧୩୩
ଗ୍ରନ୍ଥୀ (୧୨) ୧୦୩
ଗ୍ରହ (୧) ୨୪
ଗ୍ରାମାଧିପତି (୭) ୧୧୫-୧୨୦
ଗ୍ରାସାଚ୍ଛାଦନ (୯) ୨୦୨

ଚ

ଚକ୍ର (୪) ୮୪
ଚକ୍ରବୃଦ୍ଧି (୮) ୧୫୩, ୧୫୬
ଚଣ୍ଡାଳ (୧୦) ୧୨, ୨୬, ୫୧, ୫୨
ଚତୁର୍ଥଭାଗ (୧୦) ୧୧୮
ଚର୍ମକାର (୧୦) ୩୬
ଚାତୁର୍ମାସ୍ୟ (୬) ୧୦
ଚାନ୍ଦ୍ରାୟଣ (୧୧) ୪୧, ୧୫୫, ୧୫୬, ୧୬୪, ୧୭୨, ୨୧୭, ୨୧୮-୨୨୧
ଚାରିବର୍ଣ୍ଣ (୧୦) ୩, ୪, ୩୦, ୬୫-୬୮, (୧୨) ୯୭
ଚୀନ (୧୦) ୪୪
ଚୁଞ୍ଚୁ (୧୦) ୪୮
ଚୂଡ଼ାକର୍ମ (୨) ୩୫
ଚୌର୍ଯ୍ୟଧନ (୮) ୪୦

ଛ

ଛିଦ୍ର (୭) ୧୦୨, ୧୦୫

ଜ

ଜଗତ୍ (୧) ୫୨
ଜଙ୍ଗମ (୧) ୪୧
ଜଡ଼ (୯) ୨୦୧
ଜନ୍ମ (୨) ୧୬୯, ୧୭୨
ଜନ୍ମସ୍ୟଫଲ୍ୟ (୧୨) ୯୩
ଜନ୍ମାନ୍ଧ (୯) ୨୦୧
ଜପ (୧୧) ୧୯୪
ଜପବିଧି (୨) ୨୨୨
ଜପଯଜ୍ଞ (୨) ୮୫
ଜରାୟୁଜ (୧) ୪୩
ଜାତିଧର୍ମ (୧) ୧୧୮ (୮) ୪୧
ଜାତିଭ୍ରଂଶକର (୧୧) ୬୮, ୧୨୫
ଜାନପଦଧର୍ମ (୮) ୮୪
ଜିତେନ୍ଦ୍ରିୟ (୨) ୯୮
ଜୀବ (୧୨) ୧୩, ୨୩
ଜୀବନହେତୁ (୧୦) ୧୧୬
ଜୀବହତ୍ୟାପ୍ରାୟଶ୍ଚିତ୍ତ (୧୧) ୧୩୨-୧୩୮, ୧୪୦, ୧୪୨, ୧୪୪
ଜୀବିକା (୪) ୪-୨୫
ଜ୍ଞାତିସତ୍କାର (୩) ୨୬୪
ଜ୍ଞାନକୃତପ୍ରାୟଶ୍ଚିତ୍ତ (୧୧) ୧୪୬
ଜ୍ଞାନୀ (୧୨) ୧୦୩
ଜ୍ୟେଷ୍ଠତ୍ୱ (୯) ୧୨୫, ୧୨୬
ଜ୍ୟେଷ୍ଠପୁତ୍ର (୯) ୧୦୫-୧୧୦, ୨୦୪, ୨୧୩, ୨୧୪
ଜ୍ୟେଷ୍ଠାଶ୍ରମ (୩) ୭୮
ଜ୍ୟେଷ୍ଠୋଦ୍ଧାର (୯) ୧୧୨-୧୧୯, ୧୨୩, ୧୫୬
ଜ୍ୟେଷ୍ଠ୍ୟ (୨) ୧୫୫
ଜ୍ୟୋତି (୧) ୩୮, ୭୭, (୧୨) ୪୯

ଝ

ଝଲ୍ଲ (୧୦) ୨୨, (୧୨) ୪୫

ତ

ତନୁତ୍ୟାଗ (୬) ୩୨
ତନ୍ତୁବାୟ (୮) ୩୯୭
ତପ (୧) ୨୫, (୨) ୧୬୫-୧୬୭, ୨୨୮, (୧୧) ୧୯୪, ୨୨୮, ୨୩୫-୨୪୫, (୧୨) ୧୦୪
ତପ୍ତକୃଚ୍ଛ୍ର (୧୧) ୧୫୭, ୨୧୫
ତମ (୧) ୫,୫୫, (୧୨) ୨୪, ୨୯
ତରଣପଣ (୮) ୪୦୪
ତର୍କ (୧୨) ୧୦୬
ତାମ୍ରିକ (୮) ୧୩୬
ତିଳ (୮) ୯୦
ତୁଳାମାନ (୮) ୪୦୩
ତୁଷ୍ଟି (୧୧) ୨୩୪
ତୂର୍ଯ୍ୟଘୋଷ (୭) ୨୨୫
ତୃଣ (୧) ୪୮
ତ୍ୟାଗ (୮) ୩୮୯

ତ୍ରସରେଣୁ (୮) ୧୩୨ ତ୍ରିରଣ (୬) ୩୫
ତ୍ରିଗୁଣ (୧) ୧୫; (୧୨) ୨୪-୩୮
ତ୍ରିଦଣ୍ଡୀ (୧୨) ୧୦
ତ୍ରିବୃଦଦେବ (୧୧) ୨୬୪, ୨୬୫
ତ୍ରିଲୋକ (୧୨) ୯୭
ତ୍ରେତା (୧) ୮୩

ଦ

ଦକ୍ଷିଣା (୮) ୨୦୮, ୨୧୧, (୧୧) ୩୮-୪୦
ଦକ୍ଷିଣାୟାନ (୫) ୬୭, (୬) ୧୦
ଦଣ୍ଡ (୨) ୪୫, ୪୮
ଦଣ୍ଡପାତନ (୮) ୧୨୬-୧୩୦
ଦଣ୍ଡପାରୁଷ୍ୟ (୮) ୬, ୨୭୮-୩୦୧
ଦଣ୍ଡସ୍ଥାନ (୮) ୧୨୪, ୧୨୫
ଦଣ୍ଡାଦାୟ (୯) ୨୨୯-୨୩୨
ଦତ୍ତପୁତ୍ର (୯) ୧୫୯
ଦତ୍ତାନକର୍ମ (୮) ୪, ୨୧୨, ୨୧୪
ଦତ୍ତ୍ରିମପୁତ୍ର (୯) ୧୪୧, ୧୪୨, ୧୫୯, ୧୬୮
ଦନ୍ତଧାବନ (୪) ୧୫୨
ଦରଦ (୧୦) ୪୪
ଦର୍ଶ (୬) ୯
ଦର୍ଶନ ପ୍ରତିଭୂ (୮) ୧୬୦
ଦସ୍ୟୁ (୧୦) ୪୪
ଦାନ (୪) ୨୩୪, (୭) ୮୩-୮୬, ୧୦୧, ୧୯୮, (୧୧) ୯, ୧୦
ଦାନପ୍ରତିଭୂ (୮) ୧୬୦
ଦାରକର୍ମ (୩) ୫, ୧୦, ୧୪
ଦାସ (୧୦) ୩୪
ଦାସଯୋନି (୮) ୪୧୫
ଦାସୀପୁତ୍ର (୯) ୧୭୯
ଦିକ୍ (୧) ୧୩
ଦିଗ୍ଧୁପତି (୩) ୧୭୩
ଦୁର୍ଗ (୭) ୭୩
ଦୁରାଚାର (୪) ୧୫୭
ଦୁର୍ଭିକ୍ଷ (୮) ୨୨
ଦୁଷ୍କୃତଗର୍ହଣ (୧୧) ୨୩୦, ୨୩୩
ଦୁଃଖ (୧) ୨୬
ଦୂତ (୭) ୬୩-୬୮, ୨୨୩
ଦୃଷଦ୍ୱତୀ (୨) ୧୭
ଦେବ (୧) ୨୨
ଦେବତା ପୂଜନ (୪) ୧୫୨
ଦେବଦତ୍ତା (୯) ୯୫
ଦେବଯଜ୍ଞ (୪) ୨୧
ଦେବଯୁଗ (୧) ୭୧
ଦେବସ୍ୱ (୧୧) ୨୦-୨୬
ଦେଶଧର୍ମ (୧) ୧୧୮
ଦେହତ୍ୟାଗ (୬) ୬୩-୭୮
ଦୈବବିବାହ (୩) ୮
ଦୌହିତ୍ର (୯) ୧୩୨, ୧୩୬, ୧୩୯
ଦ୍ୟୁଲୋକ (୧) ୧୩
ଦ୍ୟୁତ (୮) ୭, (୯) ୨୨୧-୨୨୩, ୨୨୬, ୨୨୮
ଦ୍ରବିଡ଼ (୧୦) ୨୨, ୪୪
ଦ୍ରବ୍ୟବିକ୍ରୟ (୮) ୩୯୯
ଦ୍ରବ୍ୟଶୁଦ୍ଧି (୫) ୫୭, ୧୧୦-୧୩୩, ୧୪୦, ୧୪୬
ଦ୍ୱାପର (୧) ୮୫
ଦ୍ୱିଜନ୍ମ (୨) ୨୬
ଦ୍ୱିଜାତି ଦେଶ (୨) ୨୪
ଦଂଶ (୧) ୪୦

ଧ

ଧନ ବିଭାଗ (୯) ୨, ୧୮
ଧନ ସଞ୍ଚୟ (୪) ୩
ଧନାଦାୟ (୮) ୧୭୦-୧୭୨
ଧନୁଦୁର୍ଗ (୭) ୭୦ ଧରଣ (୮) ୧୩୫
ଧର୍ମ (୧) ୨୬, ୨୯, (୨) ୧, ୯, ୧୦, (୮) ୧୫-୧୮
ଧର୍ମଧ୍ୱଜୀ (୪) ୧୯୫
ଧର୍ମପଦ (୮) ୪୪
ଧର୍ମବୃତ୍ତି (୪) ୧୭୫, ୧୭୮
ଧର୍ମଯୋନି (୨) ୨୫
ଧର୍ମଲକ୍ଷଣ (୨) ୧୨, (୬) ୯୧-୯୪
ଧର୍ମ ସଞ୍ଚୟ (୪) ୨୩୮-୨୪୩
ଧର୍ମାସନ (୮) ୨୩
ଧର୍ମୋପଦେଶ (୧୨) ୧୦୬-୧୧୫
ଧାନ (୧୦) ୨୧
ଧାନ୍ୟାଦିହରଣ ଗତି (୧୨) ୬୨
ଧାତ୍ରୀ (୧୨) ୧୦୩
ଧନ୍ୱଦେଶ (୧୦) ୧୬, ୪୯, ୫୦

ଧୃତି (୧୦) ୧୧୬
ଧ୍ୟାନଯୋଗ (୬) ୭୩, ୭୯
ଧ୍ୟାନିକ (୬) ୮୨
ଧ୍ୱଜବାନ୍ (୪) ୮୪

ନ

ନକ୍ଷତ୍ର (୧) ୨୪, (୧୨) ୪୮
ନଗରାଧିପତି (୭) ୧୨୧-୧୨୪
ନଟ (୧୦), ୨୨, (୧୧) ୪୫
ନପୁସଂକ ଜନ୍ମ (୩) ୪୯
ନପୁଂସକ ବଧ (୧୧) ୧୩୪
ନବାନ୍ନ (୪) ୨୭
ନୟ (୭) ୧୮୦
ନରକ (୧୧) ୨୦୭, ୨୦୮, (୧୨) ୭୫
ନରକ ଏକବିଂଶ (୪) ୮୭-୯୦
ନାଗ (୧) ୩୭
ନାନାସ୍ତ୍ରୀପୁତ୍ର (୯) ୧୪୮
ନାମ (୧) ୨୧
ନାମଧେୟ (୨) ୩୦, ୩୩
ନାରାୟଣ (୧) ୧୦ ନାରୀ (୧) ୩୨
ନାରୀପୂଜା (୩) ୫୫-୬୨
ନାରୀ ସ୍ୱଭାବ (୨) ୨୧୩, ୨୧୪
ନାସ୍ତିକ (୨) ୧୧
ନିକ୍ଷେପ (୮) ୪. ୧୭୯-୧୯୬
ନିଗ୍ରହ (୭) ୧୭୫
ନିଚ୍ଛିବି (୧୦) ୨୨
ନିଧି (୮) ୩୭-୩୯
ନିତ୍ୟକର୍ମ (୪) ୯୨-୯୪
ନିବୀତୀ (୨) ୬୩
ନିବୃତ୍ତି (୧୨) ୮୮-୯୦
ନିମେଷ (୧୦) ୬୪
ନିୟମ (୪) ୨୦୪
ନିଯୁକ୍ତାପୁତ୍ର (୯) ୧୪୪-୧୪୬
ନିୟୋଗ (୯) ୫୮-୭୦
ନିରିନ୍ଦ୍ରିୟ (୯) ୨୦୧
ନିରୋଧନ (୮) ୩୧୦
ନିର୍ଘାତ (୧) ୩୮
ନିହାର (୯) ୧୯୯
ନିଷାଦ (୧୦) ୮, ୪୮
ନିଷିଦ୍ଧକର୍ମ (୪) ୪୧-୪୮, ୫୩-୯୧, ୧୨୮-୧୪୪
ନିଷିଦ୍ଧଗମନ (୪) ୧୪୦
ନିଷିଦ୍ଧବିବାହ (୩) ୬, ୯, ୧୧, ୧୫-୧୯, (୧୧) ୧୭୩
ନିଷିଦ୍ଧାନ୍ନ (୪) ୨୦୭-୨୨୪
ନିଷେକ (୨) ୧୬; (୪) ୧୫୧
ନିଷ୍କ (୮) ୧୩୭
ନିଷ୍କ୍ରାମଣ (୨) ୩୪
ନିଶ୍ରେୟସକର୍ମ (୧୨) ୮୨, ୧୧୬
ନୃଦୁର୍ଗ (୭) ୭୦
ନୃପ (୯) ୧୮୯-୧୯୦
ନୃପବପୁ (୫) ୯୬
ନୃଯଜ୍ଞ (୪) ୨୧
ନୈଜକ (୮) ୩୧୬
ନୌବ୍ୟବହାର (୮) ୪୦୪-୪୦୯
ନ୍ୟାସଧାରୀ (୮) ୧୯୬

ପ

ପକ୍ଷ (୧) ୬୬
ପଙ୍‌କ୍ତିପାବନ (୩) ୧୮୩-୧୮୬
ପଞ୍ଚଗବ୍ୟ (୧୧) ୧୬୬
ପଞ୍ଚଯଜ୍ଞ (୩) ୬୭-୭୫, ୮୧-୮୬, (୪) ୧୬୯
ପଞ୍ଚାଳ (୨) ୧୯
ପଣ (୧୦) ୧୩୬
ପଣ୍ୟଯୋଷିତ (୯) ୨୫୯
ପଣ୍ୟଶୁଳ୍କ (୮) ୩୯୮, ୪୦୦
ପତଙ୍ଗ (୧) ୪୦
ପତିତ (୯) ୨୧୦
ପତିତସଂଯୋଗଗତି (୧୨) ୬୦
ପତିତ ସଂସର୍ଗ (୧୧) ୧୮୦-୧୯୦
ପତ୍ନୀ (୯) ୧୬
ପଶ୍ଚାଦେୟ (୨) ୧୩୮, ୧୩୯
ପରବଶକର୍ମ (୪) ୧୫୯, ୧୬୦
ପରଯୋଷିତସଂସର୍ଗଗତି (୧୨) ୬୦
ପରସମ୍ପତ୍ତି (୪) ୨୦୧, ୨୦୨
ପରସ୍ତ୍ରୀ ନିଷେଧ (୪) ୧୩୩, ୧୩୪
ପରମ ଗତି (୧୨) ୧୧୬
ପରମପଦ (୧୨) ୧୨୫
ପରମପୁରୁଷ (୧୨) ୧୨୨, ୧୨୪
ପରମେଷ୍ଠୀ (୧) ୮୦

ପରଂଶ୍ରେୟ (୪) ୨୫୮
ପରାକକୃଚ୍ଛ୍ର (୧୧) ୨୧୬
ପରିତ୍ୟାଗ (୭) ୨୧୨
ପରିବିତ୍ତି (୩) ୧୭୧
ପରିବେତ୍ତା (୩) ୧୭୧
ପରିବ୍ରଜ୍ୟାଶ୍ରମୀ(୬) ୩୩, ୩୪, ୩୮, ୪୧, ୮୬
ପରିଷତ୍ (୧୨) ୧୧୧-୧୧୪
ପର୍ବପାଳନ (୪) ୧୫୩
ପଳ (୮) ୧୩୫
ପଶୁ (୧) ୩୯
ପଶୁଯାଗ (୪) ୨୬, ୨୭
ପାକଯଜ୍ଞ (୨) ୮୬
ପାଠବିଧି (୨) ୭୦-୭୪, ୧୦୭, ୧୦୯-୧୧୬
୧୬୮, ୧୯୧
ପାଣିଗ୍ରହଣ (୩) ୪୩ (୮) ୨୨୫, ୨୨୭
ପାଣ୍ଡୁସୋପାକ (୧୦) ୩୭
ପାଦାବସେଚନ (୪) ୧୫୧
ପାପବିନିଗ୍ରହ (୯) ୨୬୩, ୨୯୮
ପାରକ୍ୟ (୧୦) ୯୭
ପାରଦ (୧୦) ୪୪
ପାରଶବ (୯) ୧୭୮, (୧୦) ୮, ୬୪
ପାଷଣ୍ଡସ୍ଥ (୯) ୨୨୫
ପାଷଣ୍ଡଧର୍ମ (୧) ୧୧୮
ପାର୍ଷ୍ଣିଗ୍ରାହ (୭) ୨୦୭
ପିଣ୍ଡ (୯) ୧୮୬
ପିଣ୍ଡଦାନ (୩) ୨୧୫, ୨୨୪;୨୬୦, ୧୬୧
ପିଣ୍ଡଭକ୍ଷଣ (୩) ୨୬୨, ୨୬୩
ପିତା (୨) ୧୪୫, ୧୪୭, ୧୫୦, ୧୫୩,
୧୭୦, ୧୭୧, ୨୨୫, ୨୩୧
(୯) ୧୮୫
ପିତାମହୀ (୯) ୨୧୭
ପିତାମାତା ଶୁଶ୍ରୁଷା (୨) ୨୨୬-୨୩୦, ୨୩୩-
୨୩୭
ପିତୃକାର୍ଯ୍ୟ (୩) ୨୦୨-୨୮୩
ପିତୃଗଣ (୧) ୩୭, (୩)୧୯୨, ୨୦୧,
୨୮୪, (୧୨) ୪୯
ପିତୃଦତ୍ତ (୯) ୧୯୪
ପିତୃବର (୩) ୨୫୮, ୨୫୯
ପିତୃଯଜ୍ଞ (୩) ୧୨୨, ୧୨୩, (୪) ୨୧
ପିଶାଚ (୧) ୩୭
ପୁକ୍କସ (୧୦) ୧୮, ୪୯, ୫୦
ପୁତ୍ର (୯) ୧୩୦, ୧୩୭, ୧୩୮
ପୁତ୍ରଜନ୍ମ (୩) ୪୮, ୪୯
ପୁତ୍ର-ଦ୍ୱାଦଶ (୯) ୧୫୮
ପୁତ୍ରଦେୟ (୮) ୧୫୯
ପୁତ୍ରପ୍ରତିନିଧି (୯) ୧୮୦
ପୁତ୍ରବତୀ (୯) ୧୮୩
ପୁତ୍ରବାନ୍ (୯) ୧୮୨
ପୁତ୍ରିକାପୁତ୍ର (୯) ୧୨୭-୧୩୦, ୧୩୪, ୧୪୦
ପୁତ୍ରିକାଭର୍ତ୍ତା (୯) ୧୩୫
ପୁତ୍ରୈଶ୍ୱର୍ଯ୍ୟ (୬) ୯୫
ପୁତ୍ରୋପନ୍ୟାସ (୯) ୩୧
ପୁନର୍ଜନ୍ମ (୧) ୨୮, ୩୦
ପୁନର୍ଦାରକ୍ରିୟା (୫) ୧୬୭, ୧୬୮
ପୁନର୍ବିଭାଗ (୯) ୨୧୦
ପୁନଃସର୍ଗ (୧) ୮୦
ପୁନଃ ସଂସ୍କାରକର୍ମ (୧୧) ୧୫୧, ୧୫୨
ପୁନଃ ସଂହାର (୧) ୮୦
ପୁରାଣ (୮) ୧୩୬ ପୁରୁଷ (୧) ୩୨
ପୁରୁଷ ସପ୍ତ (୧) ୧୯
ପୁରୁଷାର୍ଥ (୭) ୯୯, ୧୦୦, ୧୦୬, ୧୦୮,
୧୫୯
ପୁଷ୍କଧ (୧୦) ୨୧
ପୂଜା (୮) ୩୯୫
ପୃଥକ୍‌ବାସ (୯) ୧୧୧
ପୈଶାଚବିବାହ (୩) ୩୪
ପୈଷ୍ଟୀସୁରା (୧୧) ୯୫
ପୌଣ୍ଡ୍ରକ (୧୦) ୪୪
ପୌତ୍ର (୯) ୧୩୩, ୧୩୪, ୧୩୭, ୧୩୯
ପୌନର୍ଭବପୁତ୍ର (୯) ୧୬୦, ୧୭୫
ପୌର୍ଣ୍ଣମାସ (୬) ୯
ପ୍ରଜା (୧) ୨୬, ୩୪
ପ୍ରଜାଧର୍ମ (୯) ୨୫
ପ୍ରଜାପତି (୧) ୩୪ (୧୨) ୧୨୩
ପ୍ରଜାପାଳନ (୧) ୧୪୪
ପ୍ରଣଷ୍ଟସ୍ୱାମିକରିକ୍ଥ (୮) ୩୦-୩୨
ପ୍ରଣଷ୍ଟାଧିଗତ (୮) ୩୩, ୩୪
ପ୍ରଣିଧି (୮) ୧୬୨

ପ୍ରଣିପାତ (୧୧) ୨୦୬
ପ୍ରତାନ (୧) ୪୮
ପ୍ରତିଗ୍ରହ (୩) ୧୭୯-୧୮୨, (୪) ୮୪-୯୧,୧୮୬,୨୩୫, ୨୪୭-୨୫୩
ପ୍ରତିନିଧି (୧୧) ୨୯
ପ୍ରତିଭୂ (୮) ୧୫୮, ୧୬୨, ୧୬୯
ପ୍ରତିଲୋମ (୧୦) ୧୩, ୨୫
ପ୍ରତୀମାନ (୮) ୪୦୩
ପ୍ରତ୍ୟକ୍ଷ (୧୨) ୧୦୫
ପ୍ରତ୍ୟୟ (୮) ୧୭୮, ୨୫୩
ପ୍ରଥମସାହସ (୮) ୧୩୮
ପ୍ରପୌତ୍ର (୯) ୧୩୭
ପ୍ରବାସ (୯) ୭୪-୭୬
ପ୍ରବ୍ରଜ୍ (୧୨) ୮୮, ୯୦
ପ୍ରମୃତଜୀବିକା (୪) ୪,୫
ପ୍ରୟାଗ (୨) ୨୧
ପ୍ରଳୟ (୧) ୫୪
ପ୍ରାକୃତକୃଚ୍ଛ୍ର (୧୧) ୧୫୯
ପ୍ରାଜକ (୮) ୨୯୩, ୨୯୪
ପ୍ରାଜାପତ୍ୟ (୧୧) ୧୨୫, ୨୧୨
ପ୍ରାଜାପାତ୍ୟ ବିବାହ (୩) ୩୦
ପ୍ରାଡ୍‌ବିବାକ (୮) ୭୯
ପ୍ରାଣ (୧୨) ୧୨୩
ପ୍ରାଣାୟାମ (୨) ୭୫, ୮୩, (୬) ୬୯-୭୨ (୧୧) ୨୦୦, ୨୦୨
ପ୍ରାୟଶ୍ଚିତ୍ତ (୧୧) ୪୫, ୪୬, ୫୫, ୨୦୯
ପ୍ରାୟଶ୍ଚିତ୍ତ ବର୍ଣ୍ଣଭେଦ (୧୧) ୧୨୭, ୧୩୧
ପ୍ରାୟଶ୍ଚିତ୍ତବିଧି (୧୦) ୧୩୧, (୧୧) ୪୧-୨୬୬
ପ୍ରାୟଶ୍ଚିତ୍ତ ଯୋଗ୍ୟ (୧୧) ୪୪, ୪୭
ପ୍ରୀତିବତ୍ତ (୯) ୧୯୪
ପ୍ରେତଶୁଦ୍ଧି (୫) ୫୭

ଫ

ଫଳପାକ (୧) ୪୬

ବ

ବକବ୍ରତିକ (୪) ୧୯୨, ୧୯୬-୨୦୦
ବଞ୍ଚକ (୯) ୨୫୭-୨୬୩
ବଣିକ୍ କର (୭) ୧୨୭
ବସ୍ତ୍ର (୧୨) ୪୯
ବଧ (୮) ୩୧୦
ବଧିର (୯) ୨୦୧
ବନବାସ (୬) ୧, ୩୨
ବନସ୍ପତି (୧) ୪୭
ବନ୍ଧନ (୮) ୩୧୦
ବନ୍ଧନ ଗୃହ (୯) ୨୮୮
ବନ୍ଧ୍ୟା ସ୍ତ୍ରୀ (୯) ୮୧
ବର୍ଣ୍ଣ—ଚାରି (୧୦) ୩, ୪, ୩୦, ୬୫-୬୮ (୧୨) ୯୭
ବର୍ଣ୍ଣସଙ୍କର (୧୦) ୨୪, ୪୦
ବର୍ଣ୍ଣସଙ୍କର ବିବାହ (୧୦) ୫୩
ବର୍ଣ୍ଣସଙ୍କର ବ୍ୟବହାର (୧୦) ୫୩-୬୮
ବର୍ଣ୍ଣାଶୌଚ (୫) ୮୩
ବର୍ଷ (୧) ୬୯
ବଳକୃତ (୮) ୧୬୮
ବଳି (୩) ୮୧, ୮୭-୯୪, ୧୨୧
ବଲ୍ଲୀ (୧) ୪୮
ବାକ୍ (୧) ୨୫, (୪) ୨୫୬
ବାକ୍‌ପାରୁଷ୍ୟ (୮) ୬,୨୬୬-୨୭୮
ବାଗଦଣ୍ଡ (୧୨) ୧୦
ବାଜ୍ମୟକର୍ମ (୧୧) ୬, ୯
ବାନର (୧) ୩୯
ବାନ୍ଧବ—ଅଦାୟାଦ (୯) ୧୫୮, ୧୬୦
ବାନ୍ଧବ—ଦାୟାଦ (୯) ୧୫୮, ୧୫୯
ବାନ୍ଧବଦେୟ (୮) ୧୬୬
ବାୟୁ (୧) ୭୬
ବାଳ (୨) ୧୫୦, ୧୫୩, ୧୫୬
ବାଳଘ୍ନ (୧୧) ୧୯୧
ବାଳଦାୟାଦ (୮) ୨୭
ବାଳଧନ (୮) ୧୪୯
ବିକର୍ମସ୍ଥ (୯) ୨୨୫, (୧୧) ୧୯୩, ୧୯୪
ବିକ୍ରୟବିଧି (୮) ୨୦୩
ବିଗ୍ରହ (୭) ୧୬୦, ୧୬୪-୧୭୦
ବିଘସ (୩) ୨୮୫
ବିଜନ୍ମା (୧୦) ୨୩
ବିଜୟ (୭) ୧୯୮-୨୦୪, ୨୦୬
ବିଦେଶାଶୌଚ (୫) ୭୫
ବିଦ୍ୟା (୧୦) ୧୧୬ (୧୨) ୧୦୪

ବିଦ୍ୟାଗ୍ରହଣ (୨) ୨୩୮-୨୪୧
ବିଦ୍ୟାଧନ (୯) ୨୦୬
ବିଦ୍ୟୁତ୍ (୧) ୩୮
ବିଧିଯଜ୍ଞ (୨) ୮୫
ବିନ୍ଧ୍ୟ (୨) ୨୧
ବିପଣି (୧୦) ୧୧୬
ବିବାଦ (୮) ୮
ବିବାହ-ଅଷ୍ଟବିଧ (୩) ୨୦-୨୬
ବିବାହଗୁଣ (୩) ୩୭-୪୦
ବିବାହବୟସ (୯) ୯୪
ବିବାହସଂସ୍କାର (୯) ୧୭୬
ବିବିକ୍ତ (୧୧) ୬
ବିଭାଗ (୮), ୭, (୯) ୧୦୩, ୧୨୦
ବିଭାଗ—ସମ, (୯) ୧୨୦ ୧୫୭, ୧୮୪, ୨୧୮
ବିଭାଗସମୟ (୯) ୧୦୪
ବିପ୍ରସ୍ୱହାରୀ ଗତି (୧୨) ୬୦
ବିରାଟ ପୁରୁଷ (୧) ୩୩
ବିଷମ (୧) ୨୪
ବିଷମ ଭାଗ (୯) ୨୧୫
ବିଷୟ (୧) ୧୫
ବିଷୟାସକ୍ତିଗତି (୧୨) ୭୩-୮୧
ବିହଙ୍ଗ (୧) ୩୯
ବୀଜ (୧) ୮ (୯) ୩୩-୫୬, ୧୮୧ (୧୦) ୬୯-୭୨
ବୀରସନ (୧୧) ୧୧୧
ବୃକ୍ଷ (୧) ୪୭
ବୃକ୍ଷଦୁର୍ଗ (୭) ୭୦
ବୃକ୍ଷାଦି ଛେଦନ (୧୧) ୧୪୩, ୧୪୫
ବୃତି (୮) ୨୪୦
ବୃତ୍ତି (୭) ୧୩୫, ୧୩୬ (୮) ୪୧୦-୪୧୮
ବୃଥା ମାଂସ (୪) ୨୧୩
ବୃଥାଲମ୍ଭ ପ୍ରାୟଶ୍ଚିତ୍ତ (୧୧) ୧୪୫
ବୃଦ୍ଧ (୨) ୧୫୬
ବୃଦ୍ଧି (୮) ୧୪୦-୧୫୭
ବୃଷଳୀସେବନ (୧୧) ୧୭୯
ବେଣ (୧୦) ୧୯
ବେତନ (୭) ୧୨୬
ବେତନାଦାନ (୮) ୫, ୨୧୪-୨୧୮
ବେଦ (୨) ୬, (୧୨) ୯୪-୧୦୨
ବେଦପାଠ (୪) ୯୫, ୯୬, ୯୮-୧୦୦, ୧୨୫
ବେଦବିତ୍ (୧୧) ୨୬୫, ୨୬୬, (୧୨) ୧୦୦
ବେଦ ବିରାମ (୪) ୯୭
ବେଦସନ୍ୟାସିକ (୬) ୮୬-୯୬
ବେଦଶବ୍ଦ (୧) ୨୧
ବେଦାନ୍ତ (୬) ୮୩
ବେଦାଭ୍ୟାସ (୧୧) ୨୪୬, ୨୪୭
ବେଦୋତ୍ସର୍ଗ (୪) ୯୭
ବୈଖାନସଭୈକ୍ଷ (୬) ୨୭
ବୈଖାନସଭୋଜନ (୬) ୧୧-୨୧, ୨୫-୨୮
ବୈଡାଳବ୍ରତିକ (୪) ୧୯୨, ୧୯୫, ୧୯୭-୨୦୦
ବୈତାନିକ (୬) ୯
ବୈଦେହ (୧୦) ୧୧, ୧୩, ୧୭, ୨୬, ୪୭
ବୈବାହିକାଗ୍ନି (୩) ୬୭
ବୈଶ (୧) ୩୧
ବୈଶ୍ୟକର୍ମ (୧) ୯୦, (୯) ୩୨୬-୩୩୩ (୧୦) ୭୮-୮୦
ବ୍ୟବସାୟୀ (୧୨) ୧୦୩
ବ୍ୟବହାର ଅଷ୍ଟାଦଶ (୮) ୩
ବ୍ୟବହାରଦର୍ଶନ (୮) ୧-୪୨୦
ବ୍ୟବହାରବିଧି (୮) ୪୫, ୪୬
ବ୍ୟବସ (୭) ୪୫-୫୩
ବ୍ୟାଧି (୮) ୨୨
ବ୍ୟାୟାମ (୭) ୨୧୬
ବ୍ୟାଳ (୧) ୩୯
ବ୍ୟାହୃତି (୨) ୭୬-୭୮
ବ୍ୟୁହ (୭) ୧୮୭-୧୯୧
ବ୍ୟୋମ (୧) ୧୩
ବ୍ରତ (୨) ୧୬୫, ୧୬୬, ୧୮୯
ବ୍ରତାଚରଣ (୪) ୧୯୮
ବ୍ରତୀ (୨) ୧୮୮
ବ୍ରହ୍ମ (୧୨) ୧୨୩, ୧୨୫
ବ୍ରହ୍ମଚର୍ଯ୍ୟ (୨) ୨୪୯, (୩) ୨
ବ୍ରହ୍ମଚାରୀ (୨) ୧୭୫, ୨୧୯, ୨୪୯
ବ୍ରହ୍ମଦାନ (୪) ୨୩୩
ବ୍ରହ୍ମଦାୟ (୩) ୩
ବ୍ରହ୍ମଦିନ (୧) ୭୨

ବ୍ରହ୍ମର୍ଷି (୨) ୧୯
ବ୍ରହ୍ମରାତ୍ରି (୧) ୭୨
ବ୍ରହ୍ମଲୋକ (୪) ୨୬୦
ବ୍ରହ୍ମସୁବର୍ଚ୍ଚଳା (୧୧) ୧୬୦
ବ୍ରହ୍ମହତ୍ୟା (୧୧) ୫୫, ୫୬, ୭୩-୯୦
ବ୍ରହ୍ମହା (୯) ୨୩୫, (୧୧) ୭୩
ବ୍ରହ୍ମହାଗତି (୧୨) ୫୫
ବ୍ରହ୍ମା (୧) ୯, ୧୧ (୧୨) ୫୦
ବ୍ରହ୍ମାବର୍ତ୍ତ (୨) ୧୭
ବ୍ରହ୍ମାବସ୍ଥିତି (୬) ୮୧
ବ୍ରତ୍ୟ (୨) ୩୯, ୪୦, (୧୦) ୨୦
ବ୍ରାହ୍ମଣ (୧) ୩୧, ୯୩
ବ୍ରାହ୍ମଣକର୍ମ (୧) ୮୮, (୧୦) ୭୫, ୭୬, ୮୦
ବ୍ରାହ୍ମଣଭୋଜନ (୩) ୧୨୪-୧୪୬, ୧୪୯, ୧୬୯, (୮) ୩୯୨, ୩୯୩
ବ୍ରାହ୍ମଣସତ୍କାର (୩) ୯୬-୯୮
ବ୍ରାହ୍ମଣସ୍ୱ (୧୧) ୨୬
ବ୍ରାହ୍ମନିଧି (୭) ୮୨
ବ୍ରାହ୍ମବିବାହ (୩) ୨୭

ଭ

ଭକ୍ଷ୍ୟ (୫) ୧୦, ୨୪, ୨୫
ଭକ୍ଷ୍ୟମାଂସ (୫) ୧୬
ଭଗବାନ (୧) ୬
ଭାଇଭାଗ (୯) ୨୦୫, ୨୧୬
ଭାଗଲୋପ (୯) ୨୧୧, ୨୧୨
ଭାଗହୀନତ୍ୱ (୯) ୨୦୧
ଭାର୍ଯ୍ୟାଗମନନିଷିଦ୍ଧକାଳ (୪) ୧୨୮
ଭାର୍ଯ୍ୟାନିଷ୍କ୍ରିୟ (୯) ୪୬
ଭାର୍ଯ୍ୟାବିସ୍ୱର୍ଗ (୯) ୪୬
ଭାର୍ଯ୍ୟାବୃତ୍ତି (୯) ୭୪
ଭାଷା (୮) ୧୬୪
ଭିକ୍ଷାଚରଣ (୨) ୪୯,୫୦, ୧୮୨-୧୮୮
ଭିକ୍ଷାଦାନ (୩) ୯୫
ଭୁବଃ (୨) ୭୬
ଭୁଃ (୨) ୭୬
ଭୁତଯଜ୍ଞ (୪) ୨୧
ଭୂତସର୍ଗ (୧) ୧୬
ଭୂତାତ୍ମା (୧୨) ୧୨
ଭୂମି (୧) ୭୮
ଭୂୟଃ ସୃଷ୍ଟି (୧) ୫୧
ଭୂର୍ଜକଣ୍ଟକ (୧୦) ୨୧
ଭୂଲୋକ (୧) ୧୩
ଭୃତି (୧୦) ୧୧୬
ଭେଦ (୭) ୧୯୮
ଭୈକ୍ଷ୍ୟ (୧୦) ୧୧୬
ଭୋଜନବିଧି (୨) ୫୧-୫୫
ଭ୍ରାତୃଦତ୍ତ (୯) ୧୯୪

ମ

ମକ୍ଷିକ (୧) ୪୦
ମଙ୍ଗଳାଚାର (୪) ୧୪୫-୧୫୮, ୨୩୬-୨୪୬
ମଣିମୁକ୍ତାଦିହରଣ ଗତି (୧୨) ୬୧
ମଣ୍ଡଳ (୭) ୨୦୭
ମତ୍କୁଣ (୧) ୪୦
ମତ୍ସ୍ୟ (୧) ୩୯
ମତ୍ସ୍ୟଦେଶ (୨) ୧୯
ମଦ୍‌ଗୁ (୧୦) ୪୮
ମଦ୍ୟ (୫) ୫୬ (୧୧) ୯୬
ମଧୁପର୍କଧନ (୯) ୨୦୬
ମଧୁପର୍କପୂଜା (୩) ୧୧୯, ୧୨୦
ମଧ୍ୟଦେଶ (୨) ୨୧
ମଧ୍ୟମ (୭) ୧୫୫
ମଧ୍ୟସାହସ (୮) ୧୩୮
ମଧ୍ୟସ୍ଥ (୪) ୨୫୭
ମନ (୧) ୧୪, ୭୫, (୨) ୯୨
ମନୁ (୧୨) ୧୨୩
ମନୁଷ୍ୟ (୧) ୩୯
ମନୁସପ୍ତ (୧) ୬୩
ମନୋଦଣ୍ଡ (୧୨) ୧୦
ମନ୍ତ୍ରଣା (୭) ୧୪୭, ୧୫୦, ୨୧୬
ମନ୍ୱନ୍ତର (୧) ୭୯
ମଳମୂତ୍ରତ୍ୟାଗ (୪) ୪୯-୫୨, ୧୫୧
ମଳାବହ (୧୧)୭୧, ୧୨୬
ମଲ୍ଲ (୧୦) ୨୨; (୧୨) ୪୫
ମଶକ (୧) ୪୦
ମହତତ୍ତ୍ୱ (୧) ୧୫
ମହାନ୍ (୧୨) ୧୪, ୨୪
ମହାପାତକ (୧୧) ୫୫, ୨୪୬

ମହାପାତକୀ (୯) ୨୩୫-୨୪୭
ମହାବ୍ୟାହୃତି (୨) ୮୧
ମହାଯଜ୍ଞ (୭) ୫
ମହୀଦୁର୍ଗ (୭) ୭୦
ମାଗଧ (୧୦) ୧୧, ୧୭, ୨୬, ୪୭
ମାତା (୨) ୧୪୫, ୧୪୬, ୧୭୦, ୨୩୧ (୯) ୨୧୭
ମାତାମହୀଧନ (୯) ୧୯୩
ମାତୃଧନ (୯) ୧୯୨
ମାତ୍ରା (୧) ୨୭
ମାଧ୍ୱୀସୁରା (୧୧) ୯୫
ମାନସକର୍ମ (୧୨) ୫, ୯
ମାୟା (୭) ୧୦୪, ୧୦୫
ମାର୍ଗବ (୧୦) ୩୪
ମାସ (୧) ୬୬
ମାଂସ (୧୧) ୯୬
ମାଂସ ବର୍ଜନ (୫) ୪୮, ୫୫
ମାଂସ ଭୋଜନ (୩) ୨୨୭, ୨୬୭-୨୭୦, (୫) ୨୬-୪୨, ୫୬
ମିତ୍ର (୭) ୧୭୭, ୧୮୦, ୧୮୬, ୨୦୬, ୨୦୮, ୨୦୯
ମିଥ୍ୟା ଚିକିତ୍ସା (୯) ୨୮୪
ମୁହୂର୍ତ୍ତ (୧) ୬୪
ମୃକ (୯) ୨୦୧
ମୃଗ୍ (୧) ୩୯
ମୃଗପକ୍ଷୀବଧ (୫) ୨୩, ୨୬
ମୃତଜୀବିକା (୪) ୪, ୫
ମୃତ ନିର୍ହରଣ (୫) ୯୧, ୯୨
ମୃତ୍ୟୁଦୋଷ (୫) ୩
ମୃଦୁ (୧) ୨୯
ମେଖଳା (୨) ୪୨
ମେଘ (୧) ୩୮
ମେଦ (୧୦) ୩୬, ୪୮
ମୈତ୍ର (୪) ୧୫୨, (୧୦) ୨୩
ମୈତ୍ରୀଧନ (୯) ୨୦୬
ମୈତ୍ରେୟକ (୧୦) ୩୩
ମୈଥୁନ (୫) ୫୬
ମୋକ୍ଷ (୬) ୩୫, ୩୭, ୬୦
ମୌଞ୍ଜୀ (୨) ୪୨
ମ୍ଳେଛଦେଶ (୨) ୨୩


## ଯ


ଯକ୍ଷ (୧) ୩୭
ଯଜୁର୍ବେଦ (୧) ୨୩
ଯଜ୍ଞ (୧) ୨୦, (୨) ୧୫, (୧୧) ୧୧-୨୫
ଯଜ୍ଞଭୋଜନ (୪) ୨୦୫, ୨୦୬
ଯଜ୍ଞୀୟଦେଶ (୨) ୨୩
ଯତିଚାନ୍ଦ୍ରାୟଣ (୧୧) ୨୧୯
ଯତିପାତ୍ର (୬) ୫୩, ୫୪
ଯତିଭୈକ୍ଷ (୬) ୫୫-୫୮
ଯବ (୮) ୧୩୪
ଯବନ (୧୦) ୪୪, ଯମ (୪) ୨୦୪
ଯାନ (୭) ୧୬୦, ୧୬୫, ୧୭୧, ୧୮୧, ୧୮୫, ୧୮୭
ଯାମୀଯାତନା (୧୨) ୧୭, ୨୧
ଯୁଗ (୧) ୬୯
ଯୁଦ୍ଧ (୭) ୧୯୨, ୧୯୭
ଯୁକ (୧) ୪୦
ଯୋର (୬) ୬୪, ୬୫, ୭୩
ଯୋଗବ୍ୟବହାର (୮) ୧୬୫
ଯୌତୁକଭାଗ (୯) ୧୩୧


## ର


ରକ୍ଷ (୧) ୩୭
ରକ୍ଷା (୭) ୨୧୩
ରଜ (୧୨) ୨୪, ୨୮
ରାଜସ୍ୱଲା ସ୍ତ୍ରୀ ଗମନ (୪) ୪୧, ୪୨
ରଜାଶୌଚ (୫) ୬୬
ରତି (୧) ୨୫
ରସ (୧) ୭୮
ରହସ୍ୟପ୍ରାୟଶ୍ଚିତ୍ତ (୧୧) ୨୪୮—୨୬୬
ରାକ୍ଷସ ବିବାଦ (୩) ୩୩
ରାକ୍ଷସ ଭୋଜନ (୩) ୧୭୦
ରାଜକାର୍ଯ୍ୟ (୭) ୧୪୫-୨୨୬
ରାଜତଧରଣ (୮) ୧୩୬
ରାଜତେଜ (୭) ୧୧, (୯) ୩୦୩-୩୧୨
ରାଜ ଦଣ୍ଡ (୭) ୧୪-୩୪, ୪୩, ୬୫, ୧୦୨, ୧୦୩
ରାଜଧର୍ମ (୭) ୧, ୧୩, ୩୫, ୭୯, ୨୨୬ (୯) ୩୧୩-୩୨୫
ରାଜପୁରୁଷ (୮) ୪୩

ରାଜବାସ (୭) ୬୯-୭୮
ରାଜଭୋଜନ (୭) ୨୧୬-୨୨୦
ରାଜମାର୍ଗ (୯) ୨୮୨
ରାଜଯୁଗ (୯) ୩୦୧, ୩୦୨
ରାଜରକ୍ଷା (୮) ୨୭-୨୯
ରାଜସର୍ଷପ (୮) ୧୩୩
ରାଜସୃଷ୍ଟି (୭) ୩-୭
ରାଜସ୍ୱ (୮) ୧୪୯
ରାଜାବମାନନା (୭) ୮
ରାଷ୍ଟ୍ରକର୍ଷଣ (୭) ୧୧୨
ରାଷ୍ଟ୍ରସଂଗ୍ରହ (୭) ୧୧୩, ୧୧୪
ରୂପ (୧) ୭୭
ରୂପବିବର୍ଯ୍ୟୟ (୧୧) ୪୮-୫୩
ରୋହିତ (୧) ୩୮
ରୌପ୍ୟମାପକ (୮) ୧୩୫

ଲ

ଲିକ୍ଷା (୮) ୧୩୩

ଶ

ଶକ (୧୦) ୪୪
ଶତମାନ (୮) ୧୩୭
ଶତ୍ରୁ (୭) ୧୫୫-୧୭୭, ୧୮୦, ୨୧୦
ଶପଥ (୮) ୧୦୯-୧୧୬
ଶବ (୯) ୧୭୮
ଶବ୍ଦ (୧) ୭୫
ଶମ (୧୨) ୯୨
ଶୟନବିଧି (୨) ୨୨୦, ୨୨୧
ଶରୀର (୧) ୧୭
ଶରୀର ଶୁଦ୍ଧି (୬) ୩୦
ଶରୀରଶୌଚ (୫) ୧୦୫-୧୧୦, ୧୩୨, ୧୩୪, ୧୩୭
ଶାରୀରିକ କର୍ମ (୧୨) ୭, ୯
ଶିଳ୍ପ (୧୦) ୧୧୬
ଶିଶୁ ଚାନ୍ଦ୍ରାୟଣ (୧୧) ୨୨୦
ଶିଷ୍ଟବଚନ (୧୨) ୧୦୮
ଶିଷ୍ଟ ବ୍ରାହ୍ମଣ (୧୨) ୧୦୯
ଶିଷ୍ୟ (୯) ୧୧୭
ଶୀଳ (୨) ୬
ଶୁତ୍ରାଶୌଚ (୫) ୬୩
ଶୁଭାଶୁଭ ଭୋଗ (୧୨) ୮
ଶୁଳ୍କ (୧୦) ୧୨୦
ଶୂଦ୍ର (୧) ୩୧
ଶୂଦ୍ରକର୍ମ (୧) ୯୧, (୯) ୩୩୪, ୩୩୫
ଶୂଦ୍ରଜୀବିକା (୧୦) ୧୨୧-୧୨୯
ଶୂଦ୍ରନିବାସ (୨) ୨୪
ଶୂରସେନକ (୨) ୧୯
ଶୈଖ (୧୦) ୨୧
ଶୈଳ (୧) ୨୪
ଶୌଚ (୨) ୬୯, (୫) ୧୩୫-୧୪୬
ଶୌଣ୍ଡିକ (୯) ୨୨୫
ଶୌଦ୍ରପୁତ୍ର (୯) ୧୬୦, ୧୭୮
ଶ୍ୱପାକ (୧୦) ୧୯, ୫୧, ୫୨
ଶ୍ୱବୃତ୍ତି (୪) ୪, ୬
ଶ୍ମଶାନ (୨) ୧୬
ଶ୍ରଦ୍ଧାକୃତ (୪) ୨୨୬-୨୩୨
ଶ୍ରମାର୍ଜିତଧନ (୯) ୨୦୭-୨୦୮
ଶ୍ରାଦ୍ଧଦେବ (୩) ୨୧୩
ଶ୍ରାଦ୍ଧନିମନ୍ତ୍ରଣ (୩) ୧୮୭-୧୯୧
ଶ୍ରାଦ୍ଧ ପାଠ (୯) ୨୩୧, ୨୩୨
ଶ୍ରାଦ୍ଧ ଭୋଜନ (୩) ୧୪୫, ୧୪୬, ୧୭୬-୧୭୮, ୨୨୫-୨୫୪
ଶ୍ରାଦ୍ଧ ସମ୍ପଦ (୩) ୨୫୭
ଶ୍ରୁତି (୨) ୯, ୧୦
ଶ୍ରୁତିଦ୍ୱୈଧ (୨) ୧୪
ଶ୍ରେଣୀଧର୍ମ (୮) ୪୧
ଶ୍ରୋତ୍ରିୟସ୍ୱ (୮) ୧୪୯

ଷ

ଷଡ଼୍‌ଭାଗ (୮) ୩୦୪, ୩୦୫, ୩୦୮

ସ

ସକୁଲୀ (୯) ୧୮୬
ସଙ୍କରୀକରଣ (୧୧) ୬୯, ୧୨୬
ସଚିବ (୭) ୫୪-୫୯
ସତ୍ତ୍ୱ (୧୨) ୨୪, ୨୭
ସତ୍ୟ କଥନ (୪) ୧୩୮
ସତ୍ୟଯୁଗ (୧) ୮୧
ସତ୍ୟା ନୃତଜୀବିକା (୪) ୪, ୬
ସଦାଚାର (୨) ୧୮, ୧୪୪, ୨୨୬-୨୨୮
ସଦ୍ୟ ପ୍ରକ୍ଷାଳକ (୬) ୧୮
ସନ୍ତାପ (୧୧) ୨୩୧

ସନ୍ଦର୍ଶନ (୭) ୨୨୨
ସନ୍ଧି (୭) ୧୬୦-୧୬୩, ୧୬୯, ୨୦୬
ସନ୍ଧ୍ୟାଂଶ (୧) ୬୯
ସନ୍ଧ୍ୟୋପାସନା (୨) ୬୯, ୭୮, ୧୦୩, (୭) ୨୨୩
ସନ୍ମାର୍ଗ (୪) ୧୭୮
ସପିଣ୍ଡ (୯) ୧୮୭
ସପ୍ତାଙ୍ଗ (୯) ୨୯୪-୨୯୭
ସଭା (୮) ୧୦-୧୩
ସଭାସଦ (୮) ୧୪, ୧୮, ୨୦
ସମ (୧) ୨୪
ସମାବର୍ତ୍ତନ (୨) ୧୦୮, (୩) ୪
ସମାହ୍ୱୟ (୯) ୨୨୩
ସମ୍ବନ୍ଧ (୫) ୨୪୪
ସମ୍ବିଦ୍ ବ୍ୟତିକ୍ରମ (୮) ୫, ୨୧୮-୨୨୧
ସମ୍ଭୁୟସମୁତ୍‌ଥାନ (୮) ୪, ୨୦୮-୨୧୧
ସମ୍ଭୋଗ (୮) ୨୦୦
ସମ୍ୟଗ ଦର୍ଶନ (୬) ୭୪
ସର୍ପ (୧) ୩୭
ସରସ୍ୱତୀ (୨) ୧୭
ସହୋଢ଼ ପୁତ୍ର (୯) ୧୬୦, ୧୭୩
ସ୍ୱରିତ (୧) ୨୪
ସହୋଦର (୯) ୧୮୫
ସାକ୍ଷୀ (୮) ୧୮, ୫୩-୧୦୮, ୧୬୯, ୧୭୮
ସାଗର (୧) ୨୪
ସାତ୍ୱତ (୧୦) ୨୩
ସାଧ (୧) ୨୨ (୧୨) ୪୯
ସାନ୍ତପନିକୃଚ୍ଛ୍ର (୧୧), ୧୨୫, ୧୬୫,୧୭୪, ୨୧୩
ସାବିତ୍ରୀ (୨) ୭୭, ୮୩
ସାମ (୭) ୧୯୮
ସାମବେଦ (୧) ୨୩
ସାମ୍ବତ୍ସରିକ ବଳି (୭) ୮୦
ସାହସ (୮) ୬, ୩୩୨, ୩୪୪-୩୫୧
ସିଦ୍ଧି (୧୨) ୧୧
ସୀତଦ୍ରବ୍ୟ (୯) ୨୯୩
ସୀମା (୮) ୧୪୯
ସୀମାବିବାଦ (୮) ୬, ୨୪୫-୨୬୭
ସୁଖ (୧) ୨୬
ସୁଧନ୍ୱାଚାର୍ଯ୍ୟ (୧୦) ୨୩
ସୁପର୍ଣ୍ଣ (୧) ୩୭
ସୁବର୍ଣ୍ଣ (୮) ୧୩୪
ସୁବର୍ଣ୍ଣସ୍ତେୟ (୧୧) ୧୦୦-୧୦୨
ସୁରା (୧୧) ୯୪-୯୬
ସୁରପ (୯) ୨୩୫
ସୁରପଗତି (୧୨) ୨୫୬
ସୁରାପାନ (୧୧) ୫୪, ୫୬, ୯୧-୯୯
ସୁରାପାନ ନିଷେଧ (୧୧) ୯୪
ସୂତ (୧୦) ୧୧, ୧୭, ୨୬, ୪୭
ସୁନା (୪) ୮୪
ସୂର୍ଯ୍ୟ (୧) ୬୪
ସୃଷ୍ଟି (୧) ୩-୮
ସୃଷ୍ଟି ବିବରଣ (୧) ୬-୫୭
ସୃଷ୍ଟି ପୂର୍ବାବସ୍ଥା (୧) ୫
ସେବା (୧୦) ୧୧୬
ସୈରିନ୍ଧ୍ର (୧୦) ୩୨
ସୋପାକ (୧୦)୩୮
ସୋମଯଜ୍ଞ (୪) ୨୬, (୧୧) ୭,୮
ସ୍ତେନଗତି (୧୨) ୫୭, ୫୯-୬୯
ସ୍ତେୟ (୮) ୬, ୩୦୧-୩୪୩, (୯) ୨୩୫; (୧୧) ୫୪, ୫୭, ୯୯-୧୦୩, ୧୬୨-୧୭୦
ସ୍ତ୍ରୀ—ଆପଦ୍ଧର୍ମ (୯) ୫୬-୮୩
ସ୍ତ୍ରୀ ଗମନ (୩)୪୫-୪୭, ୫୦
ସ୍ତ୍ରୀ ଗୁଣ (୯)୨୨-୩୦
ସ୍ତ୍ରୀ କନ୍ୟା (୩) ୪୮, ୪୯
ସ୍ତ୍ରୀ ଜ୍ୟେଷ୍ଠତା (୯) ୮୫
ସ୍ତ୍ରୀ ଦୋଷ (୯) ୧୩-୨୧
ସ୍ତ୍ରୀ ଦ୍ୱେଷବତୀ (୯)୭୭-୮୦
ସ୍ତ୍ରୀ ଧନ (୩) ୫୨, (୯) ୧୯୧-୨୦୦
ସ୍ତ୍ରୀ ଧନହରଣ (୮) ୨୯
ସ୍ତ୍ରୀ ଧର୍ମ (୫) ୧୪୮-୧୬୬
ସ୍ତ୍ରୀ ନିଷିଦ୍ଧକାର୍ଯ୍ୟ (୯) ୮୪
ସ୍ତ୍ରୀ-ପୁଂ-ଧର୍ମ (୮) ୭; (୯) ୧-୧୦୩
ସ୍ତ୍ରୀ ବିବାହକାଳ (୯) ୯୦
ସ୍ତ୍ରୀ ଭରଣ (୯) ୯୫
ସ୍ତ୍ରୀ ଭେଦେ ଜ୍ୟେଷ୍ଠବିଭାଗ (୯) ୧୨୨-୧୨୪
ସ୍ତ୍ରୀ ରକ୍ଷା (୯) ୪-୧୨

ସ୍ତ୍ରୀ ସଂଗ୍ରହଣ (୮) ୬୬, ୩୫୨-୩୮୫
ସ୍ତ୍ରୀ ସ୍ୱତନ୍ତ୍ରତା (୯) ୨,୩
ସ୍ତ୍ରୀ ଦତ୍ତା (୧୧) ୧୯୧
ସ୍ଥାବର (୧) ୪୦, ୪୧, ୪୬
ସ୍ନାତକ (୨) ୧୩୯, (୪) ୩୩-୪୦, (୧୧) ୧,୨
ସ୍ନାନ (୯) ୧୫୨, ୨୦୧-୨୦୩
ସ୍ନାନ ନିଷେଧ (୪) ୧୨୯
ସ୍ପର୍ଶ (୧) ୭୬
ସ୍ୱଃ (୨) ୭୬
ସକର୍ମ୍ୟଚ୍ୟୁତ ଗତି (୧୨) ୭୦-୭୨
ସ୍ୱଧର୍ମ (୨) ୮, (୮), ୪୧,୪୨, (୧୦) ୯୭, ୧୧୯
ସ୍ୱୟଂଦତ୍ତପୁତ୍ର (୯) ୧୬୦, ୧୭୭
ସ୍ୱୟମ୍ବର (୯) ୯୧, ୯୨
ସ୍ୱୟମ୍ଭୁ (୧) ୬
ସ୍ୱର୍ଗ (୬) ୮୪, (୧୨) ୨୦
ସ୍ୱରାଜ୍ୟ (୧୨) ୯୧
ସ୍ୱାମୀପାଳ (୮) ୫,୨୨୯-୨୪୪
ସ୍ୱେଦଜ (୧) ୪୫
ସ୍ମୃତି (୨) ୬,୯,୧୦, (୧୨) ୯୫
ସଂକଳ୍ପ (୨) ୩
ସଂଗ୍ରାମ (୭) ୮୭-୯୮
ସଂଯମ (୨) ୮୮, ୯୩-୧୦୦
ସଂଶ୍ରୟ (୭) ୧୬୦, ୧୬୮, ୧୭୪, ୧୭୬
ସଂସ୍କାର (୨) ୨୬-୬୭

**ହ**

ହବି (୩) ୨୫୭, ୨୬୬, ୨୭୨
ହବ୍ୟସମ୍ପଦ (୩) ୨୫୬
ହସ୍ତାନ୍ତରିତ ପିତୃଧନ (୯) ୨୦୯
ହିମବତ୍ (୨) ୨୧
ହିଂସ୍ର (୧) ୨୯
ହିଂସ୍ରଗତି (୧୨) ୫୯
ହେମକାର (୯) ୨୯୨
ହୋମକରଣ (୨) ୧୮୬

**କ୍ଷ**

କ୍ଷତ୍ତା (୧୦) ୧୨, ୧୩, ୨୬, ୪୯, ୫୦
କ୍ଷତ୍ରିୟ (୧) ୩୧
କ୍ଷତ୍ରିୟକର୍ମ (୧) ୮୯, (୧୦) ୭୭, ୭୯, ୮୦
କ୍ଷମା (୮) ୩୧୨, ୩୧୩, ୩୧୭
କ୍ଷୁଧା (୭) ୧୩୩, ୧୩୪
କ୍ଷେତ୍ର ଓ ବୀଜ (୯) ୩୩-୫୬, (୧୦) ୬୯-୭୨
କ୍ଷେତ୍ରଜପୁତ୍ର (୯) ୧୫୯, ୧୬୪, ୧୬୭
କ୍ଷେତ୍ରଜ୍ଞ (୧୨) ୧୨

**ସମାପ୍ତ**

*ପ୍ରକାଶ ପାଇଲା!!* *ପ୍ରକାଶ ପାଇଲା!!*

ବୃହତ୍ ଜ୍ୟୋତିଷ ଶାସ୍ତ୍ର

**ପାରାଶର ହୋରା**

ମୂଲ୍ୟ - ଟ୧୫୦.୦୦

**ବୃହତ୍ ଭାବଫଳ ଦୀପିକା (ଯନ୍ତ୍ରସ୍ଥ)**

Deepak Press, Cuttack
D.T.P. Jupiter commun cation, Mahanadivihar, cuttack-4

# ଯିଏ ଖୋଜିବ ସିଏ ପାଇବ

ପ୍ରିୟ ଧର୍ମାତ୍ମା ସୁଧୀବୃନ୍ଦ,

ଆପଣମାନଙ୍କୁ ନବବର୍ଷର ଅନେକା-ନେକ ଶୁଭେଚ୍ଛା ସହ ନବବର୍ଷର ନୂଆଭେଟି—**"ଯିଏ ଖୋଜେ ସିଏ ପାଏ ବା ବ୍ରହ୍ମଜ୍ଞାନ ସଞ୍ଚୟନ"** ।

ବଜାରରେ ଆଜିକାଲି ଚିତ୍ତ ବିନୋଦନ ପାଇଁ ବିଭିନ୍ନ ସାହିତ୍ୟ ପ୍ରଚୁର ଭାବରେ ମିଳେ । କିନ୍ତୁ ଶିକ୍ଷାପ୍ରଦ ବହି ଦୁର୍ଲଭ । **"ବ୍ରହ୍ମଜ୍ଞାନ ସଞ୍ଚୟନ"** ପୁସ୍ତକଟିରେ ବ୍ରହ୍ମଜ୍ଞାନ ବା ଆତ୍ମଜ୍ଞାନକୁ ସାବଲୀଳ ଭାଷାରେ ରୂପାନ୍ତରିତ କରାଯାଇଛି । ଅନେକେ ଦାର୍ଶନିକ ଦୃଷ୍ଟିଭଙ୍ଗୀରୁ ବିଷୟଗୁଡ଼ିକୁ ଆଲୋଚନା କରିପାରନ୍ତି । କିନ୍ତୁ ଅଧିକାଂଶ ମଣିଷଙ୍କ ନିକଟରେ ଧର୍ମଶାସ୍ତ୍ର ବଡ଼ ନୀରସ, ତେଣୁ ଏହି ତତ୍ତ୍ୱକୁ ଯଦି ଅନୁପ୍ରେରଣା ଦାୟକ ବ୍ୟାଖ୍ୟା କରାଯାଏ । ତା'ହେଲେ ତା'ଦେହରୁ ଆଧ୍ୟାତ୍ମିକ **ଭକ୍ତିରସ, ଭାବରସ ଓ ଜ୍ଞାନରସ** ଝର ଝର ହୋଇ ବୋହି ଚାଲିବ । **"ବ୍ରହ୍ମଜ୍ଞାନ ସଞ୍ଚୟନ"** ପୁସ୍ତକଟି ଆଧ୍ୟାତ୍ମିକ ସାଧକଙ୍କ ପାଇଁ ମଧୁଠାରୁ ଅତି ମଧୁରଦାୟକ ହେବ ।

ଅବଶ୍ୟ ଯେଉଁ ବନ୍ଧୁମାନଙ୍କର ଆଧ୍ୟାତ୍ମିକ ଜୀବନ ସମ୍ବନ୍ଧରେ ବା ନୀରଳସ ଜୀବନ ସମ୍ବନ୍ଧରେ ଆଗ୍ରହ ନାହିଁ, ସେହିମାନଙ୍କୁ **"ବ୍ରହ୍ମଜ୍ଞାନ ସଞ୍ଚୟନ"** ଭଳି ପୁସ୍ତକଟି ଭଲ ଲାଗି ନ ପାରେ, ତେବେ ଟିକିଏ ସ୍ଥିର ଚିତ୍ତରେ ପାଠକଲେ ପାଠକେ ବୁଝିପାରିବେ ଯେ ଆତ୍ମଜ୍ଞାନ ବ୍ୟତୀତ କୌଣସି ଦୁଃଖକୁ ଚିରଦିନ ପାଇଁ ଦୂରକରି ହୁଏ ନାହିଁ । ତା'ହେଲେ କିଏ ଅବା ଆଧ୍ୟାତ୍ମିକ ଜୀବନ ଯାପନ କରିବାକୁ ଆଗ୍ରହୀ ନ ହେବ ?

ପୂଣ୍ୟଭୂମି ଉତ୍କଳର ବିଦଗ୍ଧ ପାଠକ ପାଠିକାଙ୍କୁ ନିବେଦନ କରୁଛି । ସେମାନେ ନିଜ ଭିତରେ ଲୁଚି ରହିଥିବା ପୂଣ୍ୟମୟ ଆତ୍ମା ପୁରୁଷକୁ ଯଦି ଖୋଜି ବାହାର କରିବାକୁ ଚାହାଁନ୍ତି, ତେବେ ପ୍ରଥମେ ପାଠ କରନ୍ତୁ **"ଯିଏ ଖୋଜେ ସିଏ ପାଏ ବା ବ୍ରହ୍ମଜ୍ଞାନ ସଞ୍ଚୟନ"** ।

ଏଥିରୁ ୪୨ଟି ବ୍ରହ୍ମଜ୍ଞାନ ସମ୍ବଳିତ ବିଷୟବସ୍ତୁ ପାଇ ପାରିବେ । ଯଥା—**ବ୍ରହ୍ମଜ୍ଞାନ କଅଣ ?** ଆତ୍ମା ବ୍ରହ୍ମକୁ ଜାଣିପାରେ, ଯିଏ ଖୋଜେ ସିଏ ପାଏ, ଜୀବାତ୍ମାର ସ୍ୱରୂପ, **ଘାଟକୁ ବାଟ କିଏ ?** ଶରୀରମାଦ୍ୟଂ ଖଳୁ ଧର୍ମ ସାଧନଂ । ପ୍ରେମ ଭକ୍ତିରେ ପରମାତ୍ମା ପ୍ରାପ୍ତି, ଗୁରୁଆଜ୍ଞା କାର୍ଯ୍ୟକାରୀ କର, ସୁଖ କାହାକୁ ମିଳେ ? ମନ ଜୟ କଲେ ଜଗତ ଜୟ, ମାୟାରେ ପଡ଼ି ବାୟା ହେଲେ ସକଳ, ମାତୃ ଗର୍ଭଜ୍ଞାନ, ବ୍ରହ୍ମାଶ୍ରୟୀଙ୍କୁ ଯମର ଭୟ । **"କାଉଟି କିପରି ବ୍ରହ୍ମଜ୍ଞାନ କହୁଛି"** ସୁପୁତ୍ର କୁଳ ରକ୍ଷକ । ମହାପ୍ରଭୁଙ୍କଠାରେ ଆତ୍ମସମର୍ପଣ ସର୍ବଶାସ୍ତ୍ରମତେ ଶ୍ରେଷ୍ଠ ଇତ୍ୟାଦି ।

ଏତଦ୍ ବ୍ୟତୀତ ଏଥିରୁ ପାଇବେ ପରମେଶ୍ୱର କିଏ ସେ ? ଦେଖିବାକୁ କିପରି ତଥା ମୁଁ କିଏ ? ଆସିଛି କୁଆଡ଼େ ? କରୁଛି କଅଣ ? ଯିବି କିପରି ?

ପରିଶେଷରେ ସମସ୍ତ ଜନତାଙ୍କୁ ବିନମ୍ର ନିବେଦନ ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟ ହେଉ ଦୁଃଖର ସମାପ୍ତି ଓ ପରମାନନ୍ଦ ପ୍ରାପ୍ତି । ଏହା ହିଁ ମୋର ଲେଖାର ଲକ୍ଷ୍ୟ ।

ପ୍ରକାଶକ/ପ୍ରାପ୍ତିସ୍ଥାନ - **ଧର୍ମଗ୍ରନ୍ଥ ଷ୍ଟୋର,** ଅଲିଶାବଜାର,
ପରିଚାଳକ - **ଶ୍ରୀ ବିଦ୍ୟାଧର ସାହୁ**
କଟକ-୨, ଫୋନ୍ - ୬୦୩୨୯୬

ଆପଣଙ୍କର ଗୁଣମୁଗ୍ଧ
ଲେଖକ - **ଭକ୍ତ ରାଜକିଶୋର ବାରିକ**
ସାନଗୋରଡ଼ା, ନୟାଗଡ଼

ପ୍ରକାଶ ଅପେକ୍ଷାରେ - **ବିଶ୍ୱନାଥ ବାବା ମହାପୁରାଣ**

## — ପ୍ରକାଶ ପାଇଲା —

| | | | |
|---|---|---|---|
| ତୁଳସୀ ରାମାୟଣ ୧୪ ଅକ୍ଷରୀ | | ବ୍ରହ୍ମଜ୍ଞାନ ସଞ୍ଚୟନ | ୨୦-୦୦ |
| ଶାଙ୍କରଭାଷ୍ୟ ବ୍ରହ୍ମସୂତ୍ର | ୧୬୦-୦୦ | ପର୍ଶୁରାମ ପୁରାଣ ୧ସେଟ୍ | ୬୦-୦୦ |
| ବୃହତ ଜ୍ୟୋତିଷ ଶାସ୍ତ୍ର ପାରାଶର ହୋରା | ୧୬୦-୦୦ | ନୃସିଂହ ବିଳାସ | ୫୦-୦୦ |
| ନାରଦ ପଞ୍ଚରାତ୍ର | ୪୦-୦୦ | ଚଟ୍ରକ ସଂହିତା (ଯନ୍ତ୍ରସ୍ଥ) | |